ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ସେପ୍ଟେମ୍ବର ୨୦୨୦ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

‘ଆହ୍ୱାନ’ ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




ଆଗାମୀ ସଂସ୍କରଣ ବିଶେଷ ପାର୍ବଣ ବିଶେଷାଂକ ଭାବରେ ଉପସ୍ଥାପିତ ହେବ । ତେଣୁ ଭକ୍ତିରସ ସମ୍ମିଳିତ ଗଳ୍ପ, କବିତା ଓ ପ୍ରବନ୍ଧ ଆମ ନିକଟକୁ ଇମେଲ୍ ଦ୍ୱାରା ପଠାନ୍ତୁ ।

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୬ |
| **କାହାଣୀ ବିଭାଗ** | | **୧୮** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ | ଅଶୋକ ବିଶ୍ୱାଳ | ୧୯ |
| ଅଫିମ | ବିନୟ ମହାପାତ୍ର | ୨୯ |
| ଆମର ବି ଦିନ ଆସୁଛି | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୩୪ |
| ସ୍ୱପ୍ନ ରାଇଜର ସନ୍ଦୀପ | ଉଦୟଭାନୁ ରାଉତ | ୪୧ |
| ଚାକିରୀ | ଅନସୂୟା ପଣ୍ଡା | ୪୬ |
| ପ୍ରେମିକାର ଅଭିମାନ | ନିତ୍ୟରଞ୍ଜନ ନନ୍ଦ | ୫୨ |
| ଯୌତୁକ ଜୁଇରେ ରାଧା | ସଚ୍ଚିଦାନନ୍ଦ ବେହେରା | ୭୪ |
| ପ୍ରାଣର ସଞ୍ଚାର | ରାଜେନ୍ଦ୍ର ପାତ୍ର | ୭୮ |
| ଲେଉଟିଆ ଶାଗ | ସତ୍ୟରଞ୍ଜନ ମିଶ୍ର | ୮୦ |
| ଅଛୁଆଁ ବୋଉ | ମୋନାଲିସା ରାଉତ | ୯୬ |
| ମୋ ବୋଉ | ବିଶ୍ୱନାଥ | ୧୦୩ |
| ବନ୍ଧ୍ୟା | ଗୀତାଞ୍ଜଳି ମହାରଣା | ୧୦୬ |
| ସାହାଯ୍ୟ ଲୋଡ଼ା | ନେପାଳ କୁମାର ବେହେରା | ୧୧୦ |
| ସରଗୀ ଫୁଲ | ପ୍ରଫୁଲ୍ଲ କୁମାର ପାଣି | ୧୨୦ |
| ସେଇ ବୁଢ଼ୀ ମାଉସୀର କଥା | ଜନ୍ମଜୟ ନାୟକ | ୧୨୫ |
| ବୋଉ ଓ ଗାଁ ବାଳିଆ | ଗଦାଧର ବଳ | ୧୨୮ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଅପେକ୍ଷା | ଲୋକନାଥ ସାହୁ | ୧୩୩ |
| ଦାରିଦ୍ର୍ୟର ମୁହଁ | ନଳିନୀପ୍ରଭା ମିଶ୍ର | ୧୩୯ |
| ସ୍ୱପ୍ନର ନାୟିକା | ରାଜେଶ ରଥ | ୧୪୩ |
| ଦୁଃଖର ବିଳାପ | ଶାନ୍ତନୁ ସାମଲ | ୧୪୫ |
| ରାକ୍ଷୀ | ମହମ୍ମଦ ହନିଫ୍ ସାହା | ୧୪୯ |
| ପରିପୂର୍ଣ୍ଣ ପରିବାର | ବନ୍ଦନା ନାୟକ | ୧୫୩ |
| ନୂତନ ସୂର୍ଯ୍ୟୋଦୟ | ସୀତାରାମ ଦାସ | ୧୬୦ |
| ବାହାଘର | ସରୋଜ କୁମାର ସାହୁ | ୧୬୫ |
| ଅପରିଚିତା | ମୀନାକ୍ଷୀ ଦାସ | ୧୬୭ |
| ହଜିଲା ଦିନ, ଅଲିଭା ଚିହ୍ନ | ସୁବ୍ରତ ଜେନା | ୧୭୧ |
| କ୍ଷୀରଜ୍ୱାଲା | ସିଦ୍ଧେଶ୍ୱର ତ୍ରିପାଠୀ | ୧୭୪ |
| ଗୁରୁ | ଅରୁଣ କୁମାର ଦତ୍ତ | ୧୮୦ |
| ବ୍ରାହ୍ମିପ୍ଲସ୍ ଦାନା | ଇଂ ବିଦ୍ୟାଧର ପଣ୍ଡା | ୧୮୨ |
| ମୁଁ ଆଉ ସେ | ପ୍ରିୟଦର୍ଶୀ | ୧୮୯ |
| ନ୍ୟାୟ | ଭବାନୀ ଶଙ୍କର ପଟେଲ୍ | ୧୯୨ |
| ଭଦ୍ର | ଝିଲିମିଲି ସାହୁ | ୧୯୫ |
| ସମର୍ପଣ | ଆଭାଞ୍ଜଳି ଶତପଥୀ | ୧୯୮ |
| ପ୍ରତିଶ୍ରୁତି | ମନୋଜ କୁମାର ବେହେରା | ୨୦୭ |
| ରଙ୍ଗେଇନାନୀର ଅଭିଶାପ | ବି. ନିରୁପମା | ୨୦୯ |
| ବାସ୍ତବତା | ଶୁଚିସ୍ମିତା ଗୌଡ଼ | ୨୧୫ |
| ଅକୁହା କାହାଣୀ | ପ୍ରଭାତୀ ମହାପାତ୍ର | ୨୧୯ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରୋହତାଙ୍ଗ୍ ପାସ୍ — ପଲ୍ଲବୀ ଦାସ — ୨୨୬
ପରିବର୍ତ୍ତନ — ଦୁଷ୍ମନ୍ତ ବେହେରା — ୨୩୩
ଶିଳାନ୍ୟାସ — ବିନୟ କୁମାର ଦାସ — ୨୩୭
ଦୁଇଟି ଜୀବନର ଦୂରତ୍ୱ — ସୁଧାଂଶୁ ଶେଖର ଦ୍ୱିବେଦୀ — ୨୪୦

## ଗଳ୍ପସ୍ପର୍ଦ୍ଧା ବିଭାଗ — ୨୪୪

### ତୃତୀୟ ଗଳ୍ପସ୍ପର୍ଦ୍ଧା ପ୍ରତିଯୋଗିତା ୨୦୨୦ — ୨୪୫

ସଂପର୍କ ହୃଦୟର ୬ — ଦମୟନ୍ତୀ ଜେନା — ୨୪୭
କର୍ମ ହିଁ ଧର୍ମ ୮ — ସରୋଜିନୀ ମିଶ୍ର — ୨୫୦
ଅମୃତ ନା ବିଷ ୬ — ସରୋଜିନୀ ଦାସ — ୨୫୭
ପ୍ରେମସୁଧା ୬ — ଶୁଚିସ୍ମିତା ଗୌଡ — ୨୬୨
ରାଧା ୬ — ପ୍ରଶାନ୍ତ କୁମାର ନାଥ — ୨୬୮
ଦୁଃଖର ଦୁଆରେ ଏ କି ଖୁସି ୫ — ସୂର୍ଯ୍ୟକାନ୍ତ ମଲ୍ଲିକ — ୨୭୩
ସନ୍ତାନ ୭.୫ — ବାଦଲ ମହାରଣା — ୨୭୬
ଆଲୋ ସଖୀ ୭ — ମଞ୍ଜୁରାଣୀ ମିଶ୍ର — ୨୮୦

## କବିତା ବିଭାଗ — ୨୮୫

ଅମରଜ୍ୟୋତି କାବ୍ୟ ସ୍ୱୟଂବର — ଦେବଦତ୍ତ ସୁନା — ୨୮୬
ମୁକ୍ତି ଅପେକ୍ଷାରେ... — ବବି ଅନସୂୟା — ୨୮୮
ମଦିରାକ୍ଷୀ — ରାଧାକୃଷ୍ଣ ଦଳେଇ — ୨୯୦
ଓଡ଼ିଶା ଆମ ଭାରି ବଢ଼ିଆ — ଝରଣା ଧରୁଆ — ୨୯୨
ଅଲୋଡ଼ା — ମଞ୍ଜୁଲତା ସିଂ — ୨୯୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ମୁଁ କିଏ | ପ୍ରଦୀପ କୁମାର ସିଂହ | ୨୯୬ |
| ହେ କୃଷ୍ଣ ଆସ ଅବତରି | ଫାଲ୍‌ଗୁନୀ ସାହୁ | ୨୯୭ |
| ଚାହେଁ କିଛି | ମଧୁସ୍ମିତା ନାୟକ | ୨୯୮ |
| କର୍ମ | ଅଲେଖ ମେହେର | ୨୯୯ |
| ଅଭିଶପ୍ତ ଉତ୍କଳ | ବିଶ୍ୱଜିତ୍ ନାଥ | ୩୦୧ |
| ବର୍ଷା ତୁମେ ଆସିଲ | ଦୁଷ୍ମନ୍ତ ବେହେରା | ୩୦୪ |
| ପାଳ ଭୂତ | ରାଧାମୋହନ ପୂଜାହାରୀ | ୩୦୬ |
| ସୁନ୍ଦରୀ ନାୟକ | ଆଶୁତୋଷ ମେହେର | ୩୦୮ |
| ଆଖି | ପବିତ୍ର ଦାସ | ୩୦୯ |
| ଭଙ୍ଗା ଆଇନା | ବାସନ୍ତୀଲତା ଜେନା | ୩୧୦ |
| ଅଗ୍ନି | ପ୍ରକାଶ କୁମାର ଚାନ୍ଦ | ୩୧୩ |
| ସୌନ୍ଦର୍ଯ୍ୟତାର ମାଧୁରୀରେ ନାରୀ | ଭାସ୍କର ଚନ୍ଦ୍ର ଖଣ୍ଡା | ୩୧୫ |
| ମିଠା ସପନ | ସଂଯୁକ୍ତା ମହାପାତ୍ର | ୩୧୭ |
| ସଲାମ୍ ସହିଦ୍ | ରାମଚନ୍ଦ୍ର ପ୍ରଧାନ | ୩୧୯ |
| ପ୍ରେମ | ଭାର୍ଗବୀ ମାଝୀ | ୩୨୧ |
| ସଂସାର | ରୋହିତ୍ ପଟ୍ଟନାୟକ | ୩୨୩ |
| କେତେ ଭଲପାଏ | ଲିଟନ୍ କୁମାର ବେହେରା | ୩୨୪ |
| ସମ୍ପର୍କ | ଶିଶିର କୁମାର ସାମଲ | ୩୨୬ |
| କୃଷକ ଆମର ବନ୍ଧୁ | ଅଭୟ କୁଣ୍ଡ | ୩୨୮ |
| ପାଇଥିଲି | ଡଃ ତନ୍ମୟ କବି | ୩୩୧ |
| ସ୍ୱାଧୀନତା ଦିବସ ପାଳନ | ସରୋଜ କୁମାର ଜେନା | ୩୩୩ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ମା ବରାଳୀ | ଭାଗିରଥୀ ଯାନୀ | ୩୩୫ |
| ଜୟ ଶ୍ରୀଗଣେଶ | ସମ୍ୟଜିତ ପାତ୍ର | ୩୩୭ |
| ଗୁରୁ | ସୌମ୍ୟରଞ୍ଜନ ପାଲ | ୩୩୮ |
| ସନ୍ଧ୍ୟାରେ ମୋ ଗ୍ରାମ | ଯଚିନ୍ଦ୍ର ସ୍ୱାଇଁ | ୩୩୯ |
| ଶିକ୍ଷକ | କମଳ ଲୋଚନ ମଲ୍ଲିକ | ୩୪୧ |
| ଝରାଶେଫାଳୀ ମୁଁ | ଗୁପ୍ତେଶ୍ୱର ଚାନ୍ଦ | ୩୪୩ |
| ଭିନ୍ନ ଏକ ଗୋବିନ୍ଦଚନ୍ଦ୍ର | ରମାକାନ୍ତ ସେଠ | ୩୪୫ |
| ଓଡ଼ିଆ ରାଜନୀତି | ସ୍ମୃତିରଞ୍ଜନ ବାରିକ | ୩୪୭ |
| ଚାଷୀଭାଇ | ପି ପୁରବୀ ମହାନ୍ତି | ୩୪୯ |
| ବାସର ଶେଯ | ହେମନ୍ତ ନାଏକ | ୩୫୧ |
| କୁରୁକ୍ଷେତ୍ର | ପରମାନନ୍ଦ ରାଜହଂସ | ୩୫୩ |
| ଅତୁଆ ସୂତା | ହାସ୍ୟମୟୀ ରାଜ | ୩୫୫ |
| ମନ ପାଇବାକୁ ଚାହେଁ ଆଶାଠୁ ଅଧିକ | ଦିଲିପ କୁମାର ତ୍ରିପାଠୀ | ୩୫୭ |
| ଗୁରୁ ସବୁଠୁ ଉର୍ଦ୍ଧ୍ୱରେ | ସନ୍ତୋଷ କୁମାର ନାୟକ | ୩୫୯ |
| ଝଡ଼ ବରଷା ସାକ୍ଷୀ | ସୁବ୍ରତ କୁମାର ଗିରି | ୩୬୧ |
| ମାଆର ପଣତ | ଜନ୍ମଜୟ ନାୟକ | ୩୬୨ |
| କୃଷକ ଭାଇ | ମହମ୍ମଦ ହନିଫ୍ ସାହା | ୩୬୫ |
| ଗୋମାତା | ଉତ୍ତମ ମହାପାତ୍ର | ୩୬୭ |
| କରୋନା ଯୁଦ୍ଧ | ସରୋଜିନୀ ମିଶ୍ର | ୩୬୯ |
| ଦିଦି ତୁ ଫେରିଆ | ଶରତ କୁମାର ନାୟକ | ୩୭୨ |
| ଉଆଁସୀ କନ୍ୟା | ସନ୍ତୋଷ ପଟ୍ଟନାୟକ | ୩୭୪ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଭଙ୍ଗା ହୃଦୟ | ଜଗବନ୍ଧୁ ସାହୁ | ୩୭୬ |
| ହେ ପାର୍ଥସାରଥୀ | ମନୋରଞ୍ଜନ ସୁରୁଜାଳ | ୩୭୮ |
| ସାଉଁଟା ଅତୀତ | ପ୍ରଜ୍ଞାଭାରତୀ ପାଣି | ୩୮୦ |
| ଭ୍ରୂଣ | ବାଲାଜୀ ସେଠୀ | ୩୮୩ |
| ଶାରଦୀୟ ମା ଦୁର୍ଗା | ଅମରନାଥ ବାରିକ | ୩୮୫ |
| ବୁଢ଼ା ବଳଦ | ଭରତ ଧରୁଆ | ୩୮୭ |
| ଏଇ ମୋର ଛୋଟ ଗାଁ | ଆଲୋକ କୁମାର ସାହୁ | ୩୮୯ |
| ଭୋଳାନାଥ | ବାବାଶେଖର ବେହେରା | ୩୯୩ |
| ସଖା | ନବୀନ କୁମାର ପଧାନ | ୩୯୫ |
| ପଥିକ ମୁଁ କି ପଥର | ଶାନ୍ତନୁ କୁମାର ରାଉତ | ୩୯୬ |
| ମୃତ୍ୟୁର ଆଲିଙ୍ଗନ | ପ୍ରଶାନ୍ତ କୁମାର ପ୍ରଧାନ | ୩୯୮ |
| ଗୁରୁ ଆଶିଷ | ପୁଷ୍ପଲତା ସାହୁ | ୩୯୯ |
| ଯଥା ପୂର୍ବଂ ତଥା ପରଂ | ଜଗନ୍ନାଥ ରଥ | ୪୦୧ |
| ପାଦଚିହ୍ନ | ପ୍ରଶାନ୍ତ କୁମାର ମହାନ୍ତି | ୪୦୨ |
| ରକ୍ଷାକର ମହାବାହୁ | ହରେରାମ ପଣ୍ଡା | ୪୦୪ |
| ପରମବନ୍ଧୁ | ରୋହିତ ସେଠୀ | ୪୦୬ |
| ତୁମ ଇଚ୍ଛା ପୂର୍ଣ୍ଣ ହେଉ | ଶରତ ଚନ୍ଦ୍ର ଜାଲି | ୪୦୮ |
| ଗୁରୁ ସମ୍ମାନ | ଅଲିଭା ସାହୁ | ୪୧୦ |
| ପୁଅଟିଏ ହୁଅନ୍ତି କି ? | ଦମୟନ୍ତୀ ଜେନା | ୪୧୧ |
| ସରକାର ଆସିଛି | ପୂର୍ଣ୍ଣିମା ଲେଙ୍କା | ୪୧୩ |
| ଖୋଜୁଛି ମୁଁ | ଶ୍ରଦ୍ଧାଞ୍ଜଳୀ ପଣ୍ଡା | ୪୧୫ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ମାୟା ସଂସାର | ପ୍ରମିଳା ଦାସ | ୪୧୭ |
| ପ୍ରେମର ଅନ୍ୟନାମ ଯନ୍ତ୍ରଣା | ଗଣେଶ ଦାସ | ୪୧୯ |
| ଅଭିମାନ | ସତ୍ୟବ୍ରତ ସାହୁ | ୪୨୧ |
| ଫେରିଗଲ ତୁମେ | ସୁଶାନ୍ତ କୁମାର ଧଳ | ୪୨୩ |
| ନୂଆଁଖାଇ ତିହାର | ଅନନ୍ତ ପଟେଲ | ୪୨୫ |
| ଏ ସୃଷ୍ଟିକୁ ରକ୍ଷାକର | ଭାରତୀ ସାହୁ | ୪୨୬ |
| ପ୍ରେମଭିଜା ରାତି | ନମିତା ତାଣ୍ଡି | ୪୨୮ |
| ସ୍ୱାଧୀନ ଭାରତ | ରାଜେନ୍ଦ୍ର ବୋଡ଼କିଆ | ୪୩୦ |
| ପୁସ୍ତକ | ନିରଞ୍ଜନ ସାହୁ | ୪୩୨ |
| ବାଲୁଙ୍ଗା ପୁଅ | ଜଗଦୀଶ ସାହୁ | ୪୩୪ |
| ପ୍ରତିବିମ୍ବ | ସନାତନ ମହାକୁଡ଼ | ୪୩୫ |
| ଆଜି ବି ସବୁଠି | ରାଜ କିଶୋର ସ୍ୱାଇଁ | ୪୩୬ |
| ଜୀବନଟା ଯଦି ମରୁଭୂମି | ଶିରିଶ ଚନ୍ଦ୍ର ପ୍ରଧାନ | ୪୩୮ |
| ଅଧିନ | ଛବିରାଣୀ ପତି | ୪୩୯ |
| ଗରୀବ | ସୁଶିଲ୍ କୁମାର ପାଣି | ୪୪୧ |
| ଆଧୁନିକ ନୀତି | ଉମ୍ବରୁଧର ଦାଶ | ୪୪୨ |
| ସାଧୁତ୍ୱ ଓ ଧର୍ମ | ଲିଟୁ ନାୟକ | ୪୪୪ |
| ଜୀବନର ଗାଡ଼ି | ସୂର୍ଯ୍ୟକାନ୍ତ ମଲ୍ଲିକ | ୪୪୫ |
| କାହାକୁ କହିବେ... | ଚିତ୍ତରଞ୍ଜନ ବେହେରା | ୪୪୭ |
| ଗୁରୁଭକ୍ତିର ଫଳ | ଅନାମ ଚରଣ ସାହୁ | ୪୪୯ |
| କୃଷକ | କାହ୍ନୁଚରଣ ସାହୁ | ୪୫୧ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଲେଖେ ମୁଁ କବିତାଟିଏ | ସର୍ବେଶ୍ୱର ସାହୁ | ୪୫୪ |
| ମହାଶକ୍ତି ସତ୍ୟ | ବୈଦ୍ୟନାଥ ପଣ୍ଡା | ୪୫୬ |
| ନୀଳାଚଳ ଦିଅଁ | ରାମ ପ୍ରସାଦ ସିଂହ | ୫୪୮ |
| ଆଇନା | ପଙ୍କଜ କୁମାର ମାହାନା | ୪୬୦ |
| ଅଙ୍କୁରୋଦ୍‌ଗମ୍ | ବିକାଶ ଚନ୍ଦ୍ର ଧୁଙ୍ଗିଆ | ୪୬୨ |
| ଶୁଖିଲା ଶ୍ରାବଣ | ହୀରାବତୀ ପାତ୍ର | ୪୬୪ |
| ଗୁରୁ ଶିଷ୍ୟ ପ୍ରତି | ରାଜେନ୍ଦ୍ର ସାମଲ | ୪୬୬ |
| ରକ୍ଷା ବନ୍ଧନ | ପ୍ରଭାତୀ ମହାପାତ୍ର | ୪୬୯ |
| ନିଆରା ଉପନ୍ୟାସ | ସଂଜୀବ ଦାସ | ୪୭୦ |
| ମୁଁ ଠିକ୍ ସେଇମିତି ରହିଗଲି | ଶିଶିର କୁମାର ପଣ୍ଡା | ୪୭୧ |
| ବିନତୀ | ଖଗେନ୍ଦ୍ର ପାତ୍ର | ୪୭୩ |
| ଧର୍ମର ଜୟ ହେଉ କି ନ ହେଉ | ଡା ସୌମ୍ୟରଞ୍ଜନ ମିଶ୍ର | ୪୭୫ |
| କାହାଣୀ କୃଷକର | ରଞ୍ଜନ କୁମାର ପାଣିଗ୍ରାହୀ | ୪୭୭ |
| ନୀରବତା | ସୁଶ୍ରୀ ଆରତି ପଟ୍ଟନାୟକ | ୪୭୮ |
| ନାରୀ | ନବନୀତା ଚକ୍ରବର୍ତ୍ତୀ | ୪୮୦ |
| ପ୍ରକୃତିର କରାଳ ରୂପ ବନ୍ୟା | କୈଳାଶ ଚନ୍ଦ୍ର ସାହୁ | ୪୮୧ |
| ଗୁରୁ ଦିବସ | ଶୁଚିସ୍ମିତା ଗୌଡ଼ | ୪୮୪ |
| ପ୍ରେମ | ଜୟନ୍ତ କୁମାର ସାହୁ | ୪୮୫ |
| ମୋର ପରିଚୟ | ଦୀପକ ଷଡ଼ଙ୍ଗୀ | ୪୮୭ |
| ସେ କଥା ସେ ବ୍ୟଥା | ଅଭିମନ୍ୟୁ ବେହେରା | ୪୮୮ |
| ଅଜଣା ବ୍ୟାଧି | ବର୍ଷାରାଣୀ ବିଶ୍ୱାଳ | ୪୮୯ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଲାବଣ୍ୟା | ଲକ୍ଷ୍ମଣ ମହାନ୍ତି | ୪୯୧ |
| ପରିବେଶ | ଭକ୍ତବନ୍ଧୁ ବିଶ୍ୱାଳ | ୪୯୨ |
| ପ୍ରେମ ଏକ ପୁରୁଣା ବହି | ଶୁଭଶ୍ରୀ ଦାସ | ୪୯୩ |
| ସମୟ ସୁଅରେ ଏ ଜୀବନ | ସାଗର ନାୟକ | ୪୯୫ |
| କହିଦେବି କି ? | ଠାକୁର ନାୟକ | ୪୯୯ |
| ଗୋହତ୍ୟା ନିବାରଣ | ରାକେଶ କୁମାର ଦାସ | ୫୦୧ |
| ଫାନ୍ଦ | ସୁବାସ ଚନ୍ଦ୍ର ମୁଦୁଲି | ୫୦୩ |
| ଶ୍ରମିକ | ସରୋଜ ସାହୁ | ୫୦୪ |
| ସମ୍ପର୍କ | ଶ୍ରୀକ୍ଷେତ୍ର ସୁନ୍ଦର | ୫୦୬ |
| କାହାଣୀ ଏକ ନଦୀ | ବୀଣାପାଣି ଦେବତା | ୫୦୭ |
| ଅନାମ ଗୀତ | ପ୍ରଶାନ୍ତ କୁମାର ନାଥ | ୫୦୮ |
| ସର୍ବପଲ୍ଲୀ ରାଧାକୃଷ୍ଣନ | ସେବକାନ୍ତ ନନ୍ଦ | ୫୧୦ |
| ଗୁରୁବର | ଜିତେନ୍ଦ୍ର ପାତ୍ର | ୫୧୨ |
| ପ୍ରେମର ପ୍ରତିମା | ପୂର୍ଣ୍ଣିମା ପୃଷ୍ଟି | ୫୧୪ |
| ହେ ମୋର ସାଙ୍ଗ | ଅବିନାଶ କୁମାର ମାନସିଂ | ୫୧୫ |
| ନୀଳ | ଆଭାଞ୍ଜଳି ଶତପଥୀ | ୫୧୬ |
| ଜୟ ଜୟ ଗଣନାଥ | ସହଦେବ ପ୍ରଧାନ | ୫୧୮ |
| ସରଗଠୁ ବଡ଼ ବାପା | ଚନ୍ଦ୍ରକାନ୍ତ ଜେନା | ୫୨୨ |
| ମା’ | ସୌମ୍ୟରଞ୍ଜନ ପାତ୍ର | ୫୨୩ |
| ଜୀବନ ମାନେ କଣ ? | ସହଦେବ ଧରୁଆ | ୫୨୪ |
| ବିଶ୍ୱକର୍ମା | ଦୁର୍ବାଦଳ କରାଳି | ୫୨୬ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଆଜିର ତ୍ରିରଙ୍ଗା କହିଛି କଥା | ଦଣ୍ଡାସି ପ୍ରଧାନ | ୫୩୦ |
| ଚଉତିଶା : ବିପ୍ରଲମ୍ଭ | ଅଶୋକ କୁମାର ସେଠୀ | ୫୩୩ |
| ଶ୍ମଶାନ ବୈରାଗ୍ୟ | ପ୍ରବୋଧ ଚନ୍ଦ୍ର ମୁଦ୍ରା | ୫୩୫ |
| ପଥପ୍ରଦର୍ଶକ ମାନଙ୍କ ପାଇଁ ପଦେ | ଏସ୍ ଶ୍ରୀମନନାରାୟଣ ପାତ୍ର | ୫୩୯ |
| ସେବା ଓ ମମତାର ପ୍ରତିମା ନାରୀ | ସେବକ ବସନ୍ତ କୁମାର ମହାପାତ୍ର | ୫୪୩ |
| ଆମେ ତ ଗଲା ବୁଢ଼ୀ ହେଲୁଣି | ଲିମନ୍ | ୫୪୮ |
| ଅନାମ କବିତା | ସୋନାଲି ଗଡ଼ନାୟକ | ୫୫୦ |
| ଅନାମ କବିତା | ରାଜେଶ ଭୌମିକ | ୫୫୧ |
| **ସମ୍ବଲପୁରୀ ବିଭାଗ** | | **୫୫୨** |
| ଶବଦ ରାଏଜ | ସୁନୀଲ କୁମାର ଅଗସ୍ତି | ୫୫୩ |
| ହେତା | କୌଶିକ ସାହୁ | ୫୫୪ |
| ବହି | ବିଶ୍ୱନାଥ ସେଠୀ | ୫୫୭ |
| ଆଏଲାରେ ନୂଆଁଖାଇ | ତୁଲାମଣି ସେଲମା | ୫୫୯ |
| ନୂଆଁଖାଇ ଜୁହାର୍ | ମାଧୁରୀ ମେହେର | ୫୬୧ |
| ନୂଆଁଖାଇ ଜୁହାର | କ୍ଷିରସିନ୍ଧୁ ନାଏକ | ୫୬୩ |
| ନୂଆଁଖାଇର୍ ବାସି | ଅରୁଣ କୁମାର ଭୋଇ | ୫୬୫ |
| ଘରେ ରହେମା ଭଲେ ରହେମା | ରମଣିକାନ୍ତ ସାହୁ | ୫୬୮ |
| ସକାଲ୍ | ଭବାନୀ ଶଙ୍କର ପଟେଲ | ୫୭୦ |
| ଢେଙ୍ଗୁଆ ଅଭାବ୍ | ମନୋଜ କୁମ୍ହାର | ୫୭୧ |
| ଅସହନି | ମନୋଜ ମହାନନ୍ଦ | ୫୭୩ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ବରକସେଁ ଘିଚୁଛେ ମତେ | ମନୋରଞ୍ଜନ ସୁରୁଜାଳ | ୫୭୬ |
| ଆଘୋ କହୁଥିଲେ ଇନ୍ଦ୍ରା | ଅରୁଣା କୁଳିହା | ୫୭୮ |
| ମୁଇଁ ତ ଗୁଟେ ଚାଷୀ | ଦେବଦତ୍ତ ପଣ୍ଡା | ୫୮୦ |
| ପୁଢ଼ା ସପନ୍ | ପ୍ରସନ୍ନ ପ୍ରୟାସ ଭୁଏ | ୫୮୧ |
| ଦଦାଗୋ ଉଠ | ତପନ କୁମାର ସାହୁ | ୫୮୩ |
| କପ୍'ଟିଆ | ଅଶ୍ୱିନୀ କୁମାର ସାହୁ | ୫୮୫ |
| ରାଖି | ହେମନ୍ତ ଦାସ | ୫୮୭ |
| କାଏଁ ଯେ ? | ବିଶ୍ୱନାଥ ଭୁଏ | ୫୮୯ |
| ମାଁ | ବିଶ୍ୱନାଥ ଭୁଏ | ୫୯୦ |
| ଆଏଁଖ | ଡିସମ୍ବର ମେହେର | ୫୯୧ |
| ଭିଟା ମାଏଟ୍ | ରାଜୁ କୁମାର ପାତ୍ର | ୫୯୩ |
| **ପ୍ରବନ୍ଧ ବିଭାଗ** | | **୫୯୫** |
| ଓଡ଼ିଆ ଭାଷା ଓ ନାରୀ | ଅରୁଣ କୁମାର ଦତ୍ତ | ୫୯୬ |
| ଆଧୁନିକ ଭାରତରେ କିଶୋର ସମସ୍ୟା | ସୌଭାଗ୍ୟରଞ୍ଜନ ମହାପାତ୍ର | ୬୦୦ |
| ପଳାଶ ଫୁଲର ମହକ | ସତ୍ୟନାରାୟଣ ମିଶ୍ର | ୬୦୩ |
| ରାମ କିଏ ? | ତ୍ରିନାଥ ବେହେରା | ୬୦୬ |
| ସାମ୍ପ୍ରତିକ ସ୍ଥିତିରେ ଗଣେଶ ପୂଜା | ସନ୍ତୋଷ ପଟ୍ଟନାୟକ | ୬୧୦ |
| ୪ଟି ନ ପ୍ରତି ଧ୍ୟାନ ଦିଅନ୍ତୁ ରାଜ୍ୟ ସରକାର | ନିଗମ କୁମାର ବେହେରା | ୬୧୩ |
| ଆମ ଦେଶର ଶୈଶବ | ଇଂ ବିଦ୍ୟାଧର ପଣ୍ଡା | ୬୧୮ |
| ଜଣେ ଶାଶ୍ୱତ ସ୍ୱାଭିମାନୀର ମୁଖବାର୍ତ୍ତା | ପଙ୍କଜ କୁମାର ପାଣିଗ୍ରାହୀ | ୬୨୬ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମ ଭୟାବହ | ପ୍ରହ୍ଲାଦ ସାହୁ | ୬୩୨ |
| ଶିକ୍ଷକ ଦିବସରେ | ଦେବେନ୍ଦ୍ର ସାମଲ | ୬୩୬ |
| ପ୍ରକୃତିର ପାର୍ବଣ ନୁଆଁଖାଇ | ସାଇ ପ୍ରସାଦ ସାହୁ | ୬୪୦ |
| କାହିଁକି ସେ ଅତ୍ୟାଚାର | ସୁଧାଂଶୁ ମୋହନ ସାହୁ | ୬୪୪ |
| ବିଶେଷ ସୂଚନା | | ୬୪୮ |


ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ଼କାଷ୍ଟ ସେବା ବର୍ତ୍ତମାନ ଅନେକ ପ୍ଲାଟଫର୍ମ୍ ଯଥା ସ୍ପଟିଫାଇ, ଆଙ୍କର୍, ବ୍ରେକର୍, ଓଭରକାଷ୍ଟ, ପକେଟ୍ କାଷ୍ଟ, ରେଡିଓ ପବ୍ଲିକ୍ ଏବଂ ଆପଲ୍ ପୋଡ଼କାଷ୍ଟରେ ଶୁଣିପାରିବେ । ଏଥିରେ ପଚାଶରୁ ଅଧିକ ଜ୍ଞାନବର୍ଦ୍ଧକ ପଞ୍ଚତନ୍ତ୍ର, ଜହ୍ନମାମୁଁ ଏବଂ ବିକ୍ରମ ବେତାଳ କାହାଣୀ ସମେତ, ଅନେକ କ୍ଷୁଦ୍ରଗଳ୍ପ ମଧ୍ୟ ସ୍ଥାନ ପାଇଛି । ନିଶ୍ଚୟ ଶୁଣନ୍ତୁ ଏବଂ ଆମକୁ ମତାମତ ଜଣାନ୍ତୁ । ଆପଣ ବି ନିଜ ଗଳ୍ପ କିମ୍ବା ପ୍ରବନ୍ଧ ଯଦି ଆମ ପୋଡ଼କାଷ୍ଟରେ ପ୍ରସାରିତ କରିବାକୁ ଚାହୁଁଛନ୍ତି, ତା ହେଲେ ଯୋଗାଯୋଗ କରି ପାରିବେ ।

**http://anchor.fm/aahwaan**

ଆହ୍ୱାନ ଇ-ପତ୍ରିକାର ନୂତନ ଅନଲାଇନ୍ ପୋଡ଼କାଷ୍ଟ ଚ୍ୟାନେଲକୁ ସବସ୍କ୍ରାଇବ୍ କରନ୍ତୁ
ପ୍ରତ୍ୟେକ ମାସରେ ଆହ୍ୱାନରେ ପ୍ରକାଶିତ ଗଳ୍ପ ଓ କବିତାକୁ ଆମେ ଅନଲାଇନ୍ ରେଡ଼ିଓ ଦ୍ୱାରା ପ୍ରସାରଣ କରିବୁ । ଆପଣମାନେ ଶୁଣନ୍ତୁ ଏବଂ ଅନ୍ୟମାନଙ୍କୁ ଶୁଣାନ୍ତୁ ପୋଡ଼କାଷ୍ଟ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ସେପ୍ଟେମ୍ବର ୨୦୨୦ ସଂସ୍କରଣକୁ ଆପଣଙ୍କୁ ସ୍ୱାଗତ ଜଣାଉଛି । ଆଶା କରୁଛି ଆପଣ କୁଶଳରେ ଥିବେ । ବିଶ୍ୱ ପରିବେଶ ଦୁଷିତ, ସମସ୍ତ ବ୍ୟକ୍ତି ଏବେ ଆକ୍ରାନ୍ତସମ ମନେ ହେଉଛନ୍ତି । କରୋନାରୂପୀ ଭୂତାଣୁର ଉପସ୍ଥିତି ଆମକୁ ସର୍ବଦା ସଚେତନ ହେବାକୁ ବାଧ୍ୟ କରୁଛି । ଏଥିପାଇଁ ଆମେ ଚାହିଁଲେ ସୁଦ୍ଧା ପୂର୍ବଭଳି ଆଉ ହୋଇ ପାରୁନାହାନ୍ତି । ସାମାଜିକ ଦୂରତ୍ୱ ଏବେ ଆମ ସଂପର୍କରେ ମଧ୍ୟ ଦେଖାଗଲାଣି । ଧିରେ ଧିରେ ସମାଜରେ ପରିବର୍ତ୍ତନର ଢେଉ କେଉଁରୂପ ନେବ ତାହା ଜାଣି ହେଉନି । ନ ଚାହିଁଲେ ସୁଦ୍ଧା ଆମେ ଆମ ପଡ଼ୋଶୀ ଉପରେ ସନ୍ଦେହ କରିବା ଆରମ୍ଭ କରିଲେଣି । ପାଖଦେଇ କିଏ ଚାଲିଗଲେ ମନରେ ଭୟ ହେଉଛି । କେଜାଣି ବିଶ୍ୱବିଧାତା ଆମ ପାଇଁ କାହିଁକି ଏଭଳି ଏକ କୃର ସମୟ ଲେଖିଦେଲେ ।

ଆହ୍ୱାନ ଇ-ପତ୍ରିକା ବହୁତ ଦୂର ଆସିଲାଣି । ଦୀର୍ଘ ପନ୍ଦର ବର୍ଷର ଯାତ୍ରାପରେ ବି ଆଜି ଯେତେବେଳେ କେହି ବନ୍ଧୁ ଫୋନ କରି କହୁଛନ୍ତି ଯେ ଆପଣ ଏହି ପତ୍ରିକା ପ୍ରକାଶନ କରି ଓଡ଼ିଆ ଭାଷାସାହିତ୍ୟ ପାଇଁ ବହୁତ ଭଲ କାମ କରିଛନ୍ତି, ଖୁସି ବି ଲାଗୁଛି ଦୁଃଖ ବି । ଯା'ହେଉ ଆହ୍ୱାନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜ ଲକ୍ଷ୍ୟରେ ସଫଳ ହେଉଛି, କିନ୍ତୁ ଦୁଃଖ ହେଉଛି ଯେ ବର୍ତ୍ତମାନ ସୁଦ୍ଧା ଅନେକ ବନ୍ଧୁ ଜାଣିନାହାନ୍ତି ଆହ୍ୱାନ ବିଷୟରେ । ଏହା ଆମ ସମସ୍ତଙ୍କର ସାମଗ୍ରିକ ଦାୟିତ୍ୱ, ଆମେ ଆହ୍ୱାନ ଇ-ପତ୍ରିକାକୁ ବହୁଜନ ବିସ୍ତାରୀ କରିବା ଆଉ ସମସ୍ତେ କେମିତି ଏହି ପତ୍ରିକାକୁ ପଢ଼ିବେ ତାହା ସୁନିଶ୍ଚିତ କରାଇବା ।

ଆପଣଙ୍କ ଗଳ୍ପ, କବିତା, ପ୍ରବନ୍ଧ ଏହି ପତ୍ରିକାର ପୃଷ୍ଠା ମଣ୍ଡନ କରିଦେଲେ ଆପଣଙ୍କ ଦାୟିତ୍ୱ ସମ୍ପୂର୍ଣ୍ଣ ହେଉନାହିଁ । ଏହା କେମିତି ଅଧିକରୁ ଅଧିକ ଲୋକ ପଢ଼ିବେ ତାହା ସୁନିଶ୍ଚିତ କରିବା ଦାୟିତ୍ୱ ମଧ୍ୟ ଆପଣଙ୍କର । ନିଜର ବନ୍ଧୁ, ପରିଜନଙ୍କୁ ଏହି ପତ୍ରିକା ବିଷୟରେ ଜଣାନ୍ତୁ । ସୋସିଆଲ୍ ମିଡ଼ିଆରେ ଏହା ବିଷୟରେ ଲେଖିଲେ, ପ୍ରସାର କଲେ ହିଁ ଅଧିକ ଲୋକ ଆପଣଙ୍କ ଲେଖାକୁ ପଢ଼ିବାକୁ ପାଇବେ ।

ପ୍ରତ୍ୟେକ ମାସରେ ଅନ୍ୟୁନ ଶହେ ଜଣ ଲେଖକଲେଖିକା ଆହ୍ୱାନକୁ ଲେଖା ପଠାଉଛନ୍ତି । ଯଦି ପ୍ରତ୍ୟେକେ ଅନ୍ୟୁନ ଦଶ ଜଣଙ୍କୁ ଏହି ପତ୍ରିକା ପଠାନ୍ତି, ତା ହେଲେ ଏହା ଆହୁରି ଅଧିକ ବିସ୍ତାରଲାଭ କରନ୍ତା । ମନେ ରଖନ୍ତୁ, ଏହି ପତ୍ରିକା ସମ୍ପୂର୍ଣ୍ଣ ନିଃଶୁଳ୍କ, ଏବଂ ଏଥିପାଇଁ କାହାକୁ କୌଣସି ପ୍ରକାର ଖର୍ଚ୍ଚ କରିବାକୁ ହେବନାହିଁ । ତେଣୁ ଆପଣମାନେ ଏତିକି କରିବେ ବୋଲି ମୋର ଆଶା । ଏଥିସହିତ ଆପଣମାନଙ୍କୁ ଉପହାର ଦେଉଛି, ସେପ୍ଟେମ୍ବର ମାସର ଆହ୍ୱାନ ଇ-ପତ୍ରିକା ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ



ଅଶୋକ ବିଶ୍ୱାଳ

ଆଲେୟା-

ସଂନ୍ଧ୍ୟାପରେ ବାହରକୁ ବୁଲିଯିବାଟା ସେମାନଙ୍କର ଅଭ୍ୟାସ ହୋଇଯାଇଥିଲା । ବନ୍ଧୁମାନଙ୍କ ସଙ୍ଗେ ଗପରେ ସମୟ ସହଜରେ ବିତିଯାଏ । ସାଧାରଣତଃ ସେହି ଗପଟା କଫିହାଉସରେ ବସି ଗରମ କଫି ପିଇବା ସମୟରେ ହୋଇଯାଏ । ଦିନ ଧୂଳିରେ ମିଶିଗଲା ପରେ ସଂନ୍ଧ୍ୟାରେ କଫି କେମିତି ଉଷୁମ ହୋଇଉଠେ । ଝଡାଝଡି ହୋଇଗଲା ପରେ ମୁହୁର୍ତ୍ତଗୁଡାକ ପୁଣି ନୂଆ ହୋଇଯାଆନ୍ତି । ଏମିତିଆ ତରଙ୍ଗାୟିତ, ଧୂମାୟିତ କଫି ପିଇବାପାଇଁ ସେମାନେ କଫିହାଉସରେ ଭିଡ ଜମାନ୍ତି ।

ସେତେବେଳକୁ ହଲ ଭିତରେ ବହୁତ ଧୂଆଁ ହୋଇଗଲାଣି । ଅନେକ ଲୋକ ସିଗାରେଟ ଟାଣୁଛନ୍ତି । କଫି ସହ ସିଗାରେଟ ଟାଣିବାକୁ କିଛିଙ୍କୁ ଭଲ ଲାଗେ । ବହୁତ ଲୋକଥିବା ଏମିତି ଏକ ଧୂଆଁଳିଆ ଯାଗାକୁ ଆସିଗଲେ ଅନେକ କଥା ମନକୁ ମନ ବାହାରି ଆସେ । ତାପରେ କଥାର ଖିଅ ଲମ୍ବି ଲମ୍ବି ଯାଏ । ସେଦିନ ଆଡ୍ଡାରେ ସମସ୍ତେ ଜଲଦି ଏକାଠି ହୋଇଯାଇଥିଲେ । କଥାଟା ଆଲେୟା ଉପରେ ଆରମ୍ଭ ହେଲା । ପାଓଲି ନିଜର ଅନୁଭୂତି କହୁଥିଲେ । କିନ୍ତୁ ତାଙ୍କ କଥାକୁ ଦେବଶ୍ରୀ ମୋଟେ ମାନିଲେ ନାହିଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଆଲେୟା, ତୁମେ କହୁଛ ଆଲେୟା ନାହିଁ । ତା ମାନେ ତୁମେ ମୋତେ କିଛି ନୂଆ ବିଷୟକୁ ଜାଣିବାକୁ ଚାହୁଁନା।" ପାଓଲି ଜୋରରେ ମୁଣ୍ଡ ହଲାଇଲେ । ତାଙ୍କର ବାଳ ହିମାଳୟାର ଚଉଁରୀଗାଈ ଲାଙ୍ଗୁଡର ଚଉଁରୀ ଭଳି ଏପଟ ସେପଟ ହେଉଥିଲା । ଗଛରେ ଚଢେଇମାନେ ବସା ବନ୍ଧିଲା ପରି ଅନେକ ରହସ୍ୟ ତାଙ୍କ ମନରେ ବସା ବାନ୍ଧିଥିଲା ଆଉ ସେଉଠୁ କିଚିରି ମିଚିରି କରୁଥିଲା ।

ଅନ୍ୟମାନଙ୍କ କହିବାର କଥା ହେଉଛି ଆଲେୟା ନାହିଁ । କିନ୍ତୁ ପାଓଲି ସେମିତି କଥାଟାକୁ ମାନିବେ ନାହିଁ । ସେ ମନରେ ଦୃଢ । କିଏ ଖାଲି ମୁଣ୍ଡ ହଲାଇଦେଲେ ନିଜ ଜିଦିରୁ ଟଳିଯିବେ ନାହଁ । ତାଙ୍କ ପାଖରେ ଆଲେୟା ବିଷୟରେ ଅନେକ ତଥ୍ୟ ଥିଲା । ଆଲେୟା ନିଶ୍ଚିତ ଭାବରେ ଅଛି ।

ତୁମେ ନୀଳ ଅଲୋକ କଥା କହୁଛ ତ? ଦେବଲ କହିଲେ ।

ପାଓଲି ମୁଣ୍ଡ ହଲାଇଲେ ଆଉ ସପନ ଦାସଗୁପ୍ତାଙ୍କ ଆଡକୁ ଅନାଇଲେ । ସପନବାବୁ ଏକ ଆଶ୍ଚର୍ଯ୍ୟ ମଣିଷ, ଅନ୍ୟମାନଙ୍କଠାରୁ ସଂମ୍ପୂର୍ଣ ଭିନ୍ନ । ସପନବାବୁ ଏକ ଆବିଷ୍କାରକ ଭଳି ସେ ସବୁଆଡେ ଘୁରି ବୁଲୁଥିଲେ । କେଉଁଠି କେବେ ସ୍ଥିର ହୋଇ ବସିପାରନ୍ତି ନାହିଁ । ଜୀବନଟା ତ ଏମିତି । କଣ ପାଇଁ ସେ କେଉଁଠି ଅଟକି ରହିବେ ବୋଲି ଭାବୁଥିଲେ? ଜୀବନ ଅଯଥାରେ ବ୍ୟର୍ଥ ହେବ । ଦିଗବଳୟରେ ନୂଆ ସବୁଜ ରଙ୍ଗ ଦେଖିଲେ ତାଙ୍କ ରକ୍ତ ଭିତରେ ଅମ୍ଳଜାନବାହୀ କଣିକାଗୁଡିକ ଯେମିତି ଉଲକା ଭଳି ଛୁଟନ୍ତି । ମନ ଭିତରେ ଏକ ବାତ୍ୟା ବୋହିଯାଏ । ସେ ବହୁତ ଉତ୍ସାହିତ ହୋଇ ଉଠନ୍ତି । ତାଙ୍କୁ ଅନିଶ୍ଚିତର ଡାକ ଶୁଣାଯାଏ । ସବୁବେଳେ କାନ ପାଖରେ କିଏ ନା କିଏ ଗୁଣୁଗୁଣୁ ହେଉଥାଏ ଆଉ ତାଙ୍କୁ ଜଲଦି ଚାଲ, ଜଲଦି ଚାଲ ବୋଲି କହୁଥାଏ । କେତେ ଲୋକ ଏମିତି ଡାକ ଶୁଣି ନିଜ ଘରୁ ବାହାରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭେଟଣା ହୋଇଛନ୍ତି ବା ଦିଗହରା ହୋଇ ନିଖୋଜ ହୋଇଛନ୍ତି । ସେ ଏକ ଭିନ୍ନ ଡାକ । ନିଜର ଭିତରେ ନିଜକୁ ଡାକିବାର ଶବ୍ଦ ଶୁଣାଯାଏ । ଦିଗ୍ୱଳୟ ପରେ ଏକ ନୂଆ ଦୁନିଆ ମନକୁ ମନ ବାହାରିଆସେ । ତେଣୁ ପାଓଲି ସପନବାବୁ କିଛି କହିବେ ବୋଲି ଆଶା କରୁଥିଲେ । ଆଲେଖ୍ୟ ଯେ ଏକ ଭିନ୍ନ ଆଲୋଚନା । ସପନବାବୁ କିନ୍ତୁ ଚୁପଚାପ ବସି ପାଓଲି ଆଉ ଅନ୍ୟମାନଙ୍କୁ ଦେଖୁଥିଲେ ।

ଏବେକାର ଶୁଣା ଦୁନିଆରେ ତଥାପି କିଛି ଅଜଣା ଜିନିଷ ଅଛି । ଅନ୍ୟମାନଙ୍କ ପାଇଁ ନେଳି ଆଲୁଅ ଯେ ଅଜଣା ବିଷୟ ।- ପାଓଲି କହିଲେ ।

କିଛି ବିସ୍ମୟର ଶବ୍ଦ, ଅନିଶ୍ଚିତତା ଭରା କାହାଣୀ ବା ଆଉ କିଛି ଅସ୍ୱାଭାବିକ କଥା ଶୁଣିଲେ କିଛି ବାଧା ନମାନି ସେଇଠାକୁ ଛୁଟି ଯିବାକଥା । ଆଉ କଣ କହୁଛନ୍ତି ସପନବାବୁ ।- ଦେବଲ କହିଲେ । ସେ ଭାବୁଥିଲେ ଏମିତି ଏକ ଅଶୁଣା ବିଷୟ ଉପରେ ସପନବାବୁ ନିଶ୍ଚୟ ନିଜର ମତ ରଖିବେ ।

ସପନବାବୁ କିନ୍ତୁ କିଛି କହିଲେନି । ଟିକିଏ ହସିଲେ । ଆଗର ଦୁନିଆରେ ଅନେକ ଆବିଷ୍କାରକ ଥିଲେ । ଏବେ କେଉଁଠି କାଁ ଭାଁ ଦେଖା ଯାଆନ୍ତି । ସବୁକଥା ତ ଆଜି ନଖ ଆଗରେ ମିଳୁଛି । ଏହା ଭିତରେ ଅନିଶ୍ଚିତ ଦୁନିଆ କେଉଁଠି ଅଛି ଖୋଜିବା କାଠିକର ପାଠ । ନିଜ ଭିତରେ ଅନେକ ତର୍ଜ୍ଜମା କରନ୍ତି । ସେ କିନ୍ତୁ କିଛି କହିଲେନି । ନେଳି ଆଲୁଅ ତାଙ୍କପାଇଁ କଣ ଅଜଣା ଅଶୁଣା ବିଷୟ ନୁହେଁ ?

ପାଣି ଭିତରେ ନେଳି ଆଲୁଅ । ଆଉ ସେଇଟା ପାଣିରେ ଜଳୁଛି । ନିଆଁ ପାଣିରେ ଲିଭୁନି । କି ଚମତ୍କାର ।- ଦେବଲ କେହି ନକହୁଥିବାର ଦେଖି କହିଚାଲିଲେ ।

ପାଓଲିଙ୍କ ମୁହଁ ଉଜ୍ଜ୍ୱଳ ହୋଇଉଠିଲା । ଦେବଲ ତାଙ୍କ କଥାଟା ଠିକ ଠଉରାଇଛନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଛି ଜାଣିବାକୁ ତାଙ୍କର ଇଚ୍ଛା ଅଛି । ସପନବାବୁ ଆଉ ଅନ୍ୟମାନେ ମୁଣ୍ଡ ହଲାଇଲେ । ତେବେ ଦେବଶ୍ରୀଙ୍କ ମୁଣ୍ଡ ହଲାଟା ଜୋର ଥିଲା । ସେଇଟା କିନ୍ତୁ କଥାଟା ମୋଟେ ଗ୍ରହଣ କରୁନଥିବା ମୁଣ୍ଡହଲା । ସୁନ୍ଦରୀ ଦେବଶ୍ରୀ ସବୁ କଥାରେ ବହୁତ ଲମ୍ବା ଲଜିକ ଖୋଜନ୍ତି । ଅତି ଆଧୁନିକା ତରୁଣୀ । ଦେହରେ ଶାର୍ଟ ଆଉ ପ୍ୟାଣ୍ଟ । ପାଦରେ ପତଳା ଚପଲ । ଓଠରେ ସିଗାରେଟ ଲାଗି ରହିଥାଏ । ସିଗାରେଟ ବିନା ତାଙ୍କ ମୁଣ୍ଡକୁ କିଛି ଭାବନା ଆସେନା । ସେ ଏକ ଲମ୍ବା ଢୋକ ନିଅନ୍ତି, ଧୂଆଁକୁ ଫୁସଫୁସରେ କିଛି ସମୟ ଜାକି ରଖନ୍ତି । ତାଙ୍କ ମୁହଁଟା ତାଜା ହୋଇଉଠେ ।

ଦେବଶ୍ରୀ ଏବେ ଏକ ଲମ୍ବା ଢୋକ ନେଲେ । ନାକ ଅଗରେ ଏକ ଜୁଳୁଜୁଳିଆ ପୋକ ଚାଲୁଥିଲା ଭଳି ସିଗାରେଟର ନିଆଁଟା ଦିଶୁଥିଲା । ସେ ଫୁ ଫୁ କରି ଧୂଆଁ ବାହାର କଲେ । ତାଙ୍କ ମୁହଁରୁ ତାପରେ ଧୂଆଁ ଗୋଲ ଗୋଲ ଚକ୍କର କାଟି ଉପରକୁ ଉଠିଗଲା । ପାଓଲି ସେଇ ଧୂଆଁକୁ କିଛି ସମୟ ଅନାଇ ରହିଲେ । ଧୂଆଁଟା ଟିକଏ ଉପରେ ଧିରେ ଚଉଡା ହୋଇ ମିଳାଇଗଲା । ପାଓଲିଙ୍କୁ ଲାଗୁଥିଲା ତାଙ୍କ କଥାକୁ ଦେବଶ୍ରୀ ଏମିତି ବାଏଁ ବାଏଁ ଉଡାଇ ଦେଉଛନ୍ତି । ସବୁକିଛି ଧୂଆଁଭଳି ହାଲୁକା କରିଦେଉଛନ୍ତି । କିନ୍ତୁ ପାଓଲି କିଛି କହିବା ଆଗରୁ ଦେବଲ ପଚାରିଲେ ।

ଆଲେୟା କଥା ତ ଜାଣିନି । କିନ୍ତୁ କେଉଁଠି ପାଣିର ନୀଳ ଆଲୁଅ କଥା ପଢିଛି । ଆଚ୍ଛା ଯାଗାଟା କେଉଁଠି?

ଏଇ ସୁନ୍ଦରବନରେ । ସୁନ୍ଦରବନରେ ଆଲେୟା ଅଛି । ସବୁଆଡେ ଆଲେୟା । - ପାଓଲି ବଡ଼ ଉତ୍ସାହିତ ହୋଇ କହିଲେ ।

ଦେବଶ୍ରୀଙ୍କର ଆଲେୟା କଥାକୁ ବିଶ୍ୱାସ କରିବାକୁ ମୋଟେ ମନ ହେଉନଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥାଟା ନିଶ୍ଚିତ ଭାବେ ଉଦ୍ଭଟ ମନର । ସୁନ୍ଦରବନର ତଳ ଅଞ୍ଚଳ ଗୁଡାକରେ କାଳେ ଆଲେୟା ମିଳେ? ବେକାର କଥା । କିଛି ନାହିଁ । ଏମିତି ଏକ ଧୂଆଁଳିଆ ଯାଗାରେ କିଏ ଧୂଆଁକୁ ବିଶ୍ୱାସ କରିବ ।

ତୁମେ ସତରେ ଏକ ବଡ଼ ଖବର ନେଇ ଆସିଛ? ଯାହାକୁହ ସବୁବେଳେ ତୁମ ପାଖରେ କିଛି ନୂଆ ବିଷୟ ଥାଏ ।- ଦେବଲ ପୁଣି କହିଲେ ।

ଆଲେୟା କଥା ଶୁଣି ମୁଁ ପ୍ରଥମରେ ଆଶ୍ଚର୍ଯ୍ୟ ହୋଇଯାଇଥିଲି । କିନ୍ତୁ ଲୋକମାନଙ୍କ ବିଶ୍ୱାସ ମୋତେ ଆଲେୟା ପାଖକୁ ଯେମିତି ଟାଣିନେଲା । ସଜନାଖାଲିର ଦେବୁଦା ନିଜ ଅନୁଭୂତି ଲେଖିଛନ୍ତି । ଆଲେୟା ସତରେ ଅଦ୍ଭୁତ ଆଲୁଅ । ମୋତେ ଭାବି ହେଉନଥିବା ଆଲୁଅ ।- ପାଓଲି କହିଲେ ।

ଦେବଶ୍ରୀ ଭାବୁଥିଲେ ପାଓଲି ପ୍ରକୃତ ଆଲେୟାର ଯାଗାକୁ ଯାଇନାହାନ୍ତି ଆଉ ସେମିତି କିଛି ଚମତ୍କାରୀ ଘଟଣା ନିଜ ଆଖିରେ ଦେଖିନାହାନ୍ତି । କିଛି ବେକାର ମନଗଢା କାହାଣୀମାନ ସାଧାରଣ ଲାଇବ୍ରେରୀରେ ପଢିଛନ୍ତି । କିଛି ମଫସଲି ଲୋକଙ୍କ ଅନୁଭୂତି ଶୁଣିଛନ୍ତି । କଥାଗୁଡାକ ଅବାନ୍ତର । କାନକୁହା କଥା ଧିରେ ପ୍ରକୃତ ସତ ବାଙ୍କିଦିଏ । ସେଥିରୁ ଅସମ୍ଭବ ଆକାରମାନ ବାହାରି ଆସେ । ଦେବଶ୍ରୀ ନିଜେ ଏପର୍ଯ୍ୟନ୍ତ ଏମିତି କଥା ଆଉ କାହାଠାରୁ ଶୁଣିନାହାନ୍ତି । କେହି ଦେବଶ୍ରୀଙ୍କ ଆଗରେ ଏମିତିଆ କଥା କହିବାକୁ ସାହାସ ଜୁଟାଇ ନାହାନ୍ତି । ସବୁ ଉଦ୍ଭଟ କଳ୍ପନା ଦେବଶ୍ରୀଙ୍କର ଲଜିକ ଆଗରେ ହାର ମାନିଯିବ । ସେ ମୁଣ୍ଡ ହଲାଇଲେ ।

ଦେବୁଦା? ଲୋକଟା କିଏ?- ଦେବଲ ପଚାରିଲେ ।

ଏକ ମାଛ ଧରୁଥିବା କେଉଟ । ନିଜ ଡଙ୍ଗାରେ ସବୁଆଡେ ବୁଲିଛନ୍ତି । ସୁନ୍ଦରବନର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁ କୋଣ ତାଙ୍କ ନଖରେ । ସେ ନିଜ ଅନୁଭୂତି ଲେଖିଛନ୍ତି । - ପାଓଲି କହିଲେ । ତାଙ୍କ ଆଖି ସମସ୍ତଙ୍କ ଆଡକୁ ବୁଲିଗଲା ।

ଏଣେ ଦେବଶ୍ରୀ ଆଉ ଏକ ଲମ୍ବା ଢୋକ ସିଗାରେଟ ଧୂଆଁ ଫୁସଫୁସକୁ ଟାଣିନେଲେ । ତାପରେ ରେଳ ଇଁଜିନର ଛୁକଛୁକ ଧୂଆଁ ବାହାର କଲାଭଳି ନାକରୁ ଧୂଆଁ ବାହାରକଲେ । ସେ ପାଓଲିଙ୍କ ଆଡକୁ ନଅନାଇ ହଲର କାନ୍ଥକୁ ଅନାଇଥିଲେ । ତାଙ୍କର ଏମିତି ନିଷ୍ପୃହ ବ୍ୟବହାର ଦେଖି ପାଓଲିଙ୍କ ମନଟା ଦବିଗଲା । ଦେବଶ୍ରୀ ଭାବୁଥିଲେ ନିଜ ମତାମତ ନରଖିଲେ କଥା ଜମିବନି । ପାଓଲିଙ୍କର ମନେ ହେଉଥିଲା ଦେବଶ୍ରୀଙ୍କୁ କଥାଟା ଭଲ ଭାବରେ ବୁଝାଇବା ଦରକାର । ଦେବଶ୍ରୀ ସାହିତ୍ୟ, ସଂସ୍କୃତିରେ ରୁଚି ରଖୁଥିବା ତରୁଣୀ । ତାଙ୍କୁ ସାହିତ୍ୟର ଅତି ଜଟିଳ ବିଶ୍ଳେଷଣ ଭଲ ଲାଗେ । ସେମିତି କ୍ଲିଷ୍ଟ ବର୍ଣ୍ଣନା କଲେ ଦେବଶ୍ରୀ ହୁଏତ କଥାକୁ ଭଲଭାବେ ଶୁଣିବେ । ନହେଲେ ସେମିତି ତାଙ୍କ କଥାଗୁଡାକ ପବନରେ ମିଳେଇ ଯିବ । ତେଣୁ ଦେବଶ୍ରୀଙ୍କ ନାମନେଲେ ଦେବଶ୍ରୀ ଅନାଇବେ ।

"ଦେବଶ୍ରୀ, ନାଲି ହଳଦିଆ ଗାଢ ତରଙ୍ଗାୟିତ ରେଖା ଯେତେବେଳେ ସବୁଜ ପଟ୍ଟୀ ଉପରେ ବୁଲିଯିବ ସେତେବେଳେ କଳ୍ପନା ବାହାରର ଅନେକ ଚିତ୍ର ଫୁଟିଉଠିବ । ଜଣେ ଯଦି କହିବ ଲମ୍ବା ଗାଢ ନାଲି ବାଦାମୀ ରଙ୍ଗ ଜଙ୍ଗଲରେ ନାହିଁ, ତାହେଲେ ତ ସିଏ କେବେବି ଆଲେୟା କଥା ଭାବିପାରିବନି । ଯଦି କହିବ ପାଣିର ରଙ୍ଗ ଏକ ଯାଗାରେ ଗାଢ ନୀଳ ଆଉ ସବୁଜ ହୋଇ ନ ପାରେ, ତେବେ ସେ ଆଲେୟା କଥା ମୋଟେ ଚିନ୍ତା କରିପାରିବନି । ଆଲେୟାର ଆଲୁଅ ତ ସେମିତିଆ ଭାବି ହେଉନଥିବା ଯାଗାରେ ଜଳି ଉଠେ ।"- ପାଓଲି ଏତିକି କହି ରହିଗଲେ ।

ଏଣେ ଦେବଶ୍ରୀଙ୍କ ମୁଣ୍ଡ ଜୋରରେ ହଲୁଥିଲା । ସତେ ଯେମିତି ଦେହରେ ଏକ ସ୍ପ୍ରିଙ୍ଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲଗାଇ ମୁଣ୍ଡକୁ ଯୋଡାଯାଇଛି । କଣ୍ଟେଇରେ ଚାବି ଦେଇଦିଅ, ତାପରେ ମୁଣ୍ଡଟା ସେମିତି ହଲୁଥିବ । ଆଉ କିଛି କରିବାର ଦରକାର ନାହିଁ, କହିବାକୁ କିଛି କଥା ନାହିଁ । ପାଓଲି ଭାବିଲେ ଦେବଶ୍ରୀଙ୍କ ଏଇଟା ବଦଭ୍ୟାସ । ନିଜ ମନକୁ ମଧ୍ୟ କଳଭଳି କରିଦେଲେଣି । ସେ ଭିତରକୁ ଆଉ କିଛି ନୂଆ କଥା ଯିବାକୁ ମୋଟେ ବାଟ ନାହିଁ ।

ଆଲେୟା ନାହିଁ । କିଛି ସେମିତି ତଥ୍ୟ ନାହିଁ । ସାଇଣ୍ଟିଫିକ ହେବା ଦରକାର । କିଛି ରିସର୍ଚ୍ଚ ପେପର ପବ୍ଲିଶ ହେବା ଦରକାର । କେହି ବୈଜ୍ଞାନିକ ଏପର୍ଯ୍ୟନ୍ତ ଆଲେୟା ଅଛି ବୋଲି କହିନାହାନ୍ତି । ଦେଶ ବିଦେଶର ବୈଜ୍ଞାନିକ ଆଉ କ୍ରିଟିକମାନେ ଏହାକୁ ତର୍ଜ୍ଜମା କରିବା ଦରକାର । ତାପରେ ଯାଇ ବିଶ୍ୱାସ କରାଯାଇ ପାରିବ । – ଦେବଶ୍ରୀ କହିଲେ ଏତେ ପରେ ।

"ତୁମେ ଏମିତି ସବୁକଥାକୁ ଭୁଲ ବୋଲି କହି ପାରିବନି । ଅନେକ ଲୋକ ଆଲେୟା ଦେଖିଛନ୍ତି । ଦେବୁଦା ଅନେକ ଲୋକଙ୍କ ନାମ ନେଇଥିଲେ । ସମସ୍ତେ ଆଲେୟା ଦେଖିଛନ୍ତି ।"- ପାଓଲିଙ୍କ କଣ୍ଠରେ ସାମାନ୍ୟ କ୍ଷୋଭ ଥିଲା । ହେବାଟା ସ୍ୱାଭାବିକ ।

ମଣିଷ ସବୁବେଳେ ଏକଦମ ନାକସିଧା ଚାଲିବା କଥା ଭାବିଲେ ଗାଁ ଦାଣ୍ଡ ରାସ୍ତା କଥା ଭାବି ପାରିବନି । ସହର ଛଡା ଅନ୍ୟ ଯାଗାରେ ମଧ୍ୟ ଲୋକ ରହୁଛନ୍ତି, କିଛି ଭିନ୍ନ ଭାବରେ ଦୁନିଆକୁ ଦେଖୁଛନ୍ତି । ସେମାନଙ୍କ ଭାବିବାଟା ଭୁଲ ବୋଲି କହି ହେବନି ।- ଦେବଲ କହିଲେ ।

ଦେବଶ୍ରୀ ଟିକିଏ ହସି ମୁଣ୍ଡ ହଲାଇଲେ । ସେ ଏହାକୁ ଠିକ ଯୁକ୍ତି ଭାବୁ ନାହାନ୍ତି । ପାଓଲି ଦେବଶ୍ରୀଙ୍କୁ ଦେଖି ଭାବୁଥିଲେ କଣପାଇଁ ଦେବଶ୍ରୀ ମୋଟେ ନିଜକୁ ସହଜ କରୁନାହାନ୍ତି ଆଉ ଅଲଗା ଭାବନାକୁ ସଂପୂର୍ଣ ହେୟ କରୁଛନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୈଜ୍ଞାନିକମାନେ ଏପର୍ଯ୍ୟନ୍ତ ଆଲେୟା କଥା କହିନାହାନ୍ତି ବୋଲି ସେଥିରେ କିଛି ତଥ୍ୟ ନାହିଁ ବୋଲି କହିବା ଭୁଲ ହେବ ।- ପାଓଲି ନିଜ ମତ ରଖିଲେ ।

ଏପଟେ ଦେବଶ୍ରୀ ପାଓଲିଙ୍କୁ ନ ଅନାଇ ହଲର କାନ୍ଥକୁ ଅନାଇଲେ । ରଙ୍ଗ ଫିକା ପଡି ଆସିଲାଣି । ତାଙ୍କୁ ଲାଗୁଥିଲା ସତରେ କଣ ପାଓଲିଙ୍କ ମନରୁ ସହରର ଚାକଚକ୍ୟ ଆଉ ବିଶ୍ୱବିଦ୍ୟାଳୟରେ ପଢା ଯାଉଥିବା ତତ୍ତ୍ୱମାନ ଗାଁ ମାଟିର ଧିଳି ଲାଗି ଫିକା ହୋଇ ଆସିଲାଣି?  ସେ ନିଜ ଭିତର କଥା ପାଓଲିଙ୍କୁ କହିଦେବାକୁ ଠିକ ଭାବିଲେ । ତାଙ୍କ ମୁଣ୍ଡ ପାଓଲିଙ୍କ ଆଡକୁ ବୁଲିଗଲା ।

"ପାଓଲି ତୁମେ ତୁମ ବିଶ୍ୱାସର କଥା କହିଚାଲ । ହୋଇପାରେ ସେଥିରେ କିଛି ବୈଜ୍ଞାନିକ ଭିତ୍ତିଭୂମି ଥାଇପାରେ । କିନ୍ତୁ କିଛି ଭଲଭାବେ ନବୁଝି ମୁଁ ମୋ ବିଚାରରେ ଆଜି ପରିବର୍ତ୍ତନ କରିବିନି । କିଛି ମନେକରନା । ତୁମେ କହିଚାଲ ।"- ଦେବଶ୍ରୀ କହିଲେ । ସେ ନିଜ କଥାକୁ  ସିଧା କୁହନ୍ତି । ଅନ୍ୟର ଭାବନା ତାଙ୍କ ପାଖରେ ଗୌଣ । ତଥାପି ବି ନିଜର ଅନ୍ତରଙ୍ଗ ବାନ୍ଧବୀ ପାଓଲିଙ୍କ କଥାକୁ ସେ ସିଗାରେଟର ଫୁଙ୍କାରେ ଉଡାଇ ଦେବାକୁ ଚାହୁଁ ନଥିଲେ । ସେ ସିଗାରେଟକୁ ତଳୁଆ କରିଦେଇଥିଲେ । ପାଓଲି ଖରାପ ନଭାବନ୍ତୁ । କିନ୍ତୁ ତାଙ୍କ ମୁଣ୍ଡଟା ତାଙ୍କ ବିଚାରସହ ମିଳୁନଥିଲା । ନିଜ ଅଜାଣତରେ ଏପଟ ସେପଟ ହେଉଥିଲା ।

ପାଓଲି ଟିକେ ଲମ୍ବା ନିଃଶ୍ୱାସ ନେଲେ । ତାଙ୍କ ଛାତି ଭିତରକୁ ଗରମ ପବନ ପଶିଯାଉଥିଲା । ସେଠି ସେ କିଛି ହଲଚଲ ହେଉଥିବା ଅନୁଭବ କରୁଥିଲେ । ଦେବଲ କିନ୍ତୁ କିଛି କହିଲେ ।

ଆଲେୟା ଥାଇପାରେ ଦେବଶ୍ରୀ । ସୁନ୍ଦରବନରେ ଏତେ ଲୋକ ଯେ କହୁଛନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଓଲିଙ୍କ ଆଖି ଦେବଶ୍ରୀଙ୍କ ଆଡକୁ ଟାଣି ହୋଇଗଲା । ଦେବଶ୍ରୀଙ୍କର ମୁହଁରେ ସାମାନ୍ୟ ହସ ଥିଲା । ତାଙ୍କର ଛୋଟହସ ବଡ଼ ମଧୁର ଲାଗେ । ଆଖି ସାମାନ୍ୟ ଟାଣି ହୋଇଯାଏ । ଦେବଶ୍ରୀଙ୍କର ଅନେକ ଭଲଗୁଣ ଅଛି । ସେ ନିଜ ସାଙ୍ଗମାନଙ୍କୁ କେବେବି ଅପମାନିତ କରିବାକୁ ଚାହାନ୍ତିନି । କିଛି ଯାଗାରେ ଅଜଣାରେ ଭୁଲ ହୋଇଯାଏ । କିନ୍ତୁ ସେ ନିଜକୁ ସମ୍ଭାଳି ନିଅନ୍ତି । ସମସ୍ତଙ୍କର ନିଜର ବ୍ୟକ୍ତିଗତ ମନ୍ତବ୍ୟ ଅଛି । ପାଓଲିଙ୍କର ମଧ୍ୟ ଅଛି । ପାଓଲିଙ୍କ ଇମୋସନାଲ କଥାଗୁଡା ଦେବଶ୍ରୀ ବୁଝିପାରନ୍ତି । ମନରେ ଅବଶ୍ୟ ମାନନ୍ତି ନାହିଁ । ସେଇଟା ଅଲଗା କଥା । ତାଙ୍କୁ କେବେ ରୋକନ୍ତି ନାହିଁ । ଆଉ ପାଓଲି କହିଲାବେଳେ ନଦୀଭଳି ନିଜକୁ ବୋହିଯିବାକୁ ଦିଅନ୍ତି । କେହି ତାଙ୍କୁ ନଅଟକାଉ । ତାଙ୍କର ମୁହଁରୁ କଥାମାନ ଉଚ୍ଛୁଳା ବନ୍ୟାପାଣି ଭଳି ବୋହିଆସୁଥିଲା ।

ପାଓଲିଙ୍କ ପାଇଁ ଏତେ ଗାଉଁଲି ଲୋକଙ୍କର କଥାରେ କଛି ସତ ନିଶ୍ଚିତ ଭାବରେ ଅଛି । କିନ୍ତୁ ଅନେକ ଅବିଶ୍ୱାସର ଆଖି ତାଙ୍କ ଉପରେ ପହଁରିଗଲାରୁ କଫିହାଉସର ସହରୀ ପରିବେଶ ଭିତରେ ତାଙ୍କ ଗୋଡ ତଳୁ ମାଟି ଦବିଗଲା ଭଳି ଲାଗୁଥିଲା । ଆଜି ଏଠି ପ୍ରମାଣ କରିବା ପାଇଁ ପାଖରେ ଯଥେଷ୍ଟ ଉପାଦାନ ନାହିଁ । ଏତେ ଲୋକ ଆଉ ଏତେ ଆଲୁଅ ଭିତରେ ଗାଁର ଅବିଶ୍ୱାସନୀୟ ଘଟଣା କେବେ ବି ଘଟିବନି । ତଥାପି ନିଜପାଇଁ କିଛି କହିବାକୁ ପଡିବ ।

ଆଲେୟା ନିଶ୍ଚିତ ଭାବରେ ଅଛି । ଆଲେୟା ପାଇଁ ସମୟ ଆଉ ସ୍ଥାନ ଅଲଗା । ଅତି ନିରୋଳା ସ୍ଥାନରେ ଆଲେୟା ତ ଦେଖାଯାଏ, ସହରଠାରୁ ଅନେକ ଅନେକ ଦୂରରେ, ପାଣିର ଦୁନିଆରେ । - ପାଓଲି କହିଲେ ।

ପାଓଲିଙ୍କୁ  କେତେଯୋଡା ଆଖି ବଡ଼ ବଡ଼ ଡୋଳାରେ ଦେଖୁଥିଲା । ଓଠମାନ ଦାନ୍ତରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚିପି ହୋଇଯାଇଥିଲା । କିଛିଙ୍କୁ ଧୂଆଁଭିତରେ ପାଓଲି ଏକ ଆଶ୍ଚର୍ଯ୍ୟ ଚରିତ୍ର ଲାଗୁଥିଲେ । ସୁନ୍ଦରବନ ପାଣିରୁ ଲମ୍ଫଦେଇ କଫି ଟେବୁଲ ପାଖରେ ସିଧା ବସିଯାଇଛନ୍ତି । କି କି କଥାମାନ ସାଙ୍ଗରେ ନେଇଆସିଛନ୍ତି ? କଫି ହାଉସରେ କେତେ କେତେ କଥା ଆଲୋଚନା ହୁଏ । ସାରା ଦୁନିଆଟା ଯେମିତି କଫି ଟେବୁଲରୁ ଆରମ୍ଭ ହୋଇଥାଏ । ଦୁନିଆରେ ଏମିତି କିଛି ବିଷୟ ନାହିଁ ଯାହା ଉପରେ ଚର୍ଚ୍ଚା ହୁଏନି ଆଉ ଏମିତି କିଛି ପ୍ରଶ୍ନ ନାହିଁ ଯାହାର ଉତ୍ତର ମିଳେନା । ମଣିଷ ମନଟା ଅଦ୍ଭୁତ । ସବୁ କଥାକୁ ଜଲଦି ବୁଝିନେଇପାରେ । ଆଉ କିଛି ଛୋଟ କଥାକୁ ଜମା ବୁଝେନା । ଆଖିରେ ଅନେକ ପ୍ରଶ୍ନ ।

ଏତେ ଉତ୍ସୁକ ଆଖି ଦେଖି ପାଓଲିଙ୍କ ସିଧା ଶରୀର ଆଗକୁ ଝୁଙ୍କି ଆସିଲା । ତାଙ୍କ କହୁଣୀ କଫି ଟେବୁଲ ଉପରେ । ସେ ମୁଣ୍ଡକୁ ଆଗକୁ ଲମ୍ବାଇଦେଲେ । ଅନ୍ୟମାନେ ମଧ୍ୟ ତାଙ୍କ ଦେଖାଦେଖି ଆଗକୁ ମୁଣ୍ଡ କରିନେଲେ । କେଇଯୋଡା ଆଖି ଏକଦମ ପାଖକୁ ଆସିଗଲା । ସତେ ଯେମିତି ସେମାନେ ନିଜ ଭିତରେ କିଛି ଗୁପ୍ତ ଆଲୋଚନା କରୁଛନ୍ତି । ସେ କଥାଗୁଡା କେହି ଶୁଣିବା ଉଚିତ ନୁହେଁ ।

-କ୍ରମଶଃ-

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଫିମ

ପୁଅ ଯେଉଁ ଦିନ ଆଣ୍ଠେଇଲା ବାପା ମାଆ ବହୁତ ଖୁସି ହୋଇଗଲା, ମାଆ ବାପାର ମୁହଁକୁ ଚାହିଁ ଟିକିଏ ହସିଦେଇ କହିଲା, ପୁଅ ଆମର ବଡ ହେଉଛି । ଦିନ ବିତି ଚାଲିଲା, ପୁଅ ଦିନେ ଆଣ୍ଠେଇ ଆଣ୍ଠେଇ ଏରୁଣ୍ଡିବନ୍ଧ ପାଖରେ ପହଞ୍ଚିଗଲା, ମାଆ ବଡ ଉତ୍ସୁକତାଭରା ନୟନରେ ଅନେଇ ରହିଥାଏ, ପିଲାଟି ଯେତେବେଳେ ଦୁଆର ବନ୍ଧକୁ ଧରି ଠିଆହେବାକୁ ଚେଷ୍ଟା କଲା ମାଆ ଖୁସିରେ ଡାକ ପକାଇଲା, କୁଆଡେ ଗଲ, ଆସ ଦେଖିବ, ପୁଅ ଆମର ଠିଆହେବାକୁ ଚେଷ୍ଟା କରୁଛି । ବାପ ଧାଇଁ ଆସିଲା, ବଡ ବଡ ଆଖିକରି ପୁଅକୁ ଠିଆ ହେଉଥିବାର ଦେଖିଲା, ମନେ ମନେ ବହୁତ ଡରିଗଲା, ଭାବିଲା, ଏବେ ଠିଆ ହେବାକୁ ଚାହୁଁଛି, ଯେତିକି ଯେତିକି ବଡ ହେବ ତାର ଖାଇବା ବି ବଢିବ । ଠିଆ ହେବା ଶିଖିଗଲେ ପୁଣି ଚାଲିବ, ଚାଲିବା ଶିଖିଗଲେ ବାହାରକୁ ଯିବ । ବାହାରକୁ ଗଲେ ପିନ୍ଧିବାକୁ ସାର୍ଟ ପେଣ୍ଟ ମାଗିବ, ପାଠ ପଢିବାକୁ ମନବଳାଇବ । ଏ ସବୁ କରିବାକୁ ଧନ କେଉଁଠୁ ଆସିବ ? ଖର୍ଚ୍ଚ ବଢିଯିବ ! ଏତିକି ଟଙ୍କାରେ ଏବେ ଘର ଚଳୁନି, ଆଗକୁ କେମିତି ଚଳିବ ? ବଡ ବିକଳ ଲାଗିଲା ତାକୁ । ବଡ ନିରାଶ ଭରା କଣ୍ଠରେ ପୁଅକୁ କହିଲା, ନା'ରେ ପୁଅ, ଠିଆ ହୁଅନା, ଠିଆହେବା କିଛି ଭଲ କଥା ନୁହେଁ । ଚାଲି ବୁଲି, ଦୌଡି ଖେଳିବାକୁ ଏଇ



ବିନୟ ମହାପାତ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଂସାରଟା ମୋତେ ଭଲ ଜାଗା ନୁହଁ ! ଯେମିତି ଅଛୁ, ଭଲରେ ଅଛୁ, ସେମିତି ସବୁଦିନ ଆଣ୍ଠୋଉଥା ।

ବଡଭାଇ କୋଉଠି ଥିଲା କେଜାଣି, ଧାଇଁ ଆସିଲା, ସାନଭାଇକୁ ଠିଆ ହେବା ପାଇଁ ଚେଷ୍ଟା କରୁଥିବାର ଦେଖିଲା । ରାଗ ତମ ତମ ହୋଇ ଦଉଡି ଆସି, ସାନଭାଇକୁ ମାରିଲା ଗୋଇଠାଟାଏ, କହିଲା, ଶଳା, ଭାବୁଛି ଠିଆହେବ ! ତୁ ଠିଆ ହେବା ଶିଖିଗଲେ ମୋ ଭେଳା ବୁଡିଯିବ, ମୋ ଭାଗ କମ୍ ହୋଇଯିବ । ତୁ ବଡ ହେଲେ ମୋର ଆଦର କମିଯିବ । ମୁଁ ପୁଣି କେମିତି ବଡ ହେବି ? ଗୋଟିଏ ଖୋଳରେ ଦୁଇଟି ଖଣ୍ଡା କେମିତି ରହିବ ? ଠିଆ ହେବାକୁ ଯଦି ଆଉ ଥରେ ଚେଷ୍ଟା କରିବୁ ଶଳାର ଗୋଡ ଭାଙ୍ଗି ଦେବି । ସେମିତି ଆଣ୍ଠୋଉଥା ସବୁଦିନ, ଠିଆ ହେବାକୁ କେବେବି ଚେଷ୍ଟା କରିବୁନି, ଯଦି ଆଉଥରେ ଯଦି ଠିଆ ହେବୁ, ଦେଖିବୁ ମୋର ଉଗ୍ରରୂପ, ଶଳା ତୋର ଗୋଡ ଦୁଇଟା ଭାଙ୍ଗିଦେବି ।

ମାଆ ତାର ବାହୁନି କାନ୍ଦିଲା, ବିଚରା ଛୁଆଟା, ତାକୁ କେହି ଠିଆ ହେବାକୁ ମଉକା ଦେଉନାହାନ୍ତି । କେମିତି ସେ ବଡ ହେବ ? ନିଜ ଗୋଡରେ ନିଜେ କେମିତି ଠିଆ ହେବ, କେମିତି ଆଗକୁ ବଢିବ ? ବିଚରା ସବୁଦିନ କଣ ଏଇମିତି ଗୁରୁଣ୍ଡୁ ଥିବ ?

ସମାଜରେ ପିମ୍ପୁଡିପରି ଭୂଇଁରେ ରେଙ୍ଗୁଥିବା ଏଇ ଗରୀବମାନେ ସତରେ କଣ ମଣିଷରେ ଗଣା ଯାଆନ୍ତି ? ଏଇଠି ଦରିଦ୍ରତା ଗରୀବର ମାନଦଣ୍ଡ ନୁହେଁ, ଦରିଦ୍ରତା କେବଳ ଗୋଟିଏ ଭୋଟ ବ୍ୟାଙ୍କ, ରାଜନୀତିର ପଶାପାଲିରେ ଏକ ଟାଣୁଆ ଗୋଟି । ଗରୀବ କେବଳ ଗୋଟିଏ ଗୋଟିଏ ମୂଲ୍ୟବାନ ଭୋଟ୍ । ଗରୀବକୁ ଗରୀବ ରହିବାକୁ ଦିଅ, ଗରୀବର ପରିଭାଷା କେବଳ ଜାତି, ନିର୍ଦ୍ଧନତା ଗରୀବର ମାପକାଠି ନୁହେଁ । ଜାତି ହିଁ ଗରୀବ । ସେହି ହିସାବ ଚାଲିଛି, କିଏ ପଚାରୁଛି ତୁମ ଘରେ ଖାଇବାକୁ ଅଛି କି ନାହିଁ ? କିଏ ପଚାରୁଛି ତୁମର



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆୟର ସ୍ରୋତ କଣ ? କେତେ ରୋଜଗାର କରୁଛ, କେମିତି ଖାଉଛ, କଣ ପିନ୍ଧୁଛ, କେମିତି ଚଳୁଛ ?

କେବଳ ଜାତିଆଣ ସାର୍ଟିଫିକେଟ ଅଛି ତ ତୁମକୁ କେହି କିଛି ପଚାରିବନି ତୁମେ ଗରୀବ କି ନୁହେଁ, ତୁମେ ପାଠ ପଢିଛକି ନାହିଁ ? ଚାକିରୀ ପାଇଁ ତୁମର ଉପଯୁକ୍ତ ଯୋଗ୍ୟତା ଅଛି କି ନାହିଁ । ତୁମ ପାଖରେ ଜାତି ପ୍ରମାଣପତ୍ର ଅଛିତ ତୁମେ ଅତ୍ୟନ୍ତ ଯୋଗ୍ୟ, ସବୁ କାମପାଇଁ ତୁମ ଠାରୁ ଅଧିକ ଯୋଗ୍ୟ ଆଉ କେହି ହୋଇପାରିବ ନାହିଁ । ତୁମ ପାଇଁ ସବୁ କିଛି ଅଛି, ତୁମ ପାଇଁ ଯୋଗ୍ୟତାର କିଛି ଆବଶ୍ୟକତା ନାହିଁ ।

କିନ୍ତୁ କିଏ ବୁଝାଇ ଦେବ ଏଇ ଦେଶର କ୍ଷମତାଲୋଭୀ ରାଜନେତା ମାନଙ୍କୁ, ଗରୀବର କୌଣସି ଜାତି ନଥାଏ, ଥାଏ କେବଳ ଭୋକ ଆଉ ଭୋକର କୌଣସି ଧର୍ମ ନଥାଏ । ଭୋକରେ ପେଟ ଯେତେ ବେଳେ ଜଳେ ସେତେ ବେଳେ ମଣିଷ ଜାତି ଦେଖେନି, ମନ୍ଦିର କି ମସଜିଦ୍ କଥା ଭାବେନି, ଭାବେ କେବଳ ମୁଠାଏ ଭାତ ଆଉ ଚିମୁଟାଏ ଲୁଣର କଥା । କିନ୍ତୁ ଘିଅ ମହୁରେ ଭାସୁଥିବା ଏଇ ନେତାମାନଙ୍କୁ କଣ ଜଣା, ପେଟର ଭୋକ କଣ, ଅଲିଅଳ ସନ୍ତାନ ଯେତେବେଳେ ଭୋକରେ କାନ୍ଦେ, କେତେ ଯନ୍ତ୍ରଣା ହୁଏ ମାଆର ଛାତିରେ, ବଢିଲା ଝିଅ ପାଖରେ ଦେହ ଢାଙ୍କିବାକୁ ଯେତେବେଳେ ଚାରିହାତର ଲୁଗାଖଣ୍ଡେ ନଥାଏ, ଅର୍ଦ୍ଧ ନଗ୍ନ ଝିଅ ଆଗରେ କେତେ ଅପମାନିତ ହୋଇଯାଏ ବିଚରା ବାପା, ଲାଜରେ ମୁହଁ ତଳକୁ ହୋଇଯାଏ, ନିଜକୁ ନିଜେ ଧିକ୍କାର କରେ, ନିଜର ଅପାରଗପଣକୁ ମନେ ମନେ ଗାଳି ଦିଏ । କିଏ ବୁଝି ପାରିବ ଏ ଯନ୍ତ୍ରଣା, କିଏ ବୁଝାଇ ଦେବ ସେମାନଙ୍କୁ ?

କ୍ଷମତାର ଲୋଭରେ ଗରୀବରେ ସେମାନଙ୍କୁ କେବଳ ଭୋଟବ୍ୟାଙ୍କ ଦିଶେ, ଜାତି ଦିଶେ, ଆଉ ଦିଶେ ରାମ ଆଉ ଆଲ୍ଲା କିମ୍ବା ଯିଶୁ, ଇଟା ପଥରରେ ତିଆରି ମନ୍ଦିର, ମସଜିଦ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କି ଗୀର୍ଜା । ଭୋକିଲା ଅଝଟିଆ ଛୁଆକୁ ମାଆ ଚିମୁଟାଏ ଅଫିମ ଖୋଇଦେଇ ଶୁଆଇ ଦିଏ । ଅବୋଧ ଶିଶୁ ତାର ସୁଧବୁଧ ହରାଇ ଶୋଇଯାଏ, ଉଠିକି କେବେ ପଚାରେନି ମାଆ ତୁ ଏପରି କାହିଁକି କଲୁ, ବରଂ ଅଫିମର ଗୁଲାମ ହୋଇଯାଏ, ପରଦିନ ପୁଣି ମାଆ ପଛେ ପଛେ ଧାଏଁ କାଣିଚାଏ ଅଫିମ ପାଇବା ଆଶାରେ । ଆଜି ରାଜନୀତି ସେମିତି ଚାଲିଛି, କେବେ ଧର୍ମର ଅଫିମ, କେବେ ମାଗଣା ପାଇବାର ଅଫିମ । ଏଇ ଅଫିମ ନିଶାରେ ଆଜି ଅଧା ଭାରତ ନିଶାଗ୍ରସ୍ତ । ନିଶାଗ୍ରସ୍ଥ ମଣିଷର ବୁଦ୍ଧି ବିବେକ କିଛି କାମ କରେନା, ସେ କେବଳ ସେଇ ନିଶା ପଛରେ ହିଁ ଗୋଡାଇ ଚାଲେ, ଆଉ ଗୋଟାଏ ଡୋଜ ନିଶା ପାଇଁ । ଏବେ ନିଶା ଦେବାପାଇଁ ତ ଅନେକ ଲୋକ କିନ୍ତୁ ଏ ନିଶା ଛଡାଇବ କିଏ ?

ଗରୀବର କଣା ଚାଳରେ ଦିନରେ ସୂର୍ଯ୍ୟ ଦିଶେ, ଆଉ ରାତିରେ ତାରା । ବର୍ଷା ଦିନରେ ସେଇ ବାଟଦେଇ ଘରଭିତରେ ପାଣିପଶେ । ସାତସିଆଁ ଫଟା ଲୁଗାରେ ବଢିଲା ଝିଅ ଘର କଣରେ ଲୁଚିବସେ, ବାହାରକୁ ବାହାରି ପାରେନି । ଭୋକରେ ଛୋଟ ଛୁଆ ଯେତେବେଳେ ତହଳ ବିକଳ ହୋଇ କାନ୍ଦେ ସେତେବେଳେ ମାଆର ଆଖିରୁ ଲୁହ ନୁହେଁ ରକ୍ତ ଝରେ, ନିରୁପାୟ ବାପା ଛାତିରେ ସତେ କରତ ଚାଲେ । ନିଜ କପାଳକୁ ନିନ୍ଦେ, ନିଜର ଅପାରଗ ପଣକୁ ଧିକ୍କାର କରେ । ହେଲେ ନିରୁପାୟ ମଣିଷ ଶେଷରେ ଦିନେ ବେକରେ ଗାମୁଛା ବାନ୍ଧି ଝୁଲିପଡେ ଗାଆଁ ମୁଣ୍ଡ ବରଗଛରେ ।

ହେଲେ କିଏ ବୁଝାଇ ଦେବ ଆଜିର ଏଇ କ୍ଷମତାଲୋଭୀ ରାଜନେତା ମାନଙ୍କୁ, ସେମାନେ ସବୁ ବୁଝି ବି କେବେ କିଛି ବୁଝି ପାରନ୍ତି ନାହିଁ ଯେ, ଗରୀବର ଜାତି ନଥାଏ, ଭୋକରେ ଧର୍ମ ନଥାଏ । ଗରୀବର ନା' କେହି ବାପା ଥାଏ ନା' କେହି ମାଆ ଥାଏ, ଥାଏ ଖାଲି ବଡଭାଇ, ଦାଦାଗିରୀ କରି ଲୁଟି ଖାଇବାକୁ, ଆଉ କୁମ୍ଭୀରର ନକଲି ଲୁହ ଦେଖାଇ,

 Magazine Downloaded from www.aahwaan.com

ଗରୀବ ଆଖିକୁ ଅନେକ ସ୍ୱପ୍ନ ଦେଇ ସତ୍ତାସୁଖ ଭୋଗିବାକୁ, ଛୋଟ, ବଡ କେତେ କେତେ ରାଜନେତା ।

ରେ ଗରୀବ, ତୋର କେବଳ ସେଇ ଭଗବାନ ଭରସା, ତାଙ୍କରି ଆଶ୍ରାରେ କେବଳ ଆକାଶକୁ ଦେଖୁଥା ଆଉ ଦିନ ଗଣୁଥା, କେବେ ତୋ ଜୀବନରେ ଆସିବ ସେଇ ନୁଆଦିନ । ଅସରନ୍ତି ବସ୍ତ୍ର ଦେଇ କୁରୁସଭା ତଳେ ଦ୍ରୌପଦୀର ଲାଜ ବଞ୍ଚାଇବାକୁ କି କୁବେର ସମ୍ପତ୍ତି ଦେଇ ଦରିଦ୍ର ସୁଦାମାର କଷ୍ଟ ଦୂର କରିବାକୁ ସେ କୃଷ୍ଣ ଆଉଥରେ ଜନ୍ମିବେନି । ଦୁନିଆରେ ଆଜି ଖାଲି ମାଳ ମାଳ କଂଶଙ୍କର ରାଜୁତି ଚାଲିଛି । ଏବେ କେବଳ କଳକୀ ଅବତାର ପାଇଁ ଅପେକ୍ଷା ।

ପଟିଆ, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମର ବି ଦିନ ଆସୁଛି



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସୁଲୋଚନା ଦେବୀ ଆଜି ଭାରି ଖୁସି । ପାଖାପାଖି ଦୁଇବର୍ଷ ହେଲା ସେ ଖାଲି ଦାବୀ କରି ଆସୁଥିଲେ ଯାହା ସତ୍ୟବାନ ବାବୁ ସର୍ବଦା ଅଣଦେଖା କରି ଦେଉଥିଲେ । ଘରେ ଛଅ ପ୍ରାଣୀ ପରିବାର । ନିଜର ଦୁଇ ସନ୍ତାନ କୁନା ଆଉ ମୁନା, ସ୍ୱାମୀଙ୍କ ବ୍ୟତୀତ ଶାଶୁଶଶୁର । ଦିନରେ ଦୁଇଥର ହାଣ୍ଡିବସେ । ଘରର ସମସ୍ତଙ୍କର ମନମୁତାବକ ରୋଷେଇ କରିବା, ପିଲାଙ୍କୁ ସ୍କୁଲ୍ ପାଇଁ ପ୍ରସ୍ତୁତ କରିବା, ସ୍ୱାମୀ, ଶାଶୁଶଶୁରଙ୍କ ସେବା କରିବାରେ କେମିତି ସମୟ ବିତିଯାଏ କିଛି ଜଣାପଡ଼େନି । ପଡ଼ୋଶୀ ପଣ୍ଡାବାବୁଙ୍କ ଘରେ ବି ସେଇ ଏକା ଅବସ୍ଥା ହେଲେ ସୁଦ୍ଧା ସେମାନେ ବର୍ଷରେ ଅନ୍ତତଃ ଥରେ ଅଧେ ଛୁଟି କାଟିବାକୁ ବାହାରକୁ ଯାଆନ୍ତି ନିଶ୍ଚୟ । ଏଠି କିନ୍ତୁ ଅବସ୍ଥା ନିଆରା । ବାବୁଙ୍କୁ ଯେତେ ଅନୁନୟ ହୋଇ କହିଲେ ବି ସେ ଶୁଣିବାକୁ ନାରାଜ । ଉଚ୍ଚସ୍ୱରରେ କହିବା ଭଳି ବ୍ୟବସ୍ଥା ଘରେ ନାହିଁ । ବିବାହ ପରଠାରୁ ଏହି ଘରକୁ ନିଜର କରିଦେଇଛନ୍ତି ସୁଲୋଚନା ଦେବୀ । ଯାହା ହେଲେବି ମଣିଷ ଶରୀର, ବେଳେ ବେଳେ ବିରକ୍ତ ଭାବ ଆସିଯାଏ । କିନ୍ତୁ କହିବେ କାହାକୁ ? ସ୍ୱାମୀ ତ ଦିନରାତି ନିଜ ଚାକିରୀ ବେଉସାରେ ବ୍ୟସ୍ତ ରହିଲେ । ଶାଶୁଶଶୁରଙ୍କ ଟିକି ଭଲ ତେ ସେମାନେ ଭଲ । କୁନା ଆଉ ମୁନା ଏବେ ସାନ ପିଲା । ସମୟ ସୁଯୋଗ

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଦେଖି ସୁଲୋଚନା ଦେବୀ ଅନେକ ଥର ସତ୍ୟବାନ ବାବୁଙ୍କୁ ଅନୁରୋଧ କରିଛନ୍ତି କିଛିଦିନ ପାଇଁ ବାହାରକୁ ବୁଲିଯିବା ପାଇଁ । ସତ୍ୟବାନ ବାବୁଙ୍କ ଭଳି ପ୍ରାଣୀ ପାଇବା ବିରଳ । ପ୍ରତ୍ୟେକ ପ୍ରଶ୍ନପାଇଁ ତାଙ୍କ ପାଖରେ ସୁନ୍ଦର ଉତ୍ତର ଥାଏ । କେବେ ପିଲାଙ୍କ ସ୍କୁଲରେ ପରୀକ୍ଷା ଥାଏ ତ କେବେ ଅଫିସରେ କାମ ଆଉ କେବେ ବାପାବୋଉଙ୍କ ସ୍ୱାସ୍ଥ୍ୟ ଖରାପ, ବାସ୍ ଯୋଜନା ହୋଇପାରେ ନାହିଁ ।

ଗତକାଲି ସନ୍ଧ୍ୟାରେ ଅଫିସରୁ ଫେରିବାପରେ ରାତ୍ରୀଭୋଜନ ସମୟରେ ସତ୍ୟବାନ ବାବୁ ଧିର ସ୍ୱରରେ ଜଣେଇ ଦେଲେ, "ଏଥର ପୂଜା ଛୁଟିରେ ସମସ୍ତେ ମିଶି ଦିଲ୍ଲୀ ବୁଲିବାକୁ ଯିବା । ତମେ ତ ଅନେକ ଦିନରୁ କହୁଥିଲ ନା ଯେ ଛୁଟିରେ କୁଆଡ଼େ ଟିକେ ବୁଲି ଆସିବ ବୋଲି । ଚାଲ ଏଥର ଯିବା ।"

ସୁଲୋଚନା ଦେବୀଙ୍କ ମନ କୁଣ୍ଢେମୋଟ ହୋଇଗଲା । ମନେ ମନେ ବୁଲିଯିବା ପାଇଁ ଲୁଗାପଟା ସାଇତା କାମ ସାରିଦେଲେ । କେଉଁଠି କଣ ଦେଖିବା କଣ କରିବା ସବୁ ବୁଝାବୁଝି କରିବାପାଇଁ ନିଜର ବିଶ୍ୱସ୍ତ ପଡ଼ୋଶୀ ମହିଳା ଗୋଷ୍ଠୀଙ୍କ ନିକଟରେ ଖୁସି ଖବରଟା ପହଞ୍ଚାଇବାକୁ ସେ ବିଳମ୍ବ କଲେନାହିଁ । ସକାଳେ ବାବୁ ଓ ପିଲାମାନେ ବାହାରି ଗଲାପରେ ପଡ଼ିଶାଘରେ ବସି ସବୁ ଯୋଜନା ହେଲା । ଦିଲ୍ଲୀରେ କଣ ଅଛି ନ ଅଛି ସବୁ ପଣ୍ଡାବାବୁଙ୍କ ସ୍ତ୍ରୀ ଜଣେଇ ଦେଲେ । ସବୁ ଶୁଣି ଶୁଣି ସୁଲୋଚନା ଦେବୀ ଅଧିକରୁ ଅଧିକ ଉତ୍ସାହିତ ହୋଇ ପଡୁଥିଲେ । ରାଜ୍ୟ ବାହାରକୁ ବୋଧହୁଏ ଏଇଟା ତାଙ୍କର ପ୍ରଥମ ଯାତ୍ରା ହେବାର ଥିଲା ତେଣୁ ସେ ନିଜକୁ ଭଲ ଭାବରେ ପ୍ରସ୍ତୁତ କରିବାକୁ ଚାହୁଁଥିଲେ ।

ଅନ୍ୟମାନେ ନିଜ ନିଜ ମତ ଦେଉଥିଲେ, କେହି କେହି କହିଲେ, "ତମେ ଭାରି ଭାଗ୍ୟବତୀ । ଆମ ସ୍ୱାମୀ ଆମକୁ ନେଇ କୁଆଡ଼େ ଯାଆନ୍ତି ନାହିଁ । ତମେ ତ ଦିଲ୍ଲୀ ଯାଉଛ ।"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏମିତି କଥା ଶୁଣିବା ବେଳକୁ ସୁଲୋଚନା ଦେବୀଙ୍କ ଆଖିରେ ସତ୍ୟବାନ ବାବୁଙ୍କ ପାଇଁ ଶ୍ରଦ୍ଧା ଆଉ ସମ୍ମାନ ଝଲସି ଉଠୁଥିଲା । ଦ୍ୱିପହର ବେଳକୁ ସଭା ସାରିଦେଇ ନିଜ ଘରକୁ ଫେରିବା ବେଳକୁ ପଣ୍ଡାବାବୁଙ୍କ ସ୍ତ୍ରୀ କହିଲେ, "ଦିଲ୍ଲୀ ଦେଖିଲା ଭଳିଆ ଯାଗା ଟେ । ମାତ୍ର ବହୁତ ଖର୍ଚ୍ଚ । ତମ ପିଲା ଦି'ଟା ତ ସାନ ଅଛନ୍ତି ତେଣୁ ବେଶୀ ଖର୍ଚ୍ଚ ହେବନି । ନହେଲ ଖାଲି ହୋଟେଲରେ ରହିବା ପାଇଁ ରାତିକ ଦି'ହଜାର ଟଙ୍କାରୁ ଅଧିକ । ଖାଇବା ଖର୍ଚ୍ଚ ନ କହିଲେ ଭଲ । ତମେ ହାତଖର୍ଚ୍ଚ ପାଇଁ ପାଞ୍ଚ ଦଶହଜାର ଧରିଥିବ ନହେଲେ କିଛି ହେଲେ କିଣାକିଣି କରି ପାରିବନି ।"

ଘରକୁ ଫେରିବା ବେଳକୁ ସୁଲୋଚନାଙ୍କ ମୁହଁରେ କଳା ମେଘ ଘୋଟି ଆସିଥିଲା । ବାବୁ କହିଛନ୍ତି ଆମେ ସମସ୍ତେ ଯିବା । ସମସ୍ତେ କହିଲେ ଶାଶୁଶଶୁର ବି ଯିବେ ? ଯଦି ସେମାନେ ଯିବେ ତାହେଲେ ଖର୍ଚ୍ଚ ବହୁତ ହେବ । ବୟସ୍କ ଲୋକ ଯାଇ କଣ କରିବେ ? କୋଉ ଚାଲି ପାରୁଛନ୍ତି ? ଯଦି ବୁଲାବୁଲି ସମୟରେ ସେମାନଙ୍କ ଦେହପା କିଛି ହେଲା ତା ହେଲେ ସବୁ ବୁଲାବୁଲି ବରବାଦ୍ ହେଇଯିବ । ସେମାନେ ଘରେ ଥାଆନ୍ତୁ ବରଂ । ଦିନ ସାରା ଏଇ କଥା ସୁଲୋଚନାଙ୍କ ମୁଣ୍ଡକୁ ବାନ୍ଧି ରଖିବା । ସନ୍ଧ୍ୟା ହେଉ ହେଉ ମୁଣ୍ଡ ବ୍ୟଥା ଆରମ୍ଭ ହୋଇଯାଇଥିଲା ।

ସତ୍ୟବାନ ବାବୁ ଘରକୁ ଫେରିବା ବେଳକୁ ଚା କପଟିରେ ଧରେଇ ଦେଇ ସୁଲୋଚନା ତାଙ୍କ ପାଖ ପାଖରେ ବସିଲେ । ସେ ଏମିତି କେବେ କରନ୍ତି ନାହିଁ । ଅନେକ କାମ ଅଛି କହି ଚା ଦେଇ ଚାଲିଯିବା ଲୋକ ଆଜି ନିରବରେ ବସିଛି ମାନେ କିଛି କହିବାର ଅଛି । ସତ୍ୟବାନ ବାବୁ ସବୁ ଜାଣିଗଲେ ଆଉ ପଚାରିଲେ, "କଣ ହେଲା ? ଚିନ୍ତାରେ ରହିବା ଭଳି ଲାଗୁଛ ? ଦେହ ଭଲ ଲାଗୁନି କି ?"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁଲୋଚନା ଦେବୀ କଥା ବାଆଁରେଇବାକୁ ଚେଷ୍ଟା କରିଲେ କିନ୍ତୁ ପୁଣି କହିଲେ, "କେତେଦିନ ପାଇଁ ଦିଲ୍ଲୀ ଯିବା ? କୋଉଠି ରହିବା ? କେମିତି ଯିବା ?" ସତ୍ୟବାନ ବାବୁ କହିଲେ, "ଦେଖୁଛି, ବେଶୀଦିନ ତ ଛୁଟି ନାହିଁ । ତେଣୁ ଭାବୁଛି ସପ୍ତାହଟେ ପାଇଁ ହିଁ ଯିବା । ଟ୍ରେନ୍ ଟିକେଟ୍ କରିବାପାଇଁ କହିଦେଇଛି । ରବିବାର ଏଇଠୁ ବାହାରିଲେ ମଙ୍ଗଳବାର ଦିଲ୍ଲୀରେ ପହଞ୍ଚିବା । ସେଇଠୁ ସୋମବାର ବାହାରିଲେ ଏଠି ବୁଧବାର ବେଳକୁ ପହଞ୍ଚିବା । ଦଶଦିନ ସେମିତି ହେଇଯିବ । ଦଶହରାରେ ଛୁଟିଟା ବିତିଯିବ । ଆଉ ରହିବା କଥା ଭାବିନି । ଆମ ଅଫିସର ପାଢ଼ୀବାବୁ ଗଲାବର୍ଷ ଦିଲ୍ଲୀ ଯାଇଥିଲେ, ତାଙ୍କଠୁ ଠିକଣା ନେଇଯିବା । ରହିବା ପାଇଁ ଅସୁବିଧା ହେବନି ।"

- ଏତେ ଗୁଡ଼ାଏ ଖର୍ଚ୍ଚ ହେବ ନା ?

- ହଁ, ଖର୍ଚ୍ଚ ତ ହେବ । ଦଶଦିନ ପାଇଁ ବାହାରକୁ ଯିବା କହିଲେ ଅନ୍ୟୁନ ମାସକର ଦରମା ତ ଖର୍ଚ୍ଚ ହେବ ହିଁ ।

- ଫେରିଲା ପରେ କୁମାର ପୂର୍ଣ୍ଣିମୀ ଅଛି । ସମସ୍ତଙ୍କ ପାଇଁ ନୁଆ ପୋଷାକପତ୍ର କରିବାକୁ ପଡ଼ିବ ।

- ଦିଲ୍ଲୀରେ ପୋଷାକପତ୍ର ଶସ୍ତା ବୋଲି ଶୁଣିଛି । ଯଦି ହେବ ସେଇଠୁ ନେଇ ଆସିବା ।

- ନାଇଁ ମୁଁ କଣ କହୁଥିଲି କି.... ସୁଲୋଚନା ଦେବୀ ନିଜ କଥାକୁ ଅଧାରେ ରଖିଦେଲେ ଆଉ ସତ୍ୟବାନ ବାବୁଙ୍କୁ ଚାହିଁଲେ । ସତ୍ୟବାନ ବାବୁ ଖବର କାଗଜର ପୃଷ୍ଠାରେ ଧ୍ୟାନମଗ୍ନ ଥାଇ ପଚାରୁଥିଲେ;

- ହଁ କୁହ ।

- ଏତେ ଗୁଡ଼ାଏ ଖର୍ଚ୍ଚ ହେଲେ, ତମ ଉପରେ ଅଧିକ ଚାପ ପଡ଼ିଯିବ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସତ୍ୟବାନ ବାବୁ କିଛି ସମୟ ନିରବ ରହିଲେ ଆଉ କହିଲେ, "ତା ହେଲେ କଣ କହୁଛ ? କାର୍ଯ୍ୟକ୍ରମ ବନ୍ଦ କରିଦେବା ?"

- ନା, ବନ୍ଦ କରିବାକୁ ମୁଁ କହୁନି । ମୁଁ କଣ କହୁଥିଲି କି, ବାପାବୋଉ ତ ବୟସ ଅଧିକ ହେଲାଣି, ସେମାନଙ୍କୁ ସାଥିରେ ନେଇ ଯିବା କଣ ଦରକାର । ସେମାନେ ହଇରାଣ ହେବେ । ସେମାନେ ଘରେ ଥାଆନ୍ତୁ, ଆମେ ପିଲାଙ୍କୁ ନେଇ ଗଲେ ଚଳିବନି ? ଆଉ ଖର୍ଚ୍ଚ ବି ଅଧା ପାଖା ପାଖି ହେଇଯିବ ।

- ହୁଁ, ହଉ । ଦେଖ ଯଦି ତୁମେ କହୁଛ । ଚାଲ ସେମିତି କରିବା । ବାପାବୋଉ ଘରେ ଥାଆନ୍ତୁ । ଆମେ ବୁଲି ଆସିବା । ଖବର କାଗଜକୁ ଧ୍ୟାନ ଦେଇ ପଢୁଥିବା ବେଳେ ସତ୍ୟବାନ ବାବୁ ଏହା କହିଲେ ।

ସୁଲୋଚନା ଦେବୀଙ୍କୁ ଲାଗିଲା ସେ ଯୁଦ୍ଧ ଜିତିଯାଇଛନ୍ତି । ଏବେ ଆଉ ତାଙ୍କ ମନରେ କିଛି ଚିନ୍ତା ନଥିଲା । ବାପାବୋଉ ନ ଗଲେ ଖର୍ଚ୍ଚ ଅଧା କମ ହେଇଯିବ । ସେ ଅଧିକ ଖର୍ଚ୍ଚ କରିପାରିବେ । ସେ ଏମିତି ଭାବୁଥିଲା ବେଳେ ସତ୍ୟବାନ ବାବୁ କହିଲେ, "ମୁଁ ଭାବୁଥିଲି ଯଦି ବାପାବୋଉ ଆମ ସହିତ ବୁଲିବାକୁ ଯାଆନ୍ତେ ତା ହେଲେ କୁନାମୁନା ଖୁସି ହୁଅନ୍ତେ । ହଉ ଛାଡ଼, ଯଦି ତମେ ଭାବୁଛ ସେମାନେ ନଗଲେ ଭଲ, ତାହା ବି ଠିକ୍ ଅଛି । ତୁମେ କହୁଛ ଯଦି ନିଶ୍ଚୟ କିଛି ଚିନ୍ତା କରି କହିଥିବ ।"

ସୁଲୋଚନା ଦେବୀ କଥା ଶୁଣିଦେଇ ଖୁସି ହେବାଭଳି ସୁନ୍ଦର ଅଭିନୟଟିଏ କରିଦେଇ ସାମନାରେ ଥୁଆ ହୋଇଥିବା ଚା କପଟିକୁ ଧରି ଚାଲିଯିବାକୁ ବାହାରିବା ବେଳେ ସତ୍ୟବାନ ବାବୁ କହିଲେ, "ଗୋଟେ କଥା କହିବି ଶୁଣିଦେଇ ଥାଅ । କୁନା ଆଉ ମୁନା ଏବେ ପିଲା ଅଛନ୍ତି । ଯାହା ଦେଖିବେ ଶିଖିବେ । ଯେତେବେଳେ ସେମାନେ ବଡ଼ ହେଇଯିବେ ଆଉ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନେ ନିଜ ପରିବାର ନେଇ ବୁଲିବାକୁ ବାହାରିବେ ସେତେବେଳେ ଆମେ ବି ବାପାବୋଉ ବୟସର ହୋଇଯାଇଥିବା । ଆଉ ହୁଏତ ସେମାନେ ଭାବିବେ ଯେ ପିଲାଦିନେ ବାପାମା ଆମକୁ ନେଇ ବୁଲିଯାଉଥିଲେ ତେଣୁ ସେମାନେ ନିଜ ପିଲାଙ୍କୁ ନେଇ ବୁଲିଯିବେ । ସେମାନେ ବି ଭାବିବେ କାହିଁକି ବାପାବୋଉଙ୍କୁ ସାଙ୍ଗରେ ନେଇଯିବା । ବହୁତ ଗୁଡ଼ାଏ ଖର୍ଚ୍ଚ ହେବ । ଆମକୁ ଘରେ ଛାଡ଼ିଦେଇ ସେମାନେ ବୁଲିଯିବେ । ତମ ଗେହ୍ଲା ପୁଅକୁ ତମେ କହିବି ପାରିବନି ଯେ ମୋତେ ସାଙ୍ଗରେ ନେଇ ବୁଲିବାକୁ ଯାଆ, ସେ କହିବ, ତୁ ଜେଜେବାପାଙ୍କୁ ନେଇ ଯାଇଥିଲୁ କି ? ସେତେବେଳେ ତମେ ମୋ ଆଗରେ ଲୁହ ଝରେଇବନି କିମ୍ବା ମୋତେ ଅଭିଯୋଗ କରି କହିବନି ସେମାନେ କାହିଁକି ଆମକୁ ସାଙ୍ଗରେ ନେଲେନି ବୋଲି ! ! ! ”

ସୁଲୋଚନା ଦେବୀ ମୂର୍ତ୍ତିପରି ସ୍ଥିର ହୋଇ ସେଇଠି ଠିଆ ହୋଇଗଲେ । ଆଖିରୁ ଦିଧାର ଲୁହ ବୋଲ ନମାନି ଝରିଗଲା । ଲାଗିଲା ସତେ ଯେମିତି ବାପାବୋଉ ସ୍ଥାନରେ ସେ ଆଉ ସତ୍ୟବାନ ବାବୁ ଅଛନ୍ତି । ପାଦତଳୁ ଜମି ଖସିଗଲା ପରି ଲାଗିଲା । ନିଜର ଅତିପ୍ରିୟ ପୁଅ ଯଦି ସତରେ ସେମିତି କରିବ ସେ ବଞ୍ଚିପାରିବେ ତ ? ସତରେ ମୁଁ କେତେ ନିର୍ବୋଧ ଥିଲି । କେମିତି ଅନ୍ୟର ପ୍ରରୋଚନାରେ ନିଜ ଭବିଷ୍ୟତ କଥା ଚିନ୍ତା ନ କରି ଏତେବଡ଼ ଭୂଲ କରିବାକୁ ବାହାରିଥିଲି । ସେ ସତ୍ୟବାନ ବାବୁଙ୍କୁ ଚାହିଁଲେ ।

ସତ୍ୟବାନ ବାବୁଙ୍କ ମୁହଁରେ ସ୍ମିତହସ ଥିଲା । ସେ ସୁଲୋଚନା ଦେବୀଙ୍କ ହାତକୁ ଧରି ପାଖରେ ବସେଇ କହିଲେ, “ତମକୁ କେହି ଅବହେଳା କଲେ ମୁଁ ବଞ୍ଚିପାରିବି ? ତମ ଭବିଷ୍ୟତ ପାଇଁ ମୁଁ ଏଇ ସବୁ କରୁଛି ନା । ଆମର ଆଜିର କର୍ମ ହିଁ ଆମ ପିଲାମାନଙ୍କ ଭବିଷ୍ୟତର କର୍ମରେ ପ୍ରତିଫଳନ ହେବ । ଆମେ ଯାହା କରିବା ସେମାନେ ବି ସେଇଆ କରିବେ । ଆମେ ଯେତେବେଳେ ପିଲା ଥିଲୁ ସେତେବେଳେ ଛୁଟିରେ ଆମେ ସବୁ ମିଶି

 Magazine Downloaded from www.aahwaan.com

ବୁଲିଯାଉଥିଲୁ । ବାପା ସବୁ ବ୍ୟବସ୍ଥା କରୁଥିଲେ, ଖର୍ଚ୍ଚ ବି କରୁଥିଲେ କିନ୍ତୁ ସାଥିରେ ଜେଜେବାପା ଆଉ ମା ଯାଉଥିଲେ । କେବେ ବି କେଉଁଠି ବି ସେ ଆମକୁ ଅନୁଭବ ହେବାକୁ ଦେଉନଥିଲେ ଯେ ଜେଜେବାପା ଆଉ ମା ଆମ ଉପରେ ବୋଝ ବୋଲି । ବହୁତ ଭଲ ଲାଗୁଥିଲା ସମସ୍ତେ ମିଶି ବୁଲିଯିବା । ଜେଜେବାପା ଆଉ ମା ଶେଷ ସମୟ ପର୍ଯ୍ୟନ୍ତ ଆମ ସହିତ ବୁଲିବାକୁ ଯାଉଥିଲେ । ମୁଁ ବି ସେଇୟା ହିଁ କରୁଛି । ଯଦି ଆମ ପିଲାମାନେ ଯୋଗ୍ୟ ହେବେ ତ ସେମାନେ ବି ଆମକୁ ବୁଢ଼ାବୁଢ଼ୀ ସମୟରେ ସାଥିରେ ନେଇ ବୁଲିଯିବାକୁ ମନ କରିବେ ।”

ଆଖିରୁ ଲୁହ ପୋଛି ଦେଇ ରୋଷେଇଘରକୁ ଯାଉଥିବା ବେଳେ ସୁଲୋଚନା ଦେବୀ କହୁଥିଲେ, “ମୁଁ କେତେବଡ଼ ପାପ କରିବାକୁ ଯାଉଥିଲି । ହେ ଭଗବାନ, ମୋତେ କ୍ଷମା ମିଳିବ ? ତମେ ମତେ ବଞ୍ଚେଇଦେଲ ।”

ସମ୍ପାଦକ, ଆହ୍ୱାନ ଇ-ପତ୍ରିକା
ବୀମାନଗର, ବ୍ରହ୍ମପୁର, ଓଡ଼ିଶା
ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନ ରାଇଜର ସନ୍ଦୀପ



ଉଦୟ ଭାନୁ ରାଉତ

ସେଦିନ ଶିବରାତ୍ରି, ପ୍ରବଳ ଭିଡ଼ ଜମିଥାଏ ମନ୍ଦିରରେ । ସନ୍ଦୀପ ମଧ୍ୟ ଯାଇଥାନ୍ତି ମନ୍ଦିରକୁ । ମନ୍ଦିରରେ ଦୀପ ଜାଳି ଠାକୁରଙ୍କୁ ଦର୍ଶନ କରି ମନ୍ଦିର ପରିସରରୁ ବାହାରକୁ ଆସୁଥିବା ବେଳେ ହଠାତ ଦେଖା ହୋଇଗଲା ତାଙ୍କ ଅତୀତର ସ୍ମୃତି "ସୋନୁ"ଙ୍କ ସହିତ । ସୋନୁ ଥିଲା ସନ୍ଦୀପଙ୍କ ଛାତିର ସ୍ପନ୍ଦନ ମନର ମାନସୀ, ଆଉ ତାଙ୍କ ହୃଦୟର ଫୁଲେଇ ରାଣୀ । ଯାହାକୁ ସେ ପ୍ରାଣଠୁ ବଳି ଭଲ ପାଉଥିଲେ, ଯାହାକୁ ନେଇ ଦେଖିଥିଲେ କେତେ ଯେ ମିଠା ମିଠା ରଙ୍ଗୀନ୍ ସ୍ୱପ୍ନ । ହେଲେ ସନ୍ଦୀପଙ୍କ ସବୁ ସ୍ୱପ୍ନ ସ୍ୱପ୍ନରେ ହିଁ ରହିଯାଇଥିଲା । ଆଉ ଗଢି ତୋଳିଥିବା ଛୋଟ ବାଲିଘରକୁ ସମୁଦ୍ରର ଢେଉ ଆସି ଭାଙ୍ଗିରୁଜି ଚୂର ମାର କରି ଚାଲି ଯାଇଥିଲା ।

ସୋନୁକୁ ଦେଖିବା ମାତ୍ରେ ସବୁ କଥା ଗୋଟି ଗୋଟି କରି ଆଖି ଆଗରେ ନାଚି ଯାଉଥିଲା ସନ୍ଦୀପଙ୍କର । ସୋନୁ ସହିତ ବିତେଇଥିବା ଅନ୍ତରଙ୍ଗ ମୁହୂର୍ତ୍ତ, ହାଇସ୍କୁଲ୍ ଠୁ ଆରମ୍ଭ କରି କଲେଜ କ୍ୟାରିୟର ପର୍ଯ୍ୟନ୍ତ ସବୁ କିଛି କାଲି ପରି ମନେ ହଉଥିଲା । କିନ୍ତୁ ଏହା ଭିତରେ ଅତିକ୍ରମ କରି ସାରିଥିଲା ପାଞ୍ଚ ବର୍ଷ ।

ଅତୀତକୁ ସ୍ମରଣ କରୁ କରୁ ଆଖି କୋଣରେ ଲୁହ ଆସିଯାଇଥିଲା । ସତ ଚେଷ୍ଟା କରି ମଧ୍ୟ ସେ ଲୁହକୁ ଅଟକାଇବାରେ ବିଫଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଥିଲେ । ସେ ଲୁହରେ ଲୁଚି ରହିଥିଲା ଅନେକ ଅଭୁଲା ଅତୀତ । ସନ୍ଦୀପ ମନେ ମନେ କହୁଥିଲେ ସବୁଦିନ ତୋ ପାଇଁ ଆଖିରୁ ଲୁହ ବୋହିବା ଅପେକ୍ଷା ଏକା ଦିନେ ସବୁ ଲୁହ ବୋହିଯିବା ବହୁତ ଭଲ ହେବ । ଆଉ, ଭାବୁଥିଲେ ସେ ଦିନର ସୋନୁ ଆଉ ଆଜିର ସୋନୁ ଭିତରେ ବେଶ ଆକାଶ ପାତାଳ ଫରକ୍ ।

ସୋନୁ ପୂର୍ବ ଅପେକ୍ଷା ଆହୁରି ଅଧିକ ସୁନ୍ଦର ଦେଖା ଯାଉଥିଲା । ଦେହରେ ଲାଲ ରଙ୍ଗର ପାଟ ଶାଢ଼ୀ ମ୍ୟାଚିଂ ବ୍ଲାଉଜ୍, ହାତରେ ଶଙ୍ଖା ସହିତ ରଙ୍ଗ ବେରଙ୍ଗର ଚୁଡି, ମଥାରେ ତାର ନାଲି ସିନ୍ଦୂର, ପୁଣି ରୂପା ପାଦରେ ତା ନାଲି ଅଳତାର ଗାର । ତାର କଳା କଳା ରେଶମୀ କେଶ, ତା ପୁରିଲା ପୁରିଲା ଆଖି ସାଙ୍ଗକୁ ଗୋଲାପି ରଙ୍ଗର ଓଠ । ଖାଣ୍ଟି ଓଡ଼ିଆ ଘରର ଲାଲ୍ ଟୁକୁ ଟୁକୁ ସାଧବ ବୋହୂ ପରି ଲାଗୁଥିଲା । ଝିଅ ବେଶ ଠାରୁ ବୋହୂ ବେଶରେ ଅଧିକ ସୁନ୍ଦର୍ ଦେଖା ଯାଉଥିଲା ସୋନୁ ।

ସେଦିନ ସୋନୁ ଅପଲକ ନୟନରେ ଚାହିଁ ରହିଥିଲା ସନ୍ଦିପଙ୍କୁ । ସୋନୁର ଆଖିର ଭାଷାକୁ ବୁଝିବାକୁ ସେଦିନ ବେଶି ସମୟ ଲାଗିନଥିଲା ସନ୍ଦୀପଙ୍କୁ । ଯାହା କହିବା ପାଇଁ ସୋନୁ ଏତେ ଦିନ ଧରି ଚାହିଁ ବସିଥିଲା, ଆଉ କଥା ହେବା ପାଇଁ ବି ସୁଯୋଗ ଖୋଜୁଥିଲା । ସନ୍ଦୀପ ଠିକ ବୁଝିପାରୁଥିଲେ । ହେଲେ ଏତେ ଲୋକ ଗହଳି, କେମିତି ସାମ୍ନା କରିବେ ସୋନୁକୁ ! ଯଥା ଶୀଘ୍ର କାମ ସାରି ଚାଲି ଆସିଲେ ସନ୍ଦୀପ । ମନେ ମନେ ଭାବୁଥାନ୍ତି ଏକା ଏକା ଭଲରେ ଥିଲି । କାହିଁକି ଦେଖା ହେଲା ତା ସାଙ୍ଗରେ ? ସତରେ କଣ... ସୋନୁ ମୋତେ ଭୁଲି ନାହିଁ... ! ଏବେବି ମୋତେ ମନେ ରଖିଛି ? ମୋ ପ୍ରତି ଥିବା ଭଲପାଇବା ଏଯାଏଁ କଣ ତା ମନରୁ ଲିଭିନି ? ଏମିତି ନାନା ପ୍ରକାର ପ୍ରଶ୍ନ ଉଙ୍କି ମାରୁଥାଏ ସନ୍ଦୀପଙ୍କ ମନରେ ।

ସେଇ ସୋନୁ ତ ଯିଏ କହୁଥିଲା ମୋ ପାଇଁ କଣ ତୁମ ପାଖରେ ଟିକିଏ ହେଲେ ବି ସମୟ ନାହିଁ । ବାପାମାଆଙ୍କର ଗୋଟିଏ ବୋଲି ଝିଅ ଥିଲା ସୋନୁ । ତେଣୁ କରି ବହୁତ୍

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଗେହ୍ଲାରେ ବଢ଼ିଥାଏ । ସୋନୁ ଟିକେ ରାଗି ଆଉ ଜିଦଖୋର୍ ଝିଅ । ତା ରାଗ ବି ବେଶି ସମୟ ପାଇଁ ନୁହେଁ । ତା ମନରେ ବି କିଛି ନ ଥାଏ । ମୋ ସାଙ୍ଗେ ଝଗଡା କରି କିଛି ସମୟ ରାଗି କରି କଥା ହବନି ପୁଣି କିଛି ସମୟ ପରେ, ଫୋନ କରି କହିବ, ତମ ସାଙ୍ଗେ ରାଗି କଥା ନ ହୋଇ କଣ ମୁଁ ରହିପାରିବି । ଝଗଡା କରି ବି ପର ମୁହୁର୍ତ୍ତରେ ମନେଇ ନଉଥିଲା ।

ଏମିତି ଅନେକ କିଛି ଭାବି ନିଦରେ ଆଖି ଲାଖି ଯାଇଥାଏ, ଜାଣି ପାରିନଥିଲେ ସନ୍ଦୀପ । କିଛି ସମୟ ପରେ ଫୋନ ରିଂଗ ହେଲା । ସେହି ଶବ୍ଦରେ ନିଦଟା ବି ଭାଙ୍ଗିଗଲା । ସନ୍ଦୀପ ଯାଇ ଫୋନ୍ ଦେଖିଲେ, ଗୋଟେ ଅଜଣା ନମ୍ବରରୁ କଲ ଆସିଛି... ? ସନ୍ଦୀପ ଫୋନ ରିସିଭ୍ କଲେ ?.. କହିଲେ ହଲ୍ଲୋ ସେପଟୁ ଧୀର ସ୍ୱରରେ ଭାସି ଆସିଲା.. ହେଲ୍ଲୋ ! ସ୍ୱରଟି ବେଶ୍ ପରିଚିତ ବୋଲି ଲାଗୁଥିଲା ସନ୍ଦୀପଙ୍କୁ । ସତରେ କଣ ଇଏ ସୋନୁର ସ୍ୱର୍, ନା ସେ ବି କାହିଁକି ଫୋନ କରିବ.... । ସେଦିନ ବିଶ୍ୱାସ କରିପାରି ନଥିଲେ ନିଜକୁ ।

ସେ ପଟୁ କଣ୍ଠ ସ୍ୱର ଭାସି ଆସିଲା ମୁଁ ସୋନୁ କହୁଥିଲି, ଶୁଣି ସାରିବା ପରେ ପାଦ ତଳର ମାଟି ଖସିଗଲା ପରି ଲାଗିଲା, ଛାତି ଭିତରଟା କଣ ହେଇ ଯାଉଥିଲା । ସତରେ କଣ ସୋନୁ ମୋତେ ଭୁଲି ନଥିଲା । ଏମିତି ଅନେକ କଥା ମନକୁ ଆସୁଥାଏ... । ଛୋଟ ପିଲାଙ୍କ ପରି ଭୋ- ଭୋ ହୋଇ କାନ୍ଦୁଥାଏ ସୋନୁ । ମୁଁ କହିଲି କଣ ହୋଇଛି ତ ଆଗେ କହ.. । କିଛି ବି କହୁ ନଥାଏ... ।

ମୁଁ ବୁଝେଇକି କହିଲି... ଛି... ଛୋଟ ପିଲାଙ୍କ ପରି କଣ ହଉଛ । କାନ୍ଦ ବନ୍ଦ କର... । ମୋ କଥାମାନି ଚୁପ୍ ରହିଲା । ମୁଁ କହିଲି ସୋନୁ ତମେ ଏବେ ବି ମୋ ନମ୍ବର୍ ରଖିଛ ।

ଜାଗର ପାଇଁ ଗାଁକୁ ବୁଲି ଆସିଥାଏ ସୋନୁ । ପଚାରିଲି ଆଉ କିଏ କିଏ ଆସିଛନ୍ତି, ସୋନୁ କହିଲା ମୁଁ ମୋ ପୁଅ ଆଉ ମୋ ସ୍ୱାମୀ । ସୋନୁ କହିଲା ମୋ ସ୍ୱାମୀ ଆମ ଦୁଇ ଜଣଙ୍କୁ ଆମ ଘରେ ଛାଡ଼ି କିଛି ସମୟ ରହି ଚାଲିଗଲେ କାର ନେଇ.. । ମୁଁ ପଚାରିଲି କେମିତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଛ । ଆଉ କିଏ କିଏ ତୁମ ଶାଶୁଘରେ ଅଛନ୍ତି । ଶଶୁର, ଶାଶୁ, ନଣନ୍ଦ ବାହା ହୋଇ ଯାଇଛି । ସାନ ଦିଅର ହଷ୍ଟେଲରେ ରହି ପଢୁଛନ୍ତି, ଛୁଟିରେ ଘରକୁ ଆସନ୍ତି ।

ସ୍ୱାମୀ ଜଣେ ବଡ ବିଜିନେସମ୍ୟାନ ବହୁତ୍ ବଡ ଘର ଅଛି ତାଙ୍କର । ତା'ଛଡା ଭୁବନେଶ୍ୱରରେ ଦୁଇ ଦୁଇଟା ଫ୍ଲାଟ୍, ଦାମୀଦାମୀ କମ୍ପାନୀର କାର, ଟଙ୍କା, ପଇସା କୌଣସିରେ ଅଭାବ ନାହିଁ । ସ୍ୱାମୀ ସବୁବେଳେ ନିଜ ବ୍ୟବସାୟକୁ ନେଇ ସବୁବେଳେ ବ୍ୟସ୍ତ । ମୋ ପାଇଁ ତାଙ୍କର ଟିକେ ବି ସମୟ ନାହିଁ । ଘରର ଚାରିକାନ୍ଥ ଭିତରେ ରହି ରହି ମୁଁ ଅଣନିଶ୍ୱାସୀ ହୋଇ ପଡ଼ିଲିନି । ସତରେ ମୁଁ ଗୋଟିଏ କଥା କୁହା କାଠ କଣ୍ଢେଇ ପାଲଟି ଯାଇଛି ସମସ୍ତଙ୍କ ପାଇଁ । ନିଜ କାମ ଛଡା ପିଲାର ଭଲ ମନ୍ଦ ବୁଝିବା, ଶାଶୁ, ଶଶୁର ବୁଢ଼ା ବୁଢ଼ୀ ହେଲେଣି ତାଙ୍କ ଖବର ବୁଝୁ ବୁଝୁ ଦିନ ଚାଲି ଯାଇଥାଏ । ସ୍ୱାମୀ ବି ପ୍ରାୟତଃ ସବୁବେଳେ ବ୍ୟସ୍ତ ଥାନ୍ତି ତାଙ୍କ ବ୍ୟବସାୟକୁ ନେଇ । ତାଙ୍କର ବିଜିନେସ ଭଲ ତ ସେ ଭଲ । ଘରକୁ ଫେରିବାର କିଛି ନିର୍ଦ୍ଦିଷ୍ଟ ସମୟ ସୀମା ନଥାଏ । ଦିନେ ଦିନେ ରାତିରେ ବହୁତ୍ ଡେରିରେ ଆସନ୍ତି, ଆଉ କୁହନ୍ତି... ସୋନୁ ତମେ ଏ ଯାଏଁ ଶୋଇନ, ମୁଁ ହୋଟେଲ୍ ରୁ ଖାଇକି ଆସିଛି ମୋ ପାଇଁ ବ୍ୟସ୍ତ ହେବାର ନାହିଁ ତମେ ଖାଇକି ଶୋଇପଡ । ଏମିତି ଅନେକ କଥା କହିଗଲା, ମୁଁ ଶୁଣୁଥାଏ ।

ତା ପରେ ଆରମ୍ଭ କଲା ତା ଛାତି ତଳେ ଚାପି ରଖିଥିବା ଅକୁହା କଥା ଯାହା ପାଇଁ ତାକୁ ବାରମ୍ବାର ଜଳିବାକୁ ପଡୁଥିଲା ପ୍ରତିଟି ମୁହୂର୍ତ୍ତରେ ।

ସୋନୁ- କାହିଁକି ତମେ ଏତେ ଜଲଦି ଭୁଲିଗଲ... ? ?

ସନ୍ଦୀପ- ମୁଁ ତୁମକୁ ଏବେ ବି ଭଲ ପାଉଛି, ଏବେ ବି ତମେ ମୋ ଛାତିରେ ଘର କରି ଅଛ । ସେତେବେଳେ ମୁଁ ଚାକିରୀ ସନ୍ଧାନରେ ମୁମ୍ବାଇ ଚାଲି ଆସିଲି । ଶୁଣିବାକୁ ପାଇଲି ତମର ବାହାଘର ଠିକ୍ ହୋଇଯାଇଛି । ଅନେକ ଥର ତମ ଫୋନ୍ କୁ ଚେଷ୍ଟା କରିଛି କିନ୍ତୁ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ତୁମ ଫୋନ ସ୍ୱିଚ୍ ଅଫ୍ ଥାଏ । କଣ ବା ମୁଁ କରିଥାଆନ୍ତି ।

ସୋନୁ- ମୁଁ ବି ତମକୁ ଅନେକ ଥର କହିଛି, ତମେ ମୋତେ ନେଇଯାଅ, ଆମ ଘରେ ମୋ ବାହାଘର ପାଇଁ ପୁଅ ଦେଖିଲେଣି.. । କିନ୍ତୁ ତମେ..... !

ସନ୍ଦୀପ- କଣ୍ ଆଉ କରିଥାନ୍ତି, ମୁଁ ଘରର ବଡ଼ ପୁଅ । ଘରର ସବୁ ଦାୟିତ୍ୱ ମୋ ଉପରେ ନିର୍ଭର କରୁଥିଲା । ସେତେବେଳେ ମୁଁ ନିଜେ ବି ରୋଜଗାର କରିନଥିଲି । ଘରେ ଏ ବିଷୟରେ କହିବାକୁ ବି ସାହସ ନଥିଲା । ଜାଣିଥିଲି ଘରେ କେବେ ବି ରାଜି ହେବେନି । କାରଣ ତମ  କାଷ୍ଟ ଆମ କାଷ୍ଟ ସମାନ ନୁହେଁ । ଲୁଚି ଛପି ବାହା ହୋଇଯିବା ବି ମୋର ଆଦୌ ପସନ୍ଦ ନଥିଲା ।

ତମ ଘରେ ବି ତ କେହି ରାଜି ନଥିଲେ କାରଣ ମୋର ସେମିତି ରୋଜଗାର ନଥିଲା । ମୋ ବାପାମାଙ୍କୁ ସିନା ଯେମିତି ଉପାୟରେ ହଉ ମୁଁ ବୁଝାଇ ଦେଇଥାନ୍ତି,  ତୁମ ଘରଲୋକଙ୍କୁ କେମିତି ବୁଝାଇଥାନ୍ତି ? ହୁଏତ ଟିକେ ସାହସ କରିଥାନ୍ତି ଯଦି ମୁଁ ନିଜକୁ ସେତେବେଳେ ଯୋଗ୍ୟ କରିପାରିଥାନ୍ତି । ଆଉ ସେଇ ସାହସ ଟିକେ ପାଇବା ପାଇଁ ମୁଁ ଘର ଛାଡି ଚାକିରୀ ଅନ୍ୱେଷଣ ରେ ବାହାରିଗଲି ।

ସୋନୁ- ତମେ ଏବେ ପର୍ଯ୍ୟନ୍ତ  ବିବାହା କରିନ ... ?

ସନ୍ଦୀପ- ନାଇଁ ଏ ଯାଏଁ କରିନି,  କରିବି ନାହିଁ ମଧ୍ୟ ଭବିଷ୍ୟତରେ ।

ସୋନୁ - କିନ୍ତୁ କାହିଁକି... ? ?

ସନ୍ଦୀପ- ତୁମରି ଅତୀତର ସ୍ମୃତିକୁ ମନେ ପକେଇ ବାକି ଜୀବନ କାଟିଦେବି । ତୁମେ ମୋ ପାଇଁ ଅପେକ୍ଷା କରି ପାରିଲ ନାହିଁ ସତ, ମୁଁ କିନ୍ତୁ ସାରାଜୀବନ ତୁମକୁ ଅପେକ୍ଷା କରିଥିବି । ଯଦି ସମ୍ଭବ ହୋଇଥାନ୍ତା ମୁଁ ଏବେ ତୁମ ମଥାରେ ସିନ୍ଦୁର ଦେଇ ତୁମକୁ ନିଜର କରିଥାନ୍ତି । କଣ ତୁମ ପକ୍ଷରେ ଏଇଟା ସମ୍ଭବ ? ତୁମେ କଣ ଏବେ ମୋତେ ନିଜର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିପାରିବ ?

ସୋନୁ- ନା.... ମୁଁ ପାରିବିନି ।

ସନ୍ଦୀପ- କିନ୍ତୁ କାହିଁକି.. ? ? ତମେ କଣ ମୋତେ ସ୍ୱାମୀ ରୂପେ ପାଇ ଖୁସି ହବନି.. ।

ସୋନୁ- ହାତରେ ଆଉ କାହାର ଶଙ୍ଖା, ମଥାରେ ଆଉ କାହାର ସିନ୍ଦୂର, ବେକରେ ମଙ୍ଗଳସୂତ୍ର । ସମାଜ ଆଖିରେ ମୁ ଜଣଙ୍କର ସ୍ତ୍ରୀ । ସବୁଠୁ ଉର୍ଦ୍ଧରେ ମୋର ଛୋଟ ପୁଅ ଟିଏ ଅଛି । ମା ହୋଇ ନିଜ ସ୍ୱାର୍ଥ ପାଇଁ ମୁଁ କେମିତି ମୋ ସନ୍ତାନ ର ଖୁସି ଛଡାଇନେବି ?

ସନ୍ଦୀପ- ମୁଁ କିନ୍ତୁ ଅପେକ୍ଷା କରିଥିବି ଶେଷ ନିଶ୍ୱାସ ପର୍ଯ୍ୟନ୍ତ । ଯଦି ତୁମ ସଂସାର ବନ୍ଧନରେ କେବେ ଅଣନିଶ୍ୱାସୀ ହୋଇଯିବ, ଚାଲି ଆସିବ ମୋ ପାଖକୁ । ତୁମକୁ ପାଛୋଟି ନବାପାଇଁ ମୁଁ ହୃଦୟ ଖୋଲି ବସିଥିବି । ଆଉ ଯଦି ସେମିତି କିଛି ନହୁଏ ମୁଁ

ଅପେକ୍ଷା କରିଥିବି ଆର ଜନ୍ମକୁ । ସବୁ ପ୍ରେମର ଅନ୍ତ ଏଇ ଜନ୍ମରେ ଶେଷ ହୋଇନଥାଏ । ମୋ ପ୍ରେମ ତୁମକୁ ଅପେକ୍ଷା କରିଥିବ ଜନ୍ମ ଜନ୍ମ ପାଇଁ...... !

ଦୁହେଁ ଜାଣିପାରିନଥିଲେ କଥାରେ କଥାରେ ରାତି ପାହି କେତେବେଳେ ସକାଳ ହୋଇ ଯାଇଥାଏ ..... ।

ରାତି ପାହି ସକାଳ ହେଲା ପରେ ନୂଆ ଏକ ଜୀବନର ନୂଆ ଏକ ସୂର୍ଯ୍ୟୋଦୟ ଘଟିଛି ସନ୍ଦୀପଙ୍କ ଜୀବନରେ.... ।

ବଡମଙ୍ଗ, କଳସପୁର,

ଆଳି, କେନ୍ଦ୍ରାପଡ଼ା

ମୋ -୮୦୧୮୨୦୨୯୧୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାକିରୀ

ଏବେବି ଚାକିରୀଟିଏ ପାଇଁ ତା ମନରେ ଅବଶୋଷ ରହିଗଲା । ଚାକିରୀ ଛାଡିବାକୁ ଅରୁଣା ର ଇଚ୍ଛା ନଥିଲା ବରଂ ତାକୁ ବାଧ୍ୟ କରା ଯାଇଥିଲା । ଚାକିରୀଟି ଯେ ତାର ସ୍ୱାବଲମ୍ବନଶୀଳତା ର ଖୁମ୍ବ ପରି ଥିଲା କେବଳ ତାହା ନୁହେଁ ଏ ତାର ସ୍ୱାଭିମାନ ର ବତୀ ଖୁଣ୍ଟ ପରି ଥିଲା । ଅନେକ ପ୍ରଚେଷ୍ଟାରେ ସ୍ୱଉଦ୍ୟମରେ ସେ ଚାକିରୀ ଖଣ୍ଡିଏ ପାଇଥିଲା । କାହାର ସାହାଯ୍ୟ ଟିକେ ନଥିଲା, ଏମିତି କି କଥାରେ ମଧ୍ୟ ।

ପାଠ ପଢ଼ା ପରେ ଅନେକ ଦିନ ଚାକିରୀ ଟିଏ ନ ପାଇବା ର ଅଭାବବୋଧ ତାକୁ ଭିତରେ ଭିତରେ ଦଂଶନ କରିଛି । ଏମିତି କି ଘରୁ ବାହାରିବାକୁ ତାକୁ କୁଣ୍ଠାବୋଧ ହେଉଥିଲା । କେଉଁ ତିଥି ବାର, ଓଷା ପୂଜାରେ ବୋଉ ସହ ମନ୍ଦିର ଯିବାକୁ ବି ସେ ପସନ୍ଦ କଲାନି ଧିରେ ଧିରେ । କେବଳ ସେଇ ଗୋଟିଏ ଡର ରେ, କିଏ କାଳେ ପଚାରିବ, "କଣ କେଉଁଠି କିଛି ଚାକିରୀ ହେଲା । " ନା ! ଶୁଣି ସାରିଲେ ପୁଣି ପ୍ରଶ୍ନ, "ତେବେ ଏବେ କଣ କରୁଛ ? " ବଡ଼ କଷ୍ଟ ଦିଏ, ଯେମିତି କଟି ଯାଇ ଥିବା ଜାଗାରେ କିଏ ଲୁଣ ଛିଞ୍ଚି ଦେଲା । କେହି କଣ ବୁଝନ୍ତିନି ଚାକିରୀ ହୋଇ ଯାଇ ଥିଲେ ସେ ଘରେ ନଥାନ୍ତା । କି ପୂଜା ପ୍ରାର୍ଥନା କରିବାକୁ ଅସମୟରେ ମନ୍ଦିର ଆସି ନଥାନ୍ତା ! ଜାଣି ଜାଣି କଷ୍ଟ ଦେବାକୁ ବୋଧେ ଲୋକଙ୍କୁ ଭଲ ଲାଗେ ।



ଅନସୂୟା ପଣ୍ଡା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଇ ଏକା ପ୍ରଶ୍ନ ପଚ୍ଛରୁଥିଲେ ବାହାଘର ପାଇଁ ତାକୁ ଦେଖି ଆସୁଥିବା ପାର୍ଟୀ ମାନେ । ଯଦି କେବେ ମନକୁ ବୁଝେଇଛି ହଁ, ଠିକ କଥା ତ ଏତେ ପାଠ ପଢ଼ିଛି । ଚାକିରୀ ଟା ନଥିଲେ ସମସ୍ତେ ତ ପଚାରି ବେ ! ଏଥିରେ ଭାଙ୍ଗି ପଡିବାରେ କଣ ଅଛି ? " ତା ଭିତରେ ଅବିରତ ବୋହୁଥିବା କ୍ଷତରେ ନିଜେ ମଲମ ଲଗାଇଲା ବେଳେ ପୁଣି କେହି ତା ପାରିବା ପଣର ସୁକ୍ଷ୍ମ ଅଂଶଟିକୁ କେଞ୍ଚି ରକ୍ତାକ୍ତ କରିଦିଏ । "ତାହାଲେ ଏତେ ଭଲ ପାଠ ପଢି ଲାଭ କଣ ? " ସତେ ଯେମିତି ଦୁନିଆରେ ସେ ଗୋଟିଏ ବେକାରିଆ ଅଛି ।

"ସବୁ ଦିନେ ଶୁଣେ, ୟାର ଚାକିରୀ ହେଇ ଗଲା, ସେ ବାହାରକୁ ଯାଇ ମାସକୁ ଦେଢ଼ ଲକ୍ଷ ପାଉଛି । ଗୋଟେ ନୂଆ ମଡେଲ ର କାର କିଣି ସୋସିଆଲ ମିଡିଆରେ ଛାଡ଼ିଛି । ତାର ଏତେ ପଇସା ହେଲା ଯେ ଚାକିରୀ କରୁ କରୁ ଘର ନେଇ ସାରିଲାଣି ବାଙ୍ଗାଲୋରରେ । " ଓଃ ! ମନରେ ଛୁଞ୍ଚି ଫୋଡିଲା ପରି ଲାଗେ । ଧିରେ ଧିରେ ଏ ଭାବନା ତା ମନରେ ବଳବତ୍ତର ହେବାରେ ଲାଗିଲାବୋଧେ ଚାକିରୀ ପାଇଥିବା ଲୋକମାନେ ହିଁ ପାଠ ପଢିଛନ୍ତି ଓ ମେଧାବୀ ।

ବେଳେ ବେଳେ ତାର ଉଦାହରଣ ଦିଆଯାଏ ଅନ୍ୟକୁ ତାକୁ ଉତ୍ସାହିତ କରିବାକୁ ନୁହେଁ ବରଂ ଆହତ କରିବାକୁ । "ଏଇ ଦେଖୁନ ଏତେ ପାଠ ପଢି, ଭଲ ସ୍ଟୁଡେଣ୍ଟ ହୋଇ କେମିତି ଘରେ ବସିଛି ? " କିଏ କୁହନ୍ତି, "ଏ କୋର୍ସ କର, କୋଚିଂ ନେ, କେମିତି ପିଲା ଚାକିରୀ ପାଉଛନ୍ତି ପଚାରେ !" ଉପଦେଶ ଦେବାକୁ କଣ ପଇସା ଟିଏ ଖର୍ଚ୍ଚ ହୁଏ ଯେ କଷ୍ଟ ହେବ । କଣ ପଚାରିବ ଅରୁଣା ? ପଚାରିଲେ କହିବେ "ମୋର ମେଧା ବଳରେ ମୁଁ ପାଇଛି ? ପରିଶ୍ରମର ପୁଣି ଗୋଟେ ମୂଲ୍ୟ ଥାଏନା !" ସତେ ଯେମିତି ସେମାନେ କେବଳ ପରିଶ୍ରମ କରିଥିଲେ ଆଉ କେହି ନୁହେଁ । ବାଜି ଜିତିଲା ପରେ ତ ସମସ୍ତେ ବାଜିଗର ହୋଇ ଘୋଡା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରେ ଦଉଡନ୍ତି । ଆଉ ଧାରା ଛୁଆଁ ଦିଅନ୍ତିନି ।

ଅନ୍ୟ ଗୋଡ଼ରେ ବାଟ ଚାଲୁଥିବା ନିର୍ଭରଶୀଳ ମଣିଷଟିଏ ଦିନେ ନିଜର ପରିଚୟ ତିଆରି କରିବାକୁ ଘରୁ ବାହାରି ଆସିଥିଲା ମହାନଗରୀକୁ । ଗୋଟେ ଛୋଟ ସହର ରେ ବଢ଼ିଥିବା ସରଳ ହୃଦୟର ମଣିଷ ଏତେବଡ ମହାନଗରୀରେ ବିନା ସାହାରା ରେ ଅଜଣା ଅଶୁଣା ଲୋକଙ୍କୁ ଆଡେଇ ନିଜ ପାଇଁ କେମିତି ଜାଗାଟିଏ ବାହାର କରିଥିବ ସେ ଅସ୍ଥିରତା କେବଳ ସେ ଜାଣେ । ମନର ହାବୁକା ହାବୁକା ଭୟ, ଅନିଶ୍ଚିତତାର ଭୟାବହ ତାଡନା, ପେଟରେ ଭୋକର ଦାଉ, ଅନେକ ବିନିଦ୍ର ରଜନୀ ର ଭାର, ଏ ସବୁକୁ ଦମନ କରିବାକୁ ପଡିଥିଲା ଟିକେ ଉପରକୁ ଉଠିବାକୁ । ଆଉ ନିଜର ପତିଆରାଟି ଗଢି ସାରିବା ପରେ ଏତେ ଦିନ ଅଲୋଡ଼ା, ଅପାରଗର ଆଖ୍ୟା ନେଇ ବଞ୍ଚୁଥିବା ଲୋକ ଟି  ଭଲରେ ମନ୍ଦରେ ବହୁତ ଖୋଜା ପଡିଲା  ।

ଏମିତି ଦିନେ ଲହୁ ଲୁହାଣ ହୋଇ ପାଇଥିବା ସେଇ ସ୍ୱାଭିମାନ ର ପ୍ରମାଣଟା ଜାଣୁ ଜାଣୁ ସେ  ନିଜ ହାତରେ ଚିରି ଦେଲା, ସମ୍ପର୍କର ଖିଅ ଯୋଡିବାକୁ । କେତେବେଳେ ବିଦେଶରେ ଥିବା ସ୍ୱାମୀ ସହ ମିଳିତ ହେବା ପାଇଁ ତ କେତେବେଳେ ବିଳମ୍ବିତ ମାତୃତ୍ୱ ର ମାନ ରଖିବାକୁ । ପରେ ଯେତେ ବାଡେଇ ପିଟି ହୋଇ ସେ ପୁରୁଣା ଦିନକୁ ଫେରିବାକୁ ଜିଦି କଲେବି ଆଉ ମୁକୁଳି ହେଲାନି, ଆଜୁବାଜୁ ଜଞ୍ଜାଳର  ସ୍ତୁପରୁ । ସମ୍ପର୍କ କୁ ସମ୍ମାନ ଦେଲେ କଣ ସ୍ୱାର୍ଥ ଜଗି ହୁଏ ?

ମନ କିନ୍ତୁ ତାର କହୁ ଥିଲା ନା ଏ ଜାଗା ମୋର ନୁହେଁ । ପ୍ରତିଦିନ ତାକୁ ଉଧାର ନେବାକୁ ହେଲା ନିଜ ଆୟୁଷ, ନିଜ ପାରିବା ପଣ, ନିଜ ସ୍ୱାଧୀନତା, ନିଜ ସ୍ୱାଭିମାନ କୁ ଏକାଠି ବନ୍ଧା ଦେଇ । ଏତେ ବିବଶ ହୋଇ କଣ କିଏ ବଞ୍ଚି ପାରେ  !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାହା କିଛି ନିଜ ଅର୍ଜିତ ଅର୍ଥ, ସାହାରା ପରି ତା  ନାଁ ରେ ଥିଲା ତାକୁ ବି ଘରଟି କିଣିବା ବେଳେ ନିଜ ହାତରୁ ତେଜ୍ୟ କରିଦେଲା ପରେ ଏହ୍ୱେ ସେ ନା ନିଜର ହୋଇ ପାରୁଛି ନା ଆଉ କାହାର । ପିଲା ପାଳିବାକୁ କିଛି ଦିନ ବାପ ଘରେ ଅଟକି ଯାଇଥିଲା  ସେଥର । ତଳେ ପଡି ଥିବା ଲାକ୍ଟୋଜିନ ଖୋଳ ଦେଖି ବାପା ହିସାବ କରୁନ୍ତି  ଟଙ୍କା ନିଜ ହାତରୁ ଦେବେ ନା ଟେବୁଲ ଉପରେ ସେ ଥୋଇଥିବା ଟଙ୍କା ନେଇ ବଜାର କୁ ଯିବେ । ସେ  ବୁଝେ, ବାପା ଙ୍କ ପେନସନ ପଇସା ରେ ଘର ଚଳେ, ଆଜିଯାଏ ଚାକିରୀ ପାଇ ନଥିବା ପଢୁଆ ଭାଇ, ବାପା ବୋଉ ଙ୍କ ଔଷଧ ଖର୍ଚ୍ଚ, ଘର ଖର୍ଚ୍ଚ, ଅଧିକ ଦିନ ଅଟକିବାକୁ ମାଡିପଡେ । ମାଡି ପଡେ କହିବାକୁ ତାର ଏଇଟା ଦରକାର ଆଣ ବୋଲି । ନିଜ ଖର୍ଚ୍ଚ ପାଇଁ ଟଙ୍କା ଦେଲେ ଶୁଣିବାକୁ ପଡେ, "ଆମର କଣ କିଛି ଦିନ ଝିଅ ଚଳାଇବାକୁ ସକ୍ଷ୍ୟ ନାହିଁଯେ ତୁ ଟଙ୍କା ଦେଉଛୁ ? ତୋର ବି  କୋଉ ଚାକିରୀ ଅଛିଯେ  ! " ନା ସେ ନିଜ ଖର୍ଚ୍ଚ ପାଇଁ ଟଙ୍କା ଦେଇପାରେ ନା କହିପାରେ କିଛି ଆଣିବାକୁ ।

ପ୍ରତି ମୁହୁର୍ତ୍ତ ରେ ଆପଣା ପର ର ଲୁଚକାଳି ଖେଳୁଥିବା ସ୍ୱାମୀ ଙ୍କ ଜୀବନରେ ସେ ଜଣେ ଦରମା ନେଉଥିବା ଚାକରାଣୀ ଛଡା ଅନ୍ୟ କେହି ନୁହେଁ ।

ସବୁ କିଛି ତାଙ୍କର । ତାଙ୍କର ଦାୟିତ୍ୱ ବୋଲି କହିଲେ କେବଳ ତାଙ୍କ ଚାକିରୀ ଓ ତାଙ୍କ ଘର, ତା ଛଡା ଦୁନିଆରେ ଆଉ କିଛି ଘଟେ ନଘଟେ ସେଥିରେ ସେ ନା ସମୟ ଖର୍ଚ୍ଚ କରନ୍ତି ନା ଶକ୍ତି ।

ଯଦି ଘର ର ସବୁ କାମ କରି, ପିଲାର କେଉଁଠି ଥଇଥାନ କରି ପୁଣି ଚାକିରୀ ସେ କରନ୍ତା ତେବେ ତାଙ୍କ ର କିଛି ଅସୁବିଧା ନାହିଁ । ହେଲେ ତାଙ୍କ ଠାରୁ କିଛି ସାହାଯ୍ୟ ଆଶା କରିବନି, ସେ ଆଗରୁ କହି ରଖିଛନ୍ତି  । କାରଣ ସେ ସ୍ୱାମୀ, ପୁଣି ଥରେ ତାଙ୍କୁ ଚାକିରୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବାକୁ ଅନୁମତି ଦେଲେ, ତେଣୁ ତାର ସବୁ ରୋଜଗାରର ସେ ମାଲିକ ।

ଆଜି ସେ ଜୀବନ ର ଏମିତି ଏକ ଜାଗାରେ ଠିଆ ହୋଇଛି ନା ଇଛା ହେଲେ ବାପ ଘରକୁ ଯାଇ ପାରୁଛି ନା ପୂର୍ଣ୍ଣ ପ୍ରାଣରେ ସ୍ୱାମୀଙ୍କ ପାଖରେ ରହି ପାରୁଛି । ନା ପିଲାକୁ କାହା ପାଖରେ ଛାଡି ଚାକିରୀ କରି ପାରୁଛି । ନା ସେଥିପାଇଁ ତାର ଦେହରେ ବଳ ଅଛି ନା ମନରେ । ମନ ଭିତରେ କିନ୍ତୁ ଚାକିରୀ ଟିଏ କରିବାକୁ ଅନେକ ଶୂନ୍ୟସ୍ଥାନ ରହିଗଲା । ଟଙ୍କା ପାଇଁ ନୁହେଁ ନିଜର ସ୍ଥିରତା ପାଇଁ, ସ୍ୱସ୍ୱାଧୀନତା ବଜାଏ ରଖିବାକୁ, ସବୁରି ଉପରେ ନିଜ ସ୍ୱାଭିମାନକୁ ଉଚା ରଖିବାକୁ ।

କାର୍ଡଗୁଡି, ବାଙ୍ଗାଲୋର

୯୮୪୦୭୦୬୧୪୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମିକାର ଅଭିମାନ

ଠିକ୍ ସାଢେ ନ'ରେ ରାଜଧାନୀ ଏକ୍ସପ୍ରେସ୍ ଭୁବନେଶ୍ୱର ଛାଡିଲା, ଦିଲ୍ଲୀ ଅଭିମୁଖେ ।

ଶେଷ ଡିସେମ୍ବରର ଶୀତୁଆ ସକାଳ । ଏ ବର୍ଷ ଭୁବନେଶ୍ୱରରେ ବେଶ୍ ଥଣ୍ଡା ପଡିଛି । ଆଜି ସକାଳେ ଘରୁ ବାହାରିବା ବେଳକୁ ସାଢେ ଆଠ ବାଜିଥିଲାଣି । ତଥାପି ବି ସେ ପର୍ଯ୍ୟନ୍ତ ଚାରିଆଡେ କୁହୁଡି ଢାଙ୍କି ରଖିଥିଲା । ଦିଲ୍ଲୀରେ ତ ଆହୁରି ବେଶୀ ଶୀତ ହଉଥିବ ।

ସେକେଣ୍ଡ ଏ.ସି, ଭିତର ପଟ, ତଳ ବର୍ଥ 'କାବ୍ୟା' ନାମରେ ସଂରକ୍ଷିତ ହେଇଛି । ଶାଲ୍ ଟିକୁ ଆଉ ଟିକେ ଟାଣି ଆଣି ଭଲ କରି ଘୋଡି ହେଇ ଜାକିଜୁକି ହେଇ ବସିଲା ସେ । ଚାରିଆଡୁ ଆଖି ପହଁରେଇ ଆଣିଲା । ସାମ୍ନା ସିଟ୍ ଖାଲି । ହୁଏତ ଆଗ ଷ୍ଟେସନରେ କିଏ ଉଠି ପାରନ୍ତି । ଉପର ଦୁଇ ବର୍ଥରେ ଦୁଇ ଜଣ ଯୁବକ । ହାତରେ ସେଲ୍ ଫୋନ୍, କାନରେ ଇଅର୍ ପିସ୍ । ଏ ଯୁଗର ଟ୍ରେଣ୍ଡ ! ଟ୍ରେନ୍ ଛାଡୁ ନ ଛାଡୁଣୁ ସେମାନେ ନିଜ ନିଜର ନିଜସ୍ୱ ଦୁନିଆରେ । ଏ ସେଲ୍ ଫୋନ୍ ଜଗତକୁ ଯୋଡୁନାଇଁ ତ - ଜନ ସମ୍ପର୍କକୁ ଛିଡଉଛି ! !



ନିତ୍ୟରଞ୍ଜନ ନନ୍ଦ

ତିରିଶ ବର୍ଗଫୁଟର ଏକ ନିବୁଜ କୋଠରୀ ଭିତରେ ରୁନ୍ଧି ହେଲା ଭଳି ଲାଗୁଥିଲା କାବ୍ୟାକୁ । ଉଠି ପଡି ପାଖ ପରଦାକୁ ଆଡେଇ ଦେଲା । ନାଃ ... ସାଇଡ୍ ତଳ, ଉପର ଦୁଇ ସିଟ୍ ସାମ୍ନାରେ ମଧ୍ୟ ମୋଟା ନୀଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରଦା । ତା' ଭିତରେ ଯୁବକ କି ବୟସ୍କ, ପୁରୁଷ କି ମହିଳା - କିଏ ଅଛନ୍ତି ଜାଣିବାର ବି ଉପାୟ ନାହିଁ । ହେ ଭଗବାନ୍ ! ଅନ୍ତତଃ କୌଣସି ଜଣେ ମେଳାପୀ ବ୍ୟକ୍ତିଙ୍କୁ  ସାମ୍ନା ସିଟ୍ ଆଲଟ୍ ହେଇଥାଉ । ନ ହେଲେ ଏତେ ଲମ୍ବା ଯାତ୍ରା ଏମିତି ଅଖାଡୁଆ ପରିବେଶରେ କଟିବ କେମିତି ?

କାବ୍ୟାର ପିଲାବେଳର ଟ୍ରେନ୍ ଯାତ୍ରା କଥା ମନେ ପଡୁଥିଲା । ଇସ୍ ... ଟ୍ରେନ୍ ଯାତ୍ରା ନୁହଁ ତ... ରୀତିମତ ମହୋତ୍ସବ ଥିଲା ସିଏ ! ସେମାନେ ଥିଲେ ତିନି ଭାଇ ଭଉଣୀ । କେଦାର, କାବ୍ୟା ଓ କବୀର । ପରିବାରର ସମସ୍ତେ ମିଶି ଏକାସଙ୍ଗେ ଯାତ୍ରା କରିବା କମ୍ ଆମୋଦ ଦାୟକ ନ ଥିଲା । ସାଧାରଣ ସେକେଣ୍ଡ କ୍ଲାସ୍ କମ୍ପାର୍ଟମେଣ୍ଟ । ଖୋଲା ଝରକା, ମେଲା ପବନ । ମୁକୁଳା ଆକାଶ, ଉଚ୍ଛୁଳା ଉଲ୍ଲାସ । ଝର୍କା ସେପଟେ ଧାବମାନ ଗଛବୃଛ, ସୋରିଷ ଫୁଲିଆ ଧାନକ୍ଷେତ । ତା'ରି ଭିତରେ ମିଳି ମିଶି ବାରମଜା, ଚିନାବାଦାମ୍ ଭଜା ଖାଇବାର ମଜା । ବୋଉର ଅଭ୍ୟସ୍ତ ହାତ ଅବିକଳ ସମାନ ଭାଗ କରି ତିନି  ଭାଇ ଭଉଣୀଙ୍କୁ ଧରେଇ ଦିଏ । କେଦାର ଭାଇନା କାହାକୁ ଦିଏ ନାଇଁ କି କାହାଠୁ ନିଏ ନାଇଁ । ସବୁ ଦିନେ ସେ ଲୋଭୀଟା । ତା'ର ତା'ର ଖାଏ । କବୀର ତା' ଭାଗ ଚଟାପଟ୍ ଖାଇ ଦେଇ ନାନୀ  ଆଡକୁ ଅନାଏ । ଛୋଟ କାବ୍ୟା ଛୋଟିଆ ଭାଇର ଚାହାଣୀ ବୁଝେ । ଚୁପ୍ ଚାପ୍ ଭାଇ ଠୁଙ୍ଗାରେ କିଛି ପକେଇଦିଏ । ଆଃ ... କେତେ ମିଠା ସତରେ ପିଲାଦିନର ସ୍ମୃତି ସବୁ ! କେବଳ ନିରାପତ୍ତା ଆଉ ପରିଚ୍ଛନ୍ନତା ପାଇଁ ଏଇ ଏ.ସି. କମ୍ପାର୍ଟମେଣ୍ଟ ରେ ଯାତ୍ରା କରିବା କଥା । ନ ହେଲେ ଲମ୍ବା ଯାତ୍ରା ଭାରି ବିରକ୍ତିକର ସତରେ ।

ଟ୍ରେନ୍ ଅଟକିଲା । କଟକ । ଅଫ୍ ବ୍ଲାକ୍ ରଙ୍ଗର ଟ୍ରଲିଟିଏ ଗଡେଇ ପଶି ଆସିଲା ଝିଅଟିଏ । ସାଙ୍ଗରେ ଜଣେ ପୌଢ ଭଦ୍ରବ୍ୟକ୍ତି । ତାଙ୍କ ହାତରେ ଗୋଟିଏ ବ୍ୟାଗ୍ । ତା'କୁ ସେ କୋଳରେ ଧରିଥା'ନ୍ତି ।

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

: ମାମୁଁ ! ବ୍ୟାଗ୍ ଭିତର ଆଡକୁ ରଖିଦେବା । ଟ୍ରଲିଟା ବାହାର ଆଡକୁ ଥାଉ ।

: ଠିକ୍ କହୁଛୁ । ଝିଅଟି କହିବା ମୁତାବକ ଭଦ୍ରବ୍ୟକ୍ତି ଲଗେଜ୍ ସେଟ୍ କରି ରଖିଦେଲେ ।

: ଦେଖି ଚାହିଁ ଯିବୁ ମା' । ପହଞ୍ଚି ଜଣେଇବୁ ।

ଝିଅଟି ଭଦ୍ରବ୍ୟକ୍ତିଙ୍କ ପାଦ ଛୁଇଁଲା । ସେ ତା'କୁ କୋଳେଇ ନେଇ କପାଳରେ ଚୁମା ଦେଲେ ଓ ତରତରରେ ଓହ୍ଲାଇଗଲେ । ଟ୍ରେନ୍ ଷ୍ଟେସନ୍ ଛାଡିଲା ।

ଆଖି ଲାଖି ଗଲା ଭଳି ଚେହେରା ଝିଅଟିର । ଦୁଧ ଅଳତା ରଙ୍ଗର ଦେହ । ଛୋଟ ଧାରୁଆ ମୁହଁକୁ ମାନିଲା ଭଳି ସୁନ୍ଦର ହେଆର୍ କଟ୍ । ନୀଳ ଡେନିମ୍ ଜିନ୍ସ୍ ଓ ଢିଲା ଫ୍ଲୋରାଲ୍ କୁର୍ତ୍ତା ସହ ଅପୂର୍ବ ଦିଶୁଥିଲା ଝିଅଟି । ପରିଧାନ ବେଶ୍ ଷ୍ଟାଇଲିଶ୍ ଅଥଚ ଖୁବ୍ ଶାଳୀନ । କାବ୍ୟାକୁ ମୁହଁଟା ଚିହ୍ନା ଚିହ୍ନା ଲାଗୁଥିଲା । ହେଲେ ଆଦୌ ମନେ ପଡୁ ନ ଥିଲା କେବେ କେଉଁଠି ଦେଖିଛି । ଅଧ୍ୟାପିକା ଜୀବନରେ ଅନେକ ଛାତ୍ରୀଙ୍କ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ସଂସ୍ପର୍ଶରେ ଆସିଛି ସେ । ହୁଏତ ତା'ର କୌଣସି ପୁରାତନ ଛାତ୍ରୀ ହେଇଥିବ । କଥା ଆରମ୍ଭ କଲା କାବ୍ୟା ।

: କୁଆଡେ ଯାଉଛ ମା' ? ଦିଲ୍ଲୀ ? ?

: ମୁଁ ଗୟା ଯାଉଛି ମା'ମ୍ ।

: ଗୟା ପହଞ୍ଚିଲା ବେଳକୁ ବୋଧେ ରାତି ଏଗାର ହବ । ସେଠି କିଏ ରହନ୍ତି ?

: ମୋ କାକା, କାକୀ ରହନ୍ତି । କାକା ଷ୍ଟେସନ୍ ଆସିବେ ମୋତେ ନେବା ପାଇଁ ।

: ତମ ନାଁ ? କ'ଣ କର ? ?

: ମୋ ନାଁ' 'ଋତୁପର୍ଣ୍ଣା' । ମୋତେ 'ଋତୁ' ଡାକିପାରନ୍ତି । ମୁଁ ଦିଲ୍ଲୀ ଏମ୍ସ୍ ରେ ପେଡିଆଟ୍ରିକ୍ ସର୍ଜରୀରେ ପି.ଜି କରୁଛି ।

: ବାଃ ... ବଢିଆ । ଆମ ବେଳେ ଖୁବ୍ କମ୍ ଝିଅ ସର୍ଜରୀ ନିଜ କ୍ୟାରିୟର ରୂପେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଛୁଥିଲେ ।

: ଆପଣଙ୍କର ବି ମେଡିକାଲ ପ୍ରଫେସନ୍ ନା କଣ ମା'ମ୍ ?

: ନାଇଁ ନାଇଁ । ମୁଁ ବାଣୀବିହାରରେ ଓଡିଆ ବିଭାଗର ପ୍ରଫସର ଥିଲି । ଏଇ ଅଳ୍ପ ଦିନ ଆଗରୁ ଅବସର ନେଇଛି ।

: ଓଃ ! ଶିକ୍ଷକ ! ଶିକ୍ଷକ ଓ ଶିକ୍ଷକତା ପ୍ରତି ମୋର ସ୍ୱତନ୍ତ୍ର ସମ୍ମାନ ଅଛି । ଆପଣ କୁଆଡେ ଯିବେ ?

: ମୁଁ ଦିଲ୍ଲୀ ଯାଉଛି । ମୋ ସାନ ଭାଇ ରହେ ସେଠି । ବହୁତ ଦିନ ହେଲା ଡାକୁଥିଲା । କାମରେ ବ୍ୟସ୍ତ ରହି ଯାଇ ପାରୁ ନ ଥିଲି । ଅବସର ପରେ କାମ କମିଗଲା । ଭାବିଲି ଏବେ ଥରେ ବୁଲି ଆସେ ।

: ଖୁବ୍ ଭଲ କଲେ । ମଝି ମଝିରେ ସମୟ ବାହାର କରି ବୁଲାବୁଲି କରିବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକର ।

: ଆଚ୍ଛା ତମେ ବାଣୀ ବିହାର ହାଇସ୍କୁଲରେ ପଢୁଥିଲ କି ଋତୁ ? ତମକୁ କେବେ କେଉଁଠି ଦେଖିଲା ଭଳି ଲାଗୁଛି । ଦେଖିଛି ନିଶ୍ଚୟ । କିନ୍ତୁ କେଜାଣି କାହିଁକି ଠିକରେ ମନେ ପଡୁନି ।

: ନାଇଁ ମା'ମ୍ । ନର୍ସରୀରୁ ଏ ଯାଏଁ - ସବୁ ଦିଲ୍ଲୀରେ । କିନ୍ତୁ ଆମ ମେଡିକାଲ ପାଠ ବି କହେ ଯେ କୌଣସି ରକ୍ତ ସମ୍ପର୍କ ନ ଥାଇ ସମ୍ପୂର୍ଣ୍ଣ ଏକା ଚେହେରାର ଦୁଇଟି ମଣିଷ ଥାଇପାରନ୍ତି । ଆପଣ ମୋର କୌଣସି 'ରିପ୍ଲିକା'କୁ ଦେଖିଥିବେ ନିଶ୍ଚୟ ।

ଏହା କହି ଅଳ୍ପ ହସିଲା ଋତୁ । ଆରେ ... ଏ ହସ ବି ତ କାବ୍ୟାର ଖୁବ୍ ପରିଚିତ । କିନ୍ତୁ କାହାର ହସ ? କାହାର ମୁହଁ ? ? କିଏ ସେ ମଣିଷ ? ? ? କି ଆଶ୍ଚର୍ଯ୍ୟ ! ବୟସାଧିକ୍ୟ ଯୋଗୁଁ ତା'ର ଆଉ ମତିଭ୍ରମ ହଉନାଇଁ ତ ! !


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶିକ୍ଷାରୁ ନେଇ ସ୍ୱାସ୍ଥ୍ୟ, ରାଜନୀତିରୁ ନେଇ ଅର୍ଥନୀତି, ସିନେମାରୁ ନେଇ ସଙ୍ଗୀତ - ଏ ସମସ୍ତ ଚର୍ଚ୍ଚା ମଧ୍ୟରେ କେତେବେଳେ ଯେ ଲଞ୍ଚ୍ ଟାଇମ୍ ହେଇଗଲା - କେହି ଜାଣି ପାରିଲେନି । ପ୍ୟାଣ୍ଟ୍ରି ଲଞ୍ଚ୍ ଖୁବ୍ ଭଲ ନ ହେଲେ ବି ମନ୍ଦ ନ ଥିଲା । ସାଙ୍ଗ ହେଇ ଖାଇନେଲେ ଦି'ଜଣ । ଟିକେ ବିଶ୍ରାମ ଲୋଡା । ନିଜ ନିଜ ବର୍ଥରେ ବିଛଣା ସଜାଡି ଦୁହେଁ ଶୋଇବାର ଉପକ୍ରମ କଲେ ।

ପାଞ୍ଚ ମିନିଟ୍ ମଧ୍ୟରେ ଗଭୀର ନିଦରେ ଶୋଇଗଲା ଋତୁ । କାବ୍ୟା ଆଖିରେ ନିଦ ନାହିଁ । ଋତୁକୁ ତା'କୁ ଖୁବ୍ ଭଲ ଲାଗୁଥିଲା । ଆଜିକାଲିକା ପିଲା ଭଳି ନୁହଁ । ବେଶ୍ ମେଳାପୀ । ବୟସ୍କ ମଣିଷଙ୍କ ସହିତ କଥା ହେବାର ବାଗ, ବାଇସ ସବୁ ଜଣା ତା'କୁ । ଆଃ ... ଏମିତିକା ସୁନ୍ଦର ଝିଅଟିଏ ତା'ର ଯଦି ଥାଆନ୍ତା ! ନିଜ ଭାବନାରେ ନିଜେ ଫିକ୍ କରି ହସି ପକେଇଲା କାବ୍ୟା । ଜିଦ୍ କରି ବାହା ହେଲାନି - ଏବେ ଭାବୁଚି ନିଜର ଝିଅଟିଏ ଥାନ୍ତା କି !

ଏକ ନିମ୍ନ ମଧ୍ୟବିତ୍ତ ପରିବାରର ଶାନ୍ତ, ସରଳ, ସୁଧାର, ସୁଶୀଳ ଝିଅଟିଏ ଥିଲା କାବ୍ୟା । ଘରର ପରମ୍ପରା ଅନୁଯାୟୀ କାହିଁକି ବିବାହ କଲାନି ସେ ? କାହିଁକି ବାପାଙ୍କ ଅନୁଶାସନ, ବୋଉର ଅନୁନୟ, କେଦାର ଭାଇନାର ଅନୁରୋଧ ଅଥବା କବୀର ଭାଇର ଅଭିମାନ ଉପରେ ପଥର ଲଦି ଛାତି ତଳେ ଚାପିଦେଲା ?? କାହିଁକି ଏମିତି ଜିଦ୍ କଲା କାବ୍ୟା ???

ଏ ପ୍ରଶ୍ନର ଉତ୍ତର କାବ୍ୟାକୁ ଜଣା । ହେଲେ ଏ 'ଜଣା କଥା'କୁ ସେ କେବେ ବି କାହାକୁ ଜଣେଇନି । ଜଣେଇଥିଲେ ଅବା ଜୀବନର ଛକି ଶୂନ ଖେଳରେ ସେ ଜିଣି ଯାଇଥାନ୍ତା ! କିନ୍ତୁ ସେ କୋଉଠି ହାରିଛି ଯେ ? କାବ୍ୟା ଭିତରେ ତ ତା'ର କବିତା ଜିଇଛି । ଆଉ କବିତା ଭିତରେ ତା' ଜୀବନ । ସେଇଟା କ'ଣ ତା'ର ଜିତାପଟ ନୁହଁ ?

ବଗ ପରି ଡେଇଁ ଡେଇଁ ପୌଢା କାବ୍ୟା ଭିତରୁ ବାହାରି ଆସିଲା କୁନି କାବ୍ୟାଟି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଙ୍କି ପଛରେ ଧାଇଁଲା, ଗୁଡି ଉଡେଇଲା, ଖପରା ଖେଳିଲା, ପଡିଶା ଘରର ପୂଣ୍ୟଶ୍ଳୋକ ସହିତ ମିଶି, ବର୍ଷାରେ ଓଦା ହେଇ, ନାଳର ଗୋଳିଆ ପାଣିରେ ଚବର ଚବର ହେଇ କାଗଜ ଡଙ୍ଗା ଭସେଇଲା । ତା'ପରେ ବାଳିକା କାବ୍ୟା । କେବେ ରାଗିଲା, କେବେ ରୁଷିଲା, ମିଠା ମିଠା ହସିଲା, ସହପାଠୀ ପୂଣ୍ୟଶ୍ଳୋକ ସହିତ ସାଙ୍ଗ ହେଇ, ବହି ବସ୍ତାନୀ ଧରି ସ୍କୁଲ୍ ଗଲା ।

ପରେ ପରେ କିଶୋରୀ କାବ୍ୟା । ଏବେ ତା' ଜୀବନକୁ ଅଚାନକ ଆସିଗଲା କବିତା । ସେ କବିତାକୁ ବୁଝିଲା, କବିତାରେ ହଜିଲା, କବିତାରେ ମଜ୍ଜିଲା ଆଉ କବିତାକୁ ହିଁ ଭଲ ପାଇ ବସିଲା ।

କେବେ କେବେ କୌଣସି ଭାବନାରେ ନିମଗ୍ନ ଥିବା କାବ୍ୟା ପାଖରେ ବସି ବସି ଈଷତ୍ ବିରକ୍ତ ହେଇଉଠେ ପୂଣ୍ୟଶ୍ଳୋକ ।

: ମୋତେ ଲାଗୁଛି ତୁ ଏଥର ନିଶ୍ଚୟ ଫେଲ୍ ହବୁ । ଏକାଦଶ ଶ୍ରେଣୀ ହେଲା । ପଢିବାର ନାଁ ଧରୁନୁ । ଚବିଶ୍ ଘଣ୍ଟା ସେ ଗୀତ ଖାତା, କବିତା ଖାତା । ରହ, ମୁଁ କହୁଛି ମଉସା, ମାଉସୀଙ୍କୁ ।

: ଫେଲ୍ ହେବି ତ ହେବି । ତୋର ସେଥିରେ କ'ଣ ଯାଏ ଆସେ ? ତୁ ତ କ୍ଲାସ୍ ରେ ଫାଷ୍ଟ ହଉଛୁ ନା !

: ଆରେ ବୋକୀ, ତୋ ପାଇଁ ତୋତେ ପଢିବାକୁ ପଡିବ । ମୁଁ ଫାଷ୍ଟ ହେଲେ ତୋର କ'ଣ ଲାଭ ?

: ଆରେ ତୁ ଫାଷ୍ଟ ହେଲେ ନା ମୋତେ ଫାଷ୍ଟ ହେଲା ଭଳି ଲାଗେ । କାବ୍ୟା ମୁହଁରେ ଦୁଷ୍ଟ ହସ ।

: ଠିକ୍ କଥା । ତା' ହେଲେ ତୁ ଫେଲ୍ ହେଲେ ମୋତେ ବି ଫେଲ୍ ହେଲା ଭଳି ଲାଗିବ ନା ନାହିଁ ? ତୋର ସ୍ମୃତି ଶକ୍ତି ଖୁବ୍ ପ୍ରଖର । ତୁ ଟିକେ ମନ ଦେଇ ପଢିଲେ ବହୁତ ଭଲ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରନ୍ତୁ । ମୋତେ ବି ଟପି ଯା'ନ୍ତୁ ।

: ପ୍ରଥମ କଥା ହେଲା - ମୁଁ ତୋତେ ଟପିବାକୁ ଚାହେଁନି । ଆଉ ଦ୍ୱିତୀୟ କଥା ହେଲା ...

: କହ ...

: ଶ୍ଳୋକ ! କବିତା ମୋ ଜୀବନ । ତା'କୁ ଛାଡି ମୁଁ ବଞ୍ଚି ପାରିବିନି । ତୋତେ କ'ଣ ମୋ ଲେଖା ଭଲ ଲାଗେନି ?

: ବହୁତ ଭଲ ଲାଗେ । ବହୁତ । ମୁଁ ତୋତେ ଲେଖା ଛାଡିବାକୁ କହୁନିରେ । ଖାଲି କହୁଛି - ପଢିବାକୁ ପ୍ରାଥମିକତା ଦେ' । 'ଲେଖିବା' କୁ ହବି କର୍ ।

ହସେ କାବ୍ୟା । ହସିଲେ ଶ୍ୟାମାଙ୍ଗୀ କାବ୍ୟାର ଦୁଇ ଗାଲରେ ଗାଢ ଭଉଁରୀ ଖେଳେ । ପୂଣ୍ୟଶ୍ଳୋକର ଆଖି ଅଟକି ଯାଏ ସେଇଠି ।

ସବୁ ଠିକ୍ ଠାକ୍ ଚାଲିଥିଲା ସେଇ ସ୍କୁଲ୍ କୁ ଅରୁନ୍ଧତୀ ଆସିବା ଯାଏଁ । ସେଇ ସହରକୁ ବଦଳି ହେଇ ଆସନ୍ତି ଆସିଷ୍ଟାଣ୍ଟ ଇଂଜିନିୟର୍ ଅରବିନ୍ଦ ପଟ୍ଟନାୟକ । ତାଙ୍କର ଏକମାତ୍ର ଅଲିଅଳୀ ଝିଅ ଅରୁନ୍ଧତୀ ପଟ୍ଟନାୟକ । ଅରୁନ୍ଧତୀ କେବଳ ଅନିନ୍ଦ୍ୟ ସୁନ୍ଦରୀ ନ ଥିଲା, ଖୁବ୍ ଭଲ ପଢୁଥିଲା ମଧ୍ୟ । ଆଡ୍ମିସନ୍ ନେବାର ଜମାରୁ ମାସେ ପରେ ଷାଣ୍ମାସିକ ପରୀକ୍ଷା । ସେଥିରେ ଅପରାଜେୟ ପୂଣ୍ୟଶ୍ଳୋକକୁ ଟପି ସେ ହେଲା ଶ୍ରେଣୀରେ ପ୍ରଥମ । ଅତଏବ୍ ସ୍ୱାଭାବିକ ଭାବରେ ଖୁବ୍ ଅଳ୍ପ ଦିନରେ ଅରୁନ୍ଧତୀ ଶିକ୍ଷକ ମାନଙ୍କର ପ୍ରିୟ ଛାତ୍ରୀ ହେଇଗଲା । ଭଲ ପଢୁଥିବା ପିଲା ମାନେ ପ୍ରମାଦ ଗଣିଲେ । ଶ୍ଳୋକ ନିଜ ପରିଶ୍ରମ ଦ୍ୱିଗୁଣିତ କରିଦେଲା ।

ଅରୁନ୍ଧତୀ ଅତି ମାତ୍ରାରେ ସାହିତ୍ୟ ପ୍ରେମୀ ଥିଲା । କାବ୍ୟାର ଗୀତ ଓ କବିତାର ମୁଗ୍ଧା ପାଠିକା ବି ଥିଲା ସେ । ଅରୁନ୍ଧତୀ ଓ କାବ୍ୟା ମଧ୍ୟରେ କ୍ଷୀର, ନୀର ସମ୍ପର୍କ ଏବେ !

: ତୁ ବହୁତ ଭଲ ଲେଖୁଛୁ କାବ୍ୟା । ପରିଶ୍ରମ କଲେ ସମସ୍ତେ ଭଲ ପଢି ପାରିବେ । ହେଲେ 'ଭଲ ଲେଖିବା' ଈଶ୍ୱରଦତ୍ତ । ତୁ କେବେ ବି ଲେଖିବା ଛାଡିବୁନି । ତୋତେ ମୋ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଣ ।

: ଛିଃ ... ରାଣ ପକାନା । ହେଲେ ତୁ ସିନା ଏତେ ଭଲ ପାଉଛୁ ମୋ ଲେଖାକୁ ... ଶ୍ଳୋକ ଭାରି ଚିଡୁଛି ।

: ସେ ବି ତୋ ଲେଖାକୁ ଭଲ ପାଏ । କିନ୍ତୁ ଲେଖାଲେଖିରେ ମଜଗୁଲ ହେଇ ତୁ ପଢାରେ ଯେଉଁ ଢିଲା ମାରୁ - ସେଥିପାଇଁ ହୁଏତ ରାଗୁଥିବ । ତୋତେ ଭାରି ଭଲ ପାଏ କିନା !

: ଛେନାଟା ଭଲ ପାଉଛି । ସବୁବେଳେ ତ ରାଗୁଛି । ମନ ଦେଇ କେବେ ବି ମୋ କବିତା ଶୁଣେନା ସେ ।

: କିଏ ଶୁଣୁଛି, ନ ଶୁଣୁଛି - ତା' ଉପରେ ତୁ ଗୁରୁତ୍ୱ ଦେ' ନା । ବାସ୍ ... ତୁ କେବଳ ଲେଖି ଚାଲ୍ ।

ସେଦିନ କାବ୍ୟା ଘରକୁ ଆସିଥିଲା ପୂର୍ଣ୍ୟଶ୍ଳୋକ ।

: ନୂଆ ସାଙ୍ଗ ପାଇ ଯାଇଛୁ ବୋଲି ପୁରୁଣା ସାଙ୍ଗ ଆଉ ମନେ ପଡୁ ନାହାନ୍ତି ତୋ'ର । ନୁହଁ ?

: ଅରୁ କଥା କହୁଛୁ ?

: ହଁ ।

: ଜାଣିଛୁ ! ତା'ର ଦିମାଗ୍ ଯେମିତି, ଦିଲ୍ ବି ସେମିତି । ସେ ସୁନ୍ଦର ଯେତିକି, ତା'ର ସୁଗୁଣ ବି ସେତିକି । ସେ ମୋର ସବୁଠାରୁ ଭଲ ସାଙ୍ଗ ।

: ହଁ କି ? ମୋ ଠୁଁ ବି ଭଲ ସାଙ୍ଗ ? ?

: ହେଃ ... ତୁ ପୁଅ ପିଲା, ସେ ଝିଅ ପିଲା । ତମ ଭିତରେ ତୁଳନା କ'ଣ ହୁଏ ? ମୁଁ ତ ଆଜି ଯାଏ ତା'ପରି ସର୍ବ ଗୁଣ ସମ୍ପନ୍ନା ଝିଅଟିଏ ଦେଖି ନ ଥିଲି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

: ସତରେ ? ମୁଁ କେମିତି ଜାଣିବି ଏତେ କଥା ? ତୁ କ'ଣ କେବେ ମୋତେ ତା' ସହିତ ଭଲ କରି କଥା କରେଇଚୁ ? ?

ଆରେ ସତେ ତ ! ତା'ର ସବୁଠାରୁ ଅନ୍ତରଙ୍ଗ ମଣିଷଟିକୁ ତା'ର ପ୍ରିୟ ବାନ୍ଧବୀ ସହିତ ଭଲ ଭାବେ ଏ ଯାଏଁ ପରିଚିତ କରେଇନି କେମିତି ଯେ !! ଶ୍ଳୋକ କ'ଣ ମିଛଟାରେ ତା'କୁ ବୋକୀ କହେ !!!

ଆହା ! ଅଳ୍ପ ଚିହ୍ନା ସାଙ୍ଗକୁ ବେଶୀ ଚିହ୍ନା ସାଙ୍ଗ ସହିତ ଚିହ୍ନା କରେଇ ଦଉ ଦଉ କାବ୍ୟା ନିଜ ପାଖରେ ନିଜେ ଅଚିହ୍ନା ପାଲଟିଗଲା କି ? କେଜାଣି !

ମ୍ୟାଟ୍ରିକ୍ ପରୀକ୍ଷା ଆସନ୍ନ । ପୂଣ୍ୟ ଶ୍ଳୋକ ଏବଂ ଅରୁନ୍ଧତୀ ଉଭୟଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଯେତେବେଳେ ବି ସମୟ ମିଳେ, ଶ୍ଳୋକ ଏବଂ ଅରୁ ପଢାପଢି ଚର୍ଚ୍ଚା କରନ୍ତି । ଶ୍ଳୋକ ଅନେକ ସମୟରେ ଅରୁ ପାଖରେ - କେତେବେଳେ ଶ୍ରେଣୀ ଗୃହରେ ତ କେତେବେଳେ ଲାଇବ୍ରେରୀରେ । କାବ୍ୟା ସେଇ ପରିବେଶରେ ନିଜକୁ ଖାପ ଖୁଆଇ ପାରେ ନାହିଁ । ସେ ଚେଷ୍ଟା କରି ବି ବେଶୀ ମନଯୋଗ ଦେଇ ପଢି ପାରେ ନାହିଁ । ଏକାନ୍ତରେ ଚାହିଁଲେ ବି ଏବେ ଶ୍ଳୋକକୁ ପାଏ ନାହିଁ କାବ୍ୟା ।

ସେଦିନ ବେଶ୍ ଖୁସି ଥିଲା ପୂଣ୍ୟଶ୍ଳୋକ ।

: କାବ୍ୟା ! ଅରୁ ଆଜି ମୋତେ ତାଙ୍କ ଘରକୁ ଡାକି ନେଇଥିଲା ।

ଛାତିରେ କ'ଣ ଗୋଟାଏ ଅଟକି ଗଲା କାବ୍ୟାର ।

: ହଁ କି ?

: ହଁ । ତା' ବାବା, ମାମା ବି ବହୁତ ଭଲ ମଣିଷ । ବହୁତ ଆଦର କଲେ ମୋତେ । କହିଲେ," ପରୀକ୍ଷା ପାଇଁ ସଂକୀର୍ଣ୍ଣ ମାନସିକତାର ଉପରକୁ ଉଠି ପ୍ରତିଦ୍ୱନ୍ଦିତା ମୂଳକ ପ୍ରସ୍ତୁତି କଲେ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କର ଲାଭ ହୁଏ । ମଉସା ମୋତେ ଅରୁ ସହିତ ମିଶି ତାଙ୍କ ଘରେ

 Magazine Downloaded from www.aahwaan.com

ପଢାପଢି କରିବା ପାଇଁ କହିଛନ୍ତି । ଯାହାର ଯାହା ସନ୍ଦେହ ଥିବ - ଆମେ ଟିପି ରଖିବୁ । ଅରୁର ଟ୍ୟୁସନ୍ ସାର୍ ସନ୍ଧ୍ୟାରେ ଆସି ବୁଝେଇ ଦେବେ ।

ଏବେ କାବ୍ୟାର ତଣ୍ଟିରେ କଣ୍ଟା ଲାଗିଲା । ଛେପ ଢୋକିଲା ସେ ।

: ମୁଁ ଭାବୁଛି କାଲିଠୁ ପରୀକ୍ଷା ଯାଏ ମୁଁ ତାଙ୍କ ଘରେ ପଢାପଢି କରିବି । ବାପା ବି 'ହଁ' କହିଛନ୍ତି । ତୁ ଆମ ସାଙ୍ଗରେ ପଢିବୁ ?

: ସେ କ'ଣ ମୋତେ ଡାକିଛି ? ତୋତେ କହିଛି, ତୁ ଯିବୁ ।

: ତୋତେ ପରା ମୁଁ ଡାକୁଛି । ଏକା କଥା ନୁହଁ ?

: ନୁହଁ ଏକା କଥା । ତା' ଛଡା ମୁଁ କାହା ସାଥିରେ ମିଶି ଆଦୌ ପଢି ପାରିବିନି ।

ଶ୍ଳୋକ ଏବଂ ଅରୁ ଏବେ ପଢାରେ ନିମଗ୍ନ । କାବ୍ୟା ଭିତରେ ଏକ ଅକୁହା ଯନ୍ତ୍ରଣାର ଜ୍ୱଳନ । ଅତଏବ୍ ଅସ୍ତବ୍ୟସ୍ତ, ଅପରିପକ୍ୱ କାବ୍ୟା ପ୍ରଥମେ ସେ ଦୁହିଁଙ୍କ ପାଖରୁ ଟିକେ ପାଖେଇ ଗଲା, ତା'ପରେ ଅଳ୍ପ ଅଳ୍ପ ଆଡେଇ  ହେଲା ଏବଂ କ୍ରମଶଃ ବେଶ୍ ଦୂରେଇ ଗଲା ।

ଆଖିରେ ପଡିଗଲେ ଅରୁନ୍ଧତୀ ପଛରୁ  ପାଟି କରି ଡାକ ଛାଡେ - ଏ କାବ୍ୟା । ତୋର ଦର୍ଶନ ମିଳୁନାଇଁ ଯେ । କେତେ ସାରିଲୁଣି ରିଭିଜନ୍ ? ଆମ ସାଙ୍ଗରେ ତ ଜମା ପଢିବାକୁ ଚାହୁଁନୁ ।

ବାଆଁରେଇ ହେଇ ଖସିଯାଏ କାବ୍ୟା ।

ସାମ୍ନା ସାମ୍ନି ହେଇଗଲେ ବାଟ ଓଗାଳେ ଶ୍ଳୋକ । ତୋର କ'ଣ ହେଇଛି କାବ୍ୟା । ସବୁବେଳେ ଉଦାସ, ଅନ୍ୟମନସ୍କ ରହୁଛୁ । ତୁ କୌଣସି କାରଣରୁ ରାଗିଛୁ କି ମୋ ଉପରେ  ? ଦେଖ୍, ପରୀକ୍ଷା ମୁଣ୍ଡ ଉପରେ । ଚାହିଁଲେ ବି ମୁଁ ତୋତେ ସମୟ ଦେଇ ପାରୁନି । ପରୀକ୍ଷା ସରିଯାଉ କି ତୋର ନୂଆ ଲେଖା ଯେତେ ଶୁଣେଇବୁ । ଦେଖିବୁ - ମନ ଦେଇ ଗୋଟି ଗୋଟି କରି ସବୁ ଶୁଣିବି ।

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

କାବ୍ୟା ମୁହଁ ତଳକୁ କରେ । ପଦୁଟିଏ ଉତ୍ତର ନ ଦେଇ ବାଟ ଭାଙ୍ଗି ଚାଲିଯାଏ । ଶ୍ଳୋକ ମୁଣ୍ଡ କୁଣ୍ଡାଏ । ଏ ହୁଣ୍ଡୀଟା ବଡ ଦୁର୍ବୋଧ୍ୟ ହେଲାଣି । ସବୁ ଝିଅ କ'ଣ ଏ ବୟସରେ ଏମିତି ହୁଅନ୍ତି ? କେଜାଣି ! ହଉ - ପରୀକ୍ଷା ସରିଲା ପରେ ମନେଇଦବ ଯେ । ଅଳ୍ପ ଆଦର ପାଇଲେ କାବ୍ୟା ପା' ଶଙ୍ଖୀ ବିଲେଇ !

ସମୟର ସ୍ରୋତ ଗଡିଯାଏ ଆଗକୁ । ପରୀକ୍ଷା ସରିଲା । କିନ୍ତୁ ଶ୍ଳୋକ କାବ୍ୟା ଘରକୁ ଗଲାବେଳକୁ ସେ ତା' ମାମୁଁ ଘର ଗାଁ'କୁ ଚାଲି ଯାଇଥିଲା । ଆଶ୍ଚର୍ଯ୍ୟ ହେଲା ଶ୍ଳୋକ । ତା'କୁ ପଦେ ହେଲେ ନ କହି କାବ୍ୟା ଚାଲିଗଲା ! ଶ୍ଳୋକର ମୁହଁ ସତରେ ଏଥର ଶୁଖିଗଲା । ଘଟଣା ନିଶ୍ଚୟ ଗୁରୁତର ।

ରିଜଲ୍ଟ ବାହାରିଲା ପରେ ହାଇସ୍କୁଲରେ ମହୋତ୍ସବ ଲାଗିଗଲା । ସାରା ରାଜ୍ୟରେ ପୂଣ୍ୟଶ୍ଳୋକ ପ୍ରଥମ ଓ ଅରୁନ୍ଧତୀ ଦ୍ୱିତୀୟ । ଶିକ୍ଷକ, ଶିକ୍ଷୟିତ୍ରୀ; ଛାତ୍ର, ଛାତ୍ରୀ - କାହାରି ଆନନ୍ଦର ସୀମା ନ ଥାଏ । ଆହୁରି ଚମକେଇ ଦେଲା ଭଳି ଘଟଣା ହେଲା - ସମସ୍ତଙ୍କୁ ଭୁଲ୍ ପ୍ରମାଣିତ କରି କାବ୍ୟା ଫାଷ୍ଟ ଡିଭିଜନରେ ୬୦ ପ୍ରତିଶତରୁ ଟିକିଏ ଅଧିକ ମାର୍କ ରଖି ସମସ୍ତଙ୍କୁ ଆଶ୍ଚର୍ଯ୍ୟ ମଧ୍ୟ କରିଦେଲା । ଶ୍ଳୋକ ଧାଇଁଗଲା କାବ୍ୟା ପାଖକୁ । କାବ୍ୟା ମୁହଁ କିନ୍ତୁ ଭାବଶୂନ୍ୟ ।

: କାବ୍ୟା ! ମୁଁ କହୁଥିଲି କି ନାଇଁ - ତୋର ମେଧା ଶକ୍ତି ଖୁବ୍ ଅଧିକ । କେତେ କମ୍ ପରିଶ୍ରମ କରି କେତେ ବଢିଆ ମାର୍କ ରଖିଚୁ କହ ତ ! ଆମ ପରିକା ପରିଶ୍ରମ କରିଥିଲେ ତ ତୁ ଅକ୍ଳେଶରେ ସମସ୍ତଙ୍କୁ ଟପି ଯାଇଥାନ୍ତୁ ।

: ଶ୍ଳୋକ ! କାହାରି ସହିତ ପ୍ରତିଯୋଗିତା ଅଥବା ପ୍ରତିଦ୍ୱନ୍ଦ୍ୱିତା କରିବାକୁ ମୁଁ ଚାହେଁ ନାଇଁ । ମୁଁ ମୋର ପ୍ରତିଛବି । ମୁଁ ହିଁ ମୋର ପ୍ରତିଧ୍ୱନି । ତୁ 'ବେଗ ପ୍ରିୟ' ... ମୁଁ 'ଆବେଗ ପ୍ରିୟ' । ମୋ ଆବେଗ ତୋ ବେଗ ସହିତ ତାଳ ଦେଇ ଧାଇଁ ପାରିବନି । ମୁଁ ମୋ ନିଜସ୍ୱ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଢଙ୍ଗରେ ଜିଇବାକୁ ଚାହେଁ ।

: ତୁ ଏବେ ବହୁତ ବଡ ବଡ କଥା କହୁଛୁ କାବ୍ୟା । ତୋ କଥା ମୁଁ ଅଳ୍ପ ବୁଝେ, ବେଶୀ ବୁଝେନି । ଅରୁ ବି ଅବିକଳ ଏଇୟା କହେ । ତୋତେ ସେ ବହୁତ ଭଲ ପାଏ । ତଥାପି ତୁ ତା'କୁ ସବୁବେଳେ ଆଡେଇ ଆଡେଇ ରହୁଛୁ । କାହିଁକି ରେ ? ଅରୁନ୍ଧତୀ ଘରକୁ ଯିବା ? ତୋତେ ଦେଖିଲେ ସେ ଭାରି ଖୁସି ହବ ।

: ତୁ ଯା' । ମୋର ଅନ୍ୟ କାମ ଅଛି ।

: କି କାମ ଅଛି ? ମିଛ କହୁଛୁ ତୁ ।

: ମୁଁ କାହା ଘରକୁ ଯିବି ନ ଯିବି - ସେ ମୋର ଇଛା ଉପରେ ନିର୍ଭର କରେ । ତା' ଛଡା - ମୋର କି କାମ ଅଛି - ମୁଁ କାହିଁକି ତୋତେ କହିବି ?

: ତୁ ତ ଆଗରୁ ଏମିତି ନ ଥିଲୁ କାବ୍ୟା । ସତରେ ମୋତେ ଏମିତି ଲାଗୁଛି - ତୁ ଅରୁକୁ ଆଜିକାଲି ଇର୍ଷା କରୁଛୁ ।

ସତ ସବୁବେଳେ ଅପ୍ରିୟ । ଅପମାନ ଆଉ ଅଭିମାନରେ ମାଟିରେ ଅବା ମିଶିଯିବ କାବ୍ୟା ! ଆଖିରେ ଆଖି ମିଶେଇ ଚାହିଁଲା ଶ୍ଳୋକକୁ । ତା' ଆଖିରେ ଟଳମଳ ହଉଥିଲା ଦି' ବୁନ୍ଦା ଲୁହ । ନା ଢୋକି ପାରୁଥିଲା, ନା ଝରେଇ ପାରୁଥିଲା ! !

ଶ୍ଳୋକ ବୁଝିପାରିଲା - ଜାଣତରେ ହଉ କି ଅଜାଣତରେ - କାବ୍ୟାକୁ ସେ କଟୁ କଥା କହିଛି । ତା'ର କୋମଳ ହୃଦୟକୁ ଆଘାତ ଲାଗିଛି ।

: ସରି ... ସରି କାବ୍ୟା । କିଛି କହିବାକୁ ଚାହୁଁଥିଲି - ଆଉ କିଛି ବାହାରିଗଲା ପାଟିରୁ । ତୁ ଯାହା ବି କର୍, ପ୍ଲିଜ୍ କାନ୍ଦେନା । ତୁ କାନ୍ଦିଲେ ମୋତେ ଆଦୌ ଭଲ ଲାଗିବନି । ମୁଁ ଆଉ କେବେ ବି ତୋତେ କାଟିଲା ପରି କଥା କହିବିନି । ଏଇ ଥରକ ମୋତେ କ୍ଷମା କରିଦେ । ପ୍ଲିଜ୍ ...

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୂଣ୍ୟଶ୍ଲୋକ ଓ ଅରୁନ୍ଧତୀ ବିଜ୍ଞାନ ପଢିଲେ । କାବ୍ୟା କଳା ପଢିବା ନିର୍ଣ୍ଣୟରେ ଅଟଳ ରହିଲା । କଲେଜ ଏକା; ହେଲେ ବ୍ଲକ୍ ଅଲଗା, କରିଡର୍ ଅଲଗା, କଲେଜ ଯିବା ଆସିବା ସମୟ ଅଲଗା । ଏବକୁ ଏବେ ଶ୍ଲୋକ ଓ ଅରୁ ସହିତ କ୍ୱଚିତ୍ ଦେଖା ହୁଏ କାବ୍ୟାର । ଆହୁରି କ୍ୱଚିତ୍ କଥାବାର୍ତ୍ତା । ଏ ଭିତରେ କାବ୍ୟା ବାପା ଙ୍କର ବଦଳି ହେଇଯାଏ ଏକ ଦୂରାନ୍ତ ସହରକୁ । ଆଶ୍ୱସ୍ତ ହେଲା କାବ୍ୟା । 'ଦେଖିବା - ହେଲେ ନ ପାଇବା' ଠାରୁ 'ନ ଦେଖି ନ ପାଇବା' ଢେର୍ ଭଲ । ଯିବା ପୂର୍ବରୁ ଉଭୟଙ୍କୁ ଦେଖା କରିଥିଲା କାବ୍ୟା । ଜମା ବର୍ଷକର ପରିଚୟ ଭିତରେ ତା'କୁ କେତେ ବା ଜାଣେ ଅରୁନ୍ଧତୀ ! ତଥାପି ବି ଏକ ଅନ୍ତରଙ୍ଗ ବନ୍ଧୁ ହରେଇବାର ଦୁଃଖରେ ଦୁଃଖୀ ହେଲା । ଆଗାମୀ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣେଇଲା । ପୂଣ୍ୟଶ୍ଲୋକ କିନ୍ତୁ କାବ୍ୟାର ସବୁ ଦିନ ପାଇଁ ଚାଲିଯିବାଟାକୁ ଆଦୌ ଗ୍ରହଣ କରିପାରିଲାନି । ନିଜେ ନିଜକୁ ବୁଝିପାରିଲା ନା ବୁଝେଇ ପାରିଲା । ତା'କୁ ଭୀଷଣ କାନ୍ଦ ମାଡୁ ଥାଏ । ହେଲେ କାନ୍ଦିଲାନି । ଓଠ କାମୁଡି ଲୁହ ଟିକକ ଶୋଷି ନେଲା ।

: ମୁଁ ଯାଉଛି ଶ୍ଲୋକ ।

: ମୋତେ କାହିଁକି କହୁଛୁ ? ମୁଁ ତୋର କିଏ କି ? ମୁହଁ ବୁଲେଇ ଦୂରାନ୍ତ ପାହାଡକୁ ଅନେଇଲା ଶ୍ଲୋକ ।

: କାଲେ ଆଉ ଦେଖା ହବ କି ନ ହବ - ସେଥିପାଇଁ ଭାବିଲି କହିଦେଇ ଯିବା ଉଚିତ୍ ହବ । କିନ୍ତୁ ତୁ ଚାହୁଁନୁ ଯଦି - ଠିକ୍ ଅଛି - ମୁଁ ଆସୁଛି ତେବେ ।

ଶ୍ଲୋକ ବ୍ୟତିବ୍ୟସ୍ତ ହେଲା ।

: ଏତେ ରାଗ, ଅଭିମାନ ଠିକ୍ ନୁହଁ କାବ୍ୟା । ତୁ କ'ଣ କୋଉ ଆମେରିକା ପଳଉଛୁ ? କହିଲା କ'ଣ ନା ଦେଖା ହବନି । ତୁ ଯେଉଁଠି ଥିଲେ ବି ଦେଖିବୁ ତୋତେ ମୁଁ ଖୋଜି ଖୋଜି ଯାଇ ପହଞ୍ଚିବି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାବ୍ୟା ହସିଲା । ପୁଣି ସେଇ ବେଦନା ଭରା ଫିକା ହସ । 'ଆବେଗ'ରେ ଶ୍ଳୋକ କୁ ଖୋଜୁଥିବା କାବ୍ୟାର ଲୁହ ବତୁରା ହସକୁ 'ବେଗ'ରେ କାବ୍ୟାକୁ ଚାହୁଁଥିବା ଶ୍ଳୋକ ବୁଝିଲା କି ନାହିଁ କେଜାଣି !

କାବ୍ୟା ନୂଆ ସହରକୁ ଗଲା । ନିଜ ଠିକଣା କିନ୍ତୁ କାହାକୁ ଦେଲା ନାହିଁ । କଲେଜ ଠିକଣାରେ ଅରୁ ଏବମ୍ ଶ୍ଳୋକ ଚିଠି ଦେଇଥିଲେ । ଖୋଲି ପଢିଥିଲା କାବ୍ୟା । ଅରୁନ୍ଧତୀ ଭଲ, ମନ୍ଦ ଜିଜ୍ଞାସା କରିଥିଲା । ଛୁଟି ଦେଖି ତା' ପାଖକୁ ଯିବାକୁ ଅନୁରୋଧ କରିଥିଲା । ପ୍ରତ୍ୟୁତ୍ତର ନ ପାଇ ଆଉ ଚିଠି ଦେଲାନାହିଁ । ଶ୍ଳୋକ ଦୁଇଟି ଚିଠି ଦେଇଥିଲା । ପ୍ରଥମ ଚିଠି - ଏଠି ତୁ ଥିଲା ବେଳେ ଆଦୌ ଜଣା ପଡୁ ନ ଥିଲା । ହେଲେ ତୁ ଗଲା ପରେ ବହୁତ ମନେ ପଡୁଛୁ କାବ୍ୟା । ମନ ଦେଇ ପଢିବୁ । ତୋ ଘର ଠିକଣା ଦବୁ । କଲେଜ ଠିକଣାରେ ପଠେଇଲେ ଚିଠି ପାଇବାର ଠିକଣା ନ ଥାଏ । ଦ୍ୱିତୀୟ ଚିଠି - ଦେଖା ହେଲେ ବହୁତ ଗାଳି ଦବୁ କାବ୍ୟା - ତୋ ରାଗ କମିବା ଯାଏଁ । କିନ୍ତୁ ଚିଠିର ଉତ୍ତର ଦବୁ । ନ ହେଲେ ଜାଣି ହଉନାଇଁ, ତୁ ଚିଠି ପାଉଛୁ କି ନାହିଁ । ଜାଣିଥା' - ଉତ୍ତର ନ ଦେଲେ ଏଇଟି ମୋର ଶେଷ ଚିଠି ।

ଉଷୁମ୍ ଲୁହ ଦି' ଟୋପାରେ ଲେସି ହେଇଗଲା କେତୋଟି ଅକ୍ଷର । ତଳ ଓଠକୁ ଦାନ୍ତରେ ଚାପି ଚିଠିକୁ କିଛି ସମୟ ମୁଠେଇ ଧରିଲା କାବ୍ୟା । ଥରୁଟିଏ ଥରିଲା ଓଠରେ ଛୁଇଁଲା । ତା' ପରେ କ'ଣ ଭାବି ଟିକ୍ ଟିକ୍ କରି ଚିରି ଚିଠିଟି ପବନରେ ଉଡେଇ ଦେଲା । ମନେ ମନେ ଗୁଣୁଗୁଣେଇଲା - ତୋତେ ଠିକଣା ଦେବାର ଥିଲେ ନିଜ ପାଇଁ ଅଠିକଣା ବାଟ କାହିଁକି ବାଛିଥା'ନ୍ତି ଶ୍ଳୋକ !

ଓଡିଆ ଭାଷା ସାହିତ୍ୟରେ ବି.ଏ, ଏମ୍.ଏ ପରେ ପି.ଏଚ୍.ଡି କଲା କାବ୍ୟା । ଦୁର୍ଗମ ଅଞ୍ଚଳକୁ କର୍ମକ୍ଷେତ୍ର ରୂପେ ବାଛିଲା । ଗଭୀର ମନଯୋଗ ସହକାରେ ଅଧ୍ୟାପନା କଲା ।

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଅସମର୍ଥ ବିଦ୍ୟାର୍ଥୀ ମାନଙ୍କୁ ସାଧ୍ୟ ମତେ ସାହାଯ୍ୟ, ସହଯୋଗ ଯୋଗାଇ ଦେଲା । କିନ୍ତୁ ବିବାହ କରିବାକୁ ଆଦୌ ମନସ୍ଥ କଲା ନାହିଁ । ବାପା, ବୋଉଙ୍କ ସକଳ ଅନୁରୋଧକୁ ବିନମ୍ରତାର ସହ ପ୍ରତ୍ୟାଖ୍ୟାନ କଲା ।

କୁହାଯାଏ କିଶୋର ବୟସର ପ୍ରେମ ଏକ ନିଚ୍ଛକ୍ ପ୍ରବଣତା ବ୍ୟତିରେକ ଅନ୍ୟ କିଛି ନୁହଁ । ତା'ହେଲେ କିଶୋରୀ କାବ୍ୟା ହୃଦୟରେ ଅଙ୍କୁରି ଥିବା ପ୍ରେମର ଏକ ଛୋଟିଆ ଚାରା ଗଛ ଏମିତି ମହାଦ୍ରୁମ ହେଲା କେମିତି ? ସେ ମହାଦ୍ରୁମର ପଲ୍ଲବନରେ ସେ ପଲ୍ଲବିତ । ତା'ର ମହମହ ବାସ୍ନାରେ ସେ ବାସ୍ନାୟିତ । ତା'ର ଶ୍ଳୋକମୟ ପୃଥିବୀରେ ଅନ୍ୟ ଏକ ପୁରୁଷ ପାଇଁ ଏତେ ଟିକିଏ ବି ଜାଗା ନ ଥିଲା । ଅତଏବ୍ ସେ ବିବେଚନା କଲା - ବିବାହ ତା'ପାଇଁ ଏକ 'ଆତ୍ମ ପ୍ରବଞ୍ଚନା' ସାବ୍ୟସ୍ତ ହେବ ।

କାଳେ କାଳେ ପ୍ରତ୍ୟୟ ହିଁ ପ୍ରେମକୁ ପରିପୁଷ୍ଟ କରେ । ପ୍ରଚଣ୍ଡ ଅଭିମାନ ସର୍ବଦା ପ୍ରେମର ପ୍ରତିକୂଳ । ଅଭିମାନିନୀ କାବ୍ୟା, ଶ୍ଳୋକ ସହିତ ଯୋଡି ହେଇ ନ ପାରିବାର ଅଭିମାନରେ ତା'କୁ ଛାଡି ଆସିଲା ସିନା, ତା' କବିତାରୁ ଶ୍ଳୋକକୁ ତଡି ପାରିଲା ନାହିଁ । ପ୍ରଚୁର ଲେଖିଲା । କେତେବେଳେ ହସରେ ତ କେତେବେଳେ ଲୁହରେ । କେତେବେଳେ ଉଚ୍ଛ୍ୱାସରେ ତ ଆଉ କେତେବେଳେ ଦୀର୍ଘଶ୍ୱାସରେ । କାବ୍ୟାର ପ୍ରକାଶିତ ବହିରେ ତା' ନିଜର ଫୋଟଟିଏ ନ ଥାଏ କିମ୍ବା ନିଜ ପରିଚୟ ନ ଥାଏ । ପ୍ରକାଶକଙ୍କ ମାଧ୍ୟମରେ ସେ ନିଜ ପ୍ରଶଂସକ ଓ ସମାଲୋଚକ ମାନଙ୍କ ସହିତ ଭାବ ବିନିମୟ କରେ ।

ଏଇ ତ, ଅଳ୍ପ କେଇ ବର୍ଷ ତଳର କଥା । ପ୍ରକାଶନୀ ସଂସ୍ଥାକୁ ସେ ଯିବା ଅବସରରେ ପ୍ରକାଶକ ମହୋଦୟ ଅଲଗା କରି ସାଇତି ରଖିଥିବା ଚିଠିଟିଏ ତା' ହାତରେ ଧରେଇ ଦେଲେ ।

: ମାଡାମ୍ ! ଦିଲ୍ଲୀରୁ ଏକ ଡାକ୍ତର ଦମ୍ପତି ଆସିଥିଲେ । ଆପଣଙ୍କ ଠିକଣା, ଫୋନ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନମ୍ବର ପାଇଁ ଅନେକ ଅନୁରୋଧ କଲେ । ଆପଣଙ୍କ କହିବା ମୁତାବକ ମୁଁ ନିଜ ଅସହାୟତା ପ୍ରକାଶ କଲି । ଏଇ ଚିଠିଟି ବ୍ୟକ୍ତିଗତ ଭାବରେ ଆପଣଙ୍କୁ ହସ୍ତାନ୍ତର କରିବାକୁ ସେମାନେ ମୋତେ ବିଶେଷ ଅନୁରୋଧ କରିଛନ୍ତି ।

ଲଫାପା ଉପରର ହସ୍ତାକ୍ଷର ଦେଖି ଚମକି ପଡିଲା କାବ୍ୟା । ସେଇ ଚିହ୍ନା ଚିହ୍ନା ପ୍ରିୟ ଅକ୍ଷର ! ଯତ୍ନ ସହକାରେ ଲଫାପାଟି ଭ୍ୟାନିଟି ବ୍ୟାଗ୍ ରେ ରଖିଦେଲା । ଘରେ ନିରୋଳାରେ, ନିଶ୍ଚିନ୍ତରେ ପଢିବ ।

ଲଫାପା ଉପରେ ପୂଣ୍ୟଶ୍ଲୋକର ଅକ୍ଷର ! ଚିଠିର ଲେଖା ଅରୁନ୍ଧତୀର ! !

ଆଦରର କାବ୍ୟା,

ପ୍ରକାଶକ ମହୋଦୟ ଭାରି ଭଲ ମଣିଷ । ତେଣୁ ତୋ ହାତକୁ ଚିଠି ନିଶ୍ଚୟ ଯିବ । କିନ୍ତୁ ତୁ ପଢିବୁ ତ ! କେଜାଣି ! ! ତେଣୁ ଅନିଶ୍ଚିତତାର ଚିଠି ଇଏ । ତଥାପି ପଢିବୁ ଭାବି ବିଶ୍ୱାସ ଓ ଭରସା ରଖି ଲେଖୁଛି ।

କାବ୍ୟା ଲୋ ! ତୁ ତ ମାନରେ ମାନିନୀ ରାଧାଙ୍କୁ ବଳିଗଲୁ । ତୋ ନାଁ' "କାବ୍ୟା କାଦମ୍ବିନୀ" ନ ହେଇ "କାବ୍ୟା ପ୍ରଣୟିନୀ" ହବାର ଥିଲା । ତୋ ପ୍ରେମରେ ପ୍ରଚୁର ପ୍ରାଣ ଥିଲା । ହେଲେ ପରିପକ୍ୱତା ଅଭାବରୁ ହୁଏତ ପୂର୍ଣ୍ଣତା ପ୍ରାପ୍ତ ହେଲାନାଇଁ । ବାୟାଣୀ ! କେମିତି ଜାଣି ପାରିଲୁନି ଲୋ - ପ୍ରଚଣ୍ଡ ଅଭିମାନ ପ୍ରେମରେ ପ୍ରାଚୀର ଠିଆ କରିଦିଏ, 'ଅହଂ ସର୍ବସ୍ୱ' କରିଦିଏ ! ! ସେଇ ପ୍ରାଚୀର ଭେଦି 'ମୁଁ' କେବେ ବି 'ଆମେ' ହେଇ ପାରେ ନାଇଁ ! ! !

ତୁ ସତେ ଯେପରି ପବନରେ ମିଳେଇଗଲୁ ! ବିଶ୍ୱାସ କର୍, ତୋତେ ଆମେ ବହୁତ ଖୋଜିଲୁ - ବିଶେଷ କରି ଶ୍ଲୋକ । ତୁ ତ ତାଙ୍କୁ ମୋ ଠାରୁ ବେଶୀ ଜାଣିଥିଲୁ, ବେଶୀ ବୁଝିଥିଲୁ, ବେଶୀ ଭଲ ପାଉଥିଲୁ । ପାଗଳୀ ! ସମସ୍ତେ କ'ଣ କଥାରେ କହି ପାରନ୍ତି ନିଜ ଭଲ ପାଇବା ? କଥାରେ, ଆଖିରେ, ଓଠରେ ନ କହି ସେ ହୁଏତ ନିଃଶବ୍ଦ ଶବ୍ଦରେ କହୁଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା'ଛଡା ତୁ ତାଙ୍କୁ କହିବାକୁ ସମୟ, ସୁଯୋଗ ଦେଲୁ କେଉଁଠି ଯେ !

ତୁ ପଚାରି ପାରୁ - କାବ୍ୟା ପ୍ରତି ଯଦି ଏତେ ଆସକ୍ତି ଥିଲା ପୂର୍ଣ୍ୟଶ୍ଳୋକର - ସେ ଅରୁନ୍ଧତୀକୁ କେମିତି ବିବାହ କଲା ? ଭଗବାନଙ୍କ ଦ୍ୱାହି ଦେଇ କହୁଛି ଲୋ - କେବଳ ମୋ ବାଧ୍ୟବାଧକତାରେ । ତୁ ଗଲାପରେ - ବିଶେଷ କରି ତୁ ନିଜକୁ ସମ୍ପୂର୍ଣ୍ଣ ଅଜ୍ଞାତବାସରେ ରଖିବା ପରେ - ସେ ଅସମ୍ଭବ ଭାବରେ ଉଦାସ ହେଇଗଲେ । ଆମେ ଏକା ସହ ମେଡିକାଲ୍ ପଢିଲୁ, ପି.ଜି କଲୁ - ଖୁବ୍ ଅନ୍ତରଙ୍ଗ ହେଲୁ - ତଥାପି ବି ତାଙ୍କର ଉଦାସୀ ଗଲା ନାହିଁ । କ୍ରମଶଃ ସେ ଅବସାଦ ଆଡକୁ ଗତି କଲେ । ଏତେ ସୁନ୍ଦର ମଣିଷକୁ ମୁଁ ହରେଇବାକୁ ଚାହୁଁ ନ ଥିଲି । ତୋ ପରେ ତାଙ୍କର ଦ୍ୱିତୀୟ ଶ୍ରେଷ୍ଠ ବାନ୍ଧବୀ ମୁଁ ହିଁ ତ ଥିଲି । ଅବଶ୍ୟ ତାଙ୍କୁ ମନେଇବାକୁ ମୋତେ କମ୍ ପରିଶ୍ରମ କରିବାକୁ ପଡିନାହିଁ । ସ୍ୱାମୀ ହିସାବରେ ଶ୍ଳୋକ ସର୍ବୋତ୍ତମ । ମୂହୁର୍ତ୍ତକ ପାଇଁ ବି ସେ ମୋତେ ଅନୁଭବ କରିବା ପାଇଁ ଦେଇନାହାନ୍ତି କି ମୁଁ ତାଙ୍କର ପ୍ରଥମ ପ୍ରେମ ନୁହଁ । ଏକଥା ବି ମୋତେ ଭଲ ଭାବେ ଜଣାଥିଲା ।

ଗୋଟିଏ କଥା ଅହରହ ମୋତେ ବ୍ୟଥିତ କରେ । ମୋତେ ଅନୁତପ୍ତ କରେ । ଏବେ ବି ବେଳେ ବେଳେ ମୋତେ ଲାଗୁଛି - ସତେ ଯେପରି ଶ୍ଳୋକଙ୍କୁ ମୁଁ ତୋ ପାଖରୁ ଛଡେଇ ନେଇଛି । ତମ ଜୀବନରେ ମୋର ଆବିର୍ଭାବ ନ ହେଇଥିଲେ ହୁଏତ ଆଜି ଶ୍ଳୋକ ତୋ'ର ହେଇଥା'ନ୍ତେ । ତୋତେ କେମିତି ବୁଝେଇବି କାବ୍ୟା - ଏଇଟା ମୋର ଇଚ୍ଛାକୃତ ଅପରାଧ ନ ଥିଲା । ତୋରି ନିଜ ମଣିଷଟାକୁ ଅମଣିଷ ପଣିଆ ରୁ ରକ୍ଷା କରିବାକୁ ଯାଇ ଏପରି କଠୋର ନିଷ୍ପତି ନେବାକୁ ବାଧ୍ୟ ହେଇ ଥିଲି ।

ଶେଷରେ ... ତୁ ତ ତୋ ଠିକଣା ନ ଦେବାକୁ ପଣ କରିଛୁ । ମୁଁ କିନ୍ତୁ ଦଉଛି ମୋ ଠିକଣା । ଥରୁଟିଏ ଆସିବୁ କାବ୍ୟା । ସୁନାଟା ପରା । ତୋ ଶ୍ଳୋକକୁ ଦେଖିଯିବୁ । ଜାଣୁ ତୋ ଗାଲର ଭଉଁରୀକୁ ସେ ଏବେ ବି ମନେ ପକାନ୍ତି । ମୋ ଗାଲରେ ଖୋଜନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଲରେ ଥା' । ତୋ ପାଇଁ ବହୁତ ସାରା ଭଲ ପାଇବା ସହିତ ।

ଇତି ।

ତୋର 'ଅରୁ'

କାବ୍ୟା ଜାଣି ପାରୁ ନ ଥିଲା - ତା' ଲୁହରେ ଅରୁର ଚିଠିଟା ଭିଜୁ ଥିଲା ନା ଚିଠିର ଓଦାପଣରେ ସେ ନିଜେ ବତୁରି ଯାଉଥିଲା ! ! !

ଦୋଳିଟିଏ ଭଳି ଝୁଲି ଝୁଲି ଟ୍ରେନ୍ ଚାଲିଛି । ବାଁ' କଡ ମାଡି ଶୋଇଥିବା ପୌଢା କାବ୍ୟାର ବାଁ' ପାପୁଲି ସହ ଫାଳେ ଗାଲ ଲୁହରେ ଓଦା ।

ଶାଢୀ କାନିରେ ଲୁହ ପୋଛିଲା କାବ୍ୟା । ହାତ ଘଣ୍ଟାକୁ ଚାହିଁଲା । ପାଞ୍ଚଟା ବାଜିବ । ବେକ ବୁଲେଇ ପାଖ ବର୍ଥ୍ କୁ ଅନେଇଲା । ଗଭୀର ନିଦରେ ଋତୁ । ଦୀର୍ଘଶ୍ୱାସ ଛାଡି, କଡ ମୋଡି, ଆଖି ବୁଜି ଶୋଇବାକୁ ଚେଷ୍ଟା କଲା ।

'ଭାତ ନିଦ' ପରି 'ଲୁହ ନିଦ' ବୋଲି କିଛି ଥିବ ବୋଧେ । ଗୁଡାଏ ଲୁହ ଗଡିଗଲା ପରେ ଆଖି ଜୋରରେ ଲାଗିଗଲା କାବ୍ୟାର । ନିଦ ଭାଙ୍ଗିବା ବେଳକୁ ସନ୍ଧ୍ୟା ପାର ହେଇ ରାତି ଆଠ । ଉପର ବର୍ଥ୍ ର ଯୁବକ ଦୁଇ ଜଣ ଏ ଭିତରେ ଓହ୍ଲେଇ ଗଲେଣି । ନୂଆ ଯାତ୍ରୀ କେହି ଆସି ନାହାନ୍ତି ତ ! ଋତୁକୁ ଅନେଇଲା କାବ୍ୟା । ଗଭୀର ମନଯୋଗ ଦେଇ ବହିଟିଏ ପଢୁଛି ।

ମୁଣ୍ଡଟା ବିନ୍ଧୁଛି । କଡା ଚା' କପେ ଦରକାର । କାବ୍ୟା ଉଠି ବସିଲା । ପରଦା ଆଡେଇ ଚା' ପାଇଁ ନିଘା କଲା । ଏଇ ତ ... ଚା' ବାଲା ।

: ଚା' ପିଇବ ଋତୁ ?

କୌଣସି ଉତ୍ତର ନ ପାଇ କାବ୍ୟା ନିଜ କଥା ଦୋହରାଇଲା ।

: ଓଃ ... ସରି ମା'ମ୍ । ଏଇ ଟିକେ ଆଗରୁ ମୁଁ ପିଇଛି । ଆପଣ ନିଅନ୍ତୁ । ପ୍ଲିଜ୍ ।

 Magazine Downloaded from www.aahwaan.com

ଚା' ପିଉ ପିଉ କାବ୍ୟାର ଆଖି ଋତୁ ପଢୁଥିବା ବହି ଉପରେ ସ୍ଥିର ହୋଇ ରହିଗଲା । ନାଃ ... ସେ ଭୁଲ୍ ଦେଖୁନି । ଆରେ ଇଏ ତ ତା ନିଜ ଲେଖା ବହିଟିଏ ।

: ଆଜିକାଲି ଖୁବ୍ କମ୍ ପିଲା ଓଡିଆ ବହି ପଢୁଛନ୍ତି । ତମକୁ ପଢିବା ଦେଖି ଖୁବ୍ ଭଲ ଲାଗିଲା ଋତୁ ।

ବହି ବନ୍ଦ କରି କୋଳରେ ରଖିଲା ଋତୁ ।

: ଆମ ଘରେ ସମସ୍ତେ ପଠନ ପ୍ରିୟ । ବିଶେଷ କରି ମାଉସୀଙ୍କ ବହିର ଆଦର ଆମ ଘରେ ଖୁବ୍ ବେଶୀ । ଇଏ ମୋ ମାଉସୀଙ୍କ ଲେଖା ବହି ।

: ମାଉସୀ ? କାବ୍ୟାର ଜିଭ ଅଠା ଅଠା ହୋଇଗଲା ।

: ହଁ । ମାମା ମୋତେ ସେଇ ସମ୍ବୋଧନ ଶିଖେଇଛି । ସେ ମୋ ମାମାର ସବୁଠାରୁ ପ୍ରିୟ ସାଙ୍ଗ । ଅସଲରେ ମୁଁ ତାଙ୍କୁ କେବେ ବି ଦେଖିନି କି ପ୍ରତ୍ୟକ୍ଷ ଭାବରେ ଜାଣିନି । ବାବା ଓ ମାମାଙ୍କଠୁ ତାଙ୍କ ଲେଖା ସମ୍ବନ୍ଧରେ ଅନେକ କଥା ଶୁଣିଛି । ମାଉସୀ ବି ଜଣେ ଅଦ୍ଭୁତ ମଣିଷ । ତାଙ୍କର କୌଣସି ବହିରେ ତାଙ୍କର ଫଟୋ କିମ୍ବା ଠିକଣା ନ ଥାଏ । ସେ କାଳେ ଖୁବ୍ ବେଶୀ ସ୍ୱାଭିମାନୀ । ମାମା କହେ - ଅଭିମାନ କରି ସେ ଏବେ ଅଜ୍ଞାତବାସରେ ଅଛନ୍ତି ।

କାବ୍ୟା କପାଳରେ ବିନ୍ଦୁ ବିନ୍ଦୁ ଝାଳ ।

: ମାମାର ଭାରି ଇଚ୍ଛା ଥିଲା - ଯିବା ଆଗରୁ ଥରୁଟିଏ ଅନ୍ତତଃ ମାଉସୀଙ୍କୁ ଦେଖନ୍ତା ବୋଲି । ବହୁତ ଚେଷ୍ଟା ବି ସେ କରିଥିଲା । ହେଲେ ତା'ର କିଛି ଉପାୟ ନ ଥିଲା । ଯୋଗ ମଧ୍ୟ ନ ଥିଲା ।

: ଯିବା ଆଗରୁ ମାନେ ? ତମ ମାମା କେଉଁଠି ଏବେ ଋତୁ ??

: ମୋ ମାମା ଆଉ ନାହିଁ ମା'ମ୍ । ସେ ଯାଇ ପାଞ୍ଚ ବର୍ଷ ହେଲାଣି । ତା'ର ଜନ୍ମରୁ ଦୁଇଟି ଯାକ କିଡନୀ ଖରାପ ଥିଲା । ପଲିସିଷ୍ଟିକ୍ କିଡନୀ । ଉତ୍ତୀର୍ଣ୍ଣ ବୟସରେ କିଡନୀ ଅଚଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେବା ଆରମ୍ଭ ହେଲା । ଶେଷ ଦୁଇ ବର୍ଷ କେବଳ ଡାଇଲିସିସ୍ ରେ ଜିଇଲା ସେ । ମୋତେ ଲାଗେ ବାବାଙ୍କ ଆନ୍ତରିକ ଭଲ ପାଇବା, ସେବା ଓ ଯତ୍ନ ଯୋଗୁଁ ହିଁ ମାମା ଏତେ ବର୍ଷ ବଞ୍ଚି ପାରିଲା ।

କାବ୍ୟା ନିଜକୁ ଆଉ ଆୟତ୍ତରେ ରଖିପାରିଲା ନାହିଁ । ଦୁଇ ପାପୁଲିରେ ମୁହଁ ଢାଙ୍କି କଇଁ କଇଁ ହେଇ କାନ୍ଦି ପକେଇଲା ।

: ତୁ ଅରୁର ଝିଅ ! ତା'ରି ମୁହଁ, ତା'ରି ହସ - ସବୁ ଆଖି ସାମ୍ନାରେ ଦେଖି ବି ମୁଁ ଚିହ୍ନି ପାରିଲିନି । ଧିକ୍ ମୋତେ ।

: ମା'ମ୍ ! ଆପଣ କଣ ସେଇ କାବ୍ୟା କାଦମ୍ବିନୀ !! ମୋ ପ୍ରିୟ କବି !!! ମୋ ମାମା ବାବାଙ୍କର ପ୍ରିୟ ବାନ୍ଧବୀ !!! ମୋ କାବ୍ୟା ମାଉସୀ ???

X X X X X

ଋତୁ କାବ୍ୟା ପାଖକୁ ଉଠି ଯାଇ କୁଣ୍ଢେଇ ପକେଇଲା । ଋତୁର ଗାଲ, ମୁହଁ, ବେକ, ପାପୁଲି - ସବୁଆଡେ ଲୁହ ବୋଳା ଚୁମା ଦେଇ ଚାଲିଥିଲା କାବ୍ୟା ।

ଗୟା ଷ୍ଟେସନ ପହଞ୍ଚିବ । ଆଉ ମାତ୍ର ପନ୍ଦର ମିନିଟ୍ ବାକି । କାବ୍ୟା ହାତରେ ନିଜ ଭିଜିଟିଂ କାର୍ଡ୍ ଦେଇ ପାଦ ଛୁଇଁଲା ଋତୁ । କହିଲା,

: ମାମା ଯିବା ସହିତ ଆପଣଙ୍କ ଅବୁଝାମଣା ବି ସରିଗଲା ଭାବିବେ ମାଉସୀ । ଦୁଇଦିନ ପରେ ଦିଲ୍ଲୀ ଫେରିଯିବି ମୁଁ । ନିଶ୍ଚୟ ଆସିବେ ମୋ ପାଖକୁ । ମାମାର ଅଭାବ ବୋଧ କିଛିଟା କମିବ ମୋର ।

ଟ୍ରଲିକୁ ଟାଣି ସିଟ୍ ତଳୁ ବାହାରକଲା ଋତୁ । ତା'ପାଖରେ ରଖି ଥିବା ବ୍ୟାଗ୍ ଟିକୁ ଅତି ସନ୍ତର୍ପଣରେ ଆସ୍ତେ କରି ଆଣି କୋଳରେ ଧରିଲା ।

: ମାଉସୀ !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

: ହଁ ମା' !

ସେ ଯାଏଁ କାବ୍ୟାର ଲୁହ, କୋହ କମି ନ ଥାଏ ।

: କଥାଟିଏ ନ କହି ରହିପାରୁନି ।

: କହ ଋତୁ !

: ଏତେ ଅଭିମାନ ? ଥରୁଟିଏ ବି ବାବାଙ୍କ କଥା ପଚାରିବେନି ?? ଆପଣଙ୍କ ଶ୍ଲୋକଙ୍କ ବିଷୟରେ କିଛି ବି ଜାଣିବାକୁ ଇଚ୍ଛା କରିବେନି ??? ମାମା ମୋତେ ସବୁ କଥା କହିଛି ମାଉସୀ ।

କାବ୍ୟା ସତେ କି ମାଟିରେ ମିଶିଯିବ ! କାଲିକା ପିଲାଟି ମଞ୍ଜ କଥାଟା କହି ତା'ର ସକଳ ଗର୍ବ ନିମିଷକରେ ଭାଙ୍ଗି ଦେଲା । ମୁଣ୍ଡ ତଳକୁ କରି ଧୀର ସ୍ୱରରେ ପଚାରିଲା କାବ୍ୟା

: ଶ୍ଲୋକ ଏବେ କେଉଁଠି ଋତୁ ? କେମିତି ଅଛନ୍ତି ସେ ??

ଋତୁର ଆଖିରେ ଲୁହ ଜକେଇ ଆସିଲା । କୋଳରେ ଧରିଥିବା ବ୍ୟାଗ୍ ର ମୁହଁ ଖୋଲି ଦେଖେଇ ଦେଲା କାବ୍ୟାକୁ ।

ଲାଲ୍ କନାରେ ମୁହଁ ବନ୍ଧା ହେଇଥିବା ମାଟିର କଳସଟିଏ ! ଅସ୍ଥି କଳସ !! ଆଃ ... ଶ୍ଲୋକ !!!

ଛାତି ଚିରି ଏକ ଅସ୍ଫୁଟ ଚିତ୍କାର ବାହାରି ଆସିଲା କାବ୍ୟା ମୁହଁରୁ ।ତା'ର ହୃତ୍ ସ୍ପନ୍ଦନ ସତେ ଯେମିତି ବନ୍ଦ ହେଇଯିବ । ଦୁଇ ପାପୁଲିରେ ନିଜ ପାଟିକୁ ବୁଜି ଧରିଲା ।

: ମାଉସୀ ! ଗତ କାଲି ବାବାଙ୍କର ପ୍ରଥମ ପୂଣ୍ୟ ତିଥି ଥିଲା । ମୁଁ ବାବା, ମାମାଙ୍କର ଏକମାତ୍ର ସନ୍ତାନ । ପରମ୍ପରା ଅନୁଯାୟୀ ଅସ୍ଥି ବିସର୍ଜନ ପାଇଁ ଗୟା ଯାଉଛି ।

କାବ୍ୟା ନିର୍ବାକ୍, ନିସ୍ପନ୍ଦ । ନିଷ୍ପଲକ ଆଖି ତା'ର ନିବଦ୍ଧ ଅସ୍ଥି କଳସ ଉପରେ । ଆଖିରୁ ଲୁହ ଟପ୍ ଟପ୍ ଖସି ପଡୁଛି । କଳସ ମୁହଁରେ ବନ୍ଧା ନାଲି ଜାଲି କନା ଭେଦି, ଅଭିମାନର

 Magazine Downloaded from www.aahwaan.com

ପ୍ରାଚୀର ଭେଦି ଶ୍ଳୋକର ଚିତାଭସ୍ମ, ଶ୍ଳୋକର ଶେଷାଂଶ ସହ କାବ୍ୟାର ଅନୁତାପର ଲୁହଧାର ମିଶି ସତେ ଅବା ଏକାକାର, ଏକାତ୍ମ ହେଇ ଯାଉଛି  ! ! !

ଡି ଏଲ ଏ-୧୨, ବୀର ସୁରେନ୍ଦ୍ରସାଏ ନଗର, ଭୁବନେଶ୍ୱର -୧୦,
ମୋ-୯୪୩୭୧୭୮୪୨୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଯୌତୁକ ଜୁଇରେ ରାଧା



ସଚ୍ଚିଦାନନ୍ଦ ବେହେରା

ମଧ୍ୟବିତ୍ତ ପରିବାରର ଝିଅ ରାଧା, ମାଆଛେଉଣ୍ଡ । ବୟସ ପ୍ରାୟ ଷୋହଳ କି ସତର । ଦେଖିବାକୁ ସୁନ୍ଦର । ଦେହରେ ଯୌବନର ଛିଟା ଲାଗିବା ଆଗରୁ ଲାଗିଥିଲା ହଳଦୀର ରଙ୍ଗ । ବୟସଟାକୁ ମନଭରି ଉପଭୋଗ କରିବା ଆଗରୁ ବିବାହ ବନ୍ଧନରେ ବାନ୍ଧିହୋଇ ଯାଇଥିଲା ରାଧା । ମନଖୋଲି ଦେଖିବା ଆଗରୁ ସ୍ୱପ୍ନ ସବୁକୁ ସଂସାର ନାମକ ବେଡିରେ ବାନ୍ଧି ଦିଆଯାଇଥିଲା । ଚଗଲା ବୟସରେ ଖେଳକୁଦ କରିବା ଆଗରୁ ସମୟ ତାସହ ଖେଳି ଦେଇଥିଲା ସଂସାରର ଖେଳ । ହସି ଖେଳି ଯେଉଁ ସମୟଟାକୁ ବିତେଇଥାନ୍ତା ସେଇ ସମୟରେ ସମ୍ଭାଳିବାକୁ ପଡିଲା ତାକୁ ସଂସାର ।

ମାତ୍ର ଷୋହଳ ବର୍ଷ ବୟସରେ ହିଁ ବିବାହ ହୋଇ ଯାଇଥିଲା ରାଧାର । ବାପା ତାର ଖୁବ ଧନୀ ନହେଲେ ବି ଚୌକିଦାର କରି ଯେଉଁ କିଛିବି ଟଙ୍କା ରଖିଥିଲେ ସବୁ ଗଲା ରାଧାର ବାହାଘରରେ । ରାଧା ଟିକେ ସୁନ୍ଦରୀ ବୋଲି ତାକୁ ବଡ଼ ଘର ମିଳିଗଲା । ବିବାହ ଖୁବ ଧୁମଧାମରେ ହେଲା । ବନ୍ଧୁବାନ୍ଧବ, ଖାନାପିନା ସବୁ ଭଲରେ ହେଲା । ବରଯାତ୍ରୀ ଖୁବ ମନ ଖୁସିରେ ଗଲେ ।

ବିବାହ ପରି ଚତୁର୍ଥୀ ମଧ୍ୟ ଭଲରେ ହେଲା । ଘରର ନୂଆ ବୋହୂ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଧା ଖୁବ କମିକା ଝିଅ । ସବୁ କାମ ଭଲରେ କରେ ।

ଚନ୍ଦ୍ରରେ କଳଙ୍କ ଥିବାପରି ବିବାହ କାର୍ଯ୍ୟରେ ସବୁ ଭଲ ଥିବାବେଳେ ସୃଷ୍ଟି ହେଲା ନୂଆ ଝଡ଼ । ରାଧାର ଶାଶୁ ସ୍ୱପ୍ନାବତୀ ଦେବି ସହଜେ ବୁଝିବା ଲୋକ ନୁହଁ । ଯୌତୁକ କାହିଁକି ଆସିଲାନାହଁ ତାକୁ ନେଇ ଗୋଟେ ବିଭ୍ରାଟ ସୃଷ୍ଟି କଲେ ।

ସେତେବେଳକୁ ରାଧାର ଶ୍ୱଶୁର ଅର୍ଥାତ ରାଧାନାଥ ବାବୁ ସହରକୁ ଚାଲିଗଲେଣି ଏ କଥାର ସମାଧାନ କରିବ କିଏ ? ଏଥର ରାଧାର ବେଳ ଖରାପ । ନାନା କଷ୍ଟ, ଦୁଃଖ ଆଦିକୁ ମୁଣ୍ଡରେ ମୁଣ୍ଡେଇବାକୁ ପଡିଲା ରାଧାକୁ । ଯେତେ ଭଲ ରୋଷେଇ ହେଲେବି ଲୁଣିଆ, ପୋଡା, ଅଲଣା ଆଦି ତୁଚ୍ଛା ଅପମାନକୁ ସହିବାକୁ ପଡିଲା ରାଧାକୁ । ଏବିଷୟରେ ରାଧା ସମରେଶଙ୍କୁ ଅର୍ଥାତ ରାଧାର ସ୍ୱାମୀକୁ କହିଲା ସେ ମାନିବାକୁ ନାରାଜ କାରଣ ତା ମାଆ ଏପରି ନିଛ କାମ କରିନଥିବେ ବୋଲି ତା ଧାରଣା ।

ଏମିତି ଦିନପରେ ଦିନ ବିତିଚାଲିଥାଏ ଯୌତୁକ ଯାତନା ମଧ୍ୟ ବଢିବଢି ଚାଲିଥାଏ । ସେଦିନ ସବୁ ସୀମାକୁ ଲଙ୍ଘିଦେଲେ ସ୍ୱପ୍ନାବତୀ ଦେବୀ । ଘରକୁ ଆସିଥିବା ମାଛକୁ ବିଲେଇ ଭୁଲରେ ଖାଇଲା କିନ୍ତୁ ଦୋଷ ଗଲା ରାଧା ଉପରକୁ, ବିଲେଇ କାହିଁକି କାମୁଡ଼ିଲା ପ୍ରଶ୍ନ କରି ସ୍ୱପ୍ନାବତୀ ଦେବୀ ରାଧା ଗୋଡ଼ରେ ଦେଲେ ନିଆଁଖୁଣ୍ଟାର ଚେଙ୍କ । ଏ ବିଚାରୀ ବା କରିବ କଣ ? ଦୁଃଖ ତ ତା ଭାଗ୍ୟରେ ଲେଖା । ଏମିତିରେ ବି ସମରେଶ ଘରେ ନାହିଁ କିଛି କାମରେ ଦୁବାଇ ମାସେ ପାଇଁ ଯାଇଛି । ଘରେ ଖାଲି ସ୍ୱପ୍ନାବତୀ ଦେବୀ ଆଉ ରାଧା । ଏ ଦୁଃଖ ରାଧା କହିବ କାହାକୁ । ସବୁ ଦୁଃଖକୁ ଚାପିରଖିଲା ହୃଦୟରେ ।

କିଛି ଦିନପରେ ରାଧାର ବାପା ଅପୂର୍ବ ବାବୁ ଝିଅ ଘରକୁ ବୁଲିବାକୁ । ତା ପୂର୍ବରୁ ସ୍ୱପ୍ନାବତୀ ଦେବୀଙ୍କର କଡା ତାଗିତ ଯଦି ରାଧା ମୁହଁ ଖୋଲେ ତେବେ ତା ବେଳ ଖରାପ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାପା ଆସିଲେ ସମୁଦୁଣୀଙ୍କ ସହ କଥା ହେଲେ ଝିଅ ସହ କଥା ହେଲେ । ଝିଅକୁ ଦେଖି ଅପୂର୍ବ ବାବୁ କହିଲେ, "କିରେ ମାଆ ଖାଆ ପିଇ କରୁନୁ କି ? କଳା କାଠ ପଡ଼ିଗଲୁଣି ।" ହେଲେ ରାଧା କଥା ଭୁଲେଇ ଦେଲା । ଏପଟେ ସ୍ୱପ୍ନାବତୀ ଦେବୀ ଯୌତୁକ କଥା କହିପାରୁ ନାହାନ୍ତି କି ରହି ପାରୁନାହାନ୍ତି ।

ଏମିତି ଦିନେ ରାଧା ଆଉ ଅପୂର୍ବ ବାବୁ କଥା ହଉହଉ ରାଧା ଅପୂର୍ବ ବାବୁଙ୍କୁ କହିଲା ବାପା ମୋ ଶାଶୂଘର ଲୋକ ଯୌତୁକ ଇଚ୍ଛା କରିଛନ୍ତି, ତୁମେ କିଛି ବନ୍ଦୋବସ୍ତ କର ।

ଏତକ ଶୁଣି ଅପୂର୍ବ ବାବୁଙ୍କ ମୁଣ୍ଡରେ ପଡିଲା ଚଡକ । ସେ ରାଧାକୁ କହିଲେ, "ଦେଖ ମାଆ ତୁ ତ ମୋ ପରିସ୍ଥିତି ଜାଣିଛୁ, ଯେତେ ସଂଚିକି ରଖିଥିଲି ସବୁତ ତ ବାହାଘରରେ ଗଲା । ଏବେ ମୁଁ ଆଣିବି କେଉଁଠୁ ?"

ବିଚାରି ରାଧା ମୁଣ୍ଡରେ ପଡିଲା ବିଶାଳ ଚିନ୍ତା । ସେ ଏକୂଳର ହେଲାନି କି ସେକୂଳର ହେଲାନି । ବିଚାରି କରିବ ତ କରିବ କଣ ? ଏଣେ ଅତ୍ୟାଚାର ସହିସହି ଅଧର୍ଯ୍ୟ ହେଇଗଲାଣି । ବିଚାରିର ହାଲତ ପୁରା ଖରାପ, ଏଣେ ଦିନକୁ ଦିନ ଅତ୍ୟାଚାର ବଢ଼ିବାରେ ଲାଗିଛି ।

ସେଦିନ ଗୁରୁବାର ଦିନକ ପରେ ରାଧନାଥ ବାବୁ ଆଉ ସମରେଶ ଘରକୁ ଫେରିବେ । ରାଧା ତାଙ୍କ ପାଇଁ ଭଲ ରୋଷେଇ କରିବାକୁ ଚିଠା ଚାକରକୁ ଦେବାବେଳେ ନଜର ପଡିଲା ସ୍ୱପ୍ନାବତୀ ଦେବୀଙ୍କର । ଖୁବ କଟୁକଥା କହିଲେ ସ୍ୱପ୍ନାବତୀ ଦେବୀ । ଆଉ ନିସ୍ତୁକ ମାଡ଼ ମାରି ଦରମରା କରିଦେଲେ ରାଧାକୁ । ଦିନ ସାରା ବିଚାରି କାନ୍ଦି କାନ୍ଦି ବିତେଇଲା ।

ତାପର ଦିନ ସମରେଶ ଓ ରାଧନାଥ ବାବୁଙ୍କ ଗାଡ଼ି ଲାଗିଲା ବଙ୍ଗଳାରେ । ଗାଡ଼ିରୁ ପାଦ କାଢ଼ନ୍ତି ତ ଘର ଆଗରେ ଲୋକଙ୍କ ଭିଡ଼ । ପଚାରି ବୁଝନ୍ତି ତ ଉତ୍ତର ମିଳିଲା ରାଧା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ନାହିଁ । ନିଜକୁ ଫାଶୀ ଦେଇ ହତ୍ୟା କରିଦେଇଛି ରାଧା । ଦୁହେଁ ଯାଇ ଶବ ପାଖରେ ଦେଖନ୍ତିତ ବାତ୍ୟାରେ ପିଟିଦେଇଥିବା ଭୂମିଶୂନ୍ୟ ଥୁଣ୍ଟାଗଛଟେ ପରି ପଡିଛି ରାଧା । ରାଧନାଥବାବୁ ନିଜ ଆଖିକୁ ବିଶ୍ୱାସ କରିପାରୁନଥାନ୍ତି, ଏପଟେ ସମରେଶ ନିଶବ୍ଦ ।

ମୃତ୍ୟୁର କାରଣ ସ୍ୱପ୍ନାବତୀ ଦେବୀଙ୍କୁ ପଚାରନ୍ତି ତ ଉତ୍ତର ଆସେ, "ଅଲକ୍ଷ୍ମୀଟା ଖରାପ କାମ କରୁଥିଲା ଧରାପଡିଯିବ ବୋଲି ଆତ୍ମହତ୍ୟା କରିଦେଲା ।"

ହାୟରେ ଦଇବ ମୃତ୍ୟୁ ପରେ ବି ନିନ୍ଦା, ଅପବାଦ, ଦୁଃଖ, କଷ୍ଟ ରାଧାର ପଛ ଛାଡୁନି । ହେଲେ ଲୋକ କାହୁଁ ଜାଣିବେ ଯୌତୁକଯାତନା ରାଧା ଆତ୍ମହତ୍ୟାର ମୂଳ କାରଣ !.......

କାଣ୍ଟିପାଳ,ଆନନ୍ଦପୁର,କେନ୍ଦୁଝର
ଭ୍ରାମ୍ୟଭାଷ : ୮୧୪୪୭୨୦୭୨୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରାଣର ସଞ୍ଚାର

ତ୍ରସ୍ତ ମାନବ କୁଳର କରୁଣ କ୍ରନ୍ଦନ ଆଜି ଦୂର ଦିଗବଳୟରେ କେଉଁ ଏକ ଭସାବାଦଲଟିଏ ପରି ଉଭେଇ ଯାଇଛି; ନୀରବ, ନିଶ୍ଚଳ ପ୍ରାୟ ହୋଇଯାଇଛି ତାର କାୟା । କାହିଁ ସେଇ ଯୌବନର ଉଦ୍ଦାମତା, କାହିଁ ସେଇ ମତ୍ତ ଗର୍ବ ର ଅହମିକା ?

ସବୁ ନିସ୍ତବ୍ଧ, ନିଥର ! ସତେ ଅବା ଘୋଟି ଆସିଛି ଅମା ଅନ୍ଧକାରର ସେଇ କୃଷ୍ଣ ଛାୟା ! ମାୟା ଦାନବ ର ଘନଘୋଟ ଚିତ୍କାର ରେ ଶିହରୀ ଉଠୁଛି ତନୁ ମନ ପ୍ରାଣ । ଗୁଞ୍ଜରି ଉଠିଛି ମୃତ୍ୟୁ ବିଭୀଷିକା ର ଭୈରବୀ ରଡ଼ି ଏବଂ କୁହୁଳି ଉଠିଛି ଭୀମ ଅଗ୍ନି ଶିଖା ।

ଏକ ବିଂଶ ଶତାବ୍ଦୀର ବୁକୁରେ କାଳିମାର ଛାପ ବୋଳି ଦେଇ ଅଟ୍ଟହାସ୍ୟ କରୁଛି ଆଜି ଶାତନ; ଏବଂ ତାର ଏହି ତାଣ୍ଡବ ଲୀଳାରେ ହିଲ୍ଲୋଳିତ ମେଦିନୀ ।



ରାଜେନ୍ଦ୍ର ପାତ୍ର

କାହିଁ କେତେ ଯେ ଦୁର୍ଦ୍ଦିନର ସମ୍ମୁଖୀନ ନ ହୋଇଛି, ଏ ମନୁଷ୍ୟ ଜାତି ? ତଥାପି ଇସ୍ପାତ ଦଣ୍ଡ ଭଳି ଶକ୍ତ କରି ରଖିଛି ନିଜ ମେରୁଦଣ୍ଡକୁ । ତେବେ ଏହା କଣ ଆକସ୍ମିକ ଥିଲା ? ନା' ଉଚ୍ଛୃଙ୍ଖଳିତ ମାନବ ସମାଜର ଆହ୍ୱାନୀ ଅନୁଷ୍ଠାନ ? ଔଦ୍ଧତ୍ୟର ଚରମ ଶିଖର ଦେଶରେ ଉପନୀତ ହୋଇ, ଆଦିମ କାଳରୁ ବନ୍ଧୁ ବିବେଚନା କରି ଆସୁଥିବା, ସେଇ ପ୍ରକୃତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଣୀକୁ ନିର୍ମମ ଭାବରେ ବିଲୁପ୍ତ କରିବା ପାଇଁ ଏହି ମନୁଷ୍ୟ ତିଳେମାତ୍ର କୁଣ୍ଠା ବୋଧ କରିନାହିଁ । ଆଉ, ସ୍ରଷ୍ଟାଙ୍କ ଅପୂର୍ବ ସୃଷ୍ଟିରେ ଥିବା ଏବଂ ମାନବ କୁଳର ଅବିଚ୍ଛେଦ୍ୟ ଅଙ୍ଗ କହି ଆସୁଥିବା ଜୀବ କୁଳର ବିନାଶ ପାଇଁ ପଶ୍ଚାପଦ ହୋଇନାହିଁ । ତାର ପ୍ରତି ଦାନରେ ଏବଂ ପ୍ରକୃତିର କ୍ରୂର ପ୍ରତିଶୋଧ ପରାୟଣତାରେ ଆଜି ନିଜର ସତ୍ତା ଓ ଅସ୍ତିତ୍ୱର ବିପନ୍ନ ସ୍ଥିତିର ଚାକ୍ଷୁଷ ପ୍ରମାଣ ହୋଇଛି ସ୍ୱୟଂ ନିଜେ ।

କିନ୍ତୁ; ଏହି ଭୟାବହତାର ପରିସ୍ଥିତିରେ ପୁଣିଥରେ ନିଜର ସ୍ଥିତି ସୁଧୁରିବା ନିମନ୍ତେ ସମସ୍ତଙ୍କ ପ୍ରତି ସମଦୃଷ୍ଟି ସମ୍ପନ୍ନ ହୋଇ ଏବଂ ସୃଷ୍ଟିର ସମସ୍ତ ସର୍ଜନାକୁ ଯଥା ଯୋଗ୍ୟ ସମ୍ମାନ ଦେବା ସହ "ବଞ୍ଚିବା ଓ ବଢ଼ିବା ହିଁ ଧର୍ମ" ଏହି ନୀତିକୁ ହୃଦଙ୍ଗମ ଯଦି କରେ, ତେବେ ପୁଣିଥରେ ନବୀନ ଯୁଗରେ ନବ ଜୀବନର ସ୍ପୃହା ଜାଗିଉଠିବ ଏବଂ ଶୁଷ୍କ ଅଧର ଧାର ରେ ସ୍ମିତ ହାସ୍ୟ ର ଝଲକ ଦେଖିବାକୁ ମିଳିବ ।

ଆସ୍କା, ଗଞ୍ଜାମ



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲେଉଟିଆ ଶାଗ

"ଜ୍ୟେଷ୍ଠ ଶୁକ୍ଳ ଷଷ୍ଠୀ ତିଥି ହିସାବରେ, ଆପଣଙ୍କ ମାତୃଦେବୀଙ୍କ ପହିଲି ପିଣ୍ଡ ଏ ସନ ଇଂରାଜୀ ମେ ମାସ ଅଠେଇଶ ତାରିଖରେ ପଡୁଛି, ଅରୁଣ ବାବୁ ।"

ଅସଲି ଖଡିରତ୍ନ ପଞ୍ଜିକାର ଏକ ନିର୍ଦ୍ଧିଷ୍ଟ ପୃଷ୍ଠାକୁ ପାଞ୍ଚ ମିନିଟ ନିରୀକ୍ଷଣ କରିସାରି ଘୋଷଣା କଲେ ପଣ୍ଡିତଜୀ ।

"ଅଠେଇଶ ତାରିଖ, ମାନେ ପଅରଦିନ ?" ଚଟାପଟ ହିସାବ କରି ବ୍ୟସ୍ତ ଭରା କଣ୍ଠରେ ଉତ୍ତର ଦେଲେ ଅରୁଣବାବୁ ।

- "ଠିକ କହିଛନ୍ତି ଅରୁଣ ବାବୁ, ଆରେ ବାଃ..... ସେଦିନ ପୁଣି କର୍କଟ ରାଶି ପୁଷ୍ୟା ନକ୍ଷତ୍ରକୁ ଚନ୍ଦ୍ରଚଳନ, ଶୀତଳଷଷ୍ଠୀ ତିଥିସାଙ୍ଗକୁ ସୁନ୍ଦର ନକ୍ଷତ୍ର ଯୋଗ । ଅତ୍ୟନ୍ତ ଶୁଭ ବେଳା ।" ବେଶ ପ୍ରଫୁଲ୍ଲ ଚିତ୍ତରେ କହି ଉଠିଲେ ପଣ୍ଡିତଜୀ ।



ସତ୍ୟରଞ୍ଜନ ମିଶ୍ର

- "ହୁଁ...." ପଣ୍ଡିତଜୀଙ୍କ ଏ ଜ୍ୟୋତିଷିଆ କଥାକୁ ଏଡାଇଯାଇ ଗମ୍ଭୀର ସ୍ୱରରେ ଅରୁଣବାବୁ କହିଲେ, "ସେକଥା ଛାଡ଼ନ୍ତୁ ପଣ୍ଡିତେ । ସେଦିନ ପିଣ୍ଡ କାମ ପାଇଁ କଣ କଣ ସାମଗ୍ରୀ ଆବଶ୍ୟକ ତାର ଚଟାପଟ ଗୋଟେ ଚିଠା ଦିଅନ୍ତୁ । ସମୟ ନାହିଁ ମୋ ପାଖରେ । ଇଆଡ଼େ ପୁଣି ମୁଁ ଏକୁଟିଆ ଲୋକ, ତେଣୁ ଯଥାଶୀଘ୍ର ସବୁ ଜିନିଷ ଯୋଗାଡ଼ କରିବାର ଅଛି ।"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜିକାଲି ସମୟାଭାବ ଜନିତ କାରଣକୁ ସହଜେ ଏଡ଼ାଇବା ନିମିତ୍ତ ସମସ୍ତେ ନିଜ ନିଜ ସମ୍ପର୍କିତ ବିଶେଷ ପ୍ରୟୋଜନୀୟ ବସ୍ତୁକୁ ଘଡିକେ ଘଡି ପାଖରେ ପ୍ରସ୍ତୁତ ରଖୁଛନ୍ତି । ସେଇ ହିସାବରେ ପଣ୍ଡିତଜୀ ବା ବାଦ ପଡିବେ କିପରି ? ଚଟାପଟ ନିଜ କାନ୍ଧରେ ଗଳେଇଥିବା କଳା ରଙ୍ଗର ମିନି ବ୍ୟାଗ ଭିତରୁ ଚାରି ଭାଙ୍ଗ ହେଇ ମୋଡ଼ାଯାଇଥିବା ଲମ୍ବା କାଗଜ ଖଣ୍ଡେ ବାହାର କରି ବଢ଼େଇଦେଲେ ଅରୁଣ ବାବୁଙ୍କ ହାତକୁ । ବାସ, ଆଉ ଅରୁଣ ବାବୁଙ୍କର କିଛି କହିବା କିଛି କହିବା ଆବଶ୍ୟକ ନଥିଲା । କାରଣ ପିଣ୍ଡଦାନ ନିମନ୍ତେ ଆବଶ୍ୟକୀୟ ସାମଗ୍ରୀ ମାନଙ୍କ ନାମାସୂଚୀ ଶେଷକୁ ପଣ୍ଡିତଜୀଙ୍କ ଦୀର୍ଘ ନାମ ଏବଂ ଦୂରଭାଷ ନମ୍ବରଟି ସ୍ୱଷ୍ଟ ଭାବେ ଉଲ୍ଲେଖ ଥାଏ । ଦ୍ରବ୍ୟ ଯୋଗାଡ଼ ସମୟରେ କୌଣସି ପ୍ରକାରେ ଅସୁବିଧା ହେଲେ ତତ୍କାଳ ପଣ୍ଡିତଜୀଙ୍କ ସହ ସମ୍ପର୍କ କରିହେବ । ବାଃରେ ଯୁଗ ! !

ନିର୍ଦ୍ଦିଷ୍ଟ ତିଥିରେ ଗୃହରେ ପଦାର୍ପଣ କରି ପିଣ୍ଡ କାର୍ଯ୍ୟରେ ପୁରୋହିତ ଆସନ ଅଳଙ୍କୃତ କରିବା ନିମନ୍ତେ ପଣ୍ଡିତଜୀଙ୍କୁ ଯଥାବିଧି ସାଦର ନିମନ୍ତ୍ରଣ ତଥା ଉପଯୁକ୍ତ ଦକ୍ଷିଣା ପ୍ରଦାନ ପୂର୍ବକ ପଣ୍ଡିତଜୀଙ୍କ ଘରୁ ବିଦାୟ ନେଇ ସିଆଡୁ ସିଆଡୁ ଅଫିସ ଚାଲିଗଲେ ଅରୁଣ ବାବୁ ।

ସେଦିନ ଅରୁଣ ବାବୁଙ୍କର ଆଉ ଅଫିସରେ ମନ ଲାଗୁନଥାଏ । ବୋଉଙ୍କ ପିଣ୍ଡ ପାଇଁ କେମିତି କଣ ଯୋଗାଡ଼ କରିବେ ସେଇ ଚିନ୍ତା ପ୍ରତି ମୁହୂର୍ତ୍ତରେ ତାଙ୍କ ମୁଣ୍ଡରେ ବୁଲୁଥାଏ । କଷ୍ଟେମଷ୍ଟେ ଦିନଟି ବ୍ୟତୀତ କରି ଅଫିସରୁ ଫେରିଲା ପୂର୍ବରୁ ଦୁଇ ଦିନର ଅଗ୍ରୀମ ଛୁଟି ଦରଖାସ୍ତ ମଞ୍ଜୁର କରି ସେ ଘରକୁ ଫେରିଲେ ।

ଘରେ ପହଞ୍ଚି ପତ୍ନୀ ନୀଳିମାଙ୍କ ହାତକୁ ପଣ୍ଡିତଙ୍କ ଚିଠାଟା ବଢ଼େଇ ଦେଉ ଦେଉ ବ୍ୟସ୍ତ ମିଶା ସ୍ୱରରେ କହିଲେ ଅରୁଣ ବାବୁ,

- "ହେଇଟି ଶୁଣ... ସକାଳେ ଯାଇଥିଲି ପଣ୍ଡିତଙ୍କ ଘରକୁ, ସେ କହିଲେ ବୋଉର ପହିଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପିଣ୍ଡ ପଅରଦିନ ପଡୁଛି ବୋଲି । "

- "ପଅରଦିନ ? ମାନେ ଏତେ ଜଲଦି ?" ଆହୁରି ବ୍ୟସ୍ତ ହୋଇପଡି ଉତ୍ତର ଦେଲେ ନୀଳିମା ।

- "ଆରେ ପିଣ୍ଡ କାମରେ ପୁଣି ଜଲଦି କଣ ବିଳମ୍ବ କଣ ? ଯେବେ ତିଥି ପଡିଲା ନାଁ ଆଉ । ହଉ ଛାଡ଼... ଏବେ ସେସବୁ ଆଲୋଚନାର ସମୟ ନାହିଁ । ମୁଁ ଫ୍ରେସ ହେଇକି ଆସେ, ତା ଭିତରେ ମୋତେ ତୁମେ ଆଗ ପଣ୍ଡିତଙ୍କର ଏ ଚିଠା ଦେଖି ବଜାରରୁ କଣ କଣ ଆସିବ ତାର ଗୋଟେ ଅଲଗା ଚିଠା ବନେଇ ଦିଅ । ସନ୍ଧ୍ୟା ହେବା ଆଗରୁ ମୁଁ ଯାଇ ବଜାରରୁ ସେସବୁ ନେଇ ଆସିବି । ଆଉ ତୁମେ ନିଜେ ଘରେ ଯାହା ସବୁ ଯୋଗାଡ଼ କରିବା କଥା ଲାଗିପଡ଼ । କଣ ବୁଝିଲ ତ ?" ଏକ ନିଶ୍ୱାସକେ କହିପକାଇଲେ ଅରୁଣ ବାବୁ ।

- "ହଁ, ବୁଝିଲି । ତୁମେ ଯାଅ ଫ୍ରେସ ହେଇଆସ ।" ନୀଳିମା ଦେବୀଙ୍କଠୁ ଏତିକ ଉତ୍ତର ଶୁଣି ଅରୁଣବାବୁ ଫ୍ରେସ ହେବାକୁ ଚାଲିଗଲେ ଆଉ ନୀଳିମା ଦେବୀ କାଗଜ କଲମ ଆଣି ଚିଠା କରିବାରେ ଲାଗିପଡ଼ିଲେ ।

ନୀଳିମା ଦେବୀ ଶିକ୍ଷିତ ତଥା ସୁଗୃହିଣୀ । ଧର୍ମପତ୍ନୀର କର୍ତ୍ତବ୍ୟ ଆଉ ଦାୟିତ୍ୱ ପଥରୁ ସେ କେବେ ହେଲେ ବିଚ୍ୟୁତ ହେଇନାହାନ୍ତି । ତିନିବର୍ଷର ସଂସାର ଭିତରେ ସେ ବେଶ ଭଲ ଭାବେ ଚିହ୍ନି ସାରିଛନ୍ତି ତାଙ୍କ ସ୍ୱାମୀଙ୍କୁ । ଜାଣିସାରିଛନ୍ତି ଯେ ଅରୁଣ ବାବୁଙ୍କ ପାଇଁ ଦୁନିଆ ଗୋଟେ ପଟେ ତାଙ୍କ ବୋଉ ଆଉ ଗୋଟେ ପଟେ । କାରଣ ଗୋଟିଏ ବୋଲି ଗେହ୍ଲାପୁଅ ଥିଲେ ସେ ତାଙ୍କ ବୋଉଙ୍କର । ବହୁତ କଷ୍ଟ କରି ମଣିଷ କରିଛନ୍ତି ସେ ଅରୁଣଙ୍କୁ । ମାତ୍ର ତିନିବର୍ଷ ବୟସରେ ଅରୁଣ ତାଙ୍କ ବାପାଙ୍କୁ ଏକ ଦୁର୍ଘଟଣାରେ ହରାଇବାରୁ ତାଙ୍କ ବଡବାପା ଆଉ ଦାଦା କପଟ କରି କେବଳ ଘର ଡିହ ଆଉ ବାଡ଼ିଟା ବ୍ୟତୀତ ଅନ୍ୟ ସବୁ ସମ୍ପତ୍ତି ନିଜ


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାଁରେ କରିନେଇ ତାଙ୍କଠୁ ସମ୍ପର୍କ କାଟି ଦେଲେ । ସେଇଦିନଠୁ ନିଜର କହିଲେ କେବଳ ସେଇ ବୋଉ ମୁହଁକୁ ଦେଖିଥିଲେ ଅରୁଣ । ବାପା ଛେଉଣ୍ଡ ପିଲାଟାକୁ କେବେହେଲେ ଅଭାବ ଶବ୍ଦର ପ୍ରକୃତ ଅର୍ଥ ଜାଣିବାକୁ ଦେଇନଥିଲେ ତାଙ୍କ ବୋଉ । ନିଜର ଗହଣାଗାଣ୍ଠି ବନ୍ଧା ପକେଇ, ପର ଘରେ ପାଇଟି କରି ଅରୁଣଙ୍କୁ ମଣିଷ କରେଇଥିଲେ ସେ । ବୋଉଙ୍କର କେତେ ଓଷା କେତେ ଉପବାସ ଆଉ ଅରୁଣଙ୍କ କଠୋର ପରିଶ୍ରମ ବଳରେ ଅରୁଣଙ୍କର ସେକ୍ରେଟେରିଏଟ ଅଫିସରେ ଚାକିରୀ ହେଇଗଲା । ଅରୁଣ ହେଇଗଲେ ଅରୁଣ ବାବୁ । ଆଉ ଚାକିରୀ ହବା ବର୍ଷେ ନପୂରୁଣୁ ନୀଳିମାଙ୍କ ଘରୁ ତାଙ୍କ ପାଇଁ  ବାହାଘର ପ୍ରସ୍ତାବ ବି ଆସିଗଲା । ନୀଳିମାଙ୍କ ସୁନ୍ଦରତାରେ ଅଭିଭୂତ ହେଇ ଅରୁଣ ବାବୁଙ୍କ ବୋଉ ତାଙ୍କ ପୁଅର ବାହାଘର ନୀଳିମାଙ୍କ ସହ କରାଇଦେଇଥିଲେ । ଆଶା କରିଥିଲେ ନାତି କି ନାତୁଣୀଟିଏ ଦେଖି ଦେହତ୍ୟାଗ କରିଥାନ୍ତେ, ହେଲେ ଭାଗ୍ୟର ବିଡମ୍ବନା । ବୋଧେ କିଛି ଲୋକ ଜୀବିତ ଅବସ୍ଥାରେ ସୁଖ ଭୋଗିବାକୁ ଜନ୍ମ ହେଇନଥାନ୍ତି । ଅରୁଣ ବାବୁଙ୍କ ବାହାଘର ବର୍ଷେ ନ ପୁରୁଣୁ, ଭଗବାନ ତାଙ୍କ ବୋଉଙ୍କୁ ଜ୍ୟେଷ୍ଠ ଶୁକ୍ଳ ଷଷ୍ଠୀ ପରି ପବିତ୍ର ଦିନରେ ନିଜ ପାଖକୁ ନେଇଗଲେ । ସେଇଦିନଠୁ ଉଭୟ ବାପାମା' ଛେଉଣ୍ଡ ହେଇଗଲେ ଅରୁଣ ବାବୁ । ଦୁନିଆରେ ଏବେ ତାଙ୍କର ଆପଣାର ବୋଲି ନୀଳିମା ଦେବୀଙ୍କ ବ୍ୟତୀତ ଆଉ କେହି ନାହାନ୍ତି । ତେଣୁ ସେ ଯେତେବେଳେ ଯାହା କହିଲେ ନୀଳିମା କିଛି ପ୍ରତିବାଦ କରନ୍ତିନି । ତାଙ୍କ ସବୁକଥା ଅକ୍ଷରେ ଅକ୍ଷରେ ମାନି ନିଅନ୍ତି ।

ଫ୍ରେସ ହେଇ ଆସିଲାବେଳକୁ ଅରୁଣ ବାବୁଙ୍କ ହାତକୁ ଟିଫିନ ଆଉ ବ୍ୟାଗ ବଢ଼େଇ ଦେଲେ ନୀଳିମା । ମୋବାଇଲ ଆଉ ୱାଲେଟ ସହ ସେସବୁ ନେଇ ଚଟାପଟ ବଜାରକୁ ବାହାରିପଡିଲେ ଅରୁଣ ବାବୁ । ବୋଉଙ୍କ ପ୍ରତି ନିଜର ପ୍ରଗାଢ଼ ସ୍ନେହ ଯୋଗୁଁ ସେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଅରଦିନର ପହିଲି ପିଣ୍ଡରେ କୌଣସି କମି ରଖିବାକୁ ଚାହୁଁନଥାନ୍ତି । ବଜାରରେ ପହଞ୍ଚି ସେ ଘଣ୍ଟାକ ଭିତରେ ପ୍ରାୟ ସବୁ ଜିନିଷ କିଣିପକେଇଲେ । ବାଛି ବାଛି ସବୁ ଭଲ ପରିବା ଆଉ ସଉଦା ଜିନିଷ କିଣିଥାନ୍ତି ସେ । କୋଉଥିରେ କିଛି ଉଣା କରିନଥାନ୍ତି । କିନ୍ତୁ ଦୁର୍ଭାଗ୍ୟବଶତଃ କିଣାକିଣି ସରିଲାବେଳକୁ ବଳି ପଡିଲା ଗୋଟାଏ ଦରବ । ଅବଶ୍ୟ ବେଶି ଗୋଟେ ବଡ଼ ଅଥବା ଦାମୀ ଦରବ ନୁହେଁ, ଏଇ ସାମାନ୍ୟ ଲେଉଟିଆ ଶାଗ । ତେବେ ସେଇ ସାମାନ୍ୟ ଜିନିଷଟା ପାଇଁ ଗୋଟିଏ କି ଯୋଡିଏ ନୁହେଁ ବଜାର ଉପରେ ଥିବା ପୁରା ଚଉଦଟା ଯାକ ଦୋକାନ ଦରାଣ୍ଡି ପକେଇ ଶେଷରେ ନିରାଶ ହେବାକୁ ପଡିଲା ଅରୁଣ ବାବୁଙ୍କୁ ।

ଲେଉଟିଆ ଶାଗ ବଦଳେ ଆଉ କଣ ରୋଷେଇ ହେଲେ ଚଳିବ ବୋଲି ପଣ୍ଡିତେ ଆଙ୍କାକୁ ଫୋନ କରି ପଚାରନ୍ତେ, ସେ  ଛଚିନ୍ଦ୍ରା ରାଇ, କୋଶିଳା ଶାଗ ଭଜା ନତୁବା କଦଳୀ ମଞ୍ଜା ରାଇ ପାଇଁ ଅନୁମତି ଦେଲେ । ହେଲେ ଏ ବୈଶାଖ ମାସେ କୋଶଳାଶାଗ କି ଛଚିନ୍ଦ୍ରା ଅବା କୋଉଠୁ ମିଳିବ । ତାଙ୍କ ବାପାଙ୍କ ପିଣ୍ଡ ସିନା ଭୋଦୁଅ ମାସରେ ପଡେ ବୋଲି ସେତେବେଳେ ଅତି ସହଜରେ ଛଚିନ୍ଦ୍ରା ମିଳିଯାଏ । କିନ୍ତୁ ଏ ଖରାଦିନେ ? କୋଶୀଳା ଶାଗ ତ ସହଜେ ଶୀତ ଦିନିଆ ଦରବ । ଆଉ ତାଛଡା ଭୁବନେଶ୍ୱର ଟାଉନରେ କଦଳୀ ଗଛ କୋଉଠି ଅଛି ଯେ ଅରୁଣ ବାବୁ ସେଠୁ ମଞ୍ଜା ଆଣି ରାଇ କରିବେ । ଏ ସମୟରେ ତ ଲେଉଟିଆ ଶାଗ ତୁଳନାରେ ସେସବୁ ଦରବ ଗୁଡା ବେଶି ଦୁର୍ଲଭ । ଲେଉଟିଆ ଶାଗ ତ ହାଟ ବଜାର ରେ ପ୍ରାୟ ବିକ୍ରି ହୁଏ । ନିହାତି ମିଳିଯିବା କଥା । କିନ୍ତୁ ଆଜି ଯେ କାହିଁକି ମିଳିଲାନି ସେକଥା ବୁଝିପାରୁନଥାନ୍ତି ଅରୁଣ ବାବୁ । ଶେଷରେ ଆଉ କିଛି ଉପାୟ ନ ପାଇ ମନଦୁଃଖରେ ଆସି ଗାଡିରେ ବସି ଘରକୁ ଯିବାକୁ ବାହାରିଲେ ।

ଗାଡି ବୋଇଲେ ନିଜର ଟାଟା ନେକ୍ସନ କାର । ହଁ.. ଅ.. ନିଜର କାଇଁ ହୁଅନ୍ତାନି ଯେ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ୟା ଭିତରେ ସେକ୍ରେଟାରୀଏଟ ଅଫିସରେ ଚାକିରୀ କରିବା ପରା ଚାରିବର୍ଷରୁ ଅଧିକ ହେଇଗଲାଣି । ଶଶୁର ଘର ଯୌତୁକ ଆଉ ସରକାରୀ ଦରମା ମିଶି, ଦୁଇ ମହଲା କୋଠା, ଏଲ ସି ଡ଼ି ଟିଭି, ବଡ଼ ଫ୍ରିଜ, ଦାମୀ ସୋଫା ଆଦି ସବୁକିଛି ଏବେ ତାଙ୍କ ପାଖରେ ଉପଲବ୍ଧ । ବ୍ୟାଙ୍କ ଆକାଉଣ୍ଟ ବି ସେଭିଙ୍ଗସ ଓ ଫିକ୍ସ ଡିପୋଜିଟରେ ଭରପୁର । ଏଇ ଛ'ମାସ ହେଲା କାରଟା କିଣିଲା ଦିନଠୁ ଭୁବନେଶ୍ୱର ଜୟଦେବ ବିହାର କଲୋନୀରେ ତାଙ୍କ ନାଁ ଆଗରୁ ବଡ଼ଲୋକିଆ ସାଂଙ୍କାଟା ଯୋଡି ହେଇଯାଇଛି । ତେବେ ସେଇ ବଡ଼ଲୋକ ଯେ ଆଜି ସାମାନ୍ୟ ଲେଉଟିଆ ଶାଗ ପାଖରେ ହାରିଯାଇଛନ୍ତି ଏକଥା ଭାବି ଭାବି ସେତେବେଳକୁ ଅରୁଣ ବାବୁଙ୍କ ମୁହଁ କଳା ପଡ଼ିଗଲାଣି ।

ଗାଡି ଷ୍ଟାର୍ଟ କରି ଘର ମୁହାଁ ହେଲେ ଅରୁଣ ବାବୁ । ବାଟଯାକ ତାଙ୍କ ଆଖି ଆଗରେ ନାଚିଯାଉଥାଏ ଲେଉଟିଆ ଶାଗର ସେଇ ଗାଢ଼ ସବୁଜ ରଙ୍ଗ । ହଁ, ଏତେ ସହଜରେ କେମିତି ବା ଭୁଲିବେ ସେ ରଙ୍ଗକୁ । ପିଲାଦିନେ ସେ ଶାଗକୁ ନେଇ କେତେ ଯେ କଳି ଅଝଟ ନ କରିଛନ୍ତି ତାଙ୍କ ବୋଉ ସହ । ଦାଣ୍ଡ ଦୁଆରେ ଛନ ଛନ ହେଇ ବଢିଥାଏ ଏହି ଲେଉଟିଆ ଶାଗ । ସବୁଦିନ ଖରାବେଳେ ଟିକେ ବଡି ନଡ଼ିଆ ପକେଇ ଖରଡ଼ିଦିଅନ୍ତି ଅରୁଣ ବାବୁଙ୍କ ବୋଉ । ଆଉ ତାପରେ ଶ୍ରଦ୍ଧା ସହକାରେ ତାକୁ ଆଣି ନିଜ ଗେହ୍ଲାପୁଅ ଆଗରେ ପରଶି ଦିଅନ୍ତି । ହେଲେ ଗେହ୍ଲାପୁଅଙ୍କୁ ସେଇଟା ଜମାରୁ ରୁଚେନି । ଦିନେ ଅଧେ ଦୋସରା କଥା କିନ୍ତୁ ସବୁଦିନ ଗୋଟେ ଜିନିଷ ରୋଷେଇ କଲେ କିଏ ନ ଚିଡିବ ଯେ ? ବେଳେବେଳେ ଅରୁଣ ବାବୁ ନିଜ ରାଗକୁ ନିୟନ୍ତ୍ରଣ ନ କରିପାରି କୁହନ୍ତି, "ବୋଉ ତୁ କାଇଁ ସବୁଦିନ ଏ ଘାସ ପତ୍ର ଆଣି ରୋଷେଇ କରୁଚୁ ? ମୁଁ କଣ ଗାଈ ?" ବୋଉ ହସିକରି ଉତ୍ତର ଦିଅନ୍ତି, "ମୋ ଧନ ଲୋ, ତୁ ଜାଣିନୁ... ଶାଗ ଖାଇଲେ ବହୁତ ରକ୍ତ ହୁଏ । ମୋର ଭାରି ପ୍ରିୟ ଏ ଶାଗଟା । ଭାତ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାଙ୍ଗରେ ଏଇଥିରୁ ଟିକେ ନହେଲେ ମୋ ପାଟିରୁ ଗୁଣ୍ଡା ଜମା ତଳକୁ ଖସେନି ।” ବୋଉର ପ୍ରିୟ ବୋଲି ଜାଣିଲାପରେ ଅରୁଣ ବାବୁ ଆଉ କିଛି କୁହନ୍ତିନି । ନାକ ଟେକି ଟେକି ଶାଗରୁ ବଡି ବାଛି ଶେଷରେ ଭାତ ଖାଇ ଦିଅନ୍ତି ।

ବର୍ଷାଦିନ ଆରମ୍ଭ ହେଲା ମାତ୍ରେ ବାଡ଼ିରେ ଛଚିନ୍ଦ୍ରା ତା ବଂଶ ବିସ୍ତାର ଆରମ୍ଭ କରିଦିଏ । ଏକକୁ ଆରେକ ପ୍ରତିଯୋଗୀ ଭାବି ଛାଏ ଲମ୍ବିଯାନ୍ତି ଗୋଟିକ ପରେ ଗୋଟିଏ ଛଚିନ୍ଦ୍ରା । ଆଉ କଦଳୀ ମଞ୍ଜା ତ ବର୍ଷକ ବାର ମାସି ତାଙ୍କ ବାଡ଼ିରେ ଓହଳିଥାଏ । ପ୍ରତିଦିନ ସକାଳୁ ପଖାଳ ସହ କିମ୍ବା ଗାଧୁଆବେଳେ ଗରମ ଭାତ ସହ ସେଇ ଦୁଇଟି ପରିବା ମାନେ ଛଚିନ୍ଦ୍ରା ନହେଲେ କଦଳୀ ମଞ୍ଜା ଭିତରୁ କୌଣସି ଗୋଟିଏ ନିହାତି ରାନ୍ଧିଥାନ୍ତି ତାଙ୍କ ବୋଉ । ହେଲେ ସେସବୁ ଦେଖିଲେ ଭାରି ଚିଡିଚିଡ଼ି ହୁଅନ୍ତି ଅରୁଣ ବାବୁ । “ମୁଁ ଆଜି ଖାଇବିନି ଯା... ମୋ ପାଇଁ ମୋ ପସନ୍ଦର କାକେରା ପିଠା ବନେଇବୁ ତ ଯାଇଁ ଖାଇବି... ନହେଲେ ନାହିଁ” କହିକି ବେଳେ ଅଧେ ରୁଷନ୍ତି ମଧ୍ୟ । ସେତେବେଳେ ତାଙ୍କ ବୋଉ ଅନନ୍ୟୋପାୟ ହେଇ କାହାଘରୁ କେମିତି ଅଲଗା ସ୍ୱାଦିଷ୍ଟ ଦରବରୁ ଖଣ୍ଡେ ଅଧେ ମାଗିଯାଚି ନେଇଆସନ୍ତି ଆଉ ଗେହ୍ଲାପୁଅକୁ ଖୁଏଇଦେଇ ହସିକରି କୁହନ୍ତି, “ରହରେ ଅରୁ... ଆଜି ତୁ ସିନା ମୁଁ ରାନ୍ଧିଥିବା ଏ ଦରବ ସବୁ ଦେଖି ନାକ ଟେକୁଚୁ କିନ୍ତୁ ଦେଖିବୁ ରହ, କିଛି ବର୍ଷପରେ ତୁ ଯେତେବେଳେ ବଡ଼ ହେଇଯିବୁ ଏସବୁ ଦରବ ଖୋଜି ବୁଲୁଥିବୁ ଅଥଚ ପାଉନଥିବୁ ।” ଭୃକୁଟି ଟେକି ଅରୁଣ ବାବୁ ସେତେବେଳେ ଉତ୍ତର ଦିଅନ୍ତି, “ହୁଁ, ତୋର ଯୋଉ କଥା ନା ବୋଉ । ମୁଁ କାଇଁ ଯାଉଥିଲି ବା ଏ ନାଲୁଆ ପରିବା ଏ ଘାସପତ୍ର ଖୋଜିବାକୁ । ବଜାରରେ କଣ ଭଲ ପରିବା ଅଭାବ ହେଇଚି କି ? ମୁଁ ବଡ଼ ହେଲେ ହାକିମ ହେବି ଆଉ ଘରକୁ ଭଲ ପରିବା କିଣିକି ଆଣିବି । ଏସବୁକୁ କେବେ ଖୋଜିବିନି କି ଖାଇବିନି । ବରଂ ଦାଣ୍ଡ ବାଡ଼ି ଚାରିଆଡୁ ଏ ଗଛସବୁ ଉପାଡି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପକେଇବି ।" ଭବିଷ୍ୟତ ସବୁ ଦେଖିପାରିଲା ପରି ଅରୁଣ ବାବୁଙ୍କ ବୋଉ ହସିକରି କୁହନ୍ତି, "ହଉ ରହରେ ଅରୁ, ଦେଖିବାକୁ ମୁଁ ବଞ୍ଚିଥିବି କି ନାଇଁ, ତୁ ଏ ଗଛ ଓ଼ପାଡୁଛୁ କି ଓଲଟା ଲଗାଉଛୁ ତାହା ସମୟ କହିବ ।"

କାର ଭିତରେ ଅରୁଣ ବାବୁଙ୍କ ଆଖି ଛଳଛଳ ହେଇଯାଉଥାଏ । ଲୁହ ଟୋପେ ଗଡିବାକୁ ଆରମ୍ଭ କରନ୍ତେ ଅରୁଣ ବାବୁ ତାକୁ ଜବରଦସ୍ତି ଅଟକେଇବାର ପ୍ରଚେଷ୍ଟା କରୁଥାନ୍ତି । ଆଖିର ଲୁହ ମନର କୋହ, ହାତର ସ୍ଟେରିଙ୍ଗକୁ ନିୟନ୍ତ୍ରଣ କରି ଗାଡି ଚଲାଉଥାନ୍ତି ଅରୁଣ ବାବୁ । ଯିଏ ତାଙ୍କପାଇଁ ଏତେ କଷ୍ଟ ସହିଲା, ନିଜ ଜୀବନକୁ ବାଜି ଲଗେଇ ତାଙ୍କୁ ମଣିଷ କଲା ତା ପିଣ୍ଡରେ ଆଜି ସାଧାରଣ ଶାଗ ବିଡ଼ାଏ ଯୋଗାଡ଼ କରିପାରୁ ନାହାନ୍ତି ଅରୁଣ ବାବୁ ? ଶାଗ ଟିକେ ନହେଲେ ଯାହାର ପଖାଳ ଗୁଣ୍ଡା ଉଠେନି, ସେ ଆଜି ପିଣ୍ଡର ଏତେ ସବୁ ଦରବ ବିନା ଶାଗରେ କେମିତି ଖାଇବ ? ଅରୁଣ ବାବୁ ନିଜକୁ ନିଜେ ଧିକ୍କାର କରୁଥାନ୍ତି ।

କିଛି ସମୟ ପରେ ଗାଡି ଆସି ଘର ପାଖରେ ପହଁଚିଲା । ସଉଦା ବ୍ୟାଗ ଦୁଇଟାକୁ ଧରି ମୁହଁ ଶୁଖେଇ ଘର ଭିତରକୁ ଆସିଲେ ଅରୁଣ ବାବୁ । ତାଙ୍କୁ ଦେଖୁ ଦେଖୁ ପତ୍ନୀ ନିଳିମା ଦେବୀ ରୋଷେଇଘରୁ ପାଣି ଗିଲାସେ ଆଣି ବଢ଼େଇଦେବା ପୂର୍ବକ ପ୍ରଶ୍ନ କଲେ, "କଣ ସବୁ ଜିନିଷ ମିଳିଲାଟି ନା ନାହିଁ ? ଏମିତି ମୁହଁ କାଇଁ ଶୁଖେଇଛ ଯେ ?" ପାଣି ଗ୍ଲାସଟି ନେଇ ପିଉ ପିଉ ଅରୁଣ ବାବୁ ଗମ୍ଭୀର ସ୍ୱରରେ ଉତ୍ତର ଦେଲେ, "ହଁ, ବାକି ସବୁ ମିଳିଗଲା ଯେ ହେଲେ........"

- ହେଲେ ପୁଣି କଣ ଯେ ?

- ହେଲେ ସେ ଲେଉଟିଆ ଶାଗ ମିଳିଲାନି.........

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ଓଃ ଏଇ କଥା । ଏତେ ଜିନିଷ ରନ୍ଧା ହେବ । ସେଇଟା ନହଉ ଏବେ । ଆମେ ତା ବଦଳେ ଆଉ ଦୁଇ ଚାରି ଠା ଦରବ ରାନ୍ଧିଦେବାନି.....

- ଉଁ ହୁଁ... ସେ ଶାଗର ସ୍ଥାନ ଆଉ କେହି ନେଇପାରିବେନି । ଛାଡ଼... ତୁମେ ବୁଝିପାରିବନି ନୀଳିମା । ଭୋକ ଲାଗିଲାଣି ଖାଇବାକୁ ବାଢ, ମୁଁ ଧୋଇ ହେଇ ଆସୁଛି ।

ନୀଳିମା ଦେବୀ କିଛି ବୁଝିପାରୁନଥାନ୍ତି ସେ ଶାଗର ବିଶେଷତ୍ୱ । ଅରୁଣ ବାବୁ ଚୁପ ଚାପ ଆସି ଖାଇଦେଇ ବିଶ୍ରାମ ନେବାକୁ ଗଲେ । ସେଦିନ ଆଉ ପାଟିରେ ତାଙ୍କର କଥା ନାହିଁ କି ମୁହଁରେ ହସ ନାହିଁ । ରାତିରେ ବି ତାଙ୍କୁ ସହଜେ ନିଦ ଆସିଲା ନାହିଁ । ତାଙ୍କ ଆଖି ଆଗରେ ସେଇ ଶାଗ ଗଛ ବାରମ୍ବାର ନାଚିବାରେ ଲାଗିଲା । କଷ୍ଟେମଷ୍ଟେ ରାତି ପାହିଲା । ସକାଳୁ ଉଠି ନିତ୍ୟକର୍ମ ସାରି ଅରୁଣ ବାବୁ ଧାଇଁଲେ କଲୋନୀରେ ଥିବା ସବୁ ପରିବାର ଘରକୁ । ଆସନ୍ତାକାଲି ପାଇଁ ନିମନ୍ତ୍ରଣ କରିବା ଛଳରେ ସମସ୍ତଙ୍କୁ ପଚାରି ବୁଝୁଥାନ୍ତି ତାଙ୍କ ଘରେ ଲେଉଟିଆ ଶାଗ ଅଛି କି । ହେଲେ ଫଟା କପାଳକୁ ସମସ୍ତେ ମନା କରିଦେଉଥାନ୍ତି । ସାଙ୍ଗ ସାଥିଙ୍କୁ ଫୋନକରି ଶାଗବିଡ଼ାଏ ଯୋଗାଡ଼ କରିବାକୁ କହିବାକୁ ସଂକୋଚ ଲାଗୁଥିଲେ ମଧ୍ୟ ଶେଷରେ ଲଜ୍ଜ୍ୟାହୀନ ହେଇ ଜଣେ ଦୁଇଜଣଙ୍କୁ ଫୋନ କରି କହିଲେ ଅରୁଣ ବାବୁ । କିନ୍ତୁ ସେମାନେ ବି ଶେଷରେ ଅରୁଣ ବାବୁଙ୍କୁ ନିରାଶ କଲେ ।

ରାତି ପାହିଲେ ବୋଉର ପିଣ୍ଡ । ନୀଳିମା, ଘର ଝଡ଼ାଝଡି ଧୁଆଧୁଇ ଓ ଅନ୍ୟାନ୍ୟ ଜିନିଷ ଯୋଗାଡ଼ରେ ବ୍ୟସ୍ତ । ହେଲେ ଇଆଡ଼େ ଅରୁଣ ବାବୁଙ୍କ ମନ ଗୋଳେଇ ଘାଣ୍ଟି ହେଉଥାଏ । ତାଙ୍କର ସବୁ ଚେଷ୍ଟା ନିଷ୍ଫଳ ହେଇସାରିଥାଏ । ବାକି ଆଉ କଣ କରିବେ କିଛି ଜାଣିପାରୁନଥାନ୍ତି କେବଳ ଯୁଦ୍ଧରେ ପରାଜିତ ସିପାହୀ ସଦୃଶ ସେ ନିଜେ ନିଜ ଆଗରେ ଲଜ୍ଜ୍ୟା ଅନୁଭବ କରୁଥାନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଦିନ ବି ରାତି ପାହିଲା । ପବିତ୍ର ଶୀତଳ ଷଷ୍ଠୀ ତିଥି ଧରାପୃଷ୍ଠକୁ ଆସିଲା । କିନ୍ତୁ ଅରୁଣ ବାବୁଙ୍କ ମୁହଁକୁ ହସ ଫେରିଲାନି । ଗାଧୋଇ ପାଧୋଇ ସାରି ନୀଳିମା ଦେବୀଙ୍କ ଅଜ୍ଞାତରେ ତାଙ୍କ ବୋଉଙ୍କ ଫୋଟୋ ଆଗରେ ବଡ଼ ବିକଳରେ କାନ୍ଦିବାକୁ ଲାଗିଲେ ସେ । ମନେମନେ କହୁଥାନ୍ତି ସେ, "ତୁ ଠିକ କହୁଥିଲୁରେ ବୋଉ । ମୁଁ ବଡ଼ ହେଲେ ଏଇ ଘାସପତ୍ର ଖୋଜୁଥିବି ଅଥଚ ପାଉନଥିବି ବୋଲି । ତୁ ଠିକ କହୁଥିଲୁରେ । ତୁ ଆଜି ଜିତିଯାଇଛୁ ଆଉ ମୁଁ ଆଜି ହାରିଯାଇଛିରେ, ମୁଁ ହାରିଯାଇଛି ........... ।"

କିଛି ସମୟ ପରେ ନିଜ ଦାୟିତ୍ୱ କଥା ସ୍ମରଣ କରି ନିଜକୁ ନିୟନ୍ତ୍ରଣରେ ଆଣିଲେ ଅରୁଣ ବାବୁ । ବୋଉଙ୍କ ଫୋଟୋକୁ ସସମ୍ମାନେ ସଜ୍ଜିତ କରି ପିଣ୍ଡଦାନ ପାଇଁ ଉଦ୍ଦିଷ୍ଟ ପ୍ରକୋଷ୍ଠରେ ରଖିଲେ । ତା'ପରେ ଅତିଥି ଅଭ୍ୟାଗତ ଓ ପୁରୋହିତଙ୍କ ଚର୍ଚ୍ଚାର ସୁବନ୍ଦୋବସ୍ତରେ ଲାଗିପଡ଼ିଲେ । ପୁରୋହିତ ଆସିଲେ । ପିଣ୍ଡଦାନର ସମୟ ଆସିଲା । ଆବଶ୍ୟକ ହୋମକର୍ମ ପରେ ପଣ୍ଡିତଜୀ ଆଜ୍ଞା ଦେଲେ ପିଣ୍ଡ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ସାମଗ୍ରୀ ଆଣିବାକୁ । ଅରୁଣ ବାବୁଙ୍କ ମୁହଁ ପୁଣି ଶୁଖିଗଲା । ସେ ଜାଣିସାରିଥାନ୍ତି ତାଙ୍କ ବୋଉକୁ ଏସବୁ କିଛି ରୁଚିବନି । ଶାଗ ବିନା ସେ ଏସବୁ କିଛି ଖାଇବନି । ଏବେ ବର୍ଷ ଗୋଟାଏ ତାଙ୍କ ବୋଉକୁ ଉପାସ ରହିବାକୁ ପଡିବ । ଭାବିଲାବେଳକୁ କାନ୍ଦ କାନ୍ଦ ହେଇଯାଉଥାନ୍ତି ଅରୁଣ ବାବୁ । ମନେମନେ କହୁଥାନ୍ତି, "ବୋଉ ମୋତେ କ୍ଷମା କରିଦେବୁ ରେ, ମୁଁ ତୋ ଯୋଗ୍ୟ ପୁଅ ହେଇପାରିଲିନି । ଆରେ ଯିଏ ତୋ ପାଇଁ ଶାଗ ବିଡ଼ାଏ ବି ଯୋଗାଡ଼ କରିପାରିଲାନି ସେ କି ପୁଅ । ଧିକ ମୋ ପୁଅ ପଣିଆକୁ । ହେଲେ ମୋ ଭୁଲ ପାଇଁ ତୁ ଓପାସ ରହିବୁନିରେ । ତୁ ଖାଲି ଏବର୍ଷଟା ଚଳେଇଦେ, ମୁଁ କଥା ଦେଉଛି ଆର ବର୍ଷକୁ ଯେମିତି ବି ହଉ ତୋ ପାଇଁ ଶାଗ ଯୋଗାଡ଼ କରିଦେବି । କିଛି ନହେଲେ ତୋ ପାଇଁ ଘର କଡରେ ଶାଗ ବୁଣିବି ପଛେ କିନ୍ତୁ ତୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବର୍ଷ ରାଗିବୁନି କି ଓପାସ ରହିବୁନିରେ । ତୋତେ ମୋ ରାଣ, ତୋତେ ତୋ ଅରୁର ରାଣ, ତୋ ବୋହୂ ଯାହା ରାନ୍ଧିଛି ତାକୁ ଖାଇଦେବୁରେ ।”

ନୀଳିମା ଦେବୀ ଗୋଟିକ ପରେ ଗୋଟିଏ ଦରବ ବାଢ଼ୁଥାନ୍ତି ଆଉ ଅରୁଣ ବାବୁ ମୁହଁ ଶୁଖେଇ ସେସବୁକୁ ଦେଖୁଥାନ୍ତି । କିନ୍ତୁ ଏ କଣ ! ! ଭାତ ଡାଲି ବାଢ଼ି ସାରି ନୀଳିମା କୋଉ ଜିନିଷ ବାଢିଲେ ! ! ଦେଖିବାକୁ ତ ବିଲକୁଲ ଲେଉଟିଆ ଶାଗ ଭଳି । ଭଳି କଣ, ଏ ତ ଲେଉଟିଆ ଶାଗ ! ! ଆଶ୍ଚର୍ଯ୍ୟ ସହକାରେ ନୀଳିମାଙ୍କ ମୁହଁକୁ ଚାହିଁଲେ ଅରୁଣ ବାବୁ । ପଣ୍ଡିତଜୀ ବସିଥିବାରୁ କିଛି ପଚାରିବା ଉଚିତ ମଣିଲେନି ଅରୁଣବାବୁ । ପିଣ୍ଡ ସରିବା ପର୍ଯ୍ୟନ୍ତ ଅପେକ୍ଷା କଲେ । ଯେତିକି ଖୁସି ହେଉଥାନ୍ତି ସେତିକି ଆଶ୍ଚର୍ଯ୍ୟ ବି ହେଉଥାନ୍ତି, “ମୁଁ ଏତେ ଖୋଜି ଖୋଜି ଯାହାକୁ ପାଇଲିନି ନୀଳିମା ଘରେ ରହି ତାକୁ କୋଉଠୁ ଯୋଗାଡ଼ କଲେ ! ! ସମସ୍ତେ ଯାଆନ୍ତୁ ଏ ବିଷୟରେ ନୀଳିମାଙ୍କ ସହ ନିଶ୍ଚୟ କଥା ହେବି ।”

ପିଣ୍ଡ କାମ ସରିଲା । ପୁରୋହିତ, ଅତିଥି, ଅଭ୍ୟାଗତ ସମସ୍ତେ ଠିକ ସମୟରେ ଆସି ଖାଦ୍ୟପେୟ ଗ୍ରହଣ କରି ତଥା ସବୁ ପ୍ରକାର ସୁବନ୍ଦୋବସ୍ତର ଭୁରିଭୁରି ପ୍ରଶଂସା କରି ବିଦାୟ ନେଲେ । ସମସ୍ତେ ଗଲାପରେ ଅରୁଣ ବାବୁ ଖାଇ ବସିଲେ । ଭାତ ଡାଲି ବାଢିସାରି ଶାଗ ବାଢୁ ବାଢୁ ନୀଳିମାଙ୍କ ହାତକୁ ଧରିପକେଇଲେ ଅରୁଣ ବାବୁ ।

- ସତ କୁହ ନୀଳିମା ।

- କଣ ସତ କହିବି ?

- ଯାହାକୁ ମୁଁ ଏତେ ଖୋଜି ଖୋଜି ପାଇଲିନି । ତୁମେ ତାକୁ ଘରେ ବସି କେମିତି ଯୋଗାଡ଼ କଲ ?

- କଣ ଯୋଗାଡ଼ କଲି ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ଆଉ ଅବୁଝା ହେବାର ନାଟକ କରନି । ଏଇ ଯେ ଲେଉଟିଆ ଶାଗ.........

- ଓ ତୁମେ ଏ ଶାଗ କଥା କହୁଛ ।

- ହଁ, କୋଉଠୁ ପାଇଲ ତୁମେ ?

- ଆରେ ସେ ପ୍ରତିମା.......

- କୋଉ ପ୍ରତିମା ?

- ଓହୋଃ, ଆମ ଘର ନୂଆ ଚାକରାଣୀ ମ ।

- ଓଃ, ସେ କୋଉଠୁ ପାଇଲା ?

- ପାଇନି ମ । ତାଙ୍କ ଘରେ କୁଆଡେ ଲାଗେଇଛି କହୁଥିଲା । ଏଇ ପାଖ ବସ୍ତିରେ ତା ଘର । ତାକୁ କୁଆଡେ ସେ ଶାଗଟା ଭାରି ଭଲ ଲାଗେ । ସେଇଟା ନହେଲେ କୁଆଡେ ତାକୁ ଭାତ ଜମା ରୁଚେନି ।

- ତୁମେ ସତ କହୁଚ ?

- ହଁ ପରା । ପଅରଦିନ ତା ସହ ଏଇ ପିଣ୍ଡ ବିଷୟରେ କଥା ହଉ ହଉ କଥା ଛଳରେ ମୁଁ କହିଦେଲି ଲେଉଟିଆ ଶାଗ ମିଳୁନି ବୋଲି । ମୋ ପାଟିରୁ କଥା ନ ସରୁଣୁ ତ ସେ ଲେଉଟିଆ ଶାଗ ଆଣିଦେବ ବୋଲି କହିଲା । ସେ ଆହୁରି ବି କହୁଥିଲା କୁଆଡେ ତାଙ୍କ ବାଡ଼ିରେ କଦଳୀ ମଞ୍ଜା ଅଛି ଆଉ ଛଚିନ୍ଦ୍ରା ବି ଲଗେଇଛି । ମୋତେ କହିଲା ଫଳିଲେ ଦେବି ବୋଲି ଯେ, ମୁଁ ମନା କରିଦେଲି । ସେ ନାଳୁଆ ପରିବା ଆମର କଣ ହବ ? ମୁଁ ତାକୁ କହିଲି ଆଜି ଦିନଟା ଆମକୁ କେବଳ ଦୁଇ ଚାରି ବିଡା ଲେଉଟିଆ ଶାଗ ଦେଇକି ପଇସା ନେଇଯିବ ବାସ । ବ୍ୟସ୍ତ ଭିତରେ ତୁମକୁ ଏକଥା କହିବାକୁ ଭୁଲିଯାଇଥିଲି । ହଉ ଯାହା ହେଲା ହେଲା, ତୁମେ ଆଉ କିଛି ଚିନ୍ତା କରନି ହେଲା । ତୁମେ ଚାଖିକି କହିଲ କେମିତି ହେଇଚି ଶୋଷେଇ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେତେବେଳକୁ ମୁଣ୍ଡରୁ ଗୋଟେ କଳଙ୍କ ଲିଭିଗଲାପରି ଅନୁଭବ କରୁଥାନ୍ତି ଅରୁଣ ବାବୁ । ମନରେ ଜମିଥିବା ସବୁ ବିଷାଦକୁ ନିମିଷକେ ପୋଛିଦେଇ ପ୍ରଶାନ୍ତ ବଦନରେ ଖାଇବା ଆରମ୍ଭ କଲେ ଅରୁଣ ବାବୁ । ପ୍ରଥମ ଗୁଣ୍ଡାରେ ଶାଗ ଟିକେ ଖାଉ ଖାଉ ଖୁସିରେ ପତ୍ନୀ ନୀଳିମା ଦେବୀଙ୍କୁ ସେ କହିଲେ, "ବହୁତ ବଢିଆ ରାନ୍ଧିଛ ନୀଳିମା । ରୂପରେ ଆଉ ସ୍ୱାଦରେ ପୁରା ବୋଉ ହାତ ରନ୍ଧା ଭଳିଆ ହେଇଚି । କେମତି ରାନ୍ଧିଲ ତୁମେ ?"

- ଆରେ ସେଇ ପ୍ରତିମା ବଟେଇଦେଲା ପରା । ପିଣ୍ଡ ପାଇଁ ତ ମୋ ଛଡା ଆଉ କେହି ରାନ୍ଧିବେନି ତେଣୁ ସେ ବଟେଇଦେଲା ଆଉ ମୁଁ କରିଦେଲି ।

- ବହୁତ ଭଲ କାମ କରିଛ ନୀଳିମା । ତୁମେ ବୁଝିପାରିବନି ଆଜି ତୁମେ ମୋତେ କେତେ ଖୁସି ଦେଇଛ । ସେଥିପାଇଁ ଯେତେ ଧନ୍ୟବାଦ ଦେଲେ ବି ତୁମ ପାଇଁ ନିଅଣ୍ଟ ।

- ହଉ ଥାଉ ତୁମର ସେ ଧନ୍ୟବାଦ । ସକାଳୁ ଖଟି ଖଟି ମୋ ଅବସ୍ଥା ବାର ବାଜିଲାଣି । ଭୋକ ବି କଲାଣି । ତୁମେ ଜଲଦି ଖାଇସାରିଲେ ମୁଁ ଖାଇବି ଫେରେ ।

- ହଁ ହଁ ମୁଁ ଖାଉଛି ଯେ ହେଲେ ତୁମେ ଟିକେ ପ୍ରତିମାକୁ ଡାକ ପକେଇଲ ।

-କିନ୍ତୁ କାହିଁକି ?

-ଓହୋ ତୁମେ ଆଗ ଡାକ ତ ତାକୁ ।

- ହଉ ହଉ । (ବଡ଼ ପାଟିରେ) ପ୍ରତିମା, ପ୍ରତିମା.... ଟିକେ ଶୁଣିଗଲୁ ବାବୁ କାଇଁ ଡାକୁଛନ୍ତି ।

ଆଜ୍ଞାଧୀନା ପ୍ରତିମା ଉପସ୍ଥିତ ହୁଅନ୍ତେ ଅରୁଣ ବାବୁ ତାଙ୍କ ଉଦ୍ଦେଶ୍ୟରେ ପଚାରିଲେ, "ଆଚ୍ଛା ତୁମର କିଏ ପିଲାଛୁଆ ଅଛନ୍ତି ?"

- ଆଜ୍ଞା ବାବୁ, ଈଶ୍ୱରଙ୍କ ଦୟାରୁ ଗୋଟିଏ ବୋଲି ପୁଅ ମୋର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ପାଠ ପଢୁଛି ସେ ?

- ଆଜ୍ଞା ବାବୁ, ପଞ୍ଚମ ଶ୍ରେଣୀରେ ପଢୁଛି । ଭଲ ପଢୁଛି ଯେ ହେଲେ.........

- ତୁମେ ବ୍ୟସ୍ତ ହୁଅନି । ଆଜିଠୁ ତୁମ ପୁଅ ପାଠପଢାର ସମସ୍ତ ଖର୍ଚ୍ଚ ମୁଁ ବହନ କରିବି । ପ୍ରତି ମାସରେ ତୁମେ ମୋଠୁ ଟଙ୍କା ନେଇଯିବ ।

- ଆପଣ ସତ କହୁଛନ୍ତି ବାବୁ ?

- ହଁ, କିନ୍ତୁ ଗୋଟେ ଅନୁରୋଧ ।

- ଅନୁରୋଧ ପୁଣି କଣ ଯେ ବାବୁ ?

- ତୁମକୁ ପ୍ରତିଦିନ ମୋ ପାଇଁ ଏହି ଲେଉଟିଆ ଶାଗ ଖରଡ଼ି ଏଥିରୁ ଅଧ ଗିନାଏ ଆଣିବାକୁ ପଡିବ ।

- ଆପଣ ଏ କଣ କହୁଛନ୍ତି ବାବୁ ?  ଏ ସାମାନ୍ୟ ଶାଗ ?

- ନା ପ୍ରତିମା । ଏ ସାମାନ୍ୟ ଶାଗ ନୁହେଁ । ଏ ମୋ ଜୀବନର ବିରାଟ ଅଂଶ । ଏ ଶାଗ ବିନା ମୋ ପିଲାବେଳ ଅଧୁରା ।  ମୋ ଜୀବନର ସ୍ୱାଦ ହଉଚି ଏ ଶାଗ । ଠିକ ବଡ଼ି ନଡ଼ିଆର ମିଶ୍ରଣ ପରି କେବେ ଲୁଣିଆ ତ କେବେ ମିଠା । ଆଜି ଏତେ ଦିନେ ଏ ଶାଗ ଖାଇ ଲାଗିଲା ଯେମିତି ବହୁତ ଦିନ ପରେ ମୁଁ ମୋ ବୋଉକୁ ପାଇଛି । ବେଶ ଖୁସି ମୁଁ ଆଜି । ଆଉ ଏ ଖୁସି ମୁଁ ହରେଇବାକୁ ଚାହୁଁନି । ମୋ ବୋଉକୁ ଆଉଥରେ ହରେଇବାକୁ ଚାହୁଁନି ମୁଁ । କୁହ ପ୍ରତିମା, ମୋ ଅନୁରୋଧ ରଖିବ ନାଁ ?

- ଆପଣ ଏମିତି କଣ କହୁଛନ୍ତି ବାବୁ ! ଏ ତ ମୋ ଭାଗ୍ୟ ଆଉ ଆପଣଙ୍କ ବଡ଼ପଣ । ମୁଁ ନିଶ୍ଚୟ ଆଣିବି ବାବୁ । ଆପଣ ମୋତେ ଚିର ଋଣୀ କରିଦେଲେ ।

- ଋଣୀ ତ ମୁଁ ହେଇଗଲି ପ୍ରତିମା । ବହୁତ ବହୁତ ଧନ୍ୟବାଦ ତୁମକୁ । ହଉ ଶୁଣ, ଆଜି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘରକୁ ଗଲାବେଳେ ପୁଅ ପାଇଁ ଏ ସବୁ ପ୍ରକାର ଖାଦ୍ୟ ଆଉ ଆଜିର ଏ ଶାଗ ବାବଦ ଟଙ୍କା ମନେକରି ନେଇଯିବ ।

- ଧନ୍ୟ ତୁମେ ବାବୁ । ଧନ୍ୟ ସେ ମା ଯିଏ ଆପଣଙ୍କୁ ଜନ୍ମ ଦେଇଛନ୍ତି । ଈଶ୍ୱର ତାଙ୍କ ଆତ୍ମାର ସଦଗତି କରନ୍ତୁ ଆଉ ଆପଣଙ୍କୁ କୋଟି ପରମାୟୁ ଦିଅନ୍ତୁ ବାବୁ । ଆପଣ ଏବେ ଆରାମସେ ଖାଆନ୍ତୁ ବାବୁ, ମୁଁ ଘର ଧୁଆଧୁଇ କାମ ସାରିଦେଉଛି । ତାପରେ ମୁଁ ଖାଇବା ନେଇ ଘରକୁ ଯିବି ।

ଆଶୀର୍ବାଦ ଦେଇ ଚାଲିଗଲା ପ୍ରତିମା । ବେଶ ଖୁସିରେ ଖାଇବାକୁ ଲାଗିଲେ ଅରୁଣ ବାବୁ । ନୀଳିମା ଦେବୀ ଏପର୍ଯ୍ୟନ୍ତ ସେ ଶାଗର ମାହାତ୍ମ୍ୟ କିଛି ବୁଝି ନପାରି ଖୁଣ୍ଟ ଭଳିଆ ଚୁପଚାପ ଠିଆ ହେଇଥାନ୍ତି ।

ତାଙ୍କ ମନୋଭାବ ଜାଣିପାରି ଅରୁଣ ବାବୁ ହସିହସି କହିଲେ, “ତୁମେ ବ୍ୟସ୍ତ ହୁଅନି ନୀଳିମା । ଏ ଶାଗ ପଛର କାହାଣୀ ତୁମକୁ ମୁଁ ରାତିରେ ଶୋଇଲାବେଳେ ଶୁଣେଇବି ।” ତାପରେ ଅରୁଣ ବାବୁ ଖାଇସାରି ଆଙ୍ଗୁଠି ଚାଟି ଚାଟି ହାତ ଧୋଇବାକୁ ଗଲେ ।

ପ୍ରତିମା ତା ଘରକୁ ନେବ ବୋଲି, ସେଦିନ ଅରୁଣ ବାବୁ ନିଜେ ସବୁ ଖାଦ୍ୟ ଜିନିଷ ପଲିଥିନରେ ପୁରେଇ ଭର୍ତ୍ତି କଲେ । ଜାଣିଶୁଣି ଦୁଇ ପୁଞ୍ଜା ଅଧିକ କାକେରା ପିଠା ଦେଲାବେଳେ ସେ ବେଶ ଭଲଭାବେ ଲକ୍ଷ୍ୟ କରିପାରୁଥିଲେ ପ୍ରତିମା ହୃଦୟର ଖୁସିକୁ । ସେ ଖୁସି ନିଜ ପାଇଁ ନଥିଲା, ତାହା ଥିଲା ନିଜ ପୁଅର ଆଶା ଚରିତାର୍ଥ କରିପାରିଥିବା ଗୋଟେ ଅସହାୟ ମା'ର ଖୁସି; ଠିକ ଯେମିତି ପିଲାବେଳେ, ପର ଘରୁ ଆଣିଥିବା କାକେରା ଯୋଡିଏ ତାଙ୍କୁ ଦେଲାବେଳେ ତାଙ୍କ ବୋଉ ଖୁସି ଲାଗୁଥିଲେ ।

ପ୍ରତିମା ହାତରେ ଖାଦ୍ୟ ପଦାର୍ଥ ଥିବା ବ୍ୟାଗ ଆଉ ଦୁଇ ହଜାର ଟଙ୍କା ସସମ୍ମାନେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଇ ତାକୁ ହସ ହସ ମୁହଁରେ ତା ଘରକୁ ପଠେଇସାରିଲା ପରେ ଅରୁଣବାବୁଙ୍କୁ ଲାଗୁଥିଲା, ଆଜି ନୀଳିମା ରାନ୍ଧିଥିବା ସବୁ ସୁସ୍ୱାଦୁ ଖାଦ୍ୟକୁ ବୋଉ ପିଣ୍ଡପତ୍ରରୁ ନୁହେଁ ବରଂ ସେଇ ପିଲାଟି ରୂପେ ତା ଝୁମ୍ପୁଡି ଘରୁ ଖାଇଥିବ । ଆଉ ବାକି ପିଣ୍ଡ ପତ୍ରରୁ ଯଦି ବା କିଛି ଖାଇଥିବ ତାହେଲେ ସେଇଟା ହେଉଛି କେବଳ ଆଉ କେବଳ ଲେଉଟିଆ ଶାଗ ଭଜା.............

ଲେଖକ : ସତ୍ୟ ରଞ୍ଜନ ମିଶ୍ର
ବିରିଡି, ଜଗତସିଂହପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଛୁଆଁ ବୋଉ

ମୁଁ..... ସୁଜାତା ସାମନ୍ତରାୟ୍...

ନାଁ.... ଭୁଲ କହିଲି । 'ମୁଁ ' ଖାଲି 'ମୁଁ' ।

'ସୁଜାତା' ନାଁ କୁ ମୁଁ ଆଜି କଳଙ୍କିତ କରିଦେଇଛି । ବାପା ବୋଉଙ୍କ ବଡ ଝିଅ ମୁଁ । ବୋଉ ମୋର ଭାବି ଭାବି ନାମ ଦେଇଥିଲା ସୁଜାତା । ସୁ ଜାତ ଯିଏ । କିନ୍ତୁ ଆଜି ସେଇ ଜନ୍ମଦାତ୍ରୀକୁ ମୁଁ କେମିତି ଅଛୁଆଁର ସାର୍ଟିଫିକେଟ ଦେଇ ଗାଁ ରେ ଛାଡିଦେଇ ଆସିଲି ?

ମୁହଁକୁ ଦୁଇ ହାତରେ ଲୁଚେଇ କଇଁ କଇଁ ହୋଇ କାନ୍ଦି ଉଠିଲେ । ବୋ.... ଉ.......

ଅଙ୍କା ବଙ୍କା ପାହାଡିଆ ରାସ୍ତାରେ ଦୋହଲି ଦୋହଲି ଆଗକୁ ବଢୁଛି କାର । ତା ସହିତ ଦୋହଲି ଯାଉଛି ନିଜ ଉପରେ ଥିବା ଅଗାଢ଼ ବିଶ୍ୱାସ । ବିଶ୍ୱାସ ପରିବାରର ସମସ୍ତଙ୍କ ମନ ଜିଣିବାର । ବିଶ୍ୱାସ ଗୋଟେ ଭଲ ଝିଅ, ଭଲ ସ୍ତ୍ରୀ, ଭଲ ବୋହୁ ହବାର । କିନ୍ତୁ ଭୁଲ କେଉଁଠି ରହିଲା ! ନା ମୁଁ କାହା ମନଜିଣି ପାରିଲି, ନା ହୋଇପାରିଲି ଗୋଟେ ଭଲ ଝିଅ, ସ୍ତ୍ରୀ, ବୋହୁ ।



ମୋନାଲିସା ରାଉତ

ପନ୍ଦର ଦିନ ତଳେ ବୋଉକୁ ଗାଁରୁ ଡକାଇ ଆଣିଥିଲି । ବୋଉକୁ ଦୁଇମାସ ପାଖରେ ରଖିବି ବୋଲି ଭାବିଥିଲି । ଅବଶ୍ୟ ଏଥିପାଇଁ ସ୍ୱାମୀ ସମୀରଙ୍କ ପରମିଶନ ନେଇଥିଲି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାନଭାଇ ବୋଉକୁ ବସରେ ଆଣି ମୋ ପାଖରେ ଛାଡିଦେଇ ଗଲା । ଗଲାବେଳେ କିଛି ମେଡ଼ିସିନ ଦେଇ କହିଥିଲା ଏସବୁ ବୋଉକୁ ଦଉଥିବୁ । ସବୁଗୁଡା ଭିଟାମିନ ଟାବଲେଟ । ବୋଉ ବର୍ଷେ ହବ ଏହି ମେଡିସିନ ସବୁ ଖାଉଛି ।

ମୁଁ ଜାଣିଥିଲି ଦୁଇବର୍ଷ ପୂର୍ବରୁ ବୋଉକୁ ଟିବି ହୋଇଥିଲା । ବର୍ଷେ ଟ୍ରିଟମେଣ୍ଟ ପରେ ଭଲ ବି ହୋଇଯାଇଥିଲା । କିନ୍ତୁ ସେ ବହୁତ ଦୁର୍ବଳ ହୋଇଯାଇଛି । ସେଥିପାଇଁ ସବୁବେଳେ ଭିଟାମିନ ଟାବଲେଟ ଗୁଡା ଖାଉଛି ।

ମୋର ଦୁଇ ଭାଇ, କାହାରବି ପରିସ୍ଥିତି ସେତେ ସ୍ୱଚ୍ଛଳ ନୁହଁ । ବୋଉର ଟିବି ଟ୍ରୀଟମେଣ୍ଟ ପାଇଁ ସେମାନେ ବହୁତ କଷ୍ଟ କରିଛନ୍ତି। ଡାକ୍ତର କହିଛନ୍ତି ଭଲ ଭିଟାମିନଯୁକ୍ତ ଖାଦ୍ୟ ବୋଉକୁ ଦେବାକୁ । କିନ୍ତୁ ସବୁଦିନ ସେମିତି ଖାଦ୍ୟ ଯୋଗାଇବା ସେମାନଙ୍କ ପାଇଁ ସମ୍ଭବ ନୁହଁ । ତେଣୁ ଭାବିଥିଲି ବୋଉକୁ ଦୁଇମାସ ପାଖରେ ରଖି ତାକୁ ଟିକେ ସୁସ୍ଥ କରି ଛାଡ଼ିବି । ଭାଇ ଗଲାପରେ ସମୀର ଅଫିସ ଗଲେ ।

ଟ୍ରିଙ୍ଗ ଟ୍ରିଙ୍ଗ ହୋଇ ଫୋନଟା ବାଜି ଉଠିଲା । ଫୋନ ଉଠାଇ ହେଲୋ କହିବା ପୂର୍ବରୁ ସମୀର ଗର୍ଜନ କରିଉଠିଲେ । କହିଲେ.. କଣ ତମ ବୋଉଙ୍କୁ ଆଣିଛ ଏଠି ଆମ ସମସ୍ତଙ୍କୁ ମାରିବାକୁ ? ମୁଁ ଯଦି ଜାଣିଥାନ୍ତି ତମ ବୋଉଙ୍କୁ ଟିବି ତାହେଲେ କେବେବି ତମକୁ ପରମିଶନ ଦେଇ ନଥାନ୍ତି ତାଙ୍କୁ ଏଠିକି ଆଣିବାକୁ ।

ହେଲେ... ବୋଉତ ପୁରା ଭଲହୋଇଯାଇଛି, ଏତିକି କହୁ କହୁ ସମୀର ପୁଣି ଗର୍ଜନ କରିଉଥିଲେ । ଭଲ ହୋଇଯାଇଛନ୍ତି ତ ସେ ମେଡ଼ିସିନ ଗୁଡା କାହିଁକି ଖାଉଛନ୍ତି । ଦେଖ, ଯଦି ତମପାଇଁ ମୋର କି ଆମ ଫ୍ୟାମିଲିରେ କାହାର କିଛି ହୁଏ ସେଥିପାଇଁ ଦାୟୀ ରହିବ ତମେ । ଯଦି ତମେ ତାଙ୍କୁ ଗାଁକୁ ନପଠେଇବ ତାହେଲେ ତାଙ୍କର ଅଲଗା ବ୍ୟବସ୍ଥା କର । ତାଙ୍କ ଲୁଗାପଟା, କଂସାବାସନ, ଶୋଇବା ବସିବା ସବୁ ଅଲଗା କର । ସମୀର କିଛି ବୁଝିବା

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଅବସ୍ଥାରେ ନଥିଲେ ନା ମୁଁ କିଛି ବୁଝାଇବା ଅବସ୍ଥାରେ । ଶ୍ୱାସ ରୁଦ୍ଧ ହୋଇ ଆସୁଥିଲା ମୋର, ଛାତି ଉପରେ କିଏ ଯେମିତି କୁଇଣ୍ଟାଲ ଓଜନର ଭାର ଥୋଇ ଦେଇଛି ।ରିସିଭର ଆପେ ଆପେ ଖସିପଡିଲା ହାତରୁ ।

କେମିତି ବୋଉକୁ କହିବି ତୁ ଅଲଗାହୋଇ ରହ ! ତାକୁ ଗୋଟେ ଅଛୁଆଁ ଭଳି କେମିତି ବ୍ୟବହାର କରିପାରିବି ? ମନେ ଅଛି ଅଛି ମୋର... ସାତ ଆଠ ବର୍ଷର ହୋଇଥାଏ ମୁଁ । ଝାଡା ବାନ୍ତି ହେଲା ଯେ ଆଉ ଭଲ ହବାର ନାଁ ଧରିଲାନି । ବାହାରେ ବାପା, ଗୋଟେ ପ୍ରାଇଭେଟ କମ୍ପାନୀରେ କାମ କରନ୍ତି । ବୋଉ ମୋର କେତେ ଡାକ୍ତର ଦେଖେଇ ସାରିଲାଣି ମୋତେ । ମୋ ପେଟକୁ ଦାନା ଯାଉନି ବୋଲି ବୋଉବି ଖାଇବା ଛାଡିସାରିଲାଣି । ଘର କାମ ଯାହା ଯେମିତି କରିସାରି ମୋତେ ସେମିତି ଛାତିରେ ଜାକିଧରିଥିବ । ଖାଇବା ଥାଳି ଧରି ଖାଇବାକୁ ବସିଲେ ବି ମୋତେ ତା କୋଳରେ ଶୁଆଇଥିବ । ବୋଉ ଖାଇଲାବେଳେ ମୁଁ ଝାଡା ବାନ୍ତି କରିଦିଏ, ହେଲେ କେବେବି ମୁଁ ତ ଦେଖିନି ସେ ଘୃଣା କରିବାର । ଓଲଟି ତା ଖାଇବା ସେଇଠୁ ବନ୍ଦ ହୋଇଯାଏ । ବାପାଙ୍କୁ ଡକାଇ ମୋତେ ବଡ଼ଡାକ୍ତରଖାନା ନେଇଗଲା, ଦିନରାତି ସେ ଏକା କରିଦେଇଥିଲା ମୋ ପାଇଁ । ମୁଁ ଆସ୍ତେ ଆସ୍ତେ ଭଲହେଲି ।

ମୋତେ କୋଡିଏ ବର୍ଷରେ ସମୀରଙ୍କ ସହ ବିବାହ କରେଇଦେଲେ ଆମ ଘରଲୋକ । ଶାଶୁଘରେ କୌଣସି ଜିନିଷର ଅଭାବ ନାହିଁ । ସମୀର ବି ଭଲ ଚାକିରୀଟିଏ କରିଥିଲେ । ଏଣୁ ବାପା ବୋଉ ଖୁସି ହୋଇଯାଇଥିଲେ । କିନ୍ତୁ ସେବେଠୁ ମୋ ଖୁସିରେ ପଡିଯାଇଛି ପୂର୍ଣ୍ଣଚ୍ଛେଦ ।

ଅତ୍ୟନ୍ତ ନିଷ୍ଠୁର ଓ ଉଗ୍ର ସ୍ୱଭାବ ସମୀରଙ୍କର । କଥା କଥାକେ ମୋ ଚଉଦ ପୁରୁଷ ନେଇ ଗାଳି ଗୁଲଜ କରନ୍ତି । ହାତ ଉଠେଇବାକୁ ବି ପଛାନ୍ତିନି । ସେଥିରେ ତାଳ ଦିଅନ୍ତି ନଣନ୍ଦ ଓ ଶାଶୁ । ଅବଶ୍ୟ ଶ୍ୱଶୁର ଭଲ, ହେଲେ ସେ କାହାରିକୁ କିଛି କହିପାରନ୍ତିନି । ବାହାଘରର ଦୁଇ ବର୍ଷ ପରେ ଝିଅଟି ହେଲା, ତା ତିନିବର୍ଷ ପରେ ପୁଅ । ସେମାନଙ୍କ ମୁହଁକୁ

ଆହ୍ୱାନ ଛୋଟପତ୍ରିକା

 Magazine Downloaded from www.aahwaan.com

ଚାହିଁ ସବୁ କଷ୍ଟ ସହିଯାଏ । ବାପା ବୋଉଙ୍କୁ କେବେବି କିଛି ଜଣେଇବାକୁ ସାହସ ହୋଇନି । କେମିତି ଜଣେଇଥାନ୍ତି ? ଯେଉଁ ଝିଅକୁ ସେମାନେ ଏତେ ଅଲିଅଳରେ ବଢ଼ାଇଛନ୍ତି ତା କଷ୍ଟ ଦେଖି ସେମାନେ କେମିତି ବଞ୍ଚିବେ ?

ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଛି.... ହେଲେ ପାରିନି । ଦୁଇ ଛୁଆଙ୍କ କୋମଳ ଚେହେରା ମୋ ଆଖି ଆଗରେ ଝଲସି ଉଠେ, ଲାଗେ ଯେମିତି ପଛରୁ ସେମାନେ ମୋ ଲୁଗା କାନିକୁ ଟାଣିଧରିଛନ୍ତି । ଆଉ ସାହସ ହୁଏନି ଆତ୍ମହତ୍ୟା କରିବାକୁ.... ଫେରିଆସେ ।

କିଛିବର୍ଷ ପରେ ଶ୍ୱଶୁରଙ୍କ ହାର୍ଟ ଆଟାକ ହୁଏ ଓ ତାପରେ ସର୍ଜରୀ । ତାଙ୍କର ସବୁ ଖବର ମୁଁ ବୁଝିଛି । ଶାଶୁ ପାରଲିସିସରେ ପଡିଲେ । ଟେକା ଉଠା, ଗାଧୁଆ, ଝାଡା ପରିସ୍ରା, ମେଡ଼ିସିନ, ସବୁ ମୁଁ ବୁଝେ । ସମୀର କେବେ କିଛି କରିନାହାନ୍ତି । କାହିଁ... ମୁଁ ତ ତାଙ୍କୁ କେବେ ଘୃଣା କରିନି ! ଆଜି ମୋ ବୋଉ ପାଇଁ ସମୀରଙ୍କ ମନରେ ଏତେ ଘୃଣା କାହିଁକି ?

ବୋଉକୁ କେମିତି କହିଥାନ୍ତି ଚାଲ ତୋତେ ତୋ ଘରେ ଛାଡିଦେଇ ଆସିବି ? ଦୁଇମାସ କହି ଆଣିଥିଲି... ଦୁଇଦିନ ବି ହୋଇନି । ସମୀରଙ୍କ କହିବା ଅନୁସାରେ ନକଲେ ସେ ପ୍ରଳୟ କରିବେ । ଭାବିଲି ବୋଉକୁ କିଛି ନଜଣେଇ, କିଛିଗୋଟେ ଉପାୟ କରି ତା କଂସା ବାସନ, ଲୁଗାପଟା ଅଲଗା କରିଦେବି... ଆଉ ସେମିତି କଲି ମଧ୍ୟ । ବୋଉ ଖାଇ ସାରିବା ପରେ ତା ଥାଳି ତାଟିଆ, ଗ୍ଲାସ ଲୁଚାଇକି ବାସନ ଷ୍ଟାଣ୍ଡର ପଛପଟେ ରଖିଦିଏ । ପାଣି ପିଇବାକୁ ସେ ଯେତେବେଳେ ମାଗେ ମୁଁ ଚୁପକି ସେଇଠୁ ଗ୍ଲାସଟା ବାହାରକରି ପାଣିଦିଏ । ଭାବେ ବୋଉ କିଛିଜାଣିପାରୁନି।

ଲକ୍ଷ୍ୟ କଲି ଦିନକୁଦିନ ବୋଉ ଚୁପ ହୋଇହୋଇ ଯାଉଛି । ଯେତେ ଭଲଜିନିଷ ଦେଲେବି ତା ଦୁର୍ବଳ ଶରୀରଟା ଆହୁରି ଦୁର୍ବଳ ହୋଇ ହୋଇ ଯାଉଛି । ତାର କଣ ଅସୁବିଧା ହଉଚି ପଚାରିବାକୁ ମୋର ସାହସ ହେଇନି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗତକାଲି ଚାରିଟା ବେଳେ ମୁଁ ଟିକେ ରେଷ୍ଟ ନେଉଥାଏ ।

ବୋଉ ଭାବିଲା ମୁଁ ଶୋଇପଡିଛି । ସେ ଚୁପକି ଉଠିଗଲା ରୋଷଇ ଘରକୁ । ମୁଁ ତା ପଛେପଛେ ଗଲି, ଲୁଚିକି  ଦେଖିଲି ବୋଉ ପାଣିପିଇବା ପାଇଁ ଗ୍ଲାସଟା ବାସନ ଷ୍ଟାଣ୍ଡରୁ ନଆଣି ତା ପଛପଟେ ମୁଁ ତା ପାଇଁ ଯୋଉ ବାସନ ରଖିଥିଲି ସେଇଠୁ ଗ୍ଲାସଟା ବାହାରକରି ଆଣିଲା । ମୋ ଛାତିରେ ଗୋଟେ ଧଡ଼କି ଶବ୍ଦ ହେଲା । ଲାଗିଲା ଛାତିଟା ମୋର ଫାଟିଯିବ । ତାମାନେ... ବୋଉ ସବୁ ଜାଣିଚି ଆଉ କିଛି ନଜାଣିଲା ଭଳି ବ୍ୟବହାର କରୁଛି । ବୋଉ ପାଣି ପିଇକି ଆସିଲା ତା ରୁମକୁ ।

ତା ପାଦତଳେ ମୁଣ୍ଡରଖି ପଡ଼ିଗଲି ମୁଁ । ମୁଁ ପାପୀ ଲୋ ବୋଉ,  ତୋତେ ମୁଁ ବହୁତ କଷ୍ଟ ଦେଲିଣି, ମୋ ପାପର କ୍ଷମା ନାହିଁ । ତୋତେ ଏଠିକି ଆଣି ମୁଁ ବହୁତ ବଡ ଭୁଲ କରିଛି । ତୁ ମୋତେ ଅଭିଶାପ ଦେ ।

ମୋ ମୁଣ୍ଡକୁ ଟେକି ତା କୋଳରେ ରଖିଲା ବୋଉ ।

ଛି....  ଏମିତି କଣ କହନ୍ତି ?  କୋଉ ମା ତା ଛୁଆକୁ କଣ ଅଭିଶାପ ଦେଇପାରେ  !

କିଏ କହିଲା ତୁ ମୋତେ କଷ୍ଟ ଦେଇଚୁ ? ତୁ ଭାବୁଛୁ....  ମୋତେ ଅଛୁଆଁ ଭଳି ରଖିଛୁ ବୋଲି ମୋତେ କଷ୍ଟ ହଉଛି ? .... କଷ୍ଟ ହଉଚି ତୋ କଷ୍ଟ ଦେଖି । ବାରମ୍ବାର ତୁ ଯୋଉ ଠାକୁର  ଘରକୁ ଦଉଡି ଯାଇ ପାଟିରେ ଲୁଗା ଚାପି ଲୁଚି ଲୁଚି କାନ୍ଦୁଛୁ ତାକୁ ମୁଁ ସହିପାରୁନି । ମୋତେ ଟିକେ ଭଲରେ ରଖିବୁ ବୋଲି ତୁ ଏତେ କଷ୍ଟ ସହୁଛୁ...  ଜାଣିକି ବି ତୋତେ ଟିକେ ସାନ୍ତ୍ୱନା ବି ଦେଇପାରୁନି । ଏସବୁ ମୁଁ କେମିତି ସହିବି ମା ?

ମୁଁ ଏଇ ଚଉଦଦିନ ଭିତରେ ତୋ ଜୀବନ କାହାଣୀ ପଢିସାରିଲିଣି । ଏତେ କଷ୍ଟ ତୁ ଏକା ଏକା କେମିତି ସହିଲୁ ମା  ?  ମୋତେ ଟିକେ ଜଣେଇଲୁନି  !

ଭୋ ଭୋ ହୋଇ କାନ୍ଦିଉଠିଲି । ଏତେ ବର୍ଷର ଯେତେ ଲୁହ ମୋ ଛାତିଭିତରେ ଜମା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଥିଲା ବୋହିଗଲା ବୋଉର କୋଳରେ । ମୋ ଲୁହ ପୋଛୁ ପୋଛୁ କହିଲା.... ମା.. ତୁ ମୋତେ ନେଇ ଗାଁରେ ଛାଡିଦେଇ ଆସେ । ତୋର ଏମିତି ଅବସ୍ଥା ମୁଁ ଆଉ ଦେଖିପାରିବିନି ।

ହଁ, ବୋଉ.... ଆମେ କାଲି ଯିବା ।

କାରର ବ୍ରେକରେ ହଠାତ ଆଗକୁ ଝୁଙ୍କିପଡିଲି । ଆସି ପହଞ୍ଚିସାରିଥିଲି ମିଷ୍ଟର ସାମନ୍ତରାୟଙ୍କ ଘର ପାଖରେ । ଡ୍ରାଇଭରକୁ କହିଲି ଏଇଠି ଅପେକ୍ଷା କରିଥା ।ଓଲ୍‌ହାଇ ଭିତରକୁ ଗଲି ।

ମିଷ୍ଟର ସାମନ୍ତରାୟ ମୋତେ ଦେଖୁ ଦେଖୁ ଗର୍ଜନ ଆରମ୍ଭ କରିଦେଲେ । କୋଉଠି ଥିଲ ଏତେବେଳଯାଏ ? ଯିବା ଆସିବା ଚାରିଘଂଟାର ବାଟ... ତମେ ଭୋର ପାଞ୍ଚଟା ରେ ଯାଇ ଫେରୁଛ ସନ୍ଧ୍ୟା ସାତଟାରେ ? ମୋ ରୋଗୀଣା ବାପା ମାଙ୍କ କଥା ବୁଝିବ କିଏ ?

କିଛି ନକହି ଆଲମିରାରୁ ଲୁଗାପଟା ଆଣି ସୁଟକେଶରେ ପ୍ୟାକ କଲି ।

କୁଆଡେ ପୁଣି ବହାରିଲ.... ଆରେ... ମୁଁ କଣ ପଚାରୁଛି ପରା ? କିଛି ଉତ୍ତର ଦେଇପାରୁନ... ତମର ତ ବହୁତ ସାହସ ହୋଇଗଲାଣି ଦେଖୁଚି ।

ହଁ... ସାହସ, ଯେଉଁ ସାହସ ମୁଁ ଆଜିଯାଏ କରିପାରିନଥିଲି ।

ଆଉ କଣ କହିଲ ତମ ରୋଗୀଣା ବାପା ମା !

ହଁ.. ସେ ତମ ବାପା ମା, ତେଣୁ ତାଙ୍କ ଦାୟିତ୍ୱ ତମେ ନିଅ । ତମ ବାପା ମାଙ୍କ ସେବାରେ ତ ମୁଁ କିଛି କେବେବି ଅବହେଳା କରିନି ! ସମସ୍ତଙ୍କୁ ଖୁସିରେ ରଖିବା ଚେଷ୍ଟାରେ ମୁଁ ମୋ ନିଜକୁ ବଳିଦେଇଛି । କିନ୍ତୁ ତମେ ଆଜି ମୋ ବୋଉକୁ ଅଛୁଆଁ କରିଦେଲ ? ମୋତେ ବାଧ୍ୟ କଲ ତାକୁ ଗୋଟେ ଅଛୁଆଁ ର ସାର୍ଟିଫିକେଟ ଦେଇ ଗାଁ ରେ ଛାଡିଆସିବାକୁ । ଦୁଇମାସ କହି ପନ୍ଦର ଦିନରେ ବୋଉ ଫେରିଗଲା । ମୋତେ କଣ କହିବେ ମୋ ଭାଇମନେ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଆଉ ଆମ ଗାଁ ଲୋକ, ମୁଁ ତାଙ୍କ ପ୍ରଶ୍ନର କି ଉତ୍ତର ଦେବି ଟିକେ ଭାବିଲନି ? ତମେ ମୋତେ ଯେତେ କଷ୍ଟ ଦେଇଛ ସବୁ ସହିଛି, ହେଲେ ଆଉ ନୁହଁ । ପର ଝିଅ ବୋଲି ତମେମାନେ ମୋତେ କେବେବି ଆପଣାର କରିପାରିଲନି । କିନ୍ତୁ ଏବେ ମୁଁ ସେଇଠିକି ଯାଉଛି ଯୋଉଠି ପରମନେ ମୋତେ ଅତି ଆପଣାର ଭାବନ୍ତି ।

ତମକୁ ଜଣେଇବା ଉଚିତ ବୋଲି ଭାବୁନି, ହେଲେ ତମେ ଜାଣ ଯେ ତମ ଛଡା ବି ମୋ ଦୁନିଆ ଅଛି ଯେଉଁଠି ମୋ ସ୍ନେହ ପ୍ରେମ ପ୍ରତିବଦଳରେ ମୋତେ ସ୍ନେହ ପ୍ରେମ ମିଳେ, ଲାନଛନା ନୁହେଁ ।

ମୋ ପିଲାମାନଙ୍କୁ ଜ୍ୟୋଗ୍ୟ କରାଇ ସେମାନଙ୍କୁ ତାଙ୍କ କର୍ମ କ୍ଷେତ୍ରକୁ ପଠାଇ ସାରିବା ପରେ ମୋତେ ବହୁତ ସମୟ ମିଳୁଥିଲା । ତମେ ଅଫିସ ଗଲାପରେ ମୁଁ ପ୍ରତିଦିନ ଯାଉଥିଲି ସେହି ଅନାଥ ଆଶ୍ରମକୁ କିଛି ମୁହୂର୍ତ୍ତ ଶାନ୍ତିରେ ବିତାଇବା ପାଇଁ । ସେଇ କୁନି କୁନି ଛୁଆଙ୍କ ଗହଣରେ ବିତାଉଥିବା ସେଇ କିଛି ମୁହୂର୍ତ୍ତ ମୋତେ ସବୁ ଦୁଃଖ କଷ୍ଟ ଭୁଲେଇ ଦିଏ । ଏହି କିଛି ବର୍ଷରେ ସେ ଅନାଥ ଆଶ୍ରମଟି ପାଲଟି ଯାଇଛି ମୋ ଘର କାରଣ କଥାରେ ଅଛି ଯେଉଁଠି ହୃଦୟ ଥାଏ ସେଇଟା ହିଁ ଘର (home is there where the heart is)। ଆସିଲାବେଳେ ମୁଁ ସେଠି ସବୁଦିନ ରହିବି ବୋଲି କଥାବାର୍ତା କରିଆସିଛି । ମୁଁ ଏବେ ମୋ ଘରକୁ ଯାଉଛି, ମୋ ବାକି ଜୀବନ ମୁଁ ସେଇଠି ଶାନ୍ତିରେ କାଟିବାକୁ ଚାହେଁ, ଏମିତି ପ୍ରତିଦିନ ମରି ମରି ନୁହେଁ ।

କାରଟି ବଢ଼ିଚାଲିଥିଲା ଆଗକୁ ଆଗକୁ ଆଉ କମି କମି ଆସୁଥିଲା ମୋ ଛାତିର ଓଜନ । ଖୋଲା ଆକାଶ ହାତ ଠାରି ଡ଼ାକିନେଉଥିଲା ତା କୋଳକୁ...... ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ବୋଉ



ବିଶ୍ୱନାଥ

ଦିନ ୧୧ ଟାରେ ଘରେ ପହଞ୍ଚିଲି । ଭିତରକୁ ପଶୁପଶୁ ବାପା ପଚାରିଲେ "କିରେ ! ସକାଳ ୭ ଟାରେ ପହଞ୍ଚିବୁ କହିଥିଲୁ । ଲେଟ୍ କାହିଁକି ହେଲା " । ମୁଁ କହିଲି "କୋଣାର୍କ ଏକ୍ସପ୍ରେସ୍ ଲେଟ୍ ରେ ଆସିଲା । ଟିକୁ ଆଉ ଝିଅ (ମୋ ସାନ ଭାଇ ଓ ଭଉଣୀ) ତ ସ୍କୁଲ ଯାଇଥିବେ । ବୋଉ କୁଆଡ଼େ ଗଲା କି ?

"ବୋଧେ ସେପଟ ରୋଷେଇ ଘର ଚାଳିରେ ଥିବ ।ବାଟରେ କିଛି ଖାଇ ନଥିବୁ ତ ! ହଉ ଯା । ଗାଧୋଇ ପାଧୋଇ ଖାଇ ସାରେ ।ପରେ କଥା ହେବା",ମୁଁ ହଉ କହି ଭିତରକୁ ଗଲି । ଘର ଭିତରେ ସବୁ ଏଣେତେଣେ ପଡ଼ିଥିଲା । ବୁଝିଗଲି ଏସବୁ ଟିକୁ ଆଉ ଝିଅ ର କାମ । ଭାବିଲି ଏବେ ଆଗ ଖାଇ ପିଇ ସାରେ, ତାପରେ ସବୁ କରିବି । ୧୫ ଦିନ ରହିବି ।ସଜାଡ଼ିବାକୁ ତ ହେବ । ବାଡ଼ି ପଟ କୁ ଗଲି ସେଇଠି ରୋଷେଇ ଚାଳି ।ଭିତରକୁ ପଶିଗଲି । ଅନ୍ଧାର ଭିତରେ ବୋଉ ମୁହଁ ସଫା ଦେଖା ଯାଉ ନଥିଲା । ପାଦ ଛୁଇଁ ଜୁହାର ହେଲି । "ହଉ ବୁଢ଼ାଟେ ହେଇଥା । ତୁ ବାହାରକୁ ପଳା । ଏଠି କଳା ବହୁତ । ଜାମାପଟା ଖରାପ ହେଇଯିବ ।ତୁ ଗାଧୋଇ ପଡ଼ । ତରକାରୀ ସରିଛି । ଭାତ ଫୁଟିଆସିଲାଣି । ମୁଁ ଗାଳି ଦିଏ" ।

ମୁଁ ପଳେଇ ଆସି କୂଅ ପାଖକୁ ଗଲି ଗାଧୋଇବା ପାଇଁ । ଦେଖିଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାପା ଆସି ଚେୟାର ପକେଇ କୂଅ ପାଖରେ ବସିଛନ୍ତି । ଗାଧଉ ଗାଧଉ ଅନେକ କଥା ହେଲୁ । ତାପରେ ଘର ଠାକୁର ଙ୍କୁ ଜୁହାର ହେଇ ଆସି ବସିଲି ଦାଣ୍ଡ ଘରେ ଖାଇବା ପାଇଁ । ଗୋଟିଏ ଆସନ ଦେଖି ପଚାରିଲି "ବୋଉ ! ବାପା ଖାଇବେନି କି" ।

"ତୁ ତାଙ୍କ କଥା ଜାଣିନୁ କି । ସକାଳ ୫ଟାରୁ ଉଠି ମୋତେ ଶୋଇଦେଲେନି । କହିଲେ ଜଲଦି ଉଠ୍ । ବିଶୁ ଏଇ ଆସି ପହଞ୍ଚିଯିବ । ଚା'ପିଇ ଦେଇ ଯାଇ ଗାଁ ମୁଣ୍ଡରେ ତୋ ବାଟ ଜଗି ବସିଥିଲେ । ଏଇ ଟିକେ ଆଗରୁ ଆସି କହିଲେ ଆଉ ଟିକେ ଚା'ଦେ, ପିଇ ଦେଇ ଯାଇଁ ଦେଖିବି କାହିଁକି ଏଯାଏ ଆସିଲାନି । ଭଲ ହେଲା ତୁ ପହଞ୍ଚିଗଲୁ । ନହେଲେ ପୁଣି ଯାଇ ସେଠି ବସିଥାନ୍ତେ । ହଉ ଛାଡ଼ ତୁ ଜଲଦି ଖାଇଦେଇ ଟିକେ ଗଡ଼ି ପଡ଼ । ଗାଡ଼ିରେ ଠିକ୍ ସେ ଶୋଇପାରି ନଥିବୁ ।" ହଉ କହି ଗୁଣ୍ଡାଏ ଖାଇଚି କି ନାହିଁ ବାପା ଆସି ପହଞ୍ଚିଗଲେ । ବୋଉକୁ କହିଲେ "କ'ଣ ରାନ୍ଧିଛୁ ଆଜି ? ସବୁ ତା ପସନ୍ଦର ତ । ଏତିକି କହି ଥାଳିକୁ ଅନେଇ ଦେଲେ । ତାପରେ ହଠାତ କଣ ହେଲା କେଜାଣି ବାପା ପାଟି କରିବା ଆରମ୍ଭ କରିଦେଲେ । ବୋଉକୁ କହିଲେ, "ତୁ ରାକ୍ଷସୀ, ତୁ ଡାହାଣୀ, ତୁ ମା' ହେବା ଯୋଗ୍ୟ ନୁହଁ, ତୁ ସ୍ନେହ କ'ଣ ଜାଣିନୁ, ତୁ ଆଦର କଣ ଜାଣିନୁ ।" ମୁଁ ଠିଆ ପଡ଼ିଲି । "ବାପା ଟିକେ ଶାନ୍ତ ହୁଅ । କ'ଣ ହେଲା କୁହ ତ ?"

କଣ କହିବି, ୟେ ଗୋଟେ ମା ନା । ସ୍ନେହ କଣ ଜାଣିନି । ବଡ଼ ପୁଅ ଦେଢ ବର୍ଷ ପରେ ଘରକୁ ଆସିଛି । ଅନ୍ୟ କେହି ମା' ହେଇଥିଲେ କେତେ କଣ ରାନ୍ଧିଥାନ୍ତା । ରାନ୍ଧିଛି କଣ ନା ଭାତ, ଆଳୁଝୋଳ ଆଉ ଜହ୍ନି ପୋଡ଼ା ।" ମୁଁ ବୋଉ ମୁହଁକୁ ଚାହିଁଲି । ସେ ବିଲକୁଲ ଚୁପ୍ । ଆଖି ଛଳଛଳ । ମୁଁ ବାପାକୁ କହିଲି "ବାପା ସବୁ ଭଲ ହେଇଛି । ମୁଁ ଖାଇନେବି । ଆପଣ ପାଟି କରନ୍ତୁ ନାହିଁ ।" କିନ୍ତୁ ବାପା ସେଦିନ ପୁତ୍ର ସ୍ନେହରେ ଅନ୍ଧ । କିଛି ଶୁଣିଲେନି । ବୋଉ ଉପରେ ବର୍ଷି ଚାଲିଲେ । ମୁଁ ଆଉ ଖାଇବି କଣ । ହାତଧୋଇ ଆର ରୁମ୍ କୁ ଚାଲିଗଲି । ଖଟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉପରେ ଗଡୁ ଗଡୁ ଗାଡ଼ି ଥକାରେ କେତେବେଳେ ଆଖି ଲାଗିଯାଇଛି ଜାଣିପାରିଲିନି । ଆଖି ଖୋଲିଲା ପ୍ରାୟ୍ ୪ଟା ବେଳେ । ଉଠୁଥିଲି କି ଆଉ ଘରୁ ବାପାବୋଉ କଥା ହେବାର ଶୁଭିଲା । ଦୁଆର ପାଖକୁ ଯାଇ କାନ ଡେରିଲି । ବାପା ଙ୍କ ରାଗ ବୋଧେ ଶାନ୍ତ ହେଲାଣି ।

ବୋଉ କହୁଥିଲା, "ଦେଖ ତୁମେ ତାର ବାପା, ମୁଁ କିନ୍ତୁ ତାର ମା' । ପେଟ ଚିରି ଜନ୍ମ ଦେଇଛି, ଛାତି ଚିରି କ୍ଷୀର ପେଇଛି । ମୋର କଣ ସ୍ନେହ ନାହିଁ । ମୁଁ ଜାଣେ ମୋ ପୁଅ ସେଠି କଷ୍ଟ କରି ନିଜ ହାତରେ ରୋଷେଇ କରି ଖାଉଛି । ଟିକେ ଭାବ, ଯଦି ମୁଁ ଏଠି ଭଲ ରୋଷେଇ କରି ଖାଇବାକୁ ଦିଏ, ସେ ସେଠାକୁ ଗଲେ ଘର ଖାଇବା ମନେପକେଇ ଝୁରି ହେବନି । ମୁଁ ଜାଣିଶୁଣି ଏମିତି କରିଛି । ମୁଁ ଜାଣେ ସେ ସେଠି କଣ ରୋଷେଇ କରେ । ମୁଁ ବି ସେୟା ରାନ୍ଧି କି ଦେଇଛି ଆଉ ବାକି ଦିନରେ ଦେବି ମଧ୍ୟ । ସେ ଘର ଛାଡି ଗଲାବେଳେ ତା ମନ ବିଲକୁଲ କଷ୍ଟ ହେବନି । ତମେ ଗାଳି ଦିଅ ବା ଯାହା କର, କିନ୍ତୁ ମନେ ରଖିବ ଯେ ମୁଁ ବିଶୁକୁ ତୁମଠୁ ବେଶୀ ଭଲ ପାଏ । ତମେ ତାର ଏଇ ୧୫ ଦିନର ଖୁସି ଦେଖୁଛ । ମୁଁ ତାର ସାରା ଜନ୍ମ ର ଖୁସି ଦେଖୁଛି ।

କହିବା ଶୁଣିବା ପାଇଁ ବୋଧେ ଆଉ କିଛି ବାକି ନଥିଲା । ମୋ ଆଖି ଓଦା ହେଇଥିଲା ଆଉ ବାପାଙ୍କ କଣ୍ଠ ବି । ସେ କିଛି କହିବା ଭଳି ଅବସ୍ଥାରେ ନଥିଲେ । କେବଳ ଏତିକି କହିଲେ "ମୋତେ କ୍ଷମା କରିଦେ, ଶାନ୍ତି ।" ତାପରେ ସବୁକିଛି ଶାନ୍ତ ହେଇଯାଇଥିଲା ଠିକ୍ ମୋ ବୋଉ ର ନାଁ ପରି । ।ଶାନ୍ତି । ।

Twitter. : @Viswanath507480

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନ୍ଧ୍ୟା

ଘୃଣା, ପ୍ରତାରଣା, ଅପବାଦ ଆଉ ଲାଞ୍ଛନାର ଚକ୍ରବ୍ୟୂହ ମଧ୍ୟରେ ଲକ୍ଷ୍ମୀ ଛଟପଟ ହୋଇ ଚିତ୍କାର କରୁଥିଲା । ବୃଥା ସନ୍ଦେହର ଘୂର୍ଣ୍ଣିବଳୟ ଭିତରେ ସେ ଅଣନିଃଶ୍ୱାସୀ ହୋଇ ଯାଉଛି । ହଜାର ପ୍ରଶ୍ନଭାରରେ ସେ ଆକ୍ରାମାକ୍ରା । କେତେ ଯେ ବିକଟାଳ ଚାହାଣୀ ତାକୁ ଘେରି ରହିଛି । ହୃଦୟର କେଉଁ ଏକ ନିଭୃତ ଗହ୍ୱରରେ ସନ୍ଦେହ ର ବହ୍ନି କୁହୁଳି ଉଠୁଛି । କିନ୍ତୁ କାହିଁକି ???? କ'ଣ ତା'ର ଅଭାବ ??? ବିବାହର ପବିତ୍ର ବନ୍ଧନରେ ସେ ଆବଦ୍ଧ । ସୁନ୍ଦର,ସୌମ୍ୟ ,ସୁଯୋଗ୍ୟ ସ୍ୱାମୀ ଆଶିଷ । କେବେ କେଉଁଥିରେ ତା'ର ଅଭାବ କରି ନାହାନ୍ତି । ନା ଭଲ ପାଇବାରେ ନା ଇପ୍ସିତ ଅଭିଳାଷ ପୂର୍ଣ୍ଣ କରିବାରେ । ସବୁ ସ୍ୱାମୀଙ୍କ ଠୁ ସେ ବେଶ୍ ନିଆରା । ଉଦାର ହୃଦୟରେ ତାଙ୍କର ସେ ପାଇଛି ସର୍ବୋଚ୍ଚ ସ୍ଥାନ । ଅସଂଖ୍ୟ ପ୍ରେମ, ଅଯାଚିତ ସ୍ନେହର ସେ ଥିଲେ ଭଣ୍ଡାର । ବାସ୍ତବରେ ବିବାହ ର ସମସ୍ତ ଖୁସି,ସବୁ ଆନନ୍ଦ ସେ ଉପଲବ୍ଧି କରିଛି । ଜଣେ ସ୍ତ୍ରୀ ଭାବରେ ଏହା ଠାରୁ ଅମୂଲ୍ୟ ସମ୍ପଦ ଆଉ କ'ଣ ବା ହୋଇପାରେ ?? ହସ ଖୁସି ର ଅନନ୍ତ ଆକାଶରେ ଦୁଇ ପ୍ରେମ ପକ୍ଷୀ ପରି ଉଡି ବୁଲୁଥିଲେ ଲକ୍ଷ୍ମୀ ଆଉ ଆଶିଷ । ବୋଧ ହୁଏ ଏହା ହିଁ ବୈବାହିକ ଜୀବନର ପୁଞ୍ଜି । ଜୀବନ ଜୀଇଁବାର ରାହା । ସତରେ ବିବାହ କେତେ ଆନନ୍ଦଦାୟକ,



ଗୀତାଞ୍ଜଳି ମହାରଣା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେ ଶାନ୍ତି ପ୍ରଦାୟକ । ଏହା ହିଁ ଥିଲା ଲକ୍ଷ୍ମୀ ର ବିବାହ ପ୍ରତି ସୁଉଚ୍ଚ ମନୋଭାବ । କିନ୍ତୁ ଏହା କ'ଣ ସତ୍ୟ ??? ପତି-ପତ୍ନୀର ଏଇ ପ୍ରେମ ମଧ୍ୟରେ ବିବାହ କ'ଣ ସୀମାବଦ୍ଧ । ନା, ବିବାହ ତ ଏକ ପ୍ରହେଳିକା । ତାକୁ ନା ବୁଝି ହୁଏ ନା କାହାକୁ ବୁଝାଇ ହୁଏ । କଥାରେ ଅଛି,'ସାଦୀ କା ଲଡୁ ଯୋ ଖାୟା ପସ୍ତାୟା,ଯୋ ନହିଁ ଖାୟା ୱୋ ଭି ପସ୍ତାୟା' । ଏତେ ବିଳାସ ବ୍ୟସନ ରେ ଥାଇ ମଧ୍ୟ କିଛି ଗୋଟାଏ ନଥିବାର ଉପଲବ୍ଧି କଲା ଲକ୍ଷ୍ମୀ । କେଉଁ ଏକ ମୂଲ୍ୟବାନ ସଂପଦର ଅଭାବ ପରିଲକ୍ଷିତ କଲା ନିଜ ପାଖରେ । କିଛି ଗୋଟେ ନପାଇବାର ସଙ୍କେତ ଅନୁଭବ କଲା । ସତେ ଯେମିତି ବିବାହ ତାର ଅସଂପୂର୍ଣ୍ଣ । ତଥାପି ମନର ଭାବନା କୁ ମନରେ ଚାପି ନିଜ କର୍ମରେ ଆଗେଇ ଚାଲିଥିଲା । ସମୟର ପ୍ରବାହ ଧିରେ ଧିରେ କହିବାକୁ ଲାଗିଲା ଆଉ ତା ହୃଦୟର ସ୍ପନ୍ଦନ ବଢ଼ିବାକୁ । ଧୈର୍ଯ୍ୟ ର ଶିକୁଳି ଢିଲା ହେବାକୁ ଲାଗିଲା । ବର୍ଷେ କି ଦୁଇ ବର୍ଷ ନୁହେଁ ପାଞ୍ଚ ବର୍ଷ ହେଲାଣି ହେଲେ ତାର କୋଳ ଶୂନ୍ୟ । ତା ସାଙ୍ଗର ସମସ୍ତେ ନିଜ ପିଲାମାନଙ୍କ ସହିତ ହସ ଖୁସି ରେ ଜୀବନ ବିତାଉ ଥିବା ବେଳେ ସେ ପିଲାଟିଏ ପାଇଁ ଛାଟିପିଟି । ଏବେ ସେ ଅନୁଭବ କରୁଛି,ପିଲାଟିଏ ବିନା ବିବାହ ଅଧୁରା, ମୂଲ୍ୟହୀନ । ମାତୃତ୍ୱ ରେ ହିଁ ନାରୀ ଜୀବନର ସାର୍ଥକତା । ହେଲେ କ'ଣ ପାଇଁ ସେ ତା ହେବାର ପରମ ତୃପ୍ତି ରୁ ବଞ୍ଚିତ । ବାରମ୍ବାର ଅନେକ ପ୍ରଶ୍ନବାଣରେ ସେ କ୍ଷତାକ୍ତ, ରକ୍ତାକ୍ତ । କେତେ ଜଣ ତ ବନ୍ଧ୍ୟା ବୋଲି ମୁହଁ ଉପରେ କହିଲେଣି । ସତରେ ନାରୀଟିଏ ପାଇଁ ଭାରି ଅସହ୍ୟ ଶବ୍ଦଟି । କେତେ ଦିଅଁ ଦେବତା ଙ୍କୁ ଡାକିଲାଣି ସେ, ତାକୁ ଏ ନର୍କରୁ ଉଦ୍ଧାର କରିବା ପାଇଁ । ହେଲେ ସମସ୍ତେ ଯେମିତି ପଥର ପାଲଟି ଯାଇଛନ୍ତି । ଏଇ କିଛି ଦିନ ହେଲା ଶାଶୁ, ଶଶୁର ଏମିତି କି ଆଶିଷଙ୍କ ବ୍ୟବହାର ରେ କେମିତି ଗୋଟେ ଖାପଛଡା ଅନୁଭବ କରୁଛି । ବେଳେ ବେଳେ ନିଜକୁ ବହୁତ ଧିକାରେ । କିନ୍ତୁ ହାରେ ନାହିଁ । ଅନେକଥର ସେ ଡାକ୍ତର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପରାମର୍ଶ ପାଇଁ ଆଶିଷଙ୍କୁ କହିଛି । ହେଲେ ଏସବୁ ପ୍ରତି ବିମୁଖ ଆଶିଷ ଏଥିରେ କିଛି ଲାଭ ହେବନି କହି ନିଜ କାମରେ ଚାଲି ଯାନ୍ତି । ଦିନେ ସେ ବହୁତ ବୁଝାଇବା ପରେ ଦୁହେଁ ହସ୍ପିଟାଲ ଗଲେ । ସେଠାରୁ ଡାକ୍ତରୀ ଟେଷ୍ଟ ରେ ଯାହା ରିପୋର୍ଟ ଆସିଲା, ସ୍ୱାମୀ ସ୍ତ୍ରୀ ଦୁହେଁ ଆଶ୍ଚର୍ଯ୍ୟ । ଆଶିଷ ଙ୍କର କିଛି ଅସୁବିଧା ନଥିଲା ବରଂ ଲକ୍ଷ୍ମୀର ଗର୍ଭାଶୟରେ ଅସୁବିଧା ହେତୁ ପିଲା ରହିପାରୁନଥିଲା । ଦୁଃଖ ଆଉ ହତାଶା ର ଘନ ବାଦଲ ଚାଲିଗଲା ଦୁହିଁଙ୍କ ମୁଖମଣ୍ଡଳରେ । ବହୁତ କାନ୍ଦିଥିଲା ସେଦିନ । ଆଶିଷ ବହୁତ ବୁଝାଇଲେ ।

ଏହା ପରେ ଅନେକ ଥର ଭାଙ୍ଗି ପଡ଼ିଛି ଆଉ ପୁଣି ନିଜକୁ ସମ୍ଭାଳି ଆଗକୁ ଚାଲିଛି ଲକ୍ଷ୍ମୀ । ଅନେକ ଥର ସେ ଆଶିଷଙ୍କୁ ଅନୁରୋଧ କଲାଣି କୌଣସି ଏକ ଅନାଥ ଶିଶୁ କୁ ଆଡପ୍ଟ କରିବାକୁ । ହେଲେ ବାପା ମା ରାଜି ହେବେ ନାହିଁ ବୋଲି ଆଶିଷ ଏସବୁ ଠୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି । ଉଚ୍ଚ ବଂଶଜ ଆଭିଜାତ୍ୟର ଅଭିମାନରେ ଅନ୍ୟ ରକ୍ତକୁ ନିଜର କରିବାକୁ କୁଣ୍ଠିତ । ଲକ୍ଷ୍ମୀ ର ଶାଶୁ, ଶଶୁର ।

ଦିନେ ଲକ୍ଷ୍ମୀ ତା ସାଙ୍ଗ ଶୀତଲ ସହ କଥା ହେଉଥିବା ସମୟରେ ମନ ତଳେ ଲୁଚି ଥିବା ସବୁ କୋହ ଗୁଡ଼ାକ ପ୍ରକାଶ କରିଦେଲା । ଶୀତଲ ଏସବୁ ଶୁଣି ତା ମାମୁଁ ଜଣେ ଭଲ ସ୍ତ୍ରୀ ରୋଗ ବିଶେଷଜ୍ଞ ବୋଲି କହୀଲା । ଥରେ ତାଙ୍କ ସହ ପରାମର୍ଶ କରିବାକୁ ଅନୁରୋଧ ମଧ୍ୟ କଲା । ଭାସି ଯାଉଥିବା ଲୋକଟିର କୁଟା ଖଣ୍ଡିଏ ଆଶ୍ରା ପରି ଲକ୍ଷ୍ମୀ ମନରେ ପୁଣି ଆଶା ସଞ୍ଚାର ହେଲା । ସେଦିନ ରାତିରେ ସେ ଏସବୁ ଆଶିଷଙ୍କୁ କହିବା ମାତ୍ରେ ସେ ବିରକ୍ତ ପ୍ରକାଶ କଲେ । ଏ ସବୁ ଫାଲତୁ କଥା ପୁନର୍ବାର ନ କହିବାକୁ ତାଗିଦ୍ ମଧ୍ୟ କଲେ । କିନ୍ତୁ ସେ ବା କିପରି ଜଣେ ନାରୀର ମନର ବେଦନା ପଢି ପାରିବେ । ତା ପର ଦିନ ମିଛ ବାହାନା କରି ଲକ୍ଷ୍ମୀ ନିଜ ବାପଘରକୁ ଚାଲିଗଲା ଆଉ ସେଠୁ ଶୀତଲ ସହ ତା ମାମୁଁ ଙ୍କ ପାଖକୁ ଗଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୀତଲ ର ମାମୁଁ ବିଭିନ୍ନ ପରୀକ୍ଷା କରି କହିଲେ ଯେ ଟେଷ୍ଟ ଟ୍ୟୁବ୍ ଦ୍ୱାରା ପିଲା ଜନ୍ମ ହୋଇପାରିବ କିନ୍ତୁ ଏଥିରେ ମା ଜୀବନ ପ୍ରତି ବିପଦ ଅଛି । ମାତୃତ୍ୱହୀନା ଠାରୁ ଆଉ କ'ଣ ବା ବଡ ବିପଦ ଥାଇପାରେ ? ? ରାଜି ହୋଇଗଲା ଲକ୍ଷ୍ମୀ । ସ୍ୱାମୀ ଙ୍କୁ ଫୋନ୍ ଦ୍ୱାରା ସବୁ ଜଣାଇଲା । ଅତି ଯତ୍ନର ସହ ବାପଘରେ ସେ ନିଜର ମାତୃତ୍ୱ କୁ ଅପେକ୍ଷା କରି ରହିଲା ।

ଲକ୍ଷ୍ମୀର ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଯାଇଥାଏ । ଡାକ୍ତର ଅପରେସନ ପାଇଁ ଓଟି କୁ ନେଇଗଲେ । ବାସ୍ ତାପରେ ଆଉ କିଛି ସେ ଜାଣିନି । ହଠାତ୍ କୁଆଁ କୁଆଁ ଡାକରେ ସେ ଆଖି ଖୋଲିଲା । ଶାଶୁ, ଶଶୁର, ଆଶିଷ ସମସ୍ତେ ଘେରି ରହିଥିଲେ । ସମସ୍ତଙ୍କ ଆଖିରେ ଲୁହ । କାନ୍ଦି କାନ୍ଦି ଆଶିଷ କହିଲେ, ଏ ତୁମେ କ'ଣ କଲ ? ମୋତେ ନଜଣାଇ ମୋ ଠୁ ଦୂରକୁ ଚାଲି ଯିବାକୁ ବସିଥିଲ ? ? ଭଗବାନଙ୍କ ଦୟାରୁ ମୁଁ ତୁମକୁ ପାଖରେ ପାଇପାରିଛି । ଏଇ ନିଅ ଆମ ପୁଅକୁ । କାଲି ରାତି ନଅଟା ରେ ସେ ତୁମ କୋଳକୁ ଆସିଥାନ୍ତା ସାରିଥିଲା, ହେଲେ ତୁମେ ଏ ପର୍ଯ୍ୟନ୍ତ ଅଚେତ ଥିଲ । ଏଇ ଦେଖ ପୁଅ ତୁମ ପରି ହୋଇଛି । ପୁଅକୁ ଛାତିରେ ଜାବୁଡ଼ି ବନ୍ଧ୍ୟା ନର୍କରୁ ମୁକ୍ତି ପାଇ ସାରିଥିଲା ଲକ୍ଷ୍ମୀ । ମା ର ମମତା ରଜ୍ଜୁ ର ଶକ୍ତି ଆଗରେ ସବୁ ଅସମ୍ଭବ ବି ଦୁର୍ବଳ ହୋଇଯାଇଥାଏ.....

ଗୀତାଞ୍ଜଳି ମହାରଣା, ଗୁଣ୍ଡିଚା ବିହାର, ପୁରୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାହାଯ୍ୟ ଲୋଡ଼ା

ଜୀବନ ଜୀଇଁବାରର ଅନ୍ୟନାମ ଯାତ୍ରା । ଜୀବନ ପଥରେ ଆଗେଇ ଚାଲିବାରେ ସମସ୍ତେ ଚେଷ୍ଟିତ । ସିଏ ଧନୀ ହେଉ ଅବା ଗରୀବ । ଜୀବନ ଯାତ୍ରାରେ କେବେ ସୁଖ ତ ଆଉ କେବେ ଅସହ୍ୟ ଦୁଃଖ ଆସେ । କେବେ ମିଠା ମିଠା ଅପାସୋରା ସ୍ମୃତିସବୁ ପୁଣି କେବେ ହୃଦୟ ବିଦାରକ ଆଘାତ । ବେଳେବେଳେ ପ୍ରେମ ସାଗରରେ ପହଁରିବାର ଅସୀମ ଆନନ୍ଦ ନେଉଥାଏ ମଣିଷ, ପୁଣି କେବେ ପ୍ରତାରଣାର ଜୁଇରେ ଜଳିପୋଡି ଛାରଖାର ହୋଇଯାଏ ନିରୀହ ହୃଦୟ । କିଛି ସ୍ମୃତି ମନେ ରହେନି,ଆଉ କିଛି ଅଭୁଲା ହୋଇ ରହିଯାଏ ।

ସେମିତି ଏକ ଅଭୁଲା ସ୍ମୃତିରୁ କିଛି ଉପସ୍ଥାପନା କରିବାକୁ ଯାଉଛି................



ନେପାଳ କୁମାର ବେହେରା

ଜୁନ୍ ମାସ । ଆରତୀ ଆଉ ମୁଁ ଖୋର୍ଦ୍ଧା ବାହାରି ଥିଲୁ ସି.ଟି. ପରୀକ୍ଷା ଦବାକୁ । ମୋର ପରୀକ୍ଷା ନଥିଲା । ସିଏ ଅନୁରୋଧ କରିବାରୁ, ମୁଁ ଯାହା ତା ସାଥିରେ ଯାଇଥିଲି, ତା'ରି ଖର୍ଚ୍ଚରେ । ସିଏ ମୋର ପିଲାବେଳର ସାଙ୍ଗ । ଗାଆଁ ସ୍କୁଲଠୁ ଗ୍ରାଜୁଏସନ୍ ଯାଏଁ ଏକାଠି ପଢିଛୁ । ମୁଁ ତ ବାଲୁଙ୍ଗାଟେ । କାମଦାମ କିଛି ନାଇଁ । ଗ୍ରାଜୁଏସନ ଗତ ବର୍ଷ କଷ୍ଟେମଷ୍ଟେ ପାସ୍ କରିଛି । ସରକାରୀ ଚାକିରି ପାଇଁ ଅନେକ ପରୀକ୍ଷା ଦେଲିଣି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲେ, ପାସ୍ କଲେତ ଚାକିରୀ ପାଇବି ।

ଆଉ ଆରତୀ । ସିଏ ତ ସୁନା ମୁଣ୍ଡାଟେ । ରୂପ ଯେମିତି ଗୁଣ ତା'ଠୁ ବଳି । ଗରୀବ ଘରର ଝିଅ ହେଲେବି, ମନଟା ତାର ବହୁତ ଧନୀ । ଆଖିରେ ଆଖିଏ ସ୍ୱପ୍ନର ଭଣ୍ଡାର । ଅନେକ ଲକ୍ଷ୍ୟ ନେଇ ଲକ୍ଷ୍ୟ ପଥରେ ଆଗେଇ ଚାଲିଛି । ବହୁଥର ଝୁଣ୍ଟିପଡିଛି । କିନ୍ତୁ, ହାର୍ ମାନିବାର ପ୍ରଶ୍ନ ଉଠେନି ତା' ମନରେ । ଗାଆଁର ପ୍ରଥମ କଲେଜ ପଢୁଆ ଝିଅ ସିଏ । ଯଥା ସମ୍ଭବ ସଭିଙ୍କୁ ସାହାଯ୍ୟକରେ । ଗାଆଁର ଦେଢଶହ ପରିବାରର ପିଲାଠୁ ବୃଦ୍ଧଯାଏଁ ସଭିଏଁ ତାର ସାହସ ଓ ମାନସିକତାକୁ ବାଃବାଃ କରନ୍ତି । ଶିକ୍ଷକତା କରି ସମାଜକୁ ଶିକ୍ଷିତ କରିବା ତାର ଲକ୍ଷ୍ୟ ।

ପାଖ ଟାଉନ୍ କଣ୍ଟାମାଳଠାରୁ ସନ୍ଧ୍ୟା ୭ଟାରେ ଗୋପୀନାଥ ବସ୍ । ଟିକେଟ୍ କଟା ସରିଛି । କଣ୍ଟାମାଳ(ବୌଦ୍ଧ) ବସଷ୍ଟାଣ୍ଡ ଠାରୁ ଖୋର୍ଦ୍ଧା ବସଷ୍ଟାଣ୍ଡ ପ୍ରାୟ ଦୁଇ ଶହ କିଲୋମିଟର ବାଟ । ୧୫, ୧୬ ଦିଇଟା ସିଟ୍ । ବସର ସିଟ୍ ଗୁଡିକରେ ଲେଖାଯାଇଥାଏ କେଉଁଟି ମହିଳା ସିଟ୍, କେଉଁଟି ପୁରୁଷ ସିଟ୍, କେଉଁଟି ଭି.ଆଇ.ପି ସିଟ୍, ପୁଣି କେଉଁଟି ଭିନ୍ନକ୍ଷମ ସିଟ୍ । କିନ୍ତୁ ମୋତେ ଲାଗେ ଏସବୁ ନିୟମ କାନୁନ୍ ନାମକୁ ମାତ୍ର ।

ବସ୍ କଣ୍ଟାମାଳ ଛାଡିବା ପୂର୍ବରୁ ମୁଁ ଆବଶ୍ୟକୀୟ ଜିନିଷପତ୍ର ପୁଣିଥରେ ଯାଞ୍ଚ୍ କରି ଯାହା ଦରକାର କିଣାକିଣି କରି ବ୍ୟାଗ୍ ରେ ଭର୍ତ୍ତି କରି ସାରିଥାଏ । ସିଏ ତ କେବେ ବାହାରକୁ ଯାଏନି ,ତା'ରି ଅପେକ୍ଷା ଏସବୁ ବିଷୟରେ ମୋର ଅଧିକ ଅଭିଜ୍ଞତା ଥାଏ ।

ବସ୍ ଚାଲିଛି । ଆରତୀ ନୀରବ ଭାବନାରେ ବସିଯାଇଛି ଝରକା ପାଖ ସିଟରେ । ସିଏ ଆଗତୁରା କହିଦେଇଥିଲା ଝରକା ପାଖ ସିଟ୍ ରେ ବସିବି ବୋଲି । କାହିଁକି ନା ଗାଡିରେ ବସିଲେ ବେଳେବେଳେ ତାକୁ ବାନ୍ତିହୁଏ । ସେଥିପାଇଁ ସେ ବାନ୍ତି ବଟିକା ବି ପାଖରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଖିଛି । ଆଉ ପାଣି ବୋତଲଟିଏ ବି । ତାହା ପୁଣି ଗାଆଁ ନଳକୂପର । ନୂଆ ଜାଗାର ପାଣି ତାକୁ ରୁଚେନି । ଧିରେ ଧିରେ ମୋ ଆଖି ବୁଜି ହୋଇ ଯାଉଥାଏ । ଚାରି ଦିନ ହେଲା ଭଲସେ ଶୋଇନି । ବଡଭାଇଙ୍କ ଦେହ ଖରାପ ଯୋଗୁଁ ତାଙ୍କୁ ହସ୍ପିଟାଲ୍ ରେ ରଖିଥିଲି । ସକାଳେ ଡିସ୍ ଚାର୍ଜ ନେଇ ଘରକୁ ଫେରିଛି ପୁଣି ସନ୍ଧ୍ୟାରେ ବସ୍ ଯାତ୍ରା । ଦେହ ଅବଶ ଲାଗୁଥାଏ । ଆଖି ଦିଇଟି ମୁଦି ହୋଇଯାଉଥାଏ । ଏମିତି ଚାଲିଥାଏ ବସ୍ । ମୁଁ କେତେବେଳେ ଅଜାଣତରେ ଶୋଇଯାଉଥାଏ । ପୁଣି କେତେବେଳେ ହଠାତ୍ ଆଖି ଖୋଲିଯାଏ ବସ୍ ର ସାଇରନ୍ ରେ...

--ଏ....ଏଇ ଅଳସୁଆ ! ଆରେ ଉଠ୍ । କେତେ ଶୋଉଚୁ ଯେ । ସମସ୍ତେ ଓହ୍ଲେଇଲେଣି ପରା । ।

ଅଚାନକ୍ ମୋ ନିଦଭାଙ୍ଗି ଗଲା । ଆରତୀର ଶବ୍ଦାଘାତରେ ।

--ଏତେ ଜଲ୍ଦି ଖୋର୍ଦ୍ଧା ପହଞ୍ଚିଗଲେ କି ?-ମୁଁ ଆଖି ମକଚି ମକଚି ପଚାରିଲି ।

--ଆରେ ଏଇଟା ଖୋର୍ଦ୍ଧା ନୁହଁ । ହୋଟେଲ୍ ଟା । ଡିନର୍ ପାଇଁ ବସ୍ ଅଟକିଛି । ଯା କିଛି ଖାଇଦେଇକି ଆସ୍ । ମୋତେ ଭୋକ ହଉନି, ମୁଁ ଖାଇବିନି ?

ଆରତୀ ସିଧା ସିଧା ମନାକଲା ସିଏ ଖାଇବ ନି ।

--ହଉ ତୁ ନ ଖାଆ । ମୁଁ କ'ଣ ଖାଇବିନି । ଯାଉଛି ପେଟପୁରା ଖାଇଦେଇକି ଆସିବି । ।

ତୋ ପାଇଁ କିଛି ନେଇ ଆସିବି କି ?-ମୁଁ ପଚାରିଲି ।

--ନା ନା ମୋ ପାଇଁ କିଛି ଆଣିବା ଦରକାର୍ ନାଇଁ । ଆରତୀ ଉତ୍ତର ଦେଲା ।

ମୁଁ ବସ୍ ରୁ ତଳକୁ ଓହ୍ଲେଇଲି । ଖାଁ ଖାଁ ଅନ୍ଧାର୍ । କେବଳ ବସ୍ ର ଆଲୁଅ । ରାସ୍ତାର ଦିପାଖ ଘଞ୍ଚଜଙ୍ଗଲ୍ । ଚାରି ପାଞ୍ଚୋଟି ବସ୍ ଅଟିକିଛି । ଆଖପାଖରେ ଘର ଦେଖାଯାଉନି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେବଳ ଗୋଟିଏ ହୋଟେଲ୍ । ଆଉ ପାଖକୁ ଲାଗିରହିଚି କିରାଣା ଷ୍ଟୋର୍ ଟିଏ । ଟର୍ଚ୍ଚ ଲାଇଟ୍ ଟିଏ ଜଳୁଛି । ଜଣେ ବୃଦ୍ଧ, ଜଣେ ବୃଦ୍ଧା ଦୋକାନ ଭିତରେ ଅଛନ୍ତି । ସମ୍ମୁଖରେ ଲୋକଙ୍କ ଭିଡ ।

ପ୍ରବେଶ କଲି ହୋଟେଲ ମଧ୍ୟକୁ । ଅର୍ଡର୍ କରିଦେଇ ଧୁଆଧୋଇ ହୋଇ ବସିପଡିଲି କୋଣରେ ଥିବା ଏକ ଅପରିଷ୍କାର ଡାଇନିଙ୍ଗ୍ ରେ । ଆଉ କୌଣସି ଡାଇଂନିଙ୍ଗ ଖାଲି ନ ଥିଲା । ହୋଟେଲ୍ ସାରା ଧୁଆଁ ଭର୍ତ୍ତି । ସିଲିଙ୍ଗ୍ ଫ୍ୟାନ୍ ଚାଲୁଛି ।ସମସ୍ତେ ଝାଳନାଳ ହୋଇ ଖାଇ ଦେଉଛନ୍ତି ।

-କ୍ଷମା କରିବେ ବାବୁ । ଲୋକଙ୍କ ପ୍ରବଳ ଭିଡ ରହୁଛି । ପୋଛା ମାରିଦେଉଛି । ଏକଥା କହି କହି ପ୍ରାୟ ପଞ୍ଚାବନ ବୟସର ବୃଦ୍ଧ ଜଣକ ଡାଇଂନିଙ୍ଗ୍ ଟେବୁଲଟିକୁ ସଫା କରିଦେଇ ଚାଲିଗଲେ ।

ଟିକିଏ ପରେ ହୋଟେଲ୍ ବଏ ଅର୍ଡର୍ ମୁତାବକ ପରୋଠା ଦି'ପଟ ରଖିଦେଇଗଲେ ।

-ଆଉ କିଛି ଦର୍କାର୍ କି ଆଜ୍ଞା ?ପିଲାଟି ପଚାରିଲା

-ମୁଁ ମନାକଲି

ପରଟାରୁ ଖଣ୍ଡିଏ ପାଟିକୁ ନେଉନେଉ ହାତଟା ଅଟକି ଗଲା । ମୁଁ ନିଜକୁ ସ୍ୱାର୍ଥପର ମନେକଲି । ଆରତୀ ବସ୍ ଭିତରେ ବସିଛି ଭୋକରେ । ଏକା ସାଂଗରେ ଆସିଥିବା ଦି'ଜଣ ସାଂଗ ଜଣେ ପେଟପୁରା ଖାଇବ । ଆଉ ଜଣେ ଓପାସରେ ରହିବ । ଏକଥା ମୋତେ ବିଲକୁଲ୍ ଭଲଲାଗିଲା ନି । ମୁଁ ବି ଖାଇଲି ନି । ଦୋକାନୀକୁ ପଇସା ଦେଇସାରି ପରଟା ଦି ପଟକୁ ସାଥିରେ ନେଇ ଆସିଲି ଆରତୀ ପାଇଁ ।

ପୁଣି ବସ୍ ଚାଲିଲା । ଚାଲିଚି ଯେ ଚାଲିଛି । ରାତି ୧୦ ଟା, ୧୨ ଟା, ଭୋର୍ ୪ଟା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

-ଖୋର୍ଦ୍ଧା ବସ୍ ଷ୍ଟାଣ୍ଡ... ଖୋର୍ଦ୍ଧା ବସ୍ ଷ୍ଟାଣ୍ଡ... ଆସିଗଲା... ଆସିଗଲା, ଯାହାର ଓହ୍ଲେଇବାର ଅଛି ଓହ୍ଲେଇଯାଆନ୍ତୁ ।

ହଠାତ୍ ମୋ ନିଦ ଭାଙ୍ଗିଗଲା କଣ୍ଡକ୍ଟର୍ ଭାଇର ଡାକରେ । ମୋବାଇଲ୍ କାଢି ସମୟ ଦେଖିଲି । ଭୋର୍ ୫ଟା ହୋଇଥାଏ । ମୁଁ ବି ଖୋର୍ଦ୍ଧା ବସ୍ ଷ୍ଟାଣ୍ଡ କେବେ ଦେଖି ନ ଥିଲି । ଏତେ ଶୁନ୍ ଶାନ୍ ଆଉ ଅନ୍ଧାରିଆ ଥିଲା ଯେ ଭୟ ବି ଲାଗୁଥିଲା । ଲାଇଟ ଗୁଡିକର ଆଲୁଅ ବି ସବୁଠି ପହଞ୍ଚିପାରୁନଥିଲା । କାଁ ଭାଁ କେଇଜଣ ଆଖପାଖରେ ଦେଖାଯାଉଥିଲେ । ଆରତୀ ଆଉ ମୁଁ ଗୋଟେ ଆଲୁଅ ଥିବା ଯାଗାରେ ବସି ପଡିଲୁ । ସେତେବେଳେ ଆମେ ଦୁହେଁ ଗାଆଁ ଓ ସହରର ଫରକ୍ ବିଷୟରେ ତର୍ଜମା କରିବାରେ ଲାଗିଲୁ । ଆମେ ଗାଆଁ ଗହଳିରେ ବିଶେଷତଃ ଗାଈ ଗୋରୁଙ୍କୁ ମାଆ ସ୍ୱରୂପ ସମ୍ମାନ କରୁ, ଗାଈ, ଛେଳି, ମେଣ୍ଢା, ପ୍ରଭୃତି ଗୃହପାଳିତ ପଶୁପକ୍ଷୀଙ୍କ ବିଶେଷ ଯତ୍ନ ନେବାସହ ତାଙ୍କର ଶୋଇବା, ଖାଇବା ବ୍ୟବସ୍ଥା ମଧ୍ୟ ସ୍ୱତନ୍ତ୍ର ଥାଏ । କିନ୍ତୁ, ଏଠି ବସ୍ ଷ୍ଟାଣ୍ଡ ରେ କିଛି ଗାଈ ଶୋଇ ଥିବାର ଦେଖି ମନକୁ ଢେର୍ କଷ୍ଟବି ଲାଗିଥିଲା । ସକାଳ ହେଲା । ଧୀରେ ଧୀରେ ଗହଳି ବଢିବାରେ ଲାଗିଥାଏ । ଅନେକ ଲୋକ ମର୍ଣ୍ଣିଙ୍ଗ୍ ଓ୍ୱାର୍କ ପାଇଁ ହାଫ୍ ପ୍ୟାଣ୍ଟ ପିନ୍ଧି ରାସ୍ତାରେ ଚାଲିବାରେ ଲାଗିଥାନ୍ତି । ଜଣେ ଲୋକ କୁକୁରଟିଏ ଧରି ଯାଉଥିବାର ବି ଦେଖିଲୁ । କୁକୁରର ବେକରେ ବେଲ୍ଟଟିଏ ବନ୍ଧାଯାଇଥାଏ ଓ ଲୋକ ଜଣକ ସେଇ ବେଲ୍ଟଧରି କୁକୁରର ପଛେପଛେ ଚାଲୁଥାନ୍ତି । ଏଇଠି ଗାଆଁ ଓ ସହରର ପ୍ରଭେଦର ଆଉ ଗୋଟିଏ ନମୂନା ଆମେ ଦେଖିବାକୁ ପାଇଲୁ । ଗାଆଁ ରେ କୁକୁର ପାଳନ କରନ୍ତି ସତ କିନ୍ତୁ ଏତିକି ସ୍ନେହ ଆଦରରେ ରାସ୍ତାରେ ବୁଲାନ୍ତି ନାହିଁ ।

ଧୀରେଧୀରେ ଲୋକଙ୍କ ଗହଳି ବଢିବାରେ ଲାଗିଥାଏ । କିଛି ସମୟ ପରେ ଦି ଯୋଡି ସ୍ୱାମୀସ୍ତ୍ରୀ ବସ୍ ରୁ ଓହ୍ଲାଇ ଆମେ ବସିଥିବା ପାଖକୁ ଆସିଲେ । ପୁରୁଷ ଦି ଜଣ ଦୁଇ ଭାଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରି ଦେଖାଯାଉଥିଲେ । ସେମାନଙ୍କ ସହ ଦିଇଟି ଛୁଆ ମଧ୍ୟ ଥିଲେ । ଗୋଟେ ପାଞ୍ଚ ବର୍ଷ ପୁଅଟେ । ଆଉ ଗୋଟେ ଝିଅ ପ୍ରାୟ ୩ ବର୍ଷ ହବ । ସେମାନଙ୍କ ହାବଭାବ ବେଶ ପୋଷାକରୁ ଆମେ ଯାହା ଅନୁମାନ କଲୁ, ସେମାନେ ନିଶ୍ଚୟ ଆମ ପଶ୍ଚିମ ଓଡିଶାବାସୀ ହୋଇଥିବେ । ତାଙ୍କ ପରସ୍ପର କଥାବାର୍ତ୍ତାରୁ ଆମେ ନିଶ୍ଚିତ ହେଇଗଲୁ ।

ମୁଁ ତାଙ୍କ ପରିଚୟ ପଚାରିବାକୁ ଇଚ୍ଛୁକ ହେଲି ।

ପଚାରିଲି- ଆଜ୍ଞା ! ଆପଣ୍ କେନ୍'ନୁ ଆଇଛନ୍ ?

ଜଣେ ପ୍ରତ୍ୟୁତ୍ତର ଦେଲେ-କଳାହାଣ୍ଡି ଭବାନୀପାଟ୍'ନା ପାଖୁ ଆଇଛୁଁ । ଟେଲିଭିଜନ୍ ପ୍ରୋଗ୍ରାମ୍ ମଧୁକୁଞ୍ଜ ମାଲାମାଲ୍ ରେ ରେକଡିଂଗ୍ ଅଛେ ତ ସେଥିର୍ ଲାଗିର୍ ଆଇଛୁଁ ।

ସେ ପଚାରିଲେ-ତମେ କେନ୍'ନୁ ଆଇଛ ଭାଇ ।

ମୁଁ କହିଲି-ବୌଦ୍ କଣ୍ଟାମାଲ୍ ରୁ ଦାଦା ।

ଆର ଜଣକ ପଚାରିଲେ-କାଏଁ କାମେ ଆଇଛ ସେ ଭାଇ ।

ମୋର୍ ସାଂଗର୍ ସି.ଟି.ଏଣ୍ଟ୍ରାନ୍ସ୍ ଅଛେ । -ମୁଁ ଉତ୍ତରଦେଲି ।

ସ୍ୱଳ୍ପ ଅବଧି ମଧ୍ୟରେ ଆମେ ସମସ୍ତେ ଏମିତି ଭାବରେ ଚିହ୍ନାପରିଚିତ ହୋଇସାରିଥିଲୁ ଯେ ,ଏହା ଆମକୁ କ୍ଷଣୀକ ସମ୍ପର୍କର ସେତୁ ଭଳି ଲାଗୁନଥିଲା । ଆମେ ସମସ୍ତେ ଥଟ୍ଟାମଜାରେ ଏମିତି ପ୍ରାୟ ଦେଢଘଣ୍ଟା ମସ୍'ଗୁଲ୍ ରହିଲୁ । ।

କିଛି ସମୟପରେ ପୁଣି ଦିଜଣ ଦମ୍ପତି ସହ ଆମେ ସମସ୍ତେ ପରିଚିତ ହେଲୁ । ସେମାନେ ସୁବର୍ଣ୍ଣପୁର ଜିଲ୍ଲାର ବିନିକା ଅଞ୍ଚଳର ଥିଲେ । ବୟସ ଓ ଜ୍ଞାନରେ ଆମର ଗୁରୁଜନ ହେବେ । ସେମାନେ ମଧ୍ୟ ସେଇ ମଧୁକୁଞ୍ଜ ମାଲାମାଲ୍ ର ଷ୍ଟୁଡିଓକୁ ହିଁ ଆସିଥିଲେ । ତାଙ୍କସହ ମଧ୍ୟ ଅନେକ ଦୁଃଖସୁଖ ହେଲୁ । ସେମାନେ ଜୀବନ ଦର୍ଶନ ଉପରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମକୁ ଅନେକ ଉପାଦେୟ ଜ୍ଞାନ ପ୍ରଦାନକଲେ । ସମୟ ସକାଳ ସାଢେ ନଅଟାରେ ଷ୍ଟୁଡିଓରୁ ପଠାଯାଇଥିବା ଗାଡିରେ ସମସ୍ତେ ଚାଲିଗଲେ ।

ଆରତୀ ଆଉ ମୁଁ ପୁଣି ଏକୁଟିଆ ହୋଇଗଲୁ । ପରୀକ୍ଷା ଅପରାହ୍ଣ ଗୋଟାଏ ବେଳେ ଅଛି । ଆହୁରି ତିନିଘଣ୍ଟା କେମିତି କଟିବ ?

ଏମିତି କଥାବାର୍ତ୍ତା ହେଉହେଉ ଗୋଟେଘଣ୍ଟା ବିତିଯାଇଥିଲା । ତା'ପରେ ଆରତୀର ପେଟବ୍ୟଥା ଆରମ୍ଭ ହେଲା । ପରେ ପରେ ବହୁତ ଜୋରରେ ପେଟ କାଟିବାରୁ ଆରତୀ ସହ୍ୟ କରିପାରିଲାନି । ଏବେ ଆମେ ଚିନ୍ତାରେ ପଡିଯାଇଥିଲୁ । ସମୟ ବହୁତ୍ କମ୍ । ଆମେ ଗୋଟେ କ୍ଲିନିକ୍ ଖୋଜିବାକୁ ଟାଉନ୍ ଭିତରକୁ ମୁହାଁଇଲୁ । ଚାରିଶହ ମିଟର୍ ଯିବାପରେ ଡାହାଣ ପାର୍ଶ୍ୱରେ ଗୋଟେ କ୍ଲିନିକ୍ ଦେଖାଗଲା । କିନ୍ତୁ, ପାଖକୁ ଯାଇ ପଚାରନ୍ତେ ତାହା ଅପରାହ୍ଣରେ ଖୋଲିବାର ସୂଚିତ ହେଲୁ । ଆମେ ଭଗବାନଙ୍କ ଭରସାରେ ଆଗେଇ ଚାଲିଲୁ । ନୂଆ ସହର କୌଣସି ବାଟ ଜଣାନାହିଁ । ଜୁନ୍ ମାସର ଖରା ତାତି ସାଂଗକୁ ରାସ୍ତାର ଗରମ ତେଜ । ଏପଟେ ଅସହ୍ୟ ପେଟ ଯନ୍ତ୍ରଣାରେ ପାଦ ଥାପିଥାପି ଚାଲୁଥିବା ଆରତୀର ହାତଧରି ରାସ୍ତାପାରି କରେଇବାକୁ ପଡୁଥାଏ । ଏମିତି ଏକ ଗଳି ରାସ୍ତାକୁ ପହଞ୍ଚିସାରିଥିଲୁ ଯେଉଁଠି ଅଟୋ କିମ୍ବା ରିକ୍ସାର ଦେଖାନଥିଲା । କେବଳ ଲୋକଙ୍କ ଭିଡ ଏବଂ ବାଇକ୍ । ଟିକିଏ ଆଗକୁ ଯିବାପରେ ବାମପଟେ ପୁଣି ଗୋଟିଏ କ୍ଲିନିକ୍ ଦେଖିଲୁ । ଯାହାବି ହେଉ କ୍ଲିନିକ୍ ଟି ଖୋଲାଥିଲା । ଭଗବାନଙ୍କୁ ଧନ୍ୟବାଦ ଦେଲୁ । କିନ୍ତୁ, ସେଇଠି ଡାକ୍ତର ଉପସ୍ଥିତ ନ ଥିଲେ । ଡାକ୍ତର ଆସିବା ବିଳମ୍ବ ହୋଇପାରେ ବୋଲି ସେଠାକାର ଔଷଧ ଦୋକାନୀ ସୂଚନା ଦେଲେ । ଆରତୀ ପେଟ କାଟିବା ଯନ୍ତ୍ରଣା ଆହୁରି ଅସହ୍ୟ । ଅଧଘଣ୍ଟା କାଳ ଅପେକ୍ଷା କରିବାପରେ ଆମେ ଔଷଧ ଦୋକାନରୁ ବିନା ପ୍ରେସ୍କ୍ରିପ୍ସନ୍ ରେ କିଛି ପେଟଯନ୍ତ୍ରଣାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିରାକରଣ ପାଇଁ ଦୋକାନୀକୁ କିଛି ଔଷଧ ମାଗିଲୁ । ଦୋକାନୀ ମହାଶୟ ଔଷଧ ମଧ୍ୟଦେଲେ । ଧିରେଧିରେ ଆରତୀର ପେଟ ବ୍ୟଥା କମିବାରେ ଲାଗିଲା ।

ଆମେ ଅଟୋଟିଏ ଭଡାକରି ପରୀକ୍ଷା ସେଣ୍ଟର୍ କୁ ନିର୍ଦ୍ଧାରିତ ସମୟ ପୂର୍ବରୁ ପହଞ୍ଚିଗଲୁ । କିନ୍ତୁ ଏଯାଏଁ ଆରତୀ କିଛି ଖାଇନଥିଲା । କିଛି ଖାଇବାକୁ ଇଚ୍ଛୁକ ନଥିଲା ବି । ଧିରେ ଧିରେ ତା ସୁନ୍ଦର ମୁଖମଣ୍ଡଳ ମଉଳି ଯାଉଥିଲା । ରେଡିଓ ଭଳି ଅନବରତ ଟୁପୁରୁଟୁପୁରୁ ହେଉଥିବା ଝିଅଟା ବ୍ୟାଟେରୀ ନ ଥିବା ଘଣ୍ଟାପରି ଚୁପଚାପ୍ ରହୁଥିଲା ।

ପରୀକ୍ଷା ସମୟ ହେଇସାରିଥିଲା । ସିଏ କିଛି ନ ଖାଇ ପରୀକ୍ଷା ହଲ୍ ରେ ପ୍ରବେଶ କଲା । ମୁଁ ଶୁଭକାମନା ଜଣେଇ କ୍ୟାନ୍‌ଟିନ୍ ଆଡକୁ ମୁହାଁଇଲି କାରଣ ମୁଁ ବି କିଛି ଖାଇନଥିଲି । ଆରତୀ ବାରମ୍ବାର କିଛି ଖାଇଦେବା ପାଇଁ ମୋତେ ଜବରଦସ୍ତି କରୁଥିବା ସତ୍ୱେ ମୁଁ ଖାଇନଥିଲି । କାନ୍‌ଟିନରେ ପହଞ୍ଚି ଗୋଟାଏ ମିଲ୍ ଅର୍ଡର୍ କଲି । କିନ୍ତୁ, ଖାଇବା ବେଳେ ହାତଟା ପାଟିପାଖକୁ ଯାଇପାରୁ ନଥିଲା ହାତ ଅଟକି ଯାଉଥାଏ । ମିଲ୍ ର ପେମେଣ୍ଟ ଡିପୋଜିଟ୍ କରି ଫେରିଆସିଲି କ୍ୟାନ୍‌ଟିନ୍ ରୁ । ଟିକିଏ ଛାଇ ଖୋଜୁଥିଲି ଠୋଠୋ ଖରାରେ ଆଶ୍ରୟ ପାଇଁ । ଗୋଟେ ଛୋଟ ଗଛ ତଳେ ବସିପଡିଲି ।

ବାରମ୍ବାର୍ ଆରତୀ କଥା ମନଭିତରେ ଗୋଳେଇ ଘାଣ୍ଟି ହେଉଥାଏ । ନିଜର ତଥା ଗାଆଁର ଭବିଷ୍ୟତ ଉଜ୍ଜ୍ୱଳ କରିବା ଚେଷ୍ଟାରେ କେତେ ଯେ ସଂଘର୍ଷ ନ କରିଚି । ଝିଏଟିଏ ହେଲେବି ପ୍ରତିଦିନ ୩୦କିମି ସାଇକେଲିଙ୍ଗ୍ କରିବା କଣ ସହଜ କଥା । ନିଜ ପରିବାରର ପୂର୍ଣ୍ଣ ସହଯୋଗ ନ ଥାଇବି ବହୁତ ଖର୍ଚ୍ଚ କରି ପାଠପଢିବା । କୌଣସି ଝିଅସାଂଗ ନ ଥାଇ ଗାଆଁର ପୁଅସାଂଗ ମାନଙ୍କ ସହଯୋଗ ଓ ଭରସାରେ କଲେଜ୍ ପାଠ ଶେଷ କରିଛି । କେତେ ଲୋକଙ୍କ ଟାହିଟାପରା ଶୁଣିଚି । କେତେଲୋକ କେତେ କଥା କହନ୍ତି । କିନ୍ତୁ ସେ ସବୁକୁ


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖାତିର୍ ନ ଆଗେଇ ଚାଲିଚି ଲକ୍ଷ୍ୟପଥରେ । ନିଜର ଦୁଃଖ ଛାତିଭିତରେ ଲୁଚେଇ ରଖି ନିଜେହସି ଅନ୍ୟକୁ ହସବୁଣିବାର କଳା ବି ଶିଖିଯାଇଚି । ସିଏ ବି ବେଳେବେଳେ ଭାଙ୍ଗିପଡେ । କିନ୍ତୁ, ମୁଁ ତାର ହସହସ ମୁଖ ସବୁବେଳେ ମୁଁ ଦେଖିଛି । ତାର ଉଚ୍ଚ ଭାବନାକୁ ବି ମୁଁ ସାଲ୍ୟୁଟ୍ କରେ । ଆଜିର ଏଇ ସଂଘର୍ଷ ବି କିଛି କମ୍ ନୁହଁ । ନିଜ ସ୍ୱପ୍ନକୁ ବାସ୍ତବ ରୂପଦେବା ଚେଷ୍ଟାରେ ସବୁକିଛି ସହିଯାଉଛି ଗୋଟିଏ କୋମଳ ହୃଦୟ ।

ଏମିତି ବହୁତ୍ କିଛି ଭାବୁଭାବୁ ଆଖିର ଲୁହ ଆଉ ମୁଣ୍ଡର ଝାଳ ଏକା ସ୍ରୋତରେ ଦେହସାରା ଓଦା କରିସାରିଥିଲେ । ଟିକିଏ ଶୀତଳପବନରେ ଆଖି ଲାଗିଯାଉଥାଏ । ପୁଣି ହଠାତ୍ ଇତସ୍ତତଃ ହୋଇଉଠେ ।

ପରୀକ୍ଷା ସରିଲା । ମୁଁ ଗେଟ୍ ସାମ୍ନାରେ ଅପେକ୍ଷା କରିଥାଏ । ଆରତୀ ମୋତେ ଦେଖି ଶୁଖିଲା ହସଟିଏ ହସିଦେଲା । ମୁଁ ଆଉ ପଚାରିନି ଯେ ପରୀକ୍ଷା କେମିତି ହେଇଚି ।କାରଣ ତାର ସୁଖିଲା ହସ ବି କିଛି କଥା ବଖାଣିପାରୁଥିଲା ।

ଆମେ ଗୋଟିଏ ଅଟୋରେ ଆସି ଭୁବନେଶ୍ୱର ପହଞ୍ଚିଗଲୁ । ଆରତୀ ମୋ ଖାଇବା କଥା ବାରମ୍ବାର ପଚାରୁଥାଏ । କିନ୍ତୁ, ତାର ବୋଧେ ଖିଆଲ୍ ନ ଥାଏ ଯେ, ସିଏ ଗୋଟିଏ ଦିନ ହେଲା କିଛି ବି ଖାଇନି । ମୁଁ ବାଧ୍ୟକରିବାରୁ ଗୋଟିଏ ସେଓ ଅଧା ଖାଇଲା । ଆମେ ଗୋଟିଏ ଜାଗାରେ ବସିପଡିଲୁ ।

ମୋ ମନରେ ଗୋଟିଏ ପ୍ରଶ୍ନ ଦୋହଲୁଥାଏ ଯେ, "ସବୁ ଝିଅମାନେ ଏମିତିକା ନା' ଏଇ ଝିଅଟା ସମସ୍ତଙ୍କଠୁ ଅଲଗା ?" ଯିଏ ଆଉ କାହା କଥା ଭାବୁଭାବୁ ନିଜକଥା ଭୁଲିଯାଏ । ଆଉ କାହାକୁ ସାହାଯ୍ୟ କରିବାକୁ ଯାଇ ନିଜେ ବେସାହାରା ହୋଇଯାଏ ।

ଏକଥା ନିଶ୍ଚିତ ଯେ ଆମେ ପୁରୁଷ ଜାତିଟା ଯଦି ଟିକିଏ ସାହସର ସହ ନାରୀ ଜାତିକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହଯୋଗ କରନ୍ତେ, ଆମ ଗାଆଁ ଗହଳିରେ ବି ଇନ୍ଦିରା ଗାନ୍ଧୀ, ରମାଦେବୀ, ମାଳତୀ ଦେବୀ, ରାଣୀ ଲକ୍ଷ୍ମୀବାଈ ଏମିତି ଅନେକ ନାରୀ ପୁନର୍ଜନ୍ମ ନିଅନ୍ତେ । କିନ୍ତୁ, ଆମେ କରୁଛେ କଣ ? ତାଙ୍କୁ ଅବଳା ଦୁର୍ବଳା ଭାବି ଦିନକୁ ଦିନ ନିରୁତ୍ସାହିତ କରୁଛେ । ତାଙ୍କ ପ୍ରତି ଅତ୍ୟାଚାର, ଅନ୍ୟାୟ କରୁଛେ । ଏକଥା ବି ଭାବୁନୁ ଯେ, ଆମେ ବି ସେଇ ମାଆ ଗର୍ଭରୁ ହିଁ ଜନ୍ମ ହେଇଛେ ।

ଗୋଟିଏ ଭଉଣୀର ସ୍ନେହ ଶ୍ରଦ୍ଧାରେ ବଡହେଇଛେ । ଗୋଟିଏ ପ୍ରେମିକାର ନିଷ୍କପଟ ପ୍ରେମରେ ବିଭୋର୍ ହେଇଛେ । ଗୋଟିଏ ବୋହୁର ତ୍ୟାଗ ଯୋଗୁଁ ସଂସାର ସୁନ୍ଦର ହୁଏ । ବୟସ୍କ ବୁଢୀମାଆଠାରୁ କାହାଣୀ ଶୁଣି ନିଦରେ ଶୋଇଛେ । ଅସରନ୍ତି ଏଇ କଥା । ଏ ସମସ୍ତେ ତ ଗୋଟିଏ ଗୋଟିଏ ନାରୀ ।

ବାସ୍ ଖାଲି ଆମର ଦୃଷ୍ଟିଭଙ୍ଗୀ ବଦଳେଇଦେବା ଦରକାର୍ । ତେବେ ଯାଇଁ ଏଇ ଦୁନିଆଁ ଏକ ସୁନାର ଦୁନିଆଁ ହବ ।

ଜାମୁଖୋଲ,କଣ୍ଟାମାଳ,ବୌଦ୍ଧ

ମୋ-୮୧୪୪୦୮୧୫୯୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସରଗୀଫୁଲ

ମୋର ଶ୍ରୀମତୀ ଘରେ ପାଦ ଦେଲା ଦିନଠୁ ବର୍ତ୍ତମାନର ଅବସର ଜୀବନ ପର୍ଯ୍ୟନ୍ତ ମୋ ଅଧ୍ୟାପନା ଜୀବନର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟପରି ଶ୍ରୀମତୀଙ୍କ ଲାଗି କାମବାଲି ଯୋଗାଡ଼ କରିବା ଗୁରୁତ୍ୱପୂର୍ଣ୍ଣ ଥିଲା । ବେଳେବେଳେ ମୁଁ ଅନୁଭବ କରେ ମୋର ଆବଶ୍ୟକତା ଅପେକ୍ଷା କାମବାଲିର ଆବଶ୍ୟକତା ତାଙ୍କ ପାଇଁ ଅଧିକ । କଦବା କ୍ୱଚିତ କାମବାଲିର ଅନୁପସ୍ଥିତି ମୋ ପାଇଁ ଦୁର୍ବିସହ ଥିଲା - କାରଣ ମୋର ଧାରାବାହିକ ଶୃଙ୍ଖଳିତ ଜୀବନଚର୍ଯ୍ୟା ବିଳମ୍ବିତ ହେଉଥିଲା । ସକାଳର ଚା' କପ୍ ର ଉଷ୍ମକୁଣ୍ଡଳୀ ଶିଥିଳ ହେଇଯାଉଥିଲା କାମବାଲିର ଅନୁପସ୍ଥିତି ପାଇଁ । ଏହି ସମସ୍ୟାରୁ ବର୍ତ୍ତିବା ପାଇଁ ଦକ୍ଷ କାମବାଲି ଯୋଗାଡ଼ କରିବାକୁ ମୁଁ ନିରାପଦ ମଣୁଥିଲି ।



ପ୍ରଫୁଲ୍ଲ କୁମାର ପାଣି

ଧର୍ମପତ୍ନୀଙ୍କ ସହ ଘର ବସେଇବାର ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ଭିତରେ ଦଶ ବାର ଜଣ କାମବାଲି ବିଦାୟ ନେଇଛନ୍ତି । ସେମାନଙ୍କ ମଧ୍ୟରୁ କାହାର ସ୍ମୃତି ମନେଅଛିତ କାହାକୁ ବିସ୍ମରି ଯାଇଛି । କିନ୍ତୁ କାମବାଲି ଯୋଗାଡ଼ କରିବାରେ ଚେଷ୍ଟା ଜାରି ରଖିଥାଏ । ବର୍ତ୍ତମାନ ସମୟରେ ଭଲ କାମବାଲିଟିଏ ପାଇବା ଭାଗ୍ୟର କଥା । ବୋଧହୁଏ ସେହି ଭାଗ୍ୟ ସହିତ ମୋ ଭାଗ୍ୟ ଦୀର୍ଘଦିନ ହେବ ଯୋଡ଼ା ହୋଇ ରହିଛି । ଏବେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେଉଁ କାମବାଲିଟିକୁ ପାଇଛି ତା'ର କାର୍ଯ୍ୟଶୈଳୀରେ ଆମେ ଦୁଇ ପ୍ରାଣୀ ସୁଖ ଜୀବନ କାଟୁଛୁ । ତା'ର ନାମଟି 'ସରଗୀ', ନାମଟି ମୋତେ କବିତାର ଭାଷା ପରି ଲାଗେ । ତେଣୁ ମୁଁ ତାକୁ 'ସରଗୀ ଫୁଲ' ଡ଼ାକେ ଓ ସେ ହସିଦିଏ । ତା'ର ବୟସ ପାଖାପାଖି ପଇଁତିରିଶି ହେବ । ସଂସାର କହିଲେ ଚାରି ପ୍ରାଣୀ । ସ୍ୱାମୀ - ସ୍ତ୍ରୀ ଆଉ ପୁଅଝିଅ । ଝିଅଟି ସପ୍ତମ ଶ୍ରେଣୀ ଆଉ ପୁଅଟି ପଞ୍ଚମ ଶ୍ରେଣୀରେ ପଢୁଛନ୍ତି । ସେ ଆମ ଘରେ ସଦସ୍ୟ ହେବାର କିଛି ଦିନ ପର୍ଯ୍ୟନ୍ତ ମୁଁ ତା'କୁ ନୀରବରେ ଲକ୍ଷ୍ୟ କରୁଥିଲି । ଅନୁଭବ କଲି ଆମମାନଙ୍କ ତୁଳନାରେ ସରଗୀର ଭାବଭଙ୍ଗୀ, ଚାଲିଚଳନ, କଥାଭାଷା ମାର୍ଜିତ । ବେଶ୍ ସଣ୍ଠଣା ମଧ୍ୟ । ତା' ଅଲକ୍ଷ୍ୟରେ ଆମେ ତା'କୁ ନିରୀକ୍ଷଣ କରୁ । ଶେଷରେ ଆମେ ଉପନୀତ ହେଲୁ ଯେ ମନକୁ ପାଇଲା ଭଳି କାମବାଲି । କିଛି କହିବାକୁ ପଡ଼େନି । ସହଧର୍ମିଣୀଙ୍କ ବରାଦ ପୂର୍ବରୁ ସବୁ କାମ ସୁନ୍ଦର ଭାବେ ସଂପାଦନ କରିଥାଏ । ସରଗୀ ସ୍ୱାଭିମାନୀ, ଭଦ୍ର, ନମ୍ର ଓ ଅଳ୍ପ କଥା କହେ । ତା' କଥା ମିଠା ଲାଗେ । ଖୁବ୍ ଅଳ୍ପ ଦିନରେ ଆମକୁ ନିଜର କରିନେଲା ।

ଅଗଷ୍ଟ ମାସ ପନ୍ଦର ତାରିଖ ସକାଳ ବେଳା, ମୁଁ ତା'ର ଏକ ନୂତନ ପ୍ରତିଭାର ଆଭାସ ପାଇଲି । ଦୂରରୁ ସ୍କୁଲ ପିଲାମାନଙ୍କର ଜୟଜୟକାରର ଅସ୍ପଷ୍ଟ ସ୍ୱର ଶୁଭୁଥାଏ । ମୁହଁ ଟେକି କେବେ କହୁନଥିବା ସରଗୀ ହଠାତ୍ ମୋତେ ପ୍ରଶ୍ନ କଲା - "ବାବୁ ! ଆଜି ପରା ଅଗଷ୍ଟ ପନ୍ଦର । ଆଗ ପରି ଆଉ ସ୍କୁଲ ପିଲା ପ୍ରଭାତ ଫେରି କରୁନାହାନ୍ତି । ଆମେ ଯେତେବେଳେ ଆମ ଗାଁ ସ୍କୁଲରେ ପଢୁଥିଲୁ ମୁଁ ଶ୍ରେଣୀରେ ପ୍ରଥମ ହେଉଥିଲି । ଅଗଷ୍ଟ ପନ୍ଦର ପାଳନ ବେଳେ ମୁଁ ଧାଡ଼ିର ଆଗରେ ଜାତୀୟ ପତାକା ଧରି ବଡ଼ ପାଟିରେ କହୁଥିଲି - ଭାରତ ମାତା କି ଜୟ, ମହାତ୍ମା ଗାନ୍ଧୀକୀ ଜୟ । ଆଉ ଆଜିର ପିଲାମାନେ ସେମାନଙ୍କ ନାଁକୁ ମଧ୍ୟ ଭଲରେ କହି ପାରୁନାହାନ୍ତି । ପିଲାଙ୍କ ପାଟିରେ ଯାହା ପଶୁଛି ତାହା କହି ଦେଉଛନ୍ତି । ସାର୍ ଆଉ ଦିଦି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାନଙ୍କର ଏଥିପ୍ରତି ନିଘା ନାହିଁ । ଆମେ ସବୁ ବଡ଼ ପାଟିରେ ଗାଉଥିଲୁ - "ବଜାରେ ବଜାରେ ବାଇଦ ବଜା, ଚଉଦିଗ ଆଜି ସଜାରେ ସଜା, କେତେ ନୂଆ ଆଶା ଆନନ୍ଦ ଆଣି, ଅଗଷ୍ଟ ପନ୍ଦର ଆସିଚି ପୁଣି" ଇତ୍ୟାଦି । ଆମେ ମନଧ୍ୟାନ ଦେଇ ସ୍ଲୋଗାନ ଦେଉଥିଲୁ । ଆଉ ଆଜିର ଏ ପିଲାମାନେ ପକେଟରେ ମୋବାଇଲ ଧରି ମନଇଛା ଗପୁଛନ୍ତି । ଆଛା ବାବୁ ! ଆମେ ଯେଉଁ ଗାଉଥିଲୁ - "କେତେ ନୂଆ ଆଶା ଆନନ୍ଦ ଆଣି" - କାହିଁ ଆମର ଜୀବନରେ କୌଣସି ଆଶା କି ଆନନ୍ଦ ନାହିଁ । କିଛି ଆଶା ତ ପୂରଣ ହେଉନି ?ଘର ଖଣ୍ଡିଏ ନାହିଁ ମୁଣ୍ଡ ଗୁଞ୍ଜିବାକୁ । ପଲିଥିନ୍ ଘେରା ଭଙ୍ଗା ଘରେ ଆମ ଜୀବନ କଟୁଛି । ଅସରା ଅସରା ବର୍ଷା ମାଡ଼ରେ ରାତି ସାରା ଛୁଆ ଦି'ଟାଙ୍କୁ ଜାକି ଧରିଛି । ସ୍ୱାମୀ ମୋର ମଦୁଆ । ମୋ ରୋଜଗାରକୁ ଚାହିଁଛି । ଗାଁରେ ଯେଉଁ ମଦଭାଟି ଖୋଲିଲା, ତାକୁ ସୁବିଧା ହେଲା । ସାଙ୍ଗ ସାଥୀରେ ପଡ଼ି ଧୂମ୍ ପିଇଲା । ଶେଷରେ ମଦ ପିଇ ପିଇ ଗାଁ ଜମି ଖଣ୍ଡକୁ ବିକି ଦେଲା । ମୁଁ ରୋକିବାରୁ ମୋତେ ଦରମରା କଲା । ଏଇନେ ମୋ ହାତକୁ ଚାହିଁଛି । ସରକାର ଗାଁରେ ମଦ ଦୋକାନ ବନ୍ଦ କରି ଆମର ଆଶା ପୂରଣ କରନ୍ତେନି ? ଆମେ ଆନନ୍ଦ ପାଆନ୍ତୁ ।”

ସରଗୀ ମୁହଁରୁ ଏତେ ଗହନ କଥା ଶୁଣି ମୁଁ ତାଜୁବ୍ ହୋଇଗଲି । କ'ଣ ଉତ୍ତର କରିବି, କେଉଁ ଭାଷାରେ ତା'କୁ ବୁଝେଇବି - ମୋ ଜିଭ ଲେଉଟିଲା ନାହିଁ । ଘଡ଼ିଏ ତା'ର ପ୍ରଶ୍ନିଳ ଆଖିକୁ ଚାହିଁଲି । ଯେଉଁ ସରଗୀକୁ ସାଧାରଣ କାମବାଲିଟିଏ ବୋଲି ଭାବିଥିଲି ତା' ମନ ଗହନର ସାତ ତାଳ ଭିତରେ ଏକ ବେଦନାସିକ୍ତ ବିଦ୍ରୋହ ମାନସିକତାର ନିଆଁ କୁହୁଳୁଛି, ମୋର ନ ବୁଝିବାର ଅବକାଶ ନଥିଲା । କୌଣସି ଶିକ୍ଷାଳୟରୁ ଡ଼ିଗ୍ରୀ ପାଇନଥିଲେ ମଧ୍ୟ ତା'ଭିତରେ ଯେ ସମକକ୍ଷ ଡ଼ିଗ୍ରୀ ଧାରୀର ଚେତନା ଅଛି, ମୁଁ ନୀରବରେ ଲକ୍ଷ୍ୟ କଲି । ତା'କୁ ଧୀରେ କହିଲି - "ସରଗୀ ! ମୁଁ ଅବସର ନେବା ପରେ ନିଶାମୁକ୍ତି ସଂଗଠନ ମଞ୍ଚରେ ଯୋଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଇଛି , ତୋତେ ସେ ମଞ୍ଚରେ କହିବାକୁ ସୁଯୋଗ ଦେବି ଆଉ ତୁ ସ୍ଲୋଗାନ ଦେବୁ ।"

ସରଗୀର ସଚ୍ଚୋଟ ପଣିଆ, କାମ କରିବାର ସମର୍ପିତ ଭାବ ପାଖରେ ତା' ପ୍ରତି ଆମେ କ୍ରମଶଃ ସହାନୁଭୂତିଶୀଳ ହେଲୁ । ବେଳେବେଳେ ତା' ସମସ୍ୟାକୁ ସମାଧାନ କରିବାକୁ ପ୍ରୟାସ କରିଛି । ଏଇମିତି କିଛି ଦିନ ବିତିଗଲା ପରେ କାର୍ତ୍ତିକ ମାସର ପୂର୍ଣ୍ଣିମୀ ତିଥି ଆସିଲା । ମାସସାରା ଆଇଁଷ ପାଣିରେ ବୁଡି ପଞ୍ଚୁକ ପାଳି ଆମେ ଦୁଇ ପ୍ରାଣୀ ଧର୍ମ ଅର୍ଜନ ପାଇଁ ସକାଳୁ ସକାଳୁ ମନ୍ଦିର ବାହାରିଲୁ । ଠିକ୍ ଏଇ ସମୟରେ ସରଗୀ ଆସି ପହଞ୍ଚିଲା । ଶ୍ରୀମତୀଙ୍କୁ କହିଲା - "ବାବୁଆଣି ଟିକେ ଅପେକ୍ଷା କର, ମୁଁ ଝଅଟ ଝଅଟ କାମ ସାରିଦେବି ।" ତା'ର ସବୁ ହାରି ଗୁହାରି ଶୁଣିବା ଭିତରେ ସେ ମୋତେ ଭରସି ଯାଇଥିଲା । ମୋତେ ପଚାରିଲା - ବାବୁ ! ସକାଳୁ ସକାଳୁ କୁଆଡେ ଯିବ କି ?" ମୁଁ କହିଲି - 'ମନ୍ଦିର' । ସେ ଆଉ କିଛି ନକହି ତା' ଆଖିର ଭାଷାରେ କିଛି କହିବାର ଭଙ୍ଗୀରେ ନୀରବି ଗଲା । ମୁଁ ତା'କୁ ପଚାରିଲି - ତୁ ମନ୍ଦିର ଯିବୁ କି ? ସେ ସଙ୍ଗେ ସଙ୍ଗେ କହିଲା - "ହଁ ବାବୁ, ଯିବି । ମୁଁ ଆଗରୁ କେବେ ମନ୍ଦିର ଭିତରକୁ ଯାଇନି । ହେଲେ ସବୁ ଠାକୁରଙ୍କ ନାଁ ଜାଣିଛି । ଭଜନ ବି ଶିଖିଛି ।" ମୁଁ ମଜାରେ କହିଲି - ଦେଖିବା ଗାଇଲୁ । ହଠାତ୍ ସେ ନିର୍ବିକାର ଭାବେ ଗାଇ ଉଠିଲା -

"ଛି ଛି ମଦ ଖାଇବି ନାହିଁ ମୁଁ

କଳାପାଣି ପରି ଦିଶେ

ସେହି କଳାପାଣି ପେଟରେ ପଡ଼ିଲେ

ଚଉଦ ଭୁବନ ଦିଶେ ...... ।"

ହେ ବନ୍ଦ କର, ଏଇଟା କ'ଣ ଭଜନ ? ହଁ ଆଜ୍ଞା ଏଇ ମୋ ପାଇଁ ଭଜନ । ମୁଁ ସବୁଦିନ ମୋ ମଦୁଆ ମରଦଟାକୁ ଏଇ ଗୀତ ଗାଇ ବୁଝଉଛି ଓ ଠାକୁରଙ୍କୁ ଡ଼ାକୁଛି । ମୁଁ ଗମ୍ଭୀର



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଗଲି, ମୋ ଭିତରଟା ଚହଲି ଉଠିଲା । ସହଧର୍ମିଣୀଙ୍କୁ କହିଲି - ସରଗୀକୁ ଭଲ ଶାଢ଼ୀଟିଏ ଦିଅ ଆଉ କିଛି ଟଙ୍କା ମଧ୍ୟ । ସେ ମନ୍ଦିର ଯିବ ଭୋଗ କିଣିବ । ସରଗୀକୁ ଦେବା ନେବାରେ ମୋ ଧର୍ମପତ୍ନୀଙ୍କ ହାତ ଖୋଲା । ମୋ ବଗିଚାର ଶୋଭା ମଣ୍ଡନ କରୁଥିବା ଜାତି ଜାତିର ଫୁଲକୁ ସାଇତି ରଖିଥିଲି । ମନ୍ଦିରକୁ ସେ ଫୁଲ ସବୁକୁ ଆମେ ନେବାକୁ କୁଣ୍ଠିତ ଥିଲୁ । ହେଲେ ସରଗୀ ପାଇଁ କିଛି ଫୁଲ ବୃନ୍ତଚ୍ୟୁତ କରି ତା'କୁ ପ୍ରଦାନ କଲି । ମୋର ଦରଦୀ ପ୍ରାଣ ଏଥିପାଇଁ ସମ୍ମୋହିତ ଥିଲା ଯେ ସରଗୀ ମନ୍ଦିର ଯିବ ଆଉ ଠାକୁରଙ୍କୁ ତା' ଦୁଃଖ ଜଣାଇବ । ଠାକୁରେ ତା' ମନର ବେଦନା ବୁଝିବେ ଆଉ ବାକି ଜୀବନ ତା'ର ସୁଖ ଶାନ୍ତିରେ କଟିଯିବ ।

ପୂଜାସାରି ଦାନ ଦକ୍ଷିଣା ଦେଇ ମନ୍ଦିରରୁ ଫେରିବା ବାଟରେ ଯାହା ଦେଖିଲି ମନରୁ ଆସ୍ଥା ତୁଟିଗଲା । ମନ୍ଦିର ରାସ୍ତାର ଅନତି ଦୂରରେ ଦେଶୀ ମଦଭାଟିର କାରଖାନା । ଭାଟି ସମ୍ମୁଖ ରାସ୍ତା ଉପରେ ଟଳମଳ ଅବସ୍ଥାରେ ସରଗୀର ସ୍ୱାମୀ ଆମକୁ ନମସ୍କାର ଠୁଙ୍କି କହିଲା - "ବାବୁ ! ଆଜି ମୋର ସୁଖ ଓ ଶାନ୍ତିର ଦିନ ।" ମୁଁ ପଚାରିଲି - "କିରେ ! ପଇସା କଉଠୁ ପାଇଲୁ ?" ଡ଼ିମ୍ବା ଡ଼ିମ୍ବା ଆଖି କରି କହିଲା - ସରଗୀଠୁ । ଶାଳୀ କହୁଛି ଭୋଗ କିଣିବ । ବୁଝିଲ ବାବୁ, ପଇସା ଦେଉନଥିଲା, ହାତକୁ କାମୁଡି ଦେଲି ଟଙ୍କା ଗଳି ପଡ଼ିଲା । ପେଟେ ପିଇ ଆତ୍ମା ଶାନ୍ତି କଲି, କାଲିଥିବା ବାକି ପଇସା ବି ଶୁଝି ଦେଲି । ମନେ ମନେ ଭାବିଲି କେବେ ସରଗୀର ସୁଖ ଆସିବ ........... ।

ପ୍ରଫେସର ଡଃ ପ୍ରଫୁଲ୍ଲ କୁମାର ପାଣି

କାମାକ୍ଷା ନଗର

ମୋ : ୭୩୭୭୨୪୫୯୭୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସେଇ ବୁଢ଼ୀମାଉସୀର କଥା

ଦିନକୁ ଦୁଇ ବା ତିନିଥର ଆମନାସାମନି ହେଇଯାଉଥାଏ ସେହି ବୁଢୀ ମାଉସୀ ସହ । ବିଦ୍ୟାଳୟ ହତା ମଧ୍ୟକୁ ପ୍ରବେଶ କରୁକରୁ ଫାଟକ କଡରେ ବସି ରହିଥିବା ସେହି ବୃଦ୍ଧା ମହିଳାଙ୍କ ଉପରେ ନଜର ପଡେ ସମସ୍ତଙ୍କର । ଲୋଚାକୋଚା ହେଇ ଯାଇଥିବା ଚମ ରେ ଘୋଡେଇ ହେଇ କୋଟରାଗତ ହେଇଯାଇଥିବା ସେଇ ଆଖି ଯୋଡିକ ସହ ଆଖି ମିଶିଗଲେ କେମିତି କେଜାଣି ଗୋଟିଏ ଆନନ୍ଦ ଖେଳିଯାଏ ସେ ଆଖିର ଚମକରେ । ସହରର ଚାକଚକ୍ୟ ମଧ୍ୟରେ ବଢି ଆସିଥିବା ମାଧବ ସାର୍ ନୂଆକରି ଯୋଗଦେଇଥାନ୍ତି ସେହି ନିପଟ ମଫସଲ ଗାଁର ଉଚ୍ଚ ବିଦ୍ୟାଳୟରେ । ମାଧବ ସାର୍, ସେ ଜଣେ ଶାନ୍ତ, ସରଳ, ନିଷ୍କପଟ, ସ୍ନେହକାଙ୍ଗାଳ, ସ୍ନେହୀ, ଆମାୟିକ ବ୍ୟକ୍ତିତ୍ୱ । ସାରଙ୍କ ମନରେ ଅସୁମାରୀ ପ୍ରଶ୍ନ ଉଙ୍କି ମାରୁଥାଏ ସେହି ବୁଢୀ ମାଉସୀକୁ ଦେଖି । ସତେ ଯେମିତି ସେ ଏକ ଅସମାହିତ ପହେଳୀ ।ପାଶ୍ଚାତ୍ୟ ସଭ୍ୟତାର ସଂସ୍ପର୍ଶରେ ଆସି ଏକ ବଡ ସହରରେ ଛୋଟରୁ ବଡ ହେଇଥିଲେ ମଧ୍ୟ, ମାଧବ ସାର୍ ଜଣେ ସତ୍ ଚରିତ୍ର, ସଂସ୍କାରୀ, ଦରଦୀ ମଣିଷଟିଏ । ତାଙ୍କ ମତରେ ଜଣେ କେବଳ ଶିକ୍ଷିତ ହୋଇଗଲେ ଦୁନିଆରେ ସଫଳତା ପାଇ ନଥାଏ । ଜୀବନରେ ଶିକ୍ଷା ସହ ସଂସ୍କାର ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଶିକ୍ଷା ମଣିଷକୁ ପ୍ରତିଷ୍ଠା ଦିଏ,



ଜନ୍ମଜୟ ନାୟକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିନ୍ତୁ ସଂସ୍କାର ଦ୍ୱାରା ମଣିଷ ସମାଜରେ ସମ୍ମାନିତ ହୁଏ ।

ବୁଢୀ ମାଉସୀ ସମ୍ବନ୍ଧିତ ପ୍ରଶ୍ନଗୁଛର ସମାଧାନ ପାଇଁ ମାଧବ ସାର୍ ସମୟେ ସମୟେ ବୁଢୀ ମାଉସୀକୁ ଲକ୍ଷ୍ୟ କରି ରୁହନ୍ତି । ସେହି ମାଉସୀ ସତେ ଯେମିତି କୁହୁକ ପେଡି ଖୋଲି ବସିଛି ! କେତେ ଆଦରଣୀୟା ସେ । ନିଜ ମିଠା ମିଠା କଥାରେ ପ୍ରଥମରୁ ଦଶମ ସବୁ ପିଲା ମାନଙ୍କ ମନ ଜିଣି ନେଉଛି । ସବୁ ପିଲା ତା ପାଖରେ ଭିଡ ଜମେଇଥାନ୍ତି । କେତେ ଅଳି ଅର୍ଦଳି ତା ପାଖେ ପିଲାଙ୍କର । ପାକୁଆ ପାଟିରେ ଲହଡି ଭାଙ୍ଗୁଥାଏ ମନଖୋଲା ହସ । ସତେ ଯେମିତି ସେ ସବୁକିଛି ପାଇ ଯାଇଛି ପିଲା ମାନଙ୍କର ସେ କୋଳାହଳରେ । ପଇସା ରୋଜଗାର ତାର ଲକ୍ଷ୍ୟ ନୁହେଁ କିନ୍ତୁ ଛୋଟଛୋଟ ପିଲାଙ୍କୁ ସ୍ନେହ ଶ୍ରଦ୍ଧା ବାଣ୍ଟିବା ତାର ଉଦ୍ଦେଶ୍ୟ ବୋଲି ମାଧବ ସାର୍ ବୁଝିଗଲେ । ପାଖରେ ପଇସା ନଥାଇ ଭୋକିଲା ପିଲାଟିଏ ତାକୁ ଚାହିଁ ରହିଥିଲେ ବୁଢୀ ମାଉସୀ ତାକୁ ପାଖକୁ ଡାକି ବିନା ପଇସାରେ ବାରମଜା, ପାମ୍ପଡ, ନଳ ଦେଉଥିବାର ଦେଖିବାକୁ ମିଳୁଥିଲା ।ଖାଲି ଏତିକି ନୁହେଁ ଅସୀମ ସ୍ନେହଶ୍ରଦ୍ଧା ସେ ଢାଳି ଦେଉଥିଲା ଅଯାଚିତ ଭାବେ । ଏହିପରି ବୁଢୀ ମାଉସୀ ପ୍ରତି ମାଧବ ସାର୍ ଙ୍କ ସମ୍ମାନ ଓ ଆନ୍ତରିକତା ଧିରେଧିରେ ବଢି ଚାଲିଥାଏ ।

ବୟସର ଅପରାହ୍ଣରେ ଉପନୀତ, ଅଥଚ କାହା ଉପରେ ନିର୍ଭର ନକରି ସ୍ୱାବଲମ୍ବୀ । ଦେହ ହାତ ଥରୁଛି, ଅଥଚ ପିଲା ମାନଙ୍କ ପାଇଁ କେତେ ସରାଗରେ ଖାଦ୍ୟ ପସରା ନେଇ ଆସୁଛି ।ଜୀବନର ଯାତ୍ରାରେ ତାକୁ ଥକି ପଡିବାର କେହି ଦେଖି ନାହାଁନ୍ତି । ପରିଶେଷରେ ନିଜର କୋହ ଆଉ ଜିଜ୍ଞାସାକୁ ସମ୍ଭାଳି ନପାରି ମାଧବ ସାର୍ ଯାଇ ବୁଢୀ  ମାଉସୀକୁ ତା ବିଷୟରେ ପଚାରିଲେ । ଆଶ୍ଚର୍ଯ୍ୟ ହେଇଗଲେ ସେ ! ଶାମୁକାର ଗର୍ଭରେ ଲୁକ୍କାୟିତ ମୋତି ଥିଲାପରି ତାର ଅନ୍ତରରେ ମଧ୍ୟ ଅନେକ ଅକୁହା କଥା ସାଇତି ରଖିଥିଲା ସେ । ମାଧବ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାର୍ ଜାଣିବାକୁ ପାଇଲେ ଯେ, ନିଜର ସ୍ୱାମୀ ଓ ସନ୍ତାନକୁ ସଡକ ଦୁର୍ଘଟଣାରେ ହରେଇବା ପରଠୁ ସେ ଗାଁର ସବୁ ଶିଶୁକୁ ନିଜ ପରିବାର ଭାବି ନେଇ ତାଙ୍କ ସହ ସମୟ କାଟିବାକୁ ଚାଲିଆସେ ସେହି ସ୍ଥାନକୁ । ପିଲାମାନଙ୍କୁ ଖାଦ୍ୟ ଖୁଆଇବାରେ କାଳେ ଅସୀମ ଆନନ୍ଦ ମିଳେ ତାକୁ ! ଛୁଆଙ୍କ କୋଳାହଳ ଆଉ ଖୁସିକୁ ଦେଖି ନିଜ ମନକୁ ତୃପ୍ତ କରିନିଏ ସେ । ଏ ଜୀବନରେ ତାର ଆଉ କିଛି ଲୋଡା ନାହିଁ । ବୁଢୀ ମାଉସୀଠୁ ଏତିକି ଶୁଣୁଶୁଣୁ ଆଖି ଭରିଆସିଲା ମାଧବ ସାରଙ୍କର । ତାର ପିଲାମାନଙ୍କ ପ୍ରତି ନିସ୍ୱାର୍ଥପର ପ୍ରେମ,ଜୀବନ ଜୀଇଁବାର ଅନନ୍ୟ କଳା ଆଉ ସେବା ଆଗରେ ନତମସ୍ତକ ହୋଇଗଲେ ସେ ।

ଶିକ୍ଷକ, ଚିଲିକା ନୋଡାଲ ହାଇସ୍କୁଲ, ପୁରୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବୋଉ ଓ ଗାଁ ବାଳିଆ



ଗଦାଧର ବଳ

ସେଦିନ ଥାଏ ରବିବାର । ବଜାରକୁ ଯାଇଥାଏ ପରିବା ପାଇଁ । ରବିବାର ଯେହେତୁ, ଏକମାତ୍ର ଝିଅ ଲିଜାର କଣ୍ଡିସନ ଥାଏ, ଆସିବା ବେଳେ ବାଳିଆ ମାଛ ବଜାରରୁ ଆଣିବ ଓ ରନ୍ଧା ଯିବା ପରେ ହିଁ ସେ ଖାଇବ । ଏକମାତ୍ର ଝିଅ । କିଛି ବି ଅଳିଅର୍ଦଳି କରେ ନାହିଁ । କିନ୍ତୁ ଯେତେବେଳେ ଯାହା ମାଗେ ମୋର ସ୍ୱଳ୍ପ ରୋଜଗାରରେ ତାହା ପୂରଣ କରିବାକୁ ଚେଷ୍ଟା କରେ । ସ୍ଥାନୀୟ ଚନ୍ଦ୍ରଶେଖରପୁର ଡି.ଏ. ଭି. ସ୍କୁଲର ଷ୍ଟାଣ୍ଡାର୍ଡ ୩ରେ ପଢୁଛି ସେ । ସେହି ସ୍କୁଲ ସନ୍ନିକଟ ଏକ ଭଡା ଘର ନେଇ ୨/୩ ବର୍ଷ ହେବ ସପରିବାର ରହୁଛି ମୁଁ । ପୈତୃକ ଘର କେନ୍ଦ୍ରପଡା ସହର ସନ୍ନିକଟ ଠାକୁରପାଟଣା ଗାଁରେ । ବାହାଘରକୁ ପ୍ରାୟ ଦଶ ବର୍ଷ ହୋଇ ଗଲାଣି । ବାପା ମାଆର ଏକମାତ୍ର ପୁଅ ମୁଁ । କଲେଜ ପଢିସାରିବା ପରେ ଚାକିରି ଅନ୍ୱେଷଣରେ ଆସି ରାଜଧାନୀର ଏକ ଘରୋଇ କଂପାନୀରେ ସ୍ୱଳ୍ପ ବେତନରେ ଚାକିରି କରିଛି । ବିବାହ ପୂର୍ବରୁ ଯାହା ରୋଜଗାର କରେ ସବୁ ଟଙ୍କା ଘର ଖର୍ଚରେ ଯାଏ । ଏକମାତ୍ର ବଡ ଭଉଣୀ ପୈତୃକ ଗ୍ରାମ ନିକଟସ୍ଥ ଫରିଦାବାଦରେ ବିବାହ କରିଛି, ମୋର କଲେଜ ପଢା ସମୟରୁ । ମୋ ଠାରୁ ୨/୩ ବର୍ଷ ବଡ ହେବ ସେ । ତାର ବି ଗୋଟିଏ ପୁଅ ଗୋଟିଏ ଝିଅ । ବିବାହ ପରେ ପରେ ପତ୍ନୀ ସୁଜାତା ସବୁବେଳେ ଜିଦ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧରେ ଗାଁ ଛାଡି ଆସି ସହରରେ ରିହିବା ପାଇଁ । ମାତ୍ର ବାପାମାଙ୍କୁ ଗାଁରେ ଛାଡି ଏକୁଟିଆ ଆସିବା ସମ୍ଭବ ନଥିଲା ମୋ ପକ୍ଷେ । ଲିଜା ପାଞ୍ଚ ବର୍ଷରେ ହେବା ବେଳକୁ ତାର ବିଦ୍ୟାଳୟରେ ନାମ ଲେଖାଇବା ସମୟ ଆସିବାରୁ ସୁଜାତାକୁ ସୁଯୋଗ ମିଳିଗଲା ରାଜଧାନୀ ଆସି ମୋ ପାଖରେ ରହି ଝିଅ ଲିଜାକୁ ପାଠ ପଢେବା ପାଇଁ । ବାପା ବୋଉ ବି କିଂକର୍ତ୍ତବ୍ୟମୂଢ଼ । ସୁଜାତା କଥାରେ ରାଜି ହୋଇଗଲେ ସେମାନେ । ତେଣୁ ଏଇ ୪ ବର୍ଷ ହେବ ମୁଁ ଏକମାତ୍ର ଝିଅ ଲିଜା ଓ ପତ୍ନୀ ସୁଜାତାକୁ ନେଇ ଏକ ଭଡା ଘରେ ରହୁଛି । ୧ ନମ୍ବର ମାର୍କେଟକୁ ସକାଳୁ ସକାଳୁ ଲିଜା ପାଇଁ ବାଳିଆ ମାଛ ଆଣିବା ପାଇଁ ନିଜ ପୁରୁଣା ସ୍କୁଟର ଧରି ଯାଉଥାଏ । ହଠାତ ମୋବାଇଲରେ ଏକ ଫୋନକଲ ଆସିଲା । ଗାଡି ଅଟକାଇ ଫୋନ ଧରିଲି । ସେପଟୁ ଶୁଭିଲା, "ବାବୁ କୋଉଠି ଅଛୁ ?"

ଜାଣିଲି ବୋଉର ପାଟି ପରି ଲାଗୁଛି ।

'ହାଲୋ ହାଲୋ' କହିବାରୁ ସେପଟୁ ବୋଉ କହୁଥାଏ 'ବାବୁ କୋଉଠି ଅଛୁ । ଘରେ ନାହୁଁ କି ?'

ମୁଁ ଜାଣିଲି ବୋଉ ହିଁ ଫୋନ କରିଛି । ଗାଡିର ଷ୍ଟାର୍ଟ ବନ୍ଦ କରି ପଚାରିଲି, 'କଣ କହୁଥିଲୁ , ବୋଉ ?'

ସେ କହିଲା "ଆଜି ଗାଁର ଘରପାଖ ବାଡି ପୋଖରୀରୁ ମାଛଧରା ହୋଇଛି । ତୁ ବାଳିଆ ମାଛକୁ ଭାରି ଭଲ ପାଉ । ତେଣୁ ମୁଁ ପଠାଉଛି । ଆଜି ମାଛ କିଣିବୁ ନାହିଁ ।"

ମୁଁ ତ ଲିଜା ପାଇଁ ସେହି ବାଳିଆ ମାଛ ହିଁ କିଣିବାକୁ ବଜାରକୁ ଯାଉଥିଲି । ତେଣୁ ମନଟା ହାଲ୍କା ଲାଗିଲା । ଆମ ବାଡି ପୋଖରୀର ମାଛ ବି ଭାରି ସୁଆଦିଆ । ତେଣୁ ନିଜର ଜିଭର ଲାଳସା ଦ୍ୱିଗୁଣିତ ହୋଇଗଲା । ପଚାରିଲି, "କିଏ ଆଣିବ ?"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ କହିଲା "ତୋ ଭଣଜା ଦିପୁ ହାତରେ ବାଳିଆ ମାଛ ପଠାଇଲି । ବୋହୁକୁ କହିବୁ ଆମ୍ବୁଲ ବେସର ଦେଇ ଝୋଳ କରିଦେବ । ତୋର ଆମ୍ବୁଲଦିଆ ବାଳିଆମାଛ ତରକାରୀ ଭାରି ପସନ୍ଦ । ତେଣୁ ବଡ ବାଳିଆଟେ ପଠାଇଲି ।"

ଶୀଘ୍ର ଶୀଘ୍ର ଯାଇ ବଜାରରୁ ସୁଜାତା ବରାଦ ମୁତାବକ ସମସ୍ତ ଜିନିଷ କିଣି ଆଣିଲି । ଘରେ ପହଞ୍ଚି ସୁଜାତାକୁ ବୋଉ ଫୋନ କରିଥିବା କଥା କହିଲି । ଦୁଇ ତିନି ଘଣ୍ଟା ମଧ୍ୟରେ ଦିପୁ ବି ଆସି ଘରେ ଆମର ପହଞ୍ଚିଗଲା । ଦିପୁ ଆସିବା ପୂର୍ବରୁ ମନେମନେ ଭାବିଭାବି ଚିନ୍ତା ବି ଲାଗୁଥାଏ, ପୁଣି ମୋତେ ବଜାରକୁ ଯାଇ ମାଛ କାଟି ଆଣିବାକୁ ପଡିବ । କାରଣ ବଡ ମାଛ ସୁଜାତା କାଟି ଜାଣେନା । ତା'ପରେ କେଉଁଠୁ ପୁଣି ଆମ୍ବୁଲ ଖୋଜି କିଣି ଆଣିଲେ ସୁଜାତା ମାଛ ରାନ୍ଧିବ, ନଚେତ ସୁଜାତା ଦୁନିଆ କେଁ କଟର ହେଇ ମୁଣ୍ଡ ଖାଇବ । ଏମିତି ଭିତରେ ଦିପୁ ବି ଦୁଇ ତିନି ଘଣ୍ଟା ମଧ୍ୟରେ ଆସି ପହଞ୍ଚିଗଲା । ସେ ଆସିଯିବା ପରେ ତାକୁ କହିଲି, "ତୁ ଏଠି ବସ ବେଗ ଦେଲୁ କେତେ ମାଛ ମୁଁ ଦେଖେ ।"

ତା ହାତରୁ ବ୍ୟାଗ ନେଇ ଦେଖିଲି ଗୋଟେ ଟିଫିନ କ୍ୟାରିୟର ତା ଭିତରେ ଅଛି । ଟିଫିନ କ୍ୟାରିଅର ଖୋଲି ଦେଖିବା ବେଳକୁ ତା ଭିତରେ ବୋଉ ମାଛ ଭାଜି ଦେଇ ପଠାଇଛି । ମନ ଖୁସି ହୋଇଗଲା ଆପାତତଃ କଟାକଟି ଜଞ୍ଜାଳରୁ ମଣିଷ ମୁକ୍ତି ହୋଇଗଲା ଜାଣ । ବ୍ୟାଗରେ ଦେଖିଲି ଗୋଟିଏ ପଲିଥିନରେ ବୋଉ ଦେଶୀ ଆମ୍ବୁଲ ବି ଦେଇ ପଠାଇଛି । କି ବୁଦ୍ଧି ବୋଉର ! ସବୁ ଗାଁରୁ ଦେଇ ପଠାଇଛି । ମୋତେ ଆଉ ବଜାର ଯିବାକୁ ପଡିବ ନାହିଁ । ମନେ ମନେ ଭାବୁଥାଏ ବୋଉ ଯେ ପିଲାର ମନ କଥା ଜାଣିପାରନ୍ତି, ବୋଉ ହିଁ ବୋଉ । ସେ ବା କେମିତି ପୁଅର ମନକଥା ନ ଜାଣିବ?

ସୁଜାତାକୁ କହିଲି ଶୀଘ୍ର ବେସର ବାଟି ତରକାରୀ ରାନ୍ଧିବାକୁ । ସେ ବି ଶୀଘ୍ର ତରକାରୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାନ୍ଧି ଦେଲା । ଦିପୁ ପଳାଇଯିବ ବୋଲି କହୁଥିଲା । ତାକୁ ତା ମାଇଁ ଅଟକାଇଲା ରୋଷେଇ ସାରିବା ପରେ ଖାଇ ଯିବାକୁ । ରୋଷେଇ ସରିବା ପରେ ଆମେ ବାପ ଝିଅ, ଭଣଜା ଓ ସୁଜାତା ଏକ ସଙ୍ଗେ ବସି ଖାଇଲୁ । ସେମାନେ କେବଳ ତରକାରୀ ଭଲ ହୋଇଛି କହି ଅଳ୍ପ ଖାଇ ଉଠିଗଲେ । ମାତ୍ର ବହୁଦିନ ହେବ ବାଳିଆମାଛର ସ୍ୱାଦ ପାଟିରେ ବାଜି ନଥିଲା ମୋର, ପୁଣି ଆମ ବାଡି ପୋଖରୀର ମାଛ! ଯିଏ ଖାଇଛି ସେ ଜାଣିଛି । ଆଖ ପାଖ ଦଶଖଣ୍ଡ ଗାଁରେ ଆମ ଗଡିଆ ବାଳିଆମାଛର ନାଁ ଅଛି । ମନ ଇଚ୍ଛା ଖାଇ ଗଲି । ସୁଜାତା ବାଳିଆମାଛର ମୁଣ୍ଡକୁ ବହୁତ ଭଲ ପାଏ । ବୋଉ ଆଉ ତା ହାତରନ୍ଧା ବାଳିଆମାଛ କେତେ ସୁଆଦିଆ ଯେମିତି ଆଉ ଥରେ ଜୀବନରେ ପରିକ୍ଷାରେ କିଏ ମୋତେ ପ୍ରଶ୍ନ ପଚାରୁଛି । ସୁଜାତା ବି ମୋ ସହ ଖାଇଦେଲା । ପେଟ ପୁରା ଖାଇ ସାରିବା ପରେ ବି ଆହୁରି ୪ /୫ ପିସ ମାଛ ବଳିଲା । କଣ କରିବୁ ବଳକା ମାଛକୁ । ସ୍ୱଳ୍ପ ରୋଜଗାରରେ ଆଜି ପର୍ଯ୍ୟନ୍ତ ଫ୍ରିଜଟିଏ ରାଜଧାନୀରେ ରହି ବି  କିଣି ପାରିନାହିଁ । ରନ୍ଧାମାଛ କଣ ଫୋପାଡି ଦେବୁ! ରାତିକୁ ବାସ୍ନା ହୋଇଯିବ । ଖାଇ ହେବ ନାହିଁ । ସୁଜାତାକୁ କହିଲି ଗୋଟେ କାମ କର । ବଳକା ମାଛକୁ ବୋଉ ଦେଇଥିବା ଟିଫିନ କ୍ୟାରିୟରରେ ପୁରାଇ ଗାଁକୁ ପଠେଇ ଦିଅ । ବାପା ବୋଉ ଅଛନ୍ତି, ଖାଇଦେବେ । ଦିପୁକୁ ଟିଫିନ ସହ ନେଇ ଗାଁ ବସ୍ ରେ  ବସେଇ ଦେଲି । ସେ ଗାଁକୁ ପଳାଇ ଗଲା ।

ତା ପରଦିନ ମୁଁ ମୋ ଅଫିସ ଯାଉଥାଏ । ମାଷ୍ଟର କ୍ୟାଣ୍ଟିନ ପୁର୍ବରୁ ରାସ୍ତାରେ ଫୋନ କଲଟିଏ ଆସିଲା । ଗାଡି ଅଟକାଇ ଦେଖିଲି ବୋଉର ଫୋନ । "ହାଲୋ" କହିବାରୁ ବୋଉ ସେପଟୁ କହିଲା, “ବାବୁ ଏତିକି ମାଛ ତମେ ୪ ଜଣ ଲୋକ ଖାଇ ପାରିଲ ନାହିଁ? ଖାଇବା ଛାଡି ଦେଲୁଣି ବୋଧେ!"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋଉର କଣ୍ଠ ସ୍ୱର କ୍ରମଶଃ ବାଷ୍ପରୁଦ୍ଧ ପରି ଲାଗୁଥିଲା ।

"ସେ ଯାହା ହେଉ ତୁ ପଠେଇଥିବା ତରକାରୀ ତୋ ବାପା ମୁଁ ଖାଇଲୁ । ବାପାକୁ ଯେମିତି ଅମୃତ ପରି ଲାଗିଲା । ବୋହୁର ରୋଷେଇକୁ ବହୁତ ତାରିଫ କଲେ ସେ । ମୁଁ ବି ଖାଇଲି ବହୁତ ବଢିଆ ରୋଷେଇ କରିଥିଲା ଆମ ବୋହୁ ।"

ସେପଟୁ ତାର କଣ୍ଠ କ୍ରମଶ ବାଷ୍ପରୋଧ ହୋଇ ଆସୁଥାଏ, କହୁ କହୁ କହି ପକେଇଲା, "ଛାଡ ବୋହୁ ହାତରନ୍ଧା ଆମ ଭାଗ୍ୟରେ ତ ନାହିଁ । ବୋହୁ ଆମର ବଢିଆ ରାନ୍ଧିଥିଲା । ହାତ ଚାଟି ଭାତ ଖାଇଗଲୁ ଆମେ ଦୁହେଁ, ପୁରା ପେଟ ପୁରାଇ ଖାଇଲୁ ।"

ଏହା କହି କହି ଗୁମୁରି ଗୁମୁରି କାନ୍ଦିବାକୁ ଲାଗିଲା । ଶ୍ୱାସରୁଦ୍ଧ ହୋଇଗଲା ସେ । ଆଉ କିଛି କହି ପାରିଲା ନାହିଁ । ବୋଉର ଏମିତି କଥା ଶୁଣୁ ଶୁଣୁ ମୋ ଆଖି ବି ଲୁହରେ ଜକେଇ ଗଲା । କିଛି ଉତ୍ତର ଦେବା ଆଗରୁ ମୋ ହେଲମେଟ କାଢି ଆଖିରୁ ଲୁହ ପୋଛିଲି । ଭାଗ୍ୟକୁ ନିନ୍ଦିଲି ଅନେକ । ଫୋନ କଟି ନ ଥାଏ । ବୋଉ କାନ୍ଦୁଥାଏ ମୁଁ ବି କାନ୍ଦୁଥାଏ । ରାଜଧାନୀ ରାଜରାସ୍ତା ମୋତେ ଯେମିତି ଅନ୍ଧାର ଦେଖା ଯାଉଥାଏ । ବାର୍ଦ୍ଧକ୍ୟ ଅବସ୍ଥାରେ ପିତାମାତାଙ୍କ ଠାରୁ କର୍ତ୍ତବ୍ୟ ବାହାନାରେ ଦୁରେଇ ରହୁଥିବା ମୋ ପରି ଅପଦାର୍ଥ ପୁଅମାନେ ଯେ କେତେ ସ୍ୱାର୍ଥପର ଅନୁଭବ କରୁଥିଲି ମୁଁ ସେତେବେଳେ... କେବଳ ଭାଗ୍ୟକୁ ନିନ୍ଦୁଥାଏ କର୍ତ୍ତବ୍ୟର ବାହାନାରେ .....

ଆଇନଜୀବୀ, ଭଦ୍ରକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅପେକ୍ଷା



ଲୋକନାଥ ସାହୁ

ସେଦିନ ରବିବାର ଥିଲା ।

ମୁଁ ତାକୁ ଫୋନ୍ କଲି । ଠିକ୍ ଦୀର୍ଘ ୫ ବର୍ଷ ପରେ । ତା ଜନ୍ମ ଦିନରେ । ଆଜି ତା ଜନ୍ମଦିନ । ହୁଏତ ସେ ମନେ ରଖି ନଥିବ ମତେ, ଏଇଆ ହିଁ ଭାବିଥିଲି । ଆଜି ବି ତା ମୁହଁ ମୋର ମନେଅଛି । ସେଇ ହସ ହସ ମୁହଁ, ଢଳ ଢଳ ଆଖି ମୋ ଆଖି ସାମ୍ନାରେ ନାଚି ଯାଉଛି । ସେ ମୋ ସହ ଶେଷ ଦେଖରେ ଖାଲି ଏତିକି କହିଥିଲା କି ମୁଁ ଯଦି ତାକୁ ବାହା ନହେବି ତେବେ ସେ ମଲା ଯାଏ ମୋ ଅପେକ୍ଷା ରେ ରହିବ । ଆଜି ତା କଥା ଭାରି ମନେ ପଡୁଛି କାହିଁକି । ବହୁତ୍ ଥର ଚେଷ୍ଟା କରିବି ନିଜକୁ ରୋକି ନେଇଛି ତାକୁ ଫୋନ କରିବାକୁ ।

ଫୋନ ରିଙ୍ଗ ହେଉଥିଲା....

ସେପଟୁ ଗୋଟେ କୁନି ଝିଅର ସ୍ୱର ।

ପଚାରିଲା କିଏ କହୁଛନ୍ତି ?

ଉତ୍ତର ରେ କହିଲି, ମୁଁ ଚନ୍ଦନ କହୁଛି ।

ଝିଅ ଟି ଶାନ୍ତ ହେଇଗଲା କିଛି କ୍ଷଣ ପାଇଁ ।

କହିଲା ଅଙ୍କଲ୍, ତମେ ଚନ୍ଦୁ ଅଙ୍କଲ କହୁଛ କି ?

ନାଁ ଟା ହଠାତ୍ ଶୁଣି ଆଚମ୍ବିତ ହେଲି । ଏ ନାଁ ରେ କେବଳ ସେ ମୋ ମାନି (ମାନିନୀ) ହିଁ ଡାକୁଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହଁ କହିଲି । ଝିଅ ଟି ପୁଣି ପଚାରିଲା, ତମେ ସେଇ ଚନ୍ଦୁ ଅଙ୍କଲ ତ ଯିଏ ସ୍କୁଲ ରେ ମୋ ମାନି ମାମା ର ସାଇକେଲ୍ ପମ୍ପ ଜଣେ ଦୁଷ୍ଟ ଅଙ୍କଲ ଖୋଲି ଦେଇଥିଲେ ବୋଲି ତାଙ୍କ ସାଇକେଲ ଭାଙ୍ଗି ଦେଇଥିଲ ?

ମୋ ପାଟିରେ ଆଉ ଭାଷା ହିଁ ନଥିଲା କିଛି ।

ମୁଁ ଆଗ୍ରହରେ ହଁ କହିଲି ।

ଝିଅଟି କେବଳ ଏତିକି କହିଲା କି ବେଶୀ ଦିନ ନୁହେଁ, ଅଙ୍କଲ ତମେ ଜଲଦି ଆସ ।

ତା ଠିକଣା ନୋଟ୍ କଲି । ଆଉ କାଳବିଳମ୍ବ ନକରି ବାହାରିଲି । ମୋ ସହରଠୁ ପ୍ରାୟ ୩୦୦ କି.ମି ଦୂର ସହରରେ ତା ଘର ।

ବାଟସାରା କେତେ କଣ ଭାବନା ମନକୁ ଆସୁଥାଏ । ସେ ସବୁ ପୁରୁଣା ସ୍ମୃତି ସବୁ ସାମ୍ନାକୁ ଆସିଯାଉଥାଏ । ଠାକୁରଙ୍କୁ ଖାଲି ଡାକୁଥାଏ କେମିତି କେତେ ଶୀଘ୍ର ପହଞ୍ଚିବି ।

ମନକୁ କିଛି ଖରାପ ଚିନ୍ତା ଆସିଲା ମାତ୍ରେ ଜିଭ କାମୁଡି ଦଉଥାଏ ।

ଭାବିଭାବି ଶେଷରେ ଯାଇ ପହଞ୍ଚିଲି ତା ଠିକଣାରେ ।

ମନରେ ଅସୁମାରୀ ପ୍ରଶ୍ନ, ସାଙ୍ଗକୁ ଡର ବି ଲାଗୁଥାଏ ତାକୁ ସାମ୍ନା କରିବାକୁ ।

କଲିଂ ବେଲ୍ ମାରିଲି ।

ଜଣେ ରୋଷେୟା ବେଶରେ ଝିଅଟିଏ କବାଟ ଖୋଲିଲେ । ପଚାରିଲେ, ଆପଣ ଚନ୍ଦନ ସାର୍ ତ ?

ମୁଁ ହଁ କହିଲି ।

ବସିବା ପାଁଇ କହି ସେ ଭିତରକୁ ଗଲେ । ହଠାତ୍ ମୋ ନଜର ଗୋଟେ ଫଟୋ ଉପରେ ପଡ଼ିଲା । ଫଟୋ ରେ ମୁଁ ଆଉ ମାନି, ଯୋଉଟା ସେ ତା ମୋବାଇଲ୍ ରେ ଉଠେଇଥିଲା, ଆଉ ଫଟୋ ଫ୍ରେମ୍ ରେ ସେ ତାକୁ ସଜେଇ ଦେଇଛି । ମନେମନେ ଯେତିକି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖୁସି ହେଉଥିଲି ମୋ ଆଖି ବାସ୍ ତାକୁ ଖୋଜିବାରେ ଲାଗିଯାଇଥିଲା ।

ସବୁ ଅପେକ୍ଷା କୁ ମୁହୂର୍ତ୍ତକେ ଶେଷ କରି , ଦଶ ଏଗାର ବର୍ଷ ବୟସର କୁନି ଝିଅଟେ ମାନିକୁ ହ୍ୱିଲ୍ ଚେୟାରରେ ଠେଲି ଠେଲି ଆଣୁଥିଲା । ସତେ ଯେମିତି ମୋ ଶରୀର ଅଚଳ ହେଇଗଲା ଭଳି ଲାଗିଲା । ସବୁକିଛି ସ୍ତବ୍ଧ, ଅଚଳ, ଅବାକ୍, ନିରବତା ର ଝଡ ଯେମିତି ବୋହୁଥାଏ ।

ମାନି ସହିତ ଆଖି ମିଶେଇବା ଆଗରୁ ମୋ ନଜର ସେଇ ଝିଅଟି ଉପରେ ହିଁ ସ୍ଥିର ଥିଲା ।କାରଣ ତା ମୁଣ୍ଡର ଲଙ୍ଗଳାପଣ ହିଁ ମୋ ମନରେ ଅସଂଖ୍ୟ ଶବ୍ଦ ସବୁ ଛାଡି ଦେଉଥାଏ । ବୁଝିବାକୁ ଡେରି ନଥିଲା ଯେ ସେ କର୍କଟ ରୋଗରେ ଆକ୍ରାନ୍ତ । ସେ ଆସି ମାନି ସାଇଡ଼ରେ ଛିଡା ହେଲା ଗୋଟେ ଅଜଣା ସ୍ନେହର ଆକର୍ଷଣରେ । ମୋ ହାତ ଦୁଇଟା ସ୍ୱତଃ ଟେକି ହେଇଗଲା ତାକୁ କୋଳେଇ ନବାକୁ, ସେ ଦୌଡି ଆସିଲା ଖୁସିରେ ।

କିଛି ସମୟ ପରେ ଆମ ନିରବତା କୁ  ଭାଙ୍ଗି ମାନି ର କଣ୍ଠସ୍ୱର ଶୁଣି ମୁଁ ତଟସ୍ଥ ହେଲି । କୋହଭରା ରୁଦ୍ଧ କଣ୍ଠରେ ମାନି କହୁଥାଏ, ତା ନାଁ ଗୁଡଲି୍ । ମୁଁ ଆଗକୁ କିଛି କହିବା ଆଗରୁ ସେ ରାନୁ କୁ ଡାକି ଝିଅକୁ ଅନ୍ୟ ରୁମ୍ କୁ ନବାକୁ କହିଲା ।

ମୁଁ ମାନିକୁ ସାନ୍ତ୍ୱନା ଦେଇ ବୁଝେଇବାକୁ ଚେଷ୍ଟା କରୁଥଲେ ବି ସେ ବାସ୍ ମତେ ଅପଲକ ନୟନରେ ଚାହିଁ ରହିଥାଏ । ହ୍ୱିଲ୍ ଚେୟାରରେ ତା ଅସ୍ଥିରତା କୁ ସହଜରେ ସହ୍ୟ କରିପାରୁ ନଥିଲି ମୁଁ । ତାକୁ ସାମ୍ନା ନ କରିପାରିବାର ଭୟ ଓ ଅସହାୟତା ର ଭୟରେ ଛାତିରେ  ଜାବୁଡ଼ି ଧରିଲି ତାକୁ  । ଛୋଟ ପିଲାଙ୍କ ଭଳି କାନ୍ଦୁଥାଏ ମାନି । ଅଜାଣତରେ ମୋ ଆଖିରେ ମଧ୍ୟ ଲୁହର ଲହଡି, ଆଖିକୁ ଭିଜେଇ ଦେଇଥାଏ ।

ନିଜକୁ ସମ୍ଭାଳି ନେଇ ସବୁ ପଚାରିଲି ।

ମାନି କହିବା ଆରମ୍ଭ କଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାପାଙ୍କ ଜିଦ୍ ଓ ତାଗିଦ୍ ପାଇଁ ସେ ସବୁ ଶପଥ, ଭଲପାଇବା ଓ ପ୍ରେମକୁ ନିଜ ମନର ସିନ୍ଦୁକ ରେ ତାଲା ପକେଇ ଦେଇଥିଲା । ବିନୟ଼ ଗୋଟିଏ ବୋଲି ପୁଅ, ସିଭିଲ୍ କଣ୍ଟ୍ରାଟର୍ । ବାପା ମା ଆର ପାରିରେ । ସମ୍ପର୍କୀୟ କହିଲେ କେବଳ ନିଜ ସାନଦାଦା ଅଛନ୍ତି ।ସେ ପୁଣି ବାପାଙ୍କ ଅଫିସ୍ ସାମ୍ନାରେ ତାଙ୍କ ଅଫିସ୍ । ବିବାହ ତା ସହ ହେବାକୁ ବାପା ସ୍ଥିର ହେଇଛି ବୋଲି ବାପା ରୋକଠୋକ୍ ଶୁଣେଇ ଦେଲେ ।

ଏପଟେ ମୁଁ ମନାକଲା ପରେ ଏକରକମ ଭାଙ୍ଗି ପଡିଥିଲା ମାନି । ହେଲେ ଆଜି ବି ସେ ମତେ ସେତିକି ଭଲ ପାଉଛି ଯେତିକି ଆଗରୁ ମଧ୍ୟ ଭଲ ପାଉଥିଲା, କହୁ କହୁ କହିଦେଲା । ବିବାହର ଦୁଇ ଦିନ ମଧ୍ୟରେ ସ୍ୱାମୀ ଯେ ଜଣେ ମଦ୍ୟପ, ଏକଥା ଅଛପା ରହିଲାନି ମାନିକୁ ।

ବିବାହର ଠିକ୍ ୪ର୍ଥ ସନ୍ଧ୍ୟା, ସମସ୍ତେ ଭୋଜିରେ ବ୍ୟସ୍ତ ଥାଆନ୍ତି । ବିନୟ଼ଙ୍କ ଦୁଇ ତିନି ଜଣ ସାଙ୍ଗ ଆସି ବାହାରକୁ ଡାକି ନେଲେ । ଫଟୋ ଉଠେଇ ସାରିବା ପରେ ସେମାନେ ଗୋଟେ କାରରେ କୁଆଡେ ଗଲେ ।ଆମ ପରିବାରର ସମସ୍ତେ ମୋ ପାଖରେ ଥାଆନ୍ତି । ହଠାତ୍ ଭାଇଙ୍କ ପାଖକୁ କଲ୍ ଆସିଲା, ଗୋଟେ କାର ଆକ୍ସିଡେଣ୍ଟ ହେଇଛି । ବିବାହ ମଣ୍ଡପ ଠାରୁ ୨୦୦ ମିଟର ଦୂରରେ । ପ୍ରଚୁର ମଦ ପିଇ ଫେରୁଥିବା ସମୟରେ ଏସବୁ ହେଇଛି । ସମସ୍ତେ ମୃତ । ଭାଇ ଓ ଭାଉଜ ମତେ ତାଙ୍କ ଝିଅକୁ ଧରେଇ ଦେଇ ସାଙ୍ଗେ ସାଙ୍ଗେ ହସ୍ପିଟାଲ୍ ଯିବାକୁ ବାହାରିଲେ । ସେ କାଳରାତି କୁ କେବେ ଭୁଲି ପାରିବନି କହି କାନ୍ଦି ପକେଇଲା ମାନି ।

ବାଟରେ ଆଉ ଏକ ଦୁର୍ଘଟଣା ରେ ଭାଇ ଓ ଭାଉଜ ଆଉ ଫେରିଲେନି ।ସବୁକିଛି ଓଲଟ ପାଲଟ ହେଇଯାଇଥିଲା ।

ହୁଏତ ବାପାଙ୍କ ନିଷ୍ପତ୍ତି ପାଇଁ ହିଁ ସେଦିନ ସେ ଏକ କାଳ ରାତି କୁ ସାମ୍ନା କରିଥିଲା ।

ପଥର ପାଲଟି ଯାଇଥିଲା ସେ । ସେହି ଦିନ ଠାରୁ ବାପାଙ୍କ ପାଇଁ ମୁଁ ମରିଗଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧରିନେଇ ଭାଇଙ୍କ ଝିଅ କୁ ନେଇ ଚାଲି ଆସିଲି ଏଠିକି । ଏଠି ଗୋଟେ ପ୍ରାଇଭେଟ୍ କଲେଜ୍ ରେ ଚାକିରି କଲି । ରାନୁ କୁ ଝିଅ ଦାୟିତ୍ୱ ଦେଇ କଲେଜ୍ ଯାଏ ।  ଦିନେ ଘରକୁ ଫେରିବା ବାଟରେ ଦୁର୍ଘଟଣା ରେ ମୋର ଗୋଟେ ଗୋଡ଼ ଅକାମୀ ହେଇଗଲା ।

ସେବେଠୁ କାମ ଛାଡି ଘରେ ରହି ପ୍ଲସ ଟୁ ଆଉ ପ୍ଲସ ଥ୍ରୀ ପିଲାଙ୍କୁ ପଢ଼ଉଛି ।

କେବେ ଭାବି ନଥିଲି ମୋ ଚନ୍ଦୁ ମତେ ମନେ ରଖିଥିବ ।

ଏସବୁ ଭିତରେ ମୁଁ ଠଉରେଇ ନେଇଥିଲି ଯେ ଗୁଡଲି ମାନି ର ଭାଇଙ୍କ ଝିଅ ।

କଥା ଛଳରେ ମାନି ପଚାରି ବୁଝିଲା ମୋ ବୈବାହିକ ଜୀବନ କେମିତି କଟୁଛି ?

ହେଲେ ସେ ଜାଣି ନଥିଲା ଯେ ମୁଁ ବିବାହ କରିନାହିଁ, ମନରେ ଆଉ କାହାକୁ ସ୍ଥାନ ଦେଇପାରିନି ।

ମୁଁ କିଛି କହିବା ଆଗରୁ ରାନୁ ଆଉ ଗୁଡଲି ଆସି ଡାକିଲେ ଖାଇବାକୁ ।

ମାନି ମୋ ହାତକୁ ଚିପିଧରି ଧୀର କଣ୍ଠରେ କହିଲା, ଗୁଡଲି

ଆଉ ଅଳ୍ପ ଦିନ । ବେଶୀ ଦିନ ନୁହେଁ । ସତେ ଯେମିତି ମୃତ୍ୟୁ ତାକୁ ଅପେକ୍ଷା କରି ରହିଛି ।

ପାଦତଳୁ ମାଟି ଖସିଗଲା ଭଳି ଲାଗୁଥାଏ ।

ଗୁଡଲିର ଚିକିତ୍ସା ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଛି ।

ମନେମନେ ସ୍ଥିର କଲି, ଯାହା ହେଇଯାଉ ପଛେ, ଗୁଡଲି ତା ଜୀବନ ଯୁଦ୍ଧରେ କେବେ ହାରିବନି ।

ଖାଇବା ମଝିରେ ଗୁଡଲୀ କହିଲା -  ଅଙ୍କଲ,ମୁଁ ତମର ଗୋଟେ ବଡ଼ ଫ୍ୟାନ୍ । ଯେବେଠୁ ମୋ ହେତୁ ପାଇଛି ମାମା ଠାରୁ ସବୁବେଳେ ତମ ବିଷୟରେ ଶୁଣେ । ମଝିରେ ରାନୁ ମଧ୍ୟ କଥା ପଦେ ଯୋଡିଲା  ।

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ହଁ ସାର୍, ମାଡ଼ାମ୍ ଙ୍କ ସହ ଏତେ ବର୍ଷ ରହିଲିଣି । ଏମିତି କୋଉ ଦିନ ନାହିଁ ଯେଉଁଦିନ ଆପଣଙ୍କ ବିଷୟରେ ମୁଁ ନ ଶୁଣିଥିବି । ତାଙ୍କ ଜୀବନରେ ଆପଣଙ୍କ ଗୁରୁତ୍ୱ ଢେର୍ ଅଧିକ । ପ୍ରତ୍ୟେକ ବର୍ଷ ଦୀପାବଳୀ ଦିନ ଆପଣଙ୍କ ଜନ୍ମଦିନ ଆମେ ପାଳୁ । ଦୀପ ଜଳେଇବା ବେଳେ ମାଡ଼ାମ୍ କୁହନ୍ତି,ଦେଖିବୁ ରାନୁ ଏଇ ଦୀପର ପ୍ରଦୀପ ଯେମିତି ଅନ୍ଧାରକୁ ହଟେଇ ଆଲୋକ ଆଣି ଦଉଛି, ସେମିତି ଦିନେ ମୋ ଜୀବନରେ ଅନ୍ଧାର ଦୂରେଇ ଯିବ ।

ତା କଥା ଶୁଣି ଯେତିକି ଖୁସି ହଉଥାଏ ,ନିଜ ଉପରେ ସେତିକି ରାଗ ମଧ୍ୟ ଆସୁଥାଏ । ସେଦିନ ଯଦି ମାନି କୁ ତା ବାପାଙ୍କର ବ୍ୟବସାୟିକ ଅସଲି ଚେହେରା ଟା ମୁଁ ମାନି କୁ ଜଣେଇ ଦେଇଥାନ୍ତି,ତେବେ ହୁଏତ ଆଜି ମାନି ଏ ଅବସ୍ଥାରେ ନଥାନ୍ତା । ଚାହୁଁ ନଥିଲି ମାନି ଭାଙ୍ଗିପଡୁ ।

ହଠାତ୍ ମାନି କୁ ତା'ହାତ ଧରି ପଚାରିଲି, କଣ ଏଇ ମୁହୂର୍ତ୍ତରୁ ତୁ ମୋ ସହ ଆଗାମୀ ବର୍ଷ ସବୁର ରାସ୍ତା ଚାଲିବାକୁ ପ୍ରସ୍ତୁତ ଅଛୁ ?

ସେଦିନର ମୋ ନାହିଁ ର କାରଣ ମୁଁ ଆଜି ବି ଜଣେଇବାକୁ ଚାହୁଁନି । କିନ୍ତୁ ଏତିକି କହିବି, ସେଦିନ ମୁଁ ଅସହାୟ ଥିଲି । କେହିଜଣେ ଅତି ଆପଣା ମଣିଷର ନିଜ ପରିବାର ପ୍ରତି ଥିବା ଦୃଢ଼ତାକୁ ଭାଙ୍ଗିବାକୁ ଚାହୁଁନଥିଲି ।

ଆଜି ବି ମୁଁ ମୋ ହୃଦୟରେ ତତେ ସାଇତି ରଖିଛି । କଣ ତୁ ମତେ ବାହା ହବୁ ?

ସତେ ଯେମିତି ଏକ ଶାନ୍ତ ମଳୟର ଶୀତଳତା ତା ହାତ ସ୍ପର୍ଶ କରୁଥିଲା । ଅପେକ୍ଷା କରିଥିଲା ସେ ଏଇ ମୁହୂର୍ତ୍ତର ପୂର୍ଣ୍ଣତା କୁ ।

ହେଲେ ଏ କଣ ? ମାନି ଏକଦମ୍ ଚୁପ୍ ।

ହୁଏତ ଅପେକ୍ଷାର ଅନ୍ତ କରିସାରିଥିଲା , ଲାଜରେ ସମ୍ମତି ଜଣେଇ ସାରିଥିଲା ମାନି ।

Twitter- @L_SahooLS

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦାରିଦ୍ର୍ୟର ମୁହଁ

ମୂଳ ଇଂରାଜୀ - ସୁଧା ମୂର୍ତ୍ତି

ଅନୁବାଦ- ନଳିନୀ ପ୍ରଭା ମିଶ୍ର

ଲୀଳା ମୋର ଅଫିସରେ ବହୁଦିନ ଧରି ଝାଡୁ କରିବା କାମରେ ନିୟୋଜିତ ହୋଇଛି । ସେ ତାର କାମସବୁ ନୀରବରେ କରିଯାଏ । ତାର ସେ ନୀରବ ଭାବ ତଥା ମୋର ବ୍ୟସ୍ତ ବହୁଳତା ଯୋଗୁଁ ତାର ବ୍ୟକ୍ତିଗତ ଜୀବନ ବିଷୟରେ କିଛି ବି ଜାଣିପାରୁ ନଥିଲି । ସତ ଘଟଣା ଠାରୁ ପୃଥକ ଏହି ଯେ,ତାର ସ୍ୱାମୀ ତାକୁ ଛାଡିଚାଲି ଯାଉଛି ଏବଂ ସେ ତାର ତିନୋଟି ସନ୍ତାନଙ୍କୁ ପାଳି ପୋଷି ପଢାଉଛି ।

ଦିନେ ସେ ମୋ ରୁମ୍ ସଫା କରିବାକୁ ଆସି କାମ ସରିବା ପରେ ମୋ ସାମନାରେ ଯେମିତି କିଛି କହିବା ଭଙ୍ଗୀରେ ଠିଆ ହୋଇ ରହିଲା । ତାର ଏପରି ଅସ୍ୱାଭାବିକ ହାବଭାବ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଧୀରେ ସେ ଏକ ମଇଳା ଗଣ୍ଠିଲିଟିଏ ତାର ପଣତକାନି ଆଡୁଆଳରୁ ବାହାର କରି ଆଣି ମୋ ସାମନାରେ ରଖିଲା । ତାପରେ କ୍ଷୀଣ ସ୍ୱରରେ କହିଲା "ମାଡାମ୍ ମୋର ଏହି ଜିନିଷଟିକୁ ବନ୍ଧକ ରଖି ମୋତେ କୋଡ଼ିଏ ହଜାର ଟଙ୍କା ଦେଇପାରିବେ କି ?" ମୁଁ ହତବୁଦ୍ଧି ହୋଇ ତାର କାରଣ ପଚାରି ବସିଲି, "ହଠାତ୍ ତୁମର ଏତେ ଟଙ୍କା କାହିଁ କାହିଁକି ଆବଶ୍ୟକ



ନଳିନୀ ପ୍ରଭା ମିଶ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲା ?"

"ମୋର ସବା ସାନ ଝିଅ କଲେଜରେ ନାମ ଲେଖାଇବା ପାଇଁ ଚାହୁଁଛି । ତେଣୁ ତାର ଟଙ୍କା ଆବଶ୍ୟକ ।" ସେ କହିଲା, ତା'ର ଦୁରାବସ୍ଥା ସେ ଜଣାଉଥିବା ବେଳେ ମୁଁ ତାର ଗଣ୍ଠିଲି ଖୋଲି ଦେଖିନେଲି । ସେଥିରେ ଦୁଇପଟ ସୁନା ଚୁଡ଼ି ଦେଖିବାକୁ ପାଇଲି । "ତୁମେ କାହିଁକି ଯାକୁ ଆଣିଛ ?"

"ଏହା କେବଳ ମୋର ପ୍ରୟୋଜନୀୟ ଜିନିଷ ହୋଇ ରହିଛି । ଯାକୁ ମୋର ଝିଅର ପାଠପଢା କାମରେ ଲଗାଇବି । ମୋ ଝିଅ ଭାରି ବୁଦ୍ଧିମାନ୍ । ସେ ଇଞ୍ଜିନିୟର ହେବାକୁ ଚାହୁଁଛି । ଲୀଳା ତା ଝିଅ ବିଷୟରେ କହୁଥିବା ବେଳେ ତା ସ୍ୱରରେ ଗର୍ବ ଅନୁଭବ କରୁଥିବା କଥା ଜାଣିନେଇଥିଲି । ମୁଁ ଅର୍ଥର ଜଣେ ଋଣଦାତା ନୁହେଁ ଜଣାଇବା ସହ ତା ଝିଅର ସମସ୍ତ ପଢ଼ା ଖର୍ଚ୍ଚ ବହନ କରିବା ପାଇଁ ପ୍ରତିଶ୍ରୁତି ଦେଲି ଓ ତା ସହିତ ଝିଅର ସ୍କୁଲ ମାର୍କ କାର୍ଡ, ସମସ୍ତ ଆବଶ୍ୟକ କାଗଜପତ୍ର ସହିତ ଝିଅକୁ ମୋ ନିକଟକୁ ନେଇ ଆସିବାକୁ କହିଲି ।

ପରଦିନ ସଫା ଜାମା ପିନ୍ଧିଥିବା ସାଧାରଣ ଝିଅଟିଏ ମୋତେ ଅପେକ୍ଷା କରି ରହିଥିବା ଦେଖିବାକୁ ପାଇଲି । ତା'ର ମୁଖମଣ୍ଡଳ ବୁଦ୍ଧିରେ ତୀକ୍ଷ୍ଣ ଦେଖାଯାଉଥିଲା । ସେ ମୋ ପାଖେ ନମ୍ର ଭାବେ ଠିଆ ହୋଇ ରହିଲା ।

"ମାଡାମ୍ ! ମୁଁ ହେଉଛି ଲୀଳାର ଝିଅ ଗିରିଜା ତୁମେ ତାକୁ କହିଥିବା ଅନୁସାରେ ମୁଁ ତୁମ ସହ ସାକ୍ଷାତ କରିବାକୁ ଆସିଛି ।" ସେ ତାର ମାର୍କ କାର୍ଡ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟକ୍ରମରେ ଭାଗ ନେଇ ପ୍ରତିଯୋଗିତା ସଫଳତାମୂଳକ ଗୁଡ଼ିଏ ପ୍ରମାଣପତ୍ର ମୋତେ ଦେଖାଇଲା ।

ମୁଁ ତାର ସାମଗ୍ରୀକ କୃତିର ଆକଳନ କରି ଯୋଗ୍ୟ ତାର ପରିମାପକରେ ତାକୁ ଜଣେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁଶଳୀ ଯନ୍ତ୍ରୀର ଶୀର୍ଷସ୍ତରରେ ପହଞ୍ଚାଇବା ନିମନ୍ତେ ମୁଁ ଦେଇଥିବା ପ୍ରତିଶ୍ରୁତିକୁ ପୂର୍ଣ୍ଣ କରିବା ପାଇଁ ମୁଁ ମନେ ମନେ ସଂକଳ୍ପ କରିନେଲି ।

ଲୀଳା ! ତୁମ ସହିତ ତୁମର ଅନ୍ୟ ଦୁଇ ଝିଅଙ୍କୁ ଦେଖିଥିବା ବେଳେ ଗିରିଜା ପୂରାପୂରି ଅଲଗା ତଥା ତାର ସବୁଗୁଣ ଦୃଷ୍ଟିରୁ ମୁଁ ତା ପ୍ରତି ଗଭୀର ଭାବେ ପ୍ରଭାବିତ ହୋଇଛି । ଯଦି ସେ ଭଲଭାବେ ତା ପାଠପଢ଼ାକୁ ସମ୍ପାଦନକରିବ, ତାର ସମସ୍ତ ପଢ଼ା ଖର୍ଚ୍ଚ ମୁଁ ତୁଲାଇନେବି ।

ମୋ କହିବା ଭିତରେ ମୋ ଡେସ୍କଟିକୁ ସଫା କରିନେଇ ଆହୁରି ତା ନିଜ କଥାକୁ ଲୀଳା ବଢ଼ାଇ ନେବାକୁ ବୋଧହୁଏ ଲୀଳା ଚାହୁଁଥିଲା । ମୁଁ ତାହା ଲକ୍ଷ୍ୟ କଲି । ଚୁଡାନ୍ତ ଭାବେ ସେ କହିନେଇଥିଲା ଯେ, "ତୁମେ ତୁମର ସାହାଯ୍ୟ ସହିତ ଆଗକୁ ଯିବା ପୂର୍ବରୁ ମୁଁ ତୁମକୁ କିଛି କହିବାକୁ ଚାହେଁ । ଗିରିଜା ମୋର ଜନ୍ମିତ କନ୍ୟା ନୁହେଁ, ମୁଁ ତାକୁ ପାଳିଛି ।" ଏହାର କାରଣ ନିମିତ୍ତ ମୁଁ ତା ପାଖରେ ପ୍ରଶ୍ନବାଚୀଟିଏ ହୋଇଗଲି ।

ଦୀର୍ଘ ନିଶ୍ୱାସ ପକାଇ ସେ ଏହାର ଲମ୍ବା କାହାଣୀ କହିବାକୁ ଲାଗିଲା । ବହୁବର୍ଷ ତଳେ ମୁଁ ଜଣୈକା ଯୁବତୀ ଝିଅଟିଏ ପାଇଁ ତା ପାଖରେ ରହି ରୋଷେଇ କରୁଥିଲି । ତାର ପରିବାର ବର୍ଗ ଆମେରିକାରେ ରହୁଥିବା ବେଳେ ସେ ନିଜେ ହିଁ ନିଜ ଦ୍ୱାରା ରକ୍ଷଣ ହେଉଥିଲା । ଝିଅଟି ଦେଖିବାକୁ ସୁନ୍ଦର ତଥା ପୂରାପୂରି ବନ୍ଧୁତା ଭାବ ପୂର୍ଣ୍ଣ ଥିଲା । ଏପରିକି ପୁଅ ଝିଅ ମନେ ସେ ରହୁଥିବା ବସାକୁ ଆସି ନାନା ପ୍ରକାରର ଗୀତନାଚ ଭୋଜିଭାତର ଆସର ଭିତରେ ମଜ୍ଜି ଯାଉଥିଲେ । ଦିନେ ଝିଅଟିକୁ ବିଷର୍ଣ୍ଣତା ଭିତରେ ଥିବା ଦେଖିଲି ।

ସେ ବୋଧହୁଏ ମୋତେ କିଛି କହିବାକୁ ଚାହୁଁଥିଲା । ମୁଁ ପଚାରି ନେବାରେ ସେ ଅବୈଧ ଗର୍ଭବତୀ ଥିବା କଥା ପ୍ରକାଶ କଲା । ଯେଉଁ ଯୁବକ ଏଥିପାଇଁ ଦାୟୀ ସେ ସୀମା ବାହାରକୁ ଚାଲିଯାଇଛି ଝିଅଟି ଅସହାୟ ଅବସ୍ଥାରେ ତାର ପରିବାର ବର୍ଗଙ୍କୁ ଏକଥା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଣାଇବା ପାଇଁ ସାହସ କରି ପାରୁନାହିଁ । ତା'ଛଡା ଗର୍ଭପାତ ପାଇଁ ଉଚିତ ସମୟ ଅତିକ୍ରାନ୍ତ ହୋଇଯାଇଛି ।

ତାଠାରୁ ଏକଥା ଶୁଣିବା ପରେ କଣ ଯେ କରିବି କିଛି ଭାବି ପାରୁ ନଥିଲି । ତାର ଅନ୍ତଃସତ୍ତ୍ୱ ଅବସ୍ଥାରେ ତାର ଉପଯୁକ୍ତ ଯତ୍ନ ନେବାସହ ତାକୁ ଭଲଖାଦ୍ୟ ଖାଇବାକୁ ଦେଉଥିଲି । ଏକ ନର୍ସିଂହୋମ୍ ସେ ଏକ କନ୍ୟାସନ୍ତାନକୁ ଜନ୍ମଦେବା ପରେ ଶିଶୁଟିକୁ ଏକ ଅନାଥ ଆଶ୍ରମରେ ଛାଡି ଆସିବା ପାଇଁ କହିଥିଲା । ମୁଁ ଚେଷ୍ଟା କରିଥିଲେ ସୁଦ୍ଧା ମାତୃତ୍ୱର ଏକ ସିକ୍ତ ମନ୍ଦାକିନୀ ଧାରା ମୋ ହୃଦୟକୁ ପ୍ଲାବିତ କରିନେଲା । ଶିଶୁଟିକୁ ବାହୁରେ ତୋଳି ନେଇ ଦୂରେଇ ଦେବାକୁ ମନ ଭିତରେ ସ୍ଥାନ ନଦେଇ ଘରକୁ ନେଇଆସିଲି । ମୋର ଅବଶ୍ୟ ପୂର୍ବରୁ ଦୁଇ ଝିଅ ଥିଲେ ଏବଂ ମୋ ସ୍ୱାମୀ ମୋତେ ଛାଡି କେଉଁ ଆଡେ ଚାଲିଯାଇଛି । ତଥାପି ସେ ନୂତନ ଆତ୍ମାଟିକୁ ଦେଖାଶୁଣା କରିବାଲାଗି ମୋତେ କିଛି ଜାଣିବାକୁ ପଡିଲା । ସେ ଝିଅଟି ହେଉଛି ଏହି ଗିରିଜା ।

ମୁଁ ଲୀଳାର କାହାଣୀରେ (ଜଡପ୍ରାୟ ଅନୁଭବ କଲି) ତା'ର ଧୈର୍ଯ୍ୟ ଏବଂ ମହାନୁଭବତାକୁ ମନ ଭିତରେ ବାରମ୍ବାର ପରଖିଥିଲି । ତା'ର ଜୀବନର ଅଭିଶପ୍ତ ଦାରିଦ୍ର୍ୟ ତା'ର ଭିତରେ ଥିବା ମାନବିକତାକୁ ହ୍ରାସ କରି ପାରିନଥିଲା ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ
ମୋ- ୯୭୭୬୮୮୭୯୪୨

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ସ୍ୱପ୍ନର ନାୟିକା

ନିର୍ଜନତାର ଘନ ଅନ୍ଧକାର ରାତ୍ରିର ପ୍ରାରମ୍ଭ ମୁହୂର୍ତ୍ତ ......

ରାତ୍ରୀ ଭୋଜନ ଶେଷକରି ଥୁରୁଥିରୁ ହୋଇ ଚାଲି ମୁଁ ଶୟନ କକ୍ଷ ଭିତରକୁ ପ୍ରବେଶ କଲି । ହଠାତ୍ ମୋର ଦୃଷ୍ଟି ପଥାରୁଢ ହେଲା ଝରକା ବାହାରେ ମେଘର ଘନଘଟା ଏବଂ ଉତ୍ତଳ ସମୀରଣର ଛଟା । ସତେ ଯେମିତି ମୋ ମନରେ ଏକ ଉଚ୍ଛ୍ୱାସ ଜାଗ୍ରତ କଲା ଏବଂ ସୃଷ୍ଟି କଲା ଏକ ଅପୂର୍ବ ଶିହରଣ । ଅପଲକ ନୟନରେ ମୁଁ ସେହି ଦୃଶ୍ୟକୁ ଅବଲୋକନ କଲାବେଳେ କେତେବେଳେ ଯେ ସ୍ୱପ୍ନରାଇଜରେ ହଜିଗଲି ଏବଂ ଖୋଜି ପାଇଲି ଏକ ନୂତନ ଅତୀତକୁ । ମୋ ଚକ୍ଷୁସୀରେ ଉଦଭସିତ ହେଲା ଲାବଣ୍ୟବତୀର ଏକ ରୂପରେଖ । ପରିଣତ ବୟସରେ ଉପନୀତ ହୋଇ ମଧ୍ୟ ସେହି କନ୍ତମୟୀର କମନୀୟତା ମୋତେ ଯୌବନର ସୁଲଭରେ ଉନ୍ମୁୟୀତ୍ତ କଲା । ସୃଷ୍ଟିସମ୍ଭର ଭିତରେ ସେହି ମୃଗନୟନୀ, ଚନ୍ଦ୍ରବଦନୀ ଓ କୋମଳମତିକୁ ଜାଣିବା ପାଇଁ ମୋର ଜିଜ୍ଞାସୁ ଉଦ୍ରେକ ହେବକ୍ଷଣି ହଠାତ୍ ବାଦଲର ଘନଘଟା ଶବ୍ଦ ମୋର ସ୍ୱପ୍ନକୁ କ୍ଷଣଭଙ୍ଗୁର କରିଦେଲା ।



ରାଜେଶ୍ ରଥ

ତଥାପି ମୋର ଉଚ୍ଛ୍ୱାସରେ ଭଟ୍ଟା ପଡ଼ିନଥାଏ । ସେହି ମୁହୂର୍ତ୍ତକୁ ସାଉଁଟିବାକୁ ମୋ ମନରେ ଅହେତୁକ କୌତୁହଳ ଜାଗ୍ରତ ହେଉଥାଏ । ଇତିମଧ୍ୟରେ କେତେବେଳେ ଯେ ମୋର କର କଲମକୁ ସ୍ପର୍ଶ କରିଗଲାଣି ମୋର ହୃଦବୋଧ ହୋଇନାହିଁ । ସତେ ଯେମିତି ମୁଁ ଅନୁଭବ କଲି ମୋର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁପ୍ତ ପ୍ରତିଭାର ଜାଗ୍ରତ ହେଲା, ମନରେ ଓଜସ୍ୱିନୀତା ରଖି ମୋର ଲୁକ୍କାୟିତ ପ୍ରତିଭାକୁ ସ୍ଫୁରଣ କରିବା ପାଇଁ ସେହି ଭାବନାକୁ ଏକ ନୂତନ ରୂପରେଖ ଦେବା ପାଇଁ ପ୍ରାରମ୍ଭ କଲି "ମୋ ସ୍ୱପ୍ନର ନାୟିକା" । ଲେଖନୀକୁ ହାତରେ ଧରିବା କ୍ଷଣି ମୋ ମନେ ପୁଣି ଉଙ୍କିମାରିଲା ସେହି ଅଧୁରା ସ୍ୱପ୍ନ ବୃତ୍ତାନ୍ତ । ବ୍ୟଗ୍ରତା ଏବଂ ତପ୍ତରତା ଭିତରେ ସେହି ସ୍ୱପ୍ନକୁ ସାଉଁଟିବାର ନିଶା ମୋର ଗାଳ୍ପିକ ଚେତନାକୁ ପୁନର୍ଜୀବିତ କଲା ।

ସ୍ୱର୍ଗର ଅପସରୀ ପରି ସେହି ଝିଅଟି ମୁଁ ହୃଦବୋଧ କଲି ।

ଗୌରବର୍ଣ୍ଣ ଶରୀର, କୃଷ୍ଣକଳା ଯୁକ୍ତ ଲମ୍ବାୟିତ କେଶ, ମୃଗନୟନୀ ପରି ଚକ୍ଷୁ, ମଧୁର ଭାଷା, ଲହକା ଚାଲି ମୋ ମନରେ ସୃଷ୍ଟି କଲା ଏକ ଅପୂର୍ବ ଉନ୍ମାଦ ଭାବ । ତା ସଂଗେ କିଛି କ୍ଷଣ ଆଳାପ କରିବା ପାଇଁ ମନର ଅହେତୁକ ଇଚ୍ଛା ଶକ୍ତିକୁ ମୁଁ ରୋକି ପାରିଲିନାହିଁ । ସଂଗେ ସଂଗେ ଯଥା ସ୍ଥାନରୁ ପ୍ରସ୍ଥାନ କରି ତାର ନିକଟତର ହେବାକୁ ଚେଷ୍ଟା କଲି । ବାସ୍ କଣ ହେଲା କେଜାଣି ହଠାତ୍ ପୁଣି ଏକ ଶବ୍ଦ ମୋର ସ୍ୱପ୍ନକୁ ଧୂଳିସାତ କରିଦେଲା । ମୁଁହ ଫେରେଇ ନେଇ ଅନ୍ୟ ଆଡ଼କୁ ଦେଖିବା ବେଳକୁ ମୋର ପ୍ରିୟତମା ପତ୍ନୀ "ଚନ୍ଦ୍ରିକା"ର ଯୌବନ ଯୁକ୍ତ ଫଟୋ ଦୃଶ୍ୟମାନ ହେଲା । ଠିକ୍ ଏତିକିବେଳେ ମୋର ସ୍ୱପ୍ନର ବୃତ୍ତାନ୍ତ ମଧ୍ୟରେ ସ୍ଥାନିତ ରୂପବତୀର ତୁଲ୍ୟତା ମୋର ପ୍ରିୟତମା ସହ ଏକାକାର ବୋଲି ମୁଁ ଅନୁଭବ କଲି । ସେହି ସ୍ୱପ୍ନର ନାୟିକା ଆଉ କେହି ନୁହଁ ସେ ମୋର ପ୍ରିୟତମା ପତ୍ନୀ ମୋର ଅର୍ଦ୍ଧାଙ୍ଗିନୀ "ଚନ୍ଦ୍ରିକା" !....... ଯାହାଙ୍କୁ ମୁଁ ୨୦ ବର୍ଷ ତଳେ ହରାଇ ସାରିଛି । ଏବଂ ଆଜି ଯେତେବେଳେ ମୁଁ ଏକାକୀ ଅନୁଭବ କଲି... ଏଦ୍ୟାବତ୍ ସେ ମୋ ନିକଟତର ହୋଇ ମୋତେ ଆଶ୍ୱାସନାର ସମୁଜ୍ଜ୍ୱଳ ପ୍ରଦାନ କଲେ ... ମୁଁ ଅଶ୍ରୁଜ୍ଜ୍ୱଳ ହୋଇଗଲି ।.... ମନରେ ଘୋଟିଗଲା ନୈରାଶ୍ୟ .... କୋହଭରା କ୍ରନ୍ଦନରେ ଫାଟି ପଡ଼ିଲା ମୋ ହୃଦୟକନ୍ଦର ।

(ଗଣିତ ଶିକ୍ଷକ , ଆସ୍କା , ଗଞ୍ଜାମ)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁଃଖର ବିଳାପ

ସକାଳର ଆଗମନ । ମୁଁ ଥାଏ ଛାତ୍ରାବାସ ନିକଟସ୍ଥ ଏକ ପ୍ରାନ୍ତର ମଧ୍ୟରେ । ପ୍ରଭାତର ଆଗମନକୁ ନିରୀକ୍ଷଣ କରି ଚାହିଁ ରହିଥାଏ ଲୋଭନୀୟ ଦୃଷ୍ଟିରେ ଅତ୍ୟନ୍ତ ମନମୁଗ୍ଧକର ପରିବେଷ୍ଟିନଟି ଅଟେ । ହଠାତ୍ ସେହି ସମୟରେ ଛାତ୍ରାବାସର ଜଣେ କର୍ମଚାରୀ ମତେ ଡାକିବା ପାଇଁ ଆସିଲେ । ମୁଁ ପ୍ରଶ୍ନ ନ କରିବା ପୂର୍ବରୁ ସେ କହିଲେ, "ଆପଣଙ୍କୁ ସାମଲ ସାର୍ ଡାକୁଛନ୍ତି ।" ସାମଲ ସାର୍ ହେଉଛନ୍ତି ଛାତ୍ରାବାସର ଜଣେ ଉଚ୍ଚପଦସ୍ଥ କର୍ମଚାରୀ । ହଁ ମୁଁ ଏକା ନିଶ୍ୱାସରେ ମହାଶୟଙ୍କ ନିକଟରେ ଉପସ୍ଥିତି ହେଲି । ଡାକିବାର କାରଣ ଥିଲା ମା'ଙ୍କର ଦେହ ଅସୁସ୍ଥ ଏହି ଖବରଟି ପାଇବା ମାତ୍ରେ ମନଟି ମୋର ଅସ୍ଥିର ହେବାକୁ ଲାଗିଲା । ସେମାନେ ମୋର ଛାତ୍ରାବାସ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ତାର ପୂର୍ବଦିନରୁ ଆସିଲେଣି ମତେ ତୁରନ୍ତ ସେଠାକୁ ଯିବାକୁ ପଡିବ ହେଲେ ମୁଁ ସେଠାରେ ସମ୍ପୂର୍ଣ୍ଣରୂପେ ନୂଆ କରି ଯାଇଥାଏ । ସେହି ସ୍ଥାନ ବିଷୟରେ ମୋର ସ୍ୱଳ୍ପ ଜ୍ଞାନ ଥାଏ । ତେଣୁ ମୋ ସହିତ ଜଣେ ବନ୍ଧୁଙ୍କୁ ପଠାଇ ଥିଲେ ଛାତ୍ରବାସର ସହକର୍ମୀ । ତେଣୁ ତାଙ୍କୁ ମୋର କୃତଜ୍ଞତା ଜ୍ଞାପନ କରି, ଆମେ ଦୁଇବନ୍ଧୁ ବାହାରିଲୁ । ଯିବା ପଥରେ କୌଣସି ପ୍ରକାରେ ଚାରି ଚକିଆ ଯାନ ପାଇଲୁ ନାହିଁ । ତେଣୁ ଆମକୁ ଦୁଇ ମାଇଲ୍ ବାଟ ପଦଯାତ୍ର କରିବାକୁ ପଡ଼ିଥିଲା ।



ଶାନ୍ତନୁ ସାମଲ

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଶେଷରେ ଆମେ  ସ୍ୱାସ୍ଥ୍ୟକେନ୍ଦ୍ରରେ ପହଁଚିଗଲୁ । ସେଠି ଯାହା ମୁଁ ଦେଖିଲି ମୋ ମା'ଙ୍କର ନୁହେଁ ମୋ ଭାତୃପତ୍ନୀଙ୍କର ଦେହ ଅସୁସ୍ଥ ହୋଇଛି ତାଙ୍କର ଅସୁବିଧାଟି ଥିଲା ଛାତି ଯନ୍ତ୍ରଣା ଅସହ୍ୟ ବେଦନାରେ ଦିନରାତ୍ରି ସେହି ରୋଗୀ ବିଛଣାରେ କଟୁ ଅଛି । ଆଉ ହଁ ସେଠାରେ ମୋର ଜ୍ୟେଷ୍ଠଭ୍ରାତା, ମୋର ମାତା, ପିତା, ମାତୁଳ ମଧ୍ୟ ଉପସ୍ଥିତି ଥା'ନ୍ତି । ହଠାତ୍ ଶୁଣିବାକୁ ପାଇଲି ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିବାକୁ କହିଲେ । କଟକ ଯିବାକୁ ପ୍ରସ୍ତୁତ ହେବା ମାତ୍ରେ ଆମେ ଦୁଇବନ୍ଧୁ ଛାତ୍ରାବାସକୁ ପ୍ରତ୍ୟାବର୍ତ୍ତନ କଲୁ । ଆସିବା ସମୟରେ ସେହି ବନ୍ଧୁଙ୍କର ପିତା ଆମକୁ ମୋଟର ବାଇକ ସାହାଯ୍ୟରେ ଛାତ୍ରାବାସରେ ପହଁଚାଇ ଥିଲେ । ପହଁଚିବା ମାତ୍ରେ ମୁଁ  ଚିନ୍ତିତ ଭାବରେ ଶୋଇବାକୁ ଲାଗିଲି ହେଲେ ନିଦ ସତେ ଯେପରି ମୋର ପାଖ ମାଡୁନାହିଁ । ଯାହା ହଉ ତାହା ଭିତରେ କିଛି ସମୟ କଟିଗଲା । ଦିନର ଅନ୍ତ । ସନ୍ଧ୍ୟା ସମୟ ହୋଇ ଆସିଲାଣି ଛାତ୍ରବାସ ନିୟମ ଅନୁଯାୟୀ ପ୍ରାର୍ଥନା ଚାଲୁ ରହିଥାଏ । ହେଲେ ମୋ ମନରେ ଅଲଗା କିଛି ଚାଲୁଥାଏ । କାରଣ ସେମାନେ କଟକ ଗଲେ କଣ ହେଲା କଣ ନାହିଁ କିଛି ମୁଁ  ଜାଣି ପାରୁନଥାଏ ଭାରି ଚିନ୍ତାଗ୍ରସ୍ତ ଅବସ୍ଥାରେ ପ୍ରାର୍ଥନାର କୋଳାହଳପୂର୍ଣ୍ଣ ପରିବେଶରେ ଛିଡ଼ା ହୋଇଥାଏ । ହଠାତ ପ୍ରାର୍ଥନାସଭାରେ ଗାଇଡ଼ କରୁଥିବା କର୍ମଚାରୀ ଜଣଙ୍କ ମତେ ପାଖକୁ ଡାକି ପଚାରିଲେ । ଆରେ 'ସାମଲ' ମୋ ପାଖକୁ ଆସିଲୁ । ମୁଁ ତାଙ୍କ ପାଖରେ ଉପସ୍ଥିତ ହେଲି ସେ ମତେ ହଠାତ୍ ପ୍ରଶ୍ନ କଲେ ଯାହାଙ୍କର ଦେହ ଅସୁସ୍ଥ  ସିଏ ତୁମର କଣ ହେବ । ସିଏ ମୋର ଜ୍ୟେଷ୍ଠ ଭ୍ରାତାଙ୍କର ପତ୍ନୀ କହିବା ମାତ୍ରକେ ତାଙ୍କ ପାଟିରୁ ଯାହା ଶୁଣିବାକୁ ପାଇଲି କଟକରେ ତାଙ୍କର ଅକାଳ ବିୟୋଗ । ତାହା ଶୁଣିବା ମାତ୍ର ମୁଁ ନିଜକୁ ନିଜେ ବିଶ୍ୱାସ କରିପାରୁନଥାଏ । ବାସ୍ତବିକ ବିଶ୍ୱାସ ନ କଲେ ମଧ୍ୟ କରିବାକୁ ପଡ଼ିବ ଏହା ନିରାଟ ସତ୍ୟ ଅଟେ । ଆପାଦମସ୍ତକ ପର୍ଯ୍ୟନ୍ତ କମ୍ପନ ସହିତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଷାଦଗ୍ରସ୍ତ ଅବସ୍ଥାରେ ସେହି ରାତ୍ରଟି ଛାତ୍ରାବାସରେ କାଟିବାକୁ ପଡିଥିଲା । ସେହି ରାତ୍ରିଟି କେଉଁ ପରି କଟିଗଲା ତାହା ଅତ୍ୟନ୍ତ ଅବର୍ଣ୍ଣନୀୟ ଅଟେ । ପ୍ରଭାତର ଆଗମନରେ ମୁଁ ବାହାରିଲି ମୋର ପୈତୃକ ଘରକୁ । ସେଦିନ କୌଣସି କାରଣରୁ ସାରା ଓଡ଼ିଶାରେ ବନ୍ଦ୍ ଡାକରା ଦେଇଥାଏ । ତେଣୁ ମତେ ୩୦ କିମି ବାଟ ପଦଯାତ୍ରା କରିବାକୁ ପଡିଥିଲା । ପଦଯାତ୍ରା କରୁଥିବା ସମୟଟି ସମ୍ପୂର୍ଣ୍ଣରୂପେ କଷ୍ଟଦାୟକ ଥିଲା । ସେଦିନର କଥା ମନେ ପଡ଼ିଗଲେ କାହିଁ କେଜାଣି ଲୋମଗୁଡିକ ଟାଙ୍କରୁ ଉଠୁଛି । କାରଣ ସେ ଯାତ୍ରପଥଟି ପୂନ ରୂପେ ବର୍ଷାର ତାଣ୍ଡବଲୀଳା ଚାଲିଥାଏ । ଜଳଦର ତୀବ୍ରତା ବଢିବାରେ ଲାଗିଥାଏ । ଯାହା ହେଉ ତା ମଧ୍ୟରେ ଗତି କରି ଆଗକୁ ଆଗକୁ ଚାଲିଲି । ହଁ ସେହି ସମୟ ମଧ୍ୟରେ ଭାଇ ପତ୍ନୀଙ୍କର ମରଶରୀର ଗାଁରେ ପହଞ୍ଚି ସାରିଥାଏ । ମୁଁ ବରୁହା ଛକ ନିକଟରେ ପହଞ୍ଚିଲି । ହଠାତ କଟକ ଅଭିମୁଖେ ବାହାରିଥିବା ବସ୍ ଟି ସେଠାରେ ଅଟକିବାକୁ ଲାଗିଲା । ଛକ ଉପରେ କେତେକ ଉତ୍ୟକ୍ତ ଜନତା ଟାୟାର ଗୁଡିକରେ ଅଗ୍ନି ସଂଯୋଗ କରି ପଥ ଅବରୋଧ କରିଥିଲ । ତେଣୁ ସେହି ବସଟି ପୁନର୍ବାର ଆସିଥିବା ସ୍ଥାନକୁ ଫେରିବାରେ ଲାଗିଲା । ମୋର ଗନ୍ତବ୍ୟସ୍ଥାନରେ ପହଁଚିବା ସହଜ ହୋଇଗଲା । କାରଣ ବସ୍‌ଟି ଫେରିବା ସ୍ଥାନ ମୋର ଗନ୍ତବ୍ୟସ୍ଥାନ ଅଟେ । ମୁଁ ବସରେ ଚଢ଼ିବାକୁ ଉଦ୍ୟମ କାରଣ ବସ୍‌ଟିରେ ଅଧିକ ମାତ୍ରରେ ଯାତ୍ରୀ ଥିଲେ । ବସ୍‌ଟିରେ ପ୍ରାୟ ୫ କିଲୋମିଟର ଯାତ୍ର କରିବା ପରେ କୁଜାଲା ନାମକ ଏକ ସ୍ଥାନରେ ବସ୍‌ଟି ଅଟକି ଗଲା । ସେଠାରେ ଯାହା ଜଣାପଡ଼ିଲା ଆଗକୁ ଯିବା ସମ୍ଭବ ନୁହେଁ କାରଣ ଉତ୍ୟକ୍ତ ଲୋକମାନେ ପଥ ଅବରୋଧ କରିଥିଲେ । ସେଠାରୁ ସମସ୍ତ ଯାତ୍ରୀ ଗାଡିରୁ ଓହ୍ଲାଇ ଛିଡ଼ା ହେବାକୁ ଲାଗିଲେ ମୁଁ ମଧ୍ୟ ଛିଡ଼ା ହୋଇଥାଏ । ମୁଁ ସେଠାରେ ଚିନ୍ତିତ ଭାବରେ ଥାଏ । କଣ କରିବି କିଛି ଅନୁମାନ କରି ପାରୁନଥିଲେ ହଁ ଉପାୟଟିଏ ମୁଣ୍ଡରେ ଜୋଟିଲା ତତ୍‌କ୍ଷଣତା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଣେ ଯାତ୍ରୀଙ୍କୁ କହିଲି ଆଜ୍ଞାଟିକେ ଫୋନ ଦେବେ ମୁଁ ଗୋଟିଏ କଲ୍ କରିଥାନ୍ତି । ସେ ଯାତ୍ରୀ ଜଣକ ଧଳା ପୋଷାକ ପରିଧାନ କରିଥିଲେ, ବେଶ୍ ଉଚ୍ଚଶିକ୍ଷା ଗ୍ରହଣ କରିଥିବାର ମଧ୍ୟ ଜଣା ପଡୁଥାଏ ଅତି ନମ୍ରଭଦ୍ର ଲୋକଜଣକ । ଯାହା ହେଉ ସେହି ଯାତ୍ରୀଜଣଙ୍କ ମତେ ସାହାଯ୍ୟ କରିଥିଲେ । ମୁଁ ମୋର ଭାଇକୁ ଉପସ୍ଥିତ ଥିବା ସ୍ଥାନର ନାମ ଠିକଣା ଦେଲି । ସେହି ସ୍ଥାନକୁ ଏକ ମୋଟର ସାଇକେଲ ପଠାଇବେ ବୋଲି ମତେ କହିଥିଲ । ମୁଁ ସେଠାରେ କଣ ଠିଆ ହେବି ବୋଲି ଭାବି ଆଗକୁ ଆଗକୁ ମାଡି ଚାଲିଗଲି ଯିବା ପଥରେ ପୁନଃରବାର ବର୍ଷାର ଆଘାତ ସହିବାକୁ ପଡିଥିଲା । ବାସ୍ତବରେ ଶରୀରର ବାହାରେ ବର୍ଷାର ଆଘାତ ଆଉ ଭିତରେ ବିଷାଦ ଏବଂ ଯନ୍ତ୍ରଣାର ଆଘାତ ଆଉ ଗ୍ରହଣ କରି ପାରୁନଥାଏ । ସତ ଯେପରି ମୋର ପଥରୋଧ କରିବା ନିମନ୍ତେ ଶପଥ ଗ୍ରହଣ କରିଛନ୍ତି ଏହି ବାରିଦମାନ ଏବଂ ଘଡଘଡି, ବିଜୁଳି, ବାୟୁ । ତା ସତ୍ତ୍ୱେ ମୋର ଯାତ୍ରା ଚାଲିଥାଏ କିଛି ବାଟରେ ମୋର ଜଣେ ଭାଇ ହିସାବରେ ହେବେ ମୋର ପିଉସୀଙ୍କ ପୁଅମତେ ସେଠାରୁ ମଟର ସାଇକେଲରେ ବସାଇ ଆଣିଲେ । ମୁଁ ମୋର ଗାଁରେ ପହଁଚିବା ମାତ୍ରକେ ହଠାତ୍ ମେଘ, ପବନ କୁଆଡେ ଉଭାନ ହୋଇଗଲା । ମତେ ଅନୁଭବ ହେଉଥାଏ ମତେ ବାଧାଦେବା ଏମାନଙ୍କର ଉଦେଶ୍ୟ ଥିଲା ଘରେ ଆମର କାନ୍ଦବୋବାଳି ଚାଲିଥାଏ । ମୁଁ ତାଙ୍କ ମର ଶରୀରକୁ ଦେଖିବା ମାତ୍ରକେ ମୁଁ ନିଜକୁ ଆଉ ସମ୍ଭାଳି ପାରିଲିନି ତା ସହିତ ପରିବାର ଶୋକାକୁଳ ଅବସ୍ଥାରେ ଥାଏ । ଅଧିକ କଷ୍ଟ ଲାଗୁଥାଏ ୭ ବର୍ଷର ଝିଅ ମାଛେଉଣ୍ଡ ହୋଇ ଯାଇଥିଲା । ସବୁଠାରୁ ଶକ୍ତ ଆଘାତ ଥିଲା । ଶେଷରେ ନିଜ ହାତରେ ମୁଖାଗ୍ନି ଦେବାକୁ ପଡ଼ିଥିଲା, ସେହିଦିନଠାରୁ ଆମ ପରିବାରରେ ଖୁସି  ସତେ ଯେମିତି ଅଦୃଶ୍ୟ ହୋଇଗଲା ।

ଜିଲ୍ଲା- ଯାଜପୁର ' ବରୀ ' ରତଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରାକ୍ଷୀ

ମୁଁ ଆଉ ବୋଝ ହେବାକୁ ଚାହେଁ ନାହିଁ । କେତେ ଦିନ ବାପାଙ୍କ ଉପରେ ନିର୍ଭର କରିବି ? ବାପାଙ୍କର ବାର୍ଦ୍ଧକ୍ୟ ମସ୍ତିଷ୍କକୁ ଆଉ ଭାରାକ୍ରାନ୍ତ କରିବାକୁ ଦେବି ନାହିଁ । ମୋଠାରୁ କମ୍ ବୟସର ପିଲାମାନେ କେତେ କ'ଣ କରିଗଲେଣି ? ମୋତେ କିଛି କରିବାକୁ ପଡ଼ିବ ? ନିଶ୍ଚୟ ମୁଁ କରିବି ! ଏହି ଇଚ୍ଛା ଶକ୍ତି ଓ ଏକାଗ୍ରତା ସହିତ ପର୍ଶୁରାମକୁ ସାଥିରେ ନେଇ ସେ ପହଞ୍ଚାଇଲା ନିଜ ଭିଟାମାଟିକୁ ତୁଚ୍ଛ ମନେକରି ସୁରତ ସହରରେ... ।

ଇତି ମଧ୍ୟରେ ବିତିଯାଇଛି ଦିନପରେ ମାସ କେତେ ବର୍ଷ ।

ପର୍ଶୁରାମ ସୁରତର ଏକ ଛୋଟିଆ କମ୍ପାନୀରେ ବିଗତ ୮ ବର୍ଷ ହେଲା ଚାକିରି କରିଆସୁଛି । କମ୍ପାନୀର ଟିକିନିଖି ହିସାବ-ନିକାଶ କରିବା ତା'ର କାମ । ଦରମା ଏତେ ଭଲ ନଥିଲା ବି ଚଳନିୟ । ମାସିକ ଦରମାରୁ ନିଜ ଖର୍ଚ୍ଚପାଇଁ କିଛି ଟଙ୍କା ରଖି ବାକିତକ ଘରକୁ ପଠାଏ ! ସେଥିରେ ବାପାଙ୍କ ଔଷଧ, ସାନଭଉଣୀର ପାଠପଢ଼ା ଓ ଘରଖର୍ଚ୍ଚ ଦୁଃଖେ ସୁଖେ ପରିମେଣ୍ଟନ ହୋଇଯାଏ । ତା'ର ପରିବାର କହିଲେ ବାପା, ମା' ଓ ସାନ ଭଉଣୀ "ରୁପା" ।



ମହମ୍ମଦ ହନିଫ୍ ସାହା

ସମଗ୍ର ବିଶ୍ୱରେ ଆତଙ୍କ ଆଉ ଆତଙ୍କ । କରୋନାର କରାଳ ଗର୍ଭରେ ଲୋକେ ପୋକମାଛି ଭଳି ମୃତ୍ୟୁବରଣ କରୁଥିବା ବେଳେ ଏହାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଭାବରେ ଗରୀବ ଅସହାୟ ଲୋକେ ଜୀବିକା ହରାଇଛନ୍ତି । ଏଥିରୁ ପର୍ଶୁରାମ ବର୍ତ୍ତିଥାନ୍ତା ବା କେମିତି ?

ଇତିମଧ୍ୟରେ ପର୍ଶୁରାମ, ସୁରତରୁ ଫେରିବାର ଦୀର୍ଘ ୩ ମାସ ବିତିଗଲାଣି । ଘରେ ବସିବସି ଦିନ ଅତିବାହିତ କରି ଚାଲିଛି । ନିଜକୁ ନିଜେ ଏକଲାପଣ ଭିତରେ ବିରକ୍ତ ଭାବ ପ୍ରକାଶ କରିବା ଛଡା ଅନ୍ୟ କୌଣସି ଉପାୟ ନଥିଲା । ଗାଁ ପରିବେଶ । ଲକଡାଉନ୍ ଭିତରେ ସମସ୍ତେ ବନ୍ଦୀଜୀବନ ବିତାଉଥିବା ଯୋଗୁଁ ତାକୁ କାମଧନ୍ଦା ଯୋଗାଇ ଦେଇଥାନ୍ତା ବା କିଏ ? ତଥାପି ଯାହା ଅଳ୍ପବହୁତ କାମ ମିଳୁଛି ସେଗୁଡ଼ାକ କରିବାକୁ ସେ ସକ୍ଷମ ହୋଇପାରେ ନାହିଁ । ଦିନକୁ ଦିନ ଲକଡାଉନ୍ ପ୍ରଭାବରେ ଆୟ କିଛି ନାହିଁ କିନ୍ତୁ ବ୍ୟୟ ବଢିବାରେ ଲାଗିଛି ସୁଅ ମୁହଁରେ ପତ୍ର ଭଳି । ପର୍ଶୁରାମ  ଫେରିଲା ବେଳେ କିଛି ଟଙ୍କା ନେଇ ଆସିଥିଲା । କିନ୍ତୁ ବସିଖାଇଲେ ନଈବାଲି ସରେ ନ୍ୟାୟରେ ବ୍ୟାଙ୍କରେ ସଞ୍ଚୟଥିବା ଟଙ୍କା ଗୁଡାକ ମଧ୍ୟ ଖର୍ଚ୍ଚ ହେବାରେ ଲାଗିଛି । ବାକି ରହିଛି କେବଳ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ୱାରେଣ୍ଟାଇନରେ ଥିବା ପ୍ରବାସୀଙ୍କୁ ମିଳିଥିଲା କେଇଟା ଟଙ୍କା ।

ଆଉ କିଛି ଦିନ ପରେ ଆସିବ "ରାକ୍ଷୀ ପୂର୍ଣ୍ଣିମା" । ପର୍ଶୁରାମ ମୁଣ୍ଡରେ ଚଡକ ପଡିଲା । ତା' ମାନସ ପଟରେ ଅଶାନ୍ତର ବହ୍ନି କୁହୁଳିବାରେ ଲାଗିଲା । କାରଣ ପ୍ରତିବର୍ଷ ଭଳି ଏହି ବର୍ଷ ମଧ୍ୟ ତା'ର ଗେହ୍ଲାଭଉଣୀ "ରୁପା" ତା' ହାତରେ ରାକ୍ଷୀ ବାନ୍ଧିବ । କିନ୍ତୁ ତାକୁ ଦେଲା ଭଳି ଉପହାର ପାଇଁ ତା' ପାଖରେ ନାହିଁ ଅର୍ଥର ସମ୍ବଳ ।

ଗୋଟିଏ ବୋଲି ଭଉଣୀ ରୂପା ! ତାକୁ ସେ ବହୁତ ଭଲପାଏ । ସେ ସୁରତ ଯିବାବେଳେ ରୁପା ଆଖି ଛଳ ଛଳକରି ସବୁଥର ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଆସିଥାଏ ଭାଇକୁ ବିଦାୟ ଦେବା ପାଇଁ । ପର୍ଶୁରାମ ମଧ୍ୟ ରୁପାକୁ ଜୀବନଠାରୁ ଅଧିକ ଭଲ ପାଉଥିଲା । ସୁରତରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପହଞ୍ଚିବାର ଦୁଇଦିନ ପର୍ଯ୍ୟନ୍ତ ତା'କୁ କୌଣସି ଖାଦ୍ୟ ରୁଚୁନଥିଲା କି କେଉଁ ଦିଗରେ ମନ ଲାଗୁନଥିଲା । ଭଉଣୀ କଥା ବହୁତ ମନେ ପଡ଼ିଲେ ଛୁଆଙ୍କ ଭଳି ଭୋଭୋ ହୋଇ କାନ୍ଦିବାକୁ ପଛାଉନଥିଲା । ରୁପା ଏ ବର୍ଷ ରାକ୍ଷୀପୂର୍ଣ୍ଣିମା ପାଇଁ  ଅନେକ ଉତଫୁଲ୍ଲିତ । ଗୋଡ଼ ତଳେ ଲାଗୁ ନ ଥିଲା । ଦୀର୍ଘବର୍ଷ ପରେ ଆଜି ସେ ନିଜ ହାତରେ ରାକ୍ଷୀ ବାନ୍ଧିବ ତା' ଭାଇ ହାତରେ । ଏହାଠାରୁ ଆଉ ଅଧିକ ଖୁସିର କଥା କ'ଣ ହୋଇପାରେ ? ଏହାଥିଲା ତା'ପାଇଁ ଭଲ ସୁଯୋଗଟିଏ ।

ପ୍ରତି ବର୍ଷ ପୋଷ୍ଟାଲରୁ ରାକ୍ଷୀ ପଠେଇଦିଏ ଭାଇ ନିକଟକୁ । ଭାଇ ତା'ପାଇଁ ଦାମୀ ପୋଷାକ ସହିତ ହାତ ଖର୍ଚ୍ଚ ପାଇଁ  ପଠାଇଥିଲେ ହଜାରେ ଟଙ୍କା ।

ପର୍ଶୁରାମ ଶେଷଥର ପାଇଁ ରୁପା ସହିତ ଫୋନରେ କଥା ହୋଇ ପ୍ରତିଶ୍ରୁତି ଦେଇଥିଲା ଏଥର ରାକ୍ଷୀରେ ଗାଁକୁ ଯିବି ଏବଂ ଦାମୀ ଉପହାରଟିଏ ନେଇ ଆସିଥିବି ଖାସ୍ ତୋରି ପାଇଁ । ତା'ର ପ୍ରତି ଉତ୍ତରରେ ଆଖି ଛଳଛଳ କରି ରୂପା କହିଥିଲା, “ତୁମେ ଭଲରେ ଭଲରେ ଘରକୁ ଫେରି ଆସ ଭାଇ ! ଏହାହିଁ ମୋ ପାଇଁ ସବୁଠାରୁ ବଡ଼ ଉପହାର ଭାଇ !”

ପର୍ଶୁରାମ ଫେରିଛି ଘରକୁ ରାକ୍ଷୀର ଢେର ଦିନ ପୂର୍ବରୁ; କିନ୍ତୁ ଏବେ ତାର ହାତ ଶୂନ୍ୟ । ଭଉଣୀକୁ ଉପହାର ଦେବାପାଇଁ ଇଚ୍ଛା ଥିଲେ ମଧ୍ୟ ଅର୍ଥାଭାବ ତାକୁ ଆଜି ସଂକୁଚିତ କରିଦେଇଛି । ଘରେ ରୁଗଣ୍ ବାପା । ପ୍ରତିଦିନ ଔଷଧ ଖର୍ଚ୍ଚ ଆକାଶଛୁଆଁ । ଏତେବଡ ପରିବାରର ଗୁଜରାଣ ମେଣ୍ଟାଇବା ସହିତ ବାରମାସରେ ତେର ପର୍ବର ପାରମ୍ପରିକ ଖର୍ଚ୍ଚ । ଏତେ ସବୁ ଯୋଗାଡ଼ କରିବା କ'ଣ ଏତେ ସହଜ ?

ତଥାପି ନିଜ ସହିତ ସେ ସଂଗ୍ରାମ କରି ଚାଲିଛି । ନିଜ ପେଟରେ ଓଦା କନା ଦେଇ ବେଳେ ଭୋକରେ ଶୋଇଯାଇଛି ସିନା ସାହିପୋଡଶୀଙ୍କ ନିକଟରେ ଓ ସେ କେବେ ହାତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପତାଇ ନାହିଁ ଆଜି ଯାଏଁ । ପରିବାରର ଖର୍ଚ୍ଚ ଓ ରୁପାର ଉପହାର ପାଇଁ ସେ ପ୍ରତିଜ୍ଞାବଦ୍ଧ । ଗତକାଲି ଯେଉଁ କାର୍ଯ୍ୟ ତା'କୁ କଷ୍ଟ ଲାଗୁଥିଲା ଆଜି ତା'ପାଇଁ ହୋଇଯାଇଛି ସରଳ ଓ ସହଜ । ସେଥିପାଇଁ ସେ ଗତ ସପ୍ତାହ ଧରି ପରିବାରର ଅଜାଣତରେ ରାଜମିସ୍ତ୍ରୀମାନଙ୍କ ସହିତ ଠିକା କାର୍ଯ୍ୟରେ ନିୟୋଜିତ ହୋଇଛି । ସେ ମନେ ମନେ ସ୍ଥିର କରି ନେଇଥିଲା ଯେ, ଯାହା କିଛି କାର୍ଯ୍ୟ କରିବ ଓଡ଼ିଶାରେ ରହି ହିଁ କରିବ, ବାହର ରାଜ୍ୟକୁ ଆଉ ଯିବନାହିଁ । ଅତୀତରେ ବାପା, ମା' ଓ ପରିବାରଠାରୁ ଦୂରରେ ରହି ବଡ଼ ବଡ଼ ସ୍ୱପ୍ନ ଦେଖି ସେ ପାଇଥିଲା ବା କ'ଣ ?

ଆଜି ରାକ୍ଷୀପୂର୍ଣ୍ଣିମା !

ସିନ୍ଦୂର ଛିଟିକି ପଡ଼ିଲା ଭଳି ନାଲି ଟୁକୁଟୁକୁ ପାହାନ୍ତି ଆକାଶ । ସୂର୍ଯ୍ୟଙ୍କର ପ୍ରଥମ କିରଣ ସ୍ପର୍ଶ କରିଥିଲା ପର୍ଶୁରାମର ଚାଳ ଛପର ଘର ଉପରେ । ପାର୍ବଣର ପହେଲୀ ସ୍ପନ୍ଦନରେ ସମଗ୍ର ପରିବେଶ ଲାଗୁଥିଲା ନୂଆ ନୂଆ ! ଚହଟଚମ୍ପା ଭଳି ଥିରି ଥିରି ହୋଇ ଆସି ଭାଇ ହାତରେ ଶକ୍ତଭାବେ ରାକ୍ଷୀଟିଏ ବାନ୍ଧି ଦେଲା ରୂପା । ପର୍ଶୁରାମ ପୂର୍ବରୁ କିଣିଥିବା ନୂଆଁ ପୋଷାକଟିକୁ ଭଉଣୀ ହାତକୁ ବଢାଇଦେଇ କୋରାଇ ନେଇ ତା ହାତରେ ଧରାଇଦେଲା ୧୦୦୦ ଟଙ୍କାର ହାତ ଖର୍ଚ୍ଚ । ନିଜର ପ୍ରତିଶ୍ରୁତି ପାଳନ କରିଥିବା ପର୍ଶୁରାମ ଅଶାନ୍ତ ମନଟି ଖୁସିର ଅଧିର ହୋଇ ପଡିଥିଲା । କିନ୍ତୁ ରୂପା, ଭାଇର ଦାୟିତ୍ୱ ବୋଧ ଭିତରର ପରିଶ୍ରମକୁ ଅନୁଭବ କରି ନୟନ ଯୁଗଳରୁ ବହି ଯାଇଥିଲା କେଇ ଟୋପା ଆନନ୍ଦାଶ୍ରୁ ।

ନୂଆଗାଁ, ଧାମନଗର, ଭଦ୍ରକ

ମୋ: ୯୭୭୬୦୯୦୮୨୪ / ୮୦୯୩୪୦୬୭୯୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରିପୂର୍ଣ୍ଣ ପରିବାର



ବନ୍ଦନା ନାୟକ

ଓଃ କି ଘମାଘୋଟ ବର୍ଷା... । ଚତୁର୍ଦ୍ଦିଗ ଅନ୍ଧକାର । ଦିନରେ ବି ମୁହଁକୁ ମୁହଁ ଦିଶୁନି । ନଦୀ ବଢ଼ିକି ଅଛି ସେଥିରେ ଏ ବର୍ଷା ଦାଉ ସାଧୁଛି । ଗାଁରେ ଡେଙ୍ଗୁରା ଦିଆହେଇଛି ସମସ୍ତେ ଉଚ୍ଚା ଜାଗାକୁ ଚାଲିଯିବାକୁ, ଆଜି ରାତିସୁଦ୍ଧା ନଦୀବନ୍ଧ ଭାଙ୍ଗିଯିବାର ସମ୍ଭାବନା ଅଛି । ବୋଉ ଲୁଗାପଟା, ପେଟି ପେଟରା ବନ୍ଧା ବନ୍ଧି କରୁଛି ଗାଁ ମୁଖିଆ ପଦିଆ ସାଆନ୍ତଙ୍କ ଉଚ୍ଚାପିଣ୍ଡାରେ ଟିକେ ଆଶ୍ରୟ ନେଇ ଯିବାକୁ । ବାପା ମୋତେ ଓ ସୁନି ଦୁଇଜଣଙ୍କୁ କାନ୍ଧରେ ବସେଇ ଡାକ ପକାଉଛନ୍ତି ଆରେ ଜଲଦି ଆସେ ଏତେ ଡେରି କଲେ ବସିବାକୁ ଜଗା ଟିକେ ବି ମିଳିବନି । ବୋଉ ଭାତ ହାଣ୍ଡିକୁ କାଖରେ କାଖେଇ ଲୁଗା ଗଣ୍ଠିରାକୁ ମୁଣ୍ଡରେ ମୁଣ୍ଡେଇ ବାହାରି ଆସିଲା ନୁଆଁଣିଆ ଚାଳ ଘର ଭିତରୁ । ବୋଉ କହିଲା ଚାଲ ଆମକୁ ଛାଡ଼ି ଦେଇକି ଆଉ ଯାହା ପେଡ଼ି, ପୁଟୁଳା ଅଛି ତୁମେ ଆସି ନେଇ ଯିବ । ଗାଁ ଦାଣ୍ଡରେ ଆଣ୍ଠୁଏ ଆଣ୍ଠୁଏ ପାଣି । ସେଇଥିରେ ଗୋଡ଼ ଚିପି ଚିପି ବାପା ଆମ ଭାଇ ଭଉଣୀ ଦୁହିଁଙ୍କୁ ନେଇ ପଦିଆ ସାଆନ୍ତଙ୍କ ପିଣ୍ଡାରେ ବସେଇଲେ । ବୋଉ ପଛରେ ଧୀରେ ଧୀରେ ଆସୁ ଆସୁ ପାଣି ଭିତରେ ଗୋଡ଼ ମୋଡ଼ି ହୋଇ ଆଣ୍ଠେଇ ପଡ଼ିଲା ବାପା ଯାଇଁ ଧରି ପକେଇଲେ ବୋଉକୁ । ବୋଉ ଭୋ ଭୋ କାନ୍ଦି ପକେଇଲା ଭାତ ହାଣ୍ଡିଟି ତ ପାଣିରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଡ଼ିଗଲା ମୋ ପିଲେ ଖାଇବେ କଣ ? ବାପା ବୋଉର ହାତଧରିକି ଆମ ପାଖରେ ଆଣି ଛାଡି ଦେଇ ବାକି ଜିନିଷ ଆଣିବାକୁ ଘରକୁ ଗଲେ । ତୁହାକୁ ତୁହା ଅଣ୍ଟୁଆଣି ବର୍ଷା ଦିଗଭାଗ ଦିଶୁ ନଥାଏ । ବାପାଙ୍କ ଆସିବା ଉଚ୍ଛୁର ହେବା ଦେଖି ବୋଉ ବ୍ୟସ୍ତ ହେଉଥାଏ । ସେତେବେଳକୁ ଖମା ମୁହଁ ନାଳ ବାଟେ ବନ୍ୟା ପାଣି ଗାଁ ଗଣ୍ଡାରେ ପଶି ଗଲାଣି । ମୁଁ ସୁନି ସାଙ୍ଗରେ ଖେଳୁ ଖେଳୁ ପିଣ୍ଡା ତଳକୁ ଖସି ପଡ଼ିଲି ବାପା ସେପଟୁ ଆସୁଥିଲେ ଅଣ୍ଟାଏ ପାଣିରେ ପଶି । ମୋ ପୁଅ ଭାସିଗଲା ବୋଲି ବାପା ସବୁ ଜିନିଷ ଫପାଡ଼ି ଦେଇ ମୋତେ ଧରିବାକୁ ହାତ ବଢ଼େଇଲା ବେଳକୁ ମୁଁ ଖସିଗଲି ଆଉ ବିକଳରେ ଡାକ ପକେଇଲି ବାପା.... ବୋଉ ମୁଁ ଭାସିଗଲି ମୋତେ ବଞ୍ଚାଅ... ମୋତେ ବଞ୍ଚାଅ... ବା..ପା.. ବାପା.... । ବାପା ବି ନିଜ ଜୀବନକୁ ପାଣି ଛଡ଼େଇ ପହଁରି ପହଁରି ମୋ ପଛେ ପଛେ ଆସୁଥାନ୍ତି । ହଠାତ୍ ଗୋଟେ ବଡ଼ ଗଛରେ ବାଡ଼େଇ ହୋଇଗଲି ମୁଁ...... । ପ୍ରଭା ପାଟି କମ୍ପେଇଲେ ବୁଢ଼ାଟିଏ ହେଲଣି ବାପା ବାପା କଣ ବାଉଳି ହେଉଛ ? ପୁଣି ମୋ ଦେହରେ ଏତେ ଜୋରରେ ବାଡ଼େଇ ହେଉଛ ଯେ ମୁଁ ଏଇନେ ଖଟ ତଳକୁ ପଡ଼ି ଯାଇଥାନ୍ତି । ମୋତେ କଣ କାଠ ଗରିଣ୍ଡା ଭାବିଲ ?

ଚେତା ପଶିଲା ପ୍ରହଲ୍ଲାଦ ବାବୁଙ୍କର ଏତେସବୁ କଥା ସେ ତାହେଲେ ସ୍ୱପ୍ନ ଦେଖୁଥିଲେ ! ପ୍ରହଲ୍ଲାଦ ବାବୁ ଉଠିକି ବସିଲେ ଏ.ସି ଭିତରେ ବି ଗୋଟା ପଣେ ଝାଳରେ ଜୁଡୁ ବୁଡୁ । ପତ୍ନୀ ପ୍ରଭାଙ୍କୁ  କହିଲେ ଆରେ ନା ନା ମୁଁ ସ୍ୱପ୍ନ ଦେଖୁଥିଲି ପିଲା ବେଳର କଥା, ଗାଁ କଥା ନଦୀ ବଢ଼ି କଥା, ବାପା ବୋଉଙ୍କ କଥା... । ପ୍ରଭା ପୁଣି ଚିଲେଇଲେ ତୁମର ତ କିଛି କାମ ନାହିଁ ଦିନରେ ସେଇ କଥା ସବୁ ଭାବିବ ଆଉ ରାତିରେ ସ୍ୱପ୍ନ ଦେଖି ବାଉଳି ହେବ । ମୋତେ ଡିଷ୍ଟର୍ବ କରନି ଶାନ୍ତିରେ ଶୋଇବାକୁ ଦିଅ ।

ପ୍ରହଲ୍ଲାଦ ବାବୁ ଉଠି ଆସିଲେ ଡ୍ରଇଂରୁମ୍ ସୋଫାରେ ବସି ଗାମୁଛାରେ ଝାଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୋଛିଲେ କାନ୍ଥ ଘଣ୍ଟାକୁ ଅନେଇଲେ ରାତି ତିନିଟା ବାଜିଛି । ନା ଆଉ ହେବନି ଆଜି ରାତି ପାଇଲେ ଗାଁକୁ ଯିବାକୁ ହେବ । ବାପା ବୋଉଙ୍କ କଥା ବୁଝିବାକୁ ହେବ । ବୁଢ଼ାବୁଢ଼ୀ ହେଲେଣି ଯଦି ସତରେ ବନ୍ୟା ଆସିଯିବ ସେମାନେ ତ ନିଜର ଜୀବନ ରକ୍ଷା କରି ପାରିବେନି । ଜଣେ ଆର ଜଣକୁ ନ ଧରିଲେ ଚାଲିବା ମୁଷ୍କିଲ୍ । ଅବଶ୍ୟ ଏବେ ଆଗପରି ବନ୍ୟା ହେଉନି । ହେଲେ ପ୍ରକୃତିକୁ କଣ କିଛି ଭରଷା ଅଛି ? ଧୋଇଆ ଅଞ୍ଚଳ, ପିଲା ବେଳେ ପ୍ରତି ବର୍ଷ କେତେ ବନ୍ୟା, ବାତ୍ୟା ଅଙ୍ଗେ ନିଭେଇଛି । ଆଜିର ସ୍ୱପ୍ନ ମୋ ଜୀବନରେ ଘଟି ଯାଇଥିବା ଏକ ନିଛକ ସତ୍ୟ । ବାପା ଯଦି ସେଦିନ ମୋତେ ଉଦ୍ଧାର କରିନଥାନ୍ତେ ମୁଁ ସେଇଦିନ ନିଶ୍ଚିହ୍ନ ହୋଇ ଯାଇଥାନ୍ତି । ମୋ ଉପରେ ଦୁଇଟି ଛୁଆ ଜନ୍ମ ହେଉ ହେଉ ମରି ଯାଇଥିଲେ ବୋଲି ମୋ ଜନ୍ମ ବେଳକୁ ବାପା ମହାଦେବ ମନ୍ଦିରରେ ଅଲିହା ପଡ଼ି ରହିଥିଲେ । ଯୁଡିଆ ଓଷା ଠାରୁ ଆରମ୍ଭ କରି ବାଟ ଓଷା ପର୍ଯ୍ୟନ୍ତ ସବୁ ଓଷା ବାର ବ୍ରତ କରୁଥିଲା ବୋଉ ମୋ ପାଇଁ । ମୋ ପରେ ସୁନିର ଜନ୍ମ । ମୋତେ ପାଠ ପଢେଇବାକୁ ବାପା ବୋଉ ଦିନରାତି ଏକ କରି ଦେଇଥିଲେ । ଘର ଡିହ ଖଣ୍ଡକ ଛାଡ଼ି ଆଉ ସବୁ ଜମି ବିକ୍ରି କରିଦେଲେ ମୋତେ ମଣିଷ କରିବାକୁ ଯାଇ । ସୁନି ଉପରେ ଏତେ ନଜର ଦେଇ ନଥିଲେ । ମାଇନର ପଢା ସାରି ପୋଥିରେ ଡୋରି ବାନ୍ଧିଥିଲା ସେ । ବୋଉକୁ ଘର କାମରେ ସାହାଯ୍ୟ କରୁଥିଲା । ମୁଁ ଯେଉଁଦିନ ଓ.ଏ.ସ୍ ପରୀକ୍ଷାରେ କୃତକାର୍ଯ୍ୟ ହେଲି ସେଦିନ ଆମର ସେଇ ନୁଆଣିଆଁ ଚାଳ ଘରେ ଖୁସିର ଲହରୀ ଖେଳି ଯାଇଥିଲା ।

ଯା ଭିତରେ ଚାକିରୀ ଜୀବନର କୋଡ଼ିଏ ବର୍ଷ ବିତିଗଲାଣି ମୁଁ ଗାଁ ଘର କି ବାପା, ମାଆ, ଭଉଣୀ ପାଇଁ କିଛି ବି କରି ପାରିନି । ଚାକିରୀରେ ଜଏନ୍ କରିବା ପରେ ମୋର ଖାଇବା ପିଇବାରେ ଅସୁବିଧା ହେବ ବୋଲି ବାପା ମୋ ବାହାଘର କରି ଦେଇଥିଲେ ପାଖ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାଁ ସୁଧାକର ମାଷ୍ଟ୍ରେଙ୍କ ଝିଅ ପ୍ରଭା ସହିତ । ତା ପରଠାରୁ ପ୍ରଭା କେବେ ଗାଁକୁ ଯିବାକୁ ଇଚ୍ଛା କରେନି କି ମୋତେ ବି ଯିବାକୁ ଦିଏନି । ନିଜ ବାପଘରକୁ ବର୍ଷରେ ଦୁଇଥର ଯିବାଟା ଧାର୍ଯ୍ୟ । ସେ ଚାଳଛପର ଘରେ ଚଳି ପାରିବନି ବୋଲି ଯୁକ୍ତି ବି କରେ । ଗାଁରେ କୋଠାଘର କରିବା କଥା ଉଠେଇଲେ କୁହେ ସେଠି ଅଯଥା ପଇସା କାହିଁକି ସାରିବ ବରଂ ଭୁବନେଶ୍ୱରରେ ଜାଗା କିଣି ଘର ଖଣ୍ଡେ କଲେ ଭଲ । ପିଲାମାନେ ବଡ଼ ହେଲେ କଣ ଗାଁରେ ଯାଇ ରହିବେ ? ସେଥିପାଇଁ ବହୁତ ଝଗଡ଼ାଝାଟି ହୁଏ ପ୍ରଜ୍ଞା ସହିତ । ବାପା ଥରେ ଆସିଥିଲେ ଯେ ମୁଁ ଅଫିସ୍ ରୁ ଫେରିବା ପର୍ଯ୍ୟନ୍ତ ଅପେକ୍ଷା ନ କରି ଚାଲି ଯାଇଥିଲେ । କିଛି ଦିନ ପରେ ଚିଠି ଖଣ୍ଡେ ପଠାଇ ଥିଲେ ଯେ ଛ ଦିନପରେ ମୋତେ ପ୍ରଭା ଜଣେଇଲା ସୁନି ବାହାଘର ହୋଇ ଯାଇଛି, କେଉଁଠି ଗୋଟେ ଦୋଭେଇ ବର ସହିତ ତାର ଗୋଟେ ପିଲା ବି ଅଛି । ମୋତେ ବହୁତ ବ୍ୟସ୍ତ ଲାଗିଲା ପ୍ରଜ୍ଞା ଉପରେ ବିରକ୍ତ ହେଲି । ନିଜକୁ ଧିକାର କଲି ଏମିତି ଗୋଟେ ହତଭାଗ୍ୟ ଭାଇ ମୁଁ ଭଉଣୀର ବାହାଘର ତ କରି ପାରିଲିନି ତା ବାହାଘରରେ ଯୋଗଦାନ ବି କରି ପାରିଲିନି ।

ବାପାଙ୍କୁ କ୍ଷମା ପ୍ରାର୍ଥନା କରି ଚିଠି ଲେଖିଲି । ପରେ ଯାଇ ସୁନି ଘରୁ ବୁଲି ଆସିବି ବୋଲି ଫର୍ମାଲିଟି ବି ଦେଖେଇଲି । କିନ୍ତୁ କେବେ ଯାଇ ପାରିଲିନି ।

ଆଜି ଭୁବନେଶ୍ୱରରେ କୋଠା ଅଛି । କିନ୍ତୁ ବାପା, ବୋଉଙ୍କ ପାଇଁ ସ୍ଥାନ ନାହିଁ । ବୁଢ଼ା, ବୁଢ଼ୀ ରହିଲେ ପିଲାଙ୍କର ପାଠ ପଢ଼ାରେ ବ୍ୟାଘାତ ହେବ । ପ୍ରଜ୍ଞା ଡ୍ରେସ୍ ପିନ୍ଧି ପାରିବନି, ପାର୍ଟି ଫଂକ୍ସନ୍ ଆଟେଣ୍ଡ କରି ପାରିବନି ଇତ୍ୟାଦି । ମୁଁ ବି ସବୁ ଭୁଲି ମେଣ୍ଢା ଗାରଡ଼ ବନି ଯାଇଛି । ଘର ପ୍ରେସର୍ ସାଙ୍ଗକୁ ଅଫିସ୍ ର ଝାମେଲା ମୁଁ ଗୋଟେ ପ୍ରକାର ହରଡ଼ ଘଣାରେ ପଡ଼ିଛି । ସେ ଯାହା ବି ହୋଇ ଯାଉ ମୋତେ ଆଜି ଗାଁକୁ ଯିବାକୁ ହେବ । ଖରାଦିନେ ବାପା ପଦିଆ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସା'ନ୍ତଙ୍କ ନାତି (ଯିଏ ଆମ ଅଫିସ୍ ରେ କାମ କରେ) ଫୋନ୍ ରୁ ଫୋନ୍ କରିଥିଲେ କହୁଥିଲେ ଘର ଛପରକୁ ସିଏ ଆଉ ପାରୁନାହାନ୍ତି । ବୋଉର ଦିହ ଭଲ ରହୁନି ତୋତୋ ଦେଖିବାକୁ ଝୁରି ହେଉଛି ଟିକେ ଅସନ୍ତନି ? ଆସିଲେ ପିଲାପିଲିଙ୍କୁ ନେଇକି ଆସିବୁ ମୁଁ ବି ନାତି ନାତୁଣୀ ଙ୍କୁ ଟିକେ ଆଖି ପୁରେଇ ଦେଖିବି । ପାକଲା ତାଳ କେତେବେଳେ କୋଉ କଥା କହୁ କହୁ କାନ୍ଦି ପକେଇଲେ ବାପା... । ମୁଁ ଚଣ୍ଡାଳ କିଛି ପଇସା ପଠେଇ ଦେଇ ଦାୟିତ୍ୱ ମୁକ୍ତ ହୋଇ ଗଲି ।

ଏତେସବୁ ଭାବନା ଭିତରେ ରାତି ପାଇ ଆସୁଥିଲା । ପ୍ରହଲ୍ଲାଦ ବାବୁ ଗାଧୋଇ ପାଧୋଇ ବାହାରି ପଡିଲେ । ନିଜେ ଚା' ତିଆରି କରି ପିଇଲେ । ପ୍ରଜ୍ଞା ଉଠି ପଡ଼ିଲେଣି । ପଚାରିଲେ ସକାଳୁ ସକାଳୁ ଏତେ ବର୍ଷାରେ କୁଆଡେ ବାହାରିଲ ? ଆଜି ବୁଧବାର ଭଲ ଖାସି ମାଂସ ଦେଢ଼ କିଲୋ ନେଇ ଆସିବ । ପ୍ରହଲ୍ଲାଦ ବାବୁ କହିଲେ ତୁମେ ଯାଇ ନେଇଆସ ମୁଁ ଗାଁ'କୁ ଯାଉଛି । ପ୍ରଜ୍ଞା କିଛି କହିବା ପୂର୍ବରୁ ପ୍ରହଲ୍ଲାଦ ବାବୁ କାର୍ ଭିତରେ ବସି ସାରିଥିଲେ । ପ୍ରବଳ ବର୍ଷାର ବୁକୁ ଚିରି ଦିନ ଦଶଟାରେ ଗାଁରେ ପହଞ୍ଚି ଗଲେ ସେ ।

କିନ୍ତୁ ତାଙ୍କ ଦୁଆରେ ଏତେ ଭିଡ଼ ଦେଖି ଡରିଗଲେ ପ୍ରହଲ୍ଲାଦ ବାବୁ । ଗାଡ଼ି ରଖି ଧୀରେ ଧୀରେ ଭିଡ଼କୁ ଆଡ଼େଇ ଆଡ଼େଇ ଦୁଆରେ ପହଞ୍ଚି ଯାହା ଦେଖିଲେ ସେଥିରେ ସେ ମର୍ମାହତ ହେଲେ । ଉଦ୍ଧାରକାରୀ ଦଳ ତାଙ୍କ ବାପାବୋଉଙ୍କୁ ବନ୍ୟା ଆଶ୍ରୟ ସ୍ଥଳୀକୁ ନେଇଯିବା ପାଇଁ ଉଦ୍ୟମ କରୁଥିଲେ । ପ୍ରହଲ୍ଲାଦ ବାବୁ ଆଶ୍ୱସ୍ତ ହେଲେ । ସେ ଓଡ୍ରାଫ୍ ଟିମ୍‌କୁ ଫେରି ଯିବାପାଇଁ ଅନୁରୋଧ କଲେ କହିଲେ ଏବେ ମୁଁ ଆସି ଗଲିଣି ପରିସ୍ଥିତି ଦେଖି ଆମେ ବାତ୍ୟା ଆଶ୍ରୟ ସ୍ଥଳୀକୁ ଚାଲିଯିବୁ ।

ପୁଅକୁ ପାଖରେ ପାଇ ବାପା ମାଆଙ୍କର ଯେମିତି ନୂଆ ଜୀବନସଂଚାର ହେଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାର୍ଦ୍ଧକ୍ୟ କୁଆଡେ ଉଭେଇ ଗଲା । ବାପା ବାଡ଼ିରୁ କଖାରୁ ଫୁଲ ଓ ଡଙ୍କ ତୋଳି ଆଣିଲେ ବୋଉ ବଡ଼ି, ଶୁଖୁଆ ବାହାର କରି ରୋଷେଇ କରିବାକୁ ସଜାଗ ହେଉଥିଲା ।

ପ୍ରହ୍ଲାଦ ବାବୁ ଫୋନ ଖୋଲିଲେ ସକାଳୁ ସୁଇଜ୍ ଅପ୍ କରି ରଖିଥିଲେ । ପ୍ରଜ୍ଞାର ଦଶ ବାରଟା ମିସଡ୍ କଲ୍ ହୋଇଛି । ସଙ୍ଗେ ସଙ୍ଗେ ପୁଣି ଗୋଟେ କଲ୍ ଆସିଲା । ଫୋନ୍ ରିସିଭ୍ କରି ପ୍ରଜ୍ଞା କିଛି କହିବା ପୂର୍ବରୁ ପ୍ରହଲ୍ଲାଦ ବାବୁ କହିଲେ କଣ ହେଲା ମୁଁ ଏଇଠି ବାପା ବୋଉଙ୍କ ପାଖରେ ଅଛି, ଆଉ ଛୁଟି ପାଇଁ ଅପ୍ଲାୟ ବି କରି ଦେଇଛି ଏବେ ମୁଁ ଏଇଠି ରହିବି ଆମଘରେ । ପ୍ରଜ୍ଞା କିଛି ଉତ୍ତର ଦେବା ଆଗରୁ ଫୋନ୍ କାଟିଦେଲେ ।

ବହୁତ ଦିନ ପରେ ବାପ,ପୁଅ ସାଥି ହୋଇ ଗୋଟିଏ ଥାଳିରେ ଖାଇଲେ ।ହାତ ଧୋଇ ସାରି ବୋଉର ପଣତ କାନିରେ ମୁହଁ ପୋଛୁ ପୋଛୁ ଛୋଟ ପିଲା ପରି ଭୋ ଭୋ ହୋଇ କାନ୍ଦି ପକେଇଲେ ପ୍ରହଲ୍ଲାଦ ବାବୁ । ବାପ, ମାଆ ବି କାନ୍ଦୁଥିଲେ ଏ ଲୁହ ଦୁଃଖର ନଥିଲା ଥିଲା ଆନନ୍ଦର ।

ବର୍ଷା ସମ୍ପୂର୍ଣ୍ଣ ଛାଡ଼ି ଯାଇଥିଲା ବନ୍ୟା ଆଶଙ୍କା ବି ଟଳି ଯାଇଥିଲା । ଏଥର ପୁଅକୁ ଚାକିରୀ ଜାଗାକୁ ଚାଲି ଯିବାକୁ ବାପା କହିଲେ । ପ୍ରହଲ୍ଲାଦ ବାବୁ କହିଲେ ଯେ ସେ ଏବେ ଛୁଟିରେ ଅଛନ୍ତି । ବୋଉ ତ ଚଢ଼େଇ ପେଟ କଥା ବୁଝିବା ଲୋକ ସେ କହିଲା  ଆରେ ପ୍ରଜ୍ଞା ଏକୁଟିଆ ଛୁଆ ଦିଟାଙ୍କୁ ନେଇ ହଇରାଣ ହେଉଥିବ ତୁ ଏବେ ଯା । ପ୍ରହଲ୍ଲାଦ ବାବୁ ହସି ହସି କହୁଥିଲେ ବୋଉ ଛୁଆ ପରା ବଡ଼ ହୋଇ ଗଲେଣି କଲେଜ୍ ରେ ପଢିଲେଣି ଆଉ ପ୍ରଜ୍ଞା କାହିଁକି ହଇରାଣ ହେବ ?

ଏମିତି ଭିତରେ ସାତ ଆଠ ଦିନ ବିତି ଯାଇଥିଲା । ରାତ୍ର ଭୋଜନ କଲାବେଳେ ବୋଉ କହିଲା ଆରେ ଆମକୁ ଟିକେ ପୁରୀ ନେଇ ଯାଆନ୍ତୁ ନି ?ଜଗନ୍ନାଥ ଦର୍ଶନ କରିବାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନ ଡାକୁଛି । ପ୍ରହଲ୍ଲାଦ ବାବୁ ଜାଣି ପାରୁଥିଲେ ବୋଉ ବାଆଁରେଇ କି ଭୁବନେଶ୍ବର ଯିବା କଥା ହିଁ କହୁଛି । ସେ କହିଲେ ହେଉ କାଲିକୁ ବାହାର ଯିବା । ଆଜି ରାତି ବେଶୀ ହେଲାଣି ଶୋଇପଡ଼ । ସକାଳୁ ସକାଳୁ ମେଲା ଘର କବାଟ ଠକ୍ ଠକ୍ ଶୁଭିଲା । ସମସ୍ତେ ଉଠି ପଡ଼ିଲେ । ବାପା ଦାଣ୍ଡ କବାଟ ଫିଟାଇ ଦେଖିଲେ ଦୁଆରେ ବୋହୂ ଓ ନାତି ନାତୁଣୀ ତିନିହେଁ ଦୋଷକାରୀ ଭଳି ଠିଆ ହୋଇଛନ୍ତି । ପ୍ରହଲ୍ଲାଦ ବାବୁ ଆଶ୍ଚର୍ଯ୍ୟ ରେ ପଚାରିଲେ ଆରେ ତୁମେ ? ପ୍ରଜ୍ଞା କହିଲେ ବାପା ବୋଉଙ୍କ ଆଶୀର୍ବାଦ କଣ ଏକା ତୁମ ପାଇଁ ଆମ ପାଇଁ ନାହିଁ ?

ବୋଉ ପୁଅକୁ ଆଡ଼ କରିଦେଇ ବୋହୂକୁ ଘରକୁ ପାଛୋଟି ନେଲେ । ସେତେ ବେଳକୁ ପୁଅ, ଝିଅ ଦୁହେଁ ଜେଜେ ଙ୍କୁ କୁଣ୍ଢେଇ କି ସେଲ୍ ଫି ନେଉଥିଲେ ।ପ୍ରହଲ୍ଲାଦ ବାବୁ ବଡ଼ ପାଟିରେ କହୁଥିଲେ ବୋଉ ତୁ ପରା ପୁରୀ ଯିବୁ ଜଗନ୍ନାଥ ଦର୍ଶନ କରିବାକୁ ? ବୋଉ କହିଲେ ପୁରୀ ଆଉ କଣ ଯିବି !! ଏଇଠି ତ ମୋର ଜଗନ୍ନାଥ ଦର୍ଶନ ହୋଇଗଲା । ସମସ୍ତେ ଏକାବେଳେ ହସି ଉଠିଲେ... । ପ୍ରହଲ୍ଲାଦ ବାବୁ ଙ୍କ ପରିବାର ପରିପୂର୍ଣ୍ଣ ଲାଗୁଥିଲା ......

ବନ୍ଦନା ନାୟକ
ଭୁବନେଶ୍ବର,ଖୋର୍ଦ୍ଧା

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ନୂତନ ସୂର୍ଯ୍ୟୋଦୟ

ଢେର୍ ବର୍ଷ ପରେ ମେସେଞ୍ଜରରେ ନିତୁର ମେସେଜ ଦେଖି ନିଲେଶର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ ଏତେ ସହଜରେ ଏସବୁକୁ ବିଶ୍ୱାସ କରି ପାରୁ ନ ଥିଲା । ସତରେ କଣ ନିତୁ ଆଜି ବି ତାକୁ ବିଶ୍ୱାସ କରେ ? ଏତେ ପରେ ବି, ସେ କଣ ତା ସହିତ ସମ୍ପର୍କ ରଖିବାକୁ ଚାହୁଁଛି ? ଆଜି ବି କଣ ସେ ତାକୁ ଭଲ ପାଉଛି ? ମନରେ ତାର ଅନେକ ଅସମାହିତ ପ୍ରଶ୍ନପୁଞ୍ଜ । ସମଗ୍ର ଶରୀରରେ ଖେଳି ଯାଇଥିଲା ଏକ ଅଜଣା ପୁଲକ । ଆନନ୍ଦରେ ଅଧିର ହୋଇ ଯିବା ସହ, ସେ ମନେପକାଉ ଥିଲା, ଅତୀତର ସେହି ଅଭୁଲା କାହାଣୀକୁ...

ଯୌବନର ପ୍ରଥମ ପାହାଚରେ ନିତୁକୁ ନିଜର କରିବାରେ, ସେ ସଫଳ ହୋଇଥିଲା । ନିଲେଶ ଦେଖିବାକୁ ଶାନ୍ତ, ସରଳ ଓ ସୁଦର୍ଶନ । ମେଧାବୀ ଛାତ୍ର ହୋଇଥିବାରୁ ସମସ୍ତେ ତାକୁ ଖୁବ୍ ଆଦର କରୁଥିଲେ । ପାଖ ପଡୋଶୀ ହୋଇ ଥିବାରୁ ନିତୁ ଘରକୁ ତାର ଅବାଧ୍ୟ ପ୍ରବେଶର ଅଧିକାର ଥିଲା । ଲୁଚେଇ ଲୁଚେଇ ସେ ତାକୁ ଅନେକ ପ୍ରେମ ପତ୍ର ଦେଉଥିଲା । କେତେ କେତେ ଭିନ୍ନ ଭିନ୍ନ ନାଁରେ ସମ୍ବୋଧନ କରି ସେ ଚିଠି ସବୁ ଲେଖୁଥିଲା । ଚିଠିରେ ନିତୁ ବଦଳରେ ସେ ଲେଖୁଥିଲା, "ଅଳପା, ଅଳି, ଅଲିଅଳି" । ପୁଣି କେବେ କେବେ ଲେଖୁ ଥିଲା, "ପ୍ରିୟା, ପ୍ରେୟସୀ, ପ୍ରିୟତମା" । ଆଉ କେବେ ଲେଖୁ ଥିଲା, "ଅଞ୍ଜଳି, ସ୍ୱପ୍ନା, ତାନିଆ, ଯସ୍ମୀନ" । ଅନେକ ଥର ରକ୍ତରେ ବି ସେ ଅନେକ ଚିଠି ଲେଖି ଦେଇଛି ।



ସୀତାରାମ ଦାସ

ଆଜିକାଲି କିଶୋରୀ ନିତୁର ମନ ପ୍ରାଣରେ କେବଳ ନିଲେଶ ହିଁ ନିଲେଶ । ନିଲେଶ ପାଇଁ ତା ମନରେ ଥିଲା ଅସୁମାରୀ ଆଶା, ହଜାର ହଜାର ସ୍ୱପ୍ନ । ନିଲେଶର ଉପସ୍ଥିତି ତାକୁ ଦେଉ ଥିଲା, ଅହେତୁକ ଆନନ୍ଦ । ତାର ସାମାନ୍ୟ ସାନ୍ନିଧ୍ୟ ଶରତର ଜୋସ୍ନାବିଧୌତ ରାଜନୀର ଶିତଳତା ଭରି ଦେଉଥିଲା ତାର ମନ ପ୍ରାଣରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରିୟତମର ମିଠା ମିଠା କଥାରେ ତାର ହୃଦୟରେ ହେଉଥିଲା ମଧୁଧାରା ବର୍ଷା । ଜୀବନର ପ୍ରତ୍ୟେକଟି ସକାଳ ତା ପାଇଁ ହେଉଥିଲା, ସୁଖମୟ ମଧୁମୟ ଏବଂ ପ୍ରତ୍ୟେକ ରାତି ରଜନୀଗନ୍ଧାର ସୁଗନ୍ଧରେ ସୁଗନ୍ଧିତ । ଦିନ ସବୁ ଖୁବ୍ ଛୋଟ ଲାଗୁଥିଲା ଉଭୟଙ୍କୁ ।

ଏହା ଭିତରେ ବିତି ଗଲାଣି ଅନେକ ଋତୁ । ଆଜିକାଲି ନିଲେଶର ହାବ ଭାବରେ ଅନେକ ପରିବର୍ତ୍ତନ । ପାଗଳ ପ୍ରେମିକ ଆଜି ସାଜିଛି କ୍ରୁର କାମୁକ । ଆଜିକାଲି ତାର ପ୍ରେମରେ ପ୍ରଣୟର ସଙ୍ଗୀତ ବଦଳରେ ଭାସି ଆସୁଛି ଆଦିମ ତୃଷ୍ଣା । ମନ ଜିଣି ସାରିଲା ପରେ ଦେହକୁ ଜିତି ଯିବା ପାଇଁ ବାରମ୍ବାର ପ୍ରୟାସ । ଅନ୍ଧକାରର କଳା ଓଢଣୀ ତଳେ ହଜି ଯିବା ପାଇଁ ନିରନ୍ତର ନିବେଦନ । ମନ କବାଟ ଖୋଲି ସାରିବା ପରେ ଦେହ ଦେଉଳରେ ପୂଜକଟିଏ ସାଜିବାକୁ ସେ ପାଗଳ । ଦିବାରାତ୍ର ଶରୀର ରୂପକ ଆଟଲାଣ୍ଟିକର ନୀଳ ଜଳରାଶି ମଧ୍ୟରେ ନୀଳ ତିମି ସାଜି ଶିକାର କରିବାର ଦୁଃସାହସ । ତାର କାମନା ରୂପକ ବାରିଧାରରେ ପ୍ରେମିକାର ଯୌବନକୁ ଚେରାପୁଞ୍ଜି ଭଳି ଭିଜେଇ ଦେବାକୁ ସେ ଅହରହ ବ୍ୟାକୁଳିତ । କିନ୍ତୁ ଏସବୁ ସେ ଏତେ ସତର୍କତାର ସହ କରେ, ନିତୁ ତାର ପ୍ରକୃତ ଉଦ୍ଦେଶ୍ୟ ଜାଣି ପାରେନି ।

ନିଲେଶ ଅନେକ ଥର ଆବାହନ କରେ, ଆଦମ୍ ଓ ଇଭ୍ ସାଜି ସୁଖ ସାଉଁଟିବାକୁ । କିନ୍ତୁ ନିତୁ ହିମାଳୟ ଭଳି ସ୍ଥିର ଏବଂ ସ୍ଥିତପ୍ରଜ୍ଞ । ଦୈହିକ କ୍ରିୟାରୁ ସେ ଅନେକ ଦୂରରେ । ସେ ପ୍ରଶ୍ନ କରେ, ପ୍ରେମ କଣ କେବଳ ଦେହ ସର୍ବସ୍ୱ ? ପ୍ରେମ ସତ୍ୟ ଶିବ ସୁନ୍ଦର । ଆମକୁ ମନର ଚଞ୍ଚଳତାକୁ ଦୂର କରି ସ୍ଥିରତା ଓ ଏକାଗ୍ରତାକୁ ଆପଣାଇବାକୁ ପଡିବ । ପ୍ରେମ ଅଜର ଅମର । ସେ କୁହେ, "ମୁଁ ଇନ୍ଦ୍ରିୟର ବଶବର୍ତ୍ତୀ ହୋଇ ଲଜ୍ଜା ଆଉ କଳଙ୍କକୁ ମୁଣ୍ଡେଇ ପାରିବନି" ।

ନିଲେଶର ସବୁ ଚେଷ୍ଟା ବିଫଳ ହୁଏ । ଏବେ ସେ ଇଛା କରେ, ନିତୁ ପାଖରୁ ସବୁ ଦିନ ପାଇଁ ଦୂରେଇ ଯିବାକୁ । ଅପେକ୍ଷା ଥାଏ କେବଳ ଗୋଟେ ସୁଯୋଗ ପାଇଁ । ଉଭୟ ପରିବାର ମଧ୍ୟରେ କୌଣସି ଏକ ଘଟଣାକୁ ନେଇ ସାମାନ୍ୟ ଉତ୍ତେଜନା ଓ କଳହ ସୃଷ୍ଟି ହୁଏ । ଏହି ସୁଯୋଗକୁ ଅସ୍ତ୍ର କରି ନିଲେଶ ନିତୁ ସହ ସବୁ ସମ୍ପର୍କ କାଟି ଦୂରେଇ ଯାଏ । ଫୋନର ସିମ କାର୍ଡ ବନ୍ଦ କରି ଦିଏ । ଯଦି ବି କେବେ ନିତୁ ତା ସାମ୍ନାକୁ ଆସେ, ସେ ବାଟ କାଟି ଅନ୍ୟ ଦିଗରେ ଚାଲିଯାଏ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଲେଶ ପରିବର୍ତ୍ତନରେ ନିତୁ ବହୁତ କଷ୍ଟ ପାଏ । ଅନେକ ଥର ଚେଷ୍ଟା କରେ ଆପୋଷ ବୁଝାମଣା କରି ସମାଧାନର ବାଟ କାଢ଼ିବା ପାଇଁ କିନ୍ତୁ ସ୍ୱାର୍ଥପର ନିଲେଶ ସେ ସୁଯୋଗ ଦିଏ ନାହିଁ ।

ପ୍ରଥମ ପ୍ରେମର ପହିଲି ଫୁଲଟି ଫୁଟିବା ଆଗରୁ ଅବେଳରେ ଏମିତି ଝରିଯିବ, ନିତୁ କେବେ ସ୍ୱପ୍ନରେ ଭାବି ନ ଥିଲା । ସାମାନ୍ୟ କଳହ ଦୁଇ ପ୍ରେମୀ ଯୁଗଳଙ୍କ ଭିତରେ ମେଘନାଦ ପାଚେରଟେ ହୋଇ ଠିଆ ହେବ ! ଏତେ ସୁନ୍ଦର ସମ୍ପର୍କକୁ ବିଚ୍ଛିନ୍ନ କରି ଖିନଭିନ କରିଦେବ ! ପ୍ରେମ ବିନା ନିତୁର ଜୀବନ ଏବେ ବିବର୍ଣ୍ଣ ଓ ବିଭେଷିକାମୟ । ଭାଗ୍ୟ ଆଜି ତା ସହ ଛାଇ ଆଲୁଅ ଲୁଚୁକାଳି ଖେଳ ଖେଳେ । ସୁଖ ତାର ସାତ ସପନ ଭଳି ହଜିଯାଏ ନୀଳ ଆକାଶର ନୀଳିମା ଭିତରେ । ସବୁ ପରେ ବି ତାର ବିଶ୍ୱାସ, ନିଲେଶ ନିଶ୍ଚୟ ଫେରିବେ । ନିଲେଶର ଯିବା ଆସିବା ବାଟକୁ ସେ ଚାତକ ଭଳି ଚାହିଁ ରହିଥାଏ, ଦୁଇ ପଦ କଥା ହେବା ପାଇଁ । ତାକୁ ପାଖରୁ ଭେଟିବାର ସୁଯୋଗ କେବେ ପାଏ ନି । ଯଦି ବି କେବେ ସାମ୍ନା ସାମ୍ନି ହୁଏ, ନିଲେଶ ବାଟ କାଟି ଚାଲିଯାଏ । ଅନେକ ଥର ନିତୁ ନିଲେଶକୁ ସୁବିଧା ସୁଯୋଗ ଦେଖି ଦୂରରୁ ହାତ ଠାରି ଡାକେ କିନ୍ତୁ ନିଲେଶ ଅନ୍ୟ ଦିଗକୁ ମୁହଁ ବୁଲେଇ ଦିଏ ।

ଏବେ ନିଲେଶ ଏକ ପ୍ରତିଷ୍ଠିତ କମ୍ପାନୀରେ କର୍ମଚାରୀ । ଅନେକ ଝିଅଙ୍କ ସହ ତାର ଅବୈଧ ସମ୍ପର୍କ । ଚେହେରା ସବୁବେଳେ ବ୍ୟକ୍ତିତ୍ୱର ମାପକାଠି ନୁହେଁ । ସରଳ ସୁନ୍ଦର ଚେହେରା ଭିତରେ ହଳାହଳ ବିଷ ଯେ ଭରି ହୋଇ ରହିଥାଏ, ନିଲେଶ ତାର ଉଦାହରଣ ।

ଆଜି ନିତୁର ମେସେଜ ଦେଖି ସେ ମନେ ମନେ ଭାବୁଥିଲା, "ଏ ନିଲେଶର ଅନେକ ରୂପ ଅନେକ ରଙ୍ଗ । କାହା ପାଇଁ ସେ ସ୍ୱପ୍ନ ତ କାହା ପାଇଁ ସେ ମରୀଚିକା । ତମେ କଣ ଏତେ ସହଜରେ ତାକୁ ହାତ ପାହାନ୍ତାରେ ପାଇ ପାରିବ ।" ତା ମନରେ ଥିଲା ଖାଲି ଛଳନାର ଅଟ୍ଟହାସ୍ୟ । ସେ ନିତୁର s.m.s ର ଛୋଟ ଉତ୍ତର ରଖିଲା,

ନିଲେଶ– sorry ନିତୁ, ସମୟ ଏବଂ ପରିସ୍ଥିତି ଆମକୁ ଆଜି ଅଲଗା କରି ଦେଇଛି । ଯାହା ସବୁ ହେବାର ଥିଲା ହୋଇ ଗଲା କିନ୍ତୁ ଏବେ ଆମେ ଭଲ ବନ୍ଧୁ ହୋଇ ରହି ପାରିବା ।

ନିତୁ– ପ୍ରେମିକା ଟିଏ କଣ ବନ୍ଧୁ ନୁହେଁ । ମୁଁ ଚାହେଁ ସାରା ଜୀବନ ତୁମର ସାଥି ହୋଇ ରହିବି । ସାମାନ୍ୟ କଥାରେ ତୁମେ ସବୁ କିଛି ଭୁଲି ଗଲ ଏତେ ସହଜରେ । ଏତେ ବଡ଼ ଛଳନା କିପରି କରି ପାରିଲ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ସହ ।

ନିଲେଶ– ସମସ୍ତେ ପରିସ୍ଥିତିର ଦାସ । ମୁଁ ନିରୂପାୟ ଥିଲି, ନିତୁ । ସବୁ ପରେ ବି, ତମେ ବି କୋଉ ମତେ ବିଶ୍ୱାସ କର କି ? ତମର କଣ ମୋ ଉପରେ ଭରଷା ଅଛି ନା ସେଦିନର ଭଲ ପାଇବା ?

ନିତୁ- ତମେ ଏ କଥା କହି ପାରୁଛ । ଟିକିଏ କଥାରେ ମୁହଁ ଫେରାଇ ଦେଇ ଗଲ ଯେ ଗଲ । କେବେ ଥରେ ଭାବିଛ, ତୁମେ ଗଲା ପରେ ମୁଁ କେମିତି ବଞ୍ଚିଛି । ଆଖିରୁ କେତେ ଲୁହ ଝରାଇଛି । କୁହୁଡି କାକରର ମେଘୁଆ ଆକାଶ ତଳେ ତୁମକୁ ଖୋଜି ଖୋଜି କେତେ ଥର ବାଟବଣା ହୋଇଛି । କେତେ ରାତି ଉଜାଗରରେ କାଟିଛି ।

ଏବେ କିଛିଦିନ ହେବ ଉଭୟ ଖୁସି ଥିଲେ । ନିଲେଶ' ଛଳନା ର ଜାଲ ବିଛେଇ ବିଛେଇ ଚାଲୁଥିବା ବେଳେ ନିତୁ ସୁନ୍ଦର ସ୍ୱପ୍ନକୁ ସାକାର କରିବାର ନିଶାରେ ମସଗୁଲ ଥିଲା ।ଦିନେ ବିଳମ୍ବିତ ରାତିରେ ନିଲେଶର ଗୋଟେ ମେସେଜ ନିତୁର ସବୁ ସ୍ୱପ୍ନ, ସବୁ ଆଶା ଭରଷାକୁ ଭାଙ୍ଗି ଚୁରମାର କରିଦେଲା । ନିତୁକୁ ସେ ମାଗିଥିଲା କିଛି ଆପତ୍ତିଜନକ ଫଟୋ । ସେ ଦେଖିବାକୁ ଚାହୁଁଥିଲା ଝିନ ବସ୍ତ୍ର ତଳର କମନୀୟ କାୟା । ଆଉ ବାଥରୁମର କିଛି ଜୀବନ୍ତ ମୁହୂର୍ତ୍ତ ।

ନିତୁ କାଳ ବିଳମ୍ବ ନ କରି ଉତ୍ତର ରଖିଲା, ତୁମ ଭଳି ଜଣେ ଅଭଦ୍ର, ନଷ୍ଟ ଚରିତ୍ର ଓ କାମୁକ ମଣିଷକୁ ଚିହ୍ନିବାକୁ ମୋର ଆଉ ବାକି ନାହିଁ । ତୁମ ଭଳି ଜଣେ ବାଜେ ଚରିତ୍ରର ମଣିଷକୁ ଭଲ ପାଇଥିବାରୁ ଆଜି ମତେ ନିଜ ଉପରେ ଘୃଣା ଆସୁଛି । ମଣିଷ ରୂପରେ ତମେ ଜଣେ ରାକ୍ଷସ । ଦେହଭୋଗର ଲାଳସା ତୁମକୁ ଅବିବେକି ଓ ନିର୍ଲ୍ଲଜ କରିଦେଇଛି । ମୁଁ ଭଲ ପାଉଥିବା ନିଲେଶ କେବେଠୁ ମରି ଯାଇଛି ।

ନିତୁ ଆଖିକୁ ଆଜି ନିଦ ନ ଥିଲା । ଯେଉଁ ସ୍ୱପ୍ନକୁ ପାଇବାକୁ ସେ ଅନେକ ରାତି ଉଜାଗରରେ କାଟିଥିଲା ତାହା ଆଜି ମାୟା ମହଲ ଭଳି ମୁହୂର୍ତ୍ତକରେ ମିଳାଇ ଗଲା । ଆଜି ତାର ବହୁତ ମନେ ପଡୁଥିଲା ଅଫିସର ସହକର୍ମୀ ଶୁଭ୍ରାଂଶୁଙ୍କ କଥା । ନୂଆ ନୂଆ ଚାକିରୀ କଲା ବେଳେ, ଅଫିସ କାମରେ ସେ କେତେ ସାହାଯ୍ୟ ସହଯୋଗ କରିଛନ୍ତି । କେବେ ବି ମୁହଁକୁ ସିଧାସଳଖ ଚାହିଁ ନାହାଁନ୍ତି । ସବୁବେଳେ ହସ ଖୁସିର ପରିତୃପ୍ତ ଓ ପରିପୂର୍ଣ୍ଣ ମଣିଷଟିଏ । ମାପଚୁପ କଥା । ପୁରା ଅଫିସରେ ସେ ଥିଲେ, ନିତୁର ଅତି ଅନ୍ତରଙ୍ଗ

 Magazine Downloaded from www.aahwaan.com

ବନ୍ଧୁ । କିନ୍ତୁ ଯେଉଁ ଦିନ ସେ ନିତୁକୁ ପ୍ରୋପୋଜ କଲେ, ସେବେ ଠୁ ନିତୁ ତାଙ୍କ ଠୁ ଦୁରେଇ ରୁହେ । ଅବଶ୍ୟ ସେଥିପାଇଁ ସେ ଥରେ ଦୁଇ ଥର କ୍ଷମା ମାଗି ନେଇଛନ୍ତି କିନ୍ତୁ ନିତୁ ଆଉ ସହଜ ହୋଇ ପାରେନି ତାଙ୍କ ପାଖରେ ।

ଡୋର ବେଲ୍ ବାରମ୍ବାର ବାଜିବାରୁ ନିଦ ମଳମଳ ଆଖିରେ ଶୁଭ୍ରାଂଶୁ କବାଟ ଖୋଲି ଦେଖିଲେ, ସାମ୍ନାରେ ନିତୁ ଛିଡା ହୋଇଛି । ଏତେ ସକାଳୁ ନିତୁକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ତୁମର ସବୁ ଭଲ ତ । ଏତେ ସକାଳୁ ଏଠି ? ତାଙ୍କ କଣ୍ଠ ସ୍ୱରରେ ଥିଲା ଅହେତୁକ ଉତ୍କଣ୍ଠା । ଖୁବ୍ ବ୍ୟସ୍ତ ଆଉ ବିବ୍ରତ ସେ ।

ନିତୁ ଶୁଭ୍ରାଂଶୁର ଆଖିରେ ଆଖି ମିଶାଇ କହିଲା, "ଗୋଟେ କଥା ପଚାରିବାକୁ ଆସିଛି ।"

ଶୁଭ୍ରାଂଶୁ – କଣ ? ଏତେ ସକାଳୁ କୋଡିଏ କିଲୋମିଟର ଗାଡି ଚଳାଇ ଆସିଛ, ଫୋନ କରି ପାରିଥାନ୍ତ ।

ନିତୁ–ତୁମ ଫୋନ ସ୍ୱିଚ୍ ଅଫ ତ, ତେଣୁ ବାଧ୍ୟ ହୋଇ ଆସିଲି । ଲଭ୍ୟୁ ଶୁଭ୍ରାଂଶୁ । ଉଇଲ ୟୁ ମେରି ମି ।

ଶୁଭ୍ରାଂଶୁ – ଅଫ୍ କୋର୍ସ । ଏହା ତ ମୋ ପାଇଁ ସୌଭାଗ୍ୟ । ତୁମକୁ ପାଇ ପାରିଲେ ମୋ ଜୀବନ ସ୍ୱପ୍ନମୟ, ରଙ୍ଗମୟ ହୋଇ ଉଠିବ । ଜୀବନର ସବୁ ଅଙ୍ଗଶୋଷ ମେଣ୍ଟିଯିବ ।

ନିତୁ– କିନ୍ତୁ ନିଜ ବିଷୟରେ ମୋର କିଛି କହିବାର ଥିଲା ।

କିନ୍ତୁ ଶୁଭ୍ରାଂଶୁ ନିତୁକୁ କୋଳେଇ ନେଇ କହିଲେ, "ନିଲେଶ କଥା ତ ? କିଛି ବର୍ଷ ପୂର୍ବେ ଆମେ ଏକାଠି କିଛି ଦିନ କାମ କରୁଥିଲୁ । ତାଠୁ ତୁମ ବିଷୟରେ ମୁଁ ସବୁ କିଛି ଶୁଣିଛି । ସେଦିନଠୁ ମୁଁ ତୁମକୁ ଭଲ ପାଇ ବସିଛି । ମୁଁ ଜାଣିଥିଲି ସୁନା କେବେ ବି ତାର ଚମକ ହରେଇବ ନି" । ନିତୁ ଶୁଭ୍ରାଂଶୁର ହାତକୁ ପାପୁଲିରେ ଧରି ଭାବୁଥିଲା, "ପ୍ରଥମ ପ୍ରେମ ବୋଧେ ସବୁବେଳେ ଭୁଲ ଜାଗାରେ ହୁଏ ଆଉ ତୁମକୁ ଭଲ ଲାଗୁଥିବା ମଣିଷ ଅପେକ୍ଷା ତୁମକୁ ଭଲ ପାଉଥିବା ମଣିଷ ହିଁ ଉପଯୁକ୍ତ ଜୀବନ ସାଥି ।"

ସାନମୂଳେଇ, କଟକ । ମୋ : ୮୪୬୯୨୩୭୧୭୨

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାହାଘର

ବାହାଘରକୁ ନେଇ ବାପାମା' ଚିନ୍ତାରେ । କେମିତି ହେବେନି କି ? ଗୋଟାଏ ବୋଲି ପୁଅ ତାଙ୍କର । ଯେଉଁଦିନ ଘରେ କିଛି ନ ଜଣେଇ ଗୋଟେ ଅଜାତିଆ ଝିଅକୁ ସହରରୁ ନେଇ ପହଞ୍ଚିଲା ଗାଁଗଣ୍ଡା ସାହିପଡିଶାରେ ଲୋକେ କେତେ କଣ କହିଗଲେ । କାହା ପାଟିରେ କଣ ବାଡବତା ଅଛି ସବୁକୁ ସେମିତି ମୁଣ୍ଡପାତି ସହିଗଲେ ରଘୁ ଆଉ ତା ସ୍ତ୍ରୀ ସୁରମା । ହେଲେ ଦଇବ ସାହା ହେଲାନି ବୋଧେ ଅଦିନିଆ ଝଡପରି ଦୁହିଁଙ୍କର ସଂର୍ପକ ଅଦିନରେ ମିଳେଇଗଲା ଯାହାର ପ୍ରଭାବରେ ଶାରିରୀକ ମାନସିକସ୍ତରରେ ପୂରା ଭାଙ୍ଗିପଡିଲା ସୌରଭ ।

ଜେଜେବାପାଙ୍କ ଅମଳରୁ ପଡିଥିବା ଜମି ସରକାରୀ ଜିମାରେ ଯିବାରୁ ମୋଟା ଅଙ୍କର ପୂଳେଟଙ୍କା ପାଇଗଲେ ଯାହା ରୋଜଗାରକୁ ଖୋରାକ ଯୋଗାଇଲା । ଫଳରେ ଦୁଇ ଦୁଇଟା ଚାରିଚକିଆ ଯାନ କିଣି ତାକୁ ଦେଖାଶୁଣାର ଭାର ଦେଇଦେଲେ ହେଲେ କିଛି ଫରକ ହେଲାନି ତାର ଉଦାସଭାବନାରେ ।



ସରୋଜ କୁମାର ସାହୁ

ଶେଷରେ ବାହାଘର ହିଁ ଗୋଟିଏ ମାଧ୍ୟମ ମନକୁ ପରିବର୍ତ୍ତନ କରିବାର ବୋଲି ଭାବି ବନ୍ଧୁବାନ୍ଧବ ଚିହ୍ନାଜଣା ଲୋକଙ୍କ ଜରିଆରେ ଝିଅ ଦେଖା ଆରମ୍ଭ କରିଦେଲେ । ସୌରଭ ସଫାସଫା ଶୁଣେଇଦେଲା ସେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଝିଅ ଦେଖିବାକୁ ଯିବନି, ଭାଗ୍ୟରେ ତ ତାର ପସନ୍ଦ ନାହିଁ ତମରି ପସନ୍ଦରେ ସେ ଖୁସି ।ଗୋଟିଏ କି ଦିଟା ନୁହେଁ ପୂରା ଦଶଘର ।ପୁଅଝିଅ ଦେଖାଠୁ ପସନ୍ଦ ନାପସନ୍ଦ ଏପରିକି ଭୋଜିଭାତ ପର୍ଯ୍ୟନ୍ତ ଯାଇ ମଧ୍ୟ ବାହାଘର ଭାଙ୍ଗିଯିବାର କାରଣଟା ଖୋଜି ପାଉନାହାନ୍ତି ସ୍ୱାମୀସ୍ତ୍ରୀ ଦିଜଣ ।ବିବାହମେଳକ ନା ସାହିପଡିଶାର ଗୁପ୍ତମନ୍ତ୍ରଣାକୁ ନେଇ...... ।

ସରୋଜ କୁମାର ସାହୁ

ଆଠଗଡ, କଟକ

୯୩୪୮୫୭୫୨୨୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅପରିଚିତା

ଏ ଗୁଡ଼ି ସେ ଚାଉଳ ବୋରାଟା ମୋ ସ୍କୁଟି ଉପରକୁ ଟେକିଦେଲୁ, ବୟସ ହେଲାଣି ଆଉ ଏସବୁ ହବନି ମୋ ଦ୍ୱାରା ।

ଗୁଡ଼ି ହସିଦେଇ କହିଲା କଣ ବାବୁ ଏବେ ତ ତମକୁ ଦେଖିଲେ କଞ୍ଚା ଟୋକି ଗୋଡ଼ା ଗଳିଯିବେ ବୁଢା କେବେ ହେଲ ଯେ.. ନିଅ ତୁମ ଚାଉଳ ବସ୍ତା ଆଉ ଏ ରାସନ ବାଗ ବି.. ମା ତେଣେ ଘରେ ଅପେକ୍ଷା କରିଥିବେ... ମିଶ୍ର ବାବୁ କହିଲେ, କିରେ ତୁ ଯିବୁନି କି ତୋର ଘରେ କେହି ଅପେକ୍ଷା କରିନଥାନ୍ତି କି.. ବାବୁ ଆମର ଗରିବ ଲୋକ ମଜୁରୀ ନେଇକି ଗଲେ ଘରେ ଭାତ ହାଣ୍ଡି ବସେ ମୋର ଘର କହିଲେ ମୋ ବୁଢ଼ୀ ମା ଆଉ ମୁଁ, କିଏ ଅପେକ୍ଷା କରିବ ଆଉ । ଆଉ ତୋ ବୟସ ତ ହେଲାଣି ବାହା ସାହା ହେଇନୁ କିଆଁ ? ବାହା ହେଇଯା ତୋ ବୁଢ଼ୀ ମା ମୁଣ୍ଡରୁ ଗୋଟିଏ ବୋଝ ଯିବ ତୁ ବି ଖୁସିରେ ରହିବୁ । ଏ କଥା ଶୁଣି ଗୁଡ଼ି ଓଠ ଚାପି ହସିଦେଲା କିନ୍ତୁ ଏ ସେ ଝିଅଙ୍କର ବାହାଘର କଥା ଶୁଣି ଲାଜେଇ ଯିବାର ହସ ନଥିଲା ଏ ଥିଲା ଅଟହାସ୍ୟର ଝଲକ ।



ମୀନାକ୍ଷୀ ଦାସ

ମୁଁ ଗାଡ଼ିରେ ଘରକୁ ଆସିଲି ସିନା ତା ଝାଳ ଝାଳ ମୁହଁରେ ସେ ହସଟା ମୋ ମନରେ ପ୍ରଶ୍ନ ଉତ୍ପନ୍ନ କରୁଥିଲା । ଲାଗିଲା ଯେମିତି ତା ପାଇଁ କିଛି କରନ୍ତି କି ମୁଁ, ଆଜି ନୁହେଁ ଦୀର୍ଘ ୧୫ବର୍ଷ ହେଲାଣି ସେ ଦୋକାନରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମର ରାସନ ପାଣି ଆସେ ସେବେଠୁ ଏ ଝିଅକୁ ଦେଖିଛି ଛୋଟ କଢିରୁ ଫୁଲ ହବାର । ସେ ପୁଣି ଆଦିବାସୀ ଝିଅଟିଏ, ଏ ଶଙ୍କରବାବୁ ତାଙ୍କ ଗାଁରୁ ନେଇକି ଆସିଥିଲେ ସେବେଠୁ ଏ ଝିଅ ଏଠି ଖଟଣି କାହିଁରେ କଣ ହେଲେବି ସବୁ ଗରାଖଙ୍କ ମୁହଁରେ ମଜା କଥା କହି ହସ ଫୁଟାଏ ଝିଅଟି । ଭାବିଲି କାଲି ସେ ଆମ ଅଫିସର ସେ ଟହଲିଆ ଗୋପାଳକୁ ଆରି ସାଙ୍ଗରେ ବାହାଘର କଲେ ଠିକ ହବ । ସକାଳୁ ଉଠି ମିଶ୍ର ବାବୁ ପହଂଚି ଗଲେ ଏ ଗୁଡ଼ି କାଲି ଗୋଟିଏ କଥା କହିବାକୁ ଭୁଲିଗଲି, କହୁନ ବାବୁ, ଆରେ ତୁ ବାହାହେଇଯା ତୋ ଲାଗି ମୋ ନଜରରେ ଗୋଟିଏ ଭଲ ପିଲା ଅଛି ଆମରି ଅଫିସରେ । ତୁ ରାଜି ଯଦି ମୁ କଥା ପକେଇବି । ହେଲେ ବାବୁ ତମେ ମୋ ପାଇଁ ? ଆରେ ଛୋଟ ବେଳୁ ତତେ ଦେଖି ଆସୁଛି । ଝିଅ ଭଳି ତୁ ମୋ ପାଇଁ । କେହି ତ ନାହାନ୍ତି ତୋର । ମୁଁ ତୋ ମାଲିକ ସାଙ୍ଗରେ କଥା ହେଇଯାଉଛି । ନା ବାବୁ ସେମିତି କରନା । ଗୁଡ଼ି ଚିତ୍କାର କଲା । ମିଶ୍ର ବାବୁ କହିଲେ ତୋ ମାଲିକ ସିଏ ତାକୁ କହିବିନି କାହାକୁ କହିବି । ଏ ବାବୁ ମୁଁ ବାହା ହେବିନି ତୁ ଯା ଏଠୁ । ଗଲୁ । ଗୁଡ଼ି ଆଖିରେ ଲୁହ ଯେମିତି ମିଶ୍ର ବାବୁଙ୍କ କଥା ତାକୁ ଅନେକ କଷ୍ଟ ଦେଇଛି । ହେଲେ ବାହା ହବା ସବୁ ଝିଅଙ୍କ ସ୍ୱପ୍ନ ଏଥିରେ ଲୁହର ପ୍ରଶ୍ନ କଉଠି ଉଠିଲା । ମିଶ୍ର ବାବୁ ଚାଲିଗଲେ । ଗୁଡ଼ି ସେମିତି କାନ୍ଦୁଥାଏ ସେପଟୁ ଡାକ ଆସିଲା ଆଜି କାମ ହବନି କି ତା ସାଙ୍ଗରେ କିଛି ଅସଭ୍ୟ ଭାଷା ଯାହା ଗୁଡ଼ିର ଶୁଣିବା ଅଭ୍ୟାସ ହେଇଗଲାଣି । ମିଶ୍ରବାବୁ ପୁଣି ଆସିଲେ ପ୍ରତିଦିନ ସୁଜି ଲୁଣ ଅଟା ଏମିତି ଅନେକ ବାହାନାରେ । ସେ ଆସୁଥିଲେ । ହଟାତ ଦିନେ ଗୁଡ଼ି ନିଜ ଆଡୁ ପ୍ରଶ୍ନ କଲା । ଏ ବାବୁ ତୋର ଏତେ ଦରଦ କିଆଁ । ମୁଁ ବାହା ହେଲି ନ ହେଲି ତୋର ଏତେ ଦରଦ କାଇଁ ତୋ ଉଦ୍ଦେଶ୍ୟ କଣ ? ଗୁଡ଼ିର ଆଖିରେ ଆଜି କ୍ରୋଧ ଥିଲା ଯେମିତି ମୁଁ କିଛି ପାପ କରିଦେଇଛି । ଆରେ ମୋ ଉଦ୍ଦେଶ୍ୟ କଣ ? ତତେ ବାହା କରିବାକୁ ଇଚ୍ଛା ତୁ ଲୁଚାଉ ଥିବା କଷ୍ଟର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉପଶମ, ହେଲେ ଏ ଦୁନିଆ ଲୁକ ଦେଖି ଅଣଦେଖା କରୁଥିବା ଲୁହକୁ ତୁ କିଆଁ ନିଜର କରୁଛୁ ତୋ ସ୍ୱାର୍ଥ କଣ ? ମୁଁ ଉତ୍ତର ଦେଲି ସ୍ୱାର୍ଥ ପର ଏ ଦୁନିଆ ନୁହେଁ ଏ ଦୁନିଆରେ ଥିବା କିଛି ମଣିଷ ସବୁ ନୁହେଁ । ହଉ ତୋ ଭଲ ପାଇଁ ଭାବିଲି ତୁ ମତେ ହିଁ ସନ୍ଦେହ କଲୁ । ମୁଁ ଚାଲି ଯିବା ଠିକ ହବ । ତୁ ମୋ ଝିଅ ଭଳି ମୋ କଥାକୁ ଭୁଲ ବୁଝିବୁନି । ହଉ ମା ଆସୁଛି । ଗୁଡ଼ି କିଛି ସମୟ ସ୍ଥିର ରହି ଉତ୍ତର ଦେଲା । ଏ ବାବୁ ଶୁଣ, ମୋର ଭୁଲ ହେଇଯାଇଛି ତତେ ଭୁଲ ବୁଝିଲି । ହେଲେ କଣ କରିବି ବାବୁ, ଏ ଦୁନିଆଟା ମତେ ସଖି କଣ୍ଢେଇ ସଜେଇ ଦେଇଛି । ଯାହା ହାତକୁ ଗଲି ସେ ଖେଳନା ଭାବି ଖେଳି ଚାଲିଲା । ତେଣୁ ମନ ଭିତରେ ଏ ଦୁନିଆ ଲାଗି ମୋର ଅବିଶ୍ୱାସ ଆସିଗଲା । ଝିଅ ଡାକିଲୁ ଯେବେ ତୁ ମୋ ବାପା ହବୁ, ହେଲେ ତୁ ଯଉ ବାହା କଥା କହୁଚୁ ସେଟା ମୋ ଭାଗ୍ୟରେ ନାହିଁ ବାବୁ ।

ମିଶ୍ର ବାବୁ ଉତ୍ତର ଦେଲେ ହେଲେ କଣ ପାଇଁ ଝିଅଟା ତୁ ବାହା ହେଇ ଘର ସଂସାର କରିବୁ ଅସୁବିଧା କଣ, ତୋ ମାଲିକ ସାଙ୍ଗରେ ମୁଁ କଥା ହେବି ।

ଏ ବାବୁ ସେ ରାକ୍ଷସଟାକୁ କିଛି କହନା ସେ ତ ମହାକାଳ ଫଳ ବାହାରୁ ଦୁନିଆ ତା ସୁନ୍ଦର ରୂପ ଦେଖିଛି । ଭିତରୁ ମୁଁ ତା କଦର୍ଯ୍ୟ ରୂପକୁ । ଗାଁରୁ ନେଇ ଆସିଲା ଝିଅ କରି ଭଲ ମନ୍ଦ ସବୁ ଦବ କେତେ ଆଶା ନ ବାନ୍ଧିଲା ମନରେ । ମୁଁ ଗାଉଁଲି ମଫସଲ ଝିଅ ପେଟର ଭୋକ ମେଣ୍ଟାଇବା ପାଇଁ ଧାଇଁ ଆସିଲି ଏ ସହରକୁ । ହେଲେ ବାବୁ ଏଠି ମୋର ନୂଆ ପରିଚୟ ସୃଷ୍ଟି ହେଲା । କିଛି ଦିନ କାମ ପରେ ଏ ମାଲିକ ମୋ ଦେହଟାକୁ ମୋ ପେଟ ମୁଲ ଦେଇ କିଣି ନେଲା, ଖାଲି ସେତିକି ନୁହେଁ ପ୍ରତିଦିନ ରାତିରେ ଏ ଶରୀରଟା ସେ ଭେଟିଦିଏ ତା ସାଙ୍ଗ ସାଥି ମାନଙ୍କୁ । ଅଇଁଠା ହେଇ ଯାଇଥିବା ଏ ଶରୀର କାହାକୁ ଭୋଗ ଲାଗି ପାରିବନି ବାବୁ । ମୁଁ ତ ଏବେ ନିଜ ପରିଚୟ ଖୋଜିବାକୁ ଏ ଅନ୍ଧାର ମୁଲକଭିତରେ ଛାଟି ପିଟି ହଉଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

। ମୁଁ କଣ ଆଉ କାହାକୁ ପରିଚୟ ଦେବି ? ମୁଁ ନିଜେ ବୁଝି ପାରୁନି ମୁଁ କାହାର ରକ୍ଷିତା, ନା ବେସିଆ ନା ସ୍ତ୍ରୀ ନା କୁଆଁରୀ କନ୍ୟା ? ତତେ ଭରସା କରି ଏ ମନ କଥା କହିଲି ବାବୁ ତୁ ବି ସେ ରାକ୍ଷସଟା ଭଳି ମୋ ଭରସା ଭାଙ୍ଗି ଦବୁନି ତୋ ? ଏ ଅଭାଗିନୀ ଝିଅଟାକୁ ତୁ ଯଉ ନୂଆ ପରିଚୟଟା ଦେଇଛୁ ତାର ଋଣ ଏ ଗୁଡ଼ି ସୁଝି ପାରିବିନି କି ହାଟରେ ବିକି ଯାଇଥିବା ସଉଦାକୁ ପୁଣି ହାଟରେ ବିକି ପାରିବିନି । ମତେ ମୋ ପରିଚୟରେ ବଞ୍ଚିବାକୁ ଦେ ତୁ ଖୁସି ରେ ରହ ।

ଯାଉଛି ବାବୁ ତେଣେ ଦୋକାନରେ ସେ ରାକ୍ଷସଟା ଆସିବାର ସମୟ ହେଇଗଲାଣି । ମିଶ୍ର ବାବୁ ତା କଥାରେ କି ଉତ୍ତର ଦେବେ ବୁଝି ପାରୁନଥିଲେ ବାସ ଏତିକି ଦେଖି ଆଶ୍ଚର୍ଯ୍ୟ ଥିଲେ ସେ ଝିଅଟିର ହସ ଦେଖି କେହି ଅନୁମାନ କରି ପାରିବେନି ସେ ଗୋଟିଏ ଅପରିଚିତା ।

ମିନାକ୍ଷୀ ଦାଶ, ଟିସ୍କୋ କଲୋନୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହଜିଲା ଦିନ, ଅଲିଭା ଚିହ୍ନ

ଏମିତିରେ ଚାଲୁ ଚାଲୁ ମୁଁ ଯେ କେତେ ବାଟ ଚାଲିଗଲି ବାଟ ଆଦୌ ଜଣା ପଡିଲାନି । କିନ୍ତୁ ଏତେ ଚାଲିଲା ପରେ ବି ଏ ବାଟ କୋଉ କମ ହେଉଛି ଯେ । ଲାଗୁଛି ସତେ ଯେମିତି ଏ ବାଟ ସ୍ୱର୍ଗକୁ ଲମ୍ବି ଯାଇନି ତ ?

ଏମିତି ଏକ ନିରୋଳା ବେଳାରେ ମୋର ଯାତ୍ରା ଆରମ୍ଭ ହୋଇଥିଲା କିଛି ଦୁଃଖ କିଛି ସୁଖକୁ ସାଥିରେ ନେଇ । ଧୀରେ ଧୀରେ ଜୀବନ ଗାଡି ଶୈଶବ ପରେ ଯୌବନ ଅତିକ୍ରମ କରିବା ଉପରେ । ହେଲେ ଆଜିର ଏ ଖରା ବେଳଟାରେ ଯେ କାହିଁକି ସେ ପୁରୁଣା କଥା ଗୁଡାକ ଆଖି ଆଗରେ ଝଲସି ଯାଉଛି କିଛି ବୁଝା ପଡୁନି । ଖାଲି ଯାହା ଏସବୁ ମନକୁ ଅସ୍ଥିର କରିବାରେ ସାହାଯ୍ୟ କରୁଛନ୍ତି ।



ସୁବ୍ରତ ଜେନା

ଆଜି ସକାଳେ ବଜାରକୁ ଯାଇଥିଲି । ଘରକୁ ଫେରିଲା ବେଳେ ହଠାତ ଭେଟ ହୋଇଗଲା ରୋଜି ସହ । ରୋଜି ମୋ ସାଙ୍ଗ ରୋଜଲିନାର ଝିଅ । ଦଶମ ଶ୍ରେଣୀରେ ପଢୁଛି । ପାଖ ଗାଁ ତା ମାମୁଁ ଘରକୁ ବୁଲିବାକୁ ଆସିଛି । ରାସ୍ତାରେ ଚିହ୍ନିପାରି ଡାକ ପକାଇଲା ଅଙ୍କଲ ....ଅଙ୍କଲ.... ।

ଚମକି ପଡିଲି ମୁଁ ! କିଏ ମୋତେ ଡାକୁଛି ? ବୁଲି ଚାହିଁ ଦେଖେତ ରୋଜି । ଆରେ ରୋଜି ତୁମେ କୋଉଦିନ ଆସିଲ ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

-ହଁ ଅଙ୍କଲ ମୁଁ ଦୁଇଦିନ ହେଲା ବୁଲିବାକୁ ଆସିଛି ।

-ଆଉ ଘରେ ସମସ୍ତେ ଭଲରେ ଅଛନ୍ତି ନାଁ ?

-ହଁ ସମସ୍ତେ ଭଲରେ ଅଛନ୍ତି ।

-ଆଉ ଆପଣଙ୍କ ଘରେ ଆପଣ ଭଲରେ ଅଛନ୍ତିତ ?

-ହଁ ...ହଁ..ମୁଁ ଭଲରେ ଅଛି ଆଉ ଘରେ ସମସ୍ତେ ଭଲରେ ଅଛନ୍ତି ।

-ରୋଜି ତୁମେ ମୋତେ କେମିତି ଚିହ୍ନି ପାରିଲ ,ଆଗରୁତ ମୋତେ ଦେଖିନଥିଲ ?

-ନାଇଁ ଅଙ୍କଲ ମୁଁ ଆପଣଂକୁ ଫେସବୁକରେ ଦେଖୁଛି । ଆପଣଙ୍କ ଲେଖାକୁ ବି ନିୟମିତ ପଢେ । ମୋତେ ବହୁତ ଭଲ ଲାଗେ ଆପଣଙ୍କ ଲେଖା ।

-ଆରେ ସତରେ .... !

-ହଁ ଅଙ୍କଲ ମାମା ବି ପଢ଼ନ୍ତି । ଆଉ କୁହନ୍ତି ସେ ପରା କୁଆଡେ ଆପଣଙ୍କ ଅନ୍ତରଙ୍ଗ ବନ୍ଧୁ । ହେଲେ ଆପଣ ତ କାହିଁ କେଉଁଦିନ ତାଙ୍କ ସହ କଥା ହୁଅନ୍ତିନି ?

-ଆରେ ସେମିତି କିଛି ନାହିଁ । ତୁମ ମାମା ମୋର ଜଣେ ଭଲ ସାଙ୍ଗ । ଏକାଠି ପଢିଛୁ ଏକାଠି ବୁଲିଛୁ । ସେମିତି କିଛି ନାହିଁ.....

-ଆଚ୍ଛା ହଉ ଆପଣ କେବେ ସମୟ ବାହାରକରି ଆମ ଘରକୁ ଆସିବେ । ମୁଁ ଏବେ ଆସୁଛି ।

-ହଉ ହଉ ନିଶ୍ଚିତ ଯିବି...... ।

କଥାଟା ସିନା ସହଜରେ କହିଦେଲି ।

ହେଲେ କାହିଁକି କେଜାଣି ମନଟାକୁ ଅଟକାଇ ପାରିଲିନି । ମନେ ପଡିଗଲା ସେଇ ପୁରୁଣା କଥାଗୁଡ଼ାକ । କଲେଜ ଛାଡିବା ଦିନଠୁ ଆମେ ପରସ୍ପରକୁ ଭେଟିନୁ ଯଦିଓ ଆମେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନ୍ତରଙ୍ଗ ବନ୍ଧୁ । ଏହା ଭିତରେ କଲେଜ ଛାଡିବାର କୋଡିଏ ବର୍ଷ ହୋଇଗଲାଣି । ହେଲେ ଆଜିବି ସେ ଦିନଗୁଡ଼ାକ ମୋ ମନରେ ସ୍ମୃତି ହୋଇ ବେଳେ ବେଳେ ଆନ୍ଦୋଳନ କରିବସନ୍ତି । ପ୍ରକୃତରେ ରୋଜାଲୀନ ମୋତେ ଭଲ ପାଉଥିଲା । ହେଲେ ତା' ପ୍ରତି ମୋର ସେମିତି କିଛି ଭାବନା ନଥିଲା । ତେଣୁ ମୁଁ ତାକୁ ବାରମ୍ବାର ପ୍ରତ୍ୟାଖାନ କରିଚାଲିଥିଲି । ଆଉ ତାର କିଛି ବର୍ଷ ପରେ ତାର ବାହାଘର ହୋଇଗଲା । ମୁଁ ବି ବ୍ୟସ୍ତ ରହିଗଲି ମୋ ଜୀବନ ଜଞ୍ଜାଳରେ । ଦୀର୍ଘଦିନର ଆନ୍ତରାଳେ ପୁଣି ସେ ଆସିଲା ମୋ ଜୀବନର ପରିଧିକୁ, ଏଇ ଫେସବୁକ ମାଧ୍ୟମରେ । ସେଇଠୁ ବୋଧେ ରୋଜି ମୋତେ ଚିହ୍ନିଥିବ । ଏମିତି ଭାବୁ ଭାବୁ ମୁଁ ଆସି ପହଂଚିଗଲି ଘରଦୁଆରେ । ଝିଅ ମୋର ପାଟିକରି କହିଲା "ବାବା ମୋ ଲାଗି ଛକରୁ କଣ ଆଣିଛ".... ?

ସୁରଡ଼ିହ, ନନ୍ଦିପୁର, ଯାଜପୁର
ଦୁରଭାଷ : ୯୭୭୭୨୦୮୯୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କ୍ଷୀରୱାଲା

ଛୋଟିଆ ପାହାଡ଼ଟିଏ ପାହାଡ଼ରେ ଜାତି ଜାତିକା ଗଛ । ପାହାଡ଼ ଉପରୁ କାହିଁ କେତେ ଦିନୁ ଝରି ଆସୁଛି ଝରଣାଟିଏ । ପାହାଡ଼ ତଳେ ଛୋଟିଆ ଗାଁଟିଏ ଯାହାର ନାଁ ହଳଦୀବସନ୍ତ । ସହର ଏଠୁ ବହୁଦୁର ମଟର ଗାଡିର କେଁକଟର ଶବ୍ଦ କଳ କାରଖାନାର ଆବର୍ଜନା ଏଠି ନଥାଏ । ଯୁଗ ସହିତ ତାଳଦେଇ ଗାଁକୁ ଯୋଡି ହୋଇଛି ପିଚୁରାସ୍ତା ଯାହା ଲମ୍ବିଛି ସହର ଯାଏ । ଗାଁରେ ପ୍ରାୟ ଷାଠିଏ ସତୁରି ଘର ହେବ ଆଉ ଲୋକ ସଂଖ୍ୟା ପାଞ୍ଚଶହ ପାଖାପାଖି । ଗାଁରେ ଚାଟଶାଳୀଟିଏ ଥିଲା ଏବେ ପ୍ରାଥମିକ ବିଦ୍ୟାଳୟଟିଏ ଅଛି । ଗୋଟିଏ ପୋଖରୀ ଆଉ ଦୁଇଟା ମନ୍ଦିର ଆଉ କିଛି ଚାଷଜମି କେତୋଟି ଛୋଟ ଛୋଟ ଗାଡ଼ିଆ ।

ସେଇ ଗାଁରେ ମଳୟର ଘର । ମଳୟ ଗାଁ ସ୍କୁଲରେ ପାଠପଢ଼ା ସାରି ଏବେ ପାଖ ଗାଁକୁ ପଢିବାକୁ ଯାଉଛି ସେଠି ସେ ଦଶମ ଯାଏ ପଢିବ । କଲେଜ ପଢିବାକୁ ହେଲେ ତାକୁ ସହରକୁ ଯିବାକୁ ପଡ଼ିବ । ମଳୟର ବାପା ଚାଷ ବାସ କରନ୍ତି ମା ସବୁ ଘରକାମ କରେ ଆଉ ଛୋଟ ଭଉଣୀଟା ଏବେ ପାଠପଢା ଆରମ୍ଭ କରୁଛି । ବର୍ଷଯାକର ଚାଷବାସରୁ ଯାହା ମିଳେ ସେଥିରୁ ଘରଚଳେ ଧାନଚାଷ ପରେ ପନି ପରିବା ଦିଟା ଜମିରେ ଲଗାହୁଏ । ଗାଡ଼ିଆରୁ ପାଣି ବୁହାଇ ଫସଲ ହୁଏ । ଘର ତରକାରୀ ପତର ଚଳିଲା ପରେ ଆଉକିଛି ବଳିଯାଏ ତାକୁ ବାପା ନେଇ ହାଟରେ ବିକି



ସିଦ୍ଧେଶ୍ୱର ତ୍ରିପାଠୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସନ୍ତି । ପରିବାର ଚଳିଲା ପରେ ବି ପଇସା ସଞ୍ଚୟ ବି ହୁଏ ।

ମଳୟ ବାପା ବୋଉଙ୍କର ଭାରି ଗେହ୍ଲା । ସେ କେମିତି ଭଲ ପାଠ ପଢିବ ଭଲ ଚାକିରୀ କରିବ ଆଉ ମଟର ଗାଡି ଚଢି ଗାଁକୁ ଆସିବ ତା ବାପାଙ୍କର ଏଇ ବଡ ଇଚ୍ଛା । ସେଥିପାଇଁ ମଳୟର ଖାଇବା ପିଇବା ଜାମାପଟାର ଭାରି ଯତ୍ନ ନିଅନ୍ତି ବାପା ବୋଉ । ଏବେ ପଡିଶା ଘର ବୁଢିଆ ଘରୁ କ୍ଷୀର ଟିକେ ଟିକେ ଆସେ ପୁଅ ପାଇଁ । କିଛି ଦିନ ଗଲା ପରେ ବୁଢିଆ ଆଉ ଭଲ କ୍ଷୀର ଦଉନି ଖାଲି ଢ଼ଙ୍କ ପାଣି । ଯୋଗକୁ ଜଣେ କ୍ଷୀରୱାଲା ଏବେ ସାଇକେଲରେ କ୍ଷୀର ବିକି ଆସୁଛି । ଭଲ କ୍ଷୀର ଦଉଛି ମଳୟ ପାଇଁ ଏବେ ତାରିଠୁ କ୍ଷୀର ରଖାହେଲା ।

ସେ କ୍ଷୀରୱାଲା ସବୁଦିନ ଆସେ କ୍ଷୀର ଦେଇଯାଏ । ମାସକୁ ମାସ ପଇସା ନେଇଯାଏ । କିଛିପିଲା ସେ କ୍ଷୀରବାଲାକୁ ଦେଖି ଡରିଯାଆନ୍ତି ସେ କୁଆଡେ ଜଣେ ଜେଲ ଫେରନ୍ତା ଖୁନି ଆସାମୀ । ମଳୟ ବି ଏକଥା ଶୁଣେ ହେଲେ ସେ କ୍ଷୀରବାଲାକୁ ଦେଖି ଡରେନି କି ତାକୁ ପଚାରି ପାରେନି ସତରେ ତୁମେ କଣ ଜଣେ ଖୁନି ଆସାମୀ ବୋଲି ।

ଧିରେ ଧିରେ ସମୟ ବିତିଯାଇଥିଲା ମଳୟ ଏବେ ଦଶମ ପାସ କରି କଲେଜ ଯାଉଛି ସହରରେ ରହୁଛି  ବେଳେବେଳେ ଗାଁକୁ ଆସିଲେ  କ୍ଷୀରବାଲା ସହିତ ତା'ର ଦେଖାହୁଏ । କ୍ଷୀରବାଲା ତାକୁ ଦେଖି ହସିଦିଏ । ଆଉ ବାବୁ ପଢାପଢି କେମିତି ଚାଲିଛି ? ବାପାତ ଆଉ କ୍ଷୀର ରଖୁନାହାନ୍ତି ତମେ ଯେତିକି ଦିନ ଗାଁରେ ରହିବ ମୁଁ କ୍ଷୀର ଦେଇଯିବି । ସେଇଆ ହିଁ ହୁଏ ହେଲେ ଏଇ ଦିଚାରି ଦିନର ପଇସା ଆଉ ସେ ନିଏନି ।

ଦିନେ ମଳୟର ଚିଠି ଆସିଥିଲା ଚିଠିଟାକୁ ଧରି ତାବାପା ମନଦୁଃଖରେ ବସିଥାନ୍ତି । କ୍ଷୀରବାଲା ଆସି ପହଁଚିଲା କଣ ହେଇଛିକି ଏତେ ମନ ଦୁଃଖରେ ବସିଛ ଭାଇ । ଏଇ ମଳୟର ଚିଠି ଆସିଛି ତା ପରୀକ୍ଷା ଫିସ ଆଉ ଖର୍ଚ୍ଚବାର୍ଚ୍ଚ ପାଇଁ ସାତ ହଜାର ଟଙ୍କା ଦରକାର ମୋ ପାଖରେ ହଜାରେ ଟଙ୍କା ଅଛି ଆଉ ଛଅ ହଜାର ଟଙ୍କା କୋଉଠୁ ଆଣିବି ହାତ ଉଧାରି

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଦଶ ହଜାର ଅଛିଯେ ଆଜିଯାଏ ସୁଝିନି ।

ଏଇ କଥା କହୁକହୁ କାନ୍ଦି ପକେଇଥିଲେ ମଳୟର ବାପା ।

ତା ଗାମୁଛା କାନିରେ ଲୁହ ପୋଛି ଦେଇ କ୍ଷୀରବାଲା କହିଥିଲା ମୋର ଜଣେ ବାବୁ ଚିହ୍ନା ଅଛନ୍ତି ସେ ଭାରି ଭଲ ଲୋକ ତାଙ୍କୁ କହିବି ସେ ନିଶ୍ଚୟ ଟଙ୍କା ଦେବେ । ସତକୁ ସତ ପରଦିନ କ୍ଷୀରବାଲା ସାତହଜାର ଟଙ୍କା ଆଣି ଦେଲା ମଳୟର ବାପା ତାକୁ ନେଇ ସହରକୁ ଗଲେ ମଳୟକୁ ଟଙ୍କା ଦେଇ କ୍ଷୀରବାଲା କଥା କହିଲେ । ମଳୟ ଭାରି ଖୁସି ହୋଇ କହିଲା ବାପା ତୁମେ ବ୍ୟସ୍ତ ହୁଅନି ।

ଏଇ ବର୍ଷ ମୁଁ ବି.ଏ. ପାସ୍ କରିବି । ଆଉ ଟଙ୍କା ପାଇଁ ବ୍ୟସ୍ତ ହୁଅନି ମୁଁ ଏଠି ଗୁଡାଏ ପିଲାଙ୍କୁ ଟିଉସନ କରୁଛି । କିଛି ଟଙ୍କା ମଧ୍ୟ ମୋତେ ଛାତ୍ରବୃତି ଭାବରେ ମିଳୁଛି । ଦୁଇତିନିଟା ସରକାରୀ ଚାକିରୀ ପାଇଁ ମୁଁ ଆବେଦନ କରିଛି ପାଠ ପଢ଼ା ସରିଲା ବେଳକୁ ଯଦି ଚାକିରୀଟେ ମିଳିଯାଏ ଆଉ କିଛି ଅସୁବିଧା ହେବନି ବାପା । ବାପା କ୍ଷୀରବାଲା ମଉସାଙ୍କୁ କହିଥିବ ଏଇ ଛଅମାସ ପରେ ମୁଁ ଘରକୁ ଯିବି ଚାକିରିଟେ ମିଳିଯାଇଥିଲେ ଆମେ ସବୁ ପଇସା ତାଙ୍କର ସୁଝିଦେବା । ଭଉଣୀ ତ ମେଟ୍ରିକ ପାସ୍ କରି ସାରିଛି ତାକୁବି କଲେଜ ପଢେଇବା । ବାପା ଗାଁକୁ ଫେରିଲେ ଚାଷବାସ ରେ ମନ ଦେଲେ ।

ସମୟ ବଡ଼ ବଳବାନ ସମୟ ସାଥିରେ ସବୁକିଛି ବଦଳିଯାଏ । ୟା ଭିତରେ ଛଅ ମାସ ବିତିଗଲାଣି ମଳୟ ଚିଠି ଦେଇଥିଲା । ସେ ଭଲ ନମ୍ବର ରଖି ବି.ଏ ପାସ୍ କରିଛି । ତାକୁ ତହସିଲ ଅଫିସରେ ଭଲ ସରକାରୀ ଚାକିରୀଟିଏ ମିଳିଛି । ଏଇ ଦିମାସର ଦରମା ଆଉ ଟିଉସନ କରି ରଖିଥିବା କିଛି ପଇସା ନେଇ ସେ ଗାଁକୁ ଯିବ ବାପାଙ୍କର ସବୁ କରଜ ସୁଝିଦେବ । ୟା ଭିତରେ କ୍ଷୀରବାଲା ହଳଦୀବସନ୍ତ ଗାଁକୁ ସବୁଦିନ ଆସେ ମଳୟର ଭଲମନ୍ଦ କଥା ପଚାରି ବୁଝେ ।

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ମଳୟ ଗାଁକୁ ଆସିଲା । ସାଙ୍ଗରେ ଆଣିଥିଲା ମିଠା କେତେପ୍ରକାର ବାରମଜା ବାପାପାଇଁ ନୂଆ ଜାମା ବୋଉପାଇଁ ଲୁଗାପଟା ଭଉଣୀ ପାଇଁ ଡ୍ରେସ ଆଉ କ୍ଷୀରବାଲା ପାଇଁ ଭଲ ପାଇଜାମା ଆଉ କିଛି ସେଓ ଫଳ । ମଳୟକୁ ଦେଖି ସମସ୍ତେ ଖୁସି ଗାଁରେ ଯାହା କରଜ ବାରଜ ଥିଲା ସବୁ ସୁଝିଦେଲେ । ମଳୟ କହିଲା ବାପା ଏଇ ଚାରି ଛମାସ ପରେ ଆମେ ଚାଳ ଘରଭାଙ୍ଗି କୋଠା ଘର କରିଦେବା ତମେ ଆଉ ସାଇକେଲରେ ହାଟକୁ ଯିବନି ତୁମ ପାଇଁ ଲୁନା ଗାଡିଟିଏ କିଣିଦେବା । ଆଉ ଭଉଣୀକୁ ନେଇ ସହରରେ ପାଠ ପଢେଇବା । ହଁ ବାପା କାଲି କ୍ଷୀରୱାଲା ମଉସା ଆସିଲେ ତାଙ୍କୁ ସାତହଜାର ଟଙ୍କା ଦେଇଦେବା । ଆଉ ଏଇ ପାଇଜାମା ଆଉ ଫଳ ସେଓ ବି ଦେବା । ମୁଁ ଚାକିରୀ ପାଇଛି ଜାଣିଲା ପରେ ସେ ଭାରି ଖୁସି ହେବେ । ଏମିତିରେ ବି ସେ ଯୋଉ ଟଙ୍କା ଦେଇଥିଲେ ଗୁଡାଏଦିନ ହେଇଗଲାଣି । ହେଲେ ସେ ତ ଆଉ ମାସେ ହେଲା ଆସୁନି ବାପା କହିଲେ । ହଉ ମୁଁ କାଲି ଯିବି ସେ ପରା ଏଇଠୁ ସାତ କିଲୋମିଟର ଦୁର ମଧୁପୁର ଗାଁରେ ଥିବା ମୁକ୍ତାକାଶ କାରାଗାରରେ ରହୁଛନ୍ତି । ମଳୟର ମନଟା ଜମା ଭଲ ଲାଗୁନଥାଏ କେମିତି ସକାଳ ହେବ ସେ କ୍ଷୀରବାଲାକୁ ଯାଇ ଦେଖା କରିବ ।

ସକାଳ ହେଲା ମଳୟ ଶେଯରୁ ଉଠି ମୁହଁଟା ଧୋଇ ଦେଇ ସାଇକେଲଟା ଧରି ବାହାରିଲା । ବାଟରେ ଗଲାବେଳେ ସେ ଭାବୁଥାଏ ପିଲାଦିନୁ ସେ କ୍ଷୀରବାଲାକୁ ଦେଖି ଆସୁଛି ହସହସ ମୁହଁ ମିଠା କଥା ଭଦ୍ର ବ୍ୟବହାର ହେଲେ ପିଲାଏ ତାକୁ ଡରନ୍ତି ଲୋକ ମାନେ କୁହାକୁହି ହୁଅନ୍ତି ସେ କୁଆଡେ ମଣିଷ ମାରି ଜେଲରେ ଥିଲା ଏବେ ଏଠାକୁ ଆସିଛି । ଏମିତି ଭାବୁଭାବୁ ବାଟ ସରିଗଲା ସେ ମୁକ୍ତାକାଶ କାରାଗାର ପାଖରେ ପହଞ୍ଚିଲା । ସିକ୍ୟୁରୀଟିକୁ ପଚାରିଲା ଏଇ ଯୋଉ ଡେଙ୍ଗାହେଇ ଲୋକ ଜଣେ ସବୁଦିନ କ୍ଷୀର ନେଇ ଯାଆନ୍ତି ମୁଁ ତାଙ୍କୁ ଟିକେ ଦେଖାକରି ଯାଆନ୍ତି । ସିଆଡୁ ବାବୁ ଜଣେ ପାଖକୁ ଆସି କହିଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଳୟ ଭିତରକୁ ଆସ । ମଳୟ ଆଶ୍ଚର୍ଯ୍ୟ ଆଜ୍ଞା ଆପଣ ମୋତେ ଜାଣନ୍ତି । ହଁ ଆସ ସାଇକେଲ ଭିତରକୁ ଆଣ ଏଇ ବଗିଚାକୁ ଦେଖ ସେଠି ଚଉକିରେ ବସି କଥା ହେବା । ଏଇ ଯୋଉ ଗଛ ଗୁଡ଼ା ଦେଖୁଛ ଯାକୁ ସେଇ କ୍ଷୀରବାଲା ଲଗେଇଛି । ଏଇ ବର ଓସ୍ତ ଗଛରେ ସିନ୍ଦୁର ସାଲୁକନା ସେହିଁ ଲାଗେଇଛି । ଚାଲ ଦେଖିବ ତୁମେ ପିଲାଦିନୁ ଯୋଉ କ୍ଷୀର ପିଅ ଏଇ ଗୁହାଳରେ ଥିବା ଗାଇମାନଙ୍କଠୁ ଯାଏ । ସେ କ୍ଷୀରବାଲା ଏଇ ଗୁହାଳରେ ଥିବା ଗାଇ ମାନଙ୍କର ଯତ୍ନନିଏ । ମଳୟ କ୍ଷୀରବାଲାକୁ ଦେଖିବାକୁ ବ୍ୟାକୁଳ ହେଉଥିଲା ।

ସେ ଅଫିସର କହିଲେ ହଁ ବ୍ୟସ୍ତ ହୁଅନି ତୁମେ ଯୋଉ କ୍ଷୀରବାଲାକୁ ଖୋଜୁଛ ତା ନାଁ ତପନ ଜେନା । ତା ଘର କେନ୍ଦ୍ରାପଡ଼ାରେ ତାର ସ୍ତ୍ରୀ ଆଉ ବାରବର୍ଷର ଝିଅଟିଏ ଥିଲା ସିଏ ରାଜମିସ୍ତ୍ରୀ କାମକରି ଭଲରେ ଚଳୁଥିଲା । ହେଲେ ଦିନେ ଅନ୍ଧାରି ରାତିରେ ପଟ୍ଟନାୟକ ଘରର ପଚିଶ ବର୍ଷର ପୁଅ ବାବୁଲା ତା ଝିଅକୁ ଯାତ୍ରାରୁ ଫେରିଲା ସମୟରେ ଘରକୁ ନେବ କହି ସାଇକେଲରେ ବସେଇ ଆଣିଥିଲା । ଆଉ ଜଙ୍ଗଲି ରାସ୍ତାରେ ସେଇ ବାରବର୍ଷର ଝିଅକୁ ବଳାତ୍କାର କରିଥିଲା । ନିଜ ଦେହର ଭୋକ ମେଣ୍ଟେଇ ସାରିଲା ପରେ ତାକୁ ତଣ୍ଟି ଚିପି ହତ୍ୟା କରିଥିଲା । ଏପଟେ ତପନ ଜେନା ଆଉ ତା ସ୍ତ୍ରୀ ଝିଅକୁ ନପାଇ ବହୁ ଖୋଜାଖୋଜି କଲେ ଲୋକେ କହିଲେ ସେ ପଟ୍ଟନାୟକ ଘର ପୁଅ ବାବୁଲା ତାକୁ ସାଇକେଲରେ ବସେଇ ଆଣୁଥିଲା । ସେ ଏବେ ଫେରାର ବହୁ ଖୋଜା ଖୋଜିପରେ ଜଙ୍ଗଲି ରାସ୍ତା କଡରୁ ଝିଅର ଶବ ମିଳିଲା । ଝିଅ ଦେହରେ ସୂତା ଖିଅଟେ ବି ନଥିଲା । ଗାଲ ଓଠ ଆଖିପାଖରେ ସ୍ପଷ୍ଟ ଜଣା ପଡୁଥିଲା କାମୁଡା ଦାଗ । ଯୌନାଙ୍ଗରୁ ଝରୁଥିଲା ରକ୍ତ । ଝିଅକୁ ଏଭଳି ଅବସ୍ଥାରେ ଦେଖି ଭାଙ୍ଗିପଡିଥିଲା ତପନ ଜେନା । ପୋଲିସ ଆସିଲା ଝିଅର ଶବ ବ୍ୟବଚ୍ଛେଦ ପରେ ତାର ଅନ୍ତ୍ୟେଷ୍ଟି କ୍ରିୟା କରାହେଲା । କିଛିଦିନ ପରେ ବାବୁଲା ଗିରଫ ହେଲା ହେଲେ କିଛିଦିନ ଜେଲ୍ ରେ ରହି ସେ ବେଲ୍ ରେ ଆସିଲା ଗାଁରେ ବୁଲିଲା । ନିଜଝିଅର ବଳାତ୍କାରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ହତ୍ୟାକାରୀକୁ ଦେଖିଲା ପରେ ତପନ ଜେନା ମଉକା ଖୋଜୁଥିଲା ଦିନେ ତା ଟାଙ୍ଗିଆ ଚୋଟରେ ବାବୁଲାର ମୁଣ୍ଡ ଗଣ୍ଡି ଅଲଗା ତା ପରଠୁ ତପନ ଜେନା ଜେଲ୍ ରେ ତା ସ୍ତ୍ରୀ ଟା ପାଗେଳି ହୋଇ କୁଆଡେ ଗଲାଯେ କେହି ଜାଣନ୍ତିନି । ତା ଘର ମାଟିରେ ମିଶିଗଲା ପରିବାର ହେଲା ଛାରଖାର  ଅଭିଶପ୍ତ ହୋଇଗଲା ଜୀବନ । ଅଦାଲତ ତାକୁ ଆଜୀବନ କାରାଦଣ୍ଡ ଶୁଣାଇଲେ । ଏଇ କିଛି ବର୍ଷ ହେଲା ସେ ଏଇ ମୁକ୍ତାକାଶ କାରାଗାରରେ ଥିଲା । ଏସବୁ ଶୁଣି ମଳୟ ମୁହଁ ଝାଳରେ ଭରିଯାଇଥିଲା । ହଉ ଏବେ ତାଙ୍କୁ ଟିକେ ଡାକନ୍ତୁ ମୁଁ ତାଙ୍କ ଟଙ୍କା ଆଉ କିଛି ଫଳ ଏଇ ପାଇଜାମାଟା ଦେଇଥାନ୍ତି ।

ଅଫିସର କହିଲେ ସେ ଏଇ ମାସେତଳେ ଅସୁସ୍ଥ ହୋଇଗଲା ଆଉ ଖିଆପିଆ କଲାନି ତାକୁ ଡାକ୍ତରଖାନା ନିଆଯାଇ ଥିଲା । ହେଲେ ଏଇ ପନ୍ଦର ଦିନ ତଳେ ସେ ଆରପାରିକୁ ଚାଲିଗଲା । ହିନ୍ଦୁ ରୀତିନୀତିରେ ତାର ଅନ୍ତ୍ୟେଷ୍ଟି କ୍ରିୟା ସରିଛି । ସେ ମରିବା ପୂର୍ବରୁ ତୁମ ବିଷୟରେ ମୋତେ ସବୁ କିଛି କହିଥିଲା । ସେ ଟଙ୍କା ମୁଁ ଦେଇଥିଲି ସେ ଟଙ୍କା ଦେବା ଦରକାର ନାହିଁ । ତୁମ ପାଇଁ ସେଇଟା ତୁମ ପ୍ରିୟ କ୍ଷୀରବାଲାର ଶେଷ ଉପହାର ଭାବିନେବ । ଅଫିସରଙ୍କୁ ନମସ୍କାର କରି ମଳୟ ଘରକୁ ଫେରୁଥିଲା ସାଇକେଲ ହ୍ୟାଣ୍ଡେଲରେ ଝୁଲୁଥିଲା ବ୍ୟାଗଟିଏ ବ୍ୟାଗରେ ଥିଲା ପାଇଜାମା ସେଓ ଫଳ ଆଉ ସାତ ହଜାର ଟଙ୍କା । ମଳୟର ସାଇକେଲ ଆଗେଇ ଚାଲିଥିଲା ତା ଘର ଆଡ଼କୁ ସାଇକେଲର ଗତି ଠାରୁ ତା ଆଖିରୁ ଝରୁଥିବା ଲୁହ ଥିଲା ବେଶ୍ ଆଗରେ ।

କବିର ଘର, କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା
୭୫୨୦୫୭, ଓଡ଼ିଶା
ଦୂରଭାଷ : ୮୦୧୮୬୫୬୭୦୪ / ୭୦୦୮୩୧୫୦୪୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗୁରୁ

ସଫଳତାର ସିଡ଼ି ବହୁତ ଦୀର୍ଘ । ଏଇ ସିଡ଼ିରେ ଚାଲିବାକୁ ଯିଏ ଆମକୁ କାଇଦା ଶିଖେଇ ଦିଅନ୍ତି ସେ ହେଉଛନ୍ତି ଆମ ଗୁରୁ । ଜୀବନର ସମଗ୍ର ସଫଳତା, ଜ୍ଞାନକୁ ଯେ ଆମମାନଙ୍କ ମଧ୍ୟରେ ବାଣ୍ଟି ଦିଅନ୍ତି ସେ ହେଉଛନ୍ତି ଗୁରୁ । ପ୍ରତ୍ୟେକ ବ୍ୟକ୍ତି (ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ) ସମସ୍ତଙ୍କ ପଛରେ ଯେଉଁ ଲୁକାୟିତ ଶକ୍ତି କାର୍ଯ୍ୟ କରେ, ଯାହା ବ୍ୟକ୍ତିକୁ ସିଡ଼ି ଚଢିବାରେ ସାହାଯ୍ୟ କରେ, ତାହା ହେଉଛି ଗୁରୁଙ୍କ ଆଶୀର୍ବାଦ । ଗୁରୁଙ୍କ ବିନା କେହି ମଧ୍ୟ ଧରାଧାମରେ ତିଷ୍ଠି ପାରିବେ ନାହିଁ ।

ମନେ ପଡେ ଏକ ଗଳ୍ପ..., ଜଣେ ଶ୍ରେଷ୍ଠ ଗୁରୁଙ୍କୁ ଖୋଜି ଆଣିବା ପାଇଁ ମହାମନ୍ତ୍ରୀଙ୍କୁ ରାଜା ନିର୍ଦ୍ଦେଶ ଦେଲେ । ରାଜାଙ୍କର ଇଚ୍ଛା ଥିଲା ସେ ଗୁରୁଙ୍କ ଠାରୁ ଅନେକ ବିଦ୍ୟା ଶିଖିବେ । ମହାମନ୍ତ୍ରୀ ରାଜ୍ୟ ଯାକ ବୁଲି ବୁଲି, ସେ ରାଜ୍ୟର ଜଣେ ସର୍ବବିଦ୍ୟା ସମ୍ପୂର୍ଣ୍ଣ ଗୁରୁଙ୍କୁ ଆଣି ରାଜ ଦରବାରରେ ହାଜର କଲେ । ଏବେ ରାଜାଙ୍କ ବିଦ୍ୟା ଶିଖିବା ଆରମ୍ଭ ହେଲା, ରାଜା ତାଙ୍କର ସିଂହାସନରେ ବସିଲେ ଓ ଗୁରୁ ତାଙ୍କ ସିଂହାସନର ତଳେ ଏକ ମୟୁର ଆସନରେ ବସିଲେ । କିଛି ବର୍ଷ ବିତିଗଲା ପରେ ମଧ୍ୟ ରାଜା ଗୁରୁଙ୍କ ଠାରୁ କୌଣସି ବିଦ୍ୟା ଶିଖି ପାରିଲେ ନାହିଁ, ଏ ନେଇ ରାଜା ସବୁବେଳେ ଚିନ୍ତାରେ ପଡିଲେ । ଥରେ ରାଣୀ



ଅରୁଣ କୁମାର ଦତ୍ତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଙ୍କୁ ପରାମର୍ଶ ଦେଲେ କି ତୁମେ ଯାଇ ଗୁରୁଙ୍କୁ ଏ ସମ୍ବନ୍ଧରେ ପଚାର, କି କାହିଁକି ଏତେ ବର୍ଷ ବିତି ଯାଇଥିଲେ ମଧ୍ୟ ମୁଁ କାହିଁକି କିଛି ଆପଣଙ୍କଠାରୁ ଶିଖିପାରିଲି ନାହିଁ । ରାଣୀଙ୍କ କଥାରେ ରାଜା ଦିନେ ସେ କଥା ଗୁରୁଙ୍କୁ ପଚାରିଲେ, ଗୁରୁଙ୍କୁ ରାଜାଙ୍କୁ ଦେଖି ସ୍ମିତ ହସର ସହିତ କହିଲେ ହେ ରାଜନ ! ତୁମେ ଏ ପ୍ରଶ୍ନ ପଚାରିବାକୁ ଏତେ ବିଳମ୍ବ କେମିତି କଲ, ତତପରେ ଗୁରୁ ରାଜାଙ୍କୁ ଉତ୍ତରରେ କହିଲେ କି ଦେଖ ରାଜା ମୁଁ ଯେତେବେଳେ ତୁମକୁ ବିଦ୍ୟା ଶିଖାଏ ତୁମେ ସେତେବେଳେ ସିଂହାସନରେ ବସିଥାଅ, ସେତେବେଳେ ତୁମ ମନରେ ରାଜ ପଦବୀର ଗର୍ବ ଥାଏ, ତୁମେ ନିଜକୁ ରାଜା ବୋଲି ମଣ ମାତ୍ର ଶିଷ୍ୟ ବୋଲି ମନେ କର ନାହିଁ । ତେଣୁ ମୋର ଶକ୍ତି ତୁମ ଉପରେ କୌଣସି ପ୍ରଭାବ ପକାଇ ପାରେନା, ସର୍ବଦା ଗୁରୁ ପୂଜନୀୟ ଅଟନ୍ତି ତେଣୁ ତୁମେ ନିଜକୁ ସାମାନ୍ୟ ଶିଷ୍ୟ ମନେକରି ଗୁରୁଙ୍କ ଚରଣ ତଳେ ରହି ଶିକ୍ଷା ଗ୍ରହଣ କରିବାର ଥିଲା । ତା ପରଠାରୁ ରାଜା ଗୁରୁଙ୍କୁ ସର୍ବଦା ସିଂହାସନରେ ବସାଇ, ନିଜେ ଗୁରୁଙ୍କ ପଦ ତଳେ ଶିକ୍ଷା ଗ୍ରହଣ କଲେ, ଫଳ ସ୍ୱରୂପ କିଛି ଦିନ ପରେ ରାଜା ବିଦ୍ୟା ଅଧ୍ୟୟନରେ ପାରଙ୍ଗମତା ହାସଲ କରି ପାରିଲେ ।

ତେଣୁ ଛାତ୍ରଛାତ୍ରୀ ସର୍ବଦା ନିଜର ପରିବାର ଧନ, ସମ୍ପତି, ଆଭିଜାତ୍ୟର ଗର୍ବ ମନରେ ରଖି ଶିକ୍ଷା ଗ୍ରହଣ କରିବା ଉଚିତ ନୁହେଁ.. ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ରାହ୍ମିପ୍ଲସ୍ ଦାନା

ଆଜି ତୁ ମୋ ନାକନିଶ ତଳେ ପକେଇଦେଲୁ । ଚଣ୍ଡାଳ କ'ଣ କଲୁ ! ସେ ପୋଇଲି ପୁଅଠୁ କମ୍ ନମ୍ବର ରଖିଲୁ ? ଯିଏ ଆମଘର ଅଇଁଠାଖାଇ ବଢୁଛି, ଯିଏ ଜୀବନରେ କେବେ ଭାତସାଙ୍ଗରେ ତିଅଣ ଖାଇନି, ହଳେ ଚପଲରେ ଦି ବର୍ଷରୁ ତିନିବର୍ଷ ପେଲିନେଉଛି, ତୋ'ର ଛିଣ୍ଡାମିଣ୍ଡା ପିନ୍ଧି ଚଳଉଛି, କାଗଜକଲମ ଅଭାବକୁ ବତିଖୁଂଟ ତଳେ କି ଡିବିରି ଆଲୁଅରେ ପଢୁଛି, ସାବୁନ ତେଲ ଆମଠୁ ମାଗିକି ଚଳୁଛନ୍ତି, ସିଏ ଯଦି ତୋ'ଠାରୁ ବେଶୀ ନମ୍ବର ରଖିଲା, ମୁଁ କେମିତି ଧୈର୍ଯ୍ୟଧରି ରହିପାରିବି କହ ! ସରକାରୀ ଚାଉଳ ନମିଳୁଥିଲେ ଓଳିଏ ଖାଇଲେ ଓଳିଏ ଓପାସ ରହୁଥାନ୍ତେ । ସେ'ଟୋକା ଭୋକିଲା ପେଟରେ ଏମିତି କି ପାଠ ପଢିଲା ଯେ ତୋତେ ଟପିଗଲା । ମୋତେ ଲଜ୍ଜା ଲାଗୁଛି । ସରମରେ ଆତ୍ମହତ୍ୟା କରିବାକୁ ମନହେଉଛି । ଏଥର ଗାଁରେ ମୋ ଇଜ୍ଜତ ଚାଲିଗଲା । ସେ ହେଡମାଷ୍ଟ୍ରକୁ ପାହାର ଦରକାର । ଶଳା ! ନମ୍ବର ଦେଲାବେଳେ କାହା ପିଲା ଦେଖିବନି ! ରାଜାପୁଅକୁ ଚାଳିଶନମ୍ବର ଦେଇ ପୋଇଲି ପୁଅକୁ ଅଶି ନମ୍ବର ? ଏକବାରେ ଡବଲ୍ । ଢିଙ୍କିକୁ କାଠ ମଣିଲେଣି । ସମସ୍ତଙ୍କୁ ଦେଖିନେବି । ନବଦାକୁ କହି ଯଦି ମାଲକାନାଗିରି ନ ପଠେଇଛି ମୋତେ କହିବ । ତୋ'ର ସତରେ କ'ଣ ହେଲା କହିଲୁ ? ଏ'ଟୁସନ୍ ମାଷ୍ଟ୍ରଗୁଡ଼ା ପରୀକ୍ଷାଦିନ କିଛି ସାହାଯ୍ୟ କଲେ କି ନାହିଁ ? ଏଇଟାମ ଅଷ୍ଟମ



ଇଂ ବିଦ୍ୟାଧର ପଣ୍ଡା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରେଣୀପରୀକ୍ଷା ବୋଲି ମୁଁ କିଛି ବେଶୀ କହୁନି । ନବମ କି ଦଶମ ପରୀକ୍ଷା ହୋଇଥିଲେ ସେ ଟୁସନ୍ ମାଷ୍ଟ୍ରଗୁଡାଙ୍କୁ ଗୋଡେଇ ଗୋଡେଇ ପିଟିଥାନ୍ତି । ଶଳା ତିନିତିନିଟା ମାଷ୍ଟ୍ର ମାସକୁ ନଅହଜାର ଟଙ୍କା ଠଣ୍ ଠାଣ୍ ଗଣି ନେଉଛନ୍ତି, ଦେଖିଲା ବେଳକୁ ପୁଅର ଚାଳିଶ ପ୍ରତିଶତ ନମ୍ବର ! ଅଙ୍କରେ ଗ୍ରେସ୍ ମାର୍କରେ ପାସ୍ । ମୋତେ ଲାଗୁଛି ଏ'ଶଳା ବିରୋଧୀଦଳ ନେତା କିଏ ସ୍କୁଲ୍‌ଭିତରେ ପଶି ରାଜନୀତି ଖେଳୁଛି । ଯିଏ ବ୍ରାହ୍ମିପ୍ଲସ୍ ଦାନା ଚାଉଳ ଗହମଠାରୁ ବେଶୀ ଖାଉଛି ସିଏ ପେଜପିଆ ପିଲାଠାରୁ କମ୍ ନମ୍ବର କେମିତି ରଖିବ ! ଅସମ୍ଭବ । ପୁରାପୁରି ଅସମୀଚୀନ । କାଲି ସ୍କୁଲ୍ ଯାଇ ଖବର ନେବାକୁ ହେବ । ଏମିତି ଚିଲ୍ଲେଇ ଚିଲ୍ଲେଇ ରାଜାବାବୁ ଲଥ୍‌କରି ତଳେ ବସି ପଡିଲେ । ମୁଣ୍ଡ ବୁଲେଇଲା, ବିପି ବଢିଗଲା । ସଙ୍ଗେସଙ୍ଗେ ଡାକ୍ତର ଦଳଦଳ ହୋଇ ମାଡି ଆସିଲେ । କିଏ ବିଂଚଣା ଧରି ବିଂଚିଲା ତ କିଏ କାନଫୁଙ୍କିଲା । ପ୍ରଥମେ ରାଜାବାବୁଙ୍କର କରୋନା ପରୀକ୍ଷା ହେଲା । ଯାହାହେଉ କରୋନା ନେଗେଟିଭ୍ ଆସିଲାରୁ ଡାକ୍ତରମାନେ ଇଂଜେକ୍ସନ ଆଦି ଦେଇ ସ୍ୱାସ୍ଥ୍ୟକୁ ଠିକ୍ କଲାପରେ ଯାଇ ରକ୍ତସର୍କରା ମାତ୍ରା କମିଲା ଏବଂ ରକ୍ତଚାପ ସାଧାରଣ ହେଲା । ନହେଲେ ରାଧାନାନି ତ ରାଜାଭାଇ ଉପରୁ ଆଶା ଛାଡି ଦେଇଥିଲେ ।

ରାଜାଭାଇ ରାଜନୀତି କରିବାର ତିରିଶବର୍ଷ ହେଲାଣି । ରାଧାନାନି ବାହାହେଲା ବେଳେ ଯେଉଁ ରାଜାଭାଇ ସବୁଦିନେ ଶୋଇଲା ବେଳେ ଚୁମାଟିଏ ଦେଇ ଶୁଏ ଆଜିକାଲି ଆଉ ସେକଥା ନାହିଁ । ରାଜନୀତିରେ ଆସିବା ପୂର୍ବରୁ ରାଜା ରାଧାରାଣୀ ପେଟପୁରେଇ ପରେପରେ ଡେଲିଭରି କରେଇଲେ । ନହେଲେ ରାଧାର ଛୁଆବେଇବାରେ ଆଦୌ ଇଚ୍ଛା ନଥିଲା । ଯାହାହେଉ ଏବେ ରାଜା ଓ ରାଧାଙ୍କର ଔରସରୁ ଜାତ ପୁତ୍ରସନ୍ତାନ ରଂଜନର ପାଠଘର ଶୂନ । ତିନିତିନିଟା ଟ୍ୟୁସନ୍ ମାଷ୍ଟ୍ର ସକାଳୁ ସଂଜଯାଏ ଲାଗିଛନ୍ତି ହେଲେ ଟାଙ୍ଗରା ଭୁଇଁରେ କୁଶ କଅଁଳୁନି । ବ୍ରାହ୍ମିପ୍ଲସ୍ ଦାନା କିଲୋ ହଜାରେ ଟଙ୍କା, ମାସକୁ ଦୁଇଟା ଖାଉଛି ।

 Magazine Downloaded from www.aahwaan.com

ସକାଳେ ମୁଠାଏ ସଂଜରେ ମୁଠାଏ । ମସ୍ତିଷ୍କ ଉର୍ବର ହେବା କଥା । କିନ୍ତୁ କିଛି ମନେ ରହୁନି । ରଂଜନ ଚଗଲା ପିଲାଟା । ଅଷ୍ଟମରୁ ନଷ୍ଟ ହେବାକୁ ବସିଲାଣି । କଙ୍ଗନା ଓ ରାଖୀ ସାଓନ୍ତ ଫଟୋ ତକିଆ ତଳେ ରଖୁଛି । ରାତି ଅଧରେ ଲାଇଟି ଲଗେଇ ଦେଖୁଛି । ମାଆ ପଚାରିଲେ କହୁଛି ଅଙ୍କ କଷୁଛି । ମିଛରେ ପିଏଚ୍‌ଡି ଏମ୍ଫିଲ୍ କଲାଣି । ଅପରପକ୍ଷରେ ତାଙ୍କଘରେ ଘରପୋଛା ବାସନକୁସନ ମଜାମଜି କରିବାପାଇଁ ଜଣେ ବିଧବା ମାଇକିନା ଅଛି । ଗାଁରେ ପୋଇଲି କୁହଁନ୍ତି । ନାଁ ସରସତି । ସରସତିର ପୁଅ ଶିବ ରଂଜନର ସାଙ୍ଗରେ ସେହି ଗାଁ ସ୍କୁଲରେ ପାଠପଢେ । ରଂଜନର ପାଠଘର ଶୂନକୁ ଶିବର ମସ୍ତିସ୍କ ଉର୍ବର । ଶିବର ବାପା ନାହାନ୍ତି, ମାଆ ରାଜାବାବୁଙ୍କ ଘରେ କାମକରି ନିଜେ ଯାହିତାହି ଚଳି ଶିବକୁ ପାଠ ପଢଉଛି । ସପ୍ତମଶ୍ରେଣୀ ପରେ ଶିବକୁ ପାଠପଢିବାକୁ ସରସତି ମନା କରୁଥିଲା । ମାଷ୍ଟ୍ରମାନେ ମିଶି ସରସତିକୁ କହିଲେ ପଢାଅ, ଛୁଆଟା ଭଲପଢୁଛି । ଗୁଁପୁଁ ହୋଇ ଶେଷରେ ସରସତି ରାଜିହେଲା । ଏବେ ଭାବୁଛି ବ୍ରଜବାବୁଙ୍କ ଘରେ ରହି ବଗିଚାର ଫୁଲଗଛରେ ପାଣି ଦେଇଥିଲେ କି ଗାଡି ଧୋଇଥିଲେ ମାସକୁ ଦୁଇହଜାର ଟଙ୍କା ଦେଇଥାନ୍ତେ । ମା ପୁଅ ପେଟପୁରା ଖାଇପିଇ ଭଲରେ ଚଳିଥାନ୍ତେ । ବିଧବା ମାଆର ଗୋଟାଏ ରୋଜଗାରରେ ଦୁଇଜଣଙ୍କୁ କୁଳୋଉନି । ଆମେ ଗରିବଲୋକ ପାଠପଢି ଲାଭ କଣ? ସବୁଜାଗାରେ ହାତଗୁଂଜା ନହେଲେ କିଛି କାମହେଉନି । ଦେଖାଯାଉ ଯାହା ଭାଗ୍ୟରେ ଥିବ ।

ରାଜାବାବୁ ରଂଜନର ଚଗଲାମି ଯାଇ ପାଠରେ ମନଲାଗିବାକୁ ନାନାଦି ଉପାୟ କଲେ । ସବୁ ଦେବାଦେବୀଙ୍କ ପାଖରେ ପଶୁବଳୀ ଦେଲେ । ଯିଏଯାହା କହିଲେ ସବୁ ଉପାୟ କଲେ । ଡାକ୍ତର ଓ ଗୁଣିଆ ସମସ୍ତଙ୍କ କଥା ଶୁଣିଲେ । ତେଉଁରିଆ ସୂତାରେ ବାଁ ଡାହାଣ ହାତ ପୁରଣ ହୋଇଗଲା । ବାର ପ୍ରକାର ଭିଟାମିନ୍, ଗିର୍ ଗାଇଘିଅ, ଜିନ୍‌ସେଙ୍ଗ୍ ଆଦି ବଟିକାକୁ ଡବଲ୍ ଡୋଜ୍ କରି ଦିଆଗଲା । ସକାଳ ଜଳଖିଆରେ କେବଳ ବ୍ରାହ୍ମିପ୍ଲସ୍ ଦାନା ଦିଆଗଲା ।

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଖେଳାଖେଳି ବନ୍ଦ । ରଂଜନ ଏସବୁକୁ ତା ଉପରେ ଅକଥନୀୟ ଅତ୍ୟାଚାର ବୋଲି ଭାବିଲା । ସ୍କୁଲକୁ ଯିବା ପୂର୍ବରୁ ଏବଂ ସ୍କୁଲରୁ ଫେରିବାପରେ ଟ୍ୟୁସନ୍ ମାଷ୍ଟ୍ର ନଥିବାବେଳେ ଗୋଟିଏ ଘରେ ବହିବସ୍ତାନି ଦେଇ ତାକୁ ବାହାର ପଟରୁ କବାଟ କିଳିଦେଲେ । ରଂଜନ ଝରକା ଖୋଲି ବାହରର ଦୃଶ୍ୟଦେଖି ଲୁହ ଗଡେଇଲା । ସିଏ ପକ୍ଷୀ ପରି ଉଡିବାକୁ ଚାହୁଁଥିଲା । ଗାଁ ପିଲାଙ୍କ ସହ ମିଶି କବାଡି ଖେଳିବାକୁ ମନ କରୁଥିଲା । ତାର ପାଠସାଠରେ ମନ ଲାଗୁନଥିଲା । ନବମ ପରୀକ୍ଷାରେ ରଂଜନ ବହୁତ କଷ୍ଟରେ ତିରିଶ ପ୍ରତିଶତ ନମ୍ବର ରଖି ଦଶମକୁ ଉଠିଲା ବେଳକୁ ପୋଇଲିପୁଅ ଶିବ ଶ୍ରେଣୀରେ ପ୍ରଥମ ହେଲା । ରାଜାବାବୁ ବିଶ୍ୱାସ କରି ପାରିଲେନି । ବହୁତ ଆଲୋଚନା ପର୍ଯ୍ୟାଲୋଚନା ପରେ ସରସତିକୁ ଚୋରବୋଲି ଘୋଷଣା କରି ଗାଁରୁ ଏକଘରକିଆ କଲେ । ରାଜାବାବୁ କହିଲେ ରଂଜନପାଇଁ ଆସୁଥିବା ବ୍ରାହ୍ମିପ୍ଲସ୍ ଦାନାରୁ ସରସତି ଚୋରୀକରି ତା ପୁଅକୁ ଖାଇବାକୁ ଦେଉଥିବାରୁ ତା ପୁଅ ପରୀକ୍ଷାରେ ନବେ ପ୍ରତିଶତ ନମ୍ବର ରଖିବାକୁ ସମର୍ଥ ହୋଇଛି । ରାଜାବାବୁଙ୍କ ଡରରେ ଗାଁ ବାଲା ସମସ୍ତେ ଏହିକଥାକୁ ସମର୍ଥନ କଲେ । ଶିବ ମାସେ ଯାଏଁ ସ୍କୁଲକୁ ଗଲାନି । ଛୁଆମାନେ ଚିଡେଇଲେ । ତୋ ମା ଚୋରଣୀ, ତୋ ମା ଚୋରଣୀ । ପ୍ରଧାନ ଶିକ୍ଷକ ଦିନେ ଲୁଚିକି ସରସତି ପାଖକୁ ଆସିଲେ । କହିଲେ ଚିନ୍ତା କରିବାର କିଛି କଥା ନାହିଁ । ଶିବ ସ୍କୁଲକୁ ଆସୁ, ପାଠପଢୁ । କାହାକଥା କିଛି ଶୁଣିବା ଦରକାର ନାହିଁ । ତୁମ ଗାଁରେ ତୁମେ ଅପଡ । ଏ ସ୍କୁଲକୁ ପନ୍ଦର କି ଷୋଳଟା ଗାଁର ପିଲା ଆସୁଛନ୍ତି । ସ୍କୁଲକୁ ଆସିବାକୁ ମନା କରିବା କାହାର ଅଧିକାର ନାହିଁ । ତାପରେ ଶିବ ସ୍କୁଲ୍ ଗଲା । ସେହି ଗାଁରେ ସରସତିକୁ ଆଉ ପୋଇଲି କାମ ମିଳିଲାନି । ବାପଘର ବି ଚଳିବା ପକ୍ଷ ନୁହଁନ୍ତି । ଯୁଆଡୁ ସିଆଡୁ ଯୋଗାଡ କରି ଟଙ୍କିକିଆ ଚାଉଳ ଉଠାଏ । ବେଳେବେଳେ କାଲା ସରଂପଚ ସରସତିକୁ କହେ ତୁ ଯା । ଶିବ ଚାକିରି କଲେ ସୁଧମୂଳ ମିଶେଇ ଦେବୁ । ଏବେ ତୋ ପାଖରେ ମୋର ଜମା ଥାଉ । ଏମିତି ବି କିଛି

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଲୋକ ରାଜନୀତିରେ ଏବେ ମଧ୍ୟ ଅଛନ୍ତି ଯେଉଁମାନେ ଗରିବଙ୍କ ଭାଷା ବୁଝନ୍ତି । ସେଥିପାଇଁ ତ ସଂସାର ଚାଲିଛି, ନହେଲେ ଧ୍ୱଂସ ହୋଇଯାଆନ୍ତା ।

ସରସତିକୁ ରବିବାର ବେଶୀ ଚିନ୍ତା । ଅନ୍ୟଦିନେ ଶିବ ସକାଳେ ସନ୍ଧ୍ୟାରେ ଯାହିତାହି ଖାଇ ସ୍କୁଲ୍ ପଳାଏ । ସେଠି ମଧ୍ୟାହ୍ନ ଭୋଜନରେ ପେଟପୁରା ଖାଇ ନିଜର ଭୋକ ମେଂଟାଏ । ଗତ କିଛିଦିନ ହେବ ଶିବ ନିଜକୁ ଏକବକ୍ତିଆ ଅଲେଖ ବା ଜୈନବାବାଙ୍କ ପରି ଭାବିନେଇଛି । ହେଲେ ରବିବାର ଘରେ ରହିବାରୁ ସରସତିକୁ କିଛି ତ ଖାଇବାକୁ ଦେବାକୁ ହେବ । ଚାଉଳ ଅଛି । ହେଲେ ସବୁଦିନେ କଣ ଲୁଣ ଲଗେଇ ପଖାଳ ଖାଇହୁଏ ! ଆଠକାଳୀ ବାରମାସୀ କଣ ସଜନାଶାଗ ଖରଡି ଦେଲେ ପାଟିକୁ ରୁଚେ ! ଶିବ ଅଝଟ କଲେ ସରସତି ନିଜଛାତିରେ ଜାବୁଡି ଗେଲ କରି ବୁଝାଇ ଦିଏ ଯେ ଏ ଦୁର୍ଦ୍ଦିନ ଆଉ ବେଶୀଦିନ ପାଇଁ ନୁହେଁ । ଅଳ୍ପଦିନ ପରେ ଆମଦିନ ବି ଆସିବ । ବାପାଟା ପରା, ମୋ ସୁନାଟା ପରା । ଚାଲ୍, ଖାଇଦେ ଚାଲ । ଭଗବାନଙ୍କୁ ଧନ୍ୟବାଦ ଯେ ଆମ ବାଡିରେ କେତେ ସଜନା ଗଛ ଉଧେଇଛନ୍ତି ! ଆଉ କାହାର ଏମିତି ଏତେ ଗଛ ଅଛି କହିଲୁ ! ଶିବ ବୁଝିଯାଏ । ପନ୍ଦରବର୍ଷର ପିଲା, ହେତୁ ହେଲାଣି । ମାଆର ମନ ବୁଝିବନି କେମିତି ! ଏମିତି କିଛିମାସ ଗଲା ପରେ ଶିବ ସ୍କୁଲର ଜଣେ ଶିକ୍ଷକ ଶିବକୁ ନିଜଘରେ ରଖିବାକୁ ଆଗ୍ରହ ପ୍ରକାଶ କଲେ । ଶିବର ଖାଇବା ପିଇବା ସବୁ ସିଏ ବୁଝିବେ । କିନ୍ତୁ ବଦଳରେ ଶିବ ତାଙ୍କର ବଜାର ହାଟ ସଉଦା କରିବ ଏବଂ ତାଙ୍କର ତୃତୀୟରେ ପଢୁଥିବା ଝିଅକୁ ପ୍ରତିଦିନ ସକାଳେ ଘଂଟାଏ ପାଠ ପଢେଇବ । ସିଏ ପଢିଲା ସମୟରେ ଯଦି କିଛି ବୁଝି ନପାରିଲା ସାରଙ୍କୁ ପଚାରି ବୁଝିନେବ । ଦଶମ ଶ୍ରେଣୀ ପାଠକୁ ଏପରି ସୁବର୍ଣ୍ଣ ସୁଯୋଗ ଶିବକୁ କୈଳାସପତି ଶିବ ହିଁ ଦେଲେ ବୋଲି ଜାଣ । ସରସତି ବହୁତ ଖୁସି । ତିନିମାସ ହେଲା ଶିବ ଭାତ ସାଙ୍ଗରେ ତିଅଣ ଖାଇନି, ଏବେ ମାଗଣା ଖାଇବା ସହ ମାଗଣା ଟ୍ୟୁସନ୍ । ଉପରବାଲା ହିଁ ବଡଲୋକ ।

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଦିନେ ଶିବ ଶିକ୍ଷକଙ୍କ ଘରେ ଭାତଥାଳି ପାଖରେ ବସୁବସୁ ଲୁହ ବୁହାଉଥିବା ଦେଖି ଶିକ୍ଷକଙ୍କର ପତ୍ନୀ କାନ୍ଦିବାର କାରଣ ପରିଲେ । ଶିବ ରୁଦ୍ଧଗଳାରେ କହିଲା ମୋ ମା କଥା ମନେପଡୁଛି । ମୁଁ ଏଠି ଏତେ ପ୍ରକାର ତିଅଣ ସାଙ୍ଗରେ ପେଟପୁରା ଭାତ ଖାଉଛି । କିନ୍ତୁ ମାଆ ସେଇ ସଜନାଶାଗ ଛଡା ଅନ୍ୟ କିଛି ପାଉନଥିବ । ଶିକ୍ଷକ ପତ୍ନୀ କହିଲେ ତୁ ଏଇ ସପ୍ତାହରୁ କିଲେ ଲେଖାଏଁ ଆଳୁ ତୋ ମାଆକୁ ଦେଇ ଆସିବୁ । ଶିବ ବହୁତ ଖୁସି ହେଲା । ପ୍ରତି ରବିବାର ଦିନ ଦିପହରେ ଆଳୁକିଲେ ନେଇ ମାଆ ପାଖକୁ ଯାଏ । ମାଆ ହାତରନ୍ଧା ଭାତ ସାଙ୍ଗରେ ଆଳୁଭରତା ଖାଇ ମାଆ ସାଥିରେ ଘଡିଏ ଶୋଇ ଫେରେ । ରାଜାବାବୁଙ୍କ ପାଖରେ ଏ ଖବର ପହଁଚିବାରୁ ରାଜାବାବୁ ଘରେ ତାଗିଦ୍ କରି କହିଲେ ରଂଜନର ଖାଦ୍ୟ ଡାକ୍ତର ହିସାବରେ ଦିଅ । ସକାଳେ ଉଠୁଉଠୁ ମୁଠାଏ ବ୍ରାହ୍ମିପ୍ଲସ୍ ଦାନା ସହ ଦୁଇଟା ସେଓ । ତାପରେ କ୍ଷୀର ଗ୍ଲାସ୍‌ଟିଏ । ଏଗାରଟା ବେଳକୁ ପିଜା । ତିନଟାରେ ବରଫି । ଛଅଟାରେ ପର୍ଣ୍ଣଟିକା । ରାତ୍ରୀଭୋଜନରେ ତନ୍ଦୁରି ଆଇଟମ୍ । ଶୋଇଲାବେଳକୁ ମୁଠାଏ ବ୍ରାହ୍ମିପ୍ଲସ୍ ଦାନା । ଦଶମ ବୋର୍ଡ ପରୀକ୍ଷାକୁ ରଂଜନ ଓ ଶିବ ଉଭୟେ ଗଲେ । ତିନିମାସ ପରେ ପରୀକ୍ଷାଫଳ ବାହାରିବା ଦିନ ରାଜାବାବୁ ଏକ ପାର୍ଟିର ଆୟୋଜନ କଲେ । ରାଜାବାବୁଙ୍କର ନିଜ ପୁଅ ଅପେକ୍ଷା ବ୍ରାହ୍ମିପ୍ଲସ୍ ଦାନା ଉପରେ ବେଶୀ ଭରସା । ଦିନେ ତାଙ୍କ ପିଏଙ୍କୁ କହୁଥିଲେ ସିଏ ପଢିଲାବେଳେ ଯଦି ଏ ବ୍ରାହ୍ମିପ୍ଲସ୍ ଦାନା ଫ୍ୟାକ୍ଟ୍ରୀ ଥାଆନ୍ତା ତେବେ ନିହାତି ସିଏ ଦଶମଟା ଡେଇଁ ଯାଇଥାନ୍ତେ । ହଁ ମ । ସପ୍ତମଯାଏଁ ପଢିକି ତ ବିଏ ଏମେଙ୍କୁ ହଳ ବୁଲଉଛି, ଅଧିକ ହୋଇଥିଲେ କଣ ଆଉ ହୋଇଥାନ୍ତା । ପୁଅ ପଢୁ ଯଦି ତା ଭାଗ୍ୟରେ ଥିବ ମୁଖ୍ୟମନ୍ତ୍ରୀ ହୋଇପାରେ । ବର୍ଷକରେ ଚବିଶ କିଲୋ ରଂଜନ ବ୍ରାହ୍ମିପ୍ଲସ୍ ଦାନା ଡବା ଖାଇଛି, ମାନେ ନବେ ପ୍ରତିଶତ ନମ୍ବର ରହିବା ପକ୍କା । ବଡ ଭୋଜିର ଆୟୋଜନ କରିଛନ୍ତି । ରଂଜନ ମମି ସାଙ୍ଗରେ ପରୀକ୍ଷା ଫଳ ଦେଖିବାକୁ ସ୍କୁଲ୍ ଗଲେ । ଫାଟକପାଖରେ ଦେଖିଲେ ଶିବକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଚାରିଜଣ ପିଲା କାନ୍ଧରେ ବସେଇ ବାହାରକୁ ହିପି ହିପ୍ ହୁର୍ରେ ଚିତ୍କାର କରି ବାହାରୁଛନ୍ତି । ପରି ବୁଝିଲେ ଯେ ଶିବ ପ୍ରଥମ ଦଶଜଣଙ୍କ ଭିତରେ ରାଜ୍ୟରେ ତୃତୀୟସ୍ଥାନ ଅଧିକାର କରିଛି । ଚାଳିଶ ପଚାଶ ଛୁଆ ଗାଁ ଦାଣ୍ଡରେ ପ୍ରଶସନ କରି ଗଲାବେଳେ ରାଜାବାବୁ ଦେଖି କହିଲେ ଏବେ ଦେଖିବ ମୋ ପୁଅ ତା ପରୀକ୍ଷାଫଳ ନେଇକି ଆସିବ । ଇଏ ତ ତୃତୀୟ ହୋଇଛି, ସିଏ ପ୍ରଥମ କି ଦ୍ୱିତୀୟ ହୋଇଥାଇ ପାରେ । ଚବିଶଟା ବ୍ରାହ୍ମିପ୍ଲସ୍ ଦାନାଡବା ଖାଇଛି, କଣ ଛୋଟିଆ କଥା ! ଯଦି ବା ଶିବଠୁ ଦଶ କୋଡିଏ ନମ୍ବର କମିଗଲେ ସିଏ ମନ୍ତ୍ରୀ ହେବ ଇଏ ତା ଅଫିସରେ ପିଅନ ହେବ । ଆସୁ, ଦେଖିବା କେତେ ନମ୍ବର ରଖିଛି । ଘଂଟାଏ ଗଲା, ଦୁଇଘଂଟା ପରେ ରାଜାବାବୁ ଅସ୍ଥିର ହେବାକୁ ଲାଗିଲେ । ତିନିଘଂଟା ପରେ ରାଜାବାବୁଙ୍କର ଧର୍ମପତ୍ନୀଙ୍କ ମୋବାଇଲରୁ ରିଂ ଆସିଲା । ସେମାନେ ସିଧା ସ୍କୁଲରୁ ରଂଜନର ମାମୁଁଘରକୁ ଚାଲିଯାଇଛନ୍ତି । ହସିହସି ହେଲୋ କହୁକହୁ ରାଜାବାବୁ ତଳେ କଚାଡି ହୋଇ ପଡିଗଲେ । ଡାକ୍ତରବାବୁ ଆସି ରାଜାବାବୁଙ୍କୁ ହୃଦଘାତ ଦ୍ୱାରା ମୃତ ବୋଲି ଘୋଷଣା କଲେ । ବୁଝୁବୁଝୁ ଜଣାପଡିଲା ଯେ ରଂଜନ ଦଶମ ପରୀକ୍ଷାରେ ଫେଲ୍ ହୋଇଯାଇଛି । ବ୍ରାହ୍ମିପ୍ଲସ୍ ଦାନାଡବା କିଛି କାମ ଦେଲାନି । ରଂଜନ କହୁଛି ବାବା ତ ସପ୍ତମ ଫେଲ୍ ମୁଁ ତ ନବମ ପାସ୍ କଲି । ଏହା ମୂଳରେ ସେହି ଚବିଶଟା ଡବା, ହଜାରେ ଟଙ୍କିଆ ବ୍ରାହ୍ମିପ୍ଲସ୍ ଦାନା ।

ମୋ- ୯୪୩୯୧୨୮୦୫୦

ପ୍ଲଟ-୧୭/୧୫,ପଂଚଶଖା ନଗର, ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଆଉ ସେ...

ଗୋନାସିକାର ବୁକୁଚିରି କଳକଳନାଦରେ ପାହାଡ ପର୍ବତ ବନ୍ଧୁର ଶିଳାକୁ ଆଡେଇ ସାଗର ଗର୍ଭରେ ମିଳନର ଅକ୍ଳାନ୍ତ ପରିଶ୍ରମ କରି ବହିଚାଲିଛି ପୂଣ୍ୟତ୍ରୋୟା ବୈତରଣୀ ।

ଝରଝର ମୂର୍ଚ୍ଛନାରେ ଆହ୍ଲାଦିତ ତା'ର ଜଳରାଶି ଆଉ କଳକଳ ଗାନ କରି ଅବାରିତ ତା'ର ପ୍ଲାବନ ଧାରା ବହି ଚାଲେ ଆଗକୁ ଆଗକୁ । ଦୁଇ ପାର୍ଶ୍ୱରେ ଗଛଲତାରେ ଭରପୁର ଅପୂର୍ବ ଦୃଶ୍ୟ । ପରିବେଶର ପ୍ରକୃତ ସମ୍ଭାର । ସଂଧ୍ୟାର ଗୋଧୁଳି ଭିତରୁ ମହିଆ ଜେନାର ଚିହ୍ନାର, ଯେ ଗୋରୁ ମାନଙ୍କର ଶିକ୍ଷକ ।

ସୂର୍ଯ୍ୟଙ୍କ କିରଣରେ ବାଲୁରାଶିର ଚକମକ ଉର୍ଜା ।

କାଳିଆ, ଟପୁ ଆଉ ମୁଁ ଧିରେ ଧିରେ ପାଦ ବଢେଇ ଥାଉ ନଦୀ କୂଳ ଆଡେ । ଆମ ନିତିଦିନିଆ ବୁଲାବୁଲିର ଯାଗା । କଇଥ ଆଉ କୋଳିର ଚଟପଟି ଏବଂ କାଳିଆର ବାଲୁଙ୍ଗା କଥା, ସୃଷ୍ଟି କରେ ଏକ ମଜାକିଆ ପରିବେଶ । ନିତିଦିନ ଅପରାହ୍ନରେ ନଦୀ କୂଳେ ବସୁ ବସୁ ହଠାତ ଦିନେ ନଦୀର ଆରପଟେ ଦୃଶ୍ୟମାନ ଏକ ନାରୀର ଆବିର୍ଭାବ । ତା ସହ ତା ବାନ୍ଧବୀର ଆଗମନ ।



ପ୍ରିୟଦର୍ଶୀ

ପ୍ରତ୍ୟେକ ଦିନ ଅପରାହ୍ନ ଉପଗତେ ଆମର ନଦୀ କୂଳ ଆଉ ନାରୀର ଝାପସା ପ୍ରତିବିମ୍ବର ଦୃଶ୍ୟ ଏକ ଅଦ୍ଭୁତ ପୁଲକ ମନ ମଧ୍ୟରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଂଚରିତ ହୁଏ । ନିତିଦିନ ଆମେ ସେ ଦୁଇ ଜଣ ସୁନ୍ଦରୀଙ୍କୁ ଦେଖିଥାଉ । ଇତି ମଧ୍ୟରେ ସେମାନଙ୍କର ଇସାରା ଆଉ ଏପଟରୁ ଆମର କିଛି ଇଂଗିତ ମଧ୍ୟ ଏକ ବିଚ୍ଛିନ୍ନ ପ୍ରେମକୁ ପ୍ରଶୟ ଦେଇଥାଏ ।

ପ୍ରେମାନ୍ଧ ଉଭୟ ପାର୍ଶ୍ୱର ଯୁବକ ଯୁବତୀ । ଏକ ଅଦ୍ଭୁତ ପୁଲକରେ ମଜ୍ଜି ଯାଇଥିବା ଦୂର ଦିଗନ୍ତର ଫୁଲ ଓ ଭ୍ରମର । ଧିରେ ଧିରେ ନଦୀ ଏପାରି ସେପାରିକୁ ଉଚ୍ଚ ସ୍ୱରରେ ଡାକାଡକିର ଏକ ଧାରବାହିକ କାର୍ଯ୍ୟ ଚାଲୁରୁହେ ।

ପ୍ରତ୍ୟେକ ଦିନ ସମୟର ସଠିକ ଉପଯୋଗ ପୂର୍ବକ ସଠିକ ସମୟରେ ସମସ୍ତଙ୍କ ଉପସ୍ଥିତି । ଏକ ନିତ୍ୟ ନୈମେତ୍ୟ ପ୍ରେମର ବାରିଧାରାକୁ ଖୋରାକ ଯୋଗାଇଥାଏ । ଦିନ ପରେ ଦିନ ବିତିଯାଏ ଆଉ ରାତିପରେ ପୁନଃଶ୍ଚ ଦିବସର ଆଗମନ । କିଛିଦିନ ପରେ ହଠାତ ସେ ନାରୀ ଦୁହିଁଙ୍କର ଦେଖା ମିଳିବା କଷ୍ଟକର ହେଲା । ସମସ୍ତଙ୍କ ମନ ବିଷାଦରେ ଭରିଗଲା । ମନ ହେଲା ଭରା ନଦୀର ଜଳ ରାଶି ଉପରେ ପାଦ ବଢେଇ ଚାଲିଯିବାକୁ । ଆରପାରିର ସେଇ ଅଳସୀ କନ୍ୟାର ସାନ୍ନିଧ୍ୟ ପାଇବାକୁ ।

କିନ୍ତୁ ସମସ୍ତେ କିଂକର୍ତ୍ତବ୍ୟମୁଢ ।

ଆଶା ଆକାଂକ୍ଷାର ଦୋଛକିରେ ଉଦୀୟ୍ମ ପ୍ରେମକୁ ଜଳାଞ୍ଜଳି ଦେବା କେତେ ଯେ କଷ୍ଟ ! ! ମନଦୁଃଖରେ ନିତିଦିନ ଘରକୁ ଫେରିଯିବା ଏବଂ ନଦୀ କୂଳକୁ ଆଉ ନ ଯିବାର ଏକ ପ୍ରତିଜ୍ଞା କରିବା । ଦିନ ପରେ ଦିନ ଗଡି ଚାଲେ । କିଛି ଦିନର ନୀରବତା ପରେ ହଠାତ ନଦୀ ସେପଟକୁ ବେପାର କରି ଯାଉଥିବା ବଇରା ଦାଦାର ମୁହଁରୁ ଶୁଣିଲୁ ଯେ, କଲେଜ ପଢୁଆ ଏବଂ ଭଲ ପାଠ ପଢୁଥିବା ଦୁଇଟି ଝିଅ ବର୍ଷ ଗୋଟେ ପୂର୍ବରୁ ନଦୀକୁ ଗୋଧୋଇବାକୁ ଯାଇ ଖସିପଡି ପ୍ରାଣ ହରାଇଥିଲେ ।

ଏବେ କିନ୍ତୁ ପ୍ରତ୍ୟେକ ଦିନ ତାଙ୍କ ଆତ୍ମା ନଦୀ କୂଳରେ ଘୁରିବୁଲୁଛି । ସେଥିପାଇଁ ଡଂଗା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଳକଠୁ ଆରମ୍ଭ କରି ସେଇ ଗାଁର ଅନେକ ଲୋକ, ବେପାରୀମାନେ ସଂଧ୍ୟା ଆସିବା ଆଗରୁ ନଦୀ ଘାଟ ଦେଇ ଯିବା ଆସିବା ବନ୍ଦ କରିଦେଇଛନ୍ତି । ଅତ୍ୟନ୍ତ ଭୟାବହ ପରିସ୍ଥିତି । ଆସନ୍ନ ବିପଦରେ ଜନମାନସରେ ଏକ ପ୍ରକାର କୋକୁଆ ଭୟ ପ୍ରାୟ । ସେ କଥା ଶୁଣିବା ପରଠାରୁ ହଠାତ ଗ୍ରୀଷ୍ମର ମେଞ୍ଚାଏ ତତଲା ପବନ ଆମ ଦେହ ହୃଦୟକୁ ଦୋହଲାଇ ଦେଲା । ପାଦ ତଳର ମାଟି ଖସିଗଲା ଭଳି ଲାଗିଲା । ଭୟ ଆଉ କାତରତାର ଫେଣ୍ଟା ପେଣ୍ଟି କିଛି ନିଶ୍ୱାସ ଛାତି ଭିତରେ ପଶିଯାଇ ଜାଳିପୋଡି ଛାରଖାର କରିଦେଲା । ମନରେ ହଜାର ଦ୍ୱନ୍ଦ କହି ବୁଲିଲା, ସତରେ କଣ ସେ ଏକ ଅଳସୀ କନ୍ୟା ! ! !

ଏକ ଅତୃପ୍ତ ଆତ୍ମା ର ପ୍ରତିଛବି ! ! !

କେଉଁ ଶତାବ୍ଦୀରେ, କେଉଁ ପ୍ରାରବ୍ଧରେ ତା ସହ ସମ୍ପର୍କର ଡୋରି ବନ୍ଧା ହୋଇଥିଲା ! !

ସେ କଣ କହି ବୁଲୁଥିଲା- ମୁଁ ମୁକ୍ତ ଏ ଛଳନା ଆଉ କୁଟିଳ ଦୁନିଆ ଭିତରୁ ! !

ନା ! ତାହା ହୋଇ ପାରେନା । କେବେ ନୁହେଁ ।

ଏହି ଭାବନା ଭିତରେ ଅମାନିଆ ପାଦ ଘୁଞ୍ଚି ଘୁଞ୍ଚି ଚାଲି ଯିବାକୁ ପ୍ରସ୍ତୁତ ହେଉଥାଏ ସେଇ ନଦୀ କୂଳକୁ ଆଉ ଦେଖିବାକୁ ଇଚ୍ଛା ହେଉଥାଏ ସେ ଅଳସୀ କନ୍ୟାକୁ । ନା ! ଯିବା ନିଶ୍ଚୟ ଯିବା, ସେ ଲଳନାମୟୀ, କଳ୍ପନାମୟୀର ପ୍ରତିଛବିକୁ ଦେଖିବା । କିନ୍ତୁ .......

ହଠାତ୍ ଦଲକାଏ ପବନରେ ଦେହ ଶିହରି ଉଠିଲା । ପାଖରେ ବଇରା ଦାଦା ନଥିଲା କି ଟପୁ ବି ନଥିଲା । ଥିଲା କେବଳ ଶୂନ୍ୟତାର ସାୟା ଆଉ ମେଞ୍ଚାମେଞ୍ଚା ଭୟ,ଦ୍ୱନ୍ଦ, ଆଶଙ୍କାର ଚିହ୍ନ । କାଳିଆ ମୋ ମୁହଁ କୁ ଅନେଇ ଥାଏ, ଆଉ ମୁଁ ତା ମୁହଁକୁ........

ଗୋବିନ୍ଦ ନିବାସ, ପୁଟିଆ, ଆନନ୍ଦପୁର,କେନ୍ଦୁଝର

ମୋ - ୮୨୪୯୦୪୦୬୪୭

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ନ୍ୟାୟ

ପ୍ରତିଦିନ ନିର୍ଧାରିତ ସମୟରେ ସୁଦାମ ନିଜର କାମ କରିବା ପାଇଁ ଚାଲିଯାଇଥାଏ । ସେ ଜଣେ ଛୋଟିଆ ବ୍ୟବସାୟୀ । ପ୍ରାୟତଃ କେବେ ହେଲେ ସେ ନିଜର କର୍ମମୟ ଜୀବନରେ ପଛେଇ ନାହିଁ । କାମରେ ଇଛା ଥାଉ ଅବା ନଥାଉ ହେଲେ ଦାରିଦ୍ର୍ୟତାର କୁଠାରାଘାତ ତାକୁ କର୍ମପଥକୁ ଟାଣିନିଏ । ସେ ଜାତିରେ ଦୁର୍ବଳ, ହେଲେ କେବେ ମଧ୍ୟ ନିଜର ମନୋବଳକୁ ସେ ଦୁର୍ବଳ କରିନାହିଁ । ତା'ବାପା ଜଣେ ଛୋଟିଆ ବ୍ୟବସାୟୀ ଥିଲେ । ସୁଦାମ ଛୋଟ ଥିବା ସମୟରୁ ସେ ତା'ର ବାପାଙ୍କୁ ଏକ ଦୁର୍ଘଟଣା ଯୋଗୁଁ ହରାଇଥିଲା । ସେଦିନ ଠାରୁ ସୁଦାମର ପାଠପଢାରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା ଓ ସେ ତା' ବାପାଙ୍କ ବ୍ୟବସାୟର ମାର୍ଗକୁ ବାଧ୍ୟବାଧକତାରେ ଆପଣେଇ ନେଲା, କାରଣ ତା' ବାପାଙ୍କ ପରେ ତାଙ୍କ ଘରର ଦାୟିତ୍ୱ ତାକୁ ହିଁ ନେବାକୁ ପଡିଲା । ସୁଦାମର ଦୈନନ୍ଦିନ ଜୀବନ ସୁଚାରୁ ରୂପେ ଚାଲୁଥିଲା ।



ଭବାନୀ ଶଙ୍କର ପଟେଲ୍

କଥାରେ ଅଛି, "ସଂସାର ଭିତରେ ଘର କରିଥିଲେ ପଥର ପଡିଲେ ସହି ।" ଗୋଟିଏ ପରେ ଗୋଟିଏ ସମସ୍ୟା ତଥା ବେଦନାର ବୋଝ ସୁଦାମ ପାଖକୁ ମାଡ଼ି ଆସୁଥିଲା । ଦିନତମାମର ବ୍ୟବସାୟ ଭିତରେ ସୁଦାମ ଅନେକ ଲୋକଙ୍କ ସଂସ୍ପର୍ଶରେ ଆସିଥାଏ । ସେଦିନ ମଧ୍ୟ ସୁଦାମ ପ୍ରତିଦିନ ଭଳି ନିଜ ବ୍ୟବସାୟ କ୍ଷେତ୍ରକୁ ଚାଲିଗଲା । କିଛି ଦିନ ପରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁଦାମ ଅସୁସ୍ଥତା ଅନୁଭବ କଲା । ଥଣ୍ଡା, ଜ୍ୱରରେ ପୀଡିତ ସୁଦାମ ଚିକିତ୍ସାଳୟ ଯାଇ ଡ଼ାକ୍ତରଙ୍କ ସହ ସାକ୍ଷ୍ୟାତ କଲା । ଡ଼ାକ୍ତର ତାକୁ କୋଭିଡ଼ ପରୀକ୍ଷା କରାଇନେବାକୁ ପରାମର୍ଶ ଦେଲେ । ସେ ଡାକ୍ତରଙ୍କ କଥା ପାଳନକଲା । ପରେ ଜାଣିବାକୁ ପାଇଲା ଯେ, ସେ କରୋନା ଭୁତାଣୁ ଜନିତ ରୋଗରେ ପୀଡିତ । ସେହି ଚିନ୍ତାରେ ସେ ବ୍ୟସ୍ତ ହୋଇପଡ଼ିଲା । ସାହି-ପଡୋଶି ଲୋକ ଘୃଣାଭାବ ଦେଖାଇ ତାଙ୍କ ଘରକୁ ଯାତାୟାତ ବନ୍ଦ କରିଦେଲେ । କିଛି ଡ଼ାକ୍ତରୀ କର୍ମଚାରୀ ଆସି ତାକୁ ଘରଠାରୁ ଦୂର ଏକ ଚିକିତ୍ସାଳୟକୁ ନେଇଗଲେ । ପରିବାର ଲୋକେ ତାଙ୍କୁ ବାରଣକଲେ, ହେଲେ ସେମାନେ ତାଙ୍କ କଥା ଶୁଣିଲେ ନାହିଁ । ସୁଦାମ ଭଳି ଅନେକ କରୋନା ସକ୍ରିୟ ଥିବା ବ୍ୟକ୍ତି ସେଠାରେ ଚିକିତ୍ସିତ ହେଉଥିଲେ । ତାହା ଥିଲା କେବଳ କରୋନା ରୋଗୀଙ୍କ ଚିକିତ୍ସାଳୟ ।

କିଛି ଦିନ ପରେ ସୁସ୍ଥ ହୋଇ ସୁଦାମ ନିଜ ବ୍ୟବସାୟରେ ଲିପ୍ତ ହେଲା । ଦିନେ ହଠାତ୍ ସେ ଅସୁସ୍ଥତା ଅନୁଭବ କଲା । ତାକୁ ସହର ମୁଖ୍ୟଚିକିତ୍ସାଳୟର ଆଶ୍ରୟ ନେବାକୁ ପଡିଲା । ତା'ର ଶାରୀରିକ ଅସୁସ୍ଥତା ସ୍ଥିତି ଉଦ୍'ବେଗଜନକ ହେବାରୁ ପାଖରେ ଥିବା ପରିବାର ସଦସ୍ୟ କାର୍ଯ୍ୟରତ ଡ଼ାକ୍ତରଙ୍କୁ ଦେଖାକଲେ । ପୂର୍ବରୁ ଥରେ ସୁଦାମର ଶରୀରରେ କରୋନା ଭୁତାଣୁ ସକ୍ରିୟ ଥିବାରୁ ଡ଼ାକ୍ତର ତାକୁ ଛୁଇଁବା ପାଇଁ ମଧ୍ୟ ମନା କରିଦେଲେ । ତା' ପରିବାର ଲୋକଙ୍କ ଅନେକଥର ଗୁହାରି ପରେ ମଧ୍ୟ କେହି ତାକୁ ଛୁଇଁଲେ ନାହିଁ, ଶେଷରେ ତା'ର ଜୀବନ ଚାଲିଗଲା । ତା'ର ପତ୍ନୀ ଏହା ଦେଖି ଦୁଃଖରେ ଅଚେତ ହୋଇପଡିଲା । ସୁଦାମର ମୃତ୍ୟୁରେ ପବିବାର ସଦସ୍ୟଙ୍କ ହୃଦୟରେ କ୍ରୋଧର ଅଗ୍ନି ଜଳିଉଠିଲା । ସେମାନେ କ୍ରୋଧିତ ହୋଇ କାର୍ଯ୍ୟରତ ଡ଼ାକ୍ତରଙ୍କ ଉପରେ ଅତର୍କିତ ପ୍ରହାର କଲେ । କ୍ଷଣିକରେ ଡ଼ାକ୍ତରବାବୁ ଚିତ୍କାର କରି ଲହୁଲୁହାଣ ହୋଇ ମୂର୍ଚ୍ଛିତ ହୋଇପଡିଲେ । ମୃତ ସୁଦାମର ଶବକୁ ଚିକିତ୍ସାଳୟ ସମ୍ମୁଖରେ ରଖି ପରିବାରଲୋକେ କିଛି ମୁଖିଆଙ୍କ ସହାୟତାରେ ଆନ୍ଦୋଳନ ଜାରି


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଦେଲେ । ମୃତ ସୁଦାମର ନ୍ୟାୟ ପାଇଁ ସେମାନେ ନିରାଶ ହୋଇ ଚିତ୍କାର କରୁଥାନ୍ତି । କିଛି ଖାକିପୋଷାକ ପିନ୍ଧା ବଡ଼ବଡ଼ିଆ ପୋଲିସବାବୁମାନେ ଆସି ବଡ଼-ବଡ଼ ପ୍ରତିଶୃତିମାନ ଦେଇ ତାଙ୍କ ମନର କ୍ରୋଧକୁ ଶାନ୍ତ କରିଦେଲେ । ସେଦିନ ରାତିରେ କିଛି ପୋଲିସ ସୁଦାମ ଘରକୁ ଯାଇ ଡ଼ାକ୍ତରଙ୍କୁ ମାଡ଼ମାରିଥିବା ତା'ର ପରିବାର ସଦସ୍ୟଙ୍କୁ ଗିରଫ କରି ଆଣିଲେ । ପରଦିନ ପୁଣି କିଛି ଲୋକ ମୁଖିଆଙ୍କ ସହାୟତାରେ ନିର୍ଦୋଷୀ ଲୋକଙ୍କୁ ମୁକ୍ତ କରିବା ପାଇଁ ରାସ୍ତାରୋକ କରି ଚିତ୍କାର କଲେ ।

ଏହିପରି ପ୍ରତିଶ୍ରୁତି ଓ ଆନ୍ଦୋଳନର ଖେଳ କିଛି ଦିନ ପର୍ଯ୍ୟନ୍ତ ଚାଲିଲା ଏବଂ ଶେଷରେ ତାହା ବନ୍ଦ ହୋଇଗଲା । ମୃତ ସୁଦାମକୁ ନ୍ୟାୟ ମିଳିବାରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା ଏବଂ ସୁଦାମର ମୃତ୍ୟୁ ପାଇଁ ଦୋଷୀ କିଏ, ତା'ର ତଲାସରେ ଏକ ବଡ଼ ପ୍ରଶ୍ନବାଚୀ ଲାଗିଗଲା । ସତରେ ସୁଦାମର ମୃତ୍ୟୁର କାରଣ କିଏ ହୋଇଥିବ, ନା ସେ କାର୍ଯ୍ୟରତ ଡ଼ାକ୍ତର, ନା ଶାସନ ବ୍ୟବସ୍ଥା, ନା ତା'ର ଜାତି, ନା ସମୟ ହୋଇଥାଇପାରେ । ଏହା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କଲା । ଶେଷରେ ମୃତ ସୁଦାମର ନ୍ୟାୟ ପାଇଁ ଏକ ବିରାଟ ଚିତ୍କାରର ଆବଶ୍ୟକତା ପଡିଲା ।

ସେମିତି ହିଁ ସୁଦାମର ଫାଇଲ ସରକାରୀ କାର୍ଯ୍ୟାଳୟର ଅନେକ ଫାଇଲ ଭିତରେ ଚାପି ହୋଇ ରହିଯାଏ ଓ ସୁଦାମ ମଧ୍ୟ ଅନେକଙ୍କ ମନରୁ ଲୁପ୍ତ ହୋଇଯାଏ । ଏହି ପରି ବର୍ତମାନ ସମୟରେ ଆମ ଶାସନ ବ୍ୟବସ୍ଥାରେ କେଜାଣି କେତେ ଯେ ସୁଦାମଙ୍କ ଫାଇଲ ଏମିତି ସରକାରୀ କାର୍ଯ୍ୟାଳୟରେ ଚାପିହୋଇ ରହିଯାଇଥିବ ତାହାର ଗଣନା ନାହିଁ ।

ସ୍ନାତକୋତ୍ତର ହିନ୍ଦୀ ବିଭାଗ ଛାତ୍ର,
ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀର, ୭୬୭୦୦୧
ମୋ-୮୨୪୯୦୪୭୦୭୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଦ୍ର



ଝିଲିମିଲି ସାହୁ

ରାମଲାଲ ତାଙ୍କର ସ୍କୁଟିକୁ ସାଇଡ କରି ଷ୍ଟାଣ୍ଡ ଲଗାଇ ବିରକ୍ତ ମନରେ ଲୋକଗୁଡାଙ୍କୁ ବହେ ଗାଳି କରିପକାଇଲେଣି । ଆରେ ହେ... ନିଜକୁ କ'ଣ ଭାବୁଛନ୍ତି କେଜାଣି... କରୋନା ଫରୋନା କିଛି ମାନୁନାହାନ୍ତି । ରାସ୍ତା ବନ୍ଦକରି ଏତେ ବଡ଼ ଲାଇନ୍ ଲଗେଇ ଖରାଟାରେ ଠିଆ ହେଇ ଗୋଟାଏ ପାଲା ଚଲେଇଛନ୍ତି । କରୋନା ଡରରେ ମନର ଦୁକୁଦୁକୁ ଦୂର କରିବା ପାଇଁ ଟିକିଏ ଦୂରରେ ଠିଆ ହେଇ ଜଣଙ୍କୁ ପଚାରିଲେ ହେ ଭାଇ... ଏ ଧାଡିଟା କ'ଣ ପାଇଁ କି ! ସ୍ୱଳ୍ପ ଉଚ୍ଚ ଗଳାରେ ବ୍ୟକ୍ତି ଜଣଙ୍କ ଉତ୍ତର ଦେଲେ ଯେ ଏଠି କରୋନା ପରୀକ୍ଷା ହେଉଛି । ଚମକିକି ରାମଲାଲ ପୂରା ଛାନିଆ । ପୁଣି ଥରେ ପଚାରିଲେ ଏ ଭାଇ ଖରାପ ଭାବନି... ହେଲେ ତମର କଣ ପଜିଟିଭ କି ? ଏଥର ବିରକ୍ତ ହୋଇ ବ୍ୟକ୍ତି ଜଣଙ୍କ ଉଚ୍ଚ ସ୍ୱରରେ କହିଲେ ମୋର ଯଦି ପଜିଟିଭ ହେଇଥାନ୍ତା ମୁଁ କଣ ଏମିତି ଧାଡ଼ିରେ ଠିଆ ହେଇଥାନ୍ତି ! ଭାଇ ତମେ କଣ ଏ ଦୁନିଆଁର ଭଲମନ୍ଦ ଜାଣୁନ କି ! ! ! ଅବିଶ୍ୱାସ ଭରା କଣ୍ଠରେ ରାମଲାଲ ପ୍ରତି ଉତ୍ତର ଦେଲେ... ଆମ ଜିଲ୍ଲାରେ ହଠାତ୍ ଏତେ ଲୋକ କୋରୋନା ପରୀକ୍ଷା ପାଇଁ... ଭାଇ ଘଟଣାଟା କ'ଣ ଠଉରେଇ ପାରୁନି । ଏ ଭିତରେ ସେ ଲୋକଟିର ମୁଁହ ମଳିନ ପଡିଯାଇଥିବାର ସଠିକ୍ ଲକ୍ଷ କରିପାରୁଥିଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାମଲାଲ ହେଲେ କଥାଛଳରେ କହିଲେ ଭାଇ ଏ ବୟସରେ ଏମିତି କେତେ କ'ଣ କହିଦେଉଛି, ଖରାପ ଭାବନି । ଚାପା ଗଳାରେ ବ୍ୟକ୍ତି ଜଣଙ୍କ ପୁଣି ଥରେ ପଚାରିଲେ ଆପଣ ଶିକ୍ଷକ କି !!! ମୁରୁକି ହସି ରାମଲାଲ ନିଜ ସ୍କୁଟି ଆଡ଼କୁ ଅଗ୍ରସର ହେଉଥିବା ବେଳେ ସେ ଭଦ୍ର ବ୍ୟକ୍ତିଜଣଙ୍କ କହୁଥିବା କଥା ଶ୍ରୁତିକୁ ସଠିକ୍ ଶୁଭାଯାଉଥିଲା... ପାଟିରେ ତୁଣ୍ଡି ଭିଡ଼ି ଏମିତି ଆଉ କିଏ ବା ବକବକ ହେବ । ବ୍ୟସ୍ତ ଭାରାକ୍ରାନ୍ତ ମନରେ ସ୍କୁଟି ଷ୍ଟାର୍ଟ କରିବା ବେଳକୁ ହଠାତ୍ କାହାର ଡାକରେ ସେ ପଛକୁ ଫେରି ଚାହିଁଲେ । ତାଙ୍କ ପାଖରେ ତାଙ୍କର ପୁରୁଣା ସହକର୍ମୀ ଜାନକୀ ବାବୁ । ଜାନକୀ ବାବୁ ପଚାରିଲେ ଆରେ ସାର୍ ଆପଣ କ'ଣ ସେଠିକି ଯାଆନ୍ତି ନା କ'ଣ ! ରାମଲାଲ କହିଲେ କାହା କଥା କହିଲେ ? ପୁଣି ଜାନକୀ ବାବୁ କହିଲେ କ'ଣ କିଛି ଜାଣିପାରୁନାହାନ୍ତି ନା କ'ଣ । ମୁଁ ତ ଏଠି ଆପଣଙ୍କୁ ଦେଖି ଆଶ୍ଚର୍ଯ୍ୟ । ରାମଲାଲ ବିସ୍ମୟ ଭାବେ ପଚାରିଲେ ଆପଣ ଟିକେ ଖୋଲିକି କହିଲେ ମୁଁ ବୁଝିପାରନ୍ତି । ଜାନକୀ ବାବୁ ବଡ଼ ଉତ୍କଣ୍ଠା ସହ କହିଲେ ହେଇ ଟିକିଏ ଧାଡ଼ି ଆଡେ ନଜର ପକାନ୍ତୁ । ଆମ ଅଂଚଳର ପ୍ରାୟ ଭଦ୍ର ଆଉ ବିଶିଷ୍ଟ ବ୍ୟକ୍ତି ଠିଆ ହୋଇଛନ୍ତି । ଏବେ ଭାବିଲେ.... କୋରୋନା କଟକଣା ଲାଗି ବହୁଦିନ ହେବ ବଡ଼ ଧରଣର ସଭା ହେଇନି କି ବଡ଼ ପାର୍ଟି ବି ହେଇନି । ରାମଲାଲ କହିଲେ ହଁ ସତ ତ । ଚଟାପଟ ଜାନକୀ ବାବୁ କହିଲେ ହେଇ କଥା ତ... ହଠାତ୍ ଏ ବଡ଼ବଡ଼ିଆ ମାନଙ୍କୁ କୋରୋନା ଡର କ'ଣ ପାଇଁ !! ଚିନ୍ତାକର ଚିନ୍ତାକର ସାର୍... କହି ଚାଲିଗଲେ ପରିବା ବଜାରକୁ ଜାନକୀ ବାବୁ । ପରିବାରର ଜଞ୍ଜାଳରେ ଭାରାକ୍ରାନ୍ତ ମନ ଏତେକଥା କୁଆଡେ ବୁଝିବ କହି ATM ପାଖରେ ପହଞ୍ଚି ଗଲେ । ଯଦି ଏତେ ଲୋକ ପଜିଟିଭ ବାହାରିବେ କିଏ ଜାଣେ କେତେଦିନ ସହର ବନ୍ଦ ରହିବ । ଗଲାଥର ଜାଣିହେଲାନି ବୋଲି ଘରଣୀଙ୍କଠୁ କେତେ ଗାଳି ନଶୁଣିଛି । ଏମିତି ମନରେ ମନରେ ବିଳବିଳେଇ ୧୦/୧୨ ଦିନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ ପରିବା ଆଉ ତେଜରାତି ସଉଦା କରି ଘରେ ପହଞ୍ଚିଗଲେ । ଧର୍ମପତ୍ନୀଙ୍କ ହାତରେ ବ୍ୟାଗ୍ ବଢେଇ ଦେଇ ରାମଲାଲ କହିଲେ ଏକାଥରେ ୧୦/୧୨ ଦିନ ପାଇଁ କିଣି ଆଣିଛି । ଦେଖିକି ଚଳେଇବ, ସହର ପୂରା ୧୦/୧୫ ଦିନ ପାଇଁ ବନ୍ଦ ହେବାର ଅଛି ଆଉ ସବୁ ଜିନିଷ ଠିକ୍ ଭାବରେ ସାନିଟାଇଜ୍ କରି ରଖ । ଆଉ ନିଜେ ପକେଟରୁ ସାନିଟାଇଜର ବାହାର କରି ହାତ ଧୋଇବାରେ ଲାଗିଲେ । ଭିତରୁ ସ୍ତ୍ରୀ ବଡପାଟିରେ କହୁଥିଲେ ଏମାନେ ବେଶି ବଡ଼ବଡ଼ିଆ ଦେଖେଇ ହେଉଛନ୍ତି, ନିଜେ ତ ନିୟମ ନ ମାନି ତା' ଘରକୁ ଗଲେ, ଏକାଠି ମିଶିଲେ । ଏବେ କୋରୋନା ରୋଗକୁ ଖେଳେଇଦେଇ କହିବେ କ'ଣ ନା ସହରକୁ ସର୍ଟଡାଉନ କରିଦେବେ । ଆମେ ଯାହା ଖାଲିଟାରେ ଦହଗଞ୍ଜ ହେଉଛୁ । ରାମଲାଲ ଭାବିଲେ ଆରେ ସବୁ ଖବରତ ଏଇଠି । ଧୀର ସ୍ୱରରେ ଧର୍ମପତ୍ନୀଙ୍କୁ ପଚାରିଲେ କଥାଟା କ'ଣ କି ! ରାମଲାଲଙ୍କ ପତ୍ନୀ ମୁହଁକୁ ମୋଡି କହିଲେ... ହଁ କିଛି ଜାଣୁନ ତମେ, ଅଜଣା ଚାଉଳର ଭାତ ଖାଉଛ । ଆରେ ଉପର ସାହିର ସେ ଅଭଦ୍ର ମାଇକିନିଆକୁ କାଲି ରାତିରେ ଆମ୍ବୁଲାନ୍ସରେ ଭୁବନେଶ୍ୱର ନେଇଗଲେ, ତାକୁ କୁଆଡେ କୋରୋନା ହେଇଛି ବୋଲି । ସେଇଠୁ ଦେଖ ଆଜି ସବୁ ବଡ଼ବଡ଼ିଆ ଙ୍କ ପେଣ୍ଟ ଫାଟିଗଲାଣି କୋରୋନା ଡରରେ । ସବୁ କୁଆଡେ କୋରୋନା ପରୀକ୍ଷା କରିବାକୁ ଏକାବେଳେକେ ଧାଇଁ ଛନ୍ତି ବୋଲି ପାପାଲି ବୋଉ କହୁଥିଲା । ହେଲେ ମୋତେ ଗୋଟେ କଥା ବୁଝେଇ ଦେଲ ସେ ମାଇକିନିଆ ଯଦି ଅଭଦ୍ର ତେବେ ଏମାନେ କେମିତି ଭଦ୍ର ??? ରାମଲାଲଙ୍କ ପାଖରେ ଉତ୍ତର ନଥିଲା । ଲାଗୁଥିଲା ସତେ ଯେପରି ଅନ୍ତର ମନରେ ତର୍ଜମା ଚାଲିଛି ଭଦ୍ର ଆଉ ଅଭଦ୍ର ଶବ୍ଦର । ଆଉ ଅନ୍ତର ଆତ୍ମାରେ ଗୋଟି ଗୋଟି ହୋଇ ପ୍ରତିବିମ୍ବିତ ହେଉଥିଲା ସହରର ପ୍ରତିଷ୍ଠିତ ଅଭଦ୍ର ହୃଦୟ ଥିବା ଭଦ୍ର ବ୍ୟକ୍ତିମାନଙ୍କର ।

*ଶିକ୍ଷୟିତ୍ରୀ, ନୟାଗଡ଼*

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମର୍ପଣ

ନଦୀ ମୁହାଣରେ ବସି ଦେଖୁଥିଲି ସଲିଳା ଆଉ ସାଗରର ସେ ଅନନ୍ୟ ସଂଗମକୁ । ସାଗରର ଉର୍ମୀମାଳା ସଲିଳାକୁ ସାଦରେ ଅଭିନନ୍ଦନ କଲାବେଳେ ସଲିଳା ସମର୍ପିତା ଥିଲା ସାଗରର ପାଦପଦ୍ମରେ । ସମର୍ପଣ ଓ ସ୍ୱୀକାରର କି ମଧୁର ଝଙ୍କାର । ସେ ସମର୍ପଣରେ ପ୍ରତିଫଳିତ ହେଉଥିଲା ଅଭୂତପୂର୍ବ ଭକ୍ତିଭାବର ଛବି । ଭକ୍ତ ହୃଦୟରେ ଖେଳି ଉଠୁଥିଲା ତୃପ୍ତିର ସମାରୋହ ।

ସମର୍ପଣରେ ହଜି ଯାଉଥିଲା ନଦୀର ଅଙ୍ଗ ପ୍ରତ୍ୟଙ୍ଗ, ଭାବ ଭଙ୍ଗ, ପ୍ରକୃତି, ପ୍ରବୃତ୍ତି ତଥା ସମସ୍ତ ଅସ୍ତିତ୍ୱ । ନଦୀର ସମର୍ପଣର ଉଲ୍ଲାସର ବୀଣା ସହ ସାଗରର ସ୍ୱୀକୃତିର ହର୍ଷଧ୍ୱନିରେ ସୃଷ୍ଟି ହେଉଥିଲା ଏକ ଅନୁପମ ସଙ୍ଗୀତର ମୂର୍ଚ୍ଛନା, ଯେଉଁଥିରେ କେବଳ ମୁଁ ନୁହେଁ, ମୋ ସାଙ୍ଗରେ ସାକ୍ଷୀ ଥିଲା ସେ କିମ୍ବଦନ୍ତୀ ରଚୟିତା ବେଳାଭୂମି । ଏହିପରି ଏକ ଅନନ୍ୟ ଦୃଶ୍ୟକୁ ମୋ ଦୃଷ୍ଟି ଉପଭୋଗ କରୁଥିବା ବେଳେ ମୋ ମାନସେନ୍ଦ୍ରିୟ ଟିକିଏ ଜାଗ୍ରତ ହୋଇ ଉଠିଲା । ସେ ମୋ ମଗ୍ନତାରେ ବାଧା ସୃଷ୍ଟିକରି ମୋ'ର ଧ୍ୟାନକୁ ଆଉ ଏକ ପରିପ୍ରେକ୍ଷୀରେ କେନ୍ଦ୍ରିତ କଲା ।



ଆଭାଞ୍ଜଳି ଶତପଥୀ

ମନ ମୋର ଡେଣା ଝାଡି ଦେଲା । ସେଇ ତଟିନୀର କୂଳେ କୂଳେ ଉଡି ଉଡି ନିମିଷକ ମାତ୍ରେ ମନ ମୋର ପହଞ୍ଚିଗଲା ତା'ର ଜନ୍ମଭୂମି

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ପାଖରେ । ଗିରି ଶିଖରରୁ ଜନ୍ମ ନେଇଥିଲା ସେ ଗିରି କନ୍ୟା ଝରଣା । କି ସୁମଧୁର ଥିଲା ତା'ର ବାଲ୍ୟକାଳ । ସେ ଅଲିଅଳୀ ଝରଣା ତ ଗିରିର ଆଭୂଷଣ ଥିଲା । ଐଶ୍ୱର୍ଯ୍ୟ ଆରାମରେ ସେ ପର୍ବତ ଶଯ୍ୟାରେ ସ୍ୱାଧୀନ ଚିତ୍ତରେ ବଢ଼ିବାକୁ ଲାଗିଲା । ସେହି ସ୍ୱାଧୀନତାର ମହକରେ ଝରି ଝରି କେତେବଳେ ଝରଣା ଯେ ନିର୍ଝରଣୀର ରୂପ ନେଇଗଲା ତାହା ସେ ନିଜେ ବି ଜାଣିପାରିଲା ନାହିଁ । ନିର୍ଝରଣୀ ତା'ର ଚୁନି ଚୁନି ପାଦରେ ପାବନତାର ଘୁଙ୍ଗୁର ପିନ୍ଧି ନାଚି ନାଚି ଝୁଣୁ ଝୁଣୁ ଶଵ୍ଦରେ ସମଗ୍ର ପର୍ବତଶଯ୍ୟାରେ ଏପରି  ଶଵ୍ଦ ସୃଷ୍ଟି କରୁଥିଲା ତାହା ବାଖ୍ୟା କରି ହେବନାହିଁ । କେବଳ ଅନୁଭବୀ ବୁଝି ପାରିବ ସେ ସ୍ୱର୍ଗୀୟ ସଙ୍ଗୀତକୁ ।

ଏକ ନିର୍ଦ୍ଧାରିତ ରଙ୍ଗ, ରୂପ, ଆକୃତି ବା ସ୍ୱାଦରେ ତାର ବିଶେଷ ରୁଚି ନଥିଲା । ହେଲେ  ନିର୍ମଳତା, ସ୍ୱଚ୍ଛତା, ଆଉ ପବିତ୍ରତାର ଅଳଙ୍କାରରେ ସେ ଅଳଙ୍କୃତ ହେଇଥିଲା । ଏହି ବିଶେଷ ଆଭୁଷଣ ପିନ୍ଧି କେବେ ବିଳମ୍ବିତ, କେବେ ମଧ୍ୟମ ତ କେବେ ଦୃତତାଳରେ ନାଚି ନାଚି ପର୍ବତ ଶଯ୍ୟାରେ ଏକ ଅନୁପମ ଆଲୋଡନ ସୃଷ୍ଟି କରିଦେଉଥିଲା ।

କି ସମ୍ମୋହନ ଶକ୍ତି ଥିଲା ତା'ର କେଜାଣି ଗିରି ରାଜ୍ୟର ଶିଳା ସବୁ ତା ସାଙ୍ଗରେ ନାଚି ଉଠୁଥିଲେ । କିଛି ଶିଳା ପଥ ପ୍ରଦର୍ଶକ ଥିଲେ ତ କିଛି ତା'ର ପଥର ସହଯାତ୍ରୀ ଥିଲେ । ନିର୍ଝରଣୀ  ସେ ସ୍ୱଚ୍ଛତାର ସ୍ରୋତ ନେଇ ଗିରିର ଅନ୍ୟ ଏକ ପ୍ରାଙ୍ଗଣ ସେ ଉପତ୍ୟକାକୁ ବହି ଆସୁଥିଲା । ତା'ର କୁସୁମିତ ଯୌବନର ଶୀତଳ ଚନ୍ଦନ ସେହି ଉପତ୍ୟକାର ଅଙ୍ଗେ ଅଙ୍ଗେ ଲେପି ହେଇ ଯାଉଥିଲା ।

ମୁକୁଳା ଯୌବନରେ ଥିଲା ସ୍ୱାଧୀନତାର ଆହ୍ୱାନ ଆଉ ଉତ୍ସାହର ଆବେଗ । ସେ ଆବେଗରେ ତା ଆଖି ଚାଲିଗଲା ତଳକୁ ତଳ ସେହି ସମତଳକୁ ଭୂଦେବୀର ଏକ ସୁନ୍ଦର ପ୍ରାଙ୍ଗଣକୁ । ତଟସ୍ଥ ହୋଇ ମୁଁ ନିର୍ଝରଣୀର ଯାତ୍ରାକୁ ଅନୁଭବ କରୁଥିଲି । ଚପଳା ଚଞ୍ଚଳା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିର୍ଝରଣୀ ପୁଣି କେତେବେଳେ ସେ ବସନ୍ତ ପାହାଚରେ ପାଦଦେଇ ନଦୀ ହେଇଗଲା, ସେଇଟା ତାକୁ ବି ଅଗୋଚର ଥିଲା । ଝରଣାରୁ ନିର୍ଝରଣୀ, ଆଉ ନିର୍ଝରଣୀରୁ ନଦୀର ସେ ସ୍ୱର୍ଗୀୟ ରୂପାନ୍ତରକୁ କେବଳ ଅନୁଭବୀ ହିଁ ଅନୁଭବ କରିପାରିବ । ଆଉ ତାର ବର୍ଣ୍ଣନା, କେବଳ କବିର ଲେଖନୀ ମୁନ ହିଁ ଦର୍ଶେଇ ପାରିବ ।

ସମତଳକୁ ଓହ୍ଲେହିଲା ପରେ ତା' ପ୍ରାଣରେ ଭରି ଯାଇଥିଲା ଉଲ୍ଲାସର ତୀବ୍ର ଗତି । ତା'ର ଦେହରେ ଚାଲି ଆସିଥିଲା ଶତ ଶକ୍ତିର ବଳ । ଛାତି ଫୁଲି ଉଠୁଥିଲା । ଆଖିରୁ ଆନନ୍ଦାଶ୍ରୁ ଗଡ଼ି ଚାଲୁଥିଲା । ସେହି ଆନନ୍ଦାଶ୍ରୁର ସ୍ରୋତରେ ସ୍ରୋତସ୍ୱିନୀର ଅନେକ ଅଙ୍ଗ ଗଢି ହେଇଗଲା ।

ତଟସ୍ଥ ହେଇ ମୁଁ ତାର ଆନନ୍ଦକୁ ଉପଭୋଗ କରୁଥିଲି । ମୋ ମନରେ ଏକ ପ୍ରଶ୍ନ ଉଙ୍କି ମାରୁଥିଲା । ଉଚ୍ଚ ପ୍ରାଙ୍ଗଣରେ ଜନ୍ମ ହୋଇ, ଐଶ୍ୱର୍ଯ୍ୟ, ନିର୍ମଳ, ଅକଳୁଷିତ ପରିବେଶକୁ ଛାଡି ଏ ନୀଚ ପରିବେଶକୁ ଓହ୍ଲେଇ ଆସିବାରେ କଣ କେହି ଆନନ୍ଦ ବିଭୋର ହେଇପାରେ ? ଏହି ପରି ଏକ ପ୍ରଶ୍ନ ମୋ ହୃଦୟରେ ପ୍ରତିଧ୍ୱନିତ ହେଉଥିଲା । ସେ ପ୍ରତିଧ୍ୱନିକୁ ତା ସହଯାତ୍ରୀ ଶିଳା କର୍ଣ୍ଣପାତ କରିଥିଲା ।

ବସି ପଡ଼ିଲା ମୋ ପ୍ରଶ୍ନର ଉତ୍ତର ଦେବା ପାଇଁ । ତାସ୍ଥଲ୍ୟ ସ୍ୱରରେ ମୋତେ କହିଲା "ଉଚ୍ଚନୀଚର ତରାଜୁ ତ ହିଁ ତୁମ ମଣିଷ ସମାଜର ସାଧନ । ଜାତି, ଧର୍ମ, ବର୍ଣ୍ଣ, ସଂସ୍କାର, ସଭ୍ୟତା ସବୁକିଛି ସେ ଉଚ୍ଚନୀଚ ମାପକାଠିରେ ମାପି ଥାଅ । ମୁଁ ବୁଝି ପାରେନାହିଁ ଭଲା କାହିଁକି ସେ ଅନାବଶ୍ୟକ ଚିନ୍ତାଧାରାକୁ ଆବଶ୍ୟକ ମଣିବସେ ତୁମ ମାନବ ସମାଜ ? ପୁଣି କଣ୍ଠକୁ ଉପଦେଶର ସ୍ୱରରେ ଲହରାଇ କହିଲା, “ହେ ମାନବ ସମାଜ ! ଦେଖ ଏହି ନଦୀର ବିନମ୍ରତା । ଶିଖ ପୁଣି ସେହି ପୁଣ୍ୟତୋୟା ନଦୀର ସୁଗୁଣ । ନିଷ୍କପଟତା, ସ୍ୱଚ୍ଛତା, ସିଗ୍ଧତା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାର ଆଭୂଷଣ । ଯିଏ ତାକୁ ସ୍ୱର୍ଶ କରିଥାଏ, ସେ ତାକୁ ପ୍ରେମରେ ପ୍ଲାବିତ କରିଦିଏ । ଅସ୍ୱଚ୍ଛ ତା'ର ଜଳରେ ବୁଡ ମାରି ସ୍ୱଚ୍ଛ ହେଇଯାଏ । ସହାନୁଭୂତିର ମନ୍ତ୍ର ତା' ଠାରୁ ଶିଖି ତୁମ ଜୀବନକୁ ମନ୍ତ୍ରିତକର ।"

ତାପରେ ପୁନର୍ବାର ସ୍ୱର ବଦଳାଇ ପ୍ରଫୁଲ୍ଲିତ କଣ୍ଠରେ ଭାବୁକମନର ଭାବକୁ ବ୍ୟକ୍ତ କଲା, "ମୁଁ ପବିତ୍ର ହୋଇଯାଏ ସେ ପୂଣ୍ୟତୋୟାର ସ୍ୱର୍ଶରେ । ତା'ର ସ୍ୱର୍ଶରେ କି କୁହୁକ ଥାଏ କେଜାଣି ମୋ'ର ଚିତ୍ତ ଦିନକୁ ଦିନ ଶୁଦ୍ଧ ହୋଇଯାଉଥାଏ । ଅବିରତ ଭାବରେ ସେ ମୋତେ ପବିତ୍ର ସ୍ନାନ କରାଉଥାଏ । ମୋ'ର ଦେହରୁ ରୂପାନ୍ତରର ରସ ବାହାରି ଚାଲିଥାଏ । ମୁଁ ସେହି କଠୋର ପଥରରୁ ପବିତ୍ର ଶାଳଗ୍ରାମରେ ବିବର୍ତ୍ତିତ ହୋଇଯାଏ । ଏତିକି ନୁହେଁ ସ୍ୱୟଂ ବିଷ୍ଣୁ ସେ ପୂଣ୍ୟତୋୟାର ପୁଣ୍ୟ ଜଳ ପାନ କରିବାକୁ ମୋ ଶରୀରରେ ପ୍ରବେଶ କରିଥାନ୍ତି । କେବେ ପୁଣି ପୁନ୍ୟତୋୟାର ପୁନ୍ୟସ୍ୱର୍ଶରେ ଶିବଲିଙ୍ଗ ହୋଇଯାଇ ମହାଦେବଙ୍କୁ ପାଇଯାଏ । କି ଶକ୍ତି ଏ ସଲିଳାର ସଲିଳରେ । କେତେ ମହିମା ତା'ର ପୁଣ୍ୟତ୍ୱରେ ।"

ମୁଁ ସ୍ତମ୍ଭୀଭୂତ ହୋଇ ଶୁଣୁଥିଲି ସେ ଶିଳାର ଅମୃତବାଣୀକୁ । ହଠାତ୍ ଅଦୃଶ୍ୟ ହୋଇ ଗଲା । ବୋଧହୁଏ ଶାଳଗ୍ରାମର ଅପେକ୍ଷାରେ ନଦୀଗର୍ଭରେ ତପସ୍ୟାରତ ହୋଇଗଲା ।

ଆଉ ମୁଁ ପୁଣି ସରିତାର ସ୍ରୋତକୁ ଅନୁସରଣ କରିଚାଲୁଥିଲି । ନିରେଖି ଦେଖିଲି ସେ ଭୂମିକୁ ଭୂମିଷ୍ଟ ପ୍ରଣାମ କରୁଥିଲା । ଧରାକୁ ସ୍ୱର୍ଶ କରୁ କରୁ ତା ଚପଳ ଚଞ୍ଚଳ ମନ ଗଭୀର ଆଉ ଗମ୍ଭୀର ହେଇଗଲା । ତା ଅଙ୍ଗ ଅଙ୍ଗ ପ୍ରଫୁଲ୍ଲିତ ହୋଇ ଫୁଲିଉଠିଲା ଆଉ ଅଙ୍ଗରୁ ଅଙ୍ଗ ବାହାରି ବହୁଅଙ୍ଗି ହୋଇ ଭୂମିଲଗ୍ନ ହେଇଗଲା । ଆଉ ନିରାଧାରରେ ତା' ଗତି ମାଡ଼ି ଚାଲିଲା ଗନ୍ତବ୍ୟକୁ ପାଇବା ପାଇଁ । ଯେଉଁ ଯେଉଁ ପଥ ଦେଇ ଗତି କରୁଥାଏ, ସେହି ସେହି ପଥରେ କୁସୁମ ବିକଶୁଥାଏ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେ ଅନନ୍ୟ ଥିଲା ସେ ବନଯାତ୍ରାଟି ! କେତେ ସୁମଧୁର ଆଉ ସୁଖମୟ ଥିଲା ସେ ପରିବେଶ । ତା'ର କି ଚୁମ୍ବକୀୟ ଶକ୍ତି ଥିଲା କେଜାଣି ବୃକ୍ଷ ଲତା ତା'ର ସମୀପକୁ ଦଉଡ଼ି ଆସୁଥିଲେ । ତା'ର ସ୍ୱେଦବାରିରେ ତାଙ୍କ ମୁଖ ମଣ୍ଡଳ ଉଜ୍ଜ୍ୱଳ ହୋଇଉଠୁଥିଲା । ତା'ର ଶ୍ରଦ୍ଧାସ୍ପର୍ଶରେ କେବଳ ବୃକ୍ଷ ଜଗତ ଶିହରୀ ଉଠୁନଥିଲା, ସମସ୍ତ ପଶୁପକ୍ଷୀ, ଜୀବଜନ୍ତୁ, କୀଟଙ୍କ ପ୍ରାଣ ସଜୀବ ହୋଇଉଠୁଥିଲା ।

ଜୀବଜଗତ ନିଜ ନିଜର ଜୀବନ ବଞ୍ଚାଇବା ପାଇଁ ତା'ପାଖକୁ ଚୁମ୍ବକ ଭଳି ଦଉଡ଼ି ଆସୁଥିଲେ । ସଲିଳ ଧାରିଣୀ ସଲିଳା ସମସ୍ତଙ୍କୁ ତା'ର ସଲିଳ ଦେଇ ମାତୃତ୍ୱ ଭାବକୁ ନିଦର୍ଶନ କରୁଥିଲା । ଏମିତି ଲାଗୁଥିଲା ତୃଷାର୍ତ୍ତର ତୃଷା ମେଣ୍ଟାଇବା ତା'ର ପରମ ଧର୍ମ ।

ସେଇ ବନ କଲ୍ଲୋଳିନୀର ଲୀଳା ଅବର୍ଣ୍ଣନୀୟ ଥିଲା । କେତେ ଅପୁର୍ବ ସେ ଲୀଳା । ତା'ର ଦେହରେ ବନହସ୍ତୀ ପରିବାରର ଆନନ୍ଦମୟ ସ୍ନାନ, ତା'ର ସ୍ରୋତରେ ମତ୍ସ୍ୟର ସନ୍ତରଣ, ତା'ର କ୍ରୋଡରେ କୁମ୍ଭୀର ଆଉ ଜଳହସ୍ତୀର ଶୟନ, ଶ୍ୱାନ ଯୁଗଳର ପ୍ରେମକ୍ରିଡ଼ା ସବୁକିଛି ତା'ର ଅନୁପମ ଲୀଳା ନୁହେଁ ତ ଆଉ କଣ ?

ପକ୍ଷୀର କାକଳି, ବାଘର ଗର୍ଜନ, ବନ୍ୟପଶୁର କୋଳାହଳ, ଝିଙ୍କାରୀର ଝଙ୍କାର, ଘଡ଼ ଘଡ଼ିର ହୁଙ୍କାର, ତା'ର ସଙ୍ଗୀତରେ ଏକ ଅଦ୍ଭୁତ ମୂର୍ଚ୍ଛନା ଦେଉଥିଲା । ତା'ର ପ୍ରାଣୋଲ୍ଲାସରେ ଏକ ମଧୁର ବୀଣା ଗୁଞ୍ଜି ଉଠୁଥିଲା । ତା କବିତାର ପ୍ରତି ଛନ୍ଦରେ ଥିଲା ସକାରାତ୍ମକର ରାଗ । ସେ ତଟିନୀର ତଟରେ କି କୁହୁକ ଶକ୍ତି ଥିଲା କେଜାଣି ସେହି ଗୋଟିଏ ତଟରେ ବସି ତୃଷା ମେଣ୍ଟାଉଥିଲେ ଶିକାର ଆଉ ଶିକାରୀ ଦୁହେଁ । ହିଂସାର ହିଂସାତ୍ୱ ବି ଲୋପ ପାଇ ଯାଉଥିଲା । ବିଷଧର ନାଗରାଜ, ପରାକ୍ରମୀ ସିଂହରାଜା, ନିରୀହା ହରିଣୀ, ସୂକ୍ଷ୍ମ କୀଟ ସମସ୍ତେ ତା'ର ତଟରେ ଏକାଠି ଜଳ ପାନ କରୁଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହିପରି ସକାରାତ୍ମକର ଆଲୋକରେ ଆଲୋକିତ ହୋଇ ଉଠୁଥିଲା ତା'ର ଯାତ୍ରାପଥ । ଢେଉଢେଉକା ପାହାଡ଼ ତଳେ ଅଙ୍କାବଙ୍କା ହେଇ ଚାଲି ଯାଉଥିବାବେଳେ ହସି ଉଠୁଥିଲା ଧରାର ସେ ଉନ୍ମୁକ୍ତ ପ୍ରାଙ୍ଗଣ । ପ୍ରୀତିସ୍ନାତା ବନାନୀ ସବୁଜ ରଙ୍ଗର ଓଢ଼ଣୀରେ ମୁହଁ ଲୁଚେଇ ଦେଉଥିଲା ।

ସେ ତରଙ୍ଗିଣୀର ତରଙ୍ଗରେ ଥିଲା କଲ୍ୟାଣର ଭାବ । ତାର ଆକର୍ଷଣରେ ଆକର୍ଷିତ ହେଇ ଧାଇଁ ଆସିଲା ମାନବ ସମାଜ ତା'ର କୂଳକୁ । କୂଳେ କୂଳେ ବସି ଉଠିଲା ଗାଁ ଗଣ୍ଡା ତଥା ଏକ ସଭ୍ୟତା । ଜ୍ଞାନବିଜ୍ଞାନର ଆବିଷ୍କାର, ଉଦ୍ଭାବନରେ ସେ ସଭ୍ୟତା ବୃଦ୍ଧିପ୍ରାପ୍ତ ହୋଇ ଉଠିଲା । ମାନବ ସଭ୍ୟତା ଦିନକୁ ଦିନ ଉନ୍ନତି ପଥରେ ଅଗ୍ରସର ହୋଇ ଚାଲିଲା । ଗାଁଗଣ୍ଡା ସବୁ ସହରରେ ପରିବର୍ତ୍ତନ ହୋଇ ଉଠିଲା । ସେହି ତଟିନୀକୁ ଆଶ୍ରା କରି କଳ କାରଖାନା ଗଢି ଚାଲିଲା ।

କାଳକ୍ରମେ ସଭ୍ୟତାର ନାମରେ ଧୀରେ ଧୀରେ ମାନବଜାତି ସ୍ୱାର୍ଥର ଧୂଆଁ ଉଡେଇଲା । ତା କୂଳେ କୂଳେ ହସୁଥିବା ହୃଷ୍ଟପୃଷ୍ଟ ବୃକ୍ଷର ମୁଳୋତ୍ପାଟନ କରିଦେଲା । ଏକ କାରଖାନାର ରାସାୟନିକ ଦ୍ରବ୍ୟର କଳା ରଙ୍ଗ ତା'ର ସ୍ୱଚ୍ଛ ବଦନକୁ କଳୁଷିତ କରିଦେଲେ ।

ପ୍ଲାଷ୍ଟିକ ଭଳି ଭୟାନକ ରାସାୟନିକ ଦ୍ରବ୍ୟ ବହୁଳ ଭାବରେ ତା' ଦେହରେ ପକାଇଲା ବେଳେ ଥରେଟେ ବି ମାନବ ଚିନ୍ତା କଲାନି ସେ ପବିତ୍ର ନଦୀକୁ ଦୂଷିତ କରି କି ପ୍ରକାର ଆନନ୍ଦ ପାଉଛି ? ଅବ୍ୟବସ୍ଥାର ସହିତ ନାଳ ନର୍ଦ୍ଦମାକୁ ତା' ଦେହରେ ବୁହାଇ କେମିତି ତା' ଧାରାରେ ବିଷ ଢ଼ାଳିଦେଉଛି । ମନୁଷ୍ୟ ସମାଜ ସେହି ମା'ର ମାତୃତ୍ୱକୁ କେମିତି ଭୁଲି ଯାଉଛି ?

ଖାଲି ଏତିକି ନୁହେଁ ନଦୀକୁ ଅସ୍ତ୍ର କରି ସଭ୍ୟ ମାନବ ଅସଭ୍ୟତାର ସୀମା ଛୁଇଁ ଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଜ୍ୟ ରାଜ୍ୟ ଭିତରେ ସ୍ପର୍ଦ୍ଧା, ସ୍ୱାର୍ଥ, ହିଂସା ପରି ନକାରାତ୍ମକ ଭାବନାକୁ ପୋଷଣ କଲେ । ଏହି ହିଂସାତ୍ମକ ରାଜନୀତି ଖେଳରେ ମାନବ ଭୁଲିଗଲା ନଦୀର ସେ ମହାନ୍ ଉଦ୍ଦେଶ୍ୟକୁ ଆଉ ତା'ର ମହତ ଶିକ୍ଷାକୁ । ରାଜନୀତି ଖେଳରେ ମାନବଭୁଲିଗଲା ନଦୀର ସେ ସମଦର୍ଶନଭାବର ମହତ୍ୱକୁ । ଭୁଲିଗଲା ତା ସମଦୃଷ୍ଟି ଭାବକୁ । ଭୁଲିଗଲେ ସେ ତଟିନୀ କେମିତି ଜାତି ଧର୍ମ, ବର୍ଣ୍ଣ ନିର୍ବିଶେଷରେ ତା ତଟକୁ ଉନ୍ମୁକ୍ତ କରି ଦେଇଥିଲା । ମାନବ ସମାଜ ଦେଖି ପାରିଲାନି ଯେ ତା ଧମନୀରେ ବହୁଥିଲା ତ୍ୟାଗ, ନିଃସ୍ୱାର୍ଥର ସ୍ରୋତ । ପଶୁପକ୍ଷୀ, କୀଟ, ଜନ୍ତୁ, ଗଛଲତା, ଦାନବ, ମାନବ, ଧର୍ମୀ ଅଧର୍ମୀ, ନାରୀ ପୁରୁଷ, ଧନୀ ନିର୍ଧନୀ, ସମସ୍ତଙ୍କ ତୃଷା ମେଣ୍ଟାଇ ମୁମୂର୍ଷୁ ଶରୀରକୁ ସଜୀବ କରୁଥିଲା ।

କେବେ ପୁଣି ମାନବ ତା ଗତିକୁ ଆବଦ୍ଧ କରିବାକୁ ଚେଷ୍ଟା କରିଥିଲା । ହେଲେ ସେ ଗତିକୁ ବନ୍ଦ କରିନଥିଲା । ନିଷ୍ଠା ଓ କଠିନ ସାଧନର ତ ସେ ଥିଲା ଏକ ନିଦର୍ଶନ । ଜଗତକଲ୍ୟାଣର ଭାବ ଥିଲା ତା ପାଇଁ ଏକ ସର୍ତ୍ତହୀନ ଆତ୍ମ ସମର୍ପଣ । ମାନବ ସମାଜ ଦେଇଥିବା ପ୍ରଦୂଷଣକୁ ନିଜ ବକ୍ଷରେ ଧରି ବୋହି ଯାଉଥିବା ବେଳେ ନା ଥିଲା ତା'ର ଦୁଃଖ ସନ୍ତାପର ଭାବ, ନା ସେ ଥିଲା ଧୈର୍ଯ୍ୟହରା, ନା ସେ ଅନୁଭୂତି କରୁଥିଲା କ୍ଳାନ୍ତ । ତଥାପି ସେ ମାନବ ସମାଜକୁ ଆଶୀର୍ବାଦ ଦେଇ ଚାଲିଥିଲା ।

ସେହି ସ୍ରୋତସ୍ୱିନୀ ଭୂମିଲିପ୍ତା ହୋଇ ଏକ ଲକ୍ଷ୍ୟରେ ତା ଗନ୍ତବ୍ୟକୁ ଖୋଜି ବୁଲୁଥିଲା । ସେହି ମହତ୍ କର୍ମର ମହାର୍ଘ ନିଶାରେ ସତେ ଯେମିତି ଗୋଟେ ଯୋଗୀ ପାଲଟି ଯାଇଥିଲା । ସତେ ଯେମିତି କର୍ମରୁ କର୍ମୀ ଓ ଯୋଗରୁ ଯୋଗୀର ରୂପାନ୍ତରକୁ ଉଦାହରଣ ସହ ମାନବ ସଭ୍ୟତାକୁ ବୁଝାଇ ଚାଲିଥିଲା ।

ସରିତାର ଅବିରତ ଧାରା ପଛରେ ମୁଁ ଧାଇଁ ଧାଇଁ ହାଲିଆ ହୋଇ ପଡ଼ିଥିଲି । ତଟସ୍ଥ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇ ମୁଁ ନଦୀର ଯାତ୍ରାକୁ ଅନୁଭବ କରୁଥିଲି । ସେ ଅନୁପମ ଅନୁଭବ ମୋତେ ଭାବୁକ କରାଇ ଦର୍ଶନ ଶାସ୍ତ୍ର ଆଡ଼କୁ ଟାଣି ନେଇ ଚାଲିଲା । ମନରେ ପ୍ରଶ୍ନରାଜୀ ସବୁ ଉଙ୍କି ମାରିଲା ।

ଉତ୍ତର ଅଭିଳାଷାରେ ପ୍ରଶ୍ନମାଳାକୁ ମୁଁ ସରିତାର ପାଦପଦ୍ମରେ ଅର୍ପଣ କଲି ।

ପ୍ରଶ୍ନ କଲି, "ହେ ଗିରିକନ୍ୟା ! ପର୍ବତ ଶଯ୍ୟାର ଐଶ୍ୱର୍ଯ୍ୟଜୀବନକୁ ପରିତ୍ୟାଗ କରି ଉଚ୍ଚ ଶିଖରରୁ ନୀଚ ପ୍ରାଙ୍ଗଣକୁ ମୁହେଇଁ ଆସିବାରେ ତୁମକୁ କଷ୍ଟ ହୁଏ ନାହିଁ ? ତୁମ ସ୍ୱଚ୍ଛ ଓ ସୁନ୍ଦର ରୂପକୁ ମଣିଷ ଯେବେ ଅସ୍ୱଚ୍ଛ କରିଦିଏ ତୁମର କଣ କିଛି ପ୍ରତିକ୍ରିୟା ନଥାଏ ? ତୁମ ନିଷ୍ଠା ଆଉ ସାଧନାରେ କିଛି ବ୍ୟାଘାତ ଘଟେ ନାହିଁ ? ମଧୁରତା ତୁମର ବିଶେଷତ୍ୱ । ତୁମର ଶିରା ପ୍ରଶିରାରେ ମିଷ୍ଟାନ୍ନ ପ୍ରବାହିତ । ସେ ଲବଣ ଯୁକ୍ତ ଜଳଧି କେମିତି ତୁମର ଗନ୍ତବ୍ୟ ହୋଇପାରେ ? ତୁମେ ଯେବେ ତୁମ ମଧୁର ସତ୍ତାକୁ ହରାଇ ଲବଣରେ ଲୀନ ହୋଇ ଯାଉଥାଅ, ତୁମ ମଧୁରତାକୁ ଲବଣରେ ସମର୍ପଣ କରି ତୁମ ଅସ୍ତିତ୍ୱକୁ ହରାଉଥାଅ, ତୁମ ହୃଦୟରେ ପୀଡ଼ା ହୁଏ ନାହିଁ ? ମୁଁ ବୁଝି ପାରୁନାହିଁ ସତରେ ଏହା କଣ ସର୍ତ୍ତହୀନ ସମର୍ପଣ ? ନା ବିବଶତାର ସନ୍ଧି ?"

ସେହି ପୁଣ୍ୟତୋୟା ନଦୀ ତା ଅଧରରେ ସ୍ମିତହାସ୍ୟ ଆଣି କହିଲା, "ଉଚ୍ଚ ଆଉ ନୀଚ ଭାବର ତ କୌଣସି ବିଶେଷ ସଂଜ୍ଞା ନାହିଁ । ଉଚ୍ଚନୀଚ ତ କେବଳ ଏକ ମାନସିକ ସ୍ଥିତି । ତେବେ ଉଚ୍ଚନୀଚ ପ୍ରଭେଦର ତଥା ପ୍ରଭେଦ ଜନକ କଷ୍ଟର ପ୍ରଶ୍ନ ଆସେ କେଉଁଠୁ ? କର୍ମଫଳର ବାସନା ସେଇ ମାନଙ୍କର ଯିଏ କର୍ମ ଯୋଗର ମହତ୍ତ୍ୱ ବୁଝି ପାରନ୍ତି ନାହିଁ । କର୍ମରୁ କର୍ମୀ ଆଉ ଯୋଗରୁ ଯୋଗୀ ତ ମନୁଷ୍ୟର ମୌଳିକ ସାଧନା । ଜଗତ ହିଁ ମୋର ଧ୍ୟାନ କେନ୍ଦ୍ର । ଜଗତ ହିଁ ମୋର ଧ୍ୟେୟ । ଜଗତ ଅର୍ପଣଭାବ, ଜଗତ ପ୍ରସାଦ ଭାବ ମୋ କର୍ମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯୋଗର ମୂଳ ମନ୍ତ୍ର । କର୍ମ ଯୋଗୀ କେବେ କଣ କର୍ମ ଫଳର ଅଭୀପ୍ସାରେ କର୍ମ କରି ଥାଏ ?"

ନଦୀ ପୁଣି ଅଧର ଲହରାଇ କହିଲା, "ସମର୍ପଣ କଣ କେବେ ସର୍ତ୍ତରେ ଆବଦ୍ଧ ହୋଇ ପାରେ ? ସମର୍ପଣରେ ଥାଏ ଭକ୍ତିର ମହକ ଆଉ ଭକ୍ତିରେ ଥାଏ ପ୍ରେମର ଉନ୍ମୁକ୍ତ ଉଲ୍ଲାସ । ସମର୍ପଣରେ ଥାଏ ଅଦ୍ଭୁତ ପ୍ଲାବନ । ଆଉ ମଧୁର ଆଉ ଲବଣର ପ୍ରଭେଦ ପୁଣି କଣ ? ମଧୁର ଆଉ ଲବଣ ଏକ ନାମ ଆଉ ରୂପ ମାତ୍ର । ଯେବେ କେହି ତାର ନାମ ଓ ରୂପକୁ ହିଁ ପରିଚୟ ବୋଲି ଭାବେ ସେ ଯନ୍ତ୍ରଣାର ଦାସତ୍ୱ ସ୍ୱୀକାର କରିଥାଏ । ଯଦି କେହି ଆତ୍ମଚୈତନ୍ୟ ପ୍ରତି ସାନ୍ନିଧ୍ୟ ରତ ତେବେ ସିଏ ଯନ୍ତ୍ରଣା ମୁକ୍ତ ହୋଇଥାଏ । ମଧୁର ଆଉ ଲବଣ ତ ମୋର ଏକ ପରିଚୟ - ଏକ ଅବସ୍ଥା ମାତ୍ର ସେ ଜଳର । ସେହି ଜଳ ହିଁ ତ ମଧୁର ଆଉ ଲବଣର ମୂଳତତ୍ତ୍ୱ । ହଁ, ମୁଁ ଜଳଧିର ଜଳ ରାଶିରେ ସନ୍ନିହିତା ହେଲା ବେଳେ ସେହି ପ୍ରଶାନ୍ତିକୁ ଅନୁଭବ କରୁଥାଏ, ଯାହା ତୃପ୍ତି, ସମ୍ପୂର୍ଣ୍ଣତାରେ ସମାହିତ । ଅତୃପ୍ତିରୁ ତୃପ୍ତି ତଥା ଅସମ୍ପୂର୍ଣ୍ଣତାରୁ ସମ୍ପୂର୍ଣ୍ଣତା ପାଇବା କଣ ଏକ ସନ୍ଧି ? କିବା ସର୍ତ୍ତ ?"

ସ୍ରୋତସ୍ୱିନୀର ସେ ଜ୍ଞାନସ୍ରୋତ ମୋ ତନୁ ମନରେ ପ୍ଲାବିତ ହେଇ ଯାଉଥିଲା । ମୋ ଅଜ୍ଞାନ ଅନ୍ଧାର ତା ଜ୍ଞାନାଲୋକରେ ଆଲୋକିତ ହେଇ ଯାଉଥିଲା । ମୁଁ ତଟସ୍ଥ ହୋଇ ସଲିଳା ଆଉ ସାଗରିକାର ଆଲିଙ୍ଗନର ସାକ୍ଷୀ ସାଜୁଥିଲି । ଆଉ ବାରମ୍ବାର ବିଶ୍ଳେଷଣ କରିବାରେ ଲାଗିଥିଲି, ନଦୀର ଏହା କଣ ସତରେ ସର୍ତ୍ତହୀନ ସମର୍ପଣ ନା ବିବଶତା ସହ ସନ୍ଧି କରି ଗନ୍ତବ୍ୟ ପଥରେ ପରିଚାଳିତା ? ପୁଣି ବିଶ୍ଳେଷଣ କରୁଥିଲି କର୍ମ ଆଉ କର୍ମଯୋଗୀର ପାର୍ଥକ୍ୟ ଆଉ ଜଗତ କଲ୍ୟାଣ ବୁଦ୍ଧି ଆଉ ଜଗତ ପ୍ରସାଦ ବୁଦ୍ଧିର ମହତ୍ୱ ।

ସେ ପବିତ୍ର ସଂଗମର ପ୍ଲାବନରେ ପ୍ଲାବିତ ହୋଇ ପୁଣି ପ୍ରକୃସ୍ଥିତ ହୋଇଗଲି ।

ଗବେଷିକା, avanjali@yahoo.co.uk, ୯୮୮୪୧୪୯୮୨

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରତିଶ୍ରୁତି

ଡାକରେ ଗୋଟିଏ ଚିଠି ଆସିଥିଲା । ସରିତାର ମା’ ଚିଠିକୁ ନେଇ ଘରକୁ ଆସିଲେ । ଲଫାପା ଟିକେ ଦେଖିଲେ, ସେଥିରେ ଦିଲ୍ଲୀର ପୋଷ୍ଟ ଅଫିସର ଷ୍ଟାମ୍ପ୍ ବାଜିଥିଲା । ତାକୁ ଦେଖି ତା’ ମା’ଙ୍କର ଦେହ ଥରି ଉଠିଲା । ଦୁଇ ସପ୍ତାହ ତଳେ ପୁଅ ଘରର ଲୋକ ସରିତାକୁ ଦେଖିବାକୁ ଆସିଥିଲେ । ସେ ଟିକେ ଜୋରରେ ନିଃଶ୍ୱାସ ନେଇ ଚିଠିଟାକୁ ଖୋଲିଲେ । ସେ ଦେଖିଲେ ଚିଠିଟା ପୁଅ ଘରର ଥିଲା ଆଉ ସେଥିରେ ଝିଅ ପସନ୍ଦ ହୋଇଛି କି ନାହିଁ କିଛି ଲେଖା ନଥିଲା ।

ସନ୍ଧ୍ୟାରେ ସରିତାର ବାପା ଯେତେବେଳେ ଘରକୁ ଫେରିଲେ ଆଉ ସେ ତାଙ୍କ ସ୍ତ୍ରୀଙ୍କ ମୁହଁ ଦେଖି ଜାଣିଗଲେ ଯେ ପୁଅଘର ବାଲା ବୋଧେ ମନା କରିଦେଲେ । ଝିଅ ୨୮ ବର୍ଷର ହୋଇଗଲାଣି ଆଉ ଝିଅର ବାହାଘର ଚିନ୍ତା ମଧ୍ୟ ତାଙ୍କୁ ହେଉଥିଲା । ତା’ପରଦିନ ସେ ତାଙ୍କର ଦୁଇ ଝିଅଙ୍କର ଜାତକ ନେଇ ଜ୍ୟୋତିଷଙ୍କ ପାଖକୁ ଗଲେ । ଆଉ ସେ ସମୟରେ ଜ୍ୟୋତିଷ ମହାଶୟ କୁଆଡେ ବାହାରକୁ ଯିବା ପାଇଁ ପ୍ରସ୍ତୁତ ହେଉଥିଲେ । ସେ ତାଙ୍କର ଆସିବାର କାରଣ ପଚାରିଲେ ।



ମନୋଜ କୁମାର
ବେହେରା

ଯେତେବେଳେ ସେ କହିଲେ ମୁଁ ମୋର ଝିଅର ଜାତକ ଦେଖେଇବାକୁ ଆସିଛି, ଜ୍ୟୋତିଷ ମହାଶୟ କହିଲେ ଠିକ୍ ଅଛି ଆପଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭିତରକୁ ଆସି ଏଠି ବସନ୍ତୁ । ସରିତାର ବାପା କହିଲେ ମୋତେ ଆଜ୍ଞା କ୍ଷମା କରିବେ ! ଆପଣମାନେ ବାହାରକୁ  କୁଆଡେ ଯିବା ପାଇଁ ବାହାରିଛନ୍ତି । ଏହା ଶୁଣି ତାଙ୍କ ସ୍ତ୍ରୀ କହିଲେ କଣ କହିବି ଆଜ୍ଞା ! ଆମ ଝିଅର ବୟସ ଆସି ୩୫ ହେଲାଣି ତାର ବାହାଘର କେଉଁଠି ଠିକ୍ ହେଇ ପାରୁନି । ଆମେ ଯୁବକ-ଯୁବତୀ ପରବେଶ ମେଳାକୁ ଯାଉଛୁ, କାଳେ ସେଠି କିଛି ଠିକ୍ ହୋଇଯିବ । ହଁ ଆଜ୍ଞା, ଦିଅନ୍ତୁ ଆପଣଙ୍କ ଝିଅର ଜାତକ.. ଆମର ଉପାୟ ଯଦି ଝିଅ ଠିକ୍ ଭାବରେ କରିବ ତାହେଲେ ଆମେ ପ୍ରତିଶ୍ରୁତି ଦେଉଛୁ ଆପଣଙ୍କ ଝିଅର ବାହାଘର ଜଲ୍ଦି ହେଇଯିବ । ଜ୍ୟୋତିଷ ମହାଶୟ ଏୟାଡୁ ସେଆଡୁ କେତେ କଥା କହି ଚାଲିଥିଲେ କିନ୍ତୁ ସରିତାର ବାପା-ମା'ଙ୍କ ମୁଣ୍ଡରେ କିଛି ପଶିଲା ନାହିଁ  ।

୨୧୭,ୟୁନିଟ-୯(ଫ୍ଲାଟ)

ବାୟାବାବା ମଠ ଲେନ

ଭୁବନେଶ୍ୱର-୨୨

ଫୋନ-୭୯୭୮୩୦୭୧୧

ଆହ୍ୱାନ-ଇ-ପତ୍ରିକା

 Magazine Downloaded from www.aahwaan.com

# ରଙ୍ଗେଇନାନୀର ଅଭିଶାପ



ବି. ନିରୁପମା

"ଆରେ ହେ, କୋଉ ଲକ୍ଷ୍ମୀଛଡ଼ା, ନିଅଂଶିଆକୁ ନଅଙ୍କ ଦୁର୍ଭିକ୍ଷ ପଡ଼ିଥିଲା ଯେ, ସିଏ ମୋଅରି ବାଡ଼ିରୁ କାକୁଡ଼ି ଚୋରେଇବାକୁ ସାହସ କଲା ! ତୋଳିଲା ବେଳକୁ ଭଲା ତା' ହାତ ଛିଡ଼ି ପଡ଼ିଲାନି କେମିତି ? ମଞ୍ଜିପୋତି କେଡ଼େ ଯତନରେ କାକୁଡ଼ି ଗଛଟା ବଢ଼େଇ ଥିଲି ବାଡ଼ିରେ । ମନାସିଥିଲି-ପହିଲି କଷିଟା ଠାକୁର ପାଖରେ ଭୋଗ ଲଗେଇବାକୁ । ଭଲା, କୋଉ ଡାହାଣୀଖିଆର ନଜର ପଡ଼ିଲା ତହିଁରେ, ଆଖି ତା'ର ଫୁଟି ନ ଗଲା ଯାହା; ମୋ'ରି ପରି ନିଆଶ୍ରୀ ନିରୀହା ତିରିଲାର ଦରବରେ ହାତ ମାରିଲା - ହେ ଦଇବ, ତୁ ତାକୁ ବୁଝିବୁ, ସାତବେଣ୍ଟି କରି ଲୋକହସା କରିବୁ । ତା' ସାତ ପୁରୁଷକୁ ନରକରେ ପକେଇବୁ । ମୋର ଯେତେ ରୋଗ ବ୍ୟାଧି ତାଆରି ଠେଇଁ ଫଳେଇବୁ.... ।"

ଇଏ ଆମ ଗାଆଁର ରଙ୍ଗେଇନାନୀ । ଆଜି ପାଟିରେ ତା'ର ବାଟୁଳି ବାଜୁନି । ଦାନ୍ତକୁ ରଗଡ଼ି ହାତକୁ ଝାଡ଼ି ପଣତକୁ ଉଡ଼େଇ ଉଡ଼େଇ ଦୁମୁଦୁମୁ ହୋଇ ଗାଁ ଦାଣ୍ଡରେ ମାଡ଼ି ଚାଲିଛି ଆଗକୁ । ଶାଣଦେଲା କ୍ଷୁର ଭଳି ଧାର କଥାଗୁଡ଼ା, ସାଇ ଏ ମୁଣ୍ଡରୁ ସେ ମୁଣ୍ଡଯାଏ ଘୁରି ଘୁରି ଲୋକଙ୍କୁ ଶୁଣେଇ ଚାଲିଛି ଅନର୍ଗଳ । ପୁଣି ଭଗବାନଙ୍କୁ ସେ ତା'ର ଆଜ୍ଞାବହ ବଟସ୍କର ମନେକରି ନିର୍ଦ୍ଦେଶ ବି ଦେଉଛି - ଅଭିଶାପକୁ ସତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫଳେଇବାକୁ !

ନାନୀର କିଳିକିଳା ରଡ଼ି ଶୁଣି ଆଉ ରଣଚଣ୍ଡୀ ରୂପଦେଖି ସାଇ ଲୋକଙ୍କ ଭିତରେ ଆତଙ୍କ ଖେଳି ଗଲାଣି । କେତେଜଣ ତା' ଅଗୋଚରରେ ଫୁସୁରୁ ଫାସର ହେଲେ-

"ମଲା, କାହାର ରାହୁଦଶା ନ ପଡିଲା ଯେ ଜାଣିଶୁଣି ନାଗ ଲାଙ୍ଗୁଡ଼ରେ ହାତ ମାରିଲା... !"

ରଙ୍ଗେଇନାନୀ- ଏଇ ଗାଆଁର ଝିଅ ଆଉ ବୋହୂ ମଧ୍ୟ । ତା ବାହାଘର ମାସ ଛଅଟା ନ ପୁରୁଣା ରୋଗରେ ପଡ଼ି ସ୍ୱାମୀ ଚାଲିଗଲା ଆରପାରିକୁ । ଚାରିମାସ ପରେ ଜନ୍ମନେଲା ପୁଅଟିଏ- ମାଧିଆ, ରଙ୍ଗେଇନାନୀର ଏକୋଇରବଳା ବିଶିକେଶନ । ବରଷକ ଅନ୍ତେ ଶାଶୁବୁଢ଼ୀଟା ମଧ୍ୟ ଆଖି ବୁଜିଲା । ନିରାଶ୍ରୟା ହୋଇଗଲା ସିଏ ।

ଗାଆଁ ଝିଅଟା ଆଖି ଆଗରେ ହୀନିମାନ ହେବ ! ସାଇ ଲୋକଙ୍କ ଦେହ ସହିଲାନି । ସଭିଏଁ ମିଳିମିଶି ସହଯୋଗର ହାତ ବଢ଼ାଇଲେ । ଘର ଦୁଇ ବଖରା ଛପର କରିଦେବା ସହ ନାନୀର ପଡ଼ିଆ ପଡ଼ିଥିବା ଜମିକୁ ଭାଗଚାଷ କରିଦେଲେ କେତେଜଣ ।

ଏଥିରେ ପ୍ରସନ୍ନ ହୋଇ ନାନୀ ସାଇ ଲୋକଙ୍କ ମଙ୍ଗଳ ମନାସିଲା ଠାକୁରଙ୍କ କତିରେ । ବେଳ ଅବେଳରେ ବୋଲହାକ ମଧ୍ୟ କଲା ସେମାନଙ୍କର ।

ଏମିତିରେ କିଛି ବର୍ଷ ବିତିଲା । ଭଲରେ ମନ୍ଦରେ ପାଇଟି କରାଇବାକୁ ଯେଉଁ ପଡ଼ୋଶୀମାନେ ରଙ୍ଗେଇନାନୀର ସାହାଯ୍ୟ ଲୋଡୁଥିଲେ ସେଇ ଲୋକଗୁଡ଼ା ବର୍ଷ କେତେଟାରେ କୋଠା ତୋଳିଲେ । ମଟର ଗାଡ଼ି ଚଢ଼ିଲେ । ତାଙ୍କ ଝିଅ-ବୋହୂଙ୍କ ଦେହରେ ଭଳିକିଭଳି ବସନ ଭୂଷଣ ଝଟକିଲା । ହାସ ପରିହାସରେ ଫାଟିପଡ଼ିଲା ଘର ଅଗଣା; କିନ୍ତୁ ନାନୀର ଅବସ୍ଥା ରହିଗଲା ଯେମିତି କି ସେମିତି । ପରିଶ୍ରମ କରି ଯାହା ପାଇଲା ସେଥିରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜେ ଚଳିବା ସହ ପୁଅକୁ ମଧ୍ୟ ପାଳିଲା । କୋଠା ତୋଳିଥା'ନ୍ତା କେମିତି ? ପଡ଼ୋଶୀମାନଙ୍କ ସୁଖ-ଶିରୀ ଦେଖି ଏଣିକି ନାନୀର ମରମ ଜଳିଲା । ଈର୍ଷା ବଢ଼ିଲା । ଧୀରେ ଧୀରେ ତା' ସ୍ୱଭାବରେ ଘଟିଲା ପରିବର୍ତ୍ତନ । ସେ ହସିବା ଭୁଲିଗଲା । ଯାହାକୁ ଦେଖିଲା ମୁହଁ ମୋଡ଼ିଲା, ଗାରୁ ଗାରୁ ହେଲା । ଛୋଟ ଛୋଟ କଥାରେ ଯା ତା' ସହ ଝଗଡ଼ା କଲା । ଅନ୍ୟର ଅମଙ୍ଗଳ ପାଞ୍ଚି ଅଭିଶାପ ଦେଲା । ଏଥର ନାନୀ ପାଲଟିଗଲା ଜଣେ ରାହାବାଳୀ, କଳିହୁଡ଼ି ପର ହିଂସୁକି ମହିଳା ।

କେବଳ ସେତିକି ନୁହେଁ, କିଏ କାଳେ ତା'ର ଅଦ୍ଭୁତ ଦୈବୀଶକ୍ତିର ପ୍ରଚଣ୍ଡ ପ୍ରଭାବକୁ ବିସ୍ମରଣ କରିଯିବେ - ତେଣୁ ତୁଣ୍ଡ ଖୋଲିଲେ ସେ ଅକାଟ୍ୟ ଯୁକ୍ତି ଦର୍ଶାଏ । ବାରବର୍ଷ ଧରି - ତା' ଗେରସ୍ତ ଯିବା ଉତ୍ତାରୁ ବାରଓଷା ତେରବ୍ରତ କରି ସେ କେତେ ଦିଅଁ ଦେବତା ପୂଜି ସିଦ୍ଧିଲାଭ କରିଛି । ନିରିମାଖୀ ଦେଖି ଯିଏ ତା'ର ଅନିଷ୍ଟ କରିବ, ଅଭିଶାପ ଦେଇ ସେ ତାକୁ ଭସ୍ମ କରିଦେବ । ଅବଶ୍ୟ ପ୍ରଥମେ ପ୍ରଥମେ ସାଇ ଲୋକମାନେ ନାନୀର ଏ ଅଦ୍ଭୁତ ଶକ୍ତି ଥିବାର ଯୁକ୍ତିକୁ ହେୟଜ୍ଞାନ କରି ହସି ଉଡ଼େଇ ଦେଉଥିଲେ । ହେଲେ ସାହିର କେତେଜଣ ସ୍ତ୍ରୀ ଲୋକ ଯେତେବେଳେ ଏହାର ଚାକ୍ଷୁଷ ପ୍ରମାଣ ପାଇଲେ, ସେତେବେଳେ ତାଙ୍କର ଅବିଶ୍ୱାସ କରିବାକୁ ଆଉ ବାଟ ନ ଥିଲା । ନାନୀର ଅଭିଶାପ ପ୍ରତି ଭୟ ଆଉ ଖାତର ମଧ୍ୟ ଆସିଗଲା ।

ସେବର୍ଷ ତଳ ସାହି ସାହୁଘର ବାରବୁଲି ଛେଳିଟା ରଙ୍ଗେଇନାନୀର ବାଡ଼ିରେ ପଶି ଶାଗ ଖାଇଯିବାରୁ ସେ ତାକୁ ଶାପ ଦେଲା, "ତୁ ଅଳପ ଦିନରେ ହାଣ ମୁହଁକୁ ଯିବୁ ଲୋ ଛେଳି । ତୋତେ କଂସେଇ ନେବ ।"

ବାସ, ନାନୀର ବଚନ ସତ ହେଲା । ଦୁଇଦିନ ପରେ ଛାଡ଼ଖାଇରେ ସେ ଛେଳି ବଳି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଡ଼ିଲା । ଆଉଥରେ ମଦନ କକେଇ ଝିଅ ଚମେଲି ଦିନ ଦ୍ୱିପହରେ ଲୁଚି ଲୁଚି ନାନୀର ବାଡିରୁ ପିଜୁଳି ତୋଳି ଖାଉଥିଲା । ମୁଣ୍ଡଫଟା, ଢୁ ଢୁ ଖରାରେ ବି ନାନୀ, ତୁଚ୍ଛା ବଗିଚାଟାରେ ମଝିରେ ମଝିରେ ଆସି ନଜର ପକାଏ । ସେଦିନ ଚମେଲି ଉପରେ ତା'ର ଦୃଷ୍ଟି ଯେମିତି ପଡ଼ିଯାଇଛି, ଛାଡ଼ିଲା ଗୋଟାଏ କିଳିକିଳା ରଡ଼ି ।

“ହଇଲୋ ହେ ଅଣ୍ଡିରି ଚଣ୍ଡୀ, ତୋର ଏଡ଼େ ବହପ, ମୋଅରି ବାଡ଼ିରେ ପଶି, ଦିନ ଦିପହରେ ଗଛରେ ଚଢ଼ି ଚୋରି କରୁଛୁ ! ଦେଖିବୁ ରହ, ଯୋଉ ହାତରେ ମୋ ଗଛର ଡାଳ, ଫଳ ଛିଣ୍ଡେଇ ନଷ୍ଟ କରିଛୁ, ସେଇ ହାତଟା ତୋର ରଟକିନା ଭାଙ୍ଗିଯିବ ।”

ରଙ୍ଗେଇନାନୀର ତୁଣ୍ଡରୁ କଥା ଛିଡ଼ିନି, ଅସାବଧାନତାରୁ ହେଉ ବା ନାନୀର ଗର୍ଜନରେ ଚମକିପଡ଼ି ହେଉ ଚମେଲି ଗଛରୁ ଭୁସକିନା ଗଳି ପଡ଼ିଲା । ସେଇଠି ଡାଳ ବାଜି ତା' ହାତଟା ଭାଙ୍ଗିଗଲା । ଆଉ ହାତରେ ପଟି ବାନ୍ଧି, ବେକରେ ଝୁଲେଇ ଦୁଇ ମାସ ଯାଏ ଯେଉଁ କଷ୍ଟ ଭୋଗିଛି ଚମେଲି, ନାନୀର ଅଭିଶାପକୁ ସିଏ କେବେ କଣ ଭୁଲି ପାରିବ !

ଆଉଥରେ ସାଇ ପିଲାମାନେ ତା' ଚାଳ ଉପରକୁ ହାତ ଦେଖାଇ ଆଙ୍ଗୁଠିରେ କଖାରୁ ଗଣୁଥିଲେ । ଏକ ଦୁଇ ତିନି ଚାରି..... କୁଆଡ଼େ ଥିଲା ନାନୀ ଝପଟି ଆସି ନିଜର ଶାପମୁଣି ଝାଡ଼ିଲା, “ହଇରେ ହେ ଡାଆଣାପଲ, ମୋଅରି କଖାରୁ ଉପରେ ନଜର ପକଉଛ ! ଆଖି ତମର ଫୁଟି ଯାଆନ୍ତା କି, ଗାଆଁ ଠାକୁରାଣୀ କତିରେ ନଡ଼ିଆ ଫଟାନ୍ତି ।” ସତକୁସତ ଦିନଟାଏ ନ ଯାଉଣୁ ଦୁଇଜଣ ପିଲା ଆଖିଧରା ରୋଗରେ ଆକ୍ରାନ୍ତ ହେଲେ, ସପ୍ତାହେ କାଳ କଷ୍ଟ ଭୋଗିଲେ ।

ସେଇଦିନ ଠାରୁ ନାନୀର ନିଜ ଅଭିଶାପ ଉପରେ ପୂର୍ଣ୍ଣ ବିଶ୍ୱାସ ଆସିଲା । ଆଉ ବୃଦ୍ଧି ଦାବି ମଧ୍ୟ । ସାଇ ଲୋକମାନେ ବି କେବେ ପ୍ରତିବାଦ କରନ୍ତିନି ତା' ଦାବିରେ । ସେମାନେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରା ଭୁକ୍ତଭୋଗୀ !

ଆଜି ପୁଣି ସେଇ ରଙ୍ଗେଇନାନୀର ତୁଣ୍ଡରୁ ଅଭିଶାପର ଆଗ୍ନେୟଲାଭା ଉଦ୍ଗୀରଣ ହେଉଛି । କିଏ ସେହି ହତଭାଗା ମନ୍ଦବୁଦ୍ଧି ମଣିଷ ! ନାନୀର ଦରବରେ ହାତମାରି, ଜାଣିଶୁଣି ନିଜ ଅମଙ୍ଗଳକୁ ବରଣ କରିଛି ! !

ରଙ୍ଗେଇନାନୀ ସାଇ ସେ ମୁଣ୍ଡରୁ ଏ ମୁଣ୍ଡଯାଏ ଦୁମୁ ଦୁମୁ ହୋଇ ସଅଁଷି ଚାଲିଥାଏ ସେମିତି । ହଠାତ ଆର ମୁଣ୍ଡରୁ ଗୋଳ ଶୁଭିଲା, "ମାରି ପକେଇଲା ଗୋ କଚାଡ଼ି ଦେଲା, କିଏ କେଉଁଠି ଅଛ ଦୌଡ଼ି ଆସ ।" ଯିଏ ଯେଉଁଠି ଥିଲେ ପାଟି ଶୁଣି ଧାଇଁଲେ ।

ଦେଖିଲେ, ରଙ୍ଗେଇନାନୀର ଏକୋଇରବଳା ମାଧିଆ ଖଣ୍ଡିଆ ଖାବରା ହୋଇ ଧୂଳିରେ ଗଡ଼ୁଛି । ଦୁଇ ଚାରିଜଣ ଲୋକ ଠେଙ୍ଗାଧରି ଗୋଡ଼ାଇ ଘଉଡ଼ାଉଛନ୍ତି ଗୋଟାଏ ଷଣ୍ଢକୁ । କଥା କ'ଣକି, ମାଧିଆ ତେଣେ ସାଇ ମୁଣ୍ଡରେ ବୁଲି ବୁଲି କାକୁଡ଼ି ଚୋବାଉ ଥିଲା । ସାମନାରୁ ହାବୁଡ଼ିଲା ବୁଲା ଷଣ୍ଢଟାଏ । ନାନୀର ନନ୍ଦନ ତ ! ଡର କାହାକୁ ! ! ଆଡ଼େଇ ନ ଯାଇ ସଦର୍ପରେ ଢେଲାଟାଏ ଫୋପାଡ଼ିଲା ଷଣ୍ଢ ଉପରକୁ । ସେଇଠୁ ଷଣ୍ଢକୁ ଆଉ ସମ୍ଭାଳେ କିଏ ? ମାଧିଆକୁ ଭୁଷି କଚାଡ଼ି ଦେଲା ।

ସାଇ ପଡ଼ିଶାର ଲୋକମାନେ ଝଡ଼ାଝଡ଼ି କରି ମାଧିଆକୁ ତଳୁ ଉଠାଉଥା'ନ୍ତି । କେଇଜଣ ସ୍ତ୍ରୀଲୋକ ଚୁପି ଚୁପି କଥା ହେଉଥାନ୍ତି, ଏଇଟା ନାନୀ ଅଭିଶାପର ଫଳ ନୁହେଁ ତ ! ମାଧିଆ ମାଆକୁ ନ ଜଣେଇ ନିଜ ବାଡିରୁ କାକୁଡି ତୋଳି ଖାଇବାରୁ ଏ ଦୁର୍ଦ୍ଦଶା ଭୋଗିଲା କି ! ଧାଇଁ ଆସୁ ଆସୁ ପୁଅର ଅବସ୍ଥା ଦେଖି ନାନୀର ମୁଣ୍ଡ ଘୁରିଗଲା । ସେ ଲଥ କରି ବସି ପଡ଼ିଲା । ପୁଅକୁ କୋଳକୁ ଆଉଜାଇ ତା' ମୁଣ୍ଡକୁ ଆଉଁଶି ବାହୁନିବାକୁ ଲାଗିଲା ।

"ମୋ ଧନରେ... ମୋ ସୁନାରେ... ତୋର କଅଣ ହେଲାରେ ବାପ.... ।"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାଆଁ ଲୋକ ମିଶି ମାଧିଆକୁ ଡାକ୍ତରଖାନାକୁ ନେଇଗଲେ । ସେଠାରେ ତା'ର ଆଶୁ ଚିକିତ୍ସା କରାଇ ଔଷଧ ନେଇ ଘରକୁ ଫେରିଲେ ।

ସେଇଦିନ ଠାରୁ ରଙ୍ଗେଇନାନୀର ଚେତା ପଶିଲା । ଈର୍ଷା କରି ଅନ୍ୟର ଅମଙ୍ଗଳ ଲାଗି ସେ ଦେଉଥିବା ଅଭିଶାପ ସବୁ ସତ ଫଳୁଛି । ଅଜାଣତରେ ହେଉପଛେ, କ୍ରୋଧ ଆଉ ଶାପ ଯୋଗୁଁ ଆଜି ତା'ର ନିଜ ପୁଅ ମହାବିପତ୍ତିରେ ପଡ଼ିଲା । ତେଣୁ ଏଣିକି ଆପଣାତୁଣ୍ଡ ଏବଂ ରାଗ ଉପରେ ଲଗାମ ଦେବାକୁ ସେ ମନସ୍ଥ କଲା ।

ତା' ପରଠାରୁ ଶାଣଦେଲା କ୍ଷୁରଭଳି ଧାର କଥାକହି ନାନୀ ଆଉ କାହାର ମରମ ଦହୁନି । ମୁରୁକି ହସି ଫୁଲଭଳି କୋମଳ ବଚନ ଭାଷି, ଦଦେଇ, ଖୁଡ଼ୀ, ଦେଠେଇ ଏବଂ ସାଇ ଭାଇ ପୁତୁରା, ଝିଆରୀମାନଙ୍କ ଅନ୍ତର ଜିଣୁଛି ।

ମାମୁରିଆ, ଛେଣ୍ଡିପଦା, ଅନୁଗୋଳ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାସ୍ତବତା

ସତ ମିଛ ଶିଙ୍କୁଳିରେ ବନ୍ଧା ଜୀବନ । କେତେବେଳେ ହସ କେତେବେଳେ ଲୁହର ସମାହାରରେ ଗଡ଼ିଚାଲିଚି ଜୀବନର ଗାଡ଼ି । ଆଶା ନିରାଶାର ପ୍ରତିଧ୍ୱନି ମନ ଭିତରେ ଆନ୍ଦୋଳନ ସୃଷ୍ଟି କରୁଛି । ଅସମାହିତ ପ୍ରଶ୍ନଗୁଚ୍ଛ ଅଡୁଆ ସୂତାପରି ଗୁଡେଇ ତୁଡେଇ ବଞ୍ଚିବାଟାକୁ ଆହୁରି ଭାରାକ୍ରାନ୍ତ କରିଦେଇଛନ୍ତି । ଜାଣିନି କେତେବେଳେ ଏହି ଯନ୍ତ୍ରଣାରେ ଛଟପଟ ହଉ ହଉ ଶୋଇପଡ଼ିଲିଣି । ହଠାତ୍ ଅଧା ରାତିରେ କାହାର ହାତ ସ୍ପର୍ଶ ପାଇ ନିଦଟା ଚାଉଁକିନା ଭାଙ୍ଗିଗଲା । ଏ କଣ, ଏ ତ ମୋ ଶ୍ରଦ୍ଧାର ହାତ । ଶ୍ରଦ୍ଧା ତାହାହେଲେ ଫେରିଛି । ହେଲେ ଏଇଟା କିପରି ସମ୍ଭବ ହେଲା ।



ଶୁଚିସ୍ମିତା ଗୌଡ଼

ମୋର ଠିକ୍ ମନେ ଅଛି ସେଦିନ କଲେଜ ବେଳର ନୂଆ ନୂଆ ପ୍ରେମ, ପ୍ରେମ ପରେ ଦୈହିକ ସମ୍ପର୍କ ଆଉ ତାପରେ ପ୍ରତାରଣା । ନୂଆ କରି ସହର ଦେଖିଥିବା ଏମିତି ଗାଉଁଲି ପୁଅମାନେ ତ ଏହି ସହରିଆ ଝିଅ ମାନଙ୍କ ପାଇଁ ହାତର କଣ୍ଢେଇ । କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ ଏମିତି ମୋ ମନ ହୃଦୟକୁ କ୍ଷତାକ୍ତ କରି ଧସେଇ ପଶିଆସିଥିଲା ଶ୍ରଦ୍ଧା । ନାମରୁ ଯେମିତି ସ୍ନେହ ଝରୁଥିଲା ବ୍ୟବହାରରେ ମଧ୍ୟ ଅନୁରୂପ ଶୈଳୀ । ସାରା କଲେଜ ଯାହା ପାଇଁ ପାଗଳ ସେ ଯେ ମୋ ପଛରେ ପାଗଳି ପରି ପଡ଼ିଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହା ମୋ ପାଇଁ କଣ କମ୍ ଗୌରବର କଥା ଥିଲା । ସାଙ୍ଗ ହୋଇ ଖାଇବା, ବୁଲିବା, ପାର୍କ, ସିନେମା ଆଦି ସବୁ ମତେ ମୋ ଲକ୍ଷ୍ୟ ପଥରୁ ବିଚ୍ୟୁତ କରୁଥିଲେ ହେଁ ତାହା ମୋ ମନକୁ ଶାନ୍ତି ଦଉଥିଲା । ଦିନ ଗୁଡ଼ିକ ଅତି ସୁରୁଖୁରୁରେ ବିତିଯାଉଥାଏ ।

ବାର୍ଷିକ ଉତ୍ସବର ଦିନ । ସେଦିନ ଆମ ଦୁହିଁଙ୍କ ନାମ ଯୋଡ଼ି ସମସ୍ତେ କହୁଥିଲେ ଆନନ୍ଦ ପ୍ଲସ ଶ୍ରଦ୍ଧା ମିଶିଲେ ଶ୍ରଦ୍ଧାନନ୍ଦ ହୁଏ, ଏକଥା ଶୁଣିବାକୁ ବି ଭଲ ଲାଗୁଥିଲା । ସହପାଠୀ ମନେ ଛିଗୁଲେଇ କହୁଥିଲେ ଆଜିର ମୁଖ୍ୟ ଆକର୍ଷଣ ଶ୍ରଦ୍ଧାନନ୍ଦ । ସେଦିନ ରାତିରେ କାର୍ଯ୍ୟକ୍ରମ ଶେଷ ପରେ ସବୁଦିନ ପରି ଶ୍ରଦ୍ଧା ଆଉ ମୁଁ ଅତି ନିବିଡ଼ ହୋଇଥିଲୁ । ଶ୍ରଦ୍ଧା ପ୍ରତି ମୋର ପାଗଳାମି ଧୀରେ ଧୀରେ ବଢିବା ବେଳକୁ ମୋ ଭବିଷ୍ୟତ ଯେ ମୋ ହାତରୁ ଖସି ଯାଉଥିଲା ଏକଥା ମୋର ବୁଝିବାକୁ ବାକି ନଥାଏ । ତଥାପି ମୁଁ ମୋର ସବୁ କିଛି କେବଳ ଶ୍ରଦ୍ଧା ପାଇଁ ଉତ୍ସର୍ଗ କରିଚାଲିଥାଏ ।

ପ୍ରଥମ ବର୍ଷର ଶେଷ ପରୀକ୍ଷା ଦିନ ସବୁଥର ପରି ସେଦିନ ମଧ୍ୟ ଶ୍ରଦ୍ଧା ମିଠା ମିଠା କଥା କହି ମୋ ମନକୁ କିଣିନେଉଥାଏ । ପରୀକ୍ଷା ଶେଷ ବେଳକୁ ପ୍ରାୟ ଗୋଟାଏ ବାଜି ସାରିଥାଏ । ମୁଁ ଗେଟ୍ ବାହାରେ ଆସି ଶ୍ରଦ୍ଧା ପାଇଁ ଅପେକ୍ଷା କରିଥାଏ, ମୋର ଜଣେ ଅନ୍ତରଙ୍ଗ ବନ୍ଧୁ ଆସି କିଛି ପ୍ରମାଣ ସହ ଶ୍ରଦ୍ଧାର ବାସ୍ତବତା ପ୍ରକାଶ କରିଚାଲିଲା । ସତେ ଯେମିତି ମୋ ପାଦ ତଳୁ ମାଟି ଖସିଯାଉଥାଏ, ମୁଁ ଯୋଉ ଶ୍ରଦ୍ଧାକୁ ଏତେ ଦିନ ଧରି ନିଜଠୁ ବି ନିଜର କରିଥିଲି ସେ କଣ ସତରେ ଏକା ମୋର ହୋଇପାରିବନି । ଓହୋ ! ଭାବିଦେଲା ବେଳକୁ ମୁଣ୍ଡଟା ଘୁରେଇ ଯାଉଛି । ତାହାହେଲେ ଏତେ ଦିନ ଧରି ଏ ମିଳାମିଶା, ଶ୍ରଦ୍ଧା ମୋ ସହ କଣ କରୁଥିଲା । ଏହି ଘଟଣାର ସତ୍ୟ ଅନୁସନ୍ଧାନ କରିବା ପାଇଁ ମୋ ପାଖରେ ସମୟ ଓ ଧୈର୍ଯ୍ୟ ଦୁଇଟା ଯାକର ଅଭାବ ରହିଥିଲା । ବୁଝି ଜାଣିବାକୁ ପାଇଲି ଯେ ଶ୍ରଦ୍ଧା ପୂର୍ବରୁ ହିଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରୀକ୍ଷା ସାରି ଚାଲିଯାଇଛି । ଘରକୁ ଫେରିବା ଟିକଟ ଆଉ ବାପାମା'ଙ୍କ ଅପେକ୍ଷା ପୂରଣ କରିବାକୁ ଯାଇ ମୁଁ ଘରକୁ ଫେରିଲି ।

ଛୁଟିଟା କିପରି ଯେ କଟିଲା ତାହା କେବଳ ମୁଁ ହିଁ ଜାଣେ । କେତେ ଦ୍ୱନ୍ଦ ମନରେ ନେଇ ମୁଁ ଜୀବନ ବିତାଉଥାଏ । ଏପଟେ ଦିନ ଗଣୁଥାଏ କେବେ ପୁଣି ଫେରିବ ସହରକୁ କେବେ ଭେଟିବି ଶ୍ରଦ୍ଧାକୁ । କେବଳ ଗୋଟିଏ ଉତ୍ତର ପାଇବା ପାଇଁ ଯେ ଶ୍ରଦ୍ଧା ମୋ ସ୍ୱପ୍ନକୁ ଉଜାଡି ଦେବାର କାରଣ କଣ ? ସେ ଯଦି ଆଉ କାହାକୁ ଭଲପାଇ ବସିଥିଲା ତେବେ ମୋ ସହ ଏପରି କାହିଁକି କଲା ? ସମୟ କାହାକୁ ଅପେକ୍ଷା କରେନା । ପୁଣି ଥରେ କଲେଜ ଖୋଲିଲା, ସମସ୍ତେ କଲେଜ ଆସିଲେ କିନ୍ତୁ ଶ୍ରଦ୍ଧା ଆସିଲେନି । ପାଠପଢା ସାରିବା ପରେ ସେଇ ସହରରେ ମୋ ଚାକିରି । ୟାରି ଭିତରେ କେତେ ଯେ ବର୍ଷ ବିତିଗଲାଣି । ମୁଁ ଏବେବି ଶ୍ରଦ୍ଧା ପାଇଁ ଅପେକ୍ଷାରତ । ମୁଁ ଜାଣେ ସେ ଫେରିବନି । ଫେରିବା ଆଉ କଣ ସମ୍ଭବ, ଏତେ ଦିନ ପରେ । ମନରେ ଅଜସ୍ର ଅଭିମାନ, ଅନେକ ଆଶଙ୍କା ନେଇ ମୋ ଜୀବନ ଗାଡ଼ି ଗାଡ଼ି ଯାଉଥାଏ ।

କିନ୍ତୁ ଆଜି ଭାରି ବିଚଳିତ ମନେ ହଉଚି । ଆଜି କାହିଁକି ଶ୍ରଦ୍ଧା ବେଶି ବେଶି ମନେପଡୁଛି । ଆଜି ପ୍ରତ୍ୟେକ ସ୍ପର୍ଶ ଶ୍ରଦ୍ଧାର ପରି ମନେ ହଉଛି । ଯେମିତି ମୁଁ ଶ୍ରଦ୍ଧାର କୋଳରେ ମୁଣ୍ଡ ରଖି ଶୋଇଛି । ଯେମିତି ଶ୍ରଦ୍ଧା ମୋ ମଥା ଆଉଁସି ଦଉଛି । ଯେମିତି ସେ ମୋ ଓଠକୁ ତ ଓଠରେ ଛୁଇଁ କହୁଚି ମୁଁ ତୁମକୁ ଠକି ଦେଇନି ମୁଁ ତୁମ ପାଖରେ ଅଛି, ମତେ ଅନୁଭବ କରି ଦେଖ, ମୁଁ କେବଳ ତୁମର । ମୁଁ ଚମକି ପଡିଲି । ପୁଣି ଥରେ ସେଇ ବିଗତ ବର୍ଷର ଫାଇଲ୍ ଖୋଜିଲି । ସେଇ ପ୍ରମାଣ ଗୁଡ଼ିକୁ ପୁଣି ଦେଖିଲି । ସନ୍ଦେହ ଭରା ଦୃଷ୍ଟିରେ ଦେଖୁ ଦେଖୁ ଫାଇଲ୍ ରୁ ଆଉ ଏକ ପୁରୁଣା ଖବର କାଗଜ ଖସିପଡ଼ିଲା । ଯେଉଁଥିରେ ଏକ

 Magazine Downloaded from www.aahwaan.com

କୋଣରେ ଲେଖାଥିଲା ସ୍ୱର୍ଗତ ଶ୍ରଦ୍ଧା ଦେବଙ୍କ ଏକଦଶାହ ଉପଲକ୍ଷେ ତାଙ୍କ ପିତା ଅନାଥ ଆଶ୍ରମକୁ ଏକ ଲକ୍ଷ ଟଙ୍କା ଦାନ କଲେ । ଚମକି ପଡ଼ିଲି ଫଟୋଟିକୁ ଦେଖି । ଏ ତ ମୋ ଶ୍ରଦ୍ଧା । ତା ମାନେ ଶ୍ରଦ୍ଧା ଆଉ ନାହିଁ । କିନ୍ତୁ କେମିତି ହେଲା ଏସବୁ । ପୁନର୍ବାର ସେହି ସାଙ୍ଗ ଯୋଗେ ଜାଣିବାକୁ ପାଇଲି ଯେ ଶ୍ରଦ୍ଧା ଏକ କର୍କଟ ରୋଗରେ ପୀଡିତ ଥିଲା ଆଉ ମୁଁ ତାର ଭଲପାଇବା ସହି ନପାରି ଆତ୍ମହତ୍ୟା କରିଦେବି ବୋଲି ସେ ନିଜକୁ ଦୋଷୀ ସଜେଇ ମୋ ଜୀବନରୁ ବିଦାୟ ନେଇଗଲା ସମସ୍ତଙ୍କୁ ଛାଡି । ଏକ ଦୀର୍ଘ ନିଃଶ୍ୱାସ ନେଇ ମୁଁ ଚୌକି ଉପରେ ବସିପଡ଼ିଲି । ମନକୁ ମନ କହି ଚାଲିଲି ଶ୍ରଦ୍ଧା କେବଳ ମୋର ହିଁ ଥିଲା । ହାୟ! ଶ୍ରଦ୍ଧାନନ୍ଦ ।

ଶିକ୍ଷୟିତ୍ରୀ
ସ.ନୂ.ଉ.ପ୍ରା. ଲୁଚୁକିବାହାଲ
ଲୋଇସିଂହା, ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅକୁହା କାହାଣୀ

ଢିମା ଢିମା ଡୋଳା ଦୁଇଟା ଲୋତକାପ୍ଲୁତ ହୋଇ ଢଳ ଢଳ ଦିଶୁଥିଲା । ପୁଣି କେତେବେଳେ ଗୋରା ଗୋରା ଚମ ଦେଇ ଧିରେ ଧିରେ ଖସି ଆସୁଥିଲା ଗ୍ରୀବା ଦେଶକୁ କେଇ ବୁନ୍ଦା ତତଲା ଲହୁ । ନୀତା ଆଉ ବରଦାସ୍ତ କରି ପାରୁ ନଥିଲା । ସମ୍ଭାଳି ନପାରି ପଢ଼ା ଟେବୁଲ ପାଖରୁ ନିଜକୁ ଆସ୍ତେ କରି ସାଉଁଟି ନେଇ ବେଡ୍ ଉପରକୁ ଢଳି ଆସି ନଥ୍ କିନା ପଡିଗଲା । ତକିଆ ଉପରେ ମୁହଁ ମାଡି ଶୋଇଗଲା ।

ଧାରା ଶ୍ରବଣର ଅମାନିଆ ଅଶ୍ରୁ ଗୁଡ଼ାକ ଅନବରତ ବୋହି ଚାଲିଥିଲା । ଚିତ୍ତଲୋକରେ ଅନେକ ଚାଞ୍ଚଲ୍ୟ । ମନରେ ହଟ ଚମଟ । କିନ୍ତୁ କାହିଁକି ? ଦୋଷ ତାର କୋଉଠି... ଏତେ କଠୋର ଦଣ୍ଡ... ଭାବି ଭାବି ତାର ଖିଅ ଖୋଜି ପାଉନଥିଲେ । ନିଜକୁ ବେସାହାରା ମନେ କରୁଥିଲା । ହୃଦୟର କୋହ ଓ ଅଭିମାନକୁ ଆଦୌ ବରଦାସ୍ତ କରିପାରୁନଥିଲା । ମନଭିତରେ ଚିକିମିକ୍ କରୁଥିବା ସ୍ୱପ୍ନ ଗୁଡାକ ଭାଙ୍ଗି ଚୂରମାର ହୋଇଯାଉଥିଲା । ନିଜର ମାନସିକ ସନ୍ତୁଳନ ମଧ୍ୟ ହରାଇ ବସୁଥିଲା ନୀତା । ନିଜର ଗୋଟେ ଛୋଟ ଭୁଲ ପାଇଁ କଣ ହରାଇବସିବ ନିଜର ପ୍ରେମକୁ ସାରା ଜୀବନ.... ବିଶ୍ୱାସ କି ସହ୍ୟ କରି ପାରୁନଥିଲା । ସବୁ ଅଭିମାନ ଛାଡି କେଇପଦ କଥା ନୀତିଶକୁ କହିଦେଇଥିଲେ ସିଏ କଣ



ପ୍ରଭାତୀ ମହାପାତ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛୋଟ ହୋଇ ଯାଇଥାନ୍ତା । ଭଲ ପାଇବାର ଅଧିକାର କଣ ଖାଲି କେବଳ ପୁରୁଷ ପାଖରେ ଅଛି... ନାରୀ ପାଖରେ ନାଁହି.... ସେଇଆ ବୋଧେ ନିତାର ଭୁଲ ଥିଲା... ପୁରୁଷ ବନ୍ଧୁ ନୀତିଶ ସହିତ ଆତ୍ମୀୟତା ନୀତାର ଏକ ତରଫା ପ୍ରେମରେ ରୂପାନ୍ତରିତ ହୋଇଯାଇଥିଲା । ଏମିତି ଭାବୁ ଭାବୁ ତକିଆଟି ଲୁହରେ ପୁରା ଭିଜି ଯାଇଥିଲା । ଜୀବନରେ ବଞ୍ଚିବାର ମୋହ ବି ତୁଟି ଯାଉଥିଲା । ମନେ ମନେ ଭାବୁଥିଲା- ଜୀବନକୁ ସବୁଦିନ ପାଇଁ ଶେଷ କରିଦେବି । ଏଇମିତି ସନ୍ଧ୍ୟା ଯାଇ ରାତି ହେଲାଣି... ହଠାତ୍ ମିଲ୍ ପାଇଁ ବେଲର ଘଣ୍ଟି ବାଜି ଉଠିଲାଣି । ନିଜକୁ ସଜାଡି ଉଠିବସିଲା । ହଷ୍ଟେଲ ପରିସରରେ ଆନନ୍ଦ ଓ ଅଶ୍ରୁର ଫେଣ୍ଟାଫେଣ୍ଟି ଭାବ । କାରଣ ସେଦିନ ଥିଲା ତାଙ୍କ ବ୍ୟାଚ୍ ପିଲାଙ୍କର ହଷ୍ଟେଲରେ ଶେଷ ରାତ୍ରି....

ନୀତା ଓ ନୀତିଶ ପିଲାଦିନର ବନ୍ଧୁ ଓ ସହପାଠୀ । ଉଭୟ ପଡୋଶୀ । ଏକାଠି ଖିଆପିଆ, ନାଚଗୀତ ପଢ଼ାପଢ଼ି ସବୁ ଚାଲିଥିଲେ ମଧ୍ୟ ତାହା ଦିନେ ବନ୍ଧୁତା ମଧ୍ୟରେ ସୀମିତ ଥିଲା । କାଲିର ପରିସ୍ଥିତି ଆଜି ନୀତାକୁ ଏଇ ପରୀକ୍ଷାରେ ବସେଇବ... ସିଏ ସ୍ୱପ୍ନରେ ବି ଭାବି ପାରିନଥିଲା । ସମୟ ଗଡି ଚାଲିଥିଲା । ମାଟ୍ରିକ ପରୀକ୍ଷା ସରିଲା । ନୀତିଶ ଚାଲିଗଲା ସହରକୁ । ତାଙ୍କ ବାପାଙ୍କ ଟ୍ରାନ୍ସଫର ହୋଇଯାଇଥିଲା । କେତେଦିନ ପାଇଁ ନୀତା ଝୁରିଥିଲା ନୀତିଶକୁ । ପରେ କିନ୍ତୁ ସବୁ ବିସ୍ମରି ଯାଇଥିଲା ମହିଳା କଲେଜର ଫୁଲେଇ ସାଙ୍ଗସାଥିଙ୍କୁ ପାଇ । କ୍ଲାସ ପରେ କ୍ଲାସ ଅତିକ୍ରମ କରି ଗ୍ରାଜୁଏସନ୍ ସମାପ୍ତ କଲା । ଶେଷରେ ବାଣୀବିହାରରେ ପିଜି ପାଇଁ ଇଣ୍ଟିମେସନ୍ ଲେଟର ଆସିଲା । ହଁ ନାଁ ମଧ୍ୟରେ ହଷ୍ଟେଲରେ ରହି ପିଜି କଲା ଇକୋନୋମିକସରେ... ଭୟ ଓ ଆଶଙ୍କା ଭିତରେ ପହଞ୍ଚିଲା ସେଇ ଅପରିଚିତ ନୂଆ ଜାଗାରେ । କିନ୍ତୁ ପ୍ରଥମ ଦିନର କ୍ଲାସ ରୁମ୍ ଭିତରେ ସବୁ ନୂଆରୁ ଏକ ପୁରୁଣାକୁ ଆବିଷ୍କାର କଲା - ନୀତା । ତାର ପିଲାଦିନର ଅତି ପରିଚିତ ସାଙ୍ଗ ନୀତିଶ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖୁସିରେ ଅଧୀରା ହୋଇପଡିଲା । ସବୁ ଭୟ କୁଆଡେ ଅଦୃଶ୍ୟ ହୋଇ ଯାଇଥିଲା । କ୍ଲାସ ପରେ ଟିକେ ଗପସପ କରି ଉଭୟେ ହଷ୍ଟେଲ ଚାଲିଯାଇଥିଲେ ।

କ୍ଲାସ୍ ଟାଇମର ଯଥେଷ୍ଟ ପୂର୍ବରୁ ଦୁହେଁ ପହଂଚି ଯାଉଥିଲେ ଡିପାର୍ଟମେଣ୍ଟରେ । ପିଲାଦିନର ଇତିହାସକୁ ରୋମନ୍ଥନ କରୁଥିଲେ । ଲାଗୁଥିଲା ସତେ ଯେମିତି ପୁଣି ପୂର୍ବ ସମୟକୁ ସେମାନେ ଫେରି ଯାଉଛନ୍ତି ।

ଘର ଛାଡି ହଷ୍ଟେଲରେ ରହିବାର ଦୁଃଖ ଯନ୍ତ୍ରଣା ନୀତିଶକୁ ପାଖରେ ପାଇ ପୁରା ଭୁଲିଯାଇଥିଲା ନୀତା । ଘର କଥା ମନେ ପଡିଲେ ସନ୍ଧ୍ୟାରେ ଫୋନ୍ କରି ଡ଼ାକାଏ ନିତୀଶକୁ । ହସାହସି ହୋଇ ପାଖ ସୁପରମାର୍କେଟରେ ଜଳଖିଆ ଦୋକାନରୁ ଦୋଷା ଖାଇ ଫେରନ୍ତି । ସମୟ ଚକ୍ରରେ ପିଲା ଦିନ ପରି ଖିଆପିଆ ବୁଲାବୁଲି ନୋଟର ଆଦାନପ୍ରଦାନର ପୁନରାବୃତ୍ତି ସହିତ ଉଭୟେ କେବେ କେବେ ପାର୍କ ଓ ସିନେମା ମଧ୍ୟ ଯାଉଥିଲେ । ନୀତାକୁ ଝିଅ ହଷ୍ଟେଲର ନୂଆ ସାଙ୍ଗମାନଙ୍କ ଠାରୁ ପିଲାଦିନର ସାଥୀ ନିତୀଶକୁ ବୋଧେ ବେଶୀ ଅପଣାର ଲାଗୁଥିଲା । ଏଇମିତି ପିଜି ପ୍ରଥମ ବର୍ଷ ପରେ ଆସିଲା ଗ୍ରୀଷ୍ମକାଳୀନ ଅବକାଶ । କିନ୍ତୁ ଏ କଣ... ଘରକୁ ଦଣ୍ଡେ ଛାଡି ରହିପାରୁ ନଥିବା ଝିଅଟା ହଷ୍ଟେଲ ଛାଡ଼ି ଘରକୁ ଯିବାକୁ ଅମଙ୍ଗ ..

ଅପଣାର ଲୋକଟିକୁ ଛାଡି ଯିବାକୁ ଆଦୌ ଇଚ୍ଛା ନଥିଲା... କିନ୍ତୁ ହଷ୍ଟେଲ ପୂରା ଖାଲି । ତେଣୁ ଘରକୁ ତ ନିଶ୍ଚେ ଯିବାକୁ ହେବ । କଷ୍ଟେମଷ୍ଟେ ଛୁଟି କଟାଇ ଉଭୟ ଫେରିଲେ ହଷ୍ଟେଲକୁ । ନୀତା ଖୁସି ହେଉଥିଲା ପୁଣି ନୀତିଶକୁ ପାଖରେ ପାଇ....

ବନ୍ଧୁତାରୁ ପ୍ରେମ... ପ୍ରେମ ରୁ ଜୀବନସାଥି ଭାବରେ ନୀତିଶକୁ ଦେଖିବା ପାଇଁ ନୀତାର ହୃଦୟ ଧିରେ ଧିରେ ବ୍ୟାକୁଳିତ ହେବାରେ ଲାଗିଥିଲା । ସତରେ କଣ ଏଇ ନାରୀଟି ତାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁରୁଷ ବନ୍ଧୁ ସମ୍ମୁଖରେ ତାର ପ୍ରେମକୁ ଆଗୁଆ ଉପସ୍ଥାପନ କରିପାରିବ ? ସେଇଥିପାଇଁ ତାକୁ ଦୁସାହସୀ ହେବାକୁ ପଡିବ । କିନ୍ତୁ ସେଥିରୁ ବଞ୍ଚିତା ହୋଇ ନୀତା ତାର ସାରା ଜୀବନକୁ ଜାଳିପୋଡ଼ି ଛାରଖାର କରିଦେଇଛି । ସତ ଚେଷ୍ଟା ସତ୍ତ୍ୱେ ନିଜ ହୃଦୟର ସ୍ପନ୍ଦନକୁ ନିଜ ମନର ମଣିଷ ପାଖରେ ପହଞ୍ଚାଇବାରେ ସଫଳତା ହାସଲ କରିପାରି ନଥିଲା । ଡିପାର୍ଟମେଣ୍ଟ କି ହଷ୍ଟେଲ ସାମ୍ନାରେ କହିବାକୁ ସାହାସ ଜୁଟେଇ ପାରିନଥିଲେ । ନିଜକୁ ପ୍ରଶ୍ନ କରୁଥିଲା.. ତାଙ୍କ ପ୍ରତି ମୋ ମନରେ ଯେଉଁ ଭାବନା... ମୋ ପ୍ରତି ତାଙ୍କ ମନରେ କଣ ସେଇ ଭାବନାର ଅଭାବ... ହୃଦୟ ଭିତରେ ଏତେ ବଡ଼ ଦୁଃଖକୁ କେମିତି ଚାପି ଧରିବ... ମୁଣ୍ଡ ଘୂରି ଯାଉଥାଏ । ବାୟାଣୀ ପରି ତାକୁ ଲାଗୁଥାଏ... ଆନୁଆଲ ପରୀକ୍ଷା ପାଖେଇ ଆସିଲାଣି.. କ୍ଲାସ୍ ଆଉ ହେଉନାହିଁ ଏବଂ ଫେଋରୱେଲ୍ ବି ଆମକୁ ଦିଆ ସରିଲାଣି । ପରୀକ୍ଷାକୁ କେବଳ ଅପେକ୍ଷା । ନୀତିଶ ଟପର୍ ହେବା ଆଶାରେ ଦିନରାତି ତ ପରିଶ୍ରମ କରୁଛି । ଆଉ ଏ ନୀତା.. ଏଣେ ଝୁରି ଝୁରି କଙ୍କାଳସାର... ପାସ କରିବ କି ନା .. ନିଜକୁ ବି ଜଣା ନାଁହି... ମନ ଅସମ୍ଭାଳ ହେଲେ ଫୋନ୍ କରି ନୀତିଶକୁ ଡକାଏ... କେଇ ପଦ କଥା ହେବା ପରେ ନୀତା ନିଜକୁ ଟିକେ ସହଜ ମଣେ ।

ମାତ୍ର ଆଗକୁ ପରୀକ୍ଷାର ଭାରା । ତେଣୁ ନୀତିଶ  ତରତର ହୋଇ ପଳାଇଯାଏ । ମନରେ ଧୈର୍ଯ୍ୟ ଓ ସାହାସ ଜୁଟାଇ ସାଧାରଣ ନମ୍ବର ରଖି କେମିତି ପାସ୍ କରିବା ସେତିକି କେବଳ ନୀତାର ସଂକଳ୍ପ । ତେଣୁ ତାର ଅଭିଯାନ ଆରମ୍ଭ ହେଲା । ଅବୁଝା ମନଟା ପାଠରେ ଆଦୌ ଲାଗୁନଥିଲା । ତଥାପି ପରୀକ୍ଷା ଦେଲା । ଯଦିଓ ଉତ୍ତମ ଫଳର ଆଶା ନଥିଲା । ଆଜି ପରୀକ୍ଷା ସରିଲା । କାଲି ସକାଳୁ ହଷ୍ଟେଲରୁ ଘରକୁ ପ୍ରତ୍ୟାବର୍ତ୍ତନର ପର୍ବ । ହର୍ଷ ଉଲ୍ଲାସ ଓ ବିଚ୍ଛେଦର ପରିବେଶ... ହଷ୍ଟେଲ ପରିସର... ନୀତା କିନ୍ତୁ ବନ୍ଦ କୋଠରୀ ଭିତରେ ଆବଦ୍ଧ...

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନ୍ତେବାସୀଙ୍କର କୌଣସି ଭାବ ତାକୁ ସ୍ପର୍ଶ କରିପାରୁନଥିଲା । ଶେଷ ସମୟରେ ବି ତାର ମନର ମଣିଷଟିକୁ ଅନ୍ତରର ବ୍ୟଥାକୁ ଜଣେଇ ପାରିନଥିଲେ । ସତରେ କଣ ଏଇ ନାରୀ ପ୍ରେମ ବ୍ୟାପାରରେ ବି ଅବଳା.. ଦୁର୍ବଳା... ଭାବନାର କୋହକୁ ଭାବନାରେ ଚାପି ଧରି ହଷ୍ଟେଲରୁ ବିଦାୟ ନେଲା... ଏଥିସହିତ ପିଲା ଦିନର ସାଥୀଠାରୁ ବି....

ଏହା ଭିତରେ ବାଣୀବିହାର ଛାଡ଼ିବାର ପ୍ରାୟ ଦଶ ବର୍ଷ ବିତି ଗଲାଣି । ସାଙ୍ଗସାଥି ମାନେ ଚାକିରି ବାକିରି କରି ଘର ସଂସାରରେ ବ୍ୟସ୍ତ । ନୀତା କିନ୍ତୁ ବଦଳି ନଥିଲା । ଖୋଜି ହେଉଥାଏ ତା ପିଲାଦିନର ସେଇ ଖେଳ ସାଥିକୁ । ଯାହାକୁ ସିଏ ଏଯାଏଁ ହୃଦୟରେ ରଖିଛି । ପରିବାରର ଶତଚେଷ୍ଟା ସତ୍ତ୍ୱେ ବି ସିଏ ଆଜି ଅବିବାହିତା । ଶିକ୍ଷକତା ତାର ପେଷା । ବାପାମାଆଙ୍କ ଅନ୍ତେ ଭାଇ ଭାଉଜ ପୁତୁରା ଝିଆରୀଙ୍କ ଭିତରେ ଆଜି ତାର ଦୁନିଆ ।

ହେଲେ ତାର ମନର ବେଦନା ସେ କେବେ ସେମାନଙ୍କ ସମ୍ମୁଖରେ ଉପସ୍ଥାପନ କରୁନଥିଲା । ଅନ୍ତର ଭିତରେ ସେଇମିତି ସାଇତି ରଖିଥିଲା । ଦିନେ ଯେ ବିସ୍ଫୋରଣ ହେବ ସେ ଅନୁମାନ ଲଗାଇ ପାରୁନଥିଲା । ମନରେ କିନ୍ତୁ ବିଶ୍ୱାସ ଥିଲା ତା ଚିତଚୋର ଦିନେ ନା ଦିନେ ପକ୍ଷୀରାଜ ଘୋଡାରେ ଆସି ଉଡେଇ ଉଡେଇ ନେବ । ଆଉ ବି ମନରେ ଆସେ... ତା ମନ ମଣିଷ ତା ପାଖକୁ ଆସିବ । ସେଦିନ ସେ ନିଜେ ଅଭିମାନରେ କାନ୍ଦି କାନ୍ଦି ଯା ଇଚ୍ଛା ତାହା କହି ନୀତିଶ ଉପରେ ଲୋଟି ପଡିବ । ବାଣ୍ଟିବ କୁମାରୀ ଭିତରେ ସାଇତା ହୋଇ ରହିଥିବା ସବୁ ମାନ ଅଭିମାନକୁ । ଏଇମିତି କେତେ ଭାବନା ରାଇଜରେ ନୀତା ନିଜକୁ ହଜେଇ ଦେଇଥାଏ ।ପୁଣି ଫେରିଆସେ ବାସ୍ତବ ଜୀବନକୁ ।

ଆଜି ତାର ପୁତୁରାର ବ୍ରତଘର । ଘରେ ଉତ୍ସବମୁଖର ପରିବେଶ । ପୁତୁରାର ଡାକିଲ... ନାନୀ ତୁମେ ଆଜି ପାର୍ଟିରେ ମୋ ସଙ୍ଗେ ବସିବ ଆଉ ମତେ ମ୍ୟାଚ କଲା ଭଳି ନିଜକୁ ଟିକେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଧୁନିକା ବେଶ ପରିପାଟୀରେ ସଜେଇ ହୋଇଥିବ । ନୀତା ଭାବୁଥିଲା.... ସଜେଇ ହେବି... କାହାପାଇଁ ସଜେଇ ହେବି ? କାହିଁକି ଆଧୁନିକା ନାୟିକା ପରି ପାର୍ଟିକୁ ଯିବି ? ମତେ କିଏ ସେଠାରେ ଦେଖିବ ? ତଥାପି ଛୁଆଟିର ତାଗିଦ୍ କୁ ଏଡ଼ାଇ ପାରି ନଥିଲା । ନିଜକୁ ସଜେଇ ଥିଲା । ସତେ ଯେମିତି ତାର ଝିଅ ଦେଖା ପର୍ବରେ ସିଏ ଯୋଗ ଦେଉଛି । ପାଉଡର ଲଗାଉ ଲଗାଉ ଆଇନାରେ ତାର ମଳିନ ପଡିଯାଇଥିବା କୁଞ୍ଚିତ ଚର୍ମକୁ ଦେଖି ହଠାତ୍ ଚମକି ପଡିଲା । ଷୋଡ଼ଶୀ ସମୟର୍ ରୂପ ଲାବଣ୍ୟକୁ ମନେ ପକାଇ ବହୁତ୍ ବ୍ୟଥିତ ହୋଇଥିଲା । ଶେଷରେ ପାର୍ଟି ପାଇଁ ନିଜକୁ ପ୍ରସ୍ତୁତ କରି ହୋଟେଲରେ ପରିବାର ସହ ପହଞ୍ଚିଲା ।

ପାର୍ଟିର ଭିଡ ମଧ୍ୟରୁ ତର ତର ହୋଇ ନୀତାର ଭାଇ ଆସି କହିଲେ.... ଆରେ ନୀତା ଇଏ ହେଉଛନ୍ତି ମୋର ନୂଆ ବସ । ଚିହ୍ନିଲୁ ! ଆଉ ତୋର ପିଲାଦିନର ସାଥି କି ? ଚମକି ଉଠିଲା ନୀତା । ହଠାତ୍ ନିଜକୁ ବିଶ୍ୱାସ କରିପାରୁନଥିଲା । ନୀତିଶ ବଡ ଆଶ୍ଚର୍ଯ୍ୟ ଭରା କଣ୍ଠରେ କହିଲେ, "କଣ ବହୁଦିନ ପରେ ଦେଖାହେଲା ବୋଲି ଚିହ୍ନି ପାରୁନ କି ନୀତା ? ଚାଲ ଟିକେ ସୁପ୍ ନେଇ ଏକାଠି ଗପ କରିବା । ସାଉଁଟିବା ଆମର ପିଲାଦିନର ସ୍ମୃତିକୁ ।" ନୀତା ମନରେ ଅଫୁରନ୍ତ ଆନନ୍ଦ । ତା ମନର ମଣିଷକୁ ଏତେଦିନ ପରେ ସେ ଅତି ନିକଟରେ ପାଇଛି । ପ୍ରେମରେ ଉବୁଟୁବୁ ହୋଇ ସେ ତାର ଶାଢ଼ି, କେଶ ଓ ଗହଣାକୁ ବାରମ୍ବାର ସଜାଡୁ ଥାଏ । ଭାବୁଥିଲା - ଆଜି ସେଇଥିପାଇଁ ବୋଧେ ସେ ନିଜେ ଏତେ ସଜେଇ ହୋଇଛି । ୱେଟର୍ ଠାରୁ ଦୁଇ କପ ସୁପ୍ ଆଣି ଉଭୟେ ନିରୋଳାରେ ପଡିଥିବା ସୋଫା ଆଡକୁ ଅଗ୍ରସର ହେଉଥିଲେ । ନୀତିଶ ମନକୁ ଗୋଟେ କଥା ଆନ୍ଦୋଳିତ କରୁଥିଲା ଆଉ ପଚାରିଲେ - ହେଲେ ନୀତା ! ତୁମେ ବିବାହ କରିନ କଣ ପାଇଁ.. ତୁମ ପାଇଁ ଯୋଗ୍ୟ ପାତ୍ର କଣ ଦୁନିଆ ରେ ନାହାଁନ୍ତି.. ନା ତୁମେ ତୁମର ମନର ମଣିଷକୁ ଏଯାଏଁ ପାଇନ .. ନା ତୁମେ କାହା ପାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅପେକ୍ଷାରତା... ? କିଛି ସମୟ ଚୁପ୍ ରହି ନୀତା ଉତ୍ତର ଦେଲା... ମୁଁ ଯଦି କହେ ତୁମେ... ପଛ ଆଡୁ ଏକ ନାରୀର ସ୍ୱର ଶବ୍ଦ ଶୁଣାଗଲା - ଓହୋ ! ତୁମେ ଏଠି ଅଛ.. ମୁଁ ତେଣେ ସାରା ଡାଇନିଂ ହଲ୍ ଖୋଜୁଛି... । ଆରେ ସତରେ ତ ମୁଁ ପୁରା ଭୁଲିଯାଇଛି ତୁମ ମାନଙ୍କ କଥା... ନୀତିଶ ପତ୍ନୀ ଓ ପୁତ୍ରଙ୍କୁ ନୀତା ସହିତ ପରିଚିତ କରାଇ ଦେଲେ । ଷ୍ଟାର୍ଟର ନେଇ ସାରିଲଣି କି ପଚାରି ପୁଅକୁ ଆଇସ୍ କ୍ରିମ୍ ଖୁଆଇବା ପାଇଁ ପତ୍ନୀ ସେଠାରୁ ଚାଲିଗଲେ । ସେଇ ଖୁସିର ମୂହୁର୍ତ୍ତଟା ଯେ ଏତେ ଦୁଃଖଦ ହେବ ନୀତା ଭାବିପାରି ନଥିଲା । ପାଖ ସୋଫାରେ ମୁଣ୍ଡକୁ ଚିପିଧରି ନଥ୍ କରି ବସିପଡିଲା । ହାତରୁ ଆପେ ଆପେ ସୁପ୍ କପଟା ଖସି ପଡ଼ି ଭାଙ୍ଗି ଚୂରମାର ହୋଇଯାଇଥିଲା । ନିଜର ସ୍ୱପ୍ନ ଓ ଭାବନା ସବୁ ଭାଙ୍ଗି ଯାଉଥିବାରୁ କୋହ ଉଠାଇ କଇଁ କଇଁ ହୋଇ କାନ୍ଦି ଉଠିଲା ନୀତା । ଆଉ ସାନ୍ତ୍ୱନା ଦେଉଥିଲେ ନୀତିଶ... ଜଣେ ଘନିଷ୍ଟ ବନ୍ଧୁ ଭବରେ । ସତ ସିଂହର ବୀର୍ଯ୍ୟ ଓ ସାହାସ ଜୁଟାଇ ନିଜର ହୃଦୟର ବେଦନାକୁ ପରିପ୍ରକାଶ କରିବା ପୂର୍ବରୁ ଅଧା ଅଧୁରା ରହିଗଲା ତାର ସେଇ ଅକୁହା କାହାଣୀ ।

ଏତେବେଳକୁ ସବୁ ଶୂନ୍ ଶାନ୍ । ଲୋକବାକ କିଏ କୁଆଡ଼େ ସବୁ ଚାଲି ଗଲେଣି । ଭୋଜି ଭାତ ବି ଶେଷ । ସମସ୍ତେ ଫେରି ଆସିଲେଣି ନିଜ ଘରକୁ । ନୀତା ବି ଫେରି ଆସିଛି ନିଜ ଶୟନ କକ୍ଷକୁ । ବିଛଣାଟା ଉପରେ ଅଛାଟ ହୋଇ ଶୋଇଗଲା । ରାତି ପାହି ସକାଳ ହୋଇଛି । ସୂର୍ଯ୍ୟର ରକ୍ତିମ ଆଭାରେ ତେଜୋଦୀପ୍ତ ହୋଇଛି ଧରଣୀର ବକ୍ଷ । କିନ୍ତୁ ନୀତା ? ନୀତା ମୁହଁରୁ ତେଜ ସବୁଦିନ ପାଇଁ ଲିଭି ଯାଇଛି । ମନର କୋହ ଓ ହୃଦୟରେ ଯନ୍ତ୍ରଣା ତାର ଚିର ସାଥୀ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରୋହତାଙ୍ଗ୍ ପାସ୍

ଗୋଟେ ସାଙ୍ଗର ବଡ଼ ଭାଇ ରୋହତାଙ୍ଗ ପାସ୍ ବୁଲିବାକୁ ଯାଇଥିଲେ, ଫେରିବା ପରେ ଆମ ଆଗରେ ବହୁତ ଗୁଡ଼ିଏ ରୋମାଞ୍ଚକର କାହାଣୀ ବଖାଣି ଥିଲେ ।

ସେଇଦିନ ଠାରୁ ଆମେ ୪ ଜଣ ସାଙ୍ଗ, ଜଗିକି ବସିଥିଲୁ କେବେ ଆମକୁ କିଛି ଦିନ ସମୟ ମିଳିବ ଆଉ ଆମେ ରୋହତାଙ୍ଗ ପାସ୍ ବୁଲିବାକୁ ଯିବୁ । ଆଗରୁ ବାସ୍ ଏତିକି ଜାଣିଥିଲୁ କି, ରୋହତାଙ୍ଗ ପାସ୍ ହିମାଚଳରେ ଅବସ୍ଥିତ ଏବଂ ହିମାଚଳ ପ୍ରଦେଶ ଭାରତର ଉତ୍ତରଭାଗରେ ଅବସ୍ଥିତ ଏକ ରାଜ୍ୟ । ସେଠିକୁ ଯିବା ପୂର୍ବରୁ ବହୁତ ଗୁଡ଼ାଏ ରିସର୍ଚ୍ଚ କରି ଦେଇଥିଲୁ ଯେମିତି କି କେମିତି ଯିବୁ, କେତେ ଦିନ ରହିବୁ, କୋଉଠି ରହିବୁ, କେତେ ଖର୍ଚ୍ଚ ହବ, ସେଠାକାର ଫେମସ ଖାଇବା କ'ଣ ସବୁ ଅଛି, କୋଉ ସବୁ ଜାଗା ବୁଲିବାର ଅଛି, ଇତ୍ୟାଦି ।



ପଲ୍ଲବୀ ଦାସ

ଦିଲ୍ଲୀରୁ ହିମାଚଳ ଫ୍ଲାଇଟରେ ଯାଇ ପାରିଥାନ୍ତୁ, କିନ୍ତୁ ସାଇଟ୍ ସିନେରୀ ଦେଖି ଦେଖି ଯିବା ଆଶାରେ ଆମେ ସବୁ ବସରେ ଯିବାକୁ ସ୍ଥିର କଲୁ । ଦିଲ୍ଲୀରେ ପହଞ୍ଚିବା ପରେ ସନ୍ଧ୍ୟାରେ ଆଇଏସବିଟି କାଶ୍ମିରୀ ଗେଟ୍ ବସ୍‌ଷ୍ଟାଣ୍ଡରୁ ହିମାଚଳ ଯିବା ପାଇଁ ବସରେ ବସିଗଲୁ । ପ୍ରାୟ ଦଶ ଘଣ୍ଟାର ରାସ୍ତା ଥିଲା । ମଝିରେ ଗୋଟେ ଜାଗାରେ ଖାଇବା ପାଇଁ ଗାଡ଼ି କିଛି ସମୟ ରହିଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୀତଦିନ ଥିଲା, ତେଣୁ ରାସ୍ତାଘାଟ କୁହୁଡିରେ ଆଚ୍ଛାଦିତ ହୋଇ ରହିଥିଲା । ଚଣ୍ଡିଗଡ଼ରେ କିଛି ସମୟ ପାଇଁ ଚା ଜଳଖିଆ ପାଇଁ ଡ୍ରାଇଭର ଗାଡି ରଖେଇଥିଲା । ସେଇଠାରୁ ବଡ଼ ବଡ଼ ଉଚ୍ଚ ପାହାଡ ମାଳା ଦେଖିବାକୁ ମିଳିଥିଲା । ପାହାଡ଼ିଆ ରାସ୍ତାରେ ବସ୍‌ଟି ଯିବା ବେଳେ ଯେତେଟା ବୁଲାଣି ପଡୁଥାଏ ସେତେ ଅଧିକା ମୁଣ୍ଡ ବୁଲେଇ ବାନ୍ତି ଲାଗୁଥାଏ, କିଛି ସାଙ୍ଗମାନଙ୍କର ବାନ୍ତି ମଧ୍ୟ ଆରମ୍ଭ ହୋଇଯାଇଥିଲା । ମନରେ ଭୟ ମଧ୍ୟ ଥିଲା, କିଛିଦିନ ତଳେ ଖବକାଗଜ ମାନଙ୍କରେ ପଢ଼ିଥିଲି, ହିମାଚଳ ପ୍ରଦେଶରେ ଘଟି ଯାଇଥିବା ଏକ ଅଭାବନୀୟ ଘଟଣା ବିଷୟରେ । ଠିକ୍ ସେଇ କୁଲୁ ଜିଲ୍ଲା ଦେଇ ବସ୍‌ଟି ଯାଉଥିଲା ଯୋଉଠି କିଛି ଦିନ ତଳେ ଏକ ଯାତ୍ରୀବାହୀ ବସ୍‌ଟି ଖାଇକୁ ଖସିପଡ଼ି ଏକ ଭୟାବହ ଦୁର୍ଘଟଣାର ସାମ୍ନା କରିଥିଲା । ବସ୍ ଭିତରେ ଥିବା ଅଧାରୁ ଅଧିକା ଲୋକ ଗୁରୁତର ଥିଲେ ।

ପୁରା ରାସ୍ତାରେ ଏମିତି ସବୁ ଛକା ପଞ୍ଝା ଲାଗି ରହିଥିଲା ମନ ଭିତରେ ।

ପ୍ରାୟ ସକାଳେ ଆମେ ପହଞ୍ଚି ଯାଇଥିଲୁ ହିମାଚଳରେ । ପୂର୍ବରୁ ବୁକ୍ କରିଥିବା ହୋଟେଲରେ ପହଞ୍ଚି ନିଜ ନିଜର ନିତ୍ୟକର୍ମ ସାରି, କିଛି ସମୟ ବିଶ୍ରାମ କରିଥିଲୁ । ପ୍ରାୟ ୧୦ଟା ବେଳେ ନିଦରୁ ଉଠି, ଖଚର ଉପରେ ବସି, ଆମେ ବାହାରି ପଡିଥିଲୁ ଆଖପାଖର ସୌନ୍ଦର୍ଯ୍ୟ ଦେଖିବାକୁ । ସେତେ ବେଳକୁ ପ୍ରାୟ କୁହୁଡି ଅପସରି ଯାଇଥାଏ । ଅଙ୍କାବଙ୍କା ରାସ୍ତା ଏବଂ ରାସ୍ତା ପାଖକୁ ଲାଗିଥିବା ବଡ ବଡ ଖାଇ, ଏସବୁ ଦେଖି ନିଦୁଆ ଆଖି ଆଉ କ୍ଲାନ୍ତ ଶରୀର ସତେଜ ହୋଇ ଉଠିଥିଲା । ସେଇ ରାସ୍ତାରେ ଖଚର ଉପରେ ବସି ଆମେ ଆଗପଛ ହୋଇ ଧାଡି ବାନ୍ଧି ଚାଲିଥିଲୁ । ରାସ୍ତାର ଗୋଟେ ପଟ କଟା ଯାଇଥିବା ପାହାଡ ଆଉ ଗୋଟେ ପଟେ ଖାଇ, ସେଇ ଖାଇକୁ ଅନେଇଦେଲେ ଲାଗୁଥିଲା ସତେ ଯେମିତି ଟିକେ ଅସାବଧାନ ହେଲେ ସେଇ ଖାଇରେ ଯାଇ ପଡ଼ିଯିବୁ ।

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଆଖ ପାଖରେ ଥିବା ପାହାଡ ସବୁ ସୋପାନ ପଦ୍ଧତିରେ ଚାଷ ହୋଇଥିଲା । ବେଳେ ବେଳେ କାହା ଘର ବଗିଚାରେ ଆପୁଲ୍ ଫଳିଥିବାର ଦେଖି ଆମେ ସବୁ ଚିଲେଇ ଉଠୁଥିଲୁ "ହେଇ ଦେଖରେ, ଆପୁଲ୍ ଗଛ ।"

ଆମ ଜଳବାୟୁରେ ଉଠୁଥିବା ଗଛଲତା ଆଉ ସେଠାକାର ଗଛଲତା ବହୁତ ଭିନ୍ନ ଥିଲା । ଗାଁ ପରିବେଶ, ଉପତ୍ୟକା ପରି ଦିଶୁଥିଲା ଏବଂ ମଠ ଗୁଡ଼ିକ ବେଶ୍ ସଫା ସୁତୁରା ଥିଲା । ବେଶ୍ କିଛି ବାଟ ବୁଲିଥିଲୁ, ରାସ୍ତାରେ କାବା ପିଇ କରି ହୋଟେଲ ଫେରିଥିଲୁ ।

ତହିଁ ଆରଦିନ ସଖାଳୁ ଟ୍ରାଭେଲ ଏଜେନସି ଠାରୁ ଆମେ ଦୁଇଟି ବାଇକ୍ ବୁକ୍ କଲୁ । ପ୍ରାୟ ଦିନ ୯ ଟା ସୁଦ୍ଧା ବାହାରି ପଡ଼ିଲୁ ବାଇକ୍ ଧରି । ଘାଟି ରାସ୍ତା, ପାହାଡ ପରିବେଶ ସବୁ କିଛି ବହୁତ ସୁନ୍ଦର ଲାଗୁଥିଲା । ବହୁତ ଗୁଡ଼େ ଛୋଟ ବଡ ନାଳ ନଦୀ ଆଉ ଘାଟି ରାସ୍ତା ପାର କରି ଆମେ ଶେଷରେ ମନାଲିରେ ପହଞ୍ଚି ଯାଇଥିଲୁ । ପହଞ୍ଚିଲା ବେଳକୁ ପ୍ରାୟ ସନ୍ଧ୍ୟା ହୋଇ ଯାଇଥିଲା ତେଣୁ ଆମେ ଟିକେ କଣ ଖାଇକି ବିଶ୍ରାମ କରିବାକୁ ଭାବିଲୁ, ଏମିତିରେ ବି ଦିନ ସାରା ଗାଡି ଚଲେଇ କରି ବହୁତ ଥକା ଲାଗୁଥିଲା । ଟିକେ ସମୟ ବିଶ୍ରାମ କରିବା ପରେ, ଆମ ସହ ଆସିଥିବା ସବୁଠାରୁ ବୁଲାରି ସାଙ୍ଗଟି ଆସି ସମସ୍ତଙ୍କୁ ନିଦରୁ ଉଠେଇ ପୁଣି କୁଆଡେ ଗାଡି ଧରି ଯିବାକୁ ଜିଦି କରିବାକୁ ଲାଗିଲା । ସେତେବେଳକୁ ପ୍ରାୟ ରାତି ହୋଇ ସାରିଥାଏ, ଆମ ଭିତରୁ ଆଉ ଗୋଟେ ସାଙ୍ଗ କହିବାକୁ ଲାଗିଲା, "ଦେଖ ସାଙ୍ଗ ମାନେ, ମତେ ବହୁତ ଥକା ଲାଗୁଚି, ମୁଁ କୁଆଡେ ଯାଇ ପାରିବିନି ତୁମେ ସବୁ ଯିବାକୁ ଚାହୁଁଛ ଯଦି ଯାଇପାର, ମୁଁ ଶୋଇବାକୁ ଚାଲିଲି ।" ଏତିକି କହି ସେ ଶୋଇବାକୁ ଚାଲିଗଲା । ବାକି ରହି ଗଲୁ ଆମେ ତିନି ଜଣ ।

ଯୋଉ ସାଙ୍ଗଟି ଯିବାକୁ ଜିଦି କରୁଥିଲା ସେ ପୁଣି କହିବାକୁ ଆରମ୍ଭ କଲା, "ସାଙ୍ଗ ମାନେ, ଆମେ ଦିନରେ ଯେତିକି ସୁନ୍ଦରତା ଦେଖିବାକୁ ପାଇଲେ ହୁଏତ ରାତିରେ ତାଠାରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଧିକା କିଛି ଦେଖିବାକୁ ପାଇ ପାରିବା !" ମନେ ପଡୁଥିଲେ କବିବର ରାଧନାଥ ରାୟ; ଦିନେ ସେ ଉତ୍କଳର ପ୍ରାକୃତିକ ସୌନ୍ଦର୍ଯ୍ୟ ଚିଲିକାକୁ ଦେଖି ଆତ୍ମହରା ହୋଇ ଲେଖିଥିଲେ, "ସୁନ୍ଦର ତୃପ୍ତିର ଅବସାଦ ନାହିଁ, ଯେତେ ଦେଖୁଥିଲେ ନୂଆ ଦିଶୁଥାଇ ।" ଠିକ୍ ସେହିପରି ବରଫରେ ଆଚ୍ଛାଦିତ ବଡ଼ବଡ଼ ପର୍ବତ ଶୃଙ୍ଗ ଗୁଡ଼ିକୁ ଦେଖି ମନ ଭିତରୁ ଆପେ ଆପେ ବାହାରି ଆସୁଥିଲା, "ଆହା ! କି ମନୋରମ ଦୃଶ୍ୟ ।"

ବହୁତ ବୁଝା ସୁଝା କରିବା ପରେ ସ୍ଥିର ହେଲା, କିଛି ବାଟ ବୁଲିକି ଆସିବା ପାଇଁ । ଆମେ ତିନି ଜଣ ଗାଡି ଧରି ବାହାରି ପଡ଼ିଲୁ । ରାସ୍ତାରେ ରୋହତାଙ୍ଗ ପାସ ପଡିଲା । ଯିବା ପୂର୍ବରୁ ବହୁତ ଜଣଙ୍କଠାରୁ ଶୁଣିଥିଲୁ କି ରୋହତାଙ୍ଗ ପାସ ଭୁତିଆ ଜାଗା ବୋଲି । କିନ୍ତୁ ସେ ସବୁ ଭୁତ ପ୍ରେତରେ ଆମେ କେହି ବିଶ୍ୱାସ କରିବା ପିଲା ନଥିଲୁ ।

ତେଣୁ ସେଠି ପହଞ୍ଚି ସାରି, ଆମେ ପରସ୍ପରକୁ ମିଛୁ ମିଛୁକା ଡରେଇବାକୁ ଚେଷ୍ଟା କଲୁ । ଆମ ଭିତରୁ ଗୋଟେ ସାଙ୍ଗ ଟିକେ ଅଧିକା ଡରି ଯାଇଥିଲା ତେଣୁ ସେ ଚିଲେଇବାକୁ ଲାଗିଲା ଆମ ଉପରେ । ତା ଡର ଦେଖି, ସେଠି ଆଉ ଅଧିକା ସମୟ ନରହି, ସେଠୁ ଫେରିବା ପାଇଁ ବାହାରି ପଡ଼ିଲୁ ।

ଠିକ୍ ଗାଡି ବୁଲେଇଛୁ କି ନାହିଁ ଚାରି ଆଡେ କୁହୁଡି ବଢିବାକୁ ଲାଗିଲା, ଆମେ ରାସ୍ତା ଘାଟ ଜାଣିବା କଷ୍ଟ କର ହୋଇ ପଡିଲା । ଧୀରେ ଧୀରେ ଆମେ ଗାଡିର ଆଲୁଅରେ ରାସ୍ତା ଦେଖି ବଢ଼ିବାକୁ ଲାଗିଲୁ କିନ୍ତୁ ସଠିକ୍ ଭାବରେ କିଛି ଦେଖା ଯାଉନଥିଲା ।

ଡ୍ରେସ ଉପରେ ଦୁଇଟି ଲାଖେ ଜ୍ୟାକେଟ ପିନ୍ଧିବା ସତ୍ୱେ ବି ଆମକୁ ବହୁତ ଥଣ୍ଡା ଲାଗୁଥିଲା । ସେତେବେଳେ ୧ ଡ଼ିଗ୍ରୀ ନହଲେ ୨ ଡିଗ୍ରୀ ତାପମାତ୍ରା ଥିବ ପ୍ରାୟ । ଗାଡି ଚଲେଇବା ବେଳେ ରାସ୍ତା ପାଖକୁ ତେରଛା ନଜରରେ ଦେଖିଲା ବେଳେ ମନରେ ଭ୍ରମ ସୃଷ୍ଟି ହଉଥିଲା ଯେମିତି କି ପାଖ ଚଟାଣ ଉପରେ କିଏ ଜଣେ ବସି ଆମକୁ ଦେଖୁଚି । ପଛକୁ ବୁଲି,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଇ ଚଟାଣକୁ ପୁଣି ଦେଖିଲା ବେଳକୁ ସେଠାରେ ବଡ଼ ବଡ଼ ବରଫ ଖଣ୍ଡ ଦେଖା ଯାଉଥିଲା । କେବେ କେବେ ଲାଗୁଥିଲା ଯେମିତି କିଏ ପାଖରେ ଠିଆ ହୋଇଛି ! ଆମେ ତାକୁ କାଟି ଗାଡି ଚଳେଇବାକୁ ଚେଷ୍ଟା କରୁଥିଲୁ । ଏସବୁ ଆମେ ଆସିବା ପୂର୍ବରୁ ଆଗରୁ ଶୁଣିଥିଲୁ ତେଣୁ ମନକୁ ବୁଝେଇବା କଷ୍ଟ ହୋଇ ପଡୁଥିଲା କି ଏସବୁ ଆମ ମନ ଗଢ଼ା କଳ୍ପନା ନା ସତ୍ୟ ଘଟଣା ।

କାଳେ କିଏ ଡରି ଯିବ ବୋଲି ଆମେ ଏ କଥା ଗାଡି ଚଳେଇବା ବେଳେ ପରସ୍ପରକୁ କହୁନଥିଲୁ । ଆଗ ପଛ ହୋଇ ଆମେ ସବୁ ଗୋଟେ ଧାଡିରେ ଗାଡି ଚଲାଉଥିଲୁ ଯେମିତି ରାସ୍ତା ଦେଖିବାରେ ଆମକୁ ସହଜ ହବ । ସେ ଜାଗା ବିଲକୁଲ ଶାନ୍ତ ଆଉ ଶୁନଶାନ୍ ଥିଲା ଗୋଟେ ବି ଗାଡି ଦେଖା ଯାଉନଥିଲା ।

କିଛି ସମୟ ପରେ ହଠାତ୍ ଗୋଟେ ପରିଚିତ ଚିତ୍କାର ଶୁଣିବାକୁ ମିଳିଲା । ଆଗରେ ଯିଏ ଆମ ବାଟ କାଢି ଯାଉଥିଲା ସେଇ ସାଙ୍ଗଟିର ଚିତ୍କାର ଥିଲା ।

ଆମେ ସବୁ ତା ପାଖରେ ଯାଇ ପହଞ୍ଚିଥିଲୁ, ସବୁଠୁ ଆଶ୍ଚର୍ଯ୍ୟ ଲାଗିଥିଲା ଯେବେ ଆମେ ତାକୁ ଖାଇ ପାଖରେ ପାଇଥିଲୁ । ଆଉ ଟିକେ ହୋଇଥିଲେ ହୁଏତ ସେ ତଳେ ପଡି ଯାଇଥାନ୍ତା । ତାକୁ ତଳୁ ଉଠେଇ ପାଣି ପିଇବାକୁ ଦେଇ ପଚାରିଥିଲୁ, “ତୁ ପଡ଼ିଲୁ କେମିତି ?” ସେ କହିଲା, “ଲାଗିଲା ଯେମିତି ଗାଡ଼ି ଆଗରେ ଜଣେ କିଏ  ଆସିଗଲା ତାକୁ ଗାଡ଼ି କାଟୁ କାଟୁ ହାତକୁ କିଏ ଜଣେ ଟାଣି ଦେଲା ଆଉ ମୋ ବାଲାନ୍ସ ବିଗିଡିଗଲା, ମୁଁ ପଡିଗଲି ।”

ଆମମାନଙ୍କ ସହ ବି ସେମିତି କିଛି ଘଟି ଚାଲୁଥିଲା କିନ୍ତୁ ସେ ସବୁ ସେଇ ଜାଗାରେ ଆମେ କେହି ସେ ସାଙ୍ଗକୁ କହିଲୁନି । ଯୋଉ ସାଙ୍ଗଟି ଆସିବାକୁ ଅଧିକ ଜିଦି କରିଥିଲା ସେ ଭୟରେ ହାତ ଯୋଡି ଉପରକୁ ଚାହିଁ ବସିଥିଲା । ବୋଧହୁଏ ସେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲା । ତାକୁ ଦେଖି ଆଉ ଗୋଟେ ସାଙ୍ଗ ବଡ଼ ପାଟିରେ ଭଗବାନଙ୍କୁ ପ୍ରାର୍ଥନା କଲା,

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

"ହେ ଭଗବାନ, ଆଉ ଦିନେ କେବେ ଏମିତି ରାତିରେ ଏଭଳି ରାସ୍ତାରେ ବାହାରିବିନି । ଆଜି ଆମ ସମସ୍ତଙ୍କୁ ଭଲରେ ପହଞ୍ଚାଇ ଦିଅ ।"

ତା ଡର ଦେଖି, ଆମେ ସବୁ ଆଉ ଟିକେ ଡରିବାକୁ ଲାଗିଲୁ । ଏମିତିରେ ବି ରାସ୍ତା ଘାଟ କିଛି ଦେଖା ଯାଉନଥିଲା, କୁହୁଡି ବଢିବାକୁ ଲାଗିଥିଲା । ଆମେ ସବୁ ସ୍ଥିର କଲୁ କିଛି ସମୟ ସେଠି ଅପେକ୍ଷା କରିବା ପାଇଁ, କାଳେ କୋଉ ବଡ ଗାଡି ଆସିଯିବ, ଆଉ ଆମେ ତା ପଛରେ ଯାଇ ପାରିବୁ । ବହୁତ ସମୟ ପରେ ଗୋଟେ ଟ୍ରକ ଆସିଲା ଆମେ ତାକୁ ରୋକିବାକୁ ଚେଷ୍ଟା କଲୁ ଗାଡିଟି ରହିଗଲା ମାତ୍ର ସେ ଗାଡିରୁ ଗୋଟେ ହଟା କଟା ଲୋକ ବାହାରି ଆମକୁ ହିନ୍ଦୀରେ କହିବାକୁ ଲାଗିଲା, "କ୍ୟା ହୁଆ ? ଆପ ଲୋଗୋ କୋ ପତା ନେହି ହେ କ୍ୟା, ୟହା ଇତନି ରାତ ମେ ରାଇଡ଼ିଂ କରନା ସହି ନେହିଁ ହେ ?" ଆମ ଭିତରୁ ଗୋଟେ ସାଙ୍ଗ ତୁରନ୍ତ କହିବାକୁ ଲାଗିଲା, "ହମେ ପତା ନେହିଁ ଥା, ୟେ ଜଗହ ଇତନି ଡରାଵନୀ ହୋଗୀ ! ପ୍ଲିଜ୍, ହମେ ଆଗେ ତକ ଛୋଡ ଦିଜିଏ ।" ଟ୍ରକ ଚାଳକ ହିନ୍ଦୀରେ କହିବାକୁ ଲାଗିଲେ ଠିକ୍ ଅଛି ମୁଁ ଗାଡ଼ିର ଇଣ୍ଡିକେଟର ଅନ କରି ଦଉଚି, ତୁମେ ମାନେ ମୋ ପଛରେ ଆସ ।

ସେଇ ସମୟରେ ସେ ଆମ ପାଇଁ ଭଗବାନ ପରି ଥିଲେ, ତାଙ୍କ ଗାଡିର ଇଣ୍ଡିକେଟର ଦେଖି ଦେଖି ଆମେ ଗୁଲାବ୍ଗା ଯାଏ ପହଞ୍ଚି ଯାଇଥିଲୁ ।

ସେଠି କୁହୁଡି ଟିକେ କମ୍ ଥିଲା ଏବଂ ଜଣ ଗହଳି ଦେଖି ପାରୁଥିଲୁ । ଗାଡି ରଖେଇ ଆମେ ସବୁ କୁଣ୍ଢା କୁଣ୍ଢି ହୋଇ କାନ୍ଦିବାକୁ ଲାଗିଲୁ । ଟ୍ରକ ଡ୍ରାଇଭର ଆସି ଆମକୁ କହିଲେ, "ଆଜ୍ ତୋ ମେ ଆରାହା ଥା, ଲିକିନ୍ କାଲ୍ କୋନ୍ ହୋଗା ତୁମ ସବ୍ କୋ ବଚାନେ କେ ଲିୟେ ! ଏସେ ରାତ ମେ ମତ ନିକଲା କରୋ ।" ଟ୍ରକ୍ ଡ୍ରାଇଭରଙ୍କୁ ଧନ୍ୟବାଦ ଜଣେଇ, ଆମେ ସବୁ ତୁରନ୍ତ ସେଠୁ ବାହାରି ନିଜ ହୋଟେଲରେ ପହଞ୍ଚି ନିଜ ନିଜ ଅନୁଭୂତି ବଖାଣି ବସିଲୁ ହୋଟେଲ ବୟ ଏବଂ ଆମ ଶୋଇଥିବା ସାଙ୍ଗକୁ ନିଦରୁ ଉଠେଇ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମସ୍ତଙ୍କ ଅନୁଭୂତିରୁ ଜଣା ପଡିଲା କି, ଆମ ସମସ୍ତଙ୍କ ସହ ସମାନ ଘଟଣା ଘଟିଥିଲା । ହୋଟେଲ ବୟ ସେଠାକାର ସ୍ଥାନୀୟ ବାସିନ୍ଦା ଥିଲା, ସେ ହିନ୍ଦୀରେ କହିବାକୁ ଲାଗିଲା, "ଆପଣମାନଙ୍କୁ ବୋଧହୁଏ ମିଛ ଲାଗିପାରେ କିନ୍ତୁ ଏହା ସତ କି ରୋହତାଙ୍ଗ ପାସ୍ ଏକ ଭୂତିୟା ଜାଗା । ଏଠିକାର ସ୍ଥାନୀୟ ଲୋକ ରୋହତାଙ୍ଗ ମାନେ ସମୂହ କଙ୍କାଳ ଗଦା ବୋଲି ବୁଝନ୍ତି । ଭୂତିୟା ଜାଗା ଏଥିପାଇଁ କୁହନ୍ତି କାରଣ ବହୁତ ବର୍ଷ ପୂର୍ବରୁ ସେଇ ରାସ୍ତା ଦେଇ ଯିଏ ବି ଯାଉଥିଲେ କୁହୁଡି, ଥଣ୍ଡା ବରଫ ଯୋଗୁ ନିଜ ଜୀବନ ହାରୁଥିଲେ । ଲୋକ ମାନେ ଏବେ ବି ମାନନ୍ତି କି, ଯୋଉମାନେ ମରି ଯାଇଥିଲେ ସେମାନଙ୍କ ଆତ୍ମା ଏବେ ବି ସେଠି ଘୁରି ବୁଲୁଛି । ଏଠିକାର ସ୍ଥାନୀୟ ଲୋକ, ସେ ରାସ୍ତା ଦେଇ ରାତିରେ କେବେ ଯାଆନ୍ତି ନାହିଁ । ତୁମେମାନେ ବହୁତ ଭାଗ୍ୟବାନ କି ସେ ଭଳି ଜାଗାରୁ ବଞ୍ଚିକି ଆସିଛ ।" ଏସବୁ ଶୁଣିକି ଆମେ ଭାବୁଥିଲୁ କି, ଯାହା ଆଜି ଯାଏ ରୋହତାଙ୍ଗ ପାସ୍ ବିଷୟରେ ଶୁଣିଥିଲୁ ସେ ସବୁ ସତ୍ୟ ଘଟଣା ।

ଫେରିବା ପରେ, ଆମ ଚିହ୍ନା ପରିଚିତରେ କେହି ବି ଯଦି ହିମାଚଳ ଯିବା ବିଷୟରେ କୁହନ୍ତି, ତେବେ ସେମାନଙ୍କୁ ରାତିରେ ରୋହତାଙ୍ଗ ପାସ୍ ଦେଇ ଯିବା ଆସିବା କରିବାକୁ ମନା କରୁ ।

ଆଜିବି ମନେ ପଡ଼ିଲେ ଆମକୁ ରୋମାଞ୍ଚିତ ଅନୁଭୂତ ହୁଏ । ମନ ଭିତରେ କିଛି ଭୟ ଆଉ ସୁନ୍ଦର ସ୍ମୃତି ସବୁ ସାଇତା ହୋଇ ରହିଛି ଯାହା ବେଳ ଅବେଳ ରେ ପ୍ରକାଶ କରିଛୁ ।

ଢେଙ୍କାନାଳ, ଓଡ଼ିଶା

ଇମେଲ୍ : pallabiofficial2020@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରିବର୍ତ୍ତନ

ଶରଣପଶି ଗ୍ରାମରେ ଦୁଇଶହ ପରିବାର ବାସ କରନ୍ତି । ସେଇ ଗ୍ରାମରେ ବଟକୃଷ୍ଣ ଦଳେଇଙ୍କ ପରିବାର ବାସ କରନ୍ତି । ପରିବାର କହିଲେ ସ୍ତ୍ରୀ-ରାଧାଦେଇ ପୁଅ-ମୁନା ଦଳେଇ । ହସ ଖୁସିରେ ଚଳି ଆସୁଥିଲା ବଟକୃଷ୍ଣଙ୍କ ପରିବାର । ସତେ ଯେମିତି ବଟକୃଷ୍ଣଙ୍କ ଚାଳଘରେ ଶାଗ ପଖାଳ କଂସାରେ ହସ ଫୁଟି ଉଠୁଥିଲା । ଦିନ ଗୁଡାକ ବେଳ ସରି ସରି ଯାଉଥିଲା ।

ହଠାତ୍ ପରିବାରରେ ବିପଦ ମାଡି ଆସିଲା । ବଟକୃଷ୍ଣଙ୍କ ଦେହ ଜ୍ୱରରେ ଖଇ ଫୁଟୁଥିଲା ଭାଗ୍ୟର ଖେଳ ଦାଉସାଜିଗଲା ଡାକ୍ତରଖାନା ନେବା ଅଧାବାଟରେ ଦେହରୁ ଜୀବନ ଚାଲିଗଲା । ବଟକୃଷ୍ଣ ସବୁଦିନ ପାଇଁ ଚାଲିଗଲେ ।



ଦୁଷ୍ମନ୍ତ ବେହେରା

ପରିବାର ଉପରେ ବୋଝ ଉପରେ ନଳିତା ବିଡା ପଡିଲା ପରି ପଡିଲା । ସେପାଖେ ପୁଅ ମୁନା ପାଠ ପଢୁଥାଏ +୨ ଦ୍ୱିତୀୟ ବର୍ଷ ଛାତ୍ର ଏଇ ବୟସରେ ସେ ବା କଣ କରି ପାରିବ । କିଛି ଉପାୟ ନପାଇ ରାଧାଦେଇ ସିଲେଇ ମେସିନ୍ ଖଣ୍ଡିଏ ପକାଇଲେ ଯାହା ରୋଜଗାର ହେଲା କଷ୍ଟରେ ଚଳି ଯାଆନ୍ତି ।

ମୁନା ଏପରି ବଦମାସ ହେଉଥିଲା କି ଗାଁ କଳି ଘରକୁ ଆଣୁଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାଁର ଲୋକେ କିଛି କିଛି ମୁନା ବିରୋଧରେ ପଚେଇ ଆସନ୍ତି । ଛୋଟରୁ ବଡ ପର୍ଯ୍ୟନ୍ତ କିଛି ନା କିଛି ବଦମାସ କରେ । ଗରିବ କୁଡିଆର ମୁନା ଏତେ ବଦମାସ ତଥାପି ଗାଁ ଲୋକେ ତାକୁ ଭଲ ପାଆନ୍ତି । ଅତି ଶ୍ରଦ୍ଧାରେ ଡାକନ୍ତି ମୁନାରେ............

ଘରର ଦୁଃଖଗୁଡାକ ଆଖି ଆଗରେ ନାଚି ଉଠୁଥିଲା ହୃଦୟ ଅନେକ କଥା କହି ଦେଉଥିଲା । ଏଇ ମାଟି ପାଇଁ କିଛି କରିବି ।

ରାଧାଦେଇଙ୍କ ହାତରେ ଫର୍ମ୍‌ଟିକୁ ଧରି ସ୍ୱପ୍ନ ଦେଖିଲେ ଏଇ ମାଟି ପାଇଁ କିଛି ଗୋଟେ କରିବି । ଦେଶ ଜାତିର ଟେକ ରଖିବି । ରାଧାଦେଇଙ୍କ ହାତରେ ଥିବା ଫର୍ମ୍ ମୁନା ଆଡକୁ ବଢେଇ ଦେଇ କହିଲେ ଏଇ ନେ ସମୟ ଆସିଛି ଚାକିରି ପାଇଁ ଦରଖାସ୍ତ କର ।

କିଛିଦିନ ଗଲାପରେ ଚାକିରିର ଇଣ୍ଟରଭ୍ୟୁର ତାରିଖ ବାହାରିଲା । ମୁନା ଇଣ୍ଟରଭ୍ୟୁ ଦେବା ପାଇଁ ବାହାରିଗଲେ ଏଇ ବାହାରିବା ବାଟରେ ରାଧାଦେଇଙ୍କ ଆଖିରୁ ଧାର ଧାର ଲୁହ ମାଟି ଉପରେ ପଡି କହୁଥିଲା ତୁ ଯା ଲଢିଂ ଯା ମୁଁ ତୋ ସାଥିରେ ଅଛି ।

କିଛି ମାସ ଗଲାପରେ ଚାକିରି ଚିଠିଟି ଆସି ପହଞ୍ଚିଲା ରାଧାଦେଇଙ୍କ ପାଖରେ । ଚିଠିଟିକୁ ଧରି ଗରିବ କୁଡିଆରେ ଯେ ହସ ଫୁଟିବ ଏ ଦୁନିଆ ଦେଖିବ । ଏ ମାଟି କହିବ ତୁ ମୋର ସନ୍ତାନ । ପୁଅ ମୋର ଆଜି ଭାରତର ସୈନିକରେ ଚାକିରି ପାଇଛି ।

ଗ୍ରାମର ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, କଥାଟି ଚାରିଆଡ଼େ ଖେଳିଗଲା । ମୁନା କହି ବୋଲିଲା ମୁଁ ଚାକିରି ପାଇଛି ତୋ ପାଇଁ ଲଢିବି ଏ ମାଟିର ନାଁ ରଖିବି । ଆଜି ଯେ ବଦମାସ ପିଲାଟି ଏମିତି ଗୋଟିଏ ଭଲ ପିଲା ହୋଇଯିବ ଏ ମାଟି ତାକୁ ମନେ ରଖିବ ।

ଜୁଲାଇ ମାସ ୨୫ ତାରିଖ ଦିନ ଘରୁ ବାହାରିଲା ମୁନା । ଭାରତର ସୈନିକରେ ଯୋଗ ଦେବାପାଇଁ ଓ ଗାଁର ସମସ୍ତ ଲୋକମାନେ ରେଳ ଷ୍ଟେସନ୍‌କୁ ଛାଡିଆଣିଲେ । ଆସିବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଟରେ ଅନେକ କଥା ଗୁଡିଏ ମନେ ପଡି ଯାଉଥିଲା । ବଦମାସ ପିଲାଟି ଆଉ କଣ ବଦମାସ ହେବ । କିଏ ଲାଗିବ ଯେ ଆମ ସହିତ କାହା ପାଖକୁ ଯାଇ ଗୁହାରି କରିବା । ଏଇ କଥା ଭାବୁ ଭାବୁ ଲୋକଙ୍କ ଆଖିରୁ ଲୁହ ବୋହି ଆସୁଥାଏ । ମୁନା କହିଲା ମୋ ଗାଁର ବଣପାହାଡ ଗଛଲତା, ଝରଣା ଓ ଲୋକମାନଙ୍କୁ କହିଦେଇ ଯାଉଛି ସମସ୍ତେ ଭଲରେ ରହିବ ।

ଦୁଇ ବର୍ଷ ଗଲାପରେ ଡାକରେ ଖଣ୍ଡିଏ ଚିଠି ଆସି ପହଞ୍ଚିଲା । ରାଧାଦେଇ ଚିଠିକୁ ଖୋଲି ପଢିଲେ । ........

ରାଧାଦେଇ ଆପଣଙ୍କ ପୁଅ ଦେଶ ମାତୃଭୂମି ପାଇଁ "ଜୀବନ ଦେଇଛି " ମୁନା........ ଅନ୍ଧକାର ଭିତରେ ଶତ୍ରୁ ଆମ ଦେଶକୁ ପଶି ଆସୁଥିଲେ । ଶତ୍ରୁମାନଙ୍କୁ ପଶାଇ ନ ଦେବା ପାଇଁ ଦୃଢ ଜବାବ ଦେଇ ସହିଦ୍ ହୋଇଛି ।

"ଜୟହିନ୍ଦ୍"

ରାଧାଦେଇଙ୍କ ଆଖିରୁ ଧାର ଧାର ଲୁହ ବୋହି ଆସିଲା । ପାଟିରୁ ଧୀର ସ୍ୱରରେ ବାହାରିଲା "ମୁନା"…….

ଜନ୍ମଭୂମିର ମାଟି ପାଇଁ

ରକ୍ତ ଠୋପା ଦେଇଛୁ

ଏ ମାଟି ତୁମକୁ ଧାରି

ଗର୍ବ କରୁଥିବ ଫୁଲେଇହୋଇ ।

ଗାଉଥିବ ଗାଥା ତୁମର

ସ୍ୱର ଶୁଭୁଥିବ ଚଉଦିଗେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣେ

ଜନନୀର ଟେକ ଶୁଭୁଥିବ ଭବନେ ।

କଣ କହିବି ଭାରତ ମାଆ ଲୋ

ଜୀବନ ରକ୍ତ ଦେଇ ତୋ

ଚରଣ ଧୋଇଛି ମୋ ପୁତ୍ର

ମହିମା ତୋହର କୋଟି ମହାନତା

ମୃତ୍ୟୁକୁ କୋଳେ ଧରି

ମୃତ୍ୟୁକୁ କୋଳେ ଧରି,,,

ଭାରତ ମାତାକି ଜୟ ଏତିକି କହି ରାଧାଦେଇଙ୍କ ଆଖିରୁ ଲୁହ ଠୋପେ ଚିଠି ଉପରେ ପଡି ମାଟିରେ ପଡିଲା । ଏ ଗାଁ ଏ ମାଟି ଏ ବଣ ପର୍ବତ ବୀରପୁତ୍ରର ସ୍ୱର ଶୁଭୁଥିଲା, “ମୁନା” ସେଇଠି ରାଧାଦେଇ ଟଳି ପଡିଲେ ସବୁଦିନ ପାଇଁ.............

ରାସୋଳ -ମୁଣ୍ଡିଆପଷି
ଢେଙ୍କାନାଳ
ମୋ ନଂ-୯୯୩୭୭୫୨୫୦୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶିଳାନ୍ୟାସ

ମୂଳ ହିନ୍ଦୀ- ବାଳକୃଷ୍ଣ ଗୁପ୍ତା " ଗୁରୁ"

ଅନୁକୃତି- ବିନୟ କୁମାର ଦାସ

ପ୍ରଫେସରଙ୍କ ବାପାଙ୍କ ମୃତ୍ୟୁ ଇତି ମଧ୍ୟରେ ଗୋଟିଏ ସପ୍ତାହ ବିତିଗଲାଣି । ହେଲେ ଶ୍ରାଦ୍ଧ କର୍ମରେ ଭୋଜି ଭାତ ସଂପର୍କରେ ପ୍ରଫେସର ଏ ଯାଏ ଗାଁ ର ମୁଖିଆ ଆଉ ଗୁରୁଜନସ୍ଥାନୀୟ ବ୍ୟକ୍ତିଙ୍କ ସହିତ କିଛି ଆଲୋଚନା କଲେ ନାହିଁ । ଏ କଥାଟି ସେ ଅଂଚଳର ଚର୍ଚ୍ଚାର ବିଷୟ ପାଲଟି ସାରିଲାଣି । ସମସ୍ତେ ନିଜ ନିଜ ଭିତରେ କିଛି ନା କିଛି ଫୁଟ୍ ଫାଟ୍ ହେଲେଣି । ଶେଷରେ ସେହି ଗ୍ରାମର ପୂର୍ବତନ ମୁଖିଆ ଅନ୍ୟ କିଛି ଗୁରୁଜନସ୍ଥାନୀୟ ବ୍ୟକ୍ତିଙ୍କୁ ସାଂଗରେ ଧରି ପ୍ରଫେସରଙ୍କ ଘରେ ପହଂଚିଗଲେ । ପ୍ରଫେସର ଏମାନଙ୍କ ଅଚାନକ ଆଗମନ ଦେଖି ଆସିବାର କାରଣ ବି ଅନୁମାନ କରିନେଲେ । ସେ ଯଥାବିଧି ସମ୍ମାନ ଜଣାଇ କହିଲେ , " ଆପଣମାନେ ଏତେ କଷ୍ଟ କରି ଆମ ଘରକୁ ଆସିଥିବାରୁ ମୁଁ ଆପଣମାନଙ୍କୁ ମୋର କୃତଜ୍ଞତା ଜଣାଉଛି । ଦୟାକରି ବସନ୍ତୁ ।"



ବିନୟ କୁମାର ଦାସ

ବସିବା ପରେ ମୁଖିଆ ସିଧା ସଳଖ ପ୍ରସଙ୍ଗକୁ ଆସିଗଲେ, "ତୁମ ବାପାଙ୍କ ବିୟୋଗରେ ଆମେ ସମସ୍ତେ ଗଭୀରଭାବରେ ମର୍ମାହତ । ସେ ଆମର ପରମ ମିତ୍ର ଥିଲେ । ତାଙ୍କ ଶ୍ରାଦ୍ଧ କର୍ମ କେମିତି କଣ କରାଯିବ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ସଂକ୍ରାନ୍ତରେ ତୁମେ ତ ବାବୁ ଆମ ସହିତ କିଛି କଥା ହେଲନାହିଁ ଆଜିଯାଏ । ହାତରେ ତ ଆଉ ବେଶୀ ଦିନ ନାହିଁ । କେମିତି କଣ ସବୁ ପ୍ରସ୍ତୁତି କଲଣି ସେତକ ଜାଣିବା ପାଇଁ ଆମେ ଚାଲି ଆସିଲୁ । ତେବେ ମୋତେ ଯାହା ଜଣା ଯାଉଛି, ସେ ବାବଦରେ କିଛି ବିଧି ବ୍ୟବସ୍ଥା ବୋଧେ ଆରମ୍ଭ ହୋଇ ନାହିଁ । କଥା କଣ ?”

“କିଛି ଆରମ୍ଭ ହୋଇନାହିଁ ବୋଲି ଭାବୁଛନ୍ତି କାହିଁକି ? ପ୍ରସ୍ତୁତି ତ ଚାଲିଛି ମୋ ତରଫରୁ । ଏଇ ଯେମିତି କର୍ମକାଣ୍ଡ ବିଧି ଅନୁସାରେ ପୂଜା ପାଠ ତ ନିଶ୍ଚୟ ହେବ । ଆମ ଗୋତ୍ରୀୟ କିଛି ବନ୍ଧୁବାନ୍ଧବଙ୍କୁ ଡାକି ଭୋଜି ଭାତର ବ୍ୟବସ୍ଥା କରିସାରିଛି । ଆଉ କଣ ?”

ଏତକ ଶୁଣିବା ପରେ ସେମାନଙ୍କ ମଧ୍ୟରୁ ଜଣେ ବୟସ୍କବ୍ୟକ୍ତି ପରମେଶ୍ୱରବାବୁ କହିଲେ, “ରାମ୍ ରାମ୍.. ଏ ତୁମେ କଣ କହୁଚ ବାବୁ ? ଆରେ ଏମିତି କଣ ବାପାଙ୍କର ଶ୍ରାଦ୍ଧ କରାଯାଏ କି ? ଗ୍ରାମରେ ଅନ୍ୟମାନଙ୍କ ଶ୍ରାଦ୍ଧ କେମିତି ପାଳନ କରାଯାଏ, ସେତକ କଣ ତୁମେ ଦେଖୁନ କି ? ଜଣେ ଯେତେ ଗରିବ ହେଲେ ବି ନିଜ ବାପାଙ୍କ ଶ୍ରାଦ୍ଧ ଉତ୍ସବକୁ ମହା ଜାକଜମକରେ ପାଳନ କରିଥାଏ । ଏଇଟା ଏକ ସାଧାରଣ ବିଧି । ତାପରେ ତୁମ ବାପା ତ ଜଣେ ସାଧାରଣ ବ୍ୟକ୍ତି ନ ଥିଲେ । ସେ ଥିଲେ ସମସ୍ତଙ୍କର ଅତି ପ୍ରିୟ । ପ୍ରତି ସନ୍ଧ୍ୟାରେ ସେ ଆମ ସହିତ ଗାଁ ଚା ଦୋକାନରେ ବସି ଚା ପିଉଥିଲେ । କଥା ଛଳରେ ସେ କେତେଥର କହିଛନ୍ତି, ମୋ ଶ୍ରାଦ୍ଧ ଉତ୍ସବ କେମିତି ଜମାଣିଆ ହୋଇ ପାଳନ କରାଯିବ, ତୁମେ ସବୁ ଦେଖିବରେ । ଭୋଜିଭାତ ଏମିତି ହବ ଯେ ଆଖପାଖ ଲୋକେ ସେମିତି ଭୋଜିଭାତ କେବେ ଖାଇ ନଥିବେ । ଆମ ଖାନଦାନର ନାମ ରହିଛି ପରା... ସେତକ ମୋ ପୁଅ କେବେ ବି ତଳେ ପକାଇବ ନାହିଁ । ଅଥଚ ତୁମେ କହୁଚ କଣ ନା.. ।” ପ୍ରଫେସର ସବୁ ଶୁଣିଲେ, ହେଲେ କିଛି କହିଲେ ନାହିଁ । ସେ ନିରବ ରହିବା ଦେଖି ଆଉ ଜଣେ କହିଲେ, “ତୁମ ଦରମା ଏବେ ଅଶୀ ନବେ ହଜାର ଟଙ୍କା କି ଆହୁରି ବେଶୀ । ତୁମ ବାପାଙ୍କ ଆକାଉଂଟ୍ ରେ ବି ଲକ୍ଷଲକ୍ଷ ଟଙ୍କା

 Magazine Downloaded from www.aahwaan.com

ଗଚ୍ଛିତ ରହିଥିବ । ଫିକ୍ସ ଡିପୋଜିଟ୍ ବି କାହିଁରେ କଣ ଥିବ । ଆଉ ତୁମେ ଏମିତି ନିରାଡମ୍ବର ଭାବରେ.. ଉହୁଁ ..ଏ କଥା ଜମା ଭଲ ନୁହେଁ ।”

ଏଥର ମୁହଁ ଖୋଲିଲେ ପ୍ରଫେସର, “ଆପଣମାନେ ସମସ୍ତେ ମୋ ବାପାଙ୍କ ବନ୍ଧୁ । ଆପଣମାନେ ନିଶ୍ଚୟ ଜାଣିଥିବେ, ମୋ ବାପା ଥିଲେ ଜଣେ ପୁସ୍ତକ ପ୍ରେମୀ ।”

“ଏ କଥା ଖାଲି କଣ ଆମେ.. ଏ ଅଂଚଳ ସାରା ସମସ୍ତେ ଜାଣିଛନ୍ତି ।”

“ତେବେ ଏ କଥା ବି ଜାଣିଥିବେ, ଏଇ ଆମ ପାଂଚଛଅ କୋଶ ଭିତରେ ଗୋଟିଏ ହେଲେ ପୁସ୍ତକାଳୟ ନାହିଁ, ଯେଉଁଠାରେ ବସି ଶ୍ରଦ୍ଧାଳୁ ପାଠକପାଠିକାମାନେ ନିଜ ମନ ମୁତାବକ ବହିଟିଏ ନେଇ ପଢିପାରିବେ । ଛାତ୍ରଛାତ୍ରୀମାନେ ବି ସେମାନଙ୍କର ଦରକାରୀ ବହି ପାଇ ପାରିବେ ।”

“ହଁ ସତକଥା । ସେତକ ତ ସରକାର କିଛି କରୁନାହାନ୍ତି । ତେବେ ତୁମ ବାପାଙ୍କ ଶ୍ରାଦ୍ଧ ସହିତ ଏ କଥା କହିବାର ଉଦ୍ଦେଶ୍ୟ କଣ ? କଣ କହିବାକୁ ଚାହୁଁଚ ତୁମେ ?”

“ଏତକି କଥା ବୁଝି ପାରୁନାହାନ୍ତି ? ତେବେ ଶୁଣନ୍ତୁ, ମୁଁ ବାପାଙ୍କ ନାମରେ ଏକ ବଡ ଧରଣର ପୁସ୍ତକାଳୟ ପ୍ରତିଷ୍ଠା କରିବାକୁ ସ୍ଥିର କରି ସାରିଛି । ଆଉ ଏ ସଂକ୍ରାନ୍ତରେ ମୁଁ ଆପଣମାନଙ୍କର ସଂପୂର୍ଣ୍ଣ ସହଯୋଗ କାମନା କରୁଅଛି ।”

ଅଚାନକ ଯେମିତି ସମସ୍ତଙ୍କ ମୁହଁରେ କେହି ଜଣେ ତାଲା ପକାଇ ଦେଲା । ପ୍ରଫେସର ଏଥର ମୁଖିଆଙ୍କ ଉଦ୍ଦେଶ୍ୟରେ ବ୍ରହ୍ମାସ୍ତ୍ର ଛାଡିଲେ, “ଆପଣ ତ ଏ ଏରିଆରେ ସବୁଠାରୁ ବୟସ୍କ ବ୍ୟକ୍ତି । ପୁଣି ଆମ ଗ୍ରାମର ପୂର୍ବତନ ମୁଖିଆ । ମୁଁ ଚାହୁଁଚି ଏହି ପ୍ରସ୍ତାବିତ ପୁସ୍ତକାଳୟର ଶିଳାନ୍ୟାସ ଶୁଭ କର୍ମ ଆପଣଙ୍କ କରକମଳରେ ହିଁ ସଂପାଦିତ ହେବା ଉଚିତ ।”

ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୧

ମୋ- ୭୯୭୮୮୭୦୩୭୩

Magazine Downloaded from www.aahwaan.com

# ଦୁଇଟି ଜୀବନର ଦୂରତ୍ୱ

ମୂଳ ଦକ୍ଷିଣ ଆଫ୍ରିକୀୟ କୃତି : ଆଲନ୍ ପାଟନ୍

ଓଡ଼ିଆ ଭାଷାନ୍ତର : ସୁଧାଂଶୁ ଶେଖର ଦ୍ୱିବେଦୀ

ଦକ୍ଷିଣ ଆଫ୍ରିକା ୧୯୬୦ରେ ନିଜର ସ୍ୱର୍ଣ୍ଣଜୟନ୍ତୀ ପାଳନ କଲା । ଏହି ଅବସରରେ ସାରା ଦେଶର ନାଗରିକ ମାନେ ଆଶ୍ଚର୍ଯ୍ୟଚକିତ ହୋଇପଡ଼ିଲେ ଯେ ସର୍ବୋତ୍ତମ ମୂର୍ତ୍ତିକଳାର ପୁରସ୍କାର ସ୍ୱରୂପ ଏକ ହଜାର ପାଉଣ୍ଡ ଏଡ଼ୱାର୍ଡ଼୍ ସିମେଲନ୍ ନାମକ ଜଣେ କୃଷ୍ଣକାୟ ମୂର୍ତ୍ତିକାରଙ୍କୁ ଆଫ୍ରିକୀୟ ମା' ଏବଂ ଶିଶୁର ମୂର୍ତ୍ତିକଳା ନିମନ୍ତେ ଦିଆଯିବ । ପରେ ଜଣାପଡ଼ିଲା, ଯଦି ସମିତି ସଭ୍ୟମାନେ କେବଳ ଗୋରା ପ୍ରତିଯୋଗୀଙ୍କ ନିମନ୍ତେ ଖୋଲିଥାନ୍ତି, ତା ହେଲେ ଏହି ପୁରସ୍କାର ସିମେଲନଙ୍କୁ କେବେ ବି ମିଳିନଥାନ୍ତା । ପୁରସ୍କାର ଘୋଷଣା ହେବାପରେ ଅନେକ ଗୋରାଲୋକ ଦକ୍ଷିଣ ଆଫ୍ରିକାର ପରମ୍ପରା ନୀତିନିୟମକୁ ଉଲ୍ଲଂଘନ କରିଥିବାରୁ ସମିତିର ସଭ୍ୟମାନଙ୍କୁ ଭର୍ତ୍ସନା କଲେ ।



ସୁଧାଂଶୁ ଶେଖର ଦ୍ୱିବେଦୀ

ପୁରସ୍କାର ବିତରଣ ସମାରୋହରେ ସିମେଲନ୍ ଉପସ୍ଥିତ ନଥିଲେ । ନହେଲେ ଗୋଟେ ଗମ୍ଭୀର ପରିସ୍ଥିତି ଉପୁଜିଥାନ୍ତା । ତାପରେ ମୁଁ ଦିନେ ସିମେଲନଙ୍କୁ ଆମନ୍ତ୍ରିତ କରି ଅଭିନନ୍ଦନ ଜଣାଇବା ସହ ବ୍ରାଣ୍ଡି ପିଇବାକୁ କହିଲି । ସେ ଜଣେ ସ୍ୱାଭାବିକ ବ୍ୟକ୍ତି ଭାବେ ସମ୍ମତି ଜଣାଇ କହିଲେ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଧନ୍ୟବାଦ, ଆଲକହଲ୍ ପିଇବା ମୋ ପାଇଁ ହୁଏତ ଇୟେ ଦ୍ୱିତୀୟ ମଉକା ହୋଇପାରେ ! ଆପଣ କଣ ଜାଣିବାକୁ ଚାହିଁବେନି ମୁଁ ପ୍ରଥମ ଥର କେମିତି ଆଲକହଲ୍ ପିଇଥିଲି ?"

ମୁଁ ସହମତି ଜଣେଇବାରୁ ସେ ତାଙ୍କ କାହାଣୀ ଆରମ୍ଭ କଲେ; ପ୍ରତିଯୋଗିତା ପରେ ମୋ କଳାକୃତିକୁ କିଛିଦିନ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାର କଳାଭବନରେ ରଖି ପ୍ରଦର୍ଶିତ କରାଗଲା । ଦିନେ ରାତିରେ କାମସାରି ଫେରିବା ବେଳେ ସେହି ଭବନ ସମ୍ମୁଖରେ ଅଟକି ନିଜ କଳାକୃତିକୁ ଏକ ଲୟରେ ନିରୀକ୍ଷଣ କରୁଥାଏ, ସେତେବେଳେ କେବଳ ମୋତେ ଛାଡ଼ି ସେଠାରେ ଆଉ କେହି ନଥାନ୍ତି । କିଛି କ୍ଷଣପରେ ଜଣେ ଗୋରା ଯୁବକ ମୋ ପାଖକୁ ଆସି କହିଲା, "ମୁଁ ଯେତେବେଳେ ଏହି କଳାକୃତୀକୁ ଦେଖେ ଅତିଶୟ ମୁଗ୍ଧ ହେବା ବ୍ୟତୀତ ରହିପାରେନି । ତୁମେ ତ ଏହାକୁ ଦେଖି ମୋଠାରୁ ଅଧିକ ଖୁସି ହେବାର କଥା । କାରଣ ଏହାର ସୃଜନ ତୁମ ଜାତିର ଜଣେ ମୂର୍ତ୍ତିକାର ଏଡ଼ୱାର୍ଡ୍ ସିମେଲନ୍ କରିଛନ୍ତି । ତୁମେ ତାଙ୍କୁ ଚିହ୍ନିଛ ?"

ମୁଁ କହିଲି, ହଁ ।

ପୁଣି ସେ ଯୁବକ କହିଲା, "ମୂର୍ତ୍ତିକୁ ଟିକେ ଧ୍ୟାନରେ ଦେଖ, ମା' ତା ଶିଶୁକୁ ଏକ ଆବିଳତାପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହିଛି । କେବଳ ଚାହିଁନାହିଁ, ତାର ଅନିଶ୍ଚିତ ଭବିଷ୍ୟତ ପାଇଁ ରକ୍ଷା ମଧ୍ୟ କରୁଛି ।"

ଏଥର ମୋତେ ଚୁପଚାପ ଠିଆ ହୋଇଥିବାର ଦେଖି ଯୁବକ ପୁଣିଥରେ ଆରମ୍ଭ କଲା, "ତାଙ୍କୁ ଏହି କଳାକୃତୀ ପାଇଁ ହଜାରେ ପାଉଣ୍ଡ ମିଳିଛି । କୌଣସି କୃଷ୍ଣକାୟ ଲୋକଙ୍କୁ ଏତେ ବଡ଼ ଧରଣର ଧନରାଶି ଦକ୍ଷିଣ ଆଫ୍ରିକାରେ ମିଳିବା ଏକ ଅସମ୍ଭବ ଘଟଣା । ତାପରେ ସେ କିଛି ସମୟ ନିରବ ପରେ ମୋଠାରେ ପ୍ରସ୍ତାବ ରଖିଲା, "ଆଚ୍ଛା ଫ୍ରେଣ୍ଡ !! ତୁମେ କଣ ମୋ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହିତ କିଛି ସମୟ ଅତିବାହିତ କରି ପାରିବ ?"

ରାତି ବହୁତ ହୋଇସାରିଥାଏ । ମୋତେ ଓଲେଣ୍ଡୋ ଯିବାପାଇଁ ଶେଷ ଟ୍ରେନ୍ ଧରିବାର ଥାଏ । ସେ ଯୁବକ ଗୋରା ଥାଏ ପୁଣି ପରିଚୟ ହୀନ । କିନ୍ତୁ କୌଣସି ଗୋରା ଲୋକର ମୁହଁରୁ ଫ୍ରେଣ୍ଡ ସଂବୋଧନ ଶୁଣିବା ମୋ ପାଇଁ ତାହା ପ୍ରଥମ ଅବସର ଥାଏ । ତା ପ୍ରସ୍ତାବକୁ ମାନିନେବା ପାଇଁ ମନ ଚାହୁଁଥାଏ । କିନ୍ତୁ କଥା କାଟି ତାକୁ କହିଲି, "ତୁମେ ଜାଣିଥିବ ଆମଭଳି କଳା ଲୋକ ରାତି ବାରଟା ପରେ ସହର ଭିତରେ ରହିବା ଲାଗି ଅନୁମତି ନାହିଁ ।"

"ଜାଣେ, କିନ୍ତୁ ତୁମକୁ ଅନେକ ସମୟ ରହିବାକୁ ପଡ଼ିବନି । ମୋ ଘର ଏଠାରୁ ଅନତୀ ଦୂରରେ । ଆସ ଯିବା । ଆଚ୍ଛା କୁହ ତୁମେ କଣ ଆଫ୍ରିକୀୟ ମାତୃଭାଷା କହିପାର ? ମୋ ନାଁ ରେସବର୍ଗ୍ । ତୁମର ?..."

"ମୋ ନାଁ ଜ୍ୱାକାରିସ୍ । ମୁଁ ଓଲେଣ୍ଡୋରେ ରହେ ।" ମୁଁ ମୋର ନିଜସ୍ୱ ନାଁ ଲୁଚେଇବାକୁ ବିବଶ ହେଲି । ତା ସହିତ ଯିବାପାଇଁ ମୋତେ ବଡ଼ ଅସହଣୀୟ ଲାଗୁଥାଏ । ରାସ୍ତାରେ ଆମେ ଦୁହେଁ କିଛି କଥା ହେଉନାହୁଁ କି ସାଥିହୋଇ ଚାଲିବାର କେହି ଦେଖିନାହାନ୍ତି ।

ଯେତେବେଳେ ଆମେ ଦୁହେଁ ତା ଘର ନିକଟରେ ପହଞ୍ଚିଲୁ ମୋତେ ଗୋଟେ ଶୂନଶାନ ସ୍ଥାନରେ ଛିଡ଼ା ହେବାପାଇଁ କହି ସେ ଘର ଭିତରକୁ ଚାଲିଗଲା, ଘର ଭିତରୁ ଆସୁଥିବା ଶବ୍ଦରୁ ମୁଁ ଅନୁମାନ କରିପାରୁଥାଏ ସେ ତା ଘରଣୀକୁ ମୋ ବିଷୟରେ କହୁଛି । କିଛି କ୍ଷଣପରେ ସେ ହସି ହସି ବାହାରକୁ ଆସିଲା । ପରେ ପରେ ତା ଘରଭିତରୁ ମହିଳାମାନେ ଆସି ମୋତେ ସ୍ୱାଗତ କରି ଭିତରକୁ ନେଇଗଲେ ।

ସେମାନଙ୍କ ମଧ୍ୟରେ ଜଣେ ମୋ କାନ ପାଖରେ ଧିରେ ଧିରେ କହିଲା, "ରେସବର୍ଗ୍ ପ୍ରତି ରାତିରେ ସେହି କଳାକୃତୀକୁ ଦେଖିବାପାଇଁ ଯାଏ । ଫେରିବା ପରେ କହେ, ସେଭଳି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନୁପମ ସୃଜନ ଯିଏ କରିଛି, ତା ଭିତରେ ଅବଶ୍ୟ ଭଗବାନଙ୍କ ଅସ୍ତିତ୍ୱ ଅଛି ।"

ଆଲକହଲ୍ ପିଇସାରି ଯେତେବେଳେ ମୁଁ ଫେରିବାକୁ ବାହାରିଲି ସମସ୍ତେ ଅତି ଆଦରରେ ମୋତେ ବିଦାୟ ଦେଲେ । ରାସ୍ତାରେ ରେସବର୍ଗ୍ ମୋତେ ଛୁଇଁବାକୁ ପ୍ରୟାସ କରୁଥାଏ । କିନ୍ତୁ ସଙ୍କୋଚବୋଧ କରୁଥାଏ । କାରଣ କଳା ଓ ଗୋରା ପୃଥକଭାବେ ଅନ୍ଧକାରରେ ରହି ଆଖିରେ ଅନ୍ଧତ୍ୱ ଘେରି ଯାଇଥାଏ । ମଣିଷ ଯେତେବେଳେ ଆଉଜଣେ ମଣିଷକୁ ସ୍ପର୍ଶ କରିପାରେନି ଘୃଣାରେ ନଷ୍ଟ କରିବାପାଇଁ ଆଗେଇ ଆସେ ନିଶ୍ଚୟ ।

ଭ୍ରାମ୍ୟଭାଷ : ୭୨୯୦୩୪୨୨୫୯

ଇମେଲ୍ : s.dwibedy@rediffmail.com

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଗଳ୍ପସ୍ପର୍ଦ୍ଧା ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୃତୀୟ ଗଳ୍ପସ୍ପର୍ଦ୍ଧା ପ୍ରତିଯୋଗିତା ୨୦୨୦

**ଏହି ସ୍ପର୍ଦ୍ଧା ପାଇଁ ଲେଖା ଗ୍ରହଣର ଶେଷ ତାରିଖ : ଅକ୍ଟୋବର ୩, ୨୦୨୦**

ଏହି ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବା ନିମନ୍ତେ ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦ(ପାରାଗ୍ରାଫ୍)କୁ ଅନ୍ତର୍ଭୂକ୍ତ କରି ଆପଣ ନିଜସ୍ୱ ଗଳ୍ପ ରଚନା କରିବେ । ଆପଣଙ୍କ କାହାଣୀରେ ଏହି ଅନୁଚ୍ଛେଦ ନିଶ୍ଚୟ ଭାବରେ ରହିଥିବ । ଆପଣ ନିଜସ୍ୱ ସୁବିଧା ଅନୁସାରେ ଅନୁଚ୍ଛେଦକୁ କାହାଣୀର ଆରମ୍ଭରେ, ମଝିରେ କିମ୍ବା ଶେଷରେ ରଖି ପାରିବେ । ଧ୍ୟାନ ଦିଅନ୍ତୁ, ଅନୁଚ୍ଛେଦକୁ ବଦଳାଇ ପାରିବେ ନାହିଁ, କିମ୍ବା ଏଠାରେ ଦିଆଯାଇଥିବା କୌଣସି ଶବ୍ଦକୁ ପରିବର୍ତ୍ତନ କରି ପାରିବେ ନାହିଁ ।

ଆପଣଙ୍କ ଲିଖିତ କାହାଣୀ (ଗଳ୍ପ) ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ଓଡ଼ିଆରେ ଟାଇପ୍ କରି ଆମ ନିକଟକୁ ଶେଷ ତାରିଖ ସୁଦ୍ଧା ପଠାଇବେ । କାହାଣୀ ସହିତ ନିଜର ଏକ ପାସପୋର୍ଟ୍ ସାଇଜର ଫଟୋ ଏବଂ ଇମେଲ୍ ଠିକଣା ଲେଖି ପଠାଇବେ । କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯିବ । ସମସ୍ତଙ୍କୁ ଅଂଶଗ୍ରହଣ ମାନପତ୍ର ଦିଆଯିବ । ଉପସ୍ଥାପିତ ସମସ୍ତ ଗଳ୍ପ ଆହ୍ୱାନରେ ପ୍ରକାଶିତ ହେବ ।

+====================+

ଗହଳ ଚହଳ ଯାଗାକୁ ଯିବାପାଇଁ ଭୁବନ ପସନ୍ଦ କରେନି । ହେଲେ ଆଜି ଭଣଜା ବିଟୁର ଜନ୍ମଦିନପାଇଁ ସେ ଘରୁ ବାହାରିଥିଲା । ହୋଟେଲର ହଲ୍‌ରେ ପାର୍ଟି ଚାଲିଥିବା ବେଳେ, ସେ ମୋବାଇଲରେ ବ୍ୟସ୍ତ ଥିଲା । ଏହି ସମୟରେ ହଠାତ୍ ପିଠିରେ ଦୁମ୍ କିନା ବିଧା ଗୋଟିଏ ପଡ଼ିବାପରେ 'ମା ଲୋ' ବୋଲି କହି ଚିଲ୍ଲେଇ ଉଠୁ ଉଠୁ ସେ ଦେଖୁଥିଲା ତା ପିଲାଦିନ ସାଙ୍ଗ ସୌମ୍ୟକୁ । ସେ ଯେବେ ଦେଖାହେଉଥିଲା ଏମିତି ପିଠିରେ ଖାଲ

 Magazine Downloaded from www.aahwaan.com

ଖୋଲିଦେଉଥିଲା । ସୌମ୍ୟକୁ ଦେଖି ସେ ବହୁତ ଖୁସି ହେଇଗଲା ।

ସେମାନେ ପିଲାଦିନର କଥା ଆରମ୍ଭ କରୁଥିଲେ, ସେଇ ସମୟରେ ଆସିଥିଲା ନିକି । ନିକିକୁ ଦେଖିବାପରେ ଭୁବନର ପାଟି ଅଠା ଅଠା ହେଇଗଲା । ବୋଧହୁଏ ଦଶବର୍ଷ ପରେ ଦେଖୁଥିଲା । କଲେଜ ପରେ ହଠାତ୍ କୁଆଡ଼େ ଗାୟବ୍ ହେଇଯାଇଥିଲା ସେ । ସୌମ୍ୟର କଥା ଆଉ ତା କାନରେ ପଡୁନଥିଲା । ସେ ମନେ ମନେ ଭାବୁଥିଲା, ନିକି ଏବେ ବି ଠିକ୍ ସେମିତି କଣ୍ଢେଇଟେ ପରି ଅଛି, ଯେମିତି କଲେଜ୍ ସମୟରେ ଥିଲା ।

+====================+

**ଚଳିତ ସଂସ୍କରଣର ଗଳ୍ପସ୍ପର୍ଦ୍ଧାର ଫଳାଫଳ :**

ପ୍ରଥମ : ସରୋଜିନୀ ମିଶ୍ର (କର୍ମ ହିଁ ଧର୍ମ)

ଦ୍ୱିତୀୟ : ବାଦଲ ମହାରଣା (ସନ୍ତାନ)

ତୃତୀୟ : ମଞ୍ଜୁରାଣୀ ମିଶ୍ର ( ଆଲୋ ସଖୀ)

**ବିଗତ ସଂସ୍କରଣର ଗଳ୍ପସ୍ପର୍ଦ୍ଧାର ଫଳାଫଳ :**

ପ୍ରଥମ : ଅଶୋକ କୁମାର ସେଠୀ (ସମ୍ପର୍କର ଅନ୍ତରାଳେ)

ଦ୍ୱିତୀୟ : ସୁଦୀପ ରୋହନ୍ ବାଘ (ଆହା କଣ ହେବ ସେମାନଙ୍କର)

ତୃତୀୟ : ସୂର୍ଯ୍ୟକାନ୍ତ ମଲ୍ଲିକ (ସ୍ମୃତିର ଲୁହ)

ସମସ୍ତ ପ୍ରତିଯୋଗୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଂପର୍କ ହୃଦୟର



ଦମୟନ୍ତୀ ଜେନା

ଘନିଆ ମଉସା, କୁନ୍ତୀ ବୋଉ, ରବି ଆଉ ନିଧିକୁ ନେଇ ଗୋଟିଏ ଛୋଟିଆ ପରିବାର ବିଶ୍ୱନାଥପୁର ଗ୍ରାମରେ । ଚାଷ ଉପରେ ନିର୍ଭର କରି ବେଶ ଦୁଇ ପଇସା ରୋଜଗାର କରିପାରୁଥିଲେ ଘନିଆ ମଉସା । ଧାନ ସହ ଅନ୍ୟାନ୍ୟ ପରିବା ମଧ୍ୟ ଚାଷ କରନ୍ତି ଜମିରେ । ରବି ଆଉ ନିଧି ଗ୍ରାମର ପାଖ ସରକାରୀ ସ୍କୁଲରେ ପାଠ ପଢନ୍ତି । ରବି ପିଲାବେଳୁ ପାଠସାଠରେ ଦୁର୍ବଳ ରହୁଥିବା ବେଳେ ନିଧି କିନ୍ତୁ ତାର ପୁରା ବିପରୀତ ଆଉ ଭାରି ଚାଲାକ୍ । ଘନିଆ ମଉସା ଝିଅ ନିଧିକୁ ଭାରି ଭଲପାଆନ୍ତି । ତାଙ୍କ ମତରେ ସେ ହିଁ ତାଙ୍କ ପୁଅ । ପୁଅ ରବିକୁ ବାଲୁଙ୍ଗା କହି ଗାଳି ଦିଅନ୍ତି । ନିଧି ତାର ଅବସର ସମୟରେ ଭାଇକୁ ସବୁ କାର୍ଯ୍ୟରେ ସଜାଡିବାକୁ ଚେଷ୍ଟା କରେ କିନ୍ତୁ ରବି ତାକୁ କଟୁ କଥା କହି ଚାଲିଯାଏ । କୁସଙ୍ଗରେ ପଡି ଧିରେ ଧିରେ ପାନ ପୁଡିଆ ଖାଇବା, ସିଗାରେଟ୍ ଖାଇବା ମଧ୍ୟ ଆରମ୍ଭ କରିସାରିଲାଣି । ଦିନସାରା ଘନିଆ ମଉସା ଜମିରେ ଖଟି ଖଟି ଘରକୁ ଫେରିଲେ ଝିଅ ମୁହଁ ଚାହିଁବା କ୍ଷଣି ତାଙ୍କର ସବୁ କଷ୍ଟ ଉଭେଇ ଯାଏ । ରାତ୍ରୀଭୋଜନ ଶୀଘ୍ର ସାରି ଶୀଘ୍ର ଶୋଇ ପଡନ୍ତି । ନିଧି ଆଉ କୁନ୍ତୀ ବୋଉ ସବୁବେଳେ ପ୍ରାଣପଣେ ରବିକୁ ବୁଝାଇବାରେ ଲାଗିଛନ୍ତି ଭଲ ମଣିଷଟେ ହେବା ପାଇଁ । ବଡ଼ ହେଇ ତାକୁ ହିଁ ତ ଘରର ଦାୟିତ୍ୱ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଠେଇବାର ଅଛି । ବାପାଙ୍କ ହାତରେ ହାତ ମିଶାଇ ସମସ୍ତ କାର୍ଯ୍ୟରେ ସହଯୋଗର ହାତ ବଢାଇବାର ଅଛି । ରବି କିନ୍ତୁ ସମସ୍ତ କଥା ଗୋଟାଏ  କାନରେ ଶୁଣି ଆର କାନରେ ଛାଡ଼ି ଦିଏ ।

ସମୟର ତାଳରେ ତାଳ ଦେଇ ସମସ୍ତଙ୍କ ବୟସ କିଛି ବର୍ଷରେ ବଢି ବଢି ଗଲାଣି । ରବି ଆଉ ନିଧିର ବାହାଘର ମଧ୍ୟ ସରିଗଲାଣି । ଘନିଆ ମଉସା ବୁଢା ହୋଇ ଗଲେଣି । ବେଳେ ବେଳେ ଥକି ପଡନ୍ତି ନିଶ୍ଚୟ... ହେଲେ ମୁଣ୍ଡ ନୁଆଁଇବା, ହାତ ପତେଇବା ଶିଖି ନାହାନ୍ତି କେବେ ? ? ? ମନରେ ଦୃଢ ବିଶ୍ୱାସ... ମୁଁ ପାରିବି । ଆଜି ମଧ୍ୟ ପୂର୍ବଭଳି ଜମିରେ କାମ କରି ବେସ୍ ଦୁଇ ପଇସା ରୋଜଗାର କରିପାରନ୍ତି । ଘନିଆ ମଉସାଙ୍କ ପୁତ୍ରବଧୁର ନାମ ହେଲା ରାଧା । ଭାରି ଭଲ ଝିଅଟେ ମେଳାପୀ, ପରିଶ୍ରମୀ, ଯତ୍ନଶୀଳା । ବେଳେ ବେଳେ ରାଗି ଯାଏ ରବି ଉପରେ ।

ସେମାନେ ବହୁତ୍ ଖୁସିରେ ଥିଲେ । ରବି ଦିନମଜୁରିଆ ଭାବରେ ଯାହା ବି ପାଉଥିଲା, ସେଥିରେ ଘର ଚଳିଯାଉଥିଲା । ରାଧା ପରଘରେ କାମ କରି କିଛି କିଛି ଅର୍ଥ ପାଉଥିଲା । ବାହାହେଇ ଚାରିବର୍ଷ ହୋଇଗଲା । ଦିଲ୍ଲୀ ଭଳି ସହରରେ ସେ ଦୁହେଁ ଖୁସିରେ ଥିଲେ । ଯାହା ଅଭାବ ଥିଲା, ଘରେ ପିଲାଟିଏ ନଥିଲା । ତେଣେ ଗାଁରୁ ବାପାମା ବାରମ୍ବାର ପଚାରୁଥିଲେ ପିଲାଝିଲା କିଛି କରିବନି କି ? ରାଧାକୁ ପିଲା କଥା କହିଲେ ସେ ଚିଡୁଥିଲା । ଦୁଇପ୍ରାଣୀ ଚଳିବା ବେଳକୁ କେତେ କଷ୍ଟ ଗାଁରେ ବାପା ବୋଉ କେମିତି ଜାଣିବେ ? ପିଲାଟେ ଆସିଲେ ତା ପାଇଁ କ୍ଷୀରଡବା, ଔଷଧ, ଖେଳନା ସବୁ କିଣିବା କେମିତି ? ତାକୁ ରଖିବା କୋଉଠି ? ରବି କହିଲା, ତୁମେ ଗାଁକୁ ଚାଲିଯାଅ । ମୁଁ ଏଇଠି ରହି କାମ କରିବି । ଗାଁରେ ଘର ଅଛି, ଖର୍ଚ୍ଚବାର୍ଚ୍ଚ ବି କମ୍ । ରାଧା କିନ୍ତୁ ରାଜି ହେଉନଥିଲା । ସେ ଜାଣିଥିଲା, ସେ ଗାଁକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଲିଗଲେ, ରବି ପୁଣିଥରେ ସାଙ୍ଗ ସାଥିରେ ମାତି ମଦପିଇ ସବୁ ଟଙ୍କା ଉଡ଼େଇ ଦେବ ।

ଉପାୟ ଶୂନ୍ୟ ରାଧା ବାଧ୍ୟ ହୋଇ ଗାଁକୁ ଫେରିଛି ଗର୍ଭବତୀ ହୋଇ । ଘନିଆ ମଉସା ଓ କୁନ୍ତୀ ବୋଉ ତାର ବହୁତ ଯତ୍ନ ନିଅନ୍ତି । ଦୀର୍ଘ ଚାରି ବର୍ଷ ଅପେକ୍ଷାର ଅନ୍ତ ହେବାକୁ ଯାଉଛି । ସେ ବାପାରୁ ଜେଜେ ହେବାକୁ ଯାଉଛନ୍ତି । ଆସୁଥିବା ସନ୍ତାନଟିର କଥା ଚିନ୍ତା କରି ଘରେ ସଭିଏଁ ଭାରି ଖୁସି । ଏବେ ଠାରୁ ରବି ନାଁ ଦେବା କଥା ଚିନ୍ତା କରୁଛି ତ ନିଧି ଖେଳଣା କିଣିସାରିଛି । ଘନିଆ ମଉସା ଗାଇ କିଣା ସାରିଥିବା ବେଳେ, କୁନ୍ତୀ ବୋଉ ରାଧାକୁ ପଚାରି ତା ଇଚ୍ଛାର ପିଠା ଆଉ ମିଠା ଦିଆରେ ବ୍ୟସ୍ତ । ଏ ସବୁ ଦେଖି ରାଧା ବେଶ୍ ଖୁସି କିନ୍ତୁ ମନ ବିଚଳିତ ରବି କଥା ଭାବି । ରୋଜଗାର କରୁଥିବେ କି ନା, ସଞ୍ଚୟ କରୁଥିବେ କି ନା, ଭଲ ଖାଇବା ପାଉଥିବେ କି ନା... ଇତ୍ୟାଦି

କିଛି ଦିନପରେ ରାଧାର ଝିଅଟିଏ ହେଇଛି । ରବି ମଧ୍ୟ ଦିଲ୍ଲୀ ଭଳି ସହର ଛାଡ଼ି ଚିରଦିନ ପାଇଁ ଗାଁକୁ ଫେରିଛି । ତାର ନିଷ୍ପତି ବଦଳିଛି । ବାପାଙ୍କ ସହ ଜମିରେ ଚାଷ କରିବା ପାଇଁ ମନ ବଳାଇଛି ।

ଘନିଆ ମଉସା ଏହା ଶୁଣି ଦୀର୍ଘ ନିଶ୍ୱାସଟିଏ ମାରି କହିଲେ, କୁନ୍ତୀ ବୋଉ ପୁଅ ଆଜି ତୁମର ହୀରା ଭଳି ଚମକୁଛି । ଏ ସବୁ ଦେଖି ଶୁଣି ନିଧି ଆଶ୍ୱସ୍ତି ଲାଭ କରିଛି ଓ ସ୍ମିତ ହାସ୍ୟ ଦେଇ ତା ଶାଶୁ ଘରକୁ ଚାଲିଯାଇଛି ।

(ସତରେ ..... ! ସମୟର ତାଳରେ ହୃଦୟର ସମ୍ପର୍କ ବି କେବେ ମଉଳିଯାଏ ତ ଆଉ କେତେବେଳେ ହୀରା ଭଳି ଚମକିଉଠେ ।)

ଶିକ୍ଷୟିତ୍ରୀ, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କର୍ମ ହିଁ ଧର୍ମ



ସରୋଜିନୀ ମିଶ୍ର

ସ୍ୱପ୍ନ ରାଜ୍ୟରେ ବୁଲୁବୁଲୁ ଯମରାଜଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇ ଉଠିଲେ ରଞ୍ଜିତା ଦେବୀ ।

ଆପଣ ଏଠାରେ ?

ଆପଣଙ୍କୁ ନେବାକୁ ଆସିଛି ।

ମତେ ! କାହିଁକି ?

ମୁଁ କଣ ଭୁଲ କଲି କି ? ମୁଁ ତ ସବୁବେଳେ ସତ୍ କର୍ମ କରିବାକୁ ଚେଷ୍ଟା କରିଛି ଏବଂ ଜଣେ ପରୋପକାରୀ, ଧର୍ମପରାୟଣା ଓ ସୁଗୃହିଣୀ ଭାବରେ ଖ୍ୟାତି ବି ଅର୍ଜନ କରିଛି ତେଣୁ ମୁଁ ଯମଲୋକକୁ ନୁହଁ ସ୍ୱର୍ଗକୁ ଯିବା ଉଚିତ ହେବ ।

ଅଳ୍ପ ହସି ଯମରାଜ ପଚାରିଲେ - ତୁମେ କେବେ ମିଛ କହିନ ?

ହଁ, କହିଛି । କିନ୍ତୁ ମିଛ କହି ଅନ୍ୟର କ୍ଷତି କରିନି । ସତ କହି ଛୁଟି ମାଗିଲେ ଛୁଟି ମିଳେନି ତେଣୁ ବେଳେବେଳେ ମିଛକହି ଛୁଟି ନିଏ ।

କେବେ କାହାକୁ ମାରିନ ?

ହଁ, ପ୍ରତିଦିନ ମଶା ମାରେ । କିନ୍ତୁ ସେମାନେ ବି ତ ଆମର କ୍ଷତି କରନ୍ତି ।

ଆଚ୍ଛା, କାହା ମନରେ କେବେ କଷ୍ଟ ଦେଇନ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଇଛି, ମତେ ପ୍ରଥମେ କଷ୍ଟ ଦେଲେ ମୁଁ ବି ତାକୁ ବାଧିଲା ପରି କହେ ।

ତାମାନେ ତୁମେ ଜାଣିଜାଣି ମିଛକହିଛ, ଜୀବହତ୍ୟା କରିଛ ଏବଂ ଅନ୍ୟ ମନରେ କଷ୍ଟ ବି ଦେଇଛ । ଅଜାଣତରେ ମଧ୍ୟ ଅନେକ ଭୂଲ କରିଥିବ । ତେଣୁ ତୁମର ପାପ ଓ ପୂଣ୍ୟ ବରାବର ରହିଛି । କେମିତି ସ୍ୱର୍ଗକୁ ଯିବ ? ଠିକ୍ ଅଛି, ବର୍ତ୍ତମାନ ଭଗବାନ କରୋନାକୁ ପଠେଇଛନ୍ତି ପାପର ବିନାଶ କରି ଧର୍ମର ପ୍ରତିଷ୍ଠା କରିବା ପାଇଁ । ପରୋପକାର କରି ପୂଣ୍ୟ ଅର୍ଜନ କରିବା ପାଇଁ ସୁବର୍ଣ୍ଣ ସୁଯୋଗ ଦିଆଯାଇଛି । ସମୟର ସଦୁପଯୋଗ କରନ୍ତୁ । ତୁମକୁ ଏକମାସ ସମୟ ଦିଆଗଲା ।

ହଠାତ୍ କବାଟରେ ଖଡ୍ ଖଡ୍ ଶବ୍ଦଶୁଣି ନିଦ ଭାଙ୍ଗିଗଲା ରଞ୍ଜିତା ଦେବୀଙ୍କର । କବାଟ ଖୋଲି ଦେଖିଲେ, ପଡିଶାଘର ଚାକରାଣୀ ରାନୁ ଏବଂ ଆଉଜଣେ ସ୍ତ୍ରୀ ଲୋକ ଛୋଟ ପିଲାଟିଏ ଧରି ଠିଆହୋଇଛନ୍ତି ।

ଆରେ ରାନୁ ତୁ ? କ'ଣ ଦରକାର ଥିଲା ?

ହଁ, ମା । ଆପଣଙ୍କ ପୁଅ ବୋହୁ ଆସିଛନ୍ତି ତ, ମୁଁ ଭାବିଲି କାଳେ ଚାକରାଣୀ ଦରକାର ଥିବ, ତେଣୁ ରାଧାକୁ ନେଇ ଆସିଥିଲି, ସେ ଭାରି ଅସୁବିଧାରେ ପଡିଛି ମା ।

ମୁଁ ତ ତାକୁ ଜାଣିନି । ତାକୁ କେମିତି ରଖିବି ?

ରାନୁ କହିଚାଲିଲା -

ମା, ସିଏ ମୋର ପିଲାବେଳର ସାଙ୍ଗ । ଆମେ ଏକାଠି ପଢୁଥିଲୁ । ଚାରିବର୍ଷ ତଳେ ତାର ବାହାଘର ହୋଇଥିଲା । ସେମାନେ ବହୁତ ଖୁସିରେ ଥିଲେ । ରବି ଦିନ ମଜୁରିଆ ଭାବରେ ଯାହା ବି ପାଉଥିଲା, ସେଥିରେ ଘର ଚଳି ଯାଉଥିଲା । ରାଧା ପର ଘରେ କାମ କରି କିଛି କିଛି ଅର୍ଥ ପାଉଥିଲା । ବାହାହେଇ ଚାରିବର୍ଷ ହେଇଗଲା, ଦିଲ୍ଲୀଭଳି ସହରରେ ସେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁହେଁ ଖୁସିରେ ଥିଲେ । ଯାହା ଅଭାବ ଥିଲା, ଘରେ ପିଲାଟିଏ ନ ଥିଲା । ତେଣେ ଗାଁରୁ ବାପା ମା ବାରମ୍ବାର ପଚାରୁଥିଲେ, ପିଲାଝିଲା କିଛି କରିବନି କି ? ରାଧାକୁ ପିଲା କଥା କହିଲେ ସେ ଚିଡୁଥିଲା । ଦୁଇପ୍ରାଣୀ ଚଳିବା ବେଳକୁ କେତେ କଷ୍ଟ ଗାଁରେ ବାପାବୋଉ କେମିତି ଜାଣିବେ ? ପିଲାଟେ ଆସିଲେ ତା ପାଇଁ କ୍ଷୀରଡବା, ଔଷଧ, ଖେଳନା ସବୁ କିଣିବା କେମିତି ? ତାକୁ ରଖିବା କେଉଁଠି ? ରବି କହିଲା, ତମେ ଗାଁକୁ ଚାଲିଯାଅ । ମୁଁ ଏଇଠି ରହି କାମ କରିବି । ଗାଁରେ ଘର ଅଛି, ଖର୍ଚ୍ଚବାର୍ଚ୍ଚ ବି କମ୍ । ରାଧା କିନ୍ତୁ ରାଜି ହେଇ ନଥିଲା । ସେ ଜାଣିଥିଲା, ସେ ଗାଁକୁ ଚାଲିଗଲେ, ରବି ପୁଣି ଥରେ ସାଙ୍ଗ ସାଥିରେ ମାତି ମଦ ପିଇ ସବୁ ଟଙ୍କା ଉଡେଇ ଦେବ । ସେ ପାଖରେ ଥିଲେ ପିଇବାଟାକୁ ତ ବନ୍ଦ କରି ପାରୁଛି । ତା ଛଡା ସେ ଗାଁକୁ ଯାଇ ଏକା କରିବ ବା କ'ଣ ?

କିନ୍ତୁ ସମୟ ବଡ ବଳବାନ୍ । ସମୟ ପାଖରେ ଧନୀ, ଗରୀବ ସମସ୍ତଙ୍କୁ ମୁଣ୍ଡ ନୋଇଁବାକୁ ପଡିଛି । ସେ ବା ବାଦ୍ ଯିବ କିପରି ?

ହଠାତ୍ କରୋନା ମହାମାରୀ କେଉଁଠୁ ଆସିଲା, ସବୁ ମଜୁରିଆମାନଙ୍କର କାମଦାମ ଠପ୍ । ସେ ଯାହା ଘରେ କାମ କରୁଥିଲା, ସେ ବାବୁ ବି କରୋନା ଯୋଗୁଁ ମନା କରିଦେଲେ । କ'ଣ ବା ସେମାନେ କରିବେ ? ଖାଇବେ କ'ଣ ? ଘରଭଡା ଦେବେ କେମିତି ? ତେଣୁ ବାଧ୍ୟ ହୋଇ ଗାଁକୁ ଫେରି ଆସିବାକୁ ଠିକ୍ କଲେ । କିନ୍ତୁ ଟିକଟ ପାଇଁ ତ ମଧ୍ୟ ପଇସା ନାହିଁ ? ଯିବେ କେମିତି ?

ଶେଷରେ ରାଧା ମଙ୍ଗଳସୂତ୍ରଟି କାଢି ରବି ହାତକୁ ବଢାଇଦେଲା । ସାଇକେଲଟିଏ କିଣି ସେଥିରେ ଆସିବେ ବୋଲି ଠିକ୍ କଲେ । ରାଧା ସାଇକେଲ୍ ଚଳେଇବା ଶିଖି ନ ଥିଲା । ତେଣୁ ରବି କୁ ହିଁ ପୁରା ରାସ୍ତା ସାଇକେଲ୍ ଚଲାଇବାକୁ ପଡିଲା । ଦୀର୍ଘ ସାତ ଦିନର ଅକ୍ଳାନ୍ତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିଶ୍ରମ ପରେ ଓଡିଶା ମାଟିରେ ପାଦ ଦେଇଥିଲେ ଦୁହେଁ । ଖୁସିରେ ମନ ଉଛୁଳି ପଡିଥିଲା ।

ରାତି ପ୍ରାୟ ଏଗାରଟା ବେଳକୁ ନଳକୂଅଟିଏ ଦେଖି ଓହ୍ଲାଇ ପଡିଥଲେ ଦୁହେଁ । ଧୂଆଧୋଇ ହୋଇ, ଟିକେ ହାଲିଆ ମାରିବା ପାଇଁ ବାରଣ୍ଡାରେ ବସି ପଡିଲେ । ବସୁ ବସୁ କେତେବେଳେ ଯେ ଆଖି ପଡିଯାଇଛି, କିଏ ଜାଣି ପାରିଲେ ନାହିଁ । ହଠାତ୍ ରାଧାର ନିଦ ଭାଙ୍ଗିଗଲା । ଦେଖିଲା, ସାଇକେଲ୍ ଟି ନାହିଁ । ସେହି ପାଖରେ ହିଁ କାନ୍ଥକୁ ଆଉଜେଇ ରଖିଥିଲେ । କୁଆଡେ ଆଉ ଗଲା ? ବହୁତ ଖୋଜିଲା, କେଉଁଠି ବି ପାଇଲାନି । ସେତେବେଳକୁ ରବିର ବି ନିଦ ଭାଙ୍ଗି ଯାଇଥାଏ । ଦୁହେଁ ମିଶି ପୁଣି ଖୋଜିଲେ । କିନ୍ତୁ ନା, ସବୁ ବୃଥା । ଚିନ୍ତାରେ ପଡିଗଲେ ଦୁହେଁ । ଗାଁରେ ପହଞ୍ଚିବା ପାଇଁ ଆହୁରି ପ୍ରାୟ ଦୁଇ ଶହ କିଲୋମିଟର ବାକି ଥିଲା । ପକେଟରେ ମାତ୍ର କୋଡିଏଟି ଟଙ୍କା ପଡିଥିଲା ।

ସେମାନେ ବୁଝି ଯାଇଥିଲେ, ଦୁଃଖ ଯେବେ ଆସେ ତାର ସାଙ୍ଗ ସାଥି ନେଇ ଆସେ । କିନ୍ତୁ ରାତି ପରେ ଦିନ ନିଶ୍ଚୟ ଆସିବ, ସେ ବିଶ୍ୱାସ ତାଙ୍କର ଥିଲା । ଶେଷରେ ଚାଲିଚାଲି ଯିବା ପାଇଁ ଠିକ୍ କରିଥିଲେ ।

ମେ ମାସ ଖରା । କେତେ ବାଟ ବା ଚାଲିପାରିବେ ? ହଠାତ୍ ରବିର ମୁଣ୍ଡ ବୁଲେଇ ହେଲା । କଚାଡି ହୋଇ ତଳେ ପଡିଗଲା । ବାରମ୍ବାର ପାଣି ଛାଟିବା ପରେ, ରବିର ଚେତା ଫେରିଲା । ଛାଇ ଯାଗା ଦେଖି ଦୁହେଁ ବିଶ୍ରାମ ନେଇଥିଲେ । ରବି ବହୁତ ହାଲିଆ ହେଇ ଯାଇଥିଲା । ତାକୁ ନିଦ ଆସିଗଲା ।

ରାଧା ଭାବୁଥିଲା, ଏତେବାଟ କେମିତି ଚାଲିଚାଲି ଯିବେ ? ହଠାତ୍ ଦେଖିଲା, ସାମନାରେ ବହୁତ ଗୁଡାଏ କାଠି ପଡିଛି । କ'ଣ ଭାବିଲା କେଜାଣି, ସବୁ କାଠିକୁ ଏକାଠି କଲା ପୁଣି ଫୋପାଡି ଦେଲା । ପୁଣି ଏକାଠି କଲା ପୁଣି ଫୋପାଡି ଦେଲା । ମନ ଓ ବିବେକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭିତରେ ଦ୍ୱନ୍ଦ । ବିବେକ କହୁଥିଲା-ଅନ୍ୟକୁ ଠକିବା ଉଚିତ ନୁହେଁ । ମନ କହୁଥିଲା - ଅସମୟରେ ଭଗବାନ ବି ଗଧ ପାଦ ଧରିଥିଲେ । ଶେଷରେ ମନର ଜୟ ହେଲା ।

ରାଧା କାଠି ଗୁଡିକ ଗୋଟାଇ ଆଣିଲା । ସେଥିରେ ଗୋବର ଲଗାଇ ଶୁଖାଇ ଦେଲା । ଶୁଖିଗଲା ପରେ ସବୁ ଗୁଡିକ ଏକାଠି କରି ଜରିରେ ରଖିଦେଲା । ରବିର ନିଦ ଭାଙ୍ଗିବା ପରେ ଦୁହେଁ ପୁଣି ଚାଲିବା ଆରମ୍ଭ କଲେ । କିଛି ବାଟ ଗଲାପରେ ବଜାର ଆସିଲା । ରାଧା ରାସ୍ତାକଡ ଦେଖି କିଛି ସମୟ ବସିବା ପାଇଁ ରବିକୁ ଅନୁରୋଧ କଲା । ଦୁହେଁ ବସିଲେ । ରାଧା ଜରି ଭିତରୁ କାଠିଗୁଡିକ କାଢି ସାମନାରେ ରଖିଲା ଏବଂ "କରୋନା ଧୂପ ନବ କରୋନା ଧୂପ" କହି  ଜୋରରେ ଡାକ ଛାଡିଲା । ଖୁବ୍ କମ୍ ସମୟ ଭିତରେ ସବୁ କାଠି ବିକ୍ରି ହୋଇଗଲା । ରବି ରାଧା ମୁହଁକୁ ଆଁ କରି ଚାହିଁଥାଏ । କିଛି ସମୟ ପରେ ପଚାରିଲା - ଏଗୁଡାକ କ'ଣ ? କେଉଁଠୁ ଆଣିଲୁ ? ରାଧା ଅଳ୍ପ ହସି କହିଲା - ସାହାଯ୍ୟ ମାଗିଲାରୁ ତ ମିଳିଲାନି ତେଣୁ ବୁଦ୍ଧି ଖଟେଇବାକୁ ପଡିଲା । କଥାରେ କହନ୍ତି ନା, ବୁଦ୍ଧିଥିଲେ ଉପାୟ ଆସେ ।

ଶେଷରେ  କରୋନା ଧୂପ ବିକ୍ରି ଟଙ୍କାରେ ଅଟୋଟିଏ କରି ଗାଁରେ ପହଞ୍ଚିଥିଲେ ଦୁହେଁ । କିଛିଦିନ ପାଇଁ ବାପ ଘରକୁ ଚାଲି ଯାଇଥିଲା ରାଧା । ଏହି ସମୟ ଭିତରେ ରବି ସାଙ୍ଗ ସାଥି ମାନଙ୍କ ସହ ଲୁଚି ଲୁଚି ପିକ୍ ନିକ୍ କଲା । ଫଳରେ ଖାଲି ସିଏ ନୁହଁ ତା ବାପା, ମାଆ, ଦି ଭଉଣୀ ଓ ବଡ ଭାଇ ସମସ୍ତେ କରୋନାରେ ଆକ୍ରାନ୍ତ ହେଲେ । ସମସ୍ତେ ଏବେ କ୍ୱାରେନ୍ ଟାଇନ୍ ରେ । ବଡ ଭାଇଙ୍କର ଚାରି ବର୍ଷର ଛୋଟ ପୁଅଟିଏ ଅଛି । ରାଧା ତାକୁ ଭାରି ଭଲପାଏ । ତେଣୁ, ଯେମିତି ଖବର ପାଇଲା ସମସ୍ତେ କ୍ୱାରେନ୍ଟାଇନରେ, ପୁଅକୁ ସମ୍ଭାଳିବା ପାଇଁ ସେ ଦୌଡି ପଳେଇ ଆସିଲା । ହେଲେ କ'ଣ ହେବ ? ଘରେ ତ କିଛି ନାହିଁ, ସେମାନେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖାଇବେ କ'ଣ ? ବିଚାରି ଭାରି ହଇରାଣ ହେଲାଣି । ଯଦି କିଛି କାମ ତାକୁ ମିଳି ଯାଆନ୍ତା ?

ହଠାତ୍ ଘର ଭିତରୁ ରଞ୍ଜନ୍ ବାବୁଙ୍କ ପାଟି ଶୁଭିଲା, ଏ କରୋନା ସମୟରେ କାହାକୁ ଘରେ ପୁରେଇବନି । ରଞ୍ଜିତା ଦେବୀ କ'ଣ କରିବେ କିଛି ଠିକ୍ କରି ପାରିଲେନି । ରାଧାକୁ ଦୁଇଶହ ଟଙ୍କା ଦେଲେ । ସେ କିନ୍ତୁ ନେଲାନି । କହିଲା ମା, କାମ ନ ମିଳିଲେ ମୁଁ କେମିତି ଶୁଝିବି ?

ତା'ପର ଦିନ ଥିଲା ବୁଧବାର । ଘର ଧୋଉ ଧୋଉ ହଠାତ୍ ରଞ୍ଜିତା ଦେବୀଙ୍କର ଗୋଡ ଖସିଗଲା । ଓଃ କହି ବସି ପଡିଲେ ରଞ୍ଜିତା ଦେବୀ । କ'ଣ ହେଲା, କ'ଣ ହେଲା କହି ସମସ୍ତେ ଦୌଡି ଆସିଲେ । ଦେଖିଲେ ରଞ୍ଜିତା ଦେବୀ ଗୋଡକୁ ଧରି ବସିଛନ୍ତି । ବୋହୁ କ୍ରେପ୍ ବେଣ୍ଡେଜ୍ ଆଣି ବାନ୍ଧିଦେଲା । ଧିରେ ଧିରେ ନେଇ ତାଙ୍କୁ ଖଟ ଉପରେ ବସାଇ ଦେଲା । କିଛି ସମୟ ପରେ ରଞ୍ଜନ ବାବୁଙ୍କ ପାଖକୁ ଯାଇ କହିଲା - ବାପା, ମାଆଙ୍କର ତ ଗୋଡ ଖରାପ । ଲିପାପୋଛା, ଚିତାଦିଆ, ପିଲା ଧନ୍ଦା, ରୋଷେଇ ସବୁ କାମ କ'ଣ ମୁଁ ଏକା କରି ପାରିବି ? କାଲି ଯିଏ କାମ କରିବା ପାଇଁ ଆସିଥିଲା ତାକୁ ଡାକିଲେ କେମିତି ହୁଅନ୍ତା ? ବୋହୁର କଥାକୁ ମନା କରି ପାରିଲେନି ରଞ୍ଜନ ବାବୁ । ରାନୁ ହାତରେ ରାଧାକୁ ଡକେଇଲେ । ତାଗିଦ୍ କରି କହିଲେ - ଆଜିଠୁ ତୁ ବାରିପଟେ ଥିବା ଘରଟିକୁ ସଫାକରି ସେଠି ରହିବୁ । କାମ କରିବାକୁ ଆସିଲା ବେଳେ ରୁମାଲ ବାନ୍ଧି ଆସିବୁ । ଦରକାର ନଥିଲେ ବାହାରକୁ ଯିବୁ ନାହିଁ । ଯଦି ବାହାରକୁ ଯିବାକୁ ଦରକାର ପଡେ, ନାକ ଏବଂ ମୁହଁରେ ରୁମାଲ ବାନ୍ଧି ଯିବୁ । ଅନ୍ୟ ମାନଙ୍କଠୁ ଚାରି ହାତ ଦୂରରେ ରହିବୁ । ହାତ ସବୁବେଳେ ସାବୁନ୍ ରେ ସଫା କରିବୁ । ତା ହେଲେ ତୁ ଏଠାରେ କାମ କରି ପାରିବୁ । କ'ଣ ରାଜି ତ ?

ନମ୍ର ସ୍ୱରରେ ରାଧା କହିଲା - ଆଜ୍ଞା ହଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଧା ରଞ୍ଜନ ବାବୁଙ୍କ କଥାକୁ ଅକ୍ଷରେ ଅକ୍ଷରେ ପାଳନ କଲା । ଦୁଇ ଦିନ ପରେ ରଞ୍ଜିତା ଦେବୀଙ୍କୁ ବାଡି ପଟେ ଠିଆ ହୋଇଥିବା ଦେଖି ପଚାରିଲା ମାଆ, ଗୋଡ କେମିତି ଅଛି ? ରଞ୍ଜିତା ଦେବୀ ହସିଲେ । କହିଲେ, ତୁ କାମ ପାଇଗଲୁ, ମୋ ଗୋଡ ଭଲ ହୋଇଗଲା । ବେଳେବେଳେ କିଛି ଭଲ କାମ କରିବା ପାଇଁ ଅଭିନୟ କରିବାକୁ ପଡେ । ହଁ ଶୁଣ, ଏଇ ଗାଁରେ ଆଉ ଯେତେ ଗରୀବ ଅଛନ୍ତି, ଯେଉଁମାନେ ଖାଇବାକୁ ପାଉ ନାହାନ୍ତି, ସେମାନଙ୍କୁ କାଲି ଡାକିଦେବୁ । ଏ ଯେଉଁ ବିରାଟ ପଡିଆ ଜାଗାଟି ରହିଛି, ତାକୁ ବଗିଚା କରିବା । ଜଣେ ଜଣେ ଖଣ୍ଡିଏ ଖଣ୍ଡିଏ ଜାଗାରେ ଗୋଟିଏ ଗୋଟିଏ ପରିବା ଚାଷ କରିବେ । ଫଳରେ ଦୂରତା ବଜାୟ ରହି ପାରିବ । ହଁ, ଏଇ କୁଣ୍ଡଟା ନେଇ ଦାଣ୍ଡପଟେ ରଖି ପାଣି ଭର୍ତ୍ତି କରି ଦେଉଥିବୁ ଏବଂ ଯାହା ଖାଇବା ଜିନିଷ ବଳୁଥିବ, ନେଇ ପକେଇ ଦେଉଥିବୁ । ଗାଈ, ଗୋରୁ ଓ ବୁଲା କୁକୁର ଖାଇବେ । ପଡିଶାଘର ମଉସାଙ୍କୁ ଯାଇ କହିଦେବୁ, ସରକାର ଷାଠିଏ ବର୍ଷରୁ ଅଧିକ ବୟସ୍କମାନଙ୍କୁ ବାହାରକୁ ଯିବାକୁ ମନା କରିଛନ୍ତି, ତେଣୁ ତାଙ୍କୁ ଯାହା ଦରକାର ଚିଠା କରି ଦେଇଦେଲେ, ସେ ପୁଅ ହାତରେ ମଗେଇ ଦେବେ ।

ଅପଲକ ନୟନରେ ରଞ୍ଜିତା ଦେବୀଙ୍କ ମୁହଁକୁ ଚାହିଁ ରହିଥିଲା ରାଧା । ଆତ୍ମତୃପ୍ତିର ଦୀର୍ଘଶ୍ୱାସ ନେଉଥିଲେ ରଞ୍ଜିତା ଦେବୀ ।

ଆଲୋକ ନଗର ,ଆମ୍ବପୁଆ

ବ୍ରହ୍ମପୁର ,ଗଂଜାମ

ଭ୍ରାମ୍ୟଭାଷ - ୯୯୩୮୪୬୫୨୦୬

ଇମେଲ ଠିକଣା - sashisarojini1985@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅମୃତ ନା ବିଷ



ସରୋଜିନୀ ଦାସ

କଣ ଏତେ ନିଶା ଲାଗିଛି ଯେ ଅମୃତ ପରି ସେ ଜିନିଷଟା ପିଇ ଚାଲିଛ ? ହେଲେ ଆମ ପାଇଁ ତ ପୁରା ବିଷ ହୋଇ ଯାଇଛି । ଆମେ ମା ପୁଅ ତାକୁ ନ ପିଇଲେ ମଧ୍ୟ ତା ଚୋଟରେ ଆହତ ହେଉଛୁ । ଏମିତି ଚମ୍ପା ସବୁଦିନେ ରଘୁ ଉପରେ ପାଟି କରୁଥାଏ । ହେଲେ ରଘୁ କଣ ଶୁଣିବା ଲୋକ ? ସବୁଦିନ ରାତିରେ ପିଇକି ପୁରା ମାତଲ ହେଇ ଚମ୍ପାକୁ ଗାଳି ଗୁଲଜ କରେ । ଏହା ହେଉଛି ତାଙ୍କର ନୀତି ଦିନିଆ କଥା । ରଘୁ ଜାଣି ପାରୁନି ଅଜାଣତରେ କଣ ହରେଇ ବସେ । ସକାଳୁ ଉଠି ଅନୁତାପ କରେ, ହେଲେ ସନ୍ଧ୍ୟା ବେଳକୁ ପୁଣି ଯେଉଁ କଥାକୁ ସେଇ କଥା ।

କେଉଁ ଏକ ଅନାମଧେୟ ଗାଁର ଶେଷମୁଣ୍ଡରେ ଗୋଟିଏ ଛୋଟ ଘରେ ଚମ୍ପା ଓ ରଘୁ ତାଙ୍କ ପୁଅ ରବି ରହୁଥିଲେ । ଗରିବଙ୍କ ସୁଖ କଣ ବା ଦୁଃଖ କଣ । ଘର ଖଣ୍ଡେ ତ ଯାହା ଅଛି । କିନ୍ତୁ ଗୁଜୁରାଣ ମେଣ୍ଟାଇବାକୁ ରଘୁ ପରବିଲରେ କାମ କରି ଯାହା ଦି ପଇସା ଆଣେ, ଯେମିତି ସେମିତି କରି ପରିବାର ଚଳି ଯାଏ । ରଘୁ ବହୁତ ଶାନ୍ତ ସ୍ୱଭାବର ଲୋକଟା । ହେଲେ ରାତିରେ କଣ ହୁଏ, ଘରକୁ ଆସି ସ୍ତ୍ରୀଉପରେ ବକବକ ହୋଇ ଶୋଇଯାଏ । ରବି ସେତେବେଳକୁ ଜମା ୧୦ ବର୍ଷର ପିଲାଟେ, କଣ ବା କରିବ, ପାଠପଢା ତ ଦୂରର କଥା । ମା ତାର ଅସହାୟା, କଉଠୁ ବା

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

ପଇସା ଆଣିବ ପୁଅକୁ ପଢାଇବାକୁ । ମା ସବୁବେଳେ ଭାବୁଥାଏ କେମିତି କଣ କରିକି ପୁଅକୁ ବାହାରକୁ ପଠେଇଦବ । ଘରେ ରହିଲେ ସେ ନିଶ୍ଚୟ ତ ବାପା ପଦଚିହ୍ନରେ ଚାଲିବ । ସବୁବେଳେ ସିଏ ଭଗବାନଙ୍କୁ ଡାକୁଥାଏ । ସବୁଦିନେ ରାନ୍ଧିଲାବେଳେ ମୁଠିଏ ଚାଉଳ ବାହାରକରି ସଞ୍ଚି ରଖେ ଦରକାର ବେଳେ କାମରେ ଆସିବା ବୋଲି । ତାକୁ ବିକି ଅଳ୍ପ ପଇସା ଜମାକରି ରଖିଥାଏ ।

ଭଗବାନ ବୋଧେ ତା ଡାକ ଶୁଣିଲେ । ସେ ଗାଁର କିଛି ଲୋକ କାମଧନ୍ଦା ଖୋଜିବାକୁ ଦିଲ୍ଲୀ ଯାଉଥିଲେ । ଚମ୍ପା ଆଖିର ଲୁହକୁ ଓଠରେ ଚପାଇ ପାଖରେ ଥିବା ଯାହା ପଇସା ରଖିଥିଲା ରବି ହାତରେ ଦେଇ ତାକୁ ପଠାଇଦେଲା । ରବି ମଧ୍ୟ ଭାବେ ଯେ ବାପାଙ୍କ ପରି କେବେ ସେ ମଦ ଛୁଇଁବନି । କେମିତି ଟିକେ ତା ମା ମୁହଁରେ ହସଟିକେ ଫୁଟାଇ ପାରିବ, ରବି ସବୁବେଳେ ସେଇଆ ଭାବେ । ଛୋଟବେଳୁ ବାପାଙ୍କୁ ସବୁବେଳେ ମଦ ପିଇବା ଦେଖି ତାଙ୍କପ୍ରତି ରବିର ଘୃଣାଭାବ ଆସିଯାଇଛି । ତଥାପି ଦିଲ୍ଲୀ ଗଲାବେଳେ ବାପା ଓ ମା ଙ୍କୁ ଜୁହାରାହେଇ ଗଲା ।

ରବି  ସେଠାରେ ଚା ଦୋକାନରେ ଦିନ ମଜୁରୀଆ ଭାବରେ କାମ ପାଇଗଲା । ତାର କିଛି ଖାଇବା, ପିଇବା, ରହିବାରେ ଠିକ ନ ଥାଏ । ଏମିତି କିଛି ବର୍ଷ ବିତିଗଲା । ସେ ଯେଉଁ ବସ୍ତିରେ ଉଠାବସା କରୁଥିଲା, ସେଠାକାର ଲୋକମାନେ ତା ବାପା ପରି ଯେଉଁଠି ନାଇ ସେଠି ବେହୋସ ହୋଇ ପଡି ରୁହନ୍ତି ।  ଜିନିଷଟା ପ୍ରକୃତରେ ଅମୃତ ନା ବିଷ ଜାଣିବାକୁ ସେ ତାର ସ୍ୱାଦ ଚାଖିଲା । ତାକୁ ଏମିତି ସୁସ୍ୱାଦୁ ଲାଗିଲା ଯେ ସେ ମଧ୍ୟ ନପିଇ ରହି ପାରିଲାନି । ତାକୁ ସାଙ୍ଗସାଥି ମଧ୍ୟ ମିଳିଗଲେ ପିଇବାକୁ । ଅଧା ପଇସା ତାର ନିଶାପାଣିରେ ଉଡିଯାଏ । ହେଲେ ବୋଉ କଥା ମନେପଡିଲେ ମଝିରେ ମଝିରେ ଗାଁକୁ ଯାଇ ବୁଲିଆସେ ଆଉ ବୋଉ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାତରେ କିଛି ଟଙ୍କାପଇସା ଦିଏ । ହେଲେ ବୋଉ ଆଗରେ ତାର ଏ ପିଇବାଟା ଲୁଚି ରହିଲାନି । ଚମ୍ପା ଯାହାକୁ ଡରୁଥିଲା ସେଇଆ ହେଲା । ସେ ପୁଅର ହାତକୁ ଦି ହାତ କରିଦେଲେ ସୁଧୁରିଯିବ ବୋଲି ଭବିଲା । ସେ ସିନା ତା ସ୍ୱାମୀକୁ ପାରିଲାନି ! ହେଲେ ଦେଖାଯାଉ କଣ ଅଛି ତା ଭାଗ୍ୟରେ... ସ୍ୱମୀ, ପୁଣି ପୁଅ ?

ସେହି ଗାଁର ବାପଛେଉଣ୍ଡ ଝିଅ ରାଧା ସହିତ ରବିର ବାହାଘର ହୋଇଗଲା । ନାଁ ଟା ଯେମିତି ରାଧା, ସେମିତି ସ୍ନେହ, ମମତା ଆଉ ପ୍ରେମରେ ତାର ହୃଦୟ ଭରପୁର ଥିଲା । ବାହାଘର ପରେ ସେମାନେ ଦିଲ୍ଲୀ ଚାଲିଆସିଲେ । ରାଧା ରବିର ମଦନିଶା ଜାଣିବା ପରେ ତା ସ୍ୱାମୀଙ୍କୁ ଠିକ ବାଟକୁ ଆଣିବା ବୋଲି ସଂକଳ୍ପ ନେଲା । ରାଧା ତାର ପ୍ରେମବନ୍ଧନରେ ଏମିତି ବାନ୍ଧି ଦେଲା ଯେ ରବି ମଦକୁ ଧୀରେ ଧୀରେ ତୁଚ୍ଛ ମନେ କଲା । ପ୍ରଥମେ ପ୍ରଥମେ କଷ୍ଟ ଲାଗିଲା, ଏମିତି ଦିନ ଆସିଲା ଯେ ରବି ଆଉ ପଛକୁ ଫେରିଲାନି । ଖାଇବାକୁ ୨ଟା ପେଟ, କମାଇବାକୁ ଜଣେ, କେମିତି ଚଳିବେ ? ସେଥିରେ ପୁଣି ରହିବାକୁ ଘରଭଡା । ତେଣୁ ରାଧା କାମ କରିବ ବୋଲି ଭାବିଲା । ଶେଷରେ ଖୋଜିଖୋଜି କାମ ପାଇଗଲା । ଆଉ ଏତେ ପଇସାପତ୍ରରେ ଅଭାବ ରହିଲାନି । ଏ ସବୁଜାଣିଲା ପରେ ଚମ୍ପା ବହୁତ ଖୁସି ହେଲା ।

ସେମାନେ ବହୁତ ଖୁସିରେ ଥିଲେ । ରବି ଦିନ ମଜୁରିଆ ଭାବରେ ଯାହା ବି ପାଉଥିଲା, ସେଥିରେ ଘର ଚଳିଯାଉଥିଲା । ରାଧା ପରଘରେ କାମ କରି କିଛି କିଛି ଅର୍ଥ ପାଉଥିଲା । ବାହାହୋଇ ଚାରିବର୍ଷ ହେଇଗଲା, ଦିଲ୍ଲୀ ଭଳି ସହରରେ ସେ ଦୁହେଁ ଖୁସିରେ ଥିଲେ । ଯାହା ଅଭାବ ଥିଲା, ଘରେ ପିଲାଟିଏ ନଥିଲା । ତେଣେ ଗାଁରୁ ବାପମା' ବାରମ୍ବାର ପଚାରୁଥିଲେ, ପିଲାଝିଲା କିଛି କରିବନି କି ? ରାଧାକୁ ପିଲା କଥା କହିଲେ ସେ ଚିଡୁଥିଲା । ଦୁଇପ୍ରାଣୀ ଚଳିବା ବେଳକୁ କେତେ କଷ୍ଟ ଗାଁରେ ବାପାବୋଉ କେମିତି ଜାଣିବେ ? ପିଲଟେ ଆସିଲେ ତା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ କ୍ଷୀରଡବା, ଔଷଧ, ଖେଳଣା ସବୁ କିଣିବା କେମିତି ? ତାକୁ ରଖିବା କେଉଁଠି ? ରବି କହିଲା, "ତମେ ଗାଁକୁ ଚାଲିଯାଅ । ମୁଁ ଏଇଠି ରହି କମ କରିବି । ଗାଁରେ ଘର ଅଛି, ଖର୍ଚବାର୍ଚ ବି କମ ।" ରାଧା କିନ୍ତୁ ରାଜି ହେଉନଥିଲା । ସେ ଜାଣିଥିଲା, ସେ ଗାଁକୁ ଚାଲିଗଲେ, ରବି ପୁଣିଥରେ ସାଙ୍ଗସାଥିରେ ମାତି ମଦପିଇ ସବୁ ଟଙ୍କା ଉଡେଇ ଦେବ ।

ରାଧା ତା ପିଲାକୁ ସବୁ ଦେବାକୁ ଆଉ ସୁବିଧାରେ ରଖିବାକୁ ଚାହୁଁଥିଲା, ଯାହା ସେମାନେ ପାଇନାହାନ୍ତି । ତାକୁ ପାଠପଢାଇ ଭଲମଣିଷ କରିବାକୁ ସ୍ୱପ୍ନ ଦେଖୁଥିଲା । ସେଥିପାଇଁ ଢେର ଟଙ୍କା ଦରକାର । ସେ ଯଦି ଚାଲିଯାଏ ଗାଁକୁ, ତା ସ୍ୱପ୍ନ ସାକାର ହେବ କେମିତି ? ତେଣୁ କିଛି ଟଙ୍କା ସଞ୍ଚୟ କଲେ ଯାଇ ପିଲାପିଲି କଥା ଭାବିବ । ରାଧା ରବିକୁ ସବୁକଥା ବୁଝାଇ କହିଲା ।  ରବି କିନ୍ତୁ ବାପାବୋଉ କଥା ଭାବି ଚିନ୍ତିତ ରହୁଥିଲା । ରବି କହିଲା, "ବାପାବୋଉ ଆସି ବୁଢାବୁଢି ହେଲେଣି, ସେମାନେ କଣ ଏକୁଟିଆ ଚଳିପାରିବେ ? ତମେ ଗଲେ ଭଲ ହୁଅନ୍ତା ।" ରାଧା ଏସବୁ ଶୁଣି ଭବିଲା, ଏସବୁ ତା ମୁଣ୍ଡରେ ତ ଆସିନି ! ତେଣୁ ସେ କିଛି ଭାବି କହିଲା, "ଗାଁରେ କଣ ଅଛିଯେ ? ଯାହା ଘର ବଖରାଏ ଅଛି, ତାକୁ ବିକ୍ରିକରି ସେମାନଙ୍କୁ ଏଠାକୁ ନେଇଆସିବା । ବାପା ତ ସବୁ ପଇସା ମଦ ପିଇ ପିଇ ଉଡେଇଦେଲେ, ଏବେ ସେ ମଦ ପାଇଁ ରୋଗଗ୍ରସ୍ତ ବି ହେଲେଣି । ହେଲେ ଯାହା ଠିକ ଭାବୁଛ ସେଇଆ କର ।"

ରବିକୁ ବୋଧେ ରାଧା କଥା ଠିକ ଲାଗିଲା । ସେ ଯାଇ ବାପାବୋଉଙ୍କୁ ଦିଲ୍ଲୀ ନେଇଆସିଲା । ସେମାନେ ଭିଟାମାଟିକୁ ଛାଡି ଆସିବାକୁ ରାଜି ହେଉନଥିଲେ । ରବି ବହୁତ ବୁଝାଇ ସୁଝାଇ କହିଲା, "ଆମେ ତ ଆସିପାରୁନୁ, ଏ ବୟସରେ କେମିତି ଚଳିବ ? ଦେଖାଶୁଣା କିଏ କରିବ ? ଆମ ପାଖରେ ରହିଲେ କିଛି ଅସୁବିଧା ହେବନି । ତମ ବୋହୁ ତ ବହୁତ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭଲ । ଦେଖୁନ ମୋତେ କେମିତି ସେ ବାଟକୁ ନେଇଆସିଲା ! ଆଗକୁ ନାତି ନାତୁଣୀ ସହିତ ଖେଳିବନି କି ? ସେମାନେ ସବୁଶୁଣି ଭାବିଲେ ଏ ବୟସରେ ପିଲାମାନଙ୍କ ପାଖରେ ରହିବା ଭଲ । କଣ କେତେବେଳେ ହେବ କିଏ କହିପାରିବ ? ରାଧାବି ଖୁସି ହୋଇ ଶାଶୁଶଶୁରଙ୍କ ସେବାରେ ଲାଗିଗଲା । କିଛି ବର୍ଷ ପରେ ତାଙ୍କର ପିଲାଝିଲା ବି ହେଲେ । ପୁଅବୋହୁ, ନାତି ନାତୁଣୀଙ୍କ ସହିତ ଅତି ଆନନ୍ଦରେ ଦିନ କାଟିବାକୁ ଲାଗିଲେ । ରଘୁ ଆଉ ବେଶିଦିନ ବଞ୍ଚିଲାନି । ଯାହାକୁ ସେ ଅମୃତ ବୋଲି ଭାବି ପିଇଥିଲା, ସେ ବିଷ ପାଲଟି ତାକୁ ଗ୍ରାସ କଲା ! ପରିବାରର ସୁଖ ସେ ଉପଭୋଗ କରିପରିଲାନି । ଚମ୍ପା ଏବେ ପରିବାର ସହିତ ଖୁସିରେ ରହିଲା । ରବି ମନେମନେ ଜଗନ୍ନାଥଙ୍କୁ ମୁଣ୍ଡିଆ ପକାଇଲା ଆଉ ସବୁର ଶ୍ରେୟ ତା ସ୍ତ୍ରୀ ରାଧାକୁ ଦେଲା ।

ସରୋଜିନୀ ଦାସ
କଲ୍ପକ୍କମ, ତାମିଲନାଡୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମସୁଧା

କଅଁଳ ବୟସର ଅମାନିଆ ପ୍ରେମ ଦୁଇଟି ପ୍ରାଣୀଙ୍କୁ ଏମିତି ଏକ ରଜ୍ଜୁବଳେ ବାନ୍ଧିରଖିଛି ଯେ ଦୁହେଁ ଯେତେ ଦୁଃଖ କଷ୍ଟ ଆସିଲେ ବି ହସି ହସି ସବୁ ସହି ଯାଉଛନ୍ତି । କାହିଁ ରାଜାଘର ଝିଅ ରାଧା ଆଉ କାହିଁ ଗାଁର ମଳିମୁଣ୍ଡିଆ ରବି, କିନ୍ତୁ ଦୁହିଁଙ୍କ ପ୍ରେମ ଯେ ଚରମ ସୀମାରେ ପହଞ୍ଚି ସାରିଥାଏ ଏକଥା ଦୁଇ ଜଣଙ୍କ ପରିବାରକୁ ଅଛପା ନଥାଏ । ରାଧା ଛୋଟ ପିଲା, ଦଶମ ଶ୍ରେଣୀରେ ପଢେ । ଆଉ ରବି ଗାଁର ପିଲାମାନଙ୍କ ସହ ମିଶି ଗୁଲିଖଟି କରେ, ମଦ ଖାଏ, ପାଠ ପଢାରେ ଡୋରି ବାନ୍ଧି ଲଗାମ ଛଡ଼ା ହୋଇ ଗଳିକନ୍ଦି ବୁଲୁଥାଏ । ଏମିତି ବୁଲୁବୁଲୁ ତାର ନଜର ଲାଖିଯାଏ ରାଧା ଉପରେ । ସତରେ ନୂଆ କରି ଯୌବନକୁ ପାଇଥିବା ରାଧା କେତେ ସୁନ୍ଦରୀ, ଯିଏ ତାକୁ ଦେଖିବ ତା ମନ ଭରିଯିବ, ତା ଆଖି ପୁରିଯିବ । ପୁରିଲା ପୁରିଲା ବୟସର ଫାଶରେ କେତେ କେତେ ସଫଳ ବ୍ୟକ୍ତି ହାର ମାନିଛନ୍ତି ଆଉ ଏଇ ରବିଟା କୋଉ ବଡ଼ ବାବୁ କି ଯେ । ସ୍କୁଲର ବାର୍ଷିକ ଉତ୍ସବ ଦିନ ରବି ସାଙ୍ଗସାଥୀ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଯାଇଥାଏ ଆଉ ସେଇଠି ତାର ରାଧା ସଙ୍ଗେ ଦେଖା ଆଉ ପ୍ରଥମ ଦେଖାରୁ ଭାବ । ରାଧା ମଧ୍ୟ ରବିକୁ ଦେଖି ସ୍ତବ୍ଧ ହେଇଗଲା, ରବିର ବଳିଷ୍ଠ ଶରୀର ଆଉ କୁଞ୍ଚୁକୁଞ୍ଚିଆ କେଶ ରାଶି ତାର ଧବଳ ମୁହଁ ଉପରେ ଚନ୍ଦ୍ରମାର ଶୀତଳ ସାଙ୍ଗକୁ ଭାସ୍କରର ଉତ୍ତାପ ଭରିଦେଉଥିଲା ।



ଶୁଚିସ୍ମିତା ଗୌଡ଼

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଧା ବି ପ୍ରଥମ ଦେଖାରୁ ରବିକୁ ମନେ ମନେ ଭଲପାଇ ବସିଛି ।

ତାଙ୍କର ଏହି ପ୍ରେମ ଧୀରେ ଧୀରେ ଗଭୀର ହେବାରେ ଲାଗିଲା, ଦିନକୁ ଦିନ ଦୁହିଁଙ୍କ ମିଳାମିଶା ବଢ଼ିବାରେ ଲାଗିଲା । ଫଳ ସ୍ୱରୂପ କଥାଟା ଯାଇ ରାଧା ବାପାଙ୍କ କାନରେ ପଡ଼ିଲା । ରାଧା ବାପା ଏକଥା ଶୁଣି ରାଗ ତମତମ ହୋଇ ରବିକୁ ଭଡ଼ାଦିଆ ଗୁଣ୍ଡା ଲଗାଇ ମାଡ଼ ମଧ୍ୟ ମାରିଥିଲେ । ହେଲେ ତା'ପର ଅବସ୍ଥା ସମ୍ଭାଳେ କିଏ । ଅନ୍ୟପକ୍ଷରେ ରାଧା ନାବାଳିକା ଥିବାରୁ ଭଲ ଘର ଭଲ ବର ଦେଖି ତାର ବିବାହ କରାଇବା ବି ଏକ ରକମର ଅସମ୍ଭବ କଥା । ରବିର ବାପା ମା ଗରିବ ଲୋକ, ଦିନ ସାରା ମଜୁରୀ ଲାଗି ଦି ପଇସା ମିଳିଲେ ଚାଉଳ ଫୁଟେଇ ଖାଇବା କଥା, ତେଣୁ ଏତେ କଥାକୁ ବେଳ କାହିଁ । ଦିନ ପରେ ଦିନ ବିତିଚାଲୁଥାଏ ଓ ଦୁହିଁଙ୍କ ପ୍ରେମ ବଢ଼ିଚାଲିଥବାବେଳେ ଅକାଳ ଚଡକ ପରି ହଠାତ୍ ରାଧାର ବାପାଙ୍କ ମୃତ୍ୟୁ ଘଟିଲା । ଏକଲା ଝିଅକୁ ଧରି ରାଧାର ମା ଗାଁ ଛାଡି ଯାଇ ରାଧାର ମାମୁଁ ଘରେ ରହିଲେ । ହେଲେ କିଏ ଜାଣିଥିଲା ରାଧାର ମାମୁଁ ପୁଅ ଭାଇ ମୋହନର ରାଧା ଉପରେ ଆଖି ଅଛି ବୋଲି । ଦିନେ ଘରେ କିଏ ନଥିବାର ସୁଯୋଗ ନେଇ ମୋହନ ରାଧାକୁ ଜୋରଜବରଦସ୍ତି କରି ନିଜର କରିବାକୁ ଚେଷ୍ଟା କରୁଥିବା ସମୟରେ ରାଧାର ମା ସେଠି ପହଞ୍ଚି ଯାଇଥିଲେ । କିଛି ଗୋଟାଏ ଚିନ୍ତା କରି ପୁଣି ଗାଁକୁ ଫେରି ରାଧାକୁ ସେ ରବି ସହ ବାହା ଦେଇଥିଲେ । ତାପରଠାରୁ ରବି ନିଜ ଭବିଷ୍ୟତ ସଜାଡ଼ିବା ପାଇଁ ରାଧାକୁ ନେଇ ଦିଲ୍ଲୀ ଚାଲିଯାଇଛି ।

ସେମାନେ ବହୁତ ଖୁସିରେ ଥିଲେ । ରବି ଦିନ ମଜୁରିଆ ଭାବରେ ଯାହା ବି ପାଉଥିଲା, ସେଥିରେ ଘର ଚଳିଯାଉଥିଲା । ରାଧା ପରଘରେ କାମ କରି କିଛି କିଛି ଅର୍ଥ ପାଉଥିଲା । ବାହାହେଇ ଚାରିବର୍ଷ ହୋଇଗଲା, ଦିଲ୍ଲୀ ଭଳି ସହରରେ ସେ ଦୁହେଁ ଖୁସିରେ ଥିଲେ । ଯାହା ଅଭାବ ଥିଲା, ଘରେ ପିଲାଟିଏ ନଥିଲା । ତେଣେ ଗାଁରୁ ବାପା ମା ବାରମ୍ବାର ପଚାରୁଥିଲେ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପିଲାଝିଲା କିଛି କରିବନି କି ? ରାଧାକୁ ପିଲା କଥା କହିଲେ ସେ ଚିଡୁଥିଲା । ଦୁଇ ପ୍ରାଣୀ ଚଳିବା ବେଳକୁ କେତେ କଷ୍ଟ ଗାଁରେ ବାପାବୋଉ କେମିତି ଜାଣିବେ ? ପିଲାଟେ ଆସିଲେ ତା ପାଇଁ କ୍ଷୀରଡବା, ଔଷଧ, ଖେଳନା ସବୁ କିଣିବା କେମିତି ? ତାକୁ ରଖିବା କୋଉଠି ? ରବି କହିଲା, "ତମେ ଗାଁକୁ ଚାଲିଯାଅ । ମୁଁ ଏଇଠି ରହି କାମ କରିବି । ଗାଁରେ ଘର ଅଛି, ଖର୍ଚ୍ଚବାଛ ବି କମ୍ ।" ରାଧା କିନ୍ତୁ ରାଜି ହେଉନଥିଲା । ସେ ଜାଣିଥିଲା, ସେ ଗାଁକୁ ଚାଲିଗଲେ, ରବି ପୁଣିଥରେ ସାଙ୍ଗସାଥୀରେ ମାତି ମଦପିଇ ସବୁ ଟଙ୍କା ଉଡ଼େଇ ଦେବ ।

ରାଧାର ଆଖି ଲାଖି ଆସୁଥାଏ, ସଂଜ ନଇଁ ଆସୁଥାଏ, ଦିନ ଯାକର ଅକ୍ଲାନ୍ତ ପରିଶ୍ରମ ଉପହାର ସଦୃଶ ଦେହ କଷ୍ଟ ଭୁଲାଇବାକୁ ନିଦ୍ରା ବାଢିଦେଉଥାଏ । ରବିର ବାଟ ଚାହିଁ ଚାହିଁ ରାଧା କେତେବେଳୁ ଆଖି ବୁଜିସାରିଚି । ହଠାତ୍ ମଦ ବୋତଲ ଭଙ୍ଗା ଶବ୍ଦରେ ଚମକି ଉଠିଲା ରାଧା । ଏ କଣ ଯେଉଁ ରବି ସୁନ୍ଦର ଭବିଷ୍ୟତ ପାଇଁ ରାଧା ହାତ ଧରି ପୁରୁଣା ଆତ୍ମଛବିଟିକୁ ମାରିଦେଇ ଏଇ ଦିଲ୍ଲୀ ବାସିନ୍ଦା ହେଇଗଲା ସେ ଆଜି ପୁଣି ସେଇ ପୁରୁଣା ରବି କେମିତି ପାଲଟିଗଲା । ରାଧା କିଛି ବୁଝିବା ଆଗରୁ ରବି ତାର ଦୀର୍ଘଦିନ ଧରି ଛାତିତଳେ ଚାପି ରଖିଥିବା କୋହ ସବୁ ଅଜାଡି ଦେଲା । ସବୁ କୋହ ଠାରୁ ରାଧାକୁ ମା ନ ହେବା କଥା ଭାରି ବାଧିଲା । ହେଲେ ଏତେ ଦିନ ଧରି ମା ନ ହେବା କଣ ତାକୁ ସୁଖ ଦେଉଥିଲା, ଗାଁର ଲୋକମାନେ, ବାପାବୋଉ, ସାହିପଡିଶା ସମସ୍ତଙ୍କ ଟାହି ଟାପରା ଶୁଣି ମଧ୍ୟ ସେ ଭାଙ୍ଗିଯାଇନଥିଲା । ବରଂ ଯେବେ ଯେବେ ରବି ଛୁଆପିଲା କଥା କହେ ସେ ଅତି ସ୍ନେହରେ ତାକୁ ବୁଝାଇ ଦେଇଛି ଯେ ଯେବେ ସେମାନେ ଏହି ଦରିଦ୍ରତାଠାରୁ ମୁକୁଳିବେ ସେହିଦିନ ଯାଇ ଛୁଆଟିଏ ଘରକୁ ଆଣିବେ କାରଣ ସେହି ନିଷ୍ପାପ ନିରୀହ ଶିଶୁଟି ଯେପରି ଖୁସିରେ କାଳାତିପାତ କରିବ । ସେମାନଙ୍କ ପରି ଦୁନିଆର ନିଷ୍ଠୁର ସତ ସହ ସଂଗ୍ରାମ ନକରୁ । କିନ୍ତୁ ଆଜି ରବିର କଣ ହେଲା , କାହିଁକି ସେ ଏମିତି ହେଉଛି । ସେହି ଦିନ ରାତି ଯେ କେମିତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଟିଲା ସେ ବି ଜାଣେନା ।

ପରଦିନ ସକାଳୁ ରାଧା ଉଠିଲା ବେଳକୁ ରବି ଗୁମ୍ ହୋଇ ବସିରହିଛି । ରାତିର ନିଶା ଉତୁରିଯାଇଛି, ରବି ଖୁବ୍ ଗମ୍ଭୀର ଦେଖା ଯାଉଛି । ରାଧା ଧୀରେ ଯାଇ ରବିକୁ ନିଜ ଛାତି ଉପରକୁ ଆଉଜେଇ ଆଣିଲା । ପ୍ରେମ ଭରା କଣ୍ଠରେ ପଚାରିଲା, "ତମର କଣ ହେଇଛି ? କିଛି ଅସୁବିଧା ହେଇଛି କି ? ମତେ କାହିଁକି ବାରମ୍ବାର ଗାଁକୁ ପଠାଉଛ ?" ଉତ୍ତର ଦେବାକୁ ଯାଇ ରବି ପୁଣି ଥରେ ନୀରବ ରହିଲା । ଠିକ୍ ଏତିକି ବେଳେ ତାର ମୋହନ ଭାଇ ଆସି ଘରେ ପହଞ୍ଚିଗଲା । ମୋହନ ଭାଇକୁ ଦେଖି ରାଧା ଅବାକ୍ ହୋଇ ଚାହିଁ ରହିଲା । ରବି କହିଲା, "ରାଧା, ତୋ ବିନିମୟରେ ମୋହନ ଭାଇ ମତେ ଟଙ୍କା ଦେବ, ଆମର ପିଲାଝିଲା ତ କିଛି ହେଇନି, ତୁ ଏବେବି ସୁଖି ହେଇପାରିବୁ ଆଉ ମୁଁ କୁଆଡ଼େ ସେହି ଟଙ୍କାରେ ବାପାଙ୍କୁ ଭଲ କରିପାରିବି ଆଉ ମୋ ବୋଉ ପୁଣି ଥରେ ଦୁନିଆ ଦେଖିପାରିବ । ତୁ କହ ରାଧା ମୁଁ କଣ କରିବି ?" ଗାଁରେ ରହି ସାଙ୍ଗସାଥୀ ହୋଇ ବୁଲୁଥାଏ, ମୋ ବାପା ବୋଉ କେତେ ଯତ୍ନରେ ମତେ ବଡ଼ କରିଛନ୍ତି, ତାଙ୍କୁ ସୁଖି କରିପାରିଲିନି । ବାହା ହୋଇ ସ୍ତ୍ରୀକୁ ଭଲରେ ରଖିପାରିଲିନି, ଏତେ ଦିନ ଧରି ଛୁଆଟିଏ ପାଇପାରିଲିନି । ସବୁ ମାସରେ ଲଟେରୀ ଟଙ୍କା ବାନ୍ଧୁଛି କାଳେ ଭାଗ୍ୟ ବଦଳିଯିବ ବୋଲି ହେଲେ ଦଇବ ସେତିକି ବି ଦଉନି । ଜୀବନଟା ଅସହ୍ୟ ମନେହେଲାଣି । ଏତିକି ବେଳେ ମୋହନ ଆସି ରାଧା ପାଖେ ବସିଗଲା ଆଉ କହିଲା, "ଆସେ ରାଧା ତୋର ଯୌବନ ଏବେବି ରହିଛି ତୁ ବିବାହିତ ହେଲେବି ମୁଁ ତତେ ଗ୍ରହଣ କରିବି, ମୋ ମହଲରେ ତୁ ରାଣୀ ହୋଇ ରହିବୁ, ତୋର ବାପା ଚାଲିଯିବା ପରେ ତୋ ବୋଉ ବି ଆଖି ବୁଜିଲେ, ଦୁନିଆରେ ନିଜର କହିଲେ ଏଇ ରବି । ହେଲେ ସେ ଯେତେବେଳେ ତତେ ବିକ୍ରି କରିଦେଉଛି ତୁ ଆଉ କାହାକୁ ଅପେକ୍ଷା କରିବୁ ? ଆସେ ମୋ ସହ ମୋ ଘରେ ରହିବୁ ।" ରାଧା ଚିତ୍କାର କରି ଉଠିଲା । ନା ଏମିତି ହୋଇପାରିବ ନାହିଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ମୁଁ କେବଳ ରବିର, ମୋ ଜୀବନ ରବି ପାଇଁ ଉତ୍ସର୍ଗ ।" ଯଦି ଦରିଦ୍ରତା ଏତେ କରୁଣ ହୋଇପାରେ ତେବେ ରାଧା ବି ସେତିକି ଶକ୍ତ ହେବ । ସେ ବି ଦୁନିଆରେ ପାଞ୍ଚ ଜଣଙ୍କ ମଧ୍ୟରେ ଜଣେ ହୋଇ ବଞ୍ଚିବ । ସେ ଲଢିବ, ଆଉ ସେ ମାଆ ହେବ । ଜିତିବ ସେ, ହଁ ନିଶ୍ଚୟ ଜିତିବ । ମୋହନର ସମସ୍ତ ପ୍ରଲୋଭନ, ରବିର ସମସ୍ତ ଚେଷ୍ଟା ବୃଥା ଗଲା ।

ସେହିଦିନ ସଞ୍ଜବେଳେ ରାଧା ନିଜର ପଢା କାଗଜପତ୍ର ସବୁ ଓଲଟାଉଥିଲା, ସେ ଭିତରୁ ଏକ ମାନପତ୍ର ଖସି ଆସିଲା । ରାଧା ତାକୁ ହାତରେ ଟେକି ଧରି ଦେଖିଲା ଏ ତ ତାର ନୃତ୍ୟ ପ୍ରତିଯୋଗିତାର ବିଜୟୀ ମାନପତ୍ର । ରାଧାର ଆଖି ଉଜ୍ଜ୍ୱଳ ହେଲା । ତା ମନରେ ଏକ ନୂଆ ଆଶା ସଞ୍ଚାର ହେଲା । ସେହି କାଗଜଟିକୁ ଧରି ରାଧା ଖୁସିରେ ପାଖରେ ଥିବା ଏକ ନୃତ୍ୟ ଅନୁଷ୍ଠାନ ପାଖକୁ ଦୌଡ଼ିଗଲା । ଭିତରକୁ ଯିବାକୁ ତାର ପରିପାଟୀ ରୋକ ଲଗାଇବା ସତ୍ତ୍ୱେ ସେ କେଉଁ ଏକ ଅଜଣା ମନ୍ତ୍ରରେ ଦୀକ୍ଷିତ ହେଲାପରି ଅନୁଷ୍ଠାନ ଭିତରକୁ ଯନ୍ତ୍ରବତ୍ ଚାଲିଗଲା ।  ସେଠାରେ କେହି କିଛି ବୁଝିବା ଆଗରୁ ରାଧା ତାର ନୃତ୍ୟ ଆରମ୍ଭ କରିଚାଲିଲା । ସମସ୍ତେ ଅବାକ୍ ହୋଇ ରାଧା ଆଉ ତା ନୃତ୍ୟକୁ ଚାହିଁ ରହିଛନ୍ତି । ଠିକ୍ ଏତିକି ବେଳେ ସେହି ଅନୁଷ୍ଠାନର ମାଲିକ ଆସିବାରୁ ରାଧା ନିଜ ସାଙ୍ଗେ ଆଣିଥିବା ମାନପତ୍ରଟିକୁ ତାଙ୍କ ହାତକୁ ବଢାଇ ଦେଇ କହିଲା, "ମୁଝେ କାମ୍ ଚାହିୟେ ।" ଏକ ମୃଦୁ ହସର ଲହର ଖେଳାଇ ନିଜ ମାତୃଭାଷାରେ ଭଦ୍ର ବ୍ୟକ୍ତି ଜଣଙ୍କ କହିଲେ, "ପ୍ରତିଭା ପ୍ରଦର୍ଶନରେ ଜଣାପଡେ ଆଉ ଏଥିପାଇଁ  ତୁମର  ମାନପତ୍ର ଦେଖାଇବା କୌଣସି ଆବଶ୍ୟକତା ନାହିଁ । କୁହ ତୁମକୁ କେତେ ଟଙ୍କା ଦରମା ଆବଶ୍ୟକ ।" ରାଧା କଣ କହିବ ଭାବି ମାସକୁ ଦଶ ହଜାର ନେବି ବୋଲି କହିପକାଇ ଜିଭ କାମୁଡି ଦେଲା । କିନ୍ତୁ ଖୁସିର ସହ ମାଲିକ ଏହାକୁ ଗ୍ରହଣ କରିନେଲେ ।

ସେହି ଦିନ ରାତିରେ ପୁଣି ରବି ମଦ ପିଇ ମୋହନ ଭାଇ ସାଙ୍ଗେ ଆସିଛି । କିନ୍ତୁ ରବି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ମୋହନ ଭାଇର ମନୋଭାବ କିଛି ଅଲଗା ଲାଗୁଥିଲା । ରବିର ଅବସ୍ଥା ଦେଖି ରାଧା ଆଉ କିଛି ନକହି ପ୍ରଥମେ ମୋହନ ଭାଇକୁ ଗାଳି ଗୁଲଜ କରି ଘରୁ ବିଦା କଲା । ପରଦିନ ସକାଳେ ରବିକୁ ଏକଥା ବୁଝାଇ କହିବା ପରେ ରବି ଖୁସି ହେବ କି ନା ଭାବିପାରୁନଥିଲା । ରବି ମଧ୍ୟ ଆଉ ଏକ ଖୁସି ଖବର ନେଇ ଆସିଥିଲା । କହିଲା, "କାଲି ରାତିରେ ମୁଁ ଖୁସିରେ ଟିକେ ପିଇ ଦେଇଥିଲି, ଜାଣିଚୁ ରାଧା, ଭଗବାନ ଆମ ଡାକ ଶୁଣିଛନ୍ତି, ମୁଁ ଯୋ ସେଇ ଲଟେରୀ କରିନଥିଲି ସେଇଟା କାଲି ବାହାରିଲା । ପୁରା ପଚାଶ ହଜାର ଟଙ୍କା । ଆମ ଭାଗ୍ୟ ବଦଳିଯିବ । ମୁଁ ସେଇ ମୋହନ ଭାଇ ଆଗରେ କିଛି କହିପାରିଲିନି ।" ଏତକ କହି ଗ୍ଲାନି ଅବା ସନ୍ତୋଷରେ ରବି ଗୁମୁରି ଗୁମୁରି କାନ୍ଦି ଉଠିଲା । ରାଧାର କୋଳେ ମୁଣ୍ଡ ଥୋଇ ତାକୁ କ୍ଷମା ମାଗିବା ସହ କେତେ ସ୍ନେହ କଲା । ନିଜର ଭୁଲ ପାଇଁ ପଶ୍ଚାତାପ କରୁଥିଲା ସେ ।

ଏହା ପରେ ଦୁହେଁ ଅନେକ ସ୍ୱପ୍ନରେ ହଜିଗଲେ । ସେମାନଙ୍କ ଘର ହେବ, ପିଲଝିଲା ହେବ, ଜୀବନର ଶେଷ ସନ୍ତୋଷ ସେମାନେ ବାପାବୋଉ ହେବେ, ନିଜ ପରିବାରର ଦୁଃଖ ଦୂର କରିପାରିବେ । ଛୁଟିରେ ଗାଁକୁ ବୁଲିଯାଇ ପାରିବେ । ଏମିତି ସ୍ୱପ୍ନ ଦେଖୁ ଦେଖୁ ଦୁହେଁ ଦୁହିଁଙ୍କ ଭିତରେ ହଜିଯାଇଛନ୍ତି । ଚାରି ଚକ୍ଷୁ ଦୁଇ ହୃଦୟ, ଆତ୍ମାର ମିଳନ ଘଟିଛି । ଶାନ୍ତି, ତୃପ୍ତିରେ ଦୁହିଁଙ୍କ ଆଖି ଭିଜି ଯାଇଛି । ନୂଆ ଏକ ଜୀବନର ଅୟମାରମ୍ଭ ହୋଇଛି । ଅନେକ ଦିନ ପରେ ଦୁହେଁ ପୁଣି ସେହି ପ୍ରେମୀ ଯୁଗଳ ପାଲଟି ଯାଇଛନ୍ତି । ଉତ୍ତାଳ ପ୍ରେମବାରି ବହି ଯାଉଛି ଦୁହିଁଙ୍କ ତନୁ ମନ ଛୁଇଁ ।

ଶିକ୍ଷୟିତ୍ରୀ, ସ.ନୂ.ଉ.ପ୍ରା.ବିଦ୍ୟାଳୟ, ଲୁଚୁକିବାହାଲ

ଲୋଇସିଂହା, ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରାଧା

ରବି ଗାଆଁର ବାତରା ପିଲାମାନଙ୍କ ସହିତ ମିଶୁଥିଲା । ଦୁନିଆଁ ଯାକର କଳି ଝଗଡା ଆଣି ଘରେ ପୁରାଉଥିଲା । ଘରୁ ପଇସା ଚୋରି କରି ସାଙ୍ଗ ମାନଙ୍କ ସହିତ ପାର୍ଟି କରୁଥିଲା । ବାପା ତାର ବିଲରେ କାମ କରନ୍ତି ତାଙ୍କର ମଧ୍ୟ ମନଥାଏ ରବିଟା ଟିକେ ବିଲକୁ ଆସନ୍ତାକି, କାମରେ ଟିକେ ସାହାଯ୍ୟ କରନ୍ତାକି । କିନ୍ତୁ ରବିର ସେ ସବୁ ଚିନ୍ତା ନଥାଏ । ଘରକୁ ଆସି ତିନି ବଖତ ପେଟ ଭର୍ତ୍ତି ଖାଇବ । ବାକି ସମୟରେ ଯାଇ ଗାଆଁ ମୁଣ୍ଡ ପାନ ଦୋକାନ ପାଖରେ ବସିଥିବ ।

ଏମିତି କିଛିଦିନ ହେବାପରେ ବାପା ଭାବିଲେ ତାକୁ ସହରକୁ ପଠେଇଦେବେ । ଅବଶ୍ୟ ସେଠାରେ ଏମିତି ସାଙ୍ଗସାଥି ମିଳିବେନି ତାପରେ ଦିନ ଯାକ କାମଧନ୍ଦା କରିବ । ରାତିରେ ଥକା ହୋଇ ଶୋଇପଡିବ । ମୋ ପାଇଁ ନହେଲା ନାହିଁ ତା' ନିଜ ଜୀବନକୁ ସିଏ ସୁଧାରି ପାରିବ । ବହୁତ ଲୋକଙ୍କୁ କହିଲେ ଯେଉଁମାନେ ବାହାରେ ରହୁଥିଲେ ତାକୁ ଟିକେ ତାଙ୍କ ସାଥିରେ ନେଇଯିବା ପାଇଁ ।



ପ୍ରଶାନ୍ତ କୁମାର ନାଥ

ରବିର ପିଉସା ପୁଅ ଦିଲ୍ଲୀରେ ରହୁଥିଲା । ସେ ତାକୁ ତା ସାଙ୍ଗରେ ନେଇଗଲା । ସେଠାରେ ଏକ ଠିକାଦାର ପାଖରେ ଦିନ ମଜୁରିଆ ହିସାବରେ କାମ କଲା । ପାଠ ଶାଠ ପଢ଼ିନି, ଆଉ କେଉଁଠି କି କାମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବ । ବାପା ତାର ବହୁତ ଖୁସି ହୋଇଗଲେ । ମଝିରେ ମଝିରେ କିଛି ପଇସା ପଠାଉଥିଲା ମଧ୍ୟ । ବାପା ମନେ ମନେ ଭାବୁଥାନ୍ତି ଯାହା ହେଉ ଗୋଟେ ଚିନ୍ତା ଗଲା ଏଥର । ଅନ୍ତତଃ ନିଜ ଗୋଡ଼ରେ ନିଜେ ଠିଆ ହୋଇ ପାରୁଛି ।

କିଛିଦିନ ପରେ ବାପା ଭାବିଲେ ତାର ବାହାଘର କରିବା ପାଇଁ । ଗରିବ କୂଳରେ ଜନ୍ମ ହୋଇଥିବାରୁ ସେ ଏମିତି ଏକ ଝିଅ ଖୋଜୁଥିଲେ ଯିଏ ସବୁ ଅଭାବ ଅନାଟନକୁ ସହ୍ୟ କରି ଦୁଃଖ କଷ୍ଟରେ ସାଥି ହୋଇ ଚଳି ପାରିବ । କିଛି ଯୌତୁକ ଚାହୁଁନଥିଲେ ସେଥିପ୍ରତି ତାଙ୍କର ଲୋଭ ନଥିଲା ମଧ୍ୟ । ସେ ଏତିକି ଜାଣିଥିଲେ ଜଣେ ଗରିବ ହିଁ ଗରିବର ଦୁଃଖ ବୁଝି ପାରିବ । ଶେଷରେ ତାଙ୍କୁ ଏମିତି ଏକ ପ୍ରସ୍ତାବ ମିଳିଥିଲା ଝିଅଟିର ନା ଥିଲା ରାଧା ଦେଖିବାକୁ ବହୁତ ସୁନ୍ଦର ପିଲାଟି ବେଳରୁ ବାପ ଛେଉଣ୍ଡ ଥିଲା । ମା' ତାର ଯିଆ ତା ଘରେ କାମ କରି ତାକୁ ବଡ କରାଇଛନ୍ତି । କିଛି ନଭାବି ନିଜ ପୁଅ ପାଇଁ ତାକୁ ଠିକ କରିନେଲେ ।

ଦିନ ବାର ଧାର୍ଯ୍ୟ କରି ଏକ ମନ୍ଦିରରେ ପୁଅର ବାହାଘର କରାଇଦେଲେ । ବାହାଘରର ଆଠଦିନ ପରେ ପୁଅ ବାହାରିଲା ଦିଲ୍ଲୀ ଯିବାପାଇଁ । ଘର ଲୋକ ଏହାର କାରଣ ଜାଣି ପାରୁନଥିଲେ । ଆଜିକାଲି ପିଲାମାନେ ବାହାହେଲେ ଘର ଛାଡ଼ି ଯିବାପାଇଁ ବାହାରୁ ନଥିବା ବେଳେ ରବି ଯିବା ପାଇଁ ଏତେ ବ୍ୟଗ୍ର କାହିଁକି । ତଥାପି ତା'ର କିଛି କାରଣ ନଖୋଜି ବାପା ମାଆ କହିଲେ ହଉ ଏବେ ଏବେ ବାହାଘର ହୋଇଛି ଯଦି ଯାଉଛୁ ସାଙ୍ଗରେ ବୋହୂକୁ ମଧ୍ୟ ନେଇଯା' । ପ୍ରଥମେ ରାଜି ହେଉନଥିଲା ନାନା ଆଳ ଦେଖେଇ ମନା କରୁଥିଲା କିନ୍ତୁ ବାପା ମାଆ ବାଧ୍ୟ କରିବାରୁ ସାଙ୍ଗରେ ନେଇ ଯାଇଥିଲା ରାଧାକୁ ।

କିନ୍ତୁ ବହାରକୁ ରବି ଯାହା ଦେଖା ଯାଉଥିଲା ସେମିତି ନଥିଲା ସେ । ସେଠି ଯାଇ ପହଁଚିଲା ପରେ ରବି ପ୍ରଥମେ ସାଙ୍ଗ ମାନଙ୍କ ସହିତ ରହୁଥିବା ଘରକୁ ନେଇଯାଇଥିଲା । ସେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘର ଖଣ୍ଡିକରେ ଯୁଆଡେ ଚାହିଁଲେ ଖାଲି ମଦ ବୋତଲ ହିଁ ଦେଖା ଯାଉଥିଲା । ମଦ ଗନ୍ଧରେ ନାକ ଫାଟି ଯାଉଥାଏ । ଦୁଇ ତିନି ଜଣ ସାଙ୍ଗ ମଦପିଇ ଚୂର୍ ହୋଇ ରହିଥିଲେ । ରବି କହିବା ଦ୍ୱାରା ସେମାନେ ନିଜ କାର୍ଯ୍ୟରେ ଲାଗି ପଡିଲେ । ଯାହା ହେଉ ସେମାନଙ୍କ ଉଦ୍ୟମରେ ଏକ ଛୋଟ ଘର ମିଳି ଯାଇଥିଲା ତାଙ୍କୁ । ସେହି ଘରେ ରବି ଆଉ ତା ସ୍ତ୍ରୀ ଦୁହେଁ ରହିଲେ ।

ଅବଶ୍ୟ ସେମାନେ ମଝିରେ ମଝିରେ ଯାଇ ଘର ଆଡୁ ବୁଲି ଆସନ୍ତି । ବାହାଘରକୁ ଚାରି ବର୍ଷ ପୁରି ସାରିଥିଲା ।

ସେମାନେ ବହୁତ ଖୁସିରେ ଥିଲେ । ରବି ଦିନ ମଜୁରିଆ ହିସାବରେ ଯାହାବି ପାଉଥିଲା, ସେଥିରେ ଘର ଚଳି ଯାଉଥିଲା । ରାଧା ପର ଘରେ କାମ କରି କିଛି କିଛି ଅର୍ଥ ପାଉଥିଲା । ବାହାହେଇ ଚାରିବର୍ଷ ହେଇଗଲା, ଦିଲ୍ଲୀ ଭଳି ସହରରେ ସେ ଦୁହେଁ ଖୁସିରେ ଥିଲେ । ଯାହା ଅଭାବ ଥିଲା, ଘରେ ପିଲାଟିଏ ନଥିଲା । ତେଣେ ଗାଆଁରୁ ବାପାମା' ବାରମ୍ବାର ପଚାରୁଥିଲେ, ପିଲାପିଲି କିଛି କରିବନିକି ? ରାଧାକୁ ପିଲାକଥା କହିଲେ ସେ ଚିଡୁଥିଲା । ଦୁଇ ପ୍ରାଣୀ ଚଳିବା ବେଳକୁ କେତେ କଷ୍ଟ । ଗାଁରେ ବାପାମା' କେମିତି ଜାଣିବେ ? ପିଲାଟେ ଆସିଲେ ତାପାଇଁ କ୍ଷୀରଡବା,ଔଷଧ, ଖେଳନା ସବୁ କିଣିବା କେମିତି ? ତାକୁ ରଖିବା କୋଉଠି ? ରବି କହିଲା, “ତୁମେ ଗାଁକୁ ଚାଲିଯାଅ । ମୁଁ ଏଇଠି କାମ କରିବି । ଗାଁରେ ଘର ଅଛି ଖର୍ଚ୍ଚବାର୍ଚ୍ଚ ବି କମ ।” ରାଧା କିନ୍ତୁ ରାଜି ହେଉନଥିଲା । ସେ ଜାଣିଥିଲା, ସେ ଗାଁକୁ ଚାଲିଗଲେ, ରବି ପୁଣି ଥରେ ସାଙ୍ଗ ସାଥିରେ ମାତି ମଦ ପିଇ ସବୁ ଟଙ୍କା ଉଡେଇ ଦେବ । ବହୁତ ଚେଷ୍ଟା କରି, କେତେ ରାଣ ନିୟମ ଦେଇ ଏବେ ଏବେ ତ ନିଶା ଛାଡେଇଥିଲା ତା ପାଖରୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଧା କଣ କରିବ କିଛି ଚିନ୍ତା କରି ପାରୁନଥାଏ । ସେପଟେ ଗାଁରେ ବାପାମା' ରହିଛନ୍ତି । ସେମାନଙ୍କର ମଧ୍ୟ ବୟସ ହୋଇଗଲାଣି । ଏହି ସମୟରେ ସେମାନଙ୍କ ପାଖରେ ରହିବା ନିହାତି ଆବଶ୍ୟକ । ସେପଟେ ସବୁ ବାପାମା'ଙ୍କର ଇଚ୍ଛାଥାଏ ନାତି ନାତୁଣୀଙ୍କୁ ଟିକେ ଧରିବା ସେମାନଙ୍କ ସହିତ ଟିକେ ଖେଳିବା ସେ ସୁଯୋଗ ମଧ୍ୟ ସେମାନେ ପାଇ ପାରିଲେନି ।

ରାଧାକୁ କିଛି ଭଲ ଲାଗୁନଥାଏ । ରାଧା ଯେତେବେଳେ ପରଘରକୁ କାମ ପାଇଁ ଯାଏ ସେମାନଙ୍କ କୁନି କୁନି ପିଲାମାନଙ୍କୁ ଦେଖି ତାର ମଧ୍ୟ ଇଛା ହୁଏ ଏମିତି ନିଜର ପିଲାକୁ କୋଳରେ ଧରିବାକୁ ତା ପାଖରୁ ମା' ମା' ଡାକ ଶୁଣିବାକୁ । ରବି ତ ମଧ୍ୟ ସେହି ଇଚ୍ଛା । ବହୁତ ଥର କହିଲାନି ଆମର ଆଉ କେବେ ପିଲାପିଲି ହେବ । କିନ୍ତୁ ପରିସ୍ଥିତିକୁ ଦେଖି ରାଧା ସବୁ କଷ୍ଟକୁ ଛାତିତଳେ ଚାପି ସବୁକଥା ଶୁଣି ସେମିତି ରହିଯାଏ । କିନ୍ତୁ ଆଉ ନୁହେଁ କେତେଦିନ ଆଉ ସେମସ୍ତଙ୍କ ଆଶା ଓ ଭରସାକୁ ଏମିତି ଜଳାଞ୍ଜଳି ଦେବ ସେ ।

ଆଜି ଯେତେବେଳେ କାମ କରିବା ପାଇଁ ସେ ପ୍ରଧାନ ଘରକୁ ଯାଇଥିଲା । ତାଙ୍କ ପୁଅ କହିଲା ଆଣ୍ଟି ଆପଣଙ୍କ ପୁଅକୁ ସାଙ୍ଗରେ ଟିକେ ନେଇ ଆସନ୍ତୁନି, ଆମେ ସାଙ୍ଗ ହୋଇ ଖେଳାନ୍ତୁ । ରାଧାର ଆଖିରେ ଲୁହ ଆସିଯାଇଥିଲା ଆଉ ସେ ସ୍ଥିର କରିଥିଲା ଯେ ନା ଆଉ ନୁହେଁ, କେତେଦିନ ଆଉ ଏମିତି ନିଜର ଭିଟାମାଟି ଠାରୁ ଦୁରେ ରହିଥିବ । ଏଥର ସେ ଗାଁକୁ ଚାଲିଯିବ । ନିଜର ସନ୍ତାନକୁ ନିଜ କୋଳରେ ଧରିବା ସୁଖ ଅନୁଭବ କରିବ । ମା ହେବାର ଗୌରବ ଲାଭ କରିବ । ନା ଆଉ ଅପେକ୍ଷା କରି ପାରିବନି ସେ ।

ସେଦିନ ରବି ଫେରିବା ଆଗରୁ ରାଧା ନିଜ ଦେହକୁ ସଜେଇ ଅପେକ୍ଷା କରି ରହିଥିଲା । ବାରମ୍ବାର ଆଇନାରେ ନିଜର ଚେହେରା ଦେଖୁଥିଲା । ଆଉ ଏକ ନୂତନ ସୃଷ୍ଟିର ଆଶା ନେଇ ବାରମ୍ବାର ବିଛଣାକୁ ସଜାଡି ନେଉଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏମିତି ଏକ ଅଜଣା ଖୁସିରେ ଉତ୍‌ଫୁଲିତ ହେଇ ଉଠୁଥିବା ବେଳେ ତାର ଏହି ଖୁସିର ଆକାଶକୁ କଳାବାଦଲ ଢାଙ୍କି ଦେଇଥିଲା । ରବିର ସାଙ୍ଗ ଆସି କହିଲା ରବି ହଠାତ ଅସୁସ୍ଥ ହୋଇ ପଡିବାରୁ ତାକୁ ଡାକ୍ତରଖାନା ନେଇ ଯାଇଥିଲୁ । ଡାକ୍ତର କହିଲେ ତାର କିଡ଼ନୀ ନଷ୍ଟ ହୋଇ ଯାଇଛି । ଅତ୍ୟଧିକ ମଦ୍ୟପାନ କରିବା ଦ୍ୱାରା ତାର ଆଜି ଏ ଅବସ୍ଥା । ନିମିଷକେ ରାଧାର ସବୁ ଖୁସି ପାଣିଫୋଟକା ପରି ମିଳେଇ ଯାଇଥିଲା ।

ଆଉ ଧାଇଁ ଯାଇଥିଲା ଡାକ୍ତରଖାନା ଆଡେ । ଆଉ ଭାବୁଥିଲା ମଦ୍ୟପାନ କରିବା ଦ୍ୱାରା କଣ ମିଳୁଛି ଏମାନଙ୍କୁ । ଗୋଟିଏ ରାଧା ନୁହେଁ ଏଥିପାଇଁ ଶହ ଶହ ରାଧା ନିଜର ସମସ୍ତ ହସଖୁସିକୁ ହରେଇ ବସୁଛନ୍ତି । କେବେ ଆସିବ ଏମାନଙ୍କ ମାନସିକତାରେ ପରିବର୍ତ୍ତନ । କେବେ ସୁଧୁରିବ ଆମ ଏ ସମାଜ ?

ବାଙ୍ଗାଲୋର ମୋ-୦୮୮୯୭୩୦୧୧୪୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦୁଃଖର ଦୁଆରେ ଏ କି ଖୁସି

ରବିର ସେଦିନ କଥା ଏବେବି ତା ହୃଦୟରେ ଦାଉ ଦାଉ ହୋଇ ଜଳୁଛି, ସତ ଚେଷ୍ଟା ପରେ ବି ଲିଭେଇ ପାରୁନି ତା ଅନ୍ତରରୁ ସେ ବେଦନାକୁ । ଆଖି ସାମ୍ନାରେ ବାପା ମା'ଙ୍କପ୍ରତି ଗାଁ ବାଲାଙ୍କର ନୃଶଂସ ବ୍ୟବହାର ସତେଜ ହୋଇ ଉଠୁଛି ତା ଆଖି ଆଗରେ ।

କଣ ଭୁଲ ଥିଲା ରବିର ? ଏଇ ଟିକେ ଦୁଷ୍ଟାମୀ ! ଆକୁ ମାରେ ତାକୁ ମାରେ, ଆ ସହିତ ଲାଗେ ତା ସହିତ ଲାଗେ, ଏହିପରି ଟିକେ କଳି ଝଗଡା ତ' ନା ଆଉ କିଛି ? ଗାଁର ପିଲା ଏହାଠାରୁ ଆଉ କଣ ବା କରନ୍ତି ! ହେଲେ ଏଥିରେ ରବିକି କଣ ପାଇଁ ଆଘାତ ଲାଗିଲା ? ଆଉ କଣ ପାଇଁ ସେ ଆଜି ଏତେ ବ୍ୟସ୍ତ ବିବ୍ରତ ?

ନାଇଁ ଆଜ୍ଞା କଥା ତା ନୁହେଁ ! କଥାଟା ହେଉଛି ଏହିପରି । ଯୋଉ କଥାଟାକୁ ରବି କେବେବି ମନରୁ ଦୁରେଇ ପାରୁନି ।



ସୂର୍ଯ୍ୟକାନ୍ତ ମଲ୍ଲିକ

ରବି ଗାଁର ଗୋଟେ ବହୁତ ଭଲ ପିଲା ଅଳ୍ପ ବହୁତେ କିଛି ପାଠ ମଧ୍ୟ ପଢିଛି । ରବିର ଗାଁ ଲୋକଙ୍କ ପ୍ରତି ବହୁତ ସମ୍ମାନ । ଆଉ ଗାଁ ଲୋକବି ରବିକୁ ବହୁତ ଭଲ ପା'ନ୍ତି । ଯାହାର ଯେଉଁ ଅସୁବିଧା ହେଲେବି ରବି ସମସ୍ତଙ୍କ ପାଖରେ ଛିଡା ହୋଇଥାଏ, ସେ ଛୋଟ ହୋଉ କି ବଡ । ଯେ କୌଣସି ବିପଦ ଆସିଲେ ରବି ଆଗତୁରିଆ ଆଗକୁ ବାହାରିଯାଏ ଆଉ ସମସ୍ତଙ୍କ ମନରେ ସାହସର ପ୍ରତି ଛବି ଆଙ୍କି ଦିଏ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରବିର ପରିବାର କହିଲେ ଘରେ କେବଳ ବାପା ମା ଆଉ ରବି । ବାପା ବୁଢ଼ା ହେବାରୁ କାମ ଧନ୍ଦା ଅଧିକ କରି ପାରୁନଥାଏ, ଆଉ ବୁଡି ମା', ସେ'ବା କୋଉଠୁ କେତେ ଆଣିବ ! "ଏଇ ମିଳି ମିଳି ଭତ୍ତା ମାସକୁ ପାଞ୍ଚଶହ ଟଙ୍କା" । ଅବଶ୍ୟ ରବି କୋଉଠୁ ନା କୋଉଠୁ ଠୁକୁରୁ ମୁକୁରୁ କରି ନିଜ ଖର୍ଚ୍ଚ ଚଳେଇ ଦିଏ । କିନ୍ତୁ ନିଜ ଗାଁ ଛାଡି କୁଆଡେ ଯିବାକୁ ଚାହିଁନାଇଁ । ସବୁବେଳେ ଗାଁରେ ରହି ଗାଁ ପିଲାଙ୍କ ସହିତ ଖୁସିରେ ରହିବାକୁ ବୋଧେ ନିଷ୍ପତି ନେଇଛି ।

ହେଲେ ଆଜି ତାର ସେ ଇଚ୍ଛା ଆଉ ଇଚ୍ଛା ହୋଇକି ନାଇଁ । ଯୋଉ କାମ କେବେବି କରିବନି ବୋଲି ଭାବିଥିଲା ହେଲେ ଆଜି ତା ସହିତ ସେଇଆହିଁ ଘଟି ଯାଇଛି । ସେ ଏବେ ଗାଁ ଛାଡି ଦିଲ୍ଲୀ ସହରରେ ରହୁଛି ।

ଗାଁ ସେଇ ପିଲା ରବି, ଯିଏ ଗାଁ ପ୍ରତି ନିଜ ଜୀବନକୁ ବାଜି ଲଗାଇବାକୁ ପଛାଉ ନଥିଲା । ଯିଏ ଗାଁ ଙ୍କୁ ନେଇ ଦେଖିଥିଲା ଅନେକ ସ୍ୱପ୍ନ । ହେଲେ ଆଜି ସିଏ ଗାଁ ଠାରୁ ବହୁତ ଦୂରେ । ଏହାର କାରଣ ହେଉଛି ପ୍ରେମ ! ହଁ ପ୍ରେମ ।

ରବି ଯଦିଓ ଗାଁର ସବୁଠୁ ଭଲ ପିଲା ଥିଲା ଆଉ ସମସ୍ତଙ୍କର ବିଶ୍ୱସ୍ତ ଥିଲା । କିନ୍ତୁ ତା'ରି ଭିତରେ ଗୋଟିଏ ଭୁଲ କରିଥିଲା ତା ହେଉଛି ପ୍ରେମ !

ରବି ସେଇ ଗାଁର ସୁନ୍ଦରୀ ନାମୀ ଗୋଟେ ଝିଅକୁ ଭଲ ପାଉଥିଲା । ଖାଲି ଭଲପାଉ ନଥିଲା ଜୀବନଠୁ ଅଧିକ ଭଲ ପାଉଥିଲା । ଆଉ ତା ପାଇଁ କିଛିବି କରିପାରିବ ବୋଲି କଥା ଦେଇଥିଲା ସୁନ୍ଦରୀକୁ । ଆଉ ଯେଉଁଥି ପାଇଁ ଆଜି ସେ ଯନ୍ତ୍ରଣାର ନଦୀରେ ଛିଡା ହୋଇଛି । କାଇଁକିନା ସତ କେବେ ଲୁଚିକି ରହେନି । ରବି ଆଉ ସୁନ୍ଦରୀ କଥା ଗାଁ ସାରା ଡୁଙ୍ଗୁରା ବାଜିଲା । ଏ କଥା ରବି ଆଉ ସୁନ୍ଦରୀ ପରିବାର ମଧ୍ୟ ଜାଣିଲେ । ଶେଷରେ ଗାଁ ଲୋକଙ୍କ ଧିକାର ନ ସହି ପାରି ସୁନ୍ଦରୀ ସବୁଦିନ ପାଇଁ ରବିକୁ ଛାଡି ଚାଲିଗଲା । ଗଲା ବେଳେ ରବିକୁ କହିଯାଇଥିଲା "ତୁମେ ମତେ ଭୁଲିଯିବ ! ତୁମ ଜୀବନରେ ହୁଏତ ମୋ ପାଇଁ ସ୍ଥାନ ନଥିଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିନ୍ତୁ ସେଇ ଶୂନ୍ୟ ସ୍ଥାନକୁ ପୁରଣ କରିବା ପାଇଁ ତୁମେ ଆଉ କାହାର ହାତ ଧରି ସୁଖରେ ରହିବ କଥା ଦିଅ !"

ନିଜ ପ୍ରେମକୁ ପାଇଲାନି ସତ, ହେଲେ ପ୍ରେମିକାର ବଚନକୁ ପାଳନ କରିବାକୁ ଯାଇ ନିଜ ମନରେ ନିଆଁ ଲାଗି ଯାଉଥିଲେ ବି ରାଧା ନାମୀ ଏକ ଝିଅକୁ ବିବାହ କରି, ଯୋଉ ଗାଁକୁ ଜୀବନ ଦେଇ ଭଲ ପାଉଥିଲା ସେଇ ଗାଁଠାରୁ  ସବୁଦିନ ପାଇଁ ଦୁରେଇଗଲା । ଆଉ ସୁନ୍ଦରୀ ସ୍ମୃତିକୁ ଭୁଲିବା ପାଇଁ ସବୁବେଳେ ନିଶାରେ ରହି ଟଙ୍କା ନଷ୍ଟ କରୁଥିଲା ।

ଦିଲ୍ଲୀ ସହରରେ ସେମାନେ ବହୁତ ଖୁସିରେ ଥିଲେ । ରବି ଦିନ ମଜୁରିଆ ଭାବରେ ଯାହାବି ପାଉଥିଲା ସେଥିରେ ଘର ଚଳିଯାଉଥିଲା, ରାଧା ପର ଘରେ କାମ କରି କିଛି କିଛି ଅର୍ଥ ପାଉଥିଲା, ବାହା ହୋଇ ଚାରି ବର୍ଷ ହୋଇଗଲା ଦିଲ୍ଲୀଭଳି ସହରରେ ସେ ସେ ଦୁହେଁ ଖୁସିରେ ଥିଲେ । ଯାହା ଅଭାବ ଥିଲା, ଘରେ ପିଲାଟିଏ ନଥିଲା । ତେଣେ ଗାଁରୁ ବାପାମା' ବାରମ୍ବାର ପଚାରୁଥିଲେ,  ପିଲାଝିଲା କିଛି କରିବନି କି  ?  ରଧାକୁ ପିଲା କଥା କହିଲେ ସେ ଚିଡୁଥିଲା । ଦୁଇପ୍ରାଣୀ ଚାଲିବାକୁ କେତେ କଷ୍ଟ ଗାଁରେ ବାପା ବୋଉ କେମିତି ଜାଣିବେ  ? ପିଲାଟେ ଆସିଲେ ତାପାଇଁ କ୍ଷୀର ଡବା, ଔଷଧ, ଖେଳନା ସବୁ କିଣିବା କେମିତି  ?  ତାକୁ ରଖିବା କୋଉଠି  ?  ରବି କହିଲା "ତମେ ଗାଁକୁ ଚାଲି ଯାଅ । ମୁଁ ଏଇଠି ରହି କାମ କରିବି । ଗାଁରେ ଘର ଅଛି, ଖର୍ଚ୍ଚ ବି କମ "। ରାଧା କିନ୍ତୁ ରାଜି ହେଉନଥିଲା । ସେ ଜାଣିଥିଲା, ସେ ଗାଁକୁ ଚାଲି ଗଲେ ରବି ପୁଣି ଥରେ ସାଙ୍ଗସାଥିରେ ମାତି ମଦପିଇ ସବୁ ଟଙ୍କା ଉଡାଇଦେବ । ସେଥିପାଇଁ ରବିକୁ ଛାଡି ଯିବା ପାଇଁ ଇଚ୍ଛା କରୁନଥିବା ରାଧା ଆଜି ସବୁଦିନ ପାଇଁ ଛାଡିଚାଲି ଯାଇଛି । ଆଉ ଛାଡି ଯାଇଛି ରବି ପାଖରେ ତା'ର  ପୁଅ ସିଧୁକୁ ରବି ପାଖରେ ସବୁଦିନ ପାଇଁ ସ୍ମୃତି କରି ।

ଘଣ୍ଟ ପଦା, କେନ୍ଦ୍ରାପଡ଼ା )

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସନ୍ତାନ

ଆଷାଢର ବିବାହ ତିଥିରେ ରବି ଓ ରାଧା ବିବାହ କଲେ । ରବି ସୋମନାଥପୁରର ରାମ ଜେନାଙ୍କ ପୁଅ ଏବଂ ରାଧା ବି ସେହି ଗ୍ରାମର ଝିଅ ଥିଲା । ରବି ଗ୍ରାମରେ ଥିବା ବିଲରେ କାମ କରେ ଓ ସାଙ୍ଗମାନଙ୍କ ସହ ମିଶି ଖଟି କରେ ଓ ମଦ୍ୟପାନ କରେ । ରବି ବିବାହ ପରେ ବି ମଦ ପାଣିରେ ଅତ୍ୟାଧିକ ଟଙ୍କା ଖର୍ଚ୍ଚ କରେ କିନ୍ତୁ ରାଧାର ତାଗିଦ୍ ଫଳରେ ରବି ଠିକ୍ ରାସ୍ତାକୁ ଆସିଲା । ଏବଂ ଦୁହେଁ ବିବାହ ପରେ ପରେ ଗ୍ରାମରୁ ରାଜଧାନୀ ଦିଲ୍ଲୀ ଚାଲି ଆସିଲେ । ଗ୍ରାମରେ ବାପା, ବୋଉଙ୍କ ଖର୍ଚ୍ଚ ଓ ସାନ ଭାଇର ପଢାଖର୍ଚ୍ଚ ଏବଂ ସମସ୍ତ ଯାବତୀୟ ଖର୍ଚ୍ଚ ଏବଂ ନିଜର କୁଟୁମ୍ବ ପୋଷିବା ପାଇଁ ଦୁହେଁ ଏହି ନିଷ୍ପତ୍ତି ନେଇଥିଲେ ।



ବାଦଲ ମହାରଣା

ସେମାନେ ବହୁତ ଖୁସିରେ ଥିଲେ । ରବି ଦିନମଜୁରିଆ ଭାବରେ ଯାହା ବି ପାଉଥିଲା, ସେଥିରେ ଘର ଚଳିଯାଉଥିଲା । ରାଧା ପରଘରେ କାମ କରି କିଛି କିଛି ଅର୍ଥ ପାଉଥିଲା । ବାହାହେଇ ଚାରିବର୍ଷ ହେଇଗଲା, ଦିଲ୍ଲୀ ଭଳି ସହରରେ ସେ ଦୁହେଁ ଖୁସିରେ ଥିଲେ । ଯାହା ଅଭାବଥିଲା, ଘରେ ପିଲାଟିଏ ନଥିଲା । ତେଣେ ଗାଁରୁ ବାପାମା' ବାରମ୍ବାର ପଚାରୁଥିଲେ, ପିଲାଝିଲା କିଛି କରିବନି କି ? ରାଧାକୁ ପିଲା କଥା କହିଲେ ସେ ଚିଡୁଥିଲା । ଦୁଇପ୍ରାଣୀ ଚଳିବା ବେଳକୁ କେତେ କଷ୍ଟ ଗାଁରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାପାବୋଉ କେମିତି ଜାଣିବେ ? ପିଲାଟେ ଆସିଲେ ତା ପାଇଁ କ୍ଷୀରଡବା, ଔଷଧ, ଖେଳନା ସବୁ କିଣିବା କେମିତି ? ତାକୁ ରଖିବା କୋଉଠି ? ରବି କହିଲା, "ତମେ ଗାଁକୁ ଚାଲିଯାଅ । ମୁଁ ଏଇଠି ରହି କାମ କରିବି । ଗାଁରେ ଘର ଅଛି, ଖର୍ଚ୍ଚବାର୍ଚ୍ଚ ବି କମ" ରାଧା କିନ୍ତୁ ରାଜି ହେଉନଥିଲା, ସେ ଜାଣିଥିଲା, ସେ ଗାଁକୁ ଚାଲିଗଲେ, ରବି ପୁଣିଥରେ ସାଙ୍ଗସାଥୀରେ ମାତି ମଦପିଇ ସବୁ ଟଙ୍କା ଉଡ଼େଇ ଦେବ ।

ଘର ଲୋକଙ୍କ ବହୁବାର କହିବା ଫଳରେ ଦୁହେଁ ଶେଷରେ ସନ୍ତାନ ପାଇଁ ଚିନ୍ତା କଲେ । କିନ୍ତୁ  ବିଧାତର ବିଧି କିଛି ଅଲଗା ଥିଲା । ବହୁ ପରୀକ୍ଷାନୀରିକ୍ଷା କଲା ପରେ ଧରା ପଡିଲା ଯେ ରାଧା କେବେ ମା ବନି ପାରିବନି । ଦୁହିଁଙ୍କର ପାଦ ତଳୁ ମାଟି ଖସିଗଲା । ଦୁହେଁ ମନ ଦୁଃଖରେ ଘରକୁ ଚାଲି ଆସିଲେ । ରାଧା ଏ କଥା ଗାଁକୁ ଜଣାଇବା ପାଇଁ କୁଣ୍ଠାବୋଧ କଲା । ସେ ଆଉ ଶାଶୁଶଶୁରଙ୍କ ଆଗରେ ଠିଆ ହୋଇପାରିବନି ଭାବି ନିଜକୁ ଦୋଷୀ ମନେକଲା ।

ରବି  ଅବସାଦଗ୍ରସ୍ତ ହୋଇ ପୁର୍ନବାର ମଦ ପିଇବା ଆରମ୍ଭ କଲା । ରାଧାକୁ ଅନେକ ଖରାପ କଥା କହିଲା ଏବଂ ବେଳେ ବେଳେ ହାତ ମଧ୍ୟ ଉଠାଇବାକୁ ପଛାଇଲାନି । ଘରେ ଅଶାନ୍ତି ଓ ଅରାଜକତା ଲାଗି ରହିଲା । ରବି ଆଉ  ରାଧାର ମୁହଁ ଚାହିଁଲାନି ।

ଏପଟେ ତିନି ଚାରିମାସ ହେବ ଗ୍ରାମକୁ ଟଙ୍କା ନ ପଠେଇବାରୁ ବୁଢା ବାରବାର ଫୋନ୍ କଲା ପୁଅକୁ, କିନ୍ତୁ ଫୋନ କିଏ ଉଠେଇଲେନି । ଏପରି ପ୍ରତିଦିନି କିଛି ଉତ୍ତର ନପାଇ ବୁଢା ମନ ଅସ୍ଥିର ହୋଇ ଉଠିଲା କିଛି ବିପଦର ଆଶଙ୍କା କରି ବୁଢା ଟ୍ରେନ ଧରି ହାଜର ହେଲା ଦିଲ୍ଲୀରେ । ସେଠାରେ ପହଁଞ୍ଚି ଦେଖେ ତ ଘରଟା ମଶାଣି ଭଳି ପଡି ରହିଛି । ଗୋଟା ତକ ତକ ବୋହୁଟା କଳାକାଠ ପଡ଼ି ଯାଇଛି । ଚଟାଣ ପରେ ରବି ମଦପିଇ ବାନ୍ତି କରି ପଡିଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏସବୁ ଦେଖି ବୁଢାର ରାଗ ପଞ୍ଚମ । ସେ ରବିକୁ ଉଠାଇ ଦି'ଟା ଶକ୍ତ ଚାପୁଡ଼ା ଲଦି ଦେଲା । ରବି ଏକ ବାର ହୋସରେ । ରାଧା ଶଶୁରଙ୍କୁ ଦେଖି ଚମକି ଉଠି ସେପଟ ବଖରାକୁ ଚାଲିଗଲା ।

ବୁଢା  ପୁଅ ବୋହୂକୁ ପାଖରେ ବସାଇ ସବୁ ବିଷୟ ଜାଣିବାକୁ ପାଇଲା । କିଛି କ୍ଷଣ ଗମ୍ଭୀର ହୋଇ ରହି ସେ ରବି ଓ ରାଧାକୁ ଶୀଘ୍ର ପ୍ରସ୍ତୁତ ହୋଇ ଗାଁକୁ ବାହାରିବା ପାଇଁ ପରାମର୍ଶ ଦେଲା । ରବି ଓ ରାଧା ଖୁବ ଶୀଘ୍ର ଘରର ସମସ୍ତ ସାମଗ୍ରୀ ପ୍ୟାକ୍ କରି ସଦଳବଳେ ବାହାରି ଗଲେ ଗାଁ ଅଭିମୁଖେ ।

ସେମାନେ ଟ୍ରେନରେ ଯାଇ ଭୁବନେଶ୍ୱରରେ ପହଁଞ୍ଚିଲେ । ରାଧା ମନ ଦୁଃଖରେ ବୁଡ଼ି ଯାଇଥିଲା ଗାଁରେ କେମିତି ସନ୍ତାନହୀନା ଭାବେ ମୁଖ ଦେଖେଇବ ।

ରାଧା ଓ ରବି କିଛି ବୁଝିବା ଆଗରୁ ବୁଢା ଭୁବନେଶ୍ୱରର "ନିକେତନ ଅନାଥ ଆଶ୍ରମରେ ପହଞ୍ଚଲେ । ବୁଢା ଆଶ୍ରମ ମ୍ୟାନେଜର ସହ କିଛି କଥା ହେଲା ।

କିଛି ସମୟ ପରେ ଆଶ୍ରମକର୍ମୀ ଆଶ୍ରମର ଏକ ଛଅ ମାସର ଛୁଆକୁ ଆଣି ରାଧାର କୋଳକୁ ଟେକି ଦେଲେ । ରାଧା ଆଶ୍ଚର୍ଯ୍ୟ ହୋଇ ପିଲାଟିକୁ ଧରିଲା । ସନ୍ତାନର ପ୍ରଥମ ସ୍ପର୍ଶରେ ତାର ମାତୃତ୍ୱ ପୂର୍ଣ୍ଣ ହୋଇ ଉଠିଲା । ଖୁସିର ଅଶ୍ରୁ ତାର ମୁଖ ଧୋଇ ଦେଲା । ସେ ଅବାକ୍ ହୋଇ ସମସ୍ତଙ୍କୁ ଚାହିଁ ରହିଲା । ରବି ମଧ୍ୟ ସନ୍ତାନଟିକୁ ସ୍ପର୍ଶ କରି ପିତୃତ୍ୱ ଭାବ ଲାଭ କଲା । ଆଶ୍ରମ କର୍ମୀମାନେ କରତାଳ ଦେଇ ବୁଢା, ରବି ଓ ରାଧା କରିଥିବା ଏକ ମହତ୍ତ୍ୱପୂର୍ଣ୍ଣ କାମ ପାଇଁ ସମ୍ମାନୀତ କଲେ ।

ଶିଶୁଟିକୁ ନେଇ ସମସ୍ତେ ଗାଁରେ ପହଞ୍ଚଲେ । କେହି କିଛି କହିବା ଆଗରୁ ବୁଢା କହିବାକୁ ଲାଗିଲା ଘରକୁ ମୋ ନାତି ଆସିଗଲା .... ନାତି ଆସିଗଲା .....  ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘରୁ ବୁଢୀ ଏକାବେଳେ ଧାଇଁ ଆସିଲା ଓ ପୁଅ ବୋହୁ ନାତିକୁ କୋଳେଇ ନେଲା । ବୁଢା ସନ୍ତାନଟି ଅନାଥ ଆଶ୍ରମର ବୋଲି କେବେ କାହାରିକୁ ଜାଣିବାକୁ ଦେଲାନି । ବୁଢା ରାଧାକୁ କହିଲା, "ମୋତେ ମୋ ନାତି ଦରକାର ଥିଲା ମତେ ମିଳିଗଲା ଆଉ ଏ ସନ୍ତାନଟିକୁ ତୁ ତୋ ନିଜ ସନ୍ତାନ ଭଳି ପାଳିବୁ ଏବଂ ତାକୁ କେବେ ଜାଣିବାକୁ ଦେବୁ ନି ସେ ଆଶ୍ରମରୁ ଆସିଛି ବୋଲି ।”

ପୁଅକୁ ଦିଲ୍ଲୀ ନ ଛାଡ଼ି ଗ୍ରାମରେ କିଛି ବ୍ୟବସାୟ କରିବାକୁ ବୁଢା ପରାମର୍ଶ ଦେଲା । ରବି ଓ ରାଧା ସନ୍ତାନଟିର ନାମ ଦେଲେ ରାମ, ଯାହା କି ରବିର ବାପାଙ୍କ ନାମ ।

ଶୁଣାଯାଏ ରବି ଓ ରାଧା ଆଉ ଗୋଟେ କନ୍ୟା ସନ୍ତାନ ଅନାଥ ଆଶ୍ରମରୁ ଆଣି, ନୂତନ ଜୀବନ ଦେଇଛନ୍ତି । ଆଉ ଲୋକମାନଙ୍କୁ ଏହି ଦିଗରେ ପ୍ରବର୍ତ୍ତାଉଛନ୍ତି ।

ନାମ - ବାଦଲ ମହାରଣା

ସ୍ଥାନ - ହାଉସିଂବୋର୍ଡ,ବ୍ରହ୍ମପୁର

ଜିଲ୍ଲା - ଗଞ୍ଜାମ, ରାଜ୍ୟ-ଓଡ଼ିଶା

ଇମେଲ -badalmaharana12620@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଲୋ ସଖୀ

ରବିର ସାଙ୍ଗ ଯେତେବେଳେ ଗାଁକୁ ଫେରୁଥିଲା ସେତେବେଳେ ବହୁତ ନୂଆ ନୂଆ ଜିନିଷ ଆଣୁଥିଲା ଆଉ ଦିଲ୍ଲୀ ଲଡୁର ସ୍ୱାଦ ଚଖାଉଥିଲା । ରବି ବିଭୋର ହୋଇ ଯାଉଥିଲା । ସାଙ୍ଗ ସାଥିରେ ଦିଲ୍ଲୀ ଯିବା ପାଇଁ ମନ ସ୍ଥିର କରି ସାରିଥିଲା । ତାକୁ ନଈପଠା, ଆମ୍ବତୋଟା, ଗାଁ ଗୋହିରୀ କିଆବୁଦା କେମିତି ଅଚିହ୍ନା ମନେ ହଉଥିଲା । ରବିର ବାପା ମା ରବିକୁ ଦିଲ୍ଲୀ ଛାଡିବା ପାଇଁ ପ୍ରଥମେ ରାଜି ହଉନଥିଲେ । ରବି ବାହା ହୋଇ ସାରିଥିଲା । ନୂଆ ବୋହୁ ରାଧା ଘର ସମ୍ଭାଳିବା ଶିଖି ସାରିଥିଲା ବାପା ଘରୁ । ଶାଶୁ ଶ୍ୱଶୁରଙ୍କୁ ସମ୍ମାନ ଦେଉଥିଲା ତା ଛଡା ଘର-କରଣା ପୂଜା ପାଠ ସବୁଥିରେ ପାରଙ୍ଗମ ନୂଆବୋହୂଟିକୁ ରବି ସାଙ୍ଗରେ ଛାଡିବା ପାଇଁ ସାହସ କୁଳଉ ନଥିଲା । ଦିଲ୍ଲୀ ଜାଗା, ରବି କାମକୁ ଚାଲିଗଲେ ବୋହୁଟି ଏକୁଟିଆ ହୋଇଯିବ । ବୋହୂଟିକୁ ପାଖରେ ରଖିବାକୁ ଇଚ୍ଛା ଥିଲା ପୁଣି ଇଚ୍ଛା ହେଉନଥିଲା ।



ମଞ୍ଜୁରାଣୀ ମିଶ୍ର

ରବି ଜିଦ କରୁଥିଲା । ଗାଁରେ ମାଟି କାଦୁଅରେ ଘାଣ୍ଟି ହୋଇ ଘରକୁ ଆସିଲା ବେଳକୁ ଭାତ ପାଖରେ ତିଅଣ ନଥିବ । ପିନ୍ଧିବାକୁ ଲୁଗା ଭଲ ଖଣ୍ଡେ ନଥିବ । ଧୋଇ ଶୁଖେଇ ପିନ୍ଧିବାକୁ ପଡିବ । ଚାରିପ୍ରାଣୀ କୁଟୁମ୍ବ ପାଇଁ ଦାନା ଯୋଗାଡ କରିବା କାଠିକର ପାଠ । ଦେହ ପାଇଁ ଔଷଧ ପଥି

ଆହ୍ୱାନ-ଇ-ପତ୍ରିକା

 Magazine Downloaded from www.aahwaan.com

ପଚନ । ଗାଁରେ ରହିଲେ ଭବିଷ୍ୟତକୁ ଅସୁବିଧା ଧାର କରଜରେ ସଢ଼ି ସଢ଼ି ଭୋକ ଉପାସରେ ଜୀବନ ଚାଲିଯିବ । ଗାଁରୁ ବହୁତ ଲୋକ ଦିଲ୍ଲୀ ଗଲେଣି । ଘରକୁ କଞ୍ଚା ପଇସା ପଠଉଛନ୍ତି । ଅଭାବ କଟି ଯାଉଛି । ଭଲରେ ଦିମୁଠା ଖାଇବାକୁ ମିଳୁଛି । ଉଦଯୋଗ କରିବାକୁ ପଡିବ ସବୁବେଳେ ଭାଗ୍ୟକୁ ଦୋଷ ଦେଇ ଗାଁରେ ବେକାର ହୋଇ ବୁଲିବା ମୂର୍ଖାମୀ ।

ବଡ କଷ୍ଟରେ ବାପାମା ରାଜି ହେଲେ । ଆପଣା ସ୍ୱାର୍ଥପାଇଁ ବୋହୂଟିକୁ ପାଖରେ ରଖିଲେ । ରବି ବିଚରା ଭଲରେ ଖାଇ ପାରିବନି । ଦିହମୁଣ୍ଡ ହେଲେ ପାଖରେ କେହି ନଥିବେ । ବୋହୂଟା ସିନା କହି ପାରୁନି ହେଲେ ତାର କଣ ଇଚ୍ଛା ନାହିଁ ଦିଲ୍ଲୀ ରାଜ୍ୟ ବୁଲିବା ପାଇଁ, ନିଜ ସଉକରେ ଖାଇପିନ୍ଧି, ନିଜ ମର୍ଜ୍ଜୀରେ ଘରଚଳାଇ ହସିଖେଳି ଜୀବନ ବିତେଇବା ପାଇଁ । ଚାରିମାସ ପରେ ରବି କାହିଁକି ଫୋନ କରିବା ମୋ ଦେହ ଭଲ ରହୁନି । ଚାଳିଆ ହୋଟେଲରେ ଶସ୍ତା ଖାଇବା ପାଟିକୁ ରୁଚୁନି । ତେଣୁ ବୋହୂଟି ସାଙ୍ଗରେ ଯାଉ । କାହିଁକି ବିଚାରୀ ଦଣ୍ଡ ପାଇବ । ବାରିଆଡ଼ କୂଅ ଚାନ୍ଦିନୀରେ ଚମ୍ପାଗଛ ଛାଇରେ ଏକୁଟିଆ ବସିବ । ସଞ୍ଜବେଳେ ଫାଳିକିଆ ଜହ୍ନ ଆଲୁଅରେ ଭାଗ୍ୟକୁ ନିନ୍ଦାକରିବ । ବନ୍ଦଘରେ ଅକୁହା କଥାର ବୁଢିଆଣୀ ଜାଲରେ ନିଜକୁ ଲହୁଲୁହାଣ କରୁଥିବ ।

ରାଧା ଶେଷରେ ଦିଲ୍ଲୀ ଗଲା ରବି ସାଥିରେ । ବିନା ପ୍ରତିବାଦରେ ବିନା ଯୁକ୍ତିତର୍କରେ ବିନା ଉପକ୍ରମଣିକାରେ । ରାଧା ଖୁସିହେଲା । କାକୁତି ମିନତି, ରାଗରୁଷା, ମାନ ଅଭିମାନ କିଛି ବି ନାହିଁ । ରାଧା ଗଡ଼ ଜିତିଗଲା । ରାଧା ପକ୍ଷୀଟିଏ ହୋଇଗଲା । ସ୍ୱାଧୀନ ହୋଇଗଲା, ନୀଳ ଆକାଶରେ ମୁକ୍ତ ହୋଇଗଲା ।

ରବି କାମକୁ ଯାଏ । ରାଧା ଘର ସଜାଡ଼େ ନିଖୁଣ କରି । ରବି ଫେରେ କାମରୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଧ୍ୟାହ୍ନ ଗଡି ଯାଇଥାଏ । ରାଧା ଅନେଇଥାଏ । ସାଙ୍ଗ ହୋଇ ସେମାନେ ଖାଆନ୍ତି । ସଞ୍ଜବେଳେ ରାଧା ସଜ ହୋଇ ରବି ସାଙ୍ଗରେ ସିନେମା ଯାଏ । ନହେଲେ ପାଖକୁ କେଉଁଠି ଯାଇ ସେମାନେ ଚାଟ ଗୁପ୍‌ଚୁପ ଖାଆନ୍ତି ଫେରିଲାବେଳେ ରବି କିଣିଦିଏ ଶସ୍ତା ଶାଢ଼ୀ, ମାଳି, ଚୁଡ଼ି, ଫୁଲମାଳ ।

ବାପଘରୁ ଶାଶୁଘରୁ ଖବର ଆସେ । ତମ ବୁଲାବୁଲି ସରିଲା ନା ନାହିଁ । ଖୁସି ଖବର କେବେ ଦେଉଛ ? ତମ ସାଙ୍ଗରେ ଯେଉଁମାନେ ବାହା ହୋଇଥିଲେ ସମସ୍ତଙ୍କ ପୁଅ ଝିଅ ହେଲେଣି ନାତି ନାତୁଣୀ ମୁହଁ କେବେ ଦେଖିବୁ । ରବି ପଚାରୁଥିଲା ରଧାକୁ ପ୍ରଥମେ କଣ ହବ ଆମର ପୁଅ ନ ଝିଅ ? ରାଧା ମୁହଁ ଭାରି କରୁଥିଲା, ବାଆଁରେଇ ଦେଉଥିଲା କଥାକୁ । ସେ ପରଘରେ କାମ କରି ପଇସା ସଞ୍ଚୟ କରୁଥିଲା, ରୋଷେଇ ଘରେ ମାଟି ସରାଗାତରେ । ଦି ଜଣଙ୍କ ରୋଜଗାରରେ ତ ଘର ଚଳି ଯାଉଥିଲା ବାପାମାଙ୍କ ପାଖକୁ ପଡୁଥିଲା ଫି ମାସ । ଆଉ କେତେ ଦିନ ଯାଉ ।

ରବି ସାଙ୍ଗର ସ୍ତ୍ରୀ ସାଙ୍ଗେ ରାଧାର ସମୟ କଟୁଥିଲା । ପାଖପାଖି ଘର । ସବୁଦିନ ସମାନ ଯାଏନି । ଆକାଶର ରଙ୍ଗ ବଦଳେ । ମନ ବି ବଦଳିଯାଏ । ରବିର ସାଙ୍ଗ ବି ଭଲରେ ଚାଲୁଥିଲା । କିନ୍ତୁ କଣ ହେଲା କେଜାଣି ସେ ତାକୁ ନେଇ ଗାଁରେ ଛାଡିଦେଲା । ପଇସା ମିଳୁନି ବୋଲି ବାହାନା ଦେଖାଉଥିଲା । ରବିର ସାଙ୍ଗ ପିଆ ପିଇ କରେ ବୋଲି ସେ ଶୁଣିଥିଲା ।

ରବି ସାଙ୍ଗର ସ୍ତ୍ରୀ ରାଧାକୁ ଫୋନ କରୁଥିଲା । ଦୁଃଖ ବାଣ୍ଟିଲେ ସରେ ହେଲେ ସରୁଛି କେଉଁଠୁ ? ରବି ସାଙ୍ଗର ସ୍ତ୍ରୀ ମନେପଡୁଥିଲା ବହୁତ । ନିପଟ ମଫସଲରେ ସେ କେମିତି ଚଳୁଥିବ ? ଶାଶୁ ଶ୍ୱଶୁର ଦିଅର ନଣନ୍ଦ ଯା ଦେଢ଼ଶୁର ପଞ୍ଝାଏ ପିଲାଙ୍କ ପାଇଁ ଖଟି ଖଟି ନାସ୍ତାନାବୁଦ ହୋଇଯାଉଥିବ । ଝରକା ଖୋଲି ଜହ୍ନ ଆଲୁଅରେ ବିଛଣାକୁ ଭିଜେଇ ଦେଉଥିବ । ସକାଳୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଞ୍ଜ ହେଉଥିବ ଚଉରାମୂଳେ ଦୀପ ଜାଳୁଥିବ । ଭିଜି ଯାଇଥିବା ଆଖିପତା ରୁଷିକରି ବାପଘରକୁ ଚାଲିଯାଉଥିବ ଯେ ଆସିବାର ନାଁ ନଉନଥିବ । ରବିର ସଂଗତ କେମିତି ପଥର ମଣିଷଟା ଯେ କେଜାଣି । ନାରୀ ମନ ବିକିଦିଏ ପୁରୁଷ ପାଖରେ ଅତି ସହଜରେ । କିନ୍ତୁ ପୁରୁଷ କିଣିଲା ବେଳେ ଦର ମୂଲାମୂଲୀ କରେ । ଲାଭ କ୍ଷତିର ହିସାବ ନିକାସ ଭିତରେ ଜୀବନ ଚାଲେ ।

ରବି ସାଙ୍ଗର ସ୍ତ୍ରୀ ଚାଲିଗଲା ପରେ ତାକୁ ଭାରି ଖାଲି ଖାଲି ଲାଗିଲା । ଏଇ ଦିଲ୍ଲୀ ରାଜ୍ୟରେ କଥା ଭାଷା ହେବାପାଇଁ ଓଡ଼ିଆ ଲୋକଟେ ପାଇବ ମୁସ୍କିଲ । ଏତେ ଦିନ ରହିବ ଭିତରେ ସେ ହିନ୍ଦୀ ଶିଖି ସାରିଲାଣି ତଥାପି ଓଡିଶାଟା ଓଡିଶା ନା । ଓଡ଼ିଶାର ଧାନବିଲ, ନଈପଠା, କଇଁ ଗାଡ଼ିଆ । ଗାଁର ସାଙ୍ଗସାଥୀ ମେଳ, ପୁନିଅଁ ପରବ ମାଣବସା ଗୁରୁବାର ରଜଦୋଳି କୁଆଁର ପୁନେଇ ଗୀତ ଝୁଲଣ ଦୋଳଯାତ ସବୁ ମିଶି ରଧାକୁ ଆନମନା କରିଦିଏ । ରୋଷେଇଘରେ ଲୁଚାଇଥିବା ସରାଗାତରେ କେତେ ଟଙ୍କା ହୋଇପାରେ ରାଧା ମନେ ମନେ ହିସାବ କରୁଥିଲା । ରାଧାଟା ସଂସାର ଭିତରେ ହଜିଯାଉଥିଲା । ବାଇଆର କଣ ଯାଏ ବାଆ ହେଲେ ବସା ଦୋହୁଲୁ ଥାଏ । ଦର କାହାକୁ ଭୟ କାହାକୁ ଠାକୁର ଅଛନ୍ତି ପରା ।

ସେମାନେ ବହୁତ ଖୁସିରେ ଥିଲେ । ରବି ଦିନ ମଜୁରିଆ ଭାବରେ ଯାହାବି ପାଉଥିଲା ସେଥିରେ ଘର ଚଳିଯାଉଥିଲା । ରାଧା ପରଘରେ କାମ କରି କିଛି କିଛି ଅର୍ଥ ପାଉଥିଲା । ବାହାହୋଇ ଚାରିବର୍ଷ ହୋଇଗଲା । ଦିଲ୍ଲୀ ଭଳି ସହରରେ ସେ ଦୁହେଁ ଖୁସିରେ ଥିଲେ । ଯାହା ଅଭାବ ଥିଲା ଘରେ ପିଲାଟିଏ ନଥିଲା । ତେଣେ ଗାଁରୁ ବାପାମା ବାରମ୍ବାର ପଚାରୁଥିଲେ ପିଲାଝିଲା କରିବନି କି ? ରଧାକୁ ପିଲା କଥା କହିଲେ ସେ ଚିଡୁଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଇ ପ୍ରାଣୀ ଚଳିଲା ବେଳକୁ କେତେ କଷ୍ଟ ଗାଁରେ ବାପାମା କେମିତି ଜାଣିବେ । ପିଲାଟେ ଆସିଲେ ତା ପାଇଁ କ୍ଷୀରଡବା ଔଷଧ ଖେଳନା ସବୁ କିଣିବା କେମିତି ? ତାକୁ ରଖିବା କେଉଁଠି ? ରବି କହିଲା ତମେ ଗାଁକୁ ଚାଲିଯାଅ ମୁଁ ଏଇଠି ରହି କାମ କରିବି । ଗାଁରେ ଘର ଅଛି ଖର୍ଚ୍ଚ ବାର୍ଚ୍ଚ ବି କମ । ରାଧା କିନ୍ତୁ ରାଜି ହେଉନଥିଲା । ସେ ଜାଣିଥିଲା ସେ ଗାଁକୁ ଚାଲିଗଲେ ରବି ପୁଣିଥରେ ସାଙ୍ଗସାଥୀରେ ମାତି ମଦ ପିଇ ସବୁ ଟଙ୍କା ଉଡେଇଦେବ ।

ଦିଲ୍ଲୀରେ ଏବେ କରୋନା ଭୟ । ରବିର ସାଙ୍ଗକୁ କେମିତି କେଜାଣି କରୋନା ହୋଇଗଲା । ହସ୍ପିଟାଲରେ ରହିଲା ପନ୍ଦରଦିନ । ଘର ପରିବାର କାହିଁ କେତେ ଦୂରରେ । ହସ୍ପିଟାଲରୁ ଫେରିଲା ପରେ ରବି ଆଉ ରାଧା ତାର ସେବା ଯତ୍ନ କଲେ । ଖାଇବା ପିଇବା ବୁଝିଲେ । ପଇସା ପତ୍ର ବି କିଛି ସାହାଯ୍ୟ କଲେ । ରାଧା ଛାନିଆ ହୋଇଗଲା । ସେ ଚାଲିଗଲା ପରେ ରବି ଏକୁଟିଆ ହୋଇଯିବ । ଖାଇବା ପିଇବାରେ ଅସୁବିଧା ନିଶ୍ଚୟ । ରବି କହିଦେଲା ବୋଲି ସେ କଣ ଗାଁକୁ ଚାଲିଯିବ ? ସେ ଚାଲିଗଲା ପରେ ରବିକୁ ଯଦି କରୋନା ହୋଇଯିବ । ରବି ଯଦି ମାତାଲ ହୋଇଯିବ । ରାଧାର ଅନ୍ତରାତ୍ମା ନାହିଁ ନାହିଁ କରି ଉଠିଲା ।

ରବି ତା ଜୀବନସାଥୀ ତ ଇହକାଳ ପରକାଳର ଦେବତା । ସେ କୁଆଡେ ଯିବନି । ଆହୁରି କିଛି ରୋଜଗାର କରିବ ଆଉ ସଞ୍ଚୟ କରିବ । ତାପରେ ଛୁଆଟିଏ ପାଇଁ ଚିନ୍ତା କରିବ । ହରି ଭରସା । ରାଧା କପାଳରେ ହାତ ଯୋଡିଲା ।

ହାଇଦ୍ରାବାଦ

୭୩୮୧୨୬୫୭୬୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର



ଦେବଦତ୍ତ ସୁନା

ପ୍ରଥମ ଛାନ୍ଦ

ପ୍ରଥମ ଅଧ୍ୟାୟ (ଭାଗ "ଗ ")

ଅନ୍ତପୂର ତ୍ୟାଗି ପ୍ରେମ ସହଭାଗି
ଅଗଣାରେ ହେଲେ ଉଭା,
ଅନୁସାରୀ ବିନା ସୁନ୍ଦରୀ ନବୀନା
ବଗିଚାରେ ତାରା ପ୍ରଭା ।
ଅସ୍ୱସ୍ତିରେ ସ୍ୱସ୍ତି ଲଭିବାକୁ ମତି
ବଳେଇ ଚାଲି ସେପରି,
ଅହମିକା ଶୂନ୍ୟ ପ୍ରେମିକାରୁ ପୂର୍ଣ୍ୟ
ଗଜଗମନା ଯେପରି ।
ଅଣ୍ଟା ସରୁ ଘଣ୍ଟା କଣ୍ଟା ସମ ହଲି
ଧିର ପାଦ ବଢି ଚାଲେ,
ଅସ୍ତ ହୋଇଥିଲେ ପଶ୍ଚିମେ ନୋହିଲେ
ରବିକର ତାର ତାଳେ ।
ଅସ୍ଥିର ମନରେ ଚାଲି ବଗିଚାରେ
ପୁଣ୍ୟମନେ ବାହାରିଛି,
ଅନ୍ତରରେ ସିନା ଅସ୍ଥିର ନବୀନା
ନୟନେ ଚୟନ ଇଚ୍ଛି ।
ଅଣ୍ଟାରେ ମୁକୁଳାକେଶ ଘଞ୍ଚକଳା
କରିକରୀ ବଳି ଚାଳି,
ଅସୂୟାରେ କୋପ ଅନୁରୁପ ରୂପ
ଶଶଧର ଅଙ୍ଗ ଖାଳି ।
ଅଲୋଡା ପଦର ନାଚୁନି ନୂପୁର
ପୂରଣ ଆଶାରେ ଏହି,
ଅନଘ ତା ସ୍ୱର ଶୁଭୁନି ଏ ଥର
ଶୋଭିତ ଶଶାଙ୍କା ଦେହୀ ।
ଅଳଙ୍କାର ବିନା ସୁନ୍ଦରୀ ନବୀନା
ବଳି ଦିଶୁଛି ଏମନ୍ତ,
ଅହଲ୍ୟା ସୁନ୍ଦରୀ ସମାନ ଏ ନାରୀ
ଯୋଗୀ ସାଜିଛି ଯେମନ୍ତ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସୂର୍ଯ୍ୟଂପଶ୍ୟା ସେ ରବି ଅସ୍ତେ ଆସେ
ପିରତି ଆଶେ ପବିତ୍ର,
ଅସହ୍ୟ ଯନ୍ତ୍ରଣା ହୃଦୟରେ ସିନା
ବିରତି ରତି ବିଚିତ୍ର ।
ଅସିଦ୍ଧ ପ୍ରେମର ଶିଦ୍ଧତା ଆଶାରେ
କରେ କୁସୁମ ଦୀପକ,
ଅଖଣ୍ଡଳ ଜାଳି ରଖି ଅଛି ଭାଲି
ପୂଜ୍ୟ ପବିତ୍ର ପାବକ ।
ଅସଂଶୟ ସିଏ ନିତି ଆସି ଦିଏ
କରେ ଚରଣେ କାହାର,
ଅସରନ୍ତି ପ୍ରେମ ପୁତ-ପ୍ରାଣଶ୍ରମ
ଆଶାରେ ଏ ଉପହାର ।
ଅନ୍ତିମେ ସେ ଯାଇ ପହଞ୍ଚିଲା ଚାହିଁ
ଥୋଇଲା କର ଦୀପକ,
ଅନ୍ତରୁ ଅନନ୍ତ ପ୍ରେମ ପ୍ରାଣ ବନ୍ତ
ପଦର ସାଜେ ପୂଜକ ।
ଅନ୍ତର୍ଦାହ ଆସିଝରି ଅଶ୍ରୁରାଶି
ସାଥେ ଚୁମ୍ବିଲା ଚରଣ,

ଅନ୍ଧକାର ଶୂନ୍ୟକରି ପଦେ ତାର
ନିଶିକୁ କରେ ହରଣ ।
ଅପବର୍ଗ ଆଶେ କୁସୁମରେ କିସେ
ପଦକୁକରେ ପୂଜନ,
ଅଶ୍ରୁଳ ଲୋଚନେ ସଧିର ବଚନେ
କହେ, "ଘେନ ପ୍ରାଣ-ଧନ !
ଅପଦାର୍ଥ ତୋଳି ଦିଏ ମନ ଖୋଲି
ଅର୍ପଣ କରେ ଚରଣେ,
ଅଧିର ଶରୀର ହୃଦୟ ଅନ୍ତର
ସମସ୍ତ ଏକ ବରଣେ !"
ଅରପଣ କରି ପଦେ ସେହି ପରି
ଢଳିକରେ ପ୍ରଣାମ ଏ,
ଅଧିନ ତାହାର କୁସୁମର ହାର
ପଦରେ ତାର ବିରାମ ।
ଅଧିଆ ପଡିଛି ଚରଣ ଛୁଇଁଛି
ସତେକି ସେ ଇଷ୍ଟ ଦେବ,
ଅନ୍ତରୁ ତାହାର ଅନର୍ଗଳ ଅଶ୍ରୁ
ଝରି ପଦକୁ ଧୋଇବ ଯେ ।

(କ୍ରମଶଃ)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁକ୍ତି ଅପେକ୍ଷାରେ...

ସବୁକିଛି ତୋ ପାଖେ ହରେଇବସିଛି ରେ !!!
ଏମିତି କାହିଁକି ଭାବୁଛୁ କହିଲୁ... ???
ଭାବିବାକୁ ବାଧ୍ୟ ହେଉଛି ନ ଚାହିଁଲେ ବି ।
ଚାହିଁବାଟା କ'ଣ ଆମ ହାତରେ ଥାଏ !!
ଥିଲେ କ'ଣ ହେଇଥା'ନ୍ତା ଯେ ହୁଁ...କହ ନା !!!
ହୁଁ ,ହୋଇଥାନ୍ତା ବୋଧେ ବହୁତ କିଛି ।
ହେଲେ.. ନ ହୋଇଛି ଭଲ ହୋଇଛି ।
ଭଲ !!! ଏଥିରେ ଭଲ କ'ଣ ଦିଶୁଛି ତୋତେ ???
ଛଟପଟ ହେଉଛୁ ତୁ ଆଉ ବିକଳ ହେଉଛି ମୁଁ ।
ଆରେ ସେଇଥିରେ ତ ମଜା ଅଛି ।
ମୋ ବ୍ୟାକୁଳତାରୁ ତୁ ମଜା ପାଉଛୁ ?
ନା ରେ , ମନକୁ ବୁଝେଇଦେଉଛି ।
କେମିତି ବୁଝେଇଲୁ ,ମନକୁ କିପରି ବଶ କଲୁ
ମତେ ସେ ମନ୍ତ୍ର କହ ?????
ମନ୍ତ୍ର କିଛି ଜାଣିନି ଲୋ ବାସ୍ ଏତିକି କହିପାରିବି,
ତୋତେ ସାଇତିବା ମୋ କ୍ଷମତା ବାହାରେ ଥିଲା ।



ରବି ଅନସୂୟା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୋତେ ସଜେଇବା ଲାଗି ମୋର ସାମର୍ଥ୍ୟ ନ ଥିଲା ।

ତେଣୁ ପାଶୋରି ତୋତେ ସ୍ମୃତିର କବରଟେ ତିଆରିଲି ।

ହଁ ତୁ ତ ମୋତେ ଜୀଅନ୍ତା ତାଜମହଲ୍ କରିଦେଲୁ ,

ବାହାରକୁ ଚକ୍ ମକ୍ ଭିତରଟା ରକ୍ତାକ୍ତ ।

ଏମିତି ଭଙ୍ଗା ଦଦରା ହୋଇ କେମିତି ବଂଚିବି କହ ? ?

କିଛି ନାଇଁ,ଯେମିତି ଅଭିନୟ ମୁଁ କରୁଚି ସେମିତି ତୁ ବି କରିଚାଲ୍ ।

ହଁ ,ତୋ କଥା ବି ଠିକ୍, ପାଇବାଠୁ ବେଶୀ ହରେଇବା ଜିନିଷଟିରେ

ମୋହ ଥାଏ...ହୁଏ ତ ସେଇ ପରାଜୟ ସହ ଜୀବନ କାଟିବାକୁ ହବ ।

ହୁଏ ତ ଏଇଥିରୁ ମିଳିଯାଇପାରେ  ଚିର ଇପ୍ସିତ ମୁକ୍ତି ।

ହଁ , ମୁକ୍ତି ଅପେକ୍ଷାରେ....

ସିଡିଏ, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଦିରାକ୍ଷୀ

ପ୍ରିତି ଭାବ ସଂଚରିଲେ
ନିଭୃତ କୋଣୁ ଉତ୍ତାଳ ତରଙ୍ଗ ଉଠେ
ଶ୍ରାବଣ ଫୁଲସଜ୍ଜେ
ନେପଥ୍ୟେ କାଇଁଚମାଳି କବରୀ ବାନ୍ଧେ,

ସ୍ୱପ୍ନ ଉପବନ ଘଞ୍ଚ ନିକାଞ୍ଚନ
ଋତୁ ହସ୍ତେ ପୁଷ୍ପଧନୁ
ତବ ନାମଞ୍ଜୁରି ପ୍ଲାବିତ ଉଷ୍ମ ଦେହ
ଲଜ୍ଜା ଖୋଳପାରେ କୃଷ୍ଣପକ୍ଷ,



ରାଧାକୃଷ୍ଣ ଦଳେଇ

ହସ୍ତରେ ହସ୍ତକୁ ଛନ୍ଦି
ଚକ୍ଷୁକ୍ରିଡା ଅଭିଳାଷୀ
ଉନ୍ମତ୍ତ ଭ୍ରମର ସ୍କନ୍ଧେ
ଲୋଟିପଡେ ମଦିରାକ୍ଷୀ,

ସମ୍ପ୍ରସାରି ଭୁଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଶ୍ଲେଷି ମଉଜ

ଏକାକାର ଚତୁଷ୍ପଦ

ଭୁଲି ଆସନ୍ନ ଅପବାଦ,

କ୍ଷତାକ୍ତ ସୁତନୁ

ପରଶେ ପ୍ରମାଣ

କାହିଁ କେତେ ଥିଲା ପ୍ରଭଞ୍ଜନ.....

ଗୁଣ୍ଠପଡା, ଆସ୍କା (ଗଞ୍ଜାମ୍)

ମୋ-୭୯୭୮୮୫୧୩୧୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଓଡ଼ିଶା ଆମ ଭାରି ବଢ଼ିଆ

ଓଡିଶା ଆମ ଭାରି ବଢିଆ
ସବୁ ରଖିଗଲେ ବଡବଡିଆ
ଓଡିଶାର ଭାଷା ଓଡିଆ
ସମସ୍ତେ କୁହନ୍ତି ବଢିଆ ।

ଜଗନ୍ନାଥ ଆମ ଆରାଧ୍ୟ ଦେବ
ଓଡିଶାବାସୀଙ୍କୁ ଦିଏ ସେ ଭାବ
କାହାରି କରେନି ସେ ଅଭାବ
ତା ପାଦତଳେ ସୁମରଣା କରିବ ।

ଓଡିଶାର କେତେ ବହୁ ପୁରାତନ
ଦେଖିବାକୁ ମିଳେ ମୂର୍ତ୍ତିକୀର୍ତ୍ତିମାନ
ରାଜ୍ୟ ଆମର ଭରା ମୂର୍ତ୍ତିମନ୍ତ
କେବେ ହେବ ନାହିଁ ହନ୍ତସନ୍ତ ।

ଗିରିବନ ନଦୀ ପ୍ରକୃତି ଯୋଜନା
କେତେ କେତେ ଶିଳ୍ପକାରଖାନା
ଅରଣ୍ୟା ପୁଷ୍ପ ଉଦ୍ୟାନମାନ
ଏ ମାଟିରେ ହୋଇଛି ଉଦ୍ଭାବନ ।

ଚାରୁ ଚିତ୍ରକଳା ଭରି ରହିଛି
ଅପୂର୍ବ କୀର୍ତ୍ତିମାନ ଗଢିତୋଳିଛି
କେତେ ନୃତ୍ୟକଳା ଦେଖିବାକୁ ମିଳିଛି
ଓଡିଶୀ ନୃତ୍ୟରେ ମନ ବଳିଛି ।



ଝରଣା ଧରୁଆ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହିନ୍ଦୁ ଖ୍ରୀଷ୍ଟିୟାନ

ଜୈନ ମୁସଲମାନ

ସଭେ ଏଠି ସମାନ

ଏ ମାଟିମାର ସନ୍ତାନ ।

ଓଡିଶା ମୋ ବେଳାଭୂମି

ଓଡିଶା ମୋ ପୂଣ୍ୟଭୂମି

ଓଡିଶା ମୋ କ୍ଷେତ୍ରଭୂମି

ଓଡିଶା ମୋ ଜନ୍ମଭୂମି ।।

ତୁମେ ପରିଚିତ ଉତ୍କଳ ନାମରେ

ମହାପୁରୁଷମାନେ ଦେଲେ ଆଦରେ

ରଖିଅଛ ଚିରଦିନ ଯଶ ଅମରେ ।।

ଖୁଣ୍ଟିଆ, କୋକସରା

କଳାହାଣ୍ଡି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଲୋଡ଼ା

ଦୁଃଖୀ ମଣିଷକୁ କିଏ ବା ଲୋଡ଼େ ଏଠି..
ସେ ବା କାହାର କି କାମରେ ଆସେ... ? ?
ଅସୁମାରୀ ଦୁଃଖ ଭିତରୁ
ଚେନାଏ ସୁଖ ଖୋଜୁ ଖୋଜୁ..
ଅନେକ ଅଲୋଡ଼ା ପଣରେ ଭାରି
ତା ପିଠିର ଗଣ୍ଠିଲି.. ।
ସେ ଗଣ୍ଠିଲିରେ ସାଇତା.. ଅନେକ
ଛଳନା.. ପ୍ରତାରଣା.. ଦୁଃଖ ଆଉ ହତାଶାର
ଧୂଳିମଳି ଚିହ୍ନ.. ଆଉ ଛାତିର ଦୀର୍ଘଶ୍ୱାସ ।
ଏହା ଛଡା ଆଉ ବା କି ପରିଚୟ ତାର.. ? ?
କେବେଠୁ ତା ଠିକଣା ହଜିସାରିଛି..
ତା ଅନ୍ତରଙ୍ଗ ଦୁଃଖର ଭଉଁରୀରେ.. ।
ସମୁଦ୍ରର ଏକା ଏକା ନାବିକପରି
ଖୋଜି ବୁଲେ.. ଚେନାଏ ବତୀଘରର ଆଲୁଅ..
ଦିଶେନା କୂଳ କି କିନାରା.. ।
ଅବଶ ମନ ବି ଖୋଜୁଥାଏ..



ମଞ୍ଜୁଲତା ସିଂ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମମତାର କଅଁଳ ସ୍ପର୍ଶଟିଏ..

ଯିଏ ଶୁଣାଇବ ହଜିଯାଇଥିବା..

ଧୋ..ବାୟା.. ଗୀତର ମିଠା ମିଠା ଧୂନ.. ।

ତା ଆଖିର ଆଖିଏ ଲୁହରେ ବି

ଅସୁମାରୀ ସ୍ୱପ୍ନ ମାନଙ୍କର ଭିଡ଼.. ।

କ୍ଷତାକ୍ତ ମନଟିଏ ବି କେତେ ଯତ୍ନରେ

ସାଇତେ ସେ ସ୍ୱପ୍ନକୁ..ଗଣ୍ଠିଧନ କରି..

ଦିନେ କାଳେ ତା ସ୍ୱପ୍ନ ସବୁ ସତ ହେବ

ସବୁ ସୁଖ ଦେଇ ତା ପଣତ କାନିରେ ବାନ୍ଧି ଦେବ

ମୁଠାଏ ସୁଖର ମହ ମହ ବାସ୍ନା... ।

ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ କିଏ

ଜାଣେନା ମୋ ପରିଚୟ ମୁଁ କିଏ,
ତଥାପି ମୁଁ ଅସ୍ତିତ୍ୱ ମୋ ଖୋଜୁଥାଏ ।।
ଖୋଜି ଖୋଜି ଗଲିଣ ଥକି,
ମୁଁ କିଏ କିଏ କହିବ କି ? ।।
ଲାଗୁଛି ପରିଶ୍ରମ ମୋ ଅଯଥା,
ଖୋଜିବାଟା ଅଟେ ବୋଧେ ମୋର ବୃଥା ।।
କୁଆଡେ ଖୋଜିବି କେମିତି ଖୋଜିବି ପାରୁନି ଜାଣି,
ଖୋଜିବା ନିଶା ମୋତେ ନଉଛି ଟାଣି ।।
ସଂସାର ସାରା ମୁଁ ଖୋଜୁଛି,
କିଏ ଦେଖିଛ କି ବୋଲି ଭାବୁଛି ।।
ପ୍ରଶ୍ନଟିଏ ଅଛି ମୋର କୁହ ହେ ଈଶ୍ୱର,
ଖୋଜି ଦେଇପାରିବେ କି ପରିଚୟ ମୋର ।।



ପ୍ରଦୀପ କୁମାର ସିଂହ

ଦ୍ୱିତୀୟ ବର୍ଷ ଛାତ୍ର
ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ, ଧର୍ମଗଡ଼ (କଳାହାଣ୍ଡି)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ କୃଷ୍ଣ ଆସ ଅବତରି

ହେ କୃଷ୍ଣ !
ପୁଣି ଥରେ ଆସ ଅବତରି
ତୁମ୍ଭ ଅପେକ୍ଷାରେ ମର୍ତ୍ତ୍ୟପୁରୀ
ଆଉ ଥରେ କରିବ ନାଶ
ପ୍ରବୃତ୍ତି ରୂପୀ କେତେ ରାକ୍ଷସ

ହେ କୃଷ୍ଣ !
ଆଜି କଂସମୟ ହୋଇଛି ଧରା
ବଢି ଯାଇଛି ପାପର ଭାରା
ଦୁନିଆ ଆଜି ପ୍ରେମ ଶୂନ୍ୟ
ଶିକ୍ଷିତ ଜୀବ ହୋଇଛି ବନ୍ୟ



ଫାଲ୍‌ଗୁନି ସାହୁ

ହେ କୃଷ୍ଣ !
ମଳିନ ପଡ଼ିଚି ଗୋପୀର ପ୍ରେମ
ହଜି ଯାଇଛି ରାଧାର ନାମ
ପ୍ରତିଟି ହୃଦେ ଦ୍ୱେଷ ଆଉ ଘୃଣା
ମିଛ ପ୍ରେମ ଆଉ ପ୍ରତାରଣା

ହେ କୃଷ୍ଣ !
ପ୍ରତିକ୍ଷଣେ ଚାଲେ ଏଠି ମହାଭାରତ
ହଜି ଯାଇଛି ତୁମ ଧର୍ମର ଇଙ୍ଗିତ
ଅନର୍ଥ ହୋଇଛି ଗୀତା ଜ୍ଞାନ
ଧର୍ମଯୁଦ୍ଧେ ପରାଜିତ ଅର୍ଜୁନ

ହେ କୃଷ୍ଣ !
ନିଅ ତୁମେ ଏକାଦଶ ଅବତାର
ସତ୍ତା ରୂପେ ପ୍ରତିଟି ମନର
ଦୂର ହେଉ ଘୃଣା ଅହଂକାର
ପ୍ରେମରେ ଭରିଯାଉ ସଂସାର ।।

ନୂଆପଡା, ଓଡ଼ିଶା
୯୫୫୬୫୭୯୬୧୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାହେଁ କିଛି

ଲେଖିବାକୁ ଚାହେଁ କିଛି
ଭାଷା ପାଉନାହିଁ
କେମିତି ଲେଖିବି
କଲମ ରହିଛି ଚାହିଁ

ଦେଖିବାକୁ ଚାହୁଞ୍ଛି
ଦେଖି ପାରୁନାହିଁ
କେମିତି ଦେଖିବି
ତୁମରି ମୁହଁ ତ  ନାହିଁ

ହସିବାକୁ ଚାହୁଁଚି
ହସି ପାରୁନାହିଁ
କେମିତି  ହସିବି
ମୁହଁରେ ପାଉଁସ ମାଖି

କାନ୍ଦି ବାକୁ ଚାହୁଁଚି
କାନ୍ଦି ପାରୁନାହିଁ
କେମିତି କାନ୍ଦିବି
ଲୁହ ତ ଯାଇଚି ଶୁଖି

ଚାଲିବାକୁ ଚାହୁଁଚି
ଚାଲି ପାରୁନାହିଁ
କେମିତି ଚାଲିବି
ପାଦ ତ ଯାଇଚି ଥକି

ରଖି ବାକୁ ଚାହୁଁଚି
ଏସବୁ ଭାବନା
ହେଲେ
କେମିତି ରଖିବି
ମନ ବନ୍ଧା ପଡିଚି
ତମରି ବୁକୁରେ...



ମଧୁସ୍ମିତା ନାୟକ
ପୁନେ, ୪୧୨୩୦୮, ମହାରାଷ୍ଟ୍ର
୯୯୬୦୯୯୬୪୦୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କର୍ମ

ରାଗ- ବଙ୍ଗଳା ଶ୍ରୀ

କର୍ମଯୋଗୀ ପାଇଁ      ସସାଗରା ମହୀ
ଅଟଇ ଏକ ସମାନ,
କର୍ମ ବୀର  ଯିଏ      ସ୍ୱେଦରେ ଗାଧାଏ
ତୃପ୍ତକରି ତନୁ ମନ ।
ସରମା ଗୁମ୍ଫାରେ      ବିନା ଶ୍ରମ କରି
ଶୋଇଗଲେ ନିଶ୍ଚିନ୍ତରେ,
ଅଟବୀର ଜୀବେ      ଆହାର ନିମିତ୍ତ
ପଶନ୍ତି କି ତା ମୁଖରେ ?
କରମ ବିମୁଖେ      କୁକ୍ଷୀକୂପ ଶୁନ୍ୟ
ଚେତନା ପଡିବ ଲୋଟି,
ମିଛ ପ୍ରବୋଧନା      ବିଅର୍ଥ ଭାବନା
ଭୂ-ଲୁଣ୍ଠିତ ଗୋଟି ଗୋଟି ।
ଉଚ୍ଚ କର୍ମ ବଳେ      ଭିକାରୀ ଲଭଇ
ଅମାପ ଶକ୍ତି ଭଣ୍ଡାର,



ଅଲେଖ ମେହେର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଳସ୍ୟକୁ ଧରି     ମହୀପାଳ ଭୋଗେ

ଦାରୁଣ  କଷଣ ଭାର ।

କର୍ମର ଆୟତ୍ତ        ଏ ସାରା ଜଗତ

ଅସାଧ୍ୟ ହୁଏ ସାଧନ,

ଭୀରୁର ବିକ୍ଷଣେ      ଉଚ୍ଚ ନିଚ୍ଚ ଭାବ

ହସ୍ତକୁ କରେ ବନ୍ଧନ     ।

ଉଠି ପଡି ଉଠି           ପାଦକୁ ପକାଇ

ଚଳଇ ପ୍ରଥମେ ଶିଶୁ,

ଅଭ୍ୟାସ ବଳରେ        ଅସାଧ୍ୟ ସାଧନ

କୁଷୁମ ଝରେ ଆକାଶୁ ।

ଚୋରୀ କଲେ ଭାଇ    ମହତକୁ ଭୟ

କିବା କଲେ ବ୍ୟଭିଚାର,

ମୁଣ୍ଡ ଝାଲ ତୁଣ୍ଡେ     ମାରି କଲେ ଶ୍ରମ

ଶାନ୍ତି ମିଳଇ ଅପାର ।

କାଲା ଅନ୍ଧ ମୁକ     ମାନିଆଁ ହୋଇଲେ

କର୍ମ ବଳରେ ଅମର,

ଅକର୍ମା ଲଭଇ     ଆଜୀବନ ଦୁଃଖ

ଲୋତକେ କରି ସାଗର ।

ସୋହେଲା ବରଗଡ, ମୋ- ୬୩୭୦୨୨୦୫୫୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଭିଶପ୍ତ ଉତ୍କଳ

ଏ ଉତ୍କଳ କଣ ଆଜି ଅଭିଶପ୍ତ । ? ?

ଶ୍ରମରେ କ୍ଲାନ୍ତ କିମ୍ବା

ସ୍ୱପ୍ନରେ ସୁପ୍ତ ନୁହେଁ,

ସ୍ୱାର୍ଥର ଅନ୍ଧ ପୁଟୁଳିରେ

ମୁକ୍ତି ସଂଗ୍ରାମ ପାଇଁ ସବୁ ଅନାସକ୍ତ

ଚସା ଭାଇର ହଳ ଆଉ ଲଙ୍ଗଳ

ମୁକ୍ତା ଝରା ମାଟିରେ

ମୋତି ଆଉ ମାଣିକ୍ୟ ଭରା ଖଣି

ସବୁ ଆଜି ଜରାଗ୍ରସ୍ତ

ଦୁର୍ନୀତିର କରାଳ ଛାୟାରେ

ରଣଗ୍ରସ୍ତ ଚାଷୀ ଆଜି

ଆତ୍ମହତ୍ୟାକୁ ନିଏ ଆଦରି

ଖଣି ମାଫିଆଙ୍କ ଖଣି ଲୁଟ୍

ଚୋରିର ପ୍ରତିଦାନ ରାଜ ସିଂହାସନ

ନିଯୁକ୍ତି ଅଭାବୀ ମେଧା ଶକ୍ତି

ଲାଲଗଡର ସକ୍ରିୟ ପ୍ରହରୀ ସାଜୁଅଛି

ପାଇକ ଗଡରେ ଶୁଭୁନାହିଁ ଆଉ



ବିଶ୍ୱଜିତ୍ ନାଥ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୁନ୍ଦୁଭିର ମାଦଳ ସ୍ୱର୍
ଉଡୁ ନାହିଁ ଆଉ ବିଜୟୀ ବୈଜୟନ୍ତ
ହେଲେ ଚତୁର୍ଦ୍ଦିଗ କମ୍ପେ
ନିର୍ଭୟାର ଆକୁଳ ସ୍ୱରେ,
ପାଷାଣ ଭାସ୍କର୍ଯ୍ୟ ଆଜି ଜୀର୍ଣ୍ଣ
ଭଙ୍ଗ କୋଣାର୍କର ମୁଖଶାଳା
ଭଙ୍ଗ ହୃଦୟରେ ଗାଉ ଅଛି ନୀତି
ଉତ୍କଳର ଅଭିଷପ୍ତ ଗାଥା
କୋଣାର୍କ ସ୍ୱରରେ ସ୍ତବ୍ଧ ଖଣ୍ଡଗିରୀ
ବାହୁନି  ବାହୁନି କାନ୍ଦେ
ବାତ୍ୟାର ପ୍ରଳୟରେ
ଅବାକ୍ ମହୋଦଧି କାଳର କରାଳରେ
ସୁନାମି  ରୂପେ
ନଗଢ଼ା ଆଙ୍କିଛି କ୍ଷୁଦ୍ଧର ଚିତ୍ର
ପିପିଲି ଲେଖିଛି ଆଜି
ପୀଡ଼ିତାର ରକ୍ତଭିଜା ଇତିହାସ
ଆମ ପ୍ରାଚୀନ କୀର୍ତ୍ତିରାଜି
ଅସୀମ ଉଦ୍ୟମର ଇତିହାସ
ଖାଲି ପୃଷ୍ଠା ଆଉ ପୃଷ୍ଠା
ଦଲିଲ୍ ର ଅନ୍ତରାଳେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ଉପହାସ କରେ

ଏ ମାଟିର  ପ୍ରାଚୀନ ଅସ୍ମିତା କୁ ପଢି ।।।

ପତିତପାବନ ମହାବିଦ୍ୟାଳୟ, ସାଇଙ୍କୁଲ୍, କେନ୍ଦୁଝର

ଶେଷ ବର୍ଷ ସ୍ନାତକ ଶ୍ରେଣୀ ଛାତ୍ର

ଯୋଗାଯୋଗ _୯୪୩୭୫୯୪୩୫୯,,,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବର୍ଷା ତୁମେ ଆସିଲ

ଅପେକ୍ଷା କରିଥିଲି ତୁମକୁ ବର୍ଷା
ଗ୍ରୀଷ୍ମରେ ଜଳୁଥିଲା ଦେହ ଶରୀର
ବର୍ଷା ତୁମେ ଆସିଲ ବିଜୁଳି ଘଡ଼ଘଡ଼ି
ଶିତୁଆ ହାଉଲା ପବନକୁ ନେଇ  ! ! !

ଗ୍ରୀଷ୍ମର ଆଗମନ ରେ ଦେହ ମୋର
ସୁନ୍ଦର ରୁ ଛିନ୍ନ ହେଉଥିଲା
ତୁମୋ ଠୋପାରେ ଦେହ ମୋର
ସୁନ୍ଦର ରୁ ଯୌବନ ଧରିଲା  ! ! !

ସୁଁ ସୁଁ ଶବ୍ଦ ଝି ଝି ନାଦ ରେ ଦେହ
ମୋର ନୂତଙ୍ଗରେ ନାଚି ଉଠିଲା
ତୁମେ ନଥିଲ ବର୍ଷା ମୋର କି ଦେହ
ମନ ଯୌବନ ସୁନ୍ଦର ହୋଇଥାନ୍ତା  ! ! !



ଦୁଷ୍ମନ୍ତ ବେହେରା

ବର୍ଷାଠୋପା ବରଷିଲେ ତୁମର ଫାଟି
ଲେ ହୋଇଯାଏ ମୋର ମନ ଦୁଃଖ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଣ କହିବି ଏ ପ୍ରକୃତି ର ଖେଳ

ଖେଳି କହାଏ ଜୀବନ ଯାକ  ! ! !

ବର୍ଷା ତୁମର ଆଗମନ ରେ

ବେଙ୍ଗ ଯେ ବୋବାନ୍ତି

ଜିଆ କଲିକତରା ଝିଣ୍ଟିକା ଗଣ

ଖୁସିରେ ନାଚିଉଠନ୍ତି ପଶୁପକ୍ଷୀ ଗଣ !

କି କହିବି ଗାଈ ଯେ ନାଚି ଉଠନ୍ତି

ତୁମ ଆଗମନର କୂଳେ

ଗାଁ ଗଣ୍ଡା ଚଷା ପୁଅ ଯେ ହସିଉଠେ

ତୁମ ଆଗମନକୁ ନେଇ  ! ! !

ଚଷା ପୁଅ କରେ ବିଲରେ ହଳ

ଖେଳିଯାଏ ଶସ୍ୟ ଶ୍ୟାମଳ

ପ୍ରକୃତି ହସିଲେ ହସେ ସାରା ସଂସାର

ବର୍ଷାତୁମେ ଆସିଲ ବର୍ଷାତୁମେ ଆସି !

ରାସୋଳ, ମୁଣ୍ଡିଆପଷି, ଢେଙ୍କାନାଳ

ମୋ ନଂ-୯୯୩୭୬୫୨୫୦୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପାଳ ଭୂତ

ନା ପ୍ରଚଣ୍ଡ ଗ୍ରୀଷ୍ମର ଅସହ୍ୟ ତାତି
ନା ହାଡ଼ଭଙ୍ଗା ଶୀତର ସେ ଶୀତୁଆ ରାତି
ନା ବଜ୍ରକାୟ ଘଡ଼ଘଡ଼ି ବିଜୁଳିର ଭୟ
ନା ଝିପିଝିପି ବରଷାର ଆସନ୍ନ ପ୍ରଳୟ
ଏ ସବୁର ପ୍ରକୋପେ ତୁ ହୋଇନୁ ବିଚଳ
ବୀର ଦର୍ପେ ଜଗିଥାଉ ହୋଇ ତୁ ନିଶ୍ଚଳ ।

ଫସଲ ମଝିରେ ସଦା ଛିଡ଼ା ହୋଇଥାଉ
ଋତୁ ପରିବର୍ତ୍ତନର ପୀଡ଼ା ସହିଥାଉ
କେତେ ମଞ୍ଜି ପଡ଼ି ବିଲେ ହୋଇଥାଏ ତରୁ
ବିଲ ଜଗି ଚାଷୀର ତୁ ଉପକାର କରୁ
ତୋ ଭୟରେ ପଶୁପକ୍ଷୀ ନ ଆସନ୍ତି ଆଉ
ଚଷା ପୁଅ ମନରେ ତୁ ଆଦର ଯେ ପାଉ ।



ରାଧାମୋହନ ପୂଜାହାରୀ

ଚଷା ପୁଅ ନଡ଼ା ବାନ୍ଧି ପଶେ ତୋ ଶରଣ
ଛିଣ୍ଡା ବସ୍ତ୍ରେ ଢ଼ାଙ୍କେ ଦେହ ଦେଇ ଆବରଣ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁଣ୍ଡେ ତୋର ମାଟିହାଣ୍ଡି ଶୋଭା ପାଉଥାଏ

ଚଷା ପୁଅ ସର୍ବଦା ତୋ ଗୁଣ ଗାଉଥାଏ

ବଦଳୁଛି କେତେ ଋତୁ ବଦଳେ ବରଷ

ବିଶ୍ୱାସରେ ଲଭୁଥାଉ ଅସରନ୍ତି ଯଶ ।

ଲସ୍ତଲା, ଉଲୁଣ୍ଡା (ସୁବର୍ଣ୍ଣପୁର)

ଦୂରଭାଷ : ୮୯୧୭୪୧୬୮୫୨

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୁନ୍ଦରୀ ନାୟିକା

ଶବଦ ଶବଦ ପୁରପୁର ଦିଆ ସୁମଧୁର ଭାବେ ଭରା
ପ୍ରତିଟି ଧାଡିରେ ସାତ ସୁର ଖୁନ୍ଦା ରାଗିଣୀ ମୂର୍ଚ୍ଛନା ଧାରା ।
ଝଙ୍କରିତ ହୁଏ ପ୍ରକୃତିର ନାଦ କୋଣ ଅନୁକୋଣେ ତାର
କବିତା ନାୟିକା ପ୍ରାଣବନ୍ତ ହୁଏ ଦେହରେ ପୀୟୁଷ ଭାର । ।

ତା ହୃଦୟେ ଭରା ମଧୁର ରାଗିଣୀ ଶବଦର ଫୁଲକାରୀ
ପଦରେ ପଦରେ ବିକଶୀତ ହୁଏ ଫୁଲର ସୁଗନ୍ଧ ଧରି ।
ପାଠକ ମଧୁପ ଟାଣି ନିଏ ପରା ମଧୁର ସରାଗ ଶିରୀ
ଲେଖକ ତା' ହାତେ ମଧୁ ଢାଳି ଥାଏ ବାଛିବାଛି ରାଗ ଭରି । ।



ରୁଣୁ ଝୁଣୁ ପାଦେ ସପତ ରାଗିଣୀ ମୋହିନୀ ସୁର ର ତାନ
କବିତା ସୁନ୍ଦରୀ ପଦ ଲାଳିତ୍ୟ ରେ କିଣେ ସର୍ଭିଙ୍କର ମନ ।
ଶବ୍ଦ ଗନ୍ତାଘର ପଦେ ପଦେ ଗୁନ୍ଥା ମନର ନାୟିକା ସିଏ
ଯୁଗ ଯୁଗ ଧରି କବି ଲେଖନୀରେ ସ୍ୱର୍ଗୀୟ ଭାବନା ଟିଏ । ।

ଆଶୁତୋଷ ମେହେର

୫୪, ଆର୍ଯ୍ୟପଲ୍ଲୀ, କିଟଛକ, ପଟିଆ
ଭୁବନେଶ୍ୱର ୭୫୧୦୨୪ ଦୂରଭାଷ ୯୪୩୭୦୮୫୩୯୬

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଆଖି

ମୋ ପାଇଁ ତୁମ ଆଖି
ସତେ କି କାନଭାସ
ସେଥିରେ ମୁଁ ଆଙ୍କିପାରେ
ଛବି ବଦମାସ୍ ।।୧।।

ଆଙ୍କି ପାରେ ସେ ଛବିରେ
ରଙ୍ଗର ମମତାଜ
ତାଜା ହୋଇ ଦିଶନ୍ତା ସେ,
ପ୍ରେମର ଓରମାସ ।।୨।।

ପ୍ରଲମ୍ବିତ ଭ୍ରୂଲତା ସେ
ବଡ଼ ନିରୀମାଖି
ଲାଜମିଶା ନୟନରେ
ଦେଉଅଛି ହସି ।।୩।।

ଆଖିରେ ସେ ଆଙ୍କି ଦିଏ
ପ୍ରେମର ତୋରଣ
କୁଳଲଙ୍ଘି ଯିବାକୁ
ନ ହୁଏ ମୋ ମନ ।।୪।।

ଆଖି ନୁହେଁ ସେ ତ
ସରୋବର ଜଳ
ଇଛା ହୁଏ ସେ ଜଳରେ
କରନ୍ତି ସ୍ନାହାନ ।।୫।।

ଢଳ ଢଳ ସେ ଦୁଇଟି
ଦୁଇ ଗୋଟି ହୀରା
ଚମକନ୍ତି ମୁକ୍ତା ସମ
ବଡ଼ ଅପସୋରା ।।୬।।

ମିଶି ଗଲେ ଆଖି ଆଖି
ଘଡ଼ିଏ ମୁହୂର୍ତ୍ତ
ନ ରହନ୍ତି ଛାଡି କେବେ
ଅନ୍ୟର ସାନିଧ୍ୟ ।।୭।।



ପବିତ୍ର ଦାସ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
ମୋ-୯୮୫୩୯୨୬୭୭୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଙ୍ଗା ଆଇନା

ଆଇନା ଦେଖାଏ ନିଜ ପ୍ରତିଛବି
ଘରେ ଘରେ ଥାଏ ସିଏ
ସଭିଙ୍କ ଆଦର ନିତି ପାଉ ଥାଏ
ସିଏ ଯେବେ ସୁସ୍ଥ ଥାଏ ।୧।
ଭଙ୍ଗା ଆଇନାର ମହତ୍ୱ ନ ଥାଏ
ଅଶୁଭରେ ଗଣା ଯାଏ
ଆଇନା ଭାଙ୍ଗିଲେ ଖଣ୍ଡ ଖଣ୍ଡ ହୁଏ
ଛବି ଖଣ୍ଡ ଦିଶୁ ଥାଏ । ୨।
ଆଇନା କଦାପି ମିଛ କୁହେ ନାହିଁ
ସତ୍ୟର ସେ ପ୍ରତି ମୂର୍ତ୍ତି
ତୋର ସମାନରେ ନିତି ସଜ ହୁଏ
ଦେଖାଇ ନିଜର କୃତି ।୩।
ଯେତେ ବେଳେ ତୁହି ଭାଙ୍ଗି ଯାଇ ଥାଉ
ମୋ ମନ ହୁଅଇ ଦୁଃଖ
ସମାଜକୁ ତୁତ ଆଇନା ଦେଖାଉ
ନ ହେଉ କେବେ ବିମୁଖ । ୪।



ବାସନ୍ତୀଲତା ଜେନା


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିରହୀ ପ୍ରାଣରେ ବ୍ୟଥା ଭରି ଯାଏ

କହିତ କିଛି ପାରେନା

ଭଙ୍ଗା ଆଇନାର ଖଣ୍ଡ ସମ ପରି

ପ୍ରିୟ ଦେଲେ ପ୍ରତାରଣା ।୫।

ଭଙ୍ଗା କାଚ ପରି ବୃଦ୍ଧ ପିତା ମାତା

ହନ୍ତସନ୍ତ ହୋଇ ଥାନ୍ତି

ଅନ୍ତିମ ସମୟେ ଜରା ଶ୍ରମେ ନେଇ

କେତେ ପୁତ୍ର ଛାଡୁ ଥାନ୍ତି ।୬।

ନୟନରୁ ଅଶ୍ରୁ ବହେ ଧାର ହୋଇ

ସ୍ନେହ ଶ୍ରଦ୍ଧା ଟିକେ ପାଇଁ

ଭଙ୍ଗା ଆଇନକୁ କିଏବା କାହିଁକି

ସାଇତିବ ନିଜ ପାଇଁ ।୭।

ନିଜ ପୁତ୍ର ଯେବେ ବଇରୀ ସାଜଇ

କହିବି କାହାକୁ ଆଉ

ଅତୀତର ସ୍ମୃତି ମନେ ପଡି ଯାଏ

ମରଣ ମୋ ହୋଇ ଯାଉ ।୮।

ପତି ପତ୍ନୀ ମଧ୍ୟେ ସମ୍ପର୍କ ତୁଟିଲେ

ଭଙ୍ଗା ଆଇନରେ ଗଣା

କେହିତ କାହାରି ଦୁଃଖ ନ ବୁଝନ୍ତି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିଜ ଜିଦ ବାଟ ବଣା ।୯।

ଭଙ୍ଗା ମନ ଭଙ୍ଗା ଆଇନା ଯେପରି
କେବେ ଯୋଡି ହୁଏ ନାହିଁ
ଅପଦାର୍ଥ ହୋଇ ପଡି ରହିଥାଏ
ନୀରବେ ବେଦନା ସହି ।୧୦।

ମନ ଖୋଲି କଥା କହିବି ଭାବୁଛି
ସେମିତି କେ ଲୋକ ନାହିଁ
ଅନ୍ତର ଜଳୁଛି ଅଗ୍ନି ସମ ପରି
ଆଖିରୁ ଅଶ୍ରୁ ଝରଇ ।୧୧।

ସମ୍ପର୍କର ସେତୁ ଭାଙ୍ଗି ଗଲା ପରେ
ଭଙ୍ଗା ଆଇନା ହୁଅଇ
ହୃଦୟ ଭାଙ୍ଗିଲେ ସ୍ୱପ୍ନ ଚୁନା ହୁଏ
ବୁଦ୍ଧି ବାଟ ନ ଦିଶଇ ।୧୨।

ଗାନ୍ଧିନଗର, ନବରଙ୍ଗପୁର, ମୋ : ୮୭୫୮୬୫୫୯୭୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଗ୍ନି

ମଶାଣିରେ ପରା ଜଳିଲେ ତ ଜୁଇ
ବେଦିରେ ଜଳିଲେ ହୋମ
ଧୂପରେ ଲାଗିଲେ ଭକ୍ତିର ସଯୋଂଗ
ହୃଦୟେ ଜଳିଲେ ପ୍ରେମ ।

କେବେ ଜଳେ ସିଏ ଶୀତ ସକାଳରେ
ଜନମେ ଏନ୍ତୁଡି ଶାଳେ
ବତୀଘରେ ପରା ଜଳୁଥିଲେ ଦେଖି
ନାବିକ ଫେରଇ କୂଳେ
ଭାରି ଭୟଙ୍କର ଅଦେଖା ଅଗ୍ନି ଟି
ଭୋକ ଅଟେ ତାର ନାମ
ମଶାଣିରେ ପରା ଜଳିଲେ ତ ଜୁଇ
ବେଦିରେ ଜଳିଲେ ହୋମ ।



ପ୍ରକାଶ କୁମାର ଚାନ୍ଦ

କେବେ ଜଳି ପୁଣି ଚୁଲିର କୋଳରେ
ଜାଳକୁ ପାଉଁଶ କରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଠାକୁରଙ୍କ ଆଗେ ଆଳତୀ ନାମରେ

ଦୁଃଖ ଚିନ୍ତା ସବୁ ହରେ

ଜଳୁଛି ଜଳିବ ଜାଳୁଛି ଜାଳିବ

ଜଳିଜ୍ୱାଟା ତାର ଧର୍ମ

ମଶାଣିରେ ପରା ଜଳିଲେ ତ ଜୁଇ

ବେଦିରେ ଜଳିଲେ ହୋମ ।

ଜୟପୁର ଶାସନ ପିପିଲି ପୁରୀ

ମୋ.୯୮୫୩୩୫୪୯୩୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୌନ୍ଦର୍ଯ୍ୟତାର ମାଧୁରୀରେ ନାରୀ

ମନ ଆଉ ସୁନ୍ଦରତାର ଜଟିଳ ଗଣିତ
ଚିତ୍ରପଟ୍ଟରେ ନାରୀ ସତେକି ଚିତ୍ରିତ
ତୃଷାର୍ତ୍ତ ପଥିକ ପରି ସେଇ ମରୀଚିକା
ରହିଗଲା ଚିରଦିନ ହୋଇ ପ୍ରହେଳିକା ।୧ ।

ଦୁଃଖ କଷ୍ଟ ଯନ୍ତ୍ରଣା ସବୁ ଭୋଗିବାର
ପ୍ରତୀକ ସେ ନିଃସ୍ୱାର୍ଥପରତାର
କମନୀୟ ରୂପ ତା'ର ସୌନ୍ଦର୍ଯ୍ୟ ମାଧୁରୀ
ହାସ୍ୟମୟୀ ପ୍ରେମମୟୀ ସର୍ବଂସହା ନାରୀ ।୨ ।



ଭାସ୍କର ଚନ୍ଦ୍ର ଖଣ୍ଡା

ସିନ୍ଦୁର ଟୋପାରେ ଝଲସେ ଆଶାର କିରଣ
ହାତ କଂକଣରେ ଶୁଭେ ରୁଣୁଝୁଣୁ ତାନ
ଆଖିର କଜଳେ ସଜାଇ ଭୃଲତା
ନାଲି ନାଲି ଓଠ ପାଦରେ ଅଳତା
ଲାଜଭରା ସେଇ ଚାହାଣି ସାଂଗରେ
କିଣିନିଏ ମନ ରୂପ ମାଧୁରୀରେ
ବଞ୍ଚିଛି ଦୁନିଆ ତା ରୂପକୁ ଚାହିଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାରୀ ବିନା ଏଠି ଜୀଇବାର ନାହିଁ
ହଂସିନୀର ଚାଲି ସେ ମୃଗ ନୟନୀ
ସପନ ନାୟିକା ସେ ଚନ୍ଦ୍ରବଦନୀ
ଗଢ଼ିଛି ବିଧାତା କି ଫୁରୁସତରେ
ଅଜଣା ଶିଳ୍ପୀର ସୂକ୍ଷ୍ମ ନିହାଣରେ
କରି କେଶ ଗୁଛା କଳା ବାଦଲ
ନରମ ପରଶେ କରିବ ଗେହ୍ଲ ।୩ ।

ନାରୀ ପରା ଅଟେ ସୃଷ୍ଟିର ଆଧାର
ସାରଗର୍ଭ ସିଏ ସବୁ ଉପମାର
ସବୁରି ମୂଳରେ ଅଛି ସେଇ ନାରୀ
ଅଣଦେଖା ଅବା ହେବ ସେ କିପରି
ଜନନୀ ଭଗିନୀ ପ୍ରେମିକା ବି ନାରୀ
ଗୁନ୍ଥି ଦେଇ ସୂତା ମାଳାଟିଏ ପରି
ସ୍ଥିତି ତା ପ୍ରାଣବିନ୍ଦୁ ଘର ପରିବାର
ନଥାଏ ଯଦି ସେ ଶୁଭେ ହାହାକାର
ଦେବତା ବି ସେଠି କରନ୍ତି ରମଣ
ପାଇଥାଏ ନାରୀ ଯେଉଁଠି ସମ୍ମାନ । ୪ ।

ରୋଡ ନଂ ୩, ଜଗନ୍ନାଥ ନଗର
ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ମିଠା ସପନ

ଦିନ ଦିପହରେ ଅଧା ଆଖି ବୁଜି
ମିଠା ମିଠା କେତେ ସପନ ବୁଣେ,
ସପନରେ ମୋର ଆସି ପ୍ରିୟତମ
କେତେ ମିଠା କଥା
କହି ଦେଇଗଲେ କାନେ ।
ଆଖି ଖୋଲି ଯେବେ ଦେଖିଲି ଗୋପନେ
ଏଇ ଥିଲା ମିଛ ସପନ ଖାଲି
ସପନରେ କେବେ ଆସିବେ ବୋଲି,
ଆଖି ଖୋଲି କେତେ ସପନ ବୁଣଇ
ସପନ ମୋ କିବା ହୋଇବ ସତ
ଆସିବ କି ସତେ ମନର ମିତ ।
ସପନ ଭାଙ୍ଗିଲା ଭରମ ତୁଟିଲା
ନିରିଜନେ ଏକା ବସିଛି,
ମନ ଉଆସର ରାଜାପୁଅ ତୁମେ
ତୁମ କଥା ଆଜି ଭାବୁଛି ।
ଆଖି ଖୋଲି ଯେବେ ଚାହିଁଲି



ସଂଯୁକ୍ତା ମହାପାତ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଡ ଆଚମ୍ବିତ ସତକୁ ସପନ

ଭାବି ମନେ ମନେ ହସିଲି,

ସପନ ମୋ ସତେ ହୋଇଗଲା ସତ

ସତକୁ ପରତେ ନଗଲି

ଆଖି ଖୋଲି ଯେବେ ଶେଜଧାରେ ଦେଖେ

ମୋର ମନ ମଣିଷକୁ ଦେଖିଲି ।

ମାର୍ଫତ- ବିନୟ ମହାପାତ୍ର, ପଟିଆ, ଭୁବନେଶ୍ୱର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଲାମ୍ ସହିଦ୍

ଧନ୍ୟ ଧନ୍ୟ ତୁମେ ହେ ବୀର ସୈନିକ
ତୁମକୁ କୋଟି ସଲାମ୍
ତୁମ ବଳିଦାନ ନିଃସ୍ୱାର୍ଥ ପ୍ରେମକୁ
ଏ ଦେଶ କରେ ପ୍ରଣାମ୍ ।
ଆଖିକୁ ତୁମର ନିଦ ଆସେ ନାହିଁ
ମାତୃଭୂମି ରକ୍ଷା ପାଇଁ
ଅହରହ ତୁମେ ସୀମାରେ ଲଢୁଛ
ପଛଘୁଞ୍ଚା ଜମା ନାଇଁ ।
ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ
ସୀମାନ୍ତରେ ଥାଅ ଜଗି
ଖରା ବରଷାରେ ଶୀତ କାକରରେ
କେତେ ଦୁଃଖକଷ୍ଟ ଭୋଗି ।
ଘର ପରିବାର ବନ୍ଧୁ ପରିଜନ
ସମସ୍ତଙ୍କୁ ଭୁଲି ଯାଇ
ଦେଶ ରକ୍ଷା ପାଇଁ ସହିଦ ହେଉଛ
ପ୍ରାଣକୁ ଆହୁତି ଦେଇ ।



ରାମଚନ୍ଦ୍ର ପ୍ରଧାନ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମ ପାଇଁ ଆଜି  ଏ ମାଟି ଗର୍ବିତ

ବୀରତ୍ୱର ସ୍ମୃତି ଭାଳି

ସଲାମ୍ ସହିଦ  ସ୍ଲୋଗାନ୍ ଶୁଭୁଛି

ଦେଶପ୍ରେମ ବହ୍ନି ଜଳି ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ

ମୋ:୯୮୨୧୨୩୮୭୩୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ

ପବନ ତୁଳୀରେ  ଆଙ୍କି ଦେଇଛ
ମାନସପଟ୍ଟ ତୁମରି
ପ୍ରତି ସ୍ପନ୍ଦନରେ  ହୃଦୟ କୋଠାରେ
ଅନ୍ତର ହୁଏ ମୋ ଝୁରି ।

ଫଗୁଣର ମିତ  ଶ୍ରାବଣ ସଂଗୀତ
ଗୋଲାପ କଢିଟେ ତୁମେ
ମନ ଆଇନର  ସ୍ୱପ୍ନ ରାଇଜେ
ଅଢେଇ ଅକ୍ଷର ନାମେ ।



ନାମରେ ତୁମର  ହସେ ମଧୁଶାଳା
ତୃପ୍ତ ହୁଅଇ ପ୍ରାଣ
ଚାହାଣୀର ସ୍ପର୍ଶେ  ଆଖିର ହରଷେ
ନାହିଁ କିଛି ଅଭିମାନ ।

ଭାର୍ଗବୀ ମାଝୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଳୟ ପବନେ    ବାସ ଆଗମନେ
    ପୂରିଉଠେ ପ୍ରେମରସ
ପ୍ରତି ହୃଦୟରେ    ଆତ୍ମା ପ୍ରାଣରେ
    ଖେଳିଯାଏ ମୃଦୁହସ ।

ତୁମେତ ଅତୀତ    ତୁମେ ଭବିଷ୍ୟତ
    ତୁମେତ ମୋ ବର୍ତ୍ତମାନ
ଶାଶ୍ୱତ ଅଟଇ    ପ୍ରେମ-ପ୍ରଣୟ
    କରିବିନି କେବେ ଆନ ।

ବ୍ରାହ୍ମଣ ଛେଣ୍ଡିଆ,ଧର୍ମଗଡ଼
କଳାହାଣ୍ଡି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂସାର

ଆଜ ଦେଖିଲିରେ ମଣିଷର ପ୍ରକୃତ ସ୍ଥିତି
ସୁଖରେ କେତେ ମଉଜ କରି ସେ ଦେହ କରିଛି ପ୍ରସ୍ତୁତି !
ରୋଗ ବୋଲି ଶତ୍ରୁ ଆସି ଦେଲା ଯେ ପାହାର ଛାଡିଲା ତା ବୃତ୍ତି
କେତେବେଳେ କଲ ବଳ କେତେ ହଇରାଣ ଭାଙ୍ଗିଲା ତା କୃତି !
ଦେଖୁ ଦେଖୁ ତାର ରାଗ ଅହଂକାର ସରିଲା ସବୁ ପ୍ରକୃତ
କଷ୍ଟ ବିସ୍ତାରରେ ରହୁଛି ମଣିଷ ଖୋଜୁଛି ସୁଖର ଆଦର !
ରୋଗବ୍ୟାଧି ଘେନି ସାହାରା ଖୋଜୁଛି କରୁଛି ଟଙ୍କାର ବ୍ୟାପାର
ସମାଜକୁ ଘେନି ଉଚ୍ଚ ପଦ ପାଇଁ ନିତି କରୁଛି ଲୋକଙ୍କୁ ପର !
ମଣିଷ ମଣିଷକୁ ନଦେଇ ସମ୍ମାନ କରୁଛି ଧଡ ପକର
ସଂସାର ଭିତରେ ଘର ଅଛି ଅହଂକାରର ଛପର !



ରୋହିତ୍ ପଟ୍ଟନାୟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେତେ ଭଲପାଏ

ମୁକ୍ତ ଆକାଶ ଅଗଣାରେ
ତାରାମାନ ଦିଶନ୍ତି ଚିକିମିକି
ହେଲେ ଜହ୍ନ ଛପେ କଳାମେଘି ବାଦଲରେ
ପ୍ରେମର ସଜ ଗୋଲାପ ଯେ
ମୋଉଳି ଯାଇଛି  ମୋ ମନ ବଗିଚାରେ ,
ଆଛା ତୁମ କଥା ଏତେ କାହିଁକି ଭାବୁଛି
ପ୍ରଶ୍ନ ଆସେ ତୁମେ ମୋର କିଏ
ମୁ ବି ଜାଣିନି , ଜାଣିଛି ଏ ଚାନ୍ଦ
ମୁଁ ତୁମକୁ କେତେ ଭଲପାଏ ............  !୧ !
ବିରହ ବେଦନାରେ କେବେ ତମେ
ଟିକେ ଭାବାନ୍ତର ହେଇ ହଜନ୍ତକି
ତୁମ ସନ୍ଧେଇ ଆଖିରେ ମୋ ନିରାସ
ହୃଦୟର ମିଠା ଅଭିମାନକୁ ବୁଝନ୍ତକି,
ଛାଡ, କେମିତିବା ବୁଝିପାରିବ ତମେ
ମୋ ଆଖିର ଲୁହ ଆଉ ମନର କୋହ ,
ତୁମ ହୃଦୟ ପରା ହୃଦୟ ନୁହଁ



ଲିଟନ୍ କୁମାର ବେହେରା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତଥାପି ଆଜି ମୋ ଭାବନା ଖୋଜେ

ସେ ନିର୍ଝର କୂଳରେ ଗଛଲତା ପାଶେ

ଆଖି ମିଶା ମିଶି ମୁରୁକି ହସ ଟିକିଏ

କେହି ଜାଣୁ କି ନଜାଣୁ ସେଇ ଝରଣା ଜାଣିଛି

ମୁଁ ତୁମକୁ କେତେ ଭଲପାଏ .................... ।୨ ।

ବଣ ଖମଣ କିଛି ମୁ ମାନେନା

କଣ୍ଟାର ରାସ୍ତାରେ ମଧ୍ୟ ଚାଲିବାକୁ ପ୍ରସ୍ତୁତ

ତୁମ ହାତର ସାହାରା ଥିଲେ ପାଶେ ,

କିନ୍ତୁ,

ଝୁଣ୍ଟି ପଡେ ପାଦ ଆଜି

ଥକି ଯାଏ ମୁଁ ଡାକେ ବାଟ ଚାଲୁଚାଲୁ

ତୁମ ଅନୁପସ୍ଥିତି ଅନୁଭବ ହୁଏ

କେହି ଜାଣୁକି ନ ଜାଣୁ ,ଚଲାପଥ ତ ଜାଣିଛି

ମୁଁ  ତୁମକୁ କେତେ ଭଲପାଏ ..................... ।୩ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମ୍ପର୍କ...

ସମ୍ପର୍କ ର ମୁଲ୍ୟ ସେ କାହୁଁ ବୁଝିବ
ପାଇନାହିଁ ଯିଏ ଭଲ ,
ନିଜ ସ୍ୱାର୍ଥ ପଛେ ସଭିଏଁ ଚାଲନ୍ତି
ଜଗତେ ବୋଲାଇ ଭଲ ।।
ହୃଦୟର ଭାଷା ବୁଝେନାହିଁ କେହି
ସୌନ୍ଦର୍ଯ୍ୟରେ ହୋଇ ଅନ୍ଧ ,
କାମନା ର ନିଆଁ କରେ ଅମାନିଆ
ଯୌବନକୁ କରେ ମୁଗ୍ଧ ।।
ଧନ ଯୋଉବନ ମୋହିନିଏ ମନ
ମାନବତା ଯାଏ ମରି ,
କ୍ଷଣିକ ସୁଖକୁ ଆଲିଙ୍ଗନ କରି
ବାନ୍ଧନ୍ତି ସମ୍ପର୍କ ଡ଼ୋରି ।।
ନିସ୍ୱାର୍ଥ ରେ ଯିଏ ଗଢୁଥାଏ ପ୍ରେମ
ବିଶ୍ୱାସ ର ସେତୁ ବାନ୍ଧି ,
ସିଏ ହିଁ ବୁଝିଛି ସମ୍ପର୍କର ମୂଲ୍ୟ
ଭରସାରେ ହୁଏ ବାନ୍ଧି ।।



ଶିଶିର କୁମାର ସାମଲ୍

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୁଇ ଦିନିଆ ଏ ମଣିଷ ଜୀବନ
କର କାହିଁ ଅପଚୟ ,
ସମ୍ପର୍କ ର ମୁଲ୍ୟ ବୁଝିଯାଅ ବନ୍ଧୁ
ପ୍ରେମର ହୋଇବ ଜୟ । ।
ସମ୍ପର୍କର ମାନେ ଶାରିରୀକ ନୁହେଁ
ଦୁଇ ମନର ମିଳନ ,
ସମ୍ପର୍କର ଡ଼ୋରୀ ରେ ବାନ୍ଧି ହୋଇଗଲେ
ଜିତିବା ସବୁରି ମନ । ।

କଣ୍ଟିପୁର, ଯାଜପୁର
ଫୋନ୍ - ୭୮୯୪୦୭୦୬୬୭
ଇ-ମେଲ୍ - sisirkumarsamal@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୃଷକ ଆମ ବନ୍ଧୁ

ସେ ମାଟିର ମଣିଷ ମାଟିରେ ଯାଏ ମିଶି
ମାଟିକୁ ସିଏ ଚନ୍ଦନ ଭାବି
କ୍ଷେତରେ ଯାଏ ମଜ୍ଜି ।
ହଳ ଲଙ୍ଗଳ କାଙ୍କ କୋଦାଳ
ଏସବୁ ତାର ସାଥି,
ନ ଡରେ ବର୍ଷା ଶୀତ କାକର
ଡରେନା କେବେ ତାତି ।

ବନ୍ୟା ବାତ୍ୟା ମରୁଡି ମଧ୍ୟେ
କଷୁଥାଏ ସେ ଜୀବନ ଅଙ୍କ
ପେଶାରେ ନିଶାରେ ବୃତ୍ତିରେ ସଦା
ସେ ବୋଲାଏ ମୁଁ କୃଷକ ।



ଅଭୟ କୁଣ୍ଡ

ନିଜ ରକତ ପାଣି କରି ସେ
କ୍ଷେତରେ ଖଟୁଥାଏ,
ନିଜ ଝାଳକୁ ତୁଣ୍ଡରେ ମାରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଦା ସେ ହସୁଥାଏ ।

ଛିଣ୍ଡା ଧୋତିଟେ ଛିଣ୍ଡା ଗାମୁଛା
ବନ୍ଧୁ ତାହାର ସାଜେ,
ଗାମୁଛାକୁ ସେ ମୁଣ୍ଡରେ ଭିଡି
କ୍ଷେତ କାମରେ ମଜ୍ଜେ ।

ନିଜେ କାନ୍ଦେ ସେ ଅନ୍ୟ ଦୁଃଖରେ
ଅନ୍ୟକୁ ଦିଏ ହସ,
ମାଟିର ବକ୍ଷ ଚିରି ଫଳାଏ ସିଏ
ନାନାଦି ନାନା ଶସ୍ୟ ।

ଧନ ତାହାର ନ ଥାଏ ହେଲେ
ମନ ତାହାର ବଡ,
ଦୁନିଆକୁ ସେ ଯୋଗାଇ ଖାଦ୍ୟ
ଦୁନିଆଁରେ ସେ ବଡ ।

ଅଭାବ ତାର ସମସ୍ୟା ହେଲେ
ଖୋଲେନା କେବେ ତୁଣ୍ଡ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶ୍ରମ କରି ସେ ଜୀବନ ଦିଏ
ସାଜି ସେ ମେରୁଦଣ୍ଡ ।

ସେ ଅର୍ଣ୍ଣଦାତା ସେ ଜୀବନଦାତା
ସେ ପରା ଆମ ବନ୍ଧୁ,
ଦିଅରେ ତାକୁ ସାହସ ଶକ୍ତି
ଅପାର ସ୍ନେହର ସିନ୍ଧୁ ।

ସହକାରୀ ଶିକ୍ଷକ
ମହିଷାପାଟ ଆଶ୍ରମ ବିଦ୍ୟାଳୟ
ସଦର ଢେଙ୍କାନାଳ
ମୋ:୯୫୫୬୯୮୯୭୨୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାଇଥିଲି

ବାଟରେ ବୁଲୁବୁଲୁ ପାଇଥିଲି ତାକୁ,
ହଜାଇଥିଲି ତାକୁ ମୁଁ, ଚାବିରିଙ୍ଗ୍ ଭିତରେ
ତଥାପି କାହିଁକି କେଜାଣି ତା'ର ପ୍ରଶ୍ନୋତ୍ତର
ଖୋଜିବୁଲେ ସଞ୍ଜ ସକାଳେ..........
କିନ୍ତୁ ଜାଣେନା ମୋର ଅନାଗତ କେଉଁଠି,
ଭବିଷ୍ୟତ କେଉଁଠି....... ?
ବସା ବାନ୍ଧିଛି ମହୁମାଛି.....
ଡାକୁଛି..... ରେ ! କବି ବାବୁ.....
ତୋର ଦିନ ସମୟ ଶେଷ ହୋଇଲାଣି........
ଗଛରୁ ପତ୍ର ପଡିଲା ପରି
ତୁମକୁ ଦେଖୁଥିଲି,
ନିଜ ଦର୍ପଣରେ........
କେତେ ଆଘାତ ପାଇଲି...... ! !
ତା'ର କଳ୍ପନା କିଏ କ'ଣ କରିପାରେ.... ? ?
ତୁମେ ମୋର ପ୍ରଶ୍ନର
ଗୋଟିଏ ଗୋଟିଏ ଉତ୍ତର ଦେବ



ଡଃ ତନ୍ମୟ କବି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଦଳା ପାଞ୍ଜି ପରି......

ହଜାଇଦେବି ତୁମ ଓଠରୁ

ଲିପଷ୍ଟିକ ଦିଆ ହସ,

ଝରାଇ ଦେବି ତୁମକୁ ମୁଁ

ପ୍ଲାବିନୀ ଗଙ୍ଗାର ଧାରା ପରି.....

ପୁଣି ହଜିଯିବ ତୁମେ ସେଇ .........

ଚୁଁ ଚୁଁ ଶବ୍ଦରେ........

ପ୍ରାଧ୍ୟାପକ, ମହିମା ମହାବିଦ୍ୟାଳୟ

ଯୋରନ୍ଦା, ଢେଙ୍କାନାଳ

ଭ୍ରାମ୍ୟଭାଷ: ୯୫୮୩୭୪୯୩୫୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାଧୀନତା ଦିବସ ପାଳନ

ବୁହାଇ ଶୋଣିତ ମୋ ଦେଶର ସୁତ
　　ଦେଇଛନ୍ତି ସ୍ୱାଧୀନତା ,
ଅଛି ଏହି ଭୂମି କେତେ ଯେ ସଂଗ୍ରାମୀ
　　ରଚିଗଲେ ମହାନତା ।।୧ ।।

ଅହିଂସାର ସହ କେତେ ଶହ ଶହ
　　ସଂଗ୍ରାମୀ ଦେଇଣ ଯୋଗ ,
ଯାହାଙ୍କର ପାଇଁ ଶାନ୍ତି ନିଦ୍ରା ହୋଇ
　　କରୁଅଛେ ସୁଖ ଭୋଗ ।।୨ ।।

ଓଡ଼ିଆ ପାଇକ ହୋଇ ଏଠି ଏକ
　　କରି ପାଇକ ବିଦ୍ରୋହ ,
ଦେଶର ଶତ୍ରୁକୁ କରିଲେ ପଛକୁ
　　ନିଜେ ସହି କେତେ କୋହ ।।୩ ।।



ସରୋଜ କୁମାର ଜେନା

ହୋଇଣ ସ୍ୱାଧୀନ ଲାଗେ ପରାଧିନ
　　ଜନେ ପରାଧିନ ବଡି ,
ଅନ୍ୟାୟ କୁକର୍ମ କେତେ ଯେ ଦୁଷ୍କର୍ମ
　　ବଢୁଅଛି ଏଠି ନିତି ।।୪ ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶୁଣ ଜନ ଗଣ ସଂଗ୍ରାମୀ ଜୀବନ

ନହେଉ ଏଠି ବିଲୀନ ,

ଅନ୍ୟାୟର ପଥ କରିଣ ନିପାତ

ରଖିବା ତାଙ୍କ ସମ୍ମାନ ।।୫ ।।

ତାଙ୍କ ସ୍ମୃତି ପାଇଁ ସର୍ବେ ଏକ ହୋଇ

ଅଗଷ୍ଟ ପନ୍ଦର ଦିନ ,

ପ୍ରତି ବରଷ ସ୍ୱାଧୀନତା ଦିବସ

କରୁଛି ଦେଶ ପାଳନ ।।୬ ।।

ବାଲିଝରୀ,ନରସିଂହପୁର,କଟକ

ମୋ -୯୩୪୮୭୮୩୨୯୧

ଜୟ ଶିବ ଶମ୍ଭୁ ,ଜୟ ମାଆ ଭଟ୍ଟାରିକା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା' ବରାଳୀ

ତବ ପାଦ ଛୁଇଁ ସାଲୁଙ୍କିର ଝର
ଦୂର ଦେଶେ ଯାଏ ବହି,
କୁଳୁ କୁଳୁ ନାଦେ ଝଙ୍କୃତ ଶବଦେ
ତବ ଗୁଣ ଗାଇ ଗାଇ........ମା' ବରାଳୀ...
ତୁମ୍ଭରି କରୁଣା ନେଇ ।।୧ ।।

ଗମ୍ଭୀରାଟି ତୋର ଅତି ମନୋହର
ସେଇଠି ତୁମେ ପୂଜିତ,
ତୁମେ ଦୟାମୟୀ ତୁମେ କୃପାମୟୀ
ତୁମେ ତ' ସଦା ବନ୍ଦିତ..........ମା' ବରାଳୀ...
ତୁମ୍ଭରି କରୁଣା ପାଇଁ ।।୨ ।।



ଭାଗିରଥୀ ଯାନୀ

ଦୁଃଖ ହରି ସୁଖ ବରଷା କରୁଛ
ଆହେ ଜଗତ ଜନନୀ,
ମନର କଳ୍ପନା ପୂର୍ଣ୍ଣ କର ବୋଲି
ତବ ଗୁଣ ଗାଥା ଶୁଣି..........ମା' ବରାଳୀ...

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆସିଥାନ୍ତି ଭକ୍ତ ଧାଇଁ । । ୩ । ।

ତୁମ୍ଭେ ସବୁ ଇଛା ପୂରଣ କରୁଛ
ମଙ୍ଗଳ ପ୍ରଦାନ କରି,
ଆଖି ଅଶ୍ରୁଢାଳି ଡାକି ଦେଲେ କେହି
ତବ ନାମ ହୃଦେ ସ୍ମରି..........ମା' ବରାଳୀ...
ତବ ପାଦ ପଦ୍ମେ ଚାହିଁ । । ୪ । ।

ଭଣେ ଭାଗିରଥୀ ଘେନ ମୋ ବିନତି
ଦୟା ଥାଉ ନିରନ୍ୟତର,
ଅଧମ ଜପୁଛି ତୁମରି ନାମକୁ
ଦୁଃଖୀଙ୍କୁ ଉଧାର କର........ମା' ବରାଳୀ...
କୃପା ଟିକେ ଢାଳି ଦେଇ । । ୫ । ।

ଗ୍ରାମ:- ଦଳପଡା,ଡା.ଘ.:- ଦଳପଡା,
ଭାୟା:- ଖଜୁରୀପଡା, ଜିଲ୍ଲା:- କନ୍ଧମାଳ,
ପିନ୍:- ୭୬୨୦୧୨,
ଭ୍ରାମ୍ୟଭାଷ:- ୯୪୩୮୦୨୬୮୪୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୟ ଶ୍ରୀଗଣେଶ

ଜୟ ଜୟ ଶ୍ରୀଗଣେଶ ହେ ତୁମେ ଦୟାର ଅବତାର,

ଅବୋଧ ଶିଶୁ ମୁଁ ଯେ ଜାଣେନା ମହିମା ତୁମର ।

ଭାଦ୍ର ଶୁକ୍ଳ ପକ୍ଷ ଚତୁର୍ଥୀ ତୁମ ଆବାହନ ଯେ ହୁଅଇ,

ପ୍ରଭୁ ତୁମ ବିନୁ ଏ ଜଗତ ଅନ୍ଧକାର ଦିଶଇ ।

ସତ୍ୟ ଶାନ୍ତି ଦୟା ଦ୍ୱାରା ଏ ବିଶ୍ୱର କର ସେ ପାଳନ,

ତୁମ ନାମ ଜପି ମୋର ଦିନ ଜୀବନ ।

ପାର୍ବତୀ ତନୟ ତୁମେ ଅଟେ ଜ୍ଞାନର ସାଗର,

ଚରଣ ଯୁଗଳେ ଶରଣ ଗଲି ପ୍ରଭୁ ଘେନ ମୋ ପ୍ରଣାମର ଭାର ।



ସମ୍ୟଜିତ ପାତ୍ର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁରୁ

ଲିଭିଯାଇଥିବା ଦୀପଶିଖାଟିଏ ହାତରେ ମୋ ଜଳିଗଲା
ଭବିଷ୍ୟତର ସେ ଅନ୍ଧାର ଭିତରୁ ବର୍ତ୍ତମାନ ଦିଶିଗଲା
ଭୟରେ ମୋହର ଛାତିର ଭିତରେ ସ୍ପନ୍ଦନ ଯେ ବଢ଼ିଥିଲା
ଆଶିଷର ହାତ ଆଶ୍ୱାସନା ଛାତ ବିଶ୍ୱାସ ଯେ ଭରିଦେଲା ।।

ଥର ଥର ପାଦ ସାହାରା ଖୋଜିଲା ଚାଲିବାକୁ ବାଟ ଏକା
ଶିଖିବାକୁ ଥିଲା ଜୀବନ ବଜାରେ ଭାବନାର କିଣାବିକା
ଲୁହକୁ ଆଡ଼େଇ ଶିକ୍ଷାର ବଢ଼େଇ ଗଢ଼ିଦେଲେ ଏଇମିତି
ଦେଖ ଶିଷ୍ୟଗଣ ଯୋଗ୍ୟତାର ବଳେ ଅରଜିଲେ ଯେ ସମ୍ପତ୍ତି ।।

ଆଚାର ବିଚାର ମୂଲ୍ୟବୋଧ ବଳେ ଖୁସିର ସନ୍ଧାନ ମିଳେ
ଉଚ୍ଚ ଭାବନା ହିଁ ନୀତି ଆଦର୍ଶରେ ଐଶ୍ୱରୀକ ସତ୍ତା ପାଳେ
ସମର୍ପଣ ଭାବ ରଖିଥାଅ ମନେ ଫିଟିବ ଅଡୁଆ ସୂତା
ଶାମୁକା ଭିତରୁ ଚମକ ସାଥିରେ ଚହଟିବ ଯେ ମୁକୁତା ।।
ଗୁରୁ ଚିନ୍ତାଧାରା ଗୁରୁ ଶିଷ ଧାରା ଗୁରୁ ହିଁ ଆମ ସାହାରା
ଗୁରୁ ଉପଦେଶ କଲେ ଅବହେଳା ଜୀବନ ହିଁ ଦିଗହରା ।।



ସୌମ୍ୟରଞ୍ଜନ ପାଲ
ଗ୍ରାମ/ପୋ: - ବଡ଼ଶୋଳ, ଥାନା - ଝାରପୋଖରିଆ, ଜିଲ୍ଲା - ମୟୂରଭଞ୍ଜ
ପିନ - ୭୫୭୦୮୬, ଓଡ଼ିଶା, ମୋ- ୯୯୩୭୮୮୯୮୩୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସନ୍ଧ୍ୟାରେ ମୋ ଗ୍ରାମ

ପଶ୍ଚିମ ଆକାଶେ ସୂର୍ଯ୍ୟ ରତ ରତ
ଗୋଧୂଳିର ଉପସ୍ଥିତ,
ବିହଙ୍ଗ ଫେରିଲେ ନିଜ ବସା ଖୋଜି
ଦିବସର ହେଲା ଅନ୍ତ ! !(୧)

କୃଷକ ଫେରିଲେ କୃଷି କାମ କରି
ସନ୍ଧ୍ୟା ହେଲା ଉପସ୍ଥିତ,
ଭାଗବତ ଟୁଙ୍ଗୀ ଚଞ୍ଚଳିତ ହେଲା
ଗାନ କଲେ ଭାଗବତ ! !(୨)



ଚଉରା ମୂଳରେ ଶଙ୍ଖ ଧ୍ୱନୀ ହେଲା
ପ୍ରଜ୍ୱଳିତ ହେଲା ଧୂପ,
ଗ୍ରାମ ଦେଉଳରେ ଘଣ୍ଟ ବାଜୁଥିଲା
ସୁବାସେ ଆଳତି ଧୂପ ! ! (୩)

ଯତିନ୍ଦ୍ର ସ୍ୱାଇଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗ୍ରାମ ପିଲାଙ୍କର ପ୍ରାର୍ଥନାର ସ୍ୱର

ଆହା କି ଅଟେ ମଧୁର,
ସଂସାର ଠୁ ଭଲ ଏଇ ଗାଁ ମୋର
ଅଟେ ମୁଁ ବାସିନ୍ଦା ତାର  ! !(୪)

ସନ୍ଧ୍ୟା ସମୟରେ ଗ୍ରାମ ମହିଳାଙ୍କ
ପୋଖରୀ ଘାଟରେ ଭେଟ,
ସନ୍ଧ୍ୟା ସ୍ନାନ ସାରି କଳସ ଟି ଧରି
ଆସିଲେ ରଜନୀ ଭେଟ  ! !(୫)

ପଲ୍ଲୀ ଜୀବନକୁ ସାରଦୀୟ ସନ୍ଧ୍ୟା
ସମ୍ମୋହିତ କରେ ଦେଖ,
ଆକାଶ ମାର୍ଗରେ ଲୁଚକାଳି ଖେଳେ
ଚନ୍ଦ୍ର ବାଦଲର ମୁଖ  ! !(୬)

ଜୋସ୍ନା ମୟୀ ସନ୍ଧ୍ୟା ନବୀନ ଯୁବକ
ମନକୁ ହରଣ କରେ,
ଶୁସୀଳ ଶୀତଳ ଚନ୍ଦ୍ର ଆଲୋକରେ
କବିତା ଲିଖନ କରେ  ! !(୭)

ପୁତ୍ର କନ୍ୟା ଯେତେ ବାପାଙ୍କ ନିକଟେ
ଶିକ୍ଷା ଚର୍ଚ୍ଚା କରୁଥାନ୍ତି,
ସମୟ ପାଇଲେ ମା ପାଖେ ଯାଇ
ରୋଷେଇକୁ ଦେଖିଥାନ୍ତି  ! !(୮)

ଜେଜେମା କାହାଣୀ ଜେଜେବାପା କୋଳ
ପିଲାଙ୍କ ହୃଦୟ ମାଳ,
ସରଗଠୁ ବଳି ଆନନ୍ଦ ଲହରୀ
ଏହି ଅଟେ ପଲ୍ଲୀ କୋଳ  ! !(୯)

ଗରିବ କୁଟୀର ଚୁଙ୍ଗି ଆଲୋକରେ
ଦିକି ଦିକି କରି ଦିଶେ,
କାଳ ଭରା ଏହି ରଜନୀ ଟି ଆସି
ମୋଗ୍ରାମ ସନ୍ଧ୍ୟାକୁ ଗ୍ରାସେ  ! !(୧୦)

ସା-: ଗୋଡିଶ୍ୱଳ, ପୋଷ୍ଟ -: ଜାମୁଡିହା
ଜିଲ୍ଲା-: ବାଲେଶ୍ୱର (୭୫୬୦୪୧)
ଦୁରଭାଷ -: ୭୬୮୨୮୬୪୪୫୧/୯୪୩୭୭୬୫୬୩୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶିକ୍ଷକ

ସହିପାରେ ସିଏ ସବୁତକ ଦୁଃଖ
ପଥ ଯେତେ କଷ୍ଟ ଥିଲେ କରେ ସମ୍ମୁଖ
ବିଦ୍ୟା ପାଇଁ ସାଜେ ସଦା ଭିକ୍ଷୁକ
ସଦା ପ୍ରଚେଷ୍ଟାରେ ଗଢ଼ିବାକୁ ଏ ଭୂଲୋକ ।।

ଦେଖିପାରେନାହିଁ ଛାତ୍ରର ଦୁଃଖ
ରହିପାରେନାହିଁ ନଦେଖିଲେ ପୁସ୍ତକ ମୁଖ
ଜ୍ଞାନ ଆହରଣ କରିବା ତା'ରି ଭୋକ
ସମାଜର ହିତ ପାଇଁ ସାଜେ ଜଣେ ସୁଚିନ୍ତକ ।।



ଛାତ୍ରସମାଜ ପାଇଁ ନିଜେ ଜଳି ଜଳାଏ ଆଲୋକ
ବିଦ୍ୟାକୁ କରେ ସଦା ନିଜ ବାହକ
ନୀତିଶିକ୍ଷାକୁ କରେ ଜୀବନେ ପ୍ରୟୋଗ
ଛାତ୍ରଛାତ୍ରୀଙ୍କ ଖୁସି ତା' ଜୀବନ ସନ୍ତକ ।।

କମଳ ଲୋଚନ ମଲ୍ଲିକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମାଜପାଇଁ ପ୍ରେରଣାର ସାଜେ ଶୀର୍ଷକ

ପିଲାଙ୍କ ଉତ୍ତମ ଭବିଷ୍ୟରେ ଅବଦାନ ପ୍ରମୁଖ

ସବୁ ସୁଯୋଗକୁ ପରିଣତ କରେ ସୁବର୍ଣ୍ଣ ସୁଯୋଗ

ତେଣୁ ଦୁନିଆଁ ତା'କୁ କହେ

ସେ ଜଣେ ଶିକ୍ଷକ   ।।

ଗ୍ରାମ - ତାଳପଦା, ପୋ:- ଦ୍ୱାରିକା

ଜିଲ୍ଲା - ବାଲେଶ୍ୱର

ପିନ୍ - ୭୫୬୦୪୪

ଦୂରଭାଷ - ୭୩୭୦୦୯୧୫୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଝରାଶେଫାଳୀ ମୁଁ

ଜରା ଶେଫାଳୀ ମୁଁ
ଆହେ ଦୟାମୟ !
ମୋତେ କେ କରିବ ସ୍ନେହ ।
ଜଗତର ପିତା
ବୋଲି ସିନା ତୁମେ
ବୁଝି ପାର ମୋର କୋହ ।୦ ।
କେତେ ଫୁଲ ଫୁଟେ
ନିତି ଉପବନେ ।
ସବୁ କି ଲାଗଇ
ଦିଅଁଙ୍କ ଚରଣେ ।
ଜୀବନେ ଯା' ସଉ-
ଭାଗ୍ୟ ସିନା ଥିବ
(ତୁମେ) ପୋଛିବ ନୟନୁ ଲୁହ ।୧ ।
ସବୁରି ମଥାରେ
ଶ୍ରୀ କର ପରଶି ।
ଢ଼ାଳି ଦିଅ ପ୍ରଭୁ !



ଗୁପ୍ତେଶ୍ୱର ଚାନ୍ଦ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରୁଣା କଳସୀ ।

ସତ୍ତୁ ଥାଏ ପଛେ

ନିତି ମୁଁ ନରକେ

ସଭିଙ୍କୁ ଆଶିଷ ଦିଅ ।୨।

କରୁ କି ନକରୁ

ମୋତେ କେ ଆଦର ।

ମନେ ଖେଦ ନାହିଁ

ହେ ଜଗଦୀଶ୍ୱର !

ଖାଲି ଏକା ତୁମେ

ଶ୍ରୀ ଭୁଜ ପ୍ରସାରି

ଏ ଅଧମେ ତୋଳି ନିଅ ।୩।

ସମାସିଂହା, ଝାରସୁଗୁଡା ।

ମୋ. ନଂ. ୭୬୮୩୮୪୧୦୬୪.

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭିନ୍ନ ଏକ ଗୋବିନ୍ଦଚନ୍ଦ୍ର

କାଲିକି ପୂରିବ ଏକୋଇଶ ବର୍ଷ

ସଜା ହେଲାଣି ଲାଉଥାଳ,ଚିତାଚନ୍ଦନ

ଆଉ ଗେରୁଆବସ୍ତ୍ର,

ବାହାରେ ଶୁଭିଲାଣି କେନ୍ଦରାସ୍ୱର,ତୀରର ଝଙ୍କାର

ରୁହଟିକେ ଶୁଣିନିଏ !

ଅନେଶ୍ୱତ ରାଣୀର ମୋହମାୟା ତ୍ୟାଗକରି

ଗୋବିନ୍ଦ ପରା ସାଜିବ ଯୋଗୀ ।

ଭୁଲିଯିବ ରତ୍ନସିଂହାସନ

ଭୁଲିଯିବ ମୁକ୍ତାଦେବୀଙ୍କ ମାୟାମମତା

ଭୁଲିଯିବ ସେଥିଲା ଏକ ରାଜ୍ୟର ରଜାବୋଲି



ଆଉ ମୁଠାଏ ଭାତ ପାଇଁ ଚିତ୍କାର କରୁଥିବା

ପ୍ରଜାମାନଙ୍କର କରୁଣଧ୍ୱନି,

ରାଣୀ ରୋଧମାଙ୍କ ପ୍ରୀତିପରଶଠାରୁ ସେବହୁ ଦୂରରେ

ସେ ଆଜି କାଶ୍ମିରୀର ଡାଲହ୍ରଦପରି,

ରମାକାନ୍ତ ସେଠ

ପୁଣି ଅଭିଶପ୍ତ ଡିମିରି ଫୁଲଟେ,

ଯିଏ ଅଦୃଶ୍ୟ ହୋଇଯାଇଛି କିଛିକ୍ଷଣ ପାଇଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭଜୁକିନାରାମ ଶବ୍ଦରେ ।

ଖାଲି ପଡିଛି ରତ୍ନ ସିଂହାସନ

ଭୁଲିଯାଇଛି ମାୟାମମତା

ସେ ଏବେ କେବଳ ଯୋଗୀ ଆଉ କେବଳ ଯୋଗୀ,

ଆଉ ହାଡିପାଙ୍କ ଯୋଗମାର୍ଗର

ସେଏକ ସିଦ୍ଧସାଧକ ।

ସ୍ନାତକୋତ୍ତର ଷଷ୍ଠ ବର୍ଷ

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରୀ,

ପାରିଦୋବନ୍ଧା, ବାସୁଦେବପୁର, ପୁରୀ

ମୋ: ୮୨୪୯୮୦୪୬୭୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଓଡ଼ିଆ ରାଜନୀତି

ଆହା କି ସୁନ୍ଦର ଲାଗଇ ତାତି,
ନୀତି ଭିତରେ ମହାନୀତି,
ଆସରେ କରିବା ଗାଁରେ ମସ୍ତି;
ଆମର ସ୍ୱାର୍ଥ ତୁମର ପ୍ରୀତି,
ଇଏ ପରା ଓଡ଼ିଆ ରାଜନୀତି ।.........(୧)

ଝୁଣି ଝୁଣି ଗରୀବଙ୍କୁ ଠକନ୍ତି,
ଆମର ପିମ୍ପୁଡ଼ି,ତାଙ୍କର ହାତୀ,
ଆସରେ ଗରୀବ ଶିଘିର ମାତି;
ତାଙ୍କର ଗତି,ଆମର ଛାତି,
ଇଏ ପରା ଓଡ଼ିଆ ରାଜନୀତି ।...........(୨)

ପୋଛିନିଅନ୍ତି,ଧରାଇ ନାତି,
ଚିକ୍କଣ କହନ୍ତି,ଆମକୁ ଫସାନ୍ତି,
ମୁରୁକି ହସନ୍ତି,ଚଟୁରେ ନଚାନ୍ତି;
ନିଅନ୍ତି ନଡ଼ିଆ,ଧରାଇ ପାତି,
ଇଏ ପରା ଓଡ଼ିଆ ରାଜନୀତି ।........(୩)



ସ୍ମୃତିରଞ୍ଜନ ବାରିକ

ଗୋଡ଼ରେ ନୁହେଁ,ମୁଣ୍ଡରେ ଚାଲନ୍ତି,
ଛକରେ ବସି କରି କୂଟନୀତି,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମର ସାହାଯ୍ୟେ, କରନ୍ତି ଗତି,

ଆସନ୍ତି ଧାଇଁ ରାତିକୁ ରାତି,

ଇଏ ପରା ଓଡ଼ିଆ ରାଜନୀତି ।.........(୪)

ସ୍ୱାର୍ଥ ପାଇଁ ମିଠା ଖୁଆନ୍ତି,

ଦୃଢ଼ ମଜବୁତ କରନ୍ତି ସ୍ଥିତି,

ଗଳାକୁ ଚିପି,ରକ୍ତ ଶୋଷନ୍ତି;

ନିର୍ବାଚନ ପୂର୍ବେ ଆମର ସାଥୀ,

ଇଏ ପରା ଓଡ଼ିଆ ରାଜନୀତି ।..........(୫)

ନିର୍ବାଚନ ପରେ ନ ଚିହ୍ନନ୍ତି,

ମଧୁର ବଚନ ପ୍ରବଳ ଅତି,

ବିପଦେ ସମୟେ ପାଖେ ନଥାନ୍ତି;

ଆମର ଟଙ୍କାରେ ଆରାମେ ଶୋନ୍ତି,

ଇଏ ପରା ଓଡ଼ିଆ ରାଜନୀତି ।........(୬)

ମଟନ, ଚିକେନ,ମଦ ପିଅନ୍ତି,

ଆକୁଳେ ଗରୀବ,ଉପର ଚାହାନ୍ତି,

ଯାହାବି ହେଉ ଆମର ଗଲତି,

ଇଏ ପରା ଓଡ଼ିଆ ରାଜନୀତି ।..............(୭)

ଗ୍ରାମ:-ଅନୁପଲା, ପୋ:-ଅନ୍ତେଇ, ଗ୍ରା.ପ:-ସାମନ୍ତରାପୁର,

ବ୍ଲକ୍:-ତିର୍ତ୍ତୋଲ, ପିନ୍:-୭୫୪୧୬୨, ଜିଲ୍ଲା:-ଜଗତସିଂହପୁର

ମୋ:-୬୩୭୦୮୦୬୧୮୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାଷୀଭାଇ

" ଅନ୍ନ ସେ ଯୋଗାଏ ପରିଶ୍ରମ କରେ
କ୍ଷେତରେ ଚାଷୀ ଭାଇ ସୁନା ଫଳାଏ ।
ଖରା ବରଷା କୁ ଖାତିର ନ କରି
କୃଷକ ଭାଇ ଆମ ହଳ ଚଳାଏ ।
ମାଟି କୁ କର୍ଷଣ କାନ୍ଧରେ କୋଦାଳ
ଚାରା ବୁଣି ଦିଏ ସଭିଙ୍କୁ ଆହାର ।
ନାହିଁ କେଉଁ ରୂପ ନାହିଁ ସେ କଳନା
ଦିନ ରାତି ତାର ଗୁଣ ଗାରିମା ।
ବରଷା ରାଣୀ ର ବୁନ୍ଦାଏ ପାଣି
କ୍ଷେତ ତା ହସାଏ ଧରଣୀ ରାଣୀ ।
କୃଷକ ମୁହଁ ରେ ଫୁଟାଏ ହସ
ଆକାଶ ରେ ଦେଖି କଳା ବଉଦ ।
ମଥାରେ ପଗଡ଼ି ତାଳ ପତର
କୃଷକ ଭାଇ ର କାନ୍ଧେ କୋଦାଳ ।
କାଶିଆ କପିଳା ଦୁହିଁଙ୍କୁ ଧରି
ହଳ କରି ଜମି ଉର୍ବର ହୋଇ ।



ପି ପୁରବୀ ମହାନ୍ତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁନା ର ଫସଲ ଅମଳ ପାଇଁ

ମାସ କି ଋତୁ କୁ ଖାତିର ନାହିଁ ।

କୃଷକ ଜୀବନ ନୁହଁଇ ସହଜ

ମୁଠାଏ ଆହାର ଯୋଗାଇ ସେ ସଜ ।

ଟାଙ୍ଗରା ବିଲ କୁ ପରିଶ୍ରମ ବଳେ

କ୍ଷେତ କୁ ହସାଇ ସୁନା ଫଳାଏ ।

ମରୁଡି ହେଉ କି ହେଉ ସେ ବନ୍ୟା

ଧର୍ଯ୍ୟ ସହକାରେ ନାହିଁଁ ଉପମା ।

କୃଷକ ଭାଇ ଯେ ସେ ଅନ୍ନଦାତା

ତାଙ୍କ ଭରସେ ଏ ଜାତି ସହସା ।

ଅନନ୍ୟ ତୁମେ ଆମ କୃଷକ ଭାଇ

କରୁ ପ୍ରଣିପାତ ମଥା କୁ ନଇଁ ।""

ନାମ - ପି . ପୁରବୀ ମହାନ୍ତି

ଠିକଣା - ବଣାଇଁଗଡ଼

ଜିଲ୍ଲା - ସୁନ୍ଦରଗଡ଼

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାସର ଶେଯ

ପଦାର୍ପଣ ନବ ଜୀବନର

ନୂତନ ଅଧ୍ୟାୟ ର

ହାଲ୍'କା ହାଲ୍'କା ବାସ୍ନା ସବୁ

ସମ୍ମିଳିତ ଏକାଠି

ମହମହ ବାସ୍ନାରେ ।

ନା ଉଇଁଥିବ ଜହ୍ନ ରାତି

ନା ଜଳୁଥିବ ବିଜୁଳି ବତୀ

ଦୀର୍ଘ ଦିନ

ପ୍ରତୀକ୍ଷା ର ମହାମିଳନ

ଅନ୍ଧାରି କୋଠରୀ ଭିତରେ

ତୁମ ସହ ଏକା ଏକା

ଚତୁର୍ଥୀ ଘଡ଼ିର ଅମୃତ ବେଳାରେ ।



ହେମନ୍ତ ନାଏକ

ଏକ ନୂଆଁରୂପ

ନୂଆଁ ଚେହେରା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମଥାରେ ପାଟ ଓଢ଼ଣୀ

ସିନ୍ଥିରେ ସିନ୍ଦୂର

ନାଲି ଚୁଡ଼ି ଶଙ୍ଖା ସଙ୍ଗେ

ଭାଙ୍ଗିଦେବ ରାତ୍ରିର ନିରବତା

ପାଉଁଜିର ରୁଣୁଝୁଣୁ ସ୍ୱର ।

ରାତି ପାହିଯିବ

ମହକ ମେଣ୍ଟିବ

ବିଛେଇ ହେଇ ପଡିଥିବେ

ଯେ, ଯାହା ସ୍ଥାନରେ

ଉଦ୍ୟାନରୁ ସଂଗୃହିତ ସୁବାସିତ ଫୁଲ

ବାସି ବିଛଣାର ବାସର ଶେଜରେ ।

କିରାବାହାଲ , ଜୁରିଆ , ପାଟଣାଗଡ଼

ମୋ : ୮୭୫୮୪୮୨୧୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୁରୁକ୍ଷେତ୍ର

ସୁସଜ୍ଜିତ ସୈନ୍ୟ କୁରୁରଣାଙ୍ଗନେ,
ପାଟ ପରିଧାନେ ବିଜେ ରଥାସନେ ।
ଶୋଭାବନ ଦୃଶ୍ୟ ବୀରତ୍ୱ ବଦନେ,
ଶୋଭେ ନେତ୍ରେ ନୀଳ ନଭେ ତାରା ଯେହ୍ନେ ।
ଧରମ ଅଧର୍ମ ବେନି ପାର୍ଶେ ଉଭା,
ଧାମନ୍ତେ ବିଶ୍ୱର ବୀରଗଣ ପ୍ରଭା ।
କେବା ବିବାହିତ କେବା ଅଟେ ଯୁବା,
ଯୁଗାନ୍ତ ସିଦ୍ଧାନ୍ତ ରଣରଙ୍ଗୀ ସଭା ।
ଶସ୍ତ୍ର ହସ୍ତୀ ଅଶ୍ୱ ଶତ ରଥ ସଜ୍ଜା ,
ହବନେ ଆହୁତି ପାପୀ ରକ୍ତମଜ୍ଜା ।
ଭେରୀତୁରୀ ବାଦ୍ୟେ ଉଡେ ଧର୍ମଧ୍ୱଜା,
କେ ଲୋଟିବ ଭୂମେ କେବା ଶରଶଯ୍ୟା ।
ନିସ୍ତବ୍ଧ ଗଗନ ମଳୟ ପବନ,
ପଞ୍ଚଜନ୍ୟ ସ୍ୱନ ଅନ୍ୱେଷଣ କର୍ଣ୍ଣ ।
ଦେବାଦେବୀ ଜନ ଚଉଷଠି ପୁଣ,
ନିରତେ ଚାହାଁନ୍ତି ରଥାରୂଢ କୃଷ୍ଣ ।



ପରମାନନ୍ଦ ରାଜହଂସ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦ୍ୱାପରର ଅନ୍ତ ଧର୍ମ ହନ୍ତସନ୍ତ,

ଅନ୍ୟାୟ ଅଧର୍ମେ ବୀର ବଳବନ୍ତ ।

ଧର୍ମ ସଂସ୍ଥାପନ ପ୍ରମାଣ ଜ୍ୱଳନ୍ତ ,

ଲୀଳାତ୍ମକ ଲୀଳା ସର୍ବଦା ଜୀବନ୍ତ ।

ଆନନ୍ଦ କନ୍ଦ ପ୍ରଭୂ ଚିନ୍ମୟୀ ନନ୍ଦ,

ଜ୍ଞାନି ଆକାଂକ୍ଷା ସଦା ପଦାରବିନ୍ଦ ।

ସର୍ବ କାରଣ ସେହି, ମୂଳ ଗୋବିନ୍ଦ ,

ଅଜ୍ଞାନୀ ଭେଦେ କି, ରହସ୍ୟର ଗନ୍ଧ ।

ଜ୍ୟୋତିଷାଚାର୍ଯ୍ୟ, ମହାବୀରଧାମ
୮୯୧୭୬୬୮୬୯୯ (କୁରୁକ୍ଷେତ୍ର )

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ଅଡୁଆ ସୂତା

ଅନାଗତ ଅନ୍ଧକାର ଭିତରେ

ହଜିଯାଏ ଆସନ୍ତା ଆୟୁଷ

କାହିଁ ବା ମୁକ୍ତି ପାଇବର ମାର୍ଗ

ଅନ୍ତରାତ୍ମା ଆଜି ଚିତ୍କାର କରେ

ତ୍ରାହି ମାଂ.... ତ୍ରାହି ମାଂ

ଅଥଚ ଖୋଜି ପାଏନା

ସେ ଅଡୁଆ ସୂତାର ଖିଅ

ପ୍ରବୃତ୍ତିର ଦାସ ହୋଇ

ବଢେଇଚାଲେ ପାପର ପରାଭବ

ଅବରୁଦ୍ଧ କରିଦିଏ ଧର୍ମର ପଥ । ।



ରହସ୍ୟମୟ ଏ ବିଶ୍ୱ

ତାର ଅନ୍ତଃସତ୍ତା ଭିତରେ

ଛାଇଯାଇଛି ଆଜି

ଅପ୍ରାପ୍ତିର ଘନ କୁହେଳିକା

ହାସ୍ୟମୟୀ ରାଜ

ଅନେକ୍ ବିବର୍ତ୍ତନ ପରେ ବି

ତିଷ୍ଠି ରହିଛି ଯାହା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତାହା ହିଁ ତ ସତ୍ୟ

ତଥାପି ମଣିଷ ଚାହେଁନା

ଅମରତ୍ୱ ପ୍ରାପ୍ତିର

ସେଇ ଅମୃତ ସ୍ପର୍ଶ

ମନର ଗତି ଅନିୟନ୍ତ୍ରିତ

ଶୃଙ୍ଖଳା ବିପର୍ଯ୍ୟସ୍ତ

ଉଦ୍ଭ୍ରାନ୍ତ ସେ ଅଶିଷ୍ଟ ଅସଂଯତ

ଅଡୁଆ ତଡୁଆ ଚେତନାର ସ୍ତର

ବିଧ୍ୱସ୍ତିର ପଥ ଖୁବ୍ ପରିଷ୍କାର ।।

ଜରାମୟ ଅଲୋଡା ନିସଙ୍ଗ ଜୀବନ

ତଥାପି ଦଉଡେ

ସୀମାହୀନ ମରୀଚିକା ପଛେ

ଆତ୍ମବିଶ୍ଳେଷଣ ଆଜି  ଚେତନା ହୀନ

ମାନବତାର ଅଭିବ୍ୟକ୍ତି ସବୁ

ଭିତତ୍ରସ୍ତ ଅବା ବ୍ୟାଧିଦୁଷ୍ଟ

କିଏ ସଜାଡିବ ଏ ଅଡୁଆ ସୂତା

ବୁଝିପାରେନା ମୁଢ

ଦେଖିପାରେନା ସେ ଅଦୃଷ୍ଟ  ।।

*ଓରାଳି, ହାଟଡିହି, କେନ୍ଦୁଝର  ।*

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନ ପାଇବାକୁ ଚାହେଁ ଆଶାଠୁ ଅଧିକ

ଛାତିତଳେ ଲୁଚି ଅଛି ଗୋଟେ ଅଜଣା ନାଁ
ପାଦ ଯିବାକୁ କହୁଛି ଗୋଟେ ଅଜଣା ଗାଁ
ଆଖି ଦେଖିବାକୁ କହେ ଖାଲି ସେଇ ରୂପ
ମନ ଭାବିବାକୁ ଚାହେଁ ଆଶାଠୁଁ ଅଧିକ...

ହସରେ ହସରେ ତାର ଲୁଚିଛି କାହାଣୀ
ସିଏ ମୋ ମନ ରାଇଜେ ସାଜିଲାଣି ରାଣୀ
ଚାହିଁ ଦେଲେ ଥରେ ସିଏ ଜହ୍ନ ଯାଏ ଲାଜେଇ
ବେଣୀ ଛାଟିଦେଲେ ଥରେ ମୁଁ ଯାଏ ମିଳେଇ
ଥରେ ସିଏ ଦେଲେ ହସି ଇନ୍ଦ୍ରଧନୁ ଦିଶେରେ
ଆଉ ଯଦି ଯାଏ ରୁଷି ମେଘ ଘୋଟି ଆସେରେ
ଦିନେ ନଦେଖିଲେ ତାକୁ ଆଖି ସକସକ
ମନ ଭାବିବାକୁ ଚାହେଁ ଆଶାଠୁ ଅଧିକ



ଦିଲିପ କୁମାର ତ୍ରିପାଠୀ

ପ୍ରିୟା ନାଁ 'ସୁପ୍ରିୟା' ମୋର ନୀଳ ତା ଓଢଣୀ
ପିନ୍ଧେ ଯେବେ ଖେଳେ ଢେଉ ମୁଁ ସାଜେ ତରଣି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସୁରଭି ତା ଦେହର ଅଛି ସବୁ ଫୁଲରେ
ତା ଆଖିର ନୀଳ ଅଛି ଆକାଶର ବୁକୁରେ

ରୂପରେ ଗୁଣରେ ତାକୁ କିଏ ଯିବ ବଳି
କହେ ଥିରି ଥିରି କଥା ମୋ ପ୍ରିୟା ସରଳି

ଦୁନିଆ କହୁ ଯାହା ପଡେନି ଫରକ
ମନ ପାଇବାକୁ ଚାହେଁ ଆଶାଠୁ ଅଧିକ

ଢେଙ୍କାନାଳ, ପର୍ଜଙ୍ଗ,କୁନ୍ଦନଦେଇପୁର ଶାସନ
ଇ-ମେଲ୍ ଠିକଣା:dkt.writer@gmail.com
ଦୂରଭାଷ:୯୭୭୮୧୦୬୧୦୫/୯୯୧୬୦୬୫୮୬୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗୁରୁ ସବୁଠୁ ଊର୍ଦ୍ଧ୍ୱରେ

ପ୍ରଥମ ଅକ୍ଷର ଶିଖେଇଛ ତୁମେ
କୁନି ହାତରେ ମୋ ଖଡ଼ି ଧରେଇ,
ବଡ଼ ହେଇ ଆଜି କବି ମୁଁ ବୋଲାଏ
ଗୁରୁଦେବ ଖାଲି ତୁମରି ପାଇଁ ।

ଟିକି ଓଠରେ ମୋ ଶବଦକୁ ଭରି
ଚକ କଳ ଅଖ ଶିଖେଇ ଥିଲ,
ଆଜି ବକ୍ତା ନାମେ ପରିଚିତ ମୁହିଁ
ଦେଉଛି ମଞ୍ଚରେ ଭାଷଣ ଭଲ ।

ଯାଉଥିଲି ଯେବେ ଅବାଟରେ ମୁହିଁ
ଖାଉଥିଲି ତୁମ ହାତରୁ ମାଡ,
ଆଜି ମୁଁ ପୁଲିସ୍ ଚାକିରି କରୁଛି
ଚୋରଖଣ୍ଟକୁ ମୁଁ କରେ ସାବାଡ ।



ସନ୍ତୋଷ କୁମାର ନାୟକ

ଅସୁସ୍ଥ ବାରତା ଶୁଣି ଗୁରୁ ତୁମେ
ଆସୁଥିଲ ଆମ ଘରକୁ ଧାଇଁ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମ ଆଶିଷରେ ଡାକ୍ତର ହୋଇଛି
ରୋଗୀଙ୍କର ସେବା କରୁଛି ମୁହିଁ ।

ମିଛ କହିଲେ ମୁଁ କାନ ଧରି ମୋର
ସତ କହିବାକୁ ବୁଝାଉ ଥିଲ,
ବିଚାରପତି ମୁଁ ବିଚାର କରୁଛି
ନ୍ୟାୟ ଅନ୍ୟାୟକୁ କରି ତଉଲ ।

ଯିଏ ଯେତେ ବଡ଼ ହୋଇଅଛି ଆଜି
ବୈଜ୍ଞାନିକ ଅବା ବୀର ଯବାନ,
କେହି ପାରିବେନି ଅସ୍ୱୀକାର କରି
ସବୁଠୁ ଊର୍ଦ୍ଧ୍ୱରେ ଗୁରୁର ସ୍ଥାନ ।

ସନ୍ତୋଷ କୁମାର ନାୟକ
ବିଷମ କଟକ, ରାୟଗଡ଼ା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଝଡ଼ ବରଷା ସାକ୍ଷୀ

ବୁଝି ପାରିଲନି ନିଶ୍ୱାସର ଭାଷା
ପଢି ପାରିଲନି ଆଖି,
କେତେ ଆଙ୍କିଛି ମୁଁ ଲୁହର ନକ୍ସା
ଏ ଝଡ଼ ବରଷା ସାକ୍ଷୀ । ।
ପ୍ରେମ ଇନ୍ଦ୍ରଧନୁ ଯାଇଛି ମଉଳି
ଆଶାର ସୁରୁଜ ପଡ଼ିଛି ଝାଉଁଳି ।
ଫଟା ହୃଦୟଟା ତଥାପି ପୁରୁଣା
ପ୍ରଣୟେ ରହିଛି ଲାଖି,
ଝରିଝରି କେତେ ଝୁରୁଛି ଆଜି ବି
ଏ ଝଡି ବରଷା ସାକ୍ଷୀ । ।
ବର୍ଷା ଛାଡିଯିବ ବିଶ୍ୱାସ ଉଜାଡି
ଆଶ୍ୱାସ ଅତଡା ପଡ଼ିବ ଭୁଶୁଡ଼ି ।
ଚାତକ ମନଟା ଉଡ଼ି ବୁଲୁଥିବ
ତୁମ ନାମ ଡାକିଡାକି,
ଆଖି ଲୁହେ ବି ତା ଶୋଷ ମରିବନି
ଏ ଝଡ଼ ବରଷା ସାକ୍ଷୀ । ।



ସୁବ୍ରତ କୁମାର ଗିରି

କନିଷ୍ଠ ଶିକ୍ଷକ, ତଳାପାତି, ଅଶନା, ମୟୂରଭଞ୍ଜ

ମୋ-୭୮୯୪୮୦୩୩୧୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆର ପଣତ

ମାଆର କୋଳ ସରଗ ସମ,
ଅମୂଲ ଅଟେ ତାହାର ପ୍ରେମ ।
ମାଆଟି ମୋର କେତେ ନିଜର,
କେତେ ମିଠା ବଚନ ତାହାର ।
ଖାଇ ନଥିଲେ ଖୁଆଇ ଦିଏ,
କୋଳରେ ତା'ର ଶୁଆଇ ଦିଏ ।
ସକଳ କଥା ପିତା ଲାଗଇ,
ମାଆଟି ଯେବେ ଦୂରରେ ଥାଇ ।
ତା' କଥା ମୁଁ ଭାଳେ ମନେ,
ଫେରିବା ବାଟକୁ ଚାହିଁ ପୁଲକିତ ନୟନେ ।
ରୋଗରେ ପଡିଲେ ମୁଁ ଆଖିରେ ତା' ଲୁହ,
କେତେ ପୂଜା ମାନସିକ କରେ ମନେ ଭରି କୋହ ।
ମୋ ମାଆ ପରି କେ ନାହିଁ,
ସେ ଅଟେ ଭାରି ସେନେହି ।
ଓଠ ରେ ସିନା ହସ ଫୁଟାଏ,
ସବୁ ଦୁଃଖକୁ ସହି ଯାଏ ।



ଜନ୍ମଜୟ ନାୟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୁନିଆ କୁ ମୋତେ ସେ ଦେଖେଇଛି,

ତା' ଆଙ୍ଗୁଳି ଧରି ବାଟ ଚାଲିବା ଶିଖିଛି ।

ସନ୍ତାନର ଜୀବନର ଦୁଃଖ ପୋଛେ ପଣତେ ତା'ର,

ସରଗ ସୁଖ ଲୁଚିଛି କୋଳରେ ଯାହାର ।

ହଜିଲା ଜିନିଷ କୁ ଖୋଜି ଆଣି ଦିଏ,

ଭାଙ୍ଗି ଯାଇଥିଲେ ଗଢି ସେ ଥାଏ ।

ସନ୍ତାନର ସହେ ଅଳିଅର୍ଦ୍ଦଳି,

ଝାଡି ଦିଏ ସେ ଦେହର ଧୂଳି ।

କଣ୍ଟାବି ଫୁଲ ହୁଏ ମାଆ ମମତାରେ,

ସବୁ ବିପଦ ବି ଚାଲିଯାଏ ଦୂରେ ।

ସୁଝି ହୁଏ ନାହିଁ ତାର ମମତାର ମୂଲ,

କେହି ହୋଇବେ ନାହିଁ ତା'ର ତୁଲ ।

ଆଶିଷ ମାଆର,

ସୁଖ ଜୀବନେ ଭରେ ଅପାର ।

ମାଆ ପରା ଅଟେ ମୋର ଚଳନ୍ତି ପ୍ରତିମା,

ଦେବାଦେବୀ ମୋର ଦୋଷ କର କ୍ଷମା ।

ମାଆ ମନେ ଦୁଃଖ କଷଣ ଦେଇ,

ଚାରିଧାମ ବୁଲିଲେ ପୂଣ୍ୟ ନ ମିଳଇ ।

ସେଇ ମାଆ ଭରେ ଆମ ଆଖିରେ ସପନ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା' କାନିରେ ବନ୍ଧାପରା ଆମର ଜୀବନ ।

ମାଆ ଦୀପର ସଳିତା ପରି ଜଳୁଥାଏ,

ଆମ ଜୀବନ ଆଲୋକିତ ହୁଏ ।

ପଣତ ମାଆର,

କେତେ ଆପଣାର ।

ନ ଆସୁ କେବେ ଲୁହ କେଉଁ ମାଆ ଆଖିରେ,

କୋଳଶୂନ୍ୟ ନ ହେଉ କେବେ ମାଆରେ ।

କନିଷ୍ଠ ଶିକ୍ଷକ, ଚିଲିକା ନୋଡ଼ାଲ ହାଇସ୍କୁଲ, ପୁରୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୃଷକ ଭାଇ

ମୁଁ କୃଷକ ଭାଇ ମୁଁ କୃଷକ ଭାଇ
ଖରା ବରଷା କୁ ମୋର ଡର ନାହିଁ
ମୁଁ ଦିନ ରାତି କାଟେ  ବିଲରେ ରହି
ମୁଁ ଦୁଃଖ କଷ୍ଟ ସହେ ସମାଜ ପାଇଁ  । ।

ବିଲଟିରେ ଫଳନ୍ତି ଶସ୍ୟକୁ ଦେଖି
ନାନା ବାଦ୍ୟ ଗୀତ ଗାନ କରେ ହସି
ଦୁନିଆକୁ ଆହାର ଦେଇ ମୁଁ ଖୁସି
ଅର୍ଥର ଲୋଭ ମୋହର ନାହିଁ ବେଶି  । ।



ଦୈବ ଦୁର୍ବିପାକ ବନ୍ୟା, ମରୁଡିରେ
ସୁନା ଫସଲ ସବୁ ଧୋଇ ଯାଏରେ
ମୁଁ ସାହୁକାର  ପାଶେ  ଋଣ ଆଣେରେ
ସ୍ତ୍ରୀର ଅଳଙ୍କାର ପ୍ରତିବଦଳରେ  । ।

ମହମ୍ମଦ ହନିଫ୍ ସାହା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ମୋହର ପ୍ରାପ୍ୟ ଆଜି ବି ପାଏନି

କ୍ଷତି ପରେ କ୍ଷତି କୁ ଦୁଃଖ କରେନି

କ୍ଷେତ ବିଲକୁ ଜମା  ଭୂଲି ପାରେନି

ସମାଜେ ଖାଦ୍ୟାଭାବ ସହି ପାରେନି  । ।

ତେଣୁ ମୁଁ ଶପଥ ଆଜି ଠୁ କରିବି

ମୋ ପରିକା ଚାଷୀ ତିଆରି କରିବି

ସବୁଜ ଶ୍ୟାମଳ ପୃଥିବୀ ଗଢିବି

ମୁହିଁ ହସି ସମସ୍ତ ଙ୍କୁ ହସାଇବି  । ।

ନୂଆଗାଁ, ଧାମନଗର, ଭଦ୍ରକ

ମୋ: ୯୭୭୬୦୯୦୮୨୪ / ୮୦୯୩୪୦୬୭୯୬

ଇମେଲ୍ : www.mdh50155@gmail.com



ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୋମାତା

ଗୋ ବଂଶ ତୁ ଶ୍ରେଷ୍ଠ ବଂଶ ଅଟୁ
କୃଷ୍ଣ ବଂଶ ଠୁ ଉପରେ,
ମସ୍ତକେ ତୋର ବ୍ରହ୍ମା ବିରାଜନ୍ତି
ପ୍ରଜାପତି ହମ୍ବା ରଡିରେ ।
ଶିଙ୍ଗରେ ତୋର ଶଙ୍କର, କେଶବ
ସରସ୍ୱତୀ ପୁଣି ଜିହ୍ୱାରେ,
ଲୋମେ ଋଷି ଗଣ ଖୁସୀରେ ରୁହନ୍ତି
ଲକ୍ଷ୍ମୀ ରହିଥାନ୍ତି ଗୋବରେ ।
ଗୋ ବଂଶ ତୁ ଶ୍ରେଷ୍ଠ ବଂଶ ଅଟୁ
କୃଷ୍ଣ ବଂଶ ଠୁ ଉପରେ ।
ତୋର ସେବା ପରା ଶ୍ରେଷ୍ଠ ସେବା ଅଟେ
ରଖେ ଯେ ତୋତେ ଆଦରେ,
ଘର ଅଗଣା ତା ହସି ଉଠୁଥାଏ
ନଥାଏ କିଛି ତା ରୋଗ ରେ ।
କୃଷ୍ଣ ଥିଲେ ପରା ରକ୍ଷା କାରୀ ତୋର
ରକ୍ଷା କରୁଥିଲେ ଦ୍ୱାପରେ,



ଉତ୍ତମ ମହାପାତ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ ପାପି ମଣିଷ କଷ୍ଟ ଦଉଛି ରେ

ତତେ ଏବେ କଳି କାଳ ରେ ।

ସ୍ୱାର୍ଥ ସରିଗଲେ କଂସେଇ ହାତ କୁ

ଟେକି ସେ ଦଉଛି ଆଜି ରେ,

ତୋ ଦେହ ରେ ଆଜି ରକତ ଝରୁଛି

ଲୁହ ବଦଳ ର ଆଖି ରେ ।

ଆଜି ସେହି ଅଭିଶାପେ ବିଶ୍ୱ କାନ୍ଦୁଛି

ପ୍ରପୀଡ଼ିତ ମହା ମାରୀ ରେ ,

ଗୋ ବଂଶ ତୁ ଶ୍ରେଷ୍ଠ ବଂଶ ଅଟୁ

କୃଷ୍ଣ ବଂଶ ଠୁ ଉପରେ ।

ମାଟିଆଳି, ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କରୋନା ଯୁଦ୍ଧ

ଯୁଦ୍ଧର ଡାକରା ଦେଇଛି  କରୋନା
ହୁଅ ନାହିଁ ବିଚଳିତ
ସ୍ୱଚ୍ଛତା  ସତର୍କତାର  ଅସ୍ତ୍ରରେ
କରିଦେବା ତାକୁ ମୃତ

କରୋନା ବହ୍ନିର ପ୍ରଜ୍ଜ୍ୱଳନରେ
ଆତଙ୍କିତ  ସାରା ବିଶ୍ୱ
ବୈଜ୍ଞାନିକ ବୁଦ୍ଧି ଖେଳେ ଲୁଚକାଳୀ
ବିଜ୍ଞାନ ହୋଇଲା  ନିଃସ୍ୱ ।



ଜୀବନକୁ ନେଇ ଖେଳଇ କରୋନା
ଜାଲ ତାହାର ଅଦୃଶ୍ୟ
କୋଟିପତି  ଅବା ଗରୀବ ଭିକାରୀ
ସଭିଙ୍କୁ  କରଇ  ବଶ ।

ସରୋଜିନୀ ମିଶ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛାର ଭୂତାଣୁଟା ଡରାଏ ଆମକୁ
ଜମା କରନାହିଁ ଭୟ
ଜଗତ୍ ପିତାଙ୍କର ସଂସାରେ ଆସିଚେ
ଯିବାତ ଦିନେ ନିଶ୍ଚୟ ।

ଡରି ମର ନାହିଁ ମୁକାବିଲା କର
ସାହସ ବଜାୟ ରଖ
ସରକାରଙ୍କର ନିର୍ଦ୍ଦେଶକୁ ମାନି
ଜୀବନରେ ପାଅ ସୁଖ ।

ସ୍ୱଚ୍ଛତା, ସତର୍କତାର ନୀରରେ
କରୋନାକୁ ନିର୍ବାପିତ
ମାସ୍କ ପିନ୍ଧି କଲେ ଦୂରତାର ରକ୍ଷା
କରୋନା ହେବ ସମାପ୍ତ ।

ମାନବିକତାକୁ ଭୁଲି ଯାଅନାହିଁ
କର ପର ଉପକାର
ଯିବାର ଥିଲେ କି ରହିଯିବ ତୁମେ
ଏ ପରା ମର ସଂସାର ।

ଅମାନିଆ ବୁଦ୍ଧି ଛାଡି କଥାମାନି
ହୋଇବା ଯଦି ସତର୍କ
ନିଜକୁ ବଞ୍ଚାଇ ଦେଶ ବଞ୍ଚାଇବା
ନ ହେଲେ ଭୋଗିବା ନର୍କ ।

ନିଜେ ବି ମରିବା ଅନ୍ୟକୁ ମାରିବା
ଖେଳିଲେ ମରଣ ଖେଳ
ପଶ୍ଚାତାପ କଲେ ଫେରି ପାଇବାନି
ବୁଝ ସମୟର ମୂଲ୍ୟ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାହାରେ ବୁଲିବା ବନ୍ଦ ହୋଇଗଲେ
   କାହିଁକି ବା ମନ ଦୁଃଖ
ପରିବାର  ସହ ସମୟ ବିତାଅ
   ପାଇବ ସ୍ୱର୍ଗୀୟ ସୁଖ ।

ସକାରାତ୍ମକ  ଚିନ୍ତାକୁ ରଖି
   ନକାରାତ୍ମକ  ଛାଡ
ଆଖି ଥାଉ ଥାଉ ହୁଅ ନାହିଁ ଅନ୍ଧ
   ମନୋବଳ କର ଦୃଢ଼ ।

ପଶୁ ପ୍ରବୃତ୍ତିକୁ ଦୂରେ ଠେଲିଦେଲେ
   କଠିନ ସମୟ ଯିବ
ମାନବିକତାକୁ ଆଦରିଣ ନେଲେ
   ସୁଖ ସମୟ ଆସିବ ।

ଦିବ୍ୟାସ୍ତ୍ର କରୋନା ଛାଡି ଜଗତ୍ ପିତା
   କରନ୍ତି  ଅବଲୋକନ
ଧର୍ମ ନିକିତିରେ  ଓଜନ କରିବେ
   କରୁଥିବା  ପାପପୂଣ୍ୟ ।

ଜଗତ୍ ପିତାଙ୍କର ସଂସାର ଏହି
   ଆସିଛେ ତ ଦିନେ ଯିବା
ସତ୍ ଚିନ୍ତା ରଖି  ସତ୍ କର୍ମ କଲେ
   ପ୍ରଭୁ  କରୁଣା ପାଇବା ।

ଅଚ୍ୟୁତରାଜପୁର, ବାଣପୁର
ଖୋର୍ଦ୍ଧା,  ଓଡ଼ିଶା
ଭ୍ରାମ୍ୟଭାଷ -  ୯୯୩୮୪୬୫୨୦୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦିଦି ତୁ ଫେରି ଆ...

ଫେରି ଆ ଲୋ ଦିଦି ତୋ ଭାଇ ପାଖକୁ
ଅନାଇ ବସିଛି ମୁହିଁ,
କେବେ ତୁ ଆସିବୁ ମୋତେ ହସାଇବୁ
ଦେ ହେଲେ ଥରେ କହି ।।

କେତେ ଦେଖୁଥିବି ତାରା ରୂପେ ରାତିରେ
ଭାବେ ମନେ ପ୍ରତିକ୍ଷଣେ,
ଆ ବାନ୍ଧିବୁ ରାକ୍ଷୀ ସର୍ବେ ଥିବେ ସାକ୍ଷୀ
ଖୁସି ଅଶ୍ରୁ ଝରିବ ନୟନେ ।।

ଭଗବାନ ବି ତତେ ଖୁବ୍ ପାଉଥିଲେ ଭଲ
ମୋ ଠାରୁ କରିଲେ ଦୂର,
ଛଡେଇନେଲେ ଦିଦି ଡାକ ସବୁ ଦେବତା ହୋଇ ଏକ
ପାଲଟିଗଲେ ସ୍ୱାର୍ଥପର ।।



ଶରତ କୁମାର ନାୟକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କି ପାପ କରିଲି          କେଉଁ ଜନ୍ମେ ମୁହିଁ
ଭଉଣୀ ବିନେ ଆଜି ଏକା,
ପାପ କରି ଅନ୍ତ          ହେବି ପୁଣ୍ୟେ ବଳବନ୍ତ
ସଫଳ ହେବ ପରୀକ୍ଷା  । ।

ଏ ଜନମେ ନ ହେଲେ       ଆର ଜନମେ ଫେରି ଆ
ମୋ ବଡ ଦିଦି ହୋଇ,
ପ୍ରକାଶି ହୃଦୟ ଭାବ        ତ୍ୟାଗକରି ସବୁ କ୍ଷୋଭ
ମୁଁ ହେବି ତୋ ସାନ ଭାଇ  । ।

ଥନଟ, ଧର୍ମଗଡ଼,କଳାହାଣ୍ଡି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଉଆଁସୀ କନ୍ୟା

ଉଆଁସର ଅର୍ଥ ଚନ୍ଦ୍ରହୀନ ତିଥି
ଘମାଘୋଟ ଅନ୍ଧକାର
ଏହି ତିଥି ଟିରେ ଜନ୍ମିଲେ କନିଆଁ
ଫାଟିଲା କପାଳ ତାର
ହିନ୍ଦୁଙ୍କ ଶାସ୍ତ୍ର ବିଚାର
ବେଳା ନକ୍ଷତ୍ରର ଶୁଭ ଗର୍ଭ ଧାରେ
ସନ୍ତାନ କୋଷ୍ଠୀ ବିଚାର...୦

ଅନ୍ଧବିଶ୍ୱାସରେ ଗଢ଼ାଏ ବିଚାର
କୁହଇ ବିଜ୍ଞାନ ଯୁଗ
ଉଆଁସୀ କନ୍ୟାର ଅନ୍ୱେଇସା ବର
ଅଛି ଢଗର ସମ୍ଭାର
କର ନାହିଁ ଅନାଦର
ସଂସ୍କାର ଗୁଣରେ ହିନ୍ଦୁଙ୍କ ସଂସ୍କୃତି
ଅନ୍ୟଥା ନକର ବିଚାର...୧



ସନ୍ତୋଷ ପଟ୍ଟନାୟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉଆଁସୀ ହାତରେ ବନ୍ଧା ନୁହେଁ ପତି
ବନ୍ଧା ନୁହେଁ ତା' ଆୟୁଷ
ବିଧି ବିଧାନର  ମାଧ୍ୟମ ଅଟଇ
ଏ କି' ଅବା ତାର ଦୋଷ
ଅଜ୍ଞାତ ସର୍ବ ଆୟୁଷ
ଏଥିପାଇଁ ଦାୟୀ  ନୁହଁଇ ଉଆଁସୀ
ଦାୟୀ ନିଜ କର୍ମ ଦୋଷ...୨

ସବୁରି ବିଚାରେ  ନିହିତ କାରଣ
ଗଢ଼ିଛି ବିଧାତା ଜାଣ
ଉଆଁସୀ ହେଲେବି ମଣିଷରେ ଗଣା
ନୁହେଁ ସେ ସମାଜେ ଘୃଣ୍ୟ
କର୍ମ ବଳେ ଜନ୍ମ ଜାଣ
ନିନ୍ଦନୀୟ ନୀତି  ଅପକର୍ମେ ଗଣା
ଭୋଗିବ ପୁଣି କଷଣ ....୩

ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭଙ୍ଗା ହୃଦୟ

କ୍ଷତ ବିକ୍ଷତ ଯେ ହୃଦୟ ମୋହର
ସାଥି ତୁମେ ଗଲା ପରେ
ବଞ୍ଚିଥାଇ ମଧ୍ୟ ମରିବା ସମାନ
ହୃଦୟ ଭାଙ୍ଗିଲେ ଥରେ

ଭଙ୍ଗା ହୃଦୟର ଦରଦୀ କାହାଣୀ
ତୁମେ କି ବୁଝିବ ପ୍ରିୟା
ନିଜ ସ୍ୱାର୍ଥ ପାଇଁ ହୃଦୟ ମୋ ଭାଙ୍ଗି
ଲଗାଇଲ ମନେ ନିଆଁ



ସରଳିଆ ମନ ଦେଖି ତୁମେ ମୋର
ଖେଳିଲ ମୋହରି ସାଥେ
ମାୟାବିନୀ ଜାଲେ ଛନ୍ଦି ଦେଇ ମୋତେ
ମାରିଦେଲ ନିଜ ହାତେ

ଜଗବନ୍ଧୁ ସାହୁ

ତଥାପି ମୋହର ଏ ଭଙ୍ଗା ହୃଦୟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶୁଭ ମନାସୁଛି ନିତି

ଯେଉଁଠି ବି ଥାଅ ଯେମିତି ବି ଥାଅ

ସୁଖି ହୁଅ ବାର ମାସି

ମନେ ପଡିଗଲେ ପଛ ଦିନ କଥା

ଭିଜି ଯାଏ ଦୁଇ ଆଖି

ଏ ଭଙ୍ଗା ହୃଦୟେ ତଥାପି ରଖିଛି

ସାଇତି ତୁମରି ସ୍ମୃତି

ପ୍ରେମ୍ କବି ଜଗବନ୍ଧୁ ସାହୁ

ଛତ୍ରାଣିଆ ପଲ୍ଲୀ : ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହେ ପାର୍ଥସାରଥୀ

ଅଧର୍ମ ବିନାଶ ଯୁଗ ଲୀଳା ଶେଷ

ରଥେ ବିଜୟ ନାୟକ

ଭକ୍ତ ପାଇଁ ଦାସ ମହିମା ପ୍ରକାଶ

ତୁମେ ମଙ୍ଗଳ କାରକ ।

ଘେନି ସନ୍ଧି ପତ୍ର ଯାଇ ଥିଲ କ୍ଷେତ୍ର

ପାଞ୍ଚ ପଡା ମାଗିବାକୁ

ଦିବ୍ୟ ଭୋଗ ଅନ୍ନ ମାନ କରି ଚୂର୍ଣ୍ଣ

ଲଭିଲ ଶାଗ ଭଜାକୁ ।

ଦେବା ପାଇଁ ଶିକ୍ଷା କୁରୁକ୍ଷେତ୍ରେ ଦିକ୍ଷା

ଧର୍ମ ଅଧର୍ମ ର ଖେଳ

ହସ୍ତ ଅସ୍ତ୍ର ଶୂନ୍ୟ ଗଗନ ପବନ

ସୁକ୍ଷ୍ମେ ଚକ୍ର ଘୁରାଇଲ ।

ରଥୀ ମହାରଥୀ ଅସ୍ତ୍ର ଶସ୍ତ୍ର କାଟି

ଯୁଦ୍ଧ କରି ଥିଲ ଶେଷ

ଶଙ୍ଖ ବାଜୁଥିଲା ଚକ୍ର ଘୁରୁଥିଲା

ରହିଲା କି ଅବଶୋଷ ?



ମନୋରଞ୍ଜନ ସୁରୁଜାଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓଲିଏ ସମର ବାକି ଅଛି ଯା'ର

ଫଳିବ ଏ କଳିକାଳେ

ଯୁଗ ଅବସାନ ଘଟିବ ସେଦିନ

ବାର ହସ୍ତ କରବାଳେ ।

ହେ ପାର୍ଥ ସାରଥୀ ତୁମେ ଗତି ମୁକ୍ତି

ତୁମେ ହିଁ ଶରଣଦାତା

ହେ ଅଖିଳ ସାଇଁ ସର୍ବେଶ୍ୱର କର୍ତ୍ତା

ତୁମେ ହିଁ ପରମପିତା ।

ଅଇଁଲାପାଲି, ଧମା, ସମ୍ବଲପୁର

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ସାଉଁଟା ଅତୀତ

ଏକାନ୍ତରେ ବସି ମନେ ପକାଇଲି ଆଜି
ସେଇ ପୁରୁଣା ଅତୀତ କୁ,
ଯେଉଁଥିରେ ଥିଲା ଆମ ହାଇସ୍କୁଲ ହଷ୍ଟେଲ
ଯାଇଥିଲୁ ସେଠାକୁ ଆମେ ମଣିଷ ହେବାକୁ ।

ନିଦୁଆ ମନର ଆଳସ୍ୟ ଓଠରେ
ସେହି ଭୋର୍ ସମୟର ପ୍ରଭାତ ବନ୍ଦନା,
କଷ୍ଟ ହେଲେ ବି ଉଠିବାକୁ ପଡ଼େ
ଚଳେ ନାହିଁ କୌଣସି ପ୍ରକାରର ନପଢିବାର ବାହାନା ।



ଭଲ ଲାଗେ ସନ୍ଧ୍ୟା ପ୍ରାର୍ଥନା ର ସେହି
ଧାଡ଼ି ହୋଇଥିବା ଲଣ୍ଠନ ର ଦୃଶ୍ୟ,
ସତେ ଅବା ଆଲୋକିତ କରାଯାଏ
ପଢିବାକୁ ତଥା ଦେଖିବାକୁ ପାଞ୍ଚାର କଟ୍ ରାତିର ଦୃଶ୍ୟ ।

ପ୍ରଜ୍ଞାଭାରତୀ ପାଣି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଜା ଲାଗେ ଭାରି ପୂଜା ପୂର୍ବ ଦିନର

ସ୍କୁଲ୍ ସଜାଇବାର ବିଭିନ୍ନ ବିଭାଗୀୟ କାମ,

ପୁଣି ଦୟାଲଗେ ସନ୍ଧ୍ୟା ରେ ହଷ୍ଟେଲ ବାସୀଙ୍କର

ଶୋଚନୀୟ ନିଦ୍ରା ସତେ ମରୁଡି ସମ ।

କେମିତି ପୁଣି ମେଣ୍ଟି ଯାଏ ସେହି ଥକ୍କା

ଲାଗିପଡ୍ତୁ ପୁଣି ପୂଜା କାର୍ଯ୍ୟ ର ଆନନ୍ଦରେ,

ସନ୍ଧ୍ୟା ଆବତି ବେଶୀ ଖୁସି ଲାଗେ

ସାର୍ ଙ୍କ ଅନୁମତିରେ ନୂଆ ଡ୍ରେସ୍ ପିନ୍ଧିବାରେ ।

ଗେଟ୍ ବାହାରକୁ ଯିବା ନ ଥିଲା କିଛି

ଅଶୋକଙ୍କ କଳିଙ୍ଗ ବିଜୟ ଠୁ କମ୍,

ଦିଦି ଙ୍କ ସହ ଥରେ ଜଳକା ନଦୀ ଯାଇଥିଲୁ

ସତେକି ଥିଲା ଆମର ବହୁତ ଦମ୍ ।

ପାଠପଢ଼ାର ବ୍ୟସ୍ତତରେ ଖୋଜୁଥାଉ

କେବେ ଆସିବ ବହୁ ପ୍ରତିକ୍ଷୀତ ରବିବାର,

ରବିବାର ସହ ଆସିଯାଏ ପୁଣି

ଟ୍ରାନ୍ସଲେସନ ପରୀକ୍ଷା ର ଡର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମର ଭେକେସନ ଏକ୍ସଟ୍ରା କ୍ଲାସ୍

ପୁଣି କଞ୍ଜା ଆମ୍ଭର ଅଧିକ ମଜା,

ମଜା ଲାଗେ ବେଶୀ କାମ କରିବାରେ

କରି ପୁଅ ଝିଅ ମଝିରେ ପ୍ରତିଦ୍ୱନ୍ଦ୍ୱିତା ।

କେତେ ଖୁସି ଲାଗେ ବାହାରକୁ ଯାଉ ଯେବେ

କରି ଡଷ୍ଟବିନ ପକେଇବାର ବାହାନା,

ସେହି ଖୋଲା ଆକାଶ, ବିଲବାଡ଼ି, ପୋଖରୀ

କରିହେବ ନାହିଁ ସେ ଖୁସିର ବର୍ଣ୍ଣନା ।

କିଛି ଖୁସି, କିଛି ମଜା ସହ ପୁଣି କିଛି ଭୟ

ପୁଣି ସାରଙ୍କ ସେହି ସ୍ନେହ ପୂର୍ଣ୍ଣ ଶାସନ,

ବାସ୍ତବରେ ଲେଖି ହୋଇଯିବ ଅତୀତ ପୃଷ୍ଠା ରେ

ସ୍ମୃତି ହୋଇ ବଞ୍ଚିବ ନ ହୋଇ ମଳିନ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭ୍ରୁଣ

ଅପେକ୍ଷିତ ପ୍ରାପ୍ତିର ଦୁର୍ବାର ଇଚ୍ଛା
ଦରବୁଝା ପ୍ରବଞ୍ଚ ଜୁଳଜୁଳିଆକୁ
ବତୀଘର ମନେକରି
କୁହୁଡ଼ିଆ ଘରେ
କଳ୍ପନାର ଆସବାବକୁ ସଜେଇ
ପ୍ରଜାପତିର ଶୁଣ୍ଢରେ ମଧୁ ଚାଖୁ ଚାଖୁ
ପାଖୁଡାର କୋମଳ ସ୍ପର୍ଶରେ
ନୂତନ ଶିହରଣର ପୁଲକରେ ମସଗୁଲ. . .
ଆଶାର ଦର ଫୁଟା କଢିମାନେ
ଜବରଦସ୍ତ ପାଖଡ଼ା ମେଲେଇ
ଅନିଶ୍ଚିତ ଭବିଷ୍ୟତର ଆଶଙ୍କାରେ
କୋହ ଚାପି ପ୍ରଶ୍ନିଳ ଚାହାଣୀରେ
ବାରମ୍ବାର ପ୍ରଶ୍ନ କରେ. . .
ନିରବତାର ଅନ୍ଧାର ଅର୍ଗଳୀରେ
ଫର୍ଦ ଫର୍ଦର ଅଲରା ଆସମାହିତ ପ୍ରଶ୍ନର
ସବୁ ଉତ୍ତରଗୁଡିକ ଗୋଲ ଗୋଲ
ହୋଇଗଲା ପରେ,



ବାଲାଜୀ ସେଠୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶାନ୍ତ, ଶିତଳ ମନ୍ଦ ମନ୍ଦ

ବୋହୁଥିବା ସମୀରଣ

ହଠାତ କାଳର କରାଳ ରୂପ ଧରି

ଅଦିନିଆ ଘୁର୍ଣ୍ଣିଝଡ ସାଜି

ସବୁ ଇଛା

ସବୁ ଆଶା

ସବୁ ସ୍ୱପ୍ନ

ସବୁ ପ୍ରଶ୍ନ

ମୋଡି ମାଡି ପରିତ୍ୟକ୍ତ

ଜୈବ ଆବର୍ଜନା କୁଣ୍ଡରେ

କବର ଦେବା ପୂର୍ବରୁ

ବାୟୁ, ଜଳ, ମାଟି, ଆକାଶ,

ମୁକ୍ତ ଆଲୋକରେ ଥିବା

ମୌଳିକ ଅଧିକାରକୁ

ଛଡେଇ ନିଆଯାଉଥିବାର ଆତଙ୍କରେ

ଆତୁର ଆର୍ତ୍ତନାଦ କରୁଥିଲା

ଡିମ୍ବରୁ ଡିମ୍ବାଣୁ ପାଲଟି

ଆତ୍ମ ପ୍ରକାଶ କରିବାକୁ

ଚାହୁଁଥିବା ଗର୍ଭାଶୟର "ଭୃଣ". . . .  ॥

ଚିତ୍ରକୋଣ୍ଡା, ମାଲକାନଗିରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶାରଦୀୟ ମା ଦୁର୍ଗା

ସ୍ତୁତିପାଠ କରୁଛି ମୁଁ ପାଦ ତଳେ ତୋର ।
ତୋ ବିନୁ ଯେ ଅନ୍ୟ ଗତି କିଛି ନାହିଁ ମୋର ।।
ଖଣ୍ଡା ଖର୍ପର ଧାରିଣୀ ତୁହି ଦୁର୍ଗା ମା'ଲୋ ।
ଅଭୟ ବରଦାୟିନୀ ସାହା ହେବୁ ତୁ ଲୋ ।।
ଜୟ ଦଶଭୂଜା ମା'ଲୋ ଦୁର୍ଗତୀନାଶିନୀ ।
ଜୟ ଜୟ ଶିବା ଶକ୍ତି ଅସୁର ମର୍ଦ୍ଦିନି ।।
ରାମ ଗଲେ ବନବାସ ତୋର ପାଦ ପୂଜି ।
ଦେଲୁ ତୁ ବିଜୟ ଟୀକା ପିନ୍ଧେଇ ବିରାଜି ।।
ତୋର ଦୟା ବଳେ ମା'ଲୋ ମିଳେ ସବୁ ଶାନ୍ତି ।
ତୋର କୋପ ଦୃଷ୍ଟି ହେଲେ ସଭିଏଁ ମରନ୍ତି ।।
ଦଶ ହାତେ ଧରି ଅଛୁ ଅସ୍ତ୍ରଶସ୍ତ୍ର କେତେ ।
ବିନାଶ କରିବା ପାଇଁ ଦୃଷ୍ଟଙ୍କୁ ଯେ ଯେତେ ।।
ମହିଷାସୁରକୁ ମା'ଲୋ କରିଲୁ ତୁ ନାଶ ।
ଭୟଙ୍କରୀ ରୂପ ନେଇ ଫିଟାଇଲୁ କେଶ ।।
ଜଗଦମ୍ବା, ରଣଚଣ୍ଡୀ, ଚଞ୍ଚଳା, ଚପଳା ।
ସହସ୍ର ନାମ ବୋଲାଉ କମଳା ମଙ୍ଗଳା ।।



ଅମରନାଥ ବାରିକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜୟ ଜୟ ଦୁର୍ଗା  ସ୍ତୁତି ହୋଇଲା ସମ୍ପୂର୍ଣ୍ଣ ।।

ହାତ ଯୋଡି ନମସ୍କାର କରେ ଭାବ ପୂର୍ଣ୍ଣ ।।

ଅଜାଣତେ କରିଛି ମୁଁ ଦୋଷ ଯେତେ ମୋର ।

କ୍ଷମା କର କ୍ଷମାଦାତ୍ରୀ ଭଣୁଛି ଅମର ।।

ଯାଜପୁର, ମଙ୍ଗଳପୁର, କନ୍ଧାଁ

୯୫୪୦୩୦୮୦୯୫ (ଦିଲ୍ଲୀ)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବୁଢ଼ା ବଳଦ

ବାଛୁରୀ ଯେତେବେଳେ ଥିଲି ମୁହିଁ
ଆନନ୍ଦେ ଡିଆଁ ମାରେ କେତେ,
କଅଁଳ କଅଁଳ ଘାସ ଖାଇ ମୁଁ
ଫେରି ଆସେ ମାଆ ପାଖେ ।।
ବୟସ ମୋର ପହଞ୍ଚି ଆସିଲା
ଦେହରେ ତାକତ ଯେତେ,
ଲଙ୍ଗଳ ଯୁଆଡି ବିଲ କାମରେ
ଚଷଇ ଖରା ବର୍ଷା ଶୀତେ ।।
ଜତନ କରି ମାଲିକ ମୋହର
ଝରଣାରେ ଗାଧୋଇ ନିଏ,
କୁଣ୍ଡା ପାଳ ତୋରାଣି ସଙ୍ଗେ
ପେଟ ପୁରାଇ ଖାଇବାକୁ ଦିଏ ।।
ଖଟି ଖଟି ମୁହିଁ ବୁଢା ହୋଇଗଲି
ନେଲି ଚାଷରୁ ଅବସର,
ରୋଗାକ୍ରନ୍ତ ହୋଇ ପଡି ରହିଅଛି
ଗୁହାଳରେ ଝାଡା ସରସର ।।



ଭରତ ଧରୁଆ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୋ ଉପରରେ ମାଲିକ ନଜର

ପଡୁନାହିଁ ଟିକିଏ ଜମା,

ବୟସ ଥିଲାବେଳେ ଶରଧାରେ

କହେ,"ମୋର ବଳଦ ସୁନା" । ।

ପିଲାଏ ତୁମକୁ କହୁଅଛି ଶୁଣ

ପଦେ କଥାଟିଏ ମୋର,

ମାଆ ବାପାଙ୍କୁ ବୃଦ୍ଧ ସମୟରେ

କରିବ ନାହିଁ ହତାଦର । ।

ନାଟ୍ୟମହର୍ଷି ଭରତ ଧରୁଆ

ସଂପାଦକ-କାଏଁଶଫୁଲ୍

ପୁଡାପଦର୍, ଆଗଲପୁର,

ବଲାଙ୍ଗିର

ମୋ-୯୭୭୭୪୩୫୨୪୦

ଇମେଲ୍-bharatdharua349@gmail.coc

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏଇ ମୋର ଛୋଟ ଗାଁ

ସୁବର୍ଣ୍ଣ ଲେପିତ, ପୁଣ୍ୟ ବିମଣ୍ଡିତ
ଏଇ ମୋର ଛୋଟ ଗାଆଁ ,
ଆହା କି ସୁନ୍ଦର ! ବିଶେ ମନୋହର
ବିଧାରପୁର ତା ନାଆଁ । (୧)

ପୂର୍ବରେ ଅଛନ୍ତି ନର୍ମଦେଶ୍ୱର
ପଶ୍ଚିମେ ଶନି ଠାକୁର,
ଉତ୍ତରରେ ମା ମଙ୍ଗଳା, ତାରିଣୀ
ଦକ୍ଷିଣେ ଅନନ୍ତ କୁମାର । (୨)

ପୂଜା ପାର୍ବଣ ରେ ଫାଟିଯାଏ ଗାଆଁ
ଗହଳି ଚହଳି ହୋଇ,
ଦୂର ଦୁରାନ୍ତରୁ ପୂଜା ଦେଖିବାକୁ
ଲୋକେ ଆସନ୍ତି ଧାଇଁ । (୩)

ପାଲା, ପାରାୟଣ ଅବା ଦୋଳଯାତ୍ରା
ସବୁଥିରେ ଗାଆଁ ଆଗରେ ,
ଦଣ୍ଡ ନାଚ ଆଉ ଅଷ୍ଟପ୍ରହରୀ ରେ
ସଭିଏଁ ନାଚନ୍ତି ମଜାରେ । (୪)



ଆଲୋକ କୁମାର ସାହୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖୁଦୁରୁକୁଣୀ ରେ ଭିଡ ଜମିଯାଏ

ଆଲୋକ ସଜ୍ଜିତ ମାଳରେ,

ଗାଆଁ ଝିଅ ମାନେ ବୁଲୁଥାନ୍ତି ଏଠି

ସାଙ୍ଗସାଥୀ ଙ୍କ ମେଳରେ । (୫)

ମା ଲକ୍ଷ୍ମୀଙ୍କର ଆଗମନରେ

ପରିବେଶ ଶସ୍ୟ ଶ୍ୟାମଳା,

ପୂଜା ଆଡମ୍ବନାରେ ଗାଁ

ହୋଇଥାଏ ଚଳ ଚଞ୍ଚଳ । (୬)

ଢେଙ୍କାନାଳ ଜିଲ୍ଲା ମଧ୍ୟେ ଅବସ୍ଥିତ

ଅଗ୍ରଣୀ ଗାଆଁଟି ମୋର,

ଶିକ୍ଷା ହେଉ ଅବା ରାଜନୀତି କ୍ଷେତ୍ରେ

ସଦା ଅଟେ ଶ୍ରେୟସ୍କର । (୭)

ତୋଟାରେ କୋଳି ପାଚେ

ପାଚେ ଆମ୍ବ,ପଣସ,

ଭାରି ସରଳ ସୁନ୍ଦର

ଆମ ଗାଆଁ ମଣିଷ । (୮)

ନନ୍ଦଉତ୍ସବ ରେ ବୁଲୁଥାନ୍ତି

କୃଷ୍ଣ ଆଉ ବଳରାମ,

ପିଲାଠାରୁ ବୁଢ଼ା ଯାଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜପନ୍ତି ତାଙ୍କର ନାମ । (୯)

ମେଳା ମହୋତ୍ସବ ଲାଗିଥାଏ

ବରଷକ ବାର ମାସ,

ପାଳନ୍ତି ଲୋକେ ସମସ୍ତେ

ମନରେ ରଖି ହରଷ । (୧୦)

ସକାଳୁ ପହରୁ ଲାଗି ରହିଥାଏ

ପୋଖରୀ ତୁଠରେ ଭିଡ଼,

ଗାଆଁ ଲୋକ ମାନେ ରହି ବସିଥାନ୍ତି

ଦେବାପାଇଁକି ବୁଡ଼ । (୧୧)

ଗାଆଁ ହାଟ ଦିଶୁଥାଏ

ସହରର କୋଉ ବଜାର,

ପାଖ ଗାଆଁ ରୁ ଧାଇଁ ଆସନ୍ତି

ଲୋକେ ହଜାର ,ହଜାର । (୧୨)

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା

ମୋ ଗାଆଁ ପରିବେଶ,

ପବିତ୍ର ଭୂମିରେ ବାସ କରୁଥାନ୍ତି

ନିରୀହ , ସରଳ ମଣିଷ । (୧୩)

ନୀତି ସନ୍ଧ୍ୟା ହୁଏ ନାମ ସଂକୀର୍ତ୍ତନ

ପୁଣି ପଢାଯାଏ ଗୀତା ଭାଗବତ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଖଡ଼ା ଘରେ ସମସ୍ତେ ମଜିଯାନ୍ତି
ଗାଇ ଗାଇକା ପ୍ରଭୁଙ୍କ ଗୀତ । (୧୪)

ଦେଶର ସେବାରେ ଲାଗି ରହିଛନ୍ତି
ମୋ ଗାଆଁ ର ଲୋକ,
କିଏ ଯବାନ ତ କିଏ କୃଷକ
ପୁଣି କିଏ ଡାକ୍ତର ଆଉ ଶିକ୍ଷକ । (୧୫)

ଧନ୍ୟ ଏହି ମାଟି,ଧନ୍ୟ ଏହି ଗାଆଁ
ଜନମି ଲଭେ ଯେ,
ଏହି ଗାଆଁଟି ରେ
ବିଜୟ ମଣ୍ଡିତେ ହୁଏ ତା ଶିରରେ । (୧୬)

ଭୁଲିବ ନାହିଁ ତ ନା ।
ବିଧାରପୁର ମୋ ଗାଆଁ । (୧୭)

ଗ୍ରାମ/ପୋଷ୍ଟ-ବିଧାରପୁର
ବ୍ଲକ - ଗନ୍ଦିଆ, ଜିଲ୍ଲା - ଢେଙ୍କାନାଳ, ୭୫୯୦୧୬
ମୋ : ୩୭୧୬୫୮୫୫୨

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୋଳାନାଥ

ତେରସ ବାଉନ ପାହାଚକୁ ଚଢ଼ି,
ତୋ ଦର୍ଶନ ପାଇଁ ଯାଉଛିରେ ମାଡି !
  ତୋର ଏ ବେଶରେ 'ଦର୍ଶନା ଭିଲାଶେ',
  ତୋ ପାଦୁକା ବିନା ଆଉ ମୁଁ ନ ଆସେ !
ଭୋକ ଶୋଷ ମତେ ଆଉ ଲାଗୁନାହିଁ,
ଲାଗୁ ନାହିଁ ଦୁଃଖ କ୍ଳାନ୍ତି !
  ତୋର ସର୍ପାଧାରୀ ବେଶକୁ ଦେଖିଲେ,
  ଆତ୍ମା ମୋ ପାଇବ ଶାନ୍ତି !!
ନୟନରୁ ମୋର ଅଶ୍ରୁ ଝରି ପଡେ,
ଏ ନୁହଇ ଦୁଃଖର ପାଣି !!
  ଏତ ଆନନ୍ଦର ଛୋଟ ସ୍ରୋତଟିଏ,
  ନା ତାର ' ସୁଖର ପୁଷ୍କରିଣୀ' !!
କାହିଁ କେତେ ଦୁରୁ ଭକ୍ତ ଯେ ଆସନ୍ତି,
ତୋ ପାଖରେ ତାଙ୍କ ଦୁଃଖ ପରସନ୍ତି !!
  ସାଧୁ ହେଉ ଅବା ଅସାଧୁ ସେ ହେଉ,
  ତୁହି ଯେ ସଭିଙ୍କ ଦୁଃଖକୁ ହରଇ !



ବାବାଶେଖର ବେହେରା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଥିପାଇଁ ପରା ଏ ସାରା ସଂସାରେ,

"ଭୋଳା ନାଥ" ତୁ ବୋଲାଇ !!

ଦେଓଗାଁ, ଗନ୍ଦିଆ, ଢେଙ୍କାନାଳ

ଭ୍ରାମ୍ୟଭାଷ : ୯୩୩୭୧୦୯୫୪୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଖା

ବିନା ସ୍ୱୀକୃତିରେ ହୃଦୟ ଗୁମ୍ଫାରେ
କାହିଁକି ରହିଛ କୁହ
କେଉଁ ରାଇଜର ପ୍ରିୟ ସଖା ତୁମେ
କଣ ତୁମ ପରିଚୟ ॥
ତୁମରି ସ୍ପର୍ଶରେ ନିଦାଘର ଝଞ୍ଜା
ମଳୟ ମରୁତ ହୁଏ
ବିନା ବରଷା ଓ ବିନା ରବିକରେ
ଇନ୍ଦ୍ରଧନୁ ଦେଖାଦିଏ ॥
ମୁଁ ତ ଅଗଣାର କ୍ଷୁଦ୍ର ତୁଳସୀଟେ
ତୁମେ ସୁବାସ ଚନ୍ଦନ
ତୁମ ବାସନାରେ ମହକେ ମୋ କାୟା
ପୁଲକିତ ହୁଏ ମନ ॥

କିଏ ଦେଲା ସଖା ଠିକଣା ତୁମକୁ
ମୋ ହୃଦୟେ ରହିବାକୁ
ସ୍ୱର୍ଗ ପାରିଜାତ ଉପହାର ଦେଇ
କିଣିନେଲ ମୋ ମନକୁ ॥
ଦେହେ ବୋଲିଦେଲ ପ୍ରୀତିର
ଅବିର
କିଏ ତୁମେ ସଖା କୁହ
ଏତେ କଷ୍ଟକରି କାହିଁକି ଆସିଛ
କଣ ତୁମ ପରିଚୟ ॥



ନବୀନ କୁମାର ପଧାନ
ସାନଫାସଡ, ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଥିକ ମୁଁ କି ପଥର

ଛୋଟ ଥିଲି ଭାରି ଭଲ ଥିଲି
କାହିଁ ହେଲି ଆଜି ବଡ
ଜୀବନକୁ ନିଜେ ବୁଝିଲା ପରେ ମୁଁ
ଲାଗେ ଜଳନ୍ତା ନିଆଁର ରଡ !!
କାଦୁଅ ମାଟିରେ ଜୀବନ ଆରମ୍ଭ
ଥିଲା ଚନ୍ଦନର ଟୀକା
ବୟସ ଘେରରେ ଘେରି ଗଲାପରେ
ସବୁ ଥାଇ ଆଜି ଲାଗେ ଏକା !!
ପଥ ତ ପଡିଛି ଭଲକୁ ମନ୍ଦକୁ
ଏଠି ଜୀବନ ଜ୍ୱାଳାର ଘେର
ଦୋଛକିରେ ଆଜି ଭାଳି ହୁଏ ମନେ
ପଥିକ ମୁ କି ପଥ ର !!
ପତର ପରିକା ମଣିଷ ଜୀବନ
ବା' କୁ ଭରସା ନାହିଁ
କଳା ବାଦଲରେ କେବେ ଲୁଚିଯିବ
ଏତେ ଆଣ୍ଠ କାହିଁ ପାଇଁ !!



ଶାନ୍ତନୁ କୁମାର ରାଉତ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କର୍ମ ମଣିଷ କୁ ପରିଚୟ ଦିଏ

ସୁକର୍ମ କୁ ଆଦରିବା

ଜୀବନର ଶେଷ ନିଶ୍ୱାସ ପରେ ବି

ଦୁନିଆକୁ ଜିତି ଯିବା ! !

ପାଟରଙ୍ଗା, ନୂଆସାହି, ଯାଜପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୃତ୍ୟୁର ଆଲିଙ୍ଗନ

ବୟସର ଛାପ ଲାଗିନି ଦେହରେ
ସରିନାହିଁ ଯଉବନ
ତଥାପି କାହିଁକି ରାମ ନାମ ସତ୍ୟ
ଶୁଣିବାକୁ ଚାହେଁ କର୍ଣ୍ଣ ।।
ଖଇ କଉଡ଼ିରେ ଅଶ୍ରୁଳ ବିଦାୟ
ଏଇତ ସୃଷ୍ଟି ନିୟମ
ଶବ ମୋର ଥିବ ଚାରୋଟି କାନ୍ଧରେ
ଜଗି ରହିଥିବ ଯମ ।।
ମାଆ କାନ୍ଦୁଥିବ ବାହୁନି ବାହୁନି
ଜନ୍ମଦାତ୍ରୀ ସିଏ ବୋଲି
ପୁତ୍ର ବିଚ୍ଛେଦରେ ସତେକି ଯେମିତି
ପ୍ରାଣ ଯାଉଥିବ ଚାଲି ।।
ଜୀବନ ମୃତ୍ୟୁର ଲୁଚକାଳି ଖେଳ
ଶେଷ ହେବ ଶ୍ମଶାନରେ
ଫାଟି ପଡୁଥିବ ମୋ ଘର ଅଗଣା
ଆତ୍ମୀୟଙ୍କ କ୍ରନ୍ଦନରେ ।।
ଜୁଇରେ ଜଳିବି ପାଉଁଶ ହୋଇବି
ରହିବନି ଚିହ୍ନ ବର୍ଣ୍ଣ
ଦଶଦିନ ପରେ ଦଶାହ କର୍ମରେ
ଲିଭିଯିବ ମୋର ନାମ ।।



ପ୍ରଶାନ୍ତ କୁମାର ପ୍ରଧାନ
ବୁରୋମୁଣ୍ଡା, ଗାଇସିଲାଟ, ବରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁରୁ ଆଶିଷ

ଗୁରୁ ବ୍ରହ୍ମା ବିଷ୍ଣୁ ଏ ଧରା ଧାମରେ
ଗୁରୁ ସାକ୍ଷାତ ମହେଶ୍ୱର
ଏ ତିନି ରୂପରେ ଗୁରୁଦେବ ତୁମେ
ସଂସାରରେ ପରିଚିତ ।।

ମାଟି ପିଣ୍ଡୁଳାକୁ ଯେସନେ ଗଢ଼ଇ
କୁମ୍ଭକାର ଯତନରେ
ଟିକି ଟିକି କଢି ଫୁଟି ଉଠେ ବାସି
ତୁମ ହାତ ପରଶରେ ।।

ପ୍ରଥମ ଗୁରୁ ସେ ଜନ୍ମଦାତ୍ରୀ ମୋର
ଅ ଆ ଦେଲା ଶିଖେଇ
ତା ହାତ ପରଶେ ଆଗେଇଲି ପାଦେ
ଶିକ୍ଷାରେ ପାଦ ପକେଇ ।।



ପିତା ହେଲେ ମୋର ଦ୍ୱିତୀୟ ଈଶ୍ୱର
ଗୁରୁ ନାମେ ଗଣା ହେଲେ
ଜୀବନ ସଂଗ୍ରାମେ ଜିତିବା ପାଇଁକି
ମନରେ ସାହସ ଦେଲେ ।।

ପୁଷ୍ପଲତା ସାହୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଦ୍ୟା ଗୁରୁ ଆଉ କର୍ଣ୍ଣ ଗୁରୁ ନାମେ

କେତେ ଗୁରୁ ସହ ଭେଟ

ଜୀବନର ପଥ କଲେ ଆଲୋକିତ

ବଚନ ତାଙ୍କ ଅକାଟ୍ୟ ||

ଗୁରୁ ତୁମେ ସତ୍ୟ ତୁମେ ତ ଅନିତ୍ୟ

ଜଗତେ ଜ୍ଞାନର ଧାରା

ତୁମରି ଆଶିଷ ତୁମରି ସୁବାସ

ଲୋଡ଼ା ମୋ ଜୀବନ ସାରା ||

ତୁମରି ଆଦର୍ଶ ତୁମରି ଦର୍ଶନ

ପଥେ ମୋର ଶ୍ରେୟ ହେଉ

ତୁମ ପୂଜା କରି ତୁମ ସେବା କରି

ଜୀବନ ମୋ ବିତିଯାଉ ||

ଅନ୍ଧ ମୁଁ ଯଦି ବାଟ ଯାଏ ଭୁଲି

ଦେଖାଇବ ମୋତେ ରାହା

ଜଷ୍ଟି ତୁମର ସୃଷ୍ଟି ରେ ସକ୍ଷମ

ଶୃଙ୍ଖଳିତ ପାଇଁ ସାହା ||

ଶିକ୍ଷୟିତ୍ରୀ, ଜଗତସିଂହପୁର, ଫୋନ - ୯୬୪୮୫୫୩୦୭୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯଥା ପୂର୍ବଂ ତଥା ପରଂ

ମୁଁ ସବୁ ନିନ୍ଦା, ଅପବାଦ ଶୁଣିବାକୁ ପ୍ରସ୍ତୁତ ।
ଥରେ ମୋ ଉପରେ ଭରସା ରଖ...
କାରଣ ମୋତେ ଦରକାର ତମ ଖୁସି ।।

ମୁଁ ସବୁ ଯନ୍ତ୍ରଣା, କଷ୍ଟ ସହିବାକୁ ପ୍ରସ୍ତୁତ ।
ଥରେ ତମଭିତରେ ସାହସ ରଖ...
କାରଣ ମୋତେ ଦରକାର ତମ ସଫଳତା ।।

ମୁଁ ସବୁ କଳଙ୍କ କୁ ମୋ ଦେହରେ ବୋଳିଦେବି ।
ତମେ ଥରେ ନିଜ ଗୋଡ଼ୋରେ ବନ୍ଧା ଶିକୁଳି କୁ ଫିଟାଓ...
କାରଣ ମୋତେ ଦରକାର ତମ ସ୍ୱାଧୀନତା ।



ମୁଁ ସବୁ କିଛି ସମ୍ଭାଳି ନେବି ।
ଯାହା ପୂର୍ବରୁ ଅଛି, ତାହା ପରେ ମଧ୍ୟ ତମର ଥିବ..
କାରଣ କହିବା ଲୋକ ମାତ୍ର ଚାରିଦିନ କହିବେ...
ତାପରେ ଯଥା ପୂର୍ବମ୍ ତଥା ପରଂ ।।

ଜଗନ୍ନାଥ ରଥ
ଘୁ.ଉଦୟଗିରି, କନ୍ଧମାଳ, ୭୬୨୧୦୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପାଦଚିହ୍ନ

ଲିଭେଇ ପାରିବ ସେ ପାଦ ଚିହ୍ନକୁ ?
ଯେଉଁ ଚିହ୍ନ ଛାପିହୋଇ ରହିଛି ହୃଦୟରେ...

ଏମିତିରେ ଢେଉ ତ ଲିଭେଇଦିଏ
ତା ବକ୍ଷରେ ଅଙ୍କିତ
କେତେ ପାଦ ଚିହ୍ନ
କାରଣ ତା ପାଇଁସବୁ ପାଦ ଚିହ୍ନ ସମାନ...

ହେଲେ ଆମ ପାଇଁ ????

ଆମ ପାଇଁ ସେ ଚିହ୍ନ
ପ୍ରେମର ପ୍ରତୀକ
ସ୍ମୃତି ର ସନ୍ତକ
ଖୁସିର ଲୋତକ....



ପ୍ରଶାନ୍ତ କୁମାର ମହାନ୍ତି

ମନେପଡୁଛି କି ତୁମର
ଯେବେ ଆମେ ପକ୍ଷୀ ସାଜି ଉଡିଯାଇଥିଲେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆମ ପ୍ରେମର ସଂଜ୍ଞା ସାଉଁଟିବାକୁ

ମୁଁହ ଅନ୍ଧାରେ ସେଇ ବେଳାଭୂମିକୁ

ତୁମ ହାତ ମୋ ହାତରେ

ତୁମ ପାଦ ମୋ ପାଦରେ

ଆମ ଗରମ ନିଶ୍ୱାସ ତାତିରେ

ଆହାଃ....

ଆମେ ହଜିସାରିଥିଲେ

କେଉଁ ଏକ ଅଜଣା ଦୁନିଆରେ....

କିନ୍ତୁ ଆଜି

ଗୋଟିଏ ସରଳରେଖା ରେ ଚାଲୁଥିବା

ଚାରି ପାଦର ଗତି

ବିପରୀତ ଦିଗରେ..

ସମୟ ର ଅମାନିଆ ଢେଉ ଧୋଇଦେଇଛି

ସେଇ ବାଲୁକା ର ଚିହ୍ନ

ହେଲେ ଏଯାଏ ମୋ ଛାତିରେ

ରହିଯାଇଛି ତୁମ ପାଦ ଚିହ୍ନ.....

କାକଟପୁର, ପୁରୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରକ୍ଷାକର ମହାବାହୁ

ନିଦେ କି ଶୋଇଛ ଆହେ ମହାବାହୁ -
ଗୁହାରି ପଡ଼େନା କାନେ ,
ସିଂହଦୁଆରେ ତୋ ଲକ୍ଷ୍ମଣର ରେଖା -
ଯିବାପାଇଁ ଦରଶନେ ॥
ତୁମ୍ଭେ ଥାଉ ନାଥ , ଜଗତର ନାଥ -
ପଡ଼ିଲାଣି ହାହାକାର ,
କରୋନା ଆତଙ୍କେ ଆକ୍ରାନ୍ତ ଜଗତ -
ମିଳେନାହିଁ ପ୍ରତିକାର ,
କିବା ଅପରାଧେ ମିଳେ ଏହି ଶାସ୍ତି -
କିସ ଅଛି ତୁମ୍ଭ ମନେ ॥୧ ॥



ହରେରାମ ପଣ୍ଡା

କେତେକେତେ ଦୁଷ୍ଟ ଦଳନ କରିଛ -
ପତିତ ଉଦ୍ଧାର ପାଇଁ ,
ଅଜଣା ଏ ଶତ ବିସ୍ତାରିଛି କାୟା -
ମଣିଷର ପ୍ରାଣ ନେଇ ,
ଉଠ ଜଗନ୍ନାଥ ! ଖୋଲ ଥରେ ନେତ୍ର -
ଚାହଁ ଏହି ଦୁଃଖୀଜନେ ॥୨ ॥

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିରବ ନିସ୍ପନ୍ଦ ଏ ସାରା ଦୁନିଆଁ -

ପଦାକୁ ଯାବାକୁ ମନା ,

ଭୟ ଆଶଙ୍କାରେ ମଣିଷ ଜିଉଁଛି -

କାହାକୁ ଛୁଇଁବା ମନା ,

ତୁମ୍ଭ ସୃଷ୍ଟି ତୁମେ ରଖ ଜଗନ୍ନାଥ !

ରକ୍ଷାକର ମୂଢ଼ଜନେ ॥୩ ॥

କୁଆଁସ , ମେର୍ଦ୍ଧାକାଟିଆ ଛକ , ଯାଜପୁର ।

ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ,

ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ।

ଭ୍ରାମ୍ୟଭାଷ - ୯୪୩୮୦୭୪୧୯୫ .

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ପରମବନ୍ଧୁ

ଜାଣିଛ କି ପିଲେ ବୃକ୍ଷଟିଏ କେବେ
କରେ ସ୍ୱୟଂ ଫଳାହାର ?
ମୂଳଠାରୁ ଅଗ ସବୁ ଦାନକରି
କରେ ସଦା ଉପକାର ।।

ସୁଗନ୍ଧ ଫୁଲରେ ସୁସ୍ୱାଦୁ ଫଳରେ
ତୋଷିଥାଏ ଜନମନ
ବୃକ୍ଷ ଅଛି ବୋଲି ବରଷା ହେଉଛି,
ପାଉଛୁ ଶୁଦ୍ଧ ପବନ ।।

ବାଟୋଇକୁ ଦିଏ ସୁଶୀତଳ ଛାଇ
ବିଶାଳ ହୃଦୟ ତା'ର
ନାନା ବିହଗ ଶାଖା ପ୍ରଶାଖାରେ
ରହିଥା'ନ୍ତି କରି ଘର ।।



ରୋହିତ୍ ସେଠୀ

ଜଳ ବାୟୁ ସବୁ ତା'ଠାରୁ ଉତ୍ପନ୍ନ
ପଢ଼ିଲେ ଜାଣିବ ବହି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୃକ୍ଷବିନା ଏଇ ସୃଷ୍ଟି ଅସମ୍ଭବ

ଅସୁନ୍ଦର ପୁଣି ମହୀ ।।

ବନ୍ଧୁ ଭିତରେ ସେ ପରମ ବନ୍ଧୁ

ଦାନ ତା' ଅଟେ ମହାନ

ବାଡ଼ି ପଛପଟେ ଗଛଟେ ଲଗାଇ

ନେବାରେ ତା'ର ଯତନ ।।

ଶିକ୍ଷକ

ଖଜୁରୀପଡା, କନ୍ଧମାଳ

ଦୂରଭାଷ-୭୭୩୫୨୧୪୩୭୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ ଇଚ୍ଛା ପୂର୍ଣ୍ଣ ହେଉ

ତିନି ଦିନ ହେଲା ଲଗାଣ ବରଷା

ସମୁଦ୍ରରେ ଲଘୁଚାପ

ଘର ବୁଡି ପାଣି ଆଣ୍ଠୁଏ ହେଲାଣି

ଘରେ ପଶେ ବେଙ୍ଗ,ସାପ ।

ମୋ ଭଙ୍ଗାକୁଡିଆ ଢଳି ପଡିଲାଣି

କା ଆଗେ କହିବି ଦୁଃଖ

ତିନିପ୍ରାଣୀ ମୋର ଡହଳ ବିକଳ

ଶୁଖିଛି ସଭିଙ୍କ ମୁଖ

ଚାଷ,ବାସ,ହସ ଯାଇଛିତ ଭାସି

ପ୍ରକୃତି ସାଜିଛି ଦାଉ

ବିପତ୍ତିର ପରେ ବିପତ୍ତି ଆସୁଛି

ସମ୍ଭାଳି ହେଉନି ଆଉ ।

କେବେ ଖରା କେବେ ବରଷା,ପବନ

ବନ୍ୟା,ବାତ୍ୟା ରୂପ ନେଇ

ତାଣ୍ଡବ ଲୀଳାରେ ମୋ ଜୀବନପରେ

ଫେରିଯାନ୍ତି ଲୁହ ଦେଇ ।



ଶରତ ଚନ୍ଦ୍ର ଜାଲି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନାହିଁ ଅନ୍ନ ମୁଠେ ନାହିଁ ନୀର ଟୋପେ

ଯହିଁତହିଁ ଗଲେ ଶୂନ୍ୟ

କେଉଁ ଜନମର କେଉଁ ପାପପାଇଁ

ହେଲି ଏତେ ହୀନିମାନ ।

ହେଜଗତନାଥ କୁହ ଭଲେ ସତ

କଲ କାହିଁ ଏତେ ସରି

ବାସହୀନ ହୋଇ ଚାଷହୀନ ହୋଇ

ବଞ୍ଚିବା ମରିବା ପରି ।

ତୁମେ ଥାଉଥାଉ ବିପତ୍ତି ବାତାସ

ଧରେ ଅଣଚାଶ ମୂର୍ତ୍ତି

ପ୍ରଳୟ ଜଳରେ ଜଗତ ଭସେଇ

ଅର୍ଜିବ କି ଯଶକୀର୍ତ୍ତି ।

ମହାବିପତ୍ତିରେ ମହାଦୁଃଖିଟିଏ

ମରିଗଲେ ମରିଯାଉ

କହିବାର ନାହିଁ କିଛି ମହାପ୍ରଭୁ

ତୁମ ଇଛା ପୂର୍ଣ୍ଣହେଉ ।

ଶିକ୍ଷକ

ପଥରା,ଖଲ୍ଲିକୋଟ,ଗଂଜାମ

ମୋ-୭୮୭୩୯୧୭୬୫୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗୁରୁ ସମ୍ମାନ

ଗୁରୁ ଅଟନ୍ତି ଯେ ଈଶ୍ୱର ସମାନ
ତାଙ୍କ ପାଦତଳେ କର ପ୍ରଣାମ ।।।
ନକରିବ ତାଙ୍କୁ କେବେ ଅସମ୍ମାନ
ସଂସାର ପାଇଁ ସେ ବଡ଼ ଅବଦାନ ।।।
ହାତେ ଛାଟଧରି ପଢ଼ାନ୍ତି ଯେ ପାଠ
କେତେ ଅଜ୍ଞାନି ହୁଅନ୍ତି ମଣିଷ ।।।
ଗୁରୁଙ୍କର ସେହି ମିଠା ଆକଟ
ଜୀବନେ ମିଳିଯାଏ କେତେ ଭଲବାଟ ।।।
ପାଠସବୁ ସିନା କରିଥାନ୍ତି ଦାନ
ଗଢି ତୋଳିଥାନ୍ତି ଅନେକ ଜୀବନ ।।।
ଜୀବନର ମୂଲ୍ୟ ବୁଝାଇ ଦିଅନ୍ତି
ଅବାଟରେ ବାଟ କଢାଇ ନିଅନ୍ତି ।।।
ସେ ପଥରେ ପଛେ ଥାଉ ଯେତେ କଣ୍ଟା
ଗୁରୁଙ୍କ ପରସ ବାଜି ହୁଏ ଫୁଲବର୍ଷା ।।।
ସେ ଫୁଲକୁ ପୁଣି ଗୋଟାଇ ନିଅନ୍ତି
ଫୁଲତୋଡା ପରି ହାତେ ସଜାଡନ୍ତି ।।।
ପାଇବାର ଆଶା କିଛି ନଥାଏ ମନରେ
ଶିକ୍ଷାଦାନ କରିଥାନ୍ତି ସେ ଅତି ଖୁସିରେ ।।।
ଏ ସମ୍ପର୍କ ନୁହେଁ କିଛି ଦିନ ଅବା ବର୍ଷର
ମେରୁଦଣ୍ଡ ଅଟେ ପରା ଏ ସବୁ ଜୀବନର ।।।



ଅଲିଭା ସାହୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପୁଅଟିଏ ହୁଅନ୍ତି କି ?

ପୁଅଟିଏ ହୁଅନ୍ତିକି
ମୁକ୍ତ ବିହଗ ଭଳି
ଆକାଶେ ଉଡ଼ନ୍ତି ।
ଘରର ଦାୟିତ୍ୱ ଓ
କର୍ତ୍ତବ୍ୟରୁ ଓହରିଯାଇ
ସାଙ୍ଗ ସାଥି ମେଳରେ
ଗରମ ଚାହାର ସ୍ୱାଦ ବାରନ୍ତି ।..........

ପୁଅଟିଏ ହୁଅନ୍ତିକି
Royal Enfield ଚଢି
Long drive ରେ ଯାଆନ୍ତି
ଜୀବନର ସବୁ ଇଛାକୁ
ପୁରଣ କରିବାରେ
ସକ୍ଷମ ହୁଅନ୍ତି ।................



ଦମୟନ୍ତୀ ଜେନା

ପୁଅଟିଏ ହୁଅନ୍ତିକି
ନିନ୍ଦା, ଅପବାଦ, ଅପମାନଠୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୁରେଇ ରହି
ରାତ୍ରୀର ଗଭୀର ନିଦ୍ରାରେ
କେତେ ମିଠା ମିଠା
ସ୍ୱପ୍ନ ଦେଖନ୍ତି ।
ଅନ୍ଧର ଲଉଡୀଟିଏ ହୋଇ
ମା ପାଖେ
ସାରା ଜୀବନ କାଟିଦିଅନ୍ତି ।............

ପୁଅଟିଏ ହୁଅନ୍ତିକି
ମଧ୍ୟରାତ୍ରିର ଅନ୍ଧକାରରେ
ବିଚଳିତ ନ ହୋଇ
ନିର୍ଭୟରେ, ଧୈ ।ର୍ଯ୍ୟର ସହ
ବିଚରଣ କରନ୍ତି ।
ମାଟିହାଣ୍ଡି ଭଳି ସବୁ
ସମୟ୍ର ପରିସ୍ଥିତିରେ
ଭାଙ୍ଗି ନ ଯାଇ
ପିତଳ ଭଳି ପ୍ରତିଦିନ
ଚମକିପାରନ୍ତି ।.............

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସରକାର ଆସିଛି

ଗାଁ ଯାକ ହୁଲ୍ ହୁଲୁ ବାଜା ବଜେଇ
ସାଙ୍ଗ ରେ ଆଣିଛି
ମଦ, ମାଂସ
ଆଉ ମୁଣ୍ଡ ପିଛା ପାଞ୍ଚଶହ ଟଙ୍କା,
ଦେବା ପାଇଁ ।

ସରକାର ଆସିଛି !
ଭଙ୍ଗା କାନ୍ଥ,
ଉଡି ଯାଇଥିବା ଛପର,
ବିକଳ  କାନ୍ଦ,
ମୃତୁ ମୁହଁ ରୁ ବଞ୍ଚିଥିବା .....
ବୟସ୍କ ର ଭୟ କୁ ଦେଖିବା ପାଇଁ ।



ପୂର୍ଣ୍ଣିମା ଲେଙ୍କା

ସରକାର ଆସିଛି !
ସାଙ୍ଗରେ କିଛି ନିଜ ଲୋକ ଙ୍କୁ ନେଇ
ହାତରେ ଶୁଖିଲା ଚୁଡ଼ା ଆଉ ମୁଢ଼ି
ଆଉ କିଛି ପଲିଥିନ୍
ତା ସାଙ୍ଗକୁ କିଛି ଗଣମାଧ୍ୟମ ଭାଇ


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଟିଭି ରେ ପ୍ରସାରଣ ପାଇଁ ।

ସୁନ୍ଦରୀ ମାଝୀ ଛିଡ଼ା ହେଇଚି
ଛିଣ୍ଡା ଦଦରା ଲୁଗା କୁ ନାଇ
ଆଉ କଣ ଅଛି, ସୁନ ପାଉଡର
ମୁଁହ ରେ ମାଖିବା ପାଇଁ,
ସବୁ ବୋହି ନେଇଛି
ନିଆଁ ଲଗା ବର୍ଷା
ଆଉ ଗର୍ଭିଣୀ ନଈ ।

କେମିତି ଆଣିବ ଶୁଖିଲା ଖାଦ୍ୟ
ଆଉ ଜରି ଖଣ୍ଡେ
ଛିଣ୍ଡା ଲୁଗାରେ ଦେହ ଢାଙ୍କିବ
ନା,
ଖାଦ୍ୟ ସାଉଁଟିବ,
ସନିଆ ସାହୁ ତ ଚାହିଁ ବସିଛି
ସୁଯୋଗ ପାଇଲେ,
ପାନ ରୁ ଚୂନ ଖସିଲେ
ଝୁଣୀ ଖାଇବ ସେ ମଳିଆ ଦେହକୁ
ନିଜ ଦେହ ଭୋକ ମେଣ୍ଟାଇବା ପାଇଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଖୋଜୁଛି ମୁଁ

ତୁମକୁ ଖୋଜିବା ଦିନଠୁ
ମୁଁ ଆଉ 'ମୁଁ' ହେଇ ନାହିଁ,
କେବଳ...
ତୁମକୁ ଖୋଜିବାରେ ବ୍ୟସ୍ତ,
ଭୂମି ଠାରୁ ଭୂମା ପର୍ଯ୍ୟନ୍ତ,
ପୋଖରୀ ଠାରୁ ଚନ୍ଦ୍ରମା ପର୍ଯ୍ୟନ୍ତ,
ମନ୍ଦିରରୁ ମଶାଣି....
ଜଳ,ସ୍ଥଳ,ଆକାଶ ସବୁଠି ଖୋଜୁଛି ।।

ଚାରିଯୁଗରୁ
ଚାରିବେଦ,
ଚାରିଧାମରୁ
ଚାରିବ୍ରହ୍ମ,
ପାହାଡ, ପର୍ବତ, ଝରଣା
ସବୁଠି ତୁମକୁ ଖୋଜୁଛି ।।



ଶ୍ରଦ୍ଧାଞ୍ଜଳୀ ପଣ୍ଡା

ବସନ୍ତର ମୃଦୁ ମଳୟରେ
ଫଗୁଣର ଫଗୁରଙ୍ଗରେ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୈଶାଖର ଝାଞ୍ଜି ଖରାରେ,

ଶ୍ରାବଣର ବର୍ଷା ଛିଟାରେ,

ବଂଶୀର ସାତସ୍ୱରରେ,

ମୟୂର ଚନ୍ଦ୍ରିକାରେ,

ଭସା ବାଦଲରେ,

ସମୁଦ୍ରର ଲହରୀରେ,

ସବୁଠି ତୁମକୁ ହିଁ ଖୋଜୁଛି ।।

ତୁମକୁ ଖୋଜି ଖୋଜି

ଏବେ ମୁଁ ପରାସ୍ତ,

କାରଣ.... ?

ମୁଁ ଖୋଜୁଛି ଚତୁଃପାଶ୍ୱର୍ରେ....

ହେଲେ....

ତୁମର ବାସସ୍ଥାନ ତ

ମୋ ହୃଦୟରେ ....

ଆଉ ମୁଁ ?

ତୁମକୁ ପାଇବା ପାଇଁ

ହଜି ଯାଇଛି...

ସେଇ ଶୂନ୍ୟ ଶୂନ୍ୟ ମହାଶୂନ୍ୟ

ଭିତରେ ।।

ବିନିକା, ଗଣେଶ ପୁର, ଜିଲ୍ଲା-ସୋନପୁର ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାୟା ସଂସାର



ପ୍ରମିଳା ଦାସ

ବଡ ମାୟାବିନୀ ଏ ସାରା ସଂସାର

ଲାଗଇ ବହୁତ ଡର ,

ଚଳି ନ ପାରିଲେ ମାୟା ସଂସାରରେ

ଜୀବନ ଟା ଅନ୍ଧକାର ।

ମାୟା ଜାଲେ ପଡି ହୁଏ ଛଟପଟ

କାହାଣୀ ଜୀବନ ନାଟକ,

ଲୋଭ ମୋହ ମାୟା ଅଟେ ମିଥ୍ୟା

ବାଟ

ମନରେ ଭରନା ଇଚ୍ଛୁକ ।

ମୋରମୋର ବୋଲି ବାନ୍ଧି ରଖିଥିଲେ

ହୋଇବେନି କେହି ନିଜର,

ସାତ୍ତ୍ୱିକ, ଧାର୍ମିକ ବାନ୍ଧି ରଖିଥିଲେ

ନେଇଯିବୁ ତାଙ୍କୁ ସାଙ୍ଗର ।

ଯେତେ ରଖିଥିବା ଘର ଗାଡିବାଡି

ଶୂନ୍ୟରେ ଯିବ ସେ ଉଭେଇ,

ବହୁ ଗର୍ବ କରି ଚାଲେ ହାତ ଛାଡି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁ ଶ୍ମଶାନରେ ଯିବ ଜଳି ।

ସଂସାର ମାୟାରେ ହୋଇଗଲେ ଅନ୍ଧ

କଲେ ବି ମନ୍ଦ ବିଚାର ,

ଧର୍ମ ଶାସ୍ତ୍ର ଛାଡି ବାଦ କି ବିବାଦ

ତାକୁ ହିଁ କଲୁ ନିଜର ।

ଯେତିକ ବୁଣିବା ସେତିକ ପାଇବା

କର୍ମ ଗୁଣେ ଫଳ ପାଇ,

ଆଜି ନ ହେଲେ ବି କାଲି ହିଁ ମରିବା

ହରି ନାମ ସଙ୍ଗେ ନେଇ

ହରି ନାମ ସାଙ୍ଗେ ନେଇ ।

ନୂଆସୁଙ୍ଗୁଡା, ଚଣ୍ଡିଖୋଲ

( ଯାଜପୁର )

ଫୋନ୍ ନମ୍ବର- ୭୯୯୧୦୨୯୩୪୮ ।

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ପ୍ରେମର ଅନ୍ୟନାମ ଯନ୍ତ୍ରଣା

ତମେ ପ୍ରେମର ମହୁଲି
ମୋତେ ପିଆଇଲ ମୁଁ
ପିଇଲି ନିଶାଗ୍ରସ୍ତ ହେଲି,
ଆଉ ଅବୋଧ ଶିଶୁଟେ ପରି
ସମର୍ପିଦେଲି ନିଜେ ନିଜକୁ ତୁମ ଠି ।

ପବନ ଭଳି ତମେ ଦିଗ ବଦଳେଇଲ,
ମୋ କୁଡ଼ିଆ କୁ ପଛକରି ପାଦ
ବଢ଼େଇଲ ରାଜମହଲ କୁ,
ବାକିଥିବା ନିଃଶ୍ୱାସ ରେ ମୋ
ଲଦି ଦେଇଗଲ
ଯନ୍ତ୍ରଣା, କୋହର ପାହାଡକୁ ।



ଗଣେଶ ଦାସ

ଏବେ ତ ତମ ସିନ୍ଥିରେ
ନାଲି ରଙ୍ଗର ଲକ୍ଷ୍ମଣ ଗାର
ଗଳାରେ ଅନ୍ୟ କାହା ଆୟୁଷ,
ଦୁଇ ହାତେ ଗୋଲ ଜହ୍ନ ଦିପୋଟ ପିନ୍ଧି
ମୋ ସୁନା କଣ୍ଠେଇ ରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁନା ବୋହୂ ହେବା
ପାଇଁ ନିଇତି ପରୀକ୍ଷା ଦଉଛ ।

ତମେ  ଆମ ସ୍ମୃତି କୁ ଅଲୋଡ଼ା ପୃଷ୍ଠା
ଭାବି ଚିରି ସାରିଥିବ ।
ହେଲେ  ରାତ୍ରୀର ଝାପ୍ସା ଆଲୁଅରେ
ସେଇ ସ୍ମୃତି ଆସି
ତାଛଲ୍ୟ କରନ୍ତି ମୋତେ
ମୋ ପ୍ରେମିକପଣିଆକୁ,
ଧାର ଧାର ହେଇ ରକ୍ତ ନ ବହିବା
ଯାଏ ପ୍ରହାର କରିଚାଲନ୍ତି
ମୋ ହୃଦୟ କୋଠରୀକୁ ।

ମୁଁ ବା କଣ ଜାଣିଥିଲି, ଏ ପ୍ରେମର ଦୁନିଆରେ
ସୁଖ ସାଉଁଟିବାକୁ ଯାଇ
ସାଜିବାକୁ ପଡ଼ିବ
ଦୁଃଖର ଜେଲ୍ ରେ କଏଦୀ,
ଆଉ ଦୁନିଆ ସାମ୍ନା ରେ ମିଛ ହସର
ପ୍ରଲେପ ଲେପି
ଅଭିନୟ କରିବାକୁ ପଡ଼ିବ ପୋଖତଅଭିନେତା ଟେ ପରି ।

ଭୋଗରାଇ, ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭିମାନ

ତମ ଅଭିମାନକୁ ସମ୍ମାନ ଦିଏ ବୋଲି ତ
ତମକୁ ଦେଇ ପାରେନା ଗାଳି କି
ରାଗି ପାରେନା ତମ ଉପରେ ।
କେମିତି ରାଗିବି ଯେ !
ମୁଁ ତ ଥୁଣ୍ଟା ବରଗଛଟେ ଥିଲି
ତମେ ମୋତେ ପଲ୍ଲବୀତ କଲ
ମୁଁ ତ ଏକୁଟିଆ ଥିଲି
ତମେ ମୋତେ ପ୍ରେମ ଶିଖାଇଲ, ମାୟା ଲଗାଇଲ
ତମ ଆତ୍ମୀୟତାରେ ଏମିତି ଛନ୍ଦି ଦେଲ ଯେ
ମୁକୁଳିବାକୁ ଇଚ୍ଛା କରିନି କେବେ ।
କାହିଁକି ମୁକୁଳିବି ଯେ !
ଯେଉଁଠି ପ୍ରେମ ଅଛି, ଆତ୍ମୀୟତା ଅଛି, ଅଭିମାନ ଅଛି
ସେଠୁ ମୁକୁଳିବା କ'ଣ ନିହାତି ଲୋଡ଼ା କି ସଖି ?



ସତ୍ୟବ୍ରତ ସାହୁ

ତମ ଅଭିମାନକୁ ବୁଝୁ ବୁଝୁ
ତମ ଅଭିମାନକୁ ବୁଝାଉ ବୁଝାଉ
ମୁଁ କେତେବେଳେ ଭାବୁକରୁ କବି ହୋଇଗଲି
ଜାଣିପାରିଲି ନାହିଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସତ କହୁଛି ସଖି..

ତମ ଅଭିମାନର ସ୍ୱର୍ଶଟିକକ ମୋତେ କବି କରିଦେଲା ।

ପ୍ରିୟ ସଖି..

ମିଛରେ ହେଉ ବା ସତରେ..

ତମେ ଅଭିମାନ କର..

ତମ ମାନଭଞ୍ଜନ ପାଇଁ ମୁଁ ତ ମନେ ପକାଇ ପାରିବି

ସେହି ଆତ୍ମୀୟତାର କଥା.. ଦେହି ପଦ ପଲ୍ଲବ ମୁଦାରଂ..

ତମ ପ୍ରେମ ଓ ଆତ୍ମୀୟତାକୁ ନେଇ ଯଦି ସାରା ଜୀବନ

ଶାନ୍ତିରେ ବଞ୍ଚି ହେବ..

ତେବେ ତମେ କୁହତ ସଖି..

ଆଉ କ'ଣ ଲୋଡ଼ା ଯେ ମୋର !

ତମ ଅଭିମାନକୁ ସମ୍ମାନ ଦେଉ ଦେଉ

କବିତାରୁ ଉଠାଇ ଆଣି ମୋ' ହୃଦୟ ସିଂହାସନରେ

ଦେବୀ କରି ବସାଇ ଦେବାପାଇଁ

ଆଉ କେତେ ସମୟ ଲୋଡ଼ା କି ସଖି !

ମୁହୂର୍ତ୍ତଟିଏ ତ .... ।

ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ- ୯୩୩୮୦୬୫୬୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫେରିଗଲ ତୁମେ

କଳା ଅନ୍ଧାରିଆ ବାଦଲକୁ ଦେଖି
ଡରିଗଲ କେବେ ତୁମେ
ଫେରିଗଲ କେବେ ତୁମେ
ହେଲେ ମୁଁ ଡରିନାହିଁ
କେବେ ଫେରିନାହିଁ ।

ବାଟେ ଚାଲୁ ଚାଲୁ କଣ୍ଟା ଦେଖି କେବେ
ଅଟକି ଗଲକି ତୁମେ
ଭଟକି ଗଲକି ତୁମେ
ହେଲେ ମୁଁ ଅଟକିନି
କେବେ ଭଟକିନି ।



ସୁଶାନ୍ତ କୁମାର ଧଳ

ଅଦିନିଆ ଝଡ଼େ କେବେ କୋଉ ମୋଡ଼େ
ବାଟ ହୁଡ଼ି ଦେଲ ତୁମେ
ହାତ ଛାଡ଼ି ଦେଲ ତୁମେ
ହେଲେ ମୁଁ ହୁଡ଼ି ନାହିଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେବେ ଛାଡ଼ି ନାହିଁ ।

ପ୍ରହେଳିକା ପ୍ରେମ ସାଜିଛି ଶ୍ରାବଣ
ଝରେ ଆଜି ନୟନରେ
କାନ୍ଦୁଥାଏ ନୀରବରେ
ହେଲେ ଓଠ ପିଇଯାଏ
ସବୁ ସହିଯାଏ ।

ଭାବିଥିଲ ବୋଧେ ଭାଙ୍ଗି ପଡ଼ିଯିବ
ଜୀବନର ସମରରେ
ମଉଳିତ ଭୂମି ପରେ
ହେଲେ ମୁଁ ହାରିନାହିଁ
କେବେ ହାରିବିନି ।

ବ୍ରାହ୍ମଣୀକୁଳ,ଦଶରଥପୁର,
ଯାଜପୁର—୭୫୫୦୦୬
ଦୂରଭାଷ—୮୩୩୮୯୩୪୫୨୭

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ନୂଆଁଖାଇ ତିହାର

ନୂଆ ଲାଗେ ଆଜି ସକାଳ ସୂରୁଜ
ନୂଆ ଲାଗେ ଆଜି ବସୁନ୍ଧରା
ନୂଆ କବିତାର ନୂଆ ଆଳରେ
ଭରି ଉଠେ ମାନସରା... ୧

ନୂଆ ଲାଗେ ଆଜି ଏ ଝରି ବରଷା
ନୂଆ ଏ କଅଁଳ ଖରା
ନୂଆ ତରୁଲତା ଦେଖି ହସଇ ଧରା... ୨

ନୂଆ ନୂଆ ଦିଶେ ଧାନ କ୍ଷେତ ଆଜି
ସୁନାର ଫସଲ ଧରି
ନୂଆ ହସ ଆଜି ଚାଷୀର ଓଠରେ
ନୂଆ ଖାଇ ଦେବାଟେ ସାରି... ୩

ନୂଆ ନୂଆ ସ୍ୱର ନୂଆ ଏ ରାଗ ଭରିଯାଏ
ପକ୍ଷୀ କଣ୍ଠ ସ୍ୱରେ
ନୂଆ ଲାଗେ ଆଜି ସୁନୀଳ ଆକାଶ
ନୂଆ ଏ ପଶ୍ଚିମ ଓଡ଼ିଶା ନରେ... ୪



ଅନନ୍ତ ପଟେଲ୍

ନୂଆ ଲାଗେ ଆଜି ପିଲାଙ୍କ ଜାମା
ନୂଆ ଧୋତି କୁର୍ତ୍ତା,
ସମସ୍ତେ କହୁଛନ ନୂଆ ଖାଇ ଜୁହାର
ମନେ ଭରି ଉଠେ ନୂଆ ଖାଇ ତିହାର... ୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏ ସୃଷ୍ଟିକୁ ରକ୍ଷାକର

ବଦଳିଯାଇଛି ସାରା ଦୁନିଆର

ସୁନ୍ଦର ରୂପଟା ଆଜି

ମଣିଷ ମନର ସବୁ ସୁଖଶାନ୍ତି

ସତରେ ଯାଇଛି ହଜି

ଆପଣେଇ ନେଲେ ପାଶ୍ଚାତ୍ୟ ସଭ୍ୟତା

ଭୁଲି ନିଜ ସଭ୍ୟତାକୁ

ପାଇଛ ବେଶି କି ହରେଇଛ ବେଶି

ପଚାର ଥରେ ନିଜକୁ

ଅତୀତର ଗାଥା ସେ ପୁରାଣ ଗୀତା

ପଡୁନାହିଁ ଜମା ମନେ



ମାଟି ମାଆ କଥା ପ୍ରକୃତି ସୁରକ୍ଷା

ଭାବିଲ ନାହିଁ ତ ଦିନେ

ପ୍ରକୃତି କୋଳରେ କେତେ ଆନନ୍ଦରେ

ବୁଲୁଛନ୍ତି ପଶୁପକ୍ଷୀ

ଭାରତୀ ସାହୁ

ଥରଟିଏ ତମେ ଖୁସି ତ ହେଲନି

ତାଙ୍କ ହସଖୁସି ଦେଖି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିଜର କାୟାକୁ ବଢ଼ାଇବା ପାଇଁ

ଭୋଜି ଭାତ ମହୋତ୍ସବେ

ମନଇଚ୍ଛା ପଶୁପକ୍ଷୀଙ୍କୁ ମାରିଲ

ଭାବିଲେ କି ଲାଭ ଏବେ

ପ୍ରକୃତିକୁ ହାଣିମାରି ଖାଇ ତମେ

କରିଦେଲ ପୁରା ଖୋଳ

ସେ ପ୍ରକୃତି କୋଳେ ବଢୁଥିବା ଜନ୍ତୁ

ତୁମପାଇଁ ହେଲା କାଳ

ସଭ୍ୟ ସମାଜର ମଣିଷ ହୋଇ ବି

ସଭ୍ୟତା ପାରୁନ ଶିଖି

ବେଶ ପରିପାଟି ଏମିତି ପିନ୍ଧୁଛ

ଲାଜ ଲାଗେ ତାକୁ ଦେଖି

ଯେତିକି ଆଘାତ ସେତେ ପ୍ରତିଘାତ

କି ଲାଭ କରି ଚିତ୍କାର

ତଥାପି କହୁଛି ହେ ପରମେଶ୍ୱର

ଏ ସୃଷ୍ଟିକୁ ରକ୍ଷା କର ।

ମାର୍ଫତ : ଦୀପ୍ତିକାନ୍ତ ସାହୁ

ଯୁନିଦାପାଟଣା, ଦଶରଥପୁର, ଯାଜପୁର

ଭ୍ରାମ୍ୟଭାଷ : ୭୮୫୫୮୪୯୧୦୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମଭିଜା ରାତି

ଯୋଗିନୀ ସାଜିଛି ଆଜି କରେ ପ୍ରେମଯୋଗ
ସରଗ ସୁଖ ପରି ଲାଗେ ଆଜି ଏ ଉପଭୋଗ ।
ନରମୀ ଏ ଦେହ ଆରେ ଉଷୁମ ତୁମ ଛୁଆଁ
ଧିରେ ଧିରେ ଜଳୁଛି ମୁଁ ଏ କେମିତି ନିଆଁ ।
ଏ କେମିତି ନିଆଁ ଜାଳେ ଦେହର ଶିକୁଳୀ
ଦୁଷ୍ଟ ତମ ହାତଛୁଆଁ କରେ ଚୁଲବୁଲି ।
ଗରମ ଛୁଆଁକୁ ମୋର ଦେହ ଯେ ନରମ
ଚାହିଁ ପାରୁନାହିଁ ମୁହଁ ଲାଗୁଛି ସରମ ।
ସରମୁଛି ଆଖି ମୋର ସରମୁଛି ଓଠ ମୋର
ବଡ଼ ବେସରମି ତମେ ଏ କେମିତି ପ୍ରେମ ତୁମର ।
କେମିତି ଏ ପ୍ରେମ ହାଏ ଲାଗେ ଭାରି ମିଠା
ଅଧର ରଞ୍ଜକ ଛାଡ଼େ ଟିକିଲି ଛାଡ଼େ ମଥା ।
ପଣତ ମୋ ଖସିଯାଏ ଖୋଲେ ପାଦର ପାଉଁଜି
ମହମପରି ତରଳେ ମୁଁ ଧିରେ ଧିରେ ଯାଏ ହଜି ।
ଅଳପ ଅନ୍ଧାର ଏଇ ପ୍ରେମଭିଜା ରାତି
ନିଶା ପରସ୍ତେ ମଗ୍ନ ଆଜି ଆମେ ଦୁହେଁ ସାଥୀ ।



ନମିତା ତାଣ୍ଡି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାଣିନି ମୁଁ ତମ ଅତୀତ ନାହିଁ ମତେ ଜାଣିବାର
ବର୍ତ୍ତମାନେ ଓ ଭବିଷ୍ୟତେ ମୁଁ କେବଳ ତୁମର ।
ଅହରହ ଥିବି ତୁମର ନ ଭୁଲିବି ଏଇ ନିଶି
ଯେବେ ଆସେ ବିପଦ ତେବେ ଛିଡ଼ା ହେବ ଆମେ ମିଶି ।
ସାଥୀ ଆମେ ଜୀବନର କୁସୁମ ଚଲାପଥରେ
ଚାଲୁଥିବ ପାଦ ଆମ ଜୀବନର ଶେଷ ସମୟରେ ।

ବେଲାମାଳ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଭବାନୀପାଟଣା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାଧୀନ ଭାରତ

ତ୍ରିରଙ୍ଗା ପତାକା ଉଡ଼େ ଫରଫର
ଶାନ୍ତିର ବାର୍ତ୍ତା ନେଇ
ସଭିଏଁ ପାଳିବା ଅଗଷ୍ଟ ପନ୍ଦର
ଆସ ଏକଜୁଟ ହୋଇ ।
ସ୍ୱାଧୀନ ଦେଶର ନାଗରିକ ବୋଲି
ଗର୍ବରେ ଆମେ କହିବା
ଭାରତ ମାଆର ସମ୍ମାନ ପାଇଁ
ମିଳିମିଶି ଆମେ ଲଢ଼ିବା ।
ହିନ୍ଦୁ ମୁସଲିମ୍ ଶିଖ୍ ଭାଇ ଭାଇ
ନାହିଁ ଆମ ଭେଦଭାବ
ଆସ ଆଜି ଆମେ ଶପଥ ନେବା
ରଖିବା ଏ ଦେଶର ନାମ ।
କେତେ କେତେ ବୀର ଏ ଦେଶ ପାଇଁ
ବୁହାଇଛନ୍ତି ରକତର ଧାର
କେତେ ଦୁଃଖକଷ୍ଟ ସହି ସେମାନେ
ଆଣିଛନ୍ତି ସ୍ୱାଧୀନତା



ରାଜେନ୍ଦ୍ର ବୋଡ଼କିଆ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭାରତ ମାଆର ସନ୍ତାନ ଆମେରେ

ରଖିବା ତାହାରି ନାମ

ଆସୁପଛେ ଯେତେ ବାଧାବିଘ୍ନ

ପଛଘୁଞ୍ଚା ଦେବାନାହିଁ ଆମେ ।

ସ୍ନାତକ ତୃତୀୟବର୍ଷ, ଓଡ଼ିଆ ବିଭାଗ

କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଭବାନିପାଟଣା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁସ୍ତକ

ସଂସାରରେ ଅଛି ଅନେକ ପଦାର୍ଥ

ତହିଁରୁ ପ୍ରିୟ ମୋ ପୁସ୍ତକ

ଭକତି ଅନ୍ତରେ ବଡ଼ ଆଦରରେ

ତା ଠାରେ ନୁଆଁଏ ମସ୍ତକ ।

ଜ୍ଞାନାର୍ଜନ ଆଶେ ତା'ଠାରେ ବାନ୍ଧିଛି

ପିଲାବେଳୁ ବନ୍ଧୁଭାବ

ତା'ବିନା ଜୀବନ ଲାଗେ ଅସହାୟ

ନାଉରିଆ ବିନା ନାବ



ସେ ବଢ଼ାଏ ମୋର ଜ୍ଞାନର ଭଣ୍ଡାର

ସଜାଏ ମୋତେ ଆସ୍ତିକ ।

ନିରଞ୍ଜନ ସାହୁ

ଏତିକି ଜାଣିଛି ତାହାଠାରୁ ଭଲ

ବନ୍ଧୁଟେ ଜଗତେ ନାହିଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାର୍ଗଦର୍ଶନ ସେ କରାଏ ଯେ ମୋତେ

ତାହା ପରି କିଏ କାହିଁ

ଯିଏ ମୋତେ ଯେତେ ବୁଝାଇଲେ ସତେ

ତାଠାରେ ହେବିନି ନାସ୍ତିକ ।

ନିହଲ ପ୍ରସାଦ, ଗନ୍ଧିଆପାଟଣା

ଢେଙ୍କାନାଳ, ୭୫୯୦୦୧

ଭ୍ରାମ୍ୟଭାଷ : ୯୯୩୮୭୪୧୫୮୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାଲୁଙ୍ଗା ପୁଅ

ବାପାମାଆ ଦୁଇ ପରଘରେ ଯାଇ ଖଟୁଛନ୍ତି ଦିନରାତି
ପୁଅ ଫାଳିକିଆ ମୋବାଇଲ୍ ଧରି କହୁଛି ଫୁଲାଇ ଛାତି ।
ଆଜିକାଲି କିଏ ଶୁଖୁଆ ଖାଉଛି ମାଛମାଂସ ଥାଉ ଥାଉ
ଖଟା, ପୋଡ଼ାପୋଡ଼ି, ଗରୀବଙ୍କ ଖାଦ୍ୟ ପାଟିକୁ ରୁଚୁନି ଆଉ ।
ସାଇକେଲ ନେଇ ହାଟକୁ ଯିବାକୁ ପୁଅକୁ ଲାଗୁଛି ଲାଜ
କିସ୍ତିରେ ଏବେ ବାଇକ୍ ଆଣିଛି ନିତିକରେ ସଜବାଜ ।
ସାର୍ଟ୍ ପ୍ୟାଣ୍ଟ ତାର ଦେଖିଲେ ଲାଗୁଛି ସତେ କି ରାଜକୁମାର
ଭାଷଣ ମାରୁଛି ପଣ୍ଡିତ ଭଳିଆ ସବୁକଥା ଜାଣିବାର ।
ଅଳପ ପାଠକୁ ପକେଟରେ ତାର ପେନ୍ ଗୋଟିଏ ଥାଏ
ନିଜ ନାଆଁ ପଛେ ଲେଖିଆସେ ନାହିଁ ଖଣ୍ଡି ଇଂରାଜୀରେ କହେ ।
ଯାହାଘରେ ଥିବ ଏମିତିକା ପୁଅ କପାଳ ଫାଟିଲା ତାର
ତା'ଠାରୁ ଶହେ ଗୁଣରେ ବଢ଼ିଆ ଝିଅ ଯଦି ଜନ୍ମକର ।



ଜଗଦୀଶ ସାହୁ

ସଂଜପଡ଼ା, ହିନ୍ଦୋଳ, ଢେଙ୍କାନାଳ

ଭ୍ରାମ୍ୟଭାଷ : ୯୦୨୮୯୮୫୬୧୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରତିବିମ୍ବ

ଆକାଶ ଏକ ପ୍ରତିବିମ୍ବ
ସାଗର ବକ୍ଷର
ଉତ୍ତପ୍ତ ମରୁର
ପବନ ଝଡ଼ର ।

ଆକାଶ ଏକ ପ୍ରତିବିମ୍ବ
ମାଟି ପାଣି ପବନର
ଯେ ବ୍ୟାପ୍ତ ନିରାକାର
ମହାଶୂନ୍ୟେ
ଧରିରଖେ ଇନ୍ଦ୍ରଧନୁ
କ୍ଷଣେ ପାଇଁ
ପ୍ରତିବିମ୍ବ ଅନ୍ୟ ଏକ
ଖରା ବରଷାର ।



ସନାତନ ମହାକୁଡ଼

ଗ୍ରା/ପୋ : ବେରୁଆଁବାରି, ୭୫୨୦୮୨
ନୟାଗଡ଼, ଓଡ଼ିଶା
ଭ୍ରାମ୍ୟଭାଷ : ୯୩୩୯୭୨୦୧୭୮
ଇମେଲ୍ : sanmahakud@gmail.com
ୱେବ୍‌ସାଇଟ୍ :
www.sanatanmahakud.in

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଜି ବି ସବୁଠି

ଆହେ ଜାତିପିତା ଭାରତର ପ୍ରାଣ
ତୁମ୍ଭ ପାଦେ ଶତକୋଟି ପ୍ରଣାମ
ଶିଖାଇଲ ସତ୍ୟ ଅହିଂସା ମନ୍ତ୍ରର
ବିଶ୍ୱବାସୀ କରୁଛନ୍ତି ସଲାମ ।
ସତ୍ୟ ହିଁ ଇଶ୍ୱର ଶ୍ରମ ଉପାସନା
ଏ ବାଣୀ ବାଣ୍ଟିଲ ଦୁନିଆସାରା
ଆଜି ବି ସବୁଠି ଆଦର ପାଉଛି
ତୁମରି ଦର୍ଶନ ବିଚାରଧାରା ।
ଆଖି ବଦଳରେ ଆଖି ନେବା ନୀତି
ଅନ୍ଧ କରିଦେବ ସଭିଙ୍କୁ ଦିନେ
ହିଂସା ଦୂରଲାଗି ଶାନ୍ତି ବୁଝାମଣା
ଏ ମନ୍ତ୍ର ଫୁଙ୍କିଲ ସବୁରି କାନେ ।
ଆମର ବସୁଧା ଆମ ପରିବାର
କେହି ନୁହେଁ ଏଠି ଛୁଆଁ ଅଛୁଆଁ
ଏ ବାରତା ଦେଇ ଚାହିଁଥିଲ ତୁମେ
ବାନ୍ଧିବାକୁ ଏକ ସୂତ୍ରେ ଦୁନିଆଁ ।



ରାଜକିଶୋର ସ୍ୱାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଧୁ ଲାଗି ସାଜେ ସୁରକ୍ଷା କବଚ
ମିଛର ଜାଲକୁ ଛେଦଇ ସତ
ବିଦେଶୀ ଶାସନ ଅନ୍ତ ଘଟାଇଲ
ସତ୍ୟ ଅହିଂସାକୁ କରି ବରତ ।
ତୁମ ଦେଶପ୍ରେମ ମଣିଷ ପଣିଆ
ଛୁଇଁଯାଏ ସଭିଙ୍କର ମରମ
ଆଜି ତୁମପାଇଁ ଆମ ଜନ୍ମଭୁଇଁ
ସାଉଣ୍ଟୁଛି କାହିଁ କେତେ ସୁନାମ ।
ସ୍ୱପ୍ନର ଭାରତ ଗଢ଼ିବାକୁ ଯାଇ
ଅକାଳରେ ତୁମେ ଦେଲ ଜୀବନ
ଆନ ଲାଗି ତୁମେ ଜୀଇଁ ଏ ଜଗତେ
ଜିଣିଲ ସବୁରି ହୃଦୟମନ ।
ତିଳ ତିଳ ପରାଣ ପ୍ରଦୀପ
ଆଲୋକିତ କଲ ଅନ୍ଧାର ପଥ
ରଖିଗଲ ଭବେ ଅକ୍ଷୟ କୀରତି
ସତ୍ୟ ଶାନ୍ତି ପାଇଁ ବିଶ୍ୱେ ବନ୍ଦିତ ।

ଅବସରପ୍ରାପ୍ତ ଉପଆରକ୍ଷୀ ଅଧୀକ୍ଷକ
ନୂଆପଡ଼ା, ନୂଆବଜାର, କଟକ, ୭୫୩୦୦୪
ଭ୍ରାମ୍ୟଭାଷ : ୯୪୩୭୪୪୭୦୪୧

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ଜୀବନଟା ଯଦି ମରୁଭୂମି

ଜୀବନଟା ଯଦି ମରୁଭୂମି

ଭଲ ପାଇବାର ମଞ୍ଜି ପୋତିଦିଅ

ଜୀବନଟା ଯଦି ସାଗର

ଅମୃତ ପୁଳାଏ ଢାଳିଦିଅ

ଜୀବନଟା ଯଦି ଚନ୍ଦ୍ରମା

ସେଥିରୁ କଳଙ୍କ ମିଟାଇ ଦିଅ

ଜୀବନଟା ଯଦି ବୃକ୍ଷ

କେବଳ ପରୋପକାର ହୁଅ

ପିତାମାତାଙ୍କ ପରି ନିସ୍ୱାର୍ଥ

ପ୍ରେମକର, ପ୍ରେମକର ।



ଶିରିଶ ଚନ୍ଦ୍ର ପ୍ରଧାନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଧିନ

ଅଧିନ ଯଦି ପରାଧିନ ହୁଏ !
ଅବା ହୁଏ ....
ଦାସତ୍ୱର ପରିଭାଷା !
ଚାହିନ୍ତିନି ରହିବାକୁ
କେହିବି ଗୋଟିଏ ମୁହୂର୍ତ୍ତ ,,
କାହାରି ଇସାରରେ
ଚାବିଦିଆ କଣ୍ଢେଇ ଟେ ହୋଇ ।
ସ୍ୱେଚ୍ଛାକୃତ ଜୀବନ ଜୀବକା
ଜନ୍ମସିଦ୍ଧ ଅଧିକାର ସଭିଙ୍କର !
ମାତ୍ର, ସମୟ ଆଉ ଭାଗ୍ୟ
ଅଜାଡ଼ି ଦିଏ ପୁଳା ପୁଳା
ଅଯାଚିତ ସମ୍ପର୍କର ମାଳ
ନଥାଏ ଯେଉଁଠି .....
ସ୍ନେହ, ଶ୍ରଦ୍ଧା, ସମର୍ପଣ
ଅଥବା, ଆତ୍ମୀୟତାର
ଲେସମାତ୍ର ଚିହ୍ନ ।
ଭାରି ଅବୁଝା ଏ' ମନ !
ଇଚ୍ଛା ଅନିଚ୍ଛାର ....



ଛବିରାଣୀ ପତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅତୀତ ଓ ବର୍ତ୍ତମାନର
ପ୍ରେମାନୁରାଗି .....
ଛଳନା ବୈରାଗୀ !
ପ୍ରୀତି ପାର୍ବଣରେ....ସ୍ମୃତିର ଗହନ
ସ୍ୱପ୍ନ - ବାସ୍ତବତାର ଫେଣ୍ଟାଫେଣ୍ଟି
ଜୀବନର ଇସ୍ତାହାର ।

କେହି ନାହିଁ କାହାରି ଅଧିନ !
ଜନ୍ମ - ମୃତ୍ୟୁ .....
ଗୁରୁ - ଶିଷ୍ୟ , ମାଲିକ ଚାକର
ନା' ଋତୁଚକ୍ର ..... !
ପ୍ରକୃତି - ପୁରୁଷ !
ଅର୍ଦ୍ଧାଙ୍ଗ ସ୍‌ୱାମୀ ସ୍ତ୍ରୀ ... !
ନା' ଜନ୍ମଦାତା ଓ ସନ୍ତାନ !

ଆଜିବି ଅଛିଯଦି....
ଗୋଟିଏ ଅଧିନ !!
ତାହା, କେବଳ ଆଉ କେବଳ....
ଭକ୍ତ ଏବଂ ଭଗବାନ ।।

ମଧୁ ଶାସନ
ବିରିଡ଼ି , ଜଗତସିଂହପୁର , ଫୋନ୍ -୯୩୩୭୯୬୦୦୬୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗରିବ

ଦାନା ନାହିଁ କନା ନାହିଁ ,

ନାହିଁ ଘର ଦ୍ୱାର □□

ନାହିଁ ତା ମାନ ସମ୍ମାନ,

ଭିକ ପାଇଁ ବୁଲେ ବାରଦ୍ୱାର ।।

ଭିକ ମିଳିଲେ ମୁଠାଏ ଖାଏ,

ନ ମିଳିଲେ ଉପାସ ।।

ସସାଂର ଚଳେଇବା ପାଇଁ,

ଅଟେ ସେ ଅସମର୍ଥ ।।

କାହାଆଗେ କହିବ ତାର,

ଦୁଖଭରା କାହାଣି □□

ଦୁନିଆଁଟା ସ୍ୱାର୍ଥପର ତେଣୁ,

ମନ ଖୋଲି କେବେ କହିନି ।।

ଏକା ତା ସାହା ଭରଷା,

ଜଗତର ନାଥ ଜଗନ୍ନାଥ ।।

ତାଙ୍କ ନାମ ଭଜନ କରି,

ମାଗେ ଦ୍ୱାରେ ଦ୍ୱାରେ ଭିକ ।।



ସୁଶିଲ କୁମାର ପାଣି

ପୁରୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଧୁନିକ ନୀତି

ଆଧୁନିକ ନୀତି ଭାଇନା ହୋ ଆଧୁନିକ ନୀତି
ମଣିଷକୁ ଘୃଣା କରନ୍ତି ଶ୍ୱାନରେ ଥାଏ ପ୍ରୀତି ( ଘୋଷା )

ଗଣତନ୍ତ୍ର ନାମରେ ହୁଏ ହୋ ଭଣ୍ଡ ରାଜନୀତି
ପିମ୍ପୁଡି ପାଇଁ ରାସ୍ତା ହୁଏନି ଗଳିଯାଏ ହାତୀ ।
ଶୁଣିଲେ ଥରି ଉଠିବ ଭାଇ ସଭିଙ୍କର ଛାତି ।୧ ।

ଶୋଷଣ ଏଠି ହୁଏନି ଭାଇ ଚାଲେ ଗାନ୍ଧୀ ନୀତି
ଅଫିସର ବାବୁ ଲକ୍ଷପତିକୁ ପିଅନ କୋଟିପତି ।
ସ୍ୱଚ୍ଛତା ଅଛି ଶାସନେ ଭାଇ ଚାଲେନି ଲାଞ୍ଚ ପ୍ରୀତି ।୨ ।



ପାଠପଢି ଡିଗ୍ରୀ ଧରି ପୁଅ ହେଉଛି ବେକାର
ଭାଇ ହେଉଛି ଭଗାରୀ ହୋ ସ୍ତ୍ରୀ ହେଉଛି ଫେରାର ।
ଏହିପରି ଅଟେ ଭାଇନା ହୋ ସଂସାରର ରୀତି ।୩ ।

ଡମ୍ବରୁଧର ଦାଶ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜିକାଲି ଭାଇନା ସୁଇସାଇଡ୍ ବାଲା ପ୍ରେମ

ହାରିଯିବେ କେଦାର ଗୌରୀ ଭୟ କରିବେ ଯମ ।

କାନରେ ଥାଏ ମୋବାଇଲି କିବା ଦିନ କି ରାତି ।୪ ।

ଇତିହାସରେ ଲେଖିବା ପାଇଁ ନିଜ ପ୍ରେମ ନାମ

ବାପା ମାଆଙ୍କୁ ଗୋଇଠା ମାରେ ସ୍ତ୍ରୀକୁ କରେ ନମ ।

ସଂସାର କଲେ ସ୍ତ୍ରୀ ସେବାରେ କଟିବ ଦିନରାତି ।୫ ।

ଡିଜିଟାଲ ଯୁଗ ଭାଇ ମୋବାଇଲ ବାୟା କଲା

ବୁଢ଼ା ମାନେ ବିଲେ ଖଟନ୍ତି ପବ୍ଜି ଖେଳନ୍ତି ପିଲା ।

ସତେକି ନିତି ସୀମାରେ ଯାଇ ଶତ୍ରୁ ମାରୁଛନ୍ତି ।୬ ।

ମେକପ ହୋଇ ବୁଲଇ  ଆଜି ଏଇ ପାଠୋଇ ମା

ଆୟା ସାଜଇ ମାଆ ଏଠି ଟିଭି ଖେଳାଏ ଛୁଆ ।

ହ୍ୱାଟସ୍ଆପ୍ ଫେସ୍ ବୁକ୍ ଜ୍ଞାନ ବାଣ୍ଟନ୍ତି  ନିତି ।୭ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାଧୁତ୍ୱ ଓ ଧର୍ମ

ଧାର୍ମିକ ସେ ଯେ ଅନ୍ନ ଅର୍ଣ୍ଣ ଅନ୍ନଦ
ତୃପ୍ତ ଜନ ଜୀବନ ଜୀବ ଆନ୍ନାଦ
ଅନୀଳ ଅନିଳ ଅନିଳ ବିସ୍ତାରି
କୃତୀ କୃତି କୃତ୍ୱା ବାୟୁ ସଞ୍ଚାରି
ସୁଧା ସର ପରି ଶ୍ରାବଣ ବାରିଦ
ବାରିଦେ ଉପୁଜେ ତୃପ୍ତର ସୁଗନ୍ଧ
ସାଧୁ ସାଧୁବାଦ ସଙ୍ଗେ ରଖି ମତି
ସାଧନା ସୁପଥେ ହୁଅ ସଦା ବ୍ରତୀ
କାବ୍ୟାମୃତ କାବ୍ୟ ପ୍ରେମର ସାଗର
ଜ୍ଞାନାଲୋକେ ବିଶ୍ୱେ ଅଜୟ ଅମର
ବାୟୁ, ବାରିଦ, ଯେ ସବିତା, ଜହ୍ନ
ଅଜସ୍ର ଯଶ ଆର୍ଜି କୀର୍ତ୍ତି ମାନ
ଧର୍ମରେ ଧାର୍ମିକ ଅର୍ଜିଛି ମାନ
ମହୀର ଦେବ ସେ ମହୀୟାନ
ସୁପଥ ପଥର କଣ୍ଟକିତ ମୟ
ସୁକାମ ସୁନାମ ପଥ କ୍ଲିଷ୍ଟ ମୟ
ଆସୁ ଅଶ୍ରୁ ଅନ୍ତେ ହେଉ ଆତ୍ମା ଲୀନ
ସାଧୁତ୍ୱ ସାଧନେ ଲୀନ ମୋ ଜୀବନ ।



ଲିଟୁ ନାୟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନର ଗାଡ଼ି

ଜୀବନର ଗୁଡ଼ି ଗଡିଗଲାଣି
ଉଡି ଉଡି ଆକାଶକୁ
ବେଳ ଥାଉଥାଉ ଲେଉଟି ଆରେ
ଝଡ଼ ସେଯେ  ନ ଆସୁଣୁ... ।

ଛଳନାର ଭସା ବୌଦ ଭିତରେ
ଭାଷୀ ତୁ ଯିବୁରେ ତହିଁ
ଜୀବନକୁ ତୁଚ୍ଛା ନମଣି ମନେ
ନିଜକୁ ନେରେ ସଜାଡି...... ॥

ମଣିଷ ଜୀବନ ଅଟଇ ତୋର
ଭରସାର କେତେ ପାତ୍ର
କିମ୍ପାଇ ତୁତେବେ ଦଉଛୁ ତାଙ୍କୁ
ନିଜ ସ୍ୱାର୍ଥର କଷଣ... ॥



ସୂର୍ଯ୍ୟକାନ୍ତ ମଲ୍ଲିକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁ'କି ବୁଝିବୁ ଯନ୍ତ୍ରଣାର ବୋଝ

ଦୁଃଖ କେବେ ଦେଖିନାଉଁ

ସୁଖପାଇଁ ଟିକେ ଗଢ଼ିଛିରେ ଯେ

ତାକୁ କି ତୁ ଭୁଲି ଯାଉ..... II

ସୂର୍ଯ୍ୟର ଉତ୍ତାପେ ଜଳିଯିବରେ

ଖୁସିର ପର୍ବତ ତୋର

ପାଣିପରି ବୋହି ଯିବ ତୋସବୁ

ଯେତେ ଗର୍ବ ଅହଂକାର

ଯେତେ ଗର୍ବ ଅହଂକାର...III

ଘଣ୍ଟପଦା, କେନ୍ଦ୍ରାପଡ଼ା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାକୁ କହିବେ...

ଦୋକାନୀ କହୁଛି ବିକ୍ରି ହେଉ ନାହିଁ
ପରିବାର ମଲେ ଭୋକରେ ।
ଚିନ୍ତାରେ ଚିନ୍ତାରେ ଦିନ କଟି ଗଲା
ନିଦ ପଡୁ ନାହିଁ ରାତିରେ ।।

ଜୀବିକା ହରାଇ ଶ୍ରମିକ ମାନଙ୍କ
ଆଖିରୁ ଝରିଲା ଲୁହ ।
ଭୋକ ଉପାସାରେ ଆଉଟୁ ପାଉଟୁ କାହାକୁ କହିବେ କୁହ ।।

ଡ୍ରାଇଭର ପରିବାର ପାଇଲେନି
ଦାନା ଏଇ ମହା ବିପତ୍ତି ରେ ।
ରୋଜଗାର ତାଙ୍କର ବନ୍ଦ ହେଇଗଲା କେମିତି ବଞ୍ଚିବେ ସତରେ ।।



ଚିତ୍ତରଞ୍ଜନ ବେହେରା

ଲୁହ ବଦଳ ରେ ରକ୍ତ ବାହାରିଲା
କଳାକାର ଙ୍କ ଆଖିରୁ ।
ସମସ୍ତେ ଭାବିଲେ କେମିତି ବଞ୍ଚିବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହି ମହା ବିପତ୍ତି ରୁ ।।

ଚାଷୀ ଭାଇ ଦୁଃଖ ସମସ୍ତଙ୍କୁ ଜଣା

କହିବାକୁ ଭାଷା ନାହିଁ ।

ଦୁନିଆରେ ସେମାନେ କେମିତି ବଞ୍ଚିବେ

ରାସ୍ତା ଖୋଜି ପାଉ ନାହିଁ ।।

ପୋଲିସି ଡାକ୍ତର ସ୍ୱେଚ୍ଛାସେବୀ ମନେ ଅଣ୍ଟା ଭିଡି ଠିଆ ହେଲେ ।

ଏ ମହାମାରୀ କୁ ତଡିଦେବା ପାଇଁ

କରୋନା ସହିତ ଯୁଦ୍ଧ କଲେ ।।

ମାଝିସାହି, ବଘିଆପଡା,ବୌଦ୍ଧ

ଭ୍ରାମ୍ୟଭାଷ : ୯୪୩୮୭୨୦୩୮୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁରୁଭକ୍ତିର ଫଳ

ଅଜ୍ଞାନ ଅନ୍ଧାର ଯିଏ କରେ ଦୂର
ଜ୍ଞାନର ପ୍ରଦୀପ ଜାଳି
ସେ ଗୁରୁ,ତୋହର ପୂଜିବୁ ପୟର
ପାଦ ଧୂଳି ମୁଣ୍ଡେ ବୋଳି ।
ଗୁରୁ ସେବା କରି ବାଳକ ଆରୁଣି
ବୋଲାଇଲେ ମହାଜ୍ଞାନୀ
ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ହେଲେ ମହାରାଜ
ଗୁରୁବାକ୍ୟ ସଦା ମାନି ।
ଗୁରୁ ପାଦେ ମନ ଶବର ସନ୍ତାନ
ଏକଲବ୍ୟ ତା'ର ନାମ
ଗୁରୁ ଦକ୍ଷିଣାରେ ବୃଦ୍ଧାଙ୍ଗୁଳି ଦେଲେ
ପାଳି ନିଜ ଶିଷ୍ୟ ଧର୍ମ ।
ସୁଦର୍ଶନ ଧାରୀ ଗୋଲକ ବିହାରୀ
କୃଷ୍ଣ,ରଖି ଗୁରୁ ମାନ
ଶମନପୁରରୁ ଫେରାଇ ଆଣିଲେ
ଗୁରୁ ମାତା ଜୀବଧନ ।



ଅନାମ ଚରଣ ସାହୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁରୁ କୃପା ବଳେ ଶିଷ୍ୟ ଉପମନ୍ୟୁ

ହୋଇଥିଲେ ଚକ୍ଷୁଷ୍ମାନ

ଗୁରୁ ଆଜ୍ଞା ବଳେ ଗାଭୀ ସେବା ଫଳେ

ଦିଲ୍ଲିପ ପ୍ରାପ୍ତ ସନ୍ତାନ ।

ଗୁରୁ ଆଶୀର୍ବାଦ ବଳେ ଜ୍ଞାନାମୃତ

ହୋଇଥାଏ କରାୟତ

ଗୁରୁ ପାଦେ ସେବା ସନ୍ତୋଷେ କରିବା

ଶିକ୍ଷା ଲଭି ଅବିରତ ।

ବିଭୂତିପୁର, କାକଟପୁର, ପୁରୀ

ମୋ-୯୯୩୭୨୧୦୨୭୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୃଷକ

ମାଟିରେ ମାଟିରେ
ଗଢେ ଅନେକ ସ୍ୱପ୍ନ

ନା ମାନେ
ଶୀତ କାକର
ଅସହ୍ୟ ଯନ୍ତ୍ରଣା ଗ୍ରୀଷ୍ମର

ବର୍ଷାରେ ଭିଜି
କାଦୁଅ ଦେହରେ ବୋଳି
କରିଚାଲେ ବୀର ଟିଏ ପରି
ଦୁନିଆକୁ ମୁଠାଏ ଅର୍ଣ୍ଣ ଦେବ ବୋଲି



କାହ୍ନୁ ଚରଣ ସାହୁ

ନିସ୍ୱାର୍ଥ ଭାବନାରେ
ଜଡିତ ତାର ସର୍ବସ୍ୱ
ଅଜାଡି ଦିଏ ପ୍ରକୋପେ ପ୍ରକୃତି
ସୁନାର କେତେ ଯେ ଫସଲ
ତଥାପି ହସୁଥାଏ କାନ୍ଦି କାନ୍ଦି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଳ କୁଡ଼ିଆରେ
ନିର୍ଜିବ ଟେ ପରି ସଢୁଥାଏ
କେବେ ଋଣ ଭାରରେ
କେବେ ଉଜୁଡା ସ୍ୱପ୍ନରେ
ଜୀବନର ପାଣି ଛଡେଇ
ତଥାପି ପରିଶ୍ରମ କରିଚାଲିଥାଏ

ବୁଝେନି ସରକାର
ତା ଦୁଃଖ ସୁଖ
ଅନେକ ବଦଳରେ ଲୋଡ଼େ
କିଛି ସହାୟତା
ତଥାପି ମିଳେନି

କେତେ ହାକିମ ବାବୁ
କେତେ ମଧ୍ୟସ୍ଥି
ସବୁ ଓଲଟ ପାଲଟ କରିଦିଅନ୍ତି

ସରକାରଙ୍କ ସହାନୁଭୂତିର
ଅପେକ୍ଷରେ
ଜୋତା ଘୋରିହୋଇଯାଏ
ତଥାପି ଦୌଡ଼ିଥାଏ


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କିଛି ସହାୟତା ଆଶାରେ

ମାଟି ମାଆର
ସିଏ ପରା ସୁନା ପୁଅ
ସବୁ ସହିଯାଏ
ଛାତିର ଲହୁକୁ
ଓଠରେ ପିଇ ଯାଏ

ତା ପ୍ରେମ ସ୍ୱର୍ଗୀୟ
ମାଟି ମାଆର ପ୍ରେମରେ
ସେ ହୋଇପାରିନି ସିନା ମହାନ
ହେଲେ କରିଚାଲିଥାଏ ଅନେକ ମହାନ କାମ
ମାଟିରେ ମିଶିବା ଯାଏଁ,,,,,
ହଁ ହଁ.....ସିଏ ହିଁ କୃଷକ ଟିଏ ।।

ସମ୍ପାଦକ- ସୃଷ୍ଟି ସମ୍ଭାର
ପଣ୍ଡୁକାମାଳ, ମ.ରାମପୁର, କଳାହାଣ୍ଡି
ମୋ: ୮୨୪୯୫୨୦୮୮୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲେଖେ ମୁଁ କବିତାଟିଏ

"କବି ମୁଁ ନୁହଁଇ ହେଲେ ଲେଖିପାରେ" ,
ଜୀବନ ରୂପକ ଗୀତ ।
"ସୁଃଖ ଦୁଃଖ ଭରା ଶବ୍ଦ ଗାଣ୍ଠୀବ ରୁ ।
ଲେଖେ ମୋର ଆତ୍ମଚିନ୍ତ" ।।

"ଲେଖନୀରୁ ମୋର ଦୁଇଧାଡି ଲେଖା" ,
ଆନନ୍ଦ ଲାଗଇ ମତେ ।
"ଅଲୋଡା ଲାଗଇ ଏ ସାରା ଦୁନିଆ ,
ମିଛ ସଂପର୍କର ସ୍ୱାର୍ଥେ" ।।

"ପରିଚୟ ମୋତେ ପ୍ରଦାନ କରିଛି" ,
ମୋ ମନର ଭାବଗ୍ରନ୍ଥ ।
"ପ୍ରତିଶୃତି ପାଇ 'ମନ' ଚେତନାରୁ ,
ଶବ୍ଦ ମୁଁ କରଇ ଜାତ" ।।



ସର୍ବେଶ୍ୱର ସାହୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"କରିଅଛି ମୁହିଁ ଅନେକ ଛଳନା" ,

ଜୀବନ ସାଥିରେ ମୋର ।

"ସେଥିଲାଗି ଆସେ ଅସୁମାରୀ ଚିନ୍ତ ,

ହୃଦୟ ବୁକୁରେ ମୋର" ।।

"ଚିନ୍ତା ଚେତନାର ଯୋଗଦାନ ବଳେ" ,

ହୋଇଛି ଲେଖକ ଟିଏ ।

"ଜୀବନ ରୂପକ ମାପକାଠି ଧରି ,

ଲେଖେ ମୁଁ କବିତାଟିଏ" ।।

ଧାମନଗର, ଭଦ୍ରକ, ଓଡ଼ିଶା

ମୋ-୯୭୭୮୩୪୧୦୮୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମହାଶକ୍ତି ସତ୍ୟ

କହୁଛି କଥାଏ ଶୁଣହେ ପିଲାଏ
ଦେଇ ତୁମ ମନ କର୍ଣ
ମନେ ରଖିଥିଲେ ଏହି କଥାଟିକୁ
ଜୀବନ ହୋଇବ ଧନ୍ୟ
ଯେତେ ଝଡ଼ଝଞ୍ଜା ଆସୁରେ ଜୀବନେ
ନଛାଡିବ ତାକୁ କେବେ
ତାକୁ ଧରି ପଛେ ଫାଶୀ ମିଳିଯାଉ
ଦୁଃଖ ନକରିବ ଲବେ
ସେହିପରା ଅଟେ ବଳଟି ତୁମର
କର ତୁମେ ତାକୁ ସାଥି
ସେ ସାଥେ ରହିଲେ ଅବିଳମ୍ବେ ତୁମେ
ଜଗତକୁ ଯିବ ଜିତି
ତୁମ ପରି ପିଲା ଧ୍ରୁବ ପ୍ରହଲ୍ଲାଦ
ତାକୁ ଥିଲେ ଆଶ୍ରା କରି
କାଳର ଚକ୍ରରେ ସେ ସିନା ନାହାନ୍ତି
ରହିଛି ନାମ ତାଙ୍କରି



ବୈଦ୍ୟନାଥ ପଣ୍ଡା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାକୁ ସାଥି କଲେ ଜୀବ ଗଲାପରେ
ରହିବ ଅମର ହୋଇ
ଏବେ ତାର ନାମ କହୁଛି ଶୁଣହେ
ସତ୍ୟ ଅଟେ ପରା ସେହି
ସତ୍ୟର ପଥରେ ଚାଲୁଥିବ ତୁମ୍ଭେ
ସତ୍ୟ ବଚନ କହିବ
ଯେତେ ଦୁଃଖ ପଡୁ ତାକୁ ନଛାଡିଲେ
ନିଶ୍ଚେ ଦିନେ ବଡ ହେବ.

ଅବଦଲ ପୁର. ଯାଜପୁର
ଦୂରଭାଷ: ୯୪୩୯୮୫୪୧୯୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୀଳାଚଳ ଦିଅଁ

ବସିଛ ରତନ ଆସନେ ସାଜି ଚାତୁର
ତୁମେ ନୀଳାଚଳ ଦିଅଁ,
ଚାହିଁଛ ଚକା ନୟନେ ସାଜି ଆତୁର
ତୁମେ ନୀଳାଚଳ ଦିଅଁ ।।

ତୁମରି ପ୍ରତିମା ଲଭିଲେ ନୟନେ
ଭାରିଯାଏ ଭାବର ସ୍ରୋତ,
ତୁମରି ଗାରିମା ଶୁଣିଲେ ହୃଦୟେ
ଆସିଯାଏ ଭକ୍ତିର କାତ ।।



ଅସରାଏ ପାପ ଯାଏ କୋଷଦୂରେ
ତୁମକୁ ଭଜିଲେ ମନେ,
ଅସରାଏ ପୁଣ୍ୟ ଆସେ କୋଳଭରେ
ତୁମକୁ ପାଇଲେ ସ୍ୱପ୍ନେ ।।

ରାମ ପ୍ରସାଦ ସିଂହ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଭିଁଏ ଲୋଡ଼ନ୍ତି ତୁମରି କରୁଣା

ନିତି ସଂସାର ସାଗରେ,

ସଭିଏଁ ଝୁରନ୍ତି ତୁମରି ପାଉଣା

ନିତି ମାୟାର ଜୀବନେ ।।

କରୁଛି ପ୍ରଣାମ ବିନମ୍ର ପ୍ରତୀକେ

ଶୁଣିବେ ବର୍ଣ୍ଣନା ମୋର,

ଭଜୁଛି ଭଜନ ଦରଦ ସଲଖେ

ରଖିବେ ଭାବକୁ ମୋର ।।

ସୁକରପଡା, କଟକ ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଇନା

ମିଛ ମାୟା ଏଇ ସଂସାର ଭିତରେ,
ସଭିଏଁ ଲାଗନ୍ତି ନିଜ ।
ସମୟର ଏଇ କରାଳ ଗତିରେ,
ଦେଖାନ୍ତି ଅସଲ ରୂପ ।।

ଝାଟି ମାଟି ଏଇ ନଡାର କୁଟୀର,
ମୋ ପାଇଁ ସରଗ ପୁର ।
ତୁମେ କିଆଁ ଆଜି ବୁଝିବ ମୂଲ ହେ,
ସଭ୍ୟତା ମଣିଷ କୁହ ।।



ମିଛର ଡିଣ୍ଡିମ ପିଟିପିଟି ଆଜି,
ବୋଲାଉଛ ଶ୍ରେଷ୍ଠ ନିଜେ ।
ଅଢେଇ ଦିନିଆ ସଂସାର ତୁମର,
ଭୁଲିଯାଉଅଛ ମନେ ।।

ପଙ୍କଜ କୁମାର ମାହାନା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନ୍ଧର ପୁଟୁଳି ଖୋଲିଦେଇ ଏକା,

ସତ୍ୟକୁ ସାରଥି କଲେ ।

ମଲାବେଳେ ତୁମେ ନେଇଯିବ ନାହିଁ,

ଅର୍ଜିତ ସମ୍ପତି ଯେତେ ।।

ଦୁନିଆରେ ତୁମେ ଶ୍ରେଷ୍ଠ ହେବା ପାଇଁ,

ଆଇନା ପରିକା ହୁଅ ।

ନ ବଦଳାଇ ରୂପ କୁହ ନାହିଁ ମିଛ,

ମନକୁ ପବିତ୍ର ରଖ ।।

ଶୁଳିଆପଦା, ମୟୂରଭଞ୍ଜ ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଙ୍କୁରୋଦ୍‌ଗମ୍

ତୁ ଜାଣିଛୁ ଦୁନିଆଟା
କେଡେ ନିଷ୍ଠୁର ?
ଏଠି ବଞ୍ଚିବା ପାଇଁ ଲୋଡା
କାହାର ଇଛା ଓ ପାପୁଲିର କାଉଁରୀ ସ୍ୱର୍ଶ ।

ଏଠି ସମାଜର ପଦରଜ ସହିସହି ଯେବେ
ତୁ ପାଷାଣ ହୋଇବୁ,
ତେବେ ତୁ ମନେ ଇଛା ଭାବି
ହୋଇବୁ ଅଙ୍କୁରୋଦଗମ୍ ।



ଏଠି ଭୀମ ଅତ୍ୟାଚାରର ଲାଠି
ଅହରହ ଘୂରିବୁଲେ
କଅଁଳ ବାଛୁରୀର ପଘା ପରି,
କେବେ ତାକୁ ପାରିବୁ
ତୁ ଛିନଛତର କରି ।

ବିକାଶ ଚନ୍ଦ୍ର ଧୁଙ୍ଗିଆ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଠି ଅତ୍ୟାଚାରର ତାଳେ ତାଳେ

ଛିଡା ହେବୁ ତୁ

ତାଳ ତମାଳ ପରି,

ପ୍ରତିଘାତର ଲଗାମ ଦେଇ

ଛିଡା ହେବୁ ତୁ

ଧରଣୀର ବକ୍ଷ ଚିରି ।

ଏଠି ଆଷାଢରେ ପାଇବୁ

ତୁ ବୈଶାଖର ତାତି,

ତଥାପି ତୁ ସଂଘର୍ଷର ଲାଠି ଧରି

ଠିଆ ହେବୁ

ପ୍ରତିରୋଧ କରିବା ପାଇଁ,

ସଂସାର ଭିତରେ ତୁ

ଅଙ୍କୁରୋଦଗମ ହୋଇ ।

ଶୁଳିଆପଦା, ମୟୂରଭଞ୍ଜ ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୁଖିଲା ଶ୍ରାବଣ

କୋରନା ମହାମାରୀ ନେଲା କି ଟାଣି
ପୃଥିବୀର ଜଳଧାର,
ଧରାପୃଷ୍ଠ ଆଜି ଶୀଥିଳ ଦିଶଇ
ପଡେ ଶୁଖିଲା ଶ୍ରାବଣ ।।
ଜହ୍ନି, ଜୁଇ, ଜାଇ, ଚମ୍ପା, କଇଁ, ପଦ୍ମେ
ପ୍ରକୃତିରାଣୀ ସାଜେ ,
ଆଜି ମହୀ ମଣ୍ଡଳେ ଦିଶୁ ନାହିଁ ସେତ
ମରୁଭୂମି ସାଜେ ସତେ ।।
ଅଳପ ନଦୀଏ ପୂରି ଉଚ୍ଛୁଳଇ
ଶ୍ରାବଣ ବରଷା ଧାରେ,
ନ ଶୁଭେ ଘଡ଼ଘଡ଼ି, ବିଜୁଳି ଶବଦ
ଆଜି ଏଇ ଶୂନ୍ୟପଥେ ।।
ନାନାପ୍ରକାରେ ଶସ୍ୟରାଶି ଆଜି କାହିଁ
ଟାଙ୍ଗରା ପଡିଛି ଭୂଇଁ,
ଶୁଖିଲା ଶ୍ରାବଣର ଧାରା ନ ଦିଶେ
ତ ଶସ୍ୟଶ୍ୟାମଳା ମହୀ ।।
ସୃଷ୍ଟିର ନିୟମ ଉଲଗ୍ନ କରୁଛି
ମଣିଷ ନିଜର ହାତେ,
ହନ୍ତସନ୍ତ ହୁଏ ପ୍ରାଣୀକୂଳ ଆଜି
ଆବୋରନ୍ତି ଦୁଃଖ କେତେ ।।



ହୀରାବତୀ ପାତ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୃଥିବୀ ରବି ତେଜେ ହୁଏ ତାପିତ
ଦିଶେନାହିଁ ମେଘମାଳା,
ମୃତ୍ୟୁ ପାଖେ ପଡିଛି ଜୀବନ ବାଜି
ଏ କି କୋରନାର ଜ୍ୱାଳା ।।
ନାହିଁ ଜିଆ, ଶାମୁକା, କଲେଇ ପୋକ
ନାହିଁ ପୁଣି ଚୁନାମାଛ ,
ଶୁଖିଲା ଶ୍ରାବଣେ ଲୀନ ହୁଏ ଜୀବ
ନାହିଁ ମଣ୍ଡୁକ ଗର୍ଜନ ।।
ଛତୁ ଯେ ଛତ୍ର ମଞ୍ଜପୁରେ ନ ସାଜେ
ନ ବହେ ଶ୍ରାବଣ ଝଡ,
କେଉଁ ଦୋଷ ପାଇଁ ଦଣ୍ଡ ଭୋଗ ପ୍ରଭୁ
ନ ଦିଶେ କାଉଡି ଭିଡ ।।
ସବୁଜ କ୍ଷେତର ସବୁଜିମା ହଜେ
ଏଇ ଶୁଖିଲା ଶ୍ରାବଣେ,
ମ୍ରିୟମାଣ ହୋଇ ଚାଷୀ କୂଳ ଆଜି
ଝରାଏ ଲୋତକ ମନେ ।।
ଜୀବ ଜୀବନ ଜଳ ବିନ୍ଦୁଏ ପ୍ରାୟେ
ଚୂର୍ଣ୍ଣ କରେ ଜୀବନ ଧାରା,
କରୁଣାକର ଆହେ କରୁଣା ଚିତ୍ତେ
ଝରାଅ ଶ୍ରାବଣ ଧାରା ।।

ନଳଗଜା, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗୁରୁଶିଷ୍ୟ ପ୍ରତି

ଯଜ୍ଞ ଅଟେ ଦାନ ଜାଣିଥାଅ ବତ୍ସ !

ଦାନ ପୁଣି ଶ୍ରେଷ୍ଠ ଧର୍ମ

ଦାନ ମଧ୍ୟେ ପୁଣି ଜ୍ଞାନଦାନ ଶ୍ରେଷ୍ଠ

ବ୍ରହ୍ମଯଜ୍ଞ ତାର ନାମ ॥

ଆନ ଦାନ କ୍ଷୟୀ ମାତ୍ର ଜ୍ଞାନଦାନ

ଅଟେ ଅକ୍ଷୟ-ବର୍ଧକ

ସ୍ଥାୟୀ ସମାଧାନ ଗ୍ରହିତାର ପାଇଁ

ଦାତାକୁ ଯଶଦାୟକ ॥

କୋଟି ରତ୍ନ କ୍ଷୟୀ ଜ୍ଞାନ ତ ଅକ୍ଷୟ

ପରମାଥର୍ ପ୍ରକାଶକ

ତେଣୁ ତା' ଅର୍ଜନେ ସଦ୍ଗୁରୁ ଅନ୍ୱେଷି

ଧନ୍ୟ ହୁଅ ହେ ବାଳକ ॥

ଅଧ୍ୟାପନ ଅଟେ ପୁଣ୍ୟ ବ୍ରହ୍ମଯଜ୍ଞ

ଗୁରୁ-ଅଧ୍ୟାପକ ଦାତା

ତାଙ୍କ ପୂଜା କରି ବଡ ହୁଅ ବତ୍ସ,

ମଣି ଦିବ୍ୟ ପିତା-ମାତା ॥



ରାଜେନ୍ଦ୍ର ସାମଲ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାତା-ପିତା ତୋର ମୂର୍ତ୍ତ ଦେହଦାତା

ଗୁରୁ ଜ୍ଞାନଦେହଦାତା

ଜ୍ଞାନଦେହ ବିନା ନର ପଶୁ ଅଟେ

ନାହିଁ କିଛି ସାର୍ଥକତା ॥

ଗୁରୁକୃପା ତୋର ଅମୋଘ ଆୟୁଧ

ଗୁରୁ ସେତୁ ମୁକତିର

ମର୍ତ୍ତ୍ୟମଣ୍ଡଳରେ ଗୁରୁ ହିଁ ସାକ୍ଷାତ

ବ୍ରହ୍ମା-ବିଷ୍ଣୁ-ମହେଶ୍ୱର ॥

ଆଦ୍ୟ ପିତା-ମାତା ସହ ଗୁରୁପାଦେ

ଲୟ ରଖି ସଦା ବାବୁ,

ଜୀବନଯୁଦ୍ଧରେ ଜୟୀ ହୋଇ ଶେଷେ

ପରମାର୍ଥକୁ ଲଭିବୁ ॥

ଗୁରୁଭାଇମାନେ, ନିବେଦନ ଘେନ

ଏ ଅବକ୍ଷୟ ସ୍ରୋତରେ

ଭାସି ନଯାଇକି ଟେକ ରଖ ମିତ୍ର,

ଗୁରୁ-ଶ୍ରେୟଃ ଜଗତରେ ॥

ଉଚ୍ଚାରଣ ଆଉ ଆଚରଣ ଏକ

କରି ତୁ ଆଚାର୍ଯ୍ୟର୍ ହୁଅ

ସତ୍ୟ-ଧର୍ମ ବହି ଦେବୋପମ ହୋଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଭିଙ୍କୁ କଢାଇ ନିଅ ॥

ସାରା ବିଶ୍ୱ ହେଉ ପୁଣ୍ୟ ତପୋବନ

ତୁମ୍ଭେ ତହିଁ ଗୁରୁବର

ଅଙ୍କାନେ ଅଜସ୍ର ଆଲୋକ ବିତରି

ମର୍ତ୍ତ୍ୟ କର ସ୍ୱର୍ଗପୁର ॥

(ପବିତ୍ର ଗୁରୁଦିବସରେ ସଭକ୍ତିକ ପ୍ରଣାମ ପୂର୍ବକ ରାଜେନ୍ଦ୍ର ସାମଲ:ବାରିପଦା)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରକ୍ଷା ବନ୍ଧନ

ସ୍ନେହ ଶ୍ରଦ୍ଧା ଆଉ ଭରସାର ପର୍ବ
ରାକ୍ଷୀ ପୂର୍ଣ୍ଣିମାଟି ପରା
ଭାଇ ଭଗ୍ନୀଙ୍କର ପବିତ୍ର ବନ୍ଧନ
ଉଚ୍ଛାଟିତ ମନ ପାରା । ।
ରେଶମ ଡୋରିର ରାକ୍ଷୀ ନୁହେଁ ସେ ତ
ସମ୍ପର୍କ ବନ୍ଧନ ସୁତା
ଅନାବିଳ ପ୍ରେମେ ଭାଇ ହାତେ ବାନ୍ଧେ
ଭଉଣୀ ଜଗତଜିତା । ।
ଚନ୍ଦନ ସିନ୍ଦୂରେ ବନ୍ଦାଇ ଭାଇକୁ
ପୂଜେ ପୂଜାରୁଣୀ ସାଜି
ଦୀର୍ଘ ଆୟୁଷର କାମନା କରଇ
ଜୀବନ ଲଗାଇ ବାଜି । ।
ଭଉଣୀର ତ୍ୟାଗ ଭାଇ ବଳିଦାନ
ବାନ୍ଧି ହୋଇଥାନ୍ତି ସ୍ନେହେ
ବିପଦେ ଆପଦେ ଶାହା ହୋଇଥାନ୍ତି
ଦୁହିଁଙ୍କର ପାଇଁ ଦୁହେଁ । ।
ରାକ୍ଷୀ ରୂପେ ତୁହି ସୁରକ୍ଷା କବଚ
ନିଆରା ଭାବ ବନ୍ଧନ
ମୂକସାକ୍ଷୀ ହୋଇ ରହିଥା ତୁ ରାକ୍ଷୀ
ରହିଲା ତୋତେ ମୋ ରାଣ ।



ପ୍ରଭାତୀ ମହାପାତ୍ର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଆରା ଉପନ୍ୟାସ

ଉପନ୍ୟାସର ଅନେକ ପୃଷ୍ଠାରୁ
ପ୍ରଥମ ଦୁଇ ତିନି ପାଠ କରି ତୁମେ କହିଥିଲ,
ହେଇଗଲା, ମଝିରେ ଆଉ କିଛି ପଢି ଶେଷ କେଇ ପୃଷ୍ଠା
ପଢ଼ିଦେଲେ ପାଇଯିବି କାହାଣୀ ସମ୍ପୂର୍ଣ୍ଣ ।
ପ୍ରଥମ ଦୁଇ ତିନିରେ: ଭଙ୍ଗା କୁଡିଆର ଜରାଶୀର୍ଣ୍ଣ ମଣିଷଟିଏ,
ଭିତରେ,ଦୌଡ଼ି ଖଟିଆର ଝୁଲଣ ଶେଯ ।
ବାହାରେ, ଦଦରା ବାଉଁଶର ବାଡ଼ାଯାହା,
ରାତିରେ ବୁଲା କୁକୁରଙ୍କ ଅସହ୍ୟ ରଡି ।
ମଝିରେ : ଯୁବରାଜ ସମ ଲୋଭାଳିଆ ବିଶାଳ ବପୁ,
ଜନପଦର ଅଜେୟ ସମ୍ରାଟ ,
ଶଙ୍ଖମଲମଲ ଶେଯରେ ସ୍ୱର୍ଗର ସୁଖ,
ରାଜ ଉଆସ ଚାରିକଡେ ପ୍ରହରୀ ବିନ୍ୟାସ ।
ଆଉ ଶେଷ କେଇ ପୃଷ୍ଠାରେ:
ଯାହା ହୁଏନି ବିଶ୍ୱାସ ।
ପ୍ରଜାମେଳିରେ ଭାଙ୍ଗି ଚୁରମାର ସବୁକିଛି ,
ମହଲ ଭିତରୁ ହିଁ  ବିରୋଧର ଶକ୍ତ ପ୍ରହାର ।
ନା ଦେଖି ହେଉଛି  ଝୁଲଣ ଖଟିଆ ନା ଆଡମ୍ବର ଶେଜ,
ଶରୀର ତା'ର କଳି ପାରୁନାହିଁ ଆଗକୁ ମିଳିବ କି ଶାନ୍ତିର ନିଶ୍ୱାସ  !



ସଂଜୀବ୍ ଦାସ
କଟକ, ଓଡ଼ିଶା
ଦୂରଭାଷ: ୬୩୭୨୬୯୯୦୦୫

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଠିକ୍ ସେଇମିତି ରହିଗଲି

ମୁଁ ଠିକ୍ ସେଇମିତି ରହିଗଲି

ତମେତ କହୁଛ, ମୁଁ ଠିକ୍ ସେଇମିତି ରହିଗଲି ।

ଝିପିଝିପି ବର୍ଷାରେ ତିନ୍ତିବୁଡ଼ି ,

କାଗଜଡଙ୍ଗା ଭସାଉଥିବା

ଛୋଟ ପିଲାଟିଏ ପରି

ନିହାତି ଅବୁଝା ଗୋଟାଏ ।

ସବୁଠୁ ଅନ୍ତରଙ୍ଗ ମୁହୂର୍ତ୍ତମାନଙ୍କୁ

ବୋକ ଦେଇ ନିଜର କଲାବେଳେ

ତମେ ବିରୋଧ କରିଛ ,

ଥରେ ନୁହେଁ ବାରମ୍ବାର ।

ତମର ଭାଷାରେ, "କ'ଣ ମିଳିବ ସେଥିରୁ ?

ଆମର ସଂସାର ଭଲ ତ ଆମେ ଭଲ

ଦିନରାତି ଶବ୍ଦର ମିନାର ଗଢ଼ି ଗଢ଼ି

କବିଟିଏ ହେବାର ବୃଥା ପ୍ରୟାସରେ

କି ସୁଖ ଯେ ମିଳେ ତୁମକୁ ! "

ମୁଁ ଠିକ୍ ସେଇମିତି ରହିଗଲି



ଶିଶିର କୁମାର ପଣ୍ଡା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଡ଼ ଡରରେ ସ୍କୁଲ ନ ଯିବାକୁ
ଜିଦ୍ ଧରିଥିବା ପିଲାଟିଏ ପରି ,
ସତରେ ପାଗଳ ଗୋଟାଏ ,
ପାଗଳ ନୁହେଁତ ଆଉ କ'ଣ !
କଣ୍ଟାକୁ ଫୁଲର ସ୍ନେହ ଦେଇ
ଆଦରି ନେଉଥିବା ନିଷ୍ପାପ ଶିଶୁଟିଏ ବି ତୁମେ
ମୁଁ ଠିକ୍ ସେଇମିତି ରହିଗଲି ,
ତମେତ କହୁଛ , ମୁଁ ଠିକ୍ ସେଇମିତି ରହିଗଲି ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ-୮୯୮୧୭୩୬୨୨୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିନତୀ

ତୁମକୁ ମୁଁ ଖରାବେଳେ ଛାଇ ଦେଲି
ଖାଇବାକୁ ଫଳ ବି ଦେଲି
ରହିବା ପାଇଁ ସହାରା ଦେଲି
ହେଲେ ମୋ ମନକୁ ବୁଝିଲନି ।
ମୋ ଶରୀରକୁ ଖଣ୍ଡ ଖଣ୍ଡ କରି
ମୋ ପୁଅଝିଅଙ୍କୁ ହତ୍ୟାକରି
ତୁମେ ନିଜର ସମସ୍ତ ସୁବିଧା କଲ
ତଥାପି ତୁମ ମନରେ ଶାନ୍ତି ନାହିଁ ।
ମୁଁ ତୁମକୁ ପାଣି ପବନ ଦେଲି
ତୁମେ ତ୍ୟାଗ କରୁଥିବା ବାଷ୍ପ ନେଲି
ତୁମ ପରିବେଶକୁ ସତେଜ ରଖିଲି
ସତରେ ମୁଁ କି ଭୁଲ କଲି ?
ହୀନିମାନ କରି ମାରୁଛ ମୋତେ
କାହା ମନେ ଦୟା ଟିକେ ନାହିଁ
ସମସ୍ତଙ୍କ ସୁବିଧା କରୁଛ
ମୋ ଦୁଃଖ ଟିକେ ବୁଝିପାରନ୍ତ ନାହିଁ !



ଖଗେନ୍ଦ୍ର ପାତ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁହାରି କରୁଛି ସଭିଙ୍କୁ ମୁହିଁ

ମୋ ବଂଶକୁ ଟିକେ ବଢ଼ାଅ ଯାଇ

ତୁମ ସେବାରେ ହିଁ ମୋ ଜୀବନ ଯିବ

ମୁଁ ନଥିଲେ ତୁମେ କି ବଞ୍ଚିବ ଭାଇ ।

ବେଲପଡ଼ା, ବଲାଙ୍ଗିର, ଓଡ଼ିଶା

ଭ୍ରାମ୍ୟଭାଷ : ୯୮୫୩୪୬୯୮୬୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧର୍ମର ଜୟ ହେଉ କି ନ ହେଉ

ଯେଦିନ ଯିବନି ଦାଦନ ଖଟି

ମୋ ଗାଁ ମୋ ସାହିର ପୁଅ

ରୋଜଗାର ତାକୁ ମିଳିଲେ ଏଠି

ଏଡାଇବ ବସ୍ତେ ଚାଉଳ ମୋହ

ଧର୍ମର ଜୟ ହେଉ କି ନ ହେଉ

ମନ ତ ହୋଇବ ଥୟ ।

ବ୍ରହ୍ମସମ୍ଭବ ମନ କନ୍ଦରେ

ଆତ୍ମଚେତନା ଯେବେ ହେବ ଉଦୟ

ଶସ୍ତ୍ରର ଝଙ୍କାର ବିପକ୍ଷ ହିଆରେ

ନିଷ୍ଟେ କରିବ ବେପଥୁର ପ୍ରବାହ

ଧର୍ମର ଜୟ ହେଉ କି ନ ହେଉ

ମନ ତ ହୋଇବ ଥୟ ।



ଡା ସୌମ୍ୟରଞ୍ଜନ ମିଶ୍ର

ମୁଖା ଖୋଲି ମୁଥ ମାରିଲେ ଲୋକେ

ବେହିଆଙ୍କ କଳା କରିଲେ ମୁହଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମାଜସେବକ କାର୍ତ୍ତିକର ବକ

ବିକିବା ଆଗରୁ କରିଲେ ଭୟ

ଧର୍ମର ଜୟ ହେଉ କି ନ ହେଉ

ମନ ତ ହୋଇବ ଥୟ ।

ମଧ୍ୟଖଣ୍ଡୀ, ଶ୍ରୀବଳଦେବ ଜୀଉ

କେନ୍ଦ୍ରାପଡ଼ା, ୭୫୪୨୧୨, ଓଡ଼ିଶା

ଦ୍ରାମ୍ୟଭାଷ : ୯୯୩୭୭୩୭୪୩୪୨

ଇମେଲ୍ : dr.srmishra@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ କୃଷକର

ରୌଦ୍ରଘାତେ ରହି ରହି ମାଟି ରୋପିଅଛି ଶସ୍ୟର ସହର,
ଦେବାଳୟେ ଦାନ, ଦେଶବାସୀ ଦନ୍ତେ ଦେଇଛି ମୁଁ ଯେ ଆହାର ।
ବର୍ଷା-ବୃଷ୍ଟି ବନ୍ୟା ବାତ୍ୟା ବିଦୀର୍ଣ୍ଣ କରିଛି କ୍ଷେତଟିକୁ ମୋର,
ମେଘହୀନ ମ୍ଳାନ ମାଟି ମା କରିଛି ଜୟଗାନ ମରୁଡ଼ିର ।
ଘଡ଼ଘଡ଼ି ଘନବଲ୍ଲୀ ଘନ ଘନୋପଳ ସହିଛି ମୋ ଘର,
ଛିଣ୍ଡା ଛପର ଛିନ୍ନ ଛାୟାରେ ଛନ୍ଦା ମୋର ଛୋଟ ପରିବାର ।

ସଂକଟ ସାଜିଛି ସଙ୍ଗାଳି ମୋ ସର୍ବଂସହା ସୁହାସିନୀ ସ୍ତ୍ରୀର,
ପାଠ, ପେଟ, ପରିଚ୍ଛଦ ପାରିନି ଯୋଗାଇ ପିଲାଟିକୁ ମୋର ।



ରୋଗିଣା ରୂପରେ ରୌରବ ଯନ୍ତ୍ରଣା, ରଣିତ ରକ୍ତର ଧାର,
କଷଣ, କ୍ଲେଶ, କଷ୍ଟର କ୍ରୀଡ଼ନକ, କାହାଣୀ ଏ କୃଷକର ।

ରଞ୍ଜନ କୁମାର
ପାଣିଗ୍ରାହୀ

ଭୁବନେଶ୍ୱର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୀରବତା

ମନରୂପୀ ସମୁଦ୍ର ଗର୍ଭରେ..

ଉଠେ ଲହରି ଭାବନା ର..

କାହିଁ ଯେ ମନ ଆଜି ଅଶାନ୍ତ ..

ଖୋଜି ବୁଲେ ତାହାରି ଉତ୍ତର..||

ଅବାକ୍, ଅଧିର, ଚଞ୍ଚଳ, କାତର..

ବ୍ୟଗ୍ର ହୁଏ ମନ ପାଇବାକୁ

ଥଳକୂଳ ତାହାର.........||

ଯନ୍ତ୍ରଣା, ପ୍ରତାରଣା, ବିଷାଦ ର ଘେର

କରିବ ଦୋଷୀ କାହାକୁ ଏ ମନ

ସବୁ ତ ଏଠି ଅପଣାର.....



ସ୍ୱାର୍ଥ ଦୁନିଆ ର ଗହଳ ଭିତରେ

ସ୍ନେହବୁନ୍ଦା ଖୋଜେ ଏ ମନ ଆତୁରେ

 କ୍ଷତାକ୍ତ ମନ ର ଅକୁହା ବେଦନା କଥା

ସୁଶ୍ରୀ ଆରତି ପଟ୍ଟନାୟକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେ ବୁଝି ପାରିବ ଏ ମନ ର..

ଗଭୀର ନୀରବତା ||

(ଶିକ୍ଷୟିତ୍ରୀ), ଭେଜିପଦର ପ୍ରା. ବିଦ୍ୟାଳୟ

ବିଷମକଟକ, ରାୟଗଡା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାରୀ

ସୃଷ୍ଟି ର ଜନନୀ ଆଦ୍ୟା ଚିରନ୍ତନୀ
ସଂସାର ପାଳନ କର୍ତ୍ରୀ
ସର୍ବ ରୂପେ ସର୍ବ କ୍ଷେତ୍ରେ ସ୍ଥିତି ତାର
ଭଗିନୀ, ଦୁହିତା, ଧାତ୍ରୀ ।।
ଶାମୁକା ଗର୍ଭର ମୁକ୍ତା ବିନ୍ଦୁ ପୁଣି
ଜଗତେ ଚିର ବନ୍ଦିତା
କିଏ ବା ନା ଲୋଡ଼େ ପ୍ରତି ପଦେ ପଦେ
ସିଏ ଚିର ଅନିନ୍ଦିତା ।।
ଜ୍ୟୋତିର୍ମୟୀ, ତେଜ- ସ୍ୱିନୀ, ଅନୁପମା
ଉତ୍ତରୀ ତଳେ ସେ ଚାନ୍ଦ
ଶକ୍ତି ଦାୟିନୀ ସେ ସଂସାର ତାରିଣୀ
ସହେ ବାଦ ଅପବାଦ ।।
ସତୀ ଶିରୋମଣି ସୀତା ପୁଣି ସିଏ
ଅପରୂପା ଯାଜ୍ଞସେନୀ
କେବେସେ ସାରଦା କେବେ ପୁଣି ଲକ୍ଷ୍ମୀ
ହସାଏ ସାରା ଅବନୀ ।।



ନବନୀତା ଚକ୍ରବର୍ତ୍ତୀ

ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରକୃତିର କରାଳ ରୂପ ବନ୍ୟା

ଆତଙ୍କିତ ପ୍ରତିଟି ମୁହୂର୍ତ୍ତ
ପାଇଗଲେ ଆସିବା ସୂଚନା
ସବୁ ଅହମିକା, ଗର୍ବ, ଦମ୍ଭ
ସେତେବେଳେ ହାର ମାନିଯାଏ
ଆକସ୍ମିକ ଆଗମନ ରେ
କଠୋର ସେ ଦୁଇଟି ଶବ୍ଦ
ନା ହେଉଛି ତାର "ବନ୍ୟା" □

ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ
ପାଣି ଆଉ ପାଣି
ସେ ଚିହ୍ନେନା ଧନୀ ଗରିବ
ସବୁଠି କରିବ ସେ ଆପଣା ରାଜତ୍ୱ
କେତେ ଯେ ଦୁଃଖ ଦିଏ
ସମସ୍ତଙ୍କୁ ଭସେଇ ଦିଏ ,
ନା ହେଉଛି ତାର "ବନ୍ୟା"□



କୈଳାଶ ଚନ୍ଦ୍ର ସାହୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାର ଅକାତ ପାଣି ର

ଦୁଃଖ କହିଲେ ନସରେ,

କେଉଁଠି କେତେ ଲୋକ ଫସିଯାନ୍ତି,

କେତେ ଯେ ଜୀବନ ଯାଏ

କେତେ ଜମି  ପୁଣି ବାଲିଚର ହୁଏ

କେତେ ଯେ ପଶୁ ପକ୍ଷୀ ଭାସି ଯାଏ ।

ନା ହେଉଛି ତାର "ବନ୍ୟା"

କାହାର ହୁଏ ପୁଷମାସ

କାହାର ହୁଏ ପୁଣି ସର୍ବନାଶ ।

ବହୁତ ମିଳେ ପ୍ରତିଶୃତି

ବହୁତ ବି ମିଳେ ଆଶ୍ୱାସନା

ପାଣି କମିଗଲେ ପୁଣି

ଆଉ କାହାର ଦେଖା ମିଳେନା ।

ନା ହେଉଛି ତାର 'ବନ୍ୟା"

ପ୍ରଶାସନ ବହୁତ ସାହାଯ୍ୟ ଯୋଗାଏ

ବହୁତ କିଛି ପୁଣି ବାଟମାରଣା ହୁଏ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରକୃତି ର କରାଳ ରୂପ

କିଏ ବା ଅଟକାଇ ପାରିବ

କିନ୍ତୁ ଏହାର ସ୍ଥାୟୀ ସମାଧାନ

ନିଶ୍ଚିତ କରା ଯାଇପାରିବ ।

ନା ହେଉଛି ତାର "ବନ୍ୟା"□

ବେଳବାହାଲି, କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗୁରୁ ଦିବସ

ମାତା, ପିତା, ଦେବୀ ଦେବତାଙ୍କ ପରେ
ଗୁରୁ ସ୍ଥାନ ସଦା ସଭିଙ୍କ ଉପରେ ।
କାଳେ କାଳେ ଗୁରୁ ଆଜ୍ଞା, ଆବାହକ,
ଶିକ୍ଷା ପ୍ରଦାୟକ, ଜ୍ଞାନ ପ୍ରଚାରକ ।
କରନ୍ତି ଯେସନେ ସେ ଅବସ୍ଥାପିତ,
ଦୂର ହୁଏ ସବୁ ଅଜ୍ଞାନ, କୁତ୍ସିତ ।
ଅନ୍ଧାରରୁ ଟାଣି ଆଲୋକ ବର୍ଷାନ୍ତି,
ଦୂର୍ଗମ୍ୟ ବୋଧକୁ ସୁବୋଧ କରନ୍ତି ।
ସୁନାମ, ଗୌରବ, ଯେତେ ସବୁ ମାନ ,
ଗୁରୁ ଲାଗି ପରା ସବୁ ତକ ଦାନ ।
ଅବୋଧ ଶିଶୁଟି ବିଦ୍ୟା ପ୍ରାପ୍ତି ବଳେ ,
ଜିଣଇ ଜଗତ ଗୁରୁ ଜ୍ଞାନ ମୂଳେ ।
ପୁସ୍ତକ ସାଙ୍ଗକୁ ପ୍ରୟୋଗର ଜ୍ଞାନ,
ଶିଖାନ୍ତି ପୁଣି ସେ ଜୀବନ ଦର୍ଶନ ।
ବାହ୍ୟଶିକ୍ଷା ସାଙ୍ଗେ ଆଧ୍ୟାତ୍ମିକ ଶିକ୍ଷା,
ଜୀବନ ଅଙ୍କ କଷା ଉତ୍ତମ ଦୀକ୍ଷା ।
କୋଟି କୋଟି ପ୍ରଣାମ ଗୁରୁ ଚରଣେ,
ରଖି ନିଅ ଗୁରୁ ତୁମରି ଶରଣେ ।



ଶୁଚିସ୍ମିତା ଗୌଡ଼
ଶିକ୍ଷୟିତ୍ରୀ, ସ. ନୂ. ଉ. ପ୍ରା. ବିଦ୍ୟାଳୟ, ଲୁଟୁକିବାହାଲ
ଲୋଇସିଂହା, ବଲାଙ୍ଗୀର

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମ

ପ୍ରେମ

କେବେ ଦୂରତା

କେବେ ପୁଣି ବିଚ୍ଛିନ୍ନତା ।

ପ୍ରେମ

ଆଖିର ଲୁହ

ପୁଣି ଓଠର ହସ ।

ପ୍ରେମ

ସ୍ୱପ୍ନ ରେ ଦେଖୁଥିବା ଗଳ୍ପ

ଆଉ ବାସ୍ତବ ରେ ଜିଉଥିବ ଜୀବନ ।

ପ୍ରେମ



ସ୍ମୃତିର ସମୁଦ୍ରର ନାଆ

ପୁଣି ବିଷାଦର ଅଗ୍ନିରେ ଜଳୁଥିବା କାଠ ।

ପ୍ରେମ

ଈଶ୍ୱରଙ୍କ ଆଶୀର୍ବାଦ

ଜୟନ୍ତ କୁମାର ସାହୁ

ପୁଣି ମନର ବିଶ୍ୱାସ ।

ପ୍ରେମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କଳଙ୍କର ନାମ

ପୁଣି ସମର୍ପଣର ଭାଷା ।

ପ୍ରେମ

କଳାର ସାଧନା

ଆଉ ରଙ୍ଗମଞ୍ଚର ବାକ୍ୟ ।

ପ୍ରେମ

ପୁସ୍ତକର ଅକ୍ଷର

ପୁଣି ଋଷିର ତପସ୍ୟା ।

ପ୍ରେମ

କେବେ ବାପାମାଙ୍କ ଆଦର

ଆଉ ସାଙ୍ଗର କଟୁ କଥା ।

ପ୍ରେମ

ଭାଇର ଉପଦେଶ

ପୁଣି ଭଉଣୀର ରାଗରୁଷା ।

ପ୍ରେମ

ସେ ଶାଶ୍ୱତ ଚିରନ୍ତନ

ଆଉ ବ୍ୟକ୍ତ ନ କରି ପାରିବା ଶବ୍ଦ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋର ପରିଚୟ

ମୁଁ ତ ଚନ୍ଦନ ବନର ମତୁଆଲା ଏକ ଝଡ
ମୁଁ ତ ବିଜୟୀ ରାଜ୍ୟର ପରାଜିତ ଏକ ଗଡ

ମୁଁ ତ ସମାପ୍ତ ମନର ଅସମାପ୍ତ ପୂର୍ଣ୍ଣ ଗାର
ମୁଁ ତ ଶାନ୍ତ ଏକ ପଥିକର ବନ୍ଧୁର ପଥର ଧାର

ମୁଁ ତ ପୂର୍ଣ୍ଣମୀ ଜହ୍ନର କଳଙ୍କିତ ସେଇ ଚିହ୍ନ
ମୁଁ ତ ଅମାବାସ୍ୟାର ଅଦୃଶ୍ୟ ରୂପକ ଜହ୍ନ

ମୁଁ ତ ଅନ୍ଧକାର ନିଶିର ଅଶାନ୍ତ ଏକ ଗ୍ରହ
ମୁଁ ତ ସମୁଦ୍ର ବେଳାର ନିଷ୍କ୍ରିୟ ଏକ ଦେହ



ମୁଁ ତ ମରୁ ବାଲୁକାର ଶୁଷ୍କ ଏକ ଜଳ ଧାର
ମୁଁ ତ ଦୁଃଖୀନୀ ମା ର ଅଶ୍ରୁଳ ଲୁହର ଗାର

ଦୀପକ ଷଡ଼ଙ୍ଗୀ

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ

ଖୋଡାସିଂଗି, ବ୍ରହ୍ମପୁର – ୧୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସେ କଥା ସେ ବ୍ୟଥା

ସେ କଥା ନ ଭାବିଲେ ଭଲ
ସେ ବ୍ୟଥା ନ କହିଲେ ଭଲ
ଯୋଉଠି  ଜିତିବା ଠାରୁ ହାରିବା ଅନେକ ବେଶୀ
ପାଇବା ଠାରୁ ହଜିବା ବହୁତ ବେଶୀ
ସେ ମୁହଁ ନ ଦେଖିଲେ ଭଲ
ସେ ଛବି ନ ଆଙ୍କିଲେ ଭଲ
ଯୋଉଠି ପ୍ରତିଶୃତି ନିଏ ରୂପ ପ୍ରତାରଣାର
ପ୍ରତିଧ୍ୱନି ନିଏ ରୂପ ପ୍ରତିଶୋଧର
ସେ ରାତି ନ ଆସିଲେ ଭଲ
ସେ ଜହ୍ନ ନ ଉଇଁଲେ ଭଲ
ଯୋଉଠି ସପନ କହେ ଛଳନାର କଥା
ଜୋଛନା ସାଜେ ବିଦ୍ରୋହର ଗାଥା
ସେ ସାଥୀ ନ ଫେରିଲେ ଭଲ
ସେ ପ୍ରୀତି ନ ଝୁରିଲେ ଭଲ
ଯୋଉଠି କାମନା ଦୁଃଖର କାରଣ
ଭାବନା ଭୋଗର ଭୂଷଣ ........



ଅଭିମନ୍ୟୁ ବେହେରା

ଅଧ୍ୟକ୍ଷ – ମାଇଁ ପ୍ଲାନେଟ୍ ପବ୍ଲିକ୍ ସ୍କୁଲ
ସ୍ୱାମପାଟଣା,କେନ୍ଦୁଝର
ମୋ - ୯୯୩୮୮୧୬୦୬୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଜଣା ବ୍ୟାଧି

ଅନାଟନ ଖାଦ୍ୟ ପେୟ
ଗରିବର କି ବିକଳ...
ମହାମାରୀ ଧ୍ୱଂସ ରୂପୀ
ନୁହେଁ କାହାର ସଫଳ... । ।(୧)

ଥିଲୁଲୁଚି ପଥ ପ୍ରାନ୍ତେ
ଆସିଲୁ ନେଇ ଜଗତେ...
କୋଟିଏ ପ୍ରାଣୀର ଦୁଃଖ
ହେଲୁ ଘୃଣ୍ୟ ତୁଲ୍ୟ ଅନ୍ତେ... । ।(୨)

ମୃତ୍ୟ ର ନୁହେଁ ଗଣନା
ହେଲୁ ନାହିଁ କେବେ ଅନ୍ତ...
ହେବ ଦିନେ ବ୍ୟାଧି ଶୂନ୍ୟ
ନିଷ୍ଟୟ ହେବୁ ତୁ ଶାନ୍ତ... । ।(୩)



ବର୍ଷାରାଣୀ ବିଶ୍ୱାଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯୁବଗୋଷ୍ଠି ଶିକ୍ଷିତ

ବସେ ଅନେଇ ଚାକିରୀ..

ଅବସ୍ଥା କି ଦୁନିଆର

ଦୁଇ ବର୍ଷ କି ବେକାରୀ..□□(୪)

ଭବିଷ୍ୟତ ଦେଶ କଳା

ହାହାକାର ଓ ଚିତ୍କାର...

ବଡଲୋକ ପାଇଁ ଛାୟା

ଗରିବ ଦୁଃଖ ଭଣ୍ଡାର... । ।(୫)

ଖଟିକିଆ ଓ ମଜୁରୀ

ହେଲେ ଗ୍ରସ୍ତ ବିଦେଶ...

ଭାବଧାରା ସରକାର

ବିକଳ୍ପ ନାହିଁ ଶେଷ... । ।(୬)

ଭବାନୀପାଟଣା କଳାହାଣ୍ଡି (ଉଦୟପୁର)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲାବଣ୍ୟା

କେମିତି ବର୍ଣ୍ଣିବି ସୌନ୍ଦର୍ଯ୍ୟ ତୁମର
ନିଜେ ମୁଁ ପାରୁନି ଜାଣି,
ଓଠପାଖ ତୁମ ଛୋଟ କଳା ଜାଇ
ମୋ ହୃଦୟ ନେଇଛି କିଣି..... ।
ହୃଦସ୍ପର୍ଶୀ ତୁମ ଲାବଣ୍ୟରେ ପ୍ରୀୟା
ହୃଦୟକୁ ଦେଲି ହାରି,
ସ୍ୱପ୍ନରାଜ୍ୟେ ଖାଲି ତୁମ ପଦଚିହ୍ନ
ତୁମେ ମୋ ସ୍ୱପ୍ନ ଅପ୍ସରୀ..... ।
ନୟନ ସମ୍ମୁଖେ ତୁମ ଚନ୍ଦ୍ରମୁଖ
ଝଲସୁଛି ଦିବାନିଶି,
ହଳଦୀ ବସନ କାୟେ ଶୋଭାପାଏ
ଠାଣି ତୁମ ବନହଂସୀ..... ।
କମଳ ସଦୃଶ କୋମଳ ଶରୀର
ଦୃଶ୍ୟେ ହେଲି ଆନ୍ଦୋଳିତ
ଓଠଧାରେ ତୁମ ହସର ଲହରୀ
ସ୍ପନ୍ଦନ କଲା ଜାଗ୍ରତ..... ।
ତୁମ ଲାବଣ୍ୟରେ ପାଗଳ ଭ୍ରମର
ସାଜି ମୁଁ ବୁଲେ ଆକାଶେ
ସୌନ୍ଦର୍ଯ୍ୟକୁ ତୁମ ବର୍ଣ୍ଣିବା ସକାଶେ
ଶବ୍ଦନାହିଁ ମୋର ପାଶେ..... ।



ଲକ୍ଷ୍ମଣ ମହାନ୍ତି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରିବେଶ

ଗଛର ହସକୁ ହସାଇ ଯେ ନିତି
ଆମ୍ଭେ ହିଁ ସର୍ବେ ହସିବା
ଏ ସାରା ସୃଷ୍ଟିକୁ ଦିଏ ଅମ୍ଳଜାନ
ସାଦରେ ସମ୍ମାନ ଦେବା ।
ତରୁତୃଣ ଲତା ପରିବେଶ ଶୋଭା
ଫୁଲର ମୁରୁକି ହସ,
ପ୍ରସାଦର ତୁଳେ କରଇ ପ୍ରଦାନ
ବୃକ୍ଷ ଦେଖିଣ ସୁହାସ୍ୟ ।
ତପନ ଚନ୍ଦ୍ରମା ସସ୍ନେହ ମମତା
ପ୍ରଚଣ୍ଡ ଶୀତଳ ଭାସି,
ବୃକ୍ଷମୂଳେ କ୍ଲାନ୍ତ ସଜୀବେ ପଥିକ
ଲାଘବ ସୁଲଭ ଲଭି ।
ଧନ୍ୟ ମହୀତଳ ସୃଷ୍ଟିର ସମ୍ଭାର
ଧନ୍ୟ ଧରିତ୍ରୀ ସୁରଭି ।



ଭକ୍ତବନ୍ଧୁ ବିଶ୍ୱାଳ

ଘସିଏନ୍, ପାଟଣାଗଡ଼, ବଲାଙ୍ଗିର, ଓଡ଼ିଶା

ଭ୍ରାମ୍ୟଭାଷ : ୯୩୪୮୯୫୧୮୯୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ଏକ ପୁରୁଣା ବହି

ଜୀବନବହିର ପୁରୁଣା ଫର୍ଦ୍ଦକୁ ଓଲଟେଇବାକୁ ନାହିଁ ସାମର୍ଥ୍ୟ,
ଏମିତି ମୋ ଅତୀତ
ନୂଆ ଫର୍ଦ୍ଦ ଯୋଡିବା ଲାଗେ ଅସମ୍ଭବ ଏହା  ଭବିଷ୍ୟତ
ବର୍ତ୍ତମାନ ମୋର ଏଇ ପୁରୁଣା ବହି ର ସୁରକ୍ଷାରେ କବଳିତ .....
କେବେ ଭାବନାର କେତେ ବୁନ୍ଦା ଲୁହ
ଜୀବନ୍ତ କରେ ଲେଖାଥିବା ପ୍ରତିଟି ଶବ୍ଦକୁ
କେବେ ଡର ଲାଗେ ଯେ ମୋ ଓଜନିଆ ଲୁହ ବୁନ୍ଦା
ଭିଜେଇ ନ ଦେଉ ବହି ଟିର କୋମଳ ପୃଷ୍ଠାଗୁଡ଼ିକୁ .....
ଇଚ୍ଛା ହୁଏ ପୃଷ୍ଠାଗୁଡ଼ିକୁ ଓଲଟାଇ  ପଢିବାକୁ ପୁନର୍ବାର
ହେଲେ ଡର ଲାଗେ ପୃଷ୍ଠାଗୁଡ଼ିକୁ ଚିରି ନ ଦେଉ
ଉତ୍ସାହିତ ଅସାବଧାନ ହାତ ଟି ମୋର .....
କୀଟ ପତଙ୍ଗଙ୍କର ଆକ୍ରୋଶର ଶିକାର ହୋଇ ବି ପଡ଼ିରହିଛି
ମୋର ସେଇ ପୁରୁଣା ବହି
ପୁଣି ଥରେ ନୂଆ ରୂପ ଦେବା ପାଇଁ
ଅତି ଯତ୍ନରେ ମଲାଟ କରି ଦିଏ ସଜେଇ .....
ପୃଷ୍ଠା ଗୁଡ଼ିକର ଅବସ୍ଥା ଦେଖି ବିରକ୍ତିରେ



ଶୁଭଶ୍ରୀ ଦାସ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜକୁ କରେ ଉତ୍ତରଦାୟୀ

ହେଲେ ମୁଁ ଭୁଲଯାଉଥିଲି ଏହା କାଗଜମାତ୍ର ଅଟେ ପରା କ୍ଷଣସ୍ଥାୟୀ .....

ସ୍ୱଚ୍ଛ ଥିବା ତାର ପ୍ରତିଟି ପୃଷ୍ଠା ଆଜି ମଳିନ ହେଇଯାଇଛି ସତ

ହେଲେ ମୋ ପ୍ରେମ ତା ପ୍ରତି ଅଛି ଠିକ୍ ପୂର୍ବପରି ଅତୁଟ ଏବଂ ଜୀବନ୍ତ .....

ପଢ଼ିନହେଲେ ବି ମୋର ପ୍ରିୟ ବହିଟିକୁ ଦେଖି ପାଏ ମୁଁ ଆତ୍ମସନ୍ତୋଷ

ଲିଭିଯାଇଥିବା ପ୍ରତେକ ବାକ୍ୟ ଏବେ ବି ମନେ ଅଛି

ଏମିତି ହେଇଛି ମୋର ଅଭ୍ୟାସ .....

ଠିକ୍ ଏହି ବହି ପରି ମୋ ପ୍ରେମ ଜୀବନ କାହାଣୀ

କେମିତି ବ୍ୟବସ୍ଥିତ କରିବି ଏହାକୁ ପାରୁନାହିଁ ଜାଣି

ତଥାପି ମୋ ଆଶାର ହୋଇନାହିଁ ଅନ୍ତ

ଜୀବନ ମରୁଭୂମି ରେ ଆଉଥରେ ଫେରିବ ବସନ୍ତ.....

ବାଙ୍ଗିରିପୋଷି , ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମୟ ସୁଅରେ ଏ ଜୀବନ

ସମୟ ସୁଅରେ

ମଣିଷ କ'ଣ ଜାଣି ଥାଏ

କେବେ କଣ ହେବ ?

ଆଦିତ୍ୟ, ସୁଶାନ୍ତ କଣ ଜାଣିଥିଲେ

ଜୀବନର ଆଗମନ କେବେ ଆଉ ବିଦାୟ କେବେ

ଏକ ଆନୁମାନିକ ଭାବନାରେ

ସେ ପ୍ରତୀକ୍ଷାରତ ନୂଆ ମୋଡ଼ ପାଇଁ

ଆଜିର ମଣିଷ ରାଜନୀତିର

ଚାପରେ ବିକ୍ରି ହେଇଯାଏ

ପ୍ରମାଣ ଥାଇବି ଏ କାନୁନ ମୁକ ପଲଟି ଯାଏ

ଦୋଷ ଆଉ କାହା ମୁଣ୍ଡରେ ବୋଳି ଦିଆଯାଏ .....(୧)



ସାଗର ନାୟକ

ସତ୍ୟର ଦୁନିଆରେ

ମୃତ୍ୟୁର ଆବେଗକୁ

ଏ ଦୁନିଆ କିଛି ଭାବିବା ଆଗରୁ

କେହି ଜଣେ ଆସିଯାଏ ଅନିଚ୍ଛାସତ୍ତ୍ୱେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ତା ପଛରେ ଛାଡି ଚାଲିଯାଏ

ଅନେକ ଅସମାହିତ ପ୍ରଶ୍ନ ସବୁକୁ

ଘାଣ୍ଟି ହେଇ ରହିଯାଏ

ଅନେକ ମିଥ୍ୟା  ତଥ୍ୟକୁ

ଦିକ ଏ ସମାଜ

ଦିକ ଏ ଜୀବନ

ଆଉ ତାରିଖ ଗଡିଚାଲେ

ଅଦାଲତର ଦ୍ୱାରକୁ .......(୨)

ଆଦିତ୍ୟ ମୃତ୍ୟୁ ଆଉ ସୁଶାନ୍ତ ମୃତ୍ୟୁ

ଏଠି ଉପଲବ୍ଧି ଅଛି

ଏ ମାୟାବିନୀ ମଣିଷ

ବୁଢିଆଣି ଜାଲରେ

ଛନ୍ଦି ହେଇଯାଇଛି

ସେପଟେ ଅନ୍ନବ  ଏପଟେ ଶୁଭାଶିଷ

ଧାରଣା ଦେଇଛନ୍ତି

ଯାଇ ଟିକିଏ ଦେଖି ଆସ ସେ

ସେଇ  ପରିବାରର ଅବସ୍ଥା

ଅତି ନିକଟରୁ ଅନୁଭବିବେ.....(୩)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନ ଆଉ ମୃତ୍ୟୁର ସଂଘର୍ଷ କୁ

ଗୋଟିଏ ପଟେ ନାରୀ ସହୁଥିବା ଯନ୍ତ୍ରଣାକୁ

ଆଜି ନିଜ ସ୍ୱାମୀ ଅଜାଡି ଦଉଛି

ନିଜ ପରିବାରକୁ

ସେପଟେ ଆଉ ଗୋଟିଏ ନାରୀର

ଉଜୁଡିଯାଉଥିବା ସଂସାର ପାଇଁ

ଆର୍ତ୍ତଚିତ୍କାର ହେଇ ଧାରଣା ଦେଇଛି

ଅଦାଲତରେ ୮ ପୃଷ୍ଠା ପିଟିସନ ପେପରକୁ ....(୪)

ସତରେ କେତେ ଅସହ୍ୟ

ଆଉ ଦାରୁଣ ଏ ଦୁନିଆ

କେତେ ନିଷ୍ଠୁର ସମୟ

କାହାର କୋଳ ପୂର୍ଣ୍ଣ ହେଉଥିଲା ବେଳେ

ଗୋଟେ  ମାଆର କୋଳ ଶୂନ୍ୟ

କି ବିଚିତ୍ର ଏ ସୃଷ୍ଟି ର ନିୟମ

ମଣିଷ ଜାଣିଛି

ମୃତ୍ୟୁ ନିଶ୍ଚିତ

ତଥାପି ଗୋଟେ ବାପା ଛେଉଣ୍ଡ ଝିଅକୁ

ପାଗଳର ଆଖ୍ୟା ଦିଆଯାଉଛି ......(୫)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତଥାପି ଏ ଦୋଷୀ ଖସିଯାଇ ପାରେ

ଆଇନ ଦ୍ଵାରରୁ

ହେଲେ ଭୋଲେନାଥ ଦୁନିଆରୁ ସବୁ ଅସମ୍ଭବ

ମନେ ରଖ ,

ମନରେ ଅସରନ୍ତି ଭୟର ସଞ୍ଚାର

ସବୁବେଳେ ଆସିବ ଭୟର ତାଣ୍ଡବ ନେଇ

ଏ ଛଦ୍ମ ବେସି ମଣିଷ ଅଭିନୟ ଖୁବ କମଦିନ

ନିଜର ପ୍ରିୟଜନ ଙ୍କ ସାମ୍ନା ରେ

କେତେ ଯେ  ଭୀତତ୍ରସ୍ତ

ଜୀବନ ମୃତ୍ୟୁ ର ଏ ଖେଳ ରେ

ଦୋଷୀର ପାଳି ଆସିବ

ସମୟର ସୁଅରେ

ଏ ମଣିଷ ସମାଜକୁ

କର୍ତ୍ତବ୍ୟ ପଥରେ ଅଗ୍ରସର ହେବାକୁ ପଡ଼ିବ

ପୁଣିଥରେ ନୂଆ ସମ୍ଭାବନାର ଦିଗରେ ......( ୬)

ଧର୍ମ ର ହେବ ଜୟ

ହର ହର ମହାଦେବ ।

ରିୟାଦ, sagarnayaksagu143@gmail.com +୯୬୬୫୪୯୯୯୪୮୧୪



ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କହିଦେବି କି ?

କହିଦେବି କି ?
ମନରେ ଥିବା ଅବ୍ୟକ୍ତ ଭାବନାକୁ
ତରଙ୍ଗ ପରି ଉଠୁଥିବା
ଅସରନ୍ତି ପ୍ରେମ କଳ୍ପନାକୁ ।
ଭାଙ୍ଗିଦେବି କି ?
ହୃଦୟରେ ଚାପିଥିବା ନିରବତାକୁ
ପ୍ରେମର ତାଜମହଲ ଗଢ଼ି
ନିଜକୁ ସମର୍ପି ଦେବାକୁ ।
ଡେଇଁଯିବି କି ?
ଦୁନିଆଁର ସବୁ ସୀମାକୁ
ବାସ୍ତବତା ରୂପ ଦେଇ ସ୍ୱପ୍ନକୁ
ବହୁ ପ୍ରତୀକ୍ଷିତ ଆଶା ପୁରା କରିବାକୁ ।
ଗଢ଼ିଦେବି କି ?
ପ୍ରେମର ପ୍ରାସାଦ କରି
ମରୁଭୂମି ରୂପ ଶୁଷ୍କ ହୃଦେ
ଫୁଲର ସୁଗନ୍ଧେ ବାସ୍ନାୟିତ କରିବାକୁ ।



ଠାକୁର ନାୟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଶା ପ୍ରତ୍ୟାଶା ତ ରହିଛି ଅନେକ

ରହିଛି କେତେ ଯେ ଶଙ୍କା

ସମ୍ଭାବନା ଘେନି ଆଗେଇ ଚାଲିଛି

କରିବାକୁ ପ୍ରେମର ସଉଦା ।

ଦାମପାଲି, ସୋହେଲା, ବରଗଡ଼ ଜିଲ୍ଲା

ଭ୍ରାମ୍ୟଭାଷ : ୯୪୫୬୮୦୯୩୮୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୋହତ୍ୟା ନିବାରଣ

ସଂସାରେ ତିନିମାତା ମୋର ଅଟଇ ମହାନ
କେହି ନୁହେଁ ମାଁ, ଧରିତ୍ରୀ, ଗୋମାତା ସମାନ
ଆଗରୁ ଘରେ ଘରେ ଗୋମାତା ଯେ ଥିଲେ
ଆଧୁନିକ ଯୁଗରେ ସମସ୍ତେ ଦୁରେଇ ଦେଲେ ।

ମୋ ଗୋମାତାର କି ଗୁଣ ମୁଁ ଗାଇବି
ଯେତେ କହିଲେ ବି କମ୍ କହୁଥିବି
ତାର ଦୁଗ୍ଧରେ ନାନା ଖାଦ୍ୟ ଯେ ଜାତ
କ୍ଷୀର, ଛେନା, ଲବଣୀ ହୁଅଇ ପ୍ରାପତ ।

ଗାଇକ୍ଷୀରରେ ସବୁ ଭିଟାମିନ୍ ମିଳୁଛି
ଭିଟାମିନ୍ ସି ଟିକେ ଦୂରେଇ ରହୁଛି
ଗୋରସରୁ ଘିଅ ନିର୍ମାଣ ହୋଇ
ବିବାହ ବ୍ରତ ପୂଜା ହୋମରେ ଲାଗଇ ।



ରାକେଶ କୁମାର ଦାସ

ଏମିତି ଏକ ପବିତ୍ର ଜୀବ ଗାଇ
ତା ଗୋବରେ ଶୁଭ କାର୍ଯ୍ୟ ହୁଅଇ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତାର ପରିଶ୍ରାରେ ଅଛି ଔଷଧୀୟ ଗୁଣ
ଯାହା ଘରେ ଥାଏ ତାର ବଢ଼େନାହିଁ ଋଣ ।

ସ୍ୱୟଂ କୃଷ ବି ବନରେ ଗାଇ ଚରାଉଥିଲେ
ଗୋମାତା ପ୍ରେମେ ପ୍ରେମେ ମଜି ଯାଉଥିଲେ
ଆଜିର ନରରାକ୍ଷସ ଜିହ୍ୱାର ସ୍ୱାଦନ ପାଇଁ
ତାକୁ ମାରି ଚାଲିଛି ଏତେ ନିଷ୍ଠୁର ହୁଏ କାହିଁ ?

ଗୋମାତା କ୍ଷୀରରେ ବଳିୟାନ ହୋଇ
ହତ୍ୟା କରି ଚାଲେ ତାକୁ ସାଇଁ ସାଇଁ
ହେ ନର ଭୁଲିଯାଅନା ଗାଇର ଉପକାରିତା
ତା ଯୋଗୁଁ ଗରିବ ଘରେ ଜଳେ ସଳିତା ।

ଖରିଜାପାଟଣା, ଲକ୍ଷ୍ମୀନାରାୟଣପୁର, ବାଲକାଟି,
ପିପିଲି, ପୁରୀ ଜିଲ୍ଲା
ଭ୍ରାମ୍ୟଭାଷ: ୭୯୭୮୯୮୧୭୬୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫାନ୍ଦ

ଟାକି ଟାକି କାଳକ ମୁଁ

ଟେକି ଟେକି ହାତ

ଦିନ ତ ସରିଲା ଆସି ରାତି ହେଲା ଶେଷ

କାହାକୁ କହିବି ଆଉ

ଜଣେ ତ ପଥର ପୁଣି

ଆଉ ଜଣେ କାଠ

କିନ୍ତୁ ଲୋକେ ଜାଣିବାକୁ ଖାଲି

ଅଧାଘଢା ଦରଗଢା ଖଣ୍ଡିଆ ମାର୍ଦ୍ଦଳ

ନାହିଁ ପାଦ ପାଣି

ତେବେ କେଉଁ ହାତେ ଦିଅ ତୁମେ ଚତୁର୍ବର୍ଗ ଫଳ

କେଉଁ ପାଦେ ଯାଅ ତୁମେ ଭକତର ପାଶ

ଆଉ ଏବେ ଭୁଲାନାରେ କହି ମୋତେ

ଏ ସବୁ ନୁହେଁ ତୋର ଫାନ୍ଦ ।



ସୁବାସ ଚନ୍ଦ୍ର ମୁଦୁଲି

ଅବସରପ୍ରାପ୍ତ ବରିଷ୍ଠ ପ୍ରୟୋଗଶାଳା ପ୍ରାଯୁକ୍ତିକ

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମ୍ବଲପୁର

ମୋ - ୯୪୩୭୭୮୧୦୫୪

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ଶ୍ରମିକ

ରାତି ପାହିକି ସକାଳ ହେଲେ
ଖରାଟା ଦେଲେ ଚାହିଁ
ଶାଗ ପଖାଳ କଂସାଏ ଖାଇ
କାମକୁ ଯାଉ ଧାଇଁ ।
ମୁଣ୍ଡଝାଳକୁ ତୁଣ୍ଡରେ ମାରି
ନିଇତି ଆମେ ଖଟୁ
ଖରା ବରଷା ଶୀତ କାକର
ପଡ଼ୋଶୀ ପରି ଭେଟୁ ।
ଯେତେ ଖଟିଲେ ନିଅଣ୍ଟ ପଡ଼େ
ପେଟକୁ ମୁଠେ ଦାନା
ପିଲାଛୁଆଙ୍କୁ ପିନ୍ଧାଉ ହାତେ
ସାତସିଆଁର କନା ।
ରୁଗ୍‌ଣ ଶରୀର ନୈରାଶ୍ୟମନ
ତଥାପି କରୁ କାର୍ଯ୍ୟ
ଲମ୍ବାରାସ୍ତାର ଚଲାପଥରେ
ହରାଇନାହୁଁ ଧୈର୍ଯ୍ୟ ।
କାନ୍ଧରେ ପାଦ ରଖିକି ବାବୁ
ଧନୀ ଯାଆନ୍ତି ହୋଇ



ସରୋଜ ସାହୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଛରେ ଘୃଣା କରନ୍ତି ବୋଧେ
ପଛୁଆ ଜାତି କହି ।
ଦେଶ ଗଢ଼ିବା ପାଇଁକି ସିନା
ଆମରି ହାତ ଲୋଡ଼ା
ଉନ୍ନତି ଘଟି ଶିଖର ହେଲେ
ଭାବନ୍ତି ଦରବୁଢ଼ା ।
ଆମରି ହାତେ ଚାଷ ଜମିରେ
ସୁନାଫସଲ ହସେ
ଯୋଡ଼ିଛୁ ବୋଲି ଇଟାପଥର
ଅଟ୍ଟାଳିକାଟି ଦିଶେ ।
ସବୁ ଖୁସିରୁ ବଞ୍ଚିତ ହୋଇ
କଷ୍ଟରେ ଚଳେ ଘର
ଦମ୍ଭ ସାହାସ ସାଥିରେ ଧରି
ପାଳୁଛୁ ପରିବାର ।
ସହୁଛୁ କେତେ ଦୁଃଖ ଯାତନା
ତଥାପି ଯାଇନୁ ହାରି
ଭରସା କରି ବଞ୍ଚିଛୁ ବୋଲି
ସାହା ହୁଅନ୍ତି ହରି ।

ଆଠଗଡ଼, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମ୍ପର୍କ

ସମୟ ସବୁ ବଦଳାଇ ପାରେ

କଥାଟା ବୋଧେ ସତ

ନ ହେଲେ ତା ପ୍ରଭାବରେ ଶକ୍ତ ରୁ ଶକ୍ତ ସମ୍ପର୍କର ଡୋରି ସବୁ

ଦୁର୍ବଳ - ଶିଥିଳ ହୋଇଯାଉ ନଥାନ୍ତା

ଦିନେ ଯେଉଁ ମାନଙ୍କ ବ୍ୟତୀତ ଜୀବନ ଅସମ୍ପୂର୍ଣ୍ଣ ଲାଗୁଥିଲା

ଆଜି କିନ୍ତୁ ଭାରି ସହଜରେ ସେମାନଙ୍କୁ ଏଡ଼େଇ ଦେଇହୁଏ

ଗଲାଦିନ ସମ୍ପର୍କ ସବୁ ସେ ସମୟର ଆବଶ୍ୟକତା ପରି ମନେହୁଏ

ଆଉ ଏ ଅଯଥା ସମ୍ପର୍କ ବୋଝ ବା ଦାୟିତ୍ୱ ପାଲଟେ

ତେଣୁ "ମୋର" ବୋଲି ସେ ଅଧିକାର ବି ଜାହିର କରିବାକୁ ଇଚ୍ଛା ହୁଏନି

ହେଲେ କେବେ କେମିତି ଅନିଚ୍ଛା ସତ୍ୱେ ଯଦି ସେ ପୁରୁଣା ସମ୍ପର୍କୀୟଙ୍କ ଠାରେ

ଆଖିପଡେ, ତୁଚ୍ଛା ତୁଣ୍ଡରୁ ବଳେ ଫିଟେ -

"ସମୟ ଦେଖି ଘର ଆଡେ ଆସୁଥିବେ ...."



ଶ୍ରୀକ୍ଷେତ୍ର ସୁନ୍ଦର

ସଂଗୀତ ଶିକ୍ଷକ

ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ, ବରଗଡ

ମୋ - ୯୦୯୦୨୨୮୦୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାହାଣୀ ଏକ ନଦୀ

କିଛି କାହାଣୀ
ମତେ ପିଛା କରନ୍ତି
ଦିନମାସ ବର୍ଷ ଜନ୍ମ ଜନ୍ମ ଧରି ।
ମୋର ପୋଷାକ ଚିରିଯାଏ
ସହଯାତ୍ରୀ କେତେ ନଦୀ ଶୁଖିଯାଏ
ଦୋଳିରେ ବସିଥିବା ସଜନୀ ଗୀତମାନଙ୍କର
ବଦଳୁଥାଏ ଭାଷା ।
କିଛି କାହାଣୀ ସୁଖନିଦ, ବନଭୋଜନ
ଫଟୋଫ୍ରେମ୍ କରି ଜୀବନ ।
କିଛି କାହାଣୀ ଠିଆ ହୋଇଯାଏ
ଅନ୍ଧାରରେ ହଜିଯାଉଥିବା ଦୀର୍ଘଶ୍ୱାସ ପାଖରେ ।
କିଛି କାହାଣୀ ଆନମନା
ପାହାଡ଼ିଆ ରାସ୍ତାରେ ଚାଲୁ ଚାଲୁ
ପ୍ରପାତ ଭିତରେ ଲାଖିଯାଏ ଇନ୍ଦ୍ରଧନୁ ହୋଇ ।
କିଛି କାହାଣୀ ସରିବା ନ ସରିବାର
ଗାଉଁଲି ସନ୍ଧ୍ୟାକୁ ରାସ୍ତାକରି
ପିଛା କରୁଛି ମୋର ।
କାହାଣୀକୁ ମୁଁ ନଦୀ ନାମରେ ଡାକିଛି ।



ବୀଣାପାଣି ଦେବତା

୧, ସତ୍ୟ ଡାକ୍ତର ରୋଡ଼, କୋଲକାତା, ୭୦୦୦୨୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନାମ ଗୀତ

ମହାବାହୁ ହେ... ମହାବାହୁ
କାହିଁଦେଲ ମୋତେ ମଣିଷ ଜନମ,
ତୁମଛଡ଼ା କହିକେ ପାରିବ ଆଉ
ସାଇତି ରଖିଅଛ ଯେ ତୁମେ ସେ ହିସାବ ।

ଜନମଠୁ ଆଜିଯାଏଁ ସବୁବେଳେ ତୁମେ
ବାଛିବାକୁ ଅପ୍‌ସନ୍ ମୋତେ ଦେଇଅଛ,
ଗୋଟାଟା ଜୀବନକର୍ମକୁ ତୁମେ
ସୁକର୍ମେ କୁକର୍ମେ ବାଣ୍ଟିଛ ।
ସୁକର୍ମ କୁକର୍ମ ଯେତେ ସବୁ କରିଛି,
ପୁଣି ମଣିଶ ଜନମ ଜନମି କି ଲାଭ
ଜଗତେ ମୁଁ କରିଅଛି ?
ହିସାବ ତୁମ ଯେ ସେ ବନ୍ଧା ରଖିଛ ।



ପ୍ରଶାନ୍ତ କୁମାର ନାଥ

ମୋର ଯେତେ ନିନ୍ଦା ସବୁ ଅପବାଦେ ତୁମେ
କାହିଁ ନ ହେବ ଭାଗୀ, ଜନମ ଦେଇଛ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରମେ ବି ତ ତୁମେ ବାଟ କଢ଼ାଇଛ

ତୁମ ପାଖେ କି ସେ ହିସାବ ନାହିଁ ?

ଯାହାପାଇଁ ଯେତେ କର୍ମ କରିଥିବ

ମୃତ୍ୟୁପରେ ସେ ଯେ ସୁକର୍ମ ରହିବ

ନିନ୍ଦା ଅପବାଦ ଜଗତ ଭୁଲିବ,

ମଲା ମଲା ବୋଲି ଚିତ୍କାର କରି ସେ

କର୍ମ ଫଳ ଉଣ୍ଡାଳିବ ।

ଗୋବିନ୍ଦପୁର, ଛତିଆ, ଟାଙ୍ଗୀ, କଟକ, ୭୫୪୦୨୩

ଭ୍ରାମ୍ୟଭାଷ : ୯୮୮୩୭୦୯୫୪୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସର୍ବପଲ୍ଲୀ ରାଧାକୃଷ୍ଣନ

ଆଜି ଯେ ନାମ ଜଗତେ ବିଖ୍ୟାତ

ସିଏ ଏକା ଆମ ପରମଗୁରୁ

ଯା ପାଇଁ ଆଜି ଏକାଠି ହୋଇଛୁ

ତାଙ୍କୁ ଆମେ ସମ୍ମାନ ଦେବାପାଇଁ ।

ରଚିଗଲେ କୀର୍ତ୍ତି ରଖିଗଲେ ଯଶ

ଭାରତ ମାଟିରେ ଜନମ ହୋଇ

ପୂଣ୍ୟ ଭାରତେ ଉତ୍ତମ ସନ୍ତାନ

ଜନମିଲେ ଜ୍ଞାନ ପ୍ରଦୀପ ନେଇ ।

ହିଂସାଭାବ ଦୋଷ ସବୁ ଦୂରେଇ

ରଖିଲେ ଦେଶର ମାନ ମହତ

ଯା'ପାଇଁ ଭାରତ ଧର୍ମ ସଂସ୍କୃତି

ବିଶ୍ୱ ବ୍ରହ୍ମାଣ୍ଡରେ ହୋଇଲା ଖ୍ୟାତ ।

ତାଙ୍କ ଯୋଗୁଁ ଆଜି ଶିକ୍ଷକ ଯେତେ

ଗୁରୁରୂପେ ହୋଇଲେ ପରିଚିତ

ତାଙ୍କ ଜନ୍ମଦିବସର ସମ୍ମାନ

ଗୁରୁଦିବସରେ ହୋଇଲା ଖ୍ୟାତ ।



ସେବକାନ୍ତ ନନ୍ଦ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧନ୍ୟ ରାଧାକୃଷ୍ଣନ ତୁମ୍ଭ ମହିମା

କେ ବର୍ଣ୍ଣିପାରେ ତୁମ ଗୁଣସୀମା

ଗୁରୁଙ୍କ ଗୁଣକେ ବର୍ଣ୍ଣିପାରିବା

ସେ ପରା ବ୍ରହ୍ମା, ବିଷ୍ଣୁ, ଶିବ ସରି

ତାଙ୍କରି ଆଶିଷ ଟିକେ ପାଇଲେ

ଏ ସଂସାରୁ ଆମେ ହୋଇବା ପାରି ।

ଗୁରୁ ଆଶ୍ରାକର ହେ ସୁଜ୍ଞ ନର

ଜୀବନେ ମୁକତି ଲଭିବା ପାଇଁ

ତୁମ୍ଭ ଚରଣେ ପଶୁଛି ଶରଣ

ଆହେ ପରମପୂଜ୍ୟ ଗୁରୁ ମୋର

ଦୂର କରିଦିଅ ଅଜ୍ଞାନ ମୋର

ଜ୍ଞାନ ଚକ୍ଷୁ ହୃଦୟେ ଦିଅ ଭରି

ଜ୍ଞାନ ଆଲୋକେ ଜୀବନ ଆଲୋକ

ମାୟା ସଂସାରୁ ମତେ କର ପାରି ।

ବନ୍ଧପାଲି, ବଲାଙ୍ଗିର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁରୁବର

କୋଟି ବ୍ରହ୍ମାଣ୍ଡର ଅଧିକାରୀ ସେ,
ସେ ହିଁ କରଣ କାରକ ।
ତାଙ୍କ ବିନୁ ଅନ୍ୟଗତି ନାହିଁ,
ସେ ହିଁ ସୃଷ୍ଟିର କାରଣ ॥
ତିନି ଜଗତେ ଜ୍ଞାନର ଭଣ୍ଡାର,
ସେ ହିଁ ପୂଜ୍ୟ ପରମ ଈଶ୍ୱର ।
ସେ ଅଲୌକିକ ମାନୁଷ ରୂପରେ,
ସେ ହିଁ ସର୍ବଦା ପୂଜ୍ୟର ॥
ସେ ଅଲୌକିକ ରୂପକୁ ସର୍ବତ୍ରେ,
ଗୁରୁ ନାମରେ ସଭିଏଁ ଜାଣଇ ।
ସେ ଇଶ୍ୱର ପରଂବ୍ରହ୍ମ ସେ,
ଯିଏ ଭବିଷ୍ୟକୁ ଦିଅ ଗଢ଼େଇ ॥
ସେ ଯୋଗୀମାନଙ୍କରେ ସର୍ବଶ୍ରେଷ୍ଠ,
ଶାନ୍ତି କ୍ଷମାର ସେ ସରୋବର ।
ସେ ବ୍ୟକ୍ତିତ୍ୱ ଯେ ତ୍ରିଶକ୍ତିର,
ବୁଦ୍ଧି ବାଣୀର ସେ ଯେ ନୀଳସାଗର ॥



ଜିତେନ୍ଦ୍ର ପାତ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ଯେ କାଳଜୟୀ,

ଅନ୍ଧକାରେ ବି ସେ ଆଲୋକ ।

ସେ ଚେତନାର ଥିବା ଉଜ୍ଜ୍ୱଳତା,

ଅସୀମ ଶକ୍ତିର ସେ ପ୍ରକାଶକ ।।

ସେ ହିଁ ସତ୍ୟ ଅନନ୍ତର,

ପୁଣି ଉଦାହରଣ ସେ ଶାନ୍ତିର ।

ବ୍ୟକ୍ତି ସେ ଯେ ଜ୍ଞାନ ଶକ୍ତିର,

ସେ ଯେ ପଥ ଜଗତ ମୁକ୍ତିର ।।

ତାଙ୍କ ଚରଣ ଧୂଳିକୁ ଶିରେ ଧରି,

ଅନନ୍ତ ଶିକ୍ଷାକୁ ଯାଏ ସାରି ।

ସେ ଯେ ଜ୍ଞାନର ତୃଷାର୍ତ୍ତକୁ ମେଣ୍ଟେଇ,

ଏଇ ଭବସାଗରରୁ ଦିଅ ତରି ।।

ସେ ଗୁରୁ ଶ୍ରେଷ୍ଠ ସମ୍ମାନର,

ସେ ଆରମ୍ଭ ବିଶ୍ୱବ୍ରହ୍ମାଣ୍ଡର ।

ସେ ସର୍ବଶ୍ରେଷ୍ଠ ରୂପ ସେବା ଅନୁତାପର,

ଶତ ଶତ ନମାମି ତୁମକୁ ହେ ଗୁରୁବର ।।

ବିଦ୍ୟାନଗର, ତୃତୀୟ ଗଳି, ବଚପନ୍ ସ୍କୁଲ୍ ନିକଟ,

ରାୟଗଡ଼ା, ୯୪୩୮୪୮୪୮୯୧

ଇମେଲ୍ :cutejitujit@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମର ପ୍ରତିମା

ପ୍ରେମର ପବିତ୍ର ଉପହାର ତୁମେ
ପ୍ରେମିକ ତୁମର ନାମ
ମୋ ମନ ମାଲିକ ସପନ ବଣିକ
ପ୍ରୀତି ତୁମ ଫୁଲ ସମ...

ସ୍ୱର୍ଗୀୟ ଭାବନା ଗନ୍ତାଘର ତୁମେ
କବିତାର ସ୍ୱଚ୍ଛ ପଂକ୍ତି
ହୃଦୟ ରାଇଜ ମହାରାଜ ମୋର
ପ୍ରେମ ମୋ ତୁମଠି ଇତି...

ସ୍ନେହ,ଶରଧାର ସାଗରଟେ ତୁମେ
ସ୍ପର୍ଶେ ଦୂରେ ଯାଏ କଷ୍ଟ
ଭାଗ୍ୟ ଭବିଷ୍ୟତ ମିଛ ହେଇପାରେ
ତୁମେ ଏକା ଚିର ସ୍ପଷ୍ଟ...

ତୁଚ୍ଛ ଜୀବନରେ ଗର୍ବ ଏକା ତୁମେ
ମୋ ସିନ୍ଦୁରର ସ୍ୱାଭିମାନ
ସାତ ଜନମକୁ ହସ୍ତାକ୍ଷର ସେ ଯେ
ଚିରବନ୍ଦୀ ମୋର ମନ...



ପୂର୍ଣ୍ଣିମା ପୃଷ୍ଟି
ରେକବି ବଜାର, ଯାଜପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହେ ମୋର ସାଙ୍ଗ

ଦୋସ୍ତି ଭଲ ଥିଲେ ରଙ୍ଗ ଆଣିଦିଏ ,
ଆଉ  ଗଭୀର ଥିଲେ ମନ କିଣି ଦିଏ ,
ଆଉ ଅବୁଝା ଥିଲେ ଭାଙ୍ଗି ଯାଏ ।
କିନ୍ତୁ ତୋ ଭଳି ଦୋସ୍ତି ଥିଲେ ,
ତାହା ଇତିହାସ ବନିଯାଏ ।
ବେଳେବେଳେ ମୁଁ ଭାବେ ଯେବେ
ମୋ ଭଳି କିଏ ନ ରହିବେ ,
ତୋ ସାଙ୍ଗ କିଏ ଆଉ ହେବେ ,
ଭଗବାନ ମୋ ସାଙ୍ଗକୁ ଖୁସିରେ ରଖିବ ,
ନଚେତ୍ ମୁଁ ବଞ୍ଚିବାର ପ୍ରାର୍ଥନା କିଏ କରିବ ।
ମୁଁ ସେଇ ସାଙ୍ଗ ନୁହଁ ଯିଏ,
ତୋତେ ଦୁଃଖରେ ଛାଡ଼ିଦିଏ,
ହେ ମୋର ସାଙ୍ଗ ମୁଁ ସିଏ ବି ନୁହେଁ,
ତୋ ସାଙ୍ଗ ଭାଙ୍ଗିଦବ ଯିଏ,
ମୁଁ ସିଏ ଯେ ତୋ ନିଶ୍ୱାସରେ ନିଜ ନିଶ୍ୱାସ ଦିଏ,
ନା ତୋ ସହ ରକ୍ତର ସମ୍ବନ୍ଧତା ,
ନା ରୀତିନୀତି ରେ ବନ୍ଧୁତା ,
ତଥାପି ଏତିକି ପ୍ରାର୍ଥନା ଆମ ମିତ୍ରତା ,
ସଦାବେଳେ ରହୁ ଏମିତିକା ,
ଉଦାହରଣ ହୋଇବ ଏହାର ମହନୀୟତା ।



ଅବିନାଶ କୁମାର
ମାନସିଂ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୀଳ

ନୀଳ ରଙ୍ଗ ସେତ କେତେ କଦାକାର
ଅସ୍ପୃଶ୍ୟ ବୀଭତ୍ସ ଧାର ଗରଳର
ଛୁଇଁ ଦିଏ ଯେବେ ସର୍ପର ଅଧର
ହୋଇଯାଏ  ସିଏ ହିଂସାର ଆଧାର ।

ବିବିଧ ନୀଳିମା ନିୟତିର ଛଦ୍ମ
କେତେ ରମଣୀୟ ଦିଶେ ନୀଳ ପଦ୍ମ
ମନମୁଗ୍ଧକର  ସୁନୀଳ ସାଗର
ନୀଳ  ଆକାଶରେ ଇନ୍ଦ୍ରଧନୁ ଅଙ୍ଗ
ନୀଳ କୁମୁଦିନୀ ସିନ୍ଥିରେ ବି ରଙ୍ଗ ।



ନୀଳ ରଙ୍ଗେ ପୁଣି କେତେ ଯେ ଅନ୍ତର
ଅଜ୍ଞାନବିଷରୁ ଜାତ  ଔଷଧ ଜ୍ଞାନର
ନୀଳରୁ ନୀଳିମା   କେତେ ରୂପାନ୍ତର ।

ଆଭାଞ୍ଜଳି ଶତପଥୀ

ଜଗତ ଉଦ୍ଧାରେ ନୀଳ ମତୁଆଲା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିଷ ହୁଏ ପୁଣି ପୀୟୂଷ ପିଆଲା

କଣ୍ଠ ରେ ଧରିଲେ ଜଗତର ରିଷ୍ଟ

ଭକ୍ତଗଣଙ୍କର ପୋଛି ଦେଇ କଷ୍ଟ

ଆକଣ୍ଠ ଆଶିଷେ ଭକ୍ତ ହେଲେ ସିକ୍ତ

ନୀଳ ଯେବେ ହୁଏ ଶିବକଣ୍ଠେ ଲିପ୍ତ

ସଂସାରର ହିତେ ସଦା ଭୋଳାନାଥ

ନୀଳକଣ୍ଠ ନାମ ନେଲେ ଲୋକନାଥ ।

ସେ ବର୍ଣ୍ଣ ନୀଳର ନାହିଁ ପଟାନ୍ତର

ମଧୁର ମହ୍ଲାର ଜୀବନ ସମ୍ଭାର

କେତେ ଯେ ସ୍ୱର୍ଗୀୟ , ଶାଶ୍ୱତ ସୁନ୍ଦର ।

ଗବେଷିକା,

avanjali@yahoo.co.uk

ଭ୍ରାମ୍ୟଭାଷ : ୯୮୮୪୧୦୩୪୯୮୧



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୟ ଜୟ ଗଣନାଥ

ରାଗ: - ଦାଣ୍ଡିବୃତ୍ତେ

ଜୟ ଜୟ ଗଣନ୍ନାଥ ଗଉରୀ ନନ୍ଦନ
ବିଘ୍ନ ବିନାଶନକାରୀ ପ୍ରଭୁ ଗଜାନନ ।୧ ।

ଏକଦନ୍ତ ଦୟାବନ୍ତ ଚାରି ଭୁଜଧାରୀ
ଦୀର୍ଘକାୟ ଲମ୍ବୋଦର ଦୁଃଖତାପହାରୀ ।୨ ।

କଟିଭାଗେ ପୀତବସ୍ତ୍ର ଲଡ଼ୁ ବାମହସ୍ତେ
ମୂଷିକ ବାହନ ନେଇ ବିହର ଜଗତେ ।୩ ।

ବଡ଼ ବିଚିତ୍ର ଯେ ତୁମ୍ଭ ଜନମ ବୃତ୍ତାନ୍ତ
ଠିକା ଠିକା ଲେଖି ମୁହିଁ କରୁଛି ବ୍ୟକତ ।୪ ।



ସହଦେବ ପ୍ରଧାନ

ମାତା ଗିରିଜା ନନ୍ଦିନୀ ଦିନେ ପ୍ରତ୍ୟୁଷରେ
ଅଙ୍ଗେ ହଳଦି ମାଖିଲେ ସ୍ନାନ ଉଦ୍ଦେଶ୍ୟରେ ।୫ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୁଷ୍କ ହଳଦି ମଳକୁ ଶରୀରୁ ଉତ୍ତାରି

ମୂର୍ତ୍ତି ଏକ ଗଢ଼ିଦେଲେ ଶିଶୁ ରୂପଧାରୀ ।୬ ।

ସେ ମୂର୍ତ୍ତିକୁ କୌତୁହଳେ ଦେଲେ ଜୀବନ୍ୟାସ

ସୁନ୍ଦର ସତେଜ ରୂପେ କରାଇଲେ ବେଶ ।୭ ।

ଆଜ୍ଞା ଦେଲେ ଦ୍ୱାରଦେଶେ ଜଗିଥିବୁ ଯାଇ

ଅନ୍ତପୁରକୁ କାହାକୁ ନ ଛାଡିବୁ ତୁହି ।୮ ।

ଭ୍ରମଣାନ୍ତେ ମହାଦେବ ଗୃହ ଅଭିମୁଖେ

ଆସୁଥିଲେ ଅତିବେଗେ ବିଶ୍ରାମର ଲକ୍ଷ୍ୟେ ।୯ ।

ମାତୃ ଆଜ୍ଞା ପାଇ ଶିଶୁ ଦ୍ୱାରଦେଶେ ରହି

ଶିବଙ୍କ ଆସିବା ପଥ ଓଗାଳିଲା ଯାଇ ।୧୦ ।

ପିତା ପୁତ୍ରଦ୍ୱୟ ମଧ୍ୟେ ଘୋର ଯୁଦ୍ଧ ହେଲା

କାଟି ଦେଲେ ଶିବ, ମୁଣ୍ଡ ଭୂଁଇରେ ଲୋଟିଲା ।୧୧ ।

ଯେତେବେଳେ ଜ୍ଞାତ ହେଲେ ମାତା ଏହି କଥା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଃଖେ ଆଉ କ୍ରୋଧେ ତାଙ୍କ ଘୁରିଗଲା ମଥା ।୧୨ ।

ସ୍ତବ୍ଧ ହେଲା ସ୍ୱର୍ଗ, ମର୍ତ୍ତ୍ୟ ଜଳ ଯେ ସମୀର

ଚଉଦିଗେ ଶୁଣାଗଲା ଆର୍ତ୍ତ ହାହାକାର ।୧୩ ।

ସର୍ବେ ଦେବ ଏକତ୍ରିତେ ମିଳିଲେ ବ୍ରହ୍ମାଙ୍କୁ

ଗୁହାରି ପଡିଲେ ସୃଷ୍ଟି ରକ୍ଷା କରିବାକୁ ।୧୪ ।

ବ୍ରହ୍ମାଯାଇ ପହଞ୍ଚିଲେ କଇଳାସ ପୁରେ

ସକଳ ଘଟଣା ଦେଖି ଆପଣା ନେତ୍ରରେ ।୧୫ ।

ଉତ୍ତର ଦିଗକୁ ଶିର କରି ଶୋଇଥିବା

ହାତୀମୁଣ୍ଡ କାଟି ଆଣି ଯୋଡ଼ି ଦେଲେ ଗ୍ରୀବା ।୧୬ ।

ମୃତ୍ୟୁ ସଞ୍ଜିବନୀ ମନ୍ତ୍ର ପଢ଼ି ଧାତିକାରେ

ସିଞ୍ଚିଦେଲେ ଜଳ ନେଇ ମୃତ ଶିଶୁ ପରେ ।୧୭ ।

ସହସା ଉଠି ବସିଲେ ପାର୍ବତୀ ନନ୍ଦନ

ମଙ୍ଗଳ ଧ୍ୱନି ଛାଡ଼ିଲେ ଦେବଦେବୀ ମାନ ।୧୮ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଶୀର୍ବାଦ ଦେଇଗଲେ ଯେ ଯାହାର ପୁର

ସେହି ଦିନୁ ଅଗ୍ରେ ପୂଜା ପା'ନ୍ତି ଗଣେଶ୍ୱର ।୧୯ ।

ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀ ତିଥିରେ

ଗଣେଶ ପୂଜା ଉତ୍ସବ ସାରା ଭାରତରେ ।୨୦ ।

ପାଳନ ହୁଅଇ ଜାଣ ଅତି ଆଡ଼ମ୍ବରେ

ବିଘ୍ନନାଶ ଆଉ ବିଦ୍ୟା ପ୍ରାପ୍ତିର ଆଶାରେ ।୨୧ ।

ଶ୍ରୀ ଗଣେଶଙ୍କ କୃପାରୁ ଏତିକି ଲେଖୁଛି

ତ୍ରୁଟି ଥିଲେ କ୍ଷମା ଦେବେ ପ୍ରଣାମ କରୁଛି ।୨୨ ।

ସୁବର୍ଣ୍ଣପୁର, ଜରଡ଼ାଗଡ଼, ଗଞ୍ଜାମ

ଭ୍ରାମ୍ୟଭାଷ : ୬୩୭୨୧୩୩୨୩୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସରଗଠୁ ବଡ଼ ବାପା

ଶାନ୍ତ, ସରଳ, ନିଷ୍ପାପ ହୃଦୟର ମଣିଷଟିଏ ସେ
ନିଜ କର୍ମ ଓ କର୍ତ୍ତବ୍ୟକୁ ଶ୍ରେଷ୍ଠ ମଣୁଥିବା କର୍ତ୍ତବ୍ୟନିଷ୍ଠ ପୂଜାରୀଟିଏ ସେ
ଦୁଃଖ, କଷ୍ଟକୁ ଛାତିତଳେ ଚାପିଦେଇ ହସି ହସି ନିଜ ପିଲାଙ୍କ ପାଇଁ
ସବୁବେଳେ ସୁଖ ଖୋଜୁଥିବା ନିଆରା ବ୍ୟକ୍ତିଟିଏ ସେ...

ଜୀବନ ଜୀଇଁବାର କଳା ଶିଖାଉଥିବା ଦରଦୀ ବନ୍ଧୁଟିଏ ସେ
ଆକାଶପରି ବିସ୍ତୃତ ଓ ନିର୍ମଳ ହୃଦୟର ଅତିପ୍ରିୟ ମଣିଷଟିଏ ସେ
ନ୍ୟାୟବନ୍ତ, ସତ୍ୟନିଷ୍ଠ, ତ୍ୟାଗ ଓ ବଳିଦାନର ଅପୂର୍ବ ନିଦର୍ଶନ ସେ
ସ୍ନେହ, ପ୍ରେମ, ଶ୍ରଦ୍ଧାର ଜୀବନ୍ତ ପ୍ରତିମୂର୍ତ୍ତି ସେ...



ଜୀବନ ପଥରେ ସତ୍ୟର ପଥ ଦେଖାଉଥିବା ଦିଗଦର୍ଶକ ସେ
ଲୁହ, ଲହୁ ପିଇ ପିଇଇ ଏକାକାର ସାଜିଥିବା ନିଷ୍କପଟ ମଣିଷଟିଏ ସେ
ସମୟର ଗତିପଥେ, ବାଟହୁଡ଼ା ଜୀବନର ବତୀଘର ସେ
ସରଗଠୁ ବଡ଼ ସେ, ପୃଥିବୀଠୁ ଉଦାର ସେ...
ସେ... ବାପା !

ଚନ୍ଦ୍ରକାନ୍ତ ଜେନା
ସହକାରୀ ଶିକ୍ଷକ, ପୁରୁଷୋତ୍ତମପୁର, ଫୁଲନଖରା, କଟକ ୭୫୪୦୦୧

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ମା'

ମା' ବୋଲି ଏକ ଅକ୍ଷର ପଢ଼ିଲି,
ପାଇଲିନି ଆଦି ଅନ୍ତ ତାମାନେ ।
ପଚାରି ବୁଝିଲି ମା' ଠାରୁ ବଡ଼
ନାହିଁ କେହି ଏହି ମର୍ତ୍ତ୍ୟ ଭୁବନେ ।

ସବୁଠାରୁ ବଡ ପଦାର୍ଥ ଖୋଜିଲି
କାହିଁ..ପାଇଲିନି କେଉଁ ଠାରେ ।
ଜଗତ କହିଲା ଆରେ ନିର୍ବୋଧ ଶିଶୁ,
ବଡ ଖୋଜୁଅଛୁ ?
ସେତ ଅଛି ତୋର, ଅତି ନିକଟରେ ।



ସୌମ୍ୟରଞ୍ଜନ ପାତ୍ର

ସବୁଠୁ ଅଧିକ ସ୍ନେହ ମୁଁ ଖୋଜିଲି,
ମିଳିଲାନି ମୋତେ କାହା ପାଖରେ ।
ସମାଜ ରୁ ଯାହା ଜାଣିଲି ଶୁଣିଲି...
ସେତ ଅଟେ ସ୍ନେହମୟୀ
ମା' ନାମ ଡାକ-ଟିରେ....

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହାକୁ କହିବି କିଏ ମୋ ନିଜର,

ବୁଝି-ଖୋଜି ପାଇ ପାରୁ ନ ଥିଲି ।

ଶାସ୍ତ୍ର କହିଲା ସମାଜ କହିଲା

ମା' ଠାରୁ ନିଜେ ବଳି...

ଆଉ କିଏ କାହିଁ ଅଛି କେଉଁଠାରେ ???

ସବୁଠୁ ଅଧିକ ମିଠା ମୁଁ ଖୋଜିଲି....

ମିଳିଲାନି ମୋତେ ସାରା ସୃଷ୍ଟି ରେ

ଗୁରୁ ମୋ କହିଲେ, ଅତି କ୍ଷୀଣ ସୁରେ

ମା' ନାମ ଡାକ ଠାରୁ !

ଯେଉଁ ମିଠା ଝରେ... ରେ

ତା ଠାରୁ ମିଠା ବଳି... ନାହିଁ ଆଉ ସଂସାରେ ।।।

ଗ୍ରାମ/ପୋଷ୍ଟ: ଖଡିଅଙ୍ଗ

ଜିଲ୍ଲା: ଯାଜପୁର

ପିନ: ୭୫୫୦୪୯

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ଜୀବନ ମାନେ କଣ ?

ଜୀବନ ମାନେ କ'ଣ ?
ପାଣି ତୁଲ୍ୟ ତରଳ ନୁହେଁ କି
ବରଫ ପରି କଠିନ;
ଅଟେ, ରଙ୍ଗହୀନ ପବନ ।

ଜୀବନ ମାନେ କ'ଣ ?
ସକାଳର ଘାସ ପତ୍ରର ଶିଶିର ବିନ୍ଦୁ,
ଯେଉଁଟା ହୀରାମଣି ସଦୃଶ ଚକ୍ ଚକ୍
ଖରା ବାଜିବା ମାତ୍ରେ ଶୁଷ୍କ ପ୍ରାୟ ।



ସହଦେବ ଧରୁଆ

ପୁଣି ବର୍ଷା ଦିନର
ଓଳି ପାଣିର ଫୋଟକା ସମ
କ୍ଷଣିକ ଦେଖାଣିଆ ପବନ-ଖେଳ,
ହୃଦୟ କନ୍ଦରେ ଖେଳୁଥିବା ଯାଏ
ମାନ, ଅଭିମାନ, ହିଂସା, ଅଂହକାର
ଓହରି ଗଲେ ସବୁ ତୁଚ୍ଛ.... ତିମିରାଛନ୍ନ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜନମ ମରଣ ବରଷା

କହି ନ ପାରଇ ପୁରୁଷା

ବଂଚି ଥିବା ଯାଏ ହସ ଥରେ

ପରଖି ନେଇ ସଂସାରକୁ

ଜୀବନ ଥିଲେ ସବୁ ଅଛି

ମରିଗଲେ ଶୂନ୍ୟ....ନିସ୍ତେଜ ।

ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ,ଭବନେଶ୍ବର

ମୋ.ନଂ : ୬୩୭୨୧୯୦୪୫୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶ୍ୱକର୍ମା

ସୃଜନୀର କର୍ମକାର
ଗଢିଅଛ, ଅନ୍ତହୀନ
ସୃଷ୍ଟିର ସମ୍ଭାର
ତମରି ଆକାଶ ତଳେ
ପ୍ରକୃତିର ନଗ୍ନ ରୂପ
ଧ୍ୱଂସ, ବିଭୀଷିକା
ଭାଙ୍ଗିଦିଏ ଗରିବ ଶିବିର
ହେ ସର୍ବେଶ୍ୱର,
ତୋଳି ଦିଅ
ଭଗ୍ନ ନୀଡ ତାର ।

ଦଧିଚି ଋଷିଙ୍କ
ଅସ୍ଥି କଙ୍କାଳୁ ସର୍ଜନା
ଦେବେନ୍ଦ୍ରଙ୍କ ବଜ୍ରାୟୁଧ
ତୋ ପରିକଳ୍ପନା ।
ଶ୍ରୀହରିଙ୍କ ଅଗ୍ନେୟାସ୍ତ୍ର,
ସୁଦର୍ଶନ ଚକ୍ର
ଶାଣିତ କରିଛି ତାକୁ
ତମ ଦିବ୍ୟହସ୍ତ
ସବୁ ତମ ଜ୍ଞାନାର୍ଣ୍ଣବ ତୀରେ
ପ୍ରଖର ଯାନ୍ତ୍ରିକ ଅଭିକଳ୍ପ ।

ସତ୍ୟ ଯୁଗେ ସ୍ୱର୍ଗାଲୋକ
ତ୍ରେତୟାରେ ସ୍ୱର୍ଣ୍ଣିଭ ଶ୍ରୀଲଙ୍କା
ଦ୍ୱାପରର ଇନ୍ଦ୍ରପ୍ରସ୍ଥ
ହସ୍ତିନା, ଦ୍ୱାରିକା
କଳିରେ ଚତୁର୍ଦ୍ଧାମୂର୍ତ୍ତି,
ଶ୍ରୀ କ୍ଷେତ୍ର ମଣ୍ଡପ ।

ଚନ୍ଦ୍ରଭାଗା କୁଳେ ଶୋଭେ
ପୂଣ୍ୟ ଅର୍କ କ୍ଷେତ୍ର ।
ହେ ରୂପକାର,
ତମ ହାତେ
ତମ ରୂପରେଖ ।



ଦୁର୍ବାଦଳ କରାଳି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଇନ୍ଦ୍ରପ୍ରସ୍ଥର ସ୍ଥାପତ୍ୟ
କଳ୍ପନା ଅତୀତ
ଚମତ୍କୃତ କାରୁକାର୍ଯ୍ୟେ
ଅସ୍ଥିର, ବିବ୍ରତ
ମସୃଣ ଚଟାଣ ପୃଷ୍ଠେ
ଜଳାଶୟ ଦୃଶ୍ୟ
ପାଦ ରଖି ଅସନ୍ତୁଳ,
ବିଭ୍ରାନ୍ତ ସେ
କୁରୁଶ୍ରେଷ୍ଠ,
ହସ୍ତିନା ନରେଶ
ସବୁ ତମ
ସୃଜନୀ ବିଶେଷ ।

ଦ୍ରୌପଦୀ ମୁଖ ନିଃସୃତ
ବିଦୃପ ଇଙ୍ଗିତ
କୋପାଗ୍ନିର ଯଜ୍ଞ କୁଣ୍ଡେ
ଢାଳି ଦେଲା ଘୃତ
ଜନ୍ମ ନେଲା
ମହା-ବିବାଦର ସୂତ୍ରପାତ ।
ବାସ୍ତୁକାର ତମେ
ଧର୍ମ ସଂସ୍ଥାପନା ପାଇଁ
ଅଧର୍ମର ଧ୍ୱଂସ ଲୀଳା
ଚକ୍ରବ୍ୟୁହ ରଚନାରେ
ଶୋକାକୁଳ
ହେଲା ପରିବେଶ ।
ମୂକସାକ୍ଷୀ
ଶାନ୍ତ କୁରୁକ୍ଷେତ୍ର ।

ଆଜି ଶିଖାଇଛି ସେଇ
ପ୍ରାଚୀନ ପୁରାଣ
ସମାଜର ପ୍ରତି କୋଣେ
ପ୍ରତିଧ୍ୱନିତ ହୁଏ
ଅବହେଳିତ,
ବାସହୀନର
ସନ୍ତପ୍ତମୟ
ହୃଦୟ ସ୍ପନ୍ଦନ
ଖସି ଯାଏ
ପାଦ ତଳୁ ମାଟି
ସୂଚଗ୍ର୍ୟ ମେଦିନି ପାଇଁ
ପଥ ପ୍ରାନ୍ତରରେ କିବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରେଳ ଷ୍ଟେସନରେ
ଶୁଭେ ଖାଲି
ନିରାଶ୍ରୟର
ଆର୍ତ୍ତ ନିବେଦନ ।

ସମୟ ସାପେକ୍ଷ ନୁହଁ
ପ୍ରେତାତ୍ମାର ରଙ୍ଗ ମାଖି
ଲୁଚକାଳି ଖେଳେ ସାମ୍ୟବାଦ
ଭ୍ରଷ୍ଟାଚାର ଶିଖରରେ ଚଢି
ରକ୍ଷକ, ଭକ୍ଷକ ସାଜି
ବୁଝିବାରେ ଅସମର୍ଥ
ବାସହରା ବାୟା ଚଢେଇ ର
ସଂଘର୍ଷମୟ
କାହାଣୀ ର ମର୍ମ ।

ହେ ବିଶ୍ୱ ନିର୍ମାତା
ଦେଇଯାଅ ତମ
ପ୍ରାଚୁର୍ଯ୍ୟର ଗନ୍ତାଘରୁ
ଧୁଳିକଣାର
ବିସ୍ତୀର୍ଣ୍ଣ ସ୍ତୁପଖଣ୍ଡ
ତୋଳିଦିଅ ଅସହାୟ,
ନିରାଶ୍ରୟ ପାଇଁ
ଆଶ୍ରୟ ସ୍ଥଳୀର
ସୁରମ୍ୟ ନଗରୀ ।
ଶିଖାଇଦିଅ ଏ ପିଢିକୁ
ମାନବିକତାର ମହାମନ୍ତ୍ର ,
ଆତ୍ମ ନିର୍ଭରଶୀଳତାର
ନିଖୁଣ କୌଶଳ ।
ଲେଖିଦିଅ ତାଙ୍କ
ହାତ ପାପୁଲିରେ
ସ୍ଥାପତ୍ୟ କଳାର ଏକ
ସଂକ୍ଷିପ୍ତ ଅନୁଶୀଳନ ।

ଅବସରପ୍ରାପ୍ତ ଡିଭିଜନାଲ୍ ମେନେଜର୍,
ଏଲ୍ଆଇସି ଅଫ୍ ଇଣ୍ଡିଆ
ଝରଣା ନିବାସ, ବବୁଆବଗିଚା, କଲ୍ପ କଲୋନି,
ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଝାରସୁଗୁଡ଼ା, ଓଡ଼ିଶା
୭୬୮୨୦୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଜିର ତ୍ରିରଙ୍ଗା କହିଛି କଥା

ଆହା କି ସୁନ୍ଦର ଆକାଶେ ଉଡଇ
ଫରଫରେ ଆଜି ତ୍ରିରଙ୍ଗା ଅନା--
ସ୍ୱାଧିନ ଭାରତ କୈବଲ୍ୟ ପତାକା
ଏ'ତ ପୂତ ପବିତ୍ର ତ୍ୟାଗର ବାନା ।
କୋଟି ବଳିଦାନ ସଙ୍କେତ;
ଉତ୍ତୋଳିତ ଆଜି ଆକାଶେ ଅନା
ଶତ ଶତାବ୍ଦୀର କର୍ପାସ କନା !
ଅନାରେ ଅନା । ତ୍ରିରଙ୍ଗା ଅନା । ।
ନିର୍ମଳ ଦିଶୁଛି ତହିଁରେ, ସ୍ୱଚ୍ଛ ଶୋଣିତ ଧାର
ଶୋଷଣ ଲୁଣ୍ଠନ ଲାଠିରେ ଅତି ଇତିର ଭାର ।
ଭାସି ଭାସି ଯାଏ ପବନେ ଅତ୍ୟାଚାରର ଗାଥା
କେବେ ମାପିଛ କି ସେହି ପୀଡା କୁ
ମିଛ ଲାଞ୍ଛନା ବ୍ୟଥା ?
କେବେ ବି ହୃଦୟେ ଥୋଇଛ,
ସଂଗ୍ରାମୀ ପିଠିରେ ଚିହ୍ନ, ଚାବୁକ ଗାର ? ?
ଫିରିଙ୍ଗି ଶାସନ ବନାମ ଶୋଷଣ, ଅମାନବୀୟ ବ୍ୟାପାର !!!



ଦଣ୍ଡାସୀ ପ୍ରଧାନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱତନ୍ତ୍ର୍ୟ ସ୍ୱରାଜ ନିଶାରେ-ବେଡି କୋରଡ଼ା ଭାର

ଜେଲଖାନାର ପଥର ଘରେ, ଘନ ଅନ୍ଧାର ।

ସଂଗ୍ରାମୀପଣର ସାନ୍ଦ୍ରତାକୁ--ଟିକେ ବୁଦ୍ଧିମତାରେ କଷି_

ଦେଖ ଜହ୍ଲାଦ ଜଗିଛି ସେଇଠି ହାତେଇ, ଫାସିର ରଶି ।

ସ୍ପଷ୍ଟ ଶବଦେ ଝଙ୍କୃତ ହୁଏ, 'କଳାପାଣି' କାରାନାମା

ଏବେବି ଦିଶୁଛି ଅଶୋକ ଚକ୍ରେ, ଜନନୀ ଜାୟା ଯନ୍ତ୍ରଣା ।

ଦେଖରେ ଦେଖ ! ପତାକା ନାଲି ରଙ୍ଗରେ ଦେଖ-

ଝଟ୍ ଝଟ୍ ହୋଇ ଝଟକେ ସଦ୍ୟ ସଜ ରକତ ।

ସବୁରି ପାଇଁ ମଙ୍ଗଳ ରଙ୍ଗ, ସବୁଜେ, ଦେଖ..

ସତେ ବାଣ୍ଟଇ ସଦା ସବୁଜ ସୁଖ । । କ୍ରମଶଃ....

ମୁକ୍ତି ସଂଗ୍ରାମୀର ସହସ୍ର ଶହୀଦ

ଆଜି ପଚାରେ ମୋତେ

ତୁମେ ଉତ୍ତର ପିଢ଼ି ର ଦାୟଦ କୁହ ହେ ବନ୍ଧୁ !

ସଦାଚାର ସମାଚାର ଭାରତେ ।

ସଫେଦ ଅରଙ୍ଗେ ଅନାଅ --

ଶୁଦ୍ଧ ଶାନ୍ତିଶ୍ୱର ସ୍ତମ୍ବନେ, ଶୁଭ୍ର ସର୍ବେ ବୋଲାଅ । ।

କାହିଁ ତୁମ ସେବା, ସ୍ୱ-ଧର୍ମର ବିନ୍ଦୁ ?

ରାଷ୍ଟ୍ରୀୟତାର ପ୍ରଗତି ପଥରେ ସଂସ୍କୃତି ଇନ୍ଦୁ ।

ତୁମେ ପରା ଦେଶ ପ୍ରେମୀ !

Magazine Downloaded from www.aahwaan.com

ଏ କି ବିଡମ୍ବନା, ଛଦ୍ମ ଛଳନା ।

ଚାଲିଛ କି କୁହ ତୁମେ ସତରେ , ସତ୍ୟ କର୍ତ୍ତବ୍ୟ ପଥେ ?

ମୋ ମାତୃଭୂମିର ମମତା ସମତା ପ୍ରୀତି ,

କେଉଁ ଅଧିକାରେ ଲୁଟି ଚାଲିଛ ଏତେ ?

ବାଜେ ଭାଷଣ ବାଜିକୁ ଛାଡ ।

ମାଗିଖିଆ ପଣ ପରିହାର କରି, ସମୃଦ୍ଧ ଭାରତ ଗଢ ।

ସଂଗ୍ରାମୀ ଆମେ ଚାହିଁ ନାହୁଁ ଫୁଲ ତୋଡା !

ତୁମ ଶ୍ରଦ୍ଧାଞ୍ଜଳି ନାହିଁ ଲୋଡ଼ା ।

ଆମ ନାମ ଗାଅ ନାହିଁ ପଦେ ପଦେ ।

ଆଲବିଦା ଦିଅ ଫାଇଦାବାଦେ ।

ଯା' ର ସାରଥି ଶ୍ରୀରାମ କୃଷ୍ଣ !

ମୋର ମାତୃଭୂମିର ଯୁଗ ଯୁଗର ଇଷ୍ଟ ।!

ଖଣ୍ଡନ ହେତୁ ରିଷ୍ଟ ।।

ଥଲା ମୋର ମହା ମନ୍ତ୍ର-ଜୟ ଜୟକାର ତନ୍ତ୍ର ।

ସେ' ତ କ୍ଷେତ ଓ କ୍ଷେତ୍ରୀ । ଯନ୍ତ୍ର ଓ ଯନ୍ତ୍ରୀ । ଶ୍ରଦ୍ଧା ବିଶ୍ୱାସ ରେ ଘୋଷ !

ବନ୍ଦେ ମାତରଂ... ବନ୍ଦେ ମାତରଂ...ବନ୍ଦେ ମାତରଂ ।।

ସମ୍ପାଦକ (ସାହିତ୍ୟ),

ଉପାନ୍ତ ସାହିତ୍ୟ ସାଂସ୍କୃତିକ ସେବା ସଂସଦ, ପାତ୍ରପୁର,ଗଞ୍ଜାମ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚଉତିଶା : ବିପ୍ରଲମ୍ଭ

କ#୧- କରେ କେ କିମିଆଁ କୁହୁକିନୀ କାଉଁରୀ  ପରଶେ,

ଖ #୨ ଖଞ୍ଜା ଯେତେ ଖୁମାଣ ଖେଳଣା ଖୁସି ଖୋଳପାରୁ ଖସେ... !

ଗ#୩-ଗୁଣି କି ଗାରେଡି ଗହନ ଗୋପନେ କେ' ଗୁମୁରେ,

ଘ#୪-ଘନଘନ ଘାରିହୁଏ ନିର୍ଜନ ଘେରା ଘା'ରେ... !

ଙ#୫-ନୁଆଇଁ ନୟନ ଯୁଗଳ ନିମିଷକେ ନାଶିବା ପାଇଁ ତା' ନିଶା,

ଚ#୬-ଚୋରା ଚାତୁରୀରେ ଚିରିହୋଇଯାଏ ଚାହିଁଲେ ଚହଲେ ଚିତା .. !

ଛ#୭-ଛନ୍ଦି ହୋଇଯାଏ ଛୁଇଁଗଲେ ଥରେ ଛାଇର ଛଇଳ ଛଟା,

ଜ#୮- ଜ୍ୱାଳା ଜୁଡୁବୁଡୁ ଜୀବନେ ଜୀର୍ଣ୍ଣ ଯନ୍ତ୍ରଣା ଯୋଖା .. !

ଝ#୯- ଝାଉଁଳେ ଝରଣା ଝର ଝର କେବେ ଆଖି ଝରକା  ।

ଞ#୧୦- ନଈସାରା  ନୀଳ ନିଆଁ ନିରାଶ ନାଉରି  ନାଆ ତା' ନହକା  ।

ଟ#୧୧- ଟିକିଏ ଟିକିଏ କହି ଟାଣି ନେଲ ଏ ତଟରୁ ଟଣକାର ନାହିଁ ଟିକେ

ଟେର୍



ଠ#୧୨-ଠାଏ ଠାଏ ଠିଆ ହୋଇ ଠଉରାଏ ଠିକଣାର ସଠିକ ଠାର ।

ଡ#୧୩- ଡେଇଁ ପଡିଲେ ଏ ଡିଆଁ ଡାହାଣୀ ଡଅଁରେ ତା' ଡୁବିବାର ଡର  ।

ଢ#୧୪-ଢୁକିନିଏ ଢୁଳେଇ ଢୁଳେଇ ଢାଙ୍କ ଯେତେ ଢାଙ୍କୁଣୀ ଢେଉର  ।

ଣ#୧୫- ନୁଆଁଣିଆ ନୟନ ତଳେ ନିୟତି ନିତି ନିରୁପାୟ  ।

ତ#୧୬- ତୀକ୍ଷ୍ଣ ତୀରଟିଏ ତୋଳିନିଏ ତୁରିତେ ତାନ୍ତ୍ରିକର ତନ୍ତ୍ର ପରାୟ  ।

ଅଶୋକ କୁମାର
ସେଠୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥ#୧୭- ଥରହର ଥରେ ତ ଥମିନି ଥିରିକରି ଥୋପଟିଏ ଆଉ ଥରେ ଥୋଉ ।

ଦ#୧୮-ଦୂର୍ଦ୍ଦଶ ବି ଦମ୍ଭହାରେ ଦେଖି ତୁମ ଦରକଞ୍ଚା ଦର୍ଶନ ଦାଉ ,

ଧ#୧୯-ଧୂଁଦଲା ଧମକେ ଧମନୀ ଧାରେ କେ ଧସି ପଶେ.. !

ନ#୨୦-ନୀଡ଼ ନାଡ଼ୀ ସବୁ ନିରବ ନହେଲେ ନିରୁପାୟ ନିଜେ ସେ ।

ପ#୨୧-ପାରିହେବା ପାଇଁ ପ୍ରୀତିର ପ୍ରହର ପାହୁଣ୍ଡ ମୋ ପାଉନାହିଁ.. !

ଫ#୨୨-ଫୁସୁଲା କଥାରେ ଫୁ କରି ଫେରାର ଯେ ଫେରିବାର ନାଁ ନାହିଁ

ବ#୨୩- ବିପଲମ୍ଭେ ବିଷାରଦ ବିଛାଇଛି ବାଛି ବାଛି ବିଭୀଷିକା ।

ଭ#୨୪-ଭଲ ବୋଲି ଭାବି ଭ୍ରମରେ ଭରିଲ ଭରସା ଭିଆଣ ଭାଷା ,

ମ#୨୫-ମରୀଚିକା ମୟ ମନ ମରୁରେ ମରମ ମୁରୁଛେ ମୋହ ...

ଯ#୨୬- ଯାବଜ୍ଜୀବନ ଜିଜ୍ଞାସା ଯା ପାଇଁ ଜବାବ ତା ଯବନିକା ଥୟ ।

ର#୨୭- ରୁଷିଥିବା ରହସ୍ୟ ସବୁ ରହି ରହି ରଞ୍ଜାଉଛି ଲତା

ଳ #୨୮- ଲାଞ୍ଛନା ତା' ଲେଲିହାନ ଲହଲହ ଲେଉଟାଣି ଲିପ୍ସା ।

ୱ#୨୯- ବାଆଁରା ବିଶ୍ୱାସରେ ବଶୀଭୂତ ବାଇଆ ବସା ।

ସ#୩୦- ସରାଗରେ ସାଉଁଟିନିଏ ସକଳ ସୌହାର୍ଦ୍ଦ୍ୟ ସହସେ ସହସା,

ଶ#୩୧- ଶୋଷିନେଲ ଶୋଣିତରୁ ଶତତ ସମ୍ବଳ, ଶୂନସାନ ଶୋଇଛି ଶିର ।

ଷ#୩୨- ଷୋଳକଳା ଷଡ଼ଯନ୍ତ୍ରେ ଶୋଡ଼ଶୀ ଷଡରିପୁ ତା ଷଠୀଘର ।

ହ#୩୩- ହେଇଅଛି ହେଇନାହିଁ ହେଲେ ହା ହୁତାସ ତା' ହରକତ

କ୍ଷ #୩୪-କ୍ଷୁଧାରେ ତୁମର କ୍ଷୁଦ୍ର ମୋ କ୍ଷୋଭ କ୍ଷଣ କ୍ଷଣ କେ କ୍ଷତ ...

ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ, ରାଉରକେଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶ୍ମଶାନ ବୈରାଗ୍ୟ

ସୃଷ୍ଟିକର୍ତ୍ତାଙ୍କର ଅମୃତ ସନ୍ତାନ, ଚତୁର ମାନବ ଜାତି ।
ମନୁଷ୍ୟ ନିଜର ବୁଦ୍ଧି-ବିଦ୍ୟା ବଳେ,ରଖିଛି ଅକ୍ଷୟ କୀର୍ତ୍ତି ।୧ ।
ଯୁଗେ ଯୁଗେ ଏହି ମାନବ ସମାଜ, ଉଡାଇ ବିଜୟ ଧ୍ୱଜା ।
ଜ୍ଞାନର ଆଲୋକ ଦେଖାଇ ବିଶ୍ୱକୁ, ସର୍ବଦା ପାଇଛି ପୂଜା ।୨ ।
ବିବିଧ ଶାସ୍ତ୍ରର କରି ଅଧ୍ୟୟନ, ବିଶ୍ୱେ ହେଲା ମହାଜ୍ଞାନୀ ।
ଗବେଷଣା ପୁଣି ସାଧନାର ବଳେ, ହୋଇଗଲା ସେ ବିଜ୍ଞାନୀ ।୩ ।
ଆଧ୍ୟାତ୍ମିକ ଗ୍ରନ୍ଥ ଓ ଧର୍ମଶାସ୍ତ୍ରରେ,ଅର୍ଜିଲା ତ ବହୁ ଜ୍ଞାନ ।
ଚତୁର୍ଦ୍ଦଶ ବିଦ୍ୟା ଅଧ୍ୟୟନ ଦ୍ୱାରା, ହେଲା ପଣ୍ଡିତ ପ୍ରବୀଣ ।୪ ।
ସ୍ୱାଧ୍ୟାୟ ସହିତ ପ୍ରବଚନ ଦ୍ୱାରା, ଦେଲା ଉପଦେଶ ମାନ ।
ଜୟଘୋଷ ଦ୍ୱାରା ସେହି ବ୍ୟକ୍ତିର ଯେ, ବଢିଲା ଆତ୍ମସମ୍ମାନ ।୫ ।
ନୀତି-ଆଦର୍ଶର ବାଣୀକୁ ଶୁଣାଇ, ବୋଲାଏ ମୁଁ ଶ୍ରେଷ୍ଠ ନର ।
ସଭିଙ୍କ ନିକଟେ କରି ଶାସ୍ତ୍ର ଚର୍ଚ୍ଚା, ସେ ହୁଏ ବିଜ୍ଞ ପ୍ରବର ।୬ ।
ଗୀତା-ଭାଗବତ ଆଲୋଚନା କରି, ଦିଅଇ ସେ ତତ୍ତ୍ୱ ଜ୍ଞାନ ।
ଭକ୍ତିଜ୍ଞାନ ରସେ ହୋଇଣ ଆକୃଷ୍ଟ, ବ୍ୟକ୍ତି ହୋଇଥାଏ ଧନ୍ୟ ।୭ ।
ଯେତେ ଜ୍ଞାନୀ-ମାନୀ ହୋଇଗଲେ ନର, ନ ଛାଡେ ତା'ର ପ୍ରକୃତି ।
ଭୋଗ-ବିଳାସରେ ରଖିଥାଏ ମନ, ବଢିଥାଏ ତା' ଆସକ୍ତି ।୮ ।



ପ୍ରବୋଧ ଚନ୍ଦ୍ର ମୁଦ୍ରା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତ୍ୟାଗୀ-ବୈରାଗୀ ନିଜକୁ ଯେ କହେ, ବାସ୍ତବେ ସେ ତାହା ନୁହେଁ ।
ଆତ୍ମ ପରିଚୟ ନ ଦିଏ ବୈରାଗୀ, ସବୁ ବାଧାବିଘ୍ନ ସହେ ।୯ ।
ଅନ୍ୟକୁ ଯେ ଦିଏ ନୀତି ଉପଦେଶ, ନ ପାଳେ ସେ କଦାଚିତ ।
ଜ୍ଞାନ-ଗାରିମାରେ ହୋଇ ଅଭିଭୂତ, କାର୍ଯ୍ୟ କରେ ବିପରୀତ ।୧୦ ।
ଉନ୍ନତ ଭାବନା-ସରଳଜୀବନ,କରୁଥାଏ ବଇରାଗୀ ।
ବିଳାସବ୍ୟସନ ପରିହାର କରି, ହୁଏ ସଦା କର୍ମଯୋଗୀ ।୧୧ ।
ସହଜ-ସୁନ୍ଦର ପ୍ରବଚନ ଦ୍ୱାରା, ବୋଲାନ୍ତି ଯେ ସଦଗୁରୁ ।
ବିଷୟାରସକୁ କରି ଆସ୍ୱାଦନ,ଭୁଲିଯାନ୍ତି କର୍ତ୍ତବ୍ୟରୁ ।୧୨ ।
ତ୍ୟାଗରୁ ପ୍ରକୃତ ଭୋଗ ହୁଏ ପ୍ରାପ୍ତି, ଜାଣିଥାଏ ଜ୍ଞାନୀଜନ ।
ତଥାପି ମନୁଷ୍ୟ ତ୍ୟାଗଗୁଣ ଛାଡି,ଭୋଗରେ ବଳାଏ ମନ ।୧୩ ।
ମନକୁ ଦମନ-ଇନ୍ଦ୍ରିୟ ସଂଯମ, ଚିତ୍ତକୁ କରେ ପ୍ରଶାନ୍ତ ।
ସେହି ପୁରୁଷ ହିଁ ବାସ୍ତବ ବୈରାଗୀ,ଏହା ସତ୍ୟ ଯେ ନିଶ୍ଚିତ ।୧୪ ।
ଗୃହ-ଦାର-ପୁତ୍ର-ଧନର ବର୍ଜନ,ଏ ନୁହେଁ ବୈରାଗ୍ୟ ଲକ୍ଷଣ ।
ଲୋଭ-ଆସକ୍ତିକୁ କଲେ ପରିତ୍ୟାଗ, ସେ ବ୍ୟକ୍ତି ହୁଏ ମହାନ ।୧୫ ।
ମାତୃତୁଲ୍ୟ ଜ୍ଞାନ କରେ ଯେ ନାରୀକୁ, ପରଦ୍ରବ୍ୟେ ଲୋଷ୍ଟ୍ରସମ ।
ସମସ୍ତ ପ୍ରାଣୀଙ୍କୁ ନିଜପରି ଭାବେ, ସେ ହିଁ ପଣ୍ଡିତ ଉତ୍ତମ ।୧୬
ବୈରାଗ୍ୟ ସାଧନା ଅତୀବ କଠିନ, ଅଟଇ ଯେ ଜିତେନ୍ଦ୍ରିୟ
ପ୍ରକୃତ ବୈରାଗୀ ତାକୁ କୁହାଯାଏ, ନାହିଁ ଏଥିରେ ସଂଶୟ ।୧୭
ସତସଙ୍ଗ ସହ ଉପଦେଶ ବାଣୀ, ଲାଗଇ ଅତି ମଧୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବ-ଆବେଗରେ ତତ୍କାଳ ସେ ଚିନ୍ତେ, ସଂସାର ଲାଗେ ଅସାର । ୧୮

ଗୃହଜଞ୍ଜାଳରେ ହୋଇ ମୋହଗ୍ରସ୍ତ, ଅସାରକୁ ମଣେ ସାର

ସଂକଳ୍ପ-ବିକଳ୍ପ ଭାବନାରେ ତା'ର, ହୁଅଇ ମନ ଅସ୍ଥିର । ୧୯

ଈଶ୍ୱର ସ୍ମରଣ ଭୁଲିଯାଇ ମନୁ, ନିଜକୁ ଭାବେ ମହାନ

ବୈରାଗ୍ୟ ଭାବକୁ ପଛରେ ପକାଇ, କରେ ସେ ଧନ ଅର୍ଜନ । ୨୦

କାମ-କ୍ରୋଧ-ଲୋଭ-ମୋହ ଓ ମାତ୍ସର୍ଯ୍ୟ, ପୁଣି ମଦ ଷଡ଼ଅରି

ମନୁଷ୍ୟ ମନକୁ ଅସ୍ତବ୍ୟସ୍ତ ସହ, କରିଥାନ୍ତି ହତଶିରୀ । ୨୧

କାମାସକ୍ତ ହୋଇ ସଂସାର ଜାଲରେ, ଛନ୍ଦିହୁଏ ମାଛପରି

କାମନାରୁ କ୍ରୋଧ ହୁଅଇ ଉତ୍ପନ୍ନ, କ୍ରୋଧାଗ୍ନିରେ ଯାଏ ଜଳି ।୨୨

କ୍ରୋଧରୁ ଉତ୍ପନ୍ନ ସମ୍ମୋହନ ଭାବ, ସମ୍ମୋହନରୁ ସ୍ମୃତିନାଶ

ସ୍ମୃତିଭ୍ରଷ୍ଟରୁ ଯେ ହୁଏ ବୁଦ୍ଧିନାଶ, ବୁଦ୍ଧିନାଶରୁ ବିନାଶ । ୨୩

ଗୀତାର ଜ୍ଞାନକୁ ପ୍ରାପ୍ତ କରି ସୁଦ୍ଧା ବ୍ୟକ୍ତି ହୁଏ ହତଜ୍ଞାନ

ଲୋଭ ଓ ମୋହକୁ ଛାଡ଼ିନପାରି ସେ, ହୋଇଥାଏ ଦୀନହୀନ । ୨୪

ଯେତେବେଳେ ମୃତ୍ୟୁ ହୁଏ ଉପନୀତ, ସଂସାରୁ ବିଦାୟ ନିଏ

ଶରୀରରୁ ଯେବେ ଚାଲିଯାଏ ଆତ୍ମା, ନିର୍ଜୀବ ଶବ ସେ ହୁଏ । ୨୫

ଶବ ସନ୍ନିକଟେ ପୁତ୍ର ଦାରା ସହ, ଥାନ୍ତି ଜ୍ଞାନ୍ତି ପରିଜନ

ମଥା ପିଟି ସର୍ବେ ଆକୁଳ ଚିତ୍କାରେ, କରୁଥାନ୍ତି ଯେ ରୋଦନ । ୨୬

ରାମ ନାମ-ହରିନାମ ସତ୍ୟ କହି, ଶବକୁ ନ୍ୟନ୍ତି ଶ୍ମଶାନ

ଶବର ସତ୍କାର କରିବା ସମୟେ, ଥାନ୍ତି ଆତ୍ମୀୟ ସ୍ୱଜନ । ୨୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରସ୍ପର ମଧ୍ୟେ ହେଉଥାଏ ଚର୍ଚ୍ଚା, ମୃତ ବ୍ୟକ୍ତି ବିଷୟରେ
ଆସିଥିଲା ଏକା ଚାଲିଗଲା ଏକା, କିଛି ନ ନେଲା ସାଥିରେ । ୨୮

ଲୋଭ-ମୋହ-ମାୟା-ଜଞ୍ଜାଳରେ ପଡ଼ି, ମିଶେ ହେଉ କଲବଲ
ଭବ ନର୍କକୂଣ୍ଡେ ଘାଣ୍ଟି ହୋଇ କହୁ, ସଂସାରଟା ବିଷତୂଲ୍ୟ । ୨୯

ମଶାଣିରେ ସର୍ବେ 'ଶ୍ମଶାନ ବୈରାଗୀ', ସଂସାରରେ ଆମେ ଭୋଗୀ
ବୈରାଗ୍ୟ ଭାବନା କରୁଥିବା ସଦା, ନ ହୋଇପାରିବା ତ୍ୟାଗୀ । ୩୦

'ବିରାଗର ଭାବ ଅଟଇ ବୈରାଗ୍ୟ', ଏହା ତ ଶାସ୍ତ୍ରୀୟ ଜ୍ଞାନ
ଆର୍ଯ୍ୟ ସଭ୍ୟତାର ଶ୍ରେଷ୍ଠ ପ୍ରତୀକଟି, ତ୍ୟାଗ-ସଂଯମ ଓ ଧ୍ୟାନ । ୩୧

ପ୍ରବୋଧ ଚନ୍ଦ୍ର ମୁଦ୍ରା, ସାଙ୍କୁଡ଼ା, ଗଞ୍ଜାମ, ଓଡ଼ିଶା
ଭ୍ରାମ୍ୟଭାଷ : ୭୮୯୪୯୧୬୨୩୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପଥପ୍ରଦର୍ଶକ ମାନଙ୍କ ପାଇଁ ପଦେ...

ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁ ହିଁ ପୂଜ୍ୟ ଈଶ୍ୱର ଆମର ।
ଗୁରୁ ଆଶୀର୍ବାଦ ବିନା ଜୀବନ ଆମ ହୁଅଇ ଅନ୍ଧକାର ।।୧।।
ଅନଲାଇନ୍ ହଉ ଅବା ଅଫଲାଇନି ଦରକାର ଶିକ୍ଷକ ।
ଗୁରୁ ନୁହେଁ ଭବିଷ୍ୟତର ସେ ହିଁ ରକ୍ଷକ ।।୨।।
ଜ୍ଞାନ ସମୁଦ୍ରରେ ସର୍ବଦା ଭରି ଦିଅନ୍ତି ଜୁଆର ।
ଗୁରୁ ଆଶୀର୍ବାଦ ମିଳେ ସର୍ବଦା ଅପାର ।।୩।।
ଜୀବନ ଯୁଦ୍ଧରେ ଗୁରୁଙ୍କ ବିଦ୍ୟା ହିଁ ଶସ୍ତ୍ର ।
ଜ୍ଞାନ ପୀପାସୁ ପାଇଁ ତାଙ୍କ ଉପଦେଶ ହିଁ ଶାସ୍ତ୍ର ।।୪।।
ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଉପଇନ୍ଦ୍ର ନାମେ ଭଞ୍ଜନଗର ।
ଯେଉଁଠାରେ ଅଛି ଶିକ୍ଷକ ମାର୍ଗଦର୍ଶକ ସିଟି ସ୍କୁଲ ଆମର ।।୫।।
ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ତାର ନାମଟି ଜାଣ ।
ଶିକ୍ଷାଦାନ ସମସ୍ୟାର ଦିଅନ୍ତି ରାମ ବାଣ ।।୬।।
ପୋଥିଗତ ବିଦ୍ୟା ସହ ଶିଖାନ୍ତି ଜୀବନ ଦର୍ଶନ ।
ଗୁରୁଜନ ଆଶୀର୍ବାଦ ଥିଲେ ଜୀବ ହୁଏନି ମଳିନ ।।୭।।
ବିଦ୍ୟାଳୟ ନୁହେଁ ଏ ତ ପିଲାଙ୍କ ନିଜ ଘର ।
ସେଠି ସଭିଏଁ ଆପଣା କେହି ନୁହେଁ ପର ।।୮।।



ଏସ୍ ଶ୍ରୀମନ୍
ନାରାୟଣ ପାତ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଠିନ ବିଷୟକୁ ବି ବୁଝାନ୍ତି କରି ସରଳ ।

ଛାତ୍ରଛାତ୍ରୀ ନୁହେଁ ଆମେ ଯେମିତି ତାଙ୍କ ଅଲିଅଳ । ।୯ । ।

ପ୍ରତିଷ୍ଠାନର ମୁଖ୍ୟ ଅଟନ୍ତି ଶ୍ରୀମାନ ବିଜୟ ।

ଦାସ ସାର୍ ଙ୍କ ଆଶୀର୍ବାଦ କରେ ପରୀକ୍ଷାରେ ଅଜୟ । ।୧୦ । ।

ହସ ହସ ମୁହଁ ତାଙ୍କ ସମ୍ମାନ ଭରା ଡାକ ।

ମୂର୍ଖକୁ ବି ଜ୍ଞାନ ଦ୍ୱାରା ଦେବେ ବିବେକ । ।୧୧ । ।

ବିଷୟବସ୍ତୁର ଦିଅନ୍ତି ଟିକିନିଖି ଉଦାହରଣ ।

ସର୍ବଦା ଶିଷ୍ୟ ବନ୍ଦନ୍ତି ତାଙ୍କ ଚରଣ । ।୧୨ । ।

ସୂର୍ଯ୍ୟ ସମ ତେଜ ତାଙ୍କ , ସାର୍ ଉପାଧ୍ୟାୟ ।

ସାହିତ୍ୟିକ ଜ୍ଞାନ ଭଣ୍ଡାରର ସେ ହିଁ ଆରାଧ୍ୟ । ।୧୩ । ।

ଶବ୍ଦ ପ୍ରୟୋଗରେ ମହାରଥୀ ସେ ପରା ଧୁରନ୍ଧର ।

ପାଠ୍ୟଖସଡ଼ାର ଜ୍ଞାନ ତାଙ୍କ ପାଖେ ଅପାର । ।୧୪ । ।

ଇଂରାଜୀ ଜ୍ଞାନରେ ସେ ନିଜକୁ କରିଛନ୍ତି ପ୍ରବୀଣ ।

ତାଙ୍କ ଛାତ୍ରଛାତ୍ରୀ କେବେ ଭବନ୍ତିନି ନିଜକୁ ନବୀନ । ।୧୫ । ।

ଜୀବନର ମୂଲ୍ୟବୋଧ ଶିଖାନ୍ତି ଗୌରୀନନ୍ଦନ ।

ହୋତା ମହାଶୟଙ୍କ ପାଦ ତଳେ କରେ ବନ୍ଦନ । ।୧୬ । ।

ଅସୀମ ଜ୍ଞାନ ସହ ଅମାପ ତାଙ୍କ ଅଭିଜ୍ଞତା ।

ଦେଖିବାକୁ ଲାଗନ୍ତି ୩୦ ବର୍ଷୀୟ ସିନେ ଅଭିନେତା । ।୧୭ । ।

ମଣିଷ ଶରୀର ପାଇଁ ଦରକାର ଯେମିତି ଅମ୍ଳଜାନ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଖାଁ ଖାଁ ଲାଗେ ଦିନେ ଯଦି ନ ଆସନ୍ତି ଗୌରୀନନ୍ଦନ । ।୧୮ । ।

ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଶାନ୍ତ ସରଳ ସ୍ୱଭାବ ।

କୌଣସି ଜ୍ଞାନର ନୁହେଁ ତାଙ୍କ ପାଖେ ଅଭାବ । ।୧୯ । ।

ନିର୍ମଳ ହୃଦୟ ସହ ବନ୍ଧୁତାପୂର୍ଣ ଆଚରଣ ।

ଉଇକିପିଡ଼ିଆ ଗୁଗୁଲ ର ସର୍ବଦା କରନ୍ତି ଉଚ୍ଚାରଣ । ।୨୦ । ।

ଜ୍ଞାନର ଭଣ୍ଡାର ସମ ଅଟନ୍ତି ସେ ବିଜ୍ଞ ।

କୌଣସି ବିଷୟ ନାହିଁ, ଯେଉଁଥିରେ ଅନଭିଜ୍ଞ । ।୨୧ । ।

ସମସ୍ତଙ୍କ ଅତି ପ୍ରିୟ ସମ୍ମାନନୀୟା ହିନ୍ଦୀ ପ୍ରଶିକ୍ଷିକା ।

ସୁଭାସିନୀ ଦାସଙ୍କ ଯୋଗୁଁ ପରୀକ୍ଷାରେ ମାରୁ ଚଉକା ଛକା । ।୨୨ । ।

ସବୁଠାରୁ ଅଭିଜ୍ଞ ପ୍ରିୟ ସୁଭାସିନୀ ମାଆ ।

ଅସମୟରେ ମଧ୍ୟ ପିଲାଙ୍କୁ ହୁଅନ୍ତି ସାହା । ।୨୩ । ।

ହିନ୍ଦୀରେ ଯେ ମୁଁ ଥିଲି ଅକାଳ କୁଷ୍ମାଣ୍ଡ ।

ବର୍ଣ୍ଣମାଳା ଜାଣିନି ବୋଲି ବି ପାଇନି ଦଣ୍ଡ । ।୨୪ । ।

ବୟସର ଅପରାହ୍ନରେ ତାଙ୍କଠୁ ପାଇଥିଲି ପ୍ରେରଣା ।

ହିନ୍ଦୀ ମେମ୍ ଙ୍କ ଯୋଗୁଁ ସଭିଙ୍କ ମଧ୍ୟରେ ଭାବିନି ମୁଁ ଊଣା । ।୨୫ । ।

ପେଡାଗୋଜିକୁ କରିଛନ୍ତି ଆୟତ୍ତ ନିବେଦିତା ମେମ୍ ।

ପାଠ ସହ ସ୍ନେହ ଶ୍ରଦ୍ଧାରେ କେବେ କରନ୍ତିନି କମ୍ । ।୨୬ । ।

ସମାୟାନୁବର୍ତ୍ତୀତା ତାଙ୍କର ପ୍ରଧାନ ଗୁଣ ।

ଶିକ୍ଷା ଦେବା ପାଇଁ ସର୍ବଦା ଚଳଚଞ୍ଚଳ । ।୨୭ । ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟଞ୍ଜନର ସ୍ୱାଦ ନିମନ୍ତେ ଆବଶ୍ୟକ ଯେପରି ଲୁଣ ।
କେବେ ସୁଝିପରିବୁନି ତାଙ୍କ ଶିକ୍ଷାଦାନର ଋଣ ।।୨୮ ।।

ଶିକ୍ଷାନୁଷ୍ଠାନ ରୂପକ କୋଣାର୍କର ସେ ଧରମା ।
ଶବ୍ଦ କମ୍ ପଡିଯିବ ଯଦି ଦିଆଯାଏ ଉପମା ।।୨୯ ।।

ଭୂଗୋଳ ଜ୍ଞାନକୁ ଯେ କରିଛନ୍ତି ନିଜ ବଶ ।
ମମତା ମେମ୍ ଆମ କୃଷ୍ଣଙ୍କ ମୀରା ସଦୃଶ ।।୩୦ ।।

କଳା ସାହିତ୍ୟ ସୌନ୍ଦର୍ଯ୍ୟ ସଂସ୍କୃତି ତାଙ୍କ ଆୟତ୍ତ ।
ସର୍ବଦା ସ୍ନେହ ଫାଶରେ ଯେ ଆମକୁ କରନ୍ତି କୋଳାଗ୍ରତ ।।୩୧ ।।

ଉତ୍ତର ଆକାଶରେ ସେ ଯେ ଧ୍ରୁବତାରା ସଦୃଶ ।
ପିଲାଙ୍କୁ ଶିଖାନ୍ତି ସହଜରେ ଭୂଗୋଳର ଗୂଢ଼ରସ ।।୩୨ ।।

ବିଦ୍ୟାଳୟ କରିଛି ମୋ ପରିବାରର ସ୍ୱପ୍ନ ପୂରଣ ।
ମୋ ମାଆ ବି ନେଇଥିଲେ ସେଠୁ ପ୍ରଶିକ୍ଷଣ ।।୩୩ ।।

କ୍ଷମା ଦେବ ଏ ଅକିଞ୍ଚନକୁ କରିଅଛି ଦୁଃସାହସ ।
ଈଶ୍ୱରଙ୍କୁ କିଛି ଶବ୍ଦ ଦ୍ୱାରା ବାନ୍ଧିବାକୁ ତୁଚ୍ଛ ପ୍ରୟାସ ।।୩୪ ।।

ବଡଗଡ, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେବା ଓ ମମତାର ପ୍ରତିମା ନାରୀ

ଅରୀ ନୁହେଁ ସେ' ତ' ମହାନ ସର୍ଜନା,
ସ୍ୱର୍ଗୀୟ ଆତ୍ମୀୟ ସୁଧା ।
ଶକ୍ତି ମୁକ୍ତି ଭକ୍ତି ସାଥେ  ଅଭିବ୍ୟକ୍ତି,
ଆଦ୍ୟରୁ ସ୍ୱୟମ୍ ସିଦ୍ଧା ।୧ ।

ପ୍ରକୃତିର  ପ୍ରାକୃତିକ  ମହିୟସୀ,
ସୃଷ୍ଟି ସିଏ ଜୀବଦାତ୍ରୀ ।
ଗରିୟସୀ ଶକ୍ତିମୟୀ ସେ ଅଭୟା,
ପାଳିକା ସେବିକା ମୈତ୍ରୀ ।୨ ।

ସର୍ବାଗ୍ରେ ସ୍ଥିତ  ଅତ୍ର  ତତ୍ର ସର୍ବତ୍ର,
କୋଣେ ଅନୁକୋଣେ ସ୍ଥିତ ।
ଦଶ ଦିଶେ ମହିମା ତା'ର ବାଖ୍ୟାନ,
ସେବା ତ୍ୟାଗ ପରିବ୍ୟାପ୍ତ ।୩ ।

ହୁଏ ନାମକରଣ  ଅନେକ ନାମେ,
ସ୍ଥାନରେ କାଳରେ ପାତ୍ର ।



ବସନ୍ତ କୁମାର
ମହାପାତ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନେକ ସ୍ୱରୂପେ ଅନେକ ମର୍ମରେ,
ଧର୍ମ ତା'ର ସ୍ଥିର ମାତ୍ର ।୪ ।

ଧାରିଣୀ ଯୁକ୍ତିଯୁକ୍ତା ପ୍ରତି ନାମରେ,
ସ୍ନେହ ଶ୍ରଦ୍ଧା ଭକ୍ତି ସାଥୀ ।
ଏକ ସ୍ୱରୂପ ଶରୀର ଏକ ମନ,
ସଂକଳ୍ପ ପ୍ରତିଜ୍ଞା ମତି ।୫ ।

ଏକ ହୃଦୟ ଚିନ୍ତନ ଓ ମନ୍ଥନ,
କଲ୍ୟାଣ ଜଗତ ହିତେ ।
ଏକ ଦୃଷ୍ଟି ଏକ ଆଶା ଓ ଆକାଂକ୍ଷା,
ସମର୍ପଣ ଭାବ ଚିତ୍ତେ ।୬ ।

ବଦଳି ଯାଏ ଚରିତ୍ରର ସମୂହ,
ଲକ୍ଷ୍ୟ ସଦା ରହେ ସ୍ଥିର ।
ବଦଳଇ ଯାହା ସମ୍ପର୍କର ସୂତ୍ର,
ମନ ଧ୍ୟାନ ଏକ ଚିର ।୭ ।

ବଦଳଇ ଦାୟିତ୍ୱର ସମାହାର,
ସୋପାନ ସୋପାନ ହୋଇ ।
କନ୍ୟା ଅଲିଅଳି ପିତାମାତା ଗୃହେ,
ନାରୀଟିଏ ଜନ୍ମ ପାଇ ।୮ ।

କିଶୋରୀ ଯୁବତୀ ସ୍ୱରୂପା ଶୋଭିତା,
ଆଶା ଅସୁମାରୀ ଭରା ।
ପିତାମାତା ପରିବାର ଭାଇ ବନ୍ଧୁ,
ସବୁରିଙ୍କ ପାଇଁ ଆଶ୍ରା ।୯ ।

ଜନ୍ମଦାତ୍ରୀ ବାତ୍ସଲ୍ୟମୟୀ ଧାରିଣୀ,
ଗର୍ଭେରେ ରକ୍ତ ସିଞ୍ଚନ ।
ଦଶମାସ ଦଶ ଦିନରେ ପ୍ରସବ,
ଜନନୀ ନିଏ ଜନମ ।୧୦ ।

ମମତାର ଛାୟା ଆଚ୍ଛାଦନ ଦିଏ,
କୋଳର ଉଷ୍ମତା ସିଞ୍ଚେ ।
ସୃଷ୍ଟି କାରିଣୀ ମା' ଜୀବ ପ୍ରସବିନୀ,
ସ୍ତନ୍ୟ ପାନେ ଶିଶୁ ବଞ୍ଚେ ।୧୧ ।

ସୁଧା ଧାରା ପ୍ରଦାୟିନୀ ଶାବକରେ,
ହୁଏ ଶିଶୁ ପରିପୁଷ୍ଟ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶଶି କଳା ପରି ବଢ଼େ ଶିଶୁ ଦେହ,
ଧୀରେ ହୁଅଇ ବିଶିଷ୍ଟ ।୧୨ ।

ହୃଦୟେ ଲଗାଇ ରଖେ ସନ୍ତାନକୁ,
କ୍ଷଣେ ବି ନ'କରି ଦୂର ।
ରାତ୍ରୀ ରାତ୍ରୀ ଉଜାଗର ରହି କରି,
ପ୍ରହରୀଟିଏ ଶିଶୁର ।୧୩ ।

ପଣତ ତଳେ ଢାଙ୍କି ରଖେ ଶିଶୁକୁ,
କୁଦୃଷ୍ଟିରୁ ଦୁରେ ନେଇ ।
ଝାଡ଼ିଦିଏ ଦେହ ଧୂଳି କାନି ଦ୍ୱାରା,
ଅଝଟ ହେଲେ ବୁଝେଇ ।୧୪ ।

ଦାୟୀତ୍ୱ ନିର୍ବାହୀନି ସମାଜେ ବିଦ୍ୟା,
ପ୍ରଥମ ଶିକ୍ଷିକା ସିଏ ।
ଶିଶୁ ମୁଖେ ଅକ୍ଷର ବର୍ଣ୍ଣମାଳା ଗାନ,
ପରିବାର ବଢ଼େ ମାନ ।୧୫ ।

ବାନ୍ଧବୀ ସଙ୍ଗିନୀ ପ୍ରେରଣାର ସ୍ରୋତ,
ଶବ୍ଦ କୋମଳତା ତନ୍ତ୍ର ।

ସଖୀ ଅର୍ଦ୍ଧାଙ୍ଗିନୀ ମଧୁର ବାଦିନୀ,
ଦିଏ ଗତି ଜୀବେ ମନ୍ତ୍ର ।୧୬ ।

ପତନରୁ ଉଦ୍ଧାରଣ ପତ୍ନୀ ହୋଇ,
ନରକୁ ସୁଗତି ଦିଏ ।
ପତିବ୍ରତା ପବିତ୍ରତା ପାଳନରେ,
ସଦା ମନ ତା'ର ଥାଏ ।୧୭ ।

ନରର ଉନ୍ନତି ପଛରେ ଥାଇ ସେ,
ଅନୁପ୍ରାଣିତ କରଇ ।
ହାତ ତା'ର ସୁଲକ୍ଷଣୀ ବାର୍ତ୍ତା ସ୍ପର୍ଶ,
ଉତ୍ସାହ ପାତ୍ର ଭରଇ ।୧୮ ।

ଗଢ଼େ ଗୃହ କରି ନିର୍ମାଣ ମନ୍ଦିର,
ଏକ ସୂତ୍ରେ ବାନ୍ଧି ପାରେ ।
ମମତା ପରଷି ହସ ଅନ୍ୟ ମୁଖେ,
ସେହି ସବୁ ସୁଖ ତା'ରେ ।୧୯ ।

ବିପଦେ ରକ୍ଷାଦୀକ୍ଷା ମନ୍ତ୍ର କାରିଣୀ
ସାହା ହୁଏ ପଥେ ସଦା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାଧା ବିଘ୍ନ ଯାଏ ଅପସରି ଦୂରେ,
ଥାଏ ଯଦି ତା' ବରଦା ।୨୦ ।

ନଦୀ କବିତା ସରିତା କମଳିନୀ,
ଦୁଇ କୁଳର ଦୁହିତା ।
ପିତାମାତା ଘର ପତି ଘରଦ୍ୱାର,
ମାନ ନିମନ୍ତେ ଚିନ୍ତିତା ।୨୧ ।

ପ୍ରତି ସଫଳତା କାମନା କାରିଣୀ,
ଏକ ଏକ ସଦସ୍ୟର ।
ସମ୍ପର୍କର ମହାନତା ଚରିତାର୍ଥ,
ହୁଏ ପ୍ରତି ମୁହୂର୍ତ୍ତର ।୨୨ ।

ନିର୍ଝରିଣୀ ପ୍ରବାହିନୀ ଉପାସିନୀ,
ବ୍ରତ ଓଷା ଉପବାସ ।
ତ୍ୟାଗ ଅହିଂସା ନମ୍ରତାର ପ୍ରତୀକ,
ଭରେ ଶାନ୍ତିର ସୁବାସ ।୨୩ ।

ଅନ୍ନପୂର୍ଣ୍ଣା ଆଧାର ଅଧରେ ଦିଅଇ,
ଭୋକ ଶୋଷରୁ ମୁକତି ।

କୁଟୁମ୍ବଙ୍କ ମୁଖେ ଖାଦ୍ୟ ପରଷିବା,
ଦିବ୍ୟ ଶାନ୍ତି କରେ ପ୍ରାପ୍ତି ।୨୪ ।

ଜଳରେ ସ୍ଥଳରେ ନଭରେ ଥାଏ,
ରାଷ୍ଟ୍ର ଧ୍ୱଜା ଧରି ହସ୍ତେ ।
ସୈନିକଟିଏ ସାଜି ସ୍ୱୟଂ ଆଗକୁ,
ବୀରାଙ୍ଗନା ଦେଶ ହିତେ ।୨୫ ।

ନିଃସ୍ୱାର୍ଥର ବାର୍ତ୍ତାବାହୀ ସଫଳତା,
ତ୍ୟାଗ ସେବା ଧର୍ମ ତାର ।
ସଳିତାଟି ପରି ଦୀପକରେ ଥାଏ,
ଜଳି ଅମା କରେ ଦୂର ।୨୬ ।

କାନ୍ଧରେ କାନ୍ଧକୁ ମିଶାଇ ଚାଲିବା,
ଉନ୍ନତିର କଳ୍ପେ ସେହି ।
ନିଶ୍ଚୟ ସର୍ବ ଶ୍ରେଷ୍ଠ ଅବଦାନ ତାର,
କବି ସଦା ଏହା କହି ।୨୭ ।

ଦୁଃଖ ଶୋକ କଷ୍ଟ ଭରା ପଥ ତାର,
କେବେ ଏକା ଏକା ଲଢ଼େ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାପୁରୁଷତାର  ପରିଣାମ ତାରେ,
ତଥାପି ନ'ହାରି ବଢ଼େ ।୨୮ ।

ଲୋଲୁପ ଦୃଷ୍ଟିର  ଆକ୍ରମଣ ବଢ଼େ,
ତା' ଗର୍ଭରେ ଭ୍ରୁଣ ହତ୍ୟା ।
ଯାତନା କଥନ  ଗଞ୍ଜଣା ମନ୍ତ୍ରଣା,
ସହ୍ୟ କରେ ସବୁ ବାର୍ତ୍ତା ।୨୯ ।

ଲୋତକ  ଅଜାଡ଼ି   ଧୁଏ ଚଲାପଥ,
ନିତି ଅନଳ ପରୀକ୍ଷା ।
ଜୀବନ  ତା' ପରାଧୀନ  ଚତୁଃପାର୍ଶ୍ୱ,
ଅନ୍ୟ କରେ ତା' ସମୀକ୍ଷା ।୩୦ ।

ରାତ୍ରୀ ଦୁରେ ଥାଉ ଦିବାଲୋକ ମଧ୍ୟେ,
ଅତ୍ୟାଚାର ଅନାଚାର ।
କଷଣ  ହରଣ  ଲୁଣ୍ଠନ  ଆଘାତ,
ଅସଭ୍ୟତାର ବିଚାର ।୩୧ ।

ବସ୍ତୁ  ଭଳି  ହୁଏ ତାର  ବ୍ୟବହାର,
ଲାଭ କ୍ଷୟ ଅଙ୍କ କଷା ।

ଯୌତୁକ ଦାନବ  ଗିଳିଦେଇ ଯାଏ,
ଅସମୟେ ସବୁ ଆଶା ।୩୨ ।

କେତେ ଯେ ଯତନ ସାଧାନା ସେ' କରେ,
ପ୍ରସ୍ଫୁଟିତ ପୁଷ୍ପ ହୋଇ ।
ସେବାର  ସୁଗନ୍ଧ  ମହକ  ବାସଇ,
ସବୁ କିଛି ଅର୍ପି ଦେଇ ।୩୩ ।

ନୁହେଁ  ଆଜି  ଦୂର୍ବଳା  ଆଉ  ଅବଳା ,
ମାନସିକତା ବଦଳୁ ।
ସମ୍ମାନର  ପାତ୍ରୀ   ଶୁଭ ଦୃଷ୍ଟି ପାଉ,
ଉଚିତ ଆସନ ମିଳୁ ।୩୪ ।

ସେ' ସ୍ୱୟଂ ସୃଷ୍ଟି  ସ୍ୱୟଂ ସର୍ବ କାରିଣୀ,
ବିଦ୍ୟା ଧନ ବର ଦାତ୍ରୀ ।
ପୁଜନୀୟା  ବନ୍ଦିତା  ସେବିତା ସଦା,
ଦେବତା ଆଶିଷ ପ୍ରାପ୍ତି ।୩୫ ।

ଚନ୍ଦ୍ରପୁରା, ଝାଡ଼ଖଣ୍ଡ ।
ମୋବାଇଲ : ୯୪୭୧୩୦୬୮୧୨

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ଆମେ ତ ଗଲା ବୁଢ଼ୀ ହେଲୁଣି

ଆମେ ତ ଗଲା ବୁଢ଼ୀ ହେଲୁଣି,

ତୁମ ବେଳ କାଳ ଆସୁଛି.......

ଠିକରେ ଠକିଲେ ନାକରେ ପାଣି,

ଏ ଦୁନିଆ ପିଆଇ ଦେଉଛି..........

ଦିନ କଟୁଥିଲା ଦି ଖଣ୍ଡ ଲୁଗାରେ,

ପଖାଳ ଶାଗରେ ଶାନ୍ତି.......

କିରା ଟା ପାଉଛ ଫାଷ୍ଟ ଫୁଡରେ,

କି ଦେଇ କେଜାଣି ବନାନ୍ତି..........

କେତେ ରକମର ଅତର ଦେଖିବ,

ବାଙ୍କୁସ ଭରା ସଜବାଜ........

କ'ଣ ଗୋଟାଏ ଷ୍ଟାଟସର ଭାବ,

ଛାଡି ଦେଲେଣି ଲାଜ......

ଆଲୋ ଶୋଉଛ ରାତି ଅ-ଧରେ,

ଉଠୁଛ ବେଳ ଦି' ଘଡି......

ପଡିବ ଯେବେ ରୋଗ ବେମାରେ,

ମନେ ପକେଇବ ଏ ବୁଢ଼ୀ.......



ଲିମନ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କି ସଂ-କ୍ରାନ୍ତି  ପୂନେଇଁ, ଅମେଇସିଆ,

ତିଥ ବାର ହେତୁ ଭୁଲି......

ଆଇଁଷ ଗିଳୁଛ ଅମୃତ ଭଳିଆ,

ନାଆଁକୁ ଯା'  ହୁଳହୁଳି.......

ଟିକିଏ କରଲୋ ଧରମ କରମ,

ଭଲ ମନ୍ଦ ବାଣୀ ଜାଣି.......

ହେଜୁଥାଅ ତିଳେ  ଭକ୍ତି ଜ୍ଞାନପ୍ରେମ,

ହୋଇବଲୋ ରାଜା ରାଣୀ......

ଆମେ ତ ଗଲା ବୁଢ଼ୀ ହେଲୁଣି........

ଢେଙ୍କାନାଳ, ଦୂରଭାଷ : ୭୮୯୪୫୮୫୭୦୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନାମ କବିତା

ତିଳ ତିଳ କରି ଜାଳିବ କି ମୋତେ !

ଘୃଣା ଆଉ ବିଷ ଭରିଛ ମୋ ପାଇଁ ଏତେ

ଭେଦୁଛ ନିତି ସ୍ୱର ରୂକ୍ଷତାର

ଥରୁଛି ସ୍ପନ୍ଦନ ପ୍ରତି ମୁହୂର୍ତ୍ତର

ସନ୍ଧାନ କରିନି କେବେ ସେ ଭୁଲର

ପ୍ରତ୍ୟାଖ୍ୟାନ କରୁଛ ପ୍ରତି ନିଶ୍ୱାସର

ରହିଲା ଏତିକି ଆକୁଳ ନିବେଦନ

ପାତିବ କର୍ଣ୍ଣ ଶୁଣିବାକୁ ମୃତ୍ୟୁ ସମ୍ୱେଦନ

ଗୁହାରି ଏତିକି ଶ୍ରୀଛାମୁ ପୟରେ

ଆର ଜନମରେ ଭେଟ କରିବନି ତା ସାଥିରେ ।



ସୋନାଲି ଗଡ଼ନାୟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନାମ କବିତା

ମେଘୁଆ ଏ ଆକାଶରେ ଜହ୍ନ ଟିଏ ମୁଁ

ଶୀତଋତୁ କୁହୁଡିରେ ସୂର୍ଯ୍ୟାଲୋକ ମୁଁ

ଅସହ୍ୟ ନିଦାଘ କାଳେ ବର୍ଷା ଟୋପା ମୁଁ

ସୁଗନ୍ଧିତ କୁସୁମର କଢିଟିଏ ମୁଁ

ମନ କିଣିନିଏ ଯେ ସେ ମିଠାସ୍ୱର ମୁଁ

ଆଖିକୁ ପସନ୍ଦ ସ୍ୱପ୍ନସୁନ୍ଦରୀ ଟେ ମୁଁ

ତଥାପି,

ଜନମ ପୁର୍ବରୁ ଆଖି ବୁଜିଦିଏ ମୁଁ

କାରଣ ,

ଆଜିକାଲି ଦୁନିଆରେ ଝିଅଟିଏ ମୁଁ...



ରାଜେଶ ଭୌମିକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶବଦ୍ ରାଏଜ୍

ଶବଦ୍ ରାଏଜେ ଜନମ୍ ଆମର୍
ଇ' ରାଏଜେ 'ଭାଷା' ଆମର୍ "ମାଁ"
ଭିନ୍ ଭିନ୍ ରାଏଜେ କେତେ ମଧୁର୍
କେତେ ଅଏନ୍ ଭିନ୍ ଭିନ୍ ଭାଷା
ହେଲେ, 'ଭାବ୍' ଟା ଆଏ ଗୁଟେ
ସମକିରର୍ ହୁରଦେ ଲେଖା ,
ଯବର୍ ଭାବର୍ ଶବଦ୍ ନିଦାନେ
ହର୍ ଭାଷାର୍ ପେହେଚାନ୍
ଭାଷାର୍ ବଲେ ମୁନୁଷ୍ ଜାଏତ୍
ଜୁନହାଁ ଫରଦେ ତାର୍ ନାଁ' ,
ନି 'ଆଏଲେ କିନ୍ଦରୀ ଶବଦ୍ ରାଏଜେ
ପାଏବ କାହିଁ ଭାଷାର୍ ମାଏନ୍
ଭାଷାର୍ ବଲେ ଉତରେନର୍ ପେହେଚାନ୍
ଇତାର୍ ବଲେ ମାଁ" ମାଏଟ୍ ଧଏନ୍ ,,



ସୁନୀଲ କୁମାର ଅଗସ୍ତି

ଟିଟିଲାଗଡ଼, ବଲାଙ୍ଗୀର

ମୋ/୭୭୩୪୮ ୭୬୭୪୯


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେତା

ମନ୍ କହେ ଇଟା ସେଟା

ଇଟା ହେଲେ ହେତା ସେଟା ହେଲେ ହେତା,

ହେଲେ ତର୍ ଅଜା ବଡୁ ତେପନ୍ ପୁରଷା

କହିଥିଲେ ଯେନ୍ କଥା,

ଭୁଲି ଗଲୁ କାଏଁ ପୁତା

ହେତାରେ ବାବୁ ହେତା......

ଡାଲ୍ ପତର୍ କୁରିଆ ଠାନେ

ରହୁଥିଲେ ଅଜା ବଡୁ ସେନେ

ଝରୁଥିଲା ବରଷା ପାନି

ରାତି ସାରା ଆଁଖି ଝୁମରାକେ କାଟି

ହଉଥିଲେ ହୁରୁଗୁନି

କର୍ ତ ଟିକେ ଚିଁତା......

କରିଆ ଖଣେଁକେ ଅଂଗଛି ଖଣେଁ

ପିଁଧି ପିଁଧି କରି ବଛର୍ ଗନେ

ନାଇଁ ମିଲବାର୍ କୁରତା

ମାଏପୋ ପିଁଧୁଥିଲେ କପଟି ବଲି



କୌଶିକ୍ ସାହୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଇହାନି କହୁଁ କପଟା

ପରେ ଆଏଲା ବପତା.....

ଆଗେ ଖାଉଥିଲେ ଝାରି, ଗୁରଜି

ମଡିଆ, କୁଦୋ ଆନଲେ ଖଂଜି

ଥିଲା ଲୁକର୍ ଚଉଲ୍

ପୁରା ବାଁଧିକରି ରଖିଥିଲେ ଘରେ

ଚାହାଁର୍ କେଁଦୁ ଟଉଲ୍

ତୁନ୍ ବଲି ଖୁଦ୍ ଲେଥା......

ଚାଲି ଚାଲି କରି ଦିନଟା ଯାଏ

ଗାଡି ମଟର୍ ଭାଇ କାହିଁ ନୁହେଁ

ଥିଲା ଶଗଡ୍ ଗାଡ଼ି

କୁନୁଆ ଗଲେ ଦୁରିଆ ଗାଁଆକେ

ବେଲ୍ ଯଉଥିଲା ବୁଡି

କରନ୍ କୁନୁଆ ମାନତା.....

ଝାର୍ ଜଂଗଲ୍ କାଟି ପଡିଆ ଭୂଇଁ

ପଡିଆ ଭୂଇଁକେ ମାଏଟ୍ ବୁହି

ସାଜି ଥିଲେରେ ଜମିଁ

ସେ ଜମିକେ କମେଇ ଖାଉଛେଁ

କେନତେଇ ଭୁଲିଯିମି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବଲେ ଲାଗେ ଅଥା.....

ଟଁକାକେ ଥିଲା ବାର ଅଡା ଧାନ୍

ମାନେ ନାପଲେ ହେସି ତିନ୍ ମାନ୍

ମହରଗର୍ ପଏସା

ମୁଗ୍ ନାପି କରି ବିରି ଦେଉଥିଲେ

ହିସାବ୍ ଥିଲା ପରଛା

ଘିନା ବିଚନାର୍ କଥା......

ଢେଁକି କୁଟଲା ଚାଉଲର୍ ଭାତ୍

ଉଖଲାଥି କୁଟା ଚୁରା ସୁଆଦ୍

ଖାଉଥିଲେ ପେଟେ ପେଟେ

ଯେତେ ଖାଏଲେ ଭି ଅମାରକ୍ ନାଇଁ

ଏଭେ ନାଇଁ ମିଲେ ମୁଟେ

କହିଥିଲେ ଆଇ-ମାତା.....

ହେତାରେ ବାବୁ ହେତା

ତର୍ ଅଜାବଡୁ ତେପନ୍....... ।

ଭେଜିପଦର, ଘୁନସର, ବଲାଙ୍ଗିର

ମୋ.ନଂ : ୭୦୦୮୫୯୧୦୭୨

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବହି

ଅଖର୍ ମାନକୁ ସଜେଇ ଦେଲେ
ଶବଦ୍ ଗୁଟେ ହେସି,
ଶବଦ୍ ମାନକୁ ଧାଡିଏ ସଜାଲେ
ଫରଦ୍ ଗୁଟେ ବନ୍‌ସି ।
ଫରଦ୍ ମାନକୁ ବାନ୍ଧି, ଗଥି ଦେଲେ
ବହି ଗୁଟେ ହେସି,
ପାଠର୍ ଦେବୀ ମାଁ ସରସତୀ
ସେନେ ଥିସନ୍ ବସି ।
ବହି ହଉଛେ ଜ୍ଞାନର୍ ଭଁଣାର୍
ଝରାସି କେତେ ଜ୍ଞାନ,
ବହିର୍ ଜ୍ଞାନ୍ ଠିକସେ ପାଏଲେ
ସଭେ ହେସନ୍ ସିଆନ୍ ।
ରାମାଣ୍, ମହାଭାରତ୍ ପୁରାନ୍ ବହି
ଶ୍ରୀମଦ୍ ଭାଗବତ୍, କୋରାନ୍,
ତୁଳସୀ ଦାସର୍ ତୁଳସୀ ରାମାଣ୍
ବେଦ୍, ନରସିଂହ୍ ପୁରାନ୍ ।



ବିଶ୍ବନାଥ ସେଠୀ

ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

ଆହୁରି ଏନ୍ତା କେତେନି ନାମେ

ରହିଛେ ଗୁରଦୁ ବହି,

ସବୁ ବହିଥୁ ବୁଦ୍ଧି, ଜ୍ଞାନର୍

ଝରନା ଯାଏସି ବୁହି ।

ଋଗ୍, ସାମ୍‌ବେଦ୍, ଯଜୁ, ଅଥର୍ବ୍

ଲେଖଲେ ପରମପିତା

ବେଦର୍ ଜ୍ଞାନକେ ଆହରନ୍ କଲେ

ହେମା ଜଗତଜୀତା ।

ଭାବ୍ ଥାଇକରି ପଢ଼ଲେ ବହି

ଜ୍ଞାନ ଗଙ୍ଗା ବୁହିସି

ଭାବ ନେ ଥାଇ ଯେତେ ପଢ଼ଲେ

ସବୁ ବେକାର୍ ହେସି ।

ଯେ ବୁଝଲା ବହିର୍ ମହିମା

ସେ ଅସଲ୍ ଜ୍ଞାନୀ

ପାଠରୂପୀ ଧନ୍ ଯାର୍ ନେ ଥିସି

ସେ ହିଁ ପର୍କୁତ୍ ଧନୀ ।

ଗାଁ: ଶଙ୍କରା, ସୁବର୍ଣ୍ଣପୁର, ଓଡ଼ିଶା

ଭ୍ରାମ୍ୟଭାଷ : ୯୫୫୬୯୯୩୮୯୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଏଲାରେ ନୂଆଁଖାଇ

ଆଏଲାରେ ଆଏଲାରେ ନୂଆଁଖାଇ ତିହାର
ହାତ ମିଲାମୁଲି ଗଲେ ଲଗାଲୁଗି କରମା ଭାଇ ଜୁହାର ।
ପଶ୍ଚିମ ଓଡ଼ିଶାର ବଡ଼ ପରବ ଆଏଜେ ନୂଆଁଖାଇ
ତାମିଲନାଡୁରେ ଥକି ଗୁଜରାଟରେ ଥ ଜିମା ଘରକେ ଧାଇଁ ।

ନୂଆଁଖାଇ ଦିନେ ନୂଆଁଚୁରା
ଘରକେ ରଖମା ସଫା ସୁତରା ।
ଗାଏଲା ବଡ଼ ରସରକେଲି ତାର ସାଙ୍ଗ ଡାଲଖାଇ
ସରିଆଁ ଧାନର ନୂଆଁ ଚୁରା ଧୁକାମାରେ ସାଇଁ ସାଇଁ ।



ସମଲେଇ ଗୁଡ଼ିନେ ମଙ୍ଗଲା କୁଠିନେ ନୂଆଁଚୁରା ଦେମା ଚଢେଇ
ଗୁଟେ ହେଇ ଖାଏମା ନୂଆଁ ମିଲିମିଶି ଭାଇ ଭାଇ ।
ଭାଇ ଭାଇ ଭିତରେ ପିଟାମରା ଗାଲି ଗୁଲମାଲ୍ ଯେତେ
ନୂଆଁଖାଇ ତିହାର୍ ମିଟେଇ ଦେସି ସମ୍କୁ କରସି ଗୁଟେ ।

ଡୁଲାମଣି ସେଲମା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୂଆଁ କପ୍‌ଡ଼ା ପିନ୍ଧି ନୂଆଁ ଦିଶୁଥିମା ନୂଆଁଖାଇର୍ ଦିନେ
ବୁଲି ବୁଲି ଜୁହାର୍ କର୍‌ମା ବଡକେ ସାନମାନେ ।
ଦୁଃଖେ ନାଇ ରହୁ କାହାର୍ ମନ ଗୁହାରି କରୁଛେ ମା ତତେ
ମିସେଇ ଦେ ମାଁ ମନକେ ମନ୍ ନୂଆଁଖାଇ ଦିନେ ସତେ ।

ପଲେଇ ଜଉ ହିଁସା ଅହଁକାର
କରିଦେ ମାଁ ଟିକେ ଦୟା ।
ଆସିଛେ ସତେ ନୂଆଁଖାଇ ତିହାର୍
ତିହାର ଭିତରେ ରଜା ।

ବାବୁକେଲଗାଁ, ବଲାଙ୍ଗିର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୂଆଁଖାଇ ଜୁହାର୍

ବର୍ଷଟେ ସଥେ କିହିରି ବୁଲିକରି
ନୂଆଁ ଧାନ୍, ନୂଆଁ ଉସତ୍ ଧତି, ନୂଆଁ ଆନନ୍ଦ୍ ନେଇ
ଆସିଚେ ଆମର୍ ଇ ତିହାର୍
ଜୁହାର୍ ଗୋ ଜୁହାର୍ ନୂଆଁଖାଇ ଜୁହାର୍ ।
ଘର୍ ଦୁଆର୍ ସବୁ ଲିପିଘଷି କରି
ନୂଆଁ ନୂଆଁ ବେଶେ ସଜେଇ ହେଇକରି
ମାନମା ଆମେ ଇ ତିହାର୍
ଜୁହାର୍ ଗୋ ଜୁହାର୍ ନୂଆଁଖାଇ ଜୁହାର୍ ।
ଖିରି ପୂରୀ ସାଙ୍ଗେ କେତେ ମଡାପିଠା
ଭାତ୍ ଦେଲ୍ ଭଜା ଆଉ ତର୍କାରୀ ଖଟା
ଘରେ ଘରେ ହେଇଛେ ତିଆର୍
ଜୁହାର୍ ଗୋ ଜୁହାର୍ ନୂଆଁଖାଇ ଜୁହାର୍ ।
ଯିଏ ଜେନୁ ଥିଲେ ବି ଇ ଦିନେ
ପଳେଇ ଏସନ୍ ନିଜର୍ ଘର୍ କେ
ଛାଡିକରି ସବୁ କାମ୍ କବାର୍
ଜୁହାର୍ ଗୋ ଜୁହାର୍ ନୂଆଁଖାଇ ଜୁହାର୍ ।



ମାଧୁରୀ ମେହେର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୂଆଁଖାଇ ନୂଆଁ ଧାନ୍ ଟିକେ ଖାଇଦେଲେ

ରୁସା ଫୁଲା ମନ୍ ଭିତ୍ରେ ଉଭେଇ ଜେଶି ଥିଲେ

ଜୁହାର୍ ଗୋ ଜୁହାର୍ ନୂଆଁଖାଇ ଜୁହାର୍ ।

ନୂଆଁଖାଇ ନୁଆଁ ଧାନ୍ ଏନ୍ତା ମଧୁର୍ ଲାଗ୍‌ସି

ବାପ୍ ବୁଢାକର୍ ଆଶୀର୍ବାଦ୍ ଆମକୁ ଆନିଦେଶି

ସବ୍ କର୍ ଭିତ୍ରେ ଆନ୍ ସି ଭାଇଚାରା

ଜୁହାର୍ ଗୋ ଜୁହାର୍ ନୂଆଁଖାଇ ଜୁହାର୍ ।

ହାତିସର୍, ଭଟଲି, ବରଗଡ଼ ଜିଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୂଆଁଖାଇ ଜୁହାର୍

ମାଘ୍ ଗଲେ ଫଗୁନ୍ ଗଲେ ଆଏଁସି ଭୋଦୋ ମାସ୍
ଭୋଦୋମାସର ଶୁକ୍ଲପକ୍ଷ ପଞ୍ଚମୀତିଥି ଆମର୍ ଲାଗି ବଡେ ଖାସ୍ ।
ଇ ଦିନ୍ କେ ଜଗିଥିସି ପଶ୍ଚିମଓଡିଶା ଚାଷୀ
ତାର୍ ସୁନାଫସଲ୍ ଦେଖି ହେଉଥିସି ବେଶୀ ଖୁସି ।
ଇ ତିହାର୍ ଆଗ୍ରୁ ପଶ୍ଚିମଓଡିଶାର୍ ଗାଁ, ଗାଁରେ ବସିଥିସି ସଭା
ଗାଁର ଗଁହଁଟିଆ ପରମ୍ପରା କଥା କହି କରିଦେଶନ୍ କାବା ।
ଇ ତିହାର୍ ଆଗ୍ରୁ ଘରେ ଘରେ ଚାଲିଥିଲି ମେଟ୍ ଲିପାପୋଛା
ବଜାର୍ ଦୋକାନ୍ ନେ ପ୍ୟାଣ୍ଟସା,ସାଟ୍ ଚାଲିଥିଲି ବଛା ।
ନୂଆଚୁଡା ସାଙ୍ଗେ ତିଆରି କରୁଥିସନ୍ କୁରେ ପତର୍ ଖୁଲି
ଘରର୍ ମୁଖିଆ ନୂଆଚୁଡ଼ାକେ ବାଣ୍ଟୀଥିସନ୍ ହାତେ ଧରି କୁରେପତର ଖୁଲି,
ବାଣ୍ଟିଥିସନ୍ ମା ସମଲେଶ୍ୱରୀଙ୍କେ ମୁଣ୍ଡିଆ ମାରି ମୁଣ୍ଡିଆ ମାରି ।
ଇ ତିହାର୍ ନେ ବସିଥିସୁଁ ଗୋଟେ ଠାରେ ବାପା,ମା, ଭଏଁନ୍,ଭାଇ,
ଇ ତିହାରେ କେ କହିଥିସୁଁ ନୂଆଁଖାଇ ହୋ ନୂଆଁଖାଇ ।
ନୂଆଁଖାଇ ଭୋଗ୍ ସାର୍ଲେ କହିଥିସୁଁ ସବ୍ କେ
ପଶ୍ଚିମଓଡ଼ିଶାର୍ ତିହାର୍ ଭିତ୍ରେ ତିହାର୍
ନୂଆଁଖାଇ ଜୁହାର ହୋ ନୂଆଁଖାଇ ଜୁହାର ।




କ୍ଷିରସିନ୍ଧୁ ନାଏକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନୂଆଁଖାଇ ଗୀତ ,କବିତା କବି ଲେଖୁଥିସନ୍ ବସି
ନୂଆଁଖାଇ ସକାଲ୍ ପାଏଁଲେ ମାନ୍ସୁଁ ନୂଆଁଖାଇ ବାସି ।
ନୂଆଁଖାଇ ବାସିଦିନେ ମାରିଥିସନ୍ କେତେ ମେଲ୍ଛା କୁକ୍ଡା
ଇ ଦିନର ନେ ମିଲିଥିସନ୍ ମଦ୍ ସାଙ୍ଗେ କୁକ୍ଡା ଗଞ୍ଜୀ ସାଙ୍ଗ ଓକ୍ଡା ।
ଗାଁର୍ ଲୁକେ ଗାଁ ଖୁଲିନେ କରୁଥିସନ୍ କେତେ ମଜା
ମଦୁଆ ମଦ୍ ପିକରି ଗାଁର୍ ନାଲେ  ପାଉଥିସି ତାର ସଜା ।
ବରଷ୍ କେ  ଥରେ ଆଏସି ଇ ତିହାର
ନୂଆଁଖାଇ ଜୁହାର ହୋ ନୂଆଁଖାଇ ଜୁହାର ।
ବୁଢ଼ା ବୁଢ଼ିଙ୍କେ  ମୁଣ୍ଡିଆ ମାର୍ ଲେ କହିଥିସନ୍
ବଚିଁଥିଲେ ଦେଖାହେମା ଆର୍ ବରସ୍ କେ ପାଲ୍ଲା ଇ ତିହାର୍ ।
ସବ୍ କେ ମୁଇ କ୍ଷିରସିନ୍ଧୁ ନାଏକ କହୁଛେ
ନୂଆଁଖାଇ ଜୁହାର ହୋ ନୂଆଁଖାଇ ଜୁହାର  ।

ଗ୍ରାମ-ପିପଲଝାପର, ପୋଷ୍ଟ ଅଫିସ୍-ଗୋତମୁଣ୍ଡା
ଭାୟା-ପର୍ଲା, ଜିଲ୍ଲା-କଳାହାଣ୍ଡି
ପିନ୍ ନଂ-୭୬୬୧୦୩
ଫୋନ୍ ନଂ-୭୭୪୯୯୩୦୧୪୭, ୮୭୬୦୩୪୮୫୬୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୂଆଁଖାଇର୍ ବାସି

ନୂଆଖାଇ ର୍ କଥା ସବେ କହେସନ
କିହେ ନି ଥାଅନ ବାକି
ବାସି ଦିନ ଟା ମାଉସି ପୁଓ ଯେ
ଉଢ଼ାରେ ଯାଏସି ଲୁକି
ଉସତ ମାଡ଼ କେ ସବୁ ଲୁକର
ମନ ଯାଉଥିସି ହଜି
ଗାଁ ଖୁଇଲ କେ ବହାରୁନ ସାଏର
କେତେ ଦେଖବୁ ମେଲଛା ଗରରା ଭେଜି
ଯାହିଁ ଦେଖବୁ ହୁଦା ହୁଦା
ଲୋକ୍ ହେଇଥିସନ ଠିଆ
ପଚରା ଉଚରା ଭିତରେ ଭିତରେ
ଗୁଟେ ନ ଖାଏଲ କାଏଁ ନୁଆ
ପୂଜାଧଜାର୍ ଚିନ୍ତା ନି ଥାଏ
ଫୁଲ ଉସ୍ତାର୍ ଇ ଦିନେ
କୁକୁରା ଡକାନୁ ପଲେଇ ଯିବେ ଯେ
ଯାହିଁ ତାହିଁ ଅନେବନେ



ଅରୁଣ କୁମାର ଭୋଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଢେଁକି କୁଟା ଚଉଲର୍ ପିଠା ମଡ଼ା

ବନାସନ ମାହେଜି ମନେ

ଝି ବୁହେନ ମନେ ବାଟ୍ ଦେଖୁଥିବେ

ନେଇ ଦେସୁଁ ଫେର ଝନେ

କୁନୂଆ କରବେ ଗହକି ମନେ

ପଚରାବେ ରାଏତ ସରତା

ଘରର୍ କଥା ଟା ସୁନଲା ଉତାରୁ

ମନ ହେସି ତାକର୍ ପଏରଛା

ନୂଆଖାଇ ଭେଟର୍ ଅସଲି ମଜା

ଦେଖବୁ ବେଲବୁଡ଼ିଆ

ମହୁଲି ସାଙ୍ଗେ ଦେଶୀ ଚାଖନା

ଇଂଲିସ ସୁନବୁ କି ଉଡ଼ିଆ

ଘୁରି ବୁଲୁଥିବେ ଧୁବା ଚଅକିଦାର

ବଛରକିଆ ଖରଚା ବାରଚାର୍ ଲାଗି

ଖାକେ ଛତା ହାତେ ମୁନା ଧରି

ଘର ଘର ଜୁଗି ଜୁଗି

ଗାଲି ଝଗର ଆମେ କିହେ ନି ହଉଁ

ଚାଲ ସଭେ କିରିଆ ଖାଉଁ ଆଜି

ମଦ ପାଏନ ସାଙ୍ଗେ ଉସତ ଆନନ୍ଦ ଥି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପରବ ଥି ଯଉଁ ହଜି

ଆମେ ପରେ ସବେ ଭାଇ ଭାଇ ଆଉଁ

ଆମର ଲାଗି ଇ ନୂଆଖାଇର୍ ବାସି

ଏନତା ହିସାବେ ମାନୁଁ ଯେ

କାହାରିର୍ ନି ହଉ କ୍ଷେତି

ଧଉରାଦାଦର୍,ରାମପୁର୍,ବଲାଙ୍ଗୀର

ମୋ-୯୯୩୮୧୩୨୩୪୫

Magazine Downloaded from www.aahwaan.com

# ଘରେ ରହେମା, ଭଲେ ରହେମା

ଘରେ ରହେମା, ଭଲେ ରହେମା ନାଇଯାଉ ବାହାର୍
ସାଗୁନ୍ ଥି  କୁଡେ ସେକେଣ୍ଡ ହାତ୍ ଧୁ ଥିମା ବାର୍ ବାର୍
ମାସ୍ କ୍ ପିନ୍ଧମା, ହାତ୍ ନାଇ ମିଲେଇ କର୍ ମା ଜୁହାର୍
ହାତ୍ ଜୁଡି ଜୁହାର୍ କର୍ ବାର ଆଏ ଆମର୍ ସଂସ କାର୍ ।

ଦୁକାନ୍ ବଜ଼ାର୍  ଅଫିସ୍  ହଉ କି ଏଟିମ୍ କାଉଣ୍ଟର୍
ସାମାଜିକ୍ ଦୁର୍ ତା ରଖ୍ ମା ଆମେ, ମାନ୍ ମା ନିୟମ୍ ସର୍ କାରର୍
ନିଜେ ରହେମା ତର୍ କି କରି,କର୍ ମା ସଚେତନ୍ ଘର୍ ଘର୍
ବେମାରି କେ ନାଇ କରି ଅନାଦର, ଭଗାମା କରୋନା ବେମାର୍ ।



ନାଇନ କିଛି ଭେକ୍ ସିନ୍ ଜେ, ଠିକ୍ କର୍ ବା କରୋନା
ଥଣ୍ଡା, ଖାସି, ଜର୍ ହେଲେ ଜିମା ଡାକ୍ତର୍ ଖାନା
ପଜିଟିଭ୍ ହଉ କି ନେଗେଟିଭ୍, ଟେଷ୍ଟ କର୍ ବା କେ ନାଇକରୁ ମନା
ଉସୋଖାଇ, ଅଲଗ୍ ରହି, ଭଗାମା ବେମାର୍ କରୋନା ।

ରମଣୀକାନ୍ତ ସାହୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭୁଜିଭାତି, ସାଙ୍ଗ୍ ସାଥି, ଭେଟ୍ ଘାଟ୍ ନୁ ରହେମା ଦୁର୍

ଭାବର୍ ବଂଧନ୍ ବର୍ କସ କର୍ ମା, ଭାବ୍ ଦିଆନିଆ ସଂସାର୍

ଜତନ୍ ନେମା ଆମେ, ଛୁଆପିଲା, ସିଆନସୁଜନ ମାନ୍ କର୍

ଦେସୁ ଭଗାମା କରୋନା ବେମାର, ମିଲିମିଶି ଜନ୍ ତା ଆଉ ସର୍ କାର୍ ।

ଡାକ୍ତର, ନର୍ସ, ପୁଲିସ, ସଫେଇବାଲା ଆଉ ଅଙ୍ଗନ୍ ବାଡ଼ି ୱାର୍କର୍

ସରପଞ୍ଚ୍, ଜିଲାସାହେବ ନୁ ଜେତ୍ କି ଅଛନ୍ ଅଫିସର୍

ଦେସ୍ ସେବା ଥି ଲାଗିପଡିଛନ୍ କରି ନିଜ୍ କେ ଆଗଭର୍

ଘରେ ରହି ଆମେ ଲଢମା, ବଢାମା ତହିଁ କ୍  ତାକର୍

କରୋନା ହାର୍ ବା, ଆମେ ଜିତ୍ ମା, ଅଛେ ବିଶ୍ୱାସ୍ ଆମର୍ ।

କତରବଗା, ସମ୍ବଲପୁର

ମୋ :୯୪୩୭୭୩୬୬୧୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସକାଲ୍

ଲାଲ୍ ରଂଗେ ସଜେଇ ହେଇଛେ,
ସୁରଜ୍, ଗର୍'ମାଗରମ୍ ଲଡୁ ଲେଖେଁ ।।
ସକାଲ୍ ସକାଲ୍ କିଏ ରଖି ଆଇଛେ,
ତା'କେ ଆକାସର୍ ଥାଲି ନେ ।।
ଅନ୍ଧାର୍ ମିଟମିଟା ଆଏଁଖ୍ ଖୁଲୁଛେ,
ଚେରେ କେଡ଼େ ମନ୍'ଛୁଆଁ ଶବଦ୍ କରୁଛେ ।।
କଲାଭମର୍ ଗୁନ୍'ଗୁନଉଛେ,
କଅଁଲିଆ ଫୁଲେ ଯାଇ ବସୁଛେ ।।
ପର୍'ଜାପତି ଦଲେ ଉସତେ ଆଏଲେ,
ଫଟ୍'କେଇ ଫଟ୍'କେଇ ଡ଼େନା ।।
ମହୁମାଛି ଦଲେ ମହୁ ନେଇ ଗଲେ,
ହେଇକରି ଉସତ୍'ମନା ।।
ଉଠ୍ ଉଠ୍ ତୋର୍ କାମ କରି ଚାଲ୍,
ତେହେଁରୁ ଆଗ୍'କେ ବଢ଼ବୁ ।।
ନା'ହେଲେ ତୋର ପଛେ ପଡ଼ବା କାଲ୍,
ଏନ୍'ତା ଜଧି ସୁଇଥିବୁ ।।



ଭବାନୀ ଶଙ୍କର ପଟେଲ
ସ୍ନାତକୋତ୍ତର ହିନ୍ଦୀ ବିଭାଗ ଛାତ୍ର, ରାଜେନ୍ଦ୍ର ବିସ୍ୱବିଦ୍ୟାଳୟ,ବଲାଙ୍ଗିର
ମୋ-୮୨୪୯୦୪୭୦୭୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଠେଂଗୁଆ ଅଭାବ୍

ଖାଏଲା ପିଇଲା ଘରର୍ ଲେଖେଁ
ଦିହ୍'ଟା ସିନା ଚିକନ୍ ଚାକନ୍ କେତେ,
ଦିହିର୍ କଥା ଦିହେ ଥାଉ ଦିହିଟା ସିନା ଅଛେ
ଇ ଦିହର୍ ବିଲ ଇ ବଏସେ ଅଭାବ୍ କେତ୍'ନି କେତେ ।।

କାଏଁ ଟା ସେଟା ?
କଥା ଟା ଇଟା .....
ଚାକ୍'ରିଆ ବାବୁ ଆମର୍ ଗାଁନେ ଭଡା ରହୁଛେ
ଦେହ୍'ଟା ତାର୍ ଫିଟିଙ୍ଗ୍ ଫାଟିଙ୍ଗ୍ ଏକ୍'ବାରି ସତେ,
କଅଁଲି ବଏସେ ନକ୍'ରି ପାଇଛେ
ଠେଂଗୁଆ ଦେଖି ମୋର୍ ସଂଗେ ବିଲ ସାଂଗ୍ ହେଇଛେ ।।



ମନୋଜ କୁମ୍ହାର

ପେଣା ପେଣା ନୋଟ୍ ସୁନ୍ଦର୍ ତାର୍ ହାତେ
କାଁ ବଲି କହେମି ସତେ ?
ତାର୍ ଚିପା ଜିନସ୍ ଢିଲା କୁର୍'ତା ସବୁ ଲାଗ୍'ତା ମତେ,
ତା'କେ ଦେଖ୍'ଲେ ମନ୍ ଖିସା ଖିସି କେତେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଖିସେଇ ମନ୍ ଫେର୍ ଭାବ୍'ସି
ପାଠ୍ ସାଠ୍ ତୋର୍ ଅଭାବ୍'ରେ ବୁଆ ଗୁର୍'ଦେ ।।

ମାଆବୁଆ ତୋର୍ ବିପିଏଲ୍ ଥି ଅଛନ୍ ଆଘେ
ଥିର୍ ଢୁକେ ଉଲ୍'ହେଇ ରହୁଛନ୍ ସୁଖେ,
ତୋର୍ କଥା କେ ତୁଇ ଦେଖ୍'ନ
କରମ୍ ଦେବେ କାଏଁ ? ଜନମ୍ ଦେଇଛନ୍ ।।

ବଛ୍'ରେ ଗଲେ ଆର ବଛର୍ କେ ଖୁଜି ଆନ୍'ବେ ବହ ,
ନାଇଁ ହେଇପାରୁ ଉପର୍ ତଲ୍ ଚିନ୍'ତା ବଢ୍'ବା ଜହ,
ବେଲ୍ ଥାଉନ୍ ଥାଉନ୍ ରେ ପୁତା କେନ୍'ତା କର୍'ବୁ କହ ।।

ସାନ ଫାସଡ, ବଲାଙ୍ଗୀର
ମୋ- ୭୦୦୮୭୯୪୩୯୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅସହନି

ଘୁଡୁପ୍ ମେଘେ ଧଏଲା ଝଁକେର୍
ବଏଡ୍ ବୁହେ ଖାଲେ ନାଲେ,
ଟେଂଗ୍'ନି ପୁଟିଆ ଛଟ୍'ପଟାଲେ
ବଲିଆ ଢୁକଲା ଖାଲେ ।।

ବଲିଆ ଉଧ୍'ଲେ ଘବଲ୍ ଘାବଲ୍
ପିଚ୍'ରି ଯଉଛେ କାଦୋ,
ଘୁଲି, କଁକ୍'ରା ତରେ ଅଙ୍ଫ୍'ରା
ବେଂଗ୍'ପୁଟି ଡେଗେ ଫଦୋ ଫଦୋ ।।



ମନୋଜ ମହାନନ୍ଦ

ଛିନ୍'ଛତର୍ ହେଲେ ଆଁଖ୍ ମିଡେକେ
ଝପ୍'ଟି ପଡ୍'ଲା ଅକାଲେ କାଲ୍,
ଟେଂଗ୍'ନି, ପୁଟିଆ ତରାପଟିଆ
ଘମ୍'ଘମେଇ ବୁହିଲା ଝାଲ୍ ।।

ଦେଖ୍'ଲେ ବରନ୍, ରୂପ୍ ଗଢନ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଝରନ୍ ପଁହଁରା ଜାତି,

ଚେପା,ଗେପା,ଡରା,ଧପା

ହେତେଇ ଚଲ୍'କଲା ଛାତି ।।

କଡ୍ କଡେଇ ଦାଁତ ଭଡ୍ ଭଡେଇ ହେଲେ

ଅସହନିର୍ ଜଲା ରାଗେ,

କାହୁଁଥୁ ଆସି ଭାଂଗୁଛେ ଖୁସି

ଘୁଟ୍'ଲା ମେଘର୍ ପାଗ୍'ଲା ପାଗେ ।।

ଗଦାଖୁରା ହେଇ କେଁ କାଁ ଗେଁ ଗାଁ

ହଲ୍'ପନ ଭାଆଁରେ ଗୁର୍ପେଇ,

ଡର୍ ଚକ୍ କି ଚେଁ ଚାଁ ନାଇଁ

ଡୁକ୍ ଡୁକ୍ ଦେଖେ ଖଁଅଁରେଇ ।।

ଖିସେଇ ହେଇ ଖିର୍ ଖିର୍ ଝିର୍ ଝିର୍

ଭାଂଗବା ବୋଲି ମଟମଟି,

ଭୁର୍କୁଟି ଦେଖି ଆର୍କୁଟି ହେଁଲେ

ସରପଟି ଯାନ୍ ଚେର୍'ମେଟି ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଛପ୍'ଛପାନ୍ ମିଶି ବଲିଆର୍ ପିଠି
ଉଲ୍'ଟି ପୁଲ୍'ଟି ଆଧ୍'ରି ଠେଁଷି,
ଫେକ୍ ଫେକେଇ କଁପ୍ କଁପାଲେ
ଉପର୍ ଥୁତ୍'ନା ମରନ୍ ଧଁଶୀ ।।

ଅସହନି ହେଇ ଛଂଦ୍ କପଟ୍ କଲେ
ଭୁଗ୍'ତିଲେ ଭାଗେ ମରନ୍ ଦଶା,
ଜଲ୍'ସି ଯିଏ ଖାର୍ ଭୁବୁର୍ ହୁଏ
ଯେନ୍'ତା ଚୁଲ୍'ହି କାଠର୍ ଦଶା ।।

ବାଗଯୋର,ସଇଁତଲା, ବଲାଂଗିର
ମୋ-୮୦୧୮୦୮୯୩୩୫

 Magazine Downloaded from www.aahwaan.com

# ବରକସେଁ ଘିଚୁଛେ ମତେ

ନାଇଁ ଥାଉ ବଁଫୁ ନାଇଁ ଫୁଟୁ କାପୁ
ମନ ନାଇଁ ହୁଏ ବୁଢା
ପବନ ହେନତା ସାଏଁ ସାଏଁ ମାରେ
ତାର ସଙ୍ଗେ ସଙ୍ଗେ ଘୁଡା ।
ରପଟା ଯୁରେଁ ଯେନତା ଖର ଖଁଡେ
ଉହୁଲି ପଲାସି ଟାଁଢେଁ
ସେନତା ବଏସ ଯାଉଛେ ଉହୁରି
ଛିଏଁ ନାଇଁ ଛିଏଁ ଗାଡେଁ ।
ଲେହେଁଟା ବେଲର ଡେବରି ଧରସେଁ
ଲୁକି ଦେଉଥିବା ବେଲ
କିଏ ପୁହୁଁଚାବା ଓଙ୍ଗର ତରାନୁ
ଛୁକ ଛୁକ ରୁଥେ ରେଲ ।
ମହମବତି ତ ସରି ସରି ଆସେ
ମିଟ ମିଟ କରି ଫୁଟ
ମାୟା ପୁରୁଁ ମନ ପଲାବୁ ମୁକଲି
ମିଲି ଯିବା ଦିନେ ଛୁଟ ।



ମନୋରଞ୍ଜନ ସୁରୁଜାଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୁଆନ ବଏସେଁ ନାଇଁ ପଡେ ଜନା

ସମିଆ ପଲେ ବହଁକି

ମନର ଲହଡା ଜଲଦି ଛିଇଁସି

ପଲାସି ତୁଡେଁ ତହଁକି ।

ବୁଢା ହେଇ କରି ମାଡିଛେଁ ଖଏଁଡ

ତହବି ମାୟାର ଜାଲି

ବରକସେଁ ମତେ ଘିଚୁଛେନ ମନ

ମୁହୋର ଜୁଏକେ ଜାଲି ।

ଯେନ୍ତା ଜୁଏ ହୁଲା ଦେଖି ପୋକ ରୁଥେ

ଲହଁପି ଝଁପେଇ ମରି

ମନ ହେସି ବନା ହେଇ ତନାବନା

ମାୟାର ମହନି ଜୁରି ।

ଅଇଁଲାପାଲି, ଧମା, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଘୋ କହୁଥିଲେ ଇନ୍ତା

ଆଘୋ କହୁଥିଲେ ଇନ୍ତା: (୧)

ମୁଇ ତର ଜନ ହେଲେ
ତୁଇ ମୋର ଗା କଇଁ
ମୁଇ ତର କଲିଆ କାହ୍ନୁ
ତୁଇ ମୋର ହେବୁ ରାଇ ।।

ମୁଇ ତର ଭମର ହେଲେ
ତୁଇ ମୋର ବଗିଚାର ଫୁଲ
ମୁଇ ତର ନଦୀର ଧାର
ତୁଇ ମୋର ହେବୁ କୂଲ ।।



ଅରୁଣ କୁଳିହା

ଏଭେ କହୁଛନ୍ ଇନ୍ତା:(୨)

ତୁଇ ମୋର ହେଲେ ରାଗଚନା
ମୁଇ ତର ହେମି ମୁରି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁଇ ମୋର ହେଁଡୁଆ ଆଏ

ମୁଇ ତର ସୁଖା ଝୁରି ।।

ତୁଇ ମୋର ପାପଡ ହେଲେ

ମୁଇ ତର ତେତେଲ ଖଟା

ତୁଇ ମୋର ବେଲ୍ଲା ପିଁଢା

ମୁଇ ତର ଗୁଲେଇ ଅଟା ।।

ତୁଇ ମୋର ଗୁଟଖା ହେଲେ

ମୁଇ ତର ଚୁର୍ଲା ଭାଙ୍ଗ

ଆମେ ଦୁହିଲୁକ ଏକ ହେଇଥିମା

ନାଇଁ ଭାଙ୍ଗୁ କେଭେ ସାଙ୍ଗ ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଇଁ ତ ଗୁଟେ ଚାଷୀ

ମୁଇଁ ତ ଗୁଟେ ଚାଷୀ
ସବୁଦିନେ ଖାଏସି ମୁଇଁ ବାସି ।
ପର୍ କୁଡି ଯଦି ଠିକ୍ ରହେସି
ମୁଇଁ ରହେସି ହସିଖୁସି ।
ଆର୍ ପର୍ କୁଡି ଯଦି କୋପ୍ କର୍ ସି
ମୋର୍ ବେଁକେ ଲାଗିଯାଏସି ଫାସି ।
ଆର୍ ମୁଇଁତ ଗୁଟେ ଚାଷୀ
ଆର୍ ମୋର୍ ଦୁଖ୍ ବାରମାସି ।
ମୋର୍ ନାଁଥି ମାଲମାଲ୍ ସର୍କାରି ଯୋଜନାହେସି
ହେଲେ ତାର୍ ଫାଏଦା ଟା ଅଲଗାଲୋକ ନେସି ।
ସବୁ ବଛର୍ ଫସଲବୀମା ମୁଇଁ ବୁଝଉଥିସି
ହେଲେ କେନ୍‌ସି ଥର ନୁହେଁ ପାଏଁ ପଏସାପୁଇସି
ଭୋଟ୍ ଆଏଲେ ନେତାମୋର୍ ଗୁଡ୍‌ତଲ୍କେ ଆଏସି
ହେଲେ ଭୋଟ୍ ସର୍ଲେ ମୋର୍ କଥା ଭୁଲିଯାଏସି ।
ଦୁନିଆଁ ଯାକର୍ ସମ୍‌କୁ ମୁଇଁ ଖାଏବର୍ଟା ଯୁଗାସି
ହେଲେ ଖାଏବାର୍କେ ନାଇ ବୋଲି ମୁଇଁ ଭୁଖେମର୍ସି



ଦେବଦତ୍ତ ପଣ୍ଡା
ସିନ୍ଦୁରପୁର, ଦ୍ରାମ୍ୟଭାଷ : ୭୦୦୮୨୪୫୩୭୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁଢ଼ା ସପନ୍

କେ ଜାନେ କାଏଁ  ଯେ ତମେ

ଡର୍ କେ ସନମାନ୍ ଭାବ୍'ସ

ଆରୁ ମୁଇଁ  ତମର୍ ସନମାନ୍ କେ

ଛନେ ଛନେ କେ ଭାବ୍'ସିଁ ଡର୍

ମନ୍ ଭିତର୍ ଟା ହଉଥିସି କୁଚୋକୁମୋ

ଭାଏଲ୍ ନିଡର୍ ଥି

କରି ପକାଲେ କେନ୍ କାମ୍

ତଲି ପଡିଯିବା ବଲି ମାନ୍ ସନମାନ୍...

ମୋର୍ ସପନ୍ ମାନକେ ଝୁଲାଥି ଭରି

ଉଲେଇ ଦେଇଛେ ମନର୍ ଝାଲିଥି

ବୁଡ଼ବୁଡ଼ି ମାରିଛେ ଚକନେ ପାନି

କିଟ୍ କିଟ୍ ଅନ୍ଧାରର୍ ଏକଲିଆ ବେଲେ

ଟଏଁଟ୍ ଚିପିଛେ ତକିଆ ତଲେ

ପୁରନ୍ କରବାର୍ କେ ତମର୍ ଇଚ୍ଛା ମାନକେ...



ପ୍ରସନ୍ନ ପ୍ରୟାସ ଭୁଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାନିଛେ ରୁନ୍ଧି ହଇ ଜୀଇଁବାର୍ ଟା

ମୁସ୍କିଲ୍ ନୁ ମୁସ୍କିଲ୍ କବାର୍ ଟେ

ଛନେ ନିଶୁଆସ୍ ଥମିଗଲେ

ଉକବୁକେଇ ଯାଏସି ଜୀବନ...

ନିଜର୍ ଖୁସି ଲାଗି ତମର୍ ଇଛା

ନାଇଁ କରି ପାରଲେ ପୁରନ୍

ଦୁନିଆ ହସି ହସି ବିର୍ଝେଇ କହେବା

ଆଲାଏକ୍ ପୁଓର୍ ବୁଆ ବଲି

ତେଭେ ହଇ ଯିବା

ଜୀଇଁ ଥାଉନ୍ ଥାଉନ୍ ମରନ୍...

ଠାନି ନେଇଛେଁ ଜୀଇଁ ଜିମି

ପୁଢ଼ା ସପନର୍ ଯେତେ ଖାର୍ ମାଖି

ଲାଏକ୍ ପୁଓର୍ ବୁଆ ହଇ

ଜୀଉଁଥିବ ଦୁନିଆ ଆଘେ ପରିଚୟଟେ ପାଇ ।

ପ୍ରଧାନପାଲି, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦଦାଗୋ ଉଠ

ମୁନୁଷ ଆରୁ ପେଟ
ଗୁରିଆ କଲା
କଳାହାଣ୍ଡି ବଏଲେ ପରେ
କନ୍ଦ କୁଟିଆ,  ପିଲାବିକୁର ଘର ॥

ହଁ ଦଦା ତମକେ ମିଛଗୋ
ଆର କେତେକେ ସହେମୁ
ରତନ,  ମାଣିକ ସବୁ ବିକି ଭାଙ୍ଗି ଦେଲୁଯେ
ତୋର ଠାଟବାଟ ଉହୁଁଲି ଯିବା ॥

ଇ ତମର ଅଲସୁଆ ଗୁନର ଲାଗି
ମକେ ବାର ଜାତିରଥି
କେଚକେଚା ହେବାର କେ ପଡୁଛେ ॥



ତପନ କୁମାର ସାହୁ

କଳାହାଣ୍ଡିର ଭିତରେ କାଏଁଟା ଚାଲିଛେ
କିଏ ଜାନୁଛେ ଗୋ ଦଦା
ଯିଏ ପାରଲେ ସେ ପୋ"ଖିଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଭିଆର ଭାଗ, ଉସକେଇ ଦେସତ

ପିଲା ବିକୁ, ..... କେତେକ କଥା

ହେ ନିର୍ସମୀୟେ କେଁ ଜାନବେ

ଏତେ ଧନକେ ଲୁଟି ଲୁଟି ଖୁଖଲା କଲେନ

ଆମେ ସରମ..

ନେଇଁ ଜାନୁ ଛନ୍ଦ କପଟ, ଭଲ ଅସାର

ବିଶାସ କରସୁ ସବୁକେ

ହେତିର ଫଳ ଗୋ ଇଟା ମିଲୁଛେ ॥

ଟିକେ ଝୁମରା କେ ଭାଙ୍ଗ ଗୋ ଦଦା

ମର ମା କେ ଗାଏଲ ଦେଉଛେତ

ଉଠ ଆର ଘାଏ ଉଠା ତୋର ଧନୁ ଆରୁ ସର

ମାରିଦେ ହେଁ ପେଟ କପଟିଆ ଲୁକ ମାନକୁ ॥

ରେଣ୍ଡୋ ମାଝିର ପିଲା ବଲିକରି ମିଛେକ ସଭେଁ

ହେସନ ଛୁଚାକେ ଉହାଟି

ଉଠ ଦଦା ଉଠ

ଧର ଧନୁ ସର ॥

କଳାହାଣ୍ଡି, ୭୩୨୦୦୧୫୭୫



ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କପ୍'ଟିଆ

କର୍ କରିଆ କୁଟ୍'କପ୍'ଟିଆର୍
କୁଟୁମ୍ ଜାଏସି ନାସ୍ ।
କପ୍'ଟିଆ ଆର୍ କୁର୍'ହା ମନୁଷର୍
ନେଇଁ ରହେ ଘର୍ ବାସ୍ ।।

କପଟ୍ କରି ରାବଣ୍ ଚିପୋ ସିନେ
କଲା ହରନ୍ ମାଁ ସିତା ।
କଲେ କଲେ ଦେଖ୍ ଲଙ୍କା ଗଡ୍ କେ
କାଲର୍ ଲାଗ୍'ଲା ଲେତା ।।



କପଟ୍ ପସାଥି କୁରୁର୍ ବଅଁସ୍
ଅଲପେଁ ହେଲା ପଦା ।
କରମ୍ ହିନ୍'କରି ପୁରୁ ରଜା
ପାଏଲା ଗୁର୍ଦୁ ନିନ୍ଦା ।।

ଅଶ୍ୱିନୀ କୁମାର ସାହୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କପଟେ ଚନ୍ଦର୍ ଗୁରୁ ମାଁ କେ ତାର୍
ଖରାପ୍ ନଜରେଁ ଦେଖି ।
କେତେ ଛିଡ୍ ବଡ୍ ମାସ୍ ଭଏର୍ ଭଏର୍
ଦେଖୁଛତ ଦୁହି ଆଖି ।।

କରମର୍ ଲାଗି ନଲ ରଜା ପରେ
ରାଟଲା ଘୁଡାର୍ ଘାଁସ୍ ।
କପଟ୍ ଛନ୍'ନୁଁ ଦୁରିଆ ରହରେ
ନେଇଁ ଆସିଦେ ପାସ୍ ।।

କରମ୍ କର୍ ଜଗତର୍ ହିତେଁ
କମିହାଁ ଗୁଟେ ସାଜି ।
କୁଟ୍ କପଟ୍'ଟା ବନେ ନେଇଁସେ
ବେଲ୍ ଥଉନ୍ ଜା ବୁଝି ।।

ଭାଲୁ ବାହାଲ
ବିଜେପୁର ବରଗଡ଼ (୯୯୩୮୫୬୫୯୮୪ )

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରାଖି

ଚିକ୍'ମିକ୍ ସୁତା ଧାରେ ନାଇଁସେ ଗୋ
ଇଟା ତ ପେରେମର୍ ଡୋର୍,
ରାଖି ପୁନି ଦିନ ବାଧିଁଦେମି ଦଦା
ମନେ ଅଛେ ମର୍ ସୋର୍ ।

ମହାଦାନି ବଲି ରଜାର୍ ହାତେ ଯେନ୍ତା
ବାଁଧିଥିଲେ ରାଖି ସୁତା,
ତମର୍ ହାତେ ହେନ୍ତା ବାଧିଁ ଦେମି ମୁଇଁ
ଦଉଛେଁ ତମକେ କଥା ।

ସଖା କୁଷ୍ଣଁ କେ ଶାଢ଼ି ଚିରିକରି
ବାଁଧିଥିଲେ ପନତ୍ କାନି,
କୁରୁସଭା ତଲେ କୁଟି ବସ୍ତର୍ ଦେଲେ
ପାଞ୍ଚାଳିର୍ ମନ୍ ଜାନି ।



ହେମନ୍ତ ଦାସ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭାଏ ବହେନର୍ ପେରେମର୍ ଝର୍
ଝରୁଥଉ ସବୁ ଦିନ୍,
ରାଖି ଥଉ ସାଖି ସମିଆଁ କେ ଯୁଖି
ନାଇଁ ହଉଁ କେଭେ ଭିନ୍ ।

ବଜର୍ ଲେଖେନ୍ ବର୍'କସ୍ ହଉ
ତମର୍ ଦୁଇଟା ବାହା,
ଡାକ୍ ଦେଲେ ଦଦା ନରଧି ଆଏବ
ବିପଦେ ହେବଗୋ ସାହା ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାଏଁ ଯେ ?

ଭଲ୍ କାମ୍ ତ କରି ନେ ପାର

କାଏଁ ଯେ ଖରାପ୍ କର୍'ସ,

ସାହାଯ୍ ତ କରି ନେ ପାର

କାଏଁ ଯେ ହଁକାରେ ହେସ..... ?

ହଁସେଇ ତ ନେ ପାର

କାଏଁ ଯେ କନ୍ଦାସ,

ବନେଇ ତ ନେ ପାର

କାଏଁ ଯେ ଧସ୍'କାସ..... ?

ଉପର୍ କେ ତ ଚଢ଼ି ନେ ପାର

କାଏଁ ଯେ ଗୋଡ୍ ଘିଚ୍'ସ,

ସତ୍ ତ କହି ନେ ପାର

କାଏଁ ଯେ ଅସତ୍ କହେସ..... ?



ବିଶ୍ୱନାଥ ଭୁଏ

କେଶାଇପାଲି, ଭଟଲି

ଜିଲ୍ଲା - ବରଗଡ଼, ମୋ-୯୬୭୮୮୭୮୪୮୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଁ

କେତେ ଆଶା କେତେ ସପନ୍
ମନ୍ ଭିତ୍'ରେ ରଖିକରି
ଦୁନିଆଁକେ ଆନିଛେ,
ଦୁନିଆଁର୍ ସୁଖ୍ ଦେବାର୍ ଲାଗି
କେତ୍'ନି କେତେ ଉପାସ୍ ରହି
ଦୁଖ୍ ଯେତେ ସବୁ ସହୁଛେ ।

ଯେହିଁ ଦେଖ୍'ଲେ ତେହିଁ
ଛୁଆର୍ ମୁହେଁ ପହେଲା କରି
ତା'ର୍ ନାଁ ଟା ଶୁଭୁଛେ,
ଦୁନିଆଁର୍ ଭି ଯେତ୍'କି ଠାନ୍
ଊଁଚା ଠାନେ ତା'ର୍ ଜାଗାଟା
ସବୁବେଲେ ତ ରହିଛେ ।

ଜନମ୍ ଦାତ୍ରୀ ସରବ୍ ସହିନୀ
ମାଁ ରୂପେ ଭାବର୍ ଡୁରେ
ବାନ୍ଧି କରି ରଖିଛେ,
କାନ୍'ଲା ମୁହେଁ ହଁସି ଅଉ
ଅନ୍ଧାରେ ଉଜାଲା ହେଇ
ଦିନ୍ ରାଏତ୍ କେ ଏକ୍ କରୁଛେ... !



ବିଶ୍ୱନାଥ ଭୁଏ

କେଶାଇପାଲି, ଭଟଲି
ଜିଲ୍ଲା - ବରଗଡ଼, ମୋ-୯୬୭୮୮୭୮୪୮୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଏଁଖ୍

ଏକସିଡେଣ୍ଟରେ ମୋର୍ ଦୁଇଟା ଆଏଁଖ୍ ହଜେଇଦେନି । ବାପାର୍ ସପନ୍ ଥିଲା ବାବୁ ଚାକ୍ରି କର୍ବା । ମୁଇଁ ଆରାମ ସେ ବୁଢ଼ା ବୟସେ ଘରରେ ରହେମି ହେତିର୍ ଲାଗି ଦିନ୍ ରାଏତ୍ ରିକ୍ସା ଚଲେଇ ମତେ କଲେଜ ପାଠ ପଢାଲେ । ଆଏଜ୍ ଆଏଁଖ୍ ଗଲା ଫୁଟି ମୋର୍ ଚାଏର୍ ବେରାତି ଅନ୍ଧାର୍ ହେଇଗଲା । ଫେର୍ ଭି ଦମ୍ କରିଛେ ଚାକ୍ରି ଆସାନେ । କଣା ଅନ୍ଧା ମାନଙ୍କର୍ ପାଠ ପଢଲ୍ଲି ଆର୍ ଚାକ୍ରି ଖୋଜ୍ ରେ ରହେନି ।

ଚାକ୍ରିର ବିଜ୍ଞାପନ୍ ଦେଖିକରି ମୁଇଁ ଭିନ୍ ଭିନ୍ ଅଫିସ ଗଲି । ଅଫିସର୍ ବାବୁମାନେ ମୋର୍ ହାତେ ଷ୍ଟିକ୍ ଦେଖିକରି କାଣା ଭାବ୍ନା ତାକର୍ ମନେ ଆସୁଥିଲା ମୁନାନୁ ୧୦ ଟଙ୍କିଆ ନୋଟ୍ ଗୁଟେ ବାହାର କରି ମତେ ଦିଅନ । ଆର୍ ଘରକେ ଜାଅ କହନ । ମୋର୍ ସାର୍ଟିଫିକେଟ ଦେଖବାର୍ ତ ଦୁରର୍ କଥା ଅଫିସ୍ ବାଡଦୁଆର୍ କେ ପାହାଁ ମାଡ୍ଲେ ହାତେ କିଏ କିଏ ୫-୧୦ ଟଙ୍କା ଧରେଇ ଦେଇକରି, ମତେ ଜାଓ କହନ୍ । ବାର୍ ବାର୍ କହେ ମୁଇଁ ଭିକାରୀ ନୁହେଁସେ, ଚାକ୍ରି ଲାଗି ଆସିଛେ । କିଏ ମୋର୍ କଥା କେ ସୁନୁ ନାଇଁ ଥାଇ ।



ଡିସମ୍ବର ମେହେର

ବୁଆ ବେମାରେ ଖଟ୍ ଦର୍ଲାନା । ଓଷୋ କଷା, ଘର ଚଲ୍ନି ମୋର୍ ମୁଡ୍ ଉପ୍ରେ । ମୋର୍ ବୁଦ୍ଧି ବନା ହେଇଗଲା । ସକତ୍ ଅଛେ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୁଆଲିଫିକେସନ୍ ଭି ଅଛେ ଫେର୍ ଭି ଦୁନିଆଁ କାଏଁଜେ ମତେ ଭିକାରୀ ଭାବୁଛେ ? ହାତେ ଟଙ୍କା ନେଇ କାଣା ବଡ୍ ବେପାର୍ କର୍ମୀ । ପେଟ୍ ଲାଗି ଆଏଜ୍ ବସ୍ ଟେସନେ ନ୍ୟୁଜ୍ ପେପର୍ ବିକୁଛେ । ରାଏତ୍ ନେ ସୁଏଲା ବେଲେ ଭାବସି ଦୁନିଆଁ ମତେ କାଏଁଜେ ଏନ୍ତା ନଜର୍ ନେ ଦେଖୁଛେ । ଆଏଁଖ୍ ଥିଲା ବେଲେ କେତେ ଲୋକ୍ ମୋର୍ ସନେ ମିଶୁଥିଲେ ଆଏଜ୍ ଆଏଁଖ୍ ନାଇଁ ନା ବୋଲି ସଭେଁ ହିନ୍ ମାନ୍ କରୁଛନ୍ । ଭାବି ଭାବି ମୋର୍ ଆଏଁଖ୍ ନୁ ସରାବନର୍ ଝକେର୍ ନିଥି ଜାଏସି ।

ଡିସମ୍ବର ମେହେର

ଗଣ୍ଡାବାହାଲି, ନୂଆପଡା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭିଟା ମାଏଟ୍



ରାଜୁ କୁମାର ପାତ୍ର

ନିଜର୍ ଜନମ୍ ମାଏଟ୍ କେ ଫିରିଯିବାର୍ କଥା ସମାରୀର୍ ଗରିବ ଶୁଖା ଛାତି ଥି ହର୍ମିସା କୁଚି ହେଇ ଦରଦ୍ ଉପରେ ଦରଦ୍ ଦଉଛେଁନ । ସେ ଭାଇରସ୍ ଲାଗି ଭୁତି କରା ଲୋକ୍ ନିଜର୍ ଜିବ୍‌କା ହରେଇଛନ୍ । ସମାରୀ ବି ହେଲେ ଇଥୁ ପାର୍ ପାଇଛେ । ଯେନ୍ ତୁନ୍ ଶାଗ୍ ବୁନ୍ଦେ ମେତାର୍ ଥିଲା ସବୁ ଖତମ୍ ହେଇଗଲାନ ଗଲା ରାଏତ୍ ଠାନୁ । ଚାଏର୍ ବଛରିଆ ଛୁଆ ଭୁକେ ରଡିଛାଡୁଛେ । ନିଜର୍ ଛୁଆର୍ ଆଏଁଖ୍ କେ ଘେ ବାଗିର୍ ଦେଖିଛେ ସମାରୀ । ଅଏନ୍ ଅସାର୍ ନୁହେଁ ଯାନେ କାଣାଁ ଯେ । ଇ ଗଲା ଫୁସ୍ ମାସେ ଚାଏର୍ ବଛର୍ ପୁରିଛେ । କଣ୍ଟାଲତା କଥାଁପନ୍ନା ଆର୍ କାଣା କାଣା ଯେନ୍ତି ଥିଲା ତାର୍ ଦଦରା ଫଟା କୁରିଆ ନ ସବୁକେ ଚିରା ଶାଢ଼ି ଥିନ୍ ବୁଚ୍‌କା ଟେ କରି ଗଁଠେଇଁଛେ ବୁପୁରି ପହଁପହଁ ନୁ ।

ସକାଳ୍ ପଉନ୍ ସାଏର୍ ସମାରୀ ବୁଚ୍‌କା କେଁ ମୁଡେଁ ଲଦି ରେଲ୍ ଟେସନ୍ ଆଡେ ବାହାରିଲା ତାର୍ ଛୁଆ କେ ଖାକେ ପାଇକରି । ଭର୍କେ ଭର୍କେ ପାହା ପକଉଥେ ସମାରୀ । ଟେସନ୍ ଥି ଅମିର୍ଲେ ରେଲ୍ ଧର୍ବା ଅଲ୍ ଗା ଦାଦନ୍ ମାନ୍ କର୍ ବାଗିର୍ । ରୁଡର୍ ଗୁଡି ପଥର୍ ମାଡିକରି ପାଦୁ ରକତ୍ ଥିପି ଯଉଥେ । ଦୁଇ ଦିନ୍ ହେଲାନ ସମାରୀର୍ ତଟଁ ଥି ଥିର୍ ଥିପେ ବି ପଡ୍ ବାର୍ ତାଏଲ୍ । ବୁପୁରି ଚାଲିଚାଲି ଲେଡବେଡେଇ ଗଲାନ । ସକାଳ୍ ନୁ ଚାଲୁଛେ ଯେ ବେଳ୍ ବୁଡ଼ି ଗଲାନ । ଦୁରିଆ ନୁ ରେଲ୍ ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସୁର୍ ବାଗିର୍ ଶବଦ୍ ଶୁନିକରି ତା'ର ଟିକେ ଦମ୍ ପୁରିଛେ । ରେଲ୍ ପଲେଇ ଯିବା କେଁ ଭାଏଲ୍ ବଲି ଝେଁ ଝେଁ ପାହା ପକାଲା ସମାରୀ । ମୁଡେଁ ବୁଚ୍‌କା ଖାକେ ଛୁଆ ଆର୍ ପେଟ୍ ଭିତରେ ଛ ମାସର୍ ଛୁଆ । ତେହିଁକେ ଫେର୍ ବଇଶାଗ୍ ମାସର୍ ତାଲୁଫଟା ଖରା । ସମାରୀର୍ ତଟିଁ ଶୁଖିଯଉଛେ ।ହାତ୍ ଗୋଡ ଥରି ଯଉଛେ ।

ଗୁଲ୍ ଗୁଲା ସୁଲ୍ ସୁଲା ହେଇକରି ଅମିର୍ଲା ଟେସନ୍ କେ । ଆଏଁଖ୍ ପଡିଛେ ରେଲ୍ ଥି । ହେନ୍ତା ଠିଆହେଇଛେ । କାହାକେ ଗୁଟେ ପଚେରେଇ କରି ସୋର୍ ପାଏଲା ଆର୍ ବନେ ଘେଁ ଅଟ୍‌କିବା ତେଲ୍ । ରଜ୍ ରାଜ୍ କରି ଲଥକରି ବସିପଡିଛେ କନ୍ ଗୁଟେ ନ । ଆଏଁଖ୍ କେ ସବୁ ଦୁଇଟା ଲେଁଖା ଦିଶୁଛେ । ଝିଲ୍ ମିଲେଇ ଯଉଛେ ଆଏଁଖ୍ । ସଁସାର ଜାକିର ସବୁ ଶବଦ୍ ତାର୍ କାନ୍ ପାଖୁ ପଲେଇ ଯଉଛେ । ଚାରି ଆଡ୍ ଅନ୍ଧାର ଦିଶିଗଲା । ପନତ୍ ପାରି କରି ତଲେ ଶୁଇଦେଲା ସମାରୀ । ଛୁଆ କେ କହେଲା ପାଏନ୍ ଥିପେ ଆନ୍ ବାର୍ କେ ।

ପାଏନ୍ ଆନି କରି ଛୁଆ ସମାରୀ କେ ଡାକିଲା କେତିନି କେତେ । ନି ଶୁନ୍ ଲା ସମାରୀ ତାର୍ ପୁଓର୍ ମାଁ ମାଁ ରଡିଥିନ୍ । ପାଏନ୍ ଦୁଇ ଚାଏର୍ ଢୁକା ପିଇକରି ତାର୍ ମାଁର୍ ପନତ୍ କାନି ଥି ମୁହଁର୍ ଝାଳ୍ ପୁଛିଛେ ଛୁଆ ଆର୍ ଫେନ୍ ଡାକିଛେ ଗୁଲ୍ ଗୁଲା ହେଇକରି ।

ରେଲ୍ ଯିବାର୍ କେ ରଡି ଛାଡିଲା । ସବୁ ଲୋକ ନିଜର୍ ନିଜର୍ ବୁଚ୍‌କା ପତର୍ ବୁହିକରି ନର୍ଧୁଛନ୍ ରେଲ୍ ଆଡେ । ଛୁଆ ଗୁଲ୍ ଗୁଲା ସୁଲ୍ ସୁଲା ହେଇକରି କହୁଥେ - "ମାଁ ଗୋ ଉଠ୍ ନ । ରେଲ୍ ପଲେଇ ଯିବା । ସବ୍ ପଲେଇ ଯଉଛନ୍ । ମାଁ ଗୋ ଆଗୋ ମାଁ ।.....

ସମାରୀ ହେନ୍ତା ଶୁଇଥିଲା ଆଏଁଖ୍ କେ ଲିଆ ଲିଆ କରି । ଥୁତ୍ନା ଥି ଉଡୁଥିଲେ ଦୁଇ ଚାଏର୍ ପଟ ମାଛି ଆର୍ ଘୁନ୍ ଘୁଁଟି ।

ଆର୍ ଛୁଆ ଯେ ଜୀବନ ଧରିକରି ପନତ୍ କାନି କେ ଘିଚୁଥିଲା ମାଁ ଉଠିବା କେଁ ବଲି.................

ଭରସୁଜା, ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଓଡ଼ିଆ ଭାଷା ଓ ନାରୀ

"ଏଇ ଦେଶ ଯେବେ ଫିରିଙ୍ଗି କବଳେ

ହୋଇଥିଲା ଜୀର୍ଣ୍ଣ ଶୀର୍ଣ୍ଣ,

ଏହି ନାରୀ ସାଜି ମୁକତି ର ଦେବୀ

ଫେରାଇ ଥିଲା ସମ୍ମାନ ।।

ଓଡ଼ିଆ ଭାଷା ସାହିତ୍ୟ ବହୁ ପ୍ରାଚୀନ । ଏହି ଓଡ଼ିଆଭାଷା ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଅନେକ ଲେଖକ, ଗାଳ୍ପିକ, କବି, ପ୍ରାବନ୍ଧିକ, ସର୍ବଦା ଆପ୍ରାଣ ଉଦ୍ୟମ କରି ଆସିଛନ୍ତି । ସାରା ଭାରତ ବର୍ଷରେ ଓଡ଼ିଆ ଭାଷା ଯେଉଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ଏହା କେବଳ ଲେଖକ, ଗାଳ୍ପିକ ତଥା କବିମାନଙ୍କ ଦ୍ୱାରା ନୁହେଁ ବରଂ ଏଥିରେ କବୟିତ୍ରୀ ମାନଙ୍କର ମଧ୍ୟ ଅବଦାନ ରହିଛି । ଯେହେତୁ ସମାଜ ନାରୀ ମାନଙ୍କୁ ଅବଳା, ଦୁର୍ବଳା ମନେ କରେ ତେଣୁ ସେମାନଙ୍କ ପ୍ରତିଷ୍ଠିତ ହୋଇପାରେ ନାହିଁ । ସେହିଭଳି କବୟିତ୍ରୀ, ଯେଉଁମାନେ ଓଡ଼ିଆ ଭାଷା ସାହିତ୍ୟକୁ ସର୍ବାଗ୍ରେ ଅବସ୍ଥାପିତ କରିବା ପାଇଁ ଉଦ୍ୟମ କରିଛନ୍ତି ସେମାନେ ହେଲେ, "କୁନ୍ତଳା କୁମାରୀ ସାବତ, ପ୍ରତିଭା ଶତପଥୀ, ନନ୍ଦିନୀ ଶତପଥୀ, ପ୍ରତିଭା ରାୟ, ସରଳା ଦେବୀ, ରମା ଦେବୀ ଚୌଧୁରୀ, ସରୋଜିନୀ ସାହୁ" ।



ଅରୁଣ କୁମାର ଦତ୍ତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଧୁନିକ ଓଡ଼ିଆ ଭାଷା ସାହିତ୍ୟ ଜଗତର ପ୍ରଥମ ନାରୀ କବି ଭାବେ ଯେ ଅଧିଷ୍ଠିତ ସେ ହେଉଛନ୍ତି ଡ.କୁନ୍ତଳା କୁମାରୀ ସାବତ । ସେ କେବଳ ଜଣେ କବୟିତ୍ରୀ ନୁହନ୍ତି ସେ ପରାଧୀନ ସମୟର ଜଣେ ସ୍ୱାଧୀନତା ସଂଗ୍ରାମୀ ମଧ୍ୟ । ତାଙ୍କ ରଚିତ ସମସ୍ତ ଲେଖା ଗୁଡିକ ଓଡିଶାବାସୀଙ୍କ ମନରେ ସ୍ୱାଧୀନତା ପ୍ରାପ୍ତିର ଉନ୍ମାଦନା ସୃଷ୍ଟି କରିଥିଲା । ଓଡ଼ିଆ ଭାଷା ସାହିତ୍ୟକୁ ସମସ୍ତ ଅବଦାନ ଗୁଡିକ ବାଲ୍ୟ ବିବାହ ପ୍ରଥା, ନାରୀ ଶିକ୍ଷା, ଜାତି ପ୍ରଥା, ଉଚ୍ଛେଦ ତଥା ଅନେକ ଅନ୍ଧବିଶ୍ୱାସକୁ ଦୂରୀଭୂତ କରିବାପାଇଁ ଏକ ବିଶାଳ ମାଇଲଖୁଣ୍ଟ ଭାବେ କାର୍ଯ୍ୟ କରିଥିଲା । ତାଙ୍କ ରଚିତ କବିତା ମଧ୍ୟରେ "ଶେଫାଳୀ ପ୍ରୀତି" ପ୍ରଶଂସାପାତ୍ର ହୋଇ ପାରିଥିଲା ।

ଓଡ଼ିଆ ଭାଷା ସାହିତ୍ୟ ଜଗତରେ ଆଉ ଜଣେ ନାରୀ କବି ଭାବେ ସୁଖ୍ୟାତି ସମ୍ପର୍ଣା ଡ. ପ୍ରତିଭା ଶତପଥୀ ସ୍ୱନାମଧନ୍ୟ ଅର୍ଜନ କରିଛନ୍ତି । ଓଡ଼ିଆ ଭାଷା ସାହିତ୍ୟର କବିତା ଜଗତକୁ ଅନେକ କୃତି ପ୍ରଦାନ କରିଛନ୍ତି । କୃତିଗୁଡିକ ମଧ୍ୟରେ, "ଆମ କବିତା, ସାହାଡ଼ା ସୁନ୍ଦରୀ, ଶବରୀ, ତନ୍ମୟ ଧୂଳି" ପ୍ରଭୃତି ଅମ୍ଲାନ କୃତି । ତାଙ୍କର ଲେଖାରେ ଏଭଳି ସୌନ୍ଦର୍ଯ୍ୟତା, ମାଧୁର୍ଯ୍ୟ, ଅଳଙ୍କାରରେ ପରିପୂର୍ଣ୍ଣ ଥିଲା ଯେ, ଯେକୌଣସି ପାଠକ ମନରେ ଶାନ୍ତିର ବହ୍ନି ସୃଷ୍ଟି କରି ପାରିବ । ତତସହିତ ବହୁ ପୁସ୍ତକକୁ ହିନ୍ଦୀରେ ମଧ୍ୟ ଅନୁବାଦ କରିବାରେ ଥିଲେ ସ୍ୱତଃ ସିଦ୍ଧ । ତାଙ୍କର ଏହିସବୁ ଅବଦାନ ନିମନ୍ତେ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ମଧ୍ୟ ହୋଇ ପାରିଥିଲେ ।

ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଜଣେ ଦକ୍ଷ ଲେଖିକା ଶ୍ରୀମତୀ ନନ୍ଦିନୀ ଶତପଥୀ ଓଡ଼ିଆ ଭାଷା ସାହିତ୍ୟ ଜଗତ ପାଇଁ ଆପ୍ରାଣ ଉଦ୍ୟମ କରି ଆସିଥିଲେ । ତାଙ୍କର ଏହି ରଚନା ପାଇଁ ସାହିତ୍ୟ ଭାରତୀ ସମ୍ମାନର ମଧ୍ୟ ଅଧିକାରିଣୀ ହୋଇ ପାରିଥିଲେ । ସେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଙ୍କ ଜୀବନକାଳ ମଧ୍ୟରେ ଅନେକ ଅନୁବାଦ କାର୍ଯ୍ୟ କରିଥିଲେ ।

ଡ. ପ୍ରତିଭା ରାୟ  ଜ୍ଞାନ ପୀଠ, ମୋର୍ତି ଦେବୀ, ତଥା ପଦ୍ମଶ୍ରୀ ପ୍ରାପ୍ତ ଜଣେ ସୁଦକ୍ଷ ନାରୀ । ତାଙ୍କ ରଚନା ଓଡ଼ିଆ ସାହିତ୍ୟ ଜଗତକୁ ରୁଧିମନ୍ତ କରିବାରେ ସମର୍ଥ । "ମୋକ୍ଷ, ମହାରାଣୀ ପୁତ୍ର, ଉଲଂଘନ, ମହାମୋହ, ପ୍ରଭୃତି ସୃଷ୍ଟି ସାହିତ୍ୟ ଜଗତର ଏକ ସୁନାମଧନ୍ୟ ସୃଷ୍ଟି ।

ଜଣେ ସମାଜ ସେବୀ, ସ୍ୱାଧୀନତା ସଂଗ୍ରାମୀ ଓ ଜଣେ ଲେଖିକା ଭାବେ ଖ୍ୟାତି ଅର୍ଜନ କରିଥିବା ଶ୍ରୀମତୀ ରମାଦେବୀ ଚୌଧୁରୀ ଓଡ଼ିଆ ସାହିତ୍ୟ ଜଗତର ଏକ ଅପୂରଣୀୟ ସ୍ଥାନ ଅଧିକାର କରି ଯାଇଛନ୍ତି । ସମାଜରେ ଶୃଙ୍ଖଳା, ସଚେତନତା ପାଇଁ ସେ ଲେଖନୀ ଚାଳନା କରି ବହୁ ପ୍ରଶଂଶିତ ହୋଇ ପାରିଥିଲେ । ଓଡ଼ିଆ ସାହିତ୍ୟ ଜଗତକୁ ତାଙ୍କର ଅବଦାନ ଅତୁଳନୀୟ । ତାଙ୍କର ଏକ ଆତ୍ମଜୀବନୀ "ମୋ ଜୀବନ ପଥେ" ଆଜିବି ପାଠକମାନଙ୍କ ମନରେ ସଂଘର୍ଷ କରିବାର ବହ୍ନି ସୃଷ୍ଟି କରିପାରୁଛି । ତାଙ୍କ ଉଦ୍ଦେଶ୍ୟରେ ଓଡ଼ିଶାର ଭୁବନେଶ୍ୱରଠାରେ ଏକ ମହିଳା ମହାବିଦ୍ୟାଳୟ ସ୍ଥାପନ କରାଯାଇଛି । ଯାହାର ନାମ ହେଉଛି ରମା ଦେବୀ ସ୍ୱୟଂ ଶାସିତ ମହିଳା  ମହାବିଦ୍ୟାଳୟ । ନାରୀ ଶିକ୍ଷାର ପ୍ରସାର ପାଇଁ ତାଙ୍କର ଉଦ୍ୟମ ବାସ୍ତବିକ ବେଶ ପ୍ରଶଂସନୀୟ ।

ଅନେକ ସମ୍ମାନ, ପୁରସ୍କାର, ଅଧିକାରିଣୀ ସରୋଜିନୀ ସାହୁ ସାହିତ୍ୟ ଜଗତକୁ ଅନେକ ରଚନା ପ୍ରଦାନ କରିଛନ୍ତି । ଯାହାକି ସାହିତ୍ୟ ଜଗତର ସମୃଦ୍ଧି ନିମନ୍ତେ ନିଶ୍ଚୟ ସହାୟକ ହେବ । ସେ ଏକ ଧାରାରେ ଜଣେ ଔପନ୍ୟାସିକ, କବି, ପ୍ରାବନ୍ଧିକ । ତାଙ୍କ ରଚିତ ରଚନା ଗୁଡିକ ମଧ୍ୟରେ, "ମହାଯାତ୍ରା, ଗମ୍ଭୀରି ଘର", ବେଶ ପ୍ରଶଂସନୀୟ । "ସାହିତ୍ୟ ଏକାଡେମୀ, ଝଙ୍କାର, ପ୍ରଜାତନ୍ତ୍ର ପ୍ରଭୃତି ପୁରସ୍କାର ପ୍ରାପ୍ତ ଅଟନ୍ତି ଏହି ମହିୟସୀ ମହିଳା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଙ୍କର ଅବଦାନ ସାହିତ୍ୟ ଜଗତକୁ ସର୍ବୋତ୍ତମ ।

ଓଡ଼ିଆ ସାହିତ୍ୟ ଜଗତ ସର୍ବ ଶ୍ରେଷ୍ଠ ଓ ସର୍ବୋତ୍ତମ ଅଟେ । ଏହି ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବା ନିମନ୍ତେ ଯେଉଁ ସବୁ ନାରୀକବି, ଗାଳ୍ପିକ, ପ୍ରାବନ୍ଧିକାଙ୍କ ହସ୍ତ ରହିଛି ସେମାନେ ସର୍ବଦା ଚିର ନମସ୍ୟା । ସେହିମାନଙ୍କ ନିଷ୍ଠା ବଳରେ ଓଡ଼ିଆ ଭାଷା ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି । କେବଳ ପୁରୁଷ ନୁହେଁ ନାରୀ ମଧ୍ୟ ସମସ୍ତ କ୍ଷେତ୍ରରେ ପ୍ରବୀଣ ଅଟେ । ନାରୀଙ୍କୁ କେବେ ମଧ୍ୟ ନ୍ୟୁନ ମଣିବା ଉଚିତ ନୁହେଁ । ସେ ମଧ୍ୟ ସବୁକ୍ଷେତ୍ରରେ ତା'ର ପାରଦର୍ଶୀତା ଦେଖାଇପାରେ । କେବଳ ସେମାନଙ୍କୁ ସାହାଯ୍ୟ ଓ ସହଯୋଗ ଆବଶ୍ୟକ । ସେଥିପାଇଁ ଯଥାର୍ଥରେ କୁହାଯାଏ -

"ପୁରୁଷ ହାତରେ ହାତକୁ ମିଳାଇ,
ନାରୀ ହୁଏ ଅଗ୍ରସର,
ଅସମ୍ଭବ କାର୍ଯ୍ୟ ସମ୍ଭବ ହୁଅଇ,
ଦେଖିବ ସାରା ସଂସାର ।"

ଠିକଣା -ମାଣିଆବନ୍ଧ, ବଡ଼ମ୍ବା, କଟକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଧୁନିକ ଭାରତରେ କିଶୋର ସମସ୍ୟା

ମାନବ ତାର ଜୀବନଯାପନ କାଳାବଧି ମଧ୍ୟରେ ଚାରୋଟି ଅବସ୍ଥା ଦେଇ ଗତି କରିଥାଏ । ବାଲ୍ୟକାଳ ହେଉଛି ତାର ଉପଭୋଗର ସମୟ । ସେ ସମୟରେ ସେ ଉଚିତ ଅନୁଚିତର ବନ୍ଧନରୁ ଉର୍ଦ୍ଧ୍ୱରେ ରହି ନିର୍ବିଚାର ଭାବରେ ପିତାମାତା ତଥା ପରିବାରର ସଦସ୍ୟଙ୍କ ସ୍ନେହ ଯତ୍ନାଦିକୁ ଉପଭୋଗ କରିଥାଏ । ଯୌବନାବସ୍ଥା ହେଉଛି ଏପରି ଏକ ଅବସ୍ଥା ଯେଉଁ ସମୟରେ କି ମନୁଷ୍ୟକୁ ତା ଘରର ସମସ୍ତ ପ୍ରକାର ଗୁରୁଦାୟିତ୍ୱ ସମ୍ଭାଳିବାକୁ ହୋଇଥାଏ । ବୃଦ୍ଧାବସ୍ଥାରେ ସେ ସମସ୍ତ ସାଂସାରିକ ଜଞ୍ଜାଳରୁ ମୁକ୍ତହୋଇ ନିଜ ସନ୍ତାନାଦିଙ୍କ ଆଶ୍ରୟ ସ୍ୱୀକାର କରି କାଳାତିପାତ କରେ ମାତ୍ର କିଶୋରାବସ୍ଥା ଏପରି ଏକ ଅବସ୍ଥା ଯେଉଁଥିରେ ମାନବ ପୂର୍ବାପର, ଉଚିତ୍ ଅନୁଚିତ୍ କିଛି ବିଚାର ନକରି ନିଜର ମନର ଆବେଗକୁ ପ୍ରାଧାନ୍ୟ ଦେଇ ଗତି କରିଚାଲେ ।



ସୌଭାଗ୍ୟ ରଞ୍ଜନ ମହାପାତ୍ର

ମୁଖ୍ୟତଃ କିଶୋର ସମୟରେ ଜଣେ ବ୍ୟକ୍ତି ବାଲ୍ୟକାଳକୁ ପ୍ରାପ୍ତକରି କିଞ୍ଚିତ୍ ମାତ୍ରାରେ ବିଚାରକ୍ଷମ ହୋଇଥିଲେ ମଧ୍ୟ ଏ ବିଶାଳ ସଂସାରକୁ ବୁଝିବା ପାଇଁ ପୂର୍ଣ୍ଣତଃ କ୍ଷମତା ହାସଲ କରିନଥାଏ । ତେଣୁ ଯେଉଁ ସମୟରେ ଖେଳିବୁଲି ମାତାପିତାଙ୍କ ସ୍ନେହରେ ପାଳିତ ହୋଇ କାଳାତିପାତ କରିବା କଥା; ତାକୁ ପରିସ୍ଥିତିର ଚାପ ଅନେକାଂଶରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିପଥ କରିପକାଏ । ପରିସ୍ଥିତିର କଷାଘାତରେ ସେ ଯେଉଁ ସମୟରେ ପାଠ୍ୟ ପୁସ୍ତକ ଓ କଲମ ଧରିବା କଥା ସେ ହାତ ପାଲଟିଯାଏ ଶ୍ରମିକ ହାତରେ । ଘରର ଦୁର୍ବଳ ଅବସ୍ଥିତି ତାକୁ ମଜବୁର୍ କରିଦିଏ ଏଭଳି କଠୋର ପଦକ୍ଷେପ ନେବାପାଇଁ । କିନ୍ତୁ ଅପର ପକ୍ଷରେ ଅନେକ କିଶୋର ଅର୍ଥପ୍ରଲୋଭନରେ ତଥା ଅନ୍ୟାନ୍ୟ ପ୍ରଲୋଭନରେ ଆସି ମଧ୍ୟ ଏଭଳି ଅନୁଚିତ ପଦକ୍ଷେପ ନେଇବସନ୍ତି ।

କିଶୋର ସମୟରେ ମନୁଷ୍ୟମନରେ ଅନେକ ମାତ୍ରାରେ କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟର ଉତ୍ପତ୍ତି ଦୃଶ୍ୟମାନ ହୁଏ । ଯାହାକି ତାର ସର୍ବୋତ୍ତମ ବିକାଶରେ ଅନେକ ମାତ୍ରାରେ ବାଧାପ୍ରାପ୍ତ ହୋଇଥାଏ । ସେ ତାର ସାଙ୍ଗମାନଙ୍କ ତଥା କୁଜନଙ୍କ ସଙ୍ଗତରେ ଆସି ଅନେକାଂଶରେ ଲୋଭାସକ୍ତ ତଥା କାମାତୁର ହୋଇଉଠେ । ଯାହାକି ତା'କୁ ତା'ର ଉଚିତ୍ ଧର୍ମ ଆଡ଼କୁ ପଥଭ୍ରଷ୍ଟ କରିଦିଏ । ପାଠପଢ଼ାରେ ମନଯୋଗ ହ୍ରାସପାଇବା ସହ ଉତ୍ତମ ବିଚାର ତଥା ସଦଭାବନା ମଧ୍ୟ ତା ମନରେ ଜାଗ୍ରତ ହୋଇପାରି ନଥାଏ ।

ଏହି ଅବସ୍ଥାରେ ଜଣେ କିଶୋର ଅନେକ ମାତ୍ରାରେ ନିଶାଦ୍ରବ୍ୟ ପ୍ରତି ଆକୃଷ୍ଟ ହେବାର ଦେଖାଯାଏ; କାରଣ ସମସ୍ତ ପ୍ରକାର ନୂତନ ଅନୁଭୂତିମାନ ଗ୍ରହଣ କରିବାର ଏହା ହେଉଛି ପ୍ରକୃଷ୍ଟ ସମୟ । ଯାହା ଫଳରେ କି ତାର ଶାରୀରିକ ସନ୍ତୁଳନ ଖରାପହେବା ସହ ମାନସିକ ବ୍ୟାଘାତର ମଧ୍ୟ ଶିକାର ହୁଏ । ଲୋଭରେ ଆସି ସେ ଚୋରି ଡକାୟତି ତଥା ହତ୍ୟା ଭଳି ନୃଶଂସ କାର୍ଯ୍ୟକୁ ମଧ୍ୟ ପରିଣାମ ଦେବାପାଇଁ ପଛଘୁଞ୍ଚା ଦିଏ ନାହିଁ । ଫଳରେ ତାର ଭବିଷ୍ୟ ଅନ୍ଧକାରାଚ୍ଛନ୍ନ ହୋଇଯାଏ ।

ତା ଉପରକୁ ଆଜିର ଏଇ ଗଣମାଧ୍ୟମ ଓ ଇଣ୍ଟରନେଟ୍ ଜଣେ କିଶୋରକୁ ତାର ଉଚିତ୍ କର୍ମପନ୍ଥାରୁ ବିଚ୍ୟୁତ କରାଇ ଏକ ବିଳାସ ବ୍ୟସନର ଦୁନିଆ ପ୍ରତି ଆକୃଷ୍ଟ କରାଏ । ଫଳରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଣେ କିଶୋର ନିଜ ପିତାମାତାଙ୍କ ବଜେଟର ସମସ୍ତ ବାଡ଼କୁ ଛିନ୍ନ କରି ତାଙ୍କର ଅର୍ଜିତ ଧନ ସବୁ ସେ ନିଜ ବ୍ୟସନରେ ଉଡ଼େଇବାକୁ ଲାଗେ । ଏହା ଯୋଗୁଁ ପିତାମାତା ଚିନ୍ତାଗ୍ରସ୍ତ ହୋଇପଡନ୍ତି । ଯେପରି ବାଲିଘର ସମୁଦ୍ର ଲହଡିରେ ମିଶି ଭାଙ୍ଗିଯାଏ ଠିକ୍ ସେହିପରି ପିତା ମାତାଙ୍କ ନିଜ ସନ୍ତାନକୁ ନେଇଥିବା ଉଚ୍ଚାକାଂକ୍ଷା ତଥା ସ୍ୱପ୍ନ ସବୁ ଚୁରମାର ହୋଇଯାଏ । ମାତ୍ର ଏ ସବୁ ପରିସ୍ଥିତି ଜଣେ କିଶୋର ବୁଝିପାରେ ନାହିଁ ।

ଏଭଳି ଅନେକ କାରଣ ଯୋଗୁଁ କିଶୋରମାନେ ପୁଷ୍ପପରି ବିକଶିତ ହେବା ପ୍ରତିବଦଳରେ କଳୁଷଙ୍କ ମଧ୍ୟରେ ଚାପି ହୋଇ ରହିଯାଉଛନ୍ତି । ଯାହା ଫଳରେ ତାଙ୍କ ପ୍ରତିଭାର ସ୍ଫୁରଣ ହୋଇପାରୁନାହିଁ । ଏହା ଦେଶର ବିକାଶରେ ବାଧାପାଇଁ ଅଧୁନା ଏକ ଅସ୍ତ୍ର ସାଜିଛି । ଏଭଳି ସମସ୍ୟା ଗୁଡ଼ିକର ଦୂରୀକରଣ ନିମନ୍ତେ ଲୋକ ସଚେତନତା ଆବଶ୍ୟକ । ଛାତ୍ରମାନେ ମଧ୍ୟ ଦେଶର ଆଗାମୀ ଭବିଷ୍ୟତର ଜାଗୃତ ନାଗରିକ ହୋଇଥିବାରୁ ଏହାର ସମାଧାନ ପନ୍ଥାରେ ନିଜକୁ ସାମିଲ କରିବା ଉଚିତ୍ । ଯଥା - ପଥପ୍ରାନ୍ତ ନାଟକ, ପଦଯାତ୍ରା ବା ରେଲି ଇତ୍ୟାଦିରେ ଯୋଗଦାନ କରି ଏ ବିଷୟ ଗୁଡିକୁ ଲୋକଲୋଚନକୁ ଆଣିପାରିବା । ଏତଦବ୍ୟତୀତ ମୁଖ୍ୟକରି ପିତାମାତାମାନେ ଜାଗ୍ରତ ହୋଇ ନିଜ ସନ୍ତାନାଦିକୁ ଉଚିତ୍ ଅନୁଶାସନ ତଥା ଉତ୍ତମ ପରିବେଶ ଯୋଗାଇ ଦେବା ଉଚିତ୍ । ଯେଉଁମାନଙ୍କ ପକ୍ଷେ କୌଣସି ଆର୍ଥିକ କାରଣ ହେତୁ ଏଭଳି ଅସୁବିଧା ଦେଖାଦିଏ ସେମାନେ ସରକାରଙ୍କ ସାହାଯ୍ୟ ଲୋଡିବା ଉଚିତ୍ । ଯେହେତୁ ଏ ସମଗ୍ର ଦେଶ ଗୋଟିଏ ପରିବାର ତେଣୁ ସମସ୍ତେ ମିଳିମିଶି ଏହାର ସମାଧାନ କଲେ ହେଁ କିଶୋର ସମସ୍ୟା ଗୁଡ଼ିକର ମୁଳୋତ୍ପାଟନ ହୋଇପାରିବ ଏବଂ ଦେଶ ଆଗକୁ ବଢ଼ିପାରିବ ।

ଅଧ୍ୟାପକ ସୌଭାଗ୍ୟ ରଞ୍ଜନ ମହାପାତ୍ର, ବୈଦିକ ମହାବିଦ୍ୟାଳୟ, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଳାଶ ଫୁଲର ମହକ



ସତ୍ୟନାରାୟଣ ମିଶ୍ର

ଖାଁ ଖାଁ ଲାଗୁଥିବା ପରିବାରରେ ଯେବେ ନବଜାତ ଶିଶୁର କୁଆଁ କୁଆଁ ରାବ ଶୃତିଗୋଚର ହୁଏ ତେବେ ସଭିଙ୍କର ଆନନ୍ଦ କହିଲେ ସରେନି । ବିଶେଷ କରି ମା ଆଉ ବାପା । ସନ୍ତାନ ତାଙ୍କର ବଡ଼ ହେଉ, ଖ୍ୟାତି ଅର୍ଜନ କରୁ, ଏଇ ଅଭିଳାଷ ରଖି ଭବିଷ୍ୟତ ସୁନେଲି ସ୍ୱପ୍ନ ଦେଖିବାରେ ବିଭୋର ହୋଇ ଉଠନ୍ତି । କିନ୍ତୁ ପିଲାଟି ଯୌବନ ଅବସ୍ଥାରେ ଯଦି ବିପଥଗାମୀ ହୁଏ ତାଙ୍କର ସବୁ ଆଶା ସବୁ ସ୍ୱପ୍ନ ପାଣିଫୋଟକା ପରି ମିଳେଇ ଯାଏ ମନ ଭିତରେ । ପିଲା ଶୃଙ୍ଖଳିତ ନିୟମ ଭୁଲି ଉଶୃଙ୍ଖଳ ହୁଏ, ନାନା ଅସାମାଜିକ କାମ କରିବାରେ ଲିପ୍ତ ରହେ । ଅଭିଶପ୍ତ ଦୋଷୀଟିଏ ସାଜି ମା ବାପା ଙ୍କ ମୁଣ୍ଡରେ ବୁହାଇ ଦିଏ ନିନ୍ଦା ଅପମାନ ଆଉ କଳଙ୍କର ବୋଝ । ଆଖିରେ ଲୁହ ହୃଦୟରେ ତୀବ୍ର ଯନ୍ତ୍ରଣା ଦ୍ୱାରା ଅଭିଷିକ୍ତ କରି ସେ ଚାଲିଯାଏ ନାଲି କୋଠାର କାଠଗଡ଼ାକୁ । ଦୀର୍ଘଦିନ ନର୍କଯନ୍ତ୍ରଣା ଭୋଗେ ଜେଲର ଅନ୍ଧାର ପ୍ରକୋଷ୍ଠଭିତରେ, ସେଇଠି ଏକ ଅଭାବନୀୟ ପରିବେଶ ଭିତରେ ସେ ହୁଏତ ଅନୁତାପ କରିପାରେ ନତୁବା ପ୍ରତିଶୋଧ ପରାୟଣ ହେଇ ଉଗ୍ର ହୋଇଉଠେ । ଜୀବନର ବସନ୍ତ ହେଉଛି ଯୌବନ । ଏ ସମୟରେ ସୁରଭିତ ଗୋଲାପ ଫୁଲ ଯଦି ପଳାସ ଗନ୍ଧହୀନ ହୁଏ, ଯୁବକ ସମାଜ ଆଖିରେ ଘୃଣ୍ୟ ନିନ୍ଦିତ କଳଙ୍କିତ ପୁରୁଷର ଅଖ୍ୟା ନିଏ, ତେବେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଶମାତୃକା ଯୁବପିଢ଼ୀକୁ ନେଇ ଯେଉଁ ଭବିଷ୍ୟତର ଉନ୍ନତି ସ୍ୱପ୍ନ ଦେଖୁଛି ତାହା ଅସମ୍ଭବ । କିନ୍ତୁ ଅସମ୍ଭବ ଭିତରେ ବି ସମ୍ଭବର ସନ୍ଧାନ କରାଯାଇପାରେ ।

ମୋ ମତରେ ଯୁବ ଗୋଷ୍ଠୀର ଅଧପତନ ପାଇଁ ଗୁଡ଼ାଏ କାରଣ ରହିଛି । ପ୍ରଥମତଃ ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷାର ଅଭାବ । ତାପରେ କର୍ମ ନିଯୁକ୍ତିବିହୀନ ବେକାରୀ ସମସ୍ୟା । ପ୍ରଶ୍ଚାତ୍ୟ ଚଳଣି ଅନୁକରଣ । ଆଧୁନିକ ଫେସନ୍ । ବ୍ଲୁ ସିନେମାର ଅବାଧ ପ୍ରଦର୍ଶନ । ତା ସାଙ୍ଗକୁ ମାତା ପିତାଙ୍କ ଗାଇଡ୍ ଅଭାବ । ଏବେ ଚାକର କି ଆୟାର ତତ୍ୱାବଧାନରେ ଶିଶୁକୁ ଛାଡ଼ିଦେଇ ଉଭୟ ମାବାପା ଚାଲି ଯାଉଛନ୍ତି ଅଫିସ୍ । କର୍ମକ୍ଲାନ୍ତ ମନରେ ଘରକୁ ଫେରି ବିଶ୍ରାମ ଲୋଡ଼ୁଛନ୍ତି । ସେମାନେ ଆଉ ଶିଶୁର ଚରିତ୍ର ଗଠନ ପ୍ରତି ଦୃଷ୍ଟି ଦେବେ କେବେ ।

ଉପରୋକ୍ତ କାରଣ ହେତୁ ଅସଙ୍ଗଠିତ ଯୁବ ଜୀବନ ଅହେତୁକ କର୍ମ ଆଡକୁ ଆକର୍ଷିତ ହେଇ ଯାଉଛି । ତେଣୁ ସମାଜର ବରିଷ୍ଠ ବ୍ୟକ୍ତି ସମୂହ ଏ ଦିଗକୁ ଦୃଷ୍ଟି ଦେବା ବିଧେୟ । ଯୁବ ଗୋଷ୍ଠୀକୁ ଅବାଟରୁ ବାଟକୁ ଆଣିବା ଦରକାର । ସେମାନଙ୍କ ସମସ୍ୟାଗୁଡିକୁ ବୁଝି ତହିଁର ସମାଧାନ ପାଇଁ ଚେଷ୍ଟିତ ହେବ ଉଚିତ । ଉପାୟ ବତାଇ କର୍ମଭିମୁଖୀ କରିବା । ଅବାଧ ଅଶ୍ଲୀଳକୁ ନିୟନ୍ତ୍ରଣ କରିବା । ଯୁବ ମାନସକୁ ଅଧ୍ୟାତ୍ମିକପ୍ରତି ଆକୃଷ୍ଟ କରିବା । ଚରିତ୍ର ଗଠନର ସମୂହ ଦିଗ ପ୍ରତି ସୁଯୋଗ ଦେବା । କିଶୋର କିଶୋରୀ ଅବସ୍ଥାରେ ସେମାନଙ୍କୁ ଠିକ୍ ରାସ୍ତା ଦେଖାଇବା । ଯଦ୍ୱାରା ସେମାନେ ନେଡି ଗୂଡ଼ କହୁଣିକୁ ବହିଗଲା ପରି ଅବସ୍ଥା ସୃଷ୍ଟି କରିବେନି ।

ତେବେ ଚେଷ୍ଟା ଦ୍ୱାରା ଏସବୁ ଯେ ଅସମ୍ଭବ ସେ କଥା ନୁହେଁ । ହୁଏତ ପରିସ୍ଥିତିରେ ପଡି କିଏ କେଉଁ ଭୁଲ କାମ କରି ଦେଉଛି । ଭୁଲ ପାଇଁ ଶେଷକୁ ଅନୁତାପ ବି କରୁଛି । ଯେତେ ହେଲେ ଏମାନେ ମଣିଷ । କୌଣସି ଲୁହା କି ପଥରରେ ହୃଦୟ ନିର୍ମିତ ହେଇନି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଉପଯୁକ୍ତ ଦିଗଦର୍ଶନ ପାଇଲେ ଏମାନେ ଶାନ୍ତ ସରଳ ସୁନ୍ଦର ଭାବେ ନିଜକୁ ଗଢି ସମାଜ ପାଇଁ କିଛି କରି ପାରିବେ । ହେ ଯୁବ ଗୋଷ୍ଠୀ ! ତୁମେ ସତ୍ ମାର୍ଗରେ ପରିଚାଳିତ ହୁଅ । ଜୀବନର ପ୍ରତିଟି ସମସ୍ୟା ଦୃଢ଼ ଭାବରେ ସାମ୍ନା କର । ସରସ ସୁନ୍ଦର ଜୀବନର୍ ପଥଟିଏ ବାଛିନେଇ ସେଇ ପଥକୁ ମଙ୍ଗଳମୟ କୁସୁମିତ କର । ତୁମେ ଚାହିଁଲେ ସବୁ ସମ୍ଭବ । ତୁମକୁ କିଏ ପଳାସ୍ କୁସୁମ କହୁଥିଲେ ତମେ ତା ନାସାଗ୍ରେ ସହସ୍ର ଗୋଲାପର ସୁଗନ୍ଧ ମହକାଇ ଦିଅ । ସେମାନେ ଜାଣିବେ ପଳାସ ଫୁଲର ମଧ୍ୟ ସୁଗନ୍ଧ ଅଛି ।

ସିଂଧେକେଲା ବଲାଙ୍ଗୀର, ୯୪୮୩୬୦୫୯୧୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରାମ କିଏ ?

ରାମ ଜଣେ ରାଜ ଚକ୍ରବର୍ତ୍ତୀ ସମ୍ରାଟଙ୍କ ନାମ କି ? ଅବା ସେ ଜଣେ ମହାପୁରୁଷ । ନା ସେ ହେଉଛନ୍ତି ଆଦର୍ଶ ପୁରୁଷ । ସେ କଣ ଭଗବାନ ବିଷ୍ଣୁଙ୍କ ଅବତାର ? ନା ସେ ଜଣେ ପ୍ରଜାବତ୍ସଳ ରାଜା ଥିଲେ ? କିଛିଦିନ ତଳେ ଏ ବିଷୟରେ ଖୁବ୍ ଜୋରରେ ଚର୍ଚ୍ଚା ଚାଲିଥିଲା । ଏବେ ରାମ ଜନ୍ମଭୂମିରେ ବିଶ୍ୱ ପ୍ରସିଦ୍ଧ ରାମମନ୍ଦିର ନିର୍ମାଣ ଅବସରରେ ଏମିତି ଆଲୋଚନା କୋଟି କୋଟି ରାମ ଭକ୍ତଙ୍କୁ ବେଶ ଚଳ ଚଞ୍ଚଳ କରିଛି ।

ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ଚନ୍ଦ୍ର କୋଟି କୋଟି ସନାତନ ହିନ୍ଦୁ ଧର୍ମାବଲମ୍ବୀଙ୍କ ପ୍ରାଣର ସ୍ପନ୍ଦନ । ସେ ହେଉଛନ୍ତି ଆଦର୍ଶର ଗନ୍ତାଘର । ଜଣେ ପୁତ୍ର, ଭାଇ, ସ୍ୱାମୀ, ମିତ୍ର, ରାଜା, ଜଣେ ପିତା, ଶିଷ୍ୟ ଏମିତି ପ୍ରତିଟି ସଂପର୍କ ନିମିତ୍ତ ସେ ହେଉଛନ୍ତି ଆଦର୍ଶ ଚରିତ୍ର । ସେ ପୁରୁଷଙ୍କ ମଧ୍ୟରେ ଉତ୍ତମ । ତାଙ୍କ ଚରିତ୍ର ସର୍ବଦା ଗଢିଛି ମହନୀୟତାର ସୁଉଚ୍ଚ ତୋରଣ ।



ତ୍ରିନାଥ ବେହେରା

ଭାଇ ଭାବରେ ତାଙ୍କ ଚରିତ୍ରକୁ ଅନୁଶୀଳନ କଲେ ଭ୍ରାତା ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନଙ୍କ ପ୍ରତି ଅସୀମ ଶ୍ରଦ୍ଧା, ଜ୍ୟେଷ୍ଠ ହିସାବରେ ସେମାନଙ୍କ ପ୍ରତି କର୍ତ୍ତବ୍ୟପାଳନ, ଭରତକୁ ଅଯୋଧ୍ୟାର ରାଜ ସିଂହାସନ ନିମିତ୍ତ ଉପଦେଶ ଓ ତାଙ୍କରି ଅନୁରୋଧକ୍ରମେ ନିଜ କଠଉ ଅର୍ପଣ ଆଦି ଘଟଣା ତାଙ୍କୁ ଯୁଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯୁଗ ପାଇଁ ମହନୀୟତାର ଶିଖରରେ ଅବସ୍ଥାପିତ କରିଥିବା ସ୍ୱଷ୍ଟ ଅନୁମେୟ ।

ପୁତ୍ର ଭାବରେ ଦେଖିବାକୁ ଗଲେ ସେ ଥିଲେ ସର୍ବୋତ୍ତମ ପୁତ୍ର, ଯିଏକି ପିତା ରାଜା ଦଶରଥ ନକହିବା ଆଗରୁ ଅନ୍ୟଠାରୁ ପୂର୍ବସୂଚନା ପାଇ ପିତୃ ସତ୍ୟପାଳନ ନିମିତ୍ତ ରାଜଗାଦିରେ ଅଭିଷିକ୍ତ ହେବା ବଦଳରେ ଲୋଭ, ମୋହ, ମାୟା ବର୍ଜନପୂର୍ବକ ବାହାରି ପଡିଥିଲେ ଦୀର୍ଘ ଚଉଦ ବର୍ଷର କଷ୍ଟମୟ ବନବାସ ଯାତ୍ରା ନିମିତ୍ତ ସହାସ୍ୟ ବଦନରେ ।

ଜଣେ ସ୍ୱାମୀ ଭାବରେ ସେ ପାଳନ କରିଥିଲେ ଏକପତ୍ନୀବ୍ରତ । ଯଦିବା ସେତେବେଳେ ରାଜା ମହାରାଜାମାନେ ଏକାଧିକ ନାରୀଙ୍କୁ ବିବାହ କରି ଅଏସ ଆରାମରେ ରାଜକୀୟ ଜୀବନ ଶୈଳୀକୁ ଉପଭୋଗ କରିଆସୁଥିଲେ । ଅଥଚ ପ୍ରଭୁ ଶ୍ରୀରାମଚନ୍ଦ୍ର ଥିଲେ ମର୍ଯ୍ୟାଦା ପୁରୁଷ । ସେ ଏକପତ୍ନୀ ବ୍ରତପାଳନ ପୂର୍ବକ ତତ୍କାଳୀନ ସମାଜରେ ଅନନ୍ୟ ଉଦାହରଣ ସୃଷ୍ଟି କରିପାରିଥିଲେ । ସେ ସୃଷ୍ଟି କରିଯାଇଥିବା ଏକପତ୍ନୀ ଗ୍ରହଣ ବ୍ୟବସ୍ଥା ଅଦ୍ୟପି ଭାରତୀୟ ସଂସ୍କୃତିର ପ୍ରମୁଖ ପରିଚୟ ଓ ଏହା ଏକ ସୁସ୍ଥ ପରମ୍ପରା ବୋଲି ଜନମାନସରେ ବିଦିତ ।

ଶ୍ରୀରାମଚନ୍ଦ୍ର ଥିଲେ ଜଣେ ପରମ ଗୁରୁଭକ୍ତ ଶିଷ୍ୟ । ଯିଏ କି ଗୁରୁ ବଶିଷ୍ଠଙ୍କ ପଦେ କଥାରେ ଭ୍ରାତା ଲକ୍ଷ୍ମଣଙ୍କ ସହ ଗୁରୁ ଆଶ୍ରମରେ ଉପସ୍ଥିତ ରହି ତାଡକା, ସୁବାହୁ ଭଳି ରାକ୍ଷସଙ୍କ ବଧ କରି ଗୁରୁଙ୍କ ହୋମ ଯଜ୍ଞ ସମାପନରେ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇ ଅନନ୍ୟ ଗୁରୁ ଶିଷ୍ୟ ପରମ୍ପରାର ପରିଚୟ ପ୍ରଦାନ କରିଥିଲେ । ଗୁରୁଙ୍କ ଆଦେଶରେ ମାତା ସୀତାଙ୍କୁ ବିବାହ ନମିତ୍ତ ଶିବଧନୁ ଭାଙ୍ଗି ଜନକ ନନ୍ଦିନୀଙ୍କୁ ଅଯୋଧ୍ୟା ନେଇ ଆସିଥିଲେ ।

ପାଷାଣୀ ସତୀ ଅହଲ୍ୟାଙ୍କୁ ଉଦ୍ଧାର କରିବା ହେଉ କିମ୍ବା କୈବର୍ତ୍ତକୁ ପାଦ ଧୋଇବା ସୁଯୋଗ ଦେବା, ଗୃହକ ଶବର ସହ ବନ୍ଧୁତା ହେଉ ଅବା ଶବରୀ ବୁଢୀର ଅଇଁଠା କୋଳି ଖାଇବା ପ୍ରସଙ୍ଗ ଏବଂ ପରବର୍ତ୍ତୀ ସମୟରେ ସୁଗ୍ରୀବଙ୍କ ପରି ବାନର ରାଜାଙ୍କ ସହ ମିତ୍ରତା,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଙ୍ଗଦ, ହନୁମାନ, ଭଲ୍ଲୁକ, ବାନର ଆଦିଙ୍କ ସହ ସୁସଂପର୍କ ସ୍ଥାପନ ଓ ମିତ୍ରତା ଆଦି ପ୍ରମାଣିତ କରେ ସେ ଥିଲେ ସର୍ବଜନାଦୃତ ବ୍ୟକ୍ତିତ୍ୱ ଓ ଭକ୍ତର ଭଗବାନ ।

ଜଣେ ପ୍ରଜାବତ୍ସଳ ରାଜା ଓ ରାଜ ଚକ୍ରବର୍ତ୍ତୀ ସମ୍ରାଟ ଭାବରେ ଅଶ୍ୱମେଧ ଯଜ୍ଞ ଅନୁଷ୍ଠାନରୁ ଆରମ୍ଭ କରି ପ୍ରଜାଙ୍କୁ ସନ୍ତାନତୁଲ୍ୟ ପାଳନ କରିବା ତାଙ୍କ ଶାସନକାଳର ଶ୍ରେଷ୍ଠ ନିଦର୍ଶନ । ସେଥିପାଇଁ ତ କଥା ଛଳରେ ସମସ୍ତେ ଏବେ ବି ରାମରାଜ୍ୟକୁ ଝୁରିଥାନ୍ତି ଓ ସର୍ବଦା ରାମରାଜ୍ୟର ସ୍ୱପ୍ନ ଦେଖିଥାନ୍ତି । ଅବଶ୍ୟ ପ୍ରଜାନୁରଞ୍ଜନ ନିମିତ୍ତ ରଜକ-ରଜକୀଙ୍କ କଳହରୁ ସୃଷ୍ଟ ସନ୍ଦେହ ଓ ତତ୍ ଜନିତ ଅନ୍ତଃସତ୍ୱା ମାତା ଜାନକୀଙ୍କୁ ବର୍ଜନ ତାଙ୍କ ମହନୀୟ ଚରିତ୍ରରେ ଚନ୍ଦ୍ରମାର କାଳୀମା ସମ ଦାଗ ଲଗାଇଥିଲା, କିନ୍ତୁ ପ୍ରଜାଙ୍କ ସନ୍ଦେହ ମୋଚନ କରି ଜଣେ ଉତ୍ତମ ପ୍ରଜାପାଳକ ରୂପେ ସେ ଚିରଦିନ ନିମିତ୍ତ ଜନାଦୃତ ।

ପିତା ଭାବରେ ଲବକୁଶଙ୍କ ପରିଚୟ ପାଇବାପରେ ନିଜ କର୍ତ୍ତବ୍ୟପାଳନ ସହ ସେ ଯେଉଁ ଦାୟିତ୍ୱବୋଧର ପରିଚୟ ଦେଇଥିଲେ ତାହା ଥିଲା ଅନନ୍ୟ ।

ଅନ୍ୟାୟ, ଅଧର୍ମକୁ ପ୍ରତିହତ କରିବା ନିମତ୍ତ ସେ ଦୁଷ୍ଟ ରାକ୍ଷସ ରାବଣକୁ ବଧ କରି ଭୀତତ୍ରସ୍ତ ଧରଣୀ ସମେତ ସମସ୍ତ ଜୀବଜନ୍ତୁ, ମନୁଷ୍ୟ, ଦେବତା, ଗନ୍ଧର୍ବ, ନାଗଲୋକ, ଏହିପରି ତ୍ରିପୁରବାସୀଙ୍କୁ ସନ୍ତୋଷ ପ୍ରଦାନ କରିଥିଲେ ।

ଶ୍ରୀରାମ ଚନ୍ଦ୍ର ଭଗବାନ ଶିବଙ୍କ ପରମ ଉପାସକ ଥିଲେ । ରାମେଶ୍ୱରମ ଶୈବ ମନ୍ଦିର ତାଙ୍କ ପୂଜିତ ଏକ ପ୍ରସିଦ୍ଧ ତୀର୍ଥସ୍ଥାନ ଅଟେ । ସେହିପରି ସେ ମାତା ଦଶଭୂଜା ଦୁର୍ଗାଙ୍କୁ ପୂଜା କରି ଶକ୍ତି ଉପାସନାର ବଳିଷ୍ଠ ଭିତ୍ତିଭୂମି ସ୍ଥାପନ କରିଛନ୍ତି । ସନାତନ ହିନ୍ଦୁ ଧର୍ମରେ ସେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ର ରୂପେ ଭଗବାନ ବିଷ୍ଣୁଙ୍କ ଦଶଅବତାରରୁ ଏକ ପ୍ରମୁଖ ଅବତାର ରୂପରେ ଘରେ ଘରେ ପୂଜିତ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁଖର କଥା କିଛି ଦିନ ତଳେ ଅର୍ଥାତ ଦୁଇ ହଜାର କୋଡିଏ ମସିହା ଅଗଷ୍ଟ ଚାରି ଓ ପାଞ୍ଚ ତାରିଖରେ ପ୍ରଭୁ ଶ୍ରୀରାମଙ୍କ ଏକ ଭବ୍ୟ ମନ୍ଦିର ନିର୍ମାଣ ନିମିତ୍ତ ଭୂମି ପୂଜନ ବିଧି ସହ ତାଙ୍କର ଜନ୍ମଭୂମି ଅଯୋଧ୍ୟାରେ ଏହି ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇସାରିଛି । ଯଦିଓ ଏହି ମନ୍ଦିର ନିର୍ମାଣର ଇତିହାସ ଘଟଣାବହୁଳ ଓ ଏହାର ପୃଷ୍ଠଭୂମିରେ ନାନା ରୋମାଞ୍ଚକର କାହାଣୀ ରହିଛି ତଥାପି ଏହି ମନ୍ଦିର ରାମଲାଲାଙ୍କ ସମ୍ମାନ ଓ ପୂଜନ ନିମିତ୍ତ ଏକ ମାଇଲଖୁଣ୍ଟ ହୋଇ ବିଶ୍ୱ ଇତିହାସରେ ସ୍ଥାନ ପାଇବ ଏହି ଆଶା ସମସ୍ତ ସନାତନଧର୍ମୀଙ୍କ ମନରେ ସର୍ବଦା ରହିଛି । ରାମ ଜଣେ ମହାପୁରୁଷ ପରି ସମାଜକୁ ଦେଇଛନ୍ତି ଦିଗଦର୍ଶନ । ସମାଜ ସୁଧାରକରୂପେ ଆଦିବାସୀ, ବନବାସୀଙ୍କୁ ମିତ୍ରର ମାନ୍ୟତା ଦେଇ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି । ଭଗବାନ ବିଷ୍ଣୁଙ୍କ ଅବତାର ସାଜି ରାବଣକୁ ବଧ କରି ସମଗ୍ର ଜୀବ ଜଗତକୁ ଶାନ୍ତି ଦେଇଛନ୍ତି । ଜଣେ ରାଜଚକ୍ରବର୍ତ୍ତୀ ସମ୍ରାଟ ଓ ପ୍ରଜା ବତ୍ସଳ ରାଜା ରୂପେ ପ୍ରଜାପାଳନ କରି ଶ୍ରେଷ୍ଠ ରାଜାର ମାନ୍ୟତା କାଳ କାଳକୁ ବଜାୟ ରଖିଛନ୍ତି । ଜଣେ ଆଦର୍ଶ ଚରିତ୍ର ରୂପେ ସଦା ସର୍ବଦା ପୂଜନୀୟ ଓ ବନ୍ଦନୀୟ ହୋଇରହିଛନ୍ତି ।

"ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେ ହେଁ ମରଇ" ଭାଗବତର ଏହି ବାଣୀଟି ପ୍ରମାଣିତ କରୁଛିକି ଭଗବାନ ରାମ ମାନବ ଜନ୍ମଗ୍ରହଣ କରି ନିଜ ମାନବୀୟ ଲୀଳାଖେଳା ରଚନା କରିବା ସହ ସମାଜର ମଙ୍ଗଳ ପାଇଁ ଯୁଗ ଯୁଗକୁ ମହନୀୟ ଚରିତ୍ର, ନୀତି, ଆଦର୍ଶ, ମୂଲ୍ୟବୋଧର ଛାପ ଛାଡି ଯାଇଛନ୍ତି । ତାଙ୍କୁ କେଉଁ ରୂପରେ ଦେଖିବା ସେଥିପାଇଁ ଆମକୁ କେବଳ ଏକ ଦୃଷ୍ଟିଭଙ୍ଗୀର ଆବଶ୍ୟକତା ରହିଛି ।

ବଡକୋଦଣ୍ଡା, ଭଞ୍ଜନଗର, ଗଂଜାମ,
ଭ୍ରାମ୍ୟଭାଷ : ୯୭୭୭୪୦୮୪୦୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାମ୍ପ୍ରତିକ ସ୍ଥିତିରେ ଗଣେଶ ପୂଜା

ପୁରାଣ ଅନୁଯାୟୀ ତେତିଶ କୋଟି ଦେବାଦେବୀଙ୍କ ମଧ୍ୟରୁ ବିଘ୍ନ ବିନାଶକ ଗଣେଶ ହେଉଛନ୍ତି ଅଗ୍ରପୂଜ୍ୟ । ଯେ କୌଣସି ଦେବାଦେବୀଙ୍କ ଉଦ୍ଦେଶ୍ୟରେ ପୂଜା ଅନୁଷ୍ଠିତ ହେଲେ ହେଁ ସର୍ବ ପ୍ରଥମେ ଗଣେଶଙ୍କୁ ହିଁ ଆବାହନ କରାଯାଇଥାଏ । ଏହା ଗଣେଶଙ୍କ ପବିତ୍ର ମାତୃଭକ୍ତିର ଉପହାର ।

ମହାଦେବଙ୍କ କ୍ରୋଧର ପରିଣାମ ଭୟାନକ ପରିସ୍ଥିତି ସୃଷ୍ଟି କରିବା ପରେ ମାତା ପାର୍ବତୀ ବ୍ୟତିବ୍ୟସ୍ତ ହୋଇ ପଡିଲେ ଏବଂ ପୁତ୍ର ଜୀବିତ ନହେଲେ ନିଜେ ଆତ୍ମାହୁତି ଦେବାପାଇଁ ନିଷ୍ପତ୍ତି ନେଇଗଲେ ଏଣୁ ଦେବତାମାନଙ୍କ ବିଚାର ବିମର୍ଷ ପରେ କୌଣସି ଏକ ଛୋଟ ହାତୀର ମୁଣ୍ଡ ଆଣି ଗଣେଶଙ୍କୁ ଜୀବନ୍ୟାସ ଦିଆଗଲା । କିନ୍ତୁ ଭବିଷ୍ୟତରେ ଯେମିତି ଏଇ ହାତୀମୁଣ୍ଡକୁ ନେଇ ଗଣେଶ କୌଣସି ଶରବ୍ୟର ଶିକାର ନହୁଅନ୍ତି ସେଥିପାଇଁ ମାତା ପାର୍ବତୀ ବରଦାନ ଦେଲେ ପ୍ରତ୍ୟେକ ପୂଜାରେ ଗଣେଶ ଅଗ୍ରପୂଜ୍ୟ ହେବ ଏବଂ ତାହା ଆଜି ଶାସ୍ତ୍ରସମ୍ମତ ଭାବେ ସମାଜରେ ପ୍ରଚଳିତ ।



ସନ୍ତୋଷ ପଟ୍ଟନାୟକ

ହାତୀମୁଣ୍ଡ ଲାଗିବା ପୂର୍ବରୁ ପାର୍ବତୀ ସ୍ନାନ ସମୟରେ ନିଜ ଶରୀରରୁ ନିର୍ଗତ ହଳଦୀ ମଳୁଖକୁ ନେଇ କୌତୂହଳବଶତଃ : ଯେଉଁ ପିତୁଳା ଗଢ଼ି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଥିରେ ଜୀବନ୍ୟାସ ଦେଇଥିଲେ ସେଇ ଶରୀର ଅପରିବର୍ତ୍ତିତ ଥିଲା ସେ ଦିନ ଥିଲା ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀ ଦିନକୁ ହିଁ ଗଣେଶଙ୍କ ଜନ୍ମ ଦିନ ବା ବିନାୟକ ବ୍ରତ ପାଳିତ ହୁଏ ।

ସବୁକିଛି  ବିଦ୍ୟା ଗ୍ରହଣ କରିପାରିଥିଲେ ଗଣେଶ । ପାର୍ବତୀଙ୍କ ନୁପୂରର ଶବ୍ଦଶୁଣି ସଙ୍ଗୀତ ଶିଖିଲେ । ପିତା ଶିବଙ୍କ ଡମ୍ବୁରୁର ଶବ୍ଦଶୁଣି ଚାରିବେଦ ଆୟତ୍ତ କରିଲେ । ତାଙ୍କର ଏହି ବିଶାଳ ବିଦ୍ୟାର ଭଣ୍ଡାର ତାଙ୍କର ପେଟ । ମହାଭାରତ ମହାକାବ୍ୟ ରଚନା ପାଇଁ ବ୍ୟାସ ଗଣେଶଙ୍କୁ ନିବେଦନ ଆଉ ଗଣେଶଙ୍କ ସହମତିରେ ମହାଭାରତ ରଚନା ପୁରାଣରେ ବର୍ଣ୍ଣିତ ଅଛି  ।

ବିଦ୍ୟାର ଭଣ୍ଡାର ହେତୁ ଗଣେଶ ପୂଜା ସାଧାରଣତଃ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ପାଳନ କରି ଆସୁଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଏହା ବିଦ୍ୟାଳୟ ବାହାରକୁ ଆସି ଗାଁର ଗୋଟେ ଦୁଇଟି ଅନୁଷ୍ଠାନ ଭଳି ଚାନ୍ଦା ଭେଦା କରି ପାଳନ ହେଲା, ପରବର୍ତ୍ତୀ ସମୟରେ ପ୍ରତ୍ୟେକ ସାହି, ଗଳି ଛକ ଜାଗାମାନଙ୍କରେ ବିଭିନ୍ନ ଗୋଷ୍ଠୀ ଏହାକୁ ପାଳନ କଲେ । ଏହାର ଆଡମ୍ବରପୂର୍ଣ୍ଣ ପୂଜା ଏତେ ବଢିଯାଇଚି ଯେ ତାହା ଭକ୍ତିରସ ବିହୀନ ହୋଇ ପ୍ରତିଯୋଗିତା ମୂଳକ ହୋଇଯାଇଛି  ।

ପୂର୍ବେ ଆମ ସଂସ୍କୃତିରେ ଏସବୁ ପରିଲକ୍ଷିତ ହେଉନଥିଲା । ମାତ୍ର ସମ୍ପ୍ରତି ସାଂସାରିକ ମୋହାବିଷ୍ଟ ମାନବଗଣଙ୍କ ମନରୁ ଆଧ୍ୟାତ୍ମିକ ଭାବନା କ୍ରମଶଃ କ୍ଷୀଣ ହୋଇ ଲାଗିଛି । ମଣିଷ ଯେତିକି ଶିକ୍ଷିତ ହେଉଛି ସେତିକି ଧର୍ମୀୟ ଭାବନାକୁ କ୍ଷୁର୍ଣ୍ଣ କରୁଛି, ଏପରିକି ପୂଜକ ମାନେ ମଧ୍ୟ ଏଥିରେ ସଂଶ୍ଲିଷ୍ଟ ହେଉଛନ୍ତି । ଯୁବପିଢି ଆଜି ଧର୍ମ ଓ ଭକ୍ତିମାର୍ଗରୁ ପଥଚ୍ୟୁତ ହେଇଛି । ମୂର୍ତ୍ତି ନିର୍ମାଣ ଶୈଳୀ ମଧ୍ୟ ଯୁବପିଢିଙ୍କ ବିକୃତ ମାନସିକତାର ତାଳେ ତିଆରି ହେଉଚି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଣେଶ ପୂଜା ଆୟୋଜନରେ ଅଧିକରୁ ଅଧିକ ଅର୍ଥଶ୍ରାଦ୍ଧ ସିଧା ଲୋକମାନଙ୍କ ମନକୁ ଆଘାତ କରୁଛି କିନ୍ତୁ ନିରୁପାୟ ସାଜି ନିର୍ବାକ୍ ଭାବେ ଇଜ୍ଜତର ଆଘାତ ଭୟରେ ହେଉ କିମ୍ବା ସଉକର ତାଳେ ହେଉ ପୂଜା ଆୟୋଜନ କରିବା ପାଇଁ ପ୍ରତିଯୋଗିତା କରୁଛନ୍ତି । ଅପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରି ସୁଦୃଶ ତୋରଣ, ସୁଶୋଭିତ ପୂଜା ମଣ୍ଡପ ତଥା ବିରାଟକାୟ ଏବଂ ସାମାଜିକ ଶୈଳୀରେ ମୂର୍ତ୍ତି ସ୍ଥାପନକରି ବହୁ ଆଡମ୍ବର ସହକାରେ ପୂଜା ହେଉଛି । ମନୋରଞ୍ଜନ ନାମରେ ବିପୁଳ ଅର୍ଥ ବ୍ୟୟ, ଅଶ୍ଳୀଳ ସଙ୍ଗୀତ, ଅର୍ଦ୍ଧନଗ୍ନ ନୃତ୍ୟର ତାଳେ ନିଶାସକ୍ତ ଅବସ୍ଥାରେ ଆୟୋଜକମାନେ ଚରମ ତୃପ୍ତି ଲାଭ କରୁଛନ୍ତି ।

ବିଶେଷ କରି ସାମ୍ପ୍ରତିକ ସ୍ଥିତିରେ ଗଣେଶ ପୂଜା ଏକ ବ୍ୟୟ ବହୁଳ, ଭବ୍ୟ ଆଡମ୍ବରପୂର୍ଣ୍ଣ, ଭକ୍ତିରସ ହୀନ ଏକ ମନୋରଞ୍ଜନ ମହୋତ୍ସବ ପାଲଟିଯାଇଛି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ୪ଟି 'ନ' ପ୍ରତି ଧ୍ୟାନ ଦିଅନ୍ତୁ ରାଜ୍ୟ ସରକାର

ଆଜି ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଲୋକପ୍ରିୟତାର ଶୀର୍ଷରେ ଏବଂ କ୍ରମାଗତ ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇ ରେକର୍ଡ଼ର ଅଧିକାରୀ ହୋଇଛନ୍ତି । ରାଜ୍ୟ ସରକାର ମମତା ଯୋଜନା ମାଧ୍ୟମରେ ମାଁ ପେଟରେ ଥିବା ଶିଶୁର ଯତ୍ନନେବା ଠାରୁ ଆରମ୍ଭ କରି ଜୀବନର ଶେଷରେ ମୃତ ବ୍ୟକ୍ତିକୁ ଚାରି ଖପରାରୁ ଉଦ୍ଧାର କରିବା ପାଇଁ ହରିଶ୍ଚନ୍ଦ୍ର ଯୋଜନା କରିଛନ୍ତି । ବିଗତ ୨୦ ବର୍ଷ ସମୟସୀମା ମଧ୍ୟରେ ଓଡ଼ିଶାର ସାମଗ୍ରିକ ବିକାଶ କରିବା ଦିଗରେ ରାଜ୍ଯ ସରକାର ସଫଳ ହୋଇଛନ୍ତି ଏବଂ ଆଜି ଏକ ନୂତନ ଓଡ଼ିଶାର ଅଭ୍ୟୁଦୟ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ କିନ୍ତୁ ଆଜି ମଧ୍ୟ ନିର୍ଦ୍ଦିଷ୍ଟ କେତେକ କ୍ଷେତ୍ରରେ ରାଜ୍ୟ ସରକାରକୁ ଅଧିକ ଧ୍ୟାନ ଦେବାକୁ ହେବ । ମୁଖ୍ୟତଃ ରାଜ୍ୟ ସରକାରଙ୍କୁ ୪ଟି ପ୍ରମୁଖ ବିଭାଗ ତଥା '୪ନ' ପ୍ରତି ଗୁରୁତ୍ୱାରୋପ କରିବା ପଡ଼ିବ; ଏହି '୪ନ' ହେଲା ଆଇନ୍, ଶିକ୍ଷାନୁଷ୍ଠାନ, ଗମନାଗମନ ଏବଂ ଡ଼ାକ୍ତରଖାନା ।



ନିଗମ କୁମାର ବେହେରା

ପ୍ରଥମ ନ' ହେଉଛି ଆଇନ୍; ରାଜ୍ୟ ଗୃହ ବିଭାଗ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ହସ୍ତରେ ନ୍ୟସ୍ତ ଥିବାବେଳେ ନିକଟ କିଛି ବର୍ଷରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି । ସଂସାରର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମସ୍ତ ବ୍ୟକ୍ତି ନିଜ ଜୀବନରେ ସୁଖ-ଶାନ୍ତି ଚାହିଁଥାଏ କିନ୍ତୁ ଗରିବ ଓ ମଧ୍ୟବିତ୍ତ ପରିବାର ନ୍ୟାୟ ପାଇବା ପରିବର୍ତ୍ତେ ସର୍ବଦା ଉଭୟ ଥାନା ଓ ଅଦାଲତରୁ ନିରାଶ ଓ ଉପେକ୍ଷିତ ହୋଇଥାନ୍ତି । କିନ୍ତୁ ଚର୍ଚ୍ଚିତ କିମ୍ବା ଧନୀକ ଶ୍ରେଣୀର ବ୍ୟକ୍ତିଙ୍କ କ୍ଷେତ୍ରରେ ନ୍ୟାୟିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଏ । ଆଇନ୍ ନଜରରେ ସଭିଁଏ ସମାନ ଏହା ବର୍ତ୍ତମାନ ଏକ ଲୋକକଥା ହୋଇ ରହିଯାଇଛି; କାରଣ ଚର୍ଚ୍ଚିତ ବ୍ୟକ୍ତିକୁ ନ୍ୟାୟ ଦେବାପାଇଁ ଅନେକ କଥାକଥିତ ସମାଜସେବୀମାନେ ସ୍ୱର ଉତ୍ତୋଳନ କରିଥାନ୍ତି କିନ୍ତୁ ଏହା ଗରିବ ଓ ମଧ୍ୟବିତ୍ତ ପରିବାରକୁ ନ୍ୟାୟ ଦେବା କ୍ଷେତ୍ରରେ ପ୍ରତିଫଳିତ ହୁଏ ନାହିଁ । ସେହିପରି ରାଜ୍ୟରେ ଦିନକୁ ଦିନ ନାରୀ ପ୍ରତି ବ୍ୟଭିଚାର, ନିର୍ଯାତନା ଓ ଦୁଷ୍କର୍ମ ବୃଦ୍ଧି ପାଇବାରେ ଲାଗିଛି । ଏହାର ନିରାକରଣ ଦୂରର କଥା ରାଜ୍ୟ ଆଇନ୍ ବିଭାଗ ଦୋଷୀକୁ ଚିହ୍ନଟ ଏବଂ ଦଣ୍ଡିତ କରିବାରେ ସମ୍ପୂର୍ଣ୍ଣ ବିଫଳ । ବର୍ତ୍ତମାନ ପାପୀଙ୍କ ନଜରରୁ ନିଷ୍ପାପ ଶିଶୁ ଓ ନାବାଳିକା ମଧ୍ୟ ବାଦ ପଡୁନାହାନ୍ତି ଏବଂ ଏଭଳି କୁକର୍ମ ଉପାନ୍ତ କୋରାପୁଟ ଠାରୁ ଆରମ୍ଭ କରି ରାଜ୍ୟ ରାଜଧାନୀରେ ମଧ୍ୟ ଦେଖିବାକୁ ମିଳୁଛି । ଏହି ଲଜ୍ଜାକୁ ରୋକିବା ପାଇଁ ରାଜ୍ୟ ସରକାର ଅଧିକରୁ ଅଧିକ ଅଦାଲତ ଗଠନ କରିବା ସହ ରାଜ୍ୟରେ ଖାଲି ପଡ଼ିଥିବା ପୋଲିସ୍ ପଦବୀ ପୂରଣ କରିବା ଉଚିତ । ଏହା ବ୍ୟତୀତ ଗୋଲାମଗିରି ଓ ପକେଟ୍ ଗରମ କରିବା ନିଶା ତ୍ୟାଗ କରି ପୋଲିସ୍ ରାଜ୍ୟରେ କ୍ରାଇମରେଟ୍ ହ୍ରାସ କରିବା ଦିଗରେ ଆଗଭର ହେବା ସହ ସ୍ୱଳ୍ପ ସମୟରେ ପୀଡ଼ିତାକୁ ନ୍ୟାୟ ଦେବା ସହ ଦୋଷୀକୁ ଉପଯୁକ୍ତ ଦଣ୍ଡ ବିଧାନ ପାଇଁ ପ୍ରୟାସ କରିବା ଆବଶ୍ୟକ । ଫଳରେ ରାଜ୍ୟବାସୀଙ୍କ ନ୍ୟାୟିକ ବ୍ୟବସ୍ଥା ଉପରେ ପୁନଶ୍ଚ ବିଶ୍ୱାସ ଜନ୍ମ ହେବ ଏବଂ ଲୋକେ ଶାନ୍ତିର ସହ ବସବାସ କରିବେ ।

ଦ୍ୱିତୀୟ ନ' ହେଉଛି ଶିକ୍ଷାନୁଷ୍ଠାନ; ନବୀନ ବାବୁ କ୍ଷମତାକୁ ଆସିବା ପରେ ରାଜ୍ୟରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ପିଲାମାନଙ୍କୁ ସରକାରୀ ବିଦ୍ୟାଳୟ ପ୍ରତି ଅଧିକରୁ ଅଧିକ ଆକୃଷ୍ଟ କରିବା ପାଇଁ "ସର୍ବଶିକ୍ଷା ଅଭିଯାନ" ଏବଂ "ମଧ୍ୟାହ୍ନ ଭୋଜନ" ଭଳି ଅନେକ ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି । କିନ୍ତୁ ଆଜି "ସର୍ବଶିକ୍ଷା ଅଭିଯାନ" ଏକ ବିପର୍ଯ୍ୟୟରେ ପରିଗଣିତ ହୋଇଥିବା ବେଳେ ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ଅଭାବ ହେତୁ ଅନେକ ସ୍କୁଲ ବନ୍ଦ କରିବା ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି । ଆଜି ମଧ୍ୟ ଉପାନ୍ତ ଅଞ୍ଚଳରେ ପିଲାମାନେ ଶିକ୍ଷାରୁ ବଞ୍ଚିତ; କୋଭିଡ୍ ମହାମାରୀରେ ରାଜ୍ୟ ସରକାର ଅନଲାଇନ୍ ଶିକ୍ଷାକୁ ପ୍ରାଧାନ୍ୟ ଦେଉଛନ୍ତି କିନ୍ତୁ ପ୍ରାୟ ୭୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ଅନଲାଇନ୍ ଶିକ୍ଷାରୁ ବଞ୍ଚିତ । ଡ଼ିଜିଟାଲ୍ ଶିକ୍ଷା ହିଁ ଭବିଷ୍ୟତ ଏଣୁ ରାଜ୍ୟ ସରକାରଙ୍କୁ ଏଦିଗରେ ଯତ୍ନବାନ ହେବା ସହ ଗ୍ରାମାଞ୍ଚଳରେ ଅଧିକ ଟାୱାର୍ ସ୍ଥାପନ କରିବା ଆବଶ୍ୟକ । ଅନେକ ସ୍ଥାନରେ ଦେଖିବାକୁ ମିଳେ ମୋଟା ଅଙ୍କର ବେତନ ପାଇ ମଧ୍ୟ ଶିକ୍ଷକମାନେ ଶିକ୍ଷାଦାନ କରିବା ପରିବର୍ତ୍ତେ ସ୍କୁଲକୁ ମଧ୍ୟ ଆସନ୍ତି ନାହିଁ ରାଜ୍ୟ ସରକାର ସେଭଳି ଅଳସୁଆ ଶିକ୍ଷକ ତଥା ଶିକ୍ଷୟତ୍ରୀଙ୍କୁ ଚାକିରୀରୁ ବହିଷ୍କାର କରିବା ଆବଶ୍ୟକ । ସ୍କୁଲଗୁଡ଼ିକ ପ୍ରତି ତିନି ମାସରେ ଅଭିବାଭକ ସମ୍ମିଳନୀ ଆୟୋଜନ କରି ଅଭିବାଭକଙ୍କ ଠାରୁ ମତାମତ ନେଇ ଶିକ୍ଷା କ୍ଷେତ୍ରକୁ ଆହୁରି ଉନ୍ନତର କରିବା ଉଚିତ୍ ଏବଂ ରାଜ୍ୟରେ ଖାଲି ପଡ଼ିଥିବା ଶହ ଶହ ଶିକ୍ଷକ ପଦବୀକୁ ସରକାର ଯଥାଶୀଘ୍ର ପୂରଣ କରିଲେ ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହେବେ ଏବଂ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ ।

ତୃତୀୟ ନ' ହେଉଛି ଗମନାଗମନ; ଆଜି ରାଜ୍ୟର ପ୍ରାୟ ଅଧିକାଂଶ ଅଞ୍ଚଳ ପକ୍କାରାସ୍ତାଯୁକ୍ତ କିନ୍ତୁ ଉପାନ୍ତ ଇଲାକାର ଲୋକଙ୍କ ପାଇଁ ମାଟି ରାସ୍ତା ଆଜି ମଧ୍ୟ ସାତସ୍ୱପ୍ନ । ପକ୍କାରାସ୍ତା ଓ ସ୍ଥାୟୀ ପୋଲ ଅଭାବ ହେତୁ ଅନେକ ସମୟରେ ଜନନୀ ଯନ୍ତ୍ରଣା ଠାରୁ ଆରମ୍ଭ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରି ଶିକ୍ଷା ପାଇଁ ପିଲାମାନେ ନିଜ ଜୀବନକୁ ବାଜି ଲଗାଇ ନଦୀ ପାର ହୋଇ ସ୍କୁଲ ଯିବାର ଦୃଶ୍ୟ ଦେଖିବାକୁ ମିଳୁଛି । କେବଳ ଏତିକି ନୁହେଁ ପୋଲ ଅଭାବ ହେତୁ ଅନେକ ସମୟ ଡ଼ଙ୍ଗାବୁଡ଼ି ଭଳି ଅଘଟଣ ମଧ୍ୟ ଦେଖିବାକୁ ମିଳୁଛି । ଏଭଳି ଅଘଟଣ ଘଟିଲେ ରାଜ୍ୟ ସରକାର ନିଜ ଚିରାଚରିତ ଢ଼ଙ୍ଗରେ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ୨ ଲକ୍ଷର ଅନୁକମ୍ପା ତଥା ସହାୟତା ରାଶି ପ୍ରଦାନ କରିବାରେ ପାରଙ୍ଗମ କିନ୍ତୁ ସମସ୍ୟାର ମୂଳୋତ୍ପାଟନ ପାଇଁ ଇଚ୍ଛୁକ ନୁହନ୍ତି । ବିଭିନ୍ନ ସମୟରେ ଦେଖିବାକୁ ମିଳେ ସରକାରୀ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଲୋକମାନେ ନିମ୍ନମାନର ରାସ୍ତା ପାଇଥାନ୍ତି । ନିମ୍ନମାନର କାମ କରୁଥିବା ଅଧିକାରୀକୁ ଜେଲ୍ ଓ ଠିକାଦାରକୁ ଜେଲ ସହ ତାହାର ଲାଇସେନ୍ସ ରଦ୍ଦ କରିବା ଉଚିତ୍ । ଯଦି ଗୋଟିଏ କାମ ଉଚ୍ଚମାନର ହୁଏ ତେବେ ତାହା ବର୍ଷ ବର୍ଷ ପର୍ଯ୍ୟନ୍ତ ଜୀବିତ ରହିଥାଏ ଏବଂ ରାଜ୍ୟ ରାଜକୋଷକୁ କ୍ଷତି ସହିବାକୁ ପଡ଼ିନଥାଏ । ଉଚ୍ଚମାନର କାର୍ଯ୍ୟର ନମୁନା ଆମକୁ ଇଂରେଜମାନଙ୍କ କାମରୁ ଦେଖିବାକୁ ମିଳେ, ଯାହା ଆଜି ମଧ୍ୟ ତିଷ୍ଠି ରହିବା ସହ ବଳିଷ୍ଠ ଇଞ୍ଜିନିୟରିଂର ପ୍ରମାଣ ଉପସ୍ଥାପନ କରୁଛି । ପ୍ରକୃତରେ ଗମନାଗମନ ସୁଗମ ହୋଇପାରିଲେ ସରକାରଙ୍କୁ ନିଜ ବିକାଶମୂଳକ ଯୋଜନାଗୁଡ଼ିକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ସହଜ ହେବ ଏଣୁ ଗମନାଗମନ ବିକାଶର ବାର୍ତ୍ତାବାହାକ ଅଟେ ଏବଂ ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ମାଲକାନଗିରିର ବହୁ ପ୍ରତୀକ୍ଷିତ ଗୁରୁପ୍ରିୟା ସେତୁ ।

ଚତୁର୍ଥ ତଥା ଶେଷ ନ' ହେଉଛି ଡ଼ାକ୍ତରଖାନା; ରାଜ୍ୟର ସରକାରୀ ଡ଼ାକ୍ତରଖାନା ଗୁଡ଼ିକରେ ଆଜି ଡ଼ାକ୍ତର ମରୁଡ଼ି ଫଳସ୍ୱରୂପ ଉପଯୁକ୍ତ ଚିକିତ୍ସାପାଇଁ ଆଜି ଲୋକମାନେ ବେସରକାରୀ ଡ଼ାକ୍ତରଖାନାଗୁଡ଼ିକ ଉପରେ ଅତ୍ୟଧିକ ନିର୍ଭରଶୀଳ । ଏହାଛଡ଼ା ସରକାରୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡ଼ାକ୍ତରଖାନାରେ ଯେଉଁ କେତେକ ଡ଼ାକ୍ତର ନିଯୁକ୍ତି ପାଆନ୍ତି ସେମାନଙ୍କୁ ରୋଗୀମାନେ ଡ଼ାକ୍ତରଖାନା ପରିବର୍ତ୍ତେ ଖୋଜି ପାଆନ୍ତି ପ୍ରାଇଭେଟ୍ ନର୍ସିଂ ହୋମରେ । ସରକାର ପ୍ରତ୍ୟେକ ଜିଲ୍ଲାରେ ମେଡିକାଲ୍ କଲେଜ ଗଢ଼ିବା ସହ ଡ଼ାକ୍ତରୀ ଶିକ୍ଷା ଫିଂକୁ ହ୍ରାସ କରିବା ଶ୍ରେୟସ୍କର ଫଳରେ ଅଧିକରୁ ଅଧିକ ପିଲା ଡ଼ାକ୍ତରୀ ଶିକ୍ଷା ହାସଲ କରିପାରିବେ । ବର୍ତ୍ତମାନ କୋଭିଡ୍ ମୁକାବିଲା ପାଇଁ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗକୁ ଅତ୍ୟଧିକ ପ୍ରାଧାନ୍ୟ ଦେଉଛନ୍ତି ଆଶା କୋଭିଡ୍ ପରବର୍ତ୍ତୀ ସ୍ଥିତିରେ ମଧ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଅଣ୍ଟା ଭିଡ଼ିବେ ଏବଂ ଜନସାଧାରଣଙ୍କୁ ଉପଯୁକ୍ତ ସେବା ଦେବାରେ ସକ୍ଷମ ହେବେ ।

ସରକାରୀ ବାବୁଙ୍କ ମୁଣ୍ଡରେ ଥିବା ପିସି ରୋଗର ନିରାକରଣ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କାରଣ ପିସି ସୁଶାସନରେ ବାଧକ । ଏହାର ଶୀଘ୍ର ସମାଧାନ ଆବଶ୍ୟକ ନଚେତ ସେଦିନ ଦୂର ନାହିଁ ପିସି ମହାଦ୍ରୁମ ନବୀନ ସରକାରର ପତନର ପ୍ରମୁଖ କାରଣ ପାଲଟିବ । ବର୍ତ୍ତମାନ ରାଜ୍ୟ ସରକାର ପିସିକୁ ଗୁରୁତର ସହ ନେବା ସହ "ମୋ ସରକାର" ଅଧୀନରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବହିଷ୍କାର କରୁଛନ୍ତି; ଯାହା ଜନସାଧାରଣଙ୍କ ମଧ୍ୟରେ ପୁଲକ ଆଣିଥିବା ବେଳେ ଲାଞ୍ଚୁଆ ଅଧିକାରୀଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରିଛି । ଉପରୋକ୍ତ ୪ଟି ନ' ଉପରେ ରାଜ୍ୟ ସରକାର କାର୍ଯ୍ୟ କଲେ ପୁନଶ୍ଚ ଜନତା ନିକଟରେ ଆସ୍ଥାଭାଜକ ହୋଇପାରିବେ ଏବଂ ଆମ ସମସ୍ତଙ୍କ ପ୍ରିୟ ନବୀନ ବାବୁ ଜୀବନର ଶେଷ ପର୍ଯ୍ୟ ଅପରାଜେୟ ହୋଇ ସାଢ଼େ ଚାରି କୋଟି ଜନତାର ସେବା କରିବେ ।

ଗ୍ରାମ/ପୋଷ୍ଟ - ରାମନାଗୁଡ଼ା, ରାୟଗଡ଼ା

ଦୂରଭାଷ - ୭୦୭୭୯୫୧୩୫୫, ୭୯୭୮୮୪୩୧୯୯

ଇ-ମେଲ୍ - kumarneegam143@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଦେଶର ଶୈଶବ



ଇଂ ବିଦ୍ୟାଧର ପଣ୍ଡା

ବହୁତ ବଡଲୋକଙ୍କ ଜୀବନୀରୁ ତା'ଙ୍କର ଶୈଶବାବସ୍ଥା ବିଷୟରେ ଆମେ ବହିରୁ ପଢିଛେ । ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀ ସ୍କୁଲରେ ପଢିଲାବେଳେ ଗଙ୍ଗାନଦୀକୁ ପହଁରି ପହଁରି ଯିବାକୁ ହେଉଥିଲା । ଆମର ସପ୍ତମ ରାଷ୍ଟ୍ରପତି ଜ୍ଞାନୀ ଜୈଲ୍ ସିଂଙ୍କ ଭାଗ୍ୟରେ ମଧ୍ୟ ବିଧିବଦ୍ଧ ଶିକ୍ଷାପ୍ରାପ୍ତିର ସୁଯୋଗ ମିଳିନଥିଲା ଏବଂ ଏକାଦଶ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲ୍ଲାମ ଶୈଶବ ଅବସ୍ଥାରେ ପାହାନ୍ତିଆରୁ ଉଠି ଘରକୁ ଘର ଖବରକାଗଜ ବାଂଟୁଥିଲେ ବୋଲି ଜାଣିଛେ । ଏସବୁ ସ୍ୱାଧୀନତା ପୂର୍ବ ଘଟଣା । ସ୍ୱାଧୀନତା ପରେ ଏବେକାର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ଦାମୋଦର ମୋଦୀଙ୍କ ଜନ୍ମ । ସିଏ ଶୈଶବ କାଳରେ ନିଜପିତାଙ୍କୁ ଚା'ଦୋକାନରେ ସାହାଯ୍ୟ କରି ଚା ବିକିବା କଥା ସମସ୍ତେ ଜାଣିଛନ୍ତି । ଏସବୁ ଉଲ୍ଲେଖକରିବା ଉଦ୍ଦେଶ୍ୟ ହେଲା ଶିଳ ଶିଳପୁଆ ଯେତେବେଳେ ଗଗନେ ଉଡୁଛି ଶିମିଳିତୁଳା କଥା କିଏ ପଚାରେ ! ମୋଟାମୋଟି କହିବାକୁ ଗଲେ ଶିଶୁମାନେ ହେଲେ ଦେଶର ଭବିଷ୍ୟତ । ଶିଶୁମାନେ ଯେତେବେଳେ ସୁରକ୍ଷିତ ନୁହଁନ୍ତି ତେବେ ଦେଶର ଭବିଷ୍ୟତ କେତେ ସୁରକ୍ଷିତ ? ଏଠି ପାଂଚବର୍ଷର ଶିଶୁକନ୍ୟାଟିଏ ବଳତ୍କାରର ଶିକାର ହେଉଛି । ଦୁଇମାସର ସନ୍ତାନକୁ ପିତାମାତା ତିରିଶହଜାର ଟଙ୍କା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଦଳରେ ଅପରିଚିତ ହାତରେ ଟେକିଦେଇ ଭୁଲିଯାଉଛନ୍ତି । ଲକ୍ଷ ଲକ୍ଷ ଶିଶୁ ରାସ୍ତାକଡ ଢାବା ହୋଟେଲ ଗୁଡିକରେ ଥାଳିମାଜିବା, ପିଆଜରସୁଣ ଚୋପା ଛଡେଇବା, ଟେବୁଲ ପୋଛା ମାରିବା ଆଦି କାମ ସମସ୍ତଙ୍କ ସାମ୍ନାରେ କରୁଛନ୍ତି । ଆହୁରି ଲକ୍ଷ ଲକ୍ଷ ଶିଶୁ ଖେଳଣା, ଦିଆସିଲି, ଅଗରବତି, ବିଡି ଓ ବାଣ ପରି ବିପଦସଂକୁଳ କଳକାରଖାନାମାନଙ୍କରେ କାମ କରି ନିଜ ରୋଜଗାରରେ ପେଟପୋଷି ପରିବାର ଚଳଉଛନ୍ତି । ତା'ଙ୍କ ଭିତରୁ କେତେଜଣ କ୍ରୀତଦାସ ପରି ସାରା ଜୀବନପାଇଁ ବିକ୍ରି ହୋଇ ଯାଇଥିବା କଥା ମଧ୍ୟ ଶୁଣିବାକୁ ମିଳେ । ଏହାର କ'ଣ ଅନ୍ତ ନାହିଁ । ଆମଦେଶର ଶିଶୁମାନଙ୍କ ଶୈଶବାବସ୍ଥା କ'ଣ ଅନନ୍ତକାଳ ପର୍ଯ୍ୟନ୍ତ ଏମିତି ଦୟନୀୟ ହୋଇ ରହିଥିବ ! ସେଦିନ ସେ ଚାରିଜଣ ଶିଶୁମାନଙ୍କୁ ତାଙ୍କର ଜନ୍ମକଲା ମାଆ ଦ୍ୱାରା ପ୍ରତାଡିତ ହେବାର ଦେଖି ହୃଦୟ ବିଷାଦଗ୍ରସ୍ତ ହୋଇଯାଇଥିଲା । ସାଂପ୍ରତିକ ପରିସ୍ଥିତି ପାଇଁ ଦାୟୀ କିଏ ?

ରେଳଧାରଣାକୁ ଏପଟରୁ ସେପଟକୁ ପାରିହେବା ପାଇଁ ଗଢାଯାଇଥିବା ପାଦଚଲା ଉଠାପୋଲ ମଝିପାହାଚରେ ମା'ଟିଏ କୋଳରେ ବର୍ଷକର ଲଙ୍ଗଳା ଛୁଆଟିକୁ ଧରି କ୍ଷୀର ଖୋଉଥାଏ । ମଝିପାହାଚରୁ ତଳକୁ ତଳ ତିନି ପାହାଚରେ ମା'କୁ ପଛକରି ବସିଥାନ୍ତି ଆଉ ତିନୋଟି ଛୁଆ । କଅଁଳା ଛୁଆକୁ କ୍ଷୀର ଖୋଉଥିବା ମା'ଟି ତା'ଆଗରେ ବସିଥିବା ସେହି ତିନୋଟି ଛୁଆର ଜନନୀ ବୋଲି ମୁହଁ ଦେଖିଲେ ସହଜରେ ଅନୁମାନ କରିହେଉଥାଏ । ଟିକିଏ ପରେ ମା'ର ଆଗସାମ୍ନା ତଳପାହାଚରୁ ବଡଝିଅ ଉଠି ମା'ଆଡକୁ ପଛକରି ଛିଡାହେଲା । ମା'ଟି କଅଁଳାଛୁଆ ମୁହଁରୁ ନିଜର ବାଁ ସ୍ତନ କାଢି ଡାହାଣ ପଟ ସ୍ତନର ଅଗ୍ରଭାଗକୁ ଗେଞ୍ଜିଦେଇ ନିଜହାତରେ ନିଜପାଦରୁ ଚପଲଖୋଲି ସାମ୍ନାରେ ଦଣ୍ଡାୟମାନ ଝିଅର ପିଠିରେ ସେହି ଚପଲରେ ଦୁଇପୁଡା ମାଇଲା । ଝିଅଟିର ବୟସ ନଅ କି ଦଶ ଭିତରେ

 Magazine Downloaded from www.aahwaan.com

ହେବ । ଉଁ ନାହିଁ କି ଚୁଁ ନାହିଁ । ନୁଖୁରାବାଳ ଜଟାକୁ ଦେଖି ଅନୁମାନ କରିହେବ ଯେ କେଇମାସ ହେଲା ତେଲହାତ ବାଜିନି । ପେଟ ଓ କାନ୍ଧପାଖରେ ଛିଣ୍ଡି ଯାଇଥିବା ମଇଳା ପୋଷାକ ପିନ୍ଧି ଧିରସ୍ଥିର ଭାବରେ ମା' ସାମ୍ନାରେ ଝିଅଟି ଛିଡା ହୋଇଥାଏ । ଏଥର ମା' ସେହି ଝିଅର ବାଁ କଙ୍କାଳକୁ ଚପଲରେ ଥରେ ଏବଂ ଡାହାଣ କଙ୍କାଳକୁ ଚପଲରେ ଦୁଇ ତିନିଥର ଜୋରଜୋରରେ ପ୍ରହାର କରିବାରୁ ଆଖିରୁ ଲୁହ ବାହାରିଆସିଲା । ଝିଅଟି ଧିରେଧିରେ ପାହାଚ ତଳକୁ ଓହ୍ଲାଇ ପ୍ଲାଟ୍‌ଫର୍ମରେ ଅପେକ୍ଷା କରୁଥିବା ଯାତ୍ରୀମାନଙ୍କୁ ଭିକ୍ଷା ଉଦ୍ଦେଶ୍ୟରେ ହାତ ପତେଇପତେଇ ମୋ ଆଖିର ପରିସୀମା ଭିତରୁ କେଇମିନିଟରେ ଅଦୃଶ୍ୟ ହୋଇଗଲା । ତାପରେ ମୋ ଆଖି ଫେରିଲା ପୁଣିଥରେ ସେହି ନିର୍ଦ୍ଦୟ ମା'ପାଖକୁ । ଏଥର ସେହି ଝିଅଟିର ପଛରେ ଜନ୍ମ ହୋଇଥିବା ପାଂଚ ଛଅବର୍ଷର ପୁଅର ପାଳି । ସିଏ ସେମିତି ବଡ ଭଉଣୀପରି ମା' ସାମ୍ନାରେ ମା' ଆଡକୁ ପଛକରି ଛିଡାହେଲା । ମା' ତାକୁ ପାଖରେ ରଖିଥିବା ଗୋଟିଏ ତେନ୍ତୁଳି ଛାଟରେ ଚାରିପାହାର ଦେଲାପରେ ପଚାରିଲା, 'ହେଲା ?- ନା' । ଏଥର ମା'ର ପୂରାବଳ ଖର୍ଚ୍ଚକରି ଆଖିବୁଜା ଆଉ ଚାରି ଛଅ ଛାଟ ପଡିଲାରୁ ଆଖିରୁ ଲୁହ ବାହାରିଗଲା ପରେ ସିଏ ତଳକୁ ଦୌଡି ଯାତ୍ରୀମାନଙ୍କୁ ଭିକ୍ଷା ମାଗିବାକୁ ଲାଗିଲା । ତା ପଛକୁ ସବାଶେଷରେ ଏବେ ଦୁଇବର୍ଷରୁ ତିନିବର୍ଷ ବୟସ୍କ ଝିଅ ଭାଇଭଉଣୀ ପରି ଆପେ ଆପେ ମା' ଆଗରେ ଯାଇ ପଛକରି ଛିଡାହେଲା । ମା' ଅଂଟାରେ ଖୋସିଥିବା ପିନ୍ଧାଲୁଗାର ନାହିତଳ ଖୋସଣୀରୁ ସଫଳପୁଡିଆ ଦୁଇଟା ବାହାରକରି ଦାନ୍ତରେ ଛିଣ୍ଡେଇ ପାଟିରେ ପକେଇ କିଛି ସମୟ ଆଖିବୁଜିଲା । ସଫଳ ଗୁଟୁକାର ନିଶା ଜିଭଦେଇ ମସ୍ତିସ୍କରେ ପଶିଗଲା ପରେ ଆଖିଖୋଲି ଚପଲରେ ତା ପିଠିକୁ ଆଗ ଦୁଇପାହାର ଦେଲା । ଦୁଇ ତିନିବର୍ଷର ଝିଅପିଲା ବଡପିଲାଙ୍କ ପରି ମାଡ କୁଆଡୁ ସହିବ ! ଧିରେଧିରେ ଚପଲ ପାହାରର ବେଗ ଉଦ୍ରେକିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦଶ ବାର ପାହାର ଦେଲା ପରେ ମା କୁନିଝିଅକୁ କହିଲା, ଦେଖି ବୁଲିଲୁ ? କୁନିଝିଅଟି ପଛକୁ ମୁହଁ ବୁଲେଇ ମା' ଆଖି ସାଙ୍ଗରେ ଆଖି ମିଶେଇଲା । ତା'ପରେ ଦେ ଦନାଦନ କରି ତେଲ୍ତଳିଛାଟରେ ପିଚାଉପରୁ ଫ୍ରକଟେକି କଷି ଦେଇଗଲା । ଏଥର ଝିଅ ଆଖିରୁ ଲୁହ ବାହାରିଲା ପରେ ସିଏ ସିଧା ମୋ ପାଖକୁ ଆସି ମୋ ଆଣ୍ଠୁଉପର ଗୋଡ ପାଖରେ ଟିପ ଗେଞ୍ଜିଗେଞ୍ଜି ହାତ ପତେଇ ପଇସା ମାଗିଲା । ଉଛତା ଅଢେଇଫୁଟ । ତଳକୁ ଚାହିଁ ଦେଖିଲି କଜଳମିଶା ଆଖିଲୁହ ଦୁଇଧାର ନାକକଡ ଦେଇ ଗାଲତଳକୁ ବୋହିଆସି ଶୁଖିଯାଇଥାଏ । କାହାର ବହୁତ ଢିଲା ସାର୍ଟଟିଏ ହ୍ୟାଙ୍ଗରରେ ଲଟକିଲା ପରି ଝିଅଟି ଦେହରେ ଝୁଲୁଥାଏ, ତଳେ ବୋଧେ ଆଉକିଛି ଅନ୍ତର୍ବସ୍ତ୍ର ପନ୍ଧିନଥାଏ । କୋଡିଏ ମିନଟ୍ ହେଲା ମା' ଛୁଆଙ୍କର ଏମିତି ଅଦ୍ଭୁତ ଖେଳକୁ ଲକ୍ଷ୍ୟ କରୁଥିବାରୁ ଝିଅଟି ପ୍ରତି ଦୟା ହେଲା । ତୁରନ୍ତ ମନିପର୍ସରୁ ଦଶଟଙ୍କିଆ ନୋଟ୍ ଟିଏ କାଢି ତା ଆଡକୁ ଦେବାପାଇଁ ଗଲାବେଳେ ସେ ମୋ ହାତରୁ ସେହି ନୋଟଟି ଝାମ୍ପିନେଇ ମା' ପାଖକୁ ଦୌଡିଲା । ତା ହାତରେ ଦଶଟଙ୍କା ଗେଞ୍ଜି ତା ମୁହଁ ପାଖକୁ ନିଜ ଗାଲ ଦେଖେଇଲା । ମା ତା ଗାଲରେ ଚୁମ୍ବାଟିଏ ଦେବାପରେ ପୁଣିଥରେ ପ୍ଲାଟଫର୍ମରେ ଅନ୍ୟଯାତ୍ରୀଙ୍କ ପାଖରେ ପହଁଚି ଭିକ୍ଷା ମାଗିବାକୁ ଲାଗିଲା ।

ଏ ଦୃଶ୍ୟ ମୋତେ ବହୁତ ଆଶ୍ଚର୍ଯ୍ୟ କରୁଥାଏ । ମୁଁ ଟିକେଟ ଖିଡିକିଆଗରେ ଧାଡିରେ ଛିଡାହୋଇ ଏକ ଲୁହାଜାଲି ଭିତର ଦେଇ ଏ ଦୃଶ୍ୟ ଦେଖୁଥାଏ । ଏଥର ନିଜେ ମା ସେହି ମଝିପାହାଚରୁ ଉଠି ଛିଡାହେଲା । ଟିକେଟ ଖିଡିକିରେ ଧାଡିଦେଇଥିବା ସମସ୍ତଲୋକଙ୍କୁ ପଛରୁ ମାଗିମାଗି ଆଗକୁ ଅସିଲା । ମୁଁ ସେ ମା'କୁ ବି ପାଂଚଟଙ୍କା ଦେଲି । କ୍ଷୀର ପିଇପିଇ ଛୁଆଟି ବୋଧେ ତା ବେକରୁ ଓହଳିଥିବା ଶାଢୀଝୁଲାରେ ଛାଇନିଦରେ ଘୁମାଉଥାଏ । ସ୍ତ୍ରୀ ଲୋକଟି ମୋ ଆଗରେ ଥିବା ଭଦ୍ରବ୍ୟକ୍ତିଙ୍କୁ ଦୁଇତିନିଥର 'ବାବୁ, ବାବୁ' ବୋଲି ଡାକିଲା । ସେ

 Magazine Downloaded from www.aahwaan.com

ବାବୁଜଣକ ଆରପଟକୁ ମୁହଁ ବୁଲେଇ ଅନ୍ୟମନସ୍କ ହେଲା ପରି ତା ଡାକ ଶୁଣୁନଥିଲେ । ମା'ଟି ତୁରନ୍ତ ତା ନଖରେ ଛୁଆଜଙ୍ଘକୁ ଜୋରରେ ଚିମୁଟି ଦେବାରୁ ଛୁଆଟି ଭେଁ ଭେଁ ରଡିକରି କାନ୍ଦିବାକୁ ଲାଗିଲା । ବାବୁଜଣକ ଛୁଆ କାନ୍ଦଶୁଣି ମା'ଆଡକୁ ଫଟ୍‌କିନି ମୁହଁ ଫେରେଇ ଦୁଇଟଙ୍କିଆ ମୂଦ୍ରାଟିଏ ତା ହାତରେ ଧରେଇ ଦେଲେ । ସେହି ଟିକେଟ ଖିଡିକି ସାମ୍ନାଧାଡିରୁ ମା'ଟିର ଭିକ୍ଷା ଆମଦାନି ଶହେଟଙ୍କା ଉପରେ ହେବ । ଟିକେଟ କିଣିବା ପାଇଁ ମୋ ପାଳି ଆଉ ଦୁଇଜଣକ ପରେ ଆସିବ । ମା'ଟି ଭିକ ମାଗିମାଗି ପ୍ଲାଟ୍‌ଫର୍ମ ଭିତରେ ହଜିଗଲା । ମୁଁ ଟିକେଟ କିଣିସାରିବା ପରେ ସେହି ମା'ଟିକୁ ମୋ ଆଖି ଖୋଜିଲା । ପ୍ଲାଟଫର୍ମ ସାରା ଦୃଷ୍ଟି ପହଁରେଇ ଦେଖିଲି ଗୋଟିଏ ବରଗଛ ଚଉତରା ଉପରେ ସ୍ତ୍ରୀ ଲୋକଟି ବସିଛି । ତା ପାଖକୁ ଯାଇ ଟିକିଏ ଦୂରରେ ଛିଡାହୋଇ ତାକୁ ଲକ୍ଷ୍ୟକଲି । ପ୍ରଥମେ ସବାସାନ ଝିଅଟି ଦୌଡିଦୌଡି ମା' ପାଖକୁ ଆସି ତା ଛିଣ୍ଡାପୋଷାକ ପକେଟରୁ ଦୁଇଟଙ୍କିଆ ଓ ପାଂଚଟଙ୍କିଆ ଆଞ୍ଜୁଳାଏ ମା' ସାମ୍ନାରେ ଢାଳିଦେଇ ସେହି ଚବୁତରା ଉପରେ ବସିଲା । ମା'ଟି ଟଙ୍କିକିଆ, ଦୁଇଟଙ୍କିଆ ଓ ପାଂଚଟଙ୍କିଆ ଅଲଗାଅଲଗା ଗଦାକରି ଗଣି ନିଜମୁଣିରେ ଗୋଟିଗୋଟି କରି ପୁରେଇଲା । ତାପରେ ଜଣ ଜଣ କରି ମା' ପାଖକୁ ବଡଝିଅ ଓ ପୁଅ ଭିକ୍ଷାବୃତ୍ତି ସାରି ପହଁଚିଲେ । ସମସ୍ତେ ମାଗି ଆଣିଥିବା ପାଇସାକୁ ମା' ଆଗରେ କୁଢେଇ ଦେଇ କିଛି ପାଉଁରୁଟି ଧରି ପାଣିନଳ ପାଖକୁ ଯାଇ ଜଳଖିଆ କାମ ସାରି ମା' ପାଖକୁ ଫେରି ସେହି ବରଗଛ ଛାଇ ଚବୁତରାରେ ଲମ୍ବିଗଲେ । ମୁହଁସଂଜ ହେଲାରୁ ଦରବୁଢା ଦାଢିଆ ଅପରିଷ୍କାର ଲୋକଟାଏ ଆସି ସେହି ସ୍ତ୍ରୀଲୋକ ପାଖରେ ଗେଞ୍ଜିହୋଇ ବସିଲା । ହାବଭାବରୁ ଜାଣିଲି ଯେ ସେ ଲୋକଟା ଏହି ମହିଳାର ସ୍ୱାମୀ । ଅଳ୍ପ କିଛି କଥା ହେବାପରେ ପଇସାମୁଣିକୁ ଦାଢିଆ ଦରବୁଢାଟି ଧରି ଯିବାବେଳେ ଗୋଟିଏ ଜରିରେ ସଫଳଗୁଟୁକା ପ୍ୟାକେଟ୍ ଗୁଡିଏ ଏବଂ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଇସା ରଖିବାକୁ ଆଉ ଗୋଟେ ଖାଲିମୁଣି ତା ସ୍ତ୍ରୀକୁ ଧରେଇ ଦେଇ ଚାଲିଗଲା ।

ଏ ବିଷୟରେ ମୁଁ ଖୋଳତାଡ କରି ଜାଣିବାକୁ ପାଇଲି ଯେ ଏ ସ୍ତ୍ରୀ ଲୋକର ବାପା ଇଆ ସ୍ୱାମୀ ସାଙ୍ଗରେ ବାହାଦେବାକୁ ତାକୁ କଥା ପକ୍କାକରି ସବୁବେଳେ ତାରି ପଇସାରେ ମାଗଣା ମଦପିଏ । ଏମିତି ହିସାବ କରୁକରୁ ତା ବାପା ଉପରେ ଦଶ ବାର ହଜାର ଟଙ୍କା ଉଧାର ହୋଇଗଲା । ଝିଅ ବାହାଘର ଅନ୍ୟ କାହା ସହ କରାଇଲେ ବାହାଘର ଦିନ ଆସି ବେଦିରୁ ଝିଅକୁ ଉଠେଇନେବାକୁ ଧମକ ଦେଲା । ଶେଷରେ ଏଇ ଘୋଡାମଦୁଆ ମଙ୍ଗୁଆ ସାଙ୍ଗରେ ତାର ବାହାଘର କରିଦେଲେ । ସେହିଦିନ ଠାରୁ ସିଏ ଜୀବନକୁ ଜିଇଁ ଜିଇଁ ଚାଲିଛି । ବାହାଘର ପରେ ଚଉଠିଦିନ ମଙ୍ଗୁଆ ଟାଙ୍କେ ଦେଶିମଦ ପିଇ ଆଖି ନାଲିନାଲି କରି ରାତି ବାରଟାରେ ତା ପାଖକୁ ଆସିଲା । କବାଟପାଖରୁ ଖଟଯାଏ ଆସିଲା ବେଳେ ପାଦ ଏପଟ ସେପଟ ହୋଇ ପଡୁଥାଏ । ସିଏ ଡରିଗଲା । ମଙ୍ଗୁଆ ଖଟପାଖକୁ ଆସି ମୁହଁରେ ଲଗେଇଥିବା ଅଧାଟଣା ଜଳନ୍ତାବିଡିର ନିଆଁମୁଣ୍ଡିକୁ ତା ପାଦଉପରେ ଦାବିଦେଲା । ଚିହିଁକି ଉଠି ମା' ମା' ବୋଲି ସିଏ ଚିତ୍କାର କରିବାରୁ ତା ମୁହଁକୁ ମଙ୍ଗୁଆ ଜାବୁଡି ରଖିଲା । ବିଡିଚେଙ୍କରେ ସେହି ଜାଗାରେ ଫୋଟକା ହେବାରୁ ତାକୁ କଷ୍ଟ ହେଉଥାଏ । ମଙ୍ଗୁଆ କହିଲା ଆଜି ତୋ ପାଦରେ ଚେଙ୍କିଛି, କାଲି ଗାଲ, ଜଙ୍ଘ ସବୁଠି ଚେଙ୍କିବି । ଏମିତି ବଡପାଟି କଲେ ଚଳିବ ! ଝିଅଜନ୍ମ ପରା କଷ୍ଟ ସହିବାକୁ ହୋଇଛି । ତୁ କ'ଣ ଏକଥା ଜାଣିନୁ ! ଏଇ ସାମାନ୍ୟ ବିଡି ଚେଙ୍କରେ ଏତେ କ'ଣ ଚିଲ୍ଲଉଛୁ ? କାଲି ଚିଲମଚେଙ୍କ କେମିତି ସହିବୁ ! ଏମିତି ପାଂଚ ଛଅବର୍ଷରେ ତିନିଟା ପିଲା ଲାଗ ଲାଗ ହୋଇଗଲେ । ଦିନେ ବଡଝିଅଠାରୁ ଶୁଣିଲା ଯେ ତା ସ୍ୱାମୀ କିଛି ଧନୀଲୋକଙ୍କ ଘରେ ତାକୁ ବିକିବାକୁ ଯୋଜନା କରୁଛି । ଝିଅର ବୟସ ସେତେବେଳେ ସାତବର୍ଷ । ତା ତଳେ ପୁଅକୁ ପାଂଚବର୍ଷ । ତା ପରେ ସାନଝିଅକୁ ତିନିବର୍ଷ । ସବାସାନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଅକୁ ନଅମାସେ ହୋଇଥାଏ । ଟାଙ୍କେ ପିଇକି ଆସି କହିଲା ବଡଝିଅକୁ କିଣିବାପାଇଁ ଗୋଟେ ସେଠ କୋଡିଏ ହଜାର ଦେବ ବୋଲି କହୁଛି । ସିଏ ତାକୁ ଚାରି ପାଂଚବର୍ଷ ପାଳି ବଡହେଲେ ସୋନାଗାଛିରେ ପଶହଜାର ଟଙ୍କାରେ ବିକିବ । ଆମେ ଏଗୁଡାଙ୍କୁ ପାଳିଲେ ଲାଭ ଅଛି ଯେ ହେଲେ ପାଳି ବଡ କରିବାକୁ ଏବେ ପଇସା ଦରକାର । କିନ୍ତୁ ସିଏ ଚାହୁଁଛି ବଡଝିଅକୁ ଖସେଇଦେଲେ ଧାରଉଧାର ସବୁସୁଝି ଆଗକୁ କିଛିମାସ ଦେଶିମଦ ଭାଟିର ଚାଖଣାଖର୍ଚ୍ଚ ଆଦି ଆରାମରେ ଚଳିଯାନ୍ତା । ଏସବୁ ଶୁଣି ସିଏ ନିଷ୍ପତ୍ତି ନେଲା ଯେ ତା ଛୁଆ ଏଠି ସୁରକ୍ଷିତ ନୁହଁନ୍ତି । ଦିନେ ରାତିରେ ସ୍ୱାମୀ ଶୋଇଲାପରେ ସମସ୍ତଙ୍କୁ ଧରି ଏଇ ଷ୍ଟେସନ୍‌କୁ ଚଲି ଆସିଲା । ଛଅମାସ ତଳେ ଇଏ ଖୋଜିଖୋଜି ଆସି ଏଠି ୟାଙ୍କୁ ପାଇଗଲା । ପ୍ରଥମେ ଭଲରେ ରହିବାକୁ ହଁ ଭରିଲା । ମାସକପରେ ପୁଣି ତାର ସବୁ ପୁରୁଣା ଢଙ୍ଗ ବାହାରକଲା । ଏବେ ସ୍ତ୍ରୀ ଓ ଛୁଆଙ୍କର ଭିକମଗା ପଇସାରେ ଦିନକୁ ଚାରିଶହ ଟଙ୍କାର ବିଦେଶି ମଦ ପିଉଛି । ନିଜେ କିଛି କାମଧନ୍ଦା କରୁନି । ତିନିଟାଯାକ ଛୁଆ ରାତି ଚାରିଟାରୁ ଉଠି ଜରି, ପ୍ଲାଷ୍ଟିକ୍ ଓ କାଚଶିଶି ଗୋଟେଇବାକୁ ବଣବୁଦା ଭିତରକୁ ଯାଇ କବାଡି ପାଖରେ ବିକି ପଇସାନେଇ ଆସିଲା ବେଳକୁ ଦିନ ଏଗାରଟା । କେତେ ଅସନା ଗୁହମୂତ ଭିତରେ ଅଳିଆଜରି ଗୋଟେଇବା କ'ଣ ସହଜ କଥା ! ତାପରେ ଭିକମାଗିବା ପାଇଁ ଷ୍ଟେସନରେ ଏପାଖୁ ସେପାଖ, ସେପାଖୁ ଏପାଖ ବହୁତ ଚାଲିବାକୁ ହେଉଛି । ଯେଉଁଦିନ ଭିକ ହେଉନି ମଙ୍ଗୁଆ ଆସି ସମସ୍ତଙ୍କୁ ବିଧାଗୋଇଠା ମାରୁଛି । ତେଣୁ ଯେମିତିହେଲେ ତାକୁ ଚାରିଶହଟଙ୍କା ଦେବାକୁ ହେଉଛି । ଦିନେ ରାତିରେ ମଙ୍ଗୁଆ ତା ସ୍ତ୍ରୀକୁ କହୁଥିଲା ଏ ତିନିଟା ଭିତରୁ କାହାକୁ ଗୋଟେ ବାଡେଇ ଛୋଟା କରିଦେଲେ ହୁଅନ୍ତା । ବାଡି କାନ୍ଧରେ ଦେଇ ମାଗିଲେ ବାବୁମାନେ ଭଲ ପଇସା ଦିଅନ୍ତେ । ନହେଲେ କୋଉ ଗୋଟାଏ ଛୁଆର ହାତ ଗୋଡରୁ ଗୋଟାଏ

Magazine Downloaded from www.aahwaan.com

ହାଣିଦେଲେ ବି ରୋଜଗାର ବେଶୀ ହୁଅନ୍ତା ।

ଏସବୁ ଶୁଣୁଶୁଣୁ ମୁଁ ଜାଣି ପାରୁଥାଏ ପିଲାମାନଙ୍କ ପ୍ରତି ମା'ଟିର ବାତ୍ସଲ୍ୟ ମମତା ତ ଭରପୁର ଅଛି । ହେଲେ ଚପଲ ଓ ବାଡିରେ ସମସ୍ତଙ୍କୁ ପିଟୁଛି କାହିଁକି ? ମୁଁ ସେକଥା ପଚାରିବାରୁ ସନ୍ତର୍ପଣର ସହ ସେ ମୋତେ କହିଲା ଆଖିରୁ ଲୁହ ଝରେଇ ଭିକ ମାଗିଲେ ଭଲଭିକ ମିଳୁଛି । ବାବୁମାନେ ଦୟାପାଇ ଛୁଆଙ୍କୁ ବେଶିଭିକ ଦେଉଛନ୍ତି । ସେଥିପାଇଁ ସେମାନେ ମୋ ପାଖକୁ ମାଡ ଖାଇବାକୁ ଆପେ ଆପେ ଆସି ଛିଡା ହୋଇଯାନ୍ତି । ମୋ ମାଡରେ ଯେତେବେଳେ ତାଙ୍କୁ ବହୁତ କଷ୍ଟହୋଇ ଆଖିରୁ ଲୁହବାହାରେ ସେମାନେ ସେହି ଲୁହ ବୋହୁଥିବା ଅବସ୍ଥାରେ ଦୌଡିଦୌଡି ଯାତ୍ରୀମାନଙ୍କୁ ମାଗିଲେ, ସେତେବେଳେ ସମସ୍ତଙ୍କ ଠାରୁ ଭିକ ଭଲମିଳେ । ସେମାନଙ୍କୁ ମାରିଲା ବେଳେ ତାଙ୍କଠାରୁ ମୋତେ ବେଶି କଷ୍ଟ ହୁଏ, ହେଲେ କ'ଣ କରିବି ! ଅନ୍ନକଷ୍ଟିଆ ଛୁଆମାନଙ୍କ ଆଖିରୁ ଲୁହ ବାହାର କରିବା କ'ଣ ସାମାନ୍ୟ କଥା ! ଆଜି ଦିନରେ ଏମିତି ଅଗଣିତ ଛୁଆ ପ୍ରତ୍ୟେକ ସହରରେ ପାହାନ୍ତିଆରୁ ଅଳିଆଗଦାରୁ ଶିଶି ଜରି ଗୋଟେଇବାକୁ ବୁଲୁଛନ୍ତି । ନିଜର ଜନ୍ମକଲା ପିତାମାତା ମାନେ ତାଙ୍କୁ ଏପରି କାମରେ ଲଗାଇବା ସହ ନିଶାସେବନ କରିବାକୁ ମଧ୍ୟ ଦେଉଛନ୍ତି । ଲକ୍ଷ ଲକ୍ଷ ଶିଶୁ ଭିକ୍ଷାବୃତ୍ତି ଆଦରିବାକୁ ଅଭିଭାବକମାନେ ବାଧ୍ୟ କରୁଛନ୍ତି । ଭାରତର ପ୍ରତ୍ୟେକ ଜିଲ୍ଲାସ୍ତରୀୟ ରେଳସ୍ଥାନକରେ ଏପରି ଶିଶୁମାନଙ୍କ ସଂଖ୍ୟା ଦିନୁଦିନ ବଢିବାରେ ଲାଗିଛି । ସମ୍ବିଧାନର ଧାରା ୧୫(୩) ଅନୁସାରେ ଶିଶୁ ଓ ମହିଳାମାନଙ୍କପାଇଁ ଉପଯୁକ୍ତ ଧ୍ୟାନ ଦିଆଯିବା କଥା ଲେଖାଅଛି । ଧାରା ୨୪ରେ ୧୪ବର୍ଷରୁ କମ୍ ଶିଶୁମାନଙ୍କୁ କଳକାରଖାନାରେ କିମ୍ବା କୌଣସି ବିପଦସଂକୁଳ ଜାଗାରେ ନିଯୁକ୍ତିଦେବା ଅନୁଚିତ୍ ବୋଲି ଉଲ୍ଲେଖ ଅଛି । ୩୯ (ଙ) ଅନୁଯାଇ ଶିଶୁମାନଙ୍କୁ ଅର୍ଥ ଉପାର୍ଜନ ସଂସ୍ଥାର କର୍ମକ୍ଷେତ୍ରରେ ବାରଣ କରିବାକୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଧାରା ୪୫ ହିସାବରେ ପ୍ରତ୍ୟେକ ଶିଶୁମାନଙ୍କୁ ପ୍ରାଥମିକ ଶିକ୍ଷା ପ୍ରଦାନ କରାଯିବାର ପ୍ରତିଶ୍ରୁତି ଆଦି ଅନେକ ପ୍ରକାରର ନିୟମ କାନୁନ ଆମ ଦେଶରେ ରହିଛି । ଏଗୁଡା ସବୁ ପୋଥିବାଇଗଣ, ଦେଖା ସୁନ୍ଦର ବଉଳାଗାଇ । ବାଡି ବଇଗଣ ଗଛସବୁ ବାଂଝ, ଫୁଲ ଧରିବା ନାଁ ନାହିଁ । ଫଳ କଥା କିଏ ପଚାରେ ! ସମ୍ବିଧାନରେ ଲେଖା ଏସବୁ ନିୟମଗୁଡିକ ଭିତରୁ କୌଣସି ଗୋଟିଏ ଏପର୍ଯ୍ୟନ୍ତ କଡାକଡି ଭାବରେ ଲାଗୁହେବାର ଉଦାହରଣ ଦେଖିବାକୁ ମିଳିନାହିଁ । ଏହାର ଫଳ ସ୍ୱରୁପ ଦେଶର ଶିଶୁମାନଙ୍କ ଭିତରୁ ପ୍ରାୟ ୫% ଶିଶୁ କର୍ମଜୀବୀ ହୋଇ ପ୍ରକୃତ ଶୈଶବ ଓ ଶିକ୍ଷାରୁ ଆଜି ବଂଚିତ । ଭାରତରେ ଏବେ ଏପରି ଶିଶୁମାନଙ୍କ ସଂଖ୍ୟା ପାଂଚରୁ ଛଅକୋଟି ହେବ । ଏଥିପାଇଁ କ'ଣ କେବଳ ସରକାରର ସେ ବୁଢା ମହିଳା ଓ ଶିଶୁକଲ୍ୟାଣ ମନ୍ତ୍ରୀମୁଣ୍ଡରେ ଅଠାବୋଳି ଆମେ ସବୁ ଘରେ ବସିଗଲେ ଚଳିବ ! ଆମ ସମାଜର କ'ଣ ସାମାଜିକ ଦାୟିତ୍ୱ ବୋଲି କିଛି ନାହିଁ ? ଜଣଙ୍କ ଆଖି ଆଗରେ ଛୋଟ ପିଲାଟିଏ ଯେତେବେଳେ ଟେବୁଲ୍ ପୋଛି ଅଇଁଠାଥାଳି ଉଠାଉଛି, ଗୋଟିଏ ସୁନାଗରିକ ହିସାବରେ ଆମର କ'ଣ ସେଠି କିଛି କର୍ତ୍ତବ୍ୟ ନାହିଁ! ପୁରାବିଶ୍ୱରେ ଆମଦେଶର ଶୈଶବାବସ୍ଥା ଅତି ଦୟନୀୟ ଏବଂ ଏଥିପ୍ରତି ପ୍ରତ୍ୟେକ ନାଗରିକ ଏବଂ ସରକାର ଉଚିତ୍ ଧ୍ୟାନଦେବା ଅନିବାର୍ଯ୍ୟ ।

ଇଂ. ବିଦ୍ୟାଧର ପଣ୍ଡା, ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍ଏଲ୍ବି

ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,

ମୋ- ୯୪୩୯୧୨୮୦୫୦ /bdpanda1@gmail.com

ଆହ୍ୱାନ ଛନ୍ଦିକା

Magazine Downloaded from www.aahwaan.com

# ଜଣେ ଶାଶ୍ୱତ ସ୍ୱାଭିମାନୀର ମୁଖବାର୍ତ୍ତା



ପଙ୍କଜ କୁମାର ପାଣିଗ୍ରାହୀ

ତୁମେ କୌଣସି ଅଲୌକିକ ଶକ୍ତିର ଆଧାର ନୁହଁ କି ଅଦୃଶ୍ୟ ନିରାକାରଙ୍କ ପ୍ରତିଛବି ନୁହଁ ଯିଏ ଆଶୀର୍ବାଦ କରିଦେଲେ ସଂସାରର ସବୁ ଦୁଃଖ ଚାଲିଯିବ ! ତୁମେ କୌଣସି ମାୟା ନଗରୀର ମାୟାବିନୀ ନୁହଁ କି ତୁମେ ଚାହିଁଦେଲେ ସମସ୍ତଙ୍କ ଭୋକିଲା ପେଟ ପୁରିଯିବ ! ତୁମେ ସକଳ ଶକ୍ତିର ଆଧାର ନୁହଁ ଯେ ତୁମେ ଇଚ୍ଛା ପ୍ରକାଶ କଲେ ଚତୁର୍ଦ୍ଦିଗ ବିକଶିତ ହୋଇଯିବ ! ତୁମେ ମଧ୍ୟ ମଣିଷ ସମାଜର ଜଣେ ସାଧାରଣ ନାଗରିକ ଥିଲ ଯାହା ଆଜି ମୋର ପରିଚୟ । କେଉଁ ପରିପ୍ରେକ୍ଷୀରେ କୌଣସି ଅଲୌକିକ ନଗରୀର ଆଶୀର୍ବାଦରୁ ତୁମେ ଆଜି ସଂସାରର ଏତେବଡ଼ ଲୋକ ହୋଇନାହଁ ବରଂ ଏହି ଆମ ସମାଜର କିଛି ଅଂଶରୁ ପ୍ରତିଫଳିତ କୌଣସି ଅବାଂଛିତ ସଂଯୋଗରୁ ତୁମର ବିକାଶ ଯାହା କେବଳ ତୁମର ପ୍ରତିଭାରୁ ନୁହଁ ବରଂ ଲୁଣ୍ଠିତ ବିକଳ୍ପରୁ, ତାହା ସମସ୍ତେ ଜାଣନ୍ତି ! ନିଜକୁ ବଡ଼ବୋଲି ପରିଚୟ ପ୍ରଦାନ କରୁଥିବା ମଣିଷ କେବେ ବଡ ହୋଇନାହିଁ କିମ୍ବା ହୋଇପାରିବ ନାହିଁ । ନିଜର ମିଥ୍ୟା ପ୍ରତିଭା ଦେଖାଇ କେବଳ ସମୟର ସ୍ରୋତରେ ନିଜକୁ ନିଜେ ସାବ୍ୟସ୍ତ କରିବା ସମ୍ଭବ ହୋଇପାରେ, କିନ୍ତୁ ସେହିଭଳି ମଣିଷର ନାମ କେବେ ଇତିହାସର ପୃଷ୍ଠା ମଣ୍ଡିତ କରିନାହିଁ କି କରିପାରିବ ନାହିଁ । ଏହା ତୁମର ଭ୍ରମ ହୋଇପାରେ କି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜର ମିଥ୍ୟା ପ୍ରତିଭା ପ୍ରଦର୍ଶନ କରି ସଂସାରକୁ ଭୁଆଁ ବୁଲାଇ ଜଣେ ଉତ୍ତମ ମଣିଷର ପରିଚୟ ପ୍ରଦାନକରି କିମ୍ବଦନ୍ତୀ ପୁରୁଷ ବନିଯିବ ? ଏହା ତୁମର ଏକ ଅମାନୁଷିକ ଭ୍ରାନ୍ତ ଧାରଣାରୁ ନିର୍ଗତ ଯାହା ସଂସାର ଗ୍ରହଣ କରିବ ନାହିଁ ! ଉପସ୍ଥିତ ସମୟରେ ଅଜ୍ଞାନ ଲୋକଙ୍କ ସାହାରା ନେଇ ନିଜକୁ ବଡ ବୋଲି ପରିଚୟ ଦେବା କିଛିସମୟ ପାଇଁ ହୋଇପରେ । କିନ୍ତୁ ତାହା ସମଗ୍ର ଜନମାନସକୁ ପ୍ରଭାବିତ କରିପାରିବ ନାହିଁ କିମ୍ବା ଜ୍ଞାନୀ କେବେ ତୁମକୁ ବଡ଼ବୋଲି ଅନ୍ତରରେ ଗ୍ରହଣ କରିବେ ନାହିଁ । ଅର୍ଥାତ ତୁମର ସମୟ ସରିଗଲେ ଏହି ବଡ଼ପଣ ରହିବା ଦୂରର କଥା, ସମସ୍ତେ କେବଳ ଘୃଣାରେ ବ୍ୟବହାର କରିବେ ତୁମର ନାମ ନେଇ । କିଛି ଅର୍ଜନ କରିପାରିବନି ସମାଜରୁ ଯେତେବେଳ ପର୍ଯ୍ୟନ୍ତ ନିଜକୁ ସତ୍ୟର ପଥରେ ପରିଚାଳିତ କରିବା ନଶିଖିଛ ! ପୂର୍ବରୁ ଏମିତି ଅନେକ ଅମାନୁଷିକ, ଅତ୍ୟାଚାରୀ, ସ୍ୱେଚ୍ଛାଚାରୀଙ୍କ ନାମ ଇତିହାସ ଦେଇଛି ଯାହାଙ୍କୁ ଆଜିପର୍ଯ୍ୟନ୍ତ ମଣିଷ ସମାଜ ଘୃଣା କରି ଆସିଛି ଏବଂ ମଣିଷ ସମାଜ ଥିବା ପର୍ଯ୍ୟନ୍ତ ସେମାନେ ଘୃଣାର ପାତ୍ର ହୋଇ ଇତିହାସର ଶୋଭା ବର୍ଦ୍ଧନ କରୁଛନ୍ତି, କରୁଥିବେ । ତୁମେ ମଧ୍ୟ ନିଜର କାର୍ଯ୍ୟଧାରା, ବିଚାରଧାରା ନବଦଳାଇଲେ ସେମାନଙ୍କ ଭଳି କେବଳ ଘୃଣାର ପାତ୍ର ହୋଇ ସବୁଦିନ ପାଇଁ ରହିଯିବ ଇତିହାସର ପୃଷ୍ଠାରେ, ଏଥିରେ ତିଳେହେଲେ ଦ୍ୱିଧା ନାହିଁ ।

ମୁଁ ଜଣେ ସାଧାରଣ ମାନବୀୟ ଚିନ୍ତନ, ସାମାଜିକ କର୍ତ୍ତବ୍ୟବୋଧ ମଣିଷ ଯିଏ କେବଳ ନିଜ ପରିଶ୍ରମରୁ ଅର୍ଜିତ ଧନରେ ମନ ପୁରାଇ ଜୀବନ ବଂଚିବା ଶିଖିଛି । ତୁମ ଭଳି ମିଛ ସତ କହି କାହାକୁ ଭୁଆଁ ବୁଲାଇ ଠକି ସଂସାରକୁ ଲୁଟି ବଡ଼ଲୋକ ହେବାର ସ୍ୱପ୍ନ ଦେଖିନାହିଁ କି ଦେଖିବି ନାହିଁ । ତୁମର ମନ ମୋଠାରୁ ଯଥେଷ୍ଟ କ୍ଷୀଣ ଯିଏ ନିଜପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ ଖଣ୍ଡିଏ ମଧ୍ୟ ନିଜ ହସ୍ତରେ କରିପାରିବ ନାହିଁ, ଯାହାପାଇଁ ନିର୍ଭର କରୁଥିବ ମୋରି ଉପରେ !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ଭଳି ଅଜସ୍ର ମଣିଷଙ୍କ ଆଦାୟ ଅର୍ଥରୁ ବିଭିନ୍ନ ଉପାୟରେ ଲୁଣ୍ଠନ କରି, ଠକି, ଭଣ୍ଡି ତୁମର କୋଷ ଭରି ତୁମେ ଆଜି ସଂସାରର ବଡ଼ଲୋକ ବୋଲାଉଛ, ସମସ୍ତେ ଶୁଣୁଛନ୍ତି ବୋଲି ଯାହା ବାସ୍ତବ ନୁହେଁ ! ତୁମେ ଆଜି ଯେଉଁ ସ୍ଥାନରେ ବସିଛ ସେସବୁ କେବଳ ମୁଁ ଏବଂ ମୋଭଳି କେତେକ ସାଧାରଣ ଲୋକଙ୍କ ନିର୍ବୋଧ ଅଜ୍ଞାନତାରୁ ! ମୁଁ କାଲି ଯାହାଥିଲି ଆଜି ମଧ୍ୟ ଅଛି ଏବଂ ସମୟର ଦୀପ ଲିଭିବା ପର୍ଯ୍ୟନ୍ତ ସେହି ଏକା ଆଧାରରେ ଚାଲିଥିବ ମୋ ପରିଚୟ । ମୋତେ କିଏ ମନେ ନରଖିଲେ ମଧ୍ୟ ଅନ୍ତତଃପକ୍ଷେ ମୋପଛରେ ଘୃଣା କରିବେ ନାହିଁ ମୋ ନାମ ନେଇ । କାରଣ ମୁଁ କେବେ ନିଜେ ନିଜକୁ ବଡ଼ବୋଲି ସମାଜକୁ ପ୍ରଦର୍ଶନ କରିନାହିଁ କିମ୍ବା କୌଣସି ଅନୈତିକ କାର୍ଯ୍ୟ କରି କିମ୍ବା କାହାକୁ ମିଛକହି, ଠକି ନିଜସ୍ୱ ସ୍ୱାର୍ଥ ହାସଲ କରିବାକୁ ପ୍ରୟାସ କରିନାହିଁ । ମୋର କୌଣସି ସାମାଜିକ ପରିଚିତି ନାହିଁ କି ମୋତେ କିଏ ବିରୋଧ କରିବେ ନାହିଁ । ଅର୍ଥାତ ମୋ ଜୀବନର ଆରମ୍ଭରୁ ମୁଁ ଯାହାଥିଲି ଆଜି ମଧ୍ୟ ଅଛି ଏବଂ ଅସ୍ତ ହେବାଯାଏ ସେମିତି ରହିଥିବି ଯାହାର କୌଣସି ମିଥ୍ୟା ସାମାଜିକ ପରିଚୟ ଆବଶ୍ୟକ ନଥିଲା କି ରହିବ ନାହିଁ । ମୁଁ କେବଳ ପ୍ରକୃତି ପ୍ରଦତ୍ତ ଗୋଟିଏ ପ୍ରାଣୀ ଯାହାର ମାନବିକ ମୂଲ୍ୟବୋଧ ଏବଂ ପ୍ରାକୃତିକ ଜୀବନ ବଂଚିବା ଶୈଳୀ ଆଶାକରି ଜୀବନ ଶେଷ କରିବା ପୂର୍ବରୁ ସମାଜରେ ନିଜକୁ ଜଣେ ମଣିଷର ପରିଚୟ ଦେଇ ଯିବା ଆଶା ରଖିଥିଲି ଯାହା ପାଇଁ ଆପ୍ରାଣ ଚେଷ୍ଟା ଜାରିରଖି କୃତକାର୍ଯ୍ୟ ହୋଇଆସୁଅଛି ଏବଂ ସେମିତି ରହିବି । ସେତିକିରେ ମୋ ପେଟ ପୂରିଯାଏ ଏବଂ ମୋ ଜୀବନ ସାର୍ଥକ ହୋଇଯିବ ବୋଲି ମୋର ଧାରଣା କେତେଦୂର ଉପଯୁକ୍ତ ସମୟ କହିବ ।

ମୋର ନିରାଡ଼ମ୍ବରତା ଏବଂ ତୁମର ସେହି ଅହଂଭାବ ମଧ୍ୟର ଦୂରତା ବୁଝିବା ସାମର୍ଥ୍ୟ ବିହୀନ ଅଜ୍ଞାନ ଶିକ୍ଷିତ ତୁମେ ଥରେ କେବେ ମାନବିକତାର ତରାଜୁରେ ନିଜକୁ ବିଚାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିବେକ ମାପି ଦେଖ ବୁଝିପାରିବ ଜଣେ ଅଶିକ୍ଷିତ ପ୍ରାକୃତିକ ଶୈଳୀରେ କାର୍ଯ୍ୟକରି ଜୀବନ ବଂଚୁଥିବା ଶ୍ରମିକର ଜାତି, ରାଷ୍ଟ୍ର ପ୍ରତି ଅବଦାନ କେତେ? ଆଉ ତୁମ ଭଳି ଶିକ୍ଷାଗତ ଯୋଗ୍ୟତାର କାଗଜ ଖଣ୍ଡଟିଏ ନେଇ ଅମାନୁଷିକତାରେ ଭରପୁର ଚରିତ୍ର ତୁମର ସଂସାରକୁ କିଛି ଦେବା ବଦଳରେ ମୋ ଭଳି ନିରୀହ, ସଚ୍ଚୋଟ, ଶାଶ୍ୱତ ସଭ୍ୟ ସମାଜର ମଣିଷ ମାନଙ୍କୁ ଅହରହ ଲୁଟି ଲିଥିବାବେଳେ ଏହି ଅଜ୍ଞାନର ଆଦାୟରୁ ହିଁ ତୁମର ପେଟପୁରେ! ମୋର ଆଦାୟରୁ ଲୁଣ୍ଠନ କରି ମୋତେ କାରୁଣ୍ୟରେ ଜାଳିପୋଡ଼ି ନିଜକୁ ଜଣେ ଶ୍ରେଷ୍ଠ ମଣିଷ ଭାବେ ପ୍ରଦର୍ଶନ କରୁଥିବା ତୁମର ସେହି ଭାବନାରେ କୌଣସି ବାସ୍ତବତା ନାହିଁ ଯାହା ତୁମେ ବୁଝିପାରୁନଥିଲେ ମଧ୍ୟ ସଂସାର ବୁଝିଛି । ଏବଂ ତାପାଇଁ ତୁମେ ନିଜେ ଗର୍ବିତ ହେଉଥିଲେ ମଧ୍ୟ ତୁମର ସେହିସବୁ ଭାବନା କେବଳ ପାଣିର ଗାରଭଳି ତୁମ ଭାବନା ମଧ୍ୟରେ ସୀମିତ ବୋଲି ତୁମର ଜ୍ଞାନ ବହିର୍ଭୁତ ଅଧମ ମଣିଷଟିଏ ତୁମେ । ସଂସାରରୁ ଲିଭିଯିବ ତୁମ ଜୀବନ ପ୍ରଦୀପ ଦିନେ, କିନ୍ତୁ ତୁମର ସବୁ କଳା କାର୍ନାମା ପାଇଁ ଆମର ଭବିଷ୍ୟ ପିଢ଼ି ଯୁଗ ଯୁଗ ଧରି ଦିବାନିଶି ଦ୍ୱେଷରେ ଜଳୁଥିବେ ଯାହା ତୁମେ ଆଉ ଦେଖିବାକୁ ନଥିବ! ସବୁବେଳେ ସେମାନଙ୍କ ମୁହଁରେ ତୁମପ୍ରତି ନୈରାଶ୍ୟ ଭାବ ଏବଂ ଆନ୍ତରିକ ଘୃଣା ରହିଥିବ କେବଳ ତୁମରି ନାମରେ, କିନ୍ତୁ ତୁମେ ନଥିବ ସେସବୁ ଶୁଣିବା ପାଇଁ । ନିଜସ୍ୱ ସାମର୍ଥ୍ୟ ମଧ୍ୟରେ ଅର୍ଜିତ ଧନରେ ସୁଖର ମହିମା ବୁଝିବା କ୍ଷମତା ନାହିଁ ତୁମର । ତେଣୁ ନିଷ୍କରୁଣ ଅମାନବୀୟ ଚରିତ୍ର ତୁମର ଲୀଳାମୟଙ୍କ ମାୟା ବୁଝିନପାରି କରିଲିଥିବା ଦୁଷ୍କର୍ମର ଫଳ ଆଜି ନହେଲେ କାଲି କିମ୍ବା କୌଣସି ସମୟରେ ଭୋଗିବାକୁ ପଡିବ ହୁଏତ ଯେତେବେଳେ କେହିନଥିବେ ସେସବୁ ଦେଖିବା ପାଇଁ ତୁମରି ପାଖରେ! କିନ୍ତୁ ମୁଁ ନିଶ୍ଚିତଯେ ଜୀବ ଥିବା ମଧ୍ୟରେ କେହି ତୁମର କିଛି ନକରିପାରିଲେ ମଧ୍ୟ ଜୀବନ ଯିବା ପୂର୍ବରୁ ନିଜକୁ ନିଜେ ଘୃଣା କରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେହତ୍ୟାଗ କରିବ ତୁମେ ଯାହା ତୁମପାଇଁ ହୁଏତ ସଂସାରର ସବୁଠାରୁ କଠୋର ଦଣ୍ଡ ହେବ, ଏଥିରେ ତିଳେହେଲେ ସନ୍ଦେହ ନାହିଁ! ତେଣୁ ବର୍ତ୍ତମାନ ମଧ୍ୟ ସମୟ ଅଛି ନିଜକୁ ବଦଳାଇ ପ୍ରେମମୟ କରି ସଂସାରକୁ ଗଢିତୋଳିବାର, କିନ୍ତୁ ନିର୍ଭର କରୁଛି କ'ଣ ତୁମ ବିର !!

ପଙ୍କଜ କୁମାର ପାଣିଗ୍ରାହୀ
ସୋସିଆଲ ଫୋରୁମ (ଭାରତ)
ଛତ୍ରପୁର, ଗଂଜାମ.
ଦୂରଭାଷ. ୯୪୩୭୩୨୪୯୧୭.

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମ ଭୟାବହ

ଏବେ ଆଉ କିଛି ପରମ୍ପରା ଓ ସଂସ୍କୃତି ବଞ୍ଚିଛି ତ ? ଥରେ ଭାବିଦେଖନ୍ତୁ, ଏତେ ବଡ ସଂସ୍କୃତି, ପରମ୍ପରା ଓ ସନାତନ ଧର୍ମ ପାଇଁ ଆମର ଅବଦାନ କଣ ? ନିଜକୁ ଥରେ ପଚାରନ୍ତୁ, ସାମାଜିକ ଦୃଷ୍ଟିକୋଣରୁ ଆମେ ଆମ ସଂସ୍କୃତି ଓ ପରମ୍ପରାକୁ ଛାଡି କେତେ ଆଗେଇ ଯାଇଛେ ?

**ଥରୁଟିଏ ନିଜକୁ ତର୍ଜମା କରନ୍ତୁ...... ! ! !**

ମଣିଷ କାମ ଧନ୍ଦା ବା ଚାକିରୀ ଆଶାରେ ସେ ଏବେ ସହରାଭିମୁଖୀ ହେଇଛି । ପୁଣି ଚାକିରୀ କରୁଥିବା ସେହି ମଣିଷଟା ଚାକିରୀ ଚାଲିଗଲେ କଣ କରିବ ସେ ଚିନ୍ତାରେ ବି ଅସ୍ଥିର । ସେ ଚାକିରୀ କରୁଛି କିନ୍ତୁ ସତେ ଯେମିତି  ସେ ଗୋଟେ ମେସିନ ପାଲଟି ଯାଇଛି । ଯେଉଁ ମଣିଷଟା ବିବାହ ପୂର୍ବରୁ ସମସ୍ତଙ୍କର ଥିଲା, ସେ ଆଜି କାହାର ?



ପ୍ରହ୍ଲାଦ ସାହୁ

ନା ବାପା ମାଆଙ୍କର, ନା ପିଲା-ଛୁଆଙ୍କର, ନା ପତ୍ନୀର । ବାପା ମାଆ ପିଲା ଜନ୍ମ କରି ବି ନିଜ ଭବିଷ୍ୟତକୁ ନେଇ ସନ୍ଦେହରେ । ସେମାନଙ୍କ ଭବିଷ୍ୟତ କେଉଁଠି - ବୃଦ୍ଧାଶ୍ରମ, ଜରାଶ୍ରମ ନା ଆଉ କେଉଁଠି ?

ବିଦେଶରେ ଚାକିରୀ କରୁଥିବା ସେହି ମଣିଷଟା .......

କେବେ କଣ ଭାବିଥିଲା ନିଜ ଲୋକଠାରୁ ଧୀରେ ଧୀରେ ଦୂରେଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯିବବୋଲି ?

**ଅତୀତରେ ମଣିଷ ତ ଏପରି ନ ଥିଲା...... ! ! !**

ଆଜି ଆମେ ଭବିଷ୍ୟତର ଚିନ୍ତାରେ ଅତୀତକୁ ଭୁଲି ବର୍ତମାନକୁ ଖରାପ କରୁଛୁ ।

ଦୋ ପଇସା ଅଧିକ ରୋଜଗାର କରି ଟିକିଏ ଶାନ୍ତିରେ ରହିବାକୁ ଯାଇ ଅଶାନ୍ତର ବଳୟରେ ପେସି ହେଇଯାଇଛନ୍ତି ।

ଯେମିତି ଆମେ ବଦଳୁଛେ - ଆମର ପତନ ସୁନିଶ୍ଚିତ ।

ଆମେ ହିନ୍ଦୁ, ଭାରତୀୟ, ସନାତନୀ, ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ନା ଶୁଦ୍ର ........ ? ? ?

ଆଜି ହିନ୍ଦୁ ନିଜ ପରିଚୟ ଓ ନିଜ ସଂସ୍କୃତିଠାରୁ ବହୁ ଦୂରରେ ।

ଆଧୁନିକତାର ପ୍ରହେଳିକାରେ ପାଶ୍ଚାତ୍ୟର ମୋହରେ ଲୁପ୍ତ ହୋଇଗଲା ଗୁରୁକୁଳର ଶିକ୍ଷା, ଯାଗ-ଯଜ୍ଞ, ଶସ୍ତ୍ର-ଶାସ୍ତ୍ର, ନିତି-ନିୟମ ଇତ୍ୟାଦି ।

ସରକାରଙ୍କ ଶିକ୍ଷା ବ୍ୟବସ୍ଥା ଓ ପାଶ୍ଚାତ୍ୟ ସଭ୍ୟତାର ଅବହାୱା ଆଜି ଆମ ସଂସ୍କୃତି ଓ ପରମ୍ପରାକୁ ବ୍ୟପର୍ଯ୍ୟସ୍ତ କରିଦେଇଛି ।

ଚିନ୍, ଋଷ, ଇଟାଲୀ, ସ୍ପେନ୍, ଜର୍ମାନୀ, ଜାପାନ ସମସ୍ତେ ନିଜର ମାତୃଭାଷାକୁ ଶିକ୍ଷା ବ୍ୟବସ୍ଥାରେ ଗୁରୁତ୍ୱ ଦେଇଛନ୍ତି । କିନ୍ତୁ ଆମେ.... ? ?

ଆମେ ଆମ ସଂସ୍କୃତିରୁ ବିମୁଖ ହୋଇନାହେଁ ତ ନିଜେ ଲୁପ୍ତ ହେଉଛେ ।

ଆଜି ପରିସ୍ଥିତି ଏପରି ଆମେ ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀଜଗନ୍ନାଥଙ୍କ ଜୟଗାନ କରିବାକୁ ବି ଲଜ୍ଜାବୋଧ କରୁଛୁ,

ଯେମିତି ଏକ ମହାପାପ କରୁଛୁ........ ।

**ନିଜ ସଂସ୍କୃତିକୁ ନିଜେ ବଞ୍ଚାନ୍ତୁ..... ! ! !**

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମ ଧର୍ମ ଓ ସଂସ୍କୃତି ପଥରେ ଚାଲି ଜଣେ ସାଧୁ ସନ୍ଥ ହୋଇପାରେ, କିନ୍ତୁ ପାପି ତ ନୁହେଁନା ?

ଦୁନିଆ ବି ଆଜି ସନାତନ ସଂସ୍କୃତିକୁ ଆପଣାଉଛି, ହେଲେ ଆମେ ପାଶ୍ଚାତ୍ୟ ସଂସ୍କୃତି ପଛରେ ଧାଇଁଛେ ।

ସେମାନଙ୍କ ଧର୍ମରେ ଏତେ ବଦଗୁଣ ଥାଇବି, ସେମାନେ ନିଜ ଧର୍ମକୁ ଛାଡିନାହାନ୍ତି ।

**ବୌଦ୍ଧମାନେ** ନା ଲଣ୍ଡା ହେବା ଛାଡିଲେ...... ?

**ଶିଖ୍ ମାନେ** ନା ପଗଡି ବନ୍ଧା ଛାଡିଲେ...... ?

**ଇସାଇ** ନା ରବିବାର ଦିନ ଚର୍ଚ୍ଚ ଯିବା ଛାଡିଲେ...... ?

ନା **ମୁସଲମାନ ମାନେ** ନିଶ ରଖିଲେ, ନା ପାଞ୍ଚ ଥର ନମାଜ ପଢିବା ଛାଡିଲେ ..... ?

**କିନ୍ତୁ ହିନ୍ଦୁ – ? ? ?**

ମନ୍ଦିର / ମଠ / ପ୍ରାର୍ଥନା ଘର ଯିବାର ସଂସ୍କାର ଛାଡିଲେ......

ଧୋତି, କୁର୍ତ୍ତା, ପଗଡି ଛାଡିଲେ,

ତିଲକ, ଚନ୍ଦନ, ପଇତା ଛାଡିଲେ,

ସନ୍ଧ୍ୟା ପ୍ରାର୍ଥନା ଛାଡିଲେ,

ଚଉରାରେ ପାଣି ଓ ସଂଧ୍ୟା ଦେବା ଛାଡିଲେ,

ଶ୍ଳୋକ, ରାମାୟଣ, ମହାଭାରତ ଓ ଗୀତା ପାଠ ଛାଡିଲେ,

ବେଦ, ଉପନିଷଦ ଅଧ୍ୟୟନ କରିବା ଛାଡିଲେ,

ମହିଳା ଓ ଝିଅ ମାନେ...ଶାଢୀ, ଓଢଣୀ, ଚୁଡି, ସିନ୍ଦୁର, ପୂଜା ପାଠ ଛାଡିଲେ ।

ଆମେ ଆମ ମାତୃଭାଷା ଓ ସଂସ୍କୃତ ଛାଡିଲୁ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପିଲାଙ୍କୁ ଉଚିତ ସଂସ୍କାର ଦେବା ଛାଡିଲୁ,

କେବଳ ନିଜର, ପିଲାଙ୍କର ଓ ସ୍ତ୍ରୀର ଖୁସି ପାଇଁ ଘର ସଂସାର ଛାଡିଲୁ,

ପଇସା ପାଇଁ ଛୁଆକୁ ଚାକରାଣୀ ହାତରେ ଟେକିଲେ,

ରାମ ରାମ, ରାଧେ ରାଧେ, ଜୟ ଶ୍ରୀକୃଷ୍ଣ ବୋଲିବା ଛାଡିଲୁ,

ବୟୋଜ୍ୟେଷ୍ଠଙ୍କୁ ସମ୍ମାନ ଓ ଚରଣ ସ୍ପର୍ଶ କରିବା ବି ଛାଡିଲୁ ।

**ଆସ ଆମେ ଏକ ସୁସ୍ଥ ଓ ସ୍ୱୟଂସମ୍ପୂର୍ଣ୍ଣ ସମାଜ ଗଢିବା.........**

ଆମେ ପୁଣି ସେହି ପୂର୍ବପୁରୁଷଙ୍କ ସଂସ୍କାର ଓ ସଂସ୍କୃତିକୁ ବିଲୁପ୍ତ ହେବାରୁ ବଞ୍ଚାଇବା ।

ସପ୍ତାହରେ ଅତି କମରେ ଥରୁଟିଏ ପିଲାଙ୍କ ସହିତ ମନ୍ଦିର/ମଠ/ପ୍ରାର୍ଥନା ଘର ଯିବା ।

ନିଜ ଘରେ ସମସ୍ତେ ପ୍ରାତଃ ସ୍ନାନ ସାରି ପୂଜା ଅର୍ଚ୍ଚନା କରିବା ।

ନିଜ ଧର୍ମର ଅମୂଲ୍ୟ ପୁସ୍ତକ ରାମାୟଣ, ମହାଭାରତ ଓ ଶ୍ରୀମଦ୍ଭାଗବତ ଗୀତା ଅଧ୍ୟୟନ କରିବା ।

ଅନ୍ୟ ଧର୍ମ ଗ୍ରହଣ କରିବା ଅପେକ୍ଷା ନିଜ ଧର୍ମ ଆଚରଣ କରି ମୃତ୍ୟୁ ବରଣ କରିବା ଶ୍ରେୟସ୍କର ଅଟେ ।

**ଥରୁଟିଏ** ସେହି ଶ୍ରୀମଦ୍ଭାଗବତ ଗୀତାର ଏକ ସୁନ୍ଦର ବାଣୀ ମନେପକାନ୍ତୁ –

**"ସ୍ୱଧର୍ମେ ନିଧନମ୍ ଶ୍ରେୟଃ ପର ଧର୍ମ ଭୟାବହ"**

ମେନେଜର - ଏଡିଟିଂ ଡିପାର୍ଟମେଂଟ, ଆକାଶ ଇନ୍‌ଷ୍ଟିଚ୍ୟୁଟ୍

ନିୟୁଦିଲ୍ଲୀ, ମୋବାଇଲ୍ – ୮୧୭୮୬୪୪୨୭୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶିକ୍ଷକ ଦିବସରେ...

ଜଣେ ଶିକ୍ଷକ ହେଉଛନ୍ତି ଜଣେ ବନ୍ଧୁ, ଦାର୍ଶନିକ ଏବଂ ମାର୍ଗଦର୍ଶକ ଯିଏ ଆମ ହାତ ଧରିଥା'ନ୍ତି, ଆମ ମନକୁ ପଢନ୍ତି ଏବଂ ଆମ ହୃଦୟକୁ ସ୍ପର୍ଶ କରନ୍ତି । ଜଣେ ଶିକ୍ଷକଙ୍କ ଅବଦାନକୁ ଅଣଦେଖା କରାଯାଇପାରିବ ନାହିଁ । ବିଶ୍ୱର ଅନେକ ଦେଶରେ ଶିକ୍ଷକଦିବସ ଏକ ବିଶେଷ ଦିନ ଯେଉଁଠାରେ ବିଦ୍ୟାଳୟ, କଲେଜ ଏବଂ ବିଶ୍ୱବିଦ୍ୟାଳୟର ଶିକ୍ଷକମାନଙ୍କୁ ବିଶେଷ ସମ୍ମାନିତ କରାଯାଏ । ତାରିଖ ଦେଶ ଠାରୁ ଭିନ୍ନ ହୋଇଥାଏ । ସର୍ବଭାରତୀୟ ସ୍ତରରେ ଗ୍ରହଣ କରାଯାଇଥିବା ବିଶ୍ୱ ଶିକ୍ଷକ ଦିବସ ହେଉଛି ୫ ଅକ୍ଟୋବର । ଭାରତରେ ଶିକ୍ଷକ ଦିବସ ୫ ସେପ୍ଟେମ୍ବରରେ ପାଳନ କରାଯାଏ ଏବଂ ଏହି ପରମ୍ପରା ୧୯୬୨ ମସିହାରୁ ଆରମ୍ଭ ହୋଇଥିଲା । ଏହା ହେଉଛି ଯେତେବେଳେ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଜନ୍ମ ହୋଇଥିଲେ । ସେ ଜଣେ ଦାର୍ଶନିକ, ବିଦ୍ୱାନ, ଶିକ୍ଷକ ଏବଂ ରାଜନେତା ଥିଲେ ଏବଂ ଶିକ୍ଷା ପ୍ରତି ତାଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ ତାଙ୍କ ଜନ୍ମଦିନକୁ ଭାରତ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଦିନ କରି ପାରିଥିଲା । ଏହି ଦିନ ଏହି ଆଦର୍ଶ ବ୍ୟକ୍ତିଙ୍କ ମହାନ କାର୍ଯ୍ୟକୁ ଆମେ ମନେ ରଖିଛୁ ।



ଦେବେନ୍ଦ୍ର ସାମଲ

ବାସ୍ତବରେ, ଏହି ବ୍ୟକ୍ତି, ଡକ୍ଟର ସର୍ବେପଲ୍ଲୀ ରାଧାକ୍ରିଷ୍ଣନ୍ ଜଣେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବନ୍ଧୁ ଶିକ୍ଷକ ଥିଲେ ଏବଂ ସେ ସେମାନଙ୍କ ଛାତ୍ରମାନଙ୍କ ମଧ୍ୟରେ ଲୋକପ୍ରିୟ ଥିଲେ ଯାହା ସେ ସର୍ବଦା ସେମାନଙ୍କ ସାମ୍ନାରେ ରଖିଥିଲେ । ତେଣୁ, ଦିନେ ତାଙ୍କ ଛାତ୍ର ଏବଂ ସାଙ୍ଗମାନେ ତାଙ୍କୁ ତାଙ୍କ ଜନ୍ମଦିନକୁ ଅତି ଆନନ୍ଦରେ ପାଳନ କରିବାକୁ ଅନୁମତି ଦେବାକୁ ଅନୁରୋଧ କଲେ । ଏହାର ପ୍ରତିବଦଳରେ ସେ କହିଛନ୍ତି ଯେ ଯଦି ସେମାନେ ସମସ୍ତ ଶିକ୍ଷକଙ୍କ ସମ୍ମାନାର୍ଥେ ତାଙ୍କ ଜନ୍ମଦିନ ପାଳନ କରନ୍ତି ତେବେ ଏହା ତାଙ୍କର ଗର୍ବ ଏବଂ ସମ୍ମାନ ହେବ । ଏବଂ ସେବେଠାରୁ ଏହି ଦିନ ୫ ସେପ୍ଟେମ୍ବର ଶିକ୍ଷକ ଦିବସ ଭାବରେ ପାଳନ କରାଯାଏ ।

ବର୍ତ୍ତମାନ, ବିଶ୍ୱରେ ଅନ୍ୟାନ୍ୟ ବିଷୟରେ କହିବାକୁ ଗଲେ, ୫ ଅକ୍ଟୋବରରେ ବିଶ୍ୱ ଶିକ୍ଷକ ଦିବସ ପାଳନ କରାଯାଏ ଏବଂ ଏହା ୧୯୯୪ ମସିହାରେ ଆରମ୍ଭ ହୋଇଥିଲା । ୟୁନେସ୍କୋ ହିଁ ଏହି ପରମ୍ପରା ଆରମ୍ଭ କରିଥିଲା । ୟୁନେସ୍କୋ ଦ୍ୱାରା ସ୍ଥିର ହୋଇଥିବା ଧ୍ୟାନ ହେଉଛି ଶିକ୍ଷକମାନଙ୍କର ଯୋଗଦାନ ଏବଂ ସଫଳତାକୁ ତଥା ସେମାନେ ଶିକ୍ଷା କ୍ଷେତ୍ରରେ ରଖିଥିବା ପ୍ରାଥମିକତାକୁ ପାଳନ କରିବା । ବର୍ତ୍ତମାନ କାହିଁକି ୫ ଅକ୍ଟୋବର ଶିକ୍ଷକ ଦିବସ ଭାବରେ ନିଆଯାଏ ? ୧୯୬୬ ମସିହାରେ ଏହି ଦିନ, ଏକ ସ୍ୱତନ୍ତ୍ର ଆନ୍ତରାଜ୍ୟ ସମ୍ମିଳନୀ ଶିକ୍ଷକଙ୍କ ସ୍ଥିତିକୁ ନେଇ ୟୁନେସ୍କୋ ଅନୁମୋଦନ ଗ୍ରହଣ କରିଥିଲା ।

***ଆମେ କାହିଁକି ପାଳନ କରୁ ?***

ଶିକ୍ଷାଦାନ ହେଉଛି ଦୁନିଆର ସବୁଠାରୁ ପ୍ରଭାବଶାଳୀ କାର୍ଯ୍ୟ । ଶିକ୍ଷକମାନେ ମନକୁ ଆକୃଷ୍ଟ କରୁଥିବା ଜଣାଶୁଣା ଏବଂ ଜ୍ଞାନ ବିନା ଏହି ଦୁନିଆରେ କେହି ବିଦ୍ୟମାନ ହୋଇପାରିବେ ନାହିଁ । ଶିକ୍ଷକ ପିଲାମାନଙ୍କଠାରେ ଭଲ ମୂଲ୍ୟ ପ୍ରଦାନ କରନ୍ତି ଏବଂ ସେମାନଙ୍କୁ ଦାୟିତ୍ୱବାନ ନାଗରିକରେ ପରିଣତ କରନ୍ତି । ତେଣୁ ପ୍ରାୟ ପ୍ରତ୍ୟେକ ଦେଶ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶିକ୍ଷକ ଦିବସ ପାଳନ କରନ୍ତି ।

ଭାରତରେ, ଆମେ ଏହି ଦିନ ଡକ୍ଟର ସର୍ବେପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମଦିନରେ ପାଳନ କରୁଛୁ । ସେ ଅନେକ ଭଲ ଗୁଣର ବ୍ୟକ୍ତି ଏବଂ ଛାତ୍ରମାନଙ୍କ ମଧ୍ୟରେ ପ୍ରିୟ ଶିକ୍ଷକ ଥିଲେ । ତାଙ୍କର ଅନୁରୋଧ ଥିଲା ଯେ ତାଙ୍କ ଜନ୍ମଦିନ ଦେଶର ସମସ୍ତ ଶିକ୍ଷକଙ୍କ ପାଇଁ ଏକ ସମ୍ମାନଜନକ ଦିନ ଭାବରେ ପାଳନ କରାଯାଉ, ଯଦି କେହି ତାଙ୍କ ଜନ୍ମଦିନ ପାଳନ କରିବାକୁ ଇଚ୍ଛା କରନ୍ତି । ସଂକ୍ଷେପରେ, ଆମେ ଶିକ୍ଷକ ଦିବସ ପାଳନ କରୁ କାରଣ ଶିକ୍ଷକମାନେ ସମାଜର ସ୍ଥପତି ହୋଇଆସିଛନ୍ତି ଏବଂ ସେମାନଙ୍କ ବିନା କୌଣସି ସମାଜ ପ୍ରଗତି ପଥରେ ଯାଇପାରିବ ନାହିଁ ।

'ଆଧୁନିକ ଭାରତର ରାଜନୈତିକ ଚିନ୍ତକ' ଶୀର୍ଷକ ପୁସ୍ତକରେ ସେ ଡେମୋକ୍ରାଟିକ୍ ଇଣ୍ଡିଆ ପରି ଦେଶରେ ଶିକ୍ଷକ ତଥା ଶିକ୍ଷାର ମହତ୍ତ୍ୱକୁ ସୂଚାଇ ଦେଇଛନ୍ତି ଯାହାକି ବିକାଶର ପ୍ରଥମ ବର୍ଷରେ ଥିଲା । ତାଙ୍କ କହିବାନୁସାରେ, ରାଷ୍ଟ୍ର ନିର୍ମାଣରେ ଶିକ୍ଷକମାନଙ୍କର ଏକ ବଡ଼ ଭୂମିକା ରହିଛି ଏବଂ ଏଥିପାଇଁ ଶିକ୍ଷକମାନଙ୍କୁ ଅଧିକ ସମ୍ମାନ ଦିଆଯିବା ଉଚିତ୍ । ଜଣେ ଚିନ୍ତକ ଏବଂ ଶିକ୍ଷକ ହେବା ବ୍ୟତୀତ ସେ ଜଣେ ଦାର୍ଶନିକ ମଧ୍ୟ ଥିଲେ । ସେ ଥରେ ଭଗବତ୍ ଗୀତା ଉପରେ ଏକ ପୁସ୍ତକ ଲେଖିଥିଲେ ଏବଂ ସେଠାରେ ସେ ଜଣେ ଶିକ୍ଷକଙ୍କୁ ବ୍ୟାଖ୍ୟା କରିଥିଲେ, "ଯିଏ ଚିନ୍ତାଧାରାର ବିଭିନ୍ନ ସ୍ରୋତକୁ ସମାନ ପ୍ରାନ୍ତରେ ପରିଣତ କରିବା ପାଇଁ ଉପସ୍ଥାପନା ଉପରେ ଗୁରୁତ୍ୱ ଦେଇଥାଏ" ।

ସେ ରାଜନୀତିରେ ପ୍ରବେଶ କରିବା ବେଳକୁ ଜବାହରଲାଲ ନେହେରୁ, ମହାତ୍ମା ଗାନ୍ଧୀ କିମ୍ବା ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ପରି ଅଧିକାଂଶ ନେତା ରାଷ୍ଟ୍ର ନିର୍ମାଣରେ ଏହି ଚିନ୍ତାଧାରା ପାଇଁ ତାଙ୍କର ପ୍ରଶଂସକ ଥିଲେ । ତାଙ୍କର ଦକ୍ଷତା ରାଜନୀତି କ୍ଷେତ୍ରରେ ମଧ୍ୟ ପ୍ରମାଣିତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଥିଲା । ବାଧାବିଘ୍ନକୁ ଭଲଭାବେ ଚିହ୍ନିବା ପାଇଁ ତାଙ୍କର ରାଜନୈତିକ ଜ୍ଞାନ ଥିଲା ଏବଂ ଦଳୀୟ ନେତାମାନଙ୍କୁ ସେମାନଙ୍କର ବିଳମ୍ବ ଏବଂ ଅପରାଧ ପାଇଁ ଗାଳି ଦେବା ପାଇଁ ଆବଶ୍ୟକ ସାହସ ମଧ୍ୟ ବହନ କରିଥିଲେ । ୧୯୪୭ ମସିହାରେ, ସେ ପୂର୍ବତନ କଂଗ୍ରେସ ଲୋକଙ୍କୁ ଆତ୍ମୀୟତା ଏବଂ ଦୁର୍ନୀତିର ଭୟଙ୍କର ପରିଣାମ ବିଷୟରେ ଚେତାବନୀ ଦେଇଥିଲେ । ଆମେ ବର୍ତ୍ତମାନ ଏହାର ମୁକାବିଲା କରୁଛୁ !

ଏହିପରି ବ୍ୟକ୍ତି ଅବଶ୍ୟ ଆମେ ହରାଇଛୁ ତେଣୁ, ପ୍ରକୃତ ଶିକ୍ଷକଙ୍କ ମୂଲ୍ୟବୋଧ ଏବଂ ନୀତିକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଦିନଟି ପାଳନ କରାଯାଏ ।

ଶିକ୍ଷକ ଦିବସ ପାଇଁ ।

ଦେବେନ୍ଦ୍ର ସାମଲ ୯୪୩୯୯୦୯୪୭୭,
ନୂତନ ସରକାରୀ କଲୋନୀ ଭୁବନେଶ୍ୱର.

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ପ୍ରକୃତିର ପାର୍ବଣ ନୂଆଁଖାଇ



ସାଇ ପ୍ରସାଦ ସାହୁ

ସଂସ୍କୃତି ହେଉଛି ଗୋଟିଏ ଜାତି ପାଇଁ ଅସ୍ମିତାର ପରିଚାୟକ । ସାଂସ୍କୃତିକ ବିକାଶ ହିଁ ଗୋଟିଏ ଦେଶ ବା ଗୋଟିଏ ଜାତିର ପ୍ରଗତିର ମୂଳଧାର । ଏହାର କିଛି ବିକଳ୍ପ ନାହିଁ । ତେଣୁ ବଳିଷ୍ଠ ପରମ୍ପରା ଓ ଗରିଷ୍ଠ ସଂସ୍କୃତିର ପ୍ରତୀକ ହେଉଛି ନୂଆଁଖାଇ ପର୍ବ । ଭାରତୀୟ ଧର୍ମ, ସଂସ୍କୃତି ଓ ପରମ୍ପରାରେ ନୂଆଁଖାଇ ପର୍ବ ବା ନବାନ୍ନ ଭକ୍ଷଣ ବିଧି ବହୁ ପ୍ରାଚୀନ । ପଶ୍ଚିମ ଓଡିଶାର ଏହି ସ୍ୱାଭିମାନ ପର୍ବ "ନୂଆଁଖାଇ" ଏକ ମହାନ ପର୍ବ ଏବଂ "ଗଣପର୍ବ" ରୂପେ ଆଖ୍ୟାୟିତ । ଏହା ପଶ୍ଚିମ ଓଡିଶାର କଳା, ସଂସ୍କୃତି, ଭାଷା, ପରମ୍ପରା, ଚାଲି-ଚଲଣ ଏବଂ ସର୍ବୋପରି ଭାବାବେଗ ସହିତ ଓତଃପ୍ରୋତଃ ଭାବେ ଜଡିତ । ଅନ୍ନର ମହିମାରେ ମହିମାନ୍ୱିତ ନବାନ୍ନ ବା ନୂଆଁଖାଇ ପର୍ବ ପାଳନର ଗରୀୟାନ ପରମ୍ପରା ପଶ୍ଚିମ ଓଡିଶାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ମଣିଷ, ପ୍ରକୃତି ଓ ଈଶ୍ୱରଙ୍କୁ ଏକାଠି ସଂଯୁକ୍ତ କରି ରଖିବାର ସଂଯୋଗ ସେତୁ ହେଉଛି ନୂଆଁଖାଇ । ନିଜସ୍ୱ ମହତ୍ୱରେ ମହୀୟାନ ଏହି କୃଷିଭିତ୍ତିକ ଗଣପର୍ବ ଜନସାଧାରଣଙ୍କ ହୃଦୟରେ ଆଶା ଓ ଉଦ୍ଦୀପନା ସୃଷ୍ଟି କରି ଜୀବନର ପୂର୍ଣ୍ଣତା ଆଡକୁ ବାଟ କଢାଇ ନିଏ ଏବଂ ବସୁଧୈବ କୁଟୁମ୍ବକମର ମନ୍ତ୍ର ଉଦଘୋଷଣା କରେ । ପ୍ରକୃତି ଓ ପରିବେଶକୁ ପୂଜା କରିବା, ଆଧ୍ୟାତ୍ମିକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବନାରେ ଉଦବୁଦ୍ଧ ହେବା, ଉପକାରୀ ପ୍ରତି କୃତଜ୍ଞତା ଜ୍ଞାପନ କରିବା, ପରସ୍ପର ବାଣ୍ଟି ଖାଇବା ଏବଂ ଗୁରୁଜନମାନଙ୍କୁ ସମ୍ମାନ ଜଣାଇବା ହେଉଛି ଏହି ପର୍ବର ବିଶେଷତ୍ୱ । ନିଜସ୍ୱ ଜ୍ଞାନକୌଶଳକୁ ପ୍ରୟୋଗ କରି ମନୁଷ୍ୟ ଧରଣୀ ମା'ର ବକ୍ଷରେ ଆରମ୍ଭ କରିଥିଲା କୃଷି କାର୍ଯ୍ୟ । ପ୍ରକୃତିର ଉପାସକ ଏହି ଆଦିମାନବ ନିଜ ଉତ୍ପାଦିତ ପ୍ରଥମ ଶସ୍ୟକୁ ପୃଥିବୀ ମାତାଙ୍କୁ ସମର୍ପଣ କରିବାର ଧର୍ମୀୟ ଧାରଣାରୁ ହିଁ ଆରମ୍ଭ ହୋଇଛି ଏହି ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ । ନୂଆଁଖାଇ ବା ନବାନ୍ନ ପଶ୍ଚିମ ଓଡିଶାର ଜନଜୀବନ ଧାରାରେ ବହୁ ଆବହମାନ କାଳରୁ ପ୍ରଚଳିତ । ନୂଆଁଖାଇ ପ୍ରକୃତିର ପାର୍ବଣ । ପଶ୍ଚିମ ଓଡିଶାର ପ୍ରତ୍ୟେକଟି ପରିବାର ଏହି ପାର୍ବଣ ସହ ଅଙ୍ଗାଙ୍ଗୀ ଭାବେ ଜଡିତ । ସେଥିପାଇଁ ଏହି ପର୍ବ ମୁଖ୍ୟ ପାରିବାରିକ ତଥା ସାମାଜିକ ପାର୍ବଣର ମାନ୍ୟତା ପାଇଛି । ପ୍ରତ୍ୟେକଟି ପରିବାରର ଅଧିଷ୍ଠାତ୍ରୀ ଦେବାଦେବୀ ଓ ପୂର୍ବପୁରୁଷଙ୍କୁ ମୁଖ୍ୟତଃ ଏହି ପର୍ବରେ ଉପାସନା କରିଥାନ୍ତି । ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତି ହିଁ ଏହି ପର୍ବରେ ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥାଆନ୍ତି । ପର୍ବର ପ୍ରାରମ୍ଭିକ ପର୍ଯ୍ୟାୟ କୃଷିକ୍ଷେତ୍ରରୁ ଆରମ୍ଭ ହୁଏ ଏବଂ କୃଷିକ୍ଷେତ୍ରରୁ ଉତ୍ପାଦିତ ନୂତନ ଶସ୍ୟରୁ ନୂଆ ଚାଉଳ ପ୍ରସ୍ତୁତ କରାଯାଏ । ସମ୍ବଲପୁରରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ, ବଲାଙ୍ଗୀରରେ ପାଟଣେଶ୍ୱରୀ, ସୋନପୁରରେ ସୁରେଶ୍ୱରୀ ଓ କଳାହାଣ୍ଡିରେ ମା' ମାଣିକେଶ୍ୱରୀଙ୍କ ପୀଠରେ ଏହି ନବାନ୍ନ ଭୋଗ ପ୍ରସ୍ତୁତି ପାଇଁ ଭାଦ୍ରବ ମାସରେ ଅମଳ ହେଉଥିବା ଏକ ସ୍ୱତନ୍ତ୍ର; ଛୋଟ ସରିଆ ଧାନକୁ ପୂର୍ବରୁ ବୁଣାଯାଏ । ଏବଂ ପ୍ରତି ଅଧିଷ୍ଠାତ୍ରୀ ଦେବୀଙ୍କ ନିକଟରେ ଏକ ନିର୍ଦ୍ଧିଷ୍ଟ ସମୟରେ ନବାନ୍ନ ଭୋଗ ଲଗାଯିବା ପାଇଁ ପଣ୍ଡିତ ମାନଙ୍କ ଦ୍ୱାରା ଲଗ୍ନ ନିର୍ଦ୍ଧାରଣ କରାଯାଏ । ଏହାକୁ ନୂଆଁଖାଇର ଲଗ୍ନଧାର୍ଯ୍ୟ ନୀତି କୁହାଯାଏ । ଭାଦ୍ରବ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ନୂଆଁଖାଇ ପର୍ବ ପଶ୍ଚିମ ଓଡିଶାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଲ୍ଲୀଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ଉତ୍ସବ ମୁଖର ହୋଇ ଉଠେ । ନିଜ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀଙ୍କଠାରେ ନବାନ୍ନ ଅର୍ପଣ କରିସାରିବା ପରେ ପରିବାରର ମୁଖ୍ୟ ଘରର ଦେବାଦେବୀ ଓ ପିତୃପୁରୁଷଙ୍କ ନିକଟରେ ନବାନ୍ନ ଅର୍ପଣ କରନ୍ତି । ଏହାପରେ ପରିବାରର ସମସ୍ତେ ଏକାଠି ହୋଇ ନୂଆଁ ଖାଇଥାନ୍ତି । ଚଳିତ ବର୍ଷ ଅଗଷ୍ଟ ୨୩ ତାରିଖରେ ଏହି ତିଥି ପଡୁଛି । ନୂଆଁଖାଇ ଏକ କୃଷିଭିତ୍ତିକ ଏବଂ ଅନନ୍ୟ ପର୍ବ ହୋଇଥିବାବେଳେ ପଶ୍ଚିମାଞ୍ଚଳର ସମସ୍ତ ପୁରପଲ୍ଲୀ ଏଥିପାଇଁ ଖୁବ୍ ଉତ୍ସାହ ଓ ଉଦ୍ଦୀପନା ଦେଖାଦେଇଥାଏ । ନବାନ୍ନ ପାଳନର ପୂର୍ବ ପ୍ରସ୍ତୁତି ପ୍ରାୟ ସପ୍ତାହେ ପୂର୍ବରୁ ଆରମ୍ଭ ହୋଇଥାଏ । ପ୍ରକୃତିର ପାର୍ବଣ ମାନ୍ୟତା ପାଇଥିବା ନବାନ୍ନ ବା ନୂଆଁଖାଇ ପର୍ବରେ ନୂତନ ଶସ୍ୟ ଏବଂ ଏହି ଋତୁରେ ଉତ୍ପାଦିତ ସମସ୍ତ ପନିପରିବାକୁ  ନବାନ୍ନ ରୂପେ ଲଗାଯାଏ । ନୂଆଁଖାଇ ଦିନ ପ୍ରାତଃ କାଳରୁ ଘରର ବୋହୂମାନେ ସ୍ନାନାଦି ନିତ୍ୟକର୍ମ ସମାପନ କରି ଘରେ ନୂତନ ଶସ୍ୟରେ ଅନ୍ନ, କ୍ଷୀର, କାକରା, ଆରିଷା ଆଦି ସ୍ୱାଦିଷ୍ଟ ପିଠାପଣା ଓ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି । ଏହା ପରେ ପରିବାରର ସମସ୍ତ ସଦସ୍ୟ ପ୍ରଭାତ ସମୟରୁ ସ୍ନାନ କରି ନୂତନ ବସ୍ତ୍ର ପରିଧାନ ସାଙ୍ଗକୁ ଘରର ମୁଖ୍ୟ ଇଷ୍ଟଦେବୀଙ୍କ ନିକଟରେ ନବାନ୍ନ ସମର୍ପଣ କରନ୍ତି । ନୂଆ ଅରୁଆ ଚାଉଳ, ଧୂପ, ଦୀପ ସମର୍ପଣ ପୂର୍ବକ ଅଧିକ ଅମଳ ପାଇଁ କୃଷିକ୍ଷେତ୍ରକୁ ଯାଇ ପୃଥିବୀ ମାତାଙ୍କୁ ଉପାସନା ଓ ପୂଜାର୍ଚ୍ଚନା କରିଥାନ୍ତି । ଭିନ୍ନ ଭିନ୍ନ ସମ୍ପ୍ରଦାୟରେ କୁରେଇ, ମହୁଲ, ଶାଳ ଆଦି ପତ୍ରରେ ନବାନ୍ନ ଅର୍ପଣ କରାଯିବାର ବିଧି ବ୍ୟବସ୍ଥା ରହିଛି । ନୂଆ ଚାଉଳରୁ ପ୍ରସ୍ତୁତ ଖିରୀ, ପିଠା ଏବଂ ବିଭିନ୍ନ ପନିପରିବାରେ ପ୍ରସ୍ତୁତ ବ୍ୟଞ୍ଜନ, ବନଜାତ ବାଉଁଶ କରଡିରେ ତିଆରି ଆମ୍ବୁଲ ଖଟା ଆଦି ଅନେକ ଖାଦ୍ୟର ସମ୍ଭାରକୁ ଶାଳପତ୍ରରେ ତିଆରି ଖଲି ଓ ଦନାରେ ପରଶା ଯାଇଥାଏ । ନୂଆଁଖାଇର ଗୁରୁତ୍ୱ ଅତୀତଠାରୁ ଆରମ୍ଭ କରି ଭବିଷ୍ୟତ ଯାଏଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲମ୍ବିଯାଇଛି । ଏହି ପର୍ବ ଯେତେ ପ୍ରାଚୀନ; ତା'ର ଲକ୍ଷ୍ୟ, ଉଦ୍ଦେଶ୍ୟ ମଧ୍ୟ ସେଭଳି ନିତ୍ୟ ନୂତନ ଓ ଚିର ସବୁଜ । ସମ୍ବଲପୁରୀ ଭାଷାରେ କଥାଟିଏ ଅଛି, "ଜିଁ ଜାଗିଥିଲେ ବଛ୍ ରେ" । ଅର୍ଥାତ୍; ଏହି ବର୍ଷ ଆସ ନୂଆଁଖାଇବା, ଜୀବନ ଥିଲେ ପୁଣି ଆଗାମୀ ବର୍ଷ ଈଶ୍ୱରଙ୍କ ଆଶୀର୍ବାଦରୁ ଏକାଠି ହେବା । ପର୍ବର ଦ୍ୱିତୀୟ ପର୍ଯ୍ୟାୟରେ "ଜୁହାର୍ ଭେଟ୍ ଘାଟ୍" ପ୍ରଥାରେ ପରିବାର ତଥା ଗ୍ରାମର ବୟୋଜ୍ୟେଷ୍ଠ ସଦସ୍ୟଙ୍କୁ ପ୍ରଣାମ ଜଣାଇ ଆଶୀର୍ବାଦ ନେବା, ସମସ୍ତ ପ୍ରକାର ତିକ୍ତତାକୁ ଭୁଲି ଭାଇଚାର ବନ୍ଧନରେ ବାନ୍ଧି ହେବା ଏକ ଅନନ୍ୟ ପରମ୍ପରା । କେବଳ ଯେ ପାରିବାରିକ କ୍ଷେତ୍ରରେ ଏହା ସହଂତ ଓ ସମ୍ପର୍କ ସ୍ଥାପନା କରେ ତାହା ନୁହେଁ; ସାମାଜିକ କ୍ଷେତ୍ରରେ ମଧ୍ୟ ଏହାର ଢ଼େର୍ ଉପଦେୟତା ରହିଛି । କୃଷିଭିତ୍ତିକ, ଧର୍ମଭିତ୍ତିକ ଓ ପ୍ରାଚୀନ ପରମ୍ପରାର ବାର୍ତ୍ତାବାହକ ନୂଆଁଖାଇ ଆମକୁ ତ୍ୟାଗ, ନିଷ୍ଠା, ସେବା, ଭକ୍ତି ଓ ଈଶ୍ୱର ବିଶ୍ୱାସ ସମ୍ବନ୍ଧରେ ଆମକୁ ଶିକ୍ଷା ଦେଇଥାଏ । ଭାଇଚାରା ବାର୍ତ୍ତାବହନ କରୁଥିବା ଏହି ନବାନ୍ନ ବା ନୂଆଖାଇ ପର୍ବ ପ୍ରକୃତି ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ ଏବଂ ଏହି କୃଷିଭିତ୍ତିକ ଗଣପର୍ବ ଯଥାର୍ଥରେ ପ୍ରକୃତିର ପାର୍ବଣ ।

(ସ୍ନାତକୋତ୍ତର ବାଣିଜ୍ୟ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ , ସମ୍ବଲପୁର

ଭ୍ରାମ୍ୟ ଭାଷ – ୯୯୩୭୦୩୪୭୪୨

ଇ-ମେଲ୍ : saiprasadsahu867@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହିଁକି ସେ ଅତ୍ୟାଚାର

୨୩ ମଇ ୨୦୨୦, କେରଳରେ ଗୋଟେ ୧୦ ବର୍ଷୀୟ ହାତୀଟି ଖାଦ୍ୟ ଅନ୍ୱେଷଣରେ ମଣିଷ ରହୁଥିବା ଅଞ୍ଚଳରେ ପ୍ରବେଶ କରିଯାଏ । ସେ କି ଜାଣିଥିଲା ମାୟାବୀ ମଣିଷର ମାୟାଜାଲ ବିଷୟରେ ? କପଟୀ ମଣିଷମାନେ ଛଳ କରି ଖାଦ୍ୟରେ କିଛି ବିସ୍ଫୋଟକ ପଦାର୍ଥ ମିଶାଇ ନିରୀହ ହାତୀଟିକୁ ଖାଇବାକୁ ଦେଇଦିଅନ୍ତି, ଯାହାକି ହାତୀଟିର ମୁହଁରେ ହିଁ ବିସ୍ଫୋରଣ କରାଏ ।

ଗୁରୁତର ଭାବରେ ଆହତ ହୋଇ ଯନ୍ତ୍ରଣା କାତରରେ ହାତୀଟି ଗୋଟେ ଜଳାଶୟରେ ପ୍ରବେଶ କରେ । ସେ ଆଶା ରଖେ କି ମାଆ ଗଙ୍ଗା ତାର କଷ୍ଟ ହରଣ କରିବେ । ହାତୀଟିର ଅବସ୍ଥା ଦେଖି କିଛି ବନବିଭାଗ କର୍ମଚାରୀ ଓ ପ୍ରଶାସନ ତାକୁ ଉଦ୍ଧାର କରିବାକୁ ଚେଷ୍ଟା କରନ୍ତି, ହେଲେ ସବୁ ବିଫଳ ହୁଏ । ଚାରିଦିନକାଳ ପାଣି ମଧ୍ୟରେ ରହିବା ପରେ ହାତୀଟି ହାରିଯାଏ ଏବଂ ପ୍ରାଣତ୍ୟାଗ କରିଦିଏ । ପରେ ଜଣା ପଡ଼େ କି ନିରୀହ ଜୀବଟି ଗୋଟେ ମା ହାତୀ ଥିଲା ଆଉ ତା ଗର୍ଭରେ ଛୋଟ ପିଲାଟିଏ ମଧ୍ୟ ଥିଲା ।



ସୁଧାଂଶୁ ମୋହନ ସାହୁ

କଣ ଭୁଲ୍ ଥିଲା ସେଇ ନିରୀହ ଜୀବଟିର ? କଣ ତାର ବଞ୍ଚିବାରେ ଅଧିକାର ନ ଥିଲା ? କଣ ତା ଗର୍ଭସ୍ଥ ଶିଶୁଟିର ଜନ୍ମ ନେବାର ଅଧିକାର ନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥିଲା ? କେତେ ଦିନ ଆମେ ପ୍ରକୃତି ସହ ଖେଳୁଥିବା ? କାହିଁକି ଏ କ୍ରୁର ମଣିଷର ଏମିତି ଅମାନବୀୟ ଅତ୍ୟାଚାର ?

ମାଆ ହାତୀଟିର ନିର୍ମମ ହତ୍ୟା, ନିରୀହ ପଶୁଙ୍କ ଉପରେ ଅତ୍ୟାଚାର ଏବଂ ମଣିଷର ପ୍ରକୃତି ପ୍ରତି ବେଖାତିର ମନୋଭାବକୁ ନେଇ ଏ କବିତାଟି .... **"କାହିଁକି ସେ ଅତ୍ୟାଚାର "**





ଗର୍ଭଧାରିଣୀ ସେ ଜନ୍ମଦାୟିନୀ ସେ
ଦୁଃଖ ତାର ବୁଝେ କିଏ,
ମୁଁହ ନାହିଁ ବୋଲି କହି ପାରେନି ସେ
ଅତ୍ୟାଚାର ସବୁ ସହେ ।।

ଜାଣେ ନାହିଁ ସେ ଛନ୍ଦ କପଟ
ଖାଇବାକୁ ଗଣ୍ଡେ ମାଗେ,
ଷଡ଼ଯନ୍ତ୍ର ଏ କଳା ମୁଣ୍ଡିଆର
ହୃଦୟକୁ ତାର ଭାଙ୍ଗେ ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଆ ମାଆ ବୋଲି ଚିତ୍କାର କରେ
ଗର୍ଭ ଭିତରୁ ଶିଶୁଟିଏ,
ଦେଖି ପାରିଲାନି ପିଲାଟିକୁ ତାର
ତା ଦୁଃଖ କାହାକୁ କହେ ।।

ବିଷ ଚରିଗଲା ଶରୀରରେ ତାର
ଯନ୍ତ୍ରଣା ସେ ଯେତେ ସହେ,
ଜଳମଗ୍ନ ହୋଇ ଭାବିଥିଲା ସିଏ
ଲାଘିବ ଯନ୍ତ୍ରଣା ଦେହେ ।।

ଗଜରାଜ ସିନା ରକ୍ଷା ପାଇଥିଲେ
ମହାପ୍ରଭୁଙ୍କ କରୁଣାରେ,
ଭାଗ୍ୟବତୀ ସିଏ ହେଇ ପାରିଲାନି
ଇଶ୍ୱର କି କରି ପାରେ ।।

ଚାହେଁ ନାହିଁ ନ୍ୟାୟ ମନେ ନାହିଁ ଭୟ
ତ୍ରସ୍ତ ସେ ସମାଜ ବାରେ,
ମୁର୍ଖ ମଣିଷର ଦୟାମୟା ନାହିଁ
କି ନ୍ୟାୟ ସେ କରି ପରେ ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶିକ୍ଷା ସଭ୍ୟତାର ଅଢୁଆଳେ ରହି
ଶିକ୍ଷିତ କୁକର୍ମ କରେ,
ହୃଦୟ ଥାଇ ବି ହୃଦୟହୀନ ସେ
ନିଜ ମାଆକୁ ନ ବୁଝି ପାରେ ।।

ମରଣକୁ ନେଇ ରାଜନୀତି ଚାଲେ
ନିଜ ପେଟ ଉଦ୍ଦେଶ୍ୟରେ,
ନିର୍ବୋଧଙ୍କୁ ଟିକେ ଦୟା କର ମୂର୍ଖେ
ତୁମ ସମୟ ଆସୁଛିରେ ।।

ପ୍ରକୃତି ସହିତ ଖେଳ ଖେଳୁଅଛ
ସିଏ ପରା ଆମ ମାଆ,
ବେଳ ଥାଉ ଥାଉ ପ୍ରତିକାର କଲେ
ଇଶ୍ୱର ହୋଇବେ ସାହା ।।

ବି ଏଚ ଇ ଏଲ, ହାଇଦ୍ରାବାଦ
ମୋବାଇଲ - ୮୯୧୯୫୦୩୪୧୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଅକ୍ଟୋବର ୨୦୨୦

ଲେଖା ପଠାଇବାର ଶେଷ ତାରିଖ : ୩ ଅକ୍ଟୋବର ୨୦୨୦

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : October 2020

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣନଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବ ନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ । ଆଜିକାଲି ମୋବାଇଲ୍‌ରେ ମଧ୍ୟ ସହଜରେ ଓଡ଼ିଆରେ ଟାଇପ୍ କରିବା ସମ୍ଭବ ହେଲାଣି, ଚେଷ୍ଟା କରିଦେଖନ୍ତୁ ।

ହ୍ୱାଟ୍‌ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

## aahwaan@gmail.com

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ **ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ** କିବୋର୍ଡ୍ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।










ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି କେବଳ Microsoft Word File ରେ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**